❋ ବିଶ୍ୱାମିତ୍ର ପୁଣି କହିଲେ- ତ୍ରିଲୋକ ସୁନ୍ଦରୀ ସୀତାହିଁ ଶ୍ରୀରାମଙ୍କର ଯୋଗ୍ୟା ପତ୍ନୀ ଏବଂ ସୀତାଙ୍କର ଶ୍ରୀରାମହିଁ ଯୋଗ୍ୟ ସ୍ୱାମୀ ହେବେ ।।

सीतां दृष्ट्वा केचिन्मनसि चिन्तयन्ति -

माहेश्वरो दशग्रीवः क्षुद्राश्चान्ये महीभुजः ।
पिनाकारोपणं शुल्कं हा सीते किं करिष्यति ।।६६।।

ସୀତାଂ ଦୃଷ୍ଟ୍ୱା କେଚିନ୍ମନସି ଚିନ୍ତୟନ୍ତି -

ମାହେଶ୍ୱରୋ ଦଶଗ୍ରୀବଃ କ୍ଷୁଦ୍ରାଶ୍ଚାନ୍ୟେ ମହୀଭୁଜଃ ।
ପିନାକାରୋପଣଂ ଶୁଳ୍କଂ ହା ସୀତେ କିଂ କରିଷ୍ୟତି ।।୬୬।।

❊ ସୀତାଙ୍କୁ ଚାହିଁ କେହି ଜଣେ ମନେ ମନେ ଭାବୁଛି ମହେଶ୍ୱରଭକ୍ତ ରାବଣ ଧନୁର ଗୁଣମାହାତ୍ମ୍ୟ ଜାଣିଥିବାରୁ ତାକୁ ଭାଙ୍ଗିଲା ନାହିଁ । ଅନ୍ୟ ଯେଉଁ ରାଜାମାନେ ଅଛନ୍ତି ସେମାନେ କଣ ଧନୁରେ ,ହେଇ ପାରିବେ ? ଶିବଧନୁଭଗ୍ନ ପ୍ରତିଜ୍ଞା ପୂରଣ କରିବା ଅସମ୍ଭବ । ହାୟ, ସୀତା ଏବେ କଣ କରିବେ ?

पथि सीतां दृष्ट्वा शौष्कलः

त्रिभुवनविजयश्रियं सपत्नीर्जनयति को भवतीं त्वामात्मतन्त्राम् ।
स्वजनमपि न ते निरूपयामस्त्वमपि विपाट्य भुवं विनिर्गतासि ।।६७।।

ପଥି ସୀତାଂ ଦୃଷ୍ଟ୍ୱା ଶୌଷ୍କଳଃ-

ତ୍ରିଭୁବନବିଜୟ ଶ୍ରିୟଂ ସପତ୍ନୀର୍ଜନୟତି କୋ ଭବତୀଂ ତ୍ୱାମାତ୍ମତନ୍ତ୍ରାମ୍ ।
ସ୍ୱଜନମପି ନ ତେ ନିରୂପୟାମସ୍ତ୍ୱମପି ବିପାଟ୍ୟ ଭୁବଂ ବିନିର୍ଗତାସି ।।୬୭।।

❊ ରାବଣ ଦୂତ ଶୌଷ୍କଳ ସୀତାଙ୍କୁ ଲକ୍ଷ୍ୟ କରି କହିଲା, ତ୍ରିଭୁବନରେ ତୁମେ ସର୍ବ ଶ୍ରେଷ୍ଠ ସୁନ୍ଦରୀ । ତୁମେ ରାଜରାଜେଶ୍ୱରୀଙ୍କ ସପତ୍ନୀ ହେଲେ ବି ଶ୍ରେଷ୍ଠସ୍ଥାନୀୟା ଓ ସ୍ୱାଧୀନା ହୋଇ ରହିବ । ତୁମେ ଭୂବିଦାରଣ କରି ଜନ୍ମ ନେଇଥିବାରୁ ତୁମର କେହି ସ୍ୱଜନ ଅଛି ବୋଲି ମୁଁ ଜାଣିପାରୁ ନାହିଁ ॥

शतानन्दः शौष्कलं प्रति -

इयं महाक्षत्रियगोत्रजन्मा दृढप्रतिज्ञो जनकोऽधिराजः ।
न चापमारोपयिता दशास्यस्तथापि वाचालवचस्तनोषि ।।६८।।

ଶତାନନ୍ଦଃ ଶୌଷ୍କଳଂ ପ୍ରତି-

ଇୟଂ ମହାକ୍ଷତ୍ରିୟଗୋତ୍ରଜନ୍ମା ଦୃଢପ୍ରତିଜ୍ଞୋ ଜନକୋଽଧିରାଜଃ ।
ନ ଚାପମାରୋପୟିତା ଦଶାସ୍ୟସ୍ତଥାପି ବାଚାଳବଚସ୍ତନୋଷି ।।୬୮।।

❊ ଶତାନନ୍ଦ ଶୌଷ୍କଳକୁ ଲକ୍ଷ୍ୟ କରି କହିଲେ, ମିଥିଳାଧିପତି ଜନକ ହେଉଛନ୍ତି କୁଳଶ୍ରେଷ୍ଠ କ୍ଷତ୍ରିୟ । ଧନୁଭଗ୍ନ ନ କଲେ କନ୍ୟାକୁ ବିବାହ ଦେବେନାହିଁ ବୋଲି ସେ ଦୃଢ଼ପ୍ରତିଜ୍ଞା କରିଛନ୍ତି । ଦଶଗ୍ରୀବ ରାବଣ ଧନୁଭାଙ୍ଗି ନ ପାରି ଫେରିଯାଇଛି । ତଥାପି ତୁ ପାଗଳ ପରି କଥାବାର୍ତ୍ତା କରୁଛୁ ॥

नृपतिभिरगृहीते धनुषि जनकः

आद्वीपात्परितोऽप्यमी नृपतयः सर्वे समभ्यागताः
कन्येयं कलधौतशोभनरुचिः कीर्त्तिस्तु नातः परा ।
नाकृष्टं न च टङ्कितं न नमितं नोत्थापितं स्थानतः
केनापीदमहो महद्धनुरहो निर्वीरमुर्वीतलम् ।।६९।।

ନୃପତିଭିରଗୃହୀତେ ଧନୁଷି ଜନକଃ -

ଆଦ୍ୱୀପାତ୍ପରିତୋଽପ୍ୟମୀ ନୃପତୟଃ ସର୍ବେ ସମଭ୍ୟାଗତାଃ

କନ୍ୟେୟଂ କଳଧୌତଶୋଭନରୁଚିଃ କୀର୍ତ୍ତିସ୍ତୁ ନାତଃ ପରା ।

ନାକୃଷ୍ଟଂ ନ ଚ ଟଙ୍କିତଂ ନ ନମିତଂ ନୋତ୍‌ଥାପିତଂ ସ୍ଥାନତଃ

କେନାପୀଦମହୋ ମହଦ୍ଧନୁରହୋ ନିର୍ବୀରମୁର୍ବୀତଳମ୍ ।।୬୯।।

❋ ରାଜାମାନେ ଧନୁରେ ଗୁଣ ଦେଇ ନ ପାରି ସ୍ଥିରହୋଇ ବସି ରହିବାରୁ ଜନକ ଉଚ୍ଚସ୍ୱରରେ କହିଲେ- ହେ ରାଜନ୍ୟବର୍ଗ, ଆପଣମାନେ ବିଭିନ୍ନ ଦେଶରୁ ଆସିଛନ୍ତି । କନକ ଗାତ୍ରୀ ସୀତା ହେଉଛି ମୋର ଏକମାତ୍ର କନ୍ୟା । ଯେ ଶିବଧନୁ ଭାଙ୍ଗିବ, ତାଙ୍କୁ ଏହି କନ୍ୟା ବିବାହ କରିବ । ଏ ଜଗତରେ ସେ ହେବ ଯଶସ୍ୱୀ ବୀର, କିନ୍ତୁ ଆପଣମାନଙ୍କ ମଧ୍ୟରୁ କେହି ଏହି ଧନୁକୁ ଉଠାଇ ପାରିଲେ ନାହିଁ କି ଗୁଣ ଦେଇ ପାରିଲେ ନାହିଁ । ଧନୁ ଭାଙ୍ଗିବା ଦୂରେ ଥାଉ, ଆପଣମାନେ ମସ୍ତକ ଅବନତ କରି ରହିଲେ । ତେଣୁ ଏହି ଧନୁ ସମ୍ଭବତଃ ପୃଥିବୀକୁ ବୀରଶୂନ୍ୟ କରିପକାଇଲା ।।

अथ सीता मनसि चिन्तयति

मधुरमूर्त्तिरयं रघुनन्दन: कमठ पृष्ठकठोरमिदं धनु: ।

कथमधिज्यमनेन करिष्यते अहह तात पणस्तव दारुण: ।।७०।।

ଅଥ ସୀତା ମନସି ଚିନ୍ତୟତି -

ମଧୁରମୂର୍ତ୍ତିରୟଂ ରଘୁନନ୍ଦନଃ କମଠପୃଷ୍ଠକଠୋରମିଦଂ ଧନୁଃ ।

କଥମଧିଜ୍ୟମନେନ କରିଷ୍ୟତେ ଅହହ ତାତ ପଣସ୍ତବ ଦାରୁଣଃ ।।୭୦।।

❋ ଏଥିଉତ୍ତାରୁ ସୀତା ମନେମନେ ଚିନ୍ତା କଲେ, ଶ୍ରୀରାମଚନ୍ଦ୍ର କାନ୍ତକୋମଳ ଶରୀର ଓ ଧନୁ କୂର୍ମର ପୃଷ୍ଠ ପରି ଅତି କଠିନ । ସେ କିପରି ଏହି ଧନୁରେ ଗୁଣ ଦେଇ ପାରିବେ ? ପିତା କାହିଁକି ଏପରି ଦାରୁଣ ପଣ ରଖିଲେ ?

सीतारामयोरुत्साहं वर्द्धयन् लक्ष्मण: प्राह -

वीरश्रीरघुनाथ किं बहुतया दासोऽस्मि ते लक्ष्मणो

मेर्वादीनपि भूधरान्न गणये जीर्ण: पिनाक: कियान् ।

तन्मामादिश देव यस्य भवतो वाक्यादहं कौतुकी

प्रोद्धर्त्तुं प्रचलायितुं नमयितुं भङ्क्तुं सदैव क्षम: ।।७१।।

ସୀତାରାମୟୋରୁତ୍ସାହଂ ବର୍ଦ୍ଧୟନ୍ ଲକ୍ଷ୍ମଣଃ ପ୍ରାହ -

ବୀରଶ୍ରୀରଘୁନାଥ କିଂ ବହୁତୟା ଦାସୋଽସ୍ମି ତେ ଲକ୍ଷ୍ମଣୋ

ମେର୍ବାଦୀନପି ଭୂଧରାନ୍ନ ଗଣୟେ ଜୀର୍ଣ୍ଣଃ ପିନାକଃ କିୟାନ୍ ।

ତନ୍ନାମାଦିଶ ଦେବ ଯସ୍ୟ ଭବତୋ ବାକ୍ୟାଦହଂ କୌତୂକୀ
ପ୍ରୋଦ୍ଧର୍ତ୍ତୁଂ ପ୍ରଚଳାୟିତୁଂ ନମୟିତୁଂ ଭଂକ୍ତୁଂ ସଦୈବ କ୍ଷମଃ ॥୭୧॥

❊ ରାମଧୀତାଙ୍କର ଉତ୍ସାହ ବୃଦ୍ଧି ପାଇଁ ଲକ୍ଷ୍ମଣ କହିଲେ, ହେ ବୀର ଶ୍ରୀରାମ ! ଅଧିକ ନଥାରେ ନିଷ୍ପ୍ରୟୋଜନ । ତୁମର ଏହି ଦାସ ଲକ୍ଷ୍ମଣ ମେରୁ ଆଦି ପର୍ବତ ଗୁଡିକୁ ତୁମେ ଆଦେଶ ଦେଲେ ଉପାଡି ଫିଙ୍ଗି ଦେଇ ପାରେ, ଏ ପୁରୁଣା ପିନାକଧନୂକୁ ଆମନ୍ଥନ ନକରି ଭାଙ୍ଗିଦେଇପାରେ । ତେଣୁ ତୁମେ ମୋତେ ଆଦେଶ ଦିଅ । ଆପଣଙ୍କ ଆଦେଶ ପାଇଲେ ମୁଁ ଯେ କୌଣସି ଅସମ୍ଭବ କାର୍ଯ୍ୟକୁ ଅକ୍ଳେଶରେ ସାଧନ କରିପାରିବି ।

धनुर्भङ्गाय रामे उत्थिते
गृहीतहरकोदण्डे रामे परिणयोन्मुखे ।
पस्पन्दे नयनं वामं जानकीजामदग्न्ययोः ॥७२॥

ଧନୂର୍ଭଙ୍ଗାୟ ରାମେ ଉତ୍ଥିତେ -
ଗୃହୀତହରକୋଦଣ୍ଡେ ରାମେ ପରିଣୟୋନ୍ମୁଖେ ।
ପସ୍ପନ୍ଦେ ନୟନଂ ବାମଂ ଜାନକୀଜାମଦଗ୍ନ୍ୟୟୋଃ ॥୭୨॥

❊ ସୀତା ପରିଣୟ ପାଇଁ ଉନ୍ମୁଖ ରାମଚନ୍ଦ୍ର ଶିବଧନୁ ଧାରଣ କରିବା ମାତ୍ରେ ଦେବୀ ଜାନକୀ ଓ ପରଶୁରାମଙ୍କର ବାମଚକ୍ଷୁ ସ୍ଫୁରିତ ହେବାକୁ ଲାଗିଲା ॥

रामः - (स्वगतम्)
पर्याप्तिरेकत्र कलत्रलाभोऽपरत्र चादित्यकुले कलङ्कः ।
इति क्षणं धूर्जटिचापभङ्गे दोलायितो दाशरथिर्बभूव ॥७३॥

ରାମଃ(ସ୍ୱଗତମ୍) -
ପର୍ଯ୍ୟାପ୍ତିରେକତ୍ର କଳତ୍ରଲାଭୋଽପରତ୍ର ଚାଦିତ୍ୟକୂଳେ କଳଙ୍କଃ ।
ଇତି କ୍ଷଣଂ ଧୂର୍ଜଟିଚାପଭଙ୍ଗେ ଦୋଳାୟିତୋ ଦାଶରଥିର୍ବଭୂବ ॥୭୩॥

❊ ରାମ(ମନେମନେ) ଭାବିଲେ, ଶିବଧନୁ ଭଗ୍ନ କଲେ କଳତ୍ରଲାଭ ହେବ ଓ ଭାଙ୍ଗି ନ ପାରିଲେ ସୂର୍ଯ୍ୟ ବଂଶରେ କଳଙ୍କ ଲାଗିବ । ଏହା ଭାବି ରାମଚନ୍ଦ୍ରଙ୍କ ମନ ଆନ୍ଦୋଳିତ ହେବାକୁ ଲାଗିଲା ॥

इत्यवसरे लक्ष्मणः-
पृथ्वि स्थिरा भव भुजङ्गम धारयैनां त्वं कूर्मराज तदिदं द्वितयं दधीथाः ।
दिक्कुञ्जराः कुरुत तत्त्रितये दिधीर्षां रामः करोति हरकार्मुकमाततज्यम् ॥७४॥

ଇତ୍ୟବସରେ ଲକ୍ଷ୍ମଣଃ-
ପୃଥ୍ୱି ସ୍ଥିରା ଭବ ଭୁଜଙ୍ଗମ ଧାରୟୈନାଂ
ତ୍ୱଂ କୂର୍ମରାଜ ତଦିଦଂ ଦ୍ୱିତୟଂ ଦଧୀଥାଃ ।

ଦିକ୍କୁଞ୍ଜରାଃ କୁରୁତ ତତ୍ତ୍ରିତୟେ ଦିଧାର୍ଷ୍ୟ
ରାମଃ କରୋତି ହରକାର୍ମୁକମାତତଜ୍ୟମ୍ ॥୭୪॥

✽ ଏହି ସମୟରେ ଲକ୍ଷ୍ମଣ କହିଲେ- ହେ ପୃଥିବୀ, ତୁମେ ସ୍ଥିର ହୋଇ ରହ । ହେ ବାସୁକି, ତୁମେ ପୃଥିବୀକୁ ଧାରଣ କର । ହେ କୂର୍ମରାଜା ତୁମେ ପୃଥିବୀକୁ ସ୍ଥିର କରି ରଖ । ଶ୍ରୀରାମଚନ୍ଦ୍ର ଧନୁରେ ଯେପରି ଗୁଣ ଦେଇ ପାରିବେ ଦିଗ୍‌ଗଜମାନେ ସେଥିରେ ସହାୟକ ହୁଅନ୍ତୁ ॥

पृथ्वी याति रसातलं फणिपतिर्नम्रं फणामण्डलं
विभ्रत्क्षुभ्यति कूर्मराजसहितो दिक्कुञ्जराः कातराः ।
आतन्वन्ति च बृंहितं प्रतिदिशं सर्वे धराधारिणो
वेपन्ते रघुपुङ्गवे पुरजितः सज्यं धनुः कुर्वति ॥७५॥

ପୃଥ୍ୱୀ ଯାତି ରସାତଳଂ ଫଣିପତିର୍ନମ୍ର ଫଣାମଣ୍ଡଳମ୍
ବିଭ୍ରତ୍କ୍ଷୁଭ୍ୟତି କୂର୍ମରାଜସହିତୋ ଦିକ୍କୁଞ୍ଜରାଃ କାତରାଃ ।
ଆତନ୍ୱନ୍ତି ଚ ବୃଂହିତଂ ପ୍ରତିଦିଶଂ ସର୍ବେ ଧରା ଧାରିଣୋ
ବେପନ୍ତେ ରଘୁପୁଙ୍ଗବେ ପୁରଜିତଃ ସଜ୍ୟଂ ଧନୁଃ କୁର୍ବତି ॥୭୫॥

✽ ଶ୍ରୀରାମଚନ୍ଦ୍ର ଧନୁରେ ଗୁଣ ଦେବାବେଳେ ପୃଥିବୀ ରସାତଳକୁ ଗଲାପରି, ବାସୁକିର ଫଣା ସମୂହ ନଇଁ ପଡିଲା ପରି, କୂର୍ମରାଜ ଓ ଦିଗ୍‌ଗଜମାନେ ଭୟରେ କାତର ହୋଇ ଗର୍ଜନ କଲାପରି ଓ କମ୍ପମାନ ହେଲା ପରି ମନେ ହେଲା ।

ततो नृपतीनां चेष्टा -
रामे रुद्रशरासनं तुलयति स्मित्वा स्थितं पार्थिवैः
शिञ्जासञ्जनतत्परे च हसितं दत्वा मिथस्तालिकाम् ।
आरोप्य प्रचलाङ्गुलीकिशलये म्लानं गुणास्फालने
साराकर्षणभग्नपर्वणि पुनः सिंहासने मूर्च्छितम् ॥७६॥

ତତୋ ନୃପତୀନାଂ ଚେଷ୍ଟା -
ରାମେ ରୁଦ୍ରଶରାସନଂ ତୁଳୟତି ସ୍ମିତ୍ୱା ସ୍ଥିତଂ ପାର୍ଥିବୈଃ
ଶିଞ୍ଜାସଞ୍ଜନତତ୍ପରେ ଚ ହସିତଂ ଦତ୍ୱା ମିଥସ୍ତାଳିକାମ୍ ।
ଆରୋପ୍ୟ ପ୍ରଚଳାଙ୍ଗୁଳୀକିଶଳୟେ ମ୍ଳାନଂ ଗୁଣାସ୍ଫାଳନେ
ସାରାକର୍ଷଣଭଗ୍ନପର୍ବଣି ପୁନଃ ସିଂହାସନେ ମୂର୍ଚ୍ଛିତମ୍ ॥୭୬॥

✽ ଶ୍ରୀରାମଚନ୍ଦ୍ର ଶିବଧନୁକୁ ଉଠାଇ ଗୁଣ ଟଙ୍କାରିଲା ବେଳେ ରାଜାମାନେ ଶ୍ରୀରାମଙ୍କର କୋମଳଅଙ୍ଗୁଳି ଦେଖି ତାଳି ଦେଇ ହସିବାକୁ ଲାଗିଲେ ; କିନ୍ତୁ ଧନୁଭଗ୍ନ ହେଲା ବେଳେ ସେମାନେ ନିଜ ନିଜ ଆସନରେ ମୂର୍ଚ୍ଛା ହୋଇପଡିଲେ ।

धनुषि भङ्गे वैतालिकवाक्यम्

उत्क्षिप्तं सहकौशिकस्य पुलकैः सार्द्धं मुखैर्नामितं

भूपानां जनकस्य संशयधिया साकं समास्फालितम् ।

वैदेहीमनसा समं च सहसाकृष्टं ततो भार्गव

प्रौढाहंकृतिकन्दलेन च समं तद्भग्नमैशं धनुः ।।७७।।

ଧନୁଷି ଭଙ୍ଗେ ବୈତାଳିକବାକ୍ୟମ୍ -

ଉତ୍‌କ୍ଷିପ୍ତଂ ସହକୌଶିକସ୍ୟ ପୁଲକୈଃ ସାର୍ଦ୍ଧଂ ମୁଖୈର୍ନାମିତଂ

ଭୂପାନାଂ ଜନକସ୍ୟ ସଂଶୟଧିୟା ସାକଂ ସମାସ୍ଫାଳିତମ୍ ।

ବୈଦେହୀମନସା ସମଂ ଚ ସହସାକୃଷ୍ଟଂ ତତୋ ଭାର୍ଗବ -

ପ୍ରୌଢାହଂକୃତିକନ୍ଦଳେନ ଚ ସମଂ ତଦ୍‌ଭଗ୍ନମୈଶଂ ଧନୁଃ ।।୭୭।।

❋ ଧନୁଭଙ୍ଗ ପରେ ଭାଟମାନେ କହିଲେ-ଶ୍ରୀରାମଚନ୍ଦ୍ର ଯେତେବେଳେ ଧନୁକୁ ତଳୁ ଉଠାଇଲେ ସେତେବେଳେ ବିଶ୍ୱାମିତ୍ର ଆନନ୍ଦିତ ହେଲେ । ଧନୁକୁ ନୁଆଁଇଲାବେଳେ ରାଜାମାନେ ମୁଖ ତଳକୁ କଲେ । ଧନୁରେ ଗୁଣ ଦେଇ ଆକର୍ଷଣ କଲାବେଳେ ଜନକରାଜାଙ୍କ ମନରେ ସନ୍ଦେହ ଜାତହେବାସହ ଜାନକୀଙ୍କ ଚିତ୍ତଆକର୍ଷିତ ଓ ପରଶୁରାମଙ୍କ ଗର୍ବ ଚୂର୍ଣ୍ଣୀଭୂତ ହେଲା ।

दोर्दण्डाञ्चितचन्द्रशेखरधनुर्दण्डावभङ्गोद्यत -

ष्टङ्कारध्वनिरार्य्यबालचरितप्रस्तावनाडिण्डिमः ।

द्राक्पर्यस्तकपालसंपुटमिलद्ब्रह्माण्डभाण्डोदर -

भ्राम्यद्डिण्डिमचण्डिम कथमहो नाद्यापि विश्राम्यति ।।७८।।

ଦୋର୍ଦ୍ଦଣ୍ଡାଞ୍ଚିତଚନ୍ଦ୍ରଶେଖରଧନୁର୍ଦ୍ଦଣ୍ଡାବଭଙ୍ଗୋଦ୍ୟତ-

ଷ୍ଟଙ୍କାରଧ୍ୱନିରାର୍ଯ୍ୟବାଳଚରିତ ପ୍ରସ୍ତାବନାଡିଣ୍ଡିମଃ ।

ଦ୍ରାକ୍ ପର୍ଯ୍ୟସ୍ତ କପାଳସଂପୁଟମିଳଦ୍‌ବ୍ରହ୍ମାଣ୍ଡଭାଣ୍ଡୋଦର-

ଭ୍ରାମ୍ୟଡ୍‌ଡିଣ୍ଡିମଚଣ୍ଡିମ କଥମହୋ ନାଦ୍ୟାପି ବିଶ୍ରାମ୍ୟତି ।।୭୮।।

❋ ଶ୍ରୀ ରାମଚନ୍ଦ୍ର ଶିବଧନୁରେ ଗୁଣ ଦେଇ ବାରମ୍ବାର ଆକର୍ଷଣ କରିବାରୁ ଡିଣ୍ଡିମତୁଲ୍ୟ ଟଙ୍କାର ଧ୍ୱନି ଶୁଭିଲା । ସେହି ଧନୁର ଟଙ୍କାର ଧ୍ୱନି ଅଦ୍ୟାବଧି ନୀରବ ନହୋଇ ବାଳକ ଶ୍ରୀରାମଙ୍କର ଯଶକୁ ଚତୁର୍ଦ୍ଦିଗରେ ପ୍ରସାର କରୁଛି ।

भिन्दन्निद्रां मुरारेः सकलभुजभूतां त्रोटयन् शौर्य्यदर्प

छिन्दन्दिग्दन्तिकर्णाञ्चलचलनकलां चालयन् कूर्मराजम् ।

आर्य्यश्लाघ्यो गभीरः प्रलयघनरव व्यूहधिक्कारघोर-

ष्टङ्कारः कृष्यमाणत्रिपुरहरधनुर्भङ्गभूराविरासित् ।।७९।।

ଭିନ୍ଦନ୍ନିଦ୍ରାଂ ମୁରାରେଃ ସକଳଭୁଜଭୃତାଂ ତ୍ରୋଟୟନ୍ ଶୌର୍ଯ୍ୟଦର୍ପଂ
ଛିନ୍ଦନ୍ ଦିଗ୍‌ଦନ୍ତିକର୍ଣ୍ଣାଞ୍ଚଳଚଳନକଳାଂ ଚାଳୟନ୍ କୂର୍ମରାଜମ୍ ।
ଆର୍ଯ୍ୟଶ୍ଲାଘ୍ୟୋ ଗଭୀରଃ ପ୍ରଳୟଘନରବବ୍ୟୂହଧିକ୍କାର ଘୋର-
ଷ୍ଟଙ୍କାରଃ କୃଷ୍ୟମାଣତ୍ରିପୁରହରଧନୁର୍ଭଙ୍ଗଭୂରାବିରାସୀତ ॥୭୯॥

❁ ଶ୍ରୀରାମଚନ୍ଦ୍ର ଯେତେବେଳେ ଶିବଧନୁ ଭାଙ୍ଗିଦେଲେ ସେତେବେଳେ ପ୍ରଳୟକାଳୀନ ମେଘଗର୍ଜନ ସଦୃଶ ଯେଉଁ ଅଭୂତପୂର୍ବ ଗମ୍ଭୀର, ଘୋର ଟଙ୍କାର ଧ୍ୱନି ସୃଷ୍ଟି ହେଲା, ସେହି ଧ୍ୱନିରେ ମୁରାରି ବିଷ୍ଣୁଙ୍କର ଯୋଗନିଦ୍ରା ଭାଙ୍ଗିଗଲା । କ୍ଷତ୍ରିୟମାନଙ୍କର ଶୌର୍ଯ୍ୟବୀର୍ଯ୍ୟ ନଷ୍ଟ ହୋଇଗଲା । ଦିଗ୍‌ଗଜମାନଙ୍କର କର୍ଣ୍ଣ ସବୁ ଛିଡ଼ିପଡ଼ିଲା । କୂର୍ମରାଜ କମ୍ପିତ ହେଲେ ॥

लोकान् सप्त निनादयन् हरिहयानुद्वामयन् सप्त च
ध्यानात्सप्त निवारयन्मुनिवरान् सप्तार्णवान् क्षोभयन् ।
उन्मूलानि रसातलानि जनयन् सप्ताद्रिकम्पं चरन्
श्रीमद्राघवबाहुदण्डविदलत्कोदण्डचण्डध्वनिः ॥८०॥

ଲୋକାନ୍ ସପ୍ତ ନିନାଦୟନ୍ ହରିହୟାନୁଦ୍‌ବାମୟନ୍ ସପ୍ତ ଚ
ଧ୍ୟାନାତ୍ସପ୍ତ ନିବାରୟନ୍ମୁନିବରାନ୍ ସପ୍ତାର୍ଣ୍ଣବାନ୍ କ୍ଷୋଭୟନ୍ ।
ଉନ୍ମୂଳାନି ରସାତଳାନି ଜନୟନ୍ ସପ୍ତାଦ୍ରିକମ୍ପଂ ଚରନ୍
ଶ୍ରୀମଦ୍ରାଘବବାହୁଦଣ୍ଡବିଦଳତ୍କୋଦଣ୍ଡଚଣ୍ଡଧ୍ୱନିଃ ॥୮୦॥

❁ ଶ୍ରୀରାମଚନ୍ଦ୍ରଙ୍କ ବାହୁବଳରେ ବିଖଣ୍ଡିତ କୋଦଣ୍ଡର ପ୍ରଚଣ୍ଡ ଧ୍ୱନିରେ ଚତୁର୍ଦ୍ଦଶ ଭୁବନ କମ୍ପିତ ହେଲା । ସୂର୍ଯ୍ୟଙ୍କର ସପ୍ତାଶ୍ୱଙ୍କ ବନ୍ଧନ ଛିଡ଼ିଗଲା । ସପ୍ତର୍ଷିଙ୍କ ଧ୍ୟାନଯୋଗ ଭାଙ୍ଗିଗଲା । ସପ୍ତସମୁଦ୍ର ଉଦ୍‌ବେଳିତ ହୋଇଉଠିଲା । ସପ୍ତକୁଳାଚଳ କମ୍ପିତ ହେଲା ।

रुन्धन्नष्टविधेः श्रुतिर्मुखरयन्नष्टौ दिशः क्रीडयन्
मूर्त्तीरष्टमहेश्वरस्य दलयन्नष्टौ कुलक्ष्माभृतः ।
तान्यक्ष्णा वधिराणि पन्नगकुलान्यष्टौ च संपादय-
न्नुन्मीलत्ययमार्यदोर्वलदलत्कोदण्डकोलाहलः ॥८१॥

ରୁନ୍ଧନ୍ନଷ୍ଟବିଧେଃ ଶ୍ରୁତିର୍ମୁଖରୟନ୍ନଷ୍ଟୌ ଦିଶଃ କ୍ରୀଡ଼ୟନ୍
ମୂର୍ତ୍ତୀରଷ୍ଟମହେଶ୍ୱରସ୍ୟ ଦଳୟନ୍ନଷ୍ଟୌ କୁଳକ୍ଷ୍ମାଭୃତଃ ।
ତାନ୍ୟକ୍ଷ୍ଣା ବଧିରାଣି ପନ୍ନଗକୁଳାନ୍ୟଷ୍ଟୌ ଚ ସମ୍ପାଦୟ-
ନ୍ନୁନ୍ମୀଳତ୍ୟୟମାର୍ଯ୍ୟଦୋର୍ବଲଦଳତ୍କୋଦଣ୍ଡ କୋଳାହଳଃ ॥୮୧॥

❁ ଆର୍ଯ୍ୟ ଶ୍ରୀରାମଚନ୍ଦ୍ରଙ୍କ ବାହୁବଳଦ୍ୱାରା ଶିବଧନୁ ଖଣ୍ଡବିଖଣ୍ଡିତ ହେଲାବେଳେ ଭଗ୍ନ ଧନୁରୁ ଯେଉଁ ଘୋର ଅଦ୍‌ଭୁତ ଧ୍ୱନି ଜାତ ହେଲା ସେଥିରେ ବ୍ରହ୍ମାଙ୍କ ଆଠୋଟିଯାକ କର୍ଣ୍ଣ ରୁଦ୍ଧ ହୋଇଗଲା,

ଅଷ୍ଟଦିଗ ପ୍ରକମ୍ପିତ ହେଲା, ଶିବଙ୍କ ଅଷ୍ଟମୂର୍ତ୍ତି ନାଚିଉଠିଲେ, ଅଷ୍ଟକୂଳପର୍ବତ ପ୍ରଚଳିତ ହେଲେ ଏବଂ ପାତାଳଲୋକର ଅଷ୍ଟକୂଳା ନାଗଗଣ ବଧିର ହୋଇଗଲେ ॥

त्रुट्यद्भीमधनुः कठोरनिनदस्तत्राकारोद्विस्मयं
त्रासादेव रवेर्विमार्गगमनं शम्भो शिरः कम्पनम् ।
दिग्दन्तिस्खलनं कुलाद्रिचलनं सप्तार्णवान्दोलनं
वैदेहीमदनं मदान्धदमनं त्रैलोक्यसम्मोहनम् ॥८२॥

ତ୍ରୁଟ୍ୟଦ୍‌ଭୀମଧନୁଃ କଠୋର ନିନଦସ୍ତତ୍ରାକରୋଦ୍‌ବିସ୍ମୟଂ
ତ୍ରାସାଦେବ ରବେର୍ବିମାର୍ଗଗମନଂ ଶମ୍ଭୋଃ ଶିରଃକମ୍ପନମ୍ ।
ଦିଗ୍‌ଦନ୍ତିସ୍ଖଳନଂ କୂଳାଦ୍ରିଚଳନଂ ସପ୍ତାର୍ଣ୍ଣବାନ୍ଦୋଳନଂ
ବୈଦେହୀମଦନଂ ମଦାନ୍ଧଦମନଂ ତ୍ରୈଲୋକ୍ୟସମ୍ମୋହନମ୍ ॥୮୨॥

❊ ଶିବଧନୁ ଭଗ୍ନ ହେତୁ ଯେଉଁ କଠୋର ଶବ୍ଦ ସୃଷ୍ଟି ହେଲା ତାହା ଶୁଣି ସମସ୍ତେ ବିସ୍ମିତ ହୋଇପଡିଲେ । ସୂର୍ଯ୍ୟଦେବ ଭୟରେ ପଥଭ୍ରଷ୍ଟ ହେଲେ । ସଦାଶିବ ଭୟରେ ଥରିବାକୁ ଲାଗିଲେ । ଦିଗ୍‌ଗଜଗଣ ଇତସ୍ତତଃ ହେଲେ । କୂଳପର୍ବତଗୁଡିକ ଚଞ୍ଚଳ ହେଲେ । ସପ୍ତସମୁଦ୍ର ଆନ୍ଦୋଳିତ ହେବାକୁ ଲାଗିଲା । ବୈଦେହୀ ମୁଗ୍ଧ ହୋଇପଡିଲେ । ସମବେତ ରାଜାମାନଙ୍କ ଅହଙ୍କାର ଚୂର୍ଣ୍ଣ ହୋଇଗଲା ଏବଂ ତ୍ରିଲୋକବାସୀ ସମ୍ମୋହିତ ହୋଇଗଲେ ॥

यावत्कन्दुकलाञ्छनाञ्चितकरः शोणाब्जनालाकृतिः
कौशल्यार्पितमङ्गलप्रतिसरो रामस्य बाहुः पुनः ।
किञ्चिच्चञ्चति तावदेव हि दलच्चण्डीशचापोच्छल-
च्छब्दैकार्णवमग्नमेतदखिलं जातं त्रिलोकीतलम् ॥८३॥

ଯାବତ୍କନ୍ଦୁକଲାଞ୍ଛନାଞ୍ଚିତକରଃ ଶୋଣାବ୍ଜନାଳାକୃତିଃ
କୌଶଲ୍ୟାର୍ପିତମଙ୍ଗଳପ୍ରତିସରୋ ରାମସ୍ୟ ବାହୁଃ ପୁନଃ ।
କିଞ୍ଚିଚ୍ଚଞ୍ଚତି ତାବଦେବ ହି ଦଳଚ୍ଚଣ୍ଡୀଶଚାପୋଚ୍ଛଳ-
ଚ୍ଛବ୍ଦୈକାର୍ଣ୍ଣବମଗ୍ନମେତଦଖିଳଂ ଜାତଂ ତ୍ରିଲୋକୀତଳମ୍ ॥୮୩॥

❊ ଶ୍ରୀରାମଙ୍କର ଯେଉଁ ବାହୁ କମଳନାଳ ସଦୃଶ କୋମଳ, ବାଳକ୍ରୀଡାକାଳୀନ କନ୍ଦୁକ ଚିହ୍ନରେ ଚିହ୍ନିତ ଓ କୌଶଲ୍ୟାଙ୍କ ପ୍ରଦତ୍ତ ମଙ୍ଗଳସୂତ୍ର (ବାହୁବନ୍ଧନୀ) ଦ୍ୱାରା ଆବଦ୍ଧ ସେହି ଆଜାନୁଲମ୍ବିତ ବାହୁଦ୍ୱାରା ଅବଲୀଳାକ୍ରମେ ଭଗ୍ନ ଶିବଧନୁର ଭୟଙ୍କର ଶବ୍ଦରେ ଆକାଶ, ପୃଥିବୀ ଓ ପାତାଳଲୋକ ଉଦ୍‌ବେଳିତ ସାଗର ଜଳରାଶିରେ ନିମଗ୍ନ ହେଲା ପରି ପ୍ରତୀୟମାନ ହେଲା ।

शम्भौ यद्गुणवल्लरीमुपनयत्याकृष्य कर्णान्तिकं
भ्रश्यन्ति त्रिपुरावरोधसुदृशां कर्णोत्पलग्रन्थयः ।

स्वं चास्फालयति प्रकोष्ठकमिमामुन्मुच्य तासामहो
छिद्यन्ते वलयानि दाशरथिना तद्भग्नमैशं धनुः ॥८४॥

ଶମ୍ଭୌ ଯଦ୍‌ଗୁଣବଲ୍ଲରୀମୁପନୟତ୍ୟାକୃଷ୍ୟ କର୍ଣ୍ଣାନ୍ତିକଂ
ଭ୍ରଶ୍ୟନ୍ତି ତ୍ରିପୁରାବରୋଧସୁଦୃଶାଂ କର୍ଣ୍ଣୋତ୍ପଳଗ୍ରନ୍ଥୟଃ।
ସ୍ୱଂ ଚାସ୍ଫାଳୟତି ପ୍ରକୋଷ୍ଠକମିମାମୁନ୍ମୁଚ୍ୟ ତାସାମହୋ।
ଛିଦ୍ୟନ୍ତେ ବଳୟାନି ଦାଶରଥିନା ତଦ୍‌ଭଗ୍ନମୈଶଂ ଧନୁଃ ॥୮୪॥

❋ ଦେବଦେବ ସଦାଶିବ ଏକଦା ଯେଉଁ ଧନୁରେ ଗୁଣ ଦେବା ମାତ୍ରେ ତ୍ରିପୁରାସୁରର ରାଜପ୍ରାସାଦରେ ଥିବା ଅଙ୍ଗନାମାନଙ୍କ କର୍ଣ୍ଣରୁ କନକପଦ୍ମ ଛିଡିପଡିଥିଲା ଏବଂ ଶରନିକ୍ଷେପ ମାତ୍ରେ ସେମାନଙ୍କ ହସ୍ତରୁ କଙ୍କଣଗୁଡିକ ଖସିପଡିଥିଲା, ସେହି କଠୋର ଶିବଧନୁକୁ ଶ୍ରୀରାମଚନ୍ଦ୍ର ଅକ୍ଳେଶରେ ଭାଙ୍ଗିଦେଲେ ॥

कोदण्डभङ्गान्मुखरीकृताशं वरं वरेण्यं जनकात्मजायाः ।
अनन्यसामान्यधनुर्विलसं नमामि तं लोकविसर्पिकीर्त्तिम् ॥८५॥
କୋଦଣ୍ଡଭଙ୍ଗାନ୍ମୁଖରୀକୃତାଶଂ ବରଂ ବରେଣ୍ୟଂ ଜନକାତ୍ମଜାୟାଃ।
ଅନନ୍ୟସାମାନ୍ୟଧନୁର୍ବିଳାସଂ ନମାମି ତଂ ଲୋକବିସର୍ପି କୀର୍ତ୍ତିମ୍ ॥୮୫॥

❋ ଶିବଧନୁ ଭଗ୍ନ କରି ସମସ୍ତ ଦିଗକୁ ମୁଖରିତ କରିଥିବା ଓ ଜାନକୀଙ୍କର ପୂଜ୍ୟ ବର, ଅସାଧାରଣ ଧନୁର୍ଦ୍ଧାରୀ ବୀର, ଯଶସ୍ୱୀ ଶ୍ରୀରାମଚନ୍ଦ୍ରଙ୍କୁ ନମସ୍କାର ।

द्वारि द्वारि ध्वनिरुदभवत्तुन्दिलो दुन्दुभीनां
स्थाने स्थाने नटयुवतयो लास्यलीलां वितेनुः ।
गेहे गेहे समजनि रवः पौरसीमन्तिनीना-
मद्य श्वो वा परिणयविधिः सीतया राघवस्य ॥८६॥
ଦ୍ୱାରି ଦ୍ୱାରି ଧ୍ୱନିରୁଦଭବତ୍ତୁନ୍ଦିଲୋ ଦୁନ୍ଦୁଭୀନାଂ
ସ୍ଥାନେ ସ୍ଥାନେ ନଟଯୁବତୟୋ ଲାସ୍ୟଲୀଳାଂ ବିତେନୁଃ।
ଗେହେ ଗେହେ ସମଜନି ରବଃ ପୌରସୀମନ୍ତିନୀନା-
ମଦ୍ୟ ଶ୍ୱୋ ବା ପରିଣୟବିଧିଃ ସୀତୟା ରାଘବସ୍ୟ ॥୮୬॥

❋ ଅଯୋଧାର ପ୍ରତିଦ୍ୱାରରେ ଦୁନ୍ଦୁଭିବାଦ୍ୟର ତୁମୁଳ ଧ୍ୱନି ଶୁଭିଲା । ବିଭିନ୍ନ ସ୍ଥାନରେ ନଟନଟୀମାନେ ଲାସ୍ୟନୃତ୍ୟ ପରିବେଷଣ କଲେ । ସୀତାଙ୍କ ସହିତ ଶ୍ରୀରାମଙ୍କ ବିବାହ ଆଜି ବା କାଲି ହେବ ବୋଲି ପୁରନାରୀମାନଙ୍କ ମଧରେ ପ୍ରତି ଘରେ ଘରେ ଆଲୋଚନା ହେବାକୁ ଲାଗିଲା ॥

धनुषि भङ्गे रामाङ्गस्य काठिन्यं दृष्ट्वा म्लानचित्तां सीतां प्रति सखी प्राह :-

सीते मा कुरु सम्भ्रमं च सहसा काठिन्यमङ्गीकृतं
यद्रामस्य भजद्वयेन धनुषो भङ्गाय नाङ्गाय ते ।
क्षौणी जीर्य्यति शुष्यति क्षितिरुहः शुष्यन्ति नीराशया
एषा यन्मलिनी दिवाकरकरादानन्दमाविन्दति ।।८७।।

ଧନୂଷି ଭଙ୍ଗେ ରାମାଙ୍ଗସ୍ୟ କାଠିନ୍ୟଂ ଦୃଷ୍ଟ୍ୱା ମ୍ଳାନଚିତ୍ତାଂ ସୀତାଂ ପ୍ରତି ସଖୀ ପ୍ରାହ-
ସୀତେ ମା କୁରୁ ସମ୍ଭ୍ରମଂ ଚ ସହସା କାଠିନ୍ୟମଙ୍ଗୀକୃତଂ
ଯଦ୍ରାମସ୍ୟ ଭୁଜଦ୍ୱୟେନ ଧନୁଷୋ ଭଙ୍ଗାୟ ନାଙ୍ଗାୟ ତେ ।
କ୍ଷୌଣୀ ଜୀର୍ଯ୍ୟତି ଶୁଷ୍ୟତି କ୍ଷିତିରୁହଃ ଶୁଷ୍ୟନ୍ତି ନୀରାଶୟାଃ
ଏଷା ଯନ୍ମଳିନୀ ଦିବାକରକରାଦାନନ୍ଦମାବିନ୍ଦତି ।।୮୭।।

❋ ଧନୁଭଗ୍ନ ହେବା ପରେ ଶ୍ରୀରାମଙ୍କ ଅଙ୍ଗର କାଠିନ୍ୟ ଲକ୍ଷ୍ୟ କରି ମ୍ଳାନମୁଖରେ ବସିଥିବା ସୀତାଙ୍କୁ ସଖୀ କହିଲେ- ହେ ସୀତେ, ଶିବଧନୁ ଭଗ୍ନ ସମୟରେ ଶ୍ରୀରାମଙ୍କ କଠିନ ଭୁଜଦ୍ୱୟକୁ ଦେଖି ତୁମେ ଆଦୌ ଭୟ କରନାହିଁ । ତାହା ତୁମର କୋମଳଅଙ୍ଗ ପାଇଁ ଉଦ୍ଦିଷ୍ଟ ନୁହେଁ । ତେଣୁ ମନରୁ ସଂଶୟ ଦୂର କର । ସୂର୍ଯ୍ୟଙ୍କ କିରଣରେ ପୃଥିବୀ ଜୀର୍ଣ୍ଣ ହେବା ସଙ୍ଗେ ସଙ୍ଗେ ବୃକ୍ଷଲତା ଓ ଜଳାଶୟ ଶୁଖିଯାଏ; କିନ୍ତୁ ସେହି ସୂର୍ଯ୍ୟଙ୍କର କିରଣ ଲାଭ କରି ସରୋବରରେ ପଦ୍ମିନୀ ବିକଶିତ ହୋଇଥାଏ ।

अथ वरणम्
रामं नवघनश्यामं सीता विद्युन्निभा तदा ।
वरयामास भर्त्तृत्वे मालया रत्नचित्रया ।।८८।।

ଅଥ ବରଣମ୍ -
ରାମଂ ନବଘନଶ୍ୟାମଂ ସୀତା ବିଦ୍ୟୁନ୍ନିଭା ତଦା ।
ବରୟାମାସ ଭର୍ତ୍ତୃତ୍ୱେ ମାଳୟା ରତ୍ନଚିତ୍ରୟା ।।୮୮।।

❋ ନବଘନଶ୍ୟାମ ଶ୍ରୀରାମଙ୍କୁ ବିଦ୍ୟୁଦ୍‌ବର୍ଣ୍ଣା ସୀତା ରତ୍ନମାଳା ଦ୍ୱାରା ପତି ରୂପେ ବରଣ କଲେ ।

जनकप्रहितान् दूतान् मिथिलामागच्छतो दशरथार्दीश्च वीक्ष्य वैतालिकवाक्यम् -
जनकनृपतिवाक्यं पुत्रसम्बन्धकृत्यं
सरभसमुपगृह्य श्रीशतानन्दवक्त्रात् ।
अपरमपि तनूजद्वन्द्वमादाय हृष्टः
श्रुतरघुपतिशौर्य्यः कोशलेन्द्रोऽयमेति ।।८९।।

ଜନକପ୍ରହିତାନ୍ ଦୂତାନ ମିଥିଳାମାଗଚ୍ଛତୋ ଦଶରଥାଦାଂଶ୍ଚ ବୀକ୍ଷ୍ୟ ବୈତାଳିକବାକ୍ୟମ୍-
ଜନକନୃପତିବାକ୍ୟଂ ପୁତ୍ରସମ୍ବନ୍ଧକୃତ୍ୟଂ
ସରଭସମୁପଗୃହ୍ୟ ଶ୍ରୀଶତାନନ୍ଦବକ୍ତ୍ରାତ୍ ।

ଅପରମପି ତନୂଜଦ୍ୱନ୍ଦ୍ୱମାଦାୟ ହୃଷ୍ଟଃ
ଶ୍ରୁତରଘୁପତିଶୌର୍ଯ୍ୟଃ କୋଶଲେନ୍ଦ୍ରୋଽୟମେତି ॥୮୯॥

❊ ଜନକଙ୍କ ଦ୍ୱାରା ପ୍ରେରିତ ଦୂତ ଓ ଦଶରଥ ପ୍ରଭୃତିଙ୍କ ମିଥିଳାକୁ ଆସୁଥିବାର ଦେଖି ଭାଟମାନେ କହିଲେ, ରାଜା ଜନକଙ୍କ ଆଦେଶରେ ଅଯୋଧ୍ୟାକୁ ଯାଇଥିବା ରାଜପୁରୋହିତ ଶତାନନ୍ଦଙ୍କ ମୁଖରୁ ପୁତ୍ରମାନଙ୍କର କୃତିତ୍ୱ ବିଷୟ ଶୁଣି କୋଶଳରାଜ ଦଶରଥ ଆନନ୍ଦରେ ଅନ୍ୟ ପୁତ୍ରଦ୍ୱୟଙ୍କୁ ସାଙ୍ଗରେ ଧରି ମିଥିଳାରେ ପ୍ରବେଶ କରୁଛନ୍ତି ।

आतिथ्यमानसहितं मिथिलाधिनाथःकृत्वातिथिं दशरथं परमातिथेयः ।
स्वीये सुतेऽप्यथ कुशध्वजकन्यके द्वे प्रीत्या ददौ विधिवदेव तदात्मजेभ्यः ॥९०॥

ଆତିଥ୍ୟମାନସହିତଂ ମିଥିଳାଧିନାଥଃ
କୃତ୍ୱାତିଥିଂ ଦଶରଥଂ ପରମାତିଥେୟଃ ।
ସ୍ୱୀୟେ ସୁତେଽପ୍ୟଥ କୁଶଧ୍ୱଜକନ୍ୟକେ ଦ୍ୱେ
ପ୍ରୀତ୍ୟା ଦଦୌ ବିଧିବଦେବ ତଦାତ୍ମଜେଭ୍ୟଃ ॥୯୦॥

❊ ମିଥିଳାନରେଶ ଜନକ ରାଜା ଦଶରଥଙ୍କୁ ଯଥାବିଧି ଆତିଥ୍ୟ ଜଣାଇବାପରେ ନିଜର ଦୁଇ କନ୍ୟା ଓ କୁଶଧ୍ୱଜଙ୍କର ଦୁଇ କନ୍ୟାଙ୍କୁ ଆଣି ବିଧି ଅନୁସାରେ ଚାରିପୁତ୍ରଙ୍କୁ ପ୍ରଦାନ କଲେ ॥

सीतां श्रीरघुनन्दनोऽथ भरतः कौशध्वजीं माण्डवीं
सौमित्रिः शतपत्रशत्रुवदनां सीतानुजामुर्मिलाम् ।
शत्रुघ्नः श्रुतकीर्त्तिमुत्तमगुणां कौशध्वजीमूढवां-
स्तानादाय कृतोत्सवो दशरथः स्वीयां पुरीं प्रस्थितः ॥९१॥

ସୀତାଂ ଶ୍ରୀରଘୁନନ୍ଦନୋଽଥ ଭରତଃ କୌଶଧ୍ୱଜୀଂ ମାଣ୍ଡବୀଂ
ସୌମିତ୍ରିଃ ଶତପତ୍ରଶତ୍ରୁବଦନାଂ ସୀତାନୁଜାମୁର୍ମିଳାମ୍ ।
ଶତ୍ରୁଘ୍ନଃ ଶ୍ରୁତକୀର୍ତ୍ତିମୁତ୍ତମଗୁଣାଂ କୌଶଧ୍ୱଜୀମୂଢବାଂ-
ସ୍ତାନାଦାୟ କୃତୋତ୍ସବୋ ଦଶରଥଃ ସ୍ୱୀୟାଂ ପୁରୀଂ ପ୍ରସ୍ଥିତଃ ॥୯୧॥

❊ ଜନକନନ୍ଦିନୀ ସୀତାଙ୍କୁ ଶ୍ରୀରାମ, କୁଶଧ୍ୱଜଙ୍କ କନ୍ୟା ମାଣ୍ଡବୀଙ୍କୁ ଭରତ, ସୀତାନୁଜା ଉର୍ମିଳାଙ୍କୁ ଲକ୍ଷ୍ମଣ ଓ କୁଶଧ୍ୱଜଙ୍କ ଅନ୍ୟତମା କନ୍ୟା ଶ୍ରୁତକୀର୍ତ୍ତିଙ୍କୁ ଶତ୍ରୁଘ୍ନ ବିବାହ କଲେ । ରାଜା ଦଶରଥ ସେମାନଙ୍କୁ ସଙ୍ଗରେ ନେଇ ଅଯୋଧ୍ୟା ପ୍ରତ୍ୟାଗମନ ପାଇଁ ପ୍ରସ୍ତୁତ ହେଲେ ॥

निःसाणमर्दलरसालगभीरभेरी टङ्कारतालवरकाहलनादजालैः ।
पूर्णं बभूव धरणीगगनान्तरालं पाणिग्रहे रघुपतेर्जनकात्मजायाः ॥९२॥
ନିଃଶାଣ ମର୍ଦ୍ଦଳରସାଳଗଭୀରଭେରୀଟଙ୍କାରତାଳବରକାହଳନାଦଜାଲୈଃ ।
ପୂର୍ଣ୍ଣଂ ବଭୂବ ଧରଣୀଗଗନାନ୍ତରାଳଂ ପାଣିଗ୍ରହେ ରଘୁପତେର୍ଜନକାତ୍ମଜାୟାଃ ॥୯୨॥

❋ ଶ୍ରୀରାମ ସୀତାଙ୍କର ପାଣିଗ୍ରହଣ ସମୟରେ ନିଃଶାଣ, ମର୍ଦ୍ଦଳ, ଭେରୀ, ତୂରୀ, କାହାଳ ପ୍ରଭୃତି ନାନାବାଦ୍ୟର ଗମ୍ଭୀର ଧ୍ୱନିରେ ଧରଣୀ ଓ ଆକାଶ ପୂର୍ଣ୍ଣ ହୋଇଗଲା ॥

वैवाहिकं कुशिकनन्दनवामदेव वाल्मीकि गौतमवशिष्ठपुरोहितादृयैः ।
रामो विधिं परिसमाप्य सहानुजैस्तु तेभ्यो ददौ बहुवसूनि तिलाश्च गांश्च ।।९३।।

ବୈବାହିକଂ କୁଶିକନନ୍ଦନବାମଦେବ-
ବାଲ୍ମୀକିଗୌତମ ବଶିଷ୍ଠପୁରୋହିତାଦ୍ୟୈଃ ।
ରାମୋ ବିଧିଂ ପରିସମାପ୍ୟ ସହାନୁଜୈସ୍ତୁ
ତେଭ୍ୟୋ ଦଦୌ ବହୁବସୂନି ତିଳାଶ୍ଚ ଗାଶ୍ଚ ॥୯୩॥

❋ ବଶିଷ୍ଠ, ବିଶ୍ୱାମିତ୍ର, ବାଲ୍ମୀକୀ, ଗୌତମ ଓ ବାମଦେବ ଆଦି ମୁନିମାନେ ଏହି ବିବାହ କାର୍ଯ୍ୟ ସମ୍ପନ୍ନ କଲେ । ଶ୍ରୀରାମ ଆଦି ଚାରି ଭାଇ ବିବାହ ଶେଷରେ ମୁନିମାନଙ୍କୁ ପ୍ରଚୁର ଧନରତ୍ନ, ତିଳ ଓ ଧେନୁ ପ୍ରଦାନ କଲେ ॥

रघुजनकमहीन्द्रयोस्तदानीमभवदपत्यविवाहमङ्गलश्रीः ।
त्रिभुवनजनता ननन्द यत्र प्रमदमवाप मनोरथव्यतीतम् ।।९४।।
ରଘୁଜନକମହୀନ୍ଦ୍ରୟୋସ୍ତଦାନୀମଭବଦପତ୍ୟବିବାହମଙ୍ଗଳଶ୍ରୀଃ ।
ତ୍ରିଭୁବନଜନତା ନନନ୍ଦ ଯତ୍ର ପ୍ରମଦମବାପ ମନୋରଥବ୍ୟତୀତମ୍ ॥୯୪॥

❋ ଶ୍ରୀରାମ ସୀତାଙ୍କର ପରିଣୟ ଉତ୍ସବ ସମ୍ପାଦିତ ହେବାର ଦେଖି ତ୍ରିପୁରବାସୀ ସମସ୍ତେ ମନସ୍କାମ ପୂର୍ଣ୍ଣ ହେଲା ବୋଲି ଆନନ୍ଦିତ ହେଲେ ॥

तां भूमिजां भूमिपतेस्तनुजो रामो रमां चक्रधरो यथाशु ।
उन्मादयित्वा मुमुदे भवानीं प्राप्येव सर्वस्वगुणेन साकम् ।।९५।।
ତାଂ ଭୂମିଜାଂ ଭୂମିପତେସ୍ତନୁଜୋ ରାମୋ ରମାଂ ଚକ୍ରଧରୋ ଯଥାଶୁ ।
ଉନ୍ମାଦୟିତ୍ୱା ମୁମୁଦେ ଭବାନୀ ପ୍ରାପ୍ୟୈବ ସର୍ବସ୍ୱଗୁଣେନ ସାକମ୍ ॥୯୫॥

❋ ଚକ୍ରଧର ନାରାୟଣ ଲକ୍ଷ୍ମୀଙ୍କୁ ପାଇ ଓ ତ୍ରିଲୋଚନ ପାର୍ବତୀଙ୍କୁ ପାଇ ଯେପରି ଆନନ୍ଦିତ ହୋଇଥିଲେ ଶ୍ରୀରାମଚନ୍ଦ୍ର ଜାନକୀଙ୍କୁ ପାଇ ସେହିପରି ଆନନ୍ଦ ଅନୁଭବ କଲେ ॥

इत्यवसरे वैतालिकः

लज्जा कीर्त्तिर्जनकतनया शैवकोदण्डभङ्गे
तिस्रः कन्या निरुपमतया भेजिरे रामचन्द्रम् ।
अन्या पाणिग्रहणसमये ज्यायसी जातरोषा
भूयोः सार्द्धं खलु गतवती मध्यमागाद्दिगन्तम् ।।९६।।

ଇତ୍ୟବସରେ ବୈତାଳିକଃ -

ଲଜ୍ଜା କୀର୍ତ୍ତିର୍ଜନକତନୟା ଶୈବକୋଦଣ୍ଡଭଙ୍ଗେ

ତିସ୍ରଃ କନ୍ୟା ନିରୁପମତୟା ଭେଜିରେ ରାମଚନ୍ଦ୍ରମ୍ ।
ଅନ୍ତ୍ୟା ପାଣିଗ୍ରହଣସମୟେ ଜ୍ୟାୟସୀ ଜାତରୋଷା
ଭୂୟୋଃ ସାର୍ଦ୍ଧଂ ଖଳୁ ଗତବତୀ ମଧମାଗାଦ୍ଦିଗନ୍ତମ୍ ॥୯୬॥

❊ ଏହି ସମୟରେ ବୈତାଳିକମାନେ ଗାନ କଲେ- ଶିବଧନୁ ଭଗ୍ନ ହେବା ପରେ ଜନକ-ତନୟା ସୀତା, ଲଜ୍ଜା ଓ କୀର୍ତ୍ତି, ଏହିତିନି କନ୍ୟା ଶ୍ରୀରାମଚନ୍ଦ୍ରଙ୍କୁ ଲାଭ କଲେ । ଶ୍ରୀରାମଚନ୍ଦ୍ର କନିଷ୍ଠା ସୀତାଙ୍କ ପାଣି ଗ୍ରହଣ କରିବାରୁ ଜ୍ୟେଷ୍ଠା ଭଗ୍ନୀ ଲଜ୍ଜା ରାଜାଙ୍କ ସଙ୍ଗରେ ଚାଲିଗଲେ ଓ ମଧମା ଭଗ୍ନୀ ଦେଶାନ୍ତର ଗମନ କଲେ ।

विवाहानन्तरमयोध्यागमनम् -

प्राप्यानवद्यां जनकेन्द्रपुत्रीं स पुष्पचापायतशोभनाङ्गः ।
रामो ययौ वीरवरावतंसो जित्वा महीशान्नरदेवसूनुः ॥९७॥

ବିବାହନନ୍ତରମଯୋଧାଗମନମ୍-

ପ୍ରାପ୍ୟାନବଦ୍ୟାଂ ଜନକେନ୍ଦ୍ରପୁତ୍ରୀଂ ସପୁଷ୍ପଚାପାୟତଶୋଭନାଙ୍ଗଃ ।
ରାମୋ ଯଯୌ ବୀରବରାବତଂସୋ ଜିତ୍ୱା ମହୀଶାନ୍ନରଦେବସୂନୁଃ ॥୯୭॥

❊ ପୁଷ୍ପଧନ୍ୱା କନ୍ଦର୍ପ ପରି ସୁନ୍ଦର ଶ୍ରୀରାମଚନ୍ଦ୍ର ଶିବଧନୁ ଭାଙ୍ଗି ଅନିନ୍ଦ୍ୟ ସୁନ୍ଦରୀ ଜାନକୀଙ୍କୁ ଲାଭ କରି ଅଯୋଧା ପ୍ରତ୍ୟାବର୍ତ୍ତନ କଲେ ॥

एष श्रीलहनूमता विरचिते श्रीमन्महानाटके
वीरश्रीयुतरामचन्द्रचरिते प्रत्युद्धृतेऽनुक्रमैः ।
मिश्रश्रीमधुसूदनेन कविना सन्दर्भसज्जीकृते
यातोऽङ्कः प्रथमो विदेहतनयालाभाभिधानो महान् ॥९८॥

॥ इति श्रीहनूमत्कृते महानाटके प्रथमोऽङ्कः ॥

ଏଷା ଶ୍ରୀଲହନୂମତା ବିରଚିତେ ଶ୍ରୀମନ୍ମହାନାଟକେ
ବୀର ଶ୍ରୀଯୁତରାମଚନ୍ଦ୍ରଚରିତେ ପ୍ରତ୍ୟୁଦ୍ଧୃତେଽନୁକ୍ରମୈଃ ।
ମିଶ୍ରଶ୍ରୀମଧୁସୂଦନେନ କବିନା ସନ୍ଦର୍ଭସଜ୍ଜୀକୃତେ
ଯାତୋଽଙ୍କଃ ପ୍ରଥମୋ ବିଦେହତନୟାଲାଭାଭିଧାନୋ ମହାନ୍ ॥୯୮॥

॥ଇତି ଶ୍ରୀହନୁମତକୃତେ ମହାନାଟକେ ପ୍ରଥମୋଽଙ୍କଃ ॥

❊ ଶ୍ରୀମଦ୍ ହନୁମଦ ବରଚିତ ଓ କବି ଶ୍ରୀ ମଧୁସୂଦନ ମିଶ୍ର ସଜ୍ଜୀକୃତ ମହାନାଟକର ବିଦେହତନୟା ଲାଭ ଶୀର୍ଷକ ପ୍ରଥମ ଅଙ୍କ ସମାପ୍ତ ॥

द्वितीयोऽङ्क :

ଦ୍ୱିତୀୟୋଽଙ୍କଃ

अथ वर्त्मनि परशुरामदर्शनम्

यद्बभञ्ज जनकात्मजाकृते राघव पशुपतेर्महद्धनुः ।
तद्ध्वनिश्रवणरोपितस्त्वरादाजगाम जमदग्निजो मुनिः ॥१॥

ଅଥ ବର୍ତ୍ମନି ପରଶୁରାମଦର୍ଶନମ୍ -

ଯଦ୍‌ବଭଞ୍ଜ ଜନକାତ୍ମଜାକୃତେ ରାଘବଃ ପଶୁପତେର୍ମହଦ୍ ଧନୁଃ ।
ତଦ୍‌ଧ୍ୱନିଶ୍ରବଣରୋଷିତସ୍ତ୍ୱରାଦାଜଗାମ ଜମଦଗ୍ନିଜୋ ମୁନିଃ ॥୧॥

❊ ଏଥିଉତ୍ତାରୁ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ପଥରେ ପରଶୁରାମଙ୍କ ସହିତ ଶ୍ରୀରାମଙ୍କର ସାକ୍ଷାତ ହେଲା । ଜନକନନ୍ଦିନୀ ସୀତାଙ୍କ ବିବାହ ଉପଲକ୍ଷ୍ୟେ ପଣ ରଖାଯାଇଥିବା ପଶୁପତି ଶିବଙ୍କ ଧନୁକୁ ଶ୍ରୀରାମ ଭାଙ୍ଗି ଦେବାରୁ ଯେଉଁ ଶବ୍ଦ ହେଲା, ତାହା ଶୁଣି ଜମଦଗ୍ନି ଋଷିଙ୍କ ପୁତ୍ର ପରଶୁରାମ କ୍ରୋଧାନ୍ୱିତ ହୋଇ ଶୀଘ୍ର ସେହି ମାର୍ଗରେ ଆସୁଥିଲେ ॥

आजन्मब्रह्मचारी पृथुलभुजशिलास्तम्भविभ्राजमान-
ज्याघातश्रेणीरेखान्तरितवसुमतीचक्रजैत्रप्रशस्तिः ।
वक्षःपीठे घनास्त्रव्रणकिणकठिने संक्षुवानः पृषत्कान्
प्राप्तो राजन्यगोष्ठीवनगजमृगयाकोतुकी जामदग्न्यः ॥२॥

ଆଜନ୍ମବ୍ରହ୍ମଚାରୀ ପୃଥୁଳଭୁଜଶିଳାସ୍ତମ୍ଭବିଭ୍ରାଜମାନ
ଜ୍ୟାଘାତଶ୍ରେଣୀରେଖାନ୍ତରିତବସୁମତୀଚକ୍ରଜୈତ୍ରପ୍ରଶସ୍ତିଃ ।
ବକ୍ଷଃପୀଠେ ଘନାସ୍ତ୍ରବ୍ରଣକିଣକଠିନେ ସଂକ୍ଷୁବାନଃ ପୃଷତ୍କାନ୍
ପ୍ରାପ୍ତୋ ରାଜନ୍ୟଗୋଷ୍ଠୀ ବନଗଜମୃଗୟାକୌତୁକୀ ଜାମଦଗ୍ନ୍ୟଃ ॥୨॥

❊ ମୁନିପୁତ୍ର ପରଶୁରାମ ଆଜନ୍ମ ବ୍ରହ୍ମଚାରୀ ଥିଲେ । ଶିଳାସ୍ତମ୍ଭ ସଦୃଶ ତାଙ୍କର ପୃଥୁଳ ବାହୁଦ୍ୱୟ ଧନୁଗୁଣର ଆଘାତରେ ଚିହ୍ନିତ ହୋଇଥିବାରୁ ତାହା ଭୂମଣ୍ଡଳବିଜୟର ବାର୍ତ୍ତା ଗାନ କରୁଥିଲା । ବିଭିନ୍ନ ଅସ୍ତ୍ରାଘାତରେ ବ୍ରଣାକୀର୍ଣ୍ଣ ତାଙ୍କର ବକ୍ଷଃସ୍ଥଳ ବନଗଜ ସଦୃଶ ରାଜନ୍ୟଗୋଷ୍ଠୀକୁ ବାରମ୍ବାର ସଂହାର କରିଥିବାର ସୂଚନା ଦେଉଥିଲା ॥

लक्ष्मणः श्रीरामं परशुरामं स्मारयति

कुर्वन्कोपादुदञ्चद्रविकिरणसटापाटलैर्दृष्टिपाते -
र्याापि क्षत्रकण्ठच्युतरुधिरसरिद्धौतधारं कुठारम् ।

तीव्रैर्निःश्वासपातैः पुनरपि भुवनोत्पातमासूचयद्भि-
र्गर्जन्मौर्वीकचापस्त्रिभुवनविजयी जामदग्न्यः समेति ॥३॥

ଲକ୍ଷ୍ମଣଃ ଶ୍ରୀରାମଂ ପରଶୁରାମଂ ସ୍ମାରୟତି -

କୁର୍ବନ୍ କୋପାଦୁଦଞ୍ଚଦ୍ରବିକିରଣସଟାପାଟଳୈର୍ଦୃଷ୍ଟିପାତୈ-
ରଦ୍ୟାପି କ୍ଷତ୍ରକଣ୍ଠଚ୍ୟୁତରୁଧିରସରିଦ୍ଧୌତଧାରଂ କୁଠାରମ୍ ।
ତୀବ୍ରୈର୍ନିଶ୍ୱାସପାତୈଃ ପୁନରପି ଭୁବନୋତ୍ପାତମାସୂଚୟଦ୍‌ଭି
ର୍ଗର୍ଜନ୍‌ମୌର୍ବୀକଚାପସ୍ତ୍ରିଭୁବନବିଜୟୀ ଜାମଦଗ୍ନ୍ୟଃ ସମେତି ॥୩॥

❋ ପରଶୁରାମଙ୍କୁ ଆସୁଥିବାର ଦେଖି ଲକ୍ଷ୍ମଣ ଶ୍ରୀରାମଙ୍କୁ କହିଲେ- ହେ ରଘୁନାଥ ! କ୍ରୋଧରେ ପରଶୁରାମଙ୍କ ଚକ୍ଷୁଦ୍ୱୟ ଉଦିତ ସୂର୍ଯ୍ୟଙ୍କ ପରି ପାଟଳବର୍ଣ୍ଣ ଧାରଣକରିଛି । କ୍ଷତ୍ରିୟମାନଙ୍କ କଣ୍ଠନିଃସୃତ ରକ୍ତଧାରରେ ଧୌତ କୁଠାର ଅଦ୍ୟାପି ରକ୍ତଲିପ୍ତ ଦେଖାଯାଉଛି । ତାଙ୍କର ତୀବ୍ର ନିଃଶ୍ୱାସର ଆଘାତରେ ପୃଥିବୀ କମ୍ପିତ ହେଉଛି । ତ୍ରିଭୁବନ ବିଜୟୀ ଜାମଦଗ୍ନ୍ୟ ପରଶୁରାମ ହାତରେ ଧନୁଶର ଧରି ଗର୍ଜନ କରି ଆମରି ଆଡ଼କୁ ଆସୁଛନ୍ତି ॥

चूडाचुम्बितकङ्कपत्रमभितस्तूणीद्वयं पृष्ठतो
भस्मस्निग्धपवित्रलाञ्छनमुरो धत्ते त्वचं गौरवम् ।
मौञ्ज्या मेखलया नियन्त्रितमधोवासश्च माञ्जिष्ठकं
पाणौ कार्मुकमक्षसूत्रवलयं दण्डं परं पैप्पलम् ॥४॥

ଚୂଡ଼ାଚୁମ୍ବିତକଙ୍କପତ୍ରମଭିତସ୍ତୂଣୀଦ୍ୱୟଂ ପୃଷ୍ଠତୋ
ଭସ୍ମସ୍ନିଗ୍ଧପବିତ୍ରଲାଞ୍ଛନମୁରୋ ଧତ୍ତେ ତ୍ୱଚଂ ଗୌରବମ୍ ।
ମୌଞ୍ଜ୍ୟା ମେଖଳୟା ନିୟନ୍ତ୍ରିତମଧୋବାସଶ୍ଚ ମାଞ୍ଜିଷ୍ଠକଂ
ପାଣୌ କାର୍ମୁକମକ୍ଷସୂତ୍ରବଳୟଂ ଦଣ୍ଡଂ ପରଂ ପୈପ୍ପଳମ୍ ॥୪॥

❋ କଙ୍କପତ୍ର ଶୋଭିତ ବାଣଯୁକ୍ତ ତୂଣୀରଦ୍ୱୟ ତାଙ୍କର ପୃଷ୍ଠଭାଗରେ ଅଛି । ସର୍ବାଙ୍ଗ ତାଙ୍କର ଭସ୍ମବିଲେପିତ । ଗୌରବଜନକ ପବିତ୍ର ଯଜ୍ଞୋପବୀତ ତାଙ୍କ ବକ୍ଷଃସ୍ଥଳରେ ଶୋଭାପାଉଛି । ତାଙ୍କ ପରିହିତ ଗୈରିକ ବସ୍ତ୍ର କଟିଭାଗରେ ମୁଞ୍ଜମେଖଳା ଦ୍ୱାରା ଆବଦ୍ଧ ହୋଇଛି । ତାଙ୍କର ଗୋଟିଏ ହାତରେ ଧନୁ, ଅନ୍ୟ ହସ୍ତରେ ଅକ୍ଷମାଳା ଓ କାନ୍ଧରେ ପିପ୍ପଳ ଦଣ୍ଡ ରହିଛି ॥

सोऽयं सप्तसमुद्रवेष्टितमही येनार्जुनादुद्धृता
छित्वा भैरवसङ्गेऽतिजठरं कण्ठं कुठारानलैः ।
रेवानीरनिरोधनैकनिपुणं बाह्वोः सहस्रं जवात्
खण्डं खण्डमकारयत्पितृवधामर्षेण वर्षीयसा ॥५॥

ସୋଽୟଂ ସପ୍ତସମୁଦ୍ରବେଷ୍ଟିତମହୀ ଯେନାର୍ଜୁନାଦୁଦ୍ଧୃତା
ଛିତ୍ତ୍ୱା ଭୈରବସଙ୍ଗରେଽତିଜଠରଂ କଣ୍ଠଂ କୁଠାରାନଳୈଃ ।

ରେବାନୀରନିରୋଧନୈକନିପୁଣ ବାହ୍ୱୋଃ ସହସ୍ର ଜବାତ୍

ଖଣ୍ଡ ଖଣ୍ଡମକାରୟତ୍‌ପିତୃବଧାମର୍ଷେଣ ବର୍ଷୀୟସା ॥୫॥

❋ ପିତୃହତ୍ୟାର ପ୍ରତିଶୋଧ ନେବା ପାଇଁ କ୍ରୋଧବଶତଃ ସେ ଯୁଦ୍ଧରେ ରେବାନଦୀର ଜଳପ୍ରବାହକୁ ରୋଧ କରିଥିବା ସହସ୍ରାର୍ଜୁନର ସହସ୍ରବାହୁ ଓ ମସ୍ତକକୁ ଅଗ୍ନି ସଦୃଶ ଯେଉଁ କୁଠାର ଦ୍ୱାରା ଛେଦନ କରିଥିଲେ,ସେହି କୁଠାରକୁ ଧାରଣ କରିଛନ୍ତି ॥

जामदग्न्यः (क्रोधं नाटयित्वा) केनायं कालदण्डान्तरमिच्छति भग्नमजगवं नाम धनुः(साभ्यसूयं वारत्रयम्)

यत्राक्रामति सङ्ग्राङ्गणभुवं दुर्वारधाराञ्चलत्

क्षुण्णक्षत्रकिशोरकण्ठरुधिरैर्नीरेणुका भूरभूत् ।

तादृग्वीरवरस्वयम्वरपरस्वर्लोककन्याकर-

क्रीडापुष्करदामरेणुभिरभूद्द्यौरेव रेणूत्कटा ॥६॥

ଜାମଦଗ୍ନ୍ୟଃ -

(କ୍ରୋଧଂ ନାଟୟିତ୍ୱା) କେନାୟଂ କାଳଦଣ୍ଡାନ୍ତରମିଚ୍ଛତି ଭଗ୍ନମଜଗବଂ ନାମ ଧନୁଃ (ସାଭ୍ୟସୂୟଂ ବାରତ୍ରୟମ୍)

ଯତ୍ରାକ୍ରାମତି ସଙ୍ଗରାଙ୍ଗଣଭୁବଂ ଦୁର୍ବାରଧାରାଞ୍ଚଳତ୍

କ୍ଷୁଣ୍ଣକ୍ଷତ୍ରକିଶୋରକଣ୍ଠରୁଧିରୈର୍ନୀରେଣୁକା ଭୂରଭୂତ୍ ।

ତାଦୃଗ୍ ବୀରବରସ୍ୱୟମ୍ବର ପରସ୍ୱର୍ଲୋକ କନ୍ୟାକର-

କ୍ରୀଡ଼ାପୁଷ୍କରଦାମରେଣୁଭିରଭୂଦ୍‌ଦ୍ୟୌରେବ ରେଣୂତ୍କଟା ॥୬॥

❋ ଜାମଦଗ୍ନ୍ୟ (କ୍ରୋଧ ପ୍ରକାଶ କରି) କିଏ ଶିବଙ୍କ ଅଜଗବ ଧନୁକୁ ଭାଙ୍ଗି ଯମପୁରକୁ ଯିବା ପାଇଁ ଚାହୁଁଛି ? (କ୍ରୋଧର ସହିତ ତିନି ଥର ଏହା କହିଲେ) ସଂଗ୍ରାମ ଭୂମିରେ କୁଠାରଦ୍ୱାରା ଶତସହସ୍ର କ୍ଷତ୍ରିୟଙ୍କ ଛିନ୍ନକଣ୍ଠରୁ ନିଃସୃତ ରକ୍ତପ୍ରବାହଦ୍ୱାରା ଯେଉଁ ପରଶୁରାମ ସମଗ୍ର ଭୂମଣ୍ଡଳକୁ ଧୂଳିଶୂନ୍ୟ କରିଦେଇଥିଲେ ଏବଂ ଏପରି ଅସାଧାରଣ ବୀରତ୍ୱ ଦେଖି ସେହି ପରଶୁରାମଙ୍କୁ ପତି ରୂପେ ବରଣ କରିବା ପାଇଁ ସ୍ୱର୍ଗର କନ୍ୟାମାନେ ଆଣିଥିବା ପୁଷ୍ପମାଳାର ରେଣୁରେ ସମଗ୍ର ଆକାଶ ପରିପୂର୍ଣ୍ଣ ହୋଇଯାଇଥିଲା ॥

पार्वत्या निजभर्त्तुरायुधमिति प्रेम्णा यदभ्यर्च्चितं

निर्मोकेण च वासुके विचलितं यत्सादरं नन्दिना ।

भग्नं क्षत्रपुरेन्धनं धनुरिदं तन्मन्मथोन्माथिनः

सत्येवं भुवि रामनामनि मयि द्वैधीकृतं दृश्यते ॥७॥

ପାର୍ବତ୍ୟା ନିଜଭର୍ତ୍ତୁରାୟୁଧମିତି ପ୍ରେମ୍ଣା ଯଦଭ୍ୟର୍ଚ୍ଚିତଂ

ନିର୍ମୋକେଣ ଚ ବାସୁକେ ବିଚଳିତଂ ଯତ୍ସାଦରଂ ନନ୍ଦିନା ॥

ଭଗ୍ନଂ କ୍ଷତ୍ରପୁରେନ୍ଧନଂ ଧନୁରିଦଂ ତନ୍ନନ୍ନଥୋନ୍ନାଥନଃ
ସତ୍ୟେବଂ ଭୁବି ରାମନାମନି ମୟି ଦ୍ୱୈଧୀକୃତଂ ଦୃଶ୍ୟତେ ॥୭॥

❊ ଦେବୀ ପାର୍ବତୀ ନିଜ ସ୍ୱାମୀଙ୍କର ପ୍ରିୟ ହୋଇଥିବା ଯେଉଁ ଧନୁକୁ ପ୍ରତିଦିନ ପୂଜା କରୁଥିଲେ, କ୍ରୀଡାଛଳରେ ପରିତ୍ୟକ୍ତ ବାସୁକିର ନିର୍ମୋକ (ଖୋଳସ) କୁ ବାହାର କରି ନନ୍ଦୀ ଯତ୍ନରେ ଯାହାକୁ ସାଇତି ରଖୁଥିଲା, ଶିବ ଯାହାକୁ ଧରି ତ୍ରିପୁରାସୁରକୁ ସଂହାର କରିଥିଲେ ସେହି ଧନୁକୁ କିଏ ଭାଙ୍ଗିଲା ? କାହାର ଏଡ଼େ ଆସ୍ପର୍ଦ୍ଧା ହେଲା ? ପରଶୁରାମ ଜୀବିତ ଥାଇ ଏହା ଦେଖିଲା ! ମୁଁ ପୃଥିବୀରେ ଏକମାତ୍ର ବୀର ଥିଲି ଓ ଏକ ନାମରେ ସୁବିଦିତ ଥିଲି, ସେହି ରାମ ନାମକୁ କିଏ ଦୁଇଭାଗ କଲା ?

कार्त्तवीर्य्यं प्रति पूर्वं परशुरामवचनम्
सहस्रबाहुस्त्वमहं द्विबाहुस्त्वं चक्रवर्त्ती मुनिनन्दनोऽहम् ।
त्वं सैन्ययुक्तोऽप्यहमेकवीरस्तथापि नो पश्यतु युद्धमर्क: ॥८॥

କାର୍ତ୍ତବୀର୍ଯ୍ୟଂ ପ୍ରତି ପୂର୍ବଂ ପରଶୁରାମବଚନମ୍-
ସହସ୍ରବାହୁସ୍ତ୍ୱମହଂ ଦ୍ୱିବାହୁସ୍ତ୍ୱଂ ଚକ୍ରବର୍ତ୍ତୀ ମୁନିନନ୍ଦନୋଽହମ୍ ।
ତ୍ୱଂ ସୈନ୍ୟଯୁକ୍ତୋଽପ୍ୟହମେକବୀରସ୍ତଥାପି ନୌ ପଶ୍ୟତୁ ଯୁଦ୍ଧମର୍କଃ ॥୮॥

❊ ପୂର୍ବେ ପରଶୁରାମ କାର୍ତ୍ତବୀର୍ଯ୍ୟକୁ କହିଥିଲେ ରେ କାର୍ତ୍ତବୀର୍ଯ୍ୟ ! ତୋର ସହସ୍ରବାହୁ ଅଛି, ମୋର ମାତ୍ର ଦୁଇଟି ବାହୁ । ତୁ ଚକ୍ରବର୍ତ୍ତୀ ରାଜା ଆଉ ମୁଁ ହେଉଛି ମୁନିକୁମାର । ତୋର ଅସୀମ ସୈନ୍ୟବଳ ଅଛି ; କିନ୍ତୁ ମୁଁ ଏକ ମାତ୍ର ବୀର । ତଥାପି ଆମର ଯୁଦ୍ଧକୁ ସୂର୍ଯ୍ୟଦେବ ଦେଖନ୍ତୁ ॥

उत्कृत्योत्कृत्य गर्भानपि शकलयत: क्षत्रसन्तानरोषा-
दुर्दामानेकविंशत्यवधि विशसत: सर्वतो राजवंश्यान् ।
पित्र्यं तद्रक्तपूर्णं ह्रदमवनिमहानन्दमन्दायमान-
क्रोधाग्ने: कुर्वतो मे न खलु न विदितै: सर्वभूतै: प्रभाव: ॥९॥

ଉତ୍କୃତ୍ୟୋତ୍କୃତ୍ୟ ଗର୍ଭାନପି ଶକଳୟତଃ କ୍ଷତ୍ରସନ୍ତାନରୋଷା ।-
ଦୁର୍ଦ୍ଦାମାନେକବିଂଶତ୍ୟବଧି ବିଶସତଃ ସର୍ବତୋ ରାଜବଂଶ୍ୟାନ୍ ।
ପିତ୍ର୍ୟଂ ତଦ୍ରକ୍ତପୂର୍ଣ୍ଣଂ ହ୍ରଦମବନିମହାନନ୍ଦମନ୍ଦାୟମାନ-
କ୍ରୋଧାଗ୍ନେଃ କୁର୍ବତୋ ମେ ନ ଖଳୁ ନ ବିଦିତଃ ସର୍ବଭୂତୈଃ ପ୍ରଭାବଃ ॥୯॥

❊ ପୃଥିବୀର କ୍ଷତ୍ରିୟକୁଳକୁ ସମୂଳେ ଧ୍ୱଂସ କରିବା ପାଇଁ ପ୍ରତିଜ୍ଞା କରି ମୁଁ ଯୁବକ ଓ ବୃଦ୍ଧ ସହିତ ବାଳକକୁ ମଧ୍ୟ ଓଟାରି ଆଣି ହତ୍ୟା କରିଛି । ଏହା ଥରେ କି ଦୁଇଥର ନୁହେଁ, ଏକୋଇଶ ବାର ମୁଁ ପୃଥିବୀକୁ ନିକ୍ଷତ୍ରିୟ କରିଛି । କ୍ଷତ୍ରିୟମାନଙ୍କ ରକ୍ତରେ ପୃଥିବୀରେ ହ୍ରଦ ସୃଷ୍ଟି ହେଲା ଏବଂ ସେହି ରକ୍ତରେ ତର୍ପଣଦ୍ୱାରା ପିତୃଗଣଙ୍କୁ ସନ୍ତୁଷ୍ଟ କରିବା ପରେ ମୋର ସନ୍ତୋଷ ଜାତ ହେଲା । ଏହା ସର୍ବତ୍ର ସମସ୍ତେ ଜାଣିଛନ୍ତି ॥

कुप्यत्क्षत्रकिशोरकण्ठविगलद्रक्तौघधारासरि-
न्निर्वृत्ताभिषवस्य कृत्तशिरसः केशान् कुशान् कुर्वतः ।
तावद्रक्तजलाञ्जलिः पितृगणैर्यस्य क्षणं स्वीकृतः
सन्तोषेण जुगुप्सया करुणया हासेन शोकेन वा ।।१०।।

ମୁପ୍ୟତ୍କ୍ଷତ୍ରକିଶୋରକଣ୍ଠବିଗଳଦ୍ରକ୍ତୌଘଧାରାସରି -
ନ୍ନିର୍ବୃତ୍ତାଭିଷବସ୍ୟ କୃତ୍ତଶିରସଃ କେଶାନ୍ କୁଶାନ୍ କୁର୍ବତଃ ।
ତାବଦ୍ରକ୍ତଜଳାଞ୍ଜଳିଃ ପିତୃଗଣୈର୍ଯସ୍ୟ କ୍ଷଣଂ ସ୍ୱୀକୃତଃ
ସନ୍ତୋଷେଣ ଜୁଗୁପ୍ସୟା କରୁଣୟା ହାସେନ ଶୋକେନ ବା ।।୧୦।।

❋ ଭୀତତ୍ରସ୍ତ କ୍ଷତ୍ରିୟମାନଙ୍କର ଛିନ୍ନକଣ୍ଠରୁ ବହିଆସୁଥିବା ରକ୍ତ ଧାରା ସୃଷ୍ଟ ନଦୀରେ ପିତୃଗଣଙ୍କ ଉଦ୍ଦେଶ୍ୟରେ ତର୍ପଣ କଲି । ସେଥିରେ କର୍ତ୍ତିତ ମସ୍ତକର କେଶରାଶି କୁଶରୂପେ ବ୍ୟବହୃତ ହୋଇଥିଲା । ପିତୃଗଣ ମୋର ତର୍ପଣାଞ୍ଜଳିକୁ ସନ୍ତୋଷରେ ହେଉବା ଆନନ୍ଦରେ ହେଉ କରୁଣାବଶତଃ ହସି ହସି ହେଉ ବା ବିରସ ଚିତ୍ତରେ ତାହା ସ୍ୱୀକାର କରିଥିଲେ ।।

आश्चर्य्यं कार्त्तवीर्यार्जुनभुजविपिनच्छेदलीलास्वभिज्ञः
के यूरग्रन्थिरत्नोत्ककषणरणत्कारघोरः कुठारः ।
तेजोभिः क्षत्रगोत्रप्रलयसमुदितद्वादशार्कानुकारः
किं न प्राप्तः श्रुतिं ते पुरमथनधनुर्भङ्गपर्युत्सुकस्य ।।११।।

ଆଶ୍ଚର୍ଯ୍ୟଂ କାର୍ତ୍ତବୀର୍ଯ୍ୟାର୍ଜୁନଭୁଜବିପିନଚ୍ଛେଦଲୀଳାସ୍ୱଭିଜ୍ଞଃ
କେୟୂରଗ୍ରନ୍ଥିରତ୍ନୋତ୍କରକଷଣରଣତ୍କାରଘୋରଃ କୁଠାରଃ ।
ତେଜୋଭିଃ କ୍ଷତ୍ରଗୋତ୍ରପ୍ରଳୟସମୁଦିତଦ୍ୱାଦଶାର୍କାନୁକାରଃ
କିଂ ନ ପ୍ରାପ୍ତଃ ଶ୍ରୁତିଂ ତେ ପୁରମଥନଧନୁର୍ଭଙ୍ଗପର୍ଯ୍ୟୁତ୍ସୁକସ୍ୟ ।। ୧୧।।

❋ କାର୍ତ୍ତବୀର୍ଯ୍ୟାର୍ଜୁନର ଭୁଜ ରୂପକ ବନକୁ ଛେଦନ କରିବାରେ ତତ୍ପର ଥିବା କୁଠାର, ବାହୁରେ ପରିହିତ ରତ୍ନାଳଙ୍କାର ସହିତ ବରମ୍ବାର ଘର୍ଷି ହୋଇ ଏପରି ମହତ୍ ତେଜ ଧାରଣ କଲା ଯେ ତାହାଦ୍ୱାରା ଦ୍ୱାଦଶ ସୂର୍ଯ୍ୟଙ୍କର ତେଜ ମଳିନ ପଡ଼ିଗଲା । ସେହି କୁଠାର ଦ୍ୱାରା କ୍ଷତ୍ରିୟବଂଶ ସମୂହ ନିପାତ ହୋଇଯାଇଥିଲେ । ଶିବଧନୁକୁ ଉତ୍ସୁକ ହୋଇ ଭାଙ୍ଗି ଦେଇଥିବା ବ୍ୟକ୍ତିର ଏଇ ଘଟଣାବଳୀ କ'ଣ ଶ୍ରୁତିଗୋଚର ହୋଇ ନାହିଁ ?

अत्राग्निर्जमदग्निराश्रमपरैर्यैः श्रूयते श्रोत्रियैः
श्रूये चाहमहंयुभिर्नृपतिभिस्तत्रोभयसाक्षिणः ।
इक्ष्वाकोरथवा भृगोर्भगवतो भावी स्वधा विप्लवः
स्वाध्यायेन शपे शपे परशुना पत्या पशूनां शपे ।।१२।।

ଅତ୍ରାଗ୍ନିର୍ଜମଦଗ୍ନିରାଶ୍ରମପରୈର୍ଯୈଃ ଶ୍ରୂୟତେ ଶ୍ରୋତ୍ରିୟୈଃ
ଶ୍ରୂୟେ ଚାହମହଂୟୁଭିର୍ନୃପତିଭିସ୍ତତ୍ରୋଭୟସାକ୍ଷିଣଃ ।
ଇକ୍ଷ୍ୱାକୋରଥବା ଭୃଗୋର୍ଭଗବତୋ ଭାବୀ ସ୍ୱଧାବିପ୍ଲବଃ
ସ୍ୱାଧ୍ୟାୟେନ ଶପେ ଶପେ ପରଶୁନା ପତ୍ୟା ପଶୂନାଂ ଶପେ ॥୧୨॥

❊ ମହର୍ଷି ଜମଦଗ୍ନି ଥିଲେ ଅଗ୍ନି ସଦୃଶ ତେଜସ୍ୱୀ ମୁନି । ସେ ଆଶ୍ରମବାସୀ ବୈଦିକ ବ୍ରାହ୍ମଣ ବୋଲି ଶ୍ରୋତ୍ରିୟ ବ୍ରାହ୍ମଣମାନେ ଓ ଅହଙ୍କାରୀ କ୍ଷତ୍ରିୟମାନେ ଜାଣନ୍ତି । ସେମାନଙ୍କୁ ସାକ୍ଷୀରୂପେ ନେଇ ବେଦ ଓ କୁଠାରକୁ ଛୁଇଁ ମୁଁ ଶପଥ କରୁଛି ଯେ ଆଜି ପାଶୁପତ ଅସ୍ତ୍ର ଧରି ଯୁଦ୍ଧ କରିବି । ଏହି ଯୁଦ୍ଧରେ ଇକ୍ଷ୍ୱାକୁ ବଂଶର ଅଥବା ଭଗବାନ୍ ଭୃଗୁ ମୁନିଙ୍କ ବଂଶର ବିନାଶ ଘଟିବ, ଏଥିରେ ସନ୍ଦେହ ନାହିଁ ॥

क्व स दाशरथी रामो मद्यशश्चन्द्रवारितः ।
पुरारेः कार्मुकं येन भग्नं तिष्ठति भार्गवे ॥१३॥
କ୍ୱ ସଃ ଦାଶରଥୀ ରାମୋ ମଦ୍‌ଯଶଶ୍ଚନ୍ଦ୍ରବାରିତଃ ।
ପୁରାରେଃ କାର୍ମୁକଂ ଯେନ ଭଗ୍ନଂ ତିଷ୍ଠତି ଭାର୍ଗବେ ॥୧୩॥

❊ ଭୃଗୁସୁତ ପରଶୁରାମ ବଞ୍ଚିଥାଉଁ ଥାଉଁ ଶିବଧନୁ ଭଗ୍ନ କରି ମୋର ଯଶ ରୂପକ ଚନ୍ଦ୍ରକୁ ଯେ ନଷ୍ଟ କରିଛି ସେହି ଦାଶରଥି ରାମ କିଏ, କେଉଁଠି ଅଛି ?

रामः - (सविनयम्)
बाह्वोर्बलं न विदितं न च कार्मुकस्य त्रैयम्बकस्य सुतरामयमेव दोषः ।
तच्चापलं परशुराम मम क्षमस्व डिम्भस्य दोर्विलिसितानि मुदे गुरूणाम् ॥१४॥
ରାମଃ - (ସବିନୟମ୍)
ବାହ୍ୱୋର୍ବଳଂ ନ ବିଦିତଂ ନ ଚ କାର୍ମୁକସ୍ୟ ତ୍ରୈୟମ୍ବକସ୍ୟ ସୁତରାମୟମେବ ଦୋଷଃ ।
ତଚ୍ଚାପଳଂ ପରଶୁରାମ ମମ କ୍ଷମସ୍ୱ ଡିମ୍ଭସ୍ୟ ଦୋର୍ବିଲସିତାନି ମୁଦେ ଗୁରୂଣାମ୍ ॥୧୪॥

❊ ଶ୍ରୀରାମଚନ୍ଦ୍ର (ବିନୀତଭାବେ) କହିଲେ ହେ ପରଶୁରାମ ! ଆପଣଙ୍କ ବାହୁବଳ କି ଶିବଧନୁର ଶକ୍ତି ବିଷୟରେ ମୁଁ କିଛି ଜାଣି ନାହିଁ । ଏହା ମୋର ଅପରାଧ । ଚଞ୍ଚଳମତି ବାଳକର ଦୋଷକୁ ଗୁରୁଜନମାନେ ଘେନା କରନ୍ତି ନାହିଁ । ତେଣୁ ଶିବଧନୁ ଭାଙ୍ଗି ବାହୁବଳ ଦେଖାଇଥିବାରୁ ଶିଶୁ ବୋଲି ଭାବି ମୋର ଦୋଷ କ୍ଷମା କରନ୍ତୁ ॥

स्पृष्टं वापि न वा स्पृष्टं कार्मुकं पुरवैरिणः ।
भगवनात्मना भग्नं त्वं करोषि करोमि किम् ॥१५॥
ସ୍ପୃଷ୍ଟଂ ବାପି ନ ବା ସ୍ପୃଷ୍ଟଂ କାର୍ମୁକଂ ପୁରବୈରିଣଃ ।
ଭଗବନାତ୍ମନା ଭଗ୍ନଂ ତ୍ୱଂ କରୋଷି କରୋମି କିମ୍ ॥୧୫॥

❋ ମୁଁ ଛୁଇଁଛି କି ନାହିଁ ଶିବଧନୁ ମନକୁ ମନ ଭାଙ୍ଗିପଡିଲା । ଆପଣ ବିଚାର କରନ୍ତୁ ଏଥିରେ ମୋର ଦୋଷ କଣ ?

हारः कण्ठे विशतु यदि वा तीक्ष्णधारः कुठारः
स्त्रीणां नेत्राण्यधिवसतु नः कज्जलं वा जलं वा ।
संपश्यामो ध्रुवमिह सुखं प्रेतभर्त्तुर्मुखं वा
यद्वा तद्वा भवतु न वयं ब्राह्मणेषु प्रवीराः ॥१६॥

ହାରଃ କଣ୍ଠେ ବିଶତୁ ଯଦି ବା ତୀକ୍ଷ୍ଣଧାରଃ କୁଠାରଃ
ସ୍ତ୍ରୀଣାଂ ନେତ୍ରାଣ୍ୟଧିବସତୁ ନଃ କଜ୍ଜଳଂ ବା ଜଳଂ ବା ।
ସଂପଶ୍ୟାମୋ ଧ୍ରୁବମିହ ସୁଖଂ ପ୍ରେତଭର୍ତ୍ତୁର୍ମୁଖଂ ବା
ଯଦ୍ୱା ତଦ୍ୱା ଭବତୁ ନ ବୟଂ ବ୍ରାହ୍ମଣେଷୁ ପ୍ରବୀରାଃ ॥୧୬॥

❋ ଶ୍ରୀରାମଚନ୍ଦ୍ର ପୁଣି କହିଲେ ଆମର କଣ୍ଠରେ ରତ୍ନହାର ଶୋଭାପାଉ କି ଆପଣଙ୍କ କୁଠାର ପଡୁ, ଆମର ପତ୍ନୀମାନଙ୍କ ନେତ୍ର କଜ୍ଜଳରେ ମଣ୍ଡିତ ହେଉ କି ଅଶ୍ରୁଜଳରେ ଆପ୍ଳୁତ ହେଉ ଏବଂ ଆମେ ସୁଖୀ ହେଉ କି ପ୍ରେତପତି ଯମଙ୍କର ମୁଖ ଦର୍ଶନ କରୁ, ଯାହା ହେବାର ହେଉ ପଛକେ ଆପଣଙ୍କ ପରି ଶ୍ରେଷ୍ଠ ବ୍ରାହ୍ମଣ ଓ ମହାବୀରଙ୍କ ସହିତ ଯୁଦ୍ଧ କରିବୁ ନାହିଁ ॥

अयं कण्ठः कुठारस्ते कुरु राम यथोचितम् ।
निहन्तुं हन्त गोविप्रान्न शूरा रघुवंशजाः ॥१७॥

ଅୟଂ କଣ୍ଠଃ କୁଠାରସ୍ତେ କୁରୁ ରାମ ଯଥୋଚିତମ୍ ।
ନିହନ୍ତୁଂ ହନ୍ତ ଗୋବିପ୍ରାନ୍ନ ଶୂରା ରଘୁବଂଶଜାଃ ॥୧୭॥

❋ ହେ ପରଶୁରାମ ! ଏହି ତ ଆପଣଙ୍କ କୁଠାର ଏବଂ ଏଇ ମୋ କଣ୍ଠ । ଆପଣ ମୋତେ ହତ୍ୟା କରିବା ପାଇଁ ଯାହା ଉଚିତ ମନେ କରୁଛନ୍ତି କରନ୍ତୁ । କିନ୍ତୁ ଆପଣଙ୍କୁ ସୂଚାଇ ଦେବାକୁ ଚାହେଁ ଯେ ରଘୁବଂଶରେ ପୂର୍ବେ ଜନ୍ମ ଗ୍ରହଣ କରିଥିବା ବୀରମାନେ କେବେହେଲେ ଗୋବ୍ରାହ୍ମଣଙ୍କ ପ୍ରତି ହିଂସାଚରଣ କରି ନାହାନ୍ତି ॥

बालस्वभावसुलभेन कुतूहलेन कृष्टं धनुर्भगवतो वृषभध्वजस्य ।
तत्रानुषङ्गिकममङ्गलमीदृशं तु तं वृत्तमत्र न मया गणितस्त्वमासीः ॥१८॥

ବାଲସ୍ୱଭାବସୁଲଭେନ କୁତୂହଲେନ କୃଷ୍ଟଂ ଧନୁର୍ଭଗବତୋ ବୃଷଭଧ୍ୱଜସ୍ୟ ।
ତତ୍ରାନୁଷଙ୍ଗିକମମଙ୍ଗଳମୀଦୃଶଂ ତୁ ତଂ ବୃତ୍ତମତ୍ର ନ ମୟା ଗଣିତସ୍ତ୍ୱମାସୀଃ ॥୧୮॥

❋ ବାଲସୁଲଭ ଚପଳତା ହେତୁ କୌତୁକବଶତଃ ଭଗବାନ୍ ବୃଷଭଧ୍ୱଜ ଶିବଙ୍କ ଧନୁକୁ ଭାଙ୍ଗି ଦେଇଛି ; କିନ୍ତୁ ଏହାଦ୍ୱାରା ବର୍ତ୍ତମାନ ପରି ଏକ ଅମଙ୍ଗଳକର ଘଟଣା ଘଟିବ ବୋଲି ମୁଁ ପୂର୍ବରୁ ଜାଣି ନ ଥିଲି ॥

परशुराम: - (रामं प्रति)

महासेनो यस्य प्रमदयमदंष्ट्रासहचरैः
शरैर्मुक्तो जीवन् द्विरिव शरजन्मा समभवत्।
भुजाभ्यां यो वीरान् जयदपि च वंश्यान् वसुमती-
मयं वीरः कस्मात्स्मरणविषयं नागमदहो ॥१९॥

ପରଶୁରାମଃ – (ରାମଂ ପ୍ରତି)

ମହାସେନୋ ଯସ୍ୟ ପ୍ରମଦଯମଦଂଷ୍ଟ୍ରା ସହଚରୈଃ
ଶରୈର୍ମୁକ୍ତୋ ଜୀବନ୍ ଦ୍ୱିରିବ ଶରଜନ୍ମା ସମଭବତ୍ ।
ଭୁଜାଭ୍ୟାଂ ଯୋ ବୀରାନ୍ ଜୟଦପି ଚ ବଂଶ୍ୟାନ୍ ବସୁମତୀ-
ମୟଂ ବୀରଃ କସ୍ମାତ୍ସ୍ମରଣବିଷୟଂ ନାଗମଦହୋ ॥୧୯॥

❋ ପରଶୁରାମ (ଶ୍ରୀରାମଙ୍କୁ ଲକ୍ଷ୍ୟ କରି) କହିଲେ, ମୁଁ ତୁମର କଥା ଶୁଣି ଆଶ୍ଚର୍ଯ୍ୟ ହେଉଛି । ଯମର ତୀକ୍ଷ୍ଣ ଦନ୍ତ ସଦୃଶ ମୋର ନିକ୍ଷିପ୍ତ ବାଣ ମୁଖରୁ ନିଜର ଜୀବନ ରକ୍ଷା କରି କାର୍ତ୍ତିକେୟ ଶରଜନ୍ମା ନାମରେ ସର୍ବତ୍ର ପରିଚିତ ହେଲେ । ମୋର ଏଇ ବାହୁର ବଳରେ ପୃଥିବୀରେ ଯେତେ କ୍ଷତ୍ରିୟ ଥିଲେ ସମସ୍ତଙ୍କୁ ଜୟ କଲି । ତିନିଭୁବନରେ ଏହା କାହାକୁ ଅଜଣା ନାହିଁ । ମୋର ବୀରତ୍ୱ କାହାଣୀ ତୁ କିପରି ଜାଣିପାରିଲୁ ନାହିଁ ?

अथ युद्धोद्यते परशुरामे रामः प्राह-

भो ब्रह्मन् भवता समं न घटते संग्रामवार्त्तापि न
सर्वे हीनबला वयं बलवतां यूयं स्थिता मूर्द्धनि ।
यस्मादेकगुणं शरासनमिदं सुव्यक्तमुर्वीभुजा-
मस्माकं भवतां पुनर्नवगुणं यज्ञोपवीतं बलम् ॥२०॥

ଅଥ ଯୁଦ୍ଧୋଦ୍ୟତେ ପରଶୁରାମେ ରାମଃ ପ୍ରାହ

ଭୋ ବ୍ରହ୍ମନ୍ ଭବତା ସମଂ ନ ଘଟତେ ସଂଗ୍ରାମବାର୍ତ୍ତାପି ନ
ସର୍ବେ ହୀନବଳା ବୟଂ ବଳବତାଂ ଯୂୟଂ ସ୍ଥିତା ମୂର୍ଦ୍ଧନି ।
ଯସ୍ମାଦେକଗୁଣଂ ଶରାସନମିଦଂ ସୁବ୍ୟକ୍ତମୁର୍ବୀଭୁଜା-
ମସ୍ମାକଂ ଭବତାଂ ପୁନର୍ନବଗୁଣଂ ଯଜ୍ଞୋପବୀତଂ ବଳମ୍ ॥୨୦॥

❋ ପରଶୁରାମଙ୍କୁ ଯୁଦ୍ଧ ପାଇଁ ଉଦ୍ୟତ ହେବାର ଦେଖି ଶ୍ରୀରାମ କହିଲେ - ହେ ବ୍ରହ୍ମନ୍! ଯୁଦ୍ଧ କରିବା ଦୂରେ ଥାଉ, ଆପଣଙ୍କ ସହିତ ଯୁଦ୍ଧ ବିଷୟରେ କଥାବାର୍ତ୍ତା ହେବା ମଧ୍ୟ ଉଚିତ ମନେ ହେଉ ନାହିଁ । ଆପଣ ବଳବାନ୍ ଓ ଆମେ ହୀନବଳ ବୋଲି ସମସ୍ତେ ଜାଣନ୍ତି । ଆମର ଏକମାତ୍ର ଗୁଣଯୁକ୍ତ ଧନୁ ଅଛି , କିନ୍ତୁ ଆପଣଙ୍କର ନବଗୁଣଯୁକ୍ତ ଯଜ୍ଞୋପବୀତ ଅଛି ॥ ତେଣୁ ସବୁ ଦୃଷ୍ଟିରୁ ଆମେ ଆପଣଙ୍କ ଠାରୁ ଦୁର୍ବଳ ॥

परशुराम: -

भस्माङ्कुरेति खुरलीकर हे कुमार मय्याक्षिपन् परुषरोषपरोऽन्धचेता: ।

दृष्टोऽस्यहं कृतमिथो हसितं शिवस्य ताच्चापभङ्गमपि हा मसृणं शृणोमि ॥२१॥

ପରଶୁରାମଃ -

ଭସ୍ମାଙ୍କୁରେତି ଖୁରଳୀକର ହେ କୁମାର ମଯ୍ୟାକ୍ଷିପନ୍‌ପରୁଷଶେଷପରୋଽନ୍ଧଚେତାଃ ।

ଦୃଷ୍ଟୋଽସ୍ମ୍ୟହଂ କୃତମିଥୋ ହସିତଂ ଶିବସ୍ୟ ତଚ୍ଚାପଭଙ୍ଗମପି ହା ମସୃଣ ଶୃଣୋମି ॥୨୧॥

❋ ପରଶୁରାମ କହିଲେ- ହେ କୁମାର ! ଯଜ୍ଞଭସ୍ମରୁ ତୁମର ଜନ୍ମ ଏବଂ ଅସ୍ତ୍ର ଶସ୍ତ୍ରରେ କି ଶିକ୍ଷା ଲାଭକରିଛ ? ତଥାପି ମୋତେ ଛଳନାପୂର୍ଣ୍ଣ କଟୁକଥା କହୁଛ । ତୁମେ ମୋତେ ଚିହ୍ନି ନାହଁ । ଅହଙ୍କାରବଶତଃ ଶିବଧନୁକୁ ସାମାନ୍ୟ ଧନୁ ବୋଲି କହି ଉପହାସ କରୁଛ ॥

दशरथ: - (सविनयं परशुरामं प्रति)

द्विजतिलक नमस्ते मुञ्च मुञ्च प्रकोपं कुरु करुणामिदानीं मानसम्मानशौण्ड: ।

बहसि रुषमनर्थं पुत्रभाण्डेऽपि रामे जगदभयकदानस्थूललक्षो भुजस्ते ॥२२॥

ଦଶରଥଃ - (ସବିନୟଂ ପରଶୁରାମଂ ପ୍ରତି)

ଦ୍ୱିଜତିଳକ ନମସ୍ତେ ମୁଞ୍ଚ ମୁଞ୍ଚ ପ୍ରକୋପଂକୁରୁ କରୁଣାମିଦାନୀଂ ମାନସମ୍ମାନଶୌଣ୍ଡଃ ।

ବହସି ରୁଷମନର୍ଥଂ ପୁତ୍ରଭାଣ୍ଡେଽପି ରାମେ ଜଗଦଭୟକଦାନସ୍ଥୂଲଲକ୍ଷୋ ଭୁଜସ୍ତେ ॥୨୨॥

❋ ରାଜା ଦଶରଥ (ବିନୟ ସହକାରେ ପରଶୁରାମଙ୍କୁ ଲକ୍ଷ୍ୟ କରି) କହିଲେ - ହେ ଦ୍ୱିଜଶ୍ରେଷ୍ଠ! ଆପଣଙ୍କ ପାଦତଳେ ପ୍ରଣାମ କରୁଛି । ଆପଣ କ୍ରୋଧ ଶାନ୍ତି କରନ୍ତୁ । ଆପଣ ପରମ ସମ୍ମାନନୀୟ ଓ ଜଗତରେ ଶ୍ରେଷ୍ଠ ବୀରଭାବେ ସୁବିଦିତ । ଆପଣଙ୍କ ପୁତ୍ର ତୁଲ୍ୟ ରାମ ପ୍ରତି ବୃଥାରେ ରୁଷ୍ଟ ହେଉଛନ୍ତି । ଦୋଷ ତା'ର କ୍ଷମା କରନ୍ତୁ । ଜଗତକୁ ଅଭୟ ଦାନ କରିଥିବା ହସ୍ତରେ ସଦୟ ହୋଇ ଆପଣ ରାମଙ୍କୁ ଆଶୀର୍ବାଦ ଦିଅନ୍ତୁ ॥

पुरमथनधनुर्विमर्द्दनोत्थं विदहदहर्निशमस्ति तीव्रमर्च्चि: ।

रघुकुलभवनेत्रवारिपूरैर्ध्रुवमिह शन्तिमिदं द्रुतं नयामि ॥२३॥

ପୁରମଥନଧନୁର୍ବିମର୍ଦ୍ଦନୋତ୍ଥଂ ବିଦହଦହର୍ନିଶମସ୍ତି ତୀବ୍ରମର୍ଚ୍ଚିଃ ।

ରଘୁକୁଳଭବନେତ୍ରବାରିପୂରୈର୍ଧ୍ରୁବମିହ ଶାନ୍ତମିଦଂ ଦ୍ରୁତଂ ନୟାମି ॥୨୩॥

❋ ପରଶୁରାମ କହିଲେ- ହେ ରାଜନ୍! ତୁମର ପୁତ୍ର ଶିବଧନୁ ଭାଙ୍ଗିଦେବାରୁ ମୋର ଯେଉଁ କ୍ରୋଧାଗ୍ନି ଜାତ ହେଲ, ସେଥିରେ ଦେହ ମୋର ଜଳି ଯାଉଛି । ରଘୁକୁଳ ନୟନୋଦ୍‌ଭବ ଅଶ୍ରୁବାରି ପ୍ରବାହରେ ମୋର ହୃଦୟ ବହ୍ନି ନିଶ୍ଚୟ ଶୀତଳ ହେବ ॥

रामः परशुरामं प्रति-

भूमात्रं कियदेतदर्णवमितं तन्निर्जितं हार्य्यते

यद्वीरेण भवादृशेन ददता त्रिःसप्तकृत्वो जयम् ।

डिम्भोऽहं नववाहुरीदृशमिदं घोरं च वीरव्रतं

तत्क्रोधाद्विरम प्रसीद भगवन् जात्येव पूज्योऽसि नः ॥२४॥

ରାମଃ ପରଶୁରାମଂ ପ୍ରତି

ଭୂମାତ୍ରଂ କିୟଦେତଦର୍ଣ୍ଣବମିତଂ ତନ୍ନିର୍ଜିତଂ ହାର୍ଯ୍ୟତେ

ଯଦ୍‌ବୀରେଣ ଭବାଦୃଶେନ ଦଦତା ତ୍ରିଃସପ୍ତକୃତ୍ୱୋ ଜୟମ୍ ।

ଡିମ୍ଭୋଽହଂ ନବବାହୁରୀଦୃଶମିଦଂ ଘୋରଂ ଚ ବୀରବ୍ରତଂ

ତତ୍ କ୍ରୋଧାଦ୍ ବିରମ ପ୍ରସୀଦ ଭଗବନ୍ ଜାତ୍ୟୈବ ପୂଜ୍ୟୋଽସି ନଃ ॥୨୪॥

❊ . ପରଶୁରାମଙ୍କ ବଚନ ଶୁଣି ଶ୍ରୀରାମଚନ୍ଦ୍ର କହିଲେ ହେ ଭଗବନ୍ ! ଆପଣ ବାହୁବଳରେ ତ୍ରିଭୁବନ ଜୟ କରିଛନ୍ତି । ସସାଗରାଧରା ମଧ୍ୟରେ ଆପଣ ହିଁ ଏକମାତ୍ର ବୀର, ଯେ ପୃଥିବୀକୁ ଏକୋଇଶବାର ନିଃକ୍ଷତ୍ରିୟ କରିବାରେ ଯଶସ୍ୱୀ ହୋଇଛନ୍ତି । ଆପଣଙ୍କ ପରି ଶ୍ରେଷ୍ଠ ବୀରଙ୍କ ଆଗରେ ଆମ ପରି ବାଳକର ବୀରତ୍ୱ କିଛି ନୁହେଁ । ବୀରବ୍ରତ ରକ୍ଷା ଏକ ଭୟଙ୍କର କାର୍ଯ୍ୟ । ତେଣୁ ଆପଣ କ୍ରୋଧ ଶାନ୍ତି କରନ୍ତୁ, କାରଣ ଜନ୍ମରୁହିଁ ଆପଣ ଆମର ପୂଜ୍ୟ ॥

परशुरामः- आः पाप क्षत्रियडिम्भः जात्येव पूज्यस्ते परशुरामः

एतच्छ्रुत्वा लक्ष्मणः सक्रोधमाह ।

पुरोजन्मा नाद्यप्रभृति मम राम स्वयमहं

न पुत्रः पौत्रो वा रघुकुलभवां च क्षितिभुजाम् ।

अधीरं धीरं वा कलयतु जनो मामयमयं

मया बद्धो दुष्टद्विजदमनदीक्षापरिकरः ॥२५॥

ପରଶୁରାମଃ – ଆଃ ପାପ କ୍ଷତ୍ରିୟଡିମ୍ଭ । ଜାତ୍ୟୈବ ପୂଜ୍ୟସ୍ତେ ପରଶୁରାମଃ ।

ଏତତ୍ ଶ୍ରୁତ୍ୱା ଲକ୍ଷ୍ମଣଃ ସକ୍ରୋଧମାହ ।

ପୁରୋଜନ୍ମା ନାଦ୍ୟପ୍ରଭୃତି ମମ ରାମ ସ୍ୱୟମହଂ

ନ ପୁତ୍ରଃ ପୌତ୍ରୋ ବା ରଘୁକୁଳଭବାଂ ଚ କ୍ଷିତିଭୁଜାମ୍ ।

ଅଧୀରଂ ଧୀରଂ ବା କଳୟତୁ ଜନୋ ମାମୟମୟଂ

ମୟା ବଦ୍ଧୋ ଦୁଷ୍ଟଦ୍ୱିଜଦମନଦୀକ୍ଷା ପରିକରଃ ॥୨୫॥

❊ ପରଶୁରାମ କହିଲେ ରେ ପାପିଷ୍ଠ କ୍ଷତ୍ରିୟଶିଶୁ, କେବଳ ଜାତିରେ କଣ ମୁଁ ଜଗତ୍‌ପୂଜ୍ୟହୋଇଛି ? ଏହା ଶୁଣି ଲକ୍ଷ୍ମଣ କ୍ରୋଧାନ୍ୱିତ ହୋଇ କହିଲେ- ହେ ଭଗବନ୍ ! ମୋର ଅଗ୍ରଜ

ରାମ ଆଉ ମୁଁ ରଘୁବଂଶୀୟ ରାଜାମାନଙ୍କର ପୁତ୍ର ବା ପୌତ୍ର ନୋହୁ । ଲୋକେ ମୋତେ ପଣ୍ଡିତ କହନ୍ତୁ କି ମୂର୍ଖ କହନ୍ତୁ ସେଥିରେ ମୋର ତିଳେ ହେଲେ ଦୁଃଖ ନାହିଁ । କିନ୍ତୁ ଆଜିଠାରୁ ବ୍ରାହ୍ମଣମାନଙ୍କୁ ଦମନ କରିବାର ବ୍ରତ ମୁଁ ଗ୍ରହଣ କଲି ॥

रामः - (सानुनयम्)

शिशुना लक्ष्मणेनेदं यद्वा तद्वा प्रलप्यताम् ।
संग्रामो नास्ति मे यस्मात्सर्वेषां त्वं शिरोमणिः ॥२६॥

ରମଃ - (ସାନୁନୟମ୍)

ଶିଶୁନା ଲକ୍ଷ୍ମଣେନେଦଂ ଯଦ୍ୱା ତଦ୍ୱା ପ୍ରଲପ୍ୟତାମ୍ ।
ସଂଗ୍ରାମୋ ନାସ୍ତି ମେ ଯସ୍ମାତ୍ ସର୍ବେଷାଂ ତ୍ୱଂ ଶିରୋମଣିଃ ॥୨୬॥

❊ ଶ୍ରୀରାମଚନ୍ଦ୍ର-(ବିନୟର ସହିତ) କହିଲେ- ହେ ବୀର ! ଅଜ୍ଞାନ ବାଳକ ଲକ୍ଷ୍ମଣ କିଛି ନ ଜାଣି ଏଣୁତେଣୁ କହୁଛି । ସର୍ବଜନ ଶିରୋମଣି ହୋଇଥିବାରୁ ଆପଣଙ୍କ ସହିତ ମୋର ଯୁଦ୍ଧ କରିବାର ପ୍ରଶ୍ନହିଁ ଉଠୁ ନାହିଁ ତେଣୁ ଲକ୍ଷ୍ମଣ କଥାକୁ ଆପଣ ହୃଦୟରେ ସ୍ଥାନ ଦିଅନ୍ତୁ ନାହିଁ ॥

परशुरामः -

सहदशरथमद्योत्कृत्य पुत्रैश्चतुर्भिर्जनककुलकबन्धैःस्कन्धनिर्गत्वराभिः ।
नवरुधिरलताभिः क्लृप्तलीलां गतां तां णभुवमथ रौद्रीं रुद्रशिष्यः करोमि ॥२७॥

ପରଶୁରାମଃ -

ସହଦଶରଥମଦ୍ୟୋତ୍କୃତ୍ୟ ପୁତ୍ରୈଶ୍ଚତୁର୍ଭି -
ର୍ଜନକକୁଳକବନ୍ଧୈ ସ୍କନ୍ଧନିର୍ଗତ୍ୱରାଭିଃ ।
ନବରୁଧିରଲତାଭିଃ କ୍ଳୃପ୍ତଲୀଳାଂ ଗତାଂ ତାଂ
ରଣଭୁବମଥ ରୌଦ୍ରୀଂ ରୁଦ୍ରଶିଷ୍ୟଃ କରୋମି ॥୨୭॥

❊ ପରଶୁରାମ କହିଲେ - ଦଶରଥଙ୍କ ସହିତ ଚାରି ପୁଅଙ୍କୁ ଯୁଦ୍ଧରେ ସଂହାର କରିବି, ଜନକକୁଳରେ କବନ୍ଧ ନଚାଇବି ଏବଂ ଯୁଦ୍ଧଭୂମିରେ ରକ୍ତର ଧାରା ବୁହାଇ ଦେବି । ସେହି ରକ୍ତପାନ କରି ଚଣ୍ଡୀଗଣ ସନ୍ତୁଷ୍ଟ ହେବେ । ମୁଁ ଯେ ରୁଦ୍ରଶିଷ୍ୟ ତାହା ଆଜି ସତ୍ୟରେ ପରିଣତ କରିବି ॥

श्रीरामः -

जातः सोऽहं दिनकरकुले क्षत्रियः क्षत्रियेभ्यो
विश्वामित्रादपि भगवतो दृष्टदिव्यास्त्रपारः ।
अस्मिन् वंशे कथयतु जनो दुर्यशो वा यशो वा
विप्रे शस्त्रग्रहणगुरुणः साहसिक्याद्विभेमि ॥२८॥

ଶ୍ରୀରାମଃ -

ଜାତଃ ସୋଽହଂ ଦିନକରକୁଳେ କ୍ଷତ୍ରିୟଃ କ୍ଷତ୍ରିୟେଭ୍ୟୋ
ବିଶ୍ୱାମିତ୍ରାଦପି ଭଗବତୋ ଦୃଷ୍ଟଦିବ୍ୟାସ୍ତ୍ରପାରଃ ।
ଅସ୍ମିନ୍ ବଂଶେ କଥୟତୁ ଜନୋ ଦୁର୍ଯଶୋ ବା ଯଶୋ ବା
ବିପ୍ରେ ଶସ୍ତ୍ରଗ୍ରହଣଗୁରୁଣଃ ସାହସିକ୍ୟାଦ୍ ବିଭେମି ॥୨୮॥

❋ ଶ୍ରୀରାମଚନ୍ଦ୍ର କହିଲେ - ହେ ଦ୍ୱିଜବର ! ମୋର ଜନ୍ମ ସୂର୍ଯ୍ୟବଂଶରେ । ମୁଁ କ୍ଷତ୍ରିୟ କୁମାର । ଦୁଷ୍ଟ ନିବାରଣ ପାଇଁ ମୁଁ କ୍ଷତ୍ରିୟ ଗୁରୁ ଭଗବାନ୍ ବିଶ୍ୱାମିତ୍ରଙ୍କଠାରୁ ଶିକ୍ଷା ଲାଭକରି ଦିବ୍ୟାସ୍ତ୍ର ପ୍ରୟୋଗରେ ପାରଦର୍ଶୀ ହୋଇଛି । ବ୍ରାହ୍ମଣ ଆମର ଗୁରୁ । ତେଣୁ ସୂର୍ଯ୍ୟବଂଶର ସୁନାମ ହେଉ କି ଦୁର୍ନାମ ହେଉ ମୁଁ ବ୍ରାହ୍ମଣ ବିରୁଦ୍ଧରେ ଅସ୍ତ୍ରଧାରଣ କରିବି ନାହିଁ । ଏପରି ଦୁଃସାହସିକ କାର୍ଯ୍ୟ କରିବା ପାଇଁ ମୋର ଭୟ ହେଉଛି ॥

स्त्रीपु प्रवीर जननी जननी तवैव देवी स्वयं भगवती गिरिजापि यस्यै ।
त्वद्दोर्वशीकृतविशाखमुखावलोक व्रीडाविदीर्णहृदया स्पृहयांवभूव ॥२९॥

ସ୍ତ୍ରୀଷୁ ପ୍ରବୀରଜନନୀ ଜନନୀ ତବୈବ ଦେବୀ ସ୍ୱୟଂ ଭଗବତୀ ଗିରିଜାପି ଯସ୍ୟୈ ।
ତ୍ୱଦ୍ଦୋର୍ବଶୀକୃତ ବିଶାଖମୁଖାବଲୋକ ବ୍ରୀଡ଼ାବିଦୀର୍ଣ୍ଣହୃଦୟା ସ୍ପୃହୟାଂବଭୂବ ॥୨୯॥

❋ ଜଗତର ନାରୀମାନଙ୍କ ମଧ୍ୟରେ ବୀର ପ୍ରସବିନୀ ଆପଣଙ୍କ ଜନନୀ ଶ୍ରେଷ୍ଠସ୍ଥାନୀୟା ସ୍ୱୟଂ ଭଗବତୀ ପାର୍ବତୀ ଆପଣଙ୍କ ସହିତ ଯୁଦ୍ଧରେ ପରାଜିତ ବୀର କାର୍ତ୍ତିକେୟଙ୍କୁ ଦେଖି ଲଜ୍ଜିତା, ଚିନ୍ତିତା ଓ ମନେ ମନେ ଦୁଃଖିତା ହୋଇଥିଲେ ॥

श्रीरामं प्रति परशुराम:-

तच्चापमीशभुजपीड़नपीतसारं प्रागप्यभज्यत भवांस्तु निमित्तमात्रम् ।
राजन्यकप्रधनसाधनमस्मदीयमाकर्ष कार्मुकमिदं गरुडध्वजस्य ॥३०॥

ଶ୍ରୀରାମଂ ପ୍ରତି ପରଶୁରରାମଃ-

ତଚ୍ଚାପମୀଶଭୁଜପୀଡ଼ନପୀତସାରଂ ପ୍ରାଗପ୍ୟଭଜ୍ୟତ ଭବାଂସ୍ତୁ ନିମିତ୍ତମାତ୍ରମ୍ ।
ରାଜନ୍ୟକପ୍ରଧନସାଧନମସ୍ମଦୀୟମାକର୍ଷ କାର୍ମୁକମିଦଂ ଗରୁଡ଼ଧ୍ୱଜସ୍ୟ ॥୩୦॥

❋ ଶ୍ରୀରାମଚନ୍ଦ୍ରଙ୍କୁ ଲକ୍ଷ୍ୟ କରି ପରଶୁରାମ କହିଲେ, ଶିବ ଯେଉଁ ଧନୁଃଶରକୁ ଧାରଣ କରିଥିଲେ ତାହା ପ୍ରାଚୀନ ଓ ଜୀର୍ଣ୍ଣ ହୋଇଥିବାରୁ ଆପେ ଆପେ ଭାଙ୍ଗିପଡ଼ିଲା । ତୁମେ ହୋଇଥିଲ ତାର ନିମିତ୍ତ ମାତ୍ର । ମୁଁ ଏବେ ଧାରଣ କରିଥିବା ଧନୁକୁ ପୂର୍ବେ ନାରାୟଣ ବହନ କରୁଥିଲେ । ତୁମର ବାହୁବଳ ଯଦି ଅଛି ତେବେ ଗରୁଡଧ୍ୱଜ ବିଷ୍ଣୁଙ୍କ ଏଇ ଧନୁରେ ଶର ସନ୍ଧାନ କର ॥

रामो नाटयति-

रामस्तदादाय धनुः सहेलं बाणं च संयोज्य यदा चकर्ष ।
भाति स्म साक्षान्मकरध्वजो वारार्तिं प्रचिच्छेद च भार्गवस्य ॥३१॥

ରାମୋ ନାଟୟତି -

ରାମସ୍ତଦାଦାୟ ଧନୁଃ ସହେଳଂ ବାଣଂ ଚ ସଂଯୋଜ୍ୟ ଯଦା ଚକର୍ଷ ।
ଭାତି ସ୍ମ ସାକ୍ଷାନ୍ମକରଧ୍ୱଜୋ ବାରାର୍ତିଂ ପ୍ରଚିଚ୍ଛେଦ ଚ ଭାର୍ଗବସ୍ୟ ॥୩୧॥

❋ ଶ୍ରୀରାମଚନ୍ଦ୍ର ବୀର ପରଶୁରାମଙ୍କଠାରୁ ଅବଲୀଳାକ୍ରମେ ଧନୁଟି ଆଣି ସେଥିରେ ବାଣ ସଂଯୋଜନ ପୂର୍ବକ ଆମନ୍ଥନ କଲାବେଳେ କନ୍ଦର୍ପତୁଲ୍ୟ ଶୋଭା ଧାରଣ କଲେ ଏବଂ ସେହି ବାଣ ନିକ୍ଷେପ କରି ଭାର୍ଗବଙ୍କର କ୍ରୋଧାଦି ଶତ୍ରୁଙ୍କୁ ଛେଦି ପକାଇଲେ ॥

सीता नाटयति -

तच्चापमाकर्षति सा तदानीमाकारगुप्तासि विशालनेत्रा ।
सासूयमैक्षिष्ट विदेहकन्या कन्यां किमन्यां परिणेष्यतीति ॥३२॥

ସୀତା ନାଟୟତି -

ତଚ୍ଚାପମାକର୍ଷତି ସା ତଦାନୀମାକାରଗୁପ୍ତାସି ବିଶାଳନେତ୍ରା ।
ସାସୂୟମୈକ୍ଷିଷ୍ଟ ବିଦେହକନ୍ୟା କନ୍ୟାଂ କିମନ୍ୟାଂ ପରିଣେଷ୍ୟତୀତି ॥୩୨॥

❋ ଶ୍ରୀରାମଚନ୍ଦ୍ର ଯେତେବେଳେ ଧନୁରେ ଶରଦେଇ ଆକାର୍ଷଣ କଲେ ସେତେବେଳେ ବିଶାଳନେତ୍ରୀ ଦେବୀ ସୀତା ନିଜକୁ ଲୁଚାଇ ରଖିଲେ ଏବଂ ଅନ୍ୟ କୌଣସି କନ୍ୟାକୁ ବିବାହ କରିବେ ବୋଲି ଭାବି ସେ ଈର୍ଷ୍ୟାବଶତଃ ଶ୍ରୀରାମଙ୍କୁ ହିଁ ଚାହିଁ ରହିଲେ ॥

कन्या काचिदिहापि कर्मणि पणः स्यादित्यसूयाबल-
त्सीतापाङ्गमयूखमांसलचलज्ज्योत्स्नाविलिप्तां दिवम् ।
कुर्वाणेन रघूद्वहेन चकृषे नारायणीयं धनुः
सन्धायाथ शरश्च भार्गवगतिच्छेदादमोघीकृतः ॥३३॥

କନ୍ୟା କାଚିଦିହାପି କର୍ମଣି ପଣଃ ସ୍ୟାଦିତ୍ୟସୂୟାବଲ-
ତ୍ସୀତାପାଙ୍ଗମୟୂଖମାଂସଳଚଳଜ୍ଜ୍ୟୋତ୍ସ୍ନାବିଲିପ୍ତାଂ ଦିବଃ ।
କୁର୍ବାଣେନ ରଘୂଦ୍ୱହେନ ଚକୃଷେ ନାରାୟଣୀୟଂ ଧନୁଃ
ସନ୍ଧାୟାଥ ଶରଶ୍ଚ ଭାର୍ଗବଗତିଚ୍ଛେଦାଦମୋଘୀକୃତଃ ॥୩୩॥

❋ ଶ୍ରୀରାମଚନ୍ଦ୍ର ଅନ୍ୟ କୌଣସି କନ୍ୟାର ପାଣିଗ୍ରହଣ କରିବା କଥା ମନେ ମନେ ଭାବିବାରୁ ଅସୂୟାବଶତଃ ଦେବୀ ସୀତାଙ୍କ ନୟନ ପ୍ରାନ୍ତରୁ ଏକ ଜ୍ୟୋତି ବାହାରି ସମଗ୍ର ଆକାଶକୁ

ବ୍ୟାପିଗଲା । ଏହି ସମୟରେ ରାମ ବୈଷ୍ଣବଧନୁ ଧରି ଏକ ଅମୋଘ ବାଣ ନିକ୍ଷେପ କଲେ । ସେହି ବାଣ ଦ୍ୱାରା ପରଶୁରାମଙ୍କର ସ୍ୱର୍ଗପଥ ଅବରୁଦ୍ଧ ହୋଇଗଲା ॥

भार्गव: - (सानुनयम्)

य: कार्त्तवीर्य्यस्य भुजान्सहस्रं चिच्छेद वीरो युधि जामदग्न्य:।
स सायके रामकराधिरूढे ब्राह्मण्य एव प्रणयी बभूव ॥३४॥

ଭାର୍ଗବଃ - (ସାନୁନୟମ୍)

ଯଃ କାର୍ତ୍ତବୀର୍ଯ୍ୟସ୍ୟ ଭୁଜାନ୍ ସହସ୍ରଂ ଚିଚ୍ଛେଦ ବୀରୋ ଯୁଧି ଜାମଦଗ୍ନ୍ୟଃ ।
ସ ସାୟକେ ରାମକରାଧିରୂଢେ ବ୍ରାହ୍ମଣ୍ୟ ଏବ ପ୍ରଣୟୀ ବଭୂବ ॥୩୪॥

※ ଭାର୍ଗବ- (ବିନୟର ସହିତ) କହିଲେ- ମୁଁ ବିଷ୍ଣୁଙ୍କର ଯେଉଁ ଧନୁଶର ଧରି ଯୁଦ୍ଧରେ' କାର୍ତ୍ତବୀର୍ଯ୍ୟର ସହସ୍ର ବାହୁ ଛେଦନ କରିଥିଲି, ସେହି ଧନୁଶର ଧାରଣ କରି ଶ୍ରୀରାମ ବ୍ରାହ୍ମଣ ହେଲେ । ଏହା କହି ପରଶୁରାମ ତମୋଗୁଣ ତ୍ୟାଗ କରି ଶ୍ରୀରାମଙ୍କ ପ୍ରତି ଶ୍ରଦ୍ଧାଭାବ ପୋଷଣ କଲେ ॥

यावद्धूर्जटिधर्मपुत्रपरशुक्षुण्णाखिलक्षत्रिय-
श्रेणीशोणितपिच्छिला वसुमती कोऽस्यामधास्यत्पदम् ।
त्रैलोक्याभयदानदक्षिणभुजावष्टम्भदिव्योदयो
देवोऽयं दिनकृत्कुलैकतिलको न प्राभविष्यद्यदि ॥३५॥

ଯାବଦ୍ଧୂର୍ଜଟିଧର୍ମପୁତ୍ରପରଶୁକ୍ଷୁଣ୍ଣାଖିଳକ୍ଷତ୍ରିୟ-
ଶ୍ରେଣୀଶୋଣିତପିଚ୍ଛିଳା ବସୁମତୀ କୋଽସ୍ୟାମଧାସ୍ୟତ୍ ପଦମ୍ ।
ତ୍ରୈଲୋକ୍ୟାଭୟଦାନ ଦକ୍ଷିଣଭୁଜାବଷ୍ଟମ୍ଭଦିବ୍ୟୋଦୟୋ
ଦେବୋଽୟଂ ଦିନକୃତ୍ କୁଳୈକତିଳକୋ ନ ପ୍ରାଭବିଷ୍ୟଦ୍ୟଦି ॥୩୫॥

※ ଧୂର୍ଜଟି ଶିବଙ୍କର ଧର୍ମପୁତ୍ର ପରଶୁରାମ କୁଠାର ଧାରଣ କରି ଯୁଦ୍ଧରେ କ୍ଷତ୍ରିୟ କୁଳକୁ ସଂହାର କରିଥିଲେ । କ୍ଷତ୍ରିୟମାନଙ୍କ ରକ୍ତରେ ସମଗ୍ର ଭୂଭାଗ ପିଚ୍ଛିଳ ଓ କର୍ଦ୍ଦମାକ୍ତ ହୋଇଗଲା । ଲୋକେ ଜୀବନଯାତ୍ରା ନିର୍ବାହ କରିପାରିଲେ ନାହିଁ । ଏହି ସମୟରେ ସୂର୍ଯ୍ୟବଂଶରେ ସୂର୍ଯ୍ୟ ପରି ବୀର ଶ୍ରୀରାମଚନ୍ଦ୍ର ଆବିର୍ଭୂତ ହେଲେ ଏବଂ ତାଙ୍କରି ବିଶାଳ ଭୁଜପ୍ରସାଦରୁ ଅଭୟ ଲାଭକରି ପୃଥିବୀବାସୀ ସମସ୍ତେ ଆନନ୍ଦରେ ରହିଲେ ॥

जामदग्न्यचरणे पतितो राम:-

उत्पत्तिर्जमदग्नित: स भगवान्देव: पिनाकीगुरु-
र्वीर्य्यं ते न गतं गिरामनुपथं व्यक्तं हि तत्कर्मभि: ।
त्याग: सप्तसमुद्रमुद्रितमहीनिर्व्याजदानावधि:
सत्यं ब्रह्मतपोनिधेर्भगवत: किं किं न लोकोत्तरम् ॥३६॥

ଜାମଦଗ୍ନ୍ୟଚରଣେ ପତତୋ ରାମଃ-

ଉତ୍ପତ୍ତିର୍ଜମଦଗ୍ନିତଃ ସ ଭଗବାନ୍ ଦେବଃ ପିନାକୀ ଗୁରୁ-
ର୍ବୀର୍ଯ୍ୟଂ ତେ ନ ଗତଂ ଗିରାମନୁପଥଂ ବ୍ୟକ୍ତଂ ହି ତତ୍ କର୍ମଭିଃ ।
ତ୍ୟାଗଃ ସପ୍ତସମୁଦ୍ରମୁଦ୍ରିତମହୀନିର୍ବ୍ୟାଜଦାନାବଧିଃ
ସତ୍ୟଂ ବ୍ରହ୍ମତପୋନିଧେର୍ଭଗବତଃ କିଂ କିଂ ନ ଲୋକୋତ୍ତରମ୍ ॥୩୬॥

❋ ଶ୍ରୀରାମଚନ୍ଦ୍ର ବୀର ପରଶୁରାମଙ୍କ ପାଦତଳେ ପଡ଼ି କହିଲେ ଭଗବନ୍! ଆପଣ ଋଷି ଜମଦଗ୍ନିଙ୍କ ପୁତ୍ର, କୈଳାସବାସୀ ଶିବ ହେଉଛନ୍ତି ଆପଣଙ୍କ ଗୁରୁ । ଆପଣଙ୍କ ପରାକ୍ରମ ଅବର୍ଣ୍ଣନୀୟ । ଆପଣ ସପ୍ତଦ୍ୱୀପା ପୃଥିବୀକୁ ଅକପଟ ଚିତ୍ତରେ ଦାନ କରିଛନ୍ତି । ସତ୍ୟବ୍ରତ ଆପଣ ବହୁ ଅସାଧାରଣ କାର୍ଯ୍ୟ କରିଛନ୍ତି ।

परशुराम: - (सदयम्)

ज्ञात्वावतारं रघुनन्दनस्य तदङ्गमालिङ्ग्य ततोऽतिगूढम् ।
विन्यस्य तस्मिन्जमदग्निसूनुस्तेजो महत्क्षत्रवधान्निवृत्त: ॥३७॥

ପରଶୁରାମଃ - (ସଦୟମ୍)

ଜ୍ଞାତ୍ୱାବତାରଂ ରଘୁନନ୍ଦନସ୍ୟ ତଦଙ୍ଗମାଲିଙ୍ଗ୍ୟ ତତୋଽତିଗୂଢମ୍ ।
ବିନ୍ୟସ୍ୟ ତସ୍ମିନ୍ ଜମଦଗ୍ନିସୂନୁସ୍ତେଜୋ ମହତ୍କ୍ଷତ୍ରବଧାନ୍ନିବୃତ୍ତଃ ॥୩୭॥

❋ ପରଶୁରାମ (ସଦୟହୋଇ) ବିଷ୍ଣୁଙ୍କ ଅବତାର ବୋଲି ଜାଣିପାରି ଶ୍ରୀରାମଙ୍କୁ ଆଲିଙ୍ଗନ କଲେ । ପରଶୁରାମଙ୍କଠାରେ ଥିବା ବୈଷ୍ଣବ ତେଜର ଅବଶେଷ ଶ୍ରୀରାମଙ୍କ ଦେହରେ ଲୀନ ହୋଇଗଲା ॥

ययौ रामं परिष्वज्य भार्गव: स्वीयमाश्रमम् ।
राजापि सहरामाद्यै: पुत्रैरुत्तरकोशलाम् ॥३८॥

ଯଯୌ ରାମଂ ପରିଷ୍ୱଜ୍ୟ ଭାର୍ଗବଃ ସ୍ୱୀୟମାଶ୍ରମମ୍ ।
ରାଜାପି ସହ ରାମାଦ୍ୟୈଃ ପୁତ୍ରୈରୁତ୍ତରକୋଶଲାମ୍ ॥୩୮॥

❋ ଶ୍ରୀରାମଙ୍କୁ ଆଲିଙ୍ଗନ କରି ପରଶୁରାମ ଆନନ୍ଦରେ ନିଜ ଆଶ୍ରମକୁ ଫେରିଗଲେ ଏବଂ ରାଜା ଦଶରଥ ମଧ୍ୟ ଆନନ୍ଦିତ ହୋଇ ପୁତ୍ରମାନଙ୍କ ସାଙ୍ଗରେ ଅଯୋଧ୍ୟା ଅଭିମୁଖେ ଯାତ୍ରା କଲେ ॥

रुद्ध्वा गतिं परशुराममुने: स नाकस्यामन्त्र्य सर्वसुजनान् पितृमातृवंश्यान् ।
सम्मान्य मान्यतमविप्रगुरुस्वजातीन् पित्रा समं निजपुरीं प्रजगाम राम: ॥३९॥

ରୁଦ୍ଧ୍ୱା ଗତିଂ ପରଶୁରାମମୁନେଃ ସ ନାକସ୍ୟାମନ୍ତ୍ର୍ୟ ସର୍ବ ସୁଜନାନ୍ ପିତୃମାତୃବଂଶ୍ୟାନ୍ ।
ସମ୍ମାନ୍ୟ ମାନ୍ୟତମବିପ୍ରଗୁରୁସ୍ୱଜାତୀନ୍ ପିତ୍ରା ସମଂ ନିଜପୁରୀଂ ପ୍ରଜଗାମ ରାମଃ ॥୩୯॥

❋ ଶ୍ରୀରାମଚନ୍ଦ୍ର ମୁନି ପରଶୁରାମଙ୍କର ସ୍ୱର୍ଗମାର୍ଗକୁ ଅବରୋଧ କରି ସମସ୍ତ ସୁଜନ, ପିତୃ ଓ ମାତୃବଂଶୀୟ ପରିଜନ ତଥା ବିପ୍ର, ଗୁରୁଜନ ଓ କ୍ଷତ୍ରିୟ ନୃପତିମାନଙ୍କୁ ଯଥାଯୋଗ୍ୟ ସମ୍ମାନ ଜଣାଇ ଅଯୋଧ୍ୟା ପୁରୀକୁ ପ୍ରସ୍ଥାନ କଲେ ॥

पुत्रौ समर्प्य स मुनी राज्ञा तेन सुपूजितः ।
विश्वामित्रः सशिष्यैश्च सहयातः स्वमाश्रमम् ॥४०॥
ପୁତ୍ରୌ ସମର୍ପ୍ୟ ସ ମୁନୀ ରାଜ୍ଞା ତେନ ସୁପୂଜିତଃ ।
ବିଶ୍ୱାମିତ୍ରଃ ସଶିଷ୍ୟୈଶ୍ଚ ସହଯାତଃ ସ୍ୱମାଶ୍ରମମ୍ ॥୪୦॥

❋ ରାମଲକ୍ଷ୍ମଣଙ୍କୁ ରାଜା ଦଶରଥଙ୍କ ନିକଟରେ ସମର୍ପଣ କରି ମୁନି ବିଶ୍ୱାମିତ୍ର ତାଙ୍କ ଦ୍ୱାରା ପୂଜିତ ଓ ଅଭ୍ୟର୍ଥିତ ହୋଇ ଶିଷ୍ୟମାନଙ୍କ ସହିତ ନିଜ ଆଶ୍ରମକୁ ପ୍ରସ୍ଥାନ କଲେ ॥

अत्रान्तरे जनकजारघुनन्दनौ च दृष्ट्वा चिरान्मदनबाणनिपीड़िताङ्गौ ।
गत्वास्तशैलशिखरं खररश्मिमाली हर्षात्पपात सलिले चरमस्य सिन्धोः ॥४१॥
ଅତ୍ରାନ୍ତରେ ଜନକଜାରଘୁନନ୍ଦନୌ ଚ ଦୃଷ୍ଟ୍ୱା ଚିରାନ୍ ମଦନବାଣନିପୀଡ଼ିତାଙ୍ଗୌ ।
ଗତ୍ୱାସ୍ତଶୈଳଶିଖରଂ ଖରରଶ୍ମିମାଳୀ ହର୍ଷାତ୍ ପପାତ ସଲିଳେ ଚରମସ୍ୟ ସିନ୍ଧୋଃ ॥୪୧॥

❋ ଏହାପରେ ଜନକନନ୍ଦିନୀ ସୀତା ଓ ରଘୁନନ୍ଦନ ଶ୍ରୀରାମଚନ୍ଦ୍ର ଦୀର୍ଘକାଳ ଧରି ମଦନଶରାଘାତରେ ନିପୀଡ଼ିତ ହେବାର ଦେଖି ରଶ୍ମିମାଳୀ ସୂର୍ଯ୍ୟ ଅସ୍ତାଚଳର ଶିଖରକୁ ଯାଇ ପଶ୍ଚିମସାଗର ଜଳରାଶିରେ ନିଜକୁ ହଜାଇ ଦେଲେ ॥

अस्तं याते सपदि नलिनीबान्धवे सिन्धुपुत्रे
प्राचीभागे सरसमुदिते पक्वनारङ्गकल्पे ।
रामः कामं गुरुजनगिरा मन्दिरं सुन्दरं स्वं
रम्भोरुस्तं जनकतनया नन्दयन्ती जगाम ॥४२॥
ଅସ୍ତଂ ଯାତେ ସପଦି ନଳିନୀବାନ୍ଧବେ ସିନ୍ଧୁପୁତ୍ରେ
ପ୍ରାଚୀଭାଗେ ସରସମୁଦିତେ ପକ୍ୱନାରଙ୍ଗକଳ୍ପେ ।
ରାମଃ କାମଂ ଗୁରୁଜନଗିରା ମନ୍ଦିରଂ ସୁନ୍ଦରଂ ସ୍ୱଂ
ରମ୍ଭୋରୁସ୍ତଂ ଜନକତନୟା ନନ୍ଦୟନ୍ତୀ ଜଗାମ ॥୪୨॥

❋ ନଳୀନୀବାନ୍ଧବ ଦିବାକର ଅସ୍ତ ହେବା ପରେ ସିନ୍ଧୁପୁତ୍ର ନିଶାକର ପୂର୍ବଦିଗରେ ପକ୍ୱ ନାରଙ୍ଗ ଫଳର କାନ୍ତି ଧରି ଉଦୟ ହେଲେ । ଗୁରୁଜନମାନଙ୍କର ଅନୁମତି ନେଇ ଶ୍ରୀରାମ ଆନନ୍ଦମୟୀ ରମ୍ଭୋରୁ ଜନକତନୟା ସୀତା ଅପେକ୍ଷା କରିଥିବା ନିଜର କମନୀୟ ଶୟନ ମନ୍ଦିରକୁ ଯାଇଥିଲେ ॥

प्राचीभागे सरागे तरणिविरहिणीक्लान्तमुद्रे समुद्रे
निद्रालौ नीरजालौ विकशति कुमुदे चक्रवाके सशोके ।

आकाशे सावकाशे तमसि शममिते निर्विकारे चकोरे
कन्दर्पऽनल्पदर्पे विकिरति किरणान् शर्वरीसार्वभौमः ॥४३॥
ପ୍ରାଚୀଭାଗେ ସରାଗେ ତରଣିବିରହିଣୀ କ୍ଳାନ୍ତମୁଦ୍ରେ ସମୁଦ୍ରେ
ନିଦ୍ରାଳୌ ନୀରଜାଳୌ ବିକଶତି କୁମୁଦେ ଚକ୍ରବାକେ ସଶୋକେ ।
ଆକାଶେ ସାବକାଶେ ତମସି ଶମମିତେ ନିର୍ବିକାରେ ଚକୋରେ
କନ୍ଦର୍ପେଽନଳ୍ପଦର୍ପେ ବିକିରତି କିରଣାନ୍ ଶର୍ବରୀସାର୍ବଭୌମଃ ॥୪୩॥

❋ ସୂର୍ଯ୍ୟ ଅସ୍ତ ହୋଇଗଲେ । ପୂର୍ବଦିଗରେ ନିଶାପତି ଚନ୍ଦ୍ର ଉଦୟ ହେବାରୁ ସମଗ୍ର ଆକାଶ ଚନ୍ଦ୍ର ଜ୍ୟୋସ୍ନାରେ ଆଲୋକିତ ହୋଇଗଲା । ପ୍ରିୟ ଦିବାକରଙ୍କ ବିରହ ବଶତଃ ପଦ୍ମିନୀ ସମୂହ ମୁଦ୍ରିତ ହୋଇଗଲେ । ସମୁଦ୍ରର ଉତ୍ତାଳ ତରଙ୍ଗରେ ଭଟ୍ଟା ପଡିଗଲା । କୁମୁଦ (କଇଁ) ବିକଶିତ ହେଲା । ଚକ୍ରବାକ ପକ୍ଷୀ ଶୋକରେ ବ୍ୟାକୁଳ ହେଲା । ଅନ୍ଧକାର ଦୂର ହେବାରୁ ଆକାଶ ନିର୍ମଳ ଦେଖାଗଲା । ଚକୋରର ଦୁଃଖ ଦୂର ହେଲା । କନ୍ଦର୍ପର ଦର୍ପ ବୃଦ୍ଧିଲାଭ କଲା ॥

स्वैरं कैरवकोरकान्विदलयन् यूनां मनः खेदय-
न्नम्भोजानि निमीलयन्मृगदृशां मानं समुन्मूलयन् ।
ज्योत्स्नां कन्दलयन्तमः कवलयन्नम्भोधिमुल्लोयन्
कोकानाकुलयन्दिशो धवलयन्निन्दुः समुज्जृम्भते ॥४४॥
ସ୍ୱୈରଂ କୈରବକୋରକାନ୍‌ବିଦଳୟନ୍ ଯୂନାଂ ମନଃ ଖେଦୟ
ନ୍ନମ୍ଭୋଜାନି ନିମୀଳୟନ୍ ମୃଗଦୃଶାଂ ମାନଂ ସମୁନ୍ମୂଳୟନ୍ ।
ଜ୍ୟୋସ୍ନାଂ କନ୍ଦଳୟନ୍ତମଃ କବଳୟନ୍ନମ୍ଭୋଧିମୁଲ୍ଲୋଳୟନ୍
କୋକାନାକୁଳୟନ୍ଦିଶୋ ଧବଳୟନ୍ନିନ୍ଦୁଃ ସମୁଜ୍ଜୃମ୍ଭତେ ॥୪୪॥

❋ ଧୀରେ ଧୀରେ କୁମୁଦ କଳିକାକୁ ବିକଶିତ କରି, ଯୁବକଯୁବତୀମାନଙ୍କ ହୃଦୟରେ ଦୁଃଖ ଦେଇ, ପଦ୍ମକୁ ନିମିଳିତ କରି, ମୃଗଦୃଶା ରମଣୀମାନଙ୍କର ଅଭିମାନକୁ ଦୂର କରି, ଶୁଭ୍ର ଜ୍ୟୋସ୍ନା ଦ୍ୱାରା ଅନ୍ଧକାରକୁ ବିନାଶ କରି, ସାଗରର ଜଳରାଶିକୁ ଉଦ୍‌ବେଳିତ କରି, କୋକ ପକ୍ଷୀକୁ ବ୍ୟାକୁଳିତ କରି ଓ ଚତୁର୍ଦ୍ଦିଗକୁ ଆଲୋକିତ କରି ଶର୍ବରୀଶ ଚନ୍ଦ୍ର ଉଦୟ ହେଲେ ॥

अद्यापि स्तनशैलदुर्गविषमे सीमन्तिनीनां हृदि
स्थातुं वाञ्छति मान एष धिगिति क्रोधादिवालोहितः ।
उद्यन्दूरतर प्रसारितकरः कर्षत्यसौ तत्क्षणात्
फुल्लत्कैरवकोषनिःसरदलिश्रेणीकृपाणं शशी ॥४५॥

ଅଦ୍ୟାପି ସ୍ତନଶୈଳଦୁର୍ଗବିଷମେ ସୀମନ୍ତିନୀନାଂ ହୃଦି
ସ୍ଥାତୁଂ ବାଞ୍ଛତି ମାନ ଏଷ ଧିଗିତି କ୍ରୋଧାଦିବାଲୋହିତଃ ।

ଉଦ୍ୟନ୍ ଦୂରତର ପ୍ରସାରିତକର କର୍ଷତ୍ୟସୌ ତତ୍କ୍ଷଣାତ୍
ଫୁଲ୍ଲତ୍ କୈରବକୋଷନିଃସରଦଳିଶ୍ରେଣୀକୃପାଣ ଶଶୀ ॥୪୫॥

❊ ଅଦ୍ୟାପି ନାରୀମାନଙ୍କ ହୃଦୟରେ ଗିରିଶୃଙ୍ଗ ପ୍ରାୟ ସ୍ତନଦ୍ୱୟର ଅବସ୍ଥିତି ହେତୁ ଅଭିମାନ ରହିବା ପାଇଁ ଇଚ୍ଛା କରିବା ଦୁଃଖର ବିଷୟ । ଏହା ଭାବି ନିଶାକର କ୍ରୋଧାନ୍ୱିତ ହୋଇ ଜ୍ୟୋତ୍ସ୍ନା ରୂପକ କରକୁ ପ୍ରସାରିତ କରି ତତ୍କ୍ଷଣାତ୍ ତାକୁ ଘୋଷାରି ଆଣି ପ୍ରସ୍ଫୁଟିତ କୁମୁଦରୁ ମଧୁ ଆସ୍ୱାଦନ କରୁଥିବା ଭ୍ରମର ଶ୍ରେଣୀ ରୂପକ କଟାରିରେ କାଟି ପକାଉଛି ॥

रामः सखीं प्रति-

कर्पूरैः किमपूरि किं मलयजेरालेपि किं पारदे -
रक्षालिस्फटिकान्तरैः किमघटि द्यावापृथिव्योर्वपुः ।
एतत्तर्कय कैरवक्लमहरे शृङ्गारदीक्षागुरौ
दिक्कान्तामुकुरे चकोरसुहृदि प्रौढे तुषारत्विषि ॥४६॥

ରାମଃ ସଖୀଂ ପ୍ରତି -

କର୍ପୂରୈଃ କିମପୂରି କିଂ ମଳୟଜୈରାଲେପି କିଂ ପାରଦୈ -
ରକ୍ଷାଳି ସ୍ଫଟିକାନ୍ତରୈଃ କିମଘଟି ଦ୍ୟାବାପୃଥିବ୍ୟୋର୍ବପୁଃ ।
ଏତତ୍ତର୍କୟ କୈରବକ୍ଲମହରେ ଶୃଙ୍ଗାରଦୀକ୍ଷାଗୁରୌ
ଦିକ୍କାନ୍ତାମୁକୁରେ ଚକୋରସୁହୃଦି ପ୍ରୌଢେ ତୁଷାରତ୍ୱିଷି ॥୪୬॥

❊ ଶ୍ରୀରାମଚନ୍ଦ୍ର ସଖୀଙ୍କୁ ଲକ୍ଷ୍ୟ କରି କହିଲେ, କୁମୁଦିନୀର ଦୁଃଖହରଣକାରୀ, ଶୃଙ୍ଗାରର ଦୀକ୍ଷାଗୁରୁ, ଚକୋରର ପରମମିତ୍ର, ପ୍ରୌଢ଼ ଚନ୍ଦ୍ରମା ପ୍ରାଚୀ ମୁକୁରରେ ଉଦୟ ହେବାରୁ ଆକାଶ ଓ ପୃଥିବୀର ଶରୀର କର୍ପୂରରଜ ଅଥବା ଚନ୍ଦନରେ ପୂର୍ଣ୍ଣ ହୋଇଛି ନା ପାରଦରେ ଲିପାଯାଇଛି କି ସ୍ଫଟିକରେ ଧୂଆ ହୋଇଛି ତାହା ବିଚାର କର ॥

यातस्यास्तमनन्तरं दिनकृतो रोषेण रागारुणं
स्वैरं शीतकरं करं कमलिनीमालिङ्गितुं योजयन् ।
शीतं स्पर्शमवाप्य संप्रति तया रुद्धे मुखाम्भोरुहे
हासेनेव कुमुद्वतीदयितया वैलक्ष्यपाण्डुकृतः ॥४७॥

ଯାତସ୍ୟାସ୍ତମନନ୍ତରଂ ଦିନକୃତୋ ରୋଷେଣ ରାଗାରୁଣଂ
ସ୍ୱୈରଂ ଶୀତକରଂ କରଂ କମଳିନୀମାଲିଙ୍ଗିତୁଂ ଯୋଜୟନ୍ ।
ଶୀତଂ ସ୍ପର୍ଶମବାପ୍ୟ ସଂପ୍ରତି ତୟା ରୁଦ୍ଧେ ମୁଖାମ୍ଭୋରୁହେ
ହାସେନୈବ କୁମୁଦ୍ୱତୀ ଦୟିତୟା ବୈଲକ୍ଷ୍ୟପାଣ୍ଡୁକୃତଃ ॥୪୭॥

❊ ଅସ୍ତସୂର୍ଯ୍ୟଙ୍କର ରକ୍ତିମ ଆଭାରେ ମଣ୍ଡିତ ଉଦିତ ଚନ୍ଦ୍ର ସୂର୍ଯ୍ୟପ୍ରିୟାକୁ ଆଲିଙ୍ଗନ କରିବା ପାଇଁ କର ପ୍ରସାରିତ କରିବାରୁ ଶୀତଳ ସ୍ପର୍ଶ ପାଇ ନଳିନୀ ନିଜର ମୁଖକୁ ମୁଦ୍ରିତ କରିଦେଲା । ଏହା

ଦେଖି କୁମୁଦିନୀ ହସି ଦେବାରୁ ଲଜ୍ଜାରେ ନିଶାକର ପାଣ୍ଡୁର ବର୍ଣ୍ଣଧାରଣ କଲା ॥

पञ्जरस्थिता मन्दिरसारिका सखीनां गमनाय आशिषं पठति -

चक्रक्रीडाकृतान्तस्तिमिरचयचमूस्फारसंहारचक्रं
कान्तः संयोगसाक्षी गगनसरसि यो राजते राजहंसः ।
सम्भोगारम्भकुम्भः कुमुदवनवधूबोधनिद्रादरिद्रो
देवः क्षीरोदजन्मा जयति रतिपतेर्बाणनिर्माणशाणः ॥४८॥

ପଞ୍ଜରସ୍ଥିତା ମନ୍ଦିରସାରିକା ସଖୀନାଂ ଗମନାୟ ଆଶିଷଂ ପଠତି-

ଚକ୍ରକ୍ରୀଡାକୃତାନ୍ତସ୍ତିମିରଚୟଚମୂସ୍ଫାରସଂହାରଚକ୍ରଂ
କାନ୍ତଃ ସଂଯୋଗସାକ୍ଷୀ ଗଗନସରସି ଯୋ ରାଜତେ ରାଜହଂସଃ ।
ସମ୍ଭୋଗାରମ୍ଭକୁମ୍ଭଃ କୁମୁଦବନବଧୂବୋଧନିଦ୍ରାଦରିଦ୍ରୋ
ଦେବଃ କ୍ଷୀରୋଦଜନ୍ମା ଜୟତି ରତିପତେର୍ବାଣନିର୍ମାଣଶାଣଃ ॥୪୮॥

❊ ପଞ୍ଜୁରୀରେ ଥିବା ସାରିକା ସଖୀମାନଙ୍କର ପ୍ରସ୍ଥାନ ପାଇଁ ଆଶୀର୍ବାଦ ବାକ୍ୟ ପାଠ କଲେ । ଚକ୍ରବାକର କ୍ରୀଡା ବିନାଶରେ ଯମ, ଅନ୍ଧକାର ଦୂର କରିବାରେ ଚକ୍ର, କାନ୍ତ ସହିତ ସଂଯୋଗ ସ୍ଥାପନରେ ସାକ୍ଷୀ ସଦୃଶ, ଗଗନ ରୂପକ ପୁଷ୍କରିଣୀରେ ରାଜହଂସ, ସମ୍ଭୋଗ ଆରମ୍ଭରେ ପୂର୍ଣ୍ଣକୁମ୍ଭତୁଲ୍ୟ, କୁମୁଦିନୀ ରୂପିଣୀ ବଧୂର ନିଦ୍ରାଭଙ୍ଗ କରିବାରେ ଦରିଦ୍ର, କ୍ଷୀରସାଗରରୁ ଜାତ କନ୍ଦର୍ପର ବାଣକୁ ଶାଣିତ କରିବାରେ ଦକ୍ଷ ଭଗବାନ୍ ଦେବ ନିଶାକର ଜୟଯୁକ୍ତ ହୁଅନ୍ତୁ ॥

इति श्रुत्वा सखीषु गतासु -

अङ्के कृत्वा जनकतनयां द्वारकोटेस्तटान्ता-
त्पर्यङ्काङ्के विपुलपुलको राघवो नम्रवक्त्राम् ।
बाणान् पञ्च प्रवदति जनः पञ्चबाणोऽप्रमाणै-
र्बाणैः किं मां प्रहरति शनैर्व्याहरन्नानिनाय ॥४९॥

ଇତି ଶ୍ରୁତ୍ୱା ସଖୀଷୁ ଗତାସୁ-

ଅଙ୍କେ କୃତ୍ୱା ଜନକତନୟାଂ ଦ୍ୱାରକୋଟେ ସ୍ତଟାନ୍ତା -
ତ୍ପର୍ଯଙ୍କାଙ୍କେ ବିପୁଳପୁଲକୋ ରାଘବୋ ନମ୍ରବକ୍ତ୍ରାମ୍ ।
ବାଣାନ୍ ପଞ୍ଚ ପ୍ରବଦତି ଜନଃ ପଞ୍ଚବାଣୋଽପ୍ରମାଣୈ -
ର୍ବାଣୈଃ କିଂ ମାଂ ପ୍ରହରତି ଶନୈର୍ବ୍ୟାହରନ୍ନାନିନାୟ ॥୪୯॥

❊ ସାରିକାର ବାକ୍ୟ ଶୁଣି ସଖୀଗଣ ବିଦାୟ ନେଇ ଯିବା ପରେ ଶ୍ରୀରାମଚନ୍ଦ୍ର, ପଞ୍ଚଶର କନ୍ଦର୍ପ ପାଞ୍ଚୋଟି ଯାକ ବାଣ ମୋ ଉପରେ କାହିଁକି ନିକ୍ଷେପ କରୁଛି ବୋଲି ଧୀରେ ଧୀରେ କହି ଦ୍ୱାରକୋଣସ୍ଥିତା ନମ୍ରମୁଖୀ ଜନକତନୟା ସୀତାଙ୍କୁ କୋଳେଇ ଧରି ପୁଲକିତ ହୋଇ ପଲ୍ୟଙ୍କ ଉପରକୁ ନେଇଗଲେ ॥

कपटेन

भाति स्म चित्तस्थितरामचन्द्रं सारुन्धतीनिर्गमशङ्कयेव ।

स्तनोपरि स्थापितपाणिपद्मा संजातनिद्रा हरिणायताक्षी ॥५०॥

କପଟେନ -

ଭାତି ସ୍ମ ଚିତ୍ତସ୍ଥିତରାମଚନ୍ଦ୍ରଂ ସାରୁନ୍ଧତୀ ନିର୍ଗମଶଙ୍କୟେବ ।

ସ୍ତନୋପରି ସ୍ଥାପିତପାଣିପଦ୍ମା ସଂଜାତନିଦ୍ରା ହରିଣାୟତାକ୍ଷୀ ॥୫୦॥

❊ ହୃଦୟସ୍ଥିତ ପ୍ରାଣବଲ୍ଲଭ ରାମଚନ୍ଦ୍ର କାଳେ ଛାଡ଼ି ଚାଲିଯିବେ ଏହି ଆଶଙ୍କାରେ ହରିଣନୟନା ସୀତା ସ୍ତନ ଉପରେ ନିଜର ପାଣିପଦ୍ମକୁ ସ୍ଥାପନ କରି ଅର୍ଥାତ କରପତ୍ରରେ ସ୍ତନଦ୍ୱୟକୁ ଘୋଡ଼ାଇରଖି କପଟ ନିଦ୍ରାରେ ଶୋଇପଡିଲେ ॥

सीतावक्षःस्थलस्थं भ्रमरमालोक्य रामो भावयति -

मदनदहनशुष्यत्कान्तकान्ताकुचान्ते

हृदि मलयजपङ्के गाढलग्नाखिलांघ्रिः ।

उपरि विततपक्षो लक्षतेऽलिर्निमग्नः

शर इव कुसुमेषोरेष पुंखावशेषः ॥५१॥

ସୀତାବକ୍ଷଃସ୍ଥଳସ୍ଥଂ ଭ୍ରମରମାଲୋକ୍ୟ ରାମୋ ଭାବୟତି-

ମଦନଦହନଶୁଷ୍ୟତ୍କାନ୍ତକାନ୍ତାକୁଚାନ୍ତେ

ହୃଦି ମଳୟଜପଙ୍କେ ଗାଢଲଗ୍ନାଖିଳାଂଘ୍ରିଃ ।

ଉପରି ବିତତପକ୍ଷୋ ଲକ୍ଷତେଽଳିର୍ନିମଗ୍ନଃ

ଶର ଇବ କୁସୁମୋଷୋରେଷ ପୁଂଖାବଶେଷଃ ॥୫୧॥

❊ ସୀତାଙ୍କ ବକ୍ଷୋପରି ସ୍ଥିତ ଭ୍ରମରକୁ ଦେଖି ଶ୍ରୀରାମ ଭାବିଲେ, ମଦନାନଳର ତାପରେ କାନ୍ତାର କମନୀୟ କୁଚପରିସରରେ ଲିପ୍ତ ଚନ୍ଦନ ଶୁଖିଯାଇଛି । ତେଣୁ ସେଥିରେ ବସିଥିବା ଭ୍ରମରର ପାଦ ଲାଖିଯିବାରୁ ସେ ଉଡି ଯାଇ ନ ପାରି ଡେଣା ମେଲାଇ ଉଡିବାକୁ ଚେଷ୍ଟା କରୁଛି । ରତିପତି କନ୍ଦର୍ପର ଏହା ଶେଷ ପୁଷ୍ପଶର ରୂପେ ପ୍ରତୀତ ହେଉଛି ।

तत्रावसरे -

पृथुलजघनभारं मन्दमान्दोलयन्ती मृदुचलदलकान्ताप्रस्फुरत्कर्णपूरा ।

प्रकटितभूजमूला दर्शितस्तन्यलीला प्रमदयति पतिं द्राग्जानकी व्याजनिद्रा ॥५२॥

ତତ୍ରା ବସରେ-

ପୃଥୁଳଜଘନଭାରଂ ମନ୍ଦମାନ୍ଦୋଳୟନ୍ତୀ ମୃଦୁଚଳଦଳକାନ୍ତା ପ୍ରସ୍ଫୁରତ୍କର୍ଣ୍ଣପୂରା ।

ପ୍ରକଟିତଭୁଜମୂଳା ଦର୍ଶିତା ସ୍ତନ୍ୟଲୀଳା ପ୍ରମଦୟତି ପତିଂ ଦ୍ରାଗ୍‌ଜାନକୀ ବ୍ୟାଜନିଦ୍ରା ॥୫୨॥

❋ ଏହି ସମୟରେ ପୃଥୁଳ ଜଘନକୁ ଧୀରେ ଧୀରେ ସଂଚାଳନ କରି , ମୃଦୁ ମୃଦୁ ଆନ୍ଦୋଳିତ ଅଳକାବଳୀ ଅନ୍ତରାଳରୁ କର୍ଣ୍ଣାଭରଣକୁ ଦେଖାଇବା ସହ ବକ୍ଷଃସ୍ଥଳ ଓ ବାହୁ ମୂଳ ପ୍ରଦର୍ଶନ ଦ୍ୱାରା କପଟନିଦ୍ରାଗତା ଜାନକୀ ପତି ଶ୍ରୀରାମଚନ୍ଦ୍ରଙ୍କୁ ପ୍ରମୁଦିତ କଲେ ॥

निद्राणस्त्रीनितम्बाम्बरहरणरणन्मेखलारावधावत्-
कन्दर्पाविद्धबाणव्यतिकरतरलाः कामिनी यामिनीषु ।
ताटङ्कोपान्तकान्तग्रथितमणिगणोद्गच्छदच्छच्छटाभि
र्व्यक्ताङ्गास्तुङ्गकम्पा जघनगिरिदरीमाश्रयन्ते श्रयन्ते ॥५३॥

ନିଦ୍ରାଣସ୍ତ୍ରୀନିତମ୍ବାମ୍ବରହରଣରଣନ୍ ମେଖଳାରାବଧାବତ୍-
କନ୍ଦର୍ପାବିଦ୍ଧବାଣବ୍ୟତିକରତରଳାଃ କାମିନୀ ଯାମିନୀଷୁ ।
ତାଟଙ୍କୋପାନ୍ତକାନ୍ତଗ୍ରଥିତମଣିଗଣୋଦ୍‌ଗଚ୍ଛଦଚ୍ଛଚ୍ଛଟାଭି -
ର୍ବ୍ୟକ୍ତାଙ୍ଗାସ୍ତୁଙ୍ଗକମ୍ପା ଜଘନ ଗିରିଦରୀମାଶ୍ରୟନ୍ତେ ଶ୍ରୟନ୍ତେ ॥୫୩॥

❋ କାମୋତ୍କଣ୍ଠା ବଶତଃ ଶ୍ରୀରାମଚନ୍ଦ୍ର ନିଦ୍ରିତା ଜାନକୀଙ୍କର ନିତମ୍ବବସ୍ତ୍ର ଆକର୍ଷଣ କରିବା ମାତ୍ରେ ତାଙ୍କର କଟିମେଖଳା କନ୍ଦର୍ପ ପୁଷ୍ପଧନୁରେ ଶର ସନ୍ଧାନ କଲା ପରି ଶବ୍ଦକଲା । ଏଥିରେ ଭୟଭୀତ ହୋଇ ଶ୍ରୀରାମ ଲୁଚିବାକୁ ଉଦ୍ୟମ କଲାବେଳେ ସୀତାଙ୍କ କାନରେ ଶୋଭିତ କର୍ଣ୍ଣାଭରଣ ସ୍ଥିତ ମଣିଆଲୋକରେ ଆତ୍ମଗୋପନ କରି ନ ପାରି ଜଘନ ରୂପକ ଗୁହାରେ ଲୁଚିଗଲେ ॥

वाचां गुम्फेन रम्भाकरकमलवनोदारसञ्चारचञ्चत् -
तन्त्रीसंजातमंजुस्वररसरणितोद्गारभावाक्षरेण ।
प्रत्यग्रोन्निद्रनाकद्रुमकुसुमनवामोदसंवादमैत्री
पात्रीभूतेव धात्रीं सुखयति नितरां स्थावरा रामराज्ञी ॥५४॥

ବାଚାଂ ଗୁମ୍ଫେନ ରମ୍ଭାକରକମଳବନୋଦାରସଞ୍ଚାରଚଞ୍ଚତ୍
ତନ୍ତ୍ରୀସଂଜାତମଞ୍ଜୁସ୍ୱରରସରଣିତୋଦ୍‌ଗାରଭାବାକ୍ଷରେଣ ।
ପ୍ରତ୍ୟଗ୍ରୋନ୍ନିଦ୍ରନାକଦ୍ରୁମକୁସୁମନବାମୋଦସଂବାଦ ମୈତ୍ରୀ
ପାତ୍ରୀ ଭୂତେବ ଧାତ୍ରୀଂ ସୁଖୟତି ନିତରାଂ ସ୍ଥାବରା ରାମରାଜ୍ଞୀ ॥୫୪॥

❋ ଶ୍ରୀରାମଚନ୍ଦ୍ର ଲଳିତକୋମଳ ସମ୍ଭାଷଣ ଦ୍ୱାରା ଜାନକୀଙ୍କର ବାକ୍‌ବିଳାସକୁ ଉତ୍ସାହିତ କଲେ । ସ୍ୱର୍ଗର ଅପ୍ସରା ରମ୍ଭାର ବୀଣାବାଦନରୁ ଉତ୍ଥିତ ସ୍ୱରମାଧୁରୀ ସଦୃଶ ସୁସ୍ପଷ୍ଟ ଓ ନନ୍ଦନକାନନର ନବବିକଶିତ ପାରିଜାତ କୁସୁମର ସୁଗନ୍ଧ ସହଚରୀ ଜାନକୀଙ୍କ ସରସ ମଧୁର ବାଣୀ ସାରା ପୃଥିବୀକୁ ଆମୋଦିତ କଲା ॥

मृदुस्तुग्भिसुवर्णस्फीतकक्षापुटोद्यद् वलितभुजलतायाः संपुटालिङ्गितायाः ।
सुरतरसवशाया राघवस्य प्रियाया हरति हृदयतापं कापि दिव्या स्तनश्रीः ॥५५॥

ମୃଦୁସୁରଭିସୁବର୍ଣ୍ଣସ୍ଥିତକକ୍ଷାପୁଟୋଦ୍ୟଦ୍ ବଳିତଭୁଜଲତାୟାଃ ସଂପୁଟାଲିଙ୍ଗିତାୟାଃ ।
ସୁରତରସବଶାୟା ରାଘବସ୍ୟ ପ୍ରିୟାୟା ହରତିହୃଦୟତାପଂ କାପି ଦିବ୍ୟା ସ୍ତନଶ୍ରୀଃ ॥୫୫॥

❊ କୋମଳ ଓ ସୁରଭିତ, ସୁବର୍ଣ୍ଣ ସଦୃଶ, ସୁନ୍ଦର ଭୁଜଲତାର ନିକଟବର୍ତ୍ତୀ, ବର୍ତ୍ତୁଳାକାର, ସଂପୁଟ ନାମକ ଆଲିଙ୍ଗନ ଯୋଗ୍ୟ, ରତିରସପୂର୍ଣ୍ଣା ପ୍ରିୟା ଜାନକୀଙ୍କର କମନୀୟ ସ୍ତନଦ୍ୱୟ ଶ୍ରୀରାମଚନ୍ଦ୍ରଙ୍କର କାମସନ୍ତାପିତ ହୃଦୟର ତାପକୁ ହରଣ କଲା ॥

अथ जानकीं प्रबुध्य

स्पृहयति च विभेति प्रेमतो बालभावान्मिलति सुरतसङ्गेऽप्यङ्गमाकुञ्चयन्ती ।
अहह नहि नहीतिव्याजमप्यालपन्ती स्मितमधुरकटाक्षैर्भावमाविष्करोति ॥५६॥

ଅଥ ଜାନକୀଂ ପ୍ରବୁଧ୍ୟ

ସ୍ପୃହୟତି ଚ ବିଭେତି ପ୍ରେମତୋ ବାଲଭାବାନ୍ମିଳତି ସୁରତସଙ୍ଗେଽପ୍ୟଙ୍ଗମାକୁଞ୍ଚୟନ୍ତୀ ।
ଅହହ ନହି ନହୀତି ବ୍ୟାଜମପ୍ୟାଳପନ୍ତୀ ସ୍ମିତମଧୁରକଟାକ୍ଷୈର୍ଭାବମାବିଷ୍କରୋତି ॥୫୬॥

❊ ଏଥି ଉତ୍ତାରୁ ଜାନକୀ ପ୍ରଭାତରେ ନିଦ୍ରା ତ୍ୟାଗ ପରେ ପତିଙ୍କ ସହିତ ରତିଲୀଳାରେ ରାତ୍ରିଯାପନ କରି ଥିବାରୁ ବାଳସ୍ୱଭାବସୁଲଭ କିଛି ଭୟ, କିଛି ପ୍ରେମ, କିଛି ଆନନ୍ଦ ଆଉ କିଛି ମାତ୍ରାରେ ଅଙ୍ଗ ସଂକୁଚନ ପୂର୍ବକ ଅହହ, ନା, ନା ଇତ୍ୟାଦି ଛଳୋକ୍ତି ଦ୍ୱାରା ହସି ହସି ମଧୁର କଟାକ୍ଷ କରି ନିଜର ଭାବଭଙ୍ଗୀ ପ୍ରକାଶ କରିଥିଲେ ॥

रामः सानन्दं तद्विलासमुल्लासयति -

अरण्यं सारङ्गैर्गिरिकुहरगर्भश्च हरिभि-
दिशो दिङ्मातङ्गैः श्रितमपि वनं पङ्कजवनैः ।
प्रियाचक्षुर्मध्यस्तनवदनसौन्दर्यविजितैः
सतां माने म्लाने मरणमथवा दूरसरणम् ॥५७॥

ରାମଃ ସାନନ୍ଦଂ ତଦ୍ୱିଳାସମୁଲ୍ଲାସୟତି-

ଅରଣ୍ୟଂ ସାରଙ୍ଗୈର୍ଗିରିକୁହରଗର୍ଭଶ୍ଚ ହରିଭି-
ର୍ଦିଶୋ ଦିଙ୍ମାତଙ୍ଗୈଃ ଶ୍ରିତମପି ବନଂ ପଙ୍କଜବନୈଃ ।
ପ୍ରିୟାଚକ୍ଷୁର୍ମଧ୍ୟସ୍ତନବଦନସୌନ୍ଦର୍ଯ୍ୟବିଜିତୈଃ
ସତାଂ ମାନେ ମ୍ଳାନେ ମରଣମଥବା ଦୂରସରଣମ୍ ॥୫୭॥

❊ ଶ୍ରୀରାମଚନ୍ଦ୍ର ସୀତାଙ୍କର ବିଳାସପୂର୍ବ ହାବଭାବ ଦେଖି ଆନନ୍ଦିତ ହେଲେ । ହେ ସୀତେ ! ତୁମର ନେତ୍ର ଶୋଭା ଦେଖି ଲଜ୍ଜାରେ ହରିଣମାନେ ଅରଣ୍ୟରେ ଲୁଚିଗଲେ ଏବଂ କଟିଶୋଭା ଦେଖି ସିଂହଗୁଡ଼ିକ ପର୍ବତ ଗୁମ୍ଫାରେ ଆତ୍ମଗୋପନ କଲେ । ତୁମର ପୃଥୁଳ ସ୍ତନଦ୍ୱୟ ଦେଖି ଦିଗ୍‌ଗଜଗଣ ପଦ୍ମବନରେ ଆଶ୍ରୟ ନେଲେ । ତୁମର ମୁଖଚନ୍ଦ୍ରର ଶୋଭା ଅତୁଳନୀୟ । ସାଧୁଜନମାନେ ଅପମାନିତ ହେଲେ ମୃତ୍ୟୁ ବରଣ କରନ୍ତି ନୋହିଲେ ଦୂରସ୍ଥାନକୁ ପଳାଇ ଯାଆନ୍ତି ॥

दृष्ट्वा मुखं ते सरसीरुहाणि भृङ्गाक्षमालां जगृहुर्जपाय ।
एणीदृशस्तेऽप्यवलोक्य बेणीं भोगं भुजङ्गाधिपतिर्जुगोप ॥५८॥

ଦୃଷ୍ଟ୍ୱା ମୁଖଂ ତେ ସରସୀରୁହାଣି ଭୃଙ୍ଗାକ୍ଷମାଳାଂ ଜଗୃହୁର୍ଜପାୟ ।
ଏଣୀଦୃଶସ୍ତେଽପ୍ୟବଲୋକ୍ୟ ବେଣୀଂ ଭୋଗଂ ଭୁଜଙ୍ଗାଧିପତିର୍ଜୁଗୋପ ॥୫୮॥

※ ହେ ସୁନ୍ଦରି ! ତୁମର ମୁଖଶୋଭା ଦେଖି ପଦ୍ମଗୁଡିକ ଭୃଙ୍ଗ ରୂପକ ଅକ୍ଷମାଳା ଜପ କଲେଣି । ତୁମର ନେତ୍ରଶୋଭା ଦେଖି ହରିଣ ଲୁଚି ଗଲେଣି ଏବଂ ବେଣୀ ଶୋଭାକୁ ଦେଖି ଭୁଜଙ୍ଗ (ସର୍ପ) ଫଣା ସଂକୁଚିତ କରି ଗର୍ତ୍ତରେ ଆତ୍ମଗୋପନ କଲେଣି ॥

स्वर्णं सुवर्णं दहने सुदेहं चिक्षेप कान्तिं तव दन्तपंक्तिम् ।
विलोक्य तूर्णं मणिवीजपूर्णं फलं विदीर्णं किल दाड़िमस्य ॥५९॥

ସ୍ୱର୍ଣ୍ଣଂ ସୁବର୍ଣ୍ଣଂ ଦହନେ ସୁଦେହଂ ଚିକ୍ଷେପ କାନ୍ତିଂ ତବ ଦନ୍ତିପଙ୍କ୍ତିମ୍ ।
ବିଲୋକ୍ୟ ତୂର୍ଣ୍ଣଂ ମଣିବୀଜପୂର୍ଣ୍ଣଂ ଫଳଂ ବିଦୀର୍ଣ୍ଣଂ କିଲ ଦାଡ଼ିମସ୍ୟ ॥୫୯॥

※ ତୁମର ସୁବର୍ଣ୍ଣକାନ୍ତି ଦେହକୁ ଦେଖି ସ୍ୱର୍ଣ୍ଣ ଅଗ୍ନିରେ ନିଜକୁ ବିସର୍ଜି ଦେଇଛି ଏବଂ ତୁମର ଦନ୍ତ ପଙ୍କ୍ତିକୁ ଦେଖି ବୀଜପୂର୍ଣ୍ଣ ଡାଳିମ୍ବର ହୃଦୟ ବିଦୀର୍ଣ୍ଣ ହୋଇଯାଇଛି ॥

रामः - (सानन्दम्)

सीतां मनोहरतरां गिरमुद्गिरन्ती -
मालिङ्ग्य तत्र वुभुजे परिपूर्णकामः ।
रामस्तथा त्रिभुवनेऽपि यथा न कोऽपि
रामां भुनक्ति वुभुजे न च भोक्ष्यतीशः ॥६०॥

ରାମଃ (ସାନନ୍ଦମ୍)

ସୀତାଂ ମନୋହରତରାଂ ଗିରମୁଦ୍ଗିରନ୍ତୀ ।-
ମାଲିଙ୍ଗ୍ୟ ତତ୍ର ବୁଭୁଜେ ପରିପୂର୍ଣ୍ଣକାମଃ ।
ରାମସ୍ତଥା ତ୍ରିଭୁବନେଽପି ଯଥା ନ କୋଽପି
ରାମାଂ ଭୁନକ୍ତି ବୁଭୁଜେ ନ ଚ ଭୋକ୍ଷ୍ୟତୀଶଃ ॥୬୦॥

※ ଶ୍ରୀରାମଚନ୍ଦ୍ର (ଆନନ୍ଦରେ) ସୁମଧୁରଭାଷିଣୀ ସୀତାଙ୍କୁ ଗାଢ଼ ଆଲିଙ୍ଗନ ପୂର୍ବକ ଉପଭୋଗ କରି ପୂର୍ଣ୍ଣମନୋରଥ ହେଲେ । ତ୍ରିଭୁବନରେ ରାମଙ୍କ ପରି ରାମା ଉପଭୋଗ କରିବାର ସାମର୍ଥ୍ୟ କାହାରି ନାହିଁ କି ମର୍ତ୍ତ୍ୟ ଭୁବନରେ କୌଣସି ନୃପତି ପୂର୍ବରୁ କରି ନାହାନ୍ତି କି ଭବିଷ୍ୟତରେ କେହି ସେପରି ସମ୍ଭୋଗ କରିପାରିବେ ନାହିଁ ॥

आगामिदीर्घविरहश्चिरमाविरासीत् ज्ञात्वैव रङ्गभवनेऽद्भुतकामकेलिः ।
श्रुत्वा तयोर्गिरमपूजयदोतुपत्नीमुद्गीर्णकर्णसरणां चरणायुधानाम् ॥६१॥

ଆଗାମିଦୀର୍ଘବିରହଶ୍ଚିରମାବିରାସୀତ୍ ଜ୍ଞାତ୍ୱୈବ ରଙ୍ଗଭବନେଽଦ୍ଭୁତ କାମକେଳିଃ ।
ଶ୍ରୁତ୍ୱା ତୟୋର୍ଗିରମପୂଜୟଦୋତୁପତ୍ନୀମୁଦ୍‌ଗୀର୍ଣ୍ଣକର୍ଣ୍ଣସରଣାଂ ଚରଣାୟୁଧାନାମ୍ ॥୬୧॥

❋ ଏହି ସମୟରେ କୁକ୍କୁଟ ରବ ଶୁଣି ଜନକନନ୍ଦନୀ ସୀତା ଅପୂର୍ବ କାମକେଳି ପ୍ରସଙ୍ଗ ସ୍ମରଣ କରିବା ସଙ୍ଗେ ସଙ୍ଗେ ଭାବୀ ବିରହ ଆଶଙ୍କାରେ ସେହି ରଙ୍ଗଭବନରେ ଗିରିରାଜକନ୍ୟା ଗିରିଜାଙ୍କୁ ପୂଜା କଲେ ॥

एष श्रीलहनूमता विरचिते श्रीमन्महानाटके
वीरश्रीयुतरामचन्द्रचरिते प्रत्युद्धृतेऽनुक्रमैः ।
मिश्रश्रीमधुसूदनेन कविना सन्दर्भसज्जीकृते
वैदेहीसुरताभिधोऽत्र गतवानङ्को द्वितीयो महान् ।।६२।।

।। इति श्रीहनूमत्कृते महानाटके द्वितीयोऽङ्कः ।।

ଏଷ ଶ୍ରୀଲହନୂମତା ବିରଚିତେ ଶ୍ରୀମନ୍ମହାନାଟକେ
ବୀରଶ୍ରୀଯୁତରାମଚନ୍ଦ୍ରଚରିତେ ପ୍ରତ୍ୟୁଦ୍ଧୃତେଽନୁକ୍ରମୈଃ ।
ମିଶ୍ରଶ୍ରୀମଧୁସୂଦନେନ କବିନା ସନ୍ଦର୍ଭସଜ୍ଜୀକୃତେ
ବୈଦେହୀସୁରତାଭିଧୋଽତ୍ର ଗତବାନଙ୍କୋ ଦ୍ୱିତୀୟୋ ମହାନ୍ ॥୬୨॥

॥ ଇତି ଶ୍ରୀହନୂମତ୍କୃତେ ମହାନାଟକେ ଦ୍ୱିତୀୟୋଽଙ୍କଃ ॥

❋ ଶ୍ରୀହନୂମଦ୍‌ବିରଚିତ ଓ ଶ୍ରୀମଧୁସୂଦନମିଶ୍ର ସଜ୍ଜୀକୃତ ଶ୍ରୀରାମଚରିତାତ୍ମକ ମହାନାଟକର ବୈଦେହୀସୁରତବର୍ଣ୍ଣନପରକ ଦ୍ୱିତୀୟ ଅଙ୍କ ସମାପ୍ତ ॥

तृतीयोऽङ्कः
ତୃତୀୟୋଽଙ୍କଃ

भुक्त्वा भोगान्सुरम्यान् कतिपयदिवसान् राघवो धर्मपत्न्या
सार्द्धं वर्द्धिष्णुकामः श्रवणमुनिपितुः प्राप हा शापकालम् ।
धत्ते तस्मिन्विवस्वान्मलिनकिरणतां हा महोत्पातहेतो -
रुल्कादण्डः प्रचण्डः प्रपतति नभसः कम्पते भूतधात्री ॥१॥

ଭୁକ୍ତ୍ୱା ଭୋଗାନ୍‌ସୁରମ୍ୟାନ୍ କତିପୟଦିବସାନ୍ ରାଘବୋ ଧର୍ମପତ୍ନ୍ୟା
ସାର୍ଦ୍ଧଂ ବର୍ଦ୍ଧିଷ୍ଣୁକାମଃ ଶ୍ରବଣମୁନିପିତୁଃ ପ୍ରାପ ହା ଶାପକାଳମ୍ ।
ଧତ୍ତେ ତସ୍ମିନ୍ ବିବସ୍ୱାନ୍ମଳିନକିରଣତାଂ ହା ମହୋତ୍ପାତହେତୋ-
ରୁଲ୍‌କାଦଣ୍ଡଃ ପ୍ରଚଣ୍ଡଃ ପ୍ରପତତି ନଭସଃ କମ୍ପତେ ଭୂତଧାତ୍ରୀ ॥୧॥

❋ ଶ୍ରୀରାମଚନ୍ଦ୍ର ଧର୍ମପତ୍ନୀ ସୀତାଙ୍କ ସହିତ ନାନାଦି ସୁଖ ସମ୍ଭୋଗରେ କିଛିକାଳ କଟାଇଲେ ବି ତାଙ୍କର କାମନା ଉତ୍ତରୋତ୍ତର ବୃଦ୍ଧିଲାଭ କଲାବେଳେ ଶ୍ରବଣମୁନିଙ୍କ ପିତା ଅନ୍ଧ ବୈଶ୍ୟ ମୁନି ରାଜା ଦଶରଥଙ୍କୁ ଦେଇଥିବା ଅଭିଶାପର କାଳ ଆସିଗଲା । ଏହିସମୟରେ ସୂର୍ଯ୍ୟଦେବଙ୍କ କିରଣ ପ୍ରଖର ହେଲା, ଆକାଶରୁ ଉଲ୍‌କାପିଣ୍ଡମାନ ଖସିବାକୁ ଲାଗିଲା ଏବଂ ନାନାଦି ଉତ୍ପାତ କାରଣରୁ ପୃଥିବୀର ଚାରିଆଡେ ଭୂକମ୍ପମାନ ସୃଷ୍ଟିହେଲା ॥

दिग्भागो धूसरोऽभूदहनि बहुतरस्फारतारा: स्फुरन्ति
स्वर्भानोर्भानवीयं ग्रहणमसमये भैरवी रक्तवृष्टिः ।
मध्याह्ने जम्बुकानां प्रभवति नितरां स्फीतवाचां प्ररोहो
वारं वारं गभीरप्रलय इव महामेघनिर्घोषजातः ॥२॥

ଦିଗ୍‌ଭାଗୋ ଧୂସରୋଽଭୂଦହନି ବହୁତରସ୍ଫାରତାରାଃ ସ୍ଫୁରନ୍ତି
ସ୍ୱର୍ଭାନୋର୍ଭାନବୀୟଂ ଗ୍ରହଣମସମୟେ ଭୈରବୀ ରକ୍ତ ବୃଷ୍ଟିଃ ।
ମଧ୍ୟାହ୍ନେ ଜମ୍ବୁକାନାଂ ପ୍ରଭବତି ନିତରାଂ ସ୍ଫୀତବାଚାଂ ପ୍ରରୋହୋ
ବାରଂ ବାରଂ ଗଭୀରପ୍ରଳୟ ଇବ ମହାମେଘନିର୍ଘୋଷଜାତଃ ॥୨॥

❋ ଦିଙ୍‌ମଣ୍ଡଳ ଧୂସର ବର୍ଣ୍ଣ ଧାରଣ କଲା । ଦିବା ଭାଗରେ ଆକାଶରେ ନକ୍ଷତ୍ରଗୁଡିକ ଦେଖାଗଲେ । ରାହୁ ଗ୍ରହ ଅସମୟରେ ସୂର୍ଯ୍ୟଙ୍କୁ ଗ୍ରାସ କଲା ଏବଂ ଆକାଶରୁ ରକ୍ତ ବୃଷ୍ଟି ହେବାକୁ ଲାଗିଲା । ମଧ୍ୟାହ୍ନ କାଳରେ ଶୃଗାଳ ଉଚ୍ଚସ୍ୱରରେ ଡାକ ଦେଲେ । ପ୍ରଳୟ କାଳ ପରି ମହାମେଘ ବାରମ୍ବାର ଗର୍ଜନ କରିବାକୁ ଲାଗିଲେ ॥

अत्रान्तरे दशरथः

रामे धर्मचयं दृष्ट्वा लोकसौख्यकरं च यत् ।
यौवराज्याभिषेकाय राज्ञो मतिरजायत ॥३॥

ଅତ୍ରାନ୍ତରେ ଦଶରଥଃ

ରାମେ ଧର୍ମଚୟଂ ଦୃଷ୍ଟ୍ୱା ଲୋକସୌଖ୍ୟକରଂ ଚ ଯତ୍ ।
ଯୌବରାଜ୍ୟାଭିଷେକାୟ ରାଜ୍ଞୋ ମତିରଜାୟତ ॥୩॥

❋ ଏହାପରେ ରାଜା ଦଶରଥ ପ୍ରିୟପୁତ୍ର ରାମଚନ୍ଦ୍ରଙ୍କଠାରେ ଧର୍ମାନୁରକ୍ତି ଓ ପ୍ରଜାନୁରଞ୍ଜନ ଗୁଣାବଳୀ ଲକ୍ଷ୍ୟ କରି ତାଙ୍କୁ ଅଯୋଧ୍ୟାର ଯୁବରାଜ ପଦରେ ଅଭିଷିକ୍ତ କରିବା ପାଇଁ ମନେ ମନେ ବିଚାର କଲେ ॥

रामाभिषेकार्थं दशरथं प्रति वशिष्ठवाक्यम् -

त्वं राजवर्यात्मजमात्मवन्तं गुणाभिरामं नरलोककान्तम् ।
रामं नृदेवार्हसि लोकनाथमथाभिषेक्तुं युवराजमुर्व्याम् ॥४॥

ରାମାଭିଷେକାର୍ଥଂ ଦଶରଥଂ ପ୍ରତି ବଶିଷ୍ଠବାକ୍ୟମ୍ -

ତ୍ୱଂ ରାଜବର୍ଯ୍ୟାତ୍ମଜମାତ୍ମବନ୍ତଂ ଗୁଣାଭିରାମଂ ନରଲୋକକାନ୍ତମ୍ ।
ରାମଂ ନୃଦେବାର୍ହସି ଲୋକନାଥମଥାଭିଷେକ୍ତୁଂ ଯୁବରାଜମୁର୍ବ୍ୟାମ୍ ॥୪॥

❋ କୁଳଗୁରୁ ବଶିଷ୍ଠ ରାମଙ୍କର ଅଭିଷେକ ପାଇଁ ଦଶରଥଙ୍କୁ କହିଲେ- ହେ ରାଜନ୍, ଆପଣଙ୍କର ଆତ୍ମାସ୍ୱରୂପ, ସକଳ ସଦ୍‌ଗୁଣରେ ପରିପୂର୍ଣ୍ଣ, ନରଶ୍ରେଷ୍ଠ, ଲୋକନାଥ, ପୁତ୍ର ଶ୍ରୀରାମଙ୍କୁ ଶୀଘ୍ର ଯୁବରାଜ ପଦରେ ଅଭିଷେକ କରନ୍ତୁ ॥

सुमन्त्रो बहिः निसृत्य नागरान् प्रति -

स्वीयां जरामुपगतामवलोक्य राजा रामं च राज्यवहनक्षममाकलय्य ।
राज्याभिषेकपरमोत्सवमस्य कर्तुं मादिष्टवान् पुरजनाः कुरुत प्रमोदम् ॥५॥

ସୁମନ୍ତ୍ରୋ ବହିଃ ନିଃସୃତ୍ୟ ନାଗରାନ୍ ପ୍ରତି

ସ୍ୱୀୟାଂ ଜରାମୁପଗତାମବଲୋକ୍ୟ ରାଜା ରାମଂ ଚ ରାଜ୍ୟବହନକ୍ଷମମାକଲଯ୍ୟ ।
ରାଜ୍ୟାଭିଷେକପରମୋତ୍ସବମସ୍ୟକର୍ତ୍ତୁମାଦିଷ୍ଟବାନ୍‌ପୁରଜନାଃ କୁରୁତପ୍ରମୋଦମ୍ ॥୫॥

❋ ମନ୍ତ୍ରୀ ସୁମନ୍ତ୍ର ରାଜପ୍ରାସାଦ ବାହାରକୁ ଯାଇ ନାଗରିକମାନଙ୍କୁ କହିଲେ- ମହାରାଜ ଦଶରଥ ନିଜର ବାର୍ଦ୍ଧକ୍ୟ ଅବସ୍ଥା ପ୍ରତି ଦୃଷ୍ଟି ଦେଇ ଓ ଶ୍ରୀରାମ ରାଜ୍ୟଭାର ବହନ କରିବା ପାଇଁ ସମର୍ଥ ହୋଇଥିବାର କଳନା କରି ତାଙ୍କୁ ଯୁବରାଜ ପଦରେ ଅଭିଷେକ କରିବାକୁ ଆଦେଶ ଦେଇଛନ୍ତି । ଆପଣମାନେ ଆନନ୍ଦରେ ଏହି ଉତ୍ସବ ପାଳନକରନ୍ତୁ ॥

रामाभिषेके मदविह्वलायाः कक्षच्युतो हेमघटस्तरुण्याः ।
सोपानमारुह्य चकार शब्दं ठठं ठठं ठं ठठठं ठठं ठः ॥६॥

ରାମାଭିଷେକେ ମଦବିହ୍ୱଳାୟାଃ କକ୍ଷଚ୍ୟୁତୋ ହେମଘଟ ସ୍ତରୁଣ୍ୟାଃ ।
ସୋପାନମାରୁହ୍ୟ ଚକାର ଶବ୍ଦଂ ଠଠଂ ଠଠଂ ଠଂ ଠଠଠଂ ଠଠଂ ଠଃ ॥୬॥

❊ ରାମାଭିଷେକ ସମ୍ବାଦ ଶୁଣି ଆନନ୍ଦରେ ବିହ୍ୱଳ ହୋଇପଡିବାରୁ ଜନୈକା ପୁରନାରୀର ହାତରେ ଥିବା କୁମ୍ଭଟି ଖସିପଡିଲା । ସେହି କୁମ୍ଭଟି ସୋପାନରେ ପଡି ଠଂ ଠଂ ଠଂ ଶବ୍ଦ କରି ଗଡି ଗଡି ତଳେ ଆସି ପଡ଼ିଲା ॥

अथ कैकेयी - (स्वगतम्) पतितमिदमनर्थम् । (अनन्तरं राजानमुपसृत्य प्रकाशं कथयति ।) जयतु जयतु महाराजो दशरथः ।
दशरथः - कैकेयि आगम्यताम् ।

ଅଥ କୈକେୟୀ - (ସ୍ୱଗତମ୍) ପତିତମିଦମନର୍ଥମ୍ । (ଅନନ୍ତରଂ ରାଜାନ ମୁପସୃତ୍ୟ ପ୍ରକାଶଂ କଥୟତି) ଜୟତୁ ଜୟତୁ ମହାରାଜୋ ଦଶରଥଃ ।
ଦଶରଥଃ - କୈକେୟି, ଆଗମ୍ୟତାମ୍ ।

❊ କୈକେୟୀ (ମନେ ମନେ) କୁମ୍ଭପତନ ଅନର୍ଥସୂଚକ । (ଏହାପରେ ରାଜାଙ୍କ ପାଖକୁ ଯାଇ ପ୍ରକାଶ୍ୟରେ କହିଲେ) ମହାରାଜାଙ୍କର ଜୟ ହେଉ ॥
ଦଶରଥ-କୈକେୟି ! ଆସ ।

कैकेयी - (उपसृत्य कथयति एवमेवं राजानं प्रति) अमङ्गलीयं वधूर्यतोऽस्या आगमनानुपदमेव महोत्पाता दृश्यन्ते तदेनां दुरतो निःसारय मह्यं च प्राक् स्वीकृतवरयुगं दीयताम् । तदेवं सीतालक्ष्मणसहितस्य श्रीरामस्य वन-प्रयाणं भरतस्य च चक्रवर्त्तित्वेऽभिषेकः ।

କୈକେୟୀ-(ଉପସୃତ୍ୟ କଥୟତି ଏବମେବଂ ରଜାନଂ ପ୍ରତି) ଅମଙ୍ଗଳୀୟଂ ବଧୂର୍ଯତୋଽସ୍ୟା ଆଗମନାନୁପଦମେବ ମହୋତ୍ପାତା ଦୃଶ୍ୟନ୍ତେ ତଦେନାଂ ଦୂରତୋ ନିଃସାରୟ ।ମହ୍ୟଂ ଚ ପ୍ରାକ୍ ସ୍ୱୀକୃତବରଯୁଗଂ ଦୀୟତାମ୍ । ତଦେବଂ ସୀତାଲକ୍ଷ୍ମଣସହିତସ୍ୟ ଶ୍ରୀରାମସ୍ୟ ବନପ୍ରୟାଣଂ ଭରତସ୍ୟ ଚ ଚକ୍ରବର୍ତ୍ତିତ୍ୱେଽଭିଷେକଃ ।

❊ କୈକେୟୀ ରାଜାଙ୍କ ନିକଟକୁ ଯାଇ କହିଲେ - ମହାରାଜ ! ଆପଣଙ୍କର ପୁତ୍ରବଧୂ ବଡ ଅମଙ୍ଗଳିଟାଏ । ସେ ଅଯୋଧ୍ୟାରେ ପାଦ ଦେଲା ଦିନଠାରୁ ନାନାପ୍ରକାର ମହୋତ୍ପାତ ଘଟୁଥିବାର ଦେଖାଯାଉଛି । ତେଣୁ ତାକୁ ବାହାର କରିଦିଅନ୍ତୁ । ପୂର୍ବରୁ ପ୍ରତିଶ୍ରୁତି ଦେଇଥିବା ବରଦ୍ୱୟ ମୋତେ ଏବେ ଦିଅନ୍ତୁ । ସୀତା ଓ ଲକ୍ଷ୍ମଣଙ୍କ ସହିତ ଶ୍ରୀରାମ ବନକୁ ଯାଆନ୍ତୁ ଓ ମୋର ପୁତ୍ର ଭରତ ଯୁବରାଜ ପଦରେ ଅଭିଷିକ୍ତ ହେଉ ॥

दशरथः - (ततो रामभद्र प्राणाधिकप्राण इत्युक्त्वा मुमोह)

ଦଶରଥଃ - (ତତୋ ରାମଭଦ୍ର ପ୍ରାଣାଧିକପ୍ରାଣ ଇତ୍ୟୁକ୍ତ୍ୱା ମୁମୋହ) –

ଦଶରଥ- (ତେବେ ପ୍ରାଣଠାରୁ ବଳି ପ୍ରିୟ ରାମଭଦ୍ର......... ଏତିକି କହି ମୂର୍ଚ୍ଛିତ ହୋଇ ପଡ଼ିଲେ)

लोकः - (श्रीरामं प्रति) भूपुत्री तव पत्नी तदपि तस्या भुवः परिग्रहणमनुचितमिदमिति मत्वा कैकेयी तन्निवारयति ।

ଲୋକଃ - (ଶ୍ରୀରାମଂ ପ୍ରତି) ଭୂପତ୍ରୀ ତବ ପତ୍ନୀ ତଦପି ତସ୍ୟା ଭୁବଃ ପରିଗ୍ରହଣମନୁଚିତମିଦମିତି ମତ୍ୱା କୈକେୟୀ ତନ୍ନିବାରୟତି ।

❋ କେହି ଜଣେ ଶ୍ରୀରାମଙ୍କ ପାଖକୁ ଯାଇ କୈକେୟୀ କହିଥିବା କଥା କହିଲେ । ଭୂମିସୁତା ସୀତା ହେଲେ ତୁମର ପତ୍ନୀ । ତେଣୁ ତୁମ ପତ୍ନୀର ମାତା ପୃଥିବୀ, ତୁମର ବନିତା କିପରି ହୋଇପାରିବେ ? ଏହା କହି କୈକେୟୀ ତୁମର ଅଭିଷେକ ହୋଇପାରିବ ନାହିଁ ବୋଲି କହିଛନ୍ତି ॥

सुमन्त्रः - (स्वगतम्) राज्ञः एषोऽभिप्राय । तत्स्वयमेव गत्वा रामचन्द्राय निवेदयामि (इति निष्क्रान्तःउपसृत्य) जयतु जयतु रामः । भृत्यस्ते सुमन्त्रोऽस्मीति निवेदयाम्यात्मानमन्यच्च ।

ସୁମନ୍ତ୍ରଃ-(ସ୍ୱଗତମ୍) ରାଜ୍ଞଃ ଏଷୋଽଭିପ୍ରାୟଃ । ତତ୍ ସ୍ୱୟମେବ ଗତ୍ୱା ରାମଚନ୍ଦ୍ରାୟ ନିବେଦୟାମି । (ଇତି ନିଷ୍କ୍ରାନ୍ତଃ ଉପସୃତ୍ୟ)ଜୟତୁ ଜୟତୁ ରାମଃ । ଭୃତ୍ୟସ୍ତେ ସୁମନ୍ତ୍ରୋଽସ୍ମୀତି ନିବେଦୟାମ୍ୟାତ୍ମନମନ୍ୟଚ୍ଚ ।

❋ ସୁମନ୍ତ୍ର- (ମନେମନେ) ରାଜାଙ୍କର ଏହି ଅଭିପ୍ରାୟ ସମ୍ବନ୍ଧରେ ଯାଉଛି ନିଜେ ଶ୍ରୀରାମଚନ୍ଦ୍ରଙ୍କୁ ବୁଝାଇବି । (ଚାଲିଗଲେ, ନିକଟକୁ ଯାଇ) ଶ୍ରୀରାମଚନ୍ଦ୍ରଙ୍କର ଜୟ ହେଉ । ଆପଣଙ୍କ ଭୃତ୍ୟ ସୁମନ୍ତ୍ର କିଛି ନିବେଦନ କରିବାକୁ ଆସିଛି ।

श्रुत्वाथ केकयसुता नगरीजनानां माङ्गल्य मुन्मदकलाकुलवारयोषम् ।
तुल्यं श्रियं ददति शक्रसखे महीन्द्रे प्राक्स्वीकृतं वरयुगं समयाचतैनम् ।।७।।

ଶ୍ରୁତ୍ୱାଥ କେକୟସୁତା ନଗରୀଜନାନାଂ
ମାଙ୍ଗଲ୍ୟମୁନ୍ମଦକଳାକୁଳବାରଯୋଷମ୍ ।
ତୁଲ୍ୟଂ ଶ୍ରିୟଂ ଦଦତି ଶକ୍ରସଖେ ମହୀନ୍ଦ୍ରେ
ପ୍ରାକ୍ ସ୍ୱୀକୃତଂ ବରଯୁଗଂ ସମୟାଚତୈନମ୍ ।।୭।।

❋ ରାଜାଦଶରଥ ତୁମକୁ ଅଭିଷେକ କରିବା ପାଇଁ ଆଦେଶ ଦେବା ପରେ ଚାରିଆଡେ ଆନନ୍ଦର ଢେଉ ଖେଳିଗଲା । ଲୋକମୁଖରୁ ଏହା ଶୁଣି ରାଣୀ କୈକେୟୀ ଇନ୍ଦ୍ରସଖା ରାଜା ଦଶରଥଙ୍କୁ ପୂର୍ବପ୍ରତିଶ୍ରୁତ ଦୁଇଟି ବର ପ୍ରାର୍ଥନା କଲେ ॥

तदेवं वरयुगम्

रामो यातु वनं चतुर्दशसमा मुर्द्धना जटां धारयन्
वण्यां वृत्तिमुपागतो विरचितां सीतासखः सानुजः ।

राज्यं सानुचरं समुन्नतमिदं संदिश्यतां मत्सुते
श्रुत्वेवं स तु निष्ठुरं वच इदं भूमिं गतो विह्वलः ॥८॥

ତଦେବ ବରଯୁଗମ୍ -

ରାମୋ ଯାତୁ ବନଂ ଚତୁର୍ଦ୍ଦଶସମା ମୂର୍ଦ୍ଧ୍ନା ଜଟାଂ ଧାରୟନ୍
ବର୍ଣ୍ୟାଂ ବୃତ୍ତିମୁପାଗତୋ ବିରଚିତାଂ ସୀତାସଖଃ ସାନୁଜଃ ।
ରାଜ୍ୟଂ ସାନୁଚରଂ ସମୁନ୍ନତମିଦଂ ସଂଦିଶ୍ୟତାଂ ମତ୍ସୁତେ
ଶ୍ରୁତ୍ୱୈବଂ ସ ତୁ ନିଷ୍ଠୁରଂ ବଚ ଇଦଂ ଭୂମିଂ ଗତୋ ବିହ୍ୱଳଃ ॥୮॥

❋ ସେହି ବର ଦୁଇଟି ହେଲା- ଶ୍ରୀରାମଚନ୍ଦ୍ର,ସୀତା ଓ ଲକ୍ଷ୍ମଣଙ୍କ ସହିତ ଜଟା ବାନ୍ଧି ମୁନିବେଶରେ ଚଉଦବର୍ଷ ବନବାସରେ ରହିବେ ଏବଂ ଦ୍ୱିତୀୟ ବରରେ ଭରତ ଯୁବରାଜ ପଦରେ ଅଭିଷିକ୍ତ ହେବେ । ଏହି ଦାରୁଣ ବଚନ ଶୁଣି ରାଜା ମୂର୍ଚ୍ଛିତ ହୋଇ ଭୂମିରେ ପଡ଼ିଗଲେ ॥

इति सुमन्त्रः श्रीरामं कथयित्वा चरणे पतित्वा निष्क्रान्तः।

श्रीरामः- (लक्ष्मणं प्रति) वत्स ! निजां प्रजावतीमादाय अग्रे भव । अहं सुप्तं तातं नत्वा यावदागच्छामीति ।

ଇତି ସୁମନ୍ତ୍ରଃ ଶ୍ରୀରାମଂ କଥୟିତ୍ୱା ଚରଣେ ପତିତ୍ୱା ନିଷ୍କ୍ରାନ୍ତଃ ।

ଶ୍ରୀରାମଃ - (ଲକ୍ଷ୍ମଣଂ ପ୍ରତି) ବତ୍ସ ! ନିଜାଂ ପ୍ରଜାବତୀମାଦାୟ ଅଗ୍ରେ ଭବ । ଅହଂ ସୁପ୍ତଂ ତାତଂ ନତ୍ୱା ଯାବଦାଗଚ୍ଛାମୀତି ।

❋ ଏହା କହି ସୁମନ୍ତ୍ର ଶ୍ରୀରାମଙ୍କ ପାଦତଳେ ପ୍ରଣାମ ଜଣାଇ ଚାଲିଯିବା ପରେ ଶ୍ରୀରାମଚନ୍ଦ୍ର ଲକ୍ଷ୍ମଣଙ୍କୁ କହିଲେ- ବତ୍ସ ! ଶୀଘ୍ର ଯାଇ ପ୍ରଜାବତୀ ସୀତାଙ୍କୁ ସାଙ୍ଗରେ ନେଇଆସ । ମୁଁ ସୁପ୍ତ ପିତାଙ୍କୁ ପ୍ରଣାମ କରି ଆସୁଛି ॥

तातं दशरथं नत्वा मातरौ जननीं ततः ।
मैथिल्या सहितो रामो लक्ष्मणेन वनं ययौ ॥९॥

ତାତଂ ଦଶରଥଂ ନତ୍ୱା ମାତରୌ ଜନନୀଂ ତତଃ ।
ମୈଥିଲ୍ୟା ସହିତୋ ରାମୋ ଲକ୍ଷ୍ମଣେନ ବନଂ ଯଯୌ ॥୯॥

❋ ପିତା ଦଶରଥ, ମାତା କୈକେୟୀ, ସୁମିତ୍ରା ଓ ଜନନୀ କୌଶଲ୍ୟାଙ୍କୁ ପ୍ରଣାମ କରି ମୈଥିଳୀ ଓ ଅନୁଜ ଲକ୍ଷ୍ମଣଙ୍କ ସହିତ ଶ୍ରୀରାମଚନ୍ଦ୍ର ବନକୁ ଗମନ କଲେ ॥

गुर्वाज्ञापरिपालनाय च वनं संप्रस्थितं राघवं
दृष्ट्वासौ त्वरितं विदेहतनया श्वश्रूजनं पृच्छति ।
नत्वा कोशलकन्यकांघ्रियुगलं पश्चात्सुमित्रां पुन -
र्दृष्ट्वा हा शुकसारिकापिककुलं रामानुगा प्रस्थिता ॥१०॥

ଗୁର୍ବାଜ୍ଞାପରିପାଳନାୟ ଚ ବନଂ ସଂପ୍ରସ୍ଥିତଂ ରାଘବଂ
ଦୃଷ୍ଟ୍ବାସୌ ଦ୍ୱରିତଂ ବିଦେହତନୟା ଶ୍ୱଶ୍ରୂଜନଂ ପୃଚ୍ଛତି ।
ନତ୍ୱା କୋଶଳକନ୍ୟକାଂଘ୍ରିଯୁଗଳଂ ପଶ୍ଚାତ୍ ସୁମିତ୍ରାଂ ପୁନ-
ଦୃଷ୍ଟ୍ବା ହା ଶୁକ ସାରିକାପିକକୁଳଂ ରମାନୁଗା ପ୍ରସ୍ଥିତା ॥୧୦॥

❊ ଗୁରୁ ଓ ପିତା ଦଶରଥଙ୍କ ଆଜ୍ଞା ପାଳନ ନିମିତ୍ତ ଶ୍ରୀରାମଚନ୍ଦ୍ର ବନକୁ ଯାଉଥିବାର ଦେଖି ବୈଦେହୀ ବନଗମନ ପାଇଁ ଶାଶୂଙ୍କୁ ପଚାରିଲେ । ପ୍ରଥମେ କୌଶଲ୍ୟା ଓ ପରେ ସୁମିତ୍ରାଙ୍କୁ ପ୍ରଣାମ କରିସାରି ସେ ଶ୍ରୀରାମଙ୍କୁ ଅନୁଗମନ କଲେ । ଏହା ଦେଖି ଶୁକ, ସାରୀ, ପିକ ପ୍ରଭୃତି ରାମଙ୍କ ପଛେ ପଛେ ଗଲେ ॥

लक्ष्मणं प्रति सुमित्रावाक्यम्

रामं दशरथं बिद्धि मां बिद्धि जनकात्मजाम् ।
अयोध्यामटवीं बिद्धि गच्छ वत्स यथासुखम् ॥११॥

ଲକ୍ଷ୍ମଣଂ ପ୍ରତି ସୁମିତ୍ରାବାକ୍ୟମ୍

ରାମଂ ଦଶରଥଂ ବିଦ୍ଧି ମାଂ ବିଦ୍ଧି ଜନାକାତ୍ମଜାମ୍ ।
ଅଯୋଧାମଟବୀଂ ବିଦ୍ଧି ଗଚ୍ଛ ବତ୍ସ ଯଥାସୁଖମ୍ ॥୧୧॥

❊ ଦେବୀ ସୁମିତ୍ରା ପ୍ରିୟ ପୁତ୍ର ଲକ୍ଷ୍ମଣଙ୍କୁ କହିଲେ - ବତ୍ସ ! ରାମଙ୍କୁ ପିତା ଦଶରଥ, ସୀତାଙ୍କୁ ମାତା ସୁମିତ୍ରା, ବନକୁ ଅଯୋଧ୍ୟା ମନେ କରି ସୁଖରେ ବନବାସକାଳୀନ ଜୀବନ ଅତିବାହିତ କରିବୁ ॥

कौशल्या -

वैकुण्ठवैभवसुखं परिहाय वत्स स त्वं स्वयं दशरथालयमागतोऽसि ।
अत्रापि केकयनरेन्द्रसुतां विहाय मां पापिनीं कथमहो जननीमकार्षीः ॥१२॥

କୌଶଲ୍ୟା-

ବୈକୁଣ୍ଠବୈଭବସୁଖଂ ପରିହାୟ ବତ୍ସ ସ ତ୍ୱଂ ସ୍ୱୟଂ ଦଶରଥାଳୟମାଗତୋଽସି ।
ଅତ୍ରାପି କେକୟନରେନ୍ଦ୍ରସୁତାଂ ବିହାୟ ମାଂ ପାପିନୀଂ କଥମହୋ ଜନନୀମକାର୍ଷୀଃ ॥୧୨॥

❊ ଦେବୀ କୌଶଲ୍ୟା କହିଲେ- ବତ୍ସ ଶ୍ରୀରାମ! ବୈକୁଣ୍ଠର ସୁଖ ତ୍ୟାଗ କରି ତୁ ଦଶରଥଙ୍କ ଘରେ ଜନ୍ମ ହେଲୁ । ଏଠାରେ ମଧ କୈକେୟୀଙ୍କୁ ତ୍ୟାଗ କରି ମୋ' ପରି ପାପିୟସୀକୁ କାହିଁକି ଜନନୀ ବୋଲି ଗ୍ରହଣ କଲୁ ?

कल्याणि पाणिकमले तव लक्ष्मणोऽयं
ब्रूमो न राम विषयो पतिदेवतासीत् ।
याचे पुनः पुनरिदं वनवासिनीनां
श्वश्रूरियं जननी जीवति नेति वांच्यम् ॥१३॥

କଲ୍ୟାଣି ପାଣିକମଲେ ତବ ଲକ୍ଷ୍ମଣୋଽୟଂ
ବ୍ରୂମୋ ନ ରାମବିଷୟୋ ପତିଦେବତାସୀତ୍ ।
ଯାଚେ ପୁନଃ ପୁନରିଦଂବନବାସୀନାଂ
ଶ୍ୱଶ୍ରୂରିୟଂ ଜନନୀ ଜୀବତି ନେତି ବାଚ୍ୟମ୍ ॥୧୩॥

❊ ହେ କଲ୍ୟାଣି ସୀତେ ! ତୋର କରକମଳରେ ବାଳକ ଲକ୍ଷ୍ମଣକୁ ସମର୍ପଣ କଲି । ତୋତେ ରାମଙ୍କ ବିଷୟରେ ମୋର କହିବାର କିଛି ନାହିଁ, କାରଣ ପତି ହିଁ ଯୁବତୀର ଦେବତା ସଦୃଶ । ତୋତେ ମୋର ଏହାହିଁ ବାରମ୍ବାର ନିବେଦନ ଯେ ତୁ କେବେହେଲେ ବନବାସୀମାନଙ୍କ ଠାରେ ତୋର ଶାଶୂ ଜୀବିତା ଅଛନ୍ତି ବୋଲି କହିବୁ ନାହିଁ ॥

बाला विदेहतनया ललितौ भवन्तौ दिग्दक्षिणा च रजनीचरचक्रयुष्टा ।
तद्वत्स वत्सलतयेदमुदाहरामो मा गच्छ राम नय दक्षिणदक्षिणाशाम् ॥१४॥
ବାଳା ବିଦେହତନୟା ଲଳିତୌ ଭବନ୍ତୌ ଦିଗ୍‌ଦକ୍ଷିଣା ଚ ରଜନୀଚର ଚକ୍ରଯୁଷ୍ଟା ।
ତଦ୍ୱତ୍ସ ବତ୍ସଳତୟେଦମୁଦାହରାମୋ ମା ଗଚ୍ଛ ରାମ ନୟ ଦକ୍ଷିଣ ଦକ୍ଷିଣାଶାମ୍ ॥ ୧୪॥

❊ ହେ ରାମ ! ବିଦେହତନୟା ସୀତା ଏକ ବାଳିକା । ତୁମ ଦୁହିଁଙ୍କର ଶରୀର ଅତି କୋମଳ । ଦକ୍ଷିଣାଞ୍ଚଳରେ ଅସୁରମାନେ ବାସ କରନ୍ତି । ତେଣୁ ରେ ବତ୍ସ ! ବାତ୍ସଲ୍ୟ ସ୍ନେହବଶତଃ କହୁଛି, କେବେହେଲେ ଦକ୍ଷିଣ ଦିଗକୁ ଯିବ ନାହିଁ ॥

अत्रान्तरे पौराः
अभिनवगुणग्रामे रामे विमुञ्चति पत्तनं
तरुणकरुणापारावारे निमज्जति सज्जने ।
अचलदचलेर्व्वी गुर्वी परं न तु कैकयी
कठिनकुलिशतुल्यं प्रायो मनः खलु योषिताम् ॥१५॥

ଅତ୍ରାନ୍ତରେ ପୌରାଃ -
ଅଭିନବଗୁଣଗ୍ରାମେ ରାମେ ବିମୁଞ୍ଚତି ପତ୍ତନଂ
ତରୁଣକରୁଣପାରାବାରେ ନିମଜ୍ଜତି ସଜ୍ଜନେ ।
ଅଚଳଦଚଳୈର୍ବୀ ଗୁର୍ବୀ ପରଂ ନତୁ କୈକେୟୀ
କଠିନ କୁଳିଶତୁଲ୍ୟଂ ପ୍ରାୟୋ ମନଃ ଖଳୁ ଯୋଷିତାମ୍ ॥ ୧୫॥

❊ ଏଥିଉତ୍ତାରୁ ସର୍ବଗୁଣସମ୍ପନ୍ନ ଶ୍ରୀରାମଚନ୍ଦ୍ର ସୀତା ଓ ଲକ୍ଷ୍ମଣଙ୍କ ସହିତ ଅଯୋଧ୍ୟାର ରାଜଭବନ ବାହାରକୁ ଆସି ବନକୁ ଯାତ୍ରା କରିବାର ଜାଣି ପୌରଜନମାନେ ଦୁଃଖ ପାରାବାରରେ ନିମଜ୍ଜିତ ହେବା ସଙ୍ଗେ ସଙ୍ଗେ ଅଚଳ ପରି ସ୍ତମ୍ଭୀଭୂତ ହୋଇ ଯାଇଥିଲେ । ଶ୍ରୀରାମଚନ୍ଦ୍ରଙ୍କୁ ଯାଉଥିବାର ଦେଖି ସେମାନେ ସମସ୍ତେ ଚଞ୍ଚଳ ହୋଇ ଉଠିଲେ ; କିନ୍ତୁ କୈକେୟୀ ଆଦୌ ବିଚଳିତ ହେଲେ ନାହିଁ । କାରଣ, ସ୍ତ୍ରୀଲୋକମାନଙ୍କର ମନ ପ୍ରାୟ କୁଳିଶ ପରି କଠିନ ହୋଇଥାଏ ॥

अथ वनप्रस्थाने सीतावचनात् रामस्य खेद:

सदय: पुरीपरिसरेषु शिरीषमृद्वी गत्वा जवात्त्रिचतुराणि पदानि सीता ।

गन्तव्यमस्ति कियदित्यसकृद्ब्रुवाणा रामाश्रुण: कृतवती प्रथमावतारम् ॥१६॥

ଅଥ ବନପ୍ରସ୍ଥାନେ ସୀତାବଚନାତ୍ ରାମସ୍ୟ ଖେଦଃ

ସଦ୍ୟଃ ପୁରୀପରିସରେଷୁ ଶିରୀଷମୃଦ୍ୱୀ ଗତ୍ୱା ଜବାତ୍ତ୍ରିଚତୁରାଣି ପଦାନି ସୀତା ।

ଗନ୍ତବ୍ୟମସ୍ତି କିୟଦିତ୍ୟସକୃଦ୍ ବ୍ରୁବାଣା ରାମାଶ୍ରୁଣଃ କୃତବତୀ ପ୍ରଥମାବତାରମ୍ ॥ ୧୬॥

❋ ଏହାପରେ ବନକୁ ଯିବାବେଳେ ସୀତାଙ୍କର ବାକ୍ୟ ଶୁଣି ଶ୍ରୀରାମ ଦୁଃଖିତ ହେଲେ । ଶିରୀଷ କୋମଳଗାତ୍ରୀ ସୀତା ଅଯୋଧ୍ୟା ପରିସରରେ ତିନି ଚାରି ପାଦ ଦ୍ରୁତ ଗତିରେ ଯିବା ପରେ ସ୍ୱାମୀ ଶ୍ରୀରାମଙ୍କୁ ବାରମ୍ବାର ପଚାରିଲେ- ଆଉ କେତେ ଦୂର ଯିବାକୁ ପଡ଼ିବ ? ସୀତାଙ୍କ ମୁଖରୁ ଏହି କଥା ଶୁଣି ଶ୍ରୀରାମଙ୍କ ନେତ୍ରଦ୍ୱୟ ଅଶ୍ରୁ ଜଳରେ ପୂର୍ଣ୍ଣ ହୋଇଗଲା ॥

धरणीं प्रति श्रीराम:

अरुणतरममन्दं स्निग्धपादारविन्दं कठिनतरधरण्यां भीतभीतार्पयन्ती ।

अवनि तव सुतेयं पादविन्यासदेशे त्यज निजकठिनत्वं जानकी यात्वरण्यम् ॥१७॥

ଧରଣୀଂ ପ୍ରତି ଶ୍ରୀରାମଃ

ଅରୁଣତରମମନ୍ଦଂ ସ୍ନିଗ୍ଧପାଦାରବିନ୍ଦଂ
କଠିନତରଧରଣ୍ୟାଂ ଭୀତଭୀତାର୍ପୟନ୍ତୀ ।
ଅବନି ତବ ସୁତେୟଂ ପାଦବିନ୍ୟାସଦେଶେ
ତ୍ୟଜ ନିଜକଠିନତ୍ୱଂ ଜାନକୀ ଯାତ୍ୱରଣ୍ୟମ୍ ॥ ୧୭॥

❋ ଶ୍ରୀରାମ ଧରଣୀକୁ ଲକ୍ଷ୍ୟ କରି କହିଲେ ହେ ଅବନି ! ଉପରିଭାଗ କଠିନ ହୋଇଥିବାରୁ ତୁମର କୋମଳାଙ୍ଗୀ କନ୍ୟା ସୀତାଙ୍କ ପାଦଦ୍ୱୟ ଆରକ୍ତ ଦେଖାଯାଉଛି । ତେଣୁ ଭୟଭୀତା ସୀତା ଧୀରେ ଧୀରେ ଚାଲୁଛନ୍ତି । ଦୟାକରି ତୁମ କନ୍ୟା ଯେଉଁଠି ପାଦବିନ୍ୟାସ କରୁଛନ୍ତି ସେଠାରେ କଠିନତା ତ୍ୟାଗ କରନ୍ତୁ । ଜାନକୀ କଷ୍ଟ ନ ପାଇ ଅରଣ୍ୟକୁ ଯାଆନ୍ତୁ ॥

पथि सीतां प्रति पथिकवधूनां वाक्यम्

पथि पथिकवधूभि: सादरं पृच्छ्यमाना कुवलयदलनील: कोऽयमार्य्य तवेति ।

स्मितविकसितगण्डं व्रीडविभ्रान्तनेत्रं मुखमवनमयन्ती स्पष्टमाचष्ट सीता ॥१८॥

ପଥି ସୀତାଂ ପ୍ରତି ପଥିକବଧୂନାଂ ବାକ୍ୟମ୍-

ପଥି ପଥିକବଧୂଭିଃ ସାଦରଂ ପୃଚ୍ଛ୍ୟମାନା କୁବଳୟଦଳନୀଳଃ କୋଽୟମାର୍ଯ୍ୟେ ତବେତି ।

ସ୍ମିତବିକସିତଗଣ୍ଡଂ ବ୍ରୀଡ଼ବିଭ୍ରାନ୍ତନେତ୍ରଂ ମୁଖମବନମୟନ୍ତୀ ସ୍ପଷ୍ଟମାଚଷ୍ଟ ସୀତା ॥ ୧୮ ॥

❋ ପଥିକବଧୂମାନେ ବାଟରେ ସୀତାଙ୍କୁ ଦେଖି ଆଦରର ସହିତ ପଚାରିଲେ-ହେ ଆର୍ଯ୍ୟେ ! କୁବଳୟଦଳ ସଦୃଶ ଶ୍ୟାମଶରୀର ପୁରୁଷ ତୁମର ସମ୍ପର୍କରେ କଣ ହେବେ ? ସ୍ମିତଶୋଭିତ ଗଣ୍ଡ ଓ

ଲଜ୍ଜାଶୀଳ ନେତ୍ର ଯୁକ୍ତ ମୁଖକୁ ଅବନତ କରି ସୀତା ସୂଚନା ଦେଲେ ଯେ ସେ ନିଜେ ହେଉଛନ୍ତି ତାଙ୍କରି ପତ୍ନୀ ॥

मसृण चरणपातं न्यस्यतां भूः सदर्भा विरचय सिचयान्तं मूर्ध्नि धर्मः कठोरः ।
तदिति जनकपुत्री लोचनैरश्रुपूर्णैःपथि पथिकवधूभिर्वीक्षिता शिक्षिता च ॥१९॥
ମସୃଣଚରଣପାତଂ ନ୍ୟସ୍ୟତାଂ ଭୂଃ ସଦର୍ଭା ବିରଚୟ ସିଚୟାନ୍ତଂ ମୂର୍ଦ୍ଧ୍ନି ଧର୍ମଃ କଠୋରଃ ।
ତଦିତି ଜନକପୁତ୍ରୀ ଲୋଚନୈରଶ୍ରୁପୂର୍ଣ୍ଣୈଃ ପଥି ପଥିକବଧୂଭିର୍ବୀକ୍ଷିତା ଶିକ୍ଷିତା ଚ ॥ ୧୯॥

❋ ପୃଥିବୀର ପୃଷ୍ଠଦେଶ କୁଶକଣ୍ଟାରେ ପୂର୍ଣ୍ଣ ହୋଇଥିବାରୁ ସୀତା ସ୍ୱେଦଜଳରେ ସ୍ନାନ କଲାପରି ଦେଖାଯାଉଥିଲେ । ପଥିକ ରମଣୀଗଣ ଏହା ଦେଖି ଅଶ୍ରୁଳ ନୟନରେ ସୀତାଙ୍କୁ ମାର୍ଗଦର୍ଶନ କରିବା ସଙ୍ଗେ ସଙ୍ଗେ ଧୀରେ ଧୀରେ ଯିବା ପାଇଁ ପରାମର୍ଶ ଦେଇଥିଲେ ॥

प्रथमपथिकमस्मिन् कानने रामचन्द्रं
तदनुचरणगम्या कान्तमेकाकिनी सा ।
त्वरितमगणयन्ती पर्य्यटन्ती दिगन्तान्
भजति हि हिमरश्मिं रोहिणीवन्निशायाम् ॥२०॥
ପ୍ରଥମପଥିକମସ୍ମିନ୍ କାନନେ ରାମଚନ୍ଦ୍ରଂ
ତଦନୁଚରଣଗମ୍ୟା କାନ୍ତମେକାକିନୀ ସା ।
ତ୍ୱରିତମଗଣୟନ୍ତୀ ପର୍ଯ୍ୟଟନ୍ତୀ ଦିଗନ୍ତାନ୍
ଭଜତି ହି ହିମରଶ୍ମିଂ ରୋହିଣୀବନ୍ନିଶାୟାମ୍ ॥ ୨୦॥

❋ ଅରଣ୍ୟ ପଥରେ ପ୍ରଥମ କରି ପଥିକ ହୋଇଥିବା ଶ୍ରୀରାମଚନ୍ଦ୍ରଙ୍କୁ ଅନୁଗମନ କରୁଥିବା ସୀତା କ୍ଳାନ୍ତିଜନିତ ଦୁଃଖକୁ ଗଣନା ନ କରି ରାତ୍ରିକାଳରେ ହିମରଶ୍ମି ଚନ୍ଦ୍ରଙ୍କୁ ରୋହିଣୀ (ନକ୍ଷତ୍ର) ଅନୁସରଣ କଲା ପରି ଯାତ୍ରା କରୁଥିଲେ ॥

सीतां प्रति रामवाक्यम्

ग्रावणखण्डं परिहर पुरः कण्टकिन्यत्र वीरुद्
विश्वग्बर्हिः पदमविहतं किंचिदुच्चैः कुरुष्व ।
तिर्यग्ग्रीवं विनिमय शिरः पश्य वल्लीं शिरस्था-
मग्रस्था ते चलितचमरी सुस्थिरा तावदास्ते ॥२१॥

ସୀତାଂ ପ୍ରତି ରାମବାକ୍ୟମ୍-

ଗ୍ରାବଣଖଣ୍ଡଂ ପରିହର ପୁରଃ କଣ୍ଟକିନ୍ୟତ୍ର ବୀରୁଦ୍
ବିଶ୍ୱଗ୍‌ବର୍ହିଃ ପଦମବିହତଂ କିଞ୍ଚିଦୁଚ୍ଚୈଃ କୁରୁଷ୍ୱ ।
ତିର୍ଯ୍ୟଗ୍‌ଗ୍ରୀବଂ ବିନିମୟ ଶିରଃ ପଶ୍ୟ ବଲ୍ଲୀଂ ଶିରସ୍ଥା-
ମଗ୍ରସ୍ଥା ତେ ଚଳିତଚମରୀ ସୁସ୍ଥିରା ତାବଦାସ୍ତେ ॥ ୨୧॥

❋ ଶ୍ରୀରାମଚନ୍ଦ୍ର କହିଲେ- ହେ ସୀତେ ! ଆଗରେ ପଥରଖଣ୍ଡ ପଡ଼ିଛି ଓ କଣ୍ଟାଯୁକ୍ତ ଲତା ଚାରିଆଡେ ମାଡ଼ିଛି । ତୁମେ ତଳକୁ ଚାହିଁ ପାଦ ଉଠାଇ ଧୀରେ ଧୀରେ ଚାଲ । ତୁମ ଆଗରେ ଯାଉଥିବା ଚମରୀ ମୃଗ କିପରି ସ୍ଥିର ହୋଇ ରହିଛି ତାହା ଦେଖ ॥

यद्धेतोर्जनकक्षतिः क्षितिभुजा शून्या क्षितिर्वर्त्तते
विश्वस्ता वत मातरः क्षितिसुखैर्हीना युवभ्रातरः ।
पत्नीत्वं जनकाधिराजतनया पद्भ्यां भुवं गाहते
माभूद् भूमितले कदाचिदवले श्रीरामनामा जनः ॥२२॥

ଯଦ୍ଧେତୋର୍ଜନକକ୍ଷତିଃ କ୍ଷିତିଭୁଜା ଶୂନ୍ୟା କ୍ଷିତିର୍ବର୍ତ୍ତତେ
ବିଶ୍ୱସ୍ତା ବତ ମାତରଃ କ୍ଷିତିସୁଖୈର୍ହୀନା ଯୁବଭ୍ରାତରଃ ।
ପତ୍ନୀତ୍ୱଂ ଜନକାଧିରାଜତନୟା ପଦ୍ଭ୍ୟାଂ ଭୁବ ଗାହତେ
ମାଭୂଦ୍ ଭୂମିତଳେ କଦାଚିଦବଳେ ଶ୍ରୀରାମନାମା ଜନଃ ॥୨୨॥

❋ ଜନକ ଦଶରଥ ଯାହାପାଇଁ ମୃତ୍ୟୁବରଣ କଲେ, ପୃଥିବୀ ଅରାଜକ ହେଲା, ମାତୃଗଣଙ୍କ ବିଶ୍ୱାସରେ ସନ୍ଦେହ ଜାତ ହେଲା, ଯୁବକ ଭାଇମାନେ ରାଜକୀୟ ଭୋଗବିଳାସରୁ ବଞ୍ଚିତ ହେଲେ ଓ ପତ୍ନୀ ଜାନକୀ ଖାଲି ପାଦରେ ଚାଲିଲେ, ହେ ଅବଳେ ! ସେହି ଶ୍ରୀରାମ ନାମକ ବ୍ୟକ୍ତି ପୃଥିବୀରେ- କେବେ ନ ରହୁ, ତା'ର ନାମ ଲୋପ ପାଇଯାଉ ॥

श्रीरामं प्रति जानकी

पदकमलरजोभिस्त्यक्तपाषाणदेहामलभत यदहल्यां गोतमो धर्मपत्नीम् ।
त्वयि विचरति शीर्णग्राविण विन्ध्याद्रिपादे कति कति भवितारस्तापसा दारवन्तः॥२३॥

ଶ୍ରୀରାମଂ ପ୍ରତି ଜାନକୀ

ପଦକମଳରଜୋଭିସ୍ତ୍ୟକ୍ତପାଷାଣଦେହା ମଲଭତ ଯଦହଲ୍ୟାଂ ଗୌତମୋ ଧର୍ମପତ୍ନୀମ୍ ।
ତ୍ୱୟି ବିଚରତି ଶୀର୍ଣ୍ଣଗ୍ରାବ୍ଣି ବିନ୍ଧ୍ୟାଦ୍ରିପାଦେ କତିକତି ଭବିତାରସ୍ତାପସା ଦାରବନ୍ତଃ ॥୨୩॥

❋ ଜାନକୀ ଶ୍ରୀରାମଚନ୍ଦ୍ରଙ୍କୁ କହିଲେ- ଆପଣଙ୍କ ପଦକମଳରେଣୁ ସ୍ପର୍ଶରେ ପାଷାଣୀ ଅହଲ୍ୟା ମୁକ୍ତ ହୋଇ ମହର୍ଷି ଗୌତମଙ୍କୁ ପତି ରୂପେ ପାଇଲେ । ବିନ୍ଧ୍ୟପର୍ବତର ପାଦଦେଶରେ ଆପଣ ଭ୍ରମଣ କରୁଥିବାବେଳେ ତଳେ ପଡିଥିବା ପଥରଖଣ୍ଡଗୁଡିକ ଆପଣଙ୍କ ପାଦ ସ୍ପର୍ଶମାତ୍ରେ କେତେ ତପସ୍ୱୀଙ୍କୁ ଯେ ପତ୍ନୀଯୁକ୍ତ କରିବ ତାହା କିଏ କହିବ ?

श्रीराममनुव्रज्यागतः सुमन्त्रो दशरथं प्रति

भवद्गिरा राज्यमपास्य तूर्णं वनं जगामेव रघुप्रवीरः ।
निषङ्गपृष्ठः शरचापहस्तः सहानुजेनैव तु सीतया च ॥२४॥

ଶ୍ରୀରାମମନୁବ୍ରଜ୍ୟାଗତଃ ସୁମନ୍ତ୍ରୋ ଦଶରଥଂ ପ୍ରତି

ଭବଦ୍‌ଗିରା ରାଜ୍ୟମପାସ୍ୟ ତୂର୍ଣ୍ଣଂ ବନଂ ଜଗାମୈବ ରଘୁପ୍ରବୀରଃ ।
ନିଷଙ୍ଗପୃଷ୍ଠଃ ଶରଚାପହସ୍ତଃ ସହାନୁଜେନୈବ ତୁ ସୀତୟା ଚ ॥୨୪॥

❋ ଶ୍ରୀରାମଙ୍କୁ ବିଦାୟ ଜଣାଇ ଫେରିଆସିଥିବା ମନ୍ତ୍ରୀ ସୁମନ୍ତ୍ର ରାଜା ଦଶରଥଙ୍କୁ କହିଲେ- ରାଜନ୍ ! ଆପଣଙ୍କ ଆଦେଶ ଅନୁସାରେ ଶ୍ରୀରାମଚନ୍ଦ୍ର ଅନୁଜ ଲକ୍ଷ୍ମଣ ଓ ପତ୍ନୀ ସୀତାଙ୍କ ସହିତ ଯଥାଶୀଘ୍ର ବନଗମନ କରିଛନ୍ତି ॥

एतत् श्रुत्वा दशरथः

आहूतस्याभिषेकाय प्रस्थितस्य वनायच ।
न मया लक्षितस्तस्य स्वल्पोऽप्याकारविभ्रमः ॥२५॥

ଏତତ୍ଶ୍ରୁତ୍ୱା ଦଶରଥଃ

ଆହୂତସ୍ୟାଭିଷେକାୟ ପ୍ରସ୍ଥିତସ୍ୟ ବନାୟ ଚ ।
ନ ମୟା ଲକ୍ଷିତସ୍ତସ୍ୟ ସ୍ୱଳ୍ପୋଽପ୍ୟାକାରବିଭ୍ରମଃ ॥୨୫॥

❋ ସୁମନ୍ତ୍ରଙ୍କ ବାଣୀ ଶୁଣି ଦଶରଥ କହିଲେ, ଅଭିଷେକ ପାଇଁ ଡକାଇ ରାମଙ୍କୁ ବନକୁ ପଠାଇଦେଲି । ମୂଢ଼ତା ବଶତଃ ମୁଁ ତାକୁ ଆଉ ଦେଖିପାରିଲି ନାହିଁ ॥

हृदयान्नापयातोऽसि दिक्षु सर्वासु वीक्ष्यसे ।
वत्स राम गतोऽसीति संलापादनुमीयते ॥२६॥

ହୃଦୟାନ୍ନାପୟାତୋଽସି ଦିକ୍ଷୁ ସର୍ବାସୁ ବୀକ୍ଷ୍ୟସେ ।
ବତ୍ସ ରାମ ଗତୋଽସୀତି ସଂଳାପାଦନୁମୀୟତେ ॥୨୬॥

❋ ରେ ବତ୍ସ ରାମ ! ତୁ ମୋର ହୃଦୟରୁ ଯାଇ ନାହୁଁ । ଚାରିଆଡ଼େ ତୋର ରୂପ ଦେଖାଯାଉଛି ; କିନ୍ତୁ ଲୋକମୁଖରୁ ତୁ ବନକୁ ଚାଲି ଯାଇଛୁ ବୋଲି ଶୁଣୁଛି ॥

मद्गृहे विरम राम मुहूर्त्तं पृच्छयते पुनरसौ क्षितिपालः।
आश्रयेति परिवृत्तिमकस्मादुन्मदस्य जरतश्च वचांसि ॥२७॥

ମଦ୍‌ଗୃହେ ବିରମ ରାମ ମୁହୂର୍ତ୍ତଂ ପୃଚ୍ଛ୍ୟତେ ପୁନରସୌ କ୍ଷିତିପାଳଃ ।
ଆଶ୍ରୟେତି ପରିବୃତ୍ତିମକସ୍ମାଦୁନ୍ମଦସ୍ୟ ଜରତଶ୍ଚ ବଚାଂସି ॥୨୭॥

❋ ହେ ଶ୍ରୀରାମ ! ରାଜା ଦଶରଥଙ୍କର ଅନୁରୋଧ ରକ୍ଷା କରି ମୁହୂର୍ତ୍ତେ ମାତ୍ର ଅପେକ୍ଷା କର । ବୃଦ୍ଧ ଉନ୍ମାଦଗ୍ରସ୍ତ ବ୍ୟକ୍ତିର କଥାରେ ପଡ଼ି ବନକୁ ନ ଯାଇ ଫେରି ଆସ ॥

इन्द्रनीलमणिमन्दिरोदरे यां विलासविदुषी निषेदुषी ।
सापि हन्त मिथिलेन्द्रनन्दिनी भूमितल्पमुपकल्पते वने ॥२८॥

ଇନ୍ଦ୍ରନୀଳମଣିମନ୍ଦିରୋଦରେ ଯା ବିଳାସବିଦୁଷୀ ନିଷେଦୁଷୀ ।
ସାପି ହନ୍ତ ମିଥିଳେନ୍ଦ୍ରନନ୍ଦିନୀ ଭୂମିତଳ୍ପମୁପକଳ୍ପତେ ବନେ ॥୨୮॥

❊ ଇନ୍ଦ୍ରନୀଳମଣିମଣ୍ଡିତ ରାଜଭବନର ଅନ୍ତଃପୁରରେ ବିଳାସିନୀ ସୁପଣ୍ଡିତା ମୈଥିଳୀ କାଳଯାପନ କରୁଥିଲେ । ହାୟ ! ସେ ଆଜି ବନରେ କଣ୍ଟକିତ ଭୂଶଯ୍ୟାରେ ଶୟନ କରୁଛନ୍ତି ॥

श्रुत्वा सुमन्त्रवचनेन सुतप्रयाणं शापस्य तस्य च विचिन्त्य विपाकवेलाम् ।
हा राघवेति सकृदृच्चरिते नृपेण निःश्वस्य दीर्घतरमुच्छ्वसितं न भूयः ॥२९॥

ଶ୍ରୁତ୍ୱା ସୁମନ୍ତ୍ରବଚନେନ ସୁତପ୍ରୟାଣଂ ଶାପସ୍ୟ ତସ୍ୟଚ ବିଚିନ୍ତ୍ୟ ବିପାକବେଳମ୍ ।
ହା ରାଘବେତି ସକୃଦୁଚ୍ଚରିତେ ନୃପେଣ ନିଃଶ୍ୱସ୍ୟ ଦୀର୍ଘତରମୁଚ୍ଛ୍ୱସିତଂ ନ ଭୂୟଃ ॥୨୯॥

❊ ମନ୍ତ୍ରୀ ସୁମନ୍ତ୍ରଙ୍କ ମୁଖରୁ ସୀତା ଓ ଲକ୍ଷ୍ମଣଙ୍କ ସହିତ ଶ୍ରୀରାମ ବନକୁ ଯିବାର ଶୁଣି ରାଜା ଦଶରଥ ଅନ୍ଧମୁନିଙ୍କ ଅଭିଶାପ ଏବେ ଫଳିଲା ବୋଲି ଜାଣି ପାରିଲେ । ପୁତ୍ରମୁଖ ଆଉ ଦେଖିପାରିବେ ନାହିଁ, ସେହି ସମୟ ଏବେ ଉପସ୍ଥିତ ହେଲା ବୋଲି ଜାଣି ରାଜା ହା ରାଘବ ଶବ୍ଦ ଉଚ୍ଚାରଣ କରି ବାରମ୍ବାର ଦୀର୍ଘନିଃଶ୍ୱାସ ତ୍ୟାଗ କଲେ ॥

प्राणाधिकतमं रामं वनं प्रव्राज्य भूपतिः ।
शोकाग्निना जहौ देहं तमपश्यन् प्रियं सुतम् ॥३०॥

ପ୍ରାଣାଧିକତମଂ ରାମଂ ବନଂ ପ୍ରବ୍ରାଜ୍ୟ ଭୂପତିଃ ।
ଶୋକାଗ୍ନିନା ଜହୌ ଦେହଂ ତମପଶ୍ୟନ୍ ପ୍ରିୟଂ ସୁତମ୍ ॥୩୦॥

❊ ରାଜା ପ୍ରାଣଠାରୁ ବଳି ଅଧିକ ପ୍ରିୟ ପୁତ୍ର ରାମଙ୍କୁ ବନକୁ ପଠାଇଦେଇ ତାଙ୍କୁ ଦେଖି ନ ପାରି ସେଇ ଚିନ୍ତାରେ ଶୋକବିହ୍ୱଳ ଅବସ୍ଥାରେ ପ୍ରାଣ ବିସର୍ଜନ କଲେ ॥

अथ पौरजनः

जातः सूर्य्यकुले पिता दशरथ क्षोणीभुजामग्रणीः
सीता सत्यपरायणा प्रणयिनी यस्यानुजो लक्ष्मणः ।
दोर्दण्डेन समो न चास्ति भुवने प्रत्यक्षविष्णुः स्वयं
रामो येन विडम्बितोऽपि विधिनान्यस्मिन्जने का कथा ॥३१॥

ଅଥ ପୌରଜନଃ

ଜାତଃ ସୂର୍ଯ୍ୟକୁଳେ ପିତା ଦଶରଥ କ୍ଷୌଣୀଭୁଜାମଗ୍ରଣୀଃ
ସୀତା ସତ୍ୟପରାୟଣା ପ୍ରଣୟିନୀ ଯସ୍ୟାନୁଜୋ ଲକ୍ଷ୍ମଣଃ ।
ଦୋର୍ଦଣ୍ଡେନ ସମୋ ନ ଚାସ୍ତି ଭୁବନେ ପ୍ରତ୍ୟକ୍ଷବିଷ୍ଣୁଃ ସ୍ୱୟଂ
ରାମୋ ଯେନ ବିଡମ୍ବିତୋଽପି ବିଧିନାନ୍ୟସ୍ମିନ୍ ଜନେ କା କଥା ॥୩୧॥

❊ ପୁରବାସୀଗଣ ଭାବିଲେ- ସୂର୍ଯ୍ୟବଂଶରେ ଯାହାର ଜନ୍ମ, ପିତା ସସାଗରା ପୃଥିବୀର ଅଗ୍ରଣୀ ରାଜା ଦଶରଥ, ପତ୍ନୀ ସତ୍ୟପରାୟଣା ସତୀ ସୀତା, ଭାଇ ତ୍ରିଭୁବନବିଜୟୀ ଲକ୍ଷ୍ମଣ ଓ ଯେ ସ୍ୱୟଂ ବିଷ୍ଣୁ, ସେହି ରାମଙ୍କ ପ୍ରତି ବିଧାତା ଯଦି ବାମ ହେଲା ତେବେ ଅନ୍ୟମାନଙ୍କ କଥା କଣ କହିବା ?

जामाता पुरुषोत्तमो भगवती लक्ष्मीः स्वयं कन्यका
दूतो यत्र बभूव कौशिकमुनिः यज्वा वशिष्ठः स्वयम् ।
दाता श्रीजनकः प्रदानसमये चैकादशस्था ग्रहाः
किं ब्रूमो भवितव्यतां बलवतीं रामोऽपि यातो वनम् ॥३२॥

ଜାମାତା ପୁରୁଷୋତ୍ତମୋ ଭଗବତୀ ଲକ୍ଷ୍ମୀଃ ସ୍ୱୟଂ କନ୍ୟକା
ଦୂତୋ ଯତ୍ର ବଭୂବ କୌଶିକମୁନିଃ ଯଜ୍ୱା ବଶିଷ୍ଠଃ ସ୍ୱୟମ୍ ।
ଦାତା ଶ୍ରୀଜନକଃ ପ୍ରଦାନସମୟେ ଚୈକାଦଶସ୍ଥା ଗ୍ରହାଃ
କିଂ ବୃମୋ ଭବିତବ୍ୟତାଂ ବଳବତୀଂ ରାମୋଽପି ଯାତୋ ବନମ୍ ॥୩୨॥

❋ ସ୍ୱୟଂ ପୁରୁଷୋତ୍ତମ ଶ୍ରୀରାମ ହେଉଛନ୍ତି ଜାମାତା, ଭଗବତୀ ଲକ୍ଷ୍ମୀ କନ୍ୟା, ବିଶ୍ୱାମିତ୍ର ମୁନି ଦୂତ, ବଶିଷ୍ଠ ମହର୍ଷି କୂଳପୁରୋହିତ, କନ୍ୟାଦାତା ଜନକ, କନ୍ୟାଦାନ କାଳରେ ଶୁଭଗ୍ରହଗଣ ଏକାଦଶସ୍ଥ ତଥାପି ରାମ ବନକୁ ଗଲେ ; କେହି ଏହାର ପ୍ରତିରୋଧ କରିପାରିଲେ ନାହିଁ । ତେଣୁ ଦୈବ ହେଉଛି ସବୁଠାରୁ ବଳବାନ୍ । ଯାହା ହେବାର ଥିବ ତାହା ହେବ । ତେଣୁ ବଳବତୀ ଭବିତବ୍ୟତା ବିଷୟରେ କିଛି କହିହେବ ନାହିଁ ।

वनस्थरामे काकचरित्रम् -

रक्षोभिचारचरुपिण्डमिव स्तनं यो देव्याः विदेहदुहितुर्विददार काकः ।
ऐपिकमस्त्रमधिकृत्य तदा तमक्ष्णा काणीचकार चरमो रघुराजपुत्रः ॥३३॥

ବନସ୍ଥରାମେ କାକଚରିତ୍ରମ୍ -

ରକ୍ଷୋଽଭିଚାରଚରୁପିଣ୍ଡମିବ ସ୍ତନଂ ଯୋ ଦେବ୍ୟାଃ ବିଦେହଦୁହିତୁର୍ବିଦଦାର କାକଃ ।
ଐଷିକମସ୍ତ୍ରମଧିକୃତ୍ୟ ତଦା ତମକ୍ଷ୍ଣା କାଣୀଚକାର ଚରମୋ ରଘୁରାଜପୁତ୍ରଃ ॥୩୩॥

❋ ବନବାସ କାଳରେ ରାକ୍ଷସମାନଙ୍କ ନିବାରଣ ପାଇଁ ତନ୍ତ୍ରମନ୍ତ୍ରରେ ଉତ୍ସର୍ଗୀକୃତ ପିଣ୍ଡ ସଦୃଶ ବୈଦେହୀଙ୍କର ସ୍ତନଦ୍ୱୟ ଦେଖି ଏକ କାକ ଆସି ତାକୁ ବିଦାରଣ କରିବାରୁ ଲକ୍ଷ୍ମଣ ଐଷିକ ବାଣ ନିକ୍ଷେପ କରି ତା'ର ଆଖିକୁ କଣା କରିଦେଇଥିଲେ ॥

अथ मन्त्रिणानीते मातुलगृहाद् भरते मात्रा सह तस्युक्तिप्रत्युक्ती ।

मातस्तातः क्व यातः सुरपतिभुवनं हा कुतः पुत्रशोकात्
कोऽसौ पुत्रश्चतुर्णां त्वमवरजतया यस्य जातः किमस्य ।
प्राप्तोऽसौ काननान्तं किमिति नृपपरा किं तथासौ वभापे
मद्वाग्दग्धः फलं ते किमिह तव धराधीशता हा हतोऽस्मि ॥३४॥

ଅଥ ମନ୍ତ୍ରିଣାନୀତେ ମାତୁଳଗୃହାଦ୍ ଭରତେ ମାତ୍ରା ସହ ତସ୍ୟ ଉକ୍ତିପ୍ରତ୍ୟୁକ୍ତୀ ।

ମାତସ୍ତାତଃ କ୍ୱ ଯାତଃ ସୁରପତିଭୁବନଂ ହା କୁତଃ ପୁତ୍ରଶୋକାତ୍
କୋଽସୌ ପୁତ୍ରଶ୍ଚତୁର୍ଣ୍ଣାଂ ତ୍ୱମବରଜତୟା ଯସ୍ୟ ଜାତଃ କିମସ୍ୟ ।

ପ୍ରାପ୍ତୋଽସୌ କାନନାନ୍ତଂ କିମିତି ନୃପପରା କିଂ ତଥାସୌ ବଭାଷେ
ମଦ୍‌ବାଗ୍‌ଦେଗ୍ଧଃ ଫଳଂ ତେ କିମିହ ତବ ଧରାଧୀଶତା ହା ହତୋଽସ୍ମି ॥୩୪॥

❋ ଏଥିଉତ୍ତାରୁ ମନ୍ତ୍ରୀଙ୍କ ସହିତ ମାତୁଳ ଗୃହରୁ ଫେରି ଆସି ଭରତ ମାତା କୈକେୟୀଙ୍କୁ ପଚାରିଲେ- ପିତା କୁଆଡେ ଗଲେ ? କୈକେୟୀ କହିଲେ- ମୃତ୍ୟୁବରଣ କରିଛନ୍ତି । କିପରି ? ପୁତ୍ରଶୋକ ହେତୁ । ଚାରିପୁଅଙ୍କ ମଧରୁ କେଉଁ ପୁଅ ପାଇଁ ଦେହତ୍ୟାଗ କଲେ ? ଜ୍ୟେଷ୍ଠପୁତ୍ର ରାମଙ୍କ ପାଇଁ । ରାମଙ୍କର କଣ ହେଲା ? ପିତୃସତ୍ୟ ପାଳନ ପାଇଁ ସେ ବନକୁ ଗଲେ । ବନଗମନର କାରଣ କଣ ? ମୋ' କଥାରେ ଗଲେ । କଣ ପାଇଁ ତୁମେ ଏପରି କଲ ? ତୁ ରାଜା ହେବୁ ବୋଲି । ଏହା ଶୁଣି ଭରତ କହିଲେ ହାୟ ! ବିଧାତା କଣ କଲା ? ମୋର ପ୍ରାଣ ନ ଯାଇ କିପରି ରହିଛି ?

सैषा निकृष्टमतिरात्मकुलोचितेषु धर्मेषु सत्स्वपि खला पिशिताशिनीव ।
माकन्दशालिनि वने विषवल्लिकेव हा हन्त केकयसुता कथमाविरासीत् ॥३५॥

ସୈଷା ନିକୃଷ୍ଟମତିରାତ୍ମକୁଳୋଚିତେଷୁ ଧର୍ମେଷୁ ସତ୍ସ୍ୱପି ଖଳା ପିଶିତାଶିନୀବ ।
ମାକନ୍ଦଶାଳିନି ବନେ ବିଷବଲ୍ଲିକେବ ହାହନ୍ତ କେକୟସୁତା କଥମାବିରାସୀତ୍ ॥୩୫॥

❋ କେକୟସୁତା କୈକେୟୀ କୁଳୀନ ଧର୍ମପରାୟଣ ବଂଶରେ ଜନ୍ମହୋଇ ମଧ ସ୍ୱକୁଳଧର୍ମ ତ୍ୟାଗ କରି କିପରି ରେ ରାକ୍ଷସୀ ପରି ହୀନବୃଦ୍ଧ ନୀଚ ଆଚରଣ କଲା ? ଆମ୍ରବନରେ ବିଷଲତା ପରି କୈକେୟୀ ମାତା କେକୟ ରାଜକୁଳରେ କିପରି ଜନ୍ମଗ୍ରହଣ କଲା ?

आनम्रमौलिमतिबाहितराजवेशमानन्दयन्तमखिलानवलोकनेन ।
हा हन्त केकयसुतानयनाभिरामं रामं कथं तु मुनिवेशधरं चकार ॥३६॥
ଆନମ୍ରମୌଳିମତିବାହିତରାଜବେଶମାନନ୍ଦୟନ୍ତମଖିଳାନବଲୋକନେନ ।
ହାହନ୍ତ କେକୟସୁତାନୟନାଭିରାମଂ ରାମଂ କଥଂ ତୁ ମୁନିବେଶଧରଂ ଚକାର ॥୩୬॥

❋ ହାୟ, କୈକେୟୀ କାହିଁକି ସର୍ବଦା ଧୀର, ନମ୍ର, ସର୍ବଗୁଣସମ୍ପନ୍ନ, ନିଖିଳଜନ ଚିତ୍ତାନୁରଞ୍ଜନ ରାମଚନ୍ଦ୍ରଙ୍କୁ ମୁନିବେଶ ଧାରଣ ପାଇଁ ବାଧ୍ୟ କଲେ ?

भरतं दृष्ट्वा कौशल्याविलापः
पतिरवनिपतेः सुतः स रामो विनयवर्ती वधूं क्रमेण लब्धा ।
अहह युगपदेव सर्वमेतन्मम मुषितं विधिनातिनिर्घृणेन ॥३७॥
ଭରତଂ ଦୃଷ୍ଟ୍ୱା କୌଶଲ୍ୟାବିଳାପଃ
ପତିରବନିପତେଃ ସୁତଃ ସ ରାମୋ ବିନୟବର୍ତୀ ବଧୂଂ କ୍ରମେଣ ଲବ୍ଧା ।
ଅହହ ଯୁଗପଦେବ ସର୍ବମେତନ୍ମମ ମୁଷିତଂ ବିଧିନାତିନିର୍ଘୃଣେନ ॥୩୭॥

❋ ଭରତଙ୍କୁ ଦେଖି ଦେବୀ କୌଶଲ୍ୟା କାନ୍ଦି କାନ୍ଦି କହିଲେ- ପୃଥିବୀପତିମାନଙ୍କର ପତି ରାଜା ଦଶରଥଙ୍କ ସୁତ ଶ୍ରୀରାମ ମୋ କୋଳରେ ଜନ୍ମହେଲେ ଓ ଯଥାସମୟରେ ଗୁଣବତୀ ବଧୂ ଲାଭ

କଲେ । କିନ୍ତୁ ହାୟ, ଦାରୁଣ ବିଧି ଅତି ନିର୍ଦ୍ଦୟ ହୋଇ ମୋ ପରି ହତଭାଗିନୀର ସବୁକିଛି ସୁଖ ସୌଭାଗ୍ୟ ଏକ ସମୟରେ ହରଣ କରିନେଲା ॥

शत्रुघ्नवाक्यम्

सायोध्यानगरी तदाश्रमपदं ते यज्ञयूपा इमे
तेऽमी पौरवधूविलाससुभगास्तेऽमी लतामण्डपाः ।
सैवेयं सरयू रघूद्वहरहःक्रीडाकथासाक्षिणी
सर्वं पूर्वमिवास्ति नास्ति च परं रामावतारो हरिः ॥३८॥

ଶତ୍ରୁଘ୍ନବାକ୍ୟମ୍

ସାୟୋଧାନଗରୀ ତଦାଶ୍ରମପଦଂ ତେ ଯଜ୍ଞଯୂପା ଇମେ
ତେଽମୀ ପୌରବଧୂବିଳାସସୁଭଗାସ୍ତେଽମୀ ଲତାମଣ୍ଡପାଃ ।
ସୈବେୟଂ ସରୟୂ ରଘୂଦ୍ୱହରହଃକ୍ରୀଡ଼ାକଥାସାକ୍ଷିଣୀ
ସର୍ବଂ ପୂର୍ବମିବାସ୍ତି ନାସ୍ତି ଚ ପରଂ ରାମାବତାରୋ ହରିଃ ॥୩୮॥

❋ ଶତ୍ରୁଘ୍ନ କହିଲେ- ସେଇ ଅଯୋଧ୍ୟା ନଗରୀ ଅଛି । ସେହି ଆଶ୍ରମ, ଯଜ୍ଞଶାଳା, ଯୂପସ୍ତମ୍ଭ ପୂର୍ବପରି ଶୋଭାପାଉଛି । ବିଳାସିନୀ ପୌରାଙ୍ଗନାମାନେ ଅଛନ୍ତି ଓ ଲତାମଣ୍ଡପ ଗୁଡିକ ମଧ୍ୟ ଅଛି । ଶ୍ରୀରାମଙ୍କ ବିହାରସ୍ଥଳୀ ଓ ତାଙ୍କ ଲୀଳାବିଳାସର ସାକ୍ଷୀ ସରୟୂନଦୀ ବି ପ୍ରବାହିତା ହେଉଛି । ପୂର୍ବପରି ସବୁକିଛି ଅଛି, ମାତ୍ର ରାମାବତାର ହରି ଅଯୋଧ୍ୟାରେ ନାହାନ୍ତି ॥

अथ भरतस्य चित्रकूटगमनम् ।

कृत्वोर्ध्वदैहिकं राज्ञश्चित्रकूटं गतस्तदा ।
कथयामास भरतस्तत्र रामं पितुर्मृतम् ॥३९॥

ଅଥ ଭରତସ୍ୟ ଚିତ୍ରକୂଟଗମନମ୍ ।

କୃତ୍ୱୋର୍ଦ୍ଧ୍ୱଦୈହିକଂ ରାଜ୍ଞଶ୍ଚିତ୍ରକୂଟଂ ଗତସ୍ତଦା ।
କଥୟାମାସ ଭରତସ୍ତତ୍ର ରାମଂ ପିତୁର୍ମୃତମ୍ ॥୩୯॥

❋ ରାଜା ଦଶରଥଙ୍କ ଅନ୍ତ୍ୟେଷ୍ଟି କୃତ୍ୟସାରି ଭରତ ଚିତ୍ରକୂଟ ଯାଇ ଶ୍ରୀରାମଙ୍କୁ ପିତାଙ୍କ ମହାପ୍ରୟାଣ ସମ୍ବାଦ ଜଣାଇଲେ ॥

अथ रामविलापः

हा तातेति न जल्पितं न रुदितं न स्वीकृतं तद्वचः
स्नातं नो न निरीक्षितः परिजनः पित्रे न दत्तं जलम् ।
हा धातः किमकारि तच्च दुरितं येन व्रजन्काननं
नापश्यं पितरं प्रयाणसमये वृद्धं गुरुं शर्मदम् ॥४०॥

ଅଥ ରାମବିଳାପଃ

ହା ତାତେତି ନ ଜଳ୍ପିତଂ ନ ରୁଦିତଂ ନ ସ୍ୱୀକୃତଂ ତଦ୍‌ବଚଃ
ସ୍ନାତଂ ନୋ ନ ନିରୀକ୍ଷିତଃ ପରିଜନଃ ପିତ୍ରେ ନ ଦତ୍ତଂ ଜଳମ୍ ।
ହା ଧାତଃ କିମକାରି ତଚ୍ଚ ଦୁରିତଂ ଯେନ ବ୍ରଜନ୍ କାନନଂ
ନାପଶ୍ୟଂ ପିତରଂ ପ୍ରୟାଣସମୟେ ବୃଦ୍ଧଂ ଗୁରୁଂ ଶର୍ମଦମ୍ ॥୪୦॥

❊ ଶ୍ରୀରାମଚନ୍ଦ୍ର କାନ୍ଦି କାନ୍ଦି କହିଲେ ହେ ପିତଃ ! ମୋତେ ପଦେ ହେଲେ କିଛି ନ କହି କି ମୁଁ ବନକୁ ଆସିଲି ବୋଲି ନ କାନ୍ଦି ତୁମେ ପ୍ରାଣତ୍ୟାଗ କଲ । ତୁମରି ସତ୍ୟରକ୍ଷା ପାଇଁ ବନକୁ ଆସିବାରୁ ମୁଁ ତୁମର ଶେଷଦର୍ଶନ କରିପାରିଲି ନାହିଁ । ଜଳଦାନ କଲି ନାହିଁ କି ମୁଖାଗ୍ନି ଦେଲି ନାହିଁ କିମ୍ବା ସ୍ନାନ କଲି ନାହିଁ । ହାୟ, ବିଧାତା ତୁ କ'ଣ ? କଲୁ ବନକୁ ଆସି ମୋର ଗୁରୁ ସର୍ବସୁଖଦାତା, ବୟୋବୃଦ୍ଧ ପିତାଙ୍କୁ ପ୍ରାଣ ଯିବାବେଳେ ମୁଁ ଦେଖିପାରିଲି ନାହିଁ ॥

ततः पिण्डदानम्

इदं भुङ्क्ष्व महाराज इङ्गुदीफलमुत्तमम् ।
यदन्नाः पुरुषाःराजंस्तदन्नाः पितृदेवताः ॥४१॥

ତତଃ ପିଣ୍ଡଦାନମ୍

ଇଦଂ ଭୁଙ୍‌କ୍ଷ୍ୱ ମହାରାଜ ଇଙ୍ଗୁଦୀଫଳମୁତ୍ତମମ୍ ।
ଯଦନ୍ନାଃ ପୁରୁଷାଃ ରାଜଂସ୍ତଦନ୍ନାଃ ପିତୃଦେବତାଃ ॥୪୧॥

❊ ଶ୍ରୀରାମ ପିଣ୍ଡଦାନ କରିବାକୁ ଯାଇ କହିଲେ ହେ ତାତ ! ଏହି ଇଙ୍ଗୁଦୀ ଫଳ ଦାନ କରୁଛି । ସନ୍ତୋଷରେ ଏହା ଗ୍ରହଣ କରନ୍ତୁ । ଲୋକେ ଅନ୍ନ ଭୋଜନ କରି ଯେପରି ସନ୍ତୁଷ୍ଟ ହୁଅନ୍ତି ହେ ପିତୃଦେବ ! ଆପଣ ଏହାକୁ ଭକ୍ଷଣ କରି ସେହିପରି ସନ୍ତୋଷ ଲାଭ କରନ୍ତୁ ॥

भरतं प्रति श्रीराम वचनम्

परस्त्री मातेव क्वचिदपि न लोभः परधने
न मर्य्यादाभङ्गः क्षणमपि न नीचेष्वभिरुचिः ।
रिपौ शौर्य्यं धैर्य्यं विपदि विनयं संपदि सता-
मिदं वर्त्म भ्रातर्भरत नियतं यास्यसि सदा ॥४२॥

ଭରତଂ ପ୍ରତି ଶ୍ରୀରାମ ବଚନମ୍

ପରସ୍ତ୍ରୀ ମାତେବ କ୍ୱଚିଦପି ନ ଲୋଭଃ ପରଧନେ
ନ ମର୍ଯ୍ୟାଦାଭଙ୍ଗଃ କ୍ଷଣମପି ନ ନୀଚେଷ୍ୱଭିରୁଚିଃ ॥
ରିପୌ ଶୌର୍ଯ୍ୟଂ ଧୈର୍ଯ୍ୟଂ ବିପଦି ବିନୟଂ ସଂପଦି ସତା -
ମିଦଂ ବର୍ତ୍ମ ଭ୍ରାତର୍ଭରତ ନିୟତଂ ଯାସ୍ୟସି ସଦା ॥୪୨॥

❋ ଶ୍ରୀରାମ ଅନୁଜ ଭରତଙ୍କୁ ଉପଦେଶ ଦେବାକୁ ଯାଇ କହିଲେ- ପରସ୍ତ୍ରୀଙ୍କୁ ମାତୃତୁଲ୍ୟ ସମ୍ମାନଦେବ । ପର ଧନରେ କେବେହେଲେ ଲୋଭ କରିବ ନାହିଁ । କୌଣସି ପରିସ୍ଥିତିରେ ମର୍ଯ୍ୟାଦାହାନିକର କାର୍ଯ୍ୟ କରିବ ନାହିଁ କି ନୀଚ ବ୍ୟକ୍ତି ସଙ୍ଗରେ କ୍ଷଣକ ପାଇଁ ରହିବ ନାହିଁ । ଶତ୍ରୁଠାରେ ବୀରତ୍ୱ, ବିପଦରେ ଧୈର୍ଯ୍ୟ ଓ ସମ୍ପଦରେ ବିନୟଭାବ ପୋଷଣ କରିବ । ରେ ଭରତ ! ସଜ୍ଜନମାନଙ୍କ ପ୍ରଦର୍ଶିତ ଏହି ମାର୍ଗ ସର୍ବଦା ଅନୁସରଣ କରିବୁ ॥

वाञ्छा सज्जनसङ्गमे परगुणे प्रीतिर्गुरौ नम्रता
विद्यायां व्यसनं स्वयोषिति रतिर्लोकापवादाद्भयम् ।
भक्तिः शूलिनि शक्तिरात्मदमने संसर्गमुक्तिःखले-
ष्वेते यत्र वसन्ति निर्मलगुणास्तेभ्यो नरेभ्यो नमः ॥४३॥

ବାଞ୍ଛା ସଜ୍ଜନସଙ୍ଗମେ ପରଗୁଣେ ପ୍ରୀତିର୍ଗୁରୌ ନମ୍ରତା
ବିଦ୍ୟାୟାଂ ବ୍ୟସନଂ ସ୍ୱଯୋଷିତି ରତି ଲୋକାପବାଦ୍‌ଭୟମ୍ ।
ଭକ୍ତିଃ ଶୂଳିନି ଶକ୍ତିରାତ୍ମଦମନେ ସଂସର୍ଗମୁକ୍ତିଃ ଖଳେ -
ଷ୍ୱେତେ ଯତ୍ର ବସନ୍ତି ନିର୍ମଳଗୁଣାସ୍ତେଭ୍ୟୋ ନରେଭ୍ୟୋ ନମଃ ॥୪୩॥

❋ ସଜ୍ଜନ ସଙ୍ଗତିରେ ଇଚ୍ଛା, ପରଗୁଣରେ ପ୍ରୀତି, ଗୁରୁଜନଙ୍କ ଠାରେ ନମ୍ରତା, ବିଦ୍ୟାରେ ଅଭିରୁଚି, ସ୍ୱପତ୍ନୀଠାରେ ରତିଭାବ, ଲୋକ ଅପବାଦ ପ୍ରତି ଭୟ, ଶିବଙ୍କଠାରେ ଭକ୍ତି, ଆତ୍ମସଂଯମରେ ସାମର୍ଥ୍ୟ, ଖଳଜନସଂସର୍ଗରୁ ମୁକ୍ତି ପ୍ରଭୃତି ଯେଉଁ ବ୍ୟକ୍ତିମାନଙ୍କଠାରେ ଥାଏ ସେମାନଙ୍କୁ ନମସ୍କାର ॥

सामान्योऽयं धर्मसेतुर्नराणां काले काले पालनीया भवद्भिः ।
नत्वा नत्वा भाविनो भूमिपालान् भूयो भूयो याचते रामचन्द्रः ॥४४॥
ସାମାନ୍ୟୋଽୟଂ ଧର୍ମସେତୁର୍ନରାଣାଂ କାଳେ କାଳେ ପାଳନୀୟୋ ଭବଦ୍‌ଭିଃ ।
ନତ୍ୱା ନତ୍ୱା ଭାବିନୋ ଭୂମିପାଳାନ୍‌ଭୂୟୋ ଭୂୟୋ ଯାଚତେ ରାମଚନ୍ଦ୍ରଃ ॥୪୪॥

❋ ଲୋକମାନଙ୍କର ପାଳନୀୟ ଏହାହିଁ ସାଧାରଣ ଧର୍ମ । ତୁମେ ବି ସର୍ବଦା ଏହି ସତ୍ୟ ପାଳନ କରିବ । ଭବିଷ୍ୟତରେ ଯେଉଁମାନେ ରାଜା ହେବେ, ସେମାନଙ୍କଠାରେ ଏହାହିଁ ମୋର ବାରମ୍ବାର ପ୍ରାର୍ଥନା ॥

भरतो गगनमालोक्य नाटयति ।
हा हन्त मातरहह ज्वलितानलो मां कामं दहत्वशनिशैलकृपाणबाणाः ।
मञ्जन्तु तान्विसहते भरतः सलीलं श्रीरामचन्द्रपदयोस्तु न विप्रयोगम् ॥४५॥
ଭରତୋ ଗଗନମାଲୋକ୍ୟ ନାଟୟତି -
ହା ହନ୍ତ ମାତରହହ ଜ୍ୱଳିତାନଳୋ ମାଂ କାମଂ ଦହତ୍ୱଶନିଶୈଳକୃପାଣବାଣାଃ ।
ମଜ୍ଜନ୍ତୁ ତାନ୍ୱିସହତେ ଭରତଃ ସଲୀଳଂ ଶ୍ରୀରାମଚନ୍ଦ୍ରପଦୟୋସ୍ତୁ ନ ବିପ୍ରୟୋଗମ୍ ॥୪୫॥

❋ ଏହା ଶୁଣି ଭରତ ଆକାଶ ଆଡକୁ ଚାହିଁ ମନେ ମନେ କହିବାକୁ ଲାଗିଲେ- ହେ ମାତଃ କୈକେୟି ! ଜ୍ୱଳନ୍ତ ଅଗ୍ନି ମୋତେ ଦଗ୍ଧ କରୁ, ମୋ' ମସ୍ତକରେ ପଥର ପଡୁ, କୃପାଣ ଓ ବାଣ ମୋ' ଶରୀରକୁ ଛିନ୍ନଭିନ୍ନ କରୁ ପଛକେ ସେସବୁ ବିନା ଦ୍ୱିଧାରେ ସହିପାରିବି, କିନ୍ତୁ ଶ୍ରୀରାଚନ୍ଦ୍ରଙ୍କ ପାଦପଦ୍ମର ବିରହକୁ କେବେ ସହିପାରିବି ନାହିଁ ॥

भरतं प्रति रामः

मां बाधते नहि तथा विपिनेषु वासो राज्येऽरुचिर्जनकबान्धववत्सलस्य ।
रामानुजस्य भरतस्य यथा प्रियायाः पादारविन्दयुगलक्षतिरुत्पलाक्ष्याः ॥४६॥

ଭରତଂ ପ୍ରତି ରାମଃ

ମାଂ ବାଧତେ ନହି ତଥା ବିପିନେଷୁ ବାସୋ ରାଜ୍ୟେଽରୁଚିର୍ଜନକବାନ୍ଧବବତ୍ସଲସ୍ୟ ।
ରାମାନୁଜସ୍ୟ ଭରତସ୍ୟ ଯଥା ପ୍ରିୟାୟାଃ ପାଦାରବିନ୍ଦଯୁଗଲକ୍ଷତିରୁତ୍ପଲାକ୍ଷ୍ୟାଃ ॥୪୬॥

❋ ଭରତଙ୍କୁ ଚାହିଁ ଶ୍ରୀରାମ କହିଲେ -ପିତାଙ୍କ ପ୍ରିୟତମା ମାତା କୈକେୟୀଙ୍କ ଆଦରର ପୁତ୍ର ତୁମଠାରେ ରାଜ୍ୟଶାସନର ଅଭିରୁଚି ନଥିବା ଲକ୍ଷ୍ୟ କରି ଯେତେ ଦୁଃଖ ଲାଗୁଛି ବନବାସ ଦୁଃଖ ସେତେ ଲାଗୁ ନାହିଁ । କମଳନୟନା ସୀତାଙ୍କ ଚରଣକ୍ଷତଜନିତ ଦୁଃଖଠାରୁ ତୋର କଥା ଅଧିକ ଦୁଃଖଦାୟକ ବୋଲି ଅନୁଭବ କରୁଛି ॥

ततः सीतां प्रणमति भरतः -

मूर्ध्नाबद्धजटेन वल्कलभृता देहेन पादानतिं
कुर्वाणे भरते तथा प्ररुदितं तारस्वरैः सीतया ।
येनोद्विग्नविहङ्गनिर्गततरुर्निःसम्पदः श्वापदः
शैलेन्द्रोऽपि किलैष भूरिभिरभूत्सास्रःपयःप्रस्रवैः ॥४७॥

ତତଃ ସୀତାଂ ପ୍ରଣମତି ଭରତଃ -

ମୂର୍ଦ୍ଧ୍ନାବଦ୍ଧଜଟେନ ବଲ୍କଲଭୃତା ଦେହେନ ପାଦାନତିଂ
କୁର୍ବାଣେ ଭରତେ ତଥା ପ୍ରରୁଦିତଂ ତାରସ୍ୱରୈଃ ସୀତୟା ।
ଯେନୋଦ୍ୱିଗ୍ନବିହଙ୍ଗନିର୍ଗତତରୁର୍ନିଃସମ୍ପଦଃ ଶ୍ୱାପଦଃ
ଶୈଳେନ୍ଦ୍ରୋଽପି କିଲୈଷ ଭୂରିଭିରଭୂତ୍ସାସ୍ରଃ ପୟଃପ୍ରସ୍ରବୈଃ ॥୪୭॥

❋ ମସ୍ତକରେ ଜଟା ବାନ୍ଧି,ବଲ୍କଳ ପରିଧାନ କରି ଭରତ ସାଷ୍ଟାଙ୍ଗ ପ୍ରଣାମ କରିବାର ଦେଖି ସୀତା ଉଚ୍ଚସ୍ୱରରେ କାନ୍ଦିବାକୁ ଲାଗିଲେ । ସୀତାଙ୍କ ରୋଦନ ଶୁଣି ବୃକ୍ଷ ଛାଡ଼ି ପକ୍ଷୀଗଣ ଉଦ୍‌ବିଗ୍ନ ହୋଇ ଇତସ୍ତତଃ ଉଡ଼ିବୁଲିଲେ, ଶ୍ୱାପଦଗଣ ଏଣେତେଣେ ବୁଲିବାକୁ ଲାଗିଲେ ଏବଂ ଚିତ୍ରକୂଟସ୍ଥ ପର୍ବତ ମଧ ପ୍ରସ୍ରବଣଦ୍ୱାରା ଅତିମାତ୍ରାରେ ଅଶ୍ରୁଳ ହୋଇପଡିଲା ॥

श्रीरामं प्रति भरतः

आर्यो राज्यमलंकरोतु विपिने वासो मया स्वीकृत-
स्ताताज्ञा परिपालनव्रतफलं गृह्णातु मत्तो भवान् ।

इत्युक्तेऽप्यवगम्य नाकृतमनो राज्ये यदा राघवः
संप्राप्तो भरतस्तदा निजपुरीमादाय तत्पादुके ॥४८॥

ଶ୍ରୀରାମଂ ପ୍ରତି ଭରତଃ

ଆର୍ଯ୍ୟୋ ରାଜ୍ୟମଲଂକରୋତୁ ବିପିନେ ବାସୋ ମୟା ସ୍ୱୀକୃତ -
ସ୍ତାତାଜ୍ଞା ପରିପାଳନବ୍ରତଫଳଂ ଗୃହ୍ଣାତୁ ମତ୍ତୋ ଭବାନ୍ ।
ଇତ୍ୟୁକ୍ତେଽପ୍ୟବଗମ୍ୟ ନାକୃତମନୋ ରାଜ୍ୟେ ଯଦା ରାଘବଃ
ସଂପ୍ରାପ୍ତୋ ଭରତସ୍ତଦା ନିଜପୁରୀମାଦାୟ ତତ୍ପାଦୁକେ ॥୪୮॥

※ ଭରତ କହିଲେ- ହେ ଆର୍ଯ୍ୟ ! ଆପଣ ରାଜ୍ୟ ପାଳନ କରନ୍ତୁ । ମୁଁ ବନରେ ବାସ କରିବା ପାଇଁ ପ୍ରତିଶ୍ରୁତି ଦେଉଛି । ପିତାଙ୍କର ଆଜ୍ଞା ପାଳନ ଜନିତ ଫଳ ମୋ'ଠାରୁ ଆପଣ ଗ୍ରହଣ କରନ୍ତୁ । ଏହା କହିବା ପରେ ମଧ୍ୟ ଶ୍ରୀରାମଚନ୍ଦ୍ର ଯେତେବେଳେ ରାଜ୍ୟଭାର ଗ୍ରହଣ କରିବା ପାଇଁ ଅସମ୍ମତ ହେଲେ ସେତେବେଳେ ତାଙ୍କର ପାଦୁକା ଦ୍ୱୟ ଧରି ଭରତ ଅଯୋଧ୍ୟାକୁ ପ୍ରତ୍ୟାବର୍ତ୍ତନ କଲେ ॥

चतुर्दशसमान्ते त्वं यदि नायासि राघव ।
सत्यं सत्यं वदाम्यग्नौ प्रयच्छामि कलेवरम् ॥४९॥

ଚତୁର୍ଦ୍ଦଶସମାନ୍ତେ ତ୍ୱଂ ଯଦି ନାୟାସି ରାଘବ ।
ସତ୍ୟଂ ସତ୍ୟଂ ବଦାମ୍ୟଗ୍ନୌ ପ୍ରୟଚ୍ଛାମି କଳେବରମ୍ ॥୪୯॥

※ ପ୍ରତ୍ୟାବର୍ତ୍ତନ ପୂର୍ବରୁ ଭରତ କହିଲେ-ହେ ରାଘବ । ଚଉଦ ବର୍ଷ ପରେ ଯଦି ଆପଣ ଅଯୋଧ୍ୟା ଫେରି ନ ଯିବେ ତେବେ ମୁଁ ଅଗ୍ନିରେ ଆତ୍ମାହୁତି ଦେବି । ତ୍ରିବାର ସତ୍ୟ କରି ମୁଁ ଏହା କହୁଛି ॥

राज्ये ते चाभिषिच्याथ नन्दिग्रामं गतः स्वयम् ।
राघवागमनापेक्षी भरतोऽपालयन्महीम् ॥५०॥

ରାଜ୍ୟେ ତେ ଚାଭିଷିଚ୍ୟାଥ ନନ୍ଦିଗ୍ରାମଂ ଗତଃ ସ୍ୱୟମ୍ ।
ରାଘବାଗମନାପେକ୍ଷୀ ଭରତୋଽପାଳୟନ୍ ମହୀମ୍ ॥୫୦॥

※ ଭରତ ଅଯୋଧ୍ୟାର ରାଜସିଂହାସନରେ ପାଦୁକା ଦୁଇଟିକୁ ଅଭିଷିକ୍ତ କରାଇ ନିଜେ ନନ୍ଦିଗ୍ରାମକୁ ଯାଇ ଶ୍ରୀରାମଙ୍କ ପ୍ରତ୍ୟାଗମନ ଅପେକ୍ଷାରେ ରହିଲେ ॥

वाचा निवर्त्य भरतं त्वपहाय चित्रकूटस्थलीमथ विराधवधं विधाय ।
कुम्भोद्भवेन मुनिना सह मन्त्रयित्वा रामो निवासमकरोदथ पञ्चवट्याम् ॥५१॥

ବାଚା ନିବର୍ତ୍ତ୍ୟ ଭରତଂ ତ୍ୱପହାୟ ଚିତ୍ରକୂଟସ୍ଥଳୀମଥ ବିରାଧବଧଂ ବିଧାୟ ।
କୁମ୍ଭୋଦ୍ଭବେନ ମୁନିନା ସହ ମନ୍ତ୍ରୟିତ୍ୱା ରାମୋ ନିବାସମକରୋଦଥ ପଞ୍ଚବଟ୍ୟାମ୍ ॥୫୧॥

❋ ଶ୍ରୀରାମଚନ୍ଦ୍ର ବୁଝାଇ ଶୁଝାଇ ଭରତଙ୍କୁ ଅଯୋଧ୍ୟା ପଠାଇଦେବା ପରେ ଚିତ୍ରକୂଟ ଛାଡ଼ି ମାର୍ଗରେ ବିରାଧ ରାକ୍ଷସକୁ ସଂହାର କରିବା ସଙ୍ଗେ ସଙ୍ଗେ ମୁନି ଅଗସ୍ତ୍ୟଙ୍କ ଉପଦେଶ ଅନୁସାରେ ପଞ୍ଚବଟୀରେ ଅବସ୍ଥାନ କଲେ ॥

तं पयोदमिव वीक्ष्य सशङ्कं कम्पमान कमनीयकलापाः ।
ताण्डवानि विदधुस्तरुषण्डे दण्डकावनीशिखण्डयुवानः ॥५२॥

ତଂ ପୟୋଦମିବ ବୀକ୍ଷ୍ୟ ସଶଙ୍କଂ କମ୍ପମାନକମନୀୟକଲାପାଃ ।
ତାଣ୍ଡବାନି ବିଦଧୁସ୍ତରୁଷଣ୍ଡେ ଦଣ୍ଡକାବନୀଶିଖଣ୍ଡୟୁବାନଃ ॥୫୨॥

❋ ଦଣ୍ଡକାରଣ୍ୟରେ ରହୁଥିବା ମୟୂରସମୂହ ନବଘନଶ୍ୟାମ ଶ୍ରୀରାମଙ୍କ ଦର୍ଶନରେ ବର୍ଷାକାଳ ଆସିଗଲା ବୋଲି ଭାବି ଆନନ୍ଦରେ ପୁଚ୍ଛ ଟେକି ନାଚିବାକୁ ଲାଗିଲେ ॥

लक्ष्मणेन वशिना रघुनाथप्रेरितेन विपिनादुपनीतम् ।
स्वर्णवर्णमकरोदधिकर्णं कर्णिकारकुसुमं करभोरुः ॥५३॥

ଲକ୍ଷ୍ମଣେନ ବଶିନା ରଘୁନାଥପ୍ରେରିତେନ ବିପିନାଦୁପନୀତମ୍ ।
ସ୍ୱର୍ଣ୍ଣବର୍ଣ୍ଣମକରୋଦଧିକର୍ଣ୍ଣଂ କର୍ଣ୍ଣିକାରକୁସୁମଂ କରଭୋରୁଃ ॥୫୩॥

❋ ଶ୍ରୀରଘୁନାଥଙ୍କ ଆଦେଶରେ ଲକ୍ଷ୍ମଣ ବନରୁ ତୋଳି ଆଣିଥିବା ସୁବର୍ଣ୍ଣ ବର୍ଣ୍ଣର କର୍ଣ୍ଣିକାର (କଣିକାର) କୁସୁମକୁ ଦେବୀ ସୀତା ଆନନ୍ଦରେ କର୍ଣ୍ଣଭୂଷଣ କରିଥିଲେ ॥

दृष्ट्वातिदैन्यं जनकात्मजायास्तत्रैव रामः सहलक्ष्मणेन ।
गोदावरी तीरसमीपदेशे चकार चित्रां निजपर्णशालाम् ॥५४॥

ଦୃଷ୍ଟ୍ୱାତିଦୈନ୍ୟଂ ଜନକାତ୍ମଜାୟାସ୍ତତ୍ରୈବ ରାମଃ ସହ ଲକ୍ଷ୍ମଣେନ ।
ଗୋଦାବରୀ ତୀରସମୀପଦେଶେ ଚକାର ଚିତ୍ରାଂ ନିଜପର୍ଣ୍ଣଶାଳାମ୍ ॥୫୪॥

❋ ଜନକନନ୍ଦିନୀ ସୀତା ଚାଲି ଚାଲି ଅତ୍ୟଧିକ କ୍ଳାନ୍ତ ହୋଇ ଅଧିକ ଦୂର ଅଗ୍ରସର ପାଇଁ ଅସମର୍ଥ ହେବାରୁ ଶ୍ରୀରାମ ଓ ଲକ୍ଷ୍ମଣ ପୁଣ୍ୟତୋୟା ଗୋଦାବରୀ ନଦୀ ତୀରରେ ଏକ ସୁନ୍ଦର ପର୍ଣ୍ଣଶାଳା ନିର୍ମାଣ କରି ରହିଲେ ॥

एषा पञ्चवटी रघूत्तमकुटी यत्रास्ति पञ्चावटी
पान्थस्यैकघटी पुरस्कृततटी संश्लेषभित्तौ वटी ।
गोदा यत्र नटी तरङ्गिततटी कल्लोलचञ्चत्पुटी
दिव्यामोदकुटी भवाब्धिशकटी भूतक्रियादुष्कुटी ॥५५॥

ଏଷା ପଞ୍ଚବଟୀ ରଘୁତ୍ତମକୁଟୀ ଯତ୍ରାସ୍ତି ପଞ୍ଚାବଟୀ
ପାନ୍ଥସ୍ୟୈକଘଟୀ ପୁରସ୍କୃତତଟୀସଂଶ୍ଲେଷଭିତ୍ତୌ ବଟୀ ।
ଗୋଦା ଯତ୍ର ନଟୀ ତରଙ୍ଗିତତଟୀ କଲ୍ଲୋଳଚଞ୍ଚପତ୍ପୁଟୀ
ଦିବ୍ୟାମୋଦକୁଟୀ ଭବାବ୍ଧିଶକଟୀ ଭୂତକ୍ରିୟା ଦୁଷ୍କୁଟୀ ॥୫୫॥

❊ ହେ ରଘୁନାଥ, ପଞ୍ଚବଟ ବୃକ୍ଷର ଅବସ୍ଥିତି ହେତୁ ଏହି ପଞ୍ଚବଟୀ ଆମର କୁଟୀର ପାଇଁ ସର୍ବଥା ଯୋଗ୍ୟ । ଏହା ପଥିକଙ୍କୁ ଜଳ ଓ ଛାୟାଦାନ କରୁଛି । ଏହାର ସୁନ୍ଦର ଭୂମି ମାୟାଗ୍ରସ୍ତ ବ୍ୟକ୍ତିର ଦୁଃଖହରଣରେ ସମର୍ଥ ଔଷଧି ବଟିକା ସଦୃଶ । ଗୋଦାବରୀ ନଦୀ ନାଚି ନାଚି ଏଠାରେ ପ୍ରବାହିତ ହେଉଛି । ନଦୀ କୂଳରେ ତରଙ୍ଗମାଳା ଶୋଭା ପାଉଛି ଓ କଳକଳ ଧ୍ୱନିରେ ଚିତ୍ତହରଣ କରୁଛି । ଏହା ସଂସାର ସାଗରର ନୌକାସଦୃଶ । ସାଧାରଣ ପ୍ରାଣୀମାନଙ୍କ ପକ୍ଷରେ ଏଭଳି ସ୍ଥାନ ଦୁଃଷ୍ପ୍ରାପ୍ୟ ।

अथ पञ्चवटीस्थाने सूर्पणखाया आगमनम्

स्त्रीमायया हरति सूर्पणखेति बुद्ध्वा सौमित्रिणा सपदि खड्गनिकृत्तनासा ।
सा रावणस्य भगिनी कुपिताथ तत्र प्रत्यानिनाय खरदूषणसैन्यमुग्रम् ॥५६॥

ଅଥ ପଞ୍ଚବଟୀ ସ୍ଥାନେ ସୂର୍ପଣଖାୟା ଆଗମନମ୍

ସ୍ତ୍ରୀମାୟୟା ହରତି ସୂର୍ପଣଖେତି ବୁଦ୍ଧ୍ୱା ସୌମିତ୍ରିଣା ସପଦି ଖଡ୍ଗନିକୃତ୍ତନାସା ।
ସା ରାବଣସ୍ୟ ଭଗିନୀ କୁପିତାଥ ତତ୍ର ପ୍ରତ୍ୟାନିନାୟ ଖରଦୂଷଣସୈନ୍ୟମୁଗ୍ରମ୍ ॥୫୬॥

❊ ପଞ୍ଚବଟୀରେ ରାକ୍ଷସୀ ସୂର୍ପଣଖା ପ୍ରବେଶ କରି ନାରୀସୁଲଭ ମାୟା ବଳରେ ରାମଲକ୍ଷ୍ମଣଙ୍କୁ ମୋହିତ କରିବି ବୋଲି ବିଚାର କଲା । ସୌମିତ୍ରି ତାହା ଜାଣିପାରି ତୀକ୍ଷ୍ଣ ଶରରେ ରାକ୍ଷସୀର ନାସାକର୍ଣ୍ଣ ଛେଦନ କଲେ । ସେହି ରାବଣଭଗିନୀ ସୂର୍ପଣଖା କ୍ରୋଧାନ୍ୱିତା ହୋଇ ସୈନ୍ୟ ସହିତ ଖର ଓ ଦୂଷଣଙ୍କୁ ଯାଇ ଡାକିଆଣିଲା ॥

रामस्य गाम्भीर्य्यम्

कपोले जानक्याः करिकलभकुम्भद्युतिमुषि
स्मरस्मेरस्फारोड्डमरपुलकं वक्त्रकमलम् ।
मुहुः पश्यन् शृण्वन् रजनिचरसेनाकलकलं
जटाजूटग्रन्थिं द्रढ यति रघूणां परिवृढः ॥५७॥

ରାମସ୍ୟ ଗାମ୍ଭୀର୍ଯ୍ୟମ୍

କପୋଳେ ଜାନକ୍ୟାଃ କରିକଳଭକୁମ୍ଭଦ୍ୟୁତିମୁଷି
ସ୍ମରସ୍ମେରସ୍ଫାରୋଡ୍ଡମରପୁଲକଂ ବକ୍ତ୍ରକମଲମ୍ ।
ମୁହୁଃ ପଶ୍ୟନ୍ ଶୃଣ୍ୱନ୍ ରଜନିଚରସେନାକଳକଳଂ
ଜଟାଜୂଟଗ୍ରନ୍ଥିଂ ଦ୍ରଢ଼ୟତି ରଘୂଣାଂ ପରିବୃଢ଼ଃ ॥୫୭॥

❊ ହସ୍ତୀଶାବକ ଗଣ୍ଡସ୍ଥଳଠାରୁ ଅଧିକ ମନୋହର ଜାନକୀଙ୍କର ଗଣ୍ଡସ୍ଥଳରେ କନ୍ଦର୍ପଭାବାବେଶ ଜନିତ ଈଷତ୍ ହାସ ଖେଳୁଥିବାରୁ ପୁଲକିତ ହୋଇଥିବା ମୁଖମଣ୍ଡଳକୁ ବାରମ୍ବାର ଅବଲୋକନ କରିବା ସଙ୍ଗେ ସଙ୍ଗେ ରାକ୍ଷସମାନଙ୍କର କୋଳାହଳ ଶୁଣି ଶ୍ରୀରାମଚନ୍ଦ୍ର ନିଜର ଜଟାଜୁଟ ଗ୍ରନ୍ଥିକୁ ସଜାଡ଼ି ଧନୁରେ ଶରସନ୍ଧାନ କଲେ ॥

ततो राक्षसवधः

चतुर्दशसहस्रकं परमचण्डरक्षोबलं निहत्य समराङ्गणे सकलमेकबाणेन सः ।

खरं त्रिशिरसान्वितं तदनु दुर्द्धरं दूषणंजघान घनघोषणस्फुरितकार्मुकोराघवः ॥५८॥

ତତୋ ରାକ୍ଷସବଧଃ

ଚତୁର୍ଦ୍ଦଶସହସ୍ରକଂ ପରମଚଣ୍ଡରକ୍ଷୋବଳଂ

ନିହତ୍ୟ ସମରାଙ୍ଗଣେ ସକଳମେକବାଣେନ ସଃ ।

ଖରଂ ତ୍ରିଶିରସାନ୍ୱିତଂ ତଦନୁ ଦୁର୍ଦ୍ଧରଂ ଦୂଷଣ

ଜଘାନ ଘନଘୋଷଣସ୍ଫୁରିତକାର୍ମୁକୋ ରାଘବଃ ॥୫୮॥

❊ କୋଦଣ୍ଡଧାରୀ ଶ୍ରୀରାମଚନ୍ଦ୍ର ଯୁଦ୍ଧଭୂମିରେ ଚଉଦ ହଜାର ପ୍ରତାପୀ ରାକ୍ଷସ ସୈନ୍ୟଙ୍କୁ ଗୋଟିଏ ବାଣରେ ବଧ କରିସାରି ଅସୁର ଖର ଓ ତ୍ରିଶିର ଏବଂ ତା'ପରେ ଦୂଷଣକୁ ସଂହାର କଲେ ॥

ततो रावणकृत्यम्-

सीतारूपं सुधाहृद्यं श्रुत्वा सूर्पणखामुखात् ।

राममोहाय मारीचं प्रेपयामास रावणः ॥५९॥

ତତୋ ରାବଣକୃତ୍ୟମ୍

ସୀତାରୂପଂ ସୁଧା ହୃଦ୍ୟଂ ଶ୍ରୁତ୍ୱା ସୂର୍ପଣମୁଖାତ୍ ।

ରାମମୋହାୟ ମାରୀଚଂ ପ୍ରେଷାୟାମାସ ରାବଣଃ ॥୫୯॥

❊ ରାକ୍ଷସରାଜ ରାବଣ ଭଗିନୀ ସୂର୍ପଣଖାଠାରୁ ସୀତାଙ୍କ ରୂପ ଓ ଗୁଣର ପ୍ରଶଂସା ଶୁଣି ଶ୍ରୀରାମଙ୍କୁ ମୋହିତ କରିବା ନିମିତ୍ତ ମାରୀଚକୁ ପ୍ରେରଣ କଲା ॥

मारीचः-(स्वगतम्) कृतान्तदण्डदोर्दण्डसकलचण्डांशुवंशाखण्डलो रामचन्द्रः। अयमपि महेन्द्रावस्कन्दस्थानो लङ्केश्वरः तदवश्यं शमनभवनातिथिना भवितव्यं जीवितेनाद्य ।

रामादपि च मर्त्तव्यं मर्त्तव्यं रावणादपि ।

उभाभ्यामपि मर्त्तव्यं वरं रामान्न रावणात् ॥६०॥

ମାରୀଚଃ - (ସ୍ୱଗତମ୍) - କୃତାନ୍ତଦଣ୍ଡଦୋର୍ଦଣ୍ଡସକଳଚଣ୍ଡାଂଶୁବଂଶାଖଣ୍ଡଳୋ ରାମଚନ୍ଦ୍ରଃ । ଅୟମପି ମହେନ୍ଦ୍ରାବସ୍କନ୍ଦସ୍ଥାନୋ ଲଙ୍କେଶ୍ୱରଃ । ତଦବଶ୍ୟଂ ଶମନଭବନାତିଥିନା ଭବିତବ୍ୟଂ ଜୀବିତେନାଦ୍ୟ ।

ରାମାଦପି ଚ ମର୍ତ୍ତବ୍ୟଂ ମର୍ତ୍ତବ୍ୟଂ ରାବଣାଦପି ।
ଉଭାଭ୍ୟାମପି ମର୍ତ୍ତବ୍ୟଂ ବରଂ ରାମାନ୍ନ ରାବଣାତ୍ ॥୬୦॥

❊ ମାରୀଚ (ମନେମନେ) ଭାବିଲା- ଯମଦଣ୍ଡଠାରୁ ବଳି ଶ୍ରୀରାମଙ୍କ ଭୁଜଦଣ୍ଡ ଇନ୍ଦ୍ରଙ୍କ ପରି ଅତ୍ୟନ୍ତ ପ୍ରଚଣ୍ଡ । ଲଙ୍କେଶ୍ୱର ମଧ୍ୟ ଇନ୍ଦ୍ରଙ୍କୁ ପରାଜିତ କରି ସ୍ୱର୍ଗ ଅଧିକାର କରିଛି । ତେଣୁ ଆଜି ମୋର ମୃତ୍ୟୁ ସୁନିଶ୍ଚିତ । କାରଣ ରାମଙ୍କ ପାଖକୁ ଗଲେ ତାଙ୍କ ହାତରେ ମରିବାର ଥିବାରୁ ରାବଣ ଅପେକ୍ଷା ଶ୍ରୀରାମଙ୍କ ହାତରେ ମରିବା ଶ୍ରେୟସ୍କର ॥

अनन्तरं मारीचः
सुललितफलमूलैस्तत्र कालं कियन्तं
दशरथकुलदीपे सीतया लक्ष्मणेन ।
गमयति दशकण्ठोत्कण्ठया प्रेरितं द्राक्
कनकमयकुरङ्गं जानकी संददर्श ॥६१॥

ଅନନ୍ତରଂ ମାରୀଚଃ
ସୁଲଳିତଫଳମୂଲୈସ୍ତତ୍ର କାଳଂ କିୟନ୍ତଂ
ଦଶରଥକୁଳଦୀପେ ସୀତୟା ଲକ୍ଷ୍ମଣେନ ।
ଗମୟତି ଦଶକଣ୍ଠୋତ୍କଣ୍ଠୟା ପ୍ରେରିତଂ ଦ୍ରାକ୍
କନକମୟକୁରଙ୍ଗଂ ଜାନକୀ ସଂଦଦର୍ଶ ॥୬୧॥

❊ ଶ୍ରୀରାମଚନ୍ଦ୍ର, ଦେବୀ ସୀତା ଓ ଲକ୍ଷ୍ମଣଙ୍କ ସହିତ ବଣରେ ମିଳୁଥିବା ସୁସ୍ୱାଦୁ ଫଳମୂଳ ଖାଇ ସେଠାରେ କିଛି କାଳ କଟାଇଲେ । ଏହାପରେ ସୀତାଙ୍କୁ ପାଇବା ପାଇଁ ଉତ୍କଣ୍ଠିତ ଥିବା ରାବଣର ପ୍ରେରଣାରେ ରାକ୍ଷସ ମାରୀଚ ପଞ୍ଚବଟୀରେ ଉପସ୍ଥିତ ହେଲା । ସୁନାର ହରିଣ ରୂପ ଧରି ମାରୀଚ ଦିନେ ହଠାତ୍ ଆସି ପତ୍ରକୁଟିଆ ପାଖରେ ବୁଲୁଥିବାବେଳେ ଜାନକୀ ତାକୁ ଦେଖିଲେ ॥

ततः शीघ्रं श्रीरामं प्रति सीतावाक्यम् -
रत्नचित्रितसर्वाङ्गं दृष्ट्वा मायामृगं तदा
जानकी प्रार्थयामास देहि देहीति मे प्रभो ॥६२॥

ତତଃ ଶୀଘ୍ରଂ ଶ୍ରୀରାମଂ ପ୍ରତି ସୀତାବାକ୍ୟମ୍
ରତ୍ନଚିତ୍ରିତସର୍ବାଙ୍ଗଂ ଦୃଷ୍ଟ୍ୱା ମାୟାମୃଗଂ ତଦା ।
ଜାନକୀ ପ୍ରାର୍ଥୟାମାସ ଦେହି ଦେହିତି ମେ ପ୍ରଭୋ ॥୬୨॥

❊ ଦେବୀ ଜାନକୀ ବିଚିତ୍ର ସ୍ୱର୍ଣ୍ଣ ମୃଗକୁ ଦେଖି ଶୀଘ୍ର ସେହି ମୃଗଟି ଧରି ଆଣି ଦେବା ପାଇଁ ଶ୍ରୀରାମଙ୍କୁ ପ୍ରାର୍ଥନା କଲେ ॥

स्नेहात् पुनः पुनः -

प्रियतम मृगमद्भुताङ्गमेनं मृगपतिविक्रम देहि मे प्रसीद।
इति जनकसुतावचोऽनुरोधात्कनकमृगं सशरोऽन्वियाय रामः ॥६३॥

ସ୍ନେହାତ୍ ପୁନଃ ପୁନଃ

ପ୍ରିୟତମ ମୃଗମଦ୍ଭୁତାଙ୍ଗମେନଂ ମୃଗପତିବିକ୍ରମ ଦେହି ମେ ପ୍ରସୀଦ ।
ଇତି ଜନକସୁତାବଚୋଽନୁରୋଧାତ୍ କନକମୃଗଂ ସଶରୋଽନ୍ୱିୟାୟ ରାମଃ ॥୬୩॥

❋ ଦେବୀ ସୀତା ସ୍ନେହବଶତଃ ବାରମ୍ବାର କହିଲେ-ହେ ପ୍ରିୟତମ ! ବିକ୍ରମସିଂହ ! ଏଇ ଅଦ୍ଭୁତ ମୃଗଟି ଶୀଘ୍ର ଆଣିଦିଅ । ଜାନକୀଙ୍କର ଅନୁରୋଧ ହେତୁ ଶ୍ରୀରାମ ଧନୁଶର ଧରି କନକମୃଗ ମାରିବାକୁ ବାହାରିଗଲେ ॥

श्रीरामः- वत्स लक्ष्मण !त्वमस्याः प्रजावत्याः सहायो भव यावदहं कुरङ्गं निहत्य आगच्छमि (इति निष्क्रान्तः)

ଶ୍ରୀରାମଃ - ବତ୍ସ ଲକ୍ଷ୍ମଣ ! ତ୍ୱମସ୍ୟାଃ ପ୍ରଜାବତ୍ୟାଃ ସହାୟୋ ଭବ ଯାବଦହଂ କୁରଙ୍ଗଂ ନିହତ୍ୟ ଆଗଚ୍ଛାମି (ଇତି ନିଷ୍କ୍ରାନ୍ତଃ)

❋ ଶ୍ରୀରାମ-ବତ୍ସ ଲକ୍ଷ୍ମଣ ! ମୁଁ ସୁନାର ହରିଣକୁ ଶିକାର କରି ଫେରିବା ପର୍ଯ୍ୟନ୍ତ ତୁମେ ସୀତାଙ୍କ ସହାୟକ ହୁଅ ॥ (ଏହା କହି ପ୍ରସ୍ଥାନ କଲେ)

रामस्य मायामृगानुसरणम्

आलोकयन्चिशिखमेकक्करेण गृह्नन् कोदण्ड काण्डमपरेण करेण सज्यम्।
संनह्य पुष्पलतया पटलं जटानां रामो मृगं मृगयते वनवीथिकासु ॥६४॥

ରାମସ୍ୟ ମାୟାମୃଗାନୁସରଣମ୍-

ଆଲୋକୟନ୍ନିଶିଖମେକକରେଣ ଗୃହ୍ଣନ୍ କୋଦଣ୍ଡକାଣ୍ଡମପରେଣ କରେଣ ସଜ୍ଜମ୍ ।
ସଂନହ୍ୟ ପୁଷ୍ପଲତୟା ପଟଳଂ ଜଟାନାଂ ରାମୋ ମୃଗଂ ମୃଗୟତେ ବନବୀଥିକାସୁ ॥୬୪॥

❋ ଶ୍ରୀରାମଚନ୍ଦ୍ର ମସ୍ତକର ଜଟାକୁ ପୁଷ୍ପଲତାରେ ବାନ୍ଧି, ହାତରେ ଧନୁଶର ଧରି ବୃକ୍ଷଲତା ଆଚ୍ଛାଦିତ ବନମାର୍ଗରେ ମୃଗକୁ ଖୋଜିବାରେ ଲାଗିଲେ ॥

मृगचरितम्-

हस्तप्राप्तमुपेति लेढि च तृणान्यस्पृश्यतां गाहते
गुल्मान् प्राप्य निवर्त्तते किशलयान्याघ्राय चाघ्राय च।
भूयस्त्रस्यति पश्यति प्रतिदिशं कण्डूयति स्वां तनुं
दूरं धावति तिष्ठति प्रचलति प्रान्तेषु मायामृगः ॥६५॥

ମୃଗଚରଣମ୍

ହସ୍ତପ୍ରାପ୍ତମୁପୈତି ଲେଢି ଚ ତୃଣାନ୍ୟସ୍ପୃଶ୍ୟତାଂ ଗାହତେ
ଗୁଳ୍ମାନ୍ ପ୍ରାପ୍ୟ ନିବର୍ତ୍ତତେ କିଶଳୟାନ୍ୟାଘ୍ରାୟ ଚାଘ୍ରାୟଚ ।
ଭୂୟସ୍ତ୍ରସ୍ୟତି ପଶ୍ୟତି ପ୍ରତିଦିଶଂ କଣ୍ଡୂୟତି ସ୍ୱାଂ ତନୁଂ
ଦୂରଂ ଧାବତି ତିଷ୍ଠତି ପ୍ରଚଳତି ପ୍ରାନ୍ତେଷୁ ମାୟାମୃଗଃ ॥୬୫॥

❊ ମାୟାମୃଗଟି କେତେବେଳେ ପାଖରେ ଥିବା ତୃଣଗୁଡିକ ଖାଉଛି ତ କେତେବେଳେ ଅଦୃଶ୍ୟ ହୋଇଯାଉଛି । ପୁଣି ଫେରିଆସି ଗୁଳ୍ମ ଭକ୍ଷଣ କରୁଛି ତ ଛୋଟଗଛର ପତ୍ରକୁ ଶୁଙ୍ଘି ଶୁଙ୍ଘି ଯାଉଛି । କେତେବେଳେ ଭୟଭୀତ ହୋଇ ଚାରିଆଡକୁ ଚାହୁଁଛି ତ କେତେବେଳେ ଠିଆ ହୋଇ ନିଜର ଦେହକୁ କୁଣ୍ଡେଇ ହେଉଛି । ବନଭୂମିର ଚାରିଆଡେ ମୃଗଟି ଏହିପରି ଭ୍ରମଣ କରୁଛି ॥

सीता लक्ष्मणं प्रति-

चिरयति मृगान्वेषी नाथः कथं रघुनन्दनो
वनपरिसरा ह्येते क्रूरक्षपाचरभैरवाः ।
मुहुरपि भवानुक्ते न ज्यायसः परिमार्गणे
व्रजति तदहो चेतः किं किं न लक्ष्मण शङ्कते ॥६६॥

ସୀତା ଲକ୍ଷ୍ମଣଂ ପ୍ରତି

ଚିରୟତି ମୃଗାନ୍ୱେଷୀ ନାଥଃ କଥଂ ରଘୁନନ୍ଦନୋ
ବନପରିସରା ହ୍ୟେତେ କ୍ରୂରକ୍ଷପାପ୍ରଚରଭୈରବାଃ ।
ମୁହୁରପି ଭବାନୁକ୍ତେ ନ ଜ୍ୟାୟସଃ ପରିମାର୍ଗଣେ
ବ୍ରଜତି ତଦହୋ ଚେତଃ କିଂ କିଂ ନ ଲକ୍ଷ୍ମଣ ଶଙ୍କତେ ॥୬୬॥

❊ ସୀତା ଲକ୍ଷ୍ମଣଙ୍କୁ କହିଲେ- ହେ ରଘୁନନ୍ଦନ । ମୃଗ ଅନ୍ୱେଷଣରେ ଯାଇଥିବା ସ୍ୱାମୀଙ୍କର ଫେରିବାରେ ବହୁ ବିଳମ୍ବ ହେଲାଣି, ବହୁଦୂରକୁ କଣ ଚାଲି ଯାଇଛନ୍ତି ? କ୍ରୂର ରାକ୍ଷସମାନେ ବୁଲୁଥିବାରୁ ବନଭୂମିର ପରିସର ଭୟଙ୍କର ମନେ ହେଉଛି । ବାରମ୍ବାର କହିଲେ ମଧ୍ୟ ତୁମେ ବଡଭାଇଙ୍କୁ ଖୋଜିବା ପାଇଁ ଯାଉ ନାହଁ । ତୁମ ମନରେ କଣ ଟିକିଏ ହେଲେ ଭୟ ଜାତ ହେଉ ନାହିଁ ?

चिरादृष्टे रामे करुणकटुभिर्मैथिलसुता -
वचोभिः कोदण्डाजनिजनितरेखान्तरगताम् ।
विधायैनां रामस्फुरितपदपद्माङ्कितभुवं
तदध्वानं पश्यन् कथमपि स सौमित्रिरगमत् ॥६७॥

ଚିରାଦୃଷ୍ଟେ ରାମେ କରୁଣକଟୁଭିର୍ମୈଥିଳସୁତା -
ବଚୋଭିଃ କୋଦଣ୍ଡାଜନିଜନିତରେଖାନ୍ତରଗତାମ୍ ।

ବିଧାୟୈନାଂ ରାମସ୍ମରିତପଦପଦ୍ମାଙ୍କିତଭୁବଂ
ତଦଧ୍ୱାନଂ ପଶ୍ୟନ୍ କଥମପି ସ ସୌମିତ୍ରିରଗମତ୍ ॥୬୭॥

❊ ଶ୍ରୀରାମଚନ୍ଦ୍ର ଫେରିବାରେ ବହୁ ବିଳମ୍ବହେବାର ଦେଖି ମୈଥିଳୀ କାନ୍ଦି କାନ୍ଦି ଲକ୍ଷ୍ମଣଙ୍କୁ ଅତ୍ୟନ୍ତ କଟୁ ଭାଷାରେ ଗାଳିଦେଲେ । ଲକ୍ଷ୍ମଣ ବାଧ୍ୟ ହୋଇ କୁଟୀର ସମ୍ମୁଖରେ ଧନୁ ଅଗରେ ଏକ ରେଖା ଟାଣି ସେହି ରେଖା ଅତିକ୍ରମ ନ କରିବା ପାଇଁ ସୀତାଙ୍କୁ ଶପଥ କରାଇ ଶ୍ରୀରାଙ୍କ ପାଦଚିହ୍ନ ଅନୁସରଣ କରି ତାଙ୍କୁ ଖୋଜିବା ପାଇଁ ଚାଲିଗଲେ ॥

कपटपरिव्राजकरूपधारी रावणः समुपैति-
नीतो दूरं कनकहरिणच्छद्मना रामचन्द्रः
पश्चादेनं द्रुतमनुसरत्येप वत्सः कनिष्ठः ।
बिभ्यद्बिभ्यत्प्रविशति ततः पर्णशालां स भिक्षु-
र्दिङ्नाथेभ्यः कथयति निजामाकृतिं रावणोऽसौ ॥६८॥

କପଟପରିବ୍ରାଜକରୂପଧାରୀ ରାବଣଃ ସମୁପୈତି
ନୀତୋ ଦୂରଂ କନକହରିଣଛଦ୍ମନା ରାମଚନ୍ଦ୍ରଃ
ପଶ୍ଚାଦେନଂ ଦ୍ରୁତମନୁସରତ୍ୟେଷ ବତ୍ସଃ କନିଷ୍ଠଃ ।
ବିଭ୍ୟତ୍ ବିଭ୍ୟତ୍ପ୍ରବିଶତି ତତଃ ପର୍ଣ୍ଣଶାଳାଂ ସ ଭିକ୍ଷୁ
ର୍ଦିଙ୍ନାଥେଭ୍ୟଃ କଥୟତି ନିଜାମାକୃତିଂ ରାବଣୋଽସୌ ॥୬୮॥

❊ କପଟ ସନ୍ନ୍ୟାସୀ ବେଶରେ ରାବଣ ଆସିବା ବେଳକୁ ମାୟାମୃଗର ଛଳନାରେ ଶ୍ରୀରାମ ଦୂରକୁ ଚାଲିଯାଇଥିଲେ ଏବଂ କନିଷ୍ଠ ଲକ୍ଷ୍ମଣ ମଧ୍ୟ ତାଙ୍କୁ ଖୋଜିବା ପାଇଁ ପଛେ ପଛେ ଚାଲିଗଲେ । ତେଣୁ ରାବଣ ଦେବଗଣଙ୍କୁ ଦେଖାତିର କଲେ ମଧ୍ୟ ଭିକ୍ଷୁକବେଶଧରି ଭୟର ସହିତ ଧୀରେ ଧୀରେ ପର୍ଣ୍ଣଶାଳା ପରିସରରେ ପ୍ରବେଶ କଲା ॥

रामोन्मुक्तैकबाणप्रतिहतहृदयः काञ्चनाङ्गः कुरङ्गः
सद्यो मारीचनामाजनि रजनीचरः सान्द्ररक्तार्द्रवक्षाः ।
भिक्षुः कोऽपि क्षणोद्यन्मणिखचितचलत्कुण्डलश्रेणीशोभा-
वीचीखेलत्कपोलस्फुरितदशशिरा कुम्भकर्णाग्रजोऽभूत् ॥६९॥
ରାମୋନ୍ମୁକ୍ତୈକବାଣପ୍ରତିହତହୃଦୟଃ କାଞ୍ଚନାଙ୍ଗଃ କୁରଙ୍ଗଃ
ସଦ୍ୟୋ ମାରୀଚନାମାଜନି ରଜନୀଚରଃ ସାନ୍ଦ୍ରରକ୍ତାର୍ଦ୍ରବକ୍ଷାଃ ।
ଭିକ୍ଷୁଃ କୋଽପି କ୍ଷଣୋଦ୍ୟନ୍ମଣିଖଚିତଚଳତ୍କୁଣ୍ଡଳଶ୍ରେଣୀଶୋଭା-
ବୀଚୀଖେଳତ୍ କପୋଳ ସ୍ଫୁରିତ ଦଶଶିରା କୁମ୍ଭକର୍ଣ୍ଣାଗ୍ରଜୋଽଭୂତ୍ ॥୬୯॥

❊ ଶ୍ରୀରାମଙ୍କ ବାଣ କନକ ମୃଗର ହୃଦୟକୁ ବିଦ୍ଧ କଲାପରେ ରାକ୍ଷସ ମାରୀଚ ନିଜରୂପ ଧାରଣ କଲା । ତାର ଶରୀର ରକ୍ତାକ୍ତ ହୋଇଯାଇଥିଲା । ଏହି ସମୟରେ କୁମ୍ଭକର୍ଣ୍ଣର ବଡଭାଇ ରାବଣ

କର୍ଣ୍ଣରେ କୁଣ୍ଡଳ, କପୋଳରେ ଚନ୍ଦନ ଓ କାନ୍ଧରେ ଯଜ୍ଞୋ ପବୀତ ଦ୍ୱାରା ନିଜକୁ ଯୋଗୀ ବେଶରେ ସଜାଇ ପର୍ଣ୍ଣଶାଳା ନିକଟରେ ଉପସ୍ଥିତ ହେଲା ॥

बाणेन दिव्येन रघुप्रवीरो मृगस्य वक्षस्थलबद्धलक्ष्यः ।
विव्याध यावत्तरसा तपस्वी दशाननस्तावदिहाजगाम ॥७०॥

ବାଣେନ ଦିବ୍ୟେନ ରଘୁପ୍ରବୀରୋ ମୃଗସ୍ୟ ବକ୍ଷସ୍ଥଳବଦ୍ଧଲକ୍ଷ୍ୟଃ ।
ବିବ୍ୟାଧ ଯାବତ୍ତରସା ତପସ୍ୱୀ ଦଶାନନସ୍ତାବଦିହାଜଗାମ ॥୭୦॥

❊ ଶ୍ରୀରାମଚନ୍ଦ୍ରଙ୍କ ବାଣରେ ମାୟାମୃଗର ବକ୍ଷସ୍ଥଳ ବିଦ୍ଧ ହେଲାବେଳେ ରାବଣ ତପସ୍ୱୀ ବେଶ ଧାରଣ କରି ଦ୍ରୁତବେଗରେ ଆସି ପହଞ୍ଚିଲା ॥

तां रामरामानुजविप्रयुक्तां चन्द्रार्कहीनामिव पूर्वसन्ध्याम् ।
अवप्रपेदे कृतभिक्षुरूपो लङ्कापति शङ्करतोऽप्यशङ्कः ॥७१॥

ତାଂ ରାମରାମାନୁଜବିପ୍ରଯୁକ୍ତାଂ ଚନ୍ଦ୍ରାର୍କହୀନାମିବ ପୂର୍ବସନ୍ଧ୍ୟାମ୍ ।
ଅବପ୍ରପେଦେ କୃତଭିକ୍ଷୁରୂପୋ ଲଙ୍କାପତି ଶଙ୍କରତୋଽପ୍ୟଶଙ୍କଃ ॥୭୧॥

❊ ସନ୍ଧ୍ୟା ସମୟରେ ପୂର୍ବଦିଗ ଚନ୍ଦ୍ରସୂର୍ଯ୍ୟ ଶୂନ୍ୟ ହେଲା ପରି ରାମଲକ୍ଷ୍ମଣ ଶୂନ୍ୟ ପର୍ଣ୍ଣଶାଳାରେ ଥିବା ସୀତାଙ୍କ ନିକଟରେ ଲଙ୍କାପତି ରାବଣ ଶିବଙ୍କ ଭୀତିଜନକ ଭିକ୍ଷୁବେଶରେ ଉପସ୍ଥିତ ହେଲା ॥

आह च -

भिक्षां प्रयच्छ खलु सूर्य्यकुलावतंसे वंशे विदेहनृपतेः प्रथितासि साध्वी ।
एतद्गृहाण हरिपादरजो विमिश्रं निर्माल्यदामसकलेप्सितसिद्धिहेतुम् ॥७२॥

ଆହ ଚ -

ଭିକ୍ଷାଂ ପ୍ରଯଚ୍ଛ ଖଲୁ ସୂର୍ଯ୍ୟକୁଳାବତଂସେ ବଂଶେ ବିଦେହନୃପତେଃ ପ୍ରଥିତାସି ସାଧ୍ୱୀ ।
ଏତଦ୍‌ଗୃହାଣ ହରିପାଦରଜୋବିମିଶ୍ରଂ ନିର୍ମାଲ୍ୟଦାମସକଳେପ୍ସିତସିଦ୍ଧିହେତୁମ୍ ॥୭୨॥

❊ ରାବଣ କହିଲା - ହେ ସୀତେ ! ତୁମେ ସୂର୍ଯ୍ୟବଂଶର କୁଳବଧୂ ଓ ବିଦେହ ନୃପତିଙ୍କ କନ୍ୟା, ସତୀ ସାଧ୍ୱୀଶିରୋମଣି ଭାବେ ସୁବିଦିତା ହୋଇଛ । ମୋତେ ଭିକ୍ଷା ଦିଅ । ହରିପାଦଧୂଳି ମିଶ୍ରିତ ଓ ସକଳ ମନୋରଥ ସିଦ୍ଧିକର ଏଇ ନିର୍ମାଲ୍ୟ ଗ୍ରହଣ କର ॥

सीता-

दृग्भङ्गिमन्दिमशतेरसतीरहस्यमन्चेपयन् कपटभिक्षुक लक्षितोऽसि ।
आसं प्रभुःसुभग नाहमिति क्षमस्व भैक्षाय मा कुरु मृपा त्वयमञ्जलिस्ते ॥७३॥

ସୀତା-

ଦୃଗ୍‌ଭଙ୍ଗିମନ୍ଦିମଶତୈରସତୀରହସ୍ୟମନ୍ୱେଷୟନ୍ କପଟଭିକ୍ଷୁକ ଲକ୍ଷିତୋଽସି ।
ଆସଂ ପ୍ରଭୁଃ ସୁଭଗ ନାହମିତି କ୍ଷମସ୍ୱ ଭୈକ୍ଷାୟ ମା କୁରୁ ମୃଷା ତ୍ୱୟମଞ୍ଜଳିସ୍ତେ ।।୭୩।।

❋ ସୀତା କହିଲେ- ତୁମର ମନ୍ଦମନ୍ଦ ଗତି ଓ ନେତ୍ରଭଙ୍ଗୀ ଦେଖି ଅସତୀର ରହସ୍ୟ ଅନ୍ୱେଷଣ କରୁଥିବା ଜଣେ କପଟୀ ଭିକ୍ଷୁକ ବୋଲି ମନେ ହେଉଛ । ପର୍ଣ୍ଣଶାଳାରେ ସ୍ୱାମୀ ନ ଥିବାରୁ ମୁଁ ଭିକ୍ଷା ଦେଇପାରୁନାହିଁ । ବୃଥାରେ ତୁମର ଅଞ୍ଜଳି ଆଉ ଦେଖାଅ ନାହିଁ । ଏହି ଦୋଷ ପାଇଁ ମୋତେ କ୍ଷମାକର ।।

स व्याहरन्धर्मिणि देहि भिक्षामलंघयल्लक्ष्मणदत्तरेखाम् ।
जग्राह तं पाणितले क्षिपन्तीं समाह्वयन्तीं रघुराजपुत्रौ ।।७४।।
ସ ବ୍ୟାହରନ୍‌ଧର୍ମିଣି ଦେହି ଭିକ୍ଷାମଲଂଘୟଲ୍ଲକ୍ଷ୍ମଣଦତ୍ତରେଖାମ୍ ।
ଜଗ୍ରାହ ତଂ ପାଣିତଳେ କ୍ଷିପନ୍ତୀଂ ସମାହ୍ୱୟନ୍ତୀଂ ରଘୁରାଜପୁତ୍ରୌ ।।୭୪।।

❋ ବାରମ୍ବାର ଭିକ୍ଷା ଦିଅ ବୋଲି କହିବାରୁ ସୀତା ଲକ୍ଷ୍ମଣରେଖାକୁ ପାର ହୋଇ ଭିକ୍ଷା ଦେଲାବେଳେ ଭିକ୍ଷୁବେଶଧାରୀ ରାବଣ ତାଙ୍କ ହାତ ଧରି ନେଇଗଲା । ସୀତା ବିକଳରେ ଶ୍ରୀରାମ ଓ ଲକ୍ଷ୍ମଣଙ୍କୁ ଉଚ୍ଚସ୍ୱରରେ ଡାକିବାକୁ ଲାଗିଲେ ।।

रावण:-

भिक्षाविसर्जनवतीमवगम्य चैकां स स्यन्दनोपरि निवेश्य विदेहपुत्रीम् ।
लङ्काधिप: समहरद्धृतभिक्षुरूप:शून्यां कुटीं परिनिरीक्ष्य सुपूर्णकाम: ।।७५।।

ରାବଣଃ -

ଭିକ୍ଷାବିସର୍ଜବତୀମବଗମ୍ୟ ଚୈକାଂ ସ ସ୍ୟନ୍ଦନୋପରି ନିବେଶ୍ୟ ବିଦେହପୁତ୍ରୀମ୍ ।
ଲଙ୍କାଧିପଃ ସମହରଦ୍ଧୃତଭିକ୍ଷୁରୂପଃ ଶୂନ୍ୟାଂ କୁଟୀଂ ପରିନିରୀକ୍ଷ୍ୟ ସୁପୂର୍ଣ୍ଣକାମଃ ।।୭୫।।

❋ ଲଙ୍କାଧିପ ରାବଣ ପର୍ଣ୍ଣକୁଟୀର ଶୂନ୍ୟଥିବା ଦେଖି ଓ ସୀତା ଏକାକିନୀ ଥିବାର ଜାଣିପାରି କପଟରେ ଭିକ୍ଷା ନେବାବେଳେ ବୈଦେହୀଙ୍କୁ ରଥରେ ବସାଇ ଅପହରଣ କରିନେଲା ।।

हा राम हा रमण हा जगदेकवीर हा नाथ हा रघुपते किमुपेक्षसे माम् ।
इत्थं विदेहतनया बहुधालपन्तीमादाय राक्षसपतिर्नभसा जगाम ।।७६।।
ହା ରାମ ହା ରମଣ ହା ଜଗଦେକବୀର ହା ନାଥ ହା ରଘୁପତେ କିମୁପେକ୍ଷସେ ମାମ୍ ।
ଇତ୍ଥଂ ବିଦେହତନୟାଂ ବହୁଧାଲପନ୍ତୀମାଦାୟ ରାକ୍ଷସପତିର୍ନଭସା ଜଗାମ ।।୭୬।।

❋ ହେ ରାମ, ରମଣ, ପ୍ରାଣନାଥ ! ତୁମେ ଜଗଦ୍‌ବିଖ୍ୟାତ ଶ୍ରେଷ୍ଠ ବୀର, ମୋତେ ଛାଡ଼ି ତୁମେ କୁଆଡେ ଗଲ ? ଏହିପରି କହି ଉଚ୍ଚସ୍ୱରରେ ରୋଦନ କରୁଥିବା ଜାନକୀଙ୍କୁ ରାବଣ ରଥରେ ବସାଇ ଅକାଶମାର୍ଗରେ ଗମନ କଲା ।।

रावणस्य रथसङ्गता सती नूपुरं परिससर्ज सत्वरम् ।
उत्तरीयमपि कङ्कणं क्वचिच्चारुहारमपि सा स्थले स्थले ॥७७॥

ରାବଣସ୍ୟ ରଥସଙ୍ଗତା ସତୀ ନୂପୁରଂ ପରିସସର୍ଜ ସତ୍ୱରମ୍ ।
ଉତ୍ତରୀୟମପି କଙ୍କଣଂ କ୍ୱଚିଚ୍ଚାରୁହାରମପି ସା ସ୍ଥଳେ ସ୍ଥଳେ ॥୭୭॥

❊ ଆକାଶ ପଥରେ ରଥ ଉଡିଯାଉଥିବାବେଳେ ଜନକନନ୍ଦିନୀ ନିଜ ପାଦରୁ ନୂପୁର ବାହାର କରି ତଳକୁ ପକାଇବା ସଙ୍ଗେ ସଙ୍ଗେ ଉତ୍ତରୀୟ ବସ୍ତ୍ର ଓ ଅନ୍ୟାନ୍ୟ ଆଭରଣ ଛିଣ୍ଡାଇ ବିଭିନ୍ନ ସ୍ଥାନରେ ନିକ୍ଷେପ କଲେ ॥

जटायुर्वृत्तान्तम् -

इतो बाणं रामः क्षिपति हरिणे मुक्तकरुणः
सचापः सौमित्रिः स्वजनमनुयाति द्रुतमितः ।
इतः सीता भिक्षामुपनयति भिक्षोः करतले
त्र्यं व्योम्नि प्रेङ्क्षन्युगपदहमालोकयमिदम् ॥७८॥

ଜଟାୟୁର୍ବୃତ୍ତାନ୍ତମ୍-

ଇତୋ ବାଣଂ ରାମଃ କ୍ଷିପତି ହରିଣେ ମୁକ୍ତକରୁଣଃ
ସଚାପଃ ସୌମିତ୍ରିଃ ସ୍ୱଜନମନୁଯାତି ଦ୍ରୁତମିତଃ ।
ଇତଃ ସୀତା ଭିକ୍ଷାମୁପନୟତି ଭିକ୍ଷୋଃ କରତଳେ
ତ୍ରୟଂ ବ୍ୟୋମ୍ନି ପ୍ରେକ୍ଷନ୍ ଯୁଗପଦହମାଲୋକୟମିଦମ୍ ॥୭୮॥

❊ ଜଟାୟୁପକ୍ଷୀ ମନେମନେ ଭାବିଲେ ଏହି ସ୍ଥାନରେ ଶ୍ରୀରାମ ମାୟାମୃଗକୁ ବାଣ ବିଦ୍ଧ କଲେ । ସୁମିତ୍ରାନନ୍ଦନ ଲକ୍ଷ୍ମଣ ଧନୁଶର ଧରି ଶ୍ରୀରାମଙ୍କୁ ଅନ୍ୱେଷଣ କରିବାକୁ ଗଲେ । ସୀତା ଦେବୀ ଏଠାରେ ଭିକ୍ଷା ଆଣି ଭିକ୍ଷୁକକୁ ଦେଲେ । ଆକାଶରେ ଥାଇ ମୁଁ ଏସବୁ ଦେଖୁଥିଲି ; କିନ୍ତୁ ବର୍ତ୍ତମାନ କେହି ନଥିବାରୁ କୁଟୀର ଶୂନ୍ୟ ଦେଖାଯାଉଛି ॥

मारीचमृगयाव्यग्रे रघुवीरे च लक्ष्मणे ।
कथमेषा कुरङ्गाक्षी रावणस्य रथोपरि ॥७९॥
ମାରୀଚମୃଗୟାବ୍ୟଗ୍ରେ ରଘୁବୀରେ ଚ ଲକ୍ଷ୍ମଣେ ।
କଥମେଷା କୁରଙ୍ଗାକ୍ଷୀ ରାବଣସ୍ୟ ରଥୋପରି ॥୭୯॥

❊ ମାୟାମୃଗକୁ ମାରିବା ପାଇଁ ଶ୍ରୀରାମଚନ୍ଦ୍ର ଯିବା ପରେ ପରେ ଲକ୍ଷ୍ମଣ ମଧ ତାଙ୍କୁ ଅନୁଗମନ କଲେ । କୁରଙ୍ଗନୟନାଜାନକୀ ବର୍ତ୍ତମାନ ରାବଣର ରଥ ଉପରେ କିପରି ରହିବେ ?

आकाशे जटायुपं दृष्ट्वा रावणः -(स्वगतम्)

मेनाकः किमयं रुणद्धि गगने मन्मार्गमव्याहतं
शक्तिस्तस्य कुतः स बज्रपतनाद्भीतो महेन्द्रादपि ।

तार्क्ष्य: सोऽपि समन्वित: स्वपतिना जानाति मां रावणं
हा ज्ञातं स जटायुरेष जरसा क्लिष्टो वधं वाञ्छति ॥८०॥

ଆକାଶେ ଜଟାୟୁଷଂ ଦୃଷ୍ଟ୍ୱା ରାବଣଃ (ସ୍ୱଗତମ୍)-

ମୈନାକଃ କିମୟଂ ରୁଣଦ୍ଧି ଗଗନେ ମନ୍ମାର୍ଗମବ୍ୟାହତଂ
ଶକ୍ତିସ୍ତସ୍ୟ କୁତଃ ସ ବଜ୍ରପତନାଦ୍‌ଭୀତୋ ମହେନ୍ଦ୍ରାଦପି ।
ତାର୍କ୍ଷ୍ୟଃ ସୋଽପି ସମନ୍ୱିତଃ ସ୍ୱପତିନା ଜାନାତି ମାଂ ରାବଣଂ
ହା ଜ୍ଞାତଂ ସ ଜଟାୟୁରେଷ ଜରସା କ୍ଲିଷ୍ଟୋ ବଧଂ ବାଞ୍ଛତି ॥୮୦॥

❊ ଆକାଶରେ ଜଟାୟୁକୁ ଦେଖି ରାବଣ ମନେମନେ ଭାବିଲା, ମୋର ଅବ୍ୟାହତ ଗଗନମାର୍ଗକୁ ମୈନାକ ପର୍ବତ ଅବରୁଦ୍ଧ କରୁଛି କି ? କିନ୍ତୁ ତା'ର ଏତେ ସାମର୍ଥ୍ୟ ଆସିବ କେଉଁଠୁ ? ସିଏ ତ ଇନ୍ଦ୍ରଙ୍କ ବଜ୍ରପାତକୁ ଭୟକରେ । ଆଉ କ'ଣ ଏ ବିନତାନନ୍ଦନ ଗରୁଡ଼ କି ? ସେ ତ ମୋର ପରାକ୍ରମ ଜାଣେ । କାରଣ ପାତାଳରେ ମୋ ସହିତ ଯୁଦ୍ଧ କରି ବିଷ୍ଣୁ ପରାଜିତ ହେଲାବେଳେ ଗରୁଡ଼ ଉପସ୍ଥିତ ଥିଲା । ଏ ନିଶ୍ଚୟ ଜଟାୟୁପକ୍ଷୀ । ବାର୍ଦ୍ଧକ୍ୟ ହେତୁ ମରିବା ପାଇଁ ଚାହୁଁଛି ॥

रावणं प्रति जटायु: -

जन्म ब्रह्मकुले हरार्चनविधौ कृत्वा शिर: कर्त्तनं
भक्ति: शूलिनि चण्डबाहुदलनव्यापारशक्ति: परा ।
हेलोत्तुलितकेलिकन्दुकनिभ: कैलास उत्पाटित-
स्तत्किं रावण लज्जसे न हरणे चौर्य्येण पत्नीं रघो: ॥८१॥

ରାବଣଂ ପ୍ରତି ଜଟାୟୁଃ -

ଜନ୍ମ ବ୍ରହ୍ମକୁଲେ ହରାର୍ଚ୍ଚନବିଧୌ କୃତ୍ୱା ଶିରଃ କର୍ତ୍ତନଂ
ଭକ୍ତିଃ ଶୂଳିନି ଚଣ୍ଡବାହୁଦଳନବ୍ୟାପାରଶକ୍ତିଃ ପରା ।
ହେଲୋତ୍ତୁଳିତକେଳିକନ୍ଦୁକନିଭଃ କୈଳାସ ଉତ୍ପାଟିତ-
ସ୍ତତ୍କିଂ ରାବଣ ଲଜ୍ଜସେ ନ ହରଣେ ଚୌର୍ଯ୍ୟେଣ ପତ୍ନୀଂ ରଘୋଃ ॥୮୧॥

❊ ଜଟାୟୁ କହିଲା ରେ ରାବଣ, ବ୍ରାହ୍ମଣ କୁଳରେ ତୋର ଜନ୍ମ । ନିଜ ମୁଣ୍ଡକୁ କାଟି ଯଜ୍ଞକୁଣ୍ଡରେ ଆହୁତି ଦେଇ ଶିବଙ୍କୁ ସନ୍ତୁଷ୍ଟ କରିଛୁ । ମୁଁ ଜାଣେ,ତୋର ବାହୁରେ ପ୍ରଚଣ୍ଡ ଶକ୍ତି ଅଛି । ତୁ କୈଳାସ ପର୍ବତକୁ କନ୍ଦୁକ ପରି ଉତ୍ତୋଳନ କରିଛୁ । ଏତେ ବଡ଼ ବୀର ହୋଇ ରଘୁକୁଳବଧୂକୁ ଅପହରଣ କରିନେବାରେ ତୋତେ ଲଜ୍ଜା ଲାଗୁନାହିଁ ॥

जन्म ब्रह्मकुले तपस्त्वनुपमं बीर्य्यं च लोकोत्तरं
किं चैश्वर्य्यमहो त्रिलोकजयिन: स्वर्गाङ्गनास्वामिन: ।
इत्यस्मादपि वांछितं किमधिकं सीता समाकृष्यते
यस्मात्त्वं सहबान्धवैर्जड़मते यातोऽसि नि:शेपताम् ॥८२॥

ଜନ୍ମ ବ୍ରହ୍ମକୁଳେ ତପସ୍ତ୍ୱନୂପମଂ ବୀର୍ଯ୍ୟଂ ଚ ଲୋକୋତ୍ତରଂ
କିଂ ଚୈଶ୍ୱର୍ଯ୍ୟମହୋ ତ୍ରିଲୋକଜୟିନଃ ସ୍ୱର୍ଗାଙ୍ଗନାସ୍ୱାମିନଃ ।
ଇତ୍ୟସ୍ମାଦପି ବାଞ୍ଛିତଂ କିମଧିକଂ ସୀତା ସମାକୃଷ୍ୟତେ
ଯସ୍ମାତ୍ତ୍ୱଂ ସହବାନ୍ଧବୈର୍ଜଡ଼ମତେ ଯାତୋଽସି ନିଃଶେଷତାମ୍ ॥୮୨॥

❋ ରେ ରାବଣ, ବ୍ରାହ୍ମଣକୁଳେ ଜନ୍ମ ହୋଇ କଠୋର ତପସ୍ୟା ଦ୍ୱାରା ଅସାଧାରଣ ବଳବୀର୍ଯ୍ୟ ଅତୁଳ ଐଶ୍ୱର୍ଯ୍ୟ ଲାଭ କରିଛୁ । ତୁ ତ୍ରିଭୁବନ ବିଜୟୀ ଓ ସ୍ୱର୍ଗାଙ୍ଗନାମାନଙ୍କର ସ୍ୱାମୀ । ତୋ ପରି ପରାକ୍ରମୀ ବୀର ଏ ଜଗତରେ ନାହିଁ । ଏହାଠାରୁ ବଳି ଅଧିକ କି ସୁଖସମ୍ପଦ ତୋର ଆବଶ୍ୟକ ? ତୁ ମୂର୍ଖତା ବଶତଃ ସତୀସୀତାଙ୍କୁ ଅପହରଣ କରିଥିବାରୁ ସବଂଶେ ମୃତ୍ୟୁବରଣ କରିବୁ ॥

अविदुषस्तव दोषमहं सहे विसृज रावण वीर पतिव्रताम् ।
शृणु वदामि जटायुरहं सखा दशरथस्य रथस्तव तिष्ठतु ॥८३॥
ଅବିଦୁଷସ୍ତବ ଦୋଷମହଂ ସହେ ବିସୃଜ ରାବଣ ବୀର ପତିବ୍ରତାମ୍ ।
ଶୃଣୁ ବଦାମି ଜଟାୟୁରହଂ ସଖା ଦଶରଥସ୍ୟ ରଥସ୍ତବ ତିଷ୍ଠତୁ ॥୮୩॥

❋ ରେ ରାବଣ, ତୋର ଏହି ଜଘନ୍ୟ ଅପରାଧ ମୁଁ ସହିପାରୁନାହିଁ । ମୁଁ ହେଉଛି ଦଶରଥଙ୍କ ମିତ୍ର । ମୋର ନାମ ଜଟାୟୁ । ତୁ ରଥ ଏଇଠି ରଖି ଶୀଘ୍ର ପତିବ୍ରତା ସୀତାଙ୍କୁ ମୁକ୍ତ କର ; ନହେଲେ ମୁଁ ତୋ ସହିତ ଯୁଦ୍ଧ କରିବି ॥

तथापि तमनादृत्य दशानने गच्छति जटायु:-
रे रे भो: परदारचोर किमरे सीता त्वया नीयते
तिष्ठाधिष्ठितचन्दनानलतट: प्राप्तो जटायू: स्वयम् ।
मुञ्चैनां पतिदेवतां न खलु चेन्मत्तुण्डचण्डांकुश-
क्रीडाकर्षणनिर्गतास्रमुरस: पास्यन्ति गृध्रास्तव ॥८४॥

ତଥାପି ତମନାଦୃତ୍ୟ ଦଶାନନେ ଗଚ୍ଛତି ଜଟାୟୁଃ
ରେରେ ଭୋ ପରଦାରଚୋର କିମରେ ସୀତା ତ୍ୱୟା ନୀୟତେ
ତିଷ୍ଠାଧିଷ୍ଠିତଚନ୍ଦନାନଳତଟଃ ପ୍ରାପ୍ତୋ ଜଟାୟୁଃ ସ୍ୱୟମ୍ ।
ମୁଞ୍ଚୈନାଂ ପତିଦେବତାଂ ନ ଖଲୁ ଚେନ୍ମତ୍ତୁଣ୍ଡଚଣ୍ଡାଂକୁଶ-
କ୍ରୀଡ଼ାକର୍ଷଣନିର୍ଗତାସ୍ରମୁରସଃ ପାସ୍ୟନ୍ତି ଗୃଧ୍ରାସ୍ତବ ॥୮୪॥

❋ ତଥାପି ଦଶାନନ ଚାଲିଯାଉଥିବାର ଦେଖି ଜଟାୟୁ କହିଲା, ରେ ପରନାରୀ ଚୋର, ଜଟାୟୁ ଥାଉଁ ଥାଉଁ ତୁ ସୀତାଙ୍କୁ ନେଇ ଯାଇ ପାରିବୁ ନାହିଁ । ମଳୟପର୍ବତରେ ମୋର ବାସ । ମୁଁ କହୁଛି, ନାରୀ ଶିରୋମଣି ପତିବ୍ରତା ସୀତାଙ୍କୁ ମୁକ୍ତ ନକଲେ ମୋର ଏହି ପ୍ରଚଣ୍ଡ ଅଙ୍କୁଶ ଥଣ୍ଟରେ ତୋର ଅଙ୍ଗକୁ ଖଣ୍ଡ ଖଣ୍ଡ କରି କାଟି ପକାଇବି ଓ ତୋର ରକ୍ତପାନ କରି ଗୃଧ୍ରପକ୍ଷୀ ସନ୍ତୁଷ୍ଟ ହେବେ ॥

सीतामाश्वासयन् क्रोधं नाटयति -

मा भैषी: पुत्रि सीते ब्रजति मम पुरो नैष दूरं दुरात्मा
रे रे रक्ष: क्व दारान् रघुकुलतिलकस्यापहृत्य प्रयासि।
चञ्च्वाक्षेपप्रहारत्रुटितधमनिभिर्दिक्षु विक्षिप्यमाणे -
राशापालोपहारं दशभिरपि भृशं त्वच्छिरोभि: करोमि ॥८५॥

ସୀତାମାଶ୍ୱାସୟନ୍ କ୍ରୋଧଂ ନାଟୟତି-

ମା ଭୈଷୀଃ ପୁତ୍ରି ସୀତେ ବ୍ରଜତି ମମ ପୁରୋ ନୈଷ ଦୂରଂ ଦୂରାତ୍ମା
ରେ ରେ ରକ୍ଷଃ କ୍ୱ ଦାରାନ୍ ରଘୁକୁଳତିକସ୍ୟାପହୃତ୍ୟ ପ୍ରୟାସି ।
ଚଞ୍ଚ୍ୱାକ୍ଷେପପ୍ରହାରତ୍ରୁଟିତଧମନିଭିର୍ଦ୍ଦିକ୍ଷୁ ବିକ୍ଷିପ୍ୟମାଣେ-
ରାଶାପାଲୋପହାରଂ ଦଶଭିରପି ଭୃଶଂ ତ୍ୱଚ୍ଛିରୋଭିଃ କରୋମି ॥୮୫॥

❊ ସୀତାଙ୍କୁ ଆଶ୍ୱାସନା ଦେଇ ଜଟାୟୁ କହିଲା, ମା ! ତୁମେ ଆଦୌ ଭୟକରନାହିଁ । ମୋ ହାତରୁ ଏ ଦୁଷ୍ଟ ବର୍ତ୍ତିଯିବ ନାହିଁ । ଏହିପରି ସୀତାଙ୍କୁ ଆଶ୍ୱାସନା ଦେଇ ପକ୍ଷୀବର ଜଟାୟୁ କ୍ରୋଧାନ୍ୱିତ ହୋଇ ରାବଣକୁ କହିଲା, ରେ ରାକ୍ଷସ, ଚୋର, ତୁ ଶ୍ରୀରାମଙ୍କ ପତ୍ନୀଙ୍କୁ କାହିଁକି ନେଉଛୁ ? ମୋର ଚଞ୍ଚୁ ଆଘାତରେ ତୋର ଦଶମୁଣ୍ଡକୁ ଛିଡ଼ାଇ ଦଶଦିଗକୁ ନିକ୍ଷେପ କରିବି ॥

आ: पापिन् पश्यतो मे रघुतिलकवधूं चोरयित्वा प्रयातुं
सीतां शीतांशुलेखामिव गिरिशशिर: शायिनीमुद्यतोऽसि।
एभिश्छित्वा शिरांसि प्रखरनखमुखैर्दीप्तचूडामणीनि
त्वामद्याहं गुरुत्मन्नुरगमिव सुधाकांक्षिणं संहरामि ॥८६॥

ଆଃ ପାପିନ୍ ପଶ୍ୟତୋ ମେ ରଘୁତିଳକବଧୂଂ ଚୋରୟିତ୍ୱା ପ୍ରୟାତୁଂ
ସୀତାଂ ଶୀତାଂଶୁଲେଖାମିବ ଗିରିଶଶିରଃ ଶାୟିନୀମୁଦ୍ୟତୋଽସି ।
ଏଭିଶ୍ଛିତ୍ୱା ଶିରାଂସି ପ୍ରଖରନଖମୁଖୈର୍ଦୀପ୍ତଚୂଡାମଣୀନି
ତ୍ୱାମଦ୍ୟାହଂ ଗରୁତ୍ମନ୍ନୁରଗମିବ ସୁଧାକାଂକ୍ଷିଣଂ ସଂହରାମି ॥୮୬॥

❊ ରେ ପାପିଷ୍ଠ, ମୋ ଆଖିଆଗରେ ଶିବଙ୍କମସ୍ତକ ଶୋଭିତ ଚନ୍ଦ୍ରରେଖାପରି ଶ୍ରୀରାମଙ୍କ ପତ୍ନୀଙ୍କୁ ଚୋରି କରି କେଉଁ ସାହସରେ ପଳାଇଯିବାକୁ ଚାହୁଁଛୁ ? ମୋର ତୀକ୍ଷ୍ଣ ଖଡ୍ଗ ପରି ନଖ ଓ ମୁଖରେ ତୋର ରତ୍ନମୁକୁଟ ଶୋଭିତ ମୁଣ୍ଡ ଓ ଆଭରଣ ମଣ୍ଡିତ ଶରୀରକୁ ଅମୃତଲୋଭୀ ସର୍ପ ଗରୁଡ଼ର ଭକ୍ଷଣୀୟ ହେଲା ପରି ଛିନ୍ନଭିନ୍ନ କରିଦେବି ॥

जानामि त्वां दशास्य प्रवलभुजबलव्यूढ केलासभाजं
नीत्वा वैदेहपुत्रीं जलनिधिशरणं कस्य हेतो: प्रयासि।
किं वा दूरं शराणां दिशि दिशि पततां किन्तु निर्लक्ष्यबाण-
व्यापारे नो विधेय: समरमनुसर श्रियतां साहसश्री: ॥८७॥

ଜାନାମ ତ୍ୱାଂ ଦଶାସ୍ୟ ପ୍ରବଳଭୁଜବଳବ୍ୟୂଢକୈଳାସଭାଜଂ
ନୀତ୍ୱା ବୈଦେହପୁତ୍ରୀଂ ଜଳନିଧିଶରଣଂ କସ୍ୟ ହେତୋଃ ପ୍ରୟାସି ।
କିଂ ତା ହୃତଂ ଶରାଣାଂ ଦିଶି ଦିଶି ପତତାଂ କିନ୍ତୁ ନିର୍ଲକ୍ଷ୍ୟବାଣ -
ବ୍ୟାପାରେ ନୋ ବିଧେୟଃ ସମରମନୁସର ଶ୍ରିୟତାଂ ସାହସଶ୍ରୀଃ ॥୮୭॥

❋ ରେ ରାକ୍ଷସ, ତୁ ଦଶାସ୍ୟ ରାବଣ ବୋଲି ମୁଁ ଭଲ ଭାବରେ ଜାଣେ । ଭୁଜବଳରେ ତୁ କୈଳାସ ପର୍ବତକୁ ଉପାଡ଼ିଥିବା କଥା ମୁଁ ଜାଣେ । ରେ ନୀଚ ! ବିଦେହପୁତ୍ରୀ ଜାନକୀଙ୍କୁ କେଉଁ କାରଣରୁ ଅପହରଣ କରିନେଇ ସାଗରପାରି ହେବାକୁ ଯାଉଛୁ । ବିନା ଯୁଦ୍ଧରେ ତୋତେ ମୁଁ ବାଟ ଛାଡ଼ିଦେବି ନାହିଁ । ତେଣୁ ତୁ ପଳାଇ ନଯାଇ ମୋ ସହିତ ଯୁଦ୍ଧରେ ବୀରତ୍ୱ ପ୍ରଦର୍ଶନ କର ॥

अक्षं विक्षिपति ध्वजं दलयते मथ्नाति नद्धं युगं
चक्रं चूर्णयति क्षिणोति तुरगान्रक्ष:पते: पक्षिराट् ।
उच्चैर्गर्जति तर्जयत्यभिभवत्यालम्बते ताडय-
त्याकर्षत्यवलुम्पति प्रचलति न्यञ्चत्युदञ्चत्यपि ॥८८॥
ଅକ୍ଷଂ ବିକ୍ଷିପତି ଧ୍ୱଜଂ ଦଳୟତେ ମଥ୍ନାତି ନଦ୍ଧଂ ଯୁଗଂ
ଚକ୍ରଂ ଚୂର୍ଣ୍ଣୟତି କ୍ଷିଣୋତି ତୁରଗାନ୍ ରକ୍ଷଃପତେଃ ପକ୍ଷିରାଟ୍ ।
ଉଚ୍ଚୈର୍ଗର୍ଜତି ତର୍ଜୟତ୍ୟଭିଭବତ୍ୟାଳମ୍ବତେ ତାଡ଼ୟ-
ତ୍ୟାକର୍ଷତ୍ୟବଲୁମ୍ପତି ପ୍ରଚଳତି ନ୍ୟଞ୍ଚତ୍ୟୁଦଞ୍ଚତ୍ୟପି ॥୮୮॥

❋ ଏହା କହି ଜଟାୟୁ ପକ୍ଷ ଆଘାତରେ ରାବଣର ରଥକୁ ଭାଙ୍ଗି ପକାଇଲା । ପତାକାକୁ ଦଳିଦେଲା । ଅଶ୍ୱର ଦଉଡିକୁ ଛିଡ଼ାଇଲା । ପକ୍ଷ ବିସ୍ତାରି ଘୋର ଗର୍ଜନ କରି ଅଶ୍ୱଗୁଡ଼ିକୁ ମାରି ପକାଇଲା । ରାବଣର ମାର୍ଗ ଅବରୋଧ କରି ଥଣ୍ଟରେ ଓ ନଖରେ ତାର ଅଙ୍ଗକୁ ଖଣ୍ଡ ବିଖଣ୍ଡିତ କଲା ॥

रावण: क्रोधं नाटयति -

क्रुद्धस्ततो दृढचपेटशिलातलेन रक्ष: पिपेष गगनेऽद्भुतपक्षिराजम् ।
ईषत् स्थितासुरपतद्भुवि राम राम रामेति मन्त्रमनिशं निगदन् जटायु: ॥८९॥

ରାବଣଃ କ୍ରୋଧଂ ନାଟୟତି

କ୍ରୁଦ୍ଧସ୍ତତୋ ଦୃଢଚପେଟଶିଳାତଳେନ ରକ୍ଷଃ ପିପେଷ ଗଗନେଽଦ୍ଭୁତ ପକ୍ଷିରାଜମ୍ ।
ଈଷତ୍ସ୍ଥିତାସୁରପତଦ୍ଭୁବି ରାମ ରାମ ରାମେତି ମନ୍ତ୍ରମନିଶଂ ନିଗଦନ୍ ଜଟାୟୁଃ ॥୮୯॥

❋ ରାବଣ କ୍ରୋଧାନ୍ୱିତ ହୋଇ ଜଟାୟୁକୁ ଏକ ଦୀର୍ଘ ଚାପୁଡ଼ା ମାରିବାରୁ ସେ ତଳେଥିବା ପଥର ଉପରେ ପଡିଛେଚି ହୋଇଗଲା ଓ ରାମ ରାମ ବୋଲି ଉଚ୍ଚସ୍ୱରରେ ଡାକିବାକୁ ଲାଗିଲା ॥

अथ कृतरथभङ्गं पक्षिवीरं निहत्य क्षितिगतमवलोक्य श्वासमात्रावशेषम् ।
जनकनृपतिपुत्रीं क्षिप्रमानीय लङ्कां सरभसमुपदध्येऽशोकलीलावनान्ते ॥९०॥

ଅଥ କୃତରଥଭଙ୍ଗଂ ପକ୍ଷୀବାଗଂ ନିହତ୍ୟ କ୍ଷିତିଗତମବଲୋକ୍ୟ ଶ୍ୱାସମାତ୍ରାବଶେଷମ୍ ।
ଜନକନୃପତିପୁତ୍ରୀଂ କ୍ଷିପ୍ରମାନୀୟ ଲଙ୍କାଂସରଭସମୁପଦଧ୍ୱେଽଶୋକଲୀଳାବନାନ୍ତେ ॥୯୦॥

❊ ଏହାପରେ ରାବଣ ଜଟାୟୁକୁ ମୃତପ୍ରାୟ କରି ଓ ଭଗ୍ନରଥକୁ ସେଠାରେ ଛାଡ଼ିଦେଇ ପୁଷ୍ପକରଥରେ ସୀତାଙ୍କୁ ବସାଇ ଲଙ୍କାରେ ପ୍ରବେଶ କଲା ଏବଂ ସୀତାଙ୍କୁ ଅଶୋକବନରେ ବନ୍ଦୀ କରି ରଖିଲା ॥

इन्द्रजिदग्रे चार: कथयति -

मार्गं मार्गं मृगयति मृगाराति रामे विरामेऽ-
शोकं शोकं गतवति गते लक्ष्मणेऽलक्ष्मणेन ।
सीता शीतातपतपनयो राज्यलङ्कामलङ्का
नीता नीतासुरसुरवधू रावणे रावणेन ॥९१॥

ଇନ୍ଦ୍ରଜିଦଗ୍ରେ ଚାରଃ କଥୟତି -

ମାର୍ଗଂ ମାର୍ଗଂ ମୃଗୟତି ମୃଗାରାତି ରାମେ ବିରାମେଽ-
ଶୋକଂ ଶୋକଂ ଗତବତି ଗତେ ଲକ୍ଷ୍ମଣେଽଲକ୍ଷ୍ମଣେନ ।
ସୀତା ଶୀତାତପତପନୟୋ ରଜ୍ୟଲଙ୍କାମଲଙ୍କା
ନୀତା ନୀତାସୁରସୁରବଧୂ ରାବଣେ ରାବଣେନ ॥୯୧॥

❊ ଏହି ସମୟରେ ଜନୈକ ଦୂତ ଯାଇ ଇନ୍ଦ୍ରଜିତକୁ କହିଲା - ବନବାସୀ ଶ୍ରୀରାମ ମାୟାମୃଗ ଅନ୍ୱେଷଣରେ କୁଟୀର ଛାଡ଼ି ଦୂରକୁ ଚାଲି ଗଲେ । ତାଙ୍କର ଭାଇ ଲକ୍ଷ୍ମଣ ସୀତାଙ୍କ କଟୁବାକ୍ୟ ସହି ନ ପାରି ଲକ୍ଷ୍ମଣ ରେଖା ଟାଣି ଦେଇ ରାମଙ୍କୁ ଖୋଜିବାକୁ ଗଲେ । ଏହି ସମୟରେ ତୁମର ପିତା ଲଙ୍କେଶ୍ୱର ଭିକ୍ଷୁକ ବେଶରେ ସେଠାକୁ ଯାଇ ସୂର୍ଯ୍ୟବଂଶର କୂଳବଧୂ ସୀତାଙ୍କୁ ଚୋରାଇ ଆଣି ଅଶୋକ ବନରେ ରଖିଛନ୍ତି ॥

अर्द्धरात्रे दिनस्यार्द्धेऽप्यर्द्धचन्द्रेऽर्द्ध भास्करे ।
रावणेन हृता सीता मृगमासे सिताष्टमी ॥९२॥

ଅର୍ଦ୍ଧରାତ୍ରେ ଦିନସ୍ୟାର୍ଦ୍ଧେଽପ୍ୟର୍ଦ୍ଧଚନ୍ଦ୍ରେଽର୍ଦ୍ଧଭାସ୍କରେ ।
ରାବଣେନ ହୃତା ସୀତା ମୃଗମାସେ ସିତାଷ୍ଟମୀ ॥୯୨॥

❊ ଲଙ୍କାଧିପତି ରାବଣ ମାଘମାସ ବା ଚୈତ୍ରମାସ ଶୁକ୍ଳ ପକ୍ଷ ଅଷ୍ଟମୀ ଦିନ ମଧ୍ୟାହ୍ନରେ ସୀତାଙ୍କୁ ଅପହରଣ କରିନେଇଥିଲା ॥

अथ जटायो: खेद:

न मैत्री निर्व्यूढा दशरथनृपे राज्यविषये
न वैदेहीत्राता हठहरणतो राक्षसपते: ।

न रामस्यास्येन्दुर्नयनविषयोऽभूदकृतिनो-
र्जटायोर्जन्मेदं वितथमभवद् भाग्यरहितम् ॥९३॥

ଅଥ ଜଟାୟୋଃ ଖେଦଃ -
ନ ମୈତ୍ରୀ ନିର୍ବ୍ୟୂଢା ଦଶରନୃପେ ରାଜ୍ୟବିଷୟେ
ନ ବୈଦେହୀ ତ୍ରାତା ହଠହରଣତୋ ରାକ୍ଷସପତେଃ ।
ନ ରାମସ୍ୟାସ୍ୟେନ୍ଦୁର୍ନୟନବିଷୟୋଽଭୂଦକୃତିନୋ-
ର୍ଜଟାୟୋର୍ଜନ୍ମେଦଂ ବିତଥମଭବଦ୍ ଭାଗ୍ୟରହିତମ୍ ॥୯୩॥

❊ ପକ୍ଷୀବର ଜଟାୟୁ ଦୁଃଖର ସହିତ ଭାବିଲେ, ମିତ୍ର ହୋଇ ମଧ ରାଜା ଦଶରଥଙ୍କର ରାଜକାର୍ଯ୍ୟରେ କିଛି ସାହାଯ୍ୟ କରିପାରିଲି ନାହିଁ । ରାକ୍ଷସପତି ରାବଣ ବଳପୂର୍ବକ ସୀତାଙ୍କୁ ଅପହରଣ କଲା ; ମୁଁ ତାଙ୍କୁ ମଧ ରକ୍ଷା କରିପାରିଲି ନାହିଁ । ଶ୍ରୀରାମଚନ୍ଦ୍ରଙ୍କର ମୁଖ ଦର୍ଶନ ଯଦି କରି ନ ପାରିବି ତେବେ ହତଭାଗ୍ୟ ମୋର ଜନ୍ମ ବିଫଳ ହେବ ॥

रामः- (स्वागतम्)
स्फुरति कथमहो मे चक्षुरद्यापि वामं
विषमविधिविधानं किं भविष्यति शीघ्रात् ।
यदिह जनकपुत्री केतकीगर्भगौर-
स्तनयुगपरिणाहं वल्कलेन वृणोति ॥९४॥

ରାମଃ (ସ୍ୱଗତମ୍)
ସ୍ଫୁରତି କଥମହୋ ମେ ଚକ୍ଷୁରଦ୍ୟାପି ବାମଂ
ବିଷମବିଧିବିଧାନଂ କିଂ ଭବିଷ୍ୟତି ଶୀଘ୍ରାତ୍ ।
ଯଦିହ ଜନକପୁତ୍ରୀ କେତକୀଗର୍ଭଗୌର-
ସ୍ତନଯୁଗପରିଣାହଂ ବଲ୍କଲେନ ବୃଣୋତି ॥୯୪॥

❊ ଶ୍ରୀରାମ (ମନେ ମନେ) ଭାବିଲେ, ମୋର ବାମନୟନ ସ୍ଫୁରିତ ହେଉଛି କାହିଁକି, ବିଧି ବାମ ହୋଇ କଣ କିଛି ଅଘଟଣ ଶୀଘ୍ର ଘଟାଇବାକୁ ଯାଉଛି କି ? ଜନକପୁତ୍ରୀ ସୀତା,ମୋର ବିଳମ୍ବ ଦେଖି କେତକୀ କୁସୁମ ସଦୃଶ ସ୍ତନଯୁଗର ଆବରଣୀୟ ବଲ୍କଲରେ ତାହା ଆବୃତ କରିବା ହେତୁ ଦୁଃଖ ଅନୁଭବ କରୁଛି କି ?

मारीचं हत्वा आगतस्य रामस्य पथि लक्ष्मणेन सह उक्तिप्रत्युक्ती -
एकाकिनीमुटजसीम्नि विहाय सीतां
किं वत्स मत्सविधमाकुलमागतोऽसि ।
अत्रागते चिरयति त्वयि वीर देव्या
नैव स्थितः कटुकभाषणबद्धकायः ॥९५॥

ମାରୀଚଂ ହତ୍ୱା ଆଗତସ୍ୟ ରାମସ୍ୟ ପଥି ଲକ୍ଷ୍ମଣେନ ସହ ଉକ୍ତିପ୍ରତ୍ୟୁକ୍ତୀ

ଏକାକିନୀମୁଟଜସୀମ୍ନି ବିହାୟ ସୀତାଂ
କିଂ ବତ୍ସ ମତ୍ସବିଧମାକୁଳମାଗତୋଽସି ।
ଅତ୍ରାଗତେ ଚିରୟତି ତ୍ୱୟି ବୀର ଦେବ୍ୟା
ନୈବ ସ୍ଥିତଃ କଟୁକଭାଷଣବଦ୍ଧକାୟଃ ॥୯୫॥

❊ ମାରୀଚକୁ ହତ୍ୟା କରି ଶ୍ରୀରାମ ମାର୍ଗରେ ଲକ୍ଷ୍ମଣଙ୍କୁ ଦେଖି କହିଲେ ବତ୍ସ ! କୁଡିଆରେ ସୀତାଙ୍କୁ ଏକାକିନୀ କରି ବ୍ୟାକୁଳ ହୋଇ କାହିଁକି ମୋ' ପାଖକୁ ଆସିଲୁ ? ଏହା ଶୁଣି ଲକ୍ଷ୍ମଣ କହିଲେ - ଆପଣଙ୍କ ଫେରିବାରେ ବିଳମ୍ବ ହେବାରୁ ମାତା ଅତୀବ କଟୁଭାଷାରେ ଗାଳି ଦେଇ ତୁମ ପାଖକୁ ମୋତେ ପଠାଇଲେ ॥

मायाकुरङ्गं विनिहत्य बाणैर्भ्रात्रा सहागत्य च पर्णशालाम् ।
कोणत्रयं तत्र समीक्ष्य शून्यं द्रष्टुं चतुर्थं न शशाक रामः ॥९६॥

ମାୟାକୁରଙ୍ଗଂ ବିନିହତ୍ୟ ବାଣୈର୍ଭ୍ରାତା ସହାଗତ୍ୟ ଚ ପର୍ଣ୍ଣଶାଳାମ୍ ।
କୋଣତ୍ରୟଂ ତତ୍ର ସମୀକ୍ଷ୍ୟ ଶୂନ୍ୟଂ ଦ୍ରଷ୍ଟୁଂ ଚତୁର୍ଥଂ ନ ଶଶାକ ରାମଃ ॥୯୬॥

❊ ମାୟା ହରିଣ ବେଶଧାରୀ ମାରୀଚକୁ ବାଣରେ ସଂହାରକରି ଶ୍ରୀରାମ ଭାଇ ଲକ୍ଷ୍ମଣଙ୍କ ସହିତ ପର୍ଣ୍ଣକୁଟୀରକୁ ଫେରି ଆସିଲେ । ପର୍ଣ୍ଣଶାଳାର ତିନୋଟି କୋଣରେ ସୀତା ନ ଥିବାର ଦେଖି ଚତୁର୍ଥ କୋଣକୁ ଦେଖିବା ପାଇଁ ସମର୍ଥ ହେଲେ ନାହିଁ ॥

प्रविश्य पर्णशालायां त्रिषु कोणेषु वीक्षितम् ।
चतुर्थं वीक्षितुं भीतः सीताशून्यं रघूत्तमः ॥९७॥

ପ୍ରବିଶ୍ୟ ପର୍ଣ୍ଣଶାଳାୟାଂ ତ୍ରିଷୁ କୋଣେଷୁ ବୀକ୍ଷିତମ୍ ।
ଚତୁର୍ଥଂ ବୀକ୍ଷିତୁଂ ଭୀତଃ ସୀତାଶୂନ୍ୟଂ ରଘୂତ୍ତମଃ ॥୯୭॥

❊ ପର୍ଣ୍ଣଶାଳାରେ ପ୍ରବେଶ କରି ରଘୂତ୍ତମ ଗୃହର ତିନି କୋଣକୁ ସୀତାଶୂନ୍ୟଦେଖିସାରି ଚତୁର୍ଥ କୋଣକୁ ଚାହିଁବା ପାଇଁ ଭୟ କଲେ ॥

वाणेनैकेनाद्भुतं तं निहत्य मारीचाख्यं यातुधानं जवेन ।
सीताशून्यां पश्यतः पर्णशालां किं किं वृत्तं नो तदा राघवस्य ॥९८॥

ବାଣେନୈକେନାଦ୍ଭୁତଂ ତଂ ନିହତ୍ୟ ମାରୀଚାଖ୍ୟ ଯାତୁଧାନଂ ଜବେନ ।
ସୀତ୍ୟାଶୂନ୍ୟାଂ ପଶ୍ୟତଃ ପର୍ଣ୍ଣଶାଳାଂ କିଂ କିଂ ବୃତ୍ତଂ ନୋ ତଦା ରାଘବସ୍ୟ ॥୯୮॥

❋ ମାୟାମୃଗ ରୂପଧାରୀ ମାରୀଚ ଅସୁରକୁ ଏକମାତ୍ର ବାଣରେ ମାରିସାରି ଫେରିଆସିବା ପରେ ପର୍ଣ୍ଣଶାଳାକୁ ସୀତାଶୂନ୍ୟଦେଖି ଶ୍ରୀରାମଚନ୍ଦ୍ରଙ୍କର ହୃଦୟ ବ୍ୟଥାରେ ପୂର୍ଣ୍ଣ ହୋଇଗଲା । ସେ କଣ କରିବେ କିଛି ସ୍ଥିର କରିପାରିଲେ ନାହିଁ ॥

एष श्रीलहनूमता विरचिते श्रीममन्महानाटके
वीरश्रीयुतारामचन्द्रचरिते प्रत्युद्धृतेऽनुक्रमैः ।
मिश्रश्रीमधुसूदनेन कविना सन्दर्भसज्जीकृते
वैदेहीहरणाभिधोऽत्र गतवानङ्कस्तृतीयो महान् ॥९९॥

॥ इति श्रीहनूमत्कृते महानाटके तृतीयोऽङ्कः ॥

ଏଷ ଶ୍ରୀଲହନୂମତା ବିରଚିତେ ଶ୍ରୀମନ୍ମହାନାଟକେ
ବୀର ଶ୍ରୀଯୁତରାମଚନ୍ଦ୍ରଚରିତେ ପ୍ରତ୍ୟୁଦ୍ଧୃତେଽନୁକ୍ରମୈଃ ।
ମିଶ୍ରଶ୍ରୀମଧୁସୂଦନେନ କବିନା ସନ୍ଦର୍ଭସଜ୍ଜୀକୃତେ
ବୈଦେହୀହରଣାଭିଧୋଽତ୍ର ଗତବାନଙ୍କସ୍ତୃତୀୟୋମହାନ୍ ॥୯୯॥

॥ ଇତି ଶ୍ରୀହନୂମଦ୍‌କୃତେ ମହନାଟକେ ତୃତୀୟୋଽଙ୍କ ॥

❋ ଶ୍ରୀମଦ୍ ହନୂମଦ୍ ବିରଚିତ ଓ କବି ମଧୁସୂଦନ ମିଶ୍ର ସଜ୍ଜୀକୃତ ଶ୍ରୀରାମଚରିତାତ୍ମକ ମହାନାଟକର ବୈଦେହୀହରଣ ଶୀର୍ଷକ ତୃତୀୟ ଅଙ୍କ ସମାପ୍ତ ॥

चतुर्थोऽङ्कः

ଚତୁର୍ଥୋଽଙ୍କଃ

रामस्य खेदः

बहिरपि न पदानां पङ्क्तिरन्तर्न काचित्
किमिदमिह न सीता पर्णशाला किमन्या ।
अहमपि किल नायं सर्वथा राघवश्चेत्
क्षणमपि नहि सोढा हन्त सीतावियोगम् ॥१॥

ରାମସ୍ୟ ଖେଦଃ

ବହିରପି ନ ପଦାନାଂ ପଙ୍କ୍ତିରନ୍ତର୍ନ କାଚିତ୍
କିମିଦମିହ ନ ସୀତା ପର୍ଣ୍ଣଶାଳା କିମନ୍ୟା ।
ଅହମପି କିଲ ନାୟଂ ସର୍ବଥା ରାଘବଶ୍ଚେତ୍-
କ୍ଷଣମପି ନହି ସୋଢା ହନ୍ତ ସୀତାବିଯୋଗମ୍ ॥୧॥

❋ ଶ୍ରୀରାମଚନ୍ଦ୍ର ଦୁଃଖରେ କହିଲେ - ପର୍ଣ୍ଣଶାଳା ଭିତରେ କି ବାହାରେ କୌଣସି ପାଦଚିହ୍ନ ଦେଖାଯାଉନାହିଁ । ତେବେ ଏହା କ'ଣ ଅନ୍ୟ କେଉଁ ପର୍ଣ୍ଣଶାଳା ? ଅଥବା ମୁଁ ରାଘବ ନୁହେଁ, ଅନ୍ୟ କେହି କି ? କାରଣ କ୍ଷଣକ ପାଇଁ ହେଲେ ବି ସୀତା ବିଚ୍ଛେଦ ଜନିତ ଦୁଃଖ ସହିବା ପାଇଁ ରାମ ଅସମର୍ଥ ॥

हा पर्णशालाङ्गणपुष्पवल्लि हा भूतलाविष्कृतचन्द्रलेखे ।
मज्जीवनस्याप्यवलम्बशाखे वैदेहि वैदेहि कुतो गतासि ॥२॥

ହା ପର୍ଣ୍ଣଶାଳାଙ୍ଗଣପୁଷ୍ପବଲ୍ଲି ହା ଭୂତଳାବିଷ୍କୃତଚନ୍ଦ୍ରଲେଖେ ।
ମଜ୍ଜୀବନସ୍ୟାପ୍ୟବଲମ୍ବଶାଖେ ବୈଦେହୀ ବୈଦେହି କୁତୋ ଗତାସି ॥୨॥

❋ ହା ସୀତେ, ତୁମେ ପର୍ଣ୍ଣଶାଳାର ପୁଷ୍ପଲତା ସଦୃଶ ଥିଲ । ଭୂତଳରେ ଚନ୍ଦ୍ରରେଖା ପରି ଶୋଭା ପାଉଥିଲ । ମୋ ଜୀବନର ଅବଲମ୍ବନୀୟ ଶାଖାଥିଲ । ହେ ବୈଦେହି, ବର୍ତ୍ତମାନ ତୁମେ କୁଆଡେ ଗଲ ?

वितर वितर वाचं क्वासि मुग्धे किमेतद्-
विरमतु परिहास सर्वथा दुःसहोऽपि ।
त्वमसि खलु तनुजा हन्त सर्वसहायाः
सुतविरहविमुक्तप्राणराजात्मजोऽहम् ॥३॥

ବିତର ବିତର ବାଚଂ କ୍ୱାସି ମୁଗ୍ଧେ କିମେତଦ୍-
ବିରମତୁ ପରିହାସ ସର୍ବଥା ଦୁଃସହୋଽପି ।

ତ୍ୱମସି ଖଳୁ ତନୂଜା ହନ୍ତ ସର୍ବସହାୟାଃ
ସୁତବିରହବିମୁକ୍ତପ୍ରାଣରାଜାତ୍ମଜୋଽହମ୍ ॥୩॥

❊ ହେ ସୀତେ, ତୁମେ ପୃଥିବୀର ସୁତା ହୋଇଥିବାରୁ ନିଜ ମା' ପରି ସବୁ ସହିଛ । ଏହା ମୁଁ ଉପହାସ ନ କରି ସତ କହୁଛି । ପୁତ୍ର ବିରହରେ ମୋର ପିତା ପ୍ରାଣ ତ୍ୟାଗ କରିଛନ୍ତି । ମୁଁ ସେହି ମୃତରାଜାଙ୍କର ପୁତ୍ର । ତେଣୁ ଦେଖାଦିଅ ଓ କଥା କହି ମୋର ଦୁଃଖ ହରଣ କର ॥

स भूरजोरञ्जितसर्वकायो वभौ विभुर्मन्युविदीर्णचेता:।
योषिद्वियोगानलदह्यमानं स्वकान्तमालिङ्गयतीव भूमि: ॥४॥

ସ ଭୂରଜୋରଞ୍ଜିତସର୍ବକାୟୋ ବଭୌ ବିଭୁର୍ମନ୍ୟୁବିଦୀର୍ଣ୍ଣଚେତାଃ ।
ଯୋଷିଦ୍ୱିୟୋଗାନଳଦହ୍ୟମାନଂ ସ୍ୱକାନ୍ତମାଲିଙ୍ଗୟତୀବ ଭୂମିଃ ॥୪॥

❊ ଶ୍ରୀରାମଚନ୍ଦ୍ର ପ୍ରିୟାବିରହ ଜନିତ ଶୋକାଗ୍ନିରେ ଦଗ୍ଧ ହୋଇ ଅଧୀର ଚିତ୍ତରେ ଭୂମିରେ ଲୋଟିବାରୁ ଶରୀର ତାଙ୍କର ଧୂଳିରେ ଧୂସରିତ ହୋଇଗଲା । ସ୍ୱପତିକୁ ପତ୍ନୀ ଆଲିଙ୍ଗନ କଲାପରି ଭୂଦେବୀ ଶୋକାକୁଳ ଶ୍ରୀରାମଙ୍କୁ ଆଲିଙ୍ଗନ କଲେ ॥

अत्रावसरे मुनिजनवाक्यम्
एकनेव हि रामेण लब्धमाधिचतुष्टयम् ।
राज्यनाशो वनेवासो हृता सीता मृत: पिता ॥५॥

ଅତ୍ରାବସରେ ମୁନିଜନବାକ୍ୟମ୍
ଏକନୈବ ହି ରାମେଣ ଲବ୍ଧମାଧିଚତୁଷ୍ଟୟମ୍ ।
ରାଜ୍ୟନାଶୋ ବନେବାସୋ ହୃତା ସୀତା ମୃତଃ ପିତା ॥୫॥

❊ ଏହି ଅବସରରେ ମୁନିମାନେ କହିଲେ-ଶ୍ରୀରାମ ଏକସମୟରେ ବହୁ ଦୁଃଖ ଭୋଗ କଲେ । ତାଙ୍କର ରାଜ୍ୟ ଗଲା, ସେ ବନବାସୀ ହେଲେ, ପିତା ତାଙ୍କର ମୃତ୍ୟୁବରଣ କଲେ ଏବଂ ପ୍ରାଣପ୍ରିୟା ପତ୍ନୀ ସୀତା ଅପହୃତା ହେଲେ ॥

असम्भवं हेममृगस्य जन्म तथापि रामो लुलुभे मृगाय ।
प्राय: समापन्नविपत्तिकाले धियोऽपि पुंसां मलिना भवन्ति ॥६॥

ଅସମ୍ଭବଂ ହେମମୃଗସ୍ୟ ଜନ୍ମ ତଥାପି ରାମୋ ଲୁଲୁଭେ ମୃଗାୟ ।
ପ୍ରାୟଃ ସମାପନ୍ନବିପତ୍ତିକାଳେ ଧିୟୋଽପି ପୁଂସାଂ ମଳିନା ଭବନ୍ତି ॥୬॥

❊ ସ୍ୱର୍ଣ୍ଣମୃଗର ଜନ୍ମ ଅସମ୍ଭବ । ତଥାପି ରାମ ସେହି ମୃଗ ପ୍ରତି ଲୋଭାନ୍ୱିତ ହେଲେ । ବିପଦ ସମୟ ଆସିଲେ ମହାନ୍ ବ୍ୟକ୍ତିର ମଧ୍ୟ ବୁଦ୍ଧି ଲୋପ ପାଇଥାଏ ॥

कर्मणा वाध्यते बुद्धिर्न बुद्ध्या कर्म वाध्यते ।
सुबुद्धिरपि रामोऽयं हैमं हरिणमन्वगात् ।।७।।

କର୍ମଣା ବାଧ୍ୟତେ ବୁଦ୍ଧିର୍ନ ବୁଦ୍ଧ୍ୟା କର୍ମ ବାଧ୍ୟତେ ।
ସୁବୁଦ୍ଧିରପି ରାମୋଽୟଂ ହୈମଂ ହରିଣମନ୍ୱଗାତ୍ ।।୭।।

※ ବୁଦ୍ଧି ସାଧାରଣତଃ କର୍ମକୁ ଅନୁସରଣ କରିବା ପାଇଁ ବାଧ୍ୟ ହୁଏ ; କିନ୍ତୁ କର୍ମ ବୁଦ୍ଧି ଦ୍ୱାରା କେବେହେଲେ ନିୟନ୍ତ୍ରିତ ହୁଏ ନାହିଁ । କାରଣ, ବୁଦ୍ଧିମାନ୍ ହୋଇ ମଧ୍ୟ ରାମଚନ୍ଦ୍ର ସ୍ୱର୍ଣ୍ଣମୃଗ ଆଣିବା ପାଇଁ ଯାଇଥିଲେ ।।

राज्यं नाशयता वनं गमयता घोरैस्त्रियामाचरै-
र्वैरं कारयता मतिं छलयता मायामृगछद्मना ।
दारान् हारयता वने भ्रमयता नानावनालीतलं
रामस्यापि कृतं हठेन विधिना दुःखातिदुःखं महत् ।।८।।

ରାଜ୍ୟଂ ନାଶୟତା ବନଂ ଗମୟତା ଘୋରୈସ୍ତ୍ରିୟାମାଚରୈ-
ର୍ବୈରଂ କାରୟତା ମତିଂ ଛଳୟତା ମାୟାମୃଗଛଦ୍ମନା ।
ଦାରାନ୍ ହାରୟତା ବନେ ଭ୍ରମୟତା ନାନାବନାଳୀତଳଂ
ରାମସ୍ୟାପି କୃତଂ ହଠେନ ବିଧିନା ଦୁଃଖାତିଦୁଃଖଂ ମହତ୍ ।।୮।।

※ ବିଧାତା ପ୍ରତିକୂଳ ହେବାରୁ ରାମଙ୍କର ରାଜ୍ୟ ପ୍ରାପ୍ତି ସୁଯୋଗ ଗଲା । ସେ ବନକୁ ଆସିଲେ । ରାକ୍ଷସୀ ସୂର୍ପଣଖା ଓ ତା'ର ଦୁଷ୍ଟ ଅନୁଚରମାନଙ୍କ ସହିତ ରାମଙ୍କର ଶତ୍ରୁତା ହେଲା । ମାୟାମୃଗର ଛଳନାରେ ତାଙ୍କର ବୁଦ୍ଧି ଭ୍ରଷ୍ଟ ହେଲା । ପତ୍ନୀକୁ ଅପହରଣ କରି ନିଆଗଲା ଏବଂ ତାଙ୍କୁ ଖୋଜିବା ପାଇଁ ବନଭୂମିରେ ସେ ଘୂରିବୁଲିଲେ । ଦୁଷ୍ଟ ବିଧି ବହୁ ଦୁଃଖ ଦେଲା ।।

पुनरपि रामस्य खेदः
न स्वादिताधरसुधा न शिरीषपुष्पमृद्वी मयोरसि धृता तनुरायताक्ष्याः ।
व्रीडाविरोधिनि विमुञ्च हि मुक्तकण्ठमाक्रन्दितं स खलु जानकिजानकीति ।।९।।

ପୁନରପି ରାମସ୍ୟ ଖେଦଃ
ନ ସ୍ୱାଦିତାଧରସୁଧା ନ ଶିରୀଷପୁଷ୍ପମୃଦ୍ୱୀ ମୟୋରସି ଧୃତା ତନୁରାୟତାକ୍ଷ୍ୟାଃ ।
ବ୍ରୀଡ଼ାବିରୋଧିନି ବିମୁଞ୍ଚ ହି ମୁକ୍ତକଣ୍ଠମାକ୍ରନ୍ଦିତଂ ସ ଖଳୁ ଜାନକି ଜାନକୀତି ।।୯।।

※ ଶ୍ରୀରାମଚନ୍ଦ୍ର ସୀତାଙ୍କୁ ସ୍ମରଣ କରି ଦୁଃଖିତ ହେଲେ । ସେ ମନେ ମନେ କହିବାକୁ ଲାଗିଲେ- ହେ ଜାନକି ! ତୁମର ଅଧରାମୃତ ପାନ କରିପାରିଲି ନାହିଁ କି ତୁମର ଶିରିଷ କୁସୁମ କୋମଳ ଶରୀରକୁ ବକ୍ଷୋପରି ଧାରଣ କରିପାରିଲି ନାହିଁ । ହେ ବିଶାଳନେତ୍ରେ ! ଲଜ୍ଜା ତ୍ୟାଗକରି ତୁମେ କେଉଁଠି ଅଛ ଦେଖାଦିଅ । ଏହା କହି ସେ ଉଚ୍ଚସ୍ୱରରେ ଜାନକୀ ଜାନକୀ ବୋଲି ଡାକିବାକୁ ଲାଗିଲେ ।।

हा वल्लभे जनकवंशजवैजयन्ति हा मद्विलोचनचकोरनवेन्दुलेखे ।
इत्थं स्फुटं बहुविलप्य विलप्य रामस्तामेव पर्णवसतिं परितश्चचार ।।१०।।
ହା ବଲ୍ଲଭେ ଜନକବଂଶଜବୈଜୟନ୍ତି ହା ମଦ୍‌ବିଲୋଚନଚକୋରନବେନ୍ଦୁଲେଖେ ।
ଇତ୍ଥଂ ସ୍ଫୁଟଂ ବହୁ ବିଳପ୍ୟ ବିଳପ୍ୟ ରାମସ୍ତାମେବ ପର୍ଣ୍ଣବସତିଂ ପରିତଶ୍ଚଚାର ॥୧୦॥

※ ହେ ପ୍ରାଣପ୍ରିୟେ ଜାନକି ! ତୁମେ ଜନକ ବଂଶର ବୈଜୟନ୍ତୀ, ମୋର ନେତ୍ର ପ୍ରତିମା, ମୋ' ନୟନ ରୂପକ ଚକୋରର ନବୋଦିତ ଚନ୍ଦ୍ରର କିରଣ ସ୍ୱରୂପା, ତୁମେ କେଉଁଠି ଅଛ ? ଏହିପରି ବାରମ୍ବାର ବିଳାପ କରି ଶ୍ରୀରାମଚନ୍ଦ୍ର ପର୍ଣ୍ଣକୁଟୀରର ଚତୁର୍ଦ୍ଦିଗରେ ଘୂରିବୁଲିଲେ ॥

अथ विरहः
अत्रालिङ्गितमत्र वानरगणत्रासात्प्रणामः कृतः
किं चात्रालिखिता कपोलफलके कस्तूरिका पत्रिका ।
इत्यालोच्य विलोचनोत्सवकरीस्तास्ता विहारस्थली-
श्चेतः किं शतधा न याति विरहे तस्या कुरङ्गीदृशः ।।११।।

ଅଥ ବିରହଃ
ଅତ୍ରାଲିଙ୍ଗିତମତ୍ର ବାନରଗଣତ୍ରାସାତ୍‌ପ୍ରଣାମଃ କୃତଃ
କିଂ ଚାତ୍ରାଲିଖିତା କପୋଳଫଳକେ କସ୍ତୂରିକା ପତ୍ରିକା ।
ଇତ୍ୟାଲୋଚ୍ୟ ବିଲୋଚନୋତ୍ସବକରୀସ୍ତାସ୍ତା ବିହାରସ୍ଥଳୀ-
ଶ୍ଚେତଃ କିଂ ଶତଧା ନ ଯାତି ବିରହେ ତସ୍ୟାଃ କୁରଙ୍ଗୀଦୃଶଃ ॥୧୧॥

※ ହେ ପ୍ରିୟେ ! ବାନରମାନଙ୍କ ଭୟରେ ତୁମେ ଏହି ବନରେ ମୋତେ ଆଲିଙ୍ଗନ କରିଥିଲ ମୁଁ ତାକୁ ନମସ୍କାର କରୁଛି । ଏଇଠି ମୁଁ ତୁମ କପୋଳଫଳକରେ କସ୍ତୂରୀ ଦ୍ୱାରା ଚିତ୍ର ଲେଖିଥିଲି ଓ ତାକୁ ଚାହିଁ ଆନନ୍ଦିତ ହେଉଥିଲି । ଏହା କହି ଶ୍ରୀରାମ ବନଭୂମିର ବିଭିନ୍ନ ପ୍ରାନ୍ତକୁ ଚାହୁଁଥିଲେ ଏବଂ ମନେ ମନେ ଭାବୁଥିଲେ କୁରଙ୍ଗ ନୟନାର ବିରହରେ ମୋର ହୃଦୟ ଶତଧା ବିଦୀର୍ଣ୍ଣ ହେଉନାହିଁ କାହିଁକି ?

पुनः पर्णशालां विलोक्य
आलिङ्गितात्र सरसीरुहचारुवक्त्रा पीताधरोऽत्र मधुरो मृगलोचनायाः ।
भृङ्गालिपीतमकरन्दविमर्द्दितानि पुष्पाण्यमूनि दयिते क्व गतासि सुभ्रुः ।।१२।।
ପୁନଃ ପର୍ଣ୍ଣଶାଳାଂ ବିଲୋକ୍ୟ
ଆଲିଙ୍ଗିତାତ୍ର ସରସୀରୁହଚାରୁବକ୍ତ୍ରା ପୀତାଧରୋଽତ୍ର ମଧୁରୋ ମୃଗଲୋଚନାୟାଃ ।
ଭୃଙ୍ଗାଳିପୀତମକରନ୍ଦବିମର୍ଦ୍ଦିତାନି ପୁଷ୍ପାଣ୍ୟମୂନି ଦୟିତେ କ୍ୱ ଗତାସି ସୁଭ୍ରୁଃ ॥୧୨॥

※ ପୁଣି ପର୍ଣ୍ଣଶାଳାକୁ ଚାହିଁ ଶ୍ରୀରାମଚନ୍ଦ୍ର କହିଲେ ଏଇଠି କମଳମୁଖୀ ସୀତାଙ୍କୁ ଆଲିଙ୍ଗନ କରିଥିଲି । ଏହି ସ୍ଥାନରେ ମୃଗନୟନାର ଅଧରମଧୁ ପାନକରିଥିଲି । ଏଇଠି ଭୃଙ୍ଗମାନେ ମଧୁପାନ

ଝରିଥିବା ବିଦଳିତ ପୁଷ୍ପଗୁଡିକ ପଡିରହିଛି । ହେ ଦୟିତେ ! ତୁମର ସୁଚାରୁ ଭ୍ରୂଲତାଦ୍ୱୟ ଦେଖାଯାଉନାହିଁ । ତୁମେ କୁଆଡେ ଗଲ ?

हे गोदावरि पुण्यवारि सुभगे दृष्टा त्वया जानकी
साहर्त्तुं कमलानि वागतवती याता विनोदाय किम् ।
इत्येवं प्रतिपादपं प्रतिनगं प्रत्यापगं प्रत्यगं
प्रत्येणं प्रतिबर्हिणं तत इतस्तां जानकीं याचते ।।१३।।

ହେ ଗୋଦାବରି ପୁଣ୍ୟବାରି ସୁଭଗେ ଦୃଷ୍ଟା ତ୍ୱୟା ଜାନକୀ
ସାହର୍ତ୍ତୁଂ କମଳାନି ବାଗତବତୀ ଯାତା ବିନୋଦାୟ କିମ୍ ।
ଇତ୍ୟେବଂ ପ୍ରତିପାଦପଂ ପ୍ରତିନଗଂ ପ୍ରତ୍ୟାପଗଂ ପ୍ରତ୍ୟଗଂ
ପ୍ରତ୍ୟେଣଂ ପ୍ରତିବର୍ହିଣଂ ତତ ଇତସ୍ତାଂ ଜାନକୀଂ ଯାଚତେ ।।୧୩।।

❋ ହେ ଗୋଦାବରୀ ନଦି ! ତୁମେ ପୁଣ୍ୟତୋୟା ଓ ସୌଭାଗଦାୟିନୀ । ତୁମର ତୀରବର୍ତ୍ତୀ କାନନରେ ଫୁଟିଥିବା ଫୁଲ ବା ତୁମରି କୂଳରେ ଫୁଟିଥିବା ପଦ୍ମଫୁଲ ତୋଳିବା ପାଇଁ ବା ବୁଲିବା ପାଇଁ ଜାନକୀ ଆସିଥିବା ତୁମେ ଦେଖିଛ କି ? ଏହିପରି ପ୍ରତି ପଦକ୍ଷେପରେ ଥିବା ପ୍ରତ୍ୟେକ ବୃକ୍ଷ, ପ୍ରତ୍ୟେକ ପଥିକ, ମୃଗ ଓ ମୟୂରଙ୍କୁ ଚାହିଁ ଶ୍ରୀରାମ କେହି ଜାନକୀଙ୍କୁ ଦେଖିଛ କି ବୋଲି ପଚାରିଲେ ।।

भो वृक्षा: पर्वतस्था बहुकुसुमयुता वायुनाघूर्ण्यमाना
रामोऽहं व्याकुलात्मा दशरथतनय:पृच्छते शोकदग्ध: ।
बिम्बोष्ठी चारुनेत्रा सुविपुलजघना दीर्घकेशी सुमध्या
हा सीता केन नीता मम हृदयगता को भवान् केन दृष्टा ।।१४।।

ଭୋ ବୃକ୍ଷାଃ ପର୍ବତସ୍ଥା ବହୁକୁସୁମଯୁତା ବାୟୁନାଘୂର୍ଣ୍ୟମାନା
ରାମୋଽହଂ ବ୍ୟାକୁଳାତ୍ମା ଦଶରଥତନୟଃ ପୃଚ୍ଛତେ ଶୋକଦଗ୍ଧଃ ।
ବିମ୍ବୋଷ୍ଠୀ ଚାରୁନେତ୍ରା ସୁବିପୁଳଜଘନା ଦୀର୍ଘକେଶୀ ସୁମଧ୍ୟା
ହା ସୀତା କେନ ନୀତା ମମ ହୃଦୟଗତା କୋ ଭବାନ୍ କେନ ଦୃଷ୍ଟା ।।୧୪।।

❋ ହେ ପର୍ବତସ୍ଥ ବୃକ୍ଷଲତାଗଣ ! ତୁମେ ସବୁ କୁସୁମିତ ଓ ବାୟୁ ବେଗରେ ଆନ୍ଦୋଳିତ ହେଉଛ । ମୋର ନିବେଦନ ଶୁଣ । ମୁଁ ହେଉଛି ରାଜା ଦଶରଥଙ୍କ ପୁତ୍ର ଶ୍ରୀରାମ । ଶୋକାନଳରେ ମୁଁ ଦଗ୍ଧୀଭୂତ । ବିମ୍ବୋଷ୍ଠୀ, ଚାରୁନେତ୍ରୀ, ବିବୃତ ଜଘନା, ସୁକେଶୀ ଓ ସୁମଧ୍ୟା ସୀତା ମୋର ପତ୍ନୀ । ମୋର ହୃଦୟର ରାଣୀ ସୀତାଙ୍କୁ କିଏ ନେଲା, ତାହା ଯଦି କେହି ଜାଣିଛ କି ଦେଖିଛ ମୋତେ କୁହ ।।

भो भो भुजङ्गतरुपल्लवलोलजिह्व बन्धूकपुष्पवरशोभितनेत्रयुग्म ।
पृच्छामि ते पवनभोजन कोमलाङ्गी मार्गे गता सपदि चन्द्रमुखी न दृष्टा ।।१५।।

ଭୋ ଭୋ ଭୁଜଙ୍ଗ ତରୁପଲ୍ଲବଲୋଳଜିହ୍ୱ ବନ୍ଧୁକପୁଷ୍ପବରଶୋଭିତନେତ୍ରଯୁଗ୍ମ ।
ପୃଚ୍ଛାମି ତେ ପବନଭୋଜନକୋମଳାଙ୍ଗୀ ମାର୍ଗେ ଗତା ସପଦିଚନ୍ଦ୍ରମୁଖୀ ନ ଦୃଷ୍ଟା ॥୧୫॥

❊ ହେ ଭୁଜଙ୍ଗଗଣ ! ତୁମର ଜିହ୍ୱା ନବପଲ୍ଲବ ପରି ଚଞ୍ଚଳ ଓ ବନ୍ଧୁକ ପୁଷ୍ପ ପରି ନେତ୍ରଦ୍ୱୟ । ପବନ ତୁମର ଆହାର । ତୁମେ ସବୁ ମୋର ପତ୍ନୀ ଚନ୍ଦ୍ରମୁଖୀ କୋମଳାଙ୍ଗୀ ସୀତାଙ୍କୁ ଏହି ବାଟରେ ଯାଉଥିବାର ଦେଖିଛ କି ?

सा रेवातटिनी तदेव विपिनं सैषा निकुञ्जस्थली
सोऽयं भूमिधरः स एव मलयः प्रोद्भूतमन्दानिलः ।
तान्येतानि सरांसि हन्त विमलान्युत्तुङ्गवक्षोरुह -
द्वन्द्वापीड़नभारमन्दगमना नालोक्यते जानकी ॥१६॥

ସା ରେବାତଟିନୀ ତଦେବ ବିପିନଂ ସୈଷା ନିକୁଞ୍ଜସ୍ଥଳୀ
ସୋଽୟଂ ଭୂମିଧରଃ ସ ଏବ ମଳୟଃ ପ୍ରୋଦ୍‌ଭୂତମନ୍ଦାନିଳଃ ।
ତାନ୍ୟେତାନି ସରାଂସି ହନ୍ତ ବିମଳାନ୍ୟୁତ୍ତୁଙ୍ଗବକ୍ଷୋରୁହ -
ଦ୍ୱନ୍ଦ୍ୱାପୀଡ଼ନଭାରମନ୍ଦଗମନା ନାଲୋକ୍ୟତେ ଜାନକୀ ॥୧୬॥

❊ ସେଇ ରେବା ନଦୀ ଅଛି । ତୀରବର୍ତ୍ତୀ ବନ ଓ ନିକୁଞ୍ଜସ୍ଥଳୀ ସେହିପରି ଅଛି । ପର୍ବତ ଗୁଡ଼ିକ ପୂର୍ବପରି ଅଛି । ମନ୍ଦ ମନ୍ଦ ମଳୟ ପବନ ବହୁଛି । ସେହି ପୁଷ୍କରିଣୀଗୁଡିକ ଅଛି । କିନ୍ତୁ, ହାୟ, ପୀନସ୍ତନଭାରଜନିତ ମନ୍ଦଗମନା ଜାନକୀ କେଉଁଠି ଦେଖାଯାଉ ନାହିଁ ॥

आदावेव कृशोदरी कुचतटीभारेण नम्रा पुन -
र्लीलाचंक्रमणं च नैव सहसे लीलाविधौ श्राम्यसि ।
स्रोतः काननगर्त्तनिर्झरसरित्प्रायानपूर्वानिमान्
भूभागान् किल भूरि भैरवमृगान् वैदेही यायाः कथम् ॥१७॥
ଆଦାବେବ କୃଶୋଦରୀ କୁଚତଟୀଭାରେଣ ନମ୍ରା ପୁନ-
ର୍ଲୀଳାଚଂକ୍ରମଣଂ ଚ ନୈବ ସହସେ ଲୀଳାବିଧୌ ଶ୍ରାମ୍ୟସି ।
ସ୍ରୋତଃ କାନନଗର୍ତ୍ତନିର୍ଝରସରିତ୍ ପ୍ରାୟାନପୂର୍ବାନିମାନ୍
ଭୂଭାଗାନ୍ କିଳ ଭୂରି ଭୈରବମୃଗାନ୍ ବୈଦେହୀ ଯାୟାଃ କଥମ୍ ॥୧୭॥

❊ ହେ ସୀତେ ! ଆରମ୍ଭରୁ ହିଁ ତୁମର ଶରୀର କ୍ଷୀଣ । ପୃଥୁଳସ୍ତନଭାରରେ ତୁମେ ପୁଣି ଆନତଦେହା । ମତ୍ତହସ୍ତୀ ପରି ତୁମର ଗତି । ସୁରତଲୀଳା ସମୟରେ ସହସା କ୍ଳାନ୍ତ ହୋଇଥାଅ । ଗହନ ବନ, ନିର୍ଝର ଓ ଗର୍ତ୍ତପରିପୂର୍ଣ୍ଣ ଏହି ବନଭୂମିରେ ପଶୁପକ୍ଷୀ ଦେଖିବା ଲୋଭରେ ତୁମେ କୁଆଡେ ଗଲ ? ଏହା କହି ଶ୍ରୀରାମ ସୀତାଙ୍କୁ ଖୋଜିବା ପାଇଁ ଗଲେ ॥

गाहं गाहं गह्वरकान्तारवनान्तान् दर्शं दर्शं दर्पकभल्लीरिव वल्लीः।
स्मारं स्मारं दूरगतां तामथ कान्तां रामः कान्तामद्रिचरो दीनमरोदीत् ॥१८॥
ଗାହଂ ଗାହଂ ଗହ୍ୱରକାନ୍ତାରବନାନ୍ତାନ୍ ଦର୍ଶଂ ଦର୍ଶଂ ଦର୍ପକଭଲ୍ଲୀରିବ ବଲ୍ଲୀଃ ।
ସ୍ମାରଂ ସ୍ମାରଂ ଦୂରଗତାଂ ତାମଥ କାନ୍ତାଂ ରାମଃ କାନ୍ତାମଦ୍ରିଚରୋ ଦୀନମରୋଦୀତ୍ ॥୧୮॥

❋ ଶ୍ରୀରାମଚନ୍ଦ୍ର ବନରେ ବୁଲି ବୁଲି ପ୍ରତ୍ୟେକ ଗିରିଗୁହା ଓ ବନଭୂମିର ବୃକ୍ଷଲତାଗହନକୁ ଦେଖି ଓ ଆଖି ଆଗରୁ ଦୂରେଇ ଯାଇଥିବା ସୀତାଙ୍କ ଗୁଣମାନ ସ୍ମରଣ କରି କରି ପର୍ବତ ଉପରେ ଅଧୀରହୋଇ କ୍ରନ୍ଦନ କରିବାକୁ ଲାଗିଲେ ॥

अथ सीतायामप्राप्तायां श्रीरामवाक्यम्

मध्यं केशरिभिः स्मितं च कुसुमैर्नेत्रं कुरङ्गीगणैः
कान्तिश्चम्पककुड्मलैः कलरुतं हाहा हृतं कोकिलैः ।
वल्लीभिर्ललितं गतिः करिवरैरित्थं विभज्याञ्जसा
कान्तारे सकलैर्विलासपटुभिर्नीतासि किं मैथिली ॥१९॥

ଅଥ ସୀତାୟାମପ୍ରାପ୍ତାୟାଂ ଶ୍ରୀରାମବାକ୍ୟମ୍

ମଧ୍ୟଂ କେଶରିଭିଃ ସ୍ମିତଂ ଚ କୁସୁମୈର୍ନେତ୍ରଂ କୁରଙ୍ଗୀଗଣୈଃ
କାନ୍ତିଶ୍ଚମ୍ପକକୁଟ୍ମଲୈଃ କଳରୁତଂ ହା ହା ହୃତଂ କୋକିଲୈଃ ।
ବଲ୍ଲୀଭିର୍ଲଳିତଂ ଗତିଃ କରିବରୈରିତ୍ଥଂ ବିଭଜ୍ୟାଞ୍ଜସା
କାନ୍ତାରେ ସକଳୈର୍ବିଳାସପଟୁଭିର୍ନୀତାସି କିଂ ମୈଥିଳୀ ॥୧୯॥

❋ ଏହାପରେ ସୀତାଙ୍କୁ ନ ପାଇ ଶ୍ରୀରାମଚନ୍ଦ୍ର କହିଲେ - ସୀତାଙ୍କର କୋମଳ ଅଙ୍ଗକୁ ଦେଖି କେଶରୀ କଟିଭାଗକୁ, ହସକୁ କୁସୁମ, କୁରଙ୍ଗମାନେ ନେତ୍ରକୁ, କାନ୍ତିକୁ ଚମ୍ପକ କଳିକା, କୋକିଳ ସ୍ୱରକୁ, ଲତାସମୂହ ଲାଳିତ୍ୟକୁ ଓ ଗତିକୁ ଗଜମାନେ ମିଳିମିଶି ବାଣ୍ଟିନେଇଛନ୍ତି କି ?

अथ नूपुरं प्राप्य लक्ष्मणं प्रति श्रीरामः

चक्षुर्मे प्रीणयत्येतत्सीताया इव नूपुरम् ।
अवधारय सौमित्रे भूषणान्तरसाम्यतः ॥२०॥

ଅଥ ନୂପୁରଂ ପ୍ରାପ୍ୟ ଲକ୍ଷ୍ମଣଂ ପ୍ରତି ଶ୍ରୀରାମଃ

ଚକ୍ଷୁର୍ମେ ପ୍ରୀଣୟତ୍ୟେତତ୍ସୀତାୟା ଇବ ନୂପୁରମ୍ ।
ଅବଧାରୟ ସୌମିତ୍ରେ ଭୂଷଣାନ୍ତରସାମ୍ୟତଃ ॥୨୦॥

❋ ବଣରେ ବୁଲୁ ବୁଲୁ ନୂପୁରଟିଏ ପାଇ ଶ୍ରୀରାମ କହିଲେ ରେ ଲକ୍ଷ୍ମଣ ! ଏହା ସୀତା ପିନ୍ଧିଥିବା ନୂପୁର ପରି ମୋତେ ଆନନ୍ଦିତ କରୁଛି । ଅନ୍ୟାନ୍ୟ ଅଳଙ୍କାରକୁ ତୁଳନା କରି ଏହା ଜାନକୀଙ୍କ ନୂପୁର କି ନୁହେଁ ନିରୀକ୍ଷଣ କରୁ ॥

लक्ष्मणः प्राह-

नाहं जानामि केयूरे नाहं जानामि कङ्कणे ।

नूपुरे चाभिजानामि नित्यं पादाभिवन्दनात् ।।२१।।

ଲକ୍ଷ୍ମଣଃ ପ୍ରାହ-

ନାହଂ ଜାନାମି କେୟୁରେ ନାହଂ ଜାନାମି କଙ୍କଣେ ।

ନୂପୁରେ ଚାଭିଜାନାମି ନିତ୍ୟଂ ପାଦାଭିବନ୍ଦନାତ୍ ।।୨୧।।

※ ଲକ୍ଷ୍ମଣ କହିଲେ - ମୁଁ କେୟୁର କି କଙ୍କଣକୁ ଚିହ୍ନି ପାରିବି ନାହିଁ, କାରଣ ସେସବୁ ମୁଁ ଦେଖିନାହିଁ । ପ୍ରତିଦିନ ଚରଣ ବନ୍ଦନା କରୁଥିବାରୁ ନୂପୁର ଦୁଇଟିକୁ ଚିହ୍ନିପାରୁଛି ।।

कियद्दूरे सीतोत्तरीयं प्राप्तो रामः

द्यूते पणः प्रणयकेलिषु कण्ठपाशः क्रीडापरिश्रमहरव्यजनं रतान्ते ।

शय्या निशिथकलहे हरिणेक्षणायाः प्राप्तं मया विधिवशादिदमुत्तरीयम् ।।२२।।

କିୟଦ୍ଦୂରେ ସୀତୋତ୍ତରୀୟଂ ପ୍ରାପ୍ତୋ ରାମଃ-

ଦ୍ୟୁତେ ପଣଃ ପ୍ରଣୟକେଳିଷୁ କଣ୍ଠପାଶଃ କ୍ରୀଡ଼ାପରିଶ୍ରମହରବ୍ୟଜନଂ ରତାନ୍ତେ ।

ଶଯ୍ୟା ନିଶିଥକଳହେ ହରିଣେକ୍ଷଣାୟାଃ ପ୍ରାପ୍ତଂ ମୟା ବିଧିବଶାଦିଦମୁତ୍ତରୀୟମ୍ ।।୨୨।।

※ ଶ୍ରୀରାମଚନ୍ଦ୍ର କିଛି ଦୂର ଯାଇ ସୀତାଙ୍କ ଉତ୍ତରୀୟ ପାଇ ଭାବିଲେ-ପଶାଖେଳରେ ପଣ ସ୍ୱରୂପ, ପ୍ରଣୟ କଳିରେ କଣ୍ଠ ପାଶ, ରତିକ୍ରୀଡାଜନିତ କ୍ଳାନ୍ତି ଦୂର କରିବାରେ ବ୍ୟଜନତୁଲ୍ୟ ଓ ରାତ୍ରିକାଳୀନ କଳହ ସମୟରେ ହରିଣନେତ୍ରୀର ଶଯ୍ୟା ରୂପେ ବ୍ୟବହୃତ ଏହି ଉତ୍ତରୀୟକୁ ସୌଭାଗ୍ୟବଶତଃ ଲାଭ କଲି ।।

ततश्चन्द्रं दृष्ट्वा सौमित्रिं प्रतिं रामः

सौमित्रे ननु सेव्यतां तरुतलं चण्डांशुरुज्जृम्भते

चण्डांशो निशि का कथा रघुपते चन्द्रोऽयमुन्मीलति ।

वत्सेतद्विदितं कथं नु भवता धत्ते कुरङ्गं यतः

क्वासि प्रेयसि हा कुरङ्गनयने चन्द्रानने जानकि ।।२३।।

ତତଶ୍ଚନ୍ଦ୍ରଂ ଦୃଷ୍ଟ୍ୱା ସୌମିତ୍ରିଂ ପ୍ରତି ରାମଃ-

ସୌମିତ୍ରେ ନନୁ ସେବ୍ୟତାଂ ତରୁତଳଂ ଚଣ୍ଡାଂଶୁରୁଜ୍ଜୃମ୍ଭତେ

ଚଣ୍ଡାଂଶୋ ନିଶି କା କଥା ରଘୁପତେ ଚନ୍ଦ୍ରୋଽୟମୁନ୍ମୀଳତି ।

ବତ୍ସୈତଦ୍ୱିଦିତଂ କଥଂ ନୁ ଭବତା ଧତ୍ତେ କୁରଙ୍ଗଂ ଯତଃ

କ୍ୱାସି ପ୍ରେୟସି ହା କୁରଙ୍ଗନୟନେ ଚନ୍ଦ୍ରାନନେ ଜାନକି ।।୨୩।।

※ ଆକାଶରେ ଚନ୍ଦ୍ରଙ୍କୁ ଦେଖି ଶ୍ରୀରାମ କହିଲେ ରେ ଲକ୍ଷ୍ମଣ ! ଏହା ସୂର୍ଯ୍ୟଙ୍କର ପ୍ରଖର କିରଣ ପରି ମନେ ହେଉଛି, ତେଣୁ ଗଛମୂଳକୁ ଯିବା ଚାଲ । ଲକ୍ଷ୍ମଣ କହିଲେ- ହେ ରଘୁପତି ! ରାତିରେ

ସୂର୍ଯ୍ୟ କେଉଁଠୁ ଆସିବେ ? ଏ ସୂର୍ଯ୍ୟ ନୁହେଁ ଚନ୍ଦ୍ର ଉଦୟ ହେଉଛନ୍ତି । ଶ୍ରୀରାମ କହିଲେ- ତୁ କିମିତି ଜାଣିଲୁ ଏ ସୂର୍ଯ୍ୟ ନୁହେଁ ବୋଲି ? ଲକ୍ଷ୍ମଣ କହିଲେ- ଯେହେତୁ ମୃଗଚିହ୍ନ ଧାରଣ କରିଛନ୍ତି । ଶ୍ରୀରାମ କହିଲେ- ହାୟ ଚନ୍ଦ୍ରବଦନା କୁରଙ୍ଗନେତ୍ରା ଜାନକୀ, ତୁମେ କେଉଁଠି ଅଛ ?

चन्द्रं प्रति रामः

शीतरश्मिरसि चन्द्र कथं मां तापयस्यनलगर्भमयूखैः।

त्वां शरेण शतधा विभजेऽहं जानकीमुखसमो यदि न स्याः ।।२४।।

ଚନ୍ଦ୍ରଂ ପ୍ରତି ରାମଃ

ଶୀତରଶ୍ମିରସି ଚନ୍ଦ୍ର କଥଂ ମାଂ ତାପୟସ୍ୟନଲଗର୍ଭମୟୂଖୈଃ ।

ତ୍ୱାଂ ଶରେଣ ଶତଧା ବିଭଜେଽହଂ ଜାନକୀମୁଖସମୋ ଯଦି ନ ସ୍ୟାଃ ।।୨୪।।

❊ ଚନ୍ଦ୍ରଙ୍କୁ ଲକ୍ଷ୍ୟ କରି ଶ୍ରୀରାମ କହିଲେ- ହେ ଚନ୍ଦ୍ର ! ତୁମେ ଶୀତଳକିରଣ ହୋଇ ମଧ୍ୟ ଅନଳର ଉତ୍ତାପ ଧରି ମୋତେ କଷ୍ଟ ଦେଉଛ କାହିଁକି ? ତୁମକୁ ଶରଦ୍ୱାରା ଶତଖଣ୍ଡ କରିଦେଇଥାନ୍ତି ।।

कुलाकीर्त्तिव्रीडाविकलमतिमात्मानमधुना

तिरोधातुं गर्त्ते बहलतरपङ्के दिनमणिः ।

कलङ्की मे प्रेयानिति मलिनतामेति नलिनी

द्वितीयोऽभूदिन्दोरिति कुमुदवृन्दं विहसति ।।२५।।

କୁଳାକୀର୍ତ୍ତି ବ୍ରୀଡ଼ାବିକଳମତିମାତ୍ମାନମଧୁନା

ତିରୋଧାତୁଂ ଗର୍ତ୍ତେ ବହଳତର ପଙ୍କେ ଦିନମଣିଃ ।

କଳଙ୍କୀ ମେ ପ୍ରେୟାନିତି ମଳିନତାମେତି ନଳିନୀ

ଦ୍ୱିତୀୟୋଽଭୂଦିନ୍ଦୋରିତି କୁମୁଦବୃନ୍ଦଂ ବିହସତି ।।୨୫।।

❊ କୂଳରେ କଳଙ୍କ ଲଗାଇ ଥିବାରୁ ସୂର୍ଯ୍ୟଦେବ ଲଜ୍ଜାବଶତଃ ପଙ୍କପରିପୂର୍ଣ୍ଣ ଗଭୀର ଗର୍ତ୍ତରେ ବୁଡ଼ିଗଲେ । ମୋର ପ୍ରିୟା କଳଙ୍କିନୀ ହେଲେ ବୋଲି ଭାବି ନଳିନୀ ମ୍ଳାନମୁଖୀ ହେଲେ । ଆକାଶରେ ଚନ୍ଦ୍ର ଉଦୟ ହେବାର ଦେଖି କୁମୁଦବୃନ୍ଦ ମୋତେ ଉପହାସ କରୁଛନ୍ତି ।।

रामलक्ष्मणयोरुक्तिप्रत्युक्ती

के यूयं रघुनाथ नाथ किमिदं भृत्योऽस्मि ते लक्ष्मणः

कोऽहं वत्स वदाशु देव भगवानार्य्यो भवान् राघवः ।

किं कुर्मो विजने वने तत इतो देवी समन्विष्यते

का देवी जनकाधिराजतनया हा जानकि क्वासि मे ।।२६।।

ରାମଲକ୍ଷ୍ମଣୟୋରୁକ୍ତିପ୍ରତ୍ୟୁକ୍ତୀ-

କେ ଯୂୟଂ ରଘୁନାଥନାଥ କିମିଦଂ ଭୃତ୍ୟୋଽସ୍ମି ତେ ଲକ୍ଷ୍ମଣଃ

କୋଽହଂ ବତ୍ସ ବଦାଶୁ ଦେବ ଭଗବାନାର୍ଯ୍ୟୋ ଭବାନ୍ ରାଘବଃ ।

କିଂ କୁର୍ମୋ ବିଜନେ ବନେ ତତ ଇତୋ ଦେବୀ ସମନ୍ୱିଷ୍ୟତେ
କା ଦେବୀ ଜନକାଧିରାଜତନୟା ହା ଜାନକି କ୍ୱାସି ମେ ॥୨୬॥

❊ ଶ୍ରୀରାମ ଭାବବିହ୍ୱଳ ହୋଇ ପଚାରିଲେ-ତୁମେ କିଏ ? ଲକ୍ଷ୍ମଣ କହିଲେ- ହେ ରଘୁନାଥ ! ଆପଣ ଏପରି କଣ କହୁଛନ୍ତି । ମୁଁ ହେଉଛି ଆପଣଙ୍କର ସେବକ ଲକ୍ଷ୍ମଣ । ଶ୍ରୀରାମ କହିଲେ କୁହ ବତ୍ସ! ମୁଁ କିଏ ? ଶୀଘ୍ର କୁହ । ଲକ୍ଷ୍ମଣ କହିଲେ- ହେ ଆର୍ଯ୍ୟ । ଆପଣ ହେଉଛନ୍ତି ଭଗବାନ୍ ରାଘବ । ଶ୍ରୀରାମ କହିଲେ ଆମେ ବଣରେ କଣ କରୁଛୁ ? ଲକ୍ଷ୍ମଣ କହିଲେ ଆମେ ଏଠାରେ ସୀତାଙ୍କୁ ଖୋଜୁଛୁ । ଏହା ଶୁଣି ଶ୍ରୀରାମ କହିଲେ- ହାୟ ଜନକନନ୍ଦିନୀ ଜାନକୀ ତୁମେ କୁଆଡେ ଗଲ, ଆଉ କେଉଁଠି ରହିଛ ?

राघवानुशोचनम्-

हारो नारोपित: कण्ठे मया विश्लेषभीरुणा ।
आवयोरन्तरे जाता: सरित्सागरपर्वता: ॥२७॥

ରାଘବାନୁଶୋଚନମ୍ -

ହାରୋ ନାରୋପିତଃ କଣ୍ଠେ ମୟା ବିଶ୍ଳେଷଭୀରୁଣା ।
ଆବୟୋରନ୍ତରେ ଜାତାଃ ସରିତ୍‌ସାଗରପର୍ବତାଃ ॥୨୭॥

❊ ଦୁଃଖରେ ଅଧୀର ହୋଇ ଶ୍ରୀରାମ କହିଲେ ହେ ସୀତେ ! ବିଚ୍ଛେଦ କାଳେ ଘଟିବ ସେହି ଭୟରେ ତୁମେ ଗଳାରେ ହାର ପିନ୍ଧୁ ନ ଥିଲ ; କିନ୍ତୁ ଆଜି ଆମ ଦୁହିଁଙ୍କ ମଧ୍ୟରେ କେତେ ନଦୀ, ସାଗର ଓ ପର୍ବତ ପ୍ରତିବନ୍ଧକ ରୂପେ ରହିଛି ତାହା ଜାଣିବା ସମ୍ଭବ ନୁହେଁ ॥

सोढ़स्तातवियोग: सोढ़ो राज्यश्रियो वियोगोऽपि ।
सोढो वनेऽपि वास: सोढुं न शक्नोमि जानकीविरहम् ॥२८॥

ସୋଢସ୍ତାତବିୟୋଗଃ ସୋଢୋ ରାଜ୍ୟଶ୍ରିୟୋ ବିୟୋଗୋଽପି ।
ସୋଢୋ ବନେଽପି ବାସଃ ସୋଢୁଂ ନ ଶକ୍ନୋମି ଜାନକୀବିରହମ୍ ॥୨୮॥

❊ ଜନ୍ମଦାତା ରାଜା ଦଶରଥଙ୍କ ବିୟୋଗ ଦୁଃଖ ସହିଲି, ରାଜ୍ୟଲକ୍ଷ୍ମୀର ବିୟୋଗ ସହିଲି ଏବଂ ବନବାସ ଦୁଃଖ ବି ସହିଲି ; କିନ୍ତୁ ଜାନକୀ ବିରହ ଦୁଃଖ ମୁଁ ସହିପାରୁନାହିଁ ॥

इयं गेहे लक्ष्मीरियममृतवर्त्तिर्नयनयो -
रियं देहस्पृश्या मम हृद इयं चन्दनमयी ।
इयं कण्ठे माला शिशिरमसृणा मौक्तिकमयी
प्रियेयं मे चास्या: खलु भृशमसह्यस्तु विरह: ॥२९॥

ଇୟଂ ଗେହେ ଲକ୍ଷ୍ମୀରିୟମମୃତବର୍ତ୍ତିର୍ନୟନୟୋ -
ରିୟଂ ଦେହସ୍ପୃଶ୍ୟା ମମ ହୃଦ ଇୟଂ ଚନ୍ଦନମୟୀ ।

ଇୟଂ କଣ୍ଠେ ମାଳା ଶିଶିରମସୃଣା ମୌକ୍ତିକମୟୀ
ପ୍ରିୟେୟଂ ମେ ଚାସ୍ୟାଃ ଖଲୁ ଭୃଶମସହ୍ୟସ୍ତୁ ବିରହଃ ।।୨୯।।

❊ ଜାନକୀ ମୋ' ଗୃହର ଲକ୍ଷ୍ମୀ, ନୟନର ଅମୃତମୟୀ ପ୍ରତିମା, ମୋ ଦେହର ସ୍ପର୍ଶଯୋଗ୍ୟା, ହୃଦୟର ଚନ୍ଦନ ସ୍ୱରୂପା, ମୋ କଣ୍ଠର ଶୀତଳ ଓ ମସୃଣମୟୀ ମୁକ୍ତାମାଳା ସଦୃଶା ସେ ମୋର ପ୍ରିୟତମା, ମୋ ପକ୍ଷରେ ତାଙ୍କର ବିରହ ଦୁଃଖ ଅସହ୍ୟ । ସୀତା ବିରହରେ ମୁଁ ଜୀବନ ଧାରଣ କରିପାରିବି ନାହିଁ ।।

तद्वियोगसमुत्थेन तच्चिन्ताविपुलार्चिषा ।
रात्रिंदिवं शरीरं मे दह्यते मदनाग्निना ।।३०।।
ତଦ୍ୱିୟୋଗସମୁତ୍ଥେନ ତଚ୍ଚିନ୍ତାବିପୁଳାର୍ଚିଷା ।
ରାତ୍ରିଂଦିବଂ ଶରୀରଂ ମେ ଦହ୍ୟତେ ମଦନାଗ୍ନିନା ।।୩୦।।

❊ ଜନକ ନନ୍ଦିନୀଙ୍କ ବିରହଜନିତ କାମାଗ୍ନି ତାଙ୍କରି ଚିନ୍ତାରୂପକ ପ୍ରବଳ ଶିଖାଦ୍ୱାରା ଅହୋରାତ୍ର ମୋର ଦେହକୁ ଦହନ କରୁଛି ।।

वायुर्दक्षिणतः शिखी च पुरतो भृङ्गध्वनिर्वामतः
पश्चाद्दुःसहचक्रवाकरुदितं चोर्ध्वं सुधादीधितिः ।
इत्थं दुःसहपञ्चतापसहिते मध्ये मया ध्यायता
नेष्यन्ते कति वा प्रजागरभरैरत्यन्तदीर्घाः निशाः ।।३१।।
ବାୟୁର୍ଦକ୍ଷିଣତଃ ଶିଖୀ ଚ ପୁରତୋ ଭୃଙ୍ଗଧ୍ୱନିର୍ବାମତଃ
ପଶ୍ଚାଦ୍‌ଦୁଃସହଚକ୍ରବାକରୁଦିତଂ ଚୋର୍ଦ୍ଧ୍ୱ ସୁଧାଦୀଧିତିଃ ।
ଇତ୍ଥଂ ଦୁଃସହପଞ୍ଚତାପସହିତେ ମଧ୍ୟେ ମୟା ଧ୍ୟାୟତା
ନେଷ୍ୟନ୍ତେ କତି ବା ପ୍ରଜାଗରଭରୈରତ୍ୟନ୍ତଦୀର୍ଘାଃ ନିଶାଃ ।।୩୧।।

❊ ଦକ୍ଷିଣରୁ ମଳୟ ପବନ ବହୁଛି । ସମ୍ମୁଖଭାଗରେ ମୟୂର ନୃତ୍ୟ କରୁଛି । ବାମଦିଗରୁ ଭ୍ରମରର କଳଗୁଞ୍ଜନ ଶୁଭୁଛି । ପୃଷ୍ଠଭାଗରୁ ଚକ୍ରବାକର ଦୁଃସହ କରୁଣ ରୋଦନ ଧ୍ୱନି ଭାସିଆସୁଛି ଓ ଉପରି ଭାଗରେ ଚନ୍ଦ୍ର ଜ୍ୟୋତ୍ସ୍ନା ବିଚ୍ଛୁରିତ ହେଉଛି । ଏହି ପଞ୍ଚତାପ ମଧ୍ୟରେ ପଡ଼ିଥିବାରୁ ଜାନକୀଙ୍କ ଚିନ୍ତାରେ ଦୀର୍ଘରାତ୍ରି ମୋର ଉଜାଗରରେ ଅତିବାହିତ ହେଉଛି ।।

चन्द्रश्चण्डकरायते मृदुगतिर्वातोऽपि वज्रायते
माला सूचिकुलायते मलयजो लेपः स्फुलिङ्गायते ।
आलोकस्तिमिरायते विधिवशात्प्राणोऽपि भारायते
हा हन्त प्रमदावियोगसमयः संहारकालायते ।।३२।।
ଚନ୍ଦ୍ରଶ୍ଚଣ୍ଡକରାୟତେ ମୃଦୁଗତିର୍ବାତୋଽପି ବଜ୍ରାୟତେ
ମାଳା ସୂଚିକୁଳାୟତେ ମଳୟଜୋ ଲେପଃ ସ୍ଫୁଲିଙ୍ଗାୟତେ ।

ଆଲୋକସ୍ତିମିରାୟତେ ବିଧିବଶାତ୍ ପ୍ରାଣୋଽପି ଭାରାୟତେ
ହା ହନ୍ତ ପ୍ରମଦାବିୟୋଗସମୟଃ ସଂହାରକାଳାୟତେ ।।୩୨।।

❊ ଦୁର୍ଦୈବବଶତଃ ଶୀତରଶ୍ମି ଚନ୍ଦ୍ରଙ୍କର କିରଣ ପ୍ରଚଣ୍ଡ ବୋଧ ହେଉଛି, ମନ୍ଦ ମନ୍ଦ ପ୍ରବାହିତ ବାୟୁ ବଜ୍ରାଘାତ ପରି ଲାଗୁଛି, ପୁଷ୍ପ ମାଳା ସୂଚୀବିଦ୍ଧ କଳାପରି ମନେ ହେଉଛି, ଚନ୍ଦନଲେପ ଅଗ୍ନିକଣା ପରି ଲାଗୁଛି, ଆଲୋକ ଅନ୍ଧକାର ହେଲା ପରି ପ୍ରତୀତ ହେଉଛି ଓ ଜୀବନ ଭାରବତ୍ ଲାଗୁଛି । ତେଣୁ ପ୍ରିୟତମାର ବିରହକାଳ ମୋର ବିନାଶ କାଳ ହେଲା ବୋଲି ଭାବୁଛି ।।

मदनं प्रति श्रीराम:

रे रे निर्दय दुर्निवार मदन प्रोत्फुल्लपङ्केरुहान्
बाणान् संवृणु संहर त्यज धनु: किं पौरुषं मां प्रति ।
कान्तायास्तु वियोगजातहुतभुग्ज्वालाप्रदग्धं वपु:
शूराणां मृतमारणे नहि परो धर्म:प्रयुक्तो बुधै: ।।३३।।

ମଦନଂ ପ୍ରତି ଶ୍ରୀରାମଃ

ରେ ରେ ନିର୍ଦ୍ଦୟ ଦୁର୍ନିବାର ମଦନ ପ୍ରୋତ୍ଫୁଲ୍ଲପଙ୍କେରୁହାନ୍
ବାଣାନ୍ ସଂବୃଣୁ ସଂହର ତ୍ୟଜ ଧନୁଃ କିଂ ପୌରୁଷଂ ମାଂ ପ୍ରତି ।
କାନ୍ତାୟାସ୍ତୁ ବିୟୋଗଜାତହୁତଭୁଗ୍ଜ୍ୱାଳାପ୍ରଦଗ୍ଧଂ ବପୁଃ
ଶୂରାଣାଂ ମୃତମାରଣେ ନହି ପରୋ ଧର୍ମଃପ୍ରୟୁକ୍ତୋ ବୁଧୈଃ ।।୩୩।।

❊ ରେ ନିର୍ଦ୍ଦୟ ଦୁର୍ନିବାର ମଦନ ! ପ୍ରସ୍ଫୁଟିତ ପଦ୍ମ ପୁଷ୍ପରଚିତ ବାଣ ପ୍ରକ୍ଷେପରୁ ବିରତ ହୁଅ ଓ ପୁଷ୍ପଧନୁ ତ୍ୟାଗ କର । ମୋତେ ବାଣ ବିଦ୍ଧ କରି ତୋର କି ଗୌରବ ହେବ ? କାନ୍ତାବିରହଜନିତ ଅନଳଜ୍ୱାଳାରେ ମୋର ଦେହ ଜଳିଯାଉଛି । ମୃତ ପ୍ରାୟ ମୋ ପରି ଜୀବକୁ ହତ୍ୟା କରିବା ତୋ' ପରି ଶୂର ପକ୍ଷରେ ଉଚିତ ନୁହେଁ ବୋଲି ପଣ୍ଡିତମାନେ କହିଯାଇଛନ୍ତି ।।

आपुङ्खाग्रममी शरा मनसि मे मग्ना: परं पञ्च ते
निर्दग्धं विरहाग्निना वपुरिदं तैरेव सार्द्धं मम ।
तत्कन्दर्प निरायुधोऽसि भवता जेतुं न शक्त: परो
दु:खी स्यामहमेक एव सकलो लोक: सुखं जीवतु ।।३४।।

ଆପୁଙ୍ଖାଗ୍ରମମୀ ଶରା ମନସି ମେ ମଗ୍ନାଃ ପରଂ ପଞ୍ଚତେ
ନିର୍ଦ୍ଦଗ୍ଧଂ ବିରହାଗ୍ନିନା ବପୁରିଦଂ ତୈରେବ ସାର୍ଦ୍ଧଂ ମମ ।
ତତ୍କନ୍ଦର୍ପ ନିରାୟୁଧୋଽସି ଭବତା ଜେତୁଂ ନ ଶକ୍ତଃ ପରୋ
ଦୁଃଖୀ ସ୍ୟାମହମେକ ଏବ ସକଲୋ ଲୋକଃ ସୁଖଂ ଜୀବତୁ ।।୩୪।।

❊ ହେ ମଦନ ! ତୁମର ପକ୍ଷଯୁକ୍ତ ସୁତୀକ୍ଷ୍ଣପଞ୍ଚଶର ମୋର ଚିତ୍ତକୁ ଭେଦ କରିଥିବାରୁ ଅହୋରାତ୍ର ମୋର ଶରୀର ଦଗ୍ଧୀଭୂତ ହେଉଛି । ତୁମେ ପୁଣି ସେହି ଦଗ୍ଧ ଦେହକୁ ଶରାଘାତରେ ଜର୍ଜରିତ

କରୁଛ । ହେ କନ୍ଦର୍ପ ! ତୁମେ ଆୟୁଧହୀନ ହୋଇଥିବାରୁ ମୋତେ ଜୟ କରିବା ପାଇଁ ଅସମର୍ଥ ହୋଇଛ । ଏ ସଂସାରରେ ମୁଁ ହିଁ ଏକମାତ୍ର ଦୁଃଖୀ ହୁଏ ପଛକେ ସମସ୍ତେ ଆନନ୍ଦରେ, ସୁଖରେ ରହନ୍ତୁ ଏହାହିଁ କାମନା ॥

क्षणमपि अशोकवने विश्रम्य वृक्षं प्रति -

रक्तस्त्वं नवपल्लवैरहमपि श्लाघ्यैः प्रियायाः गुणै -
स्त्वामायान्ति शिलीमुखाः स्मरधनुर्मुक्ता सखे मामपि ।
कान्तापादतलाहतिस्तव मुदे तद्वन्ममाप्यावयो-
स्तुल्यं सर्वमशोक केवलमहं धात्रा सशोकः कृतः ॥३५॥

କ୍ଷଣମପି ଅଶୋକବନେ ବିଶ୍ରମ୍ୟ ବୃକ୍ଷଂ ପ୍ରତି-

ରକ୍ତସ୍ତ୍ୱଂ ନବପଲ୍ଲବୈରହମପି ଶ୍ଳାଘ୍ୟୈଃ ପ୍ରିୟାୟାଃ ଗୁଣୈ-
ସ୍ତ୍ୱାମାୟାନ୍ତି ଶିଳୀମୁଖାଃ ସ୍ମରଧନୁର୍ମୁକ୍ତା ସଖେ ମାମପି ।
କାନ୍ତାପାଦତଳାହତିସ୍ତବ ମୁଦେ ତଦ୍ୱନ୍ମମାପ୍ୟାବୟୋ-
ସ୍ତୁଲ୍ୟଂ ସର୍ବମଶୋକ କେବଳମହଂ ଧାତ୍ରା ସଶୋକଃ କୃତଃ ॥୩୫॥

❋ ଶ୍ରୀରାମ କିଛି ସମୟ ଅଶୋକବନରେ ବିଶ୍ରାମ ନେଇ ଏକ ଅଶୋକବୃକ୍ଷ ପ୍ରତି ଲକ୍ଷ୍ୟ କରି କହିଲେ - ତୁମେ ନବପଲ୍ଲବରେ ଶୋଭିତ ଓ ମୁଁ ପ୍ରିୟାର ଗୁଣାବଳୀ ସ୍ମରଣ କରି ପ୍ରଶଂସିତ । ଭ୍ରମରମାନେ ତୁମ ପାଖକୁ ଅସୁଛନ୍ତି ଓ କନ୍ଦର୍ପ ମୋ' ପ୍ରତି ପୁଷ୍ପଶର ନିକ୍ଷେପ କରିଛି । କାନ୍ତାର ପାଦାଘାତରେ ତୁମେ ବିକଶିତ ଓ ଅନୁରୂପ ଅବସ୍ଥାରେ ମୁଁ ଆନନ୍ଦିତ । ତୁମର ଓ ମୋର ଅବସ୍ଥା ଏକ ପ୍ରକାର ; କିନ୍ତୁ ତୁମେ ଶୋକରହିତ ଆଉ ବିଧି ପ୍ରତିକୂଳ ହେତୁ ମୁଁ ଶୋକସନ୍ତପ୍ତ ଅବସ୍ଥାରେ ଅଛି ॥

अपि पिकशद्बं श्रुत्वा लक्ष्मणं प्रति रामो वदति-

पिककुलकलरावं कर्णपूरे निधाय क्षणमपि दयितायाःभाषिते जातशङ्कः ।
रघुपतिरपि मोहाल्लक्ष्मणाग्रे सहर्षं कथयति चिरनष्टा लम्भिता राजपुत्री ॥३६॥

ଅପି ପିକଶବ୍ଦଂ ଶ୍ରୁତ୍ୱା ଲକ୍ଷ୍ମଣଂ ପ୍ରତି ରାମୋ ବଦତି

ପିକକୁଳକଳରାବଂ କର୍ଣ୍ଣପୂରେ ନିଧାୟ କ୍ଷଣମପି ଦୟିତାୟାଃ ଭାଷିତେ ଜାତଶଙ୍କଃ ।
ରଘୁପତିରପି ମୋହାଲ୍ଲକ୍ଷ୍ମଣାଗ୍ରେସହର୍ଷଂ କଥୟତି ଚିରନଷ୍ଟା ଲମ୍ଭିତା ରାଜପୁତ୍ରୀ ॥୩୬॥

❋ ଏହି ସମୟରେ କୋକିଳର କଳରବ ଶୁଣି ଓ ମୋହବଶତଃ ଏହା ପ୍ରିୟା ଜାନକୀର କଣ୍ଠସ୍ୱର ବୋଲି ଆଶଙ୍କା କରି ଶ୍ରୀରାମ ଆନନ୍ଦରେ ଲକ୍ଷ୍ମଣଙ୍କୁ କହିଲେ- ଅନେକ ଦିନରୁ ହଜି ଯାଇଥିବା ସୀତାଙ୍କୁ ଆଜି ପାଇଲି ॥

पुनस्तस्य विरहवाक्यम्

नेत्रे नीलंसरोरुहेण गठिते वक्त्रं सरोजन्मना
बन्धूकैरधरोऽपि कुन्दमुकुलैर्दन्ताः शिरीषैर्भुजौ ।

शेषाङ्गान्यापि चम्पकैस्तदखिलं पुष्पैर्वपुर्वेधसा
कृत्वा ते परमानताङ्गिहृदयं बज्रेण मन्ये कृतम् ।।३७।।

ପୁନସ୍ତସ୍ୟ ବିରହବାକ୍ୟମ୍

ନେତ୍ରେ ନୀଳସରୋରୁହେଣ ଗଠିତେ ବକ୍ତ୍ରଂ ସରୋଜନ୍ମନା
ବନ୍ଧୂକୈରଧରୋଽପି କୁନ୍ଦମୁକୁଳୈର୍ଦନ୍ତାଃ ଶିରୀଷୈର୍ଭୁଜୌ ।
ଶେଷାଙ୍ଗାନ୍ୟପି ଚମ୍ପକୈସ୍ତଦଖିଳଂ ପୁଷ୍ପୈର୍ବପୁର୍ବେଧସା
କୃତ୍ୱା ତେ ପରମାନତାଙ୍ଗହୃଦୟଂ ବଜ୍ରେଣ ମନ୍ୟେ କୃତମ୍ ।।୩୭।।

❊ ହେ ସୀତେ ! ବିଧାତା ତୁମର ଦୁଇ ନେତ୍ରକୁ ନୀଳୋତ୍ପଳରେ ଓ ମୁଖକୁ ପଦ୍ମରେ, ଅଧରକୁ ବନ୍ଧୂକପୁଷ୍ପରେ ଓ ଦନ୍ତାବଳୀକୁ କୁନ୍ଦକୁସୁମ କଳିକାରେ, ଭୁଜଦ୍ୱୟ ଶିରୀଷ ପୁଷ୍ପରେ ଓ କାନ୍ତିକୁ ଚମ୍ପକରେ ଏବଂ ଅନ୍ୟାନ୍ୟ ଅଙ୍ଗକୁ ପୁଷ୍ପସମ୍ଭାରରେ ରଚନା କରିସାରି ତୁମର ହୃଦୟକୁ ବଜ୍ରରେ ନିର୍ମାଣ କରିଛି ବୋଲି ମନେ ହୁଏ ।।

आत्मनिन्दनम् -

वैदेहस्य महीपतेरपि सुता भूत्वा वत क्ष्मापते-
स्तातस्य प्रथमावधू दशरथस्यापि प्रिये जानकि ।
काकुस्थान्वयलाञ्छनस्य सततं दीनस्य रामस्य मे
हस्तं प्राप्य घनोदरेषु विपिनेष्वेकाकिनी सीदसि ।।३८।।

ଆତ୍ମନିନ୍ଦନମ୍-

ବୈଦେହସ୍ୟ ମହୀପତେରପି ସୁତା ଭୂତ୍ୱା ବତ କ୍ଷ୍ମାପତେ-
ସ୍ତାତସ୍ୟ ପ୍ରଥମାବଧୂ ଦଶରଥସ୍ୟାପି ପ୍ରିୟେ ଜାନକି ।
କାକୁସ୍ଥାନ୍ୱୟଲାଞ୍ଛନସ୍ୟ ସତତଂ ଦୀନସ୍ୟ ରାମସ୍ୟମେ
ହସ୍ତଂ ପ୍ରାପ୍ୟ ଘନୋଦରେଷୁ ବିପିନେଷ୍ୱେକାକିନୀ ସୀଦସି ।।୩୮।।

❊ ହେ ଜାନକି ! ତୁମେ ବିଦେହ ମହୀପତିଙ୍କ କନ୍ୟା ଓ ପୃଥିବୀପତି ପିତା ଦଶରଥଙ୍କ ପ୍ରଥମାବଧୂ ହୋଇଥିଲ ; କିନ୍ତୁ କାକୁସ୍ଥ କୁଳର କଳଙ୍କ ସଦୃଶ ରାମର ହସ୍ତ ଧାରଣ କରି ଗହନ କାନନରେ ଏକାକିନୀ ହୋଇ ଅନେକ ଦୁଃଖ ଭୋଗ କଲ ।।

एवं दैवादस्तंगते मार्त्तण्डमण्डले प्रचण्डमार्त्तण्डमिवोदयन्तं शीतरस्मिमण्डलमाखण्डलदिश्यवलोक्य लक्ष्मणं रामो वदति-

सौमित्रे दावबह्नि शिखरिशिखरतो वार्यतां निर्झरोघैः
का वार्त्ता दावबह्नेरयमुदयगिरेरुज्जहीते हिमांशुः ।
धत्ते धूमं पुरस्तात् किमिति कथमयं नैव धूमो धरण्या-
श्छायेयं संगताभूदयि धरणिसुते कुत्र सीते स्थितासि ।।३९।।

ଏବଂ ଦୈବାଦସ୍ତଂଗତେ ମାର୍ତ୍ତଣ୍ଡମଣ୍ଡଳେ ପ୍ରଚଣ୍ଡମାର୍ତ୍ତଣ୍ଡମିବୋଦୟନ୍ତଂ ଶୀତରଶ୍ମିମଣ୍ଡଳମାଖଣ୍ଡଳଦିଶ୍ୟବଲୋକ୍ୟ ଲକ୍ଷ୍ମଣଂ ରାମୋ ବଦତି-

ସୌମିତ୍ରେ ଦାବବହ୍ନି ଶିଖରି ଶିଖରତୋ ବାର୍ଯ୍ୟତାଂ ନିର୍ଝରୋଘୈଃ
କା ବାର୍ତ୍ତା ଦାବବହ୍ନେରୟମୁଦୟଗିରେରୁଜ୍ଜିହୀତେ ହିମାଂଶୁଃ ।
ଧତ୍ତେ ଧୂମଂ ପୁରସ୍ତାତ୍‌କିମିତି କଥମୟଂ ନୈବ ଧୂମୋ ଧରଣ୍ୟା -
ଶ୍ଛାୟେୟଂ ସଂଗତାଭୂଦୟି ଧରଣିସୁତେ କୁତ୍ର ସୀତେ ସ୍ଥିତାସି ॥୩୯॥

❋ ସୂର୍ଯ୍ୟ ଅସ୍ତ ହୋଇଯିବା ପରେ ପୂର୍ବଦିଗରେ ପ୍ରଚଣ୍ଡରଶ୍ମିଙ୍କ ପରି ଉଦୟ ହେଉଥିବା ଚନ୍ଦ୍ରଙ୍କୁ ଦେଖି ଶ୍ରୀରାମ କହିଲେ, ହେ ଲକ୍ଷ୍ମଣ ! ଝରଣାରୁ ଜଳନେଇ ପର୍ବତ ଶିଖରରେ ଜଳୁଥିବା ଦାବାଗ୍ନିକୁ ଲିଭାଇ ଦିଅ । ଲକ୍ଷ୍ମଣ କହିଲେ- ଉଦୟଗିରିରେ ଦାବାଗ୍ନି କାହିଁ, ଏହି ତ ଚନ୍ଦ୍ର ଉଦୟ ହେଉଛନ୍ତି । ଶ୍ରୀରାମ ପଚାରିଲେ ଚନ୍ଦ୍ରର କଣ ଧୂଆଁ ଅଛି ? ମୁଁ ତ ଧୂଆଁ ଦେଖୁଛି । ଲକ୍ଷ୍ମଣ କହିଲେ ଏହା ଧୂଆଁ ନୁହେଁ, ପୃଥିବୀର ଛାୟା । ଶ୍ରୀରାମ ବ୍ୟାକୁଳ ହୋଇ କହିଲେ- ହେ ଧରଣୀସୁତେ ସୀତେ ! ତୁମେ କେଉଁଠି ଅଛ ?

कोऽयं लक्षण भाति खे रघुपते चन्द्रो न किं भास्कर-
स्तस्याङ्कः कतमस्ति मत्सहचरीविच्छेदकालोद्भवः ।
कस्माद् भो विकसन्ति कैरवगणाः स्वारो कलङ्काङ्किता-
न्नैवं चेद्धृदयोत्पलं मम कथं स ज्वालयत्यंशुभिः ॥४०॥

କୋଽୟଂ ଲକ୍ଷ୍ମଣ ଭାତି ଖେ ରଘୁପତେ ଚନ୍ଦ୍ରୋ ନ କିଂ ଭାସ୍କର-
ସ୍ତସ୍ୟାଙ୍କଃ କଥମସ୍ତି ମତ୍‌ସହଚରୀବିଚ୍ଛେଦକାଲୋଦ୍ଭବଃ ।
କସ୍ମାଦ୍ ଭୋ ବିକସନ୍ତି କୈରବଗଣାଃ ସ୍ୱାରୋ କଳଙ୍କାଙ୍କିତା-
ନ୍ନୈବଂ ଚେଦ୍ଧୃଦୟୋତ୍ପଳଂ ମମ କଥଂ ସ ଜ୍ୱାଳୟତ୍ୟଂଶୁଭିଃ ॥୪୦॥

❋ ଶ୍ରୀରାମ ପଚାରିଲେ ବତ୍ସ ଲକ୍ଷ୍ମଣ ! ଆକାଶରେ କଣ ଉଜ୍ଜ୍ୱଳ ଦେଖାଯାଉଛି ? ଲକ୍ଷ୍ମଣ କହିଲେ- ହେ ରଘୁପତେ ! ଚନ୍ଦ୍ର ଉଦୟ ହେଉଛନ୍ତି । ଶ୍ରୀରାମ କହିଲେ- ସେ କଣ ସୂର୍ଯ୍ୟ ନୁହନ୍ତି ? ତେବେ ତାଙ୍କର କିରଣ ପ୍ରିୟସଖୀବିଚ୍ଛେଦ ଜନିତ ତାପ ପରି ଦୁଃଖଦ ହେଉଛି କିପରି ? ଲକ୍ଷ୍ମଣ କହିଲେ- କୁମୁଦଗୁଡିକ କିପରି ବିକଶିତ ହେଉଛନ୍ତି ? ଶ୍ରୀରାମ କହିଲେ- ଯଦି ସେ ସୂର୍ଯ୍ୟ ନୁହନ୍ତି, ତେବେ ଅଂଶୁଦ୍ୱାରା ମୋର ହୃଦୟକମଳକୁ ଜଳାଉଛନ୍ତି କିପରି ?

क्वासि वात गता कान्ता तां स्पृष्ट्वा मामपि स्पृश ।
रक्षते कोऽनया नान्यः शक्यमेतेन जीवितुम् ॥४१॥

କ୍ୱାସି ବାତ ଗତା କାନ୍ତା ତାଂ ସ୍ପୃଷ୍ଟ୍ୱା ମାମପି ସ୍ପୃଶ ।
ରକ୍ଷତେ କୋଽନୟା ନାନ୍ୟଃ ଶକ୍ୟମେତେନ ଜୀବିତୁମ୍ ॥୪୧॥

※ ହେ ପବନ ! ମୋର ପ୍ରିୟା କୁଆଡେ ଗଲା ? ତୁମେ ତାଙ୍କୁ ସ୍ପର୍ଶ କରି ମୋ'ପାଖକୁ ଆସ । ତାଙ୍କର ସ୍ପର୍ଶ ବିନା ମୋତେ କିଏ ରକ୍ଷା କରିବ ? କେବଳ ତାଙ୍କରି ସ୍ପର୍ଶ ପାଇଲେ ମୁଁ ଜୀବନ ଧାରଣ ପାଇଁ ସମର୍ଥ ହେବି ॥

तापहारि न जलं न च स्थलं रक्षितो न जनको न जानकी ।
सिद्धिदा न सुहृदो न सायका: कामये न मरणं न जीवितम् ॥४२॥
ତାପହାରି ନ ଜଳଂ ନ ଚ ସ୍ଥଳଂ ରକ୍ଷିତୋ ନ ଜନକୋ ନ ଜାନକୀ ।
ସିଦ୍ଧିଦା ନ ସୁହୃଦୋ ନ ସାୟକାଃ କାମୟେ ନ ମରଣଂ ନ ଜୀବିତମ୍ ॥୪୨॥

※ ସନ୍ତପ୍ତହୃଦୟ ଜଳରେ କି ସ୍ଥଳରେ ଶାନ୍ତ ହେଉ ନାହିଁ । ଜନକ କି ଜାନକୀ ମଧ୍ୟ ରକ୍ଷା କରିପାରିଲେ ନାହିଁ । ବନ୍ଧୁଗଣ କି ଏହି କୋଦଣ୍ଡଧନୁ ଓ ବାଣ ସଫଳତାରେ ସହାୟ ହେଲେ ନାହିଁ । ତେଣୁ ଏ ଅବସ୍ଥାରେ ମୃତ୍ୟୁ ବା ଜୀବନ କେଉଁଥିରେ ମୁଁ ଆଶାରଖି ନାହିଁ ॥

यत्र यत्र न जगाम राघवस्तत्र तत्र बुबुधे स मौथिलीम् ।
यद् यदाश्रममगान्न भिक्षुकस्तत्तदन्नपरिपूर्णमीक्षते ॥४३॥
ଯତ୍ର ଯତ୍ର ନ ଜଗାମ ରାଘବସ୍ତତ୍ର ତତ୍ର ବୁବୁଧେ ସ ମୈଥିଳୀମ୍ ।
ଯଦ୍ ଯଦାଶ୍ରମମଗାନ୍ନ ଭିକ୍ଷୁକସ୍ତତ୍ତଦନ୍ନ ପରିପୂର୍ଣ୍ଣମୀକ୍ଷତେ ॥୪୩॥

※ ଭିକ୍ଷୁକ ଯେଉଁ ଆଶ୍ରମକୁ ଭିକ୍ଷା ପାଇଁ ଯାଇ ନ ପାରେ ସେ ଆଶ୍ରମ ଯେପରି ତାକୁ ଅନ୍ନପୂର୍ଣ୍ଣା ହେଲା ପରି ବୋଧ ହୁଏ ସେହିପରି ଶ୍ରୀରାମ ଯେଉଁ ଯେଉଁ ସ୍ଥାନକୁ ସୀତା ଅନ୍ୱେଷଣ ପାଇଁ ଯାଇପାରିଲେ ନାହିଁ, ସେହି ସେହି ସ୍ଥାନରେ ମୈଥିଳୀ ଥିବେ ବୋଲି ଅନୁଭବ କଲେ ।

इयं धात्री श्वश्रू: कुलगुरुरयं मे दिनकरो
रघूणां वंशेऽस्मिन् क्वचिदपि न कान्तापहरणम् ।
इदं जातं जाते मयि कुलकलङ्के हि विमृष-
न्नधो वा नोर्ध्वं वा नयति वदनेन्दुं रघुमणि: ॥४४॥
ଇୟଂ ଧାତ୍ରୀ ଶ୍ୱଶ୍ରୂଃ କୁଳଗୁରୁରୟଂ ମେ ଦିନକରୋ
ରଘୂଣାଂ ବଂଶେଽସ୍ମିନ୍ କ୍ୱଚିଦପି ନ କାନ୍ତାପହରଣମ୍ ।
ଇଦଂ ଜାତଂ ଜାତେ ମୟି କୁଳକଳଙ୍କେ ହି ବିମୃଷ-
ନ୍ନଧୋ ବା ନୋର୍ଦ୍ଧ୍ୱଂ ବା ନୟତି ବଦନେନ୍ଦୁଂ ରଘୁମଣିଃ ॥୪୪॥

※ ଏହି ଧରଣୀ ମୋର ଶାଶୂ ଓ ସୂର୍ଯ୍ୟ କୁଳଗୁରୁ ରୂପେ ବିଦ୍ୟମାନ । ରଘୁବଂଶରେ ପୂର୍ବରୁ କେବେ କାନ୍ତା ଅପହରଣ ପରି ଅକୀର୍ତ୍ତିକର ଘଟଣା ଘଟି ନଥିଲା ; କିନ୍ତୁ ମୁଁ ଜନ୍ମ ହେବା ପରେ ଏହିସବୁ କଳଙ୍କ ସୃଷ୍ଟି ହୋଇଛି । ଏହିକଥା ଭାବି ଭାବି ଶ୍ରୀରାମ ନିଜ ମୁଖକୁ କେତେବେଳେ ତଳକୁ ଓ କେତେବେଳେ ଉପରକୁ କରିବାକୁ ଲାଗିଲେ ॥

अथ सीतान्वेषणे पथि जटायुदर्शनम्-

विचिन्वता तेन विदेहपुत्रीं दृष्टो जटायुः श्वसितावशेषः ।

सीता हृता ते दशकन्धरेणेत्यावेद्य सद्यः स्वतनुं मुमोच ।।४५।।

ଅଥ ସୀତାନ୍ୱେଷଣେ ପଥି ଜଟାୟୁଦର୍ଶନମ୍-

ବିଚିନ୍ୱତା ତେନ ବିଦେହପୁତ୍ରୀଂ ଦୃଷ୍ଟୋ ଜଟାୟୁଃ ଶ୍ୱସିତାବଶେଷଃ ।

ସୀତା ହୃତା ତେ ଦଶକନ୍ଧରେଣେତ୍ୟାବେଦ୍ୟ ସଦ୍ୟଃ ସ୍ୱତନୁଂ ମୁମୋଚ ।।୪୫।।

❊ ଏଥିଉତ୍ତାରୁ ସୀତାଙ୍କୁ ଖୋଜି ଖୋଜି ଯାଉଥିବା ବାଟରେ ମୃତ୍ୟୁ ଅପେକ୍ଷାରେ ଥିବା ଜଟାୟୁ ପକ୍ଷୀଙ୍କୁ ଦେଖିଲେ । ଦଶଗ୍ରୀବ ରାବଣ ତୁମର ସୀତାଙ୍କୁ ଅପହରଣ କରି ନେଇଛି ବୋଲି କହି ଜଟାୟୁ ହଠାତ୍ ପ୍ରାଣ ବିସର୍ଜନ କଲା ।।

ज्ञात्वा दशरथस्यैनं मित्रं शत्रुनिषूदनम् ।

हा तात किमिदं नाम रामः पक्षीन्द्रमब्रवीत् ।।४६।।

ଜ୍ଞାତ୍ୱା ଦଶରଥସ୍ୟୈନଂ ମିତ୍ରଂ ଶତ୍ରୁନିଷୂଦନମ୍ ।

ହା ତାତ କିମିଦଂ ନାମ ରାମଃ ପକ୍ଷୀନ୍ଦ୍ରମବ୍ରବୀତ୍ ।।୪୬।।

❊ ଶତ୍ରୁ ସଂହାରକାରୀ ଜଟାୟୁଙ୍କୁ ରାଜା ଦଶରଥଙ୍କ ପରମ ମିତ୍ର ବୋଲି ଜାଣି ଶ୍ରୀରାମ କହିଲେ - ହାୟ ତାତ ! ଏ କଣ ହେଲା, କିଏ ତୁମର ଏପରି ଦୁରବସ୍ଥା କଲା ?

तदनन्तरं रावणरथं दृष्ट्वा रामवाक्यम् -

भग्नोऽयं कथमस्ति रावणरथस्तातेन बज्राङ्कुर-

क्रूरावस्करणेन भङ्गुरलसत्कोटित्रुटज्यां धनुः ।

हे सीरध्वजराजपुत्रि स तदा दृष्टस्त्वया धन्यया

पक्षीन्द्रो दशकण्ठकुञ्जराशिरः संचारिपञ्चाननः ।।४७।।

ତଦନନ୍ତରଂ ରାବଣରଥଂ ଦୃଷ୍ଟ୍ୱା ରାମବାକ୍ୟମ୍-

ଭଗ୍ନୋଽୟଂ କଥମସ୍ତି ରାବଣରଥସ୍ତାତେନ ବଜ୍ରାଙ୍କୁର-

କ୍ରୂରାବସ୍କରଣେନ ଭଙ୍ଗୁରଲସତ୍କୋଟି ତ୍ରୁଟଜ୍ୟାଂ ଧନୁଃ ।

ହେ ସୀରଧ୍ୱଜରାଜପୁତ୍ରି ସ ତଦା ଦୃଷ୍ଟସ୍ତ୍ୱୟା ଧନ୍ୟୟା

ପକ୍ଷୀନ୍ଦ୍ରୋ ଦଶକଣ୍ଠ କୁଞ୍ଜରଶିରଃ ସଂଚାରି ପଞ୍ଚାନନଃ ।।୪୭।।

❊ ତା'ପରେ ରାବଣର ରଥକୁ ଦେଖି ଶ୍ରୀରାମ କହିଲେ ତାତ ! ଜଟାୟୁ ତାଙ୍କର ବଜ୍ର ପରି କଠୋର ଚଞ୍ଚୁରେ ରାବଣର ଏହି ରଥକୁ ନିଶ୍ଚୟ ଭାଙ୍ଗିଛନ୍ତି ଓ ତା'ର ଦୃଢ଼ ଧନୁକୁ ମଧ ବଙ୍କା କରିଦେଇଛନ୍ତି । ହେ ଜନକରାଜପୁତ୍ରି ! ତୁମେ ଧନ୍ୟ, କାରଣ ଦଶକଣ୍ଠ ରୂପକ ହସ୍ତୀର ମସ୍ତକକୁ ସିଂହ ପରି ଆକ୍ରମଣ କରିଥିବା ପକ୍ଷୀନ୍ଦ୍ର ଜଟାୟୁଙ୍କୁ ତୁମେ ଦୁଇଆଖିରେ ଦେଖିଛ ।।

ततस्तस्य संस्कारं कृत्वा रामानुनयः

तात त्वं निजतेजसैव गमितः स्वर्गं ब्रज स्वस्ति ते
ब्रूमस्त्वेकमिमां वधूहृतिकथां तातान्तिके मा कृथाः ।
रामोऽहं यदि तद्दिनैः कतिपयैर्व्रीडानमत्कन्धरः
सार्धं बन्धुजनेन सेन्द्रविजयी वक्ता स्वयं रावणः ॥४८॥

ତତସ୍ତସ୍ୟ ସଂସ୍କାରଂ କୃତ୍ୱା ରାମାନୁନୟଃ

ତାତ ତ୍ୱଂ ନିଜତେଜସୈବ ଗମିତଃ ସ୍ୱର୍ଗଂ ବ୍ରଜ ସ୍ୱସ୍ତି ତେ
ବ୍ରୂମସ୍ତ୍ୱେକମିମାଂ ବଧୂହୃତିକଥାଂ ତାତାନ୍ତିକେ ମା କୃଥାଃ ।
ରାମୋଽହଂ ଯଦି ତଦ୍ଦିନୈଃ କତିପୟୈର୍ବ୍ରୀଡ଼ାନମତ୍କନ୍ଧରଃ
ସାର୍ଦ୍ଧଂ ବନ୍ଧୁଜନେନ ସେନ୍ଦ୍ରବିଜୟୀ ବକ୍ତା ସ୍ୱୟଂ ରାବଣଃ ॥୪୮॥

❋ ଶ୍ରୀରାମଚନ୍ଦ୍ର ଏହାପରେ ଯଥାବିଧି ଜଟାୟୁର ଅନ୍ତ୍ୟେଷ୍ଟି ସଂସ୍କାର କରି ବିନୟର ସହିତ କହିଲେ- ହେ ତାତ ! ତୁମେ ଆନନ୍ଦରେ ସ୍ୱର୍ଗକୁ ଯାଅ । ତୁମର ମଙ୍ଗଳ ହେଉ । ତୁମେ ପିତାଙ୍କୁ ବଧୂହରଣ ବାର୍ତ୍ତା ଦୟାକରି ଜଣାଇବନାହିଁ । ମୁଁ ରାମ ନାମରେ ପୃଥିବୀରେ ଥିବା ମଧ୍ୟରେ ଇନ୍ଦ୍ରଜିତ ଓ ବନ୍ଧୁବାନ୍ଧବଙ୍କ ସହିତ ସେହି ଅଧମ ରାକ୍ଷସକୁ ବିନାଶ କରିବି । ରାବଣ ନିଜେ ଲଜ୍ଜିତ ହୋଇ ଏହା ଅନ୍ୟମାନଙ୍କୁ କହିବ ॥

रामः-

एकस्य दुःखस्य न यावदन्तं गच्छाम्यहं पारमिवार्णवस्य ।
तावद्द्वितीयं समुपस्थितं मे छिद्रेष्वनर्था बहुली भवन्ति ॥४९॥

ରାମଃ -

ଏକସ୍ୟ ଦୁଃଖସ୍ୟ ନ ଯାବଦନ୍ତଂ ଗଚ୍ଛାମ୍ୟହଂ ପାରମିବାର୍ଣ୍ଣବସ୍ୟ ।
ତାବଦ୍ଦ୍ୱିତୀୟଂ ସମୁପସ୍ଥିତଂ ମେ ଛିଦ୍ରେଷ୍ୱନର୍ଥା ବହୁଳୀଭବନ୍ତି ॥୪୯॥

❋ ଶ୍ରୀରାମଚନ୍ଦ୍ର କହିଲେ- ବିଧାତା ଦୁଃଖ ପରେ ଦୁଃଖ ଦେବାରେ ଲାଗିଛି । ଆଜି ପର୍ଯ୍ୟନ୍ତ ଗୋଟିଏ ଦୁଃଖର ଶେଷ ହୋଇନାହିଁ । ସେହି ଦୁଃଖ ରୂପକ ସମୁଦ୍ର ପାର ହେବା ପୂର୍ବରୁ ଦ୍ୱିତୀୟ ଦୁଃଖଦ ଘଟଣା ମୋ ଆଗରେ ଘଟୁଛି । ଛିଦ୍ରରେ ବହୁ ଅନର୍ଥ ଘଟିଥାଏ ॥

राज्यनाशो वने वासो हृता सीता मृतः पिता ।
एकैकमपि यद्दुःखं समुद्रमपि शोषयेत् ॥५०॥

ରାଜ୍ୟନାଶୋ ବନେ ବାସୋ ହୃତା ସୀତା ମୃତଃ ପିତା ।
ଏକୈକମପି ଯଦ୍ଦୁଃଖଂ ସମୁଦ୍ରମପି ଶୋଷୟେତ୍ ॥୫୦॥

❋ ରାଜ୍ୟ ନାଶ ହେଲା, ବନରେ ବାସ କଲି, ସୀତା ଅପହୃତା ହେଲେ ଓ ପିତା ମୃତ୍ୟୁବରଣ କଲେ । ଏସବୁ ଦୁଃଖ ଏପରି ଅସହ୍ୟ ଯେ ଗୋଟିଏ ଗୋଟିଏ ଦୁଃଖ ସମୁଦ୍ରର ଜଳରାଶିକୁ ମଧ ଶୋଷଣ କରିପାରେ ॥

युक्तमेव हि कैकेय्या भरतस्याभिषेचनम् ।
यो न रक्षेत्प्रियामेकां स कथं पालयेन्महीम् ।।५१।।
ଯୁକ୍ତମେବ ହି କୈକେଯ୍ୟା ଭରତସ୍ୟାଭିଷେଚନମ୍ ।
ଯୋ ନ ରକ୍ଷେତ୍ପ୍ରିୟାମେକାଂ ସ କଥଂ ପାଲୟେନ୍ ମହୀମ୍ ।।୫୧।।

❊ ଭରତଙ୍କୁ ରାଜପଦରେ ଅଭିଷେକ କରିବା କଥା କହି ଜନନୀ କୈକେୟୀ ଉଚିତ କାର୍ଯ୍ୟ କରିଛନ୍ତି । କାରଣ, ଯେ ନିଜର ଏକମାତ୍ର ପତ୍ନୀ (ନାରୀ) କୁ ରକ୍ଷା କରିବାରେ ଅସମର୍ଥ ସେ ରାଜ୍ୟବାସୀଙ୍କୁ କିପରି ରକ୍ଷା କରିପାରିବ ?

भद्रं कृतं च तातेन येनाहं वनवासितः ।
एषापि नहि मे बुद्धिः क्व मृगः क्व हिरण्मयः ।।५२।।
ଭଦ୍ରଂ କୃତଂଚ ତାତେନ ଯେନାହଂ ବନବାସିତଃ ।
ଏଷାପି ନହି ମେ ବୁଦ୍ଧିଃ କ୍ୱ ମୃଗଃ କ୍ୱ ହିରଣ୍ମୟଃ ।।୫୨।।

❊ ପିତା ଦଶରଥ ମଧ୍ୟ ମୋତେ ବନବାସରେ ପଠାଇ ଉତ୍ତମ କାର୍ଯ୍ୟ କରିଛନ୍ତି । କାରଣ,ମୁଁ ଜଣେ ନିର୍ବୋଧ । ସ୍ୱର୍ଣ୍ଣମୃଗକୁ ଦେଖି ଲୋଭାନ୍ୱିତ ହେଲି । ମୃଗ ଯେ କେବେ ସୁନାର ହରିଣ ହୋଇ ପାରିବ ନାହିଁ, ତାହା ବିଚାର କରିବାର ବୃଦ୍ଧି ମୋର ନାହିଁ ॥

सगरात्सागरः कीर्त्तिर्गङ्गाकीर्त्तिर्भगीरथात् ।
अस्माकमीदृशी कीर्त्तिरेका भार्य्या न रक्षिता ।।५३।।
ସଗରାତ୍ ସାଗରଃ କୀର୍ତ୍ତିର୍ଗଙ୍ଗାକୀର୍ତ୍ତିର୍ଭଗୀରଥାତ୍ ।
ଅସ୍ମାକମୀଦୃଶୀ କୀର୍ତ୍ତିରେକା ଭାର୍ଯ୍ୟା ନ ରକ୍ଷିତା ।।୫୩।।

❊ ସଗରଙ୍କ କୀର୍ତ୍ତି ରୂପେ ସାଗର ବିଖ୍ୟାତ ହେଲା । ଗଙ୍ଗା ଭଗୀରଥଙ୍କ କୀର୍ତ୍ତି ରୂପେ ଖ୍ୟାତି ଲାଭକଲା । ସେହି ବଂଶରେ ଜନ୍ମହୋଇ ମୁଁ ଏକମାତ୍ର ପତ୍ନୀକୁ ରକ୍ଷା କରି ନ ପାରିବାରେ କୀର୍ତ୍ତି ଅର୍ଜନ କଲି ॥

लब्धव्यमर्थं लभते मनुष्यो देवोऽपि तद्वारयितुं न शक्तः ।
अतो न शोचामि न विस्मयो मे ललाटलेख्यो न पुनः प्रयाति ।।५४।।

ଲବ୍ଧବ୍ୟମର୍ଥଂ ଲଭତେ ମନୁଷ୍ୟୋ ଦେବୋଽପି ତଦ୍ୱାରୟିତୁଂ ନ ଶକ୍ତଃ ।
ଅତୋ ନ ଶୋଚାମି ନ ବିସ୍ମୟୋ ମେ ଲଲାଟଲେଖ୍ୟୋନ ପୁନଃ ପ୍ରୟାତି ।।୫୪।।

❊ ମଣିଷର ଯାହା ପ୍ରାପ୍ୟ ତାହା ସେ ପାଏ । ତାହାକୁ ବିଧାତା ହେଲେ ମଧ୍ୟ ବାରଣ କରିପାରେ ନାହିଁ । ଏଥିରେ ଦୁଃଖ କରିବାର କିଛି ନାହିଁ କି ବିସ୍ମିତ ହେବାର ନାହିଁ । କାରଣ, କପାଳରେ ଯାହା ଲେଖା ଅଛି, ତାକୁ କେହି ଲିଭାଇ ଦେଇ ପାରିବ ନାହିଁ ॥

या पाणिग्रहलालिता सुतरुणी तन्वी सुवंशोद्भवा
गौरी स्पर्शसुखावहा गुणवती नित्यं मनोहारिणी ।
सा केनापि हृता सृतौ पथिक हे गन्तुं न शक्तस्त्वहं
भिक्षो किं तव कामिनी नहि नहि प्राणप्रिया याष्टिका ।।५५।।

ଯା ପାଣିଗ୍ରହଲାଳିତା ସୁତରୁଣୀ ତନ୍ୱୀ ସୁବଂଶୋଦ୍‌ଭବା
ଗୌରୀ ସ୍ପର୍ଶସୁଖାବହା ଗୁଣବତୀ ନିତ୍ୟଂ ମନୋହାରିଣୀ ।
ସା କେନାପି ହୃତା ସୃତୌ ପଥିକ ହେ ଗନ୍ତୁଂ ନ ଶକ୍ତସ୍ତ୍ୱହଂ
ଭିକ୍ଷୋ କିଂ ତବ କାମିନୀ ନହି ନହି ପ୍ରାଣପ୍ରିୟା ଯଷ୍ଟିକା ।।୫୫।।

❋ ଜନକନନ୍ଦିନୀ ସୀତାଙ୍କର ପାଣି ମୁଁ ଗ୍ରହଣ କରିଛି । ସେ ସୁନ୍ଦରୀ, ସୁକୁମାରୀ, କୁଳୀନା, ଗୌରୀ, ସୁଖସ୍ପର୍ଶା, ଗୁଣବତୀ ଓ ପ୍ରତ୍ୟହ ମନୋହାରିଣୀ । ବାଟରେ ତାଙ୍କୁ କିଏ ଅପହରଣ କରିନେଲା ? ହେ ପଥିକ ! କିଏ ନେଲା ତୁମେ ଜାଣିଛ କି,କୁହ । ମୁଁ ଆଉ ଚାଲିବା ପାଇଁ ଅସମର୍ଥ । ପଥିକ କହିଲେ - ହେ ଭିକ୍ଷୁ ! ସେହି ଜଣ ତୁମର ପତ୍ନୀ ? ଶ୍ରୀରାମ କହିଲେ -ଯଷ୍ଟିସ୍ୱରୂପା କ୍ଷୀଣାଙ୍ଗୀ କାମିନୀ ହେଉଛନ୍ତି ମୋର ପ୍ରାଣପ୍ରିୟା ପତ୍ନୀ ।।

अर्द्धे चेतसि जानकी परिपतत्यर्द्धे च लङ्केश्वर-
स्तस्यार्द्धं मदनानलः कवलयत्यर्द्धं च रोषानलः ।
इत्थं दुर्विधिसङ्गमव्यतिकरस्तुल्यो द्वयोरेतयो-
रेकं वेद्मि तुषाग्निदग्धमपरं दग्धं करीषाग्निना ।।५६।।

ଅର୍ଦ୍ଧେ ଚେତସି ଜାନକୀ ପରିପତତ୍ୟର୍ଦ୍ଧେ ଚ ଲଙ୍କେଶ୍ୱର-
ସ୍ତସ୍ୟାର୍ଦ୍ଧଂ ମଦନାନଳଃ କବଳୟତ୍ୟର୍ଦ୍ଧଂ ଚ ରୋଷାନଳଃ ।
ଇତ୍ଥଂ ଦୁର୍ବିଧିସଙ୍ଗମବ୍ୟତିକରସ୍ତୁଲ୍ୟୋ ଦ୍ୱୟୋରେତୟୋ-
ରେକଂ ବେଦ୍ମି ତୁଷାଗ୍ନିଦଗ୍ଧମପରଂ ଦଗ୍ଧଂ କରୀଷାଗ୍ନିନା ।।୫୬।।

❋ ହୃଦୟର ଅର୍ଦ୍ଧଭାଗରେ ଅଛି ଜାନକୀ ଓ ଅପର ଅର୍ଦ୍ଧାଂଶରେ ଅଛି ଲଙ୍କେଶ୍ୱର ରାବଣ । ତା'ର ଅର୍ଦ୍ଧକୁ ମଦନାନଳ ଓ ଅପରାର୍ଦ୍ଧକୁ କ୍ରୋଧାଗ୍ନି ଦଗ୍ଧ କରୁଛି । ଦୁର୍ଦୈବବଶତଃ ପରସ୍ପରବିରୋଧୀ ସମଭାବରେ ଏକତ୍ର ରହିଛି । ତେଣୁ ମନେ ହୁଏ, ତଷୁ ଅଗ୍ନିରେ ଅଧେ ଓ ଘଷି ଅଗ୍ନିରେ ଅଧେ ଦଗ୍ଧୀଭୂତ ହେଉଛି ।।

अन्वेषयामि सुमुखीं विमुखो विधाता तां विस्मरामि निविड़प्रणयो विरोधी ।
अङ्गीकरोमि गरलं कुलयोः कलङ्कःशान्तिं भजामि कुटिलं धनुरन्तरायः ।।५७।।

ଅନ୍ୱେଷୟାମି ସୁମୁଖୀଂ ବିମୁଖୋ ବିଧାତା ତାଂ ବିସ୍ମରାମି ନିବିଡ଼ପ୍ରଣୟୋ ବିରୋଧୀ ।
ଅଙ୍ଗୀକରୋମି ଗରଳଂ କୁଳୟୋଃ କଳଙ୍କଃ ଶାନ୍ତିଂ ଭଜାମି କୁଟିଳଂ ଧନୁରନ୍ତରାୟଃ ।।୫୭।

❊ ପ୍ରାଣପ୍ରିୟା ସୁମୁଖୀ ଜାନକୀଙ୍କୁ ବନମଧ୍ୟରେ ଖୋଜୁ ଥିବାରୁ ବିଧାତା ନାନା ପ୍ରତିବନ୍ଧକ ସୃଷ୍ଟି କରୁଛି । ସୀତାଙ୍କୁ ଭୁଲିଯିବା ପାଇଁ ଇଚ୍ଛାକଲେ ମଧ୍ୟ ପ୍ରଣୟସ୍ନେହ ବିରୋଧୀ ହେଉଛି । ଯଦି ବିଷପାନ କରିବି ତେବେ ରଘୁକୂଳ କଳଙ୍କିତ ହେବ । ସବୁ ତ୍ୟାଗ କରି ଶାନ୍ତିରେ ରହିବା ପାଇଁ ଚାହିଁଲେ ବି ଏହି କୁଟୀଳ ଧନୁଶର ବିଘ୍ନ ସୃଷ୍ଟି କରୁଛି ॥

गता गता चम्पकपुष्पवर्णा पीनस्तनी कुङ्कुमचर्च्चिताङ्गी ।
आकाशगङ्गेव सुशीतलाङ्गी नक्षत्रमध्ये इव चन्द्ररेखा ॥५८॥

ଗତା ଗତା ଚମ୍ପକପୁଷ୍ପବର୍ଣ୍ଣା ପୀନସ୍ତନୀ କୁଙ୍କୁମଚର୍ଚ୍ଚିତାଙ୍ଗୀ ।
ଆକାଶଗଙ୍ଗେବ ସୁଶୀତଳାଙ୍ଗୀ ନକ୍ଷତ୍ରମଧ୍ୟେ ଇବ ଚନ୍ଦ୍ରରେଖା ॥୫୮॥

❊ ଚମ୍ପକବର୍ଣ୍ଣା, ପୃଥୁଳ ଉରଜା, କୁଙ୍କୁମବିଲେପିତ ଗାତ୍ରା, ଗଙ୍ଗାଙ୍କ ପରି ଶୀତଳସ୍ପର୍ଶା ଓ ନକ୍ଷତ୍ର ମଧ୍ୟବର୍ତ୍ତୀ ଚନ୍ଦ୍ରଲେଖା ସ୍ୱରୂପା ସୀତା ଗଲେ ଯେ ଗଲେ ଆଉ ଫେରିଲେ ନାହିଁ ॥

न मे दुःखं प्रिया दूरे न मे दुःखं हृतेति सा ।
एतदेव हि शोचामि चापो यदभिवर्त्तते ॥५९॥

ନ ମେ ଦୁଃଖଂ ପ୍ରିୟା ଦୂରେ ନ ମେ ଦୁଃଖଂ ହୃତେତି ସା ।
ଏତଦେବ ହି ଶୋଚାମି ଚାପୋ ଯଦଭିବର୍ତ୍ତତେ ॥୫୯॥

❊ ପ୍ରିୟା ମୋର ଦୂରରେ ରହିଲେ ସେଥିରେ ଦୁଃଖ ନାହିଁ । ସେ ଅପହୃତା ହେଲେ ସେଥିପାଇଁ ବି ଶୋଚନା କରୁନାହିଁ । ମୋ' ହାତରେ ଏବେ ବି ଯେଉଁ ଧନୁଟି ରହିଛି, ତାହାହିଁ ମୋର ଦୁଃଖର କାରଣ ହୋଇଛି ॥

व्यसनं किमतोऽप्यास्ते ज्ञानश्चाभ्युदयो मम ।
शरणं मरणं राज्यं मा पुनर्लक्ष्मणेऽस्तु तत् ॥६०॥

ବ୍ୟସନଂ କିମତୋଽପ୍ୟାସ୍ତେ ଜ୍ଞାନଶ୍ଚାଭ୍ୟୁଦୟୋ ମମ ।
ଶରଣଂ ମରଣଂ ରାଜ୍ୟଂ ମା ପୁନର୍ଲକ୍ଷ୍ମଣେଽସ୍ତୁ ତତ୍ ॥୬୦॥

❊ ମୋର ମାନସିକ ଯନ୍ତ୍ରଣାକୁ ସମସ୍ତେ ଜାଣନ୍ତି । ଏହାଠାରୁ ବଳି ଦୁଃଖ ଏ ସଂସାରରେ ନାହିଁ ବୋଲି ମୁଁ ଜାଣିପାରୁଛି । ତେଣୁ ମୃତ୍ୟୁ ହିଁ ଏକମାତ୍ର ଆଶ୍ରୟସ୍ଥଳ । ରାଜ୍ୟ ପଛେ ଯାଉ ଲକ୍ଷ୍ମଣ ଦୁଃଖ ନ ପାଉ ॥

ततो वामं तिरस्कृत्य पुरस्कृत्य च दक्षिणम् ।
धन्यो वन्यशरण्यां तामरण्यानीं स्म गाहते ॥६१॥

ତତୋ ବାମଂ ତିରସ୍କୃତ୍ୟ ପୁରସ୍କୃତ୍ୟ ଚ ଦକ୍ଷିଣମ୍ ।
ଧନ୍ୟୋ ବନ୍ୟଶରଣ୍ୟାଂ ତାମରଣ୍ୟାନୀଂ ସ୍ମ ଗାହତେ ॥୬୧॥

❊ ଏହାପରେ ଅଶୁଭ ସୂଚକ ବାମଦିଗକୁ ନ ଯାଇ ଶ୍ରୀରାମ ଦକ୍ଷିଣଦିଗର ହିଂସଶ୍ୱାପଦସଂକୁଳ ଅରଣ୍ୟାନୀରେ ବୁଲିବାକୁ ଲାଗିଲେ ॥

काकः कपोलस्थलसंस्थितो मे कोलस्य वामे व्यसनं सदौस्थ्यम् ।
राज्यं भुजङ्गस्य फणाधिरूढो व्यनक्त्यहो दक्षिणखञ्जरीटः ॥६२॥

କାକଃ କପୋଲସ୍ଥଳସଂସ୍ଥିତୋ ମେ କୋଲସ୍ୟ ବାମେ ବ୍ୟସନଂ ସଦୌସ୍ଥ୍ୟମ୍।
ରାଜ୍ୟଂ ଭୁଜଙ୍ଗସ୍ୟ ଫଣାଧିରୂଢୋ ବ୍ୟନକ୍ତ୍ୟହୋ ଦକ୍ଷିଣଖଞ୍ଜରୀଟଃ ॥୬୨॥

❋ ବାମଭାଗରେ ଶୂକର (ଘୁଷୁରି) ଉପରେ କୁଆ ବସିଛି, ଏହା ଅଶୁଭ ଓ ଅସୁସ୍ଥତାର କାରଣ । ଦକ୍ଷିଣରେ ସର୍ପର ଫଣା ଉପରେ ଖଞ୍ଜରୀଟ ବସିଥିବାରୁ ରାଜ୍ୟପ୍ରାପ୍ତିର ସୂଚନା ମିଳୁଛି । ଏହି ଉଭୟ ପ୍ରକାର ଶକୁନ ଦେଖି ମୁଁ ଅତ୍ୟନ୍ତ ଆଶ୍ଚର୍ଯ୍ୟାଭିଭୂତ ହେଉଛି ॥

एवं भ्रमन् श्रीरामः कबन्धं ददर्श

आयोजनप्रसरदोर्युगलेन मार्गमाक्रम्य कण्ठकुहरे कुरुते नु कोऽयम् ।
सौमित्रिणेति गदितः स कबन्धकण्ठं चिच्छेद गर्भकदलीमिव रामचन्द्रः ॥६३॥

ଏବଂ ଭ୍ରମନ୍ ଶ୍ରୀରାମଃ କବନ୍ଧଂ ଦଦର୍ଶ ।

ଆୟୋଜନପ୍ରସରଦୋର୍ଯୁଗଳେନ ମାର୍ଗମାକ୍ରମ୍ୟ କଣ୍ଠକୁହରେ କୁରୁତେ ନୁ କୋଽୟମ୍।
ସୌମିତ୍ରିଣେତି ଗଦିତଃ ସ କବନ୍ଧକଣ୍ଠ ଚିଚ୍ଛେଦ ଗର୍ଭକଦଳୀମିବ ରାମଚନ୍ଦ୍ରଃ ॥୬୩॥

❋ ଶ୍ରୀରାମ ବୁଲୁ ବୁଲୁ ବାଟରେ ଏକ କବନ୍ଧକୁ ଦେଖିଲେ । କବନ୍ଧ ନିଜର ଦୀର୍ଘବାହୁ ପ୍ରସାରିତ କରି ମାର୍ଗ ଅବରୋଧ କରିବା ସଙ୍ଗେ ସଙ୍ଗେ ପଥିକମାନଙ୍କୁ କଣ୍ଠବିଳରେ ନିକ୍ଷେପ କରୁଛି । ଏହା ଦେଖି ଲକ୍ଷ୍ମଣ ଏ ଦୁଷ୍ଟ କିଏ ବୋଲି ପ୍ରଶ୍ନ କରିବାରୁ ଶ୍ରୀରାମଚନ୍ଦ୍ର କଦଳୀର ମଞ୍ଜାକୁ କାଟିଲା ପରି କବନ୍ଧର କଣ୍ଠ,କନ୍ଧ ପ୍ରଭୃତିକୁ ଦୂରରେ ଥାଇ ଛେଦନ କଲେ ॥

पूतो रामशरेण दिव्यमगमद्देहं कबन्धस्ततो
व्याजह्रे श्रमणाश्रमे हनुमता संयुज्य सीतापते ।
सीतोद्धारविधौ समं निजबलैः स्वीकृत्य साहायकं
संप्राप्तो प्रतिपन्नबालिनिधनः सख्यं कपीन्द्राधिपात् ॥६४॥

ପୂତୋ ରାମଶରେଣ ଦିବ୍ୟମଗମଦ୍ଦେହଂ କବନ୍ଧସ୍ତତୋ
ବ୍ୟାଜହ୍ରେ, ଶ୍ରମଣାଶ୍ରମେ ହନୂମତା ସଂଯୁଜ୍ୟ ସୀତାପତେ ।
ସୀତୋଦ୍ଧାରବିଧୌ ସମଂ ନିଜବଳୈଃ ସ୍ୱୀକୃତ୍ୟ ସାହାୟକଂ
ସଂପ୍ରାପ୍ତୋ ପ୍ରତିପନ୍ନବାଳିନିଧନଃ ସଖ୍ୟଂ କପୀନ୍ଦ୍ରାଧିପାତ୍ ॥୬୪॥

❋ ଶ୍ରୀରାମଙ୍କ ଶରରେ ମୃତ୍ୟୁବରଣ କରିବା ସଙ୍ଗେ ସଙ୍ଗେ ଶାପମୁକ୍ତ ହୋଇ କବନ୍ଧ କହିଲା- ହେ ସୀତାପତେ ! ଶ୍ରମଣ ମୁନିଙ୍କ ଆଶ୍ରମରେ ପବନନନ୍ଦନ ହନୂମାନ ଅଛି । ଆପଣ ଯାଇ ତା' ସହିତ ସାକ୍ଷାତ କରନ୍ତୁ । ସୁଗ୍ରୀବଙ୍କ ଶତ୍ରୁ ବାଳିବଧ ପରେ ତାଙ୍କ ସହିତ ମିତ୍ରତା କରି ଓ ତାଙ୍କରି ସୈନ୍ୟବଳର ସାହାଯ୍ୟ ନେଇ ସୀତାଙ୍କୁ ଉଦ୍ଧାର କର ॥

ततो मारुतिं दृष्ट्वा

किष्किन्धाद्रौ रौद्ररुद्रावतारं दृष्ट्वा रामो मारुतिं वाचमूचे ।
सीता नीता केनचित् क्वापि दृष्टा हृष्टः कष्टं संहरन्प्राह वीरः ॥६५॥

ତତୋ ମାରୁତିଂ ଦୃଷ୍ଟ୍ବା

କିଷ୍କିନ୍ଧାଦ୍ରୌ ରୌଦ୍ରରୁଦ୍ରାବତାରଂ ଦୃଷ୍ଟ୍ବା ରାମୋ ମାରୁତିଂ ବାଚମୂଚେ ।
ସୀତା ନୀତା କେନଚିତ୍ କ୍ବାପି ଦୃଷ୍ଟା ହୃଷ୍ଟଃ କଷ୍ଟଂ ସଂହରନ୍ ପ୍ରାହ ବୀରଃ ॥୬୫॥

❊ ଏହାପରେ ଶ୍ରୀରାମ କିଷ୍କିନ୍ଧା ପର୍ବତକୁ ଯାଇ ଭୟଙ୍କର ରୁଦ୍ର ଅବତାର ରୂପଧାରୀ ମାରୁତିଙ୍କୁ ସାକ୍ଷାତ କରି କହିଲେ ସୀତାଙ୍କୁ କିଏ ନେଲା ତୁମେ କେହି ଦେଖିଛ କି ? ବୀର ହନୂମାନ୍ ମନରୁ ଦୁଃଖ ଦୂର କରି ଆନନ୍ଦିତ ହୋଇ କହିଲା -

हनुमान् -

पापेनाकृष्यमाणा रजनिचरवरेणाम्बरेण व्रजन्ती
किष्किन्धाद्रौ मुमोच प्रचुरमणिगणैर्भूषणान्यर्चितानि ।
हा राम प्राणनाथेत्यहह जहि रिपुं लक्ष्मणेत्यालपन्ती
यानीमानीति तानि क्षिपति रघुपुरः कापि रामाञ्जनेयः ॥६६॥

ହନୂମାନ୍-

ପାପେନାକୃଷ୍ୟମାଣା ରଜନିଚରବରେଣାମ୍ବରେଣ ବ୍ରଜନ୍ତୀ
କିଷ୍କିନ୍ଧାଦ୍ରୌ ମୁମୋଚ ପ୍ରଚୁରମଣିଗଣୈର୍ଭୂଷଣାନ୍ୟର୍ଚିତାନି ।
ହା ରାମ ପ୍ରାଣନାଥେତ୍ୟହହ ଜହି ରିପୁଂ ଲକ୍ଷ୍ମଣେତ୍ୟାଲପନ୍ତୀ
ଯାନୀମାନୀତି ତାନି କ୍ଷିପତି ରଘୁବରଃ କାପି ରାମାଞ୍ଜନେୟଃ ॥୬୬॥

❊ ଅସୁରଶ୍ରେଷ୍ଠ ରାବଣ ଜନୈକା ରମଣୀକୁ ରଥରେ ବସାଇ ଏଇବାଟେ ଅକାଶମାର୍ଗରେ ଗଲା । ସେହି ରମଣୀ ହା ରାମ ପ୍ରାଣନାଥ, ହା ଲକ୍ଷ୍ମଣ ଏହି ଦୁଷ୍ଟକୁ ସଂହାର କର ବୋଲି କାନ୍ଦି କାନ୍ଦି କହିବା ସଙ୍ଗେ ସଙ୍ଗେ ନିଜ ଦେହରୁ ଅଳଙ୍କାର ଗୁଡିକ କାଢି ଏଠାରେ ପକାଇ ଦେଇଥିଲେ । ହେ ରଘୁବର ! ସେହି ଅଳଙ୍କାରଗୁଡିକ ଏବେ ନିଅନ୍ତୁ ବୋଲି ହନୂମାନ୍ କହିଲେ ॥

आभरणानि गृहीत्वालिङ्ग्य रामः -

सर्वेषु सत्स्वपि तवाभरणेषु हारो नारोपितो हृदि चिरं हृदयं गतोऽपि ।
मुक्तार्थसूत्रगुणवेधविशुद्धराशिस्तत्पंक्तिभेदफलदारुणमित्यरोदीत् ॥६७॥

ଆଭରଣାନି ଗୃହୀତ୍ବାଲିଙ୍ଗ୍ୟ ରାମଃ

ସର୍ବେଷୁ ସତ୍ସ୍ବପି ତବାଭରଣେଷୁ ହାରୋ ନାରୋପିତୋ ହୃଦି ଚିରଂ ହୃଦୟଂଗତୋଽପି ।
ମୁକ୍ତାର୍ଥସୂତ୍ରଗୁଣବେଧବିଶୁଦ୍ଧରାଶିସ୍ତତ୍ପଂକ୍ତିଭେଦଫଳଦାରୁଣମିତ୍ୟରୋଦୀତ୍ ॥୬୭॥

※ ଜାନକୀଙ୍କ ପରିହିତ ଅଳଙ୍କାରଗୁଡିକ ଦେଖି ଶ୍ରୀରାମ କହିଲେ - ହେ ସୀତେ! ନାନାବିଧ ଅଳଙ୍କାର ଥିଲେ ବି ତୁମେ ଅତି ଯତ୍ନରେ ଗୁନ୍ଥା ହୋଇଥିବା ଏଇ ମୁକ୍ତା ହାରଟି ସର୍ବଦା ହୃଦୟରେ ଲଗାଇ ରଖିଥାଅ ; କିନ୍ତୁ ସେଇ ହାର ଆଜି ତୁମ ହୃଦୟଚ୍ୟୁତ ଓ ଛିନ୍ନସୂତ୍ର ହେବାର ଦେଖି ଚିତ୍ତ ବ୍ୟାକୁଳ ହେଉଛି । ଏହା କହି ଶ୍ରୀରାମ କାନ୍ଦିବାକୁ ଲାଗିଲେ ॥

अहह जनकपुत्रीवक्त्रमुद्रामपश्यन् व्रजति परमहंसो न क्षमो वापि गन्तुम् ।
तदुरुविरहवह्निज्वालया दग्धदेहः किमुत पवनसूनोर्भूषणैस्तम्भितो मे ।।६८।।

ଅହହ ଜନକପୁତ୍ରୀବକ୍ତ୍ରମୁଦ୍ରାମପଶ୍ୟନ୍ ବ୍ରଜତି ପରମହଂସୋ ନ କ୍ଷମୋ ବାପି ଗନ୍ତୁମ୍ ।
ତଦୁରୁବିରହବହ୍ନିଜ୍ୱାଳୟା ଦଗ୍ଧଦେହଃ କିମୁତ ପବନସୂନୋର୍ଭୂଷଣୈସ୍ତମ୍ଭିତୋ ମେ ॥୬୮॥

※ ହାୟ ଜନକନନ୍ଦିନୀଙ୍କ ମୁଖ ଦେଖି ନ ପାରିବାରୁ ମୋର ପ୍ରାଣ ଯିବାକୁ ବାହାରି ମଧ୍ୟ ଯାଇ ପାରିନାହିଁ । ହେ ପବନନନ୍ଦନ, ଦୁଃସହ ବିରହାଗ୍ନି ଜ୍ୱାଳାରେ ଦଗ୍ଧ ହେଉଥିବା ଏଇ ଦେହରେ ସୀତାଙ୍କ ପରିହିତ ଆଭୂଷଣ ଦେଖାଇ ତୁମେହିଁ ମୋ ପ୍ରାଣକୁ ରକ୍ଷା କରିଛ ॥

मारुतिः -(सानुनयम्)

श्रीराम क्षौणिपाल त्यज निजदयितशोकमेकः सलोकं
लङ्केशं जेतुमीशे तमपि कपिपतेराज्ञयाहं हनुमान् ।
सुग्रीवस्याथ सार्द्धं गिरिमवतरणं पादविन्यासलक्ष्मी -
निक्षेपादुत्पलाक्ष क्षपितरिपुबलं दर्शनात्त्वं विधेहि ।।६९।।

ମାରୁତିଃ (ସାନୁନୟମ୍)

ଶ୍ରୀରାମ କ୍ଷୌଣିପାଳ ତ୍ୟଜ ନିଜଦୟିତାଶୋକମେକଂ ସଲୋକଂ
ଲଙ୍କେଶଂ ଜେତୁମୀଶେ ତମପି କପିପତେରାଜ୍ଞୟାହଂ ହନୁମାନ୍ ।
ସୁଗ୍ରୀବସ୍ୟାଥ ସାର୍ଦ୍ଧଂ ଗିରିମବତରଣଂ ପାଦବିନ୍ୟାସଲକ୍ଷ୍ମୀ-
ନିକ୍ଷେପାଦୁତ୍ପଲାକ୍ଷ କ୍ଷପିତରିପୁବଳଂ ଦର୍ଶନାତ୍ତ୍ୱଂ ବିଧେହି ॥୬୯॥

※ ହନୁମାନ (ବିନୟର ସହିତ) କହିଲେ- ହେ ପୃଥିବୀ ପତି ଶ୍ରୀରାମ ! ପ୍ରିୟାବିରହଜନିତ ଦୁଃଖ ମନରୁ ଦୂର କରନ୍ତୁ । କପିପତି ସୁଗ୍ରୀବଙ୍କ ଆଜ୍ଞାରେ ସମସ୍ତ ଅସୁରଙ୍କ ସହିତ ଲଙ୍କାପତି ରାବଣକୁ ମୁଁ ଏକା ପରାଜିତ କରିପାରିବି । ଏହି ପର୍ବତ ହେଉଛି ସୁଗ୍ରୀବଙ୍କ ବାସସ୍ଥଳ । ଆପଣ ଚାଲନ୍ତୁ, ତାଙ୍କ ଘରେ ପାଦ ପକାନ୍ତୁ । ଆପଣଙ୍କ ଦର୍ଶନ ପାଇବାମାତ୍ରେ ତାଙ୍କର ସମସ୍ତ ଶତ୍ରୁ କ୍ଷୟ ହୋଇଯିବେ ଓ ତାଙ୍କ ଜୀବନରେ ଶାନ୍ତି ଫେରିଆସିବ ॥

ततो हनुमान् सहलक्ष्मणेन रामेण सुग्रीवपुरः स्थितोऽभूत् ।
तान् तत्र साक्षात्कपियूथनाथः पापानि दग्धुं दहनं ददर्श ।।७०।।

ତତୋ ହନୁମାନ୍ ସହଲକ୍ଷ୍ମଣେନ ରାମେଣ ସୁଗ୍ରୀବପୁରଃସ୍ଥିତୋଽଭୂତ୍ ।
ତାନ୍ ତତ୍ର ସାକ୍ଷାଦ୍ବହ୍ନିପିଯୂଥନାଥଃ ପାପାନି ଦଗ୍ଧୁଂ ଦହନଂ ଦଦର୍ଶ ॥୭୦॥

※ ହନୁମାନ୍ ଏହା କହି ରାମ ଓ ଲକ୍ଷ୍ମଣଙ୍କୁ ସାଙ୍ଗରେ ନେଇ ସୁଗ୍ରୀବ ରହୁଥିବା ଗୃହରେ ପ୍ରବେଶ କଲେ । କପିପତି ସୁଗ୍ରୀବ ସେମାନଙ୍କୁ ନିଜର ପାପରାଶି ଦହନ କରିଦେବା ପାଇଁ ସାକ୍ଷାତ୍ ଅଗ୍ନି ରୂପରେ ଦର୍ଶନ କଲେ ॥

सुग्रीव: -

श्रुत्वा रामस्य कान्ताहरणमनिलजस्याननाद्वानरेन्द्रो
नि:श्वस्यात्मीयमस्यानुवदति पुरतस्तद्बलाद्वालिनोऽपि ।
हा नाथे विद्यमाने किमिति रघुपतिस्तं निहन्तुं प्रतिज्ञा-
मारुढ: प्रौढरोषानलवहलकलालंकृतोऽधिज्यधन्वा ॥७१॥

ସୁଗ୍ରୀବଃ-

ଶ୍ରୁତ୍ୱା ରାମସ୍ୟ କାନ୍ତାହରଣମନିଳଜସ୍ୟାନନାଦ୍ୱାନରେନ୍ଦ୍ରୋ
ନିଃଶ୍ୱସ୍ୟାତ୍ମୀୟମସ୍ୟାନୁବଦତି ପୁରତସ୍ତଦ୍‌ବଳାଦ୍ ବାଳିନୋଽପି ।
ହା ନାଥେ ବିଦ୍ୟମାନେ କିମିତି ରଘୁପତିସ୍ତଂ ନିହନ୍ତୁଂ ପ୍ରତିଜ୍ଞା-
ମାରୂଢଃ ପ୍ରୌଢରୋଷାନଳବହଳକଳାଳଙ୍କୃତୋଽଧିଜ୍ୟଧନ୍ୱା ॥୭୧॥

※ ବାନରରାଜ ସୁଗ୍ରୀବ ହନୁମାନଙ୍କଠାରୁ ଶ୍ରୀରାମଙ୍କ ପତ୍ନୀ ଅପହରଣ କଥା ଶୁଣି ଅଧୀର ହେବା ସଙ୍ଗେସଙ୍ଗେ ବାଳିଦ୍ୱାରା ସ୍ୱପତ୍ନୀହରଣ ବାର୍ତ୍ତା ଜଣାଇଲେ ଓ ଦୀର୍ଘନିଃଶ୍ୱାସ ତ୍ୟାଗ କଲେ । ଶ୍ରୀରାମଚନ୍ଦ୍ର ସୁଗ୍ରୀବଙ୍କ ପତ୍ନୀହରଣ କଥା ଶୁଣିବା ମାତ୍ରେ ଅତିଶୟ କ୍ରୋଧାନ୍ୱିତ ହୋଇ ବାଳିକୁ ବଧ କରିବା ପାଇଁ ପ୍ରତିଜ୍ଞା କଲେ ॥

तत:-

नत्वा ससंभ्रममथो जगदेकवीरमालिङ्ग्यन् रघुपतिं शुशुभे कपीन्द्र: ।
तद्विस्मृतं पुनरिवाभ्यसते प्रियाया: कन्दर्पकेलिषु पुनर्भुतभाविनीषु ॥७२॥

ତତଃ

ନତ୍ୱା ସସଂଭ୍ରମମଥୋ ଜଗଦେକବୀରମାଲିଙ୍ଗୟନ୍ ରଘୁପତିଂ ଶୁଶୁଭେ କପୀନ୍ଦ୍ରଃ ।
ତଦ୍‌ବିସ୍ମୃତଂ ପୁନରିବାଭ୍ୟସତେ ପ୍ରିୟାୟାଃକନ୍ଦର୍ପକେଳିଷୁ ପୁନର୍ଭୂତଭାବିନୀଷୁ ॥୭୨॥

※ ଶ୍ରୀରାମଙ୍କ ପ୍ରତିଜ୍ଞା ଶୁଣି କପିପତି ସୁଗ୍ରୀବ ତାଙ୍କ ପାଦତଳେ ପ୍ରଣାମ କରି ଓ ଆଲିଙ୍ଗନ କଲେ । ବିସ୍ମୃତପ୍ରାୟ ପ୍ରିୟାବିଚ୍ଛେଦ ଦୁଃଖ ତାଙ୍କ ଚିତ୍ତରେ ପୁନରୁଜ୍ଜୀବିତ ହେଲା ଏବଂ ପତ୍ନୀ ସହିତ ପୁନର୍ମିଳନ ହେବ ବୋଲି ସେ ଅନୁମାନ କଲେ ॥

ऋष्यमूकगिरौ रामो निःसहाय परिभ्रमन् ।
सख्यं समानदुःखेन सुग्रीवेण सहाकरोत् ॥७३॥

ଋଷ୍ୟମୂକଗିରୌ ରାମୋ ନିଃସହାୟ ପରିଭ୍ରମନ୍ ।
ସଖ୍ୟଂ ସମାନଦୁଃଖେନ ସୁଗ୍ରୀବେଣ ସହାକରୋତ୍ ॥୭୩॥

❋ ଋଷ୍ୟମୂକ ପର୍ବତରେ ରାମ ଅସହାୟଭାବେ ବୁଲୁଥିବାବେଳେ ସମଦୁଃଖୀ ସୁଗ୍ରୀବଙ୍କୁ ପାଇ ତାଙ୍କ ସହିତ ମିତ୍ରତା ସ୍ଥାପନ କଲେ ॥

विधेर्वशाल्लोकनाथो वानरेण रघूद्वहः ।
प्राप्तुकामो जनकजां सख्यं कृत्वा स्थिरोऽभवत् ॥७४॥

ବିଧେର୍ବଶାଲ୍ଲୋକନାଥୋ ବାନରେଣ ରଘୂଦ୍ଵହଃ ।
ପ୍ରାପ୍ତୁକାମୋ ଜନକଜାଂ ସଖ୍ୟଂ କୃତ୍ଵା ସ୍ଥିରୋଽଭବତ୍ ॥୭୪॥

❋ ବିଧିବଶତଃ ଲୋକନାଥ ଶ୍ରୀରାମଚନ୍ଦ୍ର ଜନକତନୟା ସୀତାଙ୍କୁ ଫେରି ପାଇବା ଆଶାରେ ସୁଗ୍ରୀବଙ୍କ ସହିତ ମିତ୍ରଭାବେ ଋଷ୍ୟମୂକ ପର୍ବତରେ କିଛିକାଳ ଅବସ୍ଥାନ କଲେ ॥

अथ सुग्रीवप्रत्ययार्थं दुन्दुभ्यस्थिप्रक्षेपः सप्ततालभेदनं च ।
पादाङ्गुष्ठेन दूरं धरणिधरगुरुं दुन्दुभेरस्थिकूटं
क्षिप्त्वासौ क्षिप्रकारी विषमविनिहितान् वल्लिवत्सप्ततालान् ।
बाणेनैकेन शब्दप्रतिहतसकलश्रोत्रगर्भान् विभिद्य
प्रत्याशां बालिनाशे प्लवगकुलपतेः प्रेषयामास रामः ॥७५॥

ଅଥ ସୁଗ୍ରୀବପ୍ରତ୍ୟୟାର୍ଥଂ ଦୁନ୍ଦୁଭ୍ୟସ୍ଥିପ୍ରକ୍ଷେପଃ ସପ୍ତତାଳଭେଦନଂ ଚ
ପାଦାଙ୍ଗୁଷ୍ଠେନ ଦୂରଂ ଧରଣୀଧରଗୁରୁଂ ଦୁନ୍ଦୁଭେରସ୍ଥିକୂଟଂ
କ୍ଷିପ୍ତ୍ଵାସୌ କ୍ଷିପ୍ରକାରୀ ବିଷମବିନିହିତାନ୍ ବଲ୍ଲିବତ୍ସପ୍ତତାଳାନ୍ ।
ବାଣୈନୈକେନ ଶବ୍ଦପ୍ରତିହତସକଳଶ୍ରୋତ୍ରଗର୍ଭାନ୍ ବିଭିଦ୍ୟ
ପ୍ରତ୍ୟାଶାଂ ବାଳିନାଶେ ପ୍ଲବଗକୁଳପତେଃ ପ୍ରେଷୟାମାସ ରାମଃ ॥୭୫॥

❋ ସୁଗ୍ରୀବଙ୍କ ମନରେ ବିଶ୍ୱାସ ସ୍ଥାପନ ପାଇଁ ଶ୍ରୀରାମ ପାଦର ଅଙ୍ଗୁଷ୍ଠରେ ପର୍ବତସଦୃଶ ଦୁନ୍ଦୁଭି ଅସ୍ଥିକୁ ବହୁ ଦୂରକୁ ନିକ୍ଷେପ କଲେ ଏବଂ ସପ୍ତ ତାଳବୃକ୍ଷକୁ ସାଧାରଣ ଲତା ପରି ଏକମାତ୍ର ବାଣରେ ଛେଦନ କଲେ । ସେତେବେଳେ ଯେଉଁ ଭୀଷଣ ଶବ୍ଦ ସୃଷ୍ଟିହେଲା ସେଥିରେ ସମସ୍ତଙ୍କ କର୍ଣ୍ଣବଧିରା ହୋଇଗଲା । ଏହି ଅଦ୍‌ଭୁତ ଦୃଶ୍ୟ ଦେଖି ଓ ଘୋର ଶବ୍ଦ ଶୁଣି ବାଳିକୁ ଶ୍ରୀରାମ ନିଶ୍ଚୟ ବିନାଶ କରିପାରିବେ ବୋଲି ସୁଗ୍ରୀବଙ୍କ ମନରେ ବିଶ୍ୱାସ ଜାତ ହେଲା ଓ ସେ ଆନନ୍ଦିତ ହେଲେ ॥

तालभेदसमये रामो बाणं प्रति-

भावोऽस्ति चेत्कुशिकनन्दनपादयोर्मे यद्यस्म्यहं द्विजतिरस्कृतिरोषहीनः ।
नान्यङ्गनासु च मनः शर सप्ततालान्भित्त्वा तदा प्रविश भूतलमप्यगाधम् ॥७६॥

ତାଲଭେଦସମୟେ ରାମୋ ବାଣଂ ପ୍ରତି-

ଭାବୋଽସ୍ତି ଚେତ୍କୁଶିକନନ୍ଦନପାଦୟୋର୍ମେ ଯଦ୍ୟସ୍ମ୍ୟହଂ ଦ୍ୱିଜତିରସ୍କୃତିରୋଷହୀନଃ ।
ନାନ୍ୟଙ୍ଗନାସୁ ଚ ମନ ଃଶରସପ୍ତତାଲାନ୍ ଭିତ୍ତ୍ୱା ତଦା ପ୍ରବିଶ ଭୂତଲମପ୍ୟଗାଧମ୍ ।।୭୬।।

❋ ସପ୍ତତାଳଭେଦ ସମୟରେ ଶ୍ରୀରାମ ବାଣ ନିକ୍ଷେପ କରିବା ପୂର୍ବରୁ ବାଣକୁ କହିଲେ - ଗୁରୁ ବିଶ୍ୱାମିତ୍ରଙ୍କ ପାଦରେ ଯଦି ମୋର ଅଚଳା ଭକ୍ତିଥିବ, ବ୍ରାହ୍ମଣମାନଙ୍କ ପ୍ରତି ମନରେ ମୋର ଯଦି ବିଦ୍ୱେଷଭାବ ନଥିବ ଓ ପରନାରୀଠାରେ ମୁଁ ଯଦି ଆସକ୍ତ ନ ଥିବି ତେବେ ତୁ ଏହି ସପ୍ତତାଳକୁ ଭେଦ କରିସାରି ଭୂତଳର ଅଗାଧ ଗର୍ଭରେ ପ୍ରବେଶ କର ॥

एकेनैव शरेण गर्भाकदलीकाण्डावखण्डक्रमात्
विद्धेपु प्रथितेन दाशरथिना तालेषु सप्तस्वपि ।
शैलाः सप्त जगन्ति सप्तमुनयः सप्तार्णवाः सप्त गा -
श्चेलुः सप्त रसातलानि भयतः संख्यानसाम्यादिव ॥७७॥

ଏକେନୈବ ଶରେଣ ଗର୍ଭକଦଳୀକାଣ୍ଡାବଖଣ୍ଡକ୍ରମାତ୍
ବିଦ୍ଧେଷୁ ପ୍ରଥିତେନ ଦାଶରଥିନା ତାଳେଷୁ ସପ୍ତସ୍ୱପି ।
ଶୈଳାଃ ସପ୍ତ ଜଗନ୍ତି ସପ୍ତମୁନୟଃ ସପ୍ତାର୍ଣ୍ଣବାଃ ସପ୍ତ ଗା-
ଶ୍ଚେଲୁଃ ସପ୍ତ ରସାତଳାନି ଭୟତଃ ସଂଖ୍ୟାନସାମ୍ୟାଦିବ ।।୭୭।।

❋ ଶ୍ରୀରାମ ଗୋଟିଏ ଶର ନିକ୍ଷେପ କରି କଦଳୀ ମଞ୍ଜ ପରି ସପ୍ତତାଳକୁ ଛେଦନ କଲାବେଳେ ଯେଉଁ ପ୍ରଚଣ୍ଡ ଶବ୍ଦ ହେଲା, ସେଥିରେ ସପ୍ତଶୈଳ, ସପ୍ତମୁନି, ସପ୍ତସାଗର, ସପ୍ତଦ୍ୱୀପ ସମାନ ସଂଖ୍ୟକ ହୋଇଥିବାରୁ କମ୍ପିତ ହେଲେ ॥

बालिः - (सक्रोधम्)

श्रुत्वा हतान् समरमूर्धनि सप्ततालान् रामेण पापहृदयेन विनापराधम् ।
कोपानलज्वलितहृत्कमलोऽथ बाली रङ्गावतारमगमद् गिरिगह्वरात्तः ॥७८॥

ବାଲିଃ(ସକ୍ରୋଧମ୍)

ଶ୍ରୁତ୍ୱା ହତାନ୍ ସମରମୂର୍ଦ୍ଧନି ସପ୍ତତାଳାନ୍ ରାମେଣ ପାପହୃଦୟେନ ବିନାପରାଧମ୍ ।
କୋପାନଳଜ୍ୱଳିତହୃତ୍ କମଳୋଽଥ ବାଲୀ ରଙ୍ଗାବତାରମଗମଦ୍ ଗିରିଗହ୍ୱରାତ୍ତଃ ।।୭୮।।

❋ ଯେତେବେଳେ ଶ୍ରୀରାମ ସପ୍ତତାଳକୁ ଅକାରଣ ଛେଦନ କଲେ ବୋଲି ବାଳି ଶୁଣିଲେ ସେତେବେଳେ କ୍ରୋଧାଗ୍ନିରେ ତାଙ୍କର ହୃଦୟ ଜଳିଉଠିଲା । କ୍ରୋଧରେ ରକ୍ତବର୍ଣ୍ଣ ହୋଇ ସେ ଗିରିଗହ୍ୱରରୁ ବହିର୍ଗତ ହେଲେ ॥

ततस्तारा- (सहर्षमात्मगतम्) अद्यावश्यं श्रीरामचन्द्र-प्रसादान्निज-वल्लभस्य
वक्ष:पीठे लुठिष्यामीति वीरसुग्रीवस्याशिषं पठति ।

ତତସ୍ତାରା- (ସହର୍ଷମାତ୍ମଗତମ୍) ଅଦ୍ୟାବଶ୍ୟଂ ଶ୍ରୀରାମଚନ୍ଦ୍ର ପ୍ରସାଦାନ୍ନିଜବଲ୍ଲଭସ୍ୟ
ବକ୍ଷଃପୀଠେ ଲୁଠିଷ୍ୟାମୀତି ବୀରସୁଗ୍ରୀବସ୍ୟାଶିଷଂ ପଠତି ।

❋ ଏହାପରେ ତାରା (ଆନନ୍ଦରେ ମନେମନେ) ଶ୍ରୀରାମଚନ୍ଦ୍ରଙ୍କ ଦୟାରୁ ଆଜି ମୁଁ ସ୍ୱାମୀଙ୍କ ହୃଦପୀଠରେ ଆନନ୍ଦରେ ଗଡ଼ିବି·ବୋଲି ଭାବି ବୀର ସୁଗ୍ରୀବଙ୍କର ମଙ୍ଗଳ କାମନା କଲେ ॥

तारा संत्यक्तहारा गिरिशिखरचरा स्रस्तधम्मिल्लभारा
शोकाब्धे प्राप्तपारार्पितमर्दनशरा वीरसुग्रीवदारा: ।
नाना नाराचधारा निजरमणरता तापिन: पापिनोऽस्य
प्राणान्शाणावतीर्णा हरतु कलिकलाशालिनो बालिनोऽद्य ।।७९।।

ତାରା ସଂତ୍ୟକ୍ତହାରା ଗିରିଶିଖରଚରା ସ୍ରସ୍ତଧମ୍ମିଲ୍ଲଭାରା
ଶୋକାବ୍ଧେ ପ୍ରାପ୍ତପାରାର୍ପିତମଦନଶରା ବୀରସୁଗ୍ରୀବଦାରାଃ ।
ନାନା ନାରାଚଧାରା ନିଜରମଣରତା ତାପିନଃ ପାପିନୋଽସ୍ୟ
ପ୍ରାଣାନ୍ ଶାଣାବତୀର୍ଣ୍ଣା ହରତୁ କଳିକଳାଶାଳିନୋ ବାଳିନୋଽଦ୍ୟ ॥୭୯॥

❋ ସୁଗ୍ରୀବପତ୍ନୀ ତାରା ଭାବୀସୁଖ କଳ୍ପନା କରି ଆନନ୍ଦରେ ଅଧୀରା ହୋଇପଡ଼ିଲେ। ତାଙ୍କ ବେକରୁ ରତ୍ନହାର ଛିଡ଼ି ପଡିଲା ଓ କେଶର ବନ୍ଧନ ଫିଟିଗଲା । ସେ ଗିରି ଶିଖରରେ ଘୂରିବୁଲିଲେ। ମଦନ ଶରରେ ତାଙ୍କର ସର୍ବାଙ୍ଗ ଘାରି ହୋଇଗଲା । ଦୁଃସମୟର ଅବସାନ ଘଟିଛି । ଶ୍ରୀରାମଙ୍କ ତୀକ୍ଷ୍ଣ ବାଣରେ ପାପିଷ୍ଠ ବାଳିର ନିଧନ ହେଉ ଓ ସମସ୍ତେ ଶାନ୍ତିରେ ରହନ୍ତୁ ॥

लक्ष्मण: प्राह-

पृथिव्यां चतुरन्तायां नास्ति बालिसमो बली ।
वचसानेन लोकानां शङ्कितव्यो महेन्द्रज: ।।८०।।

ଲକ୍ଷ୍ମଣଃ ପ୍ରାହ-

ପୃଥିବ୍ୟାଂ ଚତୁରନ୍ତାୟାଂ ନାସ୍ତି ବାଳିସମୋ ବଳୀ ।
ବଚସାନେନ ଲୋକାନାଂ ଶଙ୍କିତବ୍ୟୋ ମହେନ୍ଦ୍ରଜଃ ॥୮୦॥

❊ ଲକ୍ଷ୍ମଣ କହିଲେ - ହେ ଆର୍ଯ୍ୟ ! ଚତୁଃସାଗର ପରିବେଷ୍ଟିତା ପୃଥିବୀରେ ବାଳି ସଦୃଶ ବୀର ନାହାନ୍ତି । ତିନିଭୁବନରେ ତାଙ୍କର ନାମ ଶୁଣିବାମାତ୍ରେ ସମସ୍ତେ ଭୟଭୀତ ହୁଅନ୍ତି ॥

रामः -(सावज्ञम्) -

मा भैषीर्मयि सौमित्रे राघवेऽधिज्यधन्वनि ।
सतां देहं परित्यज्य निर्जगामासतां भयम् ।।८१।।

ରାମଃ (ସାବଜ୍ଞମ୍) -

ମା ଭୈଷୀର୍ମୟି ସୌମିତ୍ରେ ରାଘବେଽଧିଜ୍ୟଧନ୍ୱନି ।
ସତାଂ ଦେହଂ ପରିତ୍ୟଜ୍ୟ ନିର୍ଜଗାମାସତାଂ ଭୟମ୍ ।।୮୧।।

❊ ଶ୍ରୀରାମଚନ୍ଦ୍ର (ଅବଜ୍ଞାର ସହିତ) କହିଲେ ରେ ଲକ୍ଷ୍ମଣ ! ଧନୁର୍ଦ୍ଧାରୀ ରାଘବ ଥିବା ପର୍ଯ୍ୟନ୍ତ ତୁମର ଭୟ କରିବାର କୌଣସି କାରଣ ନାହିଁ ॥

बाली प्राह-

गृहाण बाणं रघुराजपुत्र सूत्रामसूनुं समरेऽवतीर्णम् ।
जानीहि मां दुन्दुभिघातिनं वां नेष्याम्यहं कालगृहातिथित्वम् ।।८२।।

ବାଲୀ ପ୍ରାହ -

ଗୃହାଣ ବାଣଂ ରଘୁରାଜପୁତ୍ର ସୂତ୍ରାମସୂନୁଂ ସମରେଽବତୀର୍ଣ୍ଣମ୍ ।
ଜାନୀହି ମାଂ ଦୁନ୍ଦୁଭିଘାତିନଂ ବାଂ ନେଷ୍ୟାମ୍ୟହଂ କାଲଗୃହାତିଥିତ୍ୱମ୍ ।।୮୨।।

❊ ବାଳି କହିଲେ- ହେ ରଘୁନନ୍ଦନ ! ଶୀଘ୍ର ଧନୁଶର ଧାରଣ କର । ଯୁଦ୍ଧରେ ଇନ୍ଦ୍ର ହେଲେ ବି ତାଙ୍କୁ ନିଧନ କରିବି । ଦୁନ୍ଦୁଭି ଅସୁରର ହତ୍ୟାକାରୀ ବୋଲି ମୋତେ ଜାଣିଥାଅ । ଆଜି ତୁମ ଦୁହିଁଙ୍କୁ ନିଶ୍ଚୟ ଯମାଳୟକୁ ପଠାଇଦେବି ॥

रामः सक्षोभं सौमित्रिं प्रति-

किं बाली वानराली बहलकलकलाहूतदेवन्द्रबज्रं
वांछत्याकृष्य योद्धुं शिव शिव तुमुलोत्कालसंचालितार्कः ।
प्रोद्यल्लाङ्गुलवल्लीशिखरकवलितं चण्डदोर्दण्डकाण्ड-
भ्रान्तामूलाग्रशैलप्रहरणनिपुणः केन योद्धव्य एषः ।।८३।।

ରାମଃ ସକ୍ଷୋଭଂ ସୌମିତ୍ରିଂ ପ୍ରତି-

କିଂ ବାଲୀ ବାନରାଲୀ ବହଲକଲକଲାହୂତଦେବେନ୍ଦ୍ରବଜ୍ରଂ
ବାଞ୍ଛତ୍ୟାକୃଷ୍ୟ ଯୋଦ୍ଧୁଂ ଶିବଶିବ ତୁମୁଲୋତ୍କାଲସଂଚାଲିତାର୍କଃ ।
ପ୍ରୋଦ୍ୟଲ୍ଲାଙ୍ଗୂଲବଲ୍ଲୀଶିଖରକବଳିତଂ ଚଣ୍ଡଦୋର୍ଦ୍ଦଣ୍ଡକାଣ୍ଡ-
ଭ୍ରାନ୍ତା ମୂଳାଗ୍ରଶୈଳପ୍ରହରଣନିପୁଣଃ କେନ ଯୋଦ୍ଧବ୍ୟ ଏଷଃ ।।୮୩।।

❊ ଶ୍ରୀରାମ କ୍ଷୁବ୍ଧ ହୋଇ କହିଲେ- ବତ୍ସ ଲକ୍ଷ୍ମଣ ! ବାଳିର ସୈନ୍ୟବଳ କି ଅସ୍ତ୍ରଶସ୍ତ୍ର ନାହିଁ । ଆମର କୋଦଣ୍ଡଧନୁର ପ୍ରଚଣ୍ଡ ଶବ୍ଦରେ ବିଭ୍ରାନ୍ତ ହୋଇ କିଳିକିଳା ରାବ କରୁଥିବା କେତେକ ବାନରଙ୍କ ସହିତ ବାଳି ଇନ୍ଦ୍ରଙ୍କଠାରୁ ବଜ୍ର ଆଣି ଓ ତାକୁ ଲାଙ୍ଗୁଳରେ ବାନ୍ଧି ଆମ ସହିତ ଯୁଦ୍ଧ କରିବାକୁ ଆସୁଛି କି ? ବୃକ୍ଷ ଓ ଶିଳାଖଣ୍ଡ ଉପାଡ଼ି ପ୍ରହାର କରିବାରେ ନିପୁଣ ବାଳି କେଡ଼େ ବେଗରେ କାହା ସହିତ ଯୁଦ୍ଧ କରିବା ପାଇଁ ଆସୁଛି । ବାଳିର ଭୀମ ରୂପ ଦେଖି ସୂର୍ଯ୍ୟ ଦେବ ବ୍ୟାକୁଳ ହେଉଛନ୍ତି । ଶିବ ଶିବ ॥

बाणं प्रति-

वेदोद्भवैर्द्विजगणेन पुराभिषिक्तो मूर्ध्ना समं त्वमपि बाणगुणेन मन्त्रैः ।

तत्तेजसा परवधूजनहारिणस्त्वं प्राणान् गृहाण समरेष्वतिदारुणस्य ॥८४॥

ବାଣଂ ପ୍ରତି-

ବେଦୋଦ୍‌ଭବୈର୍ଦ୍ୱିଜଗଣେନ ପୁରାଭିଷିକ୍ତୋ ମୂର୍ଦ୍ଧ୍ନା ସମଂ ତ୍ୱମପି ବାଣଗୁଣେନ ମନ୍ତ୍ରୈଃ ।

ତତ୍ତେଜସା ପରବଧୂଜନହାରିଣସ୍ତ୍ୱଂ ପ୍ରାଣାନ୍ ଗୃହାଣ ସମରେଷ୍ୱତିଦାରୁଣସ୍ୟ ॥୮୪॥

❊ ଶ୍ରୀରାମଚନ୍ଦ୍ର ବାଣକୁ ଲକ୍ଷ୍ୟ କରି କହିଲେ - ବ୍ରାହ୍ମଣମାନେ ବେଦୋକ୍ତ ମନ୍ତ୍ରରେ ଗୁଣ ସହିତ ପୂର୍ବେ ତୁମକୁ ଅଭିଷିକ୍ତ କରିଥିଲେ । ବର୍ତ୍ତମାନ ଯୁଦ୍ଧରେ ତୁମେ ନିଜ ତେଜୋବଳରେ ପରଦାରାହରଣକାରୀ ଦୁଷ୍ଟ ବାଳିର ପ୍ରାଣ ହରଣ କର ॥

सुग्रीवं प्रति लक्ष्मणः-

आर्य्यबाणेन भिन्नोऽयं बाली लुठति भूतले ।

त्वद्विपक्षस्य शिरसि पुष्पवृष्टिः सुरैः कृता ॥८५॥

ସୁଗ୍ରୀବଂ ପ୍ରତି ଲକ୍ଷ୍ମଣଃ-

ଆର୍ଯ୍ୟବାଣେନ ଭିନ୍ନୋଽୟଂ ବାଳୀ ଲୁଠତି ଭୂତଳେ ।

ତ୍ୱଦ୍ୱିପକ୍ଷସ୍ୟ ଶିରସି ପୁଷ୍ପବୃଷ୍ଟି ସୁରୈଃ କୃତା ॥୮୫॥

❊ ଲକ୍ଷ୍ମଣ କହିଲେ ହେ ସୁଗ୍ରୀବ ! ଆର୍ଯ୍ୟ ଶ୍ରୀରାମଙ୍କ ବାଣରେ ବିଦ୍ଧହୋଇ ବାଳି ଭୂମିରେ ପଡି ଗଡୁଛନ୍ତି । ତେଣୁ ଦେବଗଣ ତାଙ୍କ ଉପରେ ପୁଷ୍ପବୃଷ୍ଟି କରୁଛନ୍ତି ॥

बाली रामं प्रति-

सुग्रीवोऽपि क्षमः कर्तुं यत्कार्यं तव राघव ।

तदहं न क्षमः कस्मादपराधं विना हतः ॥८६॥

ବାଳି ରାମଂ ପ୍ରତି -

ସୁଗ୍ରୀବୋଽପି କ୍ଷମଃ କର୍ତ୍ତୁଂ ଯତ୍କାର୍ଯ୍ୟଂ ତବ ରାଘବ ।

ତଦହଂ ନ କ୍ଷମଃ କସ୍ମାଦପରାଧଂ ବିନା ହତଃ ॥୮୬॥

❋ ବାଳି କହିଲେ- ହେ ଶ୍ରୀରାମଃ ! ଆପଣଙ୍କର ଯେଉଁ କାର୍ଯ୍ୟ କରିବା ପାଇଁ ସୁଗ୍ରୀବ ସମର୍ଥ, ସେହି କାର୍ଯ୍ୟ କରିବା ପାଇଁ ମୁଁ କଣ ଅସମର୍ଥ ଥିଲି ? ତେବେ ବିନା ଅପରାଧରେ ଆପଣ ମୋତେ କାହିଁକି ବିନାଶ କଲେ ?

अस्मद्दोर्मूलकुलंकषविषमभुजग्रन्थिभङ्गप्रसङ्ग-
क्रोशल्लङ्केशदत्तत्रिभुवनविजयख्यातिसर्वस्वदायः ।
यः कश्चिद्विक्रमोऽयं स खलु कुलरुचिक्षत्रसाधारणत्वा-
दन्तर्मन्दायमानो विजितभृगुपतिं त्वामजित्वा दुनोति ॥८७॥

ଅସ୍ମଦ୍ଦୋର୍ମୂଳକୁଳଂକଷବିଷମଭୁଜଗ୍ରନ୍ଥିଭଙ୍ଗପ୍ରସଙ୍ଗ-
କ୍ରୋଶଲ୍ଲଙ୍କେଶଦତ୍ତତ୍ରିଭୁବନବିଜୟଖ୍ୟାତିସର୍ବସ୍ୱଦାୟଃ ।
ଯଃ କଶ୍ଚିଦ୍‌ବିକ୍ରମୋଽୟଂ ସ ଖଲୁ କୁଳରୁଚିକ୍ଷତ୍ରସାଧାରଣତ୍ୱା-
ଦନ୍ତର୍ମନ୍ଦାୟମାନୋ ବିଜିତଭୃଗୁପତିଂ ତ୍ୱାମଜିତ୍ୱା ଦୁନୋତି ॥୮୭॥

❋ ହେ ଶ୍ରୀରାମ ! ଦିନେ ସମୁଦ୍ରକୂଳରେ ନିଜର ବାହୁବଳରେ ମୁଁ ବିଂଶବାହୁ ରାବଣଙ୍କୁ ଧରିଆଣିଥିଲି । ସେହି ରାବଣଙ୍କୁ ଧରିଆଣି ଆପଣଙ୍କୁ ତ୍ରିଭୁବନବିଜୟର ଯଶ ପ୍ରଦାନ କରିଥାନ୍ତି । କ୍ଷତ୍ରିୟସାଧାରଣସୁଲଭ ବୀରତ୍ୱରେ ଆପଣ ଭୃଗୁପତି ପରଶୁରାମଙ୍କୁ ପରାଜିତ କରିଛନ୍ତି ; କିନ୍ତୁ ଆପଣଙ୍କ ଏ ବଳବୀର୍ଯ୍ୟ କିଛି ନୁହେଁ । ତେଣୁ ଆପଣଙ୍କୁ ଜୟ କରି ନ ପାରିବାରୁ ଅନୁତାପ କରୁଛି ॥

मुक्ताफलाय करिणं हरिणं पलाय सिंहं निहन्ति भुजविक्रमसूचनाय ।
का नीतिरीतिरियिती रघुवंशवीर शाखामृगे जरति यस्तव बाणमोक्षः ॥८८॥
ମୁକ୍ତାଫଳାୟ କରିଣଂ ହରିଣଂ ପଲାୟ ସିଂହଂ ନିହନ୍ତି ଭୁଜବିକ୍ରମସୂଚନାୟ ।
କା ନୀତିରୀତିରିୟତୀ ରଘୁବଂଶବୀର ଶାଖାମୃଗେ ଜରତି ଯସ୍ତବ ବାଣମୋକ୍ଷଃ ॥୮୮॥

❋ ବାଳି କହିଲା - ହେ ରଘୁବୀର ! ମୁକ୍ତାଫଳ ଲାଭକରିବା ପାଇଁ ହସ୍ତୀକୁ, ମାଂସ ଖାଇବା ପାଇଁ ହରିଣକୁ ଓ ନିଜର ବାହୁବଳ ବିଷୟରେ ସୂଚନା ଦେବା ପାଇଁ ସିଂହକୁ ହତ୍ୟା କରାଯାଏ ; କିନ୍ତୁ ମୋ' ପରି ବୃଦ୍ଧ ବାନରକୁ ହତ୍ୟା କରି ତୁମେ କି ଯଶ ଅର୍ଜନ କରିବ ? ମୋତେ ମାରି ତୁମେ କେଉଁ ନ୍ୟାୟ ଧର୍ମ ରକ୍ଷା କଲ ?

रामः -

अतिक्रान्तस्य ते धर्मं कामवृत्तस्य वानर ।
भ्रातृभार्याभिमर्षेऽस्मिन् दण्डोऽयं प्रतिपादितः ॥८९॥

ରାମଃ-

ଅତିକ୍ରାନ୍ତସ୍ୟ ତେ ଧର୍ମଂ କାମବୃତ୍ତସ୍ୟ ବାନର ।
ଭ୍ରାତୃଭାର୍ଯ୍ୟାଭିମର୍ଷେଽସ୍ମିନ୍ ଦଣ୍ଡୋଽୟଂ ପ୍ରତିପାଦିତଃ ॥୮୯॥

✽ ଶ୍ରୀରାମ କହିଲେ- ରେ ବାନର ! ତୁମେ କାମାତୁର ହୋଇ ଧର୍ମକୁ ଲଂଘନ କରିଛ । ମାତୃତୁଲ୍ୟା କନିଷ୍ଠଭ୍ରାତୃଜାୟାକୁ ହରଣ କରିଥିବାରୁ ତୁମକୁ ଏଇ ଦଣ୍ଡ ଦିଆଗଲା ॥

शुद्धिर्भविष्यसि पुरन्दरनन्दन त्वं मामेव चेदहह पातकिनं शयानम् ।
सौख्यार्थिनं निरपराधिनमाहनिष्यस्यस्मात्पुनर्जनकजाविरहोऽस्तु मा मे ॥९०॥

ଶୁଦ୍ଧିର୍ଭବିଷ୍ୟସି ପୁରନ୍ଦରନନ୍ଦନ ତ୍ୱଂ ମାମେବ ଚେଦହହ ପାତକିନଂ ଶୟାନମ୍ ।
ସୌଖ୍ୟାର୍ଥିନଂ ନିରପରାଧିନମାହନିଷ୍ୟସ୍ୟସ୍ମାତ୍ ପୁର୍ଜନକଜାବିରହୋଽସ୍ତୁ ମା ମେ ॥୯୦॥

✽ ଶ୍ରୀରାମଚନ୍ଦ୍ର କହିଲେ- ହେ ଇନ୍ଦ୍ରନନ୍ଦନ ! ତୁମେ ଯେତେବେଳେ ମୋ'ପରି ପାପୀ ନିରପରାଧକୁ ସୁଖନିଦ୍ରାରେ ଥିବାବେଳେ ହତ୍ୟା କରିବ ସେତେବେଳେ ମୋର ଚିତ୍ତ ଶୁଦ୍ଧି ହେବ । କିନ୍ତୁ ତୁମକୁ ମାରିବା ଅପରାଧରେ ମୋତେ ଜାନକୀଙ୍କ ବିରହ ସହିବାକୁ ପଡିବ ନାହିଁ ॥

न च ते मर्षये पापं क्षत्रियोऽहं कुलोद्गतः ।
तदलं परितापेन स्वर्गं गच्छ कपीश्वर ॥९१॥

ନ ଚ ତେ ମର୍ଷୟେ ପାପଂ କ୍ଷତ୍ରିୟୋଽହଂ କୁଳୋଜଗତଃ ।
ତଦଲଂ ପରିତାପେନ ସ୍ୱର୍ଗଂ ଗଚ୍ଛ କପୀଶ୍ୱର ॥୯୧॥

✽ କ୍ଷତ୍ରିୟକୁଳରେ ଜନ୍ମ ହୋଇଥିବାରୁ ମୁଁ ତୁମର ପାପ କାର୍ଯ୍ୟକୁ କ୍ଷମା କରିପାରୁ ନାହିଁ । ତେଣୁ ହେ କପୀଶ୍ୱର ! ମନରେ କୌଣସି ଦୁଶ୍ଚିନ୍ତା ପୋଷଣ ନ କରି ତୁମେ ଆନନ୍ଦରେ ସ୍ୱର୍ଗକୁ ଯାଅ ॥

सद्यो निर्भिद्य बाणैः समरभुवि तदा बालिनं रामचन्द्र
किष्किन्धाराज्यमादौ प्रचुरमथ ददौ तत्र सुग्रीवहस्ते ।
वर्षाकालं घनानां घनरसदलितोद्दामदिक्चक्रवालं
क्षेप्तुं वासं वितेने शिखरवरतटे माल्यवत्पर्वतस्य ॥९२॥

ସଦ୍ୟୋ ନିର୍ଭିଦ୍ୟ ବାଣୈଃ ସମରଭୁବି ତଦା ବାଲିନଂ ରାମଚନ୍ଦ୍ର
କିଷ୍କିନ୍ଧାରାଜ୍ୟମାଦୌ ପ୍ରଚୁରମଥ ଦଦୌ ତତ୍ର ସୁଗ୍ରୀବହସ୍ତେ ।
ବର୍ଷାକାଳଂ ଘନାନାଂ ଘନରସଦଳିତୋଦ୍ଦାମଦିକ୍ ଚକ୍ରବାଳଂ
କ୍ଷେପ୍ତୁଂ ବାସଂ ବିତେନେ ଶିଖରବରତଟେ ମାଲ୍ୟବତ୍ପର୍ବତସ୍ୟ ॥୯୨॥

✽ ଶ୍ରୀରାମଚନ୍ଦ୍ର ଯୁଦ୍ଧଭୂମିରେ ବାଳିକୁ ନିଧନ କରିସାରି କିଷ୍କିନ୍ଧାରେ ସୁଗ୍ରୀବଙ୍କୁ ରାଜା କଲେ । ଏହି ସମୟରେ ବର୍ଷାକାଳ ଆସିଗଲା । ସମସ୍ତ ଦିନ ଘନ ମେଘରେ ଆଛନ୍ନ ହେବାର ଦେଖି ସେ ମାଲ୍ୟବାନ୍ ପର୍ବତର ପାଦ ଦେଶରେ କୁଡ଼ିଆ କରି କିଛି କାଳ ବିଶ୍ରାମନେଲେ ॥

एष श्रीलहनूमता विरचिते श्रीमन्महानाटके
वीरश्रीयुतराचन्द्रचरिते प्रत्युद्धृतेऽनुक्रमैः ।
मिश्रश्रीमधुसूदनेन कविना सन्दर्भसज्जीकृते
रामाद्बालिवधाभिधोऽत्र गतवानङ्कश्चतुर्थो महान् ॥९३॥

॥ इति श्रीहनूमत्कृते महानाटके चतुर्थोऽङ्कः॥

ଏଷ ଶ୍ରୀଲହନୂମତା ବିରଚିତେ ଶ୍ରୀମନ୍‌ମହାନାଟକେ
ବୀରଶ୍ରୀଯୁତ ରାମଚନ୍ଦ୍ରଚରିତେ ପ୍ରତ୍ୟୁଦ୍ଧୃତେଽନୁକ୍ରମୈଃ ।
ମିଶ୍ରଶ୍ରୀମଧୁସୂଦନେନ କବିନା ସନ୍ଦର୍ଭ ସଜ୍ଜୀକୃତେ
ରାମାଦ୍‌ବାଲିବଧାଭିଧୋଽତ୍ର ଗତବାନଙ୍କଶ୍ଚତୁର୍ଥୋ ମହାନ୍ ॥୯୩॥

॥ ଇତି ଶ୍ରୀହନୂମତ୍‌କୃତେ ମହାନାଟକେ ଚତୁର୍ଥୋଽଙ୍କଃ ॥

❋ ଶ୍ରୀମଦ୍ ହନୂମଦ୍‌ବିରଚିତ ଓ କବି ମଧୁସୂଦନ ମିଶ୍ରଙ୍କ ଦ୍ୱାରା ସଜ୍ଜୀକୃତ ଶ୍ରୀରାମଚରିତାତ୍ମକ ମହାନାଟକର ବାଲିବଧ ଶୀର୍ଷକ ଚତୁର୍ଥ ଅଙ୍କ ସମାପ୍ତ ॥

पञ्चमोऽङ्कः

ପଞ୍ଚମୋଽଙ୍କଃ

रामाद्बलीयान्न परोऽस्ति कश्चि द्दारापहारान्न पराभिमानः ।
तथापि रामः शरदं समीक्ष्य प्रतीक्षते संप्रति कालमेतम् ॥१॥

ରାମାଦ୍ବଲୀୟାନ୍ନ ପରୋଽସ୍ତି କଶ୍ଚିଦ୍ଦାରାପହାରାନ୍ନ ପରାଭିମାନଃ ।
ତଥାପି ରାମଃ ଶରଦଂ ସମୀକ୍ଷ୍ୟ ପ୍ରତୀକ୍ଷତେ ସଂପ୍ରତି କାଳମେତମ୍ ॥୧॥

❋ ଶ୍ରୀରାମଙ୍କ ପରି ବଳବାନ୍ କେହି ନାହିଁ କି ପତ୍ନୀ ଅପହରଣଠାରୁ ବଳି ଅପମାନ ସଂସାରରେ ନାହିଁ । ତଥାପି ସେ କୌଣସିମତେ ଶରତ୍‌କାଳ ଅତିବାହିତ ହେବା ଅପେକ୍ଷାରେ ରହିଲେ ॥

वर्षासु माल्यवति विरही रामः
यत्त्वन्नेत्रसमानकान्तिसलिले मग्नं तदिन्दीवरं
मेघैरन्तरितः प्रिये तव मुखच्छायानुकारी शशी ।
येऽपि त्वद्गमानुकारिगतयस्ते राजहंसा गता -
स्तत्सादृश्यविनोदमात्रमपि मे दैवेन न क्षम्यते ॥२॥

ବର୍ଷାସୁ ମାଲ୍ୟବତି ବିରହୀ ରାମଃ -
ଯତ୍ତ୍ୱନ୍ନେତ୍ରସମାନକାନ୍ତିସଲିଲେ ମଗ୍ନଂ ତଦିନ୍ଦୀବରଂ
ମେଘୈରନ୍ତରିତଃ ପ୍ରିୟେ ତବ ମୁଖଚ୍ଛାୟାନୁକାରୀ ଶଶୀ ।
ଯେଽପି ତ୍ୱଦ୍‌ଗମନାନୁକାରିଗତୟସ୍ତେ ରାଜହଂସା ଗତା -
ସ୍ତତ୍‌ସାଦୃଶ୍ୟବିନୋଦମାତ୍ରମପି ମେ ଦୈବେନ ନ କ୍ଷମ୍ୟତେ ॥୨॥

❋ ପ୍ରିୟାବିରହୀ ଶ୍ରୀରାମ ବର୍ଷାକାଳରେ ମାଲ୍ୟବାନ୍ ପର୍ବତରେ ରହି ଭାବିବାକୁ ଲାଗିଲେ ; ହେ ସୀତେ ! ତୁମର ନେତ୍ରକମଳ ଜଳରାଶିରେ ବୁଡ଼ିଗଲା, ମୁଖ ଚନ୍ଦ୍ର ମେଘାଚ୍ଛନ୍ନ ଆକାଶରେ ଲୁଚିଗଲା ଓ ତୁମର ଗତିକୁ ଅନୁସରଣ କରୁଥିବା ରାଜହଂସମାନେ ମାନସରୋବରକୁ ଚାଲିଗଲେ । ତୁମର ସାଦୃଶ୍ୟ ଦର୍ଶନରେ ଯେଉଁ ଆନନ୍ଦ ମିଳୁଥିଲା କ୍ରୂର ବିଧାତା ସେତକ ମଧ୍ୟ ଅପହରଣ କଲା ॥

मन्दं मरुद्वहति गर्जति वारिवाहो विद्युल्लता स्फुरति कूजति नीलकण्ठः ।
एतावति व्यतिकरे रघुनन्दनस्य मूर्च्छैव केवलमभूदवलम्बनाय ॥३॥

ମନ୍ଦଂ ମରୁଦ୍‌ବହତି ଗର୍ଜତି ବାରିବାହୋ ବିଦ୍ୟୁଲ୍ଲତା ସ୍ଫୁରତି କୂଜତି ନୀଳକଣ୍ଠଃ ।
ଏତାବତି ବ୍ୟତିକରେ ରଘୁନନ୍ଦନସ୍ୟ ମୂର୍ଚ୍ଛୈବ କେବଳମଭୂଦବଲମ୍ବନାୟ ॥୩॥

❀ ପବନ ଧୀରେ ଧୀରେ ବହୁଛି, ମେଘ ଗର୍ଜନ କରୁଛି । ବିଜୁଳି ଝଟକୁଛି, ମୟୁର ଶବ୍ଦ କରୁଛି । ଏ ଅବସ୍ଥାରେ ବିରହୀ ରଘୁନନ୍ଦନଙ୍କର କେବଳ ମୂର୍ଚ୍ଛାହିଁ ଅବଲମ୍ବନ ହେଲା ॥

सीतायाः पूर्वावस्थां स्मरन् शोचति रामः

पूर्वं पुरारिधनुषो निनदेन रुष्टं रामं मुनिं रणमुखे परितो विलोक्य ।
शङ्काशशाङ्कपरितप्तमुखारविन्दां तामेव मैथिलसुतां सततं स्मरामि ।।४।।

ସୀତାୟାଃ ପୂର୍ବାବସ୍ଥାଂ ସ୍ମରନ୍ ଶୋଚତି ରାମଃ ।

ପୂର୍ବଂ ପୁରାରି ଧନୁଷୋ ନିନଦେନ ରୁଷ୍ଟଂ ରାମଂ ମୁନିଂ ରଣମୁଖେ ପରିତୋ ବିଲୋକ୍ୟ ।
ଶଙ୍କା ଶଶାଙ୍କ ପରିତପ୍ତମୁଖାରବିନ୍ଦାଂ ତାମେବ ମୈଥିଳସୁତାଂ ସତତଂ ସ୍ମରାମି ॥୪॥

❀ ପ୍ରିୟା ଜାନକୀଙ୍କର ପୂର୍ବକଥା ସ୍ମରଣ କରି ଶ୍ରୀରାମ ଚିନ୍ତା କରିବାକୁ ଲାଗିଲେ । ପୂର୍ବେ ଶିବଧନୁ ଭଗ୍ନହେବା ସମୟରେ ଯେଉଁ ପ୍ରଚଣ୍ଡ ଶବ୍ଦହେଲା ସେହି ଶବ୍ଦ ଶୁଣିବା ମାତ୍ରେ କ୍ରୋଧାନ୍ୱିତ ହୋଇ ପରଶୁରାମ ଯେତେବେଳେ ଯୁଦ୍ଧ କରିବାକୁ ଆସିଲେ ସେତେବେଳେ ଭୟଭୀତା ମୈଥିଳୀଙ୍କର ମୁଖାରବିନ୍ଦର ଚିତ୍ର ଆଜି ଆଖିଆଗରେ ଭାସି ଯାଉଛି ॥

स्निग्धश्यामलकान्तिलिप्तवियतो वेल्लद्बलाका घनाः
वाताः शीकरिणः पयोदसुहृदामानन्दकेकाः कलाः ।
कामं शत्रुसमं कठोरहृदयो रामोऽस्मि सर्वं सहे
वैदेही तु कथं सहिष्यति पुनर्हा देवि धीरा भव ।।५।।

ସ୍ନିଗ୍ଧଶ୍ୟାମଳକାନ୍ତି ଲିପ୍ତବିୟତୋ ବେଲ୍ଲଦ୍‌ବଲାକା ଘନାଃ
ବାତାଃ ଶୀକରିଣଃ ପୟୋଦସହୃଦାମାନନ୍ଦକେକାଃ କଳାଃ ।
କାମଂ ଶତ୍ରୁସମଂ କଠୋରହୃଦୟୋ ରାମୋଽସ୍ମି ସର୍ବଂ ସହେ
ବୈଦେହୀ ତୁ କଥଂ ସହିଷ୍ୟତି ପୁନର୍ହା ଦେବି ଧୀରାଭବ ॥୫॥

❀ ସ୍ନିଗ୍ଧ ଶ୍ୟାମଳ ଆକାଶରେ ବକପଙ୍‌କ୍ତି ପରି ମେଘମାଳା ଭାସି ଯାଉଛି, ଜଳକଣବାହୀ ଶୀତଳ ପବନ ବହୁଛି ଓ ମେଘର ବନ୍ଧୁ ମୟୁରମାନଙ୍କ ଆନନ୍ଦସୂଚକ କେକା ଧ୍ୱନିରେ ବନଭୂମି ମୁଖରିତ ହେଉଛି । ଏମାନେ ମୋର ଶତ୍ରୁ ତୁଲ୍ୟ ଆଚରଣ କରୁଛନ୍ତି । ତଥାପି କଠୋର ହୃଦୟ ରାମ ସବୁ ସହୁଛି ; କିନ୍ତୁ ଦେବୀ ବୈଦେହୀ ଏସବୁ କିପରି ସହ୍ୟ କରିବେ ? ହାୟ, ଦେବୀ ସୀତେ ! ଧୈର୍ଯ୍ୟ ଅବଲମ୍ବନ କର ॥

नीलेन्दीवरशङ्कया नयनयोर्बन्धूकबुद्ध्याधरे
पाणौ पद्मधिया मधूककुसुमभ्रान्त्या तथा गण्डयोः ।
लीयन्ते कवरीषु बान्धवजनव्यामोहजातस्पृहा
दुर्वारा मधुपाः कियन्ति तरुणि स्थानानि रक्षिष्यसि ।।६।

ନୀଳେନ୍ଦୀବରଶଙ୍କୟା ନୟନୟୋର୍ବନ୍ଧୂକବୁଦ୍ଧ୍ୟାଧରେ
ପାଣୌ ପଦ୍ମଧିୟା ମଧୂକକୁସୁମଭ୍ରାନ୍ତ୍ୟା ତଥା ଗଣ୍ଡୟୋଃ ।
ଲୀୟନ୍ତେ କବରୀଷୁ ବାନ୍ଧବଜନବ୍ୟାମୋହଜାତସ୍ପୃହା
ଦୁର୍ବାରା ମଧୁପାଃ କିୟନ୍ତି ତରୁଣି ସ୍ଥାନାନି ରକ୍ଷିଷ୍ୟସି ॥୬॥

❋ ନେତ୍ରଦ୍ୱୟକୁ ନୀଳପଦ୍ମ, ଅଧରକୁ ବନ୍ଧୂକ ପୁଷ୍ପ, ହସ୍ତକୁ ପଦ୍ମ, ଗଣ୍ଡଦେଶକୁ ମଧୂକ କୁସୁମ ଓ କବରୀଭାରକୁ ନିଜର ବନ୍ଧୁଜନ ବୋଲି ଭାବି ଦୁଷ୍ଟ ଭ୍ରମରମାନେ ଘେରିଯିବେ । ତରୁଣୀମାନେ ଏସବୁକୁ କିପରି ରକ୍ଷା କରିବେ ଓ ନିରାପଦରେ ରହିବେ ?

लक्ष्मणं प्रति रामः
कार्य्ये च मन्त्री करणे च दासी धर्मे च पत्नी सहने धरित्री ।
स्नेहेषु माता शयने च वेश्या रङ्गे सखी लक्ष्मण सा प्रिया मे ॥७॥

ଲକ୍ଷ୍ମଣଂ ପ୍ରତି ରାମଃ
କାର୍ଯ୍ୟେ ଚ ମନ୍ତ୍ରୀ କରଣେ ଚ ଦାସୀ ଧର୍ମେ ଚ ପତ୍ନୀ ସହନେ ଧରିତ୍ରୀ ।
ସ୍ନେହେଷୁ ମାତା ଶୟନେ ଚ ବେଶ୍ୟା ରଙ୍ଗେ ସଖୀ ଲକ୍ଷ୍ମଣ ସା ପ୍ରିୟା ମେ ॥୭॥

❋ ଶ୍ରୀରାମ କହିଲେ-ବତ୍ସ ଲକ୍ଷ୍ମଣ ! ଦେବୀ ଜାନକୀ କାର୍ଯ୍ୟ ସାଧନରେ ମନ୍ତ୍ରୀ, ଦୈନନ୍ଦିନ କୃତ୍ୟରେ ଦାସୀ, ଧର୍ମରେ ପତ୍ନୀ, ସହିବାରେ ଧରିତ୍ରୀ, ସ୍ନେହରେ ମାତା, ଶୟନରେ ବେଶ୍ୟା ଓ ରଙ୍ଗ ରହସ୍ୟରେ ସଖୀ ସଦୃଶା ଥିଲେ ॥

जीवातुः कुसुमायुधस्य भवने सीमन्तिनीनां शिरो-
रत्नं मत्कुलदेवता प्रतिनिधिर्नेत्रोत्सवः कामिनाम् ।
माद्यद्दन्तिनितान्तमन्दगमना सा मे प्रिया जानकी
सौमित्रे शतपत्रशत्रुवदना कुत्राधुना सीदति ॥८॥

ଜୀବାତୁଃ କୁସୁମାୟୁଧସ୍ୟ ଭବନେ ସୀମନ୍ତିନୀନାଂ ଶିରୋ-
ରତ୍ନଂ ମତ୍‌କୁଳଦେବତା ପ୍ରତିନିଧିର୍ନେତ୍ରୋତ୍ସବଃ କାମିନାମ୍ ।
ମାଦ୍ୟଦନ୍ତି ନିତାନ୍ତମନ୍ଦଗମନା ସା ମେ ପ୍ରିୟା ଜାନକୀ
ସୌମିତ୍ରେ ଶତପତ୍ରଶତ୍ରୁବଦନା କୁତ୍ରାଧୁନା ସୀଦତି ॥୮॥

❋ ହେ ସୌମିତ୍ରି, କନ୍ଦର୍ପ ଭବନରେ ମୋର ପ୍ରିୟତମା ଥିଲେ ଜୀବନ ସଦୃଶା । ସୀମନ୍ତିନୀ ରମଣୀମାନଙ୍କ ଶିରୋଭୂଷଣ ସଦୃଶା ଜାନକୀ ଥିଲେ କୁଳଦେବତାଙ୍କର ପ୍ରତିନିଧି । କାମବିହ୍ୱଳ ଜନର ନୟନପ୍ରତିମା ତୁଲ୍ୟା ପ୍ରିୟା ମୈଥିଳୀଙ୍କ ଗତି ମତ୍ତହସ୍ତୀର ଗତି ପରି ମନ୍ଦ ଓ ମଧୁର ଥିଲା । ସେହି ଚନ୍ଦ୍ରାନନା ସୀତା ବର୍ତ୍ତମାନ କେଉଁଠି ଦୁଃଖରେ ଅଛନ୍ତି ?

रामो नाम नृपात्मजस्तदबला सीता परासौ स्थितिं
चक्रे पञ्चवटीवने विहरतस्तामाहरद्रावण: ।
इत्येवं निजसंकथास्वपि वलं निष्कारणं शृण्वत:
सौमित्रे क्व धनुर्धनुर्धनुरिति व्यग्रा गिर: पान्तु व: ।।९।।

ରାମୋ ନାମ ନୃପାତ୍ମଜସ୍ତଦବଲା ସୀତା ପରାସୌ ସ୍ଥିତିଂ
ଚକ୍ରେ ପଞ୍ଚବଟୀବନେ ବିହରତସ୍ତାମାହରଦ୍ରାବଣଃ ।
ଇତ୍ୟେବଂ ନିଜସଂକଥାସ୍ୱପି ବଳଂ ନିଷ୍କାରଣଂ ଶୃଣ୍ୱତଃ
ସୌମିତ୍ରେ କ୍ୱ ଧନୁର୍ଧନୁର୍ଧନୁରିତି ବ୍ୟଗ୍ରା ଗିରଃ ପାନ୍ତୁ ବଃ ।।୯।।

❊ ରାଜପୁତ୍ର ରାମ ଓ ତାଙ୍କ ପତ୍ନୀ ସୀତା ପଞ୍ଚବଟୀ ବନରେ ବାସ କରୁଥିଲେ । ରାବଣ ପଞ୍ଚବଟୀରୁ ସୀତାଙ୍କୁ ଅପହରଣ କଲା । ନିଜର ଏହି କଥାସବୁ କହିବା କି ଶୁଣିବା ନିଷ୍ପ୍ରୟୋଜନ । ହେ ସୌମିତ୍ରେ ! ମୋର ଧନୁ କାହିଁ ? ଶ୍ରୀରାମଙ୍କର ଏହି ବ୍ୟଗ୍ରବାଣୀ ଆପଣମାନଙ୍କୁ ରକ୍ଷା କରୁ ।।

शिथिलशिथिलं न्यस्य स्वैरं धनु: शिखरि शिखे
नयनसलिलै: कुर्वन्मौर्वीलतामपरामिव ।
अहह विकल: श्रुत्वा श्रुत्वा घनस्तनितं मुहु:
किमपि किमपि ध्यायन्नार्यो न याति न तिष्ठति ।।१०।।

ଶିଥିଳଶିଥିଳଂ ନ୍ୟସ୍ୟ ସ୍ୱୈରଂ ଧନୁଃ ଶିଖରିଶିଖେ
ନୟନସଲିଲୈଃ କୁର୍ବନ୍‌ମୌର୍ବୀଂ ଲତାମପରାମିବ ।
ଅହହ ବିକଳଃ ଶ୍ରୁତ୍ୱା ଶ୍ରୁତ୍ୱା ଘନସ୍ତନିତଂ ମୁହୁଃ
କିମପି କିମପି ଧ୍ୟାୟନ୍ନାର୍ଯ୍ୟୋ ନ ଯାତି ନ ତିଷ୍ଠତି ।।୧୦।।

❊ ଆର୍ଯ୍ୟ ଶ୍ରୀରାମଚନ୍ଦ୍ର ପର୍ବତଶିଖରରେ ଧୀରେ ଧୀରେ ନିଜର ଧନୁଟି ରଖି ନେତ୍ରଜଳରେ ଧନୁରଗୁଣକୁ ଲତାର ରୂପ ଦେଇଥିଲେ । ମେଘର ଗମ୍ଭୀରଗର୍ଜନ ବାରମ୍ବାର ଶୁଣି ସେ ବ୍ୟାକୁଳ ହେବା ସଙ୍ଗେ ସଙ୍ଗେ ମନେ ମନେ ଭାବବିହ୍ୱଳ ହୋଇ ଚାଲିଲେ ନାହିଁ କି ସ୍ଥିର ହୋଇ ରହି ପାରିଲେ ନାହିଁ ।।

एते ते दुरतिक्रम: क्रममिलद्घूर्मोर्मिमर्मच्छिद:
कादम्वेन रजोभरेण ककुभो रुन्धन्ति झंजानिला: ।
घोरस्ताडनरूढनीरदघटा-संघट्टनीलीभवद्-
व्योमस्फोटकटाहनिर्झरपयो वेणीकणग्राहिण: ।।११।।

ଏତେ ତେ ଦୁରତିକ୍ରମଃ କ୍ରମମିଳଦ୍‌ ଘୂର୍ମୋର୍ମି ମର୍ମଚ୍ଛିଦଃ
କାଦମ୍ବେନ ରଜୋଭରେଣ କକୁଭୋ ରୁନ୍ଧନ୍ତି ଝଂଜାନିଳାଃ ।
ଘୋରସ୍ତାଡ଼ନରୂଢ଼-ନୀରଦଘଟା-ସଂଘଟ୍ଟ-ନୀଳୀଭବଦ୍‌-
ବ୍ୟୋମସ୍ଫୋଟକଟାହ ନିର୍ଝରପୟୋ ବେଣୀକଣଗ୍ରାହିଣଃ ।। ୧୧ ।।

❊ ଆକାଶରେ ଘନମେଘ ଆଚ୍ଛନ୍ନ ହେବା ସଙ୍ଗେ ସଙ୍ଗେ ମର୍ମାନ୍ତିକ ଦୁଃଖଦାୟକ ଘୂର୍ଣ୍ଣିବାତ୍ୟା ସୃଷ୍ଟିହେଲା । ପ୍ରବଳ ବେଗରେ କଦମ୍ବପୁଷ୍ପର ରେଣୁ ସମୂହ ଉଡ଼ି ଉଡ଼ି ଚତୁର୍ଦ୍ଦିଗକୁ ଅବରୁଦ୍ଧ କଲା । ପ୍ରବଳବର୍ଷା ଧାରାରେ ଆକାଶ ସ୍ୱରୂପ କଟାହ (କରେଇ) ରୁ ନୀଳ ଜଳରାଶି ବେଣୀ ସଦୃଶ ପ୍ରବାହିତ ହେଲା ।

मांसं कार्श्यादभिनवमपां विन्दवो वाष्पपाता-
त्तेजः कान्तापहरणवशाद् वायवः श्वासदैर्घ्यात् ।
इत्थं नष्टं विधुरवपुषस्तन्मयत्वाच्च शून्यं
जीवत्येवं कुलिशकठिनो रामचन्द्रः किमेतत् ॥१२॥

ମାଂସଂ କାର୍ଶ୍ୟାଦଭିନବମପାଂ ବିନ୍ଦବୋ ବାଷ୍ପପାତା-
ତେଜଃ କାନ୍ତାପହରଣ ବଶାଦ୍ ବାୟବଃ ଶ୍ୱାସଦୈର୍ଘ୍ୟାତ୍ ।
ଇତ୍ଥଂ ନଷ୍ଟଂ ବିଧୁରବପୁଷସ୍ତନ୍ମୟତ୍ୱାଚ୍ଚ ଶୂନ୍ୟଂ
ଜୀବେତ୍ୟେବଂ କୁଳିଶକଠିନୋ ରାମଚନ୍ଦ୍ରଃ କିମେତତ୍ ॥୧୨॥

❊ ଶରୀରର କ୍ଷୀଣ ହେତୁ ମାଂସ (କ୍ଷିତି), ନିରନ୍ତର ଅଶ୍ରୁପାତ ହେତୁ (ଅପ୍),ସ୍ତ୍ରୀ ଅପହରଣ ହେତୁ (ତେଜ), ଦୀର୍ଘଶ୍ୱାସ କାରଣରୁ (ବାୟୁ) ଓ ପ୍ରିୟାମୟ ଭାବନା ହେତୁ (ଆକାଶ) ବିରହୀ ରାମଚନ୍ଦ୍ରଙ୍କର ପଞ୍ଚତତ୍ତ୍ୱ ବିଶିଷ୍ଟ ଶରୀର ନଷ୍ଟ ହୋଇଯାଇଥିଲା । ତଥାପି ବଜ୍ର ସଦୃଶ କଠିନ ରାମ ଜୀବନ ଧାରଣ କରିଛନ୍ତି; ଏହାହିଁ ଆଶ୍ଚର୍ଯ୍ୟର କଥା ।।

ईदृग्भानुकुले न कोऽपि भाविता यस्याङ्गना रक्षसा-
प्याकृष्टेति परस्परं निगदतां श्रुत्वा मुनीनां मुखात् ।
सौमित्रे कुलपांशुलस्य चरितं श्रीरामभद्रस्य मे
शक्रार्द्धासनसंस्थितेन गुरुणा दुःखं परं नीयते ॥१३॥

ଇଦୃଗ୍ଭାନୁକୁଳେ ନ କୋଽପି ଭବିତା ଯସ୍ୟାଙ୍ଗନା ରକ୍ଷସା-
ପ୍ୟାକୃଷ୍ଟେତି ପରସ୍ପରଂ ନିଗଦତାଂ ଶ୍ରୁତ୍ୱା ମୁନୀନାଂ ମୁଖାତ୍ ।
ସୌମିତ୍ରେ କୁଳପାଂଶୁଳସ୍ୟ ଚରିତଂ ଶ୍ରୀରାମଭଦ୍ରସ୍ୟ ମେ
ଶକ୍ରାର୍ଦ୍ଧାସନସଂସ୍ଥିତେନ ଗୁରୁଣା ଦୁଃଖଂ ପରଂ ନୀୟତେ ॥୧୩॥

❊ ବତ୍ସ ଲକ୍ଷ୍ମଣ! ସୂର୍ଯ୍ୟବଂଶରେ ଏପରି କେହି ନ ଥିବେ ଯାହାର ପତ୍ନୀକୁ ରାକ୍ଷସ ଅପହରଣ କରିଥିବ । କେବଳ ମୁଁ ପବିତ୍ର ସୂର୍ଯ୍ୟବଂଶରେ କଳଙ୍କ ରୂପେ ଜନ୍ମ ହୋଇଛି । ମୋ'ପରି କୁଳାଙ୍ଗାରର କଥା ଲୋକେ କୁହାକୁହି ହେଉଥିବେ । ସ୍ୱର୍ଗରେ ଇନ୍ଦ୍ରଙ୍କ ଆସନର ଅର୍ଦ୍ଧାଂଶରେ ଥାଇ ପିତା ଏହା ଶୁଣି ମନେ ମନେ ଅତିଶୟ ଦୁଃଖିତ ହେବେ ॥

अतीतायां प्रावृषि श्रीरामः सीतान्वेषणे लक्ष्मणं प्रति प्राह ।

ततो राम महातेजा लक्ष्मणं समुपाह्वयन् ।
सुग्रीवं प्रेषयामास स्कन्धावारं चकार सः ॥१४॥

ଅତୀତାୟାଂ ପ୍ରାବୃଷି ଶ୍ରୀରାମଃ ସୀତାନ୍ୱେଷଣେ ଲକ୍ଷ୍ମଣଂ ପ୍ରତି ପ୍ରାହ -

ତତୋ ରାମ ମହାତେଜା ଲକ୍ଷ୍ମଣଂ ସମୁପାହ୍ୱୟନ୍ ।
ସୁଗ୍ରୀବଂ ପ୍ରେଷୟାମାସ ସ୍କନ୍ଧାବାରଂ ଚକାର ସଃ ॥୧୪॥

❋ ବର୍ଷାକାଳ ଅତିବାହିତ ହେବାପରେ ଶ୍ରୀରାମ କହିଲେ ବତ୍ସ ଲକ୍ଷ୍ମଣ ! ଜନକନନ୍ଦିନୀଙ୍କୁ ଅନ୍ୱେଷଣ କରିବା ପାଇଁ ତୁମେ ଶୀଘ୍ର ଯାଇ ସୁଗ୍ରୀବଙ୍କୁ ଡାକି ଆଣ ॥

श्रीमद्रामो वनस्थ: कपिवरनगरं लक्ष्मण: प्रेषितोऽहं
किष्किन्धाद्वारमागां रघुपतिवचनाल्लक्ष्मणस्तं जगाद ।
श्रुत्वा रामेति वाक्यं हसति कपिवरो राम नामा क्व चास्ते
कस्मात्त्वं वा समाया: सचलितमनसा विस्मितोऽसौ प्रयत्नात् ॥१५॥

ଶ୍ରୀମଦ୍‌ରାମୋ ବନସ୍ଥଃ କପିବରନଗରଂ ଲକ୍ଷ୍ମଣଃ ପ୍ରେଷିତୋଽହଂ
କିଷ୍କିନ୍ଧାଦ୍ୱାରାମାଗାଂ ରଘୁପତିବଚନାଲ୍ଲକ୍ଷ୍ମଣସ୍ତଂ ଜଗାଦ ।
ଶ୍ରୁତ୍ୱା ରାମେତି ବାକ୍ୟଂ ହସତି କପିବରୋ ରାମ ନାମା କ୍ୱ ଚାସ୍ତେ
କସ୍ମାତ୍ତ୍ୱଂ ବା ସମାୟାଃ ସଚଳିତମନସା ବିସ୍ମିତୋଽସୌ ପ୍ରଯତ୍ନାତ୍ ॥୧୫॥

❋ ଶ୍ରୀରାମଚନ୍ଦ୍ର ମାଲ୍ୟବାନ୍ ପର୍ବତରେ ରହି ଲକ୍ଷ୍ମଣଙ୍କୁ କିଷ୍କିନ୍ଧା ନଗରକୁ ପଠାଇଲେ । ଲକ୍ଷ୍ମଣ କିଷ୍କିନ୍ଧାରେ ପହଞ୍ଚି ସୁଗ୍ରୀବଙ୍କୁ ଶ୍ରୀରାମଙ୍କ ବାର୍ତ୍ତା ଜଣାଇଲେ । କପିରାଜ ସୁଗ୍ରୀବ ହସି ହସି କହିଲେ- ରାମଚନ୍ଦ୍ର କିଏ, ତାଙ୍କ ଘର କେଉଁଠି ? ତୁମେ କିଏ, ତୁମର ପରିଚୟ କଣ ? ତୁମେ କେଉଁଠୁ ଓ କାହିଁକି ଆସିଛ ? ତୁମ କଥା ଶୁଣି ମୁଁ ଆଶ୍ଚର୍ଯ୍ୟାନ୍ୱିତ ହେଉଛି ॥

लक्ष्मण: प्राह-

आज्ञाकौशिकताड़काकृतवधो यज्ञस्य रक्षाकर:
सीतार्थे हरचापभङ्गमकरोच्छिष्यो जित: शूलिन: ।
मारीच: खलु लीलयापि निहतो बाली हत: सांप्रतं
सोऽयं संप्रति राघव: कपिपते पञ्चाननो गर्जति ॥१६॥

ଲକ୍ଷ୍ମଣଃ ପ୍ରାହ-

ଆଜ୍ଞାକୌଶିକତାଡ଼କାକୃତବଧୋ ଯଜ୍ଞସ୍ୟ ରକ୍ଷାକରଃ
ସୀତାର୍ଥେ ହରଚାପଭଙ୍ଗମକରୋଚ୍ଛିଷ୍ୟୋ ଜିତଃ ଶୂଳିନଃ ।
ମାରୀଚଃ ଖଳୁ ଲୀଳୟାପି ନିହତୋ ବାଳୀହତଃ ସାଂପ୍ରତଂ
ସୋଽୟଂ ସଂପ୍ରତି ରାଘବଃ କପିପତେ ପଞ୍ଚାନନୋ ଗର୍ଜତି ॥୧୬॥

❋ ଲକ୍ଷ୍ମଣ କହିଲେ- କୌଶିକ ବିଶ୍ୱାମିତ୍ରଙ୍କ ଆଦେଶରେ ଯଜ୍ଞରକ୍ଷା ପାଇଁ ଯେ ତାଡ଼କାକୁ ବିନାଶ କରିଥିଲେ, ଶିବଧନୁ ଭାଙ୍ଗି ଯେ ସୀତାଙ୍କୁ ବିବାହ କରିଥିଲେ, ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ପଥରେ ଯେ ପରଶୁରାମଙ୍କ ଗର୍ବ ଚୂର୍ଣ୍ଣ କରିଥିଲେ, ମାୟାମୃଗ ରୂପଧାରୀ ମାରୀଚ ରାକ୍ଷସକୁ ଯେ ବଧ କରିଥିଲେ,

ତୁମରି ଆଖି ଆଗରେ ଯେ ବାଳିକୁ ହତ୍ୟା କଲେ ସେହି ବୀରଚୂଡ଼ାମଣି ସିଂହବିକ୍ରମ ଶ୍ରୀରାମଚନ୍ଦ୍ର ତୁମକୁ ଡକାଇଛନ୍ତି ॥

स्वस्ति श्रीरामपादास्त्वामादिशन्ति-

समये तिष्ठ सुग्रीव मा बाली पथमन्वगात् ।

न मे संकुचितो बाणो येन बाली हतो मया ॥१७॥

ସ୍ୱସ୍ତି ଶ୍ରୀରାମପାଦସ୍ତ୍ୱାମାଦିଶନ୍ତି-

ସମୟେ ତିଷ୍ଠ ସୁଗ୍ରୀବ ମା ବାଲୀ ପଥମନ୍ୱଗାତ୍ ।

ନ ମେ ସଂକୁଚିତୋ ବାଣୋ ଯେନ ବାଲୀ ହତୋ ମୟା ॥୧୭॥

❊ ମଙ୍ଗଳମୟ ଶ୍ରୀରାମଚନ୍ଦ୍ର ଆଦେଶ ଦେଇଛନ୍ତି - ହେ ସୁଗ୍ରୀବ ! ତୁମେ ସମୟ ପ୍ରତି ଦୃଷ୍ଟି ଦିଅ । ବାଳିର ମାର୍ଗ ଅନୁସରଣ କର ନାହିଁ । ଯେଉଁ ବାଣରେ ବାଳି ନିହତ ହୋଇଥିଲା ସେହି ଅଶାନ୍ତ ବାଣ ଏବେ ବି ମୋ ହାତରେ ଅଛି ॥

अथ समागते लक्ष्मणे सुग्रीवः सानुनयम्

यासौ प्रकृतिरस्माकं वानराणां नरेश्वर ।

तामहं त्यक्तुमिच्छामि न सा मां त्यक्तुमिच्छति ॥१८॥

ଅଥ ସମାଗତେ ଲକ୍ଷ୍ମଣେ ସୁଗ୍ରୀବଃ ସାନୁନୟମ୍-

ଯାସୌ ପ୍ରକୃତିରସ୍ମାକଂ ବାନରାଣାଂ ନରେଶ୍ୱର ।

ତାମହଂ ତ୍ୟକ୍ତୁମିଚ୍ଛାମି ନ ସା ମାଂ ତ୍ୟକ୍ତୁମିଚ୍ଛତି ॥୧୮॥

❊ ସୁଗ୍ରୀବ ବିନୟଭାବରେ କହିଲେ - ହେ ନରେଶ୍ୱର ! ଆମେ ହେଲୁ ବାନର ଜାତି । ରାଜକୀୟ ସୁଖଭୋଗରେ ମାତି ମୁଁ ସବୁକିଛି ଭୁଲି ଯାଇଛି । ମୁଁ ନାରୀମାନଙ୍କୁ ଛାଡିବା ପାଇଁ ଚାହିଁଲେ ମଧ୍ୟ ସେମାନେ ମୋତେ ଛାଡୁନାହାନ୍ତି ॥

पुनः सानुनयम् -

दग्धं दग्धं त्यजति न पुनः काञ्चनं कान्तवर्णं

छिन्नं छिन्नं त्यजति न पुनः स्वादुतामिक्षुदण्डम् ।

घृष्टं घृष्टं त्यजति न पुनश्चन्दनं चारुगन्धं

प्राणान्तेऽपि प्रकृतिविकृतिर्जायते नोत्तमानाम् ॥१९॥

ପୁନଃ ସାନୁନୟମ୍ -

ଦଗ୍ଧଂ ଦଗ୍ଧଂ ତ୍ୟଜତି ନ ପୁନଃ କାଞ୍ଚନଂ କାନ୍ତବର୍ଣ୍ଣଂ

ଛିନ୍ନଂ ଛିନ୍ନଂ ତ୍ୟଜତି ନ ପୁନଃ ସ୍ୱାଦୁତାମିକ୍ଷୁଦଣ୍ଡମ୍ ।

ଘୃଷ୍ଟଂ ଘୃଷ୍ଟଂ ତ୍ୟଜତି ନପୁନଶ୍ଚନ୍ଦନଂ ଚାରୁଗନ୍ଧଂ

ପ୍ରାଣାନ୍ତେଽପି ପ୍ରକୃତିବିକୃତିର୍ଜାୟତେ ନୋତ୍ତମାନାମ୍ ॥୧୯॥

❋ ସୁଗ୍ରୀବ ପୁନର୍ବାର ବିନୀତ ହୋଇ କହିଲେ - ସୁବର୍ଣ୍ଣକୁ ବାରମ୍ବାର ଦଗ୍ଧ କଲେ ମଧ୍ୟ ସେ ନିଜର କାନ୍ତି ତ୍ୟାଗ କରେ ନାହିଁ । ସେହିପରି ଯେତେ କ୍ଷୁଦ୍ରଖଣ୍ଡରେ ବିଭକ୍ତ କଲେ ବି ଆଖୁ ତା'ର ମଧୁରତା ତ୍ୟାଗ କରେ ନାହିଁ । ଚନ୍ଦନକୁ ଯେତେ ଘୋରିଲେ ମଧ୍ୟ ତା'ର ସୁଗନ୍ଧ ଦୂର ହୁଏ ନାହିଁ । ପ୍ରାଣ ଗଲେ ବି ସଜ୍ଜନମାନଙ୍କ ପ୍ରକୃତିରେ ବିକୃତି ଘଟେ ନାହିଁ ॥

सुग्रीवं दृष्ट्वा श्रीरामः

तातेन दत्तं भरताय राज्यं सीता हृता सम्प्रति रावणेन ।
विचिन्त्य रामो मनसाकुलेन विहाय चापं रुदितुं प्रविष्टः ॥२०॥

ସୁଗ୍ରୀବଂ ଦୃଷ୍ଟ୍ୱା ଶ୍ରୀରାମଃ

ତାତେନ ଦତ୍ତଂ ଭରତାୟ ରାଜ୍ୟଂ ସୀତା ହୃତା ସଂପ୍ରତି ରାବଣେନ ।
ବିଚିନ୍ତ୍ୟ ରାମୋ ମନସାକୁଳେନ ବିହାୟ ଚାପଂ ରୁଦିତୁଂ ପ୍ରବିଷ୍ଟଃ ॥୨୦॥

❋ ସୁଗ୍ରୀବଙ୍କୁ ଦେଖି ଶ୍ରୀରାମଚନ୍ଦ୍ର ଭାବିଲେ ପିତା ଭରତକୁ ରାଜ୍ୟ ଦେଲେ । ରାବଣ ମୋର ପତ୍ନୀ ସୀତାଙ୍କୁ ହରଣ କରିନେଲା । ଏହି କଥା ଭାବି ସେ ଧନୁଃଶର ତ୍ୟାଗ କରି କାନ୍ଦିବାକୁ ଲାଗିଲେ ॥

अत्रावसरे सुग्रीवः

एते सप्तपयोधयो दशदिशः सप्तैव गोत्राचलाः
पृथ्व्यादीनि चतुर्दशैव भुवनान्येकं नभोमण्डलम् ।
एतावत्परिमाणकल्पविषये ब्रह्माण्डभाण्डोदरे
क्वासौ यास्यति जानकी रघुपते किं कार्मुकं त्यज्यते ॥२१॥

ଅତ୍ରାବସରେ ସୁଗ୍ରୀବଃ -

ଏତେ ସପ୍ତପୟୋଧୟୋ ଦଶଦିଶଃ ସପ୍ତୈବ ଗୋତ୍ରାଚଳାଃ
ପୃଥ୍ୱ୍ୟାଦୀନି ଚତୁର୍ଦ୍ଦଶୈବ ଭୁବନାନ୍ୟେକଂ ନଭୋମଣ୍ଡଳମ୍ ।
ଏତାବତ୍ ପରିମାଣକଳ୍ପବିଷୟେ ବ୍ରହ୍ମାଣ୍ଡଭାଣ୍ଡୋଦରେ
କ୍ୱାସୌ ଯାସ୍ୟତି ଜାନକୀ ରଘୁପତେ କିଂ କାର୍ମୁକଂ ତ୍ୟଜ୍ୟତେ ॥୨୧॥

❋ ସୁଗ୍ରୀବ କହିଲେ - ପ୍ରଭୋ ! ସପ୍ତସିନ୍ଧୁ, ସପ୍ତଦ୍ୱୀପ, ସପ୍ତକୁଳାଚଳ ଓ ପୃଥିବୀ ଆଦି ଚତୁର୍ଦ୍ଦଶ ଭୁବନକୁ ଏକମାତ୍ର ଆକାଶ ଆଚ୍ଛାଦନ କରି ରହିଛି । ଏହାହିଁ ବ୍ରହ୍ମାଣ୍ଡ । ଏହା ବ୍ୟତୀତ ଅନ୍ୟ ବ୍ରହ୍ମାଣ୍ଡ ନାହିଁ । ଏହି ବ୍ରହ୍ମାଣ୍ଡରେ ହିଁ ଜାନକୀ ଅଛନ୍ତି । ତେଣୁ କାହିଁକି ଆପଣ ଧନୁଃଶର ତ୍ୟାଗ କରୁଛନ୍ତି ?

रामः -

व्यसने महति प्राप्ते स्थिरैः स्थातुं न युज्यते ।
लङ्कां निःशङ्कमालोक्य क इहागन्तुमर्हति ॥२२॥

ରାମଃ-

ବ୍ୟସନେ ମହତି ପ୍ରାପ୍ତେ ସ୍ଥିରୈଃ ସ୍ଥାତୁଂ ନ ଯୁଜ୍ୟତେ ।
ଲଙ୍କା ନିଃଶଙ୍କମାଲୋକ୍ୟ କ ଇହାଗନ୍ତୁମର୍ହତି ॥୨୨॥

❊ ଶ୍ରୀରାମ କହିଲେ- ବଡ଼ଧରଣର ବିପଦ ପଡ଼ିଲେ ସ୍ଥିର ହୋଇ ରହିବା କଷ୍ଟକର । ଲଙ୍କାକୁ କେହି ଆସିପାରିବେ ନାହିଁ ବୋଲି ଭାବି ରାବଣ ନିର୍ଭୟରେ ରହିଛି । ତେଣୁ ଅଲଂଘ୍ୟ ଲଙ୍କାପୁରକୁ ଯାଇ କିଏ ସୀତାଙ୍କ ଖବର ଆଣିବ ?

जाम्बवान् -

आञ्जनेयः समानेयो योऽसौ कपिकुलोद्भवः ।
लङ्काप्रस्थानयोग्योऽयं कार्य्यं कृत्वागमिष्यति ॥२३॥

ଜାମ୍ବବାନ୍ -

ଆଞ୍ଜନେୟଃ ସମାନେୟୋ ଯୋଽସୌ କପିକୁଳୋଦ୍ଭବଃ ।
ଲଙ୍କାପ୍ରସ୍ଥାନଯୋଗ୍ୟୋଽୟଂ କାର୍ଯ୍ୟଂ କୃତ୍ୱାଗମିଷ୍ୟତି ॥୨୩॥

❊ ଜାମ୍ବବାନ୍ କହିଲେ - କପିକୁଳରେ ଜାତ ଆଞ୍ଜନେୟ (ଅଞ୍ଜନାପୁତ୍ର) ହନୁମାନ୍ ଦେବୀ ସୀତାଙ୍କ ସମ୍ବାଦ ଆଣିପାରିବ । ଲଙ୍କାକୁ ଯିବା ପାଇଁ ସେ କେବଳ ଏକମାତ୍ର ଯୋଗ୍ୟ । ସେ ସେଠାକୁ ଯାଇ ନିଶ୍ଚୟ ଖବର ନେଇ ଆସିବ ॥

ततो हनुमान् -

अष्टाङ्गुलमयः कायः पुच्छो मे द्वादशाङ्गुलः ।
बाहू मे पश्य भो नाथ कथं रत्नाकरं तरे ॥२४॥

ତତୋ ହନୁମାନ୍ -

ଅଷ୍ଟାଙ୍ଗୁଳମୟଃ କାୟଃ ପୁଚ୍ଛୋ ମେ ଦ୍ୱାଦଶାଙ୍ଗୁଳଃ ।
ବାହୂ ମେ ପଶ୍ୟ ଭୋ ନାଥ କଥଂ ରତ୍ନାକରଂ ତରେ ॥୨୪॥

❊ ହନୁମାନ୍ କହିଲେ - ପ୍ରଭୋ ! ମୋର ଶରୀର ଆଠ ଅଙ୍ଗୁଳି ଓ ଲାଙ୍ଗୁଳ ବାର ଅଙ୍ଗୁଳି । ମୋର ହାତ ଦୁଇଟି ଅତି ଛୋଟ । ମୁଁ କିପରି ଅପାର ସାଗରକୁ ପାରି ହେବି ?

रामः-

अधुना रुद्ररूपस्त्वं भो भो पवनन्दन ।
त्वया विहीनः कः कर्त्तुं समर्थोऽस्ति महीतले ॥२५॥

ରାମଃ -

ଅଧୁନା ରୁଦ୍ରରୂପସ୍ତ୍ୱଂ ଭୋ ଭୋ ପବନନ୍ଦନ ।
ତ୍ୱୟା ବିହୀନଃ କଃ କର୍ତ୍ତୁଂ ସମର୍ଥୋଽସ୍ତି ମହୀତଳେ ॥୨୫॥

❋ ଶ୍ରୀରାମଚନ୍ଦ୍ର କହିଲେ - ହେ ପବନନନ୍ଦନ ! ବର୍ତ୍ତମାନ ତୁମେ ରୁଦ୍ରାବତାରରେ ଅବତୀର୍ଣ୍ଣ ହୋଇଛ । ତୁମେ ଅସାଧ୍ୟ ସାଧନ କରିପାରିବ । ଏ ସଂସାରରେ ତୁମ ବ୍ୟତୀତ ଆଉ କିଏ ଏପରି ଅସାଧ୍ୟ କାର୍ଯ୍ୟ କରିପାରିବ ?

रामं प्रणम्य हनुमान् -

किं प्राकारविशालतोरणवतीं लङ्कामिहैवानये
किं वा सैन्यविनाशमस्य सकलं तत्रैव सम्पादये ।
हेलोत्तोलितपर्वतोच्चशिखरैर्बध्नामि वारांनिधिं
देवाज्ञापय किं करोमि सकलं दोर्दण्डसाध्यं मम ॥२६॥

ରାମଂ ପ୍ରଣମ୍ୟ ହନୁମାନ୍-

କିଂ ପ୍ରାକାରବିଶାଳତୋରଣବତୀଂ ଲଙ୍କାମିହୈବାନୟେ
କିଂ ବା ସୈନ୍ୟବିନାଶମସ୍ୟ ସକଳଂ ତତ୍ରୈବ ସମ୍ପାଦୟେ ।
ହେଳୋତ୍ତୋଳିତପର୍ବତୋଚ୍ଚଶିଖରୈର୍ବଧ୍ନାମି ବାରାଂନିଧିଂ
ଦେବାଜ୍ଞାପୟ କିଂ କରୋମି ସକଳଂ ଦୋର୍ଦ୍ଦଣ୍ଡସାଧ୍ୟଂ ମମ ॥୨୬॥

❋ ଶ୍ରୀରାମଙ୍କୁ ପ୍ରଣାମ କରି ହନୁମାନ୍ କହିଲେ-ପ୍ରଭୋ ! କଣ କରିବି କୁହନ୍ତୁ ? ବିଶାଳ ପ୍ରାଚୀରଯୁକ୍ତ ଲଙ୍କାପୁରୀକୁ ଉପାଡ଼ି ଏଠାକୁ ନେଇ ଆସିବି କି ? ଅଥବା ରାବଣର ସମସ୍ତ ସୈନ୍ୟଙ୍କୁ ଲଙ୍କାରେ ହିଁ ବିନାଶ କରିଆସିବି ? କିମ୍ବା ପର୍ବତଗୁଡ଼ିକ ଉପାଡ଼ି ଆଣି ସମୁଦ୍ରରେ ଏକ ସେତୁ ବନ୍ଧ ନିର୍ମାଣ କରିବି ? କଣ କରିବି ଆଦେଶ ଦିଅନ୍ତୁ ॥

अपि च -

देवाज्ञां देहि राज्ञां त्वमसि कुलगुरुः शोषये किं पयोधिं
किंवा लङ्कां सलङ्काधिपतिमुपनये जानकीं मानकीर्णाम् ।
सेतुं बध्नामि मत्तः स्फुटितगिरितटीभूतभङ्गात्तरङ्गा-
दुद्भ्राम्यन्नक्रचक्रक्रममकरकुलग्राहचित्कारघोरम् ॥२७॥

ଅପିଚ-

ଦେବାଜ୍ଞାଂ ଦେହି ରାଜ୍ଞାଂ ତ୍ୱମସି କୁଳଗୁରୁଃ ଶୋଷୟେ କିଂ ପୟୋଧିଂ
କିଂବା ଲଙ୍କା ସଲଙ୍କାଧିପତିମୁପନୟେ ଜାନକୀଂ ମାନକୀର୍ଣ୍ଣାମ୍ ।
ସେତୁଂ ବଧ୍ନାମି ମତ୍ତଃ ସ୍ଫୁଟିତଗିରିତଟୀଭୂତଭଙ୍ଗାତ୍ତରଙ୍ଗା
ଦୁଦ୍‌ଭ୍ରାମ୍ୟନ୍ନକ୍ରଚକ୍ରମମକରକୁଳଗ୍ରାହଚିତ୍କାରଘୋରମ୍ ॥୨୭॥

❋ ପ୍ରଭୋ ! ଆପଣ ରାଜାମାନଙ୍କର କୁଳଗୁରୁ । ମୋତେ ଆଦେଶ ଦିଅନ୍ତୁ । ମୁଁ ସମୁଦ୍ରକୁ ଶୋଷଣ କରି ଶୁଖାଇଦେବି ନା ରାକ୍ଷସକୁଳକୁ ବିନାଶ କରି ଜାନକୀଙ୍କୁ ନେଇ ଆସିବି । ଲଙ୍କାକୁ ଧ୍ୱଂସ

କରିଦେବ କ ପବତସବୁ ଉପାଡ଼ି ନେଇ ସମୁଦ୍ରରେ ବନ୍ଧ ବାନ୍ଧିଦେବି । ଏହାଦ୍ୱାରା ସମୁଦ୍ରରେ ଯେତେ ମତ୍ସ୍ୟ ମଗର କୁମ୍ଭୀରାଦି ଜଳଚର ଅଛନ୍ତି ସମସ୍ତେ ମୃତ୍ୟୁବରଣ କରିବେ ॥

कूर्मो मूलवदालवालवदपां नाथो लतावद्दिशो
मेघाः पल्लववत्प्रसूनफलवन्नक्षत्रसूर्येन्दवः ।
स्वामिन् व्योमतरुर्मम क्रमतले श्रुत्वेति गां मारुतेः
सीतान्वेषणमादिदेश सहसा रामः सहर्षः स्वयम् ॥२८॥

କୂର୍ମୋ ମୂଳବଦାଳବାଳବଦପାଂନାଥୋ ଲତାବଦ୍ଦିଶୋ
ମେଘାଃ ପଲ୍ଲବବତ୍ପ୍ରସୂନଫଳବନ୍ନକ୍ଷତ୍ରସୂର୍ଯେନ୍ଦବଃ ।
ସ୍ୱାମିନ୍ ବ୍ୟୋମତରୁର୍ମମ-କ୍ରମତଳେ ଶ୍ରୁତ୍ୱେତି ଗାଂ ମାରୁତେଃ
ସୀତାନ୍ୱେଷଣମାଦିଦେଶ ସହସା ରାମଃ ସହର୍ଷଃ ସ୍ୱୟମ୍ ॥୨୮॥

❊ ଆକଶ ହେଲା ବୃକ୍ଷ ଓ ସିନ୍ଧୁ ହେଲା ଆଳବାଳ (ପାଣିମନ୍ଦା) ସଦୃଶ । ସେଥିରେ କୂର୍ମ ହେଲା ବୃକ୍ଷର ମୂଳ ଓ ଦିଗଗୁଡ଼ିକ ହେଲେ ଲତା ଏବଂ ମେଘ ହେଲେ ପତ୍ର । ସେହି ବୃକ୍ଷର ପବନ ହେଲେ ସୂର୍ଯ୍ୟ, ଚନ୍ଦ୍ର ଓ ନକ୍ଷତ୍ର । ସେହି ଆକାଶ ସଦୃଶ ବୃକ୍ଷ ମୋର ପାଦତଳେ ଅଛି । ହନୁମାନର କଥା ଶୁଣି ଶ୍ରୀରାମ ଆନନ୍ଦରେ ସୀତାଙ୍କୁ ଖୋଜି ଠାବ କରିବା ପାଇଁ ଆଦେଶ ଦେଲେ ॥

हनुमन्तं प्रति रामः

किमेतन्महदाश्चर्य्यं मारुते तव तेजसः ।
न वृथा हिं श्रमः कार्य्यः सीता जीवति वा न वा ॥२९॥

ହନୁମନ୍ତଂ ପ୍ରତି ରାମଃ -

କିମେତନ୍ ମହଦାଶ୍ଚର୍ଯ୍ୟଂ ମାରୁତେଃ ତବ ତେଜସଃ ।
ନ ବୃଥା ହି ଶ୍ରମଃ କାର୍ଯ୍ୟଃ ସୀତା ଜୀବତି ବା ନ ବା ॥୨୯॥

❊ ଶ୍ରୀରାମଚନ୍ଦ୍ର କହିଲେ- ହେ ପବନକୁମାର ! ତୁମର ସାମର୍ଥ୍ୟ ଆଗରେ ଏସବୁ ଆଶ୍ଚର୍ଯ୍ୟଜନକ କଥାର କିଛି ଗୁରୁତ୍ୱନାହିଁ । ବୃଥାରେ ଏତେ ପରିଶ୍ରମ ନ କରି ସୀତା ଜୀବନରେ ଅଛନ୍ତି କି ନାହିଁ ଯାଇ ଦେଖିଆସ ॥

अथातो मारुतिं दृष्ट्वा रामो हर्षमुपागतः ।
अन्वेषणाय सीताया हनुमन्तं दिदेश सः ॥३०॥

ଅଥାତୋ ମାରୁତିଂ ଦୃଷ୍ଟ୍ୱା ରାମୋ ହର୍ଷମୁପାଗତଃ ।
ଅନ୍ୱେଷଣାୟ ସୀତାୟା ହନୁମନ୍ତଂ ଦିଦେଶ ସଃ ॥୩୦॥

❊ ଏହାପରେ ମାରୁତିକି ଦେଖି ଶ୍ରୀରାମ ଆନନ୍ଦିତ ହେଲେ ଏବଂ ଯଥାଶୀଘ୍ର ସୀତାଙ୍କ ଅନ୍ୱେଷଣରେ ଯାଅ ବୋଲି ଆଦେଶ ଦେଲେ ॥

(करमुद्रां समुद्धृत्य) वीर मारुते !

मुद्रां समुद्रमुल्लंघ्य शीघ्रमाश्वास्य जानकीम् ।

विन्यस्य पुरतस्तस्या आगच्छ मयि जीवति ॥३१॥

(କରମୁଦ୍ରାଂ ସମୁଦ୍ଧୃତ୍ୟ) ବୀର ମାରୁତେ ।

ମୁଦ୍ରାଂ ସମୁଦ୍ରମୁଲ୍ଲଂଘ୍ୟ ଶୀଘ୍ରମାଶ୍ୱାସ୍ୟ ଜାନକୀମ୍ ।

ବିନ୍ୟସ୍ୟ ପୁରତସ୍ତସ୍ୟା ଆଗଚ୍ଛ ମୟି ଜୀବତି ॥୩୧॥

❊ ଶ୍ରୀରାମ ଅଙ୍ଗୁଳିରୁ ମୁଦି ବାହାର କରି ହନୁମାନଙ୍କୁ ଦେଇ କହିଲେ ହେ ବୀର ! ଏହି ମୁଦି ଧରି ତୁମେ ସମୁଦ୍ର ପାର ହୁଅ ଏବଂ ମୁଦିଟି ସୀତାଙ୍କ ଆଗରେ ରଖି ଓ ତାଙ୍କୁ ଆଶ୍ୱାସନା ଦେଇ ମୋର ଜୀବନ ଥିବା ସମୟ ମଧ୍ୟରେ ଫେରିଆସ ॥

सीतान्वेषणाय प्रस्थापितस्य हनुमतो वाक्यम्

कुत्रायोध्या क्व रामो दशरथवचनाद्दण्डकारण्यमागात्

क्वायं मारीचनामा कनकमयमृगः कुत्र सीतापहारः ।

सुग्रीवे राममैत्री क्व जनकतनयान्वेषणे प्रेषितोऽहं

योऽर्थोऽसम्भावनीयस्तमपि घटयति क्रूरकर्मा विधाता ॥३२॥

ସୀତାନ୍ୱେଷଣାୟ ପ୍ରସ୍ଥାପିତସ୍ୟ ହନୁମତୋ ବାକ୍ୟମ୍ -

କୁତ୍ରାୟୋଧ୍ୟା କ୍ୱ ରାମୋ ଦଶରଥବଚନାଦ୍ଦଣ୍ଡକାରଣ୍ୟମାଗାତ୍

କ୍ୱାୟଂ ମାରୀଚନାମା କନକମୟମୃଗଃ କୁତ୍ର ସୀତାପହାରଃ ।

ସୁଗ୍ରୀବେ ରାମମୈତ୍ରୀ କ୍ୱ ଜନକତନୟାନ୍ୱେଷଣେ ପ୍ରେଷିତୋଽହଂ

ଯୋଽର୍ଥୋଽସମ୍ଭାବନୀୟସ୍ତମପି ଘଟୟତି କ୍ରୂରକର୍ମା ବିଧାତା ॥୩୨॥

❊ ସୀତା ଅନ୍ୱେଷଣ ପାଇଁ ଯିବାକୁ ପ୍ରସ୍ତୁତ ହନୁମାନ୍ ମନେ ମନେ ଭାବିଲେ- ଅଯୋଧ୍ୟା କେଉଁଠି ଓ ଶ୍ରୀରାମ କେଉଁଠି ? ପିତୃସତ୍ୟ ପାଳନ ପାଇଁ ସେ ଦଣ୍ଡକାରଣ୍ୟକୁ ଆସିଲେ । ମାରୀଚ ଅସୁର ମାୟାମୃଗ ହେଲା ଓ ସୀତା ଅପହୃତା ହେଲେ, କେଉଁଠି ସୁଗ୍ରୀବ, ଯାହା ସହିତ ଶ୍ରୀରାମ ମିତ୍ରତା କଲେ । ପୁଣି ସେହି ଶ୍ରୀରାମ ମୋତେ ସୀତାଙ୍କ ଅନ୍ୱେଷଣ ପାଇଁ ପଠାଉଛନ୍ତି । ସାଧାରଣତଃ ଯାହା ସମ୍ଭବ ନୁହେଁ ସେହି ଅସମ୍ଭବକୁ କ୍ରୂର ବିଧାତା ସମ୍ଭବରେ ପରିଣତ କରିଥାଏ ॥

संपातेर्वचसाथ योजनशतात्पारे समुद्रे पुरी

लङ्का तत्र विदेहराजतनयेत्याकर्ण्य वायोः सुतः ।

अब्धिं स्वल्पशरीर दुस्तरतरं दृष्ट्वा तथा वर्द्धितं

व्याप्तं येन तदीयकेशरसटाटोपैर्नभोमण्डलम् ॥३३॥

ସଂପାତେର୍ବଚସାଥ ଯୋଜନଶତାତ୍ପାରେ ସମୁଦ୍ରେ ପୁରୀ

ଲଙ୍କା ତତ୍ର ବିଦେହରାଜତନୟେତ୍ୟାକର୍ଣ୍ୟ ବାୟୋଃ ସୁତଃ ।

ଅଙ୍ଗଂ ସ୍ୱଳ୍ପଶରୀରଦୁସ୍ତରତରଂ ଦୃଷ୍ଟ୍ୱା ତଥା ବର୍ଦ୍ଧିତଂ
ବ୍ୟାପ୍ତଂ ଯେନ ତଦୀୟକେଶରସଟାଟୋପୈର୍ନଭୋମଣ୍ଡଳମ୍ ।।୩୩।।

❋ ସମ୍ପାତି ମୁଖରୁ ଶହେ ଯୋଜନ ପରେ ସମୁଦ୍ର ମଧ୍ୟରେ ଥିବା ଲଙ୍କାପୁରୀରେ ଜାନକୀ ଅଛନ୍ତି ବୋଲି ଶୁଣି ପବନନନ୍ଦନ ଭାବିଲେ ମୋର ଏଇ କ୍ଷୁଦ୍ର ଶରୀରରେ ଉତ୍ତାଳ ତରଙ୍ଗରେ ତରଙ୍ଗାୟିତ ମହାନ୍ ସାଗରକୁ ପାର ହେବା ସମ୍ଭବ ନୁହେଁ । ଏହା ବିଚାର କରି ହନୂମାନ୍ ନିଜ କଳେବରକୁ ଉତ୍ତରୋତ୍ତର ବୃଦ୍ଧି କଲେ । ଦେଖୁ ଦେଖୁ ତାଙ୍କ ଶରୀର ଆକାଶ ମଣ୍ଡଳକୁ ସ୍ପର୍ଶ କଲା ।।

आरम्भं विदधे महेन्द्रशिखरादम्भोनिधेर्लंघने
वीरश्रीरघुनाथपादकमलं ध्यायन् पुनर्मारुतिः ।
मूर्ध्ना जाम्ववतोऽभिवाद्य चरणौ संश्लिष्य सेनापती -
नाश्वास्याश्रुमुखान्मुहुः प्रियतमान् प्रेष्यान् समादिश्य च ।।३४।।

ଆରମ୍ଭଂ ବିଦଧେ ମହେନ୍ଦ୍ରଶିଖରାଦମ୍ଭୋନିଧେର୍ଲଂଘନେ
ବୀର ଶ୍ରୀରଘୁନାଥପାଦକମଳଂ ଧ୍ୟାୟନ୍ ପୁନର୍ମାରୁତିଃ ।
ମୂର୍ଦ୍ଧ୍ନା ଜାମ୍ବବତୋଽଭିବାଦ୍ୟ ଚରଣୌ ସଂଶ୍ଲିଷ୍ୟ ସେନାପତୀ-
ନାଶ୍ୱାସ୍ୟାଶ୍ରୁମୁଖାନ୍ମୁହୁଃ ପ୍ରିୟତମାନ୍ ପ୍ରେଷ୍ୟାନ୍ ସମାଦିଶ୍ୟ ଚ ।।୩୪।।

❋ ବୀର ଶ୍ରୀରାମଚନ୍ଦ୍ରଙ୍କର ଚରଣ କମଳକୁ ଧ୍ୟାନକରି ପ୍ରଥମେ ଜାମ୍ବବାନଙ୍କ ପାଦ ତଳେ ପ୍ରଣାମ ଜଣାଇ, ସେନାପତିମାନଙ୍କୁ ଆଲିଙ୍ଗନ କରି ଓ ଅଶ୍ରୁଳନେତ୍ର କପି ସୈନ୍ୟଙ୍କୁ ଆଶ୍ୱାସନା ଦେଇଏବଂ ପ୍ରିୟ ବାକ୍ୟରେ ସମସ୍ତଙ୍କୁ ସନ୍ତୁଷ୍ଟ କରି ମାରୁତି ମହେନ୍ଦ୍ର ପର୍ବତ ଶିଖରରୁ ସମୁଦ୍ର ଲଂଘନ ପାଇଁ ପ୍ରସ୍ତୁତ ହେଲେ ।

अथ स विलसदम्भः स्तम्भिताक्षिप्रकाशं जलचरखरखेलत्स्फीतवाचालिताशम् ।
जलनिधिमतिवीरो लंघितुं वायुपुत्रः खगपतिरिव चण्डोड्डीनमङ्गीचकार ।।३५।।

ଅଥ ସ ବିଲସଦମ୍ଭଃସ୍ତମ୍ଭିତାକ୍ଷିପ୍ରକାଶଂ ଜଳଚରଖରଖେଳତ୍ସ୍ଫୀତ ବାଚାଳିତାଶମ୍ ।
ଜଳନିଧିମତିବୀରୋ ଲଂଘିତୁଂବାୟୁପୁତ୍ରଃ ଖଗପତିରିବ ଚଣ୍ଡୋଡ୍ଡୀନମଙ୍ଗୀଚକାର ।।୩୫।।

❋ ଏହାପରେ ନେତ୍ରପ୍ରସନ୍ନକ୍ଷମ ଉତ୍ତାଳ ଜଳକଲ୍ଲୋଳଯୁକ୍ତ, ଭୟଙ୍କର ଜଳଜନ୍ତୁ ସମାକୀର୍ଣ୍ଣ ଓ ଗମ୍ଭୀର ଗର୍ଜନରେ ଦିଙ୍ମଣ୍ଡଳକୁ ପ୍ରକମ୍ପିତ କରୁଥିବା ସାଗରକୁ ଲଂଘନ କରିବା ଉଦ୍ଦେଶ୍ୟରେ ବାୟୁପୁତ୍ର ହନୂମାନ୍ ଗରୁଡ ପରି ଆକାଶରେ ଉଡ଼ିବାକୁ ଆରମ୍ଭ କଲେ ।।

लाङ्गूलोत्तालकेतुर्नभसि पृथुगतिः स्फारसीमन्तिताभ्रः
स्फूर्जत् प्रोढोरुवेगोच्छलितजलनिधिः पृष्ठकृष्टोऽग्रसत्त्वः ।
दूरात्सिन्दूरपूरारुणमरुणरुचस्तेजसः संविभागे-
श्चक्रे दिग्वारणानां कटितटमभितः सूर्य्यविम्बावदातम् ।।३६।।

ଲାଙ୍ଗୂଳୋତ୍ତାଳକେତୁର୍ନଭସି ପୃଥୁଗତିଃ ସ୍ଫାରସୀମନ୍ତିତାଭ୍ରଃ
ସ୍ଫୂର୍ଜତ୍ ପ୍ରୌଢୋରୁବେଗୋଚ୍ଛଳିତଜଳନିଧିଃ ପୃଷ୍ଠକୃଷ୍ଟୋଽଗ୍ରସତ୍ତ୍ୱଃ ।

ଦୂରାତ୍‌ସିନ୍ଦୂରପୂରାରୁଣମରୁଣରୁଚସ୍ତେଜସଃ ସଂବିଭାଗୈ -
ଷ୍କନ୍ଦେ ଦିଗ୍‌ବାରଣାନାଂ କଟିତଟମଭିତଃ ସୂର୍ଯ୍ୟବିମ୍ବାବଦାତମ୍ ।।୩୬।।

❊ ବୀର ହନୂମାନ୍ ଆକାଶରେ ମେଘଙ୍କୁ ଦୁଇଭାଗ କରି ବାୟୁବେଗରେ ଯିବାକୁ ଲାଗିଲେ । ରଥପତାକା ପରି ତାଙ୍କର ଲାଙ୍ଗୁଡ଼ ଉଡୁଥିଲା । ତାଙ୍କର ଗତିବେଗରେ ସାଗରର ଜଳରାଶି ଉତ୍ତୋଳିତ ହେଲା । ତେଜସ୍ୱୀ ହନୂମାନ୍ ଉଡ଼ିଗଲାବେଳେ ଦୂର ଦିଗ୍‌ବଳୟରେ ପ୍ରଚଣ୍ଡରଶ୍ମି ସିନ୍ଦୂରାଭ ସୂର୍ଯ୍ୟଙ୍କ ପରି ଦେଖାଗଲେ ।।

रत्नं किरीटे तिलकं ललाटे हारे वरे नायकतामुपेत: ।
क्रमेण भानु: पवमानसूनो: प्रबोधयामास पदारविन्दम् ।।३७।।
ରତ୍ନଂ କିରୀଟେ ତିଳକଂ ଲଲାଟେ ହାରେବରେ ନାୟକତାମୁପେତଃ ।
କ୍ରମେଣ ଭାନୁଃ ପବମାନସୂନୋଃ ପ୍ରବୋଧୟାମାସ ପଦାରବିନ୍ଦମ୍ ।।୩୭।।

❊ ହନୂମାନଙ୍କ ମସ୍ତକର ରତ୍ନମୁକୁଟ, ଲଲାଟର ତିଳକ, ଗଳାରେ ଥିବା ଉଜ୍ଜ୍ୱଳ ରତ୍ନହାରକୁ ସୂର୍ଯ୍ୟଦେବ ସସ୍ନେହରେ ନିଜର ରଶ୍ମିଦ୍ୱାରା ସ୍ପର୍ଶକଲେ ।।

लाङ्गूलेन गभस्तिमान् वलयित: प्रोत: शशी मौलिना
जीमूता विधुरा: सटाभिररुणो दंष्ट्राभिरासादित: ।
उत्तीर्णोऽम्बुनिधिदृशैव विशदैर्भीमाट्टहासोर्मिभि:
लङ्केशस्य विलंघतो दिशि दिशि प्रौढप्रतापानल: ।।३८।।
ଲାଙ୍ଗୂଳେନ ଗଭସ୍ତିମାନ୍ ବଳୟିତଃ ପ୍ରୋତଃ ଶଶୀମୌଳିନା
ଜୀମୂତା ବିଧୁରାଃ ସଟାଭିରରୁଣୋ ଦଂଷ୍ଟ୍ରାଭିରାସାଦିତଃ ।
ଉତ୍ତୀର୍ଣ୍ଣୋଽମ୍ବୁନିଧିଦୃଶୈବ ବିଶଦୈର୍ଭୀମାଟ୍ଟହାସୋର୍ମିଭିଃ
ଲଙ୍କେଶସ୍ୟ ବିଲଂଘତୋ ଦିଶି ଦିଶି ପ୍ରୌଢପ୍ରତାପାନଳଃ ।।୩୮।।

❊ ହନୂମାନ୍ ଆକାଶରେ ଗଲାବେଳେ ତାଙ୍କ ଲାଙ୍ଗୁଳରେ ସୂର୍ଯ୍ୟଦେବ ଆବଦ୍ଧ ଥିଲା ପରି ମନେ ହେଲା । ସେହିପରି ଚନ୍ଦ୍ର ମସ୍ତକରେ, ଶରୀରର ରୋମାବଳୀରେ ବିକ୍ଷିପ୍ତ ମେଘସମୂହ, ଦନ୍ତରେ ଅରୁଣ, ଦୃଷ୍ଟିରେ ସାଗର, ଶୁଭ୍ରହାସ୍ୟରେ ସମୁଦ୍ରର ଫେନିଳ ତରଙ୍ଗ ପ୍ରତିଛବି ପ୍ରତିଫଳିତ ହେବା ସଙ୍ଗେ ସଙ୍ଗେ ଦଶଦିଗକୁ ବ୍ୟାପି ଯାଇଥିବା ରାବଣର ପ୍ରତାପ ରୂପକ ଅନଳକୁ କପିବର ନିର୍ବାପିତ କରିଦେବେ ବୋଲି ପ୍ରତୀୟମାନ ହେଲା ।।

कपीनां कटके घोरो जात: किलिकिलाध्वनि: ।
आञ्जनेय: किमेकाकी गच्छेद्रावणसन्निधिम् ।।३९।।
କପୀନାଂ କଟକେ ଘୋରୋ ଜାତଃ କିଳିକିଳାଧ୍ୱନିଃ ।
ଆଞ୍ଜନେୟଃ କିମେକାକୀ ଗଚ୍ଛେଦ୍‌ରାବଣସନ୍ନିଧିମ୍ ।।୩୯।।

❋ ବାନର ରାଜ୍ୟରେ ଘୋର କିଳିକିଳା ଧ୍ୱନି ସୃଷ୍ଟି ହେଲା । ସମସ୍ତେ ପରସ୍ପରକୁ କହିଲେ- ଅଞ୍ଜନାପୁତ୍ର ଏକାକୀ କଣ ସତରେ ରାବଣ ନିକଟକୁ ଯାଉଛି ?

वेलावने तालतमालमालां विलोक्यमानः सहसाञ्जनेयः ।
उल्लोलयन्वालधिबालमुच्चैः कल्लोलिनीवल्लभमुल्ललंघे ॥४०॥

ବେଲାବନେ ତାଳତମାଳମାଳାଂ ବିଲୋକ୍ୟମାନଃ ସହସାଞ୍ଜନେୟଃ ।
ଉଲ୍ଲୋଳୟନ୍ ବାଳଧିବାଳମୁଚ୍ଚୈଃ କଲ୍ଲୋଳିନୀବଲ୍ଲଭମୁଲ୍ଲଲଂଘେ ॥୪୦॥

❋ ସାଗରର ବେଳାଭୂମିରେ ଥିବା ତାଳ ଓ ତମାଳ ବନରାଜିର ଶୋଭା ଦର୍ଶନରେ ମୁଗ୍ଧହୋଇ ଅଞ୍ଜନାନନ୍ଦନ ହନୂମାନ୍ ନିଜ ଲାଙ୍ଗୁଳ ଉପରକୁ ଉଠାଇ ଆନନ୍ଦରେ କଲ୍ଲୋଳିନୀବଲ୍ଲଭ ସମୁଦ୍ରକୁ କ୍ରମଶଃ ଲଂଘନ କଲେ ॥

प्रविश्य सुरसामुखान्तरमतो विनिष्क्रम्य च
क्रमादुदितमम्बुधेस्तुहिनशैलजं मानयन् ।
निहत्य पथि रोधिकां नभसिः सिंहिकां राक्षसीं
विलंघ्य जलधिं ययौ पवनजः स लङ्कापुरीम् ॥४१॥

ପ୍ରବିଶ୍ୟ ସୁରସାମୁଖାନ୍ତରମିତୋ ବିନିଷ୍କ୍ରମ୍ୟ ଚ
କ୍ରମାଦୁଦିତମମ୍ବୁଧେସ୍ତୁହିନଶୈଳଜଂ ମାନୟନ୍ ।
ନିହତ୍ୟ ପଥି ରୋଧିକାଂ ନଭସି ସିଂହିକାଂ ରାକ୍ଷସୀଂ
ବିଲଂଘ୍ୟ ଜଳଧିଂ ଯଯୌ ପବନଜଃ ସ ଲଙ୍କାପୁରୀମ୍ ॥୪୧॥

❋ ସମୁଦ୍ର ମାର୍ଗରେ ହନୂମାନ୍ ନାଗମାତା ସୁରସାର ବିସ୍ତାରିତ ମୁଖଗହ୍ୱରରେ ପ୍ରବେଶ କଲେ । କିନ୍ତୁ ଏହା ଜାଣିବା ପରେ ସେ ସମୁଦ୍ରଗର୍ଭରୁ ଉଠିଥିବା ମୈନାକ ପର୍ବତ ପରି ବାହାରକୁ ବାହାରିଆସିଲେ । ପୁଣି ପଥ ଅବରୋଧ କରିଥିବା ସିଂହିକା ରାକ୍ଷସୀକୁ ସଂହାର କରି ହନୂମାନ୍ ସମୁଦ୍ର ପାର ହୋଇ ଲଙ୍କା ପୁରୀକୁ ଗଲେ ॥

गत्वा लङ्कां निशायां पवनसुतवरोऽन्वेषयन् जानकीं तां
गेहे गेहे प्रयत्नात् स्थलजलविपिने गुल्मवृक्षान्तराले ।
यत्रास्ते कुम्भकर्णः सुररिपुभवने चत्वरे गह्वरे वा -
गारे शक्रस्य जेतुर्न मिलति सुमुखी विस्मितोऽतो हनुमान् ॥४२॥

ଗତ୍ୱା ଲଙ୍କାଂ ନିଶାୟାଂ ପବନସୁତବରୋଽନ୍ୱେଷୟନ୍ ଜାନକୀଂ ତାଂ
ଗେହେ ଗେହେ ପ୍ରୟତ୍ନାତ୍ ସ୍ଥଳଜଳବିପିନେ ଗୁଳ୍ମବୃକ୍ଷାନ୍ତରାଳେ ।
ଯତ୍ରାସ୍ତେ କୁମ୍ଭକର୍ଣ୍ଣଃ ସୁରରିପୁଭବନେ ଚତ୍ୱରେ ଗହ୍ୱରେ ବା -
ଗାରେ ଶକ୍ରସ୍ୟ ଜେତୁର୍ନ ମିଳତି ସୁମୁଖୀ ବିସ୍ମିତୋଽତୋ ହନୂମାନ୍ ॥୪୨॥

❀ ପବନସୁତ ହନୂମାନ୍ ରାତିରେ ଲଙ୍କା ନଗରୀରେ ପ୍ରବେଶ କରି ପ୍ରତ୍ୟେକ ଗୃହ, ଉଦ୍ୟାନ ଓ ତରୁଲତାଗହଳ ସ୍ଥାନରେ ସୀତାଙ୍କୁ ଖୋଜିବାକୁ ଲାଗିଲେ । କୁମ୍ଭକର୍ଣ୍ଣ ଓ ଇନ୍ଦ୍ରଜିତର ନଗରରେ ପଶି ପ୍ରତ୍ୟେକ ଗୃହ ଓ କନ୍ଦି ବିକନ୍ଦି ଖୋଜି ସୀତାଙ୍କୁ ନ ପାଇବାରୁ ସେ ବିସ୍ମିତ ଓ ଦୁଃଖିତ ହେଲେ ॥

तीरे तीरे सरिति सरिति क्ष्माधरे क्ष्माधरे च
ग्रामे ग्रामे सरसि सरसि प्रान्तरे प्रान्तरे च ।
कुञ्जे कुञ्जे सकलविपिने कन्दरे कन्दरे च
भ्रान्ता भ्रान्ता तनुतनुरपि नेक्षिता क्वापि सीता ।।४३।।

ତୀରେ ତୀରେ ସରିତି ସରିତି କ୍ଷ୍ମାଧରେ କ୍ଷ୍ମାଧରେ ଚ
ଗ୍ରାମେ ଗ୍ରାମେ ସରସି ସରସି ପ୍ରାନ୍ତରେ ପ୍ରାନ୍ତରେ ଚ ।
କୁଞ୍ଜେ କୁଞ୍ଜେ ସକଳବିପିନେ କନ୍ଦରେ କନ୍ଦରେ ଚ
ଭ୍ରାନ୍ତା ଭ୍ରାନ୍ତା ତନୁତନୁରପି ନେକ୍ଷିତା କ୍ୱାପି ସୀତା ॥୪୩॥

❀ ବୀର ହନୂମାନ୍ ପ୍ରତ୍ୟେକ ନଦୀ ଓ ପୁଷ୍କରିଣୀତୀର, ପର୍ବତ, ଗ୍ରାମ, ପ୍ରାନ୍ତର, କାନନ, ଉଦ୍ୟାନ, ଲତାକୁଞ୍ଜ, ଗୁହା ଓ କନ୍ଦିବିକନ୍ଦିମାନ ଖୋଜି ଖୋଜି କେଉଁଠି ହେଲେ ସୀତାଙ୍କୁ ଦେଖିବାକୁ ପାଇଲେ ନାହିଁ ॥

मातृभ्रातृकलत्रबन्धुसचिव प्रख्यातपुत्रालयं
पौलस्त्यस्य मया निरूपितमपि श्रीसौधमेकैकश: ।
नानारूपरह:स्थली च चरिता सीता न दृष्टा क्वचि-
च्छङ्के सागरलंघने निपतिता लङ्केशशङ्काकुला ।।४४।।

ମାତୃଭ୍ରାତୃକଳତ୍ରବନ୍ଧୁସଚିବପ୍ରଖ୍ୟାତପୁତ୍ରାଳୟଂ
ପୌଲସ୍ତ୍ୟସ୍ୟ ମୟା ନିରୂପିତମପି ଶ୍ରୀସୌଧମେକୈକଶଃ ।
ନାନାରୂପରହଃସ୍ଥଳୀ ଚ ଚରିତା ସୀତା ନ ଦୃଷ୍ଟା କ୍ୱଚିତ୍
ଶଙ୍କେ ସାଗରଲଂଘନେ ନିପତିତା ଲଙ୍କେଶଶଙ୍କାକୁଳା ॥୪୪॥

❀ ହନୂମାନ୍ ଭାବିଲେ, ରାବଣର ସମସ୍ତ ଭାଇ, ବନ୍ଧୁ କୁଟୁମ୍ବ, ମନ୍ତ୍ରୀ ଓ ପତ୍ନୀଙ୍କ ଗୃହ ଗୋଟି ଗୋଟି କରି ଦେଖିଲି । ଯେତେଯେତେ ଗୁପ୍ତସ୍ଥଳୀ ସେସବୁରେ ମଧ୍ୟ ଅନୁସନ୍ଧାନ କଲି ; ତଥାପି ସୀତାଙ୍କୁ କେଉଁଠି ଦେଖିଲି ନାହିଁ । ତେଣୁ ରାବଣ ସମୁଦ୍ର ଲଂଘନ କଲାବେଳେ ସୀତା ସମ୍ଭବତଃ ଭୟଭୀତା ହୋଇ ସାଗରକୁ ଡେଇଁପଡ଼ି ପ୍ରାଣ ବିସର୍ଜନ କରିଛନ୍ତି ॥

संक्षिप्याथ तनुं निरीक्ष्य सकलां लङ्कां शरच्चन्द्रिका-
निर्धौताखिलसौधमण्डलमहोद्योतप्रसन्नार्णवाम् ।
दृष्ट्वाशोकवने स राक्षसवधूसंवेष्टितां जानकी-
मारुढो निभृतं स्थित: पवनज: किङ्केलिभूमिरुहम् ।।४५।।

ସଂକ୍ଷିପ୍ୟାଥ ତନୁଂ ନିରୀକ୍ଷ୍ୟ ସକଳଂ ଲଙ୍କାଂ ଶରଚ୍ଚନ୍ଦ୍ରିକା-
ନିର୍ଦ୍ଧୌତାଖିଳସୌଧମଣ୍ଡଳମହୋଦ୍ୟୋତପ୍ରସନ୍ନାର୍ଣ୍ଣବାମ୍ ।
ଦୃଷ୍ଟ୍ୱାଶୋକବନେ ସ ରାକ୍ଷସ ବଧୂସଂବେଷ୍ଟିତାଂ ଜାନକୀ-
ମାରୂଢୋ ନିଭୃତଂ ସ୍ଥିତଃ ପବନଜଃ କିଂ କେଳିଭୂମିରୁହମ୍ ।।୪୫।।

❋ ଏହାପରେ ହନୁମାନ୍ ନିଜ ଶରୀରକୁ କ୍ଷୁଦ୍ରାକାର କରି ସାଗରର ସୁନୀଳଜଳରାଶିରେ ପ୍ରତିବିମ୍ବିତ ହେଉଥିବା ଜ୍ୟୋସ୍ନାବିଧୌତ ଲଙ୍କାନଗରୀର ପ୍ରତ୍ୟେକ ସୌଧର ପ୍ରତ୍ୟେକ ଗୃହ ନିରୀକ୍ଷଣ କରିବାରେ ଲାଗିଲେ । ସେଥିରେ ବିଫଳ ହୋଇ ଦୁଃଖରେ ସେ ଅଶୋକବନରେ ଯାଇ ପହଞ୍ଚିଲେ । ସେଠାରେ ରାକ୍ଷସୀ ପରିବେଷ୍ଟିତା ସୀତାଙ୍କୁ ଦେଖି କିଂକେଳି (ଅଶୋକ)ବୃକ୍ଷର ଗହଳ ପତ୍ର ଥିବା ଡାଳରେ ଲୁଚିରହିଲେ ॥

स्वगतम् -
क्वनु कुलमकलङ्कमायताक्ष्या: क्व च रजनीचरसङ्गमापवाद: ।
अयि खलु विषम: पुराकृतानां फलति हि जन्तुषु कर्मणां विपाक: ।।४६।।

ସ୍ୱଗତମ୍-
କ୍ୱନୁ କୁଳମକଳଙ୍କମାୟତାକ୍ଷ୍ୟା କ୍ୱଚ ରଜନୀଚରସଙ୍ଗମାପବାଦଃ ।
ଅୟି ଖଳୁ ବିଷମଃ ପୁରାକୃତାନାଂ ଫଳତି ହି ଜନ୍ତୁଷୁ କର୍ମଣାଂ ବିପାକଃ ।।୪୬।।

❋ ହନୁମାନ ମନେ ମନେ ଭାବିଲେ- ହାୟ, ନିଷ୍କଳଙ୍କ ବଂଶର କୁଳବଧୂ ହୋଇ ମଧ୍ୟ ସୀତା ଆଜି ରାକ୍ଷସମାନଙ୍କଦ୍ୱାରା ବନ୍ଦୀ ହୋଇ ରହିବାର ଅପବାଦରେ ଅପମାନିତା । ବିଧାତାର କି ବିଚିତ୍ର ଲୀଳା । ହୁଏତ ଏହା ପୂର୍ବଜନ୍ମାର୍ଜିତ କର୍ମର ଫଳ କିମ୍ବା କପାଳ ଲିଖନ ହୋଇପାରେ । ଜୀବକୁ ସ୍ୱକର୍ମ ଫଳହିଁ ଭୋଗ କରିବାକୁ ହୁଏ ॥

अत्रावसरे रावणप्रेषिताया दूत्या: सीतां प्रति प्रबोधवाक्यम्-
आज्ञा शक्रशिरोमणिप्रणयिनी शक्तिस्त्रिलोकीजये
भक्तिर्भूतपतौ पिनाकिनि पदं लङ्केति दिव्या पुरी ।
संभूतिर्द्रुहिणान्वये च तदहो नेच्छावरो लभ्यते
स्याच्चेदेष न रावण: क्व नु पुन: सर्वत्र सर्वे गुणा: ।।४४।।

ଅତ୍ରାବସରେ ରାବଣପ୍ରେଷିତାୟା ଦୂତ୍ୟାଃ ସୀତାଂ ପ୍ରତି ପ୍ରବୋଧବାକ୍ୟମ୍ -
ଆଜ୍ଞାଶକ୍ରଶିରୋମଣିପ୍ରଣୟିନୀ ଶକ୍ତିସ୍ତ୍ରିଲୋକୀଜୟେ
ଭକ୍ତିର୍ଭୂତପତୌ ପିନାକିନି ପଦଂ ଲଙ୍କେତି ଦିବ୍ୟା ପୁରୀ ।
ସଂଭୂତିର୍ଦ୍ରୁହିଣାନ୍ୱୟେ ଚ ତଦହୋ ନେଚ୍ଛାବରୋ ଲଭ୍ୟତେ
ସ୍ୟାଚ୍ଚେଦେଷ ନ ରାବଣଃ କ୍ୱ ନୁ ପୁନଃ ସର୍ବତ୍ର ସର୍ବେ ଗୁଣାଃ ।।୪୭।।

❋ ଏହି ସମୟରେ ରାବଣପ୍ରେରିତା ଦୂତୀ ସୀତାଙ୍କ ଉଦ୍ଦେଶ୍ୟରେ କହିଲା- ଦେବୀ ସୀତେ ! ରାବଣ ତ୍ରିଭୁବନବିଜୟୀ ବୀର । ଇନ୍ଦ୍ରାଦି ଦେବଗଣ ତାଙ୍କରି ଆଦେଶକୁ ପାଳନ କରନ୍ତି । ଶିବଙ୍କଠାରେ ତାଙ୍କର ଅଚଳା ଭକ୍ତି ଅଛି । ଲଙ୍କା ନାମରେ ଦିବ୍ୟସୁନ୍ଦରପୁରୀ ତାଙ୍କର ଅଛି । ବ୍ରହ୍ମାଙ୍କ ଅଂଶରେ ତାଙ୍କର ଜନ୍ମ । ତୁମର ପାଣିଗ୍ରହଣ ପାଇଁ ଉଦ୍‌ଗ୍ରୀବ ରାବଣ ପରି ବର ତୁମେ ପାଇବ ନାହିଁ । ତାଙ୍କଠାରେ ସମସ୍ତ ଗୁଣ ପୂରି ରହିଛି । ତୁମର ରାଜରାଣୀ ହେବାର ଯଦି ଇଚ୍ଛା ଅଛି ତେବେ ଏ'ସୁଯୋଗ ହାତଛଡ଼ା କର ନାହିଁ ॥

अत्रान्तरे रावण: सानुनयम्

मुग्धे मैथिलि चन्द्रसुन्दरमुखि प्राणप्रदानौषधे
प्राणान् रक्ष मृगाक्षि मन्मथनदि प्राणेश्वरि त्राहि माम् ।
रामश्चुम्बति ते मुखं सुललितं वक्त्रैकमात्रेण तत्
चुम्बिष्यामि दशाननै: प्रतिदिनं मुञ्च ग्रहं मानिनि ॥४८॥

ଅତ୍ରାନ୍ତରେ ରାବଣଃ ସାନୁନୟମ୍ -

ମୁଗ୍ଧେ ମୈଥିଳି ଚନ୍ଦ୍ରସୁନ୍ଦରମୁଖି ପ୍ରାଣପ୍ରଦାନୌଷଧେ
ପ୍ରାଣାନ୍ ରକ୍ଷ ମୃଗାକ୍ଷି ମନ୍ମଥନଦି ପ୍ରାଣେଶ୍ୱରି ତ୍ରାହି ମାମ୍ ।
ରାମଶ୍ଚୁମ୍ବତି ତେ ମୁଖଂ ସୁଲଳିତଂ ବକ୍ତ୍ରୈକମାତ୍ରେଣ ତତ୍
ଚୁମ୍ବିଷ୍ୟାମି ଦଶାନନୈଃ ପ୍ରତିଦିନଂ ମୁଞ୍ଚ ଗ୍ରହଂ ମାନିନି ॥୪୮॥

❋ ଏହାପରେ ରାବଣ କହିଲା - ହେ ମୁଗ୍ଧେ ଚନ୍ଦ୍ରମୁଖୀ ମୈଥିଳି, ହେ ମୃଗନୟନି ମନ୍ମଥନଦୀ ସ୍ୱରୂପେ, ପ୍ରାଣେଶ୍ୱରି ! ମୋର ପ୍ରାଣ ରକ୍ଷା କର । ରାମ ଗୋଟିଏ ମାତ୍ର ମୁଖରେ ତୁମର ଯେଉଁ ସୁନ୍ଦର ବଦନରେ ଚୁମ୍ବନ ଦିଅନ୍ତି ମୁଁ ମୋର ଦଶମୁଖରେ ପ୍ରତିଦିନ ସେହି ମୁଖକୁ ଚୁମ୍ବନ କରିବି । ତେଣୁ ଅଭିମାନ ତ୍ୟାଗ କରି ମୋ' ପ୍ରତି ସଦୟ ହୁଅ ॥

अयि जनकतनूजे तापसेन त्वमेव
ननु किमपि कुमन्त्रज्ञानिना शिक्षितासि ।
कथममरकिरीटो दृष्टपादारविन्दे
प्रणमति मयि तस्मिन्मर्त्यकीटेऽनुराग: ॥४९॥

ଅୟି ଜନକତନୂଜେ ତାପସେନ ତ୍ୱମେବ
ନନୁ କିମପି କୁମନ୍ତ୍ରଜ୍ଞାନିନା ଶିକ୍ଷିତାସି ।
କଥମମରକିରୀଟୋ ଦୃଷ୍ଟପାଦାରବିନ୍ଦେ
ପ୍ରଣମତି ମୟି ତସ୍ମିନ୍‌ମର୍ତ୍ତ୍ୟକୀଟେଽନୁରାଗଃ ॥୪୯॥

❋ ଅୟି ଜନକତନୟେ ! ଅଜ୍ଞାନ ତପସ୍ୱୀ ରାମ ତୁମକୁ ନିଶ୍ଚିତଭାବେ କୁଶିକ୍ଷା ଦେଇଛି । ନୋହିଲେ ଦେବଗଣ ନିଜର ମୁକୁଟ ଶୋଭିତ ମସ୍ତକକୁ ଅବନତ କରି ଯାହାର ପଦାରବିନ୍ଦରେ ପ୍ରଣାମ

କରୁଛନ୍ତି ସେହି ରାବଣ ମୁଁ ତୁମ ଆଗରେ ଉପସ୍ଥିତ । ତୁମେ ମୋତେ ପ୍ରତ୍ୟାଖ୍ୟାନ କରି ମାଟିର କୀଟସଦୃଶ ରାମଠାରେ କିପରି ଅନୁରାଗିଣୀ ହୋଇଛ ?

सीते त्वं ननु कम्पिता मम भयेनाद्येन चान्तेन चेद्
रामं द्रक्ष्यसि नष्टरूपमचिराद्राकारपूर्वं वद ।
मानेनैव तनुक्षयं मम गती सत्यं वचो व्यधिना
श्रुत्वा रावणसीतयोरिति वचो हास्यं हनूमान् ययौ ।।५०।।

ସୀତେ ତ୍ୱଂ ନନୁ କମ୍ପିତା ମମ ଭୟେନାଦ୍ୟେନ ଚାନ୍ତେନ ଚେଦ୍
ରାମଂ ଦ୍ରକ୍ଷ୍ୟସି ନଷ୍ଟରୂପମଚିରାଦ୍ରାକାରପୂର୍ବଂ ବଦ ।
ମାନେନୈବ ତନୁକ୍ଷୟଂ ମମ ଗତୀ ସତ୍ୟଂ ବଚୋ ବ୍ୟାଧିନା
ଶ୍ରୁତ୍ୱା ରାବଣସୀତୟୋରିତି ବଚୋ ହାସ୍ୟଂ ହନୂମାନ୍ ଯଯୌ ।।୫୦।।

❋ ରାବଣ କହିଲା, ହେ ସୀତେ, ମୋ ଭୟରେ ତୁମେ ଥରୁଛ । ତୁମେ ଅତିଶୀଘ୍ର ନଷ୍ଟରୂପ ରାମଙ୍କୁ ଦେଖିବା ପାଇଁ ଚାହୁଁଛ କି କୁହ । ସୀତା କହିଲେ ଅଭିମାନ ହେତୁ ଓ ତୋର କଟୂବାକ୍ୟ ଶୁଣି ଶୁଣି ମୋର ଶରୀର କ୍ଷୀଣ ହେଉଛି । ସୀତା ଓ ରାବଣର ଏହି କଥା ଶୁଣି ଗୁପ୍ତରେ ଥିବା ହନୂମାନ ହସିଦେଲେ ।

सीते त्वं परिमुञ्च मानमधुना राजादरो गृह्यतां
पश्य त्वं कनकोज्वलां सुनगरीं लङ्केश्वरं जीवय ।
एकं नाम शतैकराजमहिर्षी त्यक्त्वा च मन्दोदरीं
सेवार्थं विनियोज्यते च सकलं लङ्काधिपो ज्ञायताम् ।।५१।।

ସୀତେ ତ୍ୱଂ ପରିମୁଞ୍ଚ ମାନମଧୁନା ରାଜାଦରୋ ଗୃହ୍ୟତାଂ
ପଶ୍ୟ ତ୍ୱଂ କନକୋଜ୍ୱଳାଂ ସୁନଗରୀଂ ଲଙ୍କେଶ୍ୱରଂ ଜୀବୟ ।
ଏକଂ ନାମ ଶତୈକରାଜମହିଷୀଂ ତ୍ୟକ୍ତ୍ୱା ଚ ମନ୍ଦୋଦରୀ
ସେବାର୍ଥଂ ବିନିୟୋଜ୍ୟତେ ଚ ସକଳଂ ଲଙ୍କାଧିପୋ ଜ୍ଞାୟତାମ୍ ।।୫୧।।

❋ ହେ ସୀତେ ! ତୁମେ ଏବେ ଅଭିମାନ ତ୍ୟାଗ କରି ରାଜକୀୟ ସମାଦର ସ୍ୱୀକାର କର । ଏଇ ସ୍ୱର୍ଣ୍ଣଲଙ୍କା ପ୍ରତି ଦୃଷ୍ଟି ଦିଅ । ମୋର ଶହେ ରାଣୀ ଅଛନ୍ତି । କେବଳ ରାଣୀ ମନ୍ଦୋଦରୀଙ୍କୁ ଛାଡ଼ି ଅନ୍ୟମାନଙ୍କୁ ଲଙ୍କାଧିପତି ରାବଣ ନିଜର ସେବା କାର୍ଯ୍ୟରେ ନିୟୋଜିତ କରିଛନ୍ତି ବୋଲି ଜାଣିଥାଅ ॥

सीते पश्य शिरांसि यानि शिरसाधत्ते महेशः पुरा
तानि त्वत्पदसंस्थितानि सुभगे कस्मादवज्ञायते ।
श्रुत्वैतत्परदारलम्पटवचः सीताह तं रावणं
निर्माल्यानि शिरांसि मूढ तव धिक् सीतावचः पातु वः ।।५२।।

ସୀତେ ପଶ୍ୟ ଶିରାଂସି ଯାନି ଶିରାସାଧତ୍ତେ ମହେଶଃ ପୁରା
ତାନି ତ୍ୱତ୍ପଦସଂସ୍ଥିତାନି ସୁଭଗେ କସ୍ମାଦବଜ୍ଞାୟତେ ।
ଶ୍ରୁତ୍ୱୈତତ୍ପରଦାରଲମ୍ପଟବଚଃ ସୀତାହ ତଂ ରାବଣ
ନିର୍ମାଲ୍ୟାନି ଶିରାଂସି ମୂଢ ତବ ଧିକ୍ ସୀତାବଚଃ ପାତୁ ବଃ ।।୫୨।।

❊ ହେ ସୀତେ ! ପୂର୍ବେ ମହେଶ୍ୱର ବହନ କରିଥିବା ମୋର ଏଇ ଦଶଶିରକୁ ଦେଖ । ତୁମ ପାଦତଳେ ସେଗୁଡିକୁ ନ୍ୟସ୍ତ କରୁଛି । ତୁମେ ମୋତେ ଅବଜ୍ଞା କରନାହିଁ । ପରଦାରା ପ୍ରତି ଆକୃଷ୍ଟ ଲମ୍ପଟ ରାବଣର ବାକ୍ୟ ଶୁଣି ସୀତା କହିଲେ ରେ ରାବଣ ! ତୋର ମୁଣ୍ଡକୁ ଧିକ୍ ଓ ଧିକ୍ ତୋର ପୌରୁଷକୁ । ଦେବୀ ସୀତାଙ୍କର ଏହି ବାକ୍ୟ ଆପଣମାନଙ୍କର ମଙ୍ଗଳ ବିଧାନ କରୁ ।।

कारौकसि त्वमुषितश्चिरमेव यस्य निर्वासितो युधि स येन सहस्रबाहुः ।
रामस्य तस्य बलिनोऽखिलशास्त्रवेदमध्यापितस्य विजयीमम जीवनाथः।।५३।।
କାରୌକସି ତ୍ୱମୁଷିତଶ୍ଚିରମେବ ଯସ୍ୟ ନିର୍ବାସିତୋ ଯୁଧି ସ ଯେନ ସହସ୍ରବାହୁଃ ।
ରାମସ୍ୟ ତସ୍ୟ ବଳିନୋଽଖିଳଶାସ୍ତ୍ରବେଦମଧାପିତସ୍ୟ ବିଜୟୀ ମମ ଜୀବନାଥଃ ।।୫୩।।

❊ ଯେଉଁ ବୀର ତୋତେ ଦୀର୍ଘକାଳ କାରାଗାରରେ ବନ୍ଦୀ କରି ରଖିଥିଲା ଏବଂ ତାକୁ ଯୁଦ୍ଧରେ ଜୟ କରିଥିବା ସହସ୍ରାର୍ଜୁନକୁ ଯେ ପରାଜିତ କରିଥିଲେ ସେହି ବୀର ପରଶୁରାମ ଶ୍ରୀରାମଙ୍କଠାରୁ ପରାଜୟ ବରଣ କରିଛନ୍ତି । ସର୍ବବିଦ୍ୟାନିପୁଣ ସେହି ବୀର ଶ୍ରୀରାମଚନ୍ଦ୍ର ମୋର ପ୍ରାଣନାଥ । ତିନିଭୁବନରେ ସେ ହିଁ ଶ୍ରେଷ୍ଠ ବୀର ।।

अपतदथ दशास्यो जानकीपादपद्मे
करधृतपदयुग्मस्तां पुनर्वाक्यमूचे ।
सुरपतिरपि पादे मेऽपतद्भीतियोगा
न्न पतति मयि तुष्टिर्ब्रूहि किं वा करोमि ।।५४।।
ଅପତଦଥ ଦଶାସ୍ୟୋ ଜାନକୀପାଦପଦ୍ମେ
କରଧୃତପଦଯୁଗ୍ମସ୍ତାଂ ପୁନର୍ବାକ୍ୟମୂଚେ ।
ସୁରପତିରପି ପାଦେ ମେଽପତଦ୍ଭୀତିଯୋଗା
ନ୍ନ ପତତି ମୟି ତୁଷ୍ଟିର୍ବ୍ରୂହି କିଂ ବା କରୋମି ।।୫୪।।

❊ ରାବଣ ଜାନକୀଙ୍କ ପାଦତଳେ ପଡ଼ି ଓ ଦୁଇ ପାଦପଦ୍ମକୁ ହାତରେ ଧରି ପୁଣି କହିଲା - ଭୟଭୀତ ହୋଇ ଦେବରାଜ ଇନ୍ଦ୍ର ମୋ' ପାଦତଳେ ପଡ଼ନ୍ତି । ମୁଁ ତୁମର ପାଦତଳେ ପଡ଼ି ନିବେଦନ କରୁଛି । ତଥାପି ତୁମେ ମୋ' ପ୍ରତି ପ୍ରସନ୍ନ ହେଉନାହଁ ! ତେବେ କୁହ, ମୁଁ ଆଉ କ'ଣ କଲେ ତୁମେ ସନ୍ତୁଷ୍ଟ ହେବ ?

इत्थं निशम्य मधुरं नृपमाह वाक्यं नम्रानना सपदि कोपवती च सीता ।
श्रीरामबाणहतरावणमस्तकेषु गृध्राः पदं दधति चेन्मम तुष्टियोगः ।।५५।।

ଇତ୍ଥଂ ନିଶମ୍ୟ ମଧୁରଂ ନୃପମାହବାକ୍ୟଂନମ୍ରାନନା ସପଦି କୋପବତୀ ଚ ସୀତା ।
ଶ୍ରୀରାମବାଣହତରାବଣମସ୍ତକେଷୁ ଗୃଧ୍ରାଃ ପଦଂ ଦଧତି ଚେନ୍ମମ ତୁଷ୍ଟିଯୋଗଃ ॥୫୫॥

❋ ରାବଣର ବିନୟ ବଚନ ଶୁଣି କୋପବତୀ ସୀତା କହିଲେ ଯେଉଁ ଦିନ ଶ୍ରୀରାମଙ୍କ ବାଣରେ ଛିନ୍ନ ତୋର ମସ୍ତକ ଉପରେ ଗୃଧ୍ରପକ୍ଷୀ ଗୁଡ଼ିକ ବସିବେ ସେହିଦିନ ମୁଁ ସନ୍ତୁଷ୍ଟ ହେବି ॥

यदन्तरं वायसवैनतेययोर्यदन्तरं सिंहशृगालयोर्वने ।
खद्योतमार्त्तण्डकयोर्यदन्तरं तदन्तरं ते रघुनन्दनस्य च ।।५६।।
ଯଦନ୍ତରଂ ବାୟସବୈନତେୟୟୋର୍ଯଦନ୍ତରଂ ସିଂହଶୃଗାଳୟୋର୍ବନେ ।
ଖଦ୍ୟୋତମାର୍ତ୍ତଣ୍ଡକୟୋର୍ଯଦନ୍ତରଂ ତଦନ୍ତରଂ ତେ ରଘୁନନ୍ଦନସ୍ୟ ଚ ॥୫୬॥

❋ ଗରୁଡ଼ ଓ କାକ, ବନରେ ଥିବା ସିଂହ ଓ ଶୃଗାଳ ଏବଂ ଖଦ୍ୟୋତ (ଜୁଳୁଜୁଳିଆ ପୋକ) ଓ ସୂର୍ଯ୍ୟଙ୍କ ମଧ୍ୟରେ ଯେଉଁ ପାର୍ଥକ୍ୟ ଅଛି ଶ୍ରୀରାମଚନ୍ଦ୍ର ଓ ତୋ' ମଧ୍ୟରେ ସେହି ପାର୍ଥକ୍ୟ ଅଛି ॥

सीताप्रतिक्षिप्ते रावणे सीतात्रिजटयोरुक्तिप्रत्युक्ती
पृच्छामि त्रिजटे सुखेन भवतीं कस्मादयं रावणो
नीतिज्ञो नृपशेखरो हरति मामन्याङ्गनां काननात् ।
सीते मन्मथपुष्पसायकहते का नाम नीतेः कथा
यावत्कामशराहतो न पुरुषस्तावद् विशिष्टायते ।।५७।।
ସୀତାପ୍ରତିକ୍ଷିପ୍ତେ ରାବଣେ ସୀତାତ୍ରିଜଟୟୋରୁକ୍ତିପ୍ରତ୍ୟୁକ୍ତୀ-
ପୃଚ୍ଛାମି ତ୍ରିଜଟେ ସୁଖେନ ଭବତୀଂ କସ୍ମାଦୟଂ ରାବଣୋ
ନୀତିଜ୍ଞୋ ନୃପଶେଖରୋ ହରତି ମାମନ୍ୟାଙ୍ଗନାଂ କାନନାତ୍ ।
ସୀତେ ମନ୍ମଥପୁଷ୍ପସାୟକହତେ କା ନାମ ନୀତେଃ କଥା
ଯାବତ୍‌କାମ ଶରାହତୋ ନ ପୁରୁଷସ୍ତାବଦ୍ ବିଶିଷ୍ଟାୟତେ ॥୫୭॥

❋ ରାବଣ ଏପ୍ରକାର କଠୋର ବାକ୍ୟ ଶୁଣି ଫେରିଯିବା ପରେ ସୀତା ଯାଇ ତ୍ରିଜଟାକୁ କହିଲେ- ରାଜାମାନଙ୍କ ମଧ୍ୟରେ ଶ୍ରେଷ୍ଠ ଓ ନୀତିଜ୍ଞ ବୋଲି ଅଭିହିତ ରାବଣ ଅନ୍ୟର ନାରୀ ବୋଲି ଜାଣି ମୋତେ ବନରୁ କାହିଁକି ଅପହରଣ କରି ଆଣିଲା ? ତ୍ରିଜଟା କହିଲା କାମାର୍ତ୍ତ ପୁରୁଷଠାରେ ନୀତିକଥାର କୌଣସି ମୂଲ୍ୟ ନାହିଁ । ପୁରୁଷ କାମଶରରେ ଆହତ ନ ହେବା ପର୍ଯ୍ୟନ୍ତ ନୀତିବାଦୀ ଓ ଆତ୍ମମର୍ଯ୍ୟାଦାସମ୍ପନ୍ନ ହୋଇ ରହିଥାଏ ॥

पुनरपि त्रिजटा-
वज्रं जीर्यति वज्रिणोऽपि चं हरेश्चक्रं च वक्रं तथा
दण्डः खण्डशतं यमस्य दलितः पाशो भवेत्पाशिनः ।

लङ्केशोरसि तत्र मन्मथशरो मग्नो न भग्नस्तत:
क: शाखी सखि यस्य पुष्पमभवत्पुष्पायुधस्यायुधम् ॥५८॥

ପୁନରପି ତ୍ରିଜଟା-

ବଜ୍ରଂ ଜୀର୍ଯତି ବଜ୍ରିଣୋଽପି ଚ ହରେଶ୍ଚକ୍ରଂ ଚ ବକ୍ରଂ ତଥା
ଦଣ୍ଡଃ ଖଣ୍ଡଶତଂ ଯମସ୍ୟ ଦଳିତଃ ପାଶୋ ଭବେତ୍ପାଶିନଃ।
ଲଙ୍କେଶୋରସି ତତ୍ର ମନ୍ମଥଶରୋ ମଗ୍ନୋ ନ ଭଗ୍ନସ୍ତତଃ
କଃ ଶାଖୀ ସଖୀ ଯସ୍ୟ ପୁଷ୍ପମଭବତ୍ ପୁଷ୍ପାୟୁଧସ୍ୟାୟୁଧମ୍ ॥୫୮॥

❊ ତ୍ରିଜଟା ପୁଣି କହିଲା- ବଜ୍ର ଯାହାର ଛାତିରେ ପଡ଼ି ଚୂର୍ଣ୍ଣୀଭୂତ,ହରିଙ୍କର ଚକ୍ର ବକ୍ରୀଭୂତ, ଯମର ଦଣ୍ଡ ଶତଖଣ୍ଡିତ ଓ ବରୁଣଙ୍କର ପାଶ ନଷ୍ଟଭ୍ରଷ୍ଟ ହୁଏ ସେହି ରାବଣର ହୃଦୟକୁ କାମଶର ଭେଦ କରିଛି । କାମଦେବର ପୁଷ୍ପଶରରେ ସେ ମୋହିତ ହୋଇଛି । ତେଣୁ କାମଦେବର ବାଣକୁ ପ୍ରତିହତ କଲା ଭଳି ଶକ୍ତି ଏ'ସଂସାରରେ କାହାରି ନାହିଁ ॥

सीताया हृदये शिरीषकुसुमप्रायोपफालोच्चकै:
पौलस्त्यस्य स एव भग्नकुलिशे बज्राधिके वक्षसि ।
आपुंखं निममज्ज मन्मथशरस्तत्किं न जानीमहे
ज्ञातं श्रीरघुनन्दस्य महिमा व्यक्तायते सम्प्रति ॥५९॥

ସୀତାୟା ହୃଦୟେ ଶିରୀକୁସୁମପ୍ରାୟୋପଫାଲୋଚ୍ଚକୈଃ
ପୌଲସ୍ତ୍ୟସ୍ୟ ସ ଏବ ଭଗ୍ନକୁଳିଶେ ବଜ୍ରାଧିକେ ବକ୍ଷସି ।
ଆପୁଂଖଂ ନିମମଜ୍ଜ ମନ୍ମଥଶରସ୍ତତ୍କିଂ ନ ଜାନୀମହେ
ଜ୍ଞାତଂ ଶ୍ରୀରଘୁନନ୍ଦନସ୍ୟ ମହିମା ବ୍ୟକ୍ତାୟତେ ସଂପ୍ରତି ॥୫୯॥

❊ ହେ ସଖି ! ହୃଦୟ ତୁମର କୁସୁମ ପରି କୋମଳ । ସେଥିରେ ଆଶ୍ରୟ ନେବା ପାଇଁ ଦଶାନନ ଉଦଗ୍ରୀବ । କଠିନ ହୃଦୟ ହୋଇ ମଧ୍ୟ ସେ କନ୍ଦର୍ପ ଦ୍ୱାରା ନିକ୍ଷିପ୍ତ ପକ୍ଷ ସହିତ ପୂର୍ଣ୍ଣଭାବେ ବିଦ୍ଧ ହୋଇଥିବା ଶରର ଯନ୍ତ୍ରଣା ସହିପାରୁ ନାହିଁ । ଏହା ମୁଁ ଜାଣିପାରୁଛି ଏବଂ ଶ୍ରୀରାମଚନ୍ଦ୍ରଙ୍କର ପ୍ରକଟିତ ହେଉଥିବା ମହିମାକୁ ମଧ୍ୟ ଭଲଭାବେ ଜାଣିଛି ॥

अत्रान्तरे हनुमान् -

अथ दशरथ सूनोराज्ञया वायुपुत्रो
रजनीचरपुरीमालोक्य भूत्वा विदिंश: ।
अकलितपरिमाणो मात्रया सत्रपस्तां
क्षिपति जनकजाग्रे शिंशपाग्रावतीर्ण:॥६०॥

ଅତ୍ରାନ୍ତରେ ହନୁମାନ୍-

ଅଥ ଦଶରସୂନୋରାଜ୍ଞୟା ବାୟୁପୁତ୍ରୋ
ରଜନୀଚରପୁରୀମାଲୋକ୍ୟ ଭୂତ୍ୱା ଦ୍ୱିଦଂଶଃ ।
ଅକଳିତପରିମାଣୋ ମାତ୍ରୟା ସତ୍ତ୍ୱପସ୍ତାଂ
କ୍ଷିପତି ଜନକଜାଗ୍ରେ ଶିଂଶପାଗ୍ରାବତୀର୍ଣ୍ଣଃ ॥୬୦॥

❊ ଏହାପରେ ଶ୍ରୀରାମଚନ୍ଦ୍ରଙ୍କ ଆଦେଶରେ ବାୟୁପୁତ୍ର ହନୁମାନ୍ ମାଛି ରୂପଧରି ସମଗ୍ର ଲଙ୍କା ନଗରୀ ବୁଲି ବୁଲି କେଉଁଠି ହେଲେ ମା' ସୀତାଙ୍କୁ ନ ଦେଖି ଶେଷରେ ଶିଂଶପା ବୃକ୍ଷରେ ଆସି ଲୁଚିରହିଥିଲା । ତ୍ରିଜଟାର କଥା ଶୁଣିବା ପରେ ହନୁମାନ୍ ବୃକ୍ଷରୁ ତଳକୁ ଆସି ଲଜ୍ଜାନମ୍ର ମୁଖରେ ସୀତାଙ୍କ ଆଗରେ ଉପସ୍ଥିତ ହେଲା ॥

सीतां प्राह-

का त्वं पद्मपलाशाक्षि पीतकौशेयवासिनि ।
द्रुमस्य शाखामालम्ब्य तिष्ठसि त्वमनिन्दिता ॥६१॥

ସୀତାଂ ପ୍ରାହ-

କା ତ୍ୱଂ ପଦ୍ମପଲାଶାକ୍ଷି ପୀତକୌଶେୟବାସିନି ।
ଦ୍ରୁମସ୍ୟ ଶାଖାମାଲମ୍ବ୍ୟ ତିଷ୍ଠସି ତ୍ୱମନିନ୍ଦିତା ॥୬୧॥

❊ ହନୁମାନ କହିଲା- ହେ ପଦ୍ମପଲାଶଲୋଚନେ ପୀତବସ୍ତ୍ରଧାରିଣି ! ତୁମେ କିଏ? ତୁମେ ଅନିନ୍ଦ୍ୟସୁନ୍ଦରୀ ହୋଇ ମଧ ଏବୃକ୍ଷମୂଳରେ କାହିଁକି ମନୋଦୁଃଖରେ ବସିଛ ?

किमर्थं तव नेत्राभ्यां वारि स्रवति शोकजम् ।
पुण्डरीकविशालाभ्यां विप्रकीर्णमिवोदकम् ॥६२॥
କିମର୍ଥଂ ତବ ନେତ୍ରାଭ୍ୟାଂ ବାରି ସ୍ରବତି ଶୋକଜମ୍ ।
ପୁଣ୍ଡରୀକବିଶାଳାଭ୍ୟାଂ ବିପ୍ରକୀର୍ଣ୍ଣମିବୋଦକମ୍ ॥୬୨॥

❊ ପୁଣ୍ଡରୀକ ସଦୃଶ ତୁମର ଦୁଇ ବିଶାଳ ନେତ୍ରରୁ ଅବିରଳ ଶୋକାଶ୍ରୁଧାରା କାହିଁକି ପ୍ରବାହିତ ହେଉଛି ?

सीता प्राह-

दुहिता जनकस्याहं विदेहस्य महात्मनः ।
सीतेति नामतश्चाहं भार्या रामस्य धीमतः ॥६३॥

ସୀତା ପ୍ରାହ-

ଦୁହିତା ଜନକସ୍ୟାହଂ ବିଦେହସ୍ୟ ମହାତ୍ମନଃ ।
ସୀତେତି ନାମତଶ୍ଚାହଂ ଭାର୍ଯ୍ୟା ରାମସ୍ୟ ଧୀମତଃ ॥୬୩॥

❊ ସୀତା କହିଲେ- ବିଦେହର ରାଜା ମହାତ୍ମା ଜନକଙ୍କର ମୁଁ କନ୍ୟା । ମୋର ନାମ ସୀତା । ମୁଁ ଶ୍ରୀରାମଚନ୍ଦ୍ରଙ୍କର ଧର୍ମପତ୍ନୀ ॥

रक्षिता रघुवंशस्य जनकस्य च रक्षिता ।
रक्षिता जीवलोकस्य धर्मस्य च परंतपः ॥६४॥
ରକ୍ଷିତା ରଘୁବଂଶସ୍ୟ ଜନକସ୍ୟ ଚ ରକ୍ଷିତା ।
ରକ୍ଷିତା ଜୀବଲୋକସ୍ୟ ଧର୍ମସ୍ୟ ଚ ପରଂତପଃ ॥୬୪॥

❋ ଶ୍ରୀରାମଚନ୍ଦ୍ର ହେଉଛନ୍ତି ରଘୁବଂଶର ରକ୍ଷାକର୍ତ୍ତା, ଜନକଙ୍କର ରକ୍ଷାକାରୀ ଓ ସମଗ୍ର ଜୀବଜଗତର ରକ୍ଷକ ତଥା ପରିପାଳକ । ସେ ଧର୍ମର ରକ୍ଷକ ଓ ଶତ୍ରୁମାନଙ୍କର ନିଧନକାରୀ ॥

धनुर्वेदे च वेदे च वेदाङ्गेषु च निष्ठितः ।
विपुलांसो महाबाहुः कम्बुग्रीवो महामनाः ॥६५॥
ଧନୁର୍ବେଦେ ଚ ବେଦେ ଚ ବେଦାଙ୍ଗେଷୁ ଚ ନିଷ୍ଠିତଃ ।
ବିପୁଳାଂସୋ ମହାବାହୁଃ କମ୍ବୁଗ୍ରୀବୋ ମହାମନାଃ ॥୬୫॥

❋ ଧନୁର୍ବେଦବିଦ୍ୟାରେ ସେ ପାରଂଗତ । ବେଦବେଦାଙ୍ଗାଦି ଶାସ୍ତ୍ରରେ ସେ ପ୍ରବୀଣ । ତାଙ୍କର ସ୍କନ୍ଧଦେଶ ସୁବିସ୍ତୃତ ଓ ସେ ବିଶାଳ ବାହୁଯୁକ୍ତ । ତାଙ୍କର ଗ୍ରୀବାଭାଗ ଶଙ୍ଖ ସଦୃଶ । ସେ ନିର୍ମଳହୃଦୟ, ମନସ୍ୱୀ ଓ ଗୁଣଗ୍ରାହୀ ଭାବେ ସୁବିଦିତ ॥

हनुमान् मुद्रिकां दर्शयति-
सुवर्णस्य सुवर्णस्य सुवर्णस्य वरानने ।
प्रेषितं रामचन्द्रेण सुवर्णस्याङ्गुरीयकम् ॥६६॥
ହନୁମାନ୍ ମୁଦ୍ରିକାଂ ଦର୍ଶୟତି-
ସୁବର୍ଣ୍ଣସ୍ୟ ସୁବର୍ଣ୍ଣସ୍ୟ ସୁବର୍ଣ୍ଣସ୍ୟ ବରାନନେ ।
ପ୍ରେଷିତଂ ରାମଚନ୍ଦ୍ରେଣ ସୁବର୍ଣ୍ଣସ୍ୟାଙ୍ଗୁରୀୟକମ୍ ॥୬୬॥

❋ ହେ ବରାନନେ ! ସ୍ୱନାମାଙ୍କିତ ବର୍ଣ୍ଣଯୁକ୍ତ, ଉଜ୍ଜ୍ୱଳ ସୁବର୍ଣ୍ଣ ନିର୍ମିତ ଅଙ୍ଗୁଳିର ଶୋଭାବର୍ଦ୍ଧକ ଏହି ମୁଦ୍ରିକାଟି ଶ୍ରୀରାମଚନ୍ଦ୍ର ଆପଣଙ୍କ ପାଖକୁ ପଠାଇଛନ୍ତି । ଏହା କହି ହନୁମାନ୍ ମୁଦିଟି ସୀତାଙ୍କୁ ଦେଲେ ॥

सीताहनुमतोरुक्तिप्रत्युक्ती-
मातर्जानकि को भवान् वनमृगः केनात्र संप्रेपित-
स्त्वद्दौत्येन रघूत्तमेन किमिदं हस्तेऽस्ति तन्मुद्रिका ।
दत्ता तेन तवैव तां निजकरेणादाय चालिङ्ग्य च
प्रेम्णाश्रुणि ससर्ज सम्यगुदभुद् गात्रेपु रोमोद्गमः ॥६७॥
ସୀତାହନୁମତୋରୁକ୍ତିପ୍ରତ୍ୟୁକ୍ତୀ-
ମାତର୍ଜାନକି କୋ ଭବାନ୍ ବନମୃଗଃ କେନାତ୍ର ସଂପ୍ରେଷିତ-
ସ୍ତ୍ୱଦ୍ଦୌତ୍ୟେନ ରଘୂତ୍ତମେନ କିମିଦଂ ହସ୍ତେଽସ୍ତି ତନ୍ମୁଦ୍ରିକା ।

ଦତ୍ତା ତେନ ତବୈବ ତାଂ ନିଜକରେଣାଦାୟ ଚାଲିଙ୍ଗ୍ୟ ଚ
ପ୍ରେମାଶ୍ରୂଣି ସସର୍ଜ ସମ୍ୟଗୁଦଭୂଦ୍ ଗାତ୍ରେଷୁ ରୋମୋଦ୍‌ଗମଃ ॥୬୭॥

❋ ସୀତା ଓ ହନୂମାନଙ୍କ ଉକ୍ତିପ୍ରତ୍ୟୁକ୍ତି -

ହେ ମା' ଜାନକୀ । ତୁମେ କିଏ ? ମୁଁ ବନର ମୃଗ ବାନର । କିଏ ତୁମକୁ ପଠାଇଛି ? ରଘୂତ୍ତମ ଦୂତ ରୂପେ ମୋତେ ପଠାଇଛନ୍ତି । ତୁମ ହାତରେ କଣ ଧରିଛ ? ଶ୍ରୀରାମ ନିଜର ରତ୍ନ ମୁଦ୍ରିକା ତୁମ ପାଖକୁ ପଠାଇଛନ୍ତି । ସୀତା ସେହି ମୁଦିକୁ ଧରି ଆଲିଙ୍ଗନ କଲେ । ଦେହ ତାଙ୍କର ରୋମାଞ୍ଚିତ ହେବା ସଙ୍ଗେ ସଙ୍ଗେ ନେତ୍ରରୁ ପ୍ରେମାଶ୍ରୁଧାରା ପ୍ରବାହିତ ହେଲା ॥

सीतामुद्रिकयोरुक्तिप्रत्यूक्ती-

मुद्रे ते कुशलं प्रिये जनकजे क्षेमं च रामस्य ते
सत्यं मां स्मरति प्रविह्वलमनाः किं भाषते प्रोषिताम् ।
क्वासौ मद्विरहात्कथं च नयतीत्युक्त्वा मुहूर्त्तानपि
श्लिष्यत्यालपति त्वसावभिमृशत्यामुह्यति ध्यायति ॥६८॥

ସୀତା ମୁଦ୍ରିକୟୋରୁକ୍ତିପ୍ରତ୍ୟୁକ୍ତୀ-

ମୁଦ୍ରେ ତେ କୁଶଳଂ ପ୍ରିୟେ ଜନକଜେ କ୍ଷେମଂ ଚ ରାମସ୍ୟ ତେ
ସତ୍ୟଂ ମାଂ ସ୍ମରତି ପ୍ରବିହ୍ୱଳମନାଃ କିଂ ଭାଷତେ ପ୍ରୋଷିତାମ୍ ।
କ୍ୱାସୌ ମଦ୍‌ବିରହାତ୍ କଥଂ ଚ ନୟତୀତ୍ୟୁକ୍ତ୍ୱା ମୁହୂର୍ତ୍ତାନପି
ଶ୍ଲିଷ୍ୟତ୍ୟାଳପତି ତ୍ୱସାବଭିମୃଶତ୍ୟାମୁହ୍ୟତି ଧ୍ୟାୟତି ॥୬୮॥

❋ ସୀତା ଓ ମୁଦ୍ରିକାର ଉକ୍ତି ପ୍ରତ୍ୟୁକ୍ତି -

ହେ ମୁଦ୍ରିକେ ତୁମର କୁଶଳ ତ ? ହେ ଜାନକି ! ରାମ ତୁମର ଦୁଃଖରେ ଅଛନ୍ତି ଓ ତୁମକୁ ସ୍ମରଣ କରୁଛନ୍ତି । ସତରେ ମୋତେ ସ୍ମରଣ କରୁଛନ୍ତି ? ଶ୍ରୀରାମ ବିହ୍ୱଳ ହୋଇ ତୁମକୁ ଆଲିଙ୍ଗନ କରିବା ପାଇଁ ଇଚ୍ଛା କରୁଛନ୍ତି । କ'ଣ ମୋତେ କହି ପଠାଇଛନ୍ତି ? ମୋ' ବିରହରେ କିପରି ସମୟ କଟାଉଛନ୍ତି ? ତୁମର ରୂପଗୁଣାବଳୀ ସ୍ମରଣ କରି କେତେବେଳେ ଆଲିଙ୍ଗନୋଦ୍ୟତ ହେଉଛନ୍ତି,କେତେବେଳେ ପ୍ରଳାପ କରୁଛନ୍ତି ତ କେତେବେଳେ ତୁମକୁ ଧ୍ୟାନ କରୁଛନ୍ତି ଓ ମୂର୍ଚ୍ଛିତ ହୋଇପଡୁଛନ୍ତି ॥

मुद्रे ब्रूहि सलक्ष्मणाः कुशलिनः श्रीरामपादाः स्वयं
सन्ति स्वामिनि मा विधेहि विधुरं चेतोऽनया चिन्तया ।
एनां व्याहर मैथिलाधिपसुते नामान्तरेणाधुना
रामस्त्वद्विरहेण कङ्कणपदं यस्यै चिरं दत्तवान् ॥६९॥

ମୁଦ୍ରେ ବ୍ରୂହି ସଲକ୍ଷ୍ମଣାଃ କୁଶଳିନଃ ଶ୍ରୀରାମପାଦାଃ ସ୍ୱୟଂ
ସନ୍ତି ସ୍ୱାମିନି ମା ବିଧେହି ବିଧୁରଂ ଚେତୋଽନୟା ଚିନ୍ତୟା ।

ଏନାଂ ବ୍ୟାହର ମୈଥିଳାଧିପସୁତେ ନାମାନ୍ତରେଣାଧୁନା
ରାମସ୍ତ୍ୱଦ୍ୱିରହେଣ କଙ୍କଣପଦଂ ଯସ୍ୟୈ ଚିରଂ ଦତ୍ତବାନ୍ ॥୬୯॥

❊ ଶ୍ରୀରାମଙ୍କ ଅଙ୍ଗୁରୀୟକୁ ଚାହିଁ ସୀତା କହୁଛନ୍ତି ହେ ମୁଦ୍ରିକେ ! ଲକ୍ଷ୍ମଣ ସହିତ ଶ୍ରୀରାମ କୁଶଳରେ ଅଛନ୍ତି ତ ? ମୋ' ବିଚ୍ଛେଦରେ ଦୁଃଖ କରିବେ ନାହିଁ କି ମୋ' ଚିନ୍ତାରେ ବ୍ୟାକୁଳ ହେବେ ନାହିଁ । ଏହି କଥା ମୋର ପ୍ରାଣେଶ୍ୱରଙ୍କୁ କହିବ । ହନୂମାନ କହିଲେ- ହେ ମୈଥିଳି ! ତୁମ ବିରହରେ ଶ୍ରୀରାମ ଏହି ମୁଦ୍ରିକାକୁ କଙ୍କଣ ବୋଲି ଭାବି ପଠାଇଛନ୍ତି ॥

अत्राङ्गुरीकमणौ प्रतिविम्वमासीद्रामस्य सादरमतीव विलोकयन्ती ।
मद्रूप एव किमभून्मम चिन्तयेति मीमांसया जनकराजसुता मुमोह ॥७०॥
ଅତ୍ରାଙ୍ଗୁରୀକମଣୌ ପ୍ରତିବିମ୍ବମାସୀଦ୍ରାମସ୍ୟ ସାଦରମତୀବ ବିଲୋକୟନ୍ତୀ ।
ମଦ୍ରୂପ ଏବ କିମଭୂନ୍ମମ ଚିନ୍ତୟେତି ମୀମାଂସୟା ଜନକରାଜସୁତା ମୁମୋହ ॥୭୦॥

❊ ରତ୍ନ ମୁଦ୍ରିକାରେ ପ୍ରତିବିମ୍ବିତ ଶ୍ରୀରାମଙ୍କ ଛବି ସହିତ ନିଜର ପ୍ରତିବିମ୍ବକୁ ଦେଖି ଦେବୀ ସୀତା ବିଚଳିତା ହୋଇ ମନେ ମନେ ଭାବିଲେ- ଆହା ମୋର ପ୍ରଭୁ କେତେ ଦୁଃଖରେ ଥିବେ ! ମୋର ରୂପ ଏପରି କଣ ହୋଇଛି ? ଏହା ଭାବି ଜାନକୀ ମୂର୍ଚ୍ଛିତା ହୋଇପଡ଼ିଲେ ॥

मारुतिः प्राह
अनुदिनमनुशैलं त्वामनालोक्य सीते
प्रतिदिनमतिदीनं वीक्ष्य रामं विरामम् ।
गिरिशनिमयोऽसौ यत्तदा न द्विधाभूत्
क्षितिरपि न विदीर्णा सा हि सर्वंसहेति ॥७१॥

ମାରୁତିଃ ପ୍ରାହ-
ଅନୁଦିନମନୁଶୈଳଂ ତ୍ୱାମନାଲୋକ୍ୟ ସୀତେ
ପ୍ରତିଦିନମତିଦୀନଂ ବୀକ୍ଷ୍ୟ ରାମଂ ବିରାମମ୍ ।
ଗିରିଶନିମୟୋଽସୌ ଯତ୍ତଦା ନ ଦ୍ୱିଧାଭୂତ୍
କ୍ଷିତିରପି ନ ବିଦୀର୍ଣ୍ଣା ସା ହି ସର୍ବଂସହେତି ॥୭୧॥

❊ ହନୂମାନ୍ କହିଲେ- ପ୍ରତିଦିନ ବିଭିନ୍ନ ପର୍ବତରେ ବୁଲି ବୁଲି ତୁମକୁ ଦେଖିବାକୁ ନ ପାଇ ଶ୍ରୀରାମ ଦିନକୁ ଦିନ ଅତିକ୍ଷୀଣ ଓ ଦୟନୀୟ ଅବସ୍ଥାରେ ଅଛନ୍ତି । ତାଙ୍କ ଦୁଃଖରେ ପାଷାଣ ମଧ ତରଳିଯିବ । କିନ୍ତୁ ପର୍ବତଗୁଡ଼ିକ ବଜ୍ର ପରି କଠୋର ଶରୀର ହୋଇଥିବାରୁ ତାହା ଦୁଇ ଭାଗ ହେଉ ନାହିଁ କି ପୃଥିବୀ ମଧ ବିଦୀର୍ଣ୍ଣ ହେଉ ନାହିଁ । ସେଥିପାଇଁ ଧରଣୀ ସର୍ବଂସହା ନାମରେ ଅଭିହିତା ॥

आश्वास्य मारुतिः -
किं दूरमिन्दुमुखि रामशिलीमुखानां किं दुर्गमं बलभिदां हरियूथपानाम् ।
दैवं प्रसन्नमिव देवि तदद्यसत्यं रक्षांसि कानि कुपितस्य च लक्ष्मणस्य ॥७२॥

ଆଶ୍ୱାସ୍ୟ ମାରୁତିଃ
କିଂ ଦୂରମିନ୍ଦୁମୁଖି ରାମଶିଳୀମୁଖାନାଂ କିଂ ଦୁର୍ଗମଂ ବଳଭିଦାଂ ହରିଯୂଥପାନାମ୍ ।
ଦୈବଂ ପ୍ରସନ୍ନମିବ ଦେବି ତଦଦ୍ୟ ସତ୍ୟଂରକ୍ଷାଂସି କାନି କୁପିତସ୍ୟ ଚ ଲକ୍ଷ୍ମଣସ୍ୟ ॥୭୨॥

❋ ହନୁମାନ୍ ଆଶ୍ୱାସନା ଦେଇ କହିଲେ - ହେ ଇନ୍ଦୁମୁଖି ! ରାମସ୍ୱରୂପ ଭ୍ରମର ପାଇଁ ଲଙ୍କା ଆଦୌ ଦୂର ନୁହେଁ । ବଳବାନ୍ ବାନରଯୂଥ ପାଇଁ ଦୁର୍ଗମ ସ୍ଥାନ ବୋଲି କିଛି ନାହିଁ କି ସେମାନଙ୍କର ଅସାଧ୍ୟ କିଛି ନାହିଁ । ବିଧାତା ସତରେ ଆଜି ଆପଣଙ୍କ ପ୍ରତି ପ୍ରସନ୍ନ ହୋଇଛନ୍ତି । ଏକମାତ୍ର ବୀର ଲକ୍ଷ୍ମଣ ଯଦି କୋପ କରିବେ ତେବେ କ୍ଷଣକ ମଧ୍ୟରେ ରାକ୍ଷସକୂଳ ସମୂଳେ ବିନାଶ ହେବେ ॥

भवत्सदृशाः कतिचिद्वीराः श्रीरामसमीपे सन्ति इतिसीतायाःप्रश्ने हनुमान् ब्रूते-
प्रशंसा नात्मनः कुर्य्यात्परनिन्दा तथैव च ।
सत्यं वदामि ते देवि मत्समो नास्ति वानरः ॥७३॥

ଭବତ୍ସଦୃଶାଃ କତିଚିଦ୍ୱୀରାଃ ଶ୍ରୀରାମସମୀପେ ସନ୍ତି ଇତି ସୀତାୟାଃ ପ୍ରଶ୍ନେ ହନୁମାନ୍ ବ୍ରୂତେ-
ପ୍ରଶଂସା ନାତ୍ମନଃ କୁର୍ଯ୍ୟାତ୍ ପରନିନ୍ଦା ତଥୈବ ଚ ।
ସତ୍ୟଂ ବଦାମି ତେ ଦେବି ମତ୍ସମୋ ନାସ୍ତି ବାନରଃ ॥୭୩॥

❋ ତୁମ ପରି କେତେ ବୀର ଶ୍ରୀରାମଙ୍କ ପାଖରେ ଅଛନ୍ତି ବୋଲି ସୀତା ପଚାରିବାରୁ ହନୁମାନ୍ କହିଲେ- ହେ ଦେବି ! ନିଜର ପ୍ରଶଂସା ବା ପରର ନିନ୍ଦା କରିବା ଉଚିତ୍ ନୁହେଁ । ସତ କହୁଛି, ମୋ'ପରି ବାନର ଆଉ କେହି ନାହାନ୍ତି ॥

समुद्रतरणे तव कीदृग्व्यवसाय इति सीताया प्रश्ने हनुमान् -
तव प्रवादात्पवनप्रसादाद् भर्त्तुश्च ते पादरजः प्रसादात् ।
त्रिभिः प्रसादैः परिवर्त्तितोऽहं विलंघितो गोष्पदवत्समुद्रम् ॥७४॥

ସମୁଦ୍ରତରଣେ ତବ କୀଦୃଗ୍‌ବ୍ୟବସାୟ ଇତି ସୀତାୟାଃ ପ୍ରଶ୍ନେ ହନୁମାନ୍ -
ତବପ୍ରସାଦାତ୍ପବନପ୍ରସାଦାଦ୍ ଭର୍ତ୍ତୁଶ୍ଚ ତେ ପାଦରଜଃ ପ୍ରସାଦାତ୍ ।
ତ୍ରିଭିଃ ପ୍ରସାଦୈଃ ପରିବର୍ତ୍ତିତୋଽହଂ ବିଲଙ୍ଘିତୋ ଗୋଷ୍ପଦବତ୍ସମୁଦ୍ରମ୍ ॥୭୪॥

❋ ତୁମେ କିପରି ସମୁଦ୍ର ପାର ହେଲ ବୋଲି ସୀତା ପ୍ରଶ୍ନ କରିବାରୁ ହନୁମାନ୍ କହିଲେ- ଆପଣଙ୍କର ତଥା ପବନଦେବଙ୍କ ଦୟାରୁ ଓ ଆପଣଙ୍କ ସ୍ୱାମୀ ଶ୍ରୀରାମଙ୍କ ପାଦଧୂଳି କୃପାରୁ ମୁଁ ସମୁଦ୍ରକୁ ଗୋଷ୍ପଦ ପରି ଭାବି ଲଂଘନ କରି ଆସିଛି ॥

सीता -

चन्द्रो यस्य दिनेशदीधितिसमस्तोयं स्फुलिङ्गायते
कर्पूरं कुलिशायते शशिकरः शम्पासमो भासते ।
वायुर्वाडवबह्निवन्मलयजं दावाग्निवत्साम्प्रतं
सन्देशं नय रामसन्निधिमितो यात्रां द्रुतं कारय ॥७५॥

ସୀତା-

ଚନ୍ଦ୍ରୋ ଯସ୍ୟ ଦିନେଶଦୀଧିତିସମସ୍ତୋୟଂ ସ୍ଫୁଲିଙ୍ଗାୟତେ
କର୍ପୂରଂ କୁଳିଶାୟତେ ଶଶିକରଃ ଶମ୍ପାସମୋ ଭାସତେ ।
ବାୟୁର୍ବାଡ଼ବବହ୍ନିବନ୍‌ମଲୟଜଂ ଦାବାଗ୍ନିବତ୍ ସାମ୍ପ୍ରତଂ
ସନ୍ଦେଶଂ ନୟ ରାମସନ୍ନିଧିମିତୋ ଯାତ୍ରାଂ ଦ୍ରୁତଂ କାରୟ ॥୭୫॥

❊ ସୀତା କହିଲେ- ପ୍ରଭୁ ମୋ' ବିରହରେ ଅତିଦୁଃଖରେ ସମୟ ଅତିବାହିତ କରୁଥିବେ । ଚନ୍ଦ୍ର ତାଙ୍କୁ ସୂର୍ଯ୍ୟଙ୍କ ପରି ବୋଧ ହେଉଥିବ । ଜଳ ଅଗ୍ନିଶିଖା ପରି, କର୍ପୂର ବଜ୍ରପରି ଓ ଚନ୍ଦ୍ରକିରଣ ବିଦ୍ୟୁତ ପରି ମନେ ହେଉଥିବ । ମଳୟପବନ ବାଡ଼ବାଗ୍ନି ପରି, ଚନ୍ଦ୍ର ଦାବାଗ୍ନି ସଦୃଶ ସେ ଅନୁଭବ କରୁଥିବେ । ତେଣୁ ହେ ବୀର, ତୁମେ ଶୀଘ୍ର ଯାଇ ରାମଙ୍କୁ ମୋ'କଥା କୁହ ॥

अथ सन्देशः-

श्रीमद्रामपदारविन्दयुगले दातव्यमेकं फलं
सैन्येभ्यो युगलं फलं कपिपतेरीशाय चैकं फलम् ।
एकं चापि फलं ततस्तदनुजे देयं शुभाशीः शतं
पश्चात्सैन्यशताधिपप्रभृतिना भोक्तव्यमेकं फलम् ॥७६॥

ଅଥ ସନ୍ଦେଶଃ-

ଶ୍ରୀମଦ୍‌ରାମପଦାରବିନ୍ଦଯୁଗଳେ ଦାତବ୍ୟମେକଂ ଫଳଂ
ସୈନ୍ୟେଭ୍ୟୋ ଯୁଗଳଂ ଫଳଂ କପିପତେରୀଶାୟ ଚୈକଂ ଫଳମ୍ ।
ଏକଂ ଚାପି ଫଳଂ ତତସ୍ତଦନୁଜେ ଦେୟଂ ଶୁଭାଶୀଃ ଶତଂ
ପଶ୍ଚାତ୍ ସୈନ୍ୟଶତାଧିପପ୍ରଭୃତିନା ଭୋକ୍ତବ୍ୟମେକଂ ଫଳମ୍ ॥୭୬॥

❊ ଜାନକୀ କହିଲେ- ତୁମେ ଏଠାରୁ ଛଅଟି ଫଳ ନେଇ ଯାଅ । ସେଥିରୁ ଗୋଟିଏ ଫଳ ଶ୍ରୀରାମଙ୍କ ପାଦପଦ୍ମରେ ସମର୍ପଣ କରିବ । ସୈନ୍ୟମାନଙ୍କୁ ଦୁଇଟି, କପିପତି ସୁଗ୍ରୀବଙ୍କୁ ଗୋଟିଏ, ଅନୁଜ ଲକ୍ଷ୍ମଣଙ୍କୁ ଗୋଟିଏ ଫଳ ଦେବ ଓ ମୋର ଆଶୀର୍ବାଦ ଜଣାଇବ । ଅନ୍ୟାନ୍ୟ ସୈନ୍ୟସାମନ୍ତଙ୍କ ସହିତ ତୁମେ ଗୋଟିଏ ଫଳ ଖାଇ ସନ୍ତୋଷ ଲାଭ କର ॥

एकान्ते वनिता-वियोग विमुखो वाच्यस्त्वया राघवः
किं कारुण्यमपाकृतं दयितया बाह्वोर्बलं लज्जया ।
कल्पान्तानलकोटिसूर्य्यविसरत्तेजोनिधिर्मानुषः
ब्रह्माणैकधनुर्द्धरस्य महिषी रक्षो गृहे सीदति ॥७७॥

ଏକାନ୍ତେ ବନିତା-ବିୟୋଗ ବିମୁଖୋ ବାଚ୍ୟସ୍ତ୍ୱୟା ରାଘବଃ
କିଂ କାରୁଣ୍ୟମପାକୃତଂ ଦୟିତୟା ବାହ୍ୱୋର୍ବଳଂ ଲଜ୍ଜୟା ।
କଳ୍ପାନ୍ତାନଳକୋଟିସୂର୍ଯ୍ୟବିସରତ୍ତେଜୋନିଧିର୍ମାନୁଷଃ

ବ୍ରହ୍ମାଣୈକଧନୁର୍ଦ୍ଧରସ୍ୟ ମହିଷୀ ରକ୍ଷୋ ଗୃହେ ସୀଦତି ॥୭୭॥

※ ହେ ହନୁମାନ, ପତ୍ନୀବିୟୋଗ ଦୁଃଖରେ ବ୍ୟାକୁଳ ରାମଙ୍କୁ ତୁମେ ଏକାନ୍ତରେ ସାକ୍ଷାତ କରି କହିବ ସେ କ'ଣ ନିଜର ପତ୍ନୀ ପ୍ରତି କରୁଣା ତ୍ୟାଗ କରିଛନ୍ତି ? ଲଜ୍ଜାରେ ନିଜର ବାହୁବଳକୁ ଭୁଲିଯାଇଛନ୍ତି ? ଫଳରେ କୋଟି ସୂର୍ଯ୍ୟ ସଦୃଶ ତେଜସ୍ୱୀ ଧନୁର୍ଦ୍ଧାରୀ ରାଜା ଶ୍ରୀରାମଚନ୍ଦ୍ରଙ୍କର ମହିଷୀଙ୍କୁ ରାକ୍ଷସ ଗୃହରେ ରହି ଦୁଃଖରେ କାଳାତିପାତ କରିବାକୁ ପଡୁଛି ॥

शिला यदि किलावला चरणरेणुना जायते
तवास्तु मयि योषिति प्रियतमेत्युपेक्षामिति ।
करालितधन्विना मिहिरवंशजेन त्वया
कथं परपराभवो रघुपतेऽधुना सह्यते ॥७८॥

ଶିଳା ଯଦି କିଳାବଳା ଚରଣରେଣୁନା ଜାୟତେ
ତବାସ୍ତୁ ମୟି ଯୋଷିତି ପ୍ରିୟତମେତ୍ୟୁପେକ୍ଷାମିତି ।
କରାକଳିତଧନ୍ୱିନା ମିହିରବଂଶଜେନ ତ୍ୱୟା
କଥଂ ପରପରାଭବୋ ରଘୁପତେଽଧୁନା ସହ୍ୟତେ ॥୭୮॥

※ ଯଦି ଚରଣରେଣୁ ସ୍ପର୍ଶରେ ଶିଳା ଅବଳାରେ ପରିଣତ ହେଲା, ତେବେ ମୋ'ପରି ନାରୀକୁ କାହିଁକି ଉପେକ୍ଷା କଲେ ? ସୂର୍ଯ୍ୟବଂଶରେ ଜାତହୋଇ, ହାତରେ ଧନୁଶରଧରି, ଶତ୍ରୁକୁ ସଂହାର କରିବାରେ ପ୍ରବୀଣ ରଘୁନାଥ କିପରି ମୋର ଏହି ଦୁଃଖକୁ ସହନ କରୁଛନ୍ତି ?

सीतासंभाषणान्ते पवनसुतवरोऽरण्यनिर्भंक्तुकामो
व्याजेनापि द्विजोऽभूद्गलितरदनखः शीर्णकायोऽतिवृद्धः ।
श्वेतो मुण्डोऽपि भूत्वा मधुवननिकटे भाषते चातिमन्दं
भ्रातर्युष्मत्प्रसादादिदममृतफलं किंचिदभ्यर्थयामि ॥७९॥

ସୀତାସଂଭାଷଣାନ୍ତେ ପବନ ସୁତବରୋଽରଣ୍ୟନିର୍ଭଙ୍କ୍ତୁକାମୋ
ବ୍ୟାଜେନାପି ଦ୍ୱିଜୋଽଭୂଦ୍‌ଗଳିତରଦନଖଃ ଶୀର୍ଣ୍ଣକାୟୋଽତିବୃଦ୍ଧଃ ।
ଶ୍ୱେତୋ ମୁଣ୍ଡୋଽପି ଭୂତ୍ୱା ମଧୁବନନିକଟେ ଭାଷତେ ଚାତିମନ୍ଦଂ
ଭ୍ରାତର୍ଯୁଷ୍ମତ୍‌ ପ୍ରସାଦାଦିଦମମୃତଫଳଂ କିଂଚିଦଭ୍ୟର୍ଥୟାମି ॥୭୯॥

※ ଦେବୀ ସୀତାଙ୍କଠାରୁ ବିଦାୟ ନେଇ ପବନସୁତ ହନୁମାନ୍ ଫଳପୁଷ୍ପ ଶୋଭିତ କାନନକୁ ଧ୍ୱଂସ କରିବା ଅଭିପ୍ରାୟରେ କପଟରେ ଗଳିତନଖଦନ୍ତ, ଜୀର୍ଣ୍ଣଶୀର୍ଣ୍ଣ ଶରୀର ଓ ଅତିବୃଦ୍ଧ ବ୍ରାହ୍ମଣ ରୂପ ଧାରଣ କଲେ । ତାଙ୍କ ମୁଣ୍ଡରେ ଥିବା କେଶ ଧଳା ହୋଇଯାଇଥିଲା । ସେ ମଧୁବନ ନିକଟକୁ ଯାଇ ଉଦ୍ୟାନପାଳଙ୍କୁ ଅତି ଧୀରସ୍ୱରରେ କିଛି ଫଳମୂଳ ଖାଇବା ପାଇଁ ଦେବାକୁ ପ୍ରାର୍ଥନା କଲେ ଏବଂ ହଠାତ୍ ଉଦ୍ୟାନରେ ଥିବା ବୃକ୍ଷକୁ ଚଢ଼ିଯାଇ ଗଛପତ୍ର ସବୁ ଭାଙ୍ଗି ପକାଇଲେ ॥

रावणं प्रति उद्यानपाल:

यत्रारण्ये बहति सततं मारुतश्चातिमन्दं –
सूर्य्यो यत्र त्रसति चकितस्तोयदस्तोयदाने ।
भग्नाभग्नं घटयति सदा प्राचीरं विश्वकर्मा
तत्तेऽरण्यं क्षणमपि कथं वानरेणैव भग्नम् ।।८०।।

ରାବଣଂ ପ୍ରତି ଉଦ୍ୟାନପାଳଃ –

ଯତ୍ରାରଣ୍ୟେ ବହତି ସତତଂ ମାରୁତଶ୍ଚାତିମନ୍ଦଂ –
ସୂର୍ଯ୍ୟୋ ଯତ୍ର ତ୍ରସତି ଚକିତସ୍ତୋୟଦସ୍ତୋୟଦାନେ ।
ଭଗ୍ନାଭଗ୍ନଂ ଘଟୟତି ସଦା ପ୍ରାଚୀରଂ ବିଶ୍ୱକର୍ମା ।
ତତ୍ତେଽରଣ୍ୟଂ କ୍ଷଣମପି କଥଂ ବାନରେଣୈବ ଭଗ୍ନମ୍ ।।୮୦।।

❋ ଉଦ୍ୟାନପାଳକ ଯାଇ ରାବଣକୁ କହିଲା- ପ୍ରଭୋ ! ଆପଣଙ୍କ ଭୟରେ ପବନ ବିଶ୍ୱକର୍ମା ନିର୍ମିତ ଯେଉଁ ମଧୁବନରେ ଧୀରେ ଧୀରେ ପ୍ରବାହିତ ହୁଏ, ସୂର୍ଯ୍ୟଙ୍କ ପ୍ରଖର କିରଣ ପଡ଼େ ନାହିଁ ଓ ମେଘ ଯଥା ସମୟରେ ଜଳଦାନ କରେ ସେହି ପ୍ରମୋଦବନକୁ ଏକ ବାନର କ୍ଷଣକ ମଧ୍ୟରେ ନଷ୍ଟଭ୍ରଷ୍ଟ କରିଦେଇଛି ।।

देवाकर्णय कर्कशेन कपिना केनापि केलिवने
खेलद्वालधिवेष्टिता:विटपिन: साटोपमुत्पाटिता: ।
तत्रान्ये वनपालका: सरभसं सर्वेऽपि निवार्पिता-
स्तद्वार्त्ता कथनाय केवलमहं दैवेन संरक्षित: ।।८१।।
ଦେବାକର୍ଣ୍ଣୟ କର୍କଶେନ କପିନା କେନାପି କେଳିବନେ
ଖେଳଦ୍ୱାଳଧିବେଷ୍ଟିତାଃ ବିଟପିନଃ ସାଟୋପମୁତ୍ପାଟିତାଃ ।
ତତ୍ରାନ୍ୟେ ବନପାଳକାଃ ସରଭସଂ ସର୍ବେଽପି ନିର୍ବାପିତା -
ସ୍ତଦ୍‌ବାର୍ତ୍ତାକଥନାୟ କେବଳମହଂ ଦୈବେନ ସଂରକ୍ଷିତଃ ।।୮୧।।

❋ ହେ ଦେବ ! ଦୁଷ୍ଟ ବାନରଟିଏ କୁଆଡୁ ଆସି କେଳିବନରେ ଲତାବେଷ୍ଟିତ ବୃକ୍ଷସବୁଉପାଡ଼ି ଛାରଖାର କରିଦେଇଛି । ସେଠାରେ ଥିବା ଉଦ୍ୟାନରକ୍ଷକମାନଙ୍କୁ ମାରି ପକାଇଛି । ମୁଁ କେବଳ ଭାଗ୍ୟବଶତଃ ଜୀବନ ଧରି ଏହି ସମ୍ବାଦ ଜଣାଇବା ପାଇଁ ଆପଣଙ୍କ ପାଖକୁ ଆସିଛି ।।

इत्याकर्ण्य रावणस्य चेष्टा-

हन्तीति ज्वलित: क्रुधा कपिरिति व्रीडावनम्राननो
हेलोल्लंघितवारिराशिरिति यत्श्लाघाचलत्कुण्डल: ।
रामस्यायमतीर्षया कलुषिते लङ्कामुपेत्योद्भटं
विक्रामत्यनिलात्मजे दशमुख: कां कां दशां नो गत: ।।८२।।

ଇତ୍ୟାକର୍ଣ୍ୟ ରାବଣସ୍ୟ ଚେଷ୍ଟା

ହନ୍ତୀତି ଜ୍ୱଳିତଃ କ୍ରୁଧା କପିରିତି ବ୍ରୀଡାବନମ୍ରାନନୋ
ହେଳୋଲ୍ଲଂଘିତବାରିରାଶିରିତିଯତ୍‌ଶ୍ଲାଘାଚଳତ୍‌କୁଣ୍ଡଳଃ ।
ରାମସ୍ୟାୟମତୀର୍ଷୟା କଳୁଷିତେ ଲଙ୍କାମୁପେତ୍ୟୋଦ୍‌ଭଟଂ
ବିକ୍ରାମତ୍ୟନିଳାତ୍ମଜେ ଦଶମୁଖଃ କାଂ କାଂ ଦଶାଂ ନୋ ଗତଃ ॥୮୨॥

❋ ମଧୁବନ ରକ୍ଷକର କଥାରେ ରାବଣ କ୍ରୋଧାନ୍ୱିତ ହେବା ସଙ୍ଗେ ସଙ୍ଗେ ବାନର ନାମ ଶୁଣିବା ମାତ୍ରେ ଲଜ୍ଜାରେ ତାର ମୁଖ ତଳକୁ ହୋଇଗଲା । ଶ୍ରୀରାମଙ୍କ ଦୂତ ବୋଲି କହୁଥିବା ବାନର କିପରି ସମୁଦ୍ରକୁ ପାର ହୋଇ ଆସିଲା ଓ ଲଙ୍କାକୁ କଳୁଷିତ କରି ପକାଇଲା - ଏହା ଭାବି ଦଶମୁଖ ସିଂହାସନରୁ ଉଠିପଡ଼ିବାମାତ୍ରେ କର୍ଣ୍ଣକୁଣ୍ଡଳ ଦୋହଲିଗଲା । କ'ଣ କ'ଣ ଦଶା ଘଟିବାକୁ ଯାଉଛି ବୋଲି ଭାବି ରାବଣ ବିବ୍ରତ ହୋଇ ପଡ଼ିଲା ॥

इत्यवसरे सीताहनुमतो रहस्ये त्रिजटाया कथिते रावणः-

मुद्रा मर्कटकेन रामनिकटादागत्य दत्ता करे
सीताया इति सम्भ्रमार्त्तिजटया प्रोक्तोऽथ लङ्केश्वरः ।
किं किं किमिति ब्रुवन्सरभसं सिंहासनादुत्थितो
रक्षोमुख्यशतैस्तमेव हि कपिं धर्त्तुं नियोज्यास्थितः ॥८३॥

ଇତ୍ୟବସରେ ସୀତାହନୁମତୋ ରହସ୍ୟେ ତ୍ରିଜଟାୟା କଥିତେ ରାବଣଃ

ମୁଦ୍ରା ମର୍କଟକେନ ରାମନିକଟାଦାଗତ୍ୟ ଦତ୍ତା କରେ
ସୀତାୟା ଇତି ସଂଭ୍ରମାର୍ତ୍ତଜଟୟା ପ୍ରୋକ୍ତୋଽଥ ଲଙ୍କେଶ୍ୱରଃ ।
କିଂ କିଂ କିମିତି ବ୍ରୁବନ୍ ସରଭସଂ ସିଂହାସନାଦୁତ୍‌ଥିତୋ
ରକ୍ଷୋମୁଖ୍ୟଶତୈସ୍ତମେବ ହି କପିଂ ଧର୍ତ୍ତୁଂ ନିୟୋଜ୍ୟାସ୍ଥିତଃ ॥୮୩॥

❋ ଏହି ସମୟରେ ତ୍ରିଜଟା ଉପସ୍ଥିତ ହୋଇ ସୀତା ଓ ହନୁମାନ୍ ମଧ୍ୟରେ ଘଟିଥିବା ଗୁପ୍ତଘଟଣା ବର୍ଣ୍ଣନା କରିବାକୁ ଯାଇ କହିଲା- ହେ ଲଙ୍କେଶ୍ୱର ! ମୁଁ ଦେଖିଲି ଶ୍ରୀରାମଙ୍କ ନିକଟରୁ ଆସିଥିବା ଏକ ବାନର ସୀତାଙ୍କ ସହିତ କଥାବାର୍ତ୍ତା ହୋଇ ତାଙ୍କୁ ଏକ ମୁଦ୍ରିକା ଦେଲା । ଏହା ଶୁଣି ରାବଣ ସିଂହାସନରୁ ଉଠିପଡ଼ି କ'ଣ ହେଲା କ'ଣ ହେଲା ବୋଲି କହି ରାକ୍ଷସମୁଖ୍ୟମାନଙ୍କୁ ଡକାଇ ସେହି ବାନରକୁ ଧରିବା ପାଇଁ ଆଦେଶ ଦେଲା ॥

पारिपार्श्विकः -

प्राकारतोरणमयीं पुरमघलंघ्यां लङ्कामिमां विशति कोऽपि कपिप्रवीरः ।
तत्सम्मुखं प्रचलति स्वयमक्षनामा नन्वेप राक्षसपतेः कुपितः कुमारः ॥८४॥

ପାରିପାର୍ଶ୍ୱିକଃ-

ପ୍ରାକାରତୋରଣମୟୀଂ ପୁରମପ୍ୟଲଂଘ୍ୟାଂ ଲଙ୍କାମିମାଂ ବିଶତି କୋଽପି କପିପ୍ରବୀରଃ।
ତତ୍ସମ୍ମୁଖଂ ପ୍ରଚଳତିସ୍ୱୟମକ୍ଷନାମା ନନ୍ୱେଷ ରାକ୍ଷସପତେଃ କୁପିତଃ କୁମାରଃ ।।୮୪।।

❊ ପାରିପାର୍ଶ୍ୱିକ ମୁଖରୁ ପିତାଙ୍କ ଆଦେଶ ଶୁଣି ଅକ୍ଷୟ କୁମାର ସୈନ୍ୟମାନଙ୍କୁ ସାଙ୍ଗରେ ନେଇ ମଧୁବନରେ ପ୍ରବେଶ କଲା । ତୋରଣମୟୀ ପ୍ରାକାର ପରିବେଷ୍ଟିତା ଲଙ୍କାପୁରୀକୁ ବାନରଟିଏ କିପରି ଆସିଲା ଓ କିପରି ସୁରକ୍ଷିତ ମଧୁବନକୁ ନଷ୍ଟଭ୍ରଷ୍ଟ କଲା ? ଦେଖ ସେ କୁଆଡ଼େ ଗଲା ବୋଲି ଆଦେଶ ଦେଲା ।।

रावणाज्ञप्ते मेघनादो हनुमन्तं प्रति-

हत्वा कथञ्चिदधिराजकुमारमक्षं हे वानरापसद कुत्र पलायितोऽसि ।
त्वं हन्तुमिच्छति दशाननशासनेन दर्पोद्धतो धृतधनुर्ननु मेघनादः ।।८५।।

ରାବଣାଜ୍ଞପ୍ତେ ମେଘନାଦୋ ହନୁମନ୍ତଂ ପ୍ରତି-

ହତ୍ୱା କଥଞ୍ଚିଦଧିରାଜକୁମାରମକ୍ଷଂ ହେ ବାନରାପସଦ କୁତ୍ର ପଳାୟିତୋଽସି ।
ତ୍ୱଂ ହନ୍ତୁମିଚ୍ଛତି ଦଶାନନଶାସନେନ ଦର୍ପୋଦ୍ଧତୋ ଧୃତଧନୁର୍ନନୁ ମେଘନାଦଃ ।।୮୫।।

❊ ଏହାପରେ ରାବଣ ଇନ୍ଦ୍ରଜିତକୁ ଡକାଇ ବାନରକୁ ଧରିବା ପାଇଁ ଆଦେଶ ଦେବାରୁ ସେ ଯାଇ ମଧୁବନରେ ପହଞ୍ଚିଲା । ସେଠାରେ ହନୁମାନକୁ ଦେଖି ଇନ୍ଦ୍ରଜିତ କହିଲା - ରେ ବାନର, ଅକ୍ଷୟକୁମାରକୁ କୌଣସିମତେ ହତ୍ୟାକରି ତୁ କୁଆଡ଼େ ପଳାଉଛୁ । ଦେଖ, ଦଶାନନ ଆଦେଶରେ ମେଘନାଦ ଧନୁଧରି ତୋତେ ସଂହାର କରିବା ପାଇଁ ଆସିଛି ।।

ततो हनुमान्-

रामस्यागमनं निवेद्य सुचिरादाश्वास्य सीतां तत-
स्तत्सीमन्तमणिं तदा रघुपतेः प्रत्यायनायाददे ।
भंक्त्वाशोकवनं निहत्य सहसा चाक्षादिकान् राक्षसान्
द्रष्टुं रावणमात्मबन्धविषये सौम्योऽभवन्मारुतिः ।।८६।।

ତତୋ ହନୁମାନ୍-

ରାମସ୍ୟାଗମନଂ ନିବେଦ୍ୟ ସୁଚିରାଦାଶ୍ୱାସ୍ୟ ସୀତାଂ ତତ-
ସ୍ତତ୍ସୀମନ୍ତମଣିଂ ତଦା ରଘୁପତେଃ ପ୍ରତ୍ୟାୟନାୟାଦଦେ ।
ଭଂକ୍ତ୍ୱାଶୋକବନଂ ନିହତ୍ୟ ସହସା ଚାକ୍ଷାଦିକାନ୍ ରାକ୍ଷସାନ୍
ଦ୍ରଷ୍ଟୁଂ ରାବଣମାତ୍ମବନ୍ଧବିଷୟେ ସୌମ୍ୟୋଽଭବନ୍ମାରୁତିଃ ।।୮୬।।

❊ ତାହାପରେ ହନୁମାନ୍ ଯାଇ ସୀତାଙ୍କୁ ଆଶ୍ୱସନା ଦେଇ କହିଲେ ଦେବି ! ଶ୍ରୀରାମ ଯଥାଶୀଘ୍ର ଆସିବେ । ଆପଣ ଚିନ୍ତା କରନ୍ତୁ ନାହିଁ । ଏହା କହି ସୀତାଙ୍କଠାରୁ ମୁଥାମଣି ନେଇ ହନୁମାନ ମଧୁବନକୁ ଭାଙ୍ଗି ଓ ଅକ୍ଷୟକୁମାରକୁ ହତ୍ୟା କରି ରାବଣକୁ ଦେଖିବା ପାଇଁ ମନରେ ବିଚାରି ଇନ୍ଦ୍ରଜିତର

ପାଶରେ ଆବଦ୍ଧ ହେଲେ ॥

अथ बद्धे हनुमति रावणवाक्यम् -

रे रे दूत कपे किमेव चरितं वारांनिधिं दुस्तरं
लंघित्वा जलजन्तुभिः परिवृतं भीमं तरङ्गोत्करैः ।
आयातोऽसि रथं विना कथमिह प्रस्थापितः केन वा
ब्रूहि त्वं नहि वध्य एवमभयः किं नामधेयो भवान् ॥८७॥

ଅଥ ବଦ୍ଧେ ହନୁମତି ରାବଣବାକ୍ୟମ୍-

ରେ ରେ ଦୂତ କପେ କିମେବ ଚରିତଂ ବାରାଂନିଧିଂ ଦୁସ୍ତରଂ
ଲଂଘିତ୍ୱା ଜଳଜନ୍ତୁଭିଃ ପରିବୃତଂ ଭୀମଂ ତରଙ୍ଗୋତ୍କରୈଃ ।
ଆୟାତୋଽସି ରଥଂ ବିନା କଥମିହ ପ୍ରସ୍ଥାପିତଃ କେନ ବା
ବୃହି ତ୍ୱଂ ନହି ବଧ୍ୟ ଏବମଭୟଃ କିଂ ନାମଧେୟୋ ଭବାନ୍ ॥୮୭॥

❋ ହନୁମାନଙ୍କୁ ବାନ୍ଧି ଇନ୍ଦ୍ରଜିତ ରାବଣ ଆଗରେ ଉପସ୍ଥିତ ହେଲା । ହନୁମାନକୁ ରାବଣ କହିଲା - ରେ ବାନର, ଜଳଜନ୍ତୁ ପୂର୍ଣ୍ଣ ଓ ଉତ୍ତାଳ ତରଙ୍ଗାକୁଳ ସାଗରକୁ ପାର ହୋଇ କେଉଁଠୁ ଆସିଛୁ ? କିଏ ତୋତେ ମୋ' ପାଖକୁ ପଠାଇଛି ? ନିର୍ଭୟରେ ତୋର ଓ ତୋ' ପ୍ରଭୁର ନାମ ପ୍ରକାଶ କର ଏବଂ କାହିଁକି ଆସିଛୁ କହ ॥

ततो हनुमान् -

श्रीरामेण सलक्ष्मणेन जयिना श्रीमाल्यवानद्रितः
सीतान्वेषणकार्य्यसाधनविधौ संप्रेषितो यत्नतः ।
लब्ध्वा चैव वरं चिरात्पुरभिदः सर्वत्रगामी स्वयं
वेत्सि त्वं पवनात्मजो दशमुख श्रीमान्हनुमानहम् ॥८८॥

ତତୋ ହନୁମନ୍-

ଶ୍ରୀରାମେଣ ସଲକ୍ଷ୍ମଣେନ ଜୟିନା ଶ୍ରୀମାଲ୍ୟବାନଦ୍ରିତଃ
ସୀତାନ୍ୱେଷଣକାର୍ଯ୍ୟସାଧନବିଧୌ ସଂପ୍ରେଷିତୋ ଯତ୍ନତଃ ।
ଲବ୍ଧ୍ୱାଚୈବ ବରଂ ଚିରାତ୍ପୁରଭିଦଃ ସର୍ବତ୍ରଗାମୀ ସ୍ୱୟଂ
ବେତ୍ସି ତ୍ୱଂ ପବନାତ୍ମଜୋ ଦଶମୁଖ ଶ୍ରୀମାନ୍ହନୁମାନହମ୍ ॥୮୮॥

❋ ହନୁମାନ୍ କହିଲେ- ତ୍ରିଭୁବନବିଜୟୀ ଶ୍ରୀରାମଚନ୍ଦ୍ର ଅନୁଜ ଲକ୍ଷ୍ମଣଙ୍କ ସହିତ ମାଲ୍ୟବାନ୍ ପର୍ବତରେ ଅବସ୍ଥାନ କରୁଛନ୍ତି । ତାଙ୍କରି ଆଦେଶରେ ସୀତାଙ୍କ ଅନ୍ୱେଷଣ ପାଇଁ ମୁଁ ଆସିଛି । ହେ ଦଶମୁଖ ! ଶିବଙ୍କ ବରପ୍ରସାଦରୁ ମୁଁ ସର୍ବତ୍ର ଗମନାଗମନ କରେ । ମୁଁ ଶ୍ରୀରାମଙ୍କ ଦୂତ ଓ ପବନପୁତ୍ର ହନୁମାନ୍ ବୋଲି ଜାଣିଥାଅ ॥

हत्वा बालिनमाहवे कपिचमूमानाय्य सुग्रीवकं
राजानं कृतिनं सदाभिजयिनं सख्युः सदानन्दनम् ।
कृत्वा चैव विशेषदेवनिवहाख्यानस्य चिन्ताश्रितः
श्रीरामः जनकात्मजाहरणतः कालोपमो जायते ॥८९॥

ହତ୍ୱା ବାଲିନମାହବେ କପିଚମୂମାନାଯ୍ୟ ସୁଗ୍ରୀବକଂ
ରାଜାନଂ କୃତିନଂ ସଦାଭିଜୟିନଂ ସଖ୍ୟୁଃ ସଦାନନ୍ଦନମ୍ ।
କୃତ୍ୱା ଚୈବ ବିଶେଷଦେବନିବହାଖ୍ୟାନସ୍ୟ ଚିନ୍ତାଶ୍ରିତଃ
ଶ୍ରୀରାମଃ ଜନକାତ୍ମଜାହରଣତଃ କାଳୋପମୋ ଜାୟତେ ॥୮୯॥

❊ ଶ୍ରୀରାମଚନ୍ଦ୍ର ଯୁଦ୍ଧରେ ବାଳିକୁ ବିନାଶ କରି କପିସୈନ୍ୟଙ୍କ ସହିତ ସୁଗ୍ରୀବଙ୍କୁ ନେଇ କିଷ୍କିନ୍ଧାରେ ରାଜା କରାଇଲେ । ସେ ସର୍ବଦା ମିତ୍ରଙ୍କର ଉପକାର କରନ୍ତି । ଦେବମାନଙ୍କର ଶତ୍ରୁଙ୍କୁ ସଂହାର କରିବା କଥା ସେ ସବୁବେଳେ ଭାବୁଥାନ୍ତି । ଦୁଷ୍ଟବିନାଶନରେ ଶ୍ରୀରାମ ଯମ ସଦୃଶ ହେଲେ ମଧ୍ୟ ସୀତାଙ୍କ ଅପହରଣ ହେତୁ ମନୋଦୁଃଖରେ କାଳଯାପନ କରୁଛନ୍ତି ॥

रावणहनुमतोरुक्तिप्रत्युक्ती -

रे रे वानर को भवानहमरे त्वत्सूनुहन्ताहवे
दूतोऽहं खरखण्डनस्य जगतां कोदण्डदीक्षागुरोः ।
मद्दोर्दण्डकठोरताडनविधौ को वा त्रिकूटाचलः
को मेरुः क्वच रावणौघगणना कोटिस्तु कीटायते ॥९०॥

ରାବଣହନୁମତୋରୁକ୍ତିପ୍ରତ୍ୟୁକ୍ତୀ-

ରେରେ ବାନର କୋ ଭବାନହମରେ ତ୍ୱତ୍ସୂନୁହନ୍ତାହବେ
ଦୂତୋଽହଂ ଖରଖଣ୍ଡନସ୍ୟ ଜଗତାଂ କୋଦଣ୍ଡଦୀକ୍ଷାଗୁରୋଃ ।
ମଦ୍ଦୋର୍ଦଣ୍ଡକଠୋରତାଡ଼ନବିଧୌ କୋ ବା ତ୍ରିକୂଟାଚଳଃ
କୋ ମେରୁଃ କ୍ୱ ଚ ରାବଣୌଘଗଣନା କୋଟିସ୍ତୁ କୀଟାୟତେ ॥୯୦॥

❊ ରାବଣ ଓ ହନୁମାନଙ୍କ ଉକ୍ତିପ୍ରତ୍ୟୁକ୍ତି -

ରେ ବାନର, ତୁ କିଏ, କେଉଁଠୁ ଓ କାହିଁକି ଆସିଛୁ ? ମୁଁ ହନୁମାନ, ତୁମ ପୁତ୍ରର ସଂହାରକାରୀ, ଜଗତର ଧନୁର୍ଦ୍ଧାରୀମାନଙ୍କର ଗୁରୁ ଓ ଖରଦୂଷଣଙ୍କ ବିନାଶକ ଶ୍ରୀରାମଚନ୍ଦ୍ରଙ୍କ ଦୂତ । ରେ ରାବଣ, ମୁଁ ଗୋଟିଏ ବିଧାରେ (ମୁଷ୍ଟ୍ୟାଘାତ) ମେରୁ ପରି ବହୁ ପର୍ବତକୁ ଚୂର୍ଣ୍ଣ କରିଦେଇପାରେ । ତେଣୁ ତୋ' ପରି କୋଟିଏ ରାବଣକୁ ମୁଁ ଏକ କୀଟ ପରି ମନେ କରେ ॥

एकोऽहं पवनात्मजो दशमुख त्वं चापि कोटीश्वर-
स्त्वां जित्वा समरे रघोः प्रणयिनीं सीतां च नेतुं क्षमः ।
किन्तु प्रौढतया पुरो भगवता रामेण सुग्रीवतो
हत्वा दक्षिणपाणिना वसुमतीं त्वां हन्तुमुक्तं वचः ॥९१॥

ଏକୋଽହଂ ପବନାତ୍ମଜୋ ଦଶମୁଖ ତ୍ୱଂ ଚାପି କୋଟୀଶ୍ୱର-
ସ୍ତ୍ୱାଂ ଜିତ୍ୱା ସମରେ ରଘୋଃ ପ୍ରଣୟିନୀଂ ସୀତାଂ ଚ ନେତୁଂ କ୍ଷମଃ ।
କିନ୍ତୁ ପ୍ରୌଢ଼ିତୟା ପୁରୋ ଭଗବତା ରାମେଣ ସୁଗ୍ରୀବତୋ
ହତ୍ୱା ଦକ୍ଷିଣପାଣିନା ବସୁମତୀଂ ତ୍ୱାଂ ହନ୍ତୁମୁକ୍ତଂ ବଚଃ ॥୯୧॥

❋ ମୁଁ ପବନନନ୍ଦନ ହନୂମାନ ଏକା ତୋ' ଆଗରେ ଅଛି । ତୋର ଦଶମୁଖ ଅଛି ଓ ତୁ କୋଟୀଶ୍ୱର ଭାବେ ଖ୍ୟାତ । ମୁଁ ଏକା ଯୁଦ୍ଧରେ ତୋତେ ଜୟ କରି ଶ୍ରୀରାମଙ୍କ ପତ୍ନୀ ସୀତାଙ୍କୁ ନେଇ ଯିବା ପାଇଁ ସମର୍ଥ । କିନ୍ତୁ ଭଗବାନ୍ ଶ୍ରୀରାମଚନ୍ଦ୍ର ଡାହାଣ ହାତରେ ପୃଥିବୀ ଛୁଇଁ ସୁଗ୍ରୀବଙ୍କ ଆଗରେ ପ୍ରତିଜ୍ଞା କରିଛନ୍ତି ଯେ ତୋତେ ସେ ନିଜେ ବିନାଶ କରିବେ ॥

रे रे रावण राक्षसाधम पशो मूर्खातिमूढाधम
गर्वं वर्वर मुञ्च मुञ्च झटिति प्रीत्या वयं ब्रुमहे ।
मुर्ध्ना सेवय रामचन्द्रचरणौ दत्वा पुरो जानकीं
तस्माद्राज्यमकण्टकं कुरु चिरं पुत्रेण पौत्रेण वा ॥९२॥
ରେ ରେ ରାବଣ ରାକ୍ଷସାଧମ ପଶୋ ମୂର୍ଖାତିମୂଢାଧମ
ଗର୍ବଂ ବର୍ବର ମୁଞ୍ଚ ମୁଞ୍ଚ ଝଟିତି ପ୍ରୀତ୍ୟା ବୟଂ ବ୍ରୁମହେ ।
ମୂର୍ଦ୍ଧ୍ନା ସେବୟ ରାମଚନ୍ଦ୍ରଚରଣୌ ଦତ୍ତ୍ୱା ପୁରୋ ଜାନକୀଂ
ତସ୍ମାଦ୍ରାଜ୍ୟମକଣ୍ଟକଂ କୁରୁଚିରଂ ପୁତ୍ରେଣ ପୌତ୍ରେଣ ବା ॥୯୨॥

❋ ରେ ରାବଣ, ତୁ ଏକ ଅଧମ ରାକ୍ଷସ ଓ ମୂର୍ଖମାନଙ୍କ ମଧ୍ୟରେ ଶ୍ରେଷ୍ଠ ମୂର୍ଖ । ରେ ବର୍ବର, ବୃଥା ଅହଙ୍କାର ତ୍ୟାଗ କରି ଓ ମୋ' କଥା ମାନି ଶୀଘ୍ର ସୀତାଙ୍କୁ ସସମ୍ମାନେ ନେଇ ଶ୍ରୀରାମଚନ୍ଦ୍ରଙ୍କୁ ସମର୍ପଣ କରି ତାଙ୍କ ପାଦତଳେ ମୁଣ୍ଡ ଲଗାଇ କ୍ଷମା ପ୍ରାର୍ଥନା କର । ଏପରି କଲେ ତୁ ପୁତ୍ର ପୌତ୍ରାଦିଙ୍କ ସହିତ ନିଷ୍କଣ୍ଟକଭାବେ ରାଜସୁଖ ଭୋଗ କରିପାରିବୁ ॥

अत्मानं परिरक्षितुं यदि भवान् पुत्रं च पौत्रादिकं
भ्रातुर्वर्गकुटुम्वकं परिजनं चार्थं तथा सैनिकम् ।
राज्यं चापि महोदितं दशशिरः काङ्क्षत्यतश्चेत्त्वया
श्रीरामाय महात्मने गुणवते तद्दीयतां मैथिली ॥९३॥
ଆତ୍ମାନଂ ପରିରକ୍ଷିତୁଂ ଯଦି ଭବାନ୍ ପୁତ୍ରଂ ଚ ପୌତ୍ରାଦିକଂ
ଭ୍ରାତୁର୍ବର୍ଗକୁଟୁମ୍ବକଂ ପରିଜନଂ ଚାର୍ଥଂ ତଥା ସୈନିକମ୍ ।
ରାଜ୍ୟଂ ଚାପି ମହୋଦିତଂ ଦଶଶିରଃ କାଙ୍କ୍ଷତ୍ୟତଶ୍ଚେତ୍ତ୍ୱୟା
ଶ୍ରୀରାମାୟ ମହାତ୍ମନେ ଗୁଣବତେ ତଦ୍ଦୀୟତାଂ ମୈଥିଲୀ ॥୯୩॥

❋ ରେ ରାବଣ, ଯଦି ପୁତ୍ର,ପୌତ୍ର,ଭ୍ରାତୃ ବନ୍ଧୁବର୍ଗ, କୁଟୁମ୍ବ, ପରିଜନ, ଅର୍ଥ ଓ ସୈନ୍ୟସାମନ୍ତଙ୍କୁ ସୁରକ୍ଷିତ ରଖି ସୁଖରେ କାଳ କଟାଇବାକୁ ଇଚ୍ଛା କରୁଛୁ, ତେବେ, ମୋର ପରାମର୍ଶ

ମାନି ଦୟାନିଧି ମହାତ୍ମା ଶ୍ରୀରାମଚନ୍ଦ୍ରଙ୍କୁ ତାଙ୍କ ପତ୍ନୀ ମୈଥିଳୀଙ୍କୁ ଫେରାଇ ଦେଇ ଶରଣ ପ୍ରାର୍ଥନା କର ॥

यावद्दाशरथेर्न पश्यसि मुखं यावन्न वारांनिधि-
र्बद्धो यावदियं च वानरबलाक्रान्ता च लङ्का पुरी ।
यावत् सोदरबन्धुपुत्रसुहृदां मृत्युर्न चालोक्यसे
तावद्रावणलोकनाथदयिता सीता स्वयं दीयताम् ॥९४॥

ଯାବଦ୍ଦାଶରଥେର୍ନପଶ୍ୟସି ମୁଖଂ ଯାବନ୍ନ ବାରାଂନିଧି-
ର୍ବଦ୍ଧୋ ଯାବଦିୟଂ ଚ ବାନର ବଲାକ୍ରାନ୍ତା ଚ ଲଙ୍କା ପୁରୀ
ଯାବତ୍ ସୋଦରବନ୍ଧୁପୁତ୍ରସୁହୃଦାଂ ମୃତ୍ୟୁର୍ନ ଚାଲୋକ୍ୟସେ
ତାବଦ୍‌ରାବଣ ଲୋକନାଥଦୟିତା ସୀତା ସ୍ୱୟଂ ଦୀୟତାମ୍ ॥୯୪॥

❋ ରେ ରାବଣ, ଯେ ପର୍ଯ୍ୟନ୍ତ ଶ୍ରୀରାମଙ୍କ ମୁଖ ଦର୍ଶନ କରି ନାହୁଁ, ସମୁଦ୍ରରେ ସେତୁ ବନ୍ଧ ତିଆରି ହୋଇ ନାହିଁ କି ଲଙ୍କାପୁରୀରେ ବାନର ସୈନ୍ୟ ପ୍ରବେଶ କରି ରାକ୍ଷସ ସୈନ୍ୟଙ୍କୁ ସଂହାର କରି ନାହାନ୍ତି ଏବଂ ଭାଇ ବନ୍ଧୁ ପୁତ୍ରମାନଙ୍କର ମୃତ୍ୟୁ ସ୍ୱଚକ୍ଷୁରେ ଦେଖି ନାହୁଁ ସେପର୍ଯ୍ୟନ୍ତ ତୋର ଚେତନା ଜାଗ୍ରତ ହେବ ନାହିଁ । ତେଣୁ ଏସବୁ ଘଟଣା ଘଟିବା ପୂର୍ବରୁ ତୁ ଲୋକନାଥ ଶ୍ରୀରାମଙ୍କ ପତ୍ନୀଙ୍କୁ ନିଜେ ନେଇ ସମର୍ପଣ କର ॥

किं बहुना -

तावल्लङ्केश्वरो राजा यावन्नायाति राघवः ।
आयाते राघवे वीरे लङ्का लङ्केश्वरः कुतः ॥९५॥

କିଂ ବହୁନା-

ତାବତ୍ ଲଙ୍କେଶ୍ୱରୋ ରାଜା ଯାବନ୍ନାୟାତି ରାଘବଃ ।
ଆୟାତେ ରାଘବେ ବୀରେ ଲଙ୍କା ଲଙ୍କେଶ୍ୱରଃ କୁତଃ ॥୯୫॥

❋ ଅଧିକ କହିବା ନିଷ୍ପ୍ରୟୋଜନ । ଯେ ପର୍ଯ୍ୟନ୍ତ ଶ୍ରୀରାମ ଲଙ୍କାରେ ଉପସ୍ଥିତ ହୋଇ ନାହାନ୍ତି ସେପର୍ଯ୍ୟନ୍ତ ରାବଣ ଲଙ୍କାରେ ରାଜା ହୋଇ ରହିବ । ବୀର ଶ୍ରୀରାମଚନ୍ଦ୍ର ଲଙ୍କାରେ ଆସି ପହଞ୍ଚିଲେ ଲଙ୍କା ନ ଥିବ କି ଲଙ୍କେଶ୍ୱର ନ ଥିବେ ॥

रावणः -

ईषत्सज्जनमैत्रीव नाभिद्यते कपेस्तनुः ।
निहता चन्द्रहासेन रावणेनातिरंहसा ॥९६॥

ରାବଣଃ -

ଈଷତ୍ସଜ୍ଜନମୈତ୍ରୀବ ନାଭିଦ୍ୟତେ କପେସ୍ତନୁଃ ।
ନିହତା ଚନ୍ଦ୍ରହାସେନ ରାବଣେନାତିରଂହସା ॥୯୬॥

❋ ରାବଣ କ୍ରୋଧାନ୍ୱିତ ହୋଇ ଚନ୍ଦ୍ରହାସ ଖଡ୍ଗରେ ହନୂମାନଙ୍କୁ ହାଣିବାକୁ ଲାଗିଲା ; କିନ୍ତୁ ଯେପରି ସଜ୍ଜନ ସହିତ ମିତ୍ରତା କଲେ କୌଣସି ବିପଦ ପଡ଼େ ନାହିଁ, ସେହିପରି ଚନ୍ଦ୍ରହାସ ଖଡ୍ଗ କପିର ଶରୀରକୁ ଭେଦ କରିପାରିଲା ନାହିଁ ॥

अत्रावसरे क्रुद्धो विभीषणः-

वैरुप्यमङ्गेषु कषानिपातो मौण्ड्यं तथा लक्ष्मणसंनिवेशः ।

एतान्विधीनर्हति राक्षसेश शास्त्रेषु दूतस्य वधो न दृष्टः ॥९७॥

ଅତ୍ରାବସରେ କ୍ରୁଦ୍ଧୋ ବିଭୀଷଣଃ

ବୈରୁପ୍ୟମଙ୍ଗେଷୁ କଷାନିପାତୋ ମୌଣ୍ଡ୍ୟଂ ତଥା ଲକ୍ଷ୍ମଣସଂନିବେଶଃ ।

ଏତାନ୍ ବିଧୀନର୍ହତି ରାକ୍ଷସେଶ ଶାସ୍ତ୍ରେଷୁ ଦୂତସ୍ୟ ବଧୋ ନ ଦୃଷ୍ଟଃ ॥ ୯୭॥

❋ ଏହା ଦେଖି ବିଭୀଷଣ ଅଧିକ କ୍ରୁଦ୍ଧ ହୋଇ କହିଲେ ହେ ରାଜନ୍ ! ଶାସ୍ତ୍ରର ନିୟମ ଅନୁସାରେ ଦୂତ ଅବଧ୍ୟ । ତେଣୁ ତାକୁ କଷାଘାତ ଦିଆଯାଇପାରେ ଅଥବା ଲଣ୍ଡା କରାଯାଇପାରେ । ଦୂତକୁ କୌଣସି ଏକ ଚିହ୍ନରେ ଚହ୍ନିତ କରି ଛାଡ଼ି ଦିଆଯାଇପାରେ ॥

कपीनां किल लाङ्गुलमिष्टमेकं विभूषणम् ।

तदस्य दीप्यतामाशु तेन दग्धेन गच्छतु ॥९८॥

କପୀନାଂ କିଲ ଲାଙ୍ଗୂଲମିଷ୍ଟମେକଂ ବିଭୂଷଣମ୍ ।

ତଦସ୍ୟ ଦୀପ୍ୟତାମାଶୁ ତେନ ଦଗ୍ଧେନ ଗଚ୍ଛତୁ ॥ ୯୮॥

❋ ବାନରମାନଙ୍କର ଲାଙ୍ଗୂଳ ହେଉଛି ପ୍ରାଣ ସଦୃଶ । ତାହାହିଁ ସେମାନଙ୍କର ଶୋଭା ବୃଦ୍ଧି କରିଥାଏ । ତେଣୁ ଏହାର ଲାଙ୍ଗୂଳରେ ନିଆଁ ଲଗାଇଦିଅ । ଲାଙ୍ଗୂଳବିହୀନ ହୋଇ ସେ ଫେରିଯାଉ ॥

रावणस्तथाज्ञापयति -

छेत्तुं तज्जनितोद्यमः क्षितिभुजां वध्यो न दूतो भवे-

दित्याकर्ण्य विभीषणस्य वचनं क्रुद्धस्तदा रावणः ।

बद्ध्वा वालधिवल्लरीं बहुतरैर्वासोभिराज्यप्लुतै-

र्दत्वा बह्निमदीपयद्धनुमतः कर्त्तु विरूपं वपुः ॥९९॥

ରାବଣସ୍ତଥାଜ୍ଞାପୟତି -

ଛେତ୍ତୁଂ ତଜ୍ଜନିତୋଦ୍ୟମଃ କ୍ଷିତିଭୁଜାଂ ବଧ୍ୟୋ ନ ଦୂତୋ ଭବେ -

ଦିତ୍ୟାକର୍ଣ୍ଣ୍ୟ ବିଭୀଷଣସ୍ୟ ବଚନଂ କ୍ରୁଦ୍ଧସ୍ତଦା ରାବଣଃ ।

ବଦ୍ଧ୍ୱା ବାଲଧିବଲ୍ଲରୀଂ ବହୁତରୈର୍ବାସୋଭିରାଜ୍ୟପ୍ଲୁତୈ-

ର୍ଦତ୍ତ୍ୱା ବହ୍ନିମଦୀପୟଦ୍ ହନୂମତଃ କର୍ତ୍ତୁଂ ବିରୂପଂ ବପୁଃ ॥ ୯୯॥

❋ ରାଜାଙ୍କ ପକ୍ଷରେ ଦୂତକୁ ବଧ କରିବା ଉଚିତ ନୁହେଁ ବୋଲି ଭାଇ ବିଭୀଷଣଙ୍କ କଥାକୁ ବିଚାର କରି ରାବଣ କ୍ରୋଧାନ୍ୱିତ ହୋଇ ହନୂମାନଙ୍କ ଶରୀରକୁ ବିକୃତ କରିବା ନିମିତ୍ତ ତାଙ୍କ

ଲାଙ୍ଗୁଳରେ କନା ଗୁଡ଼ାଇ ଓ ସେଥିରେ ଘିଅ ଢାଳି ନିଆଁଲଗାଇ ଦେବାକୁ ଅନୁଚରମାନଙ୍କୁ ଆଦେଶ ଦେଲା ॥

रावणहनुमतोरुक्तिप्त्युक्ती-

अग्निः प्रज्वलितः समादिश भृशं वर्षन्तु धाराधरा
वातो वाति न वास्यसि ध्रुवममी देवास्तवाज्ञावशाः ।
इत्थं सव्यथकोत्तरैर्हनुमतो लङ्कापतेर्मानसं
दग्धं यादृशमाक्रमेण च तथा दग्धापि लङ्कापुरी ॥१००॥

ରାବଣହନୁମତୋରୁକ୍ତିପ୍ରତ୍ୟୁକ୍ତୀ-

ଅଗ୍ନିଃ ପ୍ରଜ୍ୱଳିତଃ ସମାଦିଶ ଭୃଶଂ ବର୍ଷନ୍ତୁ ଧାରାଧରା
ବାତୋ ବାତି ନ ବାସ୍ୟସି ଧ୍ରୁବମମୀ ଦେବାସ୍ତବାଜ୍ଞାବଶାଃ ।
ଇତ୍ଥଂ ସବ୍ୟଥକୋତ୍ତରୈର୍ହନୁମତୋ ଲଙ୍କାପତେର୍ମାନସଂ
ଦଗ୍ଧଂ ଯାଦୃଶମାକ୍ରମେଣ ଚ ତଥା ଦଗ୍ଧାପି ଲଙ୍କାପୁରୀ ॥୧୦୦॥

❊ ରାବଣ ଓ ହନୁମାନଙ୍କ ଉକ୍ତି ପ୍ରତ୍ୟୁକ୍ତି ।

ରାବଣ ଆଦେଶ ଦେଲା- ଅଗ୍ନି ପ୍ରଜ୍ୱଳିତ ହେଉ । ହନୁମାନ୍ କହିଲେ -ମେଘ ବର୍ଷା କରୁ । ପବନ ବହୁ । ପବନସୁତ କହିଲେ- ନା ପବନ ବହିବ ନାହିଁ । ରେ ରାବଣ, ଦେବଗଣ ତୋର ଆଜ୍ଞାବହ । ହନୁମାନର ବ୍ୟଥାଦାୟକ ବାକ୍ୟ ଶୁଣି ରାବଣର ମନ ବ୍ୟାକୁଳ ହୋଇ ପଡ଼ିଲା । ଏହି ସମୟରେ ହନୁମାନ ନିଜ ମୁଖରୁ ଅଗ୍ନି ଜାତ କରି ଲାଙ୍ଗୁଳରେ ଲଗାଇଲେ ଏବଂ ରାବଣର ଆଖି ଆଗରେ ସମଗ୍ର ଲଙ୍କାକୁ ପୋଡ଼ି ପାଉଁଶ କରିଦେଲେ ॥

अत्रावसरे जनानां वितर्कः-

अब्धिः किं वड़वानलेन तरणिविम्बेन किं वोदितो
मेघः किं चपलाञ्चलेन शशिभृत्किं भालनेत्रेण वा ।
कालः किं क्षयबह्निनेन्द्रधनुषा धाराधरः किं महान्
मेरुः किं ध्रुवमण्डलेन स कपिः पुच्छेन खे राजते ॥१०१॥

ଅତ୍ରାବସରେ ଜନାନାଂ ବିତର୍କଃ

ଅବ୍ଧିଃ କିଂ ବଡ଼ବାନଳେନ ତରଣିର୍ବିମ୍ବେନ କିଂ ବୋଦିତୋ
ମେଘଃ କିଂ ଚପଳାଞ୍ଚଳେନ ଶଶିଭୃତ୍କିଂ ଭାଲନେତ୍ରେଣ ବା ।
କାଳଃ କିଂ କ୍ଷୟବହ୍ନିନେନ୍ଦ୍ରଧନୁଷା ଧାରାଧରଃ କିଂ ମହାନ୍ ।
ମେରୁଃ କିଂ ଧ୍ରୁବମଣ୍ଡଳେନ ସ କପିଃ ପୁଚ୍ଛେନ ଖେ ରାଜତେ ॥୧୦୧॥

❊ ଅସୁରମାନେ ଏହି ଅବସରରେ ଭାବିଲେ ଯେ ସମୁଦ୍ରରେ ବଡ଼ବାନଳ ଜଳୁଛି କି ? ମେଘରେ ସୂର୍ଯ୍ୟଙ୍କ ପ୍ରତିବିମ୍ବପରି ବିଜୁଳି ଦେଖା ଯାଉଛି କି ? ଆକାଶରେ କଣ ଚନ୍ଦ୍ର ଉଦୟ ହେଲା

କି ? ପ୍ରଳୟକାଳୀନ ଅଗ୍ନି ଜଳିଲା କି ? ପର୍ବତରେ ଇନ୍ଦ୍ରଧନୁ ଦେଖାଯାଉଛି କି ? ଧ୍ରୁବମଣ୍ଡଳରେ ମେରୁପର୍ବତ କି ? ଆକାଶରେ ବାୟୁବେଗରେ ପୁଚ୍ଛ ଟେକି ଯାଉଥିବା ହନୁମାନ୍ ଏହିପରି ଦେଖାଯାଉଥିବାରୁ ରାକ୍ଷସସାଧାରଣ ନାନାଚିନ୍ତା କରିବାକୁ ଲାଗିଲେ ॥

हनुमान् वदति- .

रामाग्रे न च लक्ष्मणस्य पुरतः कृत्वा शरैराहवं
सीता निस्त्रपवेपमानहृदया चौर्य्येण नीता त्वया ।
प्रत्यक्षं तव दुर्मते वरगृहैः पूर्णा जनैरावृता
स्वर्णस्फाटिकरत्नमौक्तिकमयी लङ्का मया दह्यते ॥१०२॥

ହନୁମାନ୍ ବଦତି-

ରାମାଗ୍ରେ ନ ଚ ଲକ୍ଷ୍ମଣସ୍ୟ ପୁରତଃ କୃତ୍ୱା ଶରୈରାହବଂ
ସୀତା ନିସ୍ତ୍ରପବେପମାନହୃଦୟା ଚୌର୍ଯ୍ୟେଣ ନୀତା ତ୍ୱୟା ।
ପ୍ରତ୍ୟକ୍ଷଂ ତବ ଦୁର୍ମତେ ବରଗୃହୈଃ ପୂର୍ଣ୍ଣା ଜନୈରାବୃତା
ସ୍ୱର୍ଣ୍ଣସ୍ଫାଟିକରତ୍ନମୌକ୍ତିକମୟୀ ଲଙ୍କା ମୟା ଦହ୍ୟତେ ॥୧୦୨॥

❋ ରେ ରାବଣ, ତୁ ଶ୍ରୀରାମ ଓ ଲକ୍ଷ୍ମଣଙ୍କ ସହିତ ଯୁଦ୍ଧ ନ କରି ସେମାନଙ୍କ ଅନୁପସ୍ଥିତିର ସୁଯୋଗ ନେଇ ସରଳ ହୃଦୟା ଓ ଭୟାତୁରା ସୀତାଙ୍କୁ ନିର୍ଲଜ୍ଜଭାବେ ଚୋରାଇ ଆଣି ରଖିଛୁ । ତୋ'ର ଦୁର୍ବୁଦ୍ଧି ପାଇଁ ସୁବର୍ଣ୍ଣ, ସ୍ଫଟିକ ନିର୍ମିତ, ଉତ୍ତମ ଭବନ ଯୁକ୍ତ ଓ ଅସୁରମାନଙ୍କ ଦ୍ୱାରା ପରିପୂର୍ଣ୍ଣ ସମଗ୍ର ଲଙ୍କାକୁ ମୁଁ ପୋଡ଼ି ଛାରଖାର କରିଦେବି ॥

उल्कामुखानां भयविह्वलानां जलं जलं व्याहरतां मुखेभ्यः ।
तत्पुच्छवह्निर्द्विगुणप्रभावो ददाह लङ्कामतुलोर्जितार्चिः ॥१०३॥
ଉଲ୍କାମୁଖାନାଂ ଭୟବିହ୍ୱଳାନାଂ ଜଳଂ ଜଳଂ ବ୍ୟାହରତାଂ ମୁଖେଭ୍ୟଃ ।
ତତ୍ପୁଚ୍ଛବହ୍ନିର୍ଦ୍ୱିଗୁଣପ୍ରଭାବୋ ଦଦାହ ଲଙ୍କାମତୁଳୋର୍ଜିତାର୍ଚ୍ଚିଃ ॥୧୦୩॥

❋ ଉଲ୍କାପ୍ରାୟ ଅଗ୍ନିଖଣ୍ଡ ପଡ଼ିବାର ଦେଖି ଭୟଭୀତ ହୋଇ ରାକ୍ଷସମାନେ ଜଳ ଜଳ ବୋଲି କହି ସମୁଦ୍ରଜଳରେ ଅଗ୍ନିକୁ ଲିଭାଇବାରେ ଲାଗିଗଲେ । ଏହା ଦେଖି ହନୁମାନ ନିଜ ଲାଙ୍ଗୁଳରୁ ଅଗ୍ନି ସୃଷ୍ଟି କରି ଦ୍ୱିଗୁଣମାତ୍ରାରେ ଲଙ୍କାର ଘରଦ୍ୱାର ପୋଡ଼ି ଧ୍ୱଂସ କରିଦେଲେ ॥

रावणः- जनान् प्रति -

शीघ्रं रक्षत वाजिवारणगृहं शय्यागृहं श्रीगृहं
रत्नागारधनालयौ बलवता वातेन दीप्तोऽनलः ।
धूमव्याकुलनेत्रवक्त्रयुवतीवक्षस्थलाताडनात्
क्रन्दद्बालकवृद्धभीतवनिताहाहारवः श्रूयते ॥१०४॥

ରାବଣଃ ଜନାନ୍ ପ୍ରତି -

ଶୀଘ୍ରଂ ରକ୍ଷତ ବାଜିବାରଣଗୃହଂ ଶଯ୍ୟାଗୃହଂ ସ୍ତ୍ରୀଗୃହଂ
ରତ୍ନାଗାରଧନାଲୟୌ ବଲବତା ବାତେନ ଦୀପ୍ତୋଽନଲଃ ।
ଧୂମବ୍ୟାକୁଳନେତ୍ରବକ୍ତ୍ରଯୁବତୀ ବକ୍ଷସ୍ଥଲାତାଡ଼ନାତ୍
କ୍ରନ୍ଦଦ୍ବାଳକବୃଦ୍ଧଭୀତବନିତାହାହାରବଃ ଶ୍ରୂୟତେ ॥୧୦୪॥

❋ ରାବଣ ଏଇ ଦୁରବସ୍ଥା ଦେଖି ଅସୁରମାନଙ୍କୁ ଆଦେଶ ଦେଇ କହିଲା-ଶୀଘ୍ର ହସ୍ତୀଶାଳା, ଅଶ୍ୱଶାଳା, ଧନରତ୍ନଭଣ୍ଡାରଗୃହ, ଶୟନମନ୍ଦିର,ସ୍ତ୍ରୀମାନଙ୍କର ବାସଗୃହଗୁଡ଼ିକ ରକ୍ଷାକର । ବାୟୁବଳରେ ଅଗ୍ନି ପ୍ରଜ୍ୱଳିତ ହେଉଛି । ଧୂଆଁରେ ନାରୀମାନଙ୍କର ନେତ୍ର ରୁନ୍ଧି ଯାଉଛି । କାନ୍ଦୁଥିବା ଶିଶୁ, ବୃଦ୍ଧ ଓ ଭୟଭୀତା ନାରୀମାନଙ୍କର ହା ହା ଶବ୍ଦରେ ସମଗ୍ର ଲଙ୍କା ପୁରୀ ପ୍ରତିଧ୍ୱନିତ ହେଉଛି ॥

श्रीलङ्कामवलोक्य घोरदहनैः संदह्यमानां भृशं
प्रोवाचेति वचांसि सर्ववदनैस्तोयार्थिलङ्केश्वरः।
अग्रे नीरधिरम्बुधिर्निधिरपां पाथोनिधिः संभ्रमा -
दम्भोधिर्जलधिः पयोधिरुदधिर्वारांनिधिर्वारिधिः ॥१०५॥

ଶ୍ରୀଲଙ୍କାମବଲୋକ୍ୟ ଘୋରଦହନୈଃ ସଂଦହ୍ୟମାନାଂ ଭୃଶଂ
ପ୍ରୋବାଚେତି ବଚାଂସି ସର୍ବବଦନୈସ୍ତୋୟାର୍ଥିର୍ଲଙ୍କେଶ୍ୱରଃ ।
ଅଗ୍ରେ ନୀରଧିରମ୍ବୁଧିର୍ନିଧିରପାଂପାଥୋନିଧିଃ ସଂଭ୍ରମା-
ଦମ୍ଭୋଧିର୍ଜଳଧିଃ ପୟୋଧିରୁଦଧିର୍ବାରାଂନିଧିର୍ବାରିଧିଃ ॥୧୦୫॥

❋ ସମଗ୍ର ଲଙ୍କାପୁରୀ ଅଗ୍ନିରେ ଦଗ୍ଧ ହେଉଥିବାର ଦେଖି ଦଶାନନ ନିଜର ଦଶମୁଖରେ କହିଲା- ସମ୍ମୁଖରେ ଥିବା ଅମ୍ବୁନିଧି, ପାଥୋନିଧି, ଅପାଂନିଧି, ଜଳଧି, ବାରାଂନିଧି, ବାରିଧି ପ୍ରଭୃତିରୁ ଯେ ଯେଉଁଠି ଅଛ ଜଳ ଆଣି ଶୀଘ୍ର ଅଗ୍ନିକୁ ନିର୍ବାପିତ କରିଦିଅ ॥

निकुम्भकुम्भोदरकुम्भकर्णकुम्भैरलं केवलनामधेयैः ।
मन्दोदरीमन्दिरपावकोऽयं पानीयमानीय न कैर्विनीता ॥१०६॥
ନିକୁମ୍ଭକୁମ୍ଭୋଦରକୁମ୍ଭକର୍ଣ୍ଣକୁମ୍ଭୈରଲଂ କେବଳନାମଧେୟୈଃ ।
ମନ୍ଦୋଦରୀମନ୍ଦିରପାବକୋଽୟଂ ପାନୀୟମାନୀୟ ନ କୈର୍ବିନୀତା ॥୧୦୬॥

❋ ରାବଣ ବ୍ୟାକୁଳ ହୋଇ କହିଲା - ରେ ନିକୁମ୍ଭ, କୁମ୍ଭକର୍ଣ୍ଣ ବୀରମାନେ ଖାଲି ନାମକୁ ମାତ୍ର କୁମ୍ଭ ନାମ ଧାରଣ କରିଛ । ତୁମେ ସବୁ କ'ଣ କରୁଛ ? ଦେଖ, ରାଣୀ ମନ୍ଦୋଦରୀର ପୁର ଜଳିଯାଉଛି । ଶୀଘ୍ର ଜଳ ନେଇ ରାଣୀହଂସପୁରକୁ ରକ୍ଷା କର ॥

अत्रावसरे हनुमतश्चेष्टा -

कापेयान्यकरोदसौ कवलितब्रह्माणि सद्यस्त्रुट-
द्ब्रन्थानि प्रविमुग्धमैथिलसुताजीवातुभूतानि च ।

भग्नाशेषभटानि भर्त्सितदशग्रीवाणि वद्धानल-
ज्वालाप्रज्वलितस्ववालधिनतानिर्दग्धलङ्कानि च ॥१०७॥

ଅତ୍ରାବସରେ ହନୁମତଚ୍ଚେଷ୍ଟା-
କାପେୟାନ୍ୟକରୋଦସୌ କବଳିତବ୍ରଧ୍ନାନି ସଦ୍ୟସ୍ଫୁଟ
ଦ୍ବନ୍ଦ୍ୱାନି ପ୍ରବିମୁଗ୍ଧମୈଥିଳସୁତାଜୀବାତୁଭୂତାନି ଚ ।
ଭଗ୍ନାଶେଷଭଟାନି ଭର୍ତ୍ସିତଦଶଗ୍ରୀବାଣି ବଦ୍ଧାନଳ-
ଜ୍ୱାଳାପ୍ରଜ୍ୱଳିତ ସ୍ୱବାଳଧିଲତାନିର୍ଦଗ୍ଧଲଙ୍କାନି ଚ ॥୧୦୭॥

❋ ଏହି ଅବସରରେ ହନୁମାନ୍ ବହୁ ବୃକ୍ଷଲତା ନଷ୍ଟ କରିଦେଲେ । କୌଶଳରେ ନିଜର ବନ୍ଧନକୁ ଛିନ୍ନ କରି ବହୁ ରାକ୍ଷସଙ୍କୁ ହତ୍ୟାକଲେ ଓ ଦଶମୁଖ ରାବଣଙ୍କୁ ଭର୍ତ୍ସନା କରିବା ସଙ୍ଗେ ସଙ୍ଗେ ଲଙ୍କାର ସମସ୍ତ ଭବନକୁ ନିଜ ଲାଙ୍ଗୁଳର ଅଗ୍ନିରେ ଭସ୍ମୀଭୂତ କରିଦେଲେ ॥

ततोऽशोकवने वायुपुत्र सीतान्तिकेऽब्रवीत् ।
लंका दग्धा मया देवि विदायो दीयतामिति ॥१०८॥

ତତୋଽଶୋକବନେ ବାୟୁପୁତ୍ର ସୀତାନ୍ତିକେଽବ୍ରବୀତ୍ ।
ଲଙ୍କା ଦଗ୍ଧା ମୟା ଦେବି ବିଦାୟୋ ଦୀୟତାମିତି ॥୧୦୮॥

❋ ବାୟୁପୁତ୍ର ହନୁମାନ ଅଶୋକ ବନରେ ଥିବା ସୀତାଙ୍କୁ ସାକ୍ଷାତ୍ କରି କହିଲେ - ଦେବି ! ଲଙ୍କାକୁ ଦଗ୍ଧ କରିଦେଇଛି । ବର୍ତ୍ତମାନ ମୋତେ ବିଦାୟ ଦିଅନ୍ତୁ, ମୁଁ ଫେରିଯିବି ॥

अथ प्रथममभिज्ञानम् -
सीता धूमाकुलं दृष्ट्वा कपिमाश्वास्य चासकृत् ।
उदस्य च शिरोरत्नं विज्ञानं स्वामिने ददौ ॥१०९॥

ଅଥ ପ୍ରଥମଭିଜ୍ଞାନମ୍-
ସୀତା ଧୂମାକୁଳଂ ଦୃଷ୍ଟ୍ୱା କପିମାଶ୍ୱାସ୍ୟ ଚାସକୃତ୍ ।
ଉଦସ୍ୟ ଚ ଶିରୋରତ୍ନଂ ବିଜ୍ଞାନଂ ସ୍ୱାମିନେ ଦଦୌ ॥୧୦୯॥

❋ ସୀତା ଲଙ୍କାପୁରୀକୁ ଧୂମରେ ପୂର୍ଣ୍ଣ ହୋଇଥିବାର ଦେଖି ଓ ହନୁମାନଙ୍କୁ ବାରମ୍ବାର ଆଶ୍ୱାସନା ଦେଇ ନିଜର ମଥାମଣି ବାହାର କଲେ । ସ୍ୱାମୀ ଶ୍ରୀରାମଙ୍କୁ ଦେବା ପାଇଁ କହି ପ୍ରଥମ ନିଦର୍ଶନ ରୂପେ ମଥାମଣି ହନୁମାନଙ୍କ ହାତରେ ପଠାଇଲେ ॥

अथ द्वितीयमभिज्ञानम् -
रक्षोऽभिचारचरुपिण्डमिव स्तनं यो देव्या विदेहदुहितुर्विददार काकः ।
ऐषिकमस्त्रमधिकृत्य तदा तमक्ष्णा काणीचकार चरमो रघुराजपुत्रः ॥११०॥

ଅଥ ଦ୍ୱିତୀୟମଭିଜ୍ଞାନମ୍-
ରକ୍ଷୋଽଭିଚାରଚରୁପିଣ୍ଡମିବ ସ୍ତନଂ ଯୋ ଦେବ୍ୟା ବିଦେହଦୁହିତୁର୍ବିଦଦାର କାକଃ ।
ଐଷିକମସ୍ତ୍ରମଧିକୃତ୍ୟ ତଦା ତମକ୍ଷ୍ଣା କାଣୀଚକାର ଚରମୋ ରଘୁରାଜପୁତ୍ରଃ ॥୧୧୦॥

❊ ଦେବୀ ସୀତା କହିଲେ- ଚିତ୍ରକୂଟରେ ଥିବାବେଳେ ଆଭିଚାରିକ ଚଗୁପିଣ୍ଡ ଦେଖାଯାଉଥିବା ବୈଦେହୀଙ୍କ ସ୍ତନକୁ ଏକ କାକ ଖାଦ୍ୟ ବୋଲି ଭାବି ଯେତେବେଳେ ବିଦାରଣ କଲା, ସେତେବେଳେ ଦେବର ଲକ୍ଷ୍ମଣ ଐଷିକ ଶରରେ ତା'ର ଆଖିକୁ କଣା କରିଦେଇଥିଲେ, ଏହା ଶ୍ରୀରାମଙ୍କୁ କହିବ । ଏହା ହେଉଛି ଦ୍ୱିତୀୟ ଅଭିଜ୍ଞାନ ॥

अथ तृतीयमभिज्ञानम् -

मनः शिलायास्तिलकं तथा मे गण्डस्थले पाणितलेन घृष्टम् ।
स्मरेति विज्ञानमिदं तृतीयं जीवाम्यहं वानर मासमात्रम् ॥१११॥

ଅଥ ତୃତୀୟମଭିଜ୍ଞ ନମ୍-

ମନଃଶିଳାୟାସ୍ତିଳକଂ ତଥା ମେ ଗଣ୍ଡସ୍ଥଳେ ପାଣିତଳେନ ଘୃଷ୍ଟମ୍ ।
ସ୍ମରେତି ବିଜ୍ଞାନମିଦଂ ତୃତୀୟଂ ଜୀବାମ୍ୟହଂ ବାନର ମାସମାତ୍ରମ୍ ॥୧୧୧॥

❊ ହେ ବାନର, ଆହୁରି କହିବ, ମନଃଶିଳାର ଯେଉଁ ତିଳକ ମୋ ଗଣ୍ଡଦେଶରେ ଥିଲା ତାହା ଶ୍ରୀରାମଙ୍କ କର ସ୍ପର୍ଶରେ ଲିଭିଯାଇଥିଲା । ଏହା ସ୍ମରଣ କରାଇଦେଲେ ସେ ଆନନ୍ଦିତ ହେବେ । କିନ୍ତୁ ଏକମାସ ମଧ୍ୟରେ ଯଦି ମୁଁ ପ୍ରଭୁଙ୍କ ସାକ୍ଷାତ ନ ପାଇବି ତେବେ ଏ ଜୀବନ ତ୍ୟାଗ କରିବି ॥

वेलाद्रे रम्यहेलात् क्रमणपरिणतस्तुङ्गमाक्रम्य मौलिं
मौलिं पूर्वाचलस्य द्वितिमणिरिव भोऽलंघयत्यम्बुराशिम् ।
वेगप्रोद्धूतवातप्रतिहतसलिलोन्मुक्तगम्भीरगर्त्तः
व्यक्तीभूतोरगेन्द्रश्रुतिगतविलसत् कीर्त्तिहारो हनुमान् ॥११२॥

ବେଲାଦ୍ରେ ରମ୍ୟହେଲାତ୍ କ୍ରମଣପରିଣତସ୍ତୁଙ୍ଗମାକ୍ରମ୍ୟ ମୌଳିଂ
ମୌଳିଂ ପୂର୍ବାଚଳସ୍ୟ ଦ୍ୱିତିମଣିରିବ ଭୋଽଲଂଘୟତ୍ୟମ୍ବୁରାଶିମ୍ ।
ବେଗପ୍ରୋଦ୍ଧୂତବାତ ପ୍ରତିହତସଲିଳୋନ୍ମୁକ୍ତଗମ୍ଭୀରଗର୍ତ୍ତଃ
ବ୍ୟକ୍ତୀଭୂତୋରଗେନ୍ଦ୍ର ଶ୍ରୁତିଗତବିଳସତ୍ କୀର୍ତ୍ତିହାରୋ ହନୁମାନ୍ ॥୧୧୨॥

❊ ହନୁମାନ ବେଳାଭୂମିସ୍ଥିତ ପର୍ବତର ଉତ୍ତୁଙ୍ଗ ଶିଖର ଦେଶକୁ ଯାଇ ଲମ୍ଫ ପ୍ରଦାନ ପୂର୍ବକ ପୂର୍ବାଚଳ ଉଦିତ ସୂର୍ଯ୍ୟଙ୍କ ପରି ତେଜ ଧାରଣ କରି ସମୁଦ୍ରର ଜଳରାଶିକୁ ଲଙ୍ଘନ କଲେ । ତାଙ୍କର ଗମନ ବେଗଜନିତ ବାୟୁରେ ଜଳରେ ଯେଉଁ ଗଭୀର ଗର୍ତ୍ତ ସୃଷ୍ଟି ହେଲା ସେଥିରେ ସର୍ପରାଜ ଅନନ୍ତ ସ୍ପଷ୍ଟ ଦେଖାଗଲେ ॥

ततो हनुमान् -

दग्ध्वा लङ्कामशङ्कं जनकनृपसुतां तां समाश्वास्य भूयः
प्रत्युल्लंघ्याम्बुराशिं पुनरपि मिलितो जाम्ववान्मुख्ययूथे ।
तेभ्यः सर्वं निवेद्य प्रमुदितहृदयंस्तैः समं संनिवृत्तः
सुग्रीवप्रेमपात्रं मधुवनमथ संसृत्य भोगं स चक्रे ॥११३॥

ତତୋ ହନୂମାନ୍-

ଦଗ୍ଧ୍ୱା ଲଙ୍କାମଶଙ୍କ ଜନକନୃପସୁତାଂ ତାଂ ସମାଶ୍ୱାସ୍ୟ ଭୂୟଃ
ପ୍ରତ୍ୟୁଲ୍ଲଂଘ୍ୟାମ୍ବୁରାଶିଂ ପୁନରପି ମିଳିତୋ ଜାମ୍ବବାନ୍‌ମୁଖ୍ୟଯୂଥେ ।
ତେଭ୍ୟଃ ସର୍ବଂ ନିବେଦ୍ୟ ପ୍ରମୁଦିତହୃଦୟସ୍ତୈଃ ସମଂ ସନ୍ନିବୃତ୍ତଃ
ସୁଗ୍ରୀବପ୍ରେମପାତ୍ରଂ ମଧୁବନମଥ ସଂସୃତ୍ୟଭୋଗଂ ସ ଚକ୍ରେ ॥ ୧ ୧ ୩॥

❊ ହନୂମାନ ଶଙ୍କାରହିତ ଲଙ୍କାକୁ ଭସ୍ମସାତ୍ କରି, ଜନକସୁତା ଜାନକୀଙ୍କୁ ଆଶ୍ୱାସନା ଦେଇ ଓ ଯଥାଶୀଘ୍ର ସମୁଦ୍ର ପାର ହୋଇ ଯୂଥପତି ଜାମ୍ବବାନଙ୍କୁ ସାକ୍ଷାତ କଲେ । ସମସ୍ତ ବୃତ୍ତାନ୍ତ ତାଙ୍କୁ ଜଣାଇବା ପରେ ବାନରମାନେ ଆନନ୍ଦିତ ହୋଇ ସୁଗ୍ରୀବଙ୍କର ଅତିପ୍ରିୟ ମଧୁବନରେ ପ୍ରବେଶ କରି ଫଳମୂଳ ଭକ୍ଷଣ କରିବା ସଙ୍ଗେ ସଙ୍ଗେ ଗଛପତ୍ର ଭାଙ୍ଗିପକାଇଲେ ॥

तै: पिबद्भिरभितो मधूच्चयं वारितोऽपि निहतो महाबलै: ।
रक्षको दधिमुखोऽवधारित:स प्लवङ्गपतिसन्निधिं ययौ ॥११४॥
ତୈଃ ପିବଦ୍‌ଭିରଭିତୋ ମଧୂଚ୍ଚୟଂ ବାରିତୋଽପି ନିହିତୋ ମହାବଳୈଃ ।
ରକ୍ଷକୋ ଦଧିମୁଖୋଽବଧାରିତଃ ସ ପ୍ଲବଙ୍ଗପତିସନ୍ନିଧିଂ ଯଯୌ ॥ ୧ ୧ ୪॥

❊ ମଧୁବନରେ ପଶି ବାନରମାନେ ମହୁଫେଣା ଭାଙ୍ଗି ମହୁସବୁ ପିଇଦେଲେ । ବାରଣ କରୁଥିବା ବନରକ୍ଷକମାନଙ୍କୁ ବାନରମାନେ ମାଡ଼ଗାଳି ଦେବାର ଦେଖି ଦଧିମୁଖ ନାମକ ବାନର ରାଜା ସୁଗ୍ରୀବଙ୍କ ନିକଟକୁ ଯାଇ ସମସ୍ତ ବୃତ୍ତାନ୍ତ ଜଣାଇଲା ॥

एष श्रीलहनूमता विरचिते श्रीमन्महानाटके
वीरश्रीयुतरामचन्द्रचरिते प्रत्युद्धृतेऽनुक्रमै: ।
मिश्रश्रीमधुसूदनेन कविना सन्दर्भसज्जीकृते
सन्देशहरणाभिधोऽत्र गतावानङ्को महान् पञ्चम: ॥११५॥
॥ इति श्रीहनूमत्कृते महानाटके पञ्चमोऽङ्क: ॥

ଏଷ ଶ୍ରୀଲହନୂମତା ବିରଚିତେ ଶ୍ରୀମନ୍‌ମହାନାଟକେ
ବୀରଶ୍ରୀଯୁତୋରାମଚନ୍ଦ୍ରଚରିତେ ପ୍ରତ୍ୟୁଦ୍ଧୃତେଽନୁକ୍ରମୈଃ ।
ମିଶ୍ର ଶ୍ରୀମଧୁସୂଦନେନ କବିନା ସନ୍ଦର୍ଭସଜ୍ଜୀକୃତେ
ସନ୍ଦେଶାହରଣାଭିଧୋଽତ୍ର ଗତବାନଙ୍କୋ ମହାନ୍ ପଞ୍ଚମଃ ॥ ୧ ୧ ୫॥
॥ ଇତି ଶ୍ରୀହନୂମତ୍‌କୃତେ ମହାନାଟକେ ପଞ୍ଚମୋଽଙ୍କଃ ॥

❊ ଶ୍ରୀମଦ୍ ହନୂମଦ୍‌ବିରଚିତ ଓ କବି ମଧୁସୂଦନ ମିଶ୍ରଙ୍କ ଦ୍ୱାରା ସଜ୍ଜୀକୃତ ମହାନାଟକର ସୀତାସନ୍ଦେଶପ୍ରାପ୍ତି ଶୀର୍ଷକ ପଞ୍ଚମ ଅଙ୍କ ସମାପ୍ତ ॥

षष्ठोऽङ्कः

ଷଷ୍ଠୋଽଙ୍କଃ

दधिमुखः - (सुग्रीवं प्रणम्य) जयतु जयतु देव !

बिन्ध्यं भूमिधरं तदन्तरवनं तद्भोक्तुमिच्छारुचिं

तत्राधिष्ठितदेवतापरिकरं तत्प्रीतिदत्तं फलम् ।

वैदेहीमभितो विचिन्त्य कपयः सुग्रीवसंप्रेषणा-

दारोहन्ति विशन्ति यान्ति दधति ध्यायन्ति खादन्ति च ॥१॥

ଦଧିମୁଖଃ (ସୁଗ୍ରୀବଂ ପ୍ରଣମ୍ୟ) ଜୟତୁ ଜୟତୁ ଦେବ !

ବିନ୍ଧ୍ୟଂ ଭୂମିଧରଂ ତଦନ୍ତରବନଂ ତଦ୍‌ଭୋକ୍ତୁମିଚ୍ଛାରୁଚିଂ

ତତ୍ରାଧିଷ୍ଠିତଦେବତାପରିକରଂ ତତ୍‌ପ୍ରୀତିଦତ୍ତଂ ଫଲମ୍ ।

ବୈଦେହୀମଭିତୋ ବିଚନ୍ତ୍ୟ କପୟଃ ସୁଗ୍ରୀବ ସଂପ୍ରେଷଣା -

ଦାରୋହନ୍ତି ବିଶନ୍ତି ଯାନ୍ତି ଦଧତି ଧ୍ୟାୟନ୍ତି ଖାଦନ୍ତି ଚ ॥୧॥

❋ ଦଧିମୁଖ ସୁଗ୍ରୀବଙ୍କୁ ପ୍ରଣାମ କରି କହିଲା ରାଜାଙ୍କର ଜୟ ହେଉ । ରାଜା ଦକ୍ଷିଣ ଦିଗକୁ ଯେଉଁ ବାନର ସୈନ୍ୟଙ୍କୁ ପଠାଇଥିଲେ ସେମାନେ ସୀତାଙ୍କୁ ଅନ୍ୱେଷଣ କରି ଫେରିଆସି ବିନ୍ଧ୍ୟପର୍ବତ ଓ ତା'ର ପାର୍ଶ୍ୱବର୍ତ୍ତୀ ବନରେ ପଶି ଫଳମୂଳ ସବୁ ଖାଇବା ସଙ୍ଗେ ସଙ୍ଗେ ସେଠାରେ ଥିବା ଦେବଦେବୀଙ୍କୁ ସନ୍ତୁଷ୍ଟ କରିଛନ୍ତି । ବୈଦେହୀ ସୀତାଙ୍କୁ ସ୍ମରଣ କରି ବାନରମାନେ ମଧୁବନ ଯାତାୟାତ ଓ ଧ୍ୟାନ କରୁଛନ୍ତି ଏବଂ ଇଚ୍ଛା ଅନୁସାରେ ଫଳମୂଳ ଖାଉଛନ୍ତି ॥

हनुमदागमनमजानतो रामस्य सुग्रीवं प्रति वचनम्-

मासमेकं गतो लङ्कां हनुमान्न निवर्त्तते ।

चिरं दूतस्य कल्याणं यदि बद्धो न तिष्ठति ॥२॥

ହନୁମଦାଗମନମଜାନତୋ ରାମସ୍ୟ ସୁଗ୍ରୀବଂ ପ୍ରତିବଚନମ୍ -

ମାସମେକଂ ଗତୋ ଲଙ୍କାଂ ହନୁମାନ୍ନ ନିବର୍ତ୍ତତେ ।

ଚିରଂ ଦୂତସ୍ୟ କଲ୍ୟାଣଂ ଯଦି ବଦ୍ଧୋ ନ ତିଷ୍ଠତି ॥୨॥

❋ ଏ' ମଧ୍ୟରେ ଏକମାସ ଅତିବାହିତ ହେବାର ଜାଣି ରଘୁପତି ସୁଗ୍ରୀବଙ୍କୁ କହିଲେ - ହନୁମାନ ଏତେଦିନ ହେଲା ଲଙ୍କାକୁ ଯାଇ ନ ଫେରିବାର କାରଣ କଣ ? ବିଳମ୍ବରେ ଦୂତର କାର୍ଯ୍ୟ ସିଦ୍ଧି ହୁଏ ; କିନ୍ତୁ କେହି ଯଦି ତାକୁ ବାନ୍ଧି ରଖିଥିବ ତେବେ କଣ କରାଯାଇପାରିବ ?

श्रुतवृत्तान्तः सुग्रीवः श्रीरामं प्रति -

अद्यास्माकं मधुवनमिति क्ष्माभुजमेकभोग्यं

भङ्क्त्वा भुंक्ते पवनतनयश्चेदसौ लब्धकार्यः ।

सद्य: प्रत्यागत इव तयोरित्यमालापभाज-
स्तत्रायात: स्मितकिलकिलोन्नीतहर्षो हनुमान् ।।३।।

ଶ୍ରୁତବୃତ୍ତାନ୍ତଃ ସୁଗ୍ରୀବଃ ଶ୍ରୀରାମଂ ପ୍ରତି-

ଅଦ୍ୟାସ୍ମାକଂ ମଧୁବନମିତି କ୍ଷ୍ମାଭୁଜମେକଭୋଗ୍ୟଂ
ଭଙ୍କ୍ତ୍ୱା ଭୁଂକ୍ତେ ପବନତନୟସ୍ତେଦସୌ ଲବ୍ଧକାର୍ଯ୍ୟଃ ।
ସଦ୍ୟଃ ପ୍ରତ୍ୟାଗତ ଇବ ତୟୋରିତ୍ଥମାଳାପଭାଜ -
ସ୍ତତ୍ରାୟାତଃ ସ୍ମିତକିଳକିଳୋନ୍ନୀତହର୍ଷୋ ହନୂମାନ୍ ।।୩।।

❋ ଶ୍ରୀରାମଙ୍କ କଥା ଶୁଣି ସୁଗ୍ରୀବ କହିଲେ - ପ୍ରଭୋ ! କାର୍ଯ୍ୟସିଦ୍ଧି ହୋଇଛି ବୋଲି ଭାବୁଛି ; କାରଣ, ହନୂମାନ ଫେରିବା ପରେ ବାନରବାହିନୀ ଆମର ରାଜଭୋଗ୍ୟ ପ୍ରମୋଦକାନନ ମଧୁବନରେ ପଶି ଗଛପତ୍ର ଭାଙ୍ଗି ଫଳମୂଳ ଖାଉଛନ୍ତି ବୋଲି ଖବର ପାଇଲି । ତେଣୁ ହନୂମାନ ନିଶ୍ଚିତଭାବେ କାର୍ଯ୍ୟରେ ସଫଳ ହୋଇଛି । ଏହି ସମୟରେ କିଳିକିଳା ନାଦ କରି ହନୂମାନ ବାନରବାହିନୀ ସହିତ ଆସି ପହଞ୍ଚିଲେ ॥

ततो मरुद्विम्वितचारुकेशर: प्रसन्नताराधिपमण्डलाग्रणी: ।
वियुक्तरामातुरदृष्टिवीक्षितो यथा वसन्तो हनुमांस्तथागत: ।।४।।
ତତୋ ମରୁଦ୍ବିମ୍ବିତଚାରୁକେଶରଃ ପ୍ରସନ୍ନତାରାଧିପମଣ୍ଡଳାଗ୍ରଣୀଃ ।
ବିଯୁକ୍ତରାମାତୁରଦୃଷ୍ଟିବୀକ୍ଷିତୋ ଯଥା ବସନ୍ତୋ ହନୂମାଂସ୍ତଥାଗତଃ ।।୪।।

❋ ବସନ୍ତଋତୁ ଉପଗତ ହେଲା ପରି ହନୂମାନ୍ ଆସି ଉପସ୍ଥିତ ହେଲେ । ବାୟୁର ଆଘାତରେ ତାଙ୍କର ରୋମାବଳୀ ଚଞ୍ଚଳ ହେଉଥିଲା । ନକ୍ଷତ୍ରମାନଙ୍କ ମଧ୍ୟରେ ତାରାଧିପ ଚନ୍ଦ୍ର ପରି ସେ ବାନରବାହିନୀ ମଧ୍ୟରେ ଶୋଭାପାଉଥିଲେ । ଜାନକୀ ବିରହରେ ଆତୁର ଶ୍ରୀରାମ ଛନଛନ ହୋଇ ବିସ୍ଫାରିତ ନେତ୍ରରେ ତା'ଆଡ଼କୁ ଚାହିଁଲେ ॥

हनुमान् - (स्वगतम्)

पीतो नाम्बुनिधिर्न कौणपपुरी चूर्णीकृता तत्क्षणा -
न्नानीतानि शिरांसि राक्षसपतेर्नानायि सीता मया ।
किं कृत्वा रघुनन्दनस्य पुरत: स्यास्यामि किं वा पुन:
वक्ष्यामीति विचिन्तयन् स हनुमान् श्रीरामपार्श्वं गत: ।।५।।

ହନୂମାନ୍ (ସ୍ୱଗତମ୍)

ପୀତୋ ନାମ୍ବୁନିଧିର୍ନ କୌଣପପୁରୀ ଚୂର୍ଣ୍ଣୀକୃତା ତତ୍କ୍ଷଣା-
ନ୍ନାନୀତାନି ଶିରାଂସି ରାକ୍ଷସପତେର୍ନାନାୟି ସୀତା ମୟା ।
କିଂ କୃତ୍ୱା ରଘୁନନ୍ଦନସ୍ୟ ପୁରତଃ ସ୍ଥାସ୍ୟାମି କିଂବା ପୁନଃ
ବକ୍ଷ୍ୟାମୀତି ବିଚିନ୍ତୟନ୍ ସ ହନୂମାନ୍ ଶ୍ରୀରାମପାର୍ଶ୍ୱଂ ଗତଃ ।।୫।।

❊ ହନୁମାନ ମନେମନେ ଭାବିଲେ - ସମୁଦ୍ରର ଜଳକୁ ଶୋଷଣ କରି ନାହିଁ କି ରାକ୍ଷସପୁରୀକୁ ଧୂଳିସାତ୍ କରିପାରି ନାହିଁ । ଦଶାନନ ରାବଣର ମୁଣ୍ଡଗୁଡ଼ିକୁ ଆଣି ନାହିଁ କି ଦେବୀ ସୀତାଙ୍କୁ ଉଦ୍ଧାର କରି ନେଇଆସି ନାହିଁ । ତେବେ ଶ୍ରୀରାମଙ୍କ ଆଗରେ କିପରି ଯାଇ ଠିଆ ହେବି ଅଥବା କଣ କହିବି ? ଏହା ଭାବି ଭାବି ହନୁମାନ୍ ଶ୍ରୀରାମଙ୍କ ପାଖରେ ଉପସ୍ଥିତ ହେଲେ ॥

रामहनुमतोरुक्तिप्रत्युक्ती-

हंहो मारुतनन्दनादिश विभो दृष्टा त्वया जानकी
दृष्टा जीवति जीवति प्रियतमा मां शोचते शोचते ।
मद्विच्छेदकृशा कृशा वदति किं हा राम हा लक्ष्मणा-
भिज्ञानं प्रहितं किमस्ति वितराम्यस्त्येष चूडामणिः ॥६॥

ରାମହନୁମତୋରୁକ୍ତିପ୍ରତ୍ୟୁକ୍ତୀ -

ହଂହୋ ମାରୁତନନ୍ଦନାଦିଶ ବିଭୋ ଦୃଷ୍ଟା ତ୍ୱୟା ଜାନକୀ
ଦୃଷ୍ଟା ଜୀବତି ଜୀବତି ପ୍ରିୟତମା ମାଂ ଶୋଚତେ ଶୋଚତେ ।
ମଦ୍‌ବିଚ୍ଛେଦ କୃଶା କୃଶା ବଦତି କିଂ ହାରାମ ହାଲକ୍ଷ୍ମଣା -
ଭିଜ୍ଞାନଂ ପ୍ରହିତଂ କିମସ୍ତି ବିତରାମ୍ୟସ୍ତ୍ୟେଷ ଚୂଡାମଣିଃ ॥୬॥

❊ ଶ୍ରୀରାମ ହନୁମାନଙ୍କ ଉକ୍ତିପ୍ରତ୍ୟୁକ୍ତି - ହେ ପବନନନ୍ଦନ ! ଆଦେଶ ଦିଅନ୍ତୁ ପ୍ରଭୋ । ତୁମେ ଜାନକୀଙ୍କୁ ଦେଖିଛ, ସେ ଜୀବିତା ଅଛନ୍ତି ତ ? ହଁ ସତୀ ଜୀବିତ ଅଛନ୍ତି । ପ୍ରିୟତମା ମୋତେ ମନେ ରଖିଛନ୍ତି କି ? ସେ ଦିନରାତି ଆପଣଙ୍କୁ ହିଁ ସ୍ମରଣ କରୁଛନ୍ତି । ମୋ' ବିଚ୍ଛେଦରେ ଦେହ ତାଙ୍କର କୃଶ ହୋଇଯାଇଥିବ ? ହଁ ପ୍ରଭୋ, ସେ ଶୁଖିଯାଇଛନ୍ତି । କଣ ସେ କହିଛନ୍ତି ? କିଛି ସନ୍ତକ ଆଣିଛ କି ? ହଁ ଏହି ମୁଦ୍ରିକା ଓ ଚୂଡ଼ାମଣି ପଠାଇଛନ୍ତି, ନିଅନ୍ତୁ ॥

रामः (चूडामणिं प्राप्य)

कंठे संतनुते चिरं चिरमुरः पीठे निवेश्य प्रिय-
स्पर्शोल्लासभरं समाकलयति प्रेम्णा चिरं पृच्छति ।
स्वामिन्याः कुशलं तवेति पुरतः पर्याश्रुणा संप्लुतो
निष्पन्देक्षणमीक्षते क्षणममुं चूडामणिं राघवः ॥७॥

ରାମଃ (ଚୂଡାମଣିଂ ପ୍ରାପ୍ୟ) -

କଂଣ୍ଠେ ସଂତନୁତେ ଚିରଂ ଚିରମୁରଃ ପୀଠେ ନିବେଶ୍ୟ ପ୍ରିୟ-
ସ୍ପର୍ଶୋଲ୍ଲାସଭରଂ ସମାକଳୟତି ପ୍ରେମ୍ଣା ଚିରଂ ପୃଚ୍ଛତି ।
ସ୍ୱାମିନ୍ୟା କୁଶଳଂ ତବେତି ପୁରତଃ ପର୍ଯାଶ୍ରୁଣା ସଂପ୍ଲୁତେ ।
ନିଷ୍ପନ୍ଦେକ୍ଷଣମୀକ୍ଷତେ କ୍ଷଣମମୁଂ ଚୂଡାମଣିଂ ରାଘବଃ ॥୭॥

❊ ଶ୍ରୀରାମ (ଚୂଡ଼ାମଣିକୁ ପାଇ) ମଥାମଣିକୁ କଣ୍ଠ ପାଖକୁ ନେଇ ସସ୍ନେହରେ ହୃଦୟରେ ଲଗାଇଲେ । ପ୍ରେମରେ ବିହ୍ୱଳ ହୋଇ ସେ ଚୂଡ଼ାମଣିକୁ ପଚାରିଲେ - ତୁମର ସ୍ୱାମିନୀ କୁଶଳରେ ଅଛନ୍ତି

ତ ? ଏହା କହୁଁ କହୁଁ ତାଙ୍କର ନେତ୍ର ଅଶ୍ରୁସଜଳ ହୋଇପଡ଼ିଲା ଓ ନିର୍ନିମେଷ ନୟନରେ ସେ ତାଙ୍କୁ ଚାହିଁ ରହିଲେ ॥

अथ द्वितीयतृतीयाभिज्ञानम्-

मन:शिलायास्तिलकं स्मर गण्डस्थले त्वया ।

संघृष्टं जानकीवक्ष: स्पर्शात्काणीकृत: खग: ।।८।।

ଅଥ ଦ୍ୱିତୀୟତୃତୀୟାଭିଜ୍ଞାନମ୍ -

ମନଃ ଶିଳାୟାସ୍ତିଲକଂ ସ୍ମର ଗଣ୍ଡସ୍ଥଳେ ତ୍ୱୟା ।

ସଂଘୃଷ୍ଟଂ ଜାନକୀବକ୍ଷଃ ସ୍ପର୍ଶାତ୍‌କାଣୀକୃତଃ ଖଗଃ ।।୮।।

❋ ହନୂମାନ ପୁଣି ଦ୍ୱିତୀୟ ଓ ତୃତୀୟ ସନ୍ତକ ବିଷୟରେ ସୂଚନା ଦେବାକୁ ଯାଇ କହିଲେ - ହେ ରଘୁନାଥ ! ଆପଣ ଦେବୀଙ୍କ ଗଣ୍ଡସ୍ଥଳରେ ମନଃଶିଳା ତିଳକ, ଯାହାକୁ ବୋଲି ଦେଇଥିଲେ ସେକଥା ମନେ ପକାନ୍ତୁ ଏବଂ ତାଙ୍କର ବକ୍ଷଃସ୍ଥଳକୁ ଆଘାତ କରିଥିବା ଦୁଷ୍ଟକାକର ଆଖିକୁ କଣା କରିଦେଇଥିଲେ ତାହା ମଧ ସ୍ମରଣ କରନ୍ତୁ ॥

श्रीरामे हनुमन्तमालिङ्गितुमुपक्रान्ते हनुमान् -

पीतो नाम्बुनिधिर्न रावणपुरी निष्पिष्य चूर्णीकृता

नानीतानि शिरांसि राक्षसपतेर्नानायि सीता मया ।

आश्लेषार्पणपारितोषिकमहं नार्हामि वार्त्ताहरो

जल्पन्नित्यनिलात्मजो विजयते प्रह्लादयन् राघवम् ।।९।।

ଶ୍ରୀରାମେ ହନୁମନ୍ତମାଲିଙ୍ଗିତୁମୁପକ୍ରାନ୍ତେ ହନୁମାନ୍-

ପୀତୋ ନାମ୍ବୁନିଧିର୍ନ ରାବଣପୁରୀ ନିଷ୍ପିଷ୍ୟ ଚୂର୍ଣ୍ଣୀକୃତା

ନାନୀତାନି ଶିରାଂସି ରାକ୍ଷସପତେର୍ନାନାୟି ସୀତା ମୟା

ଆଶ୍ଳେଷାର୍ପଣପାରିତୋଷିକମହଂ ନାର୍ହାମି ବାର୍ତ୍ତାହରୋ

ଜଳ୍ପନ୍ନିତ୍ୟନିଳାତ୍ମଜୋ ବିଜୟତେ ପ୍ରହ୍ଲାଦୟନ୍ ରାଘବମ୍ ।।୯।।

❋ ଶ୍ରୀରାମ ହନୂମାନଙ୍କୁ ଆଲିଙ୍ଗନ କରିବା ପାଇଁ ସମୁଦ୍ୟତ ହେବାର ଦେଖି ମାରୁତି କହିଲେ ପ୍ରଭୋ ! ଜଳନିଧିକୁ ଶୋଷଣ କରି ଶୁଷ୍କ କରିପାରିନାହିଁ କି ରାବଣପୁରୀ ଲଙ୍କାକୁ ଧୂଳିସାତ୍ କରି ନାହିଁ । ଦଶମୁଖ ରାବଣର ମୁଣ୍ଡଗୁଡିକ ଆଣି ନାହିଁ କି ଦେବୀ ସୀତାଙ୍କୁ ଉଦ୍ଧାର କରିପାରି ନାହିଁ। ତେଣୁ ଆପଣଙ୍କର ଆଲିଙ୍ଗନ ଲାଭ ଯୋଗ୍ୟତା ମୋର ହୋଇ ନାହିଁ । ମୁଁ କେବଳ ଦୂତର କାର୍ଯ୍ୟ ସମ୍ପାଦନ କରିଛି । ଏହା ଶୁଣି ଶ୍ରୀରାମ ଆନନ୍ଦିତ ହେଲେ । ସେହି ରାଜୀବଲୋଚନ ରାମଙ୍କର ଜୟ ହେଉ ॥

अहो किं न विहितं त्वया इत्युक्ते रामे हनुमान् -

त्वत्प्रतापानलेनैव नाथ श्रीरघुनन्दन ।

दग्धा पुरैव लङ्केयं पश्चाद्वह्निर्मयार्पित: ।।१०।।

ଅହୋ କିଂ ନ ବିହିତଂ ତ୍ୱୟା ଇତ୍ୟୁକ୍ତେ ରାମେ ହନୂମାନ୍ -
ତ୍ୱତ୍ପ୍ରତାପାନଲେନୈବ ନାଥ ଶ୍ରୀରଘୁନନ୍ଦନ ।
ଦଗ୍ଧ୍ୱା ପୁରୈବ ଲଙ୍କେୟଂ ପଶ୍ଚାଦ୍‌ବହ୍ନିର୍ମୟାର୍ପିତଃ ॥୧୦॥

❋ ଶ୍ରୀରାମ କହିଲେ- ତୁମେ କଣ କଣ ଯେ ନ କରିଛ ? ହନୂମାନ୍ କହିଲେ- ଆପଣଙ୍କ ପ୍ରତାପ ଅନଳରେ ସମଗ୍ର ଲଙ୍କାକୁ ନିର୍ଭୟରେ ଭସ୍ମସାତ୍ କରି ନିରାପଦରେ ଫେ'ରିଆସି ପାରିଛି ॥

अहो किं भवता यदयं समुद्रो लंघित इत्युक्ते हनुमान्-
देव त्वत्प्रबलप्रतापपवनैरम्भोनिधिः शोषित-
स्तेनेत्थं स्थलवर्त्मनैव गतवांल्लंकामशङ्कामहम् ।
रक्षो नायकनागरीनयनजैर्नीरैस्तथा पूरित-
श्चेत्यान्नो जलधिस्तथा मम कृतं कालेन किंवा फलम् ॥११॥

ଅହୋ କିଂ ଭବତା ଯଦୟଂ ସମୁଦ୍ରୋ ଲଙ୍ଘିତ ଇତ୍ୟୁକ୍ତେ ହନୂମାନ୍ -
ଦେବ ତ୍ୱତ୍ପ୍ରବଳପ୍ରତାପପବନୈରମ୍ଭୋନିଧିଃ ଶୋଷିତ -
ସ୍ତେନେତ୍ଥଂ ସ୍ଥଳବର୍ତ୍ମନୈବ ଗତବାଁଲ୍ଲଙ୍କାମଶଙ୍କାମହମ୍ ।
ରକ୍ଷୋନାୟକନାଗରୀନୟନଜୈର୍ନୀରୈସ୍ତଥା ପୂରିତ
ଶ୍ଚେତ୍ୟାନ୍ନୋ ଜଳଧିସ୍ତଥା ମମ କୃତଂ କାଳେନ କିଂବା ଫଳମ୍ ॥୧୧॥

❋ ଶ୍ରୀରାମ ପୁଣି କିପରି ସମୁଦ୍ର ପାର ହେଲ ବୋଲି ପଚାରିବାରୁ ହନୂମାନ୍ କହିଲେ - ଦେବ ! ଆପଣଙ୍କର ପ୍ରତାପରୂପକ ପ୍ରବଳ ପବନ ବହିବାରୁ ସାଗର ଶୁଷ୍କ ହୋଇଗଲା । ତେଣୁ ସ୍ଥଳମାର୍ଗରେ ଯାଇ ମୁଁ ନିର୍ଭୟରେ ଲଙ୍କାରେ ପ୍ରବେଶ କଲି । ରାକ୍ଷସନାରୀମାନଙ୍କର ଅବାରିତ ନୟନବାରିଧାରା ଦ୍ୱାରା ଶୁଷ୍କ ସାଗରକୁ ପୁଣି ପୂରଣ କରି ଆନନ୍ଦରେ ଫେରି ଆସିଲି ॥

अथोपविश्य रामहनुमतोरुक्तिप्रत्युक्ती-
क्वास्ते सीता वसति विपिने देव लङ्केशगुप्ते
कीदृक्पन्था जलधिपिहितस्तीर्य्यते दैवयोगात् ।
इत्याख्याते पवनतनये व्रीड़विभ्रान्तनेत्रो
हर्षव्रीड़ाभयपरिगतो विह्वलो रामचन्द्रः ॥१२॥

ଅଥୋପବିଶ୍ୟ ରାମହନୂମତୋରୁକ୍ତିପ୍ରତ୍ୟୁକ୍ତୀ -
କ୍ୱାସ୍ତେ ସୀତା ବସତି ବିପିନେ ଦେବ ଲଙ୍କେଶଗୁପ୍ତେ
କୀଦୃକ୍‌ପନ୍ଥା ଜଳଧିପିହିତସ୍ତୀର୍ଯ୍ୟତେ ଦୈବଯୋଗାତ୍ ।
ଇତ୍ୟାଖ୍ୟାତେ ପବନତନୟେ ବ୍ରୀଡ଼ବିଭ୍ରାନ୍ତନେତ୍ରୋ
ହର୍ଷବ୍ରୀଡ଼ାଭୟପରିଗତୋ ବିହ୍ୱଳୋ ରାମଚନ୍ଦ୍ରଃ ॥୧୨॥

※ ଶ୍ରୀରାମ ଓ ହନୂମାନଙ୍କର ଉକ୍ତିପ୍ରତ୍ୟୁକ୍ତି - ସୀତା କେଉଁଠି ଅଛନ୍ତି ? ଅଶୋକକାନନର ଏକ ଗୁପ୍ତ ସ୍ଥାନରେ ରାବଣ ସୀତାଙ୍କୁ ନେଇ ଲୁଚାଇ ରଖିଛି । ତେବେ ସାଗର ପଥରେ କିପରି ଓ କେତେଦୂର ପଥ ଯିବାକୁ ପଡ଼ିବ ? ସମୁଦ୍ର ପଥରେ ହିଁ ଯିବାକୁ ହେବ ଏବଂ ଭାଗ୍ୟବଶତଃ ମୁଁ କେବଳ ପାର ହୋଇପାରିଛି । ଏହା ଶୁଣି ଶ୍ରୀରାମ ଲଜ୍ଜାରେ ନତମୁଖ ହେବା ସଙ୍ଗେ ସଙ୍ଗେ ବିହ୍ୱଳଭାବରେ ମନେମନେ ଯୁଗପତ୍ ହର୍ଷ ଓ ବିଷାଦ ଅନୁଭବ କଲେ ॥

हं हो धीर समीरपुत्र भवता सीता यथावस्थिता
दृष्ट्वा तत् कथनेन मे तरलितं चेतः स्थिरत्वं नय ।
देव त्वामवनौ विलिख्य सुमुखी यावत् कृता मानसं
द्रष्टुं दृष्टिरजस्तमश्रुसलिलैः रुन्धत् कुरङ्गीदृशः ॥१३॥

ହଂ ହୋ ଧୀର ସମୀରପୁତ୍ର ଭବତା ସୀତା ଯଥାବସ୍ଥିତା
ଦୃଷ୍ଟ୍ୱା ତତ୍ କଥନେନ ମେ ତରଳିତଂ ଚେତଃ ସ୍ଥିରତ୍ୱଂ ନୟ ।
ଦେବ ତ୍ୱାମବନୌ ବିଲିଖ୍ୟ ସୁମୁଖୀ ଯାବତ୍ କୃତା ମାନସଂ
ଦ୍ରଷ୍ଟୁଂ ଦୃଷ୍ଟିରଜସ୍ତମଶ୍ରୁସଲିଳୈଃରୁନ୍ଧତ୍ କୁରଙ୍ଗୀଦୃଶଃ ॥୧୩॥

※ ଶ୍ରୀରାମ କହିଲେ ହେ ବୀର ହନୂମାନ୍, ତୁମେ ସୀତାଙ୍କୁ ଯେଉଁ ଅବସ୍ଥାରେ ଥିବାର ଦେଖିଆସିଛ ତାହା ବିସ୍ତୃତଭାବେ କହି ମୋର ଅସ୍ଥିର ହେଉଥିବା ଚିତ୍ତକୁ ସ୍ଥିର କର । ହନୂମାନ୍ କହିଲେ ପ୍ରଭୋ ! ଦେବୀ ସୀତା ସର୍ବଦା ଆପଣଙ୍କ ଚିନ୍ତାରେ ନିମଗ୍ନା ଅଛନ୍ତି । ଆପଣଙ୍କ ପ୍ରତିକୃତି ଅଙ୍କନ କରି ଅପଲକନେତ୍ରରେ ତାହା ଦେଖିବାକୁ ଇଚ୍ଛା କଲେ ମଧ ଅବାରିତ ଅଶ୍ରୁପାତ ହେତୁ ତାଙ୍କର ଦୃଷ୍ଟି ଅବରୁଦ୍ଧ ହୋଇଯାଉଛି ॥

क्षणं स्थित्वा सीता किमाहेति प्रश्ने-

श्रीराम राम रघुनन्दन राम राम श्रीरामभक्त भरताग्रज राम राम ।
श्रीराम राम रणकर्कश राम राम श्रीराम राम शरणं भज राम राम ॥१४॥

କ୍ଷଣଂ ସ୍ଥିତ୍ୱା ସୀତା କିମାହେତି ପ୍ରଶ୍ନେ -

ଶ୍ରୀରାମ ରାମ ରଘୁନନ୍ଦନ ରାମରାମ ଶ୍ରୀରାମଭକ୍ତ ଭରତାଗ୍ରଜ ରାମରାମ ।
ଶ୍ରୀରାମ ରାମ ରଣକର୍କଶ ରାମରାମ ଶ୍ରୀରାମ ରାମ ଶରଣଂ ଭଜ ରାମ ରାମ ॥୧୪॥

※ କିଛି ସମୟ ନୀରବ ରହିବା ପରେ ସୀତା କଣ କହିଛନ୍ତି ବୋଲି ଶ୍ରୀରାମ ପଚାରିବାରୁ ହନୂମାନ୍ କହିଲେ, ଶ୍ରୀରାମ ରାମ, ରଘୁନନ୍ଦନରାମ, ଭରତାଗ୍ରଜରାମ, ସମର ନିପୁଣ ରାମ, ଶରଣବତ୍ସଳ ରାମ ଏହିପରି ଆପଣଙ୍କ ନାମ ଅହୋରାତ୍ର ଭଜନ କରିବା ବ୍ୟତୀତ ଅନ୍ୟ କିଛି ଶୁଣି ନାହିଁ ॥

इदानीं किमवस्थेति विज्ञापनार्थम्

इन्दुर्लिप्त इवाञ्जनेन गलिता दृष्टिर्मृगीणामिव
प्रम्लानारुणमेव विद्रुमदलं श्यामेव हेमप्रभा ।

पारुष्यं कलया च कोकिलवधूकण्ठेष्विव प्रस्तुतं
सीताया पुरतस्तु हन्त शिखिनां बर्हाः सगर्हा इव ॥१५॥

ଇଦାନୀଂ କିମବସ୍ଥେତି ବିଜ୍ଞାପନାର୍ଥମ୍-

ଇନ୍ଦୂର୍ଲିପ୍ତ ଇବାଞ୍ଜନେନ ଗଳିତା ଦୃଷ୍ଟିର୍ମୃଗୀଣାମିବ
ପ୍ରମ୍ଳାନାରୁଣମେବ ବିଦ୍ରୁମଦଳଂ ଶ୍ୟାମେବ ହେମପ୍ରଭା ।
ପାରୁଷ୍ୟଂ କଳୟା ଚ କୋକିଳବଧୂକଣ୍ଠେଷ୍ୱିବ ପ୍ରସ୍ତୁତଂ
ସୀତାୟା ପୁରତସ୍ତୁ ହନ୍ତ ଶିଖିନାଂ ବର୍ହାଃ ସଗର୍ହା ଇବ ॥୧୫॥

❋ ଶ୍ରୀରାମ ପଚାରିଲେ -ଦେବୀ ସୀତା ବର୍ତ୍ତମାନ କିପରି ଅବସ୍ଥାରେ ଅଛନ୍ତି ? ହନୁମାନ୍ କହିଲେ ଦେବୀ ସୀତାଙ୍କ ମୁଖ ଅଞ୍ଜନ (କଳା) ଲିପ୍ତ ଚନ୍ଦ୍ର ପରି ଦେଖାଯାଉଛି । ହରିଣୀ ନୟନ ସଦୃଶ ନେତ୍ର ଦ୍ୱୟ ଭିତରକୁ ପଶିଯାଇଛି । ଗଳାର ରତ୍ନମାଳା ଓ ସୁବର୍ଣ୍ଣବର୍ଣ୍ଣ ଦେହ ମଳିନ ଦେଖାଯାଉଛି । କୋକିଳର ସ୍ୱର ସଦୃଶ ତାଙ୍କର ମଧୁର କଣ୍ଠସ୍ୱର କର୍କଶ ହୋଇଯାଇଛି ଏବଂ ତାଙ୍କ ଆଗରେ ବୁଲୁଥିବା ମୟୂରମାନଙ୍କ ସୁନ୍ଦର ପୁଚ୍ଛକୁ ସେ ଘୃଣା କରୁଛନ୍ତି ॥

कार्श्यं चेत्प्रतिपत्कला हिमरुचः स्थूलाथ चेत्पाण्डिमा
नीला चैव मृणालिका यदि पुनर्वाष्पाः कियान् वारिधिः ।
सन्तापो यदि शीतलो हुतवहस्तस्याःकियद्वर्ण्यतं
राम त्वत्स्मृतिमात्रमेव हृदयं लावण्यशेषं वपुः ॥१६॥
କାର୍ଶ୍ୟଂ ଚେତ୍‌ପ୍ରତିପତ୍‌କଳା ହିମରୁଚଃ ସ୍ଥୂଳାଥ ଚେତ୍ପାଣ୍ଡିମା
ନୀଳା ଚୈବ ମୃଣାଳିକା ଯଦି ପୁନର୍ବାଷ୍ପାଃ କିୟାନ୍‌ବାରିଧିଃ ।
ସନ୍ତାପୋ ଯଦି ଶୀତଳୋ ହୁତବହସ୍ତସ୍ୟାଃ କିୟଦ୍‌ବର୍ଣ୍ଣ୍ୟତେ
ରାମ ତ୍ୱତ୍‌ସ୍ମୃତିମାତ୍ରମେବ ହୃଦୟଂ ଲାବଣ୍ୟଶେଷଂ ବପୁଃ ॥୧୬॥

❋ ଦେବୀଙ୍କ ଦେହ ପ୍ରତିପତ୍ ତିଥିର ଚନ୍ଦ୍ର ପରି କ୍ଷୀଣ ହୋଇ ଯାଇଛି ଓ ଚନ୍ଦ୍ରମୁଖ ପାଣ୍ଡୁର ବର୍ଣ୍ଣ ଦେଖାଯାଉଛି । ସାଗରର ଜଳରାଶି ପରି ଅଜସ୍ର ଅଶ୍ରୁଧାରା ପ୍ରବାହିତ ହେଉଥିବାରୁ ନେତ୍ରଦ୍ୱୟ ରକ୍ତବର୍ଣ୍ଣ ଧାରଣ କରିଛି । ଆପଣଙ୍କ ସ୍ମୃତିକୁ ଅବଲମ୍ବନ କରିଥିବାରୁ ତାଙ୍କ ହୃଦୟ ବ୍ୟତୀତ ଶରୀରର ଲାବଣ୍ୟ ନିଃଶେଷ ହୋଇଯାଇଛି ॥

स्वभावादेव तन्वङ्गी त्वद्वियैगाद्विशेषतः ।
प्रतिपत्पाठशीलस्य विद्येव तनुतां गता ॥१७॥
ସ୍ୱଭାବାଦେବ ତନ୍ୱଙ୍ଗୀ ତ୍ୱଦ୍‌ବିୟୋଗାଦ୍ଵିଶେଷତଃ ।
ପ୍ରତିପତ୍ ପାଠଶୀଳସ୍ୟ ବିଦ୍ୟୈବ ତନୁତାଂ ଗତା ॥୧୭॥

❋ ସ୍ୱଭାବତଃ କୃଶକାୟା ଦେବୀଙ୍କର ଶରୀର ଆପଣଙ୍କ ବିରହ ହେତୁ ପ୍ରତିପତ୍ ତିଥିରେ ଅଧ୍ୟୟନଦ୍ୱାରା ବିଦ୍ୟା କ୍ଷୀଣ ହେଲା ପରି ଆହୁରି ଅଧିକ କୃଶ ହୋଇଯାଇଛି ॥

कथं समुद्रः समुत्तीर्ण इति प्रश्ने -

शाखामृगस्य शाखायाः शाखां गन्तुं पराक्रमः ।

यन्मया लंघितोऽम्भोधिः प्रभावोऽयं तव प्रभो ॥१८॥

କଥଂ ସମୁଦ୍ରଃ ସମୁତ୍ତୀର୍ଣ୍ଣ ଇତି ପ୍ରଶ୍ନେ

ଶାଖାମୃଗସ୍ୟ ଶାଖାୟାଃ ଶାଖାଂ ଗନ୍ତୁଂ ପରାକ୍ରମଃ ।

ଯନ୍ମୟା ଲଂଘିତୋଽମ୍ଭୋଧି ପ୍ରଭାବୋଽୟଂ ତବ ପ୍ରଭୋ ॥୧୮॥

❋ ସାଗର କିପରି ପାର ହେଲ ବୋଲି ଶ୍ରୀରାମ ପଚାରିବାରୁ ହନୁମାନ୍ କହିଲେ- ବୃକ୍ଷର ଗୋଟିଏ ଶାଖାରୁ ଅନ୍ୟ ଶାଖାକୁ ଡେଇଁ ଯିବାର ଅଭ୍ୟାସ ଶାଖାମୃଗ ବାନରଙ୍କର ଥାଏ । କିନ୍ତୁ, ପ୍ରଭୋ! ଆପଣଙ୍କ କୃପାବଳରୁ ମୁଁ ସେହି ମହାନ୍ ସାଗରକୁ ଅନାୟାସରେ ପାର ହୋଇଗଲି ॥

राम राम इति नाम जपन्तः पामरा अपि तरन्ति भवाब्धिम् ।

अङ्गसङ्गभवदङ्गुलिमुद्रः किं नु चित्रमतरत्कपिरब्धिम् ॥१९॥

ରାମରାମ ଇତି ନାମ ଜପନ୍ତଃ ପାମରା ଅପି ତରନ୍ତି ଭବାବ୍ଧିମ୍ ।

ଅଙ୍ଗସଙ୍ଗଭବଦଙ୍ଗୁଳିମୁଦ୍ରଃ କିନ୍ନୁ ଚିତ୍ରମତରତ୍କପିରବ୍ଧିମ୍ ॥୧୯॥

❋ ଦୁଷ୍ଟ ପାପିଷ୍ଠମାନେ ରାମ ରାମ ନାମ ଜପ କରି ଦୁସ୍ତର ଭବସାଗରକୁ ପାର ହୋଇଯାଉଛନ୍ତି । ତେଣୁ ଆପଣଙ୍କ ଅଙ୍ଗ ସଙ୍ଗ ଲାଭ କରିଥିବା ମୁଦିକୁ ଧରି ଏହି ବାନର ସମୁଦ୍ର ପାର ହୋଇଗଲା, ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ॥

ततो हनुमत् मुखात् श्रुतवृत्तान्तस्य श्रीरामस्य वाक्यम् -

चतुर्द्दशपुरी लङ्का स्वर्णप्राकारवेष्टिता ।

रथानां च चतुर्लक्षैरश्वानां च त्रिकोटिभिः ॥२०॥

ତତୋ ହନୁମତ୍ ମୁଖାତ୍ ଶ୍ରୁତବୃତ୍ତାନ୍ତସ୍ୟ ଶ୍ରୀରାମସ୍ୟ ବାକ୍ୟମ୍-

ଚତୁର୍ଦ୍ଦଶପୁରୀ ଲଙ୍କା ସ୍ୱର୍ଣ୍ଣପ୍ରାକାରବେଷ୍ଟିତା ।

ରଥାନାଂ ଚ ଚତୁର୍ଲକ୍ଷୈରଶ୍ୱାନାଂ ଚ ତ୍ରିକୋଟିଭିଃ ॥୨୦॥

❋ ହନୁମାନଠାରୁ ସବୁ ଶୁଣିବା ପରେ ଶ୍ରୀରାମଚନ୍ଦ୍ର କହିଲେ, ସୁବର୍ଣ୍ଣପ୍ରାଚୀର ବେଷ୍ଟିତ ଲଙ୍କାରେ ଚଉଦଟି ପୁର ଅଛି । ସେଠାରେ ଚାରିଲକ୍ଷ ରଥ ଓ ତିନି କୋଟି ଅଶ୍ୱ ଅଛନ୍ତି ॥

त्रिकोटयट्टालकं चैव नवकोटि सुरालयम् ।

कथं वीर त्वया दग्धं विद्यमाने दशानने ॥२१॥

ତ୍ରିକୋଟ୍ୟଟ୍ଟାଳକଂ ଚୈବ ନବକୋଟି ସୁରାଳୟମ୍ ।

କଥଂ ବୀର ତ୍ୱୟା ଦଗ୍ଧଂ ବିଦ୍ୟମାନେ ଦଶାନନେ ॥୨୧॥

❋ ଶ୍ରୀରାମ ପଚାରିଲେ, ଲଙ୍କାରେ ତିନିକୋଟି ପ୍ରାସାଦ ଓ ନଅ କୋଟି ଦେବାଳୟ ଅଛି । ଦଶାନନ ଥିବାବେଳେ ହେ ବୀର ! ତୁମେ କିପରି ବିରାଟ ଲଙ୍କାକୁ ଭସ୍ମୀସାତ୍ କଲ ?

हनुमान्-

निःश्वासेनैव सीताया राजन् कोपानलेन ते ।
दग्धा पुरैव लङ्का सा निमित्तमभवं त्वहम् ॥२२॥

ହନୁମାନ -

ନିଃଶ୍ୱାସେନୈବ ସୀତାୟାଃ ରାଜନ୍ କୋପାନଲେନ ତେ ।
ଦଗ୍ଧା ପୁରୈବ ଲଙ୍କା ସା ନିମିତ୍ତମଭବଂ ତ୍ୱହମ୍ ॥୨୨॥

❊ ହନୁମାନ୍ କହିଲେ ଆପଣଙ୍କ କ୍ରୋଧ ହେତୁ ରାବଣର ପୁଣ୍ୟବଳ କ୍ଷୟ ହୋଇଗଲା ଏବଂ ଦେବୀ ସୀତାଙ୍କ ଦୀର୍ଘନିଃଶ୍ୱାସରେ ଲଙ୍କା ଜଳିଗଲା । ଏଥିରେ ମୁଁ ନିମିତ୍ତମାତ୍ର ହୋଇଛି ॥

रावणजये भवतः कीदृग्व्यवसाय इति प्रश्ने हनुमान्-

रक्षस्तद्बहुकन्धरं बहुभुजं बह्वाननं दीप्तिमद्
दंष्ट्रारौद्रमहं विलोक्य सहसा दध्रे मनः साध्वसम् ।
देव त्वत्कृपया विजृम्भितधिया किं किं भवेद्दुष्करं
भर्त्तुः कर्मभटस्य नोचितमिति त्यक्तो मया रावणः ॥२३॥

ରାବଣଜୟେ ଭବତଃ କୀଦୃଗ୍ବ୍ୟବସାୟ ଇତି ପ୍ରଶ୍ନେ ହନୁମାନ୍-

ରକ୍ଷସ୍ତଦ୍ବହୁକନ୍ଧରଂ ବହୁଭୁଜଂ ବହ୍ୱାନନଂ ଦୀପ୍ତିମଦ୍
ଦଂଷ୍ଟ୍ରାରୌଦ୍ରମହଂ ବିଲୋକ୍ୟ ସହସା ଦଧ୍ରେ ମନଃ ସାଧ୍ୱସମ୍ ।
ଦେବ ତ୍ୱତ୍ କୃପୟା ବିଜୃମ୍ଭିତଧିୟା କିଂ କିଂ ଭବେଦ୍ଦୁଷ୍କରଂ
ଭର୍ତ୍ତୁଃ କର୍ମଭଟସ୍ୟ ନୋଚିତମିତି ତ୍ୟକ୍ତୋ ମୟା ରାବଣଃ ॥୨୩॥

❊ ରାବଣକୁ ଜୟ କରିବାର ଉପାୟ କଣ ବୋଲି ଶ୍ରୀରାମ ପଚାରିବାରୁ ହନୁମାନ୍ କହିଲେ, ଲଙ୍କାରେ ବହୁ ସ୍କନ୍ଧ, ବହୁଭୁଜ ଓ ବହୁମୁଖବିଶିଷ୍ଟ ରାକ୍ଷସମାନେ ଅଛନ୍ତି । ସେମାନଙ୍କ ଦାନ୍ତ ତୀକ୍ଷ୍ଣ ଓ ଭୟଙ୍କର । ସେମାନଙ୍କୁ ଦେଖିବାମାତ୍ରେ ମନରେ ଭୟଜାତ ହେଲା । ହେ ଦେବ ! ଆପଣ ଦୟା କଲେ କୌଣସି କଥା ଅସାଧ ହୋଇ ରହିବ ନାହିଁ । ପ୍ରଭୁଙ୍କର ଦୂତ ପକ୍ଷରେ ଉଚିତ ହେବ ନାହିଁ ବୋଲି ମୁଁ ରାବଣକୁ ନ ମାରି ଛାଡ଼ିଦେଲି ॥

लक्ष्मणवाक्यम्

सोऽयं वारिनिधिः कपीन्द्रबलिभिः पातुं न किं शक्यते
पीतोऽयं कलशोद्भवेन मुनिना वेत्त्यात्मनो नो गतिम् ।
का चिन्ता जलधेस्तु शोषणविधौ शक्तिः परे मामके
का चिन्ता कुणपाधिपे मयि पुनः श्रीरामभृत्ये स्थिते ॥२४॥

ଲକ୍ଷ୍ମଣବାକ୍ୟମ୍ -

ସୋଽୟଂ ବାରିନିଧିଃ କପୀନ୍ଦ୍ରବଳିଭିଃ ପାତୁଂ ନ କିଂ ଶକ୍ୟତେ
ପୀତୋଽୟଂ କଳଶୋଦ୍ଭବେନ ମୁନିନା ବେତ୍ତ୍ୟାତ୍ମନୋ ନୋ ଗତିମ୍ ।

କା ଚିନ୍ତା ଜଳଧେସ୍ତୁ ଶୋଷଣବିଧୌ ଶକ୍ତିଃ ପରେ ମାମକେ
କା ଚିନ୍ତା କୁଣପାଧିପେ ମୟି ପୁନଃ ଶ୍ରୀରାମଭୃତ୍ୟେ ସ୍ଥିତେ ॥୨୪॥

❊ ଲକ୍ଷ୍ମଣ କହିଲେ - ହେ ରଘୁନାଥ ! କପିଶ୍ରେଷ୍ଠ ବଳବାନ୍ ହନୁମାନଙ୍କ ପକ୍ଷରେ ସମୁଦ୍ର ଶୋଷଣ କରିଦେବା ବଡ଼କଥା ନୁହେଁ । ପୂର୍ବେ ଅଗସ୍ତି ମୁନି ତ ସମୁଦ୍ରକୁ ଶୋଷଣ କରିଥିଲେ । ବର୍ତ୍ତମାନ କପିବଳ ନେଇ ହନୁମାନ୍ ସମୁଦ୍ରକୁ ବନ୍ଧୁ କରନ୍ତୁ । ହନୁମାନ୍ କହିଲେ ଏହା ବଡ଼ କଥା ନୁହେଁ । ପ୍ରଭୁ ଆଦେଶ ଦେଲେ ମୁଁ ସମୁଦ୍ରକୁ ଶୋଷଣ କରି ଶୁଖାଇଦେବି । ସେ ଶକ୍ତି ମୋର ଅଛି । ଶ୍ରୀରାମଭୃତ୍ୟ ଥାଉଁ ଥାଉଁ ରାକ୍ଷସରାଜ ରାବଣକୁ ବିନାଶ କରିବା ପ୍ରସଙ୍ଗ ଚିନ୍ତା କରିବା ଅନାବଶ୍ୟକ ॥

श्रीराम:-

साधु वनर वीर्य्य ते श्लाघनीयोऽसि मे पुरः ।
धिगस्तु मे बाहुवलं यत्तु जीवति रावण: ॥२५॥

ଶ୍ରୀରାମ :-

ସାଧୁ ବାନର ବୀର୍ଯ୍ୟଂ ତେ ଶ୍ଳାଘନୀୟୋଽସି ମେ ପୁରଃ ।
ଧିଗସ୍ତୁ ମେ ବାହୁବଳଂ ଯତ୍ତୁ ଜୀବତି ରାବଣଃ ॥୨୫॥

❊ ଶ୍ରୀରାମ କହିଲେ - ସାଧୁ ସାଧୁ କପିବର । ଧନ୍ୟ ତୁମର ବଳବୀର୍ଯ୍ୟ । ତୁମେ ପ୍ରକୃତରେ ପ୍ରଶଂସାର୍ହ । ଶ୍ରୀରାମଙ୍କ ପ୍ରଶଂସା ଶୁଣି ହନୁମାନ୍ କହିଲେ- ପ୍ରଭୋ ! ମୋର ବାହୁବଳକୁ ଧିକ୍ । ମୁଁ ଅତୁଳ ବଳଶାଳୀ ହେଲେ ମଧ୍ୟ ରାବଣ ଏପର୍ଯ୍ୟନ୍ତ ଜୀବନରେ ଅଛି । ସେଥିପାଇଁ ନିଜକୁ ଧିକ୍କାର କରୁଛି ॥

एकेनैवोपकारेण प्राणान् दास्याम्यहं कपे ।
अन्येनैवोपकारेण नि:शेषमृणिका वयम् ॥२६॥

ଏକେନୈବୋପକାରେଣ ପ୍ରାଣାନ୍ ଦାସ୍ୟାମ୍ୟହଂ କପେ ।
ଅନ୍ୟେନୈବୋପକାରେଣ ନିଃଶେଷମୃଣିକା ବୟମ୍ ॥୨୬॥

❊ ଶ୍ରୀରାମ କହିଲେ- ତୁମର ଏକମାତ୍ର ଉପକାରର ଋଣକୁ ମୁଁ ପ୍ରାଣ ଦେଇ ମଧ୍ୟ ପରିଶୋଧ କରିପାରିବି ନାହିଁ । ଅନ୍ୟାନ୍ୟ ଉପକାର ପାଇଁ ମୁଁ ଆଜୀବନ ତୁମ ପାଖରେ ଋଣୀ ହୋଇରହିବି ॥

हनुमान् -

मद्विधा बहवो भृत्यास्तव तिष्ठन्ति राघव ।
त्वद्विधो गुणसम्पन्न: स्वामी नैवोपलभ्यते ॥२७॥

ହନୁମାନ-

ମଦ୍ବିଧା ବହବୋ ଭୃତ୍ୟାସ୍ତବ ତିଷ୍ଠନ୍ତି ରାଘବ ।
ତ୍ୱଦ୍ବିଧୋ ଗୁଣସମ୍ପନ୍ନଃ ସ୍ୱାମୀ ନୈବୋପଲଭ୍ୟତେ ॥୨୭॥

❊ ହନୁମାନ୍ କହିଲେ ପ୍ରଭୋ ! ମୋ' ପରି ବହୁଭୃତ୍ୟ ଆପଣଙ୍କର ଅଛନ୍ତି ; କିନ୍ତୁ ଆପଣଙ୍କ ପରି ସର୍ବଗୁଣସମ୍ପନ୍ନ ସ୍ୱାମୀ ଏ ଜଗତରେ ବିରଳ ।

अथ प्रयाणम् -

अथ विजयदशम्यामाश्विने शुक्लपक्षे दशमुखविजयाय प्रस्थितो रामचन्द्रः ।
द्विविदगयसमानैर्यूथनाथैःसहायैःकपिभिरपरिमाणैर्व्याप्तदिक्चक्रवालः ॥२८॥

ଅଥ ପ୍ରୟାଣମ୍ -

ଅଥ ବିଜୟଦଶମ୍ୟାମାଶ୍ୱିନେ ଶୁକ୍ଲପକ୍ଷେ ଦଶମୁଖବିଜୟାୟ ପ୍ରସ୍ଥିତୋ ରାମଚନ୍ଦ୍ରଃ ।
ଦ୍ୱିବିଦଗୟସମାନୈର୍ଯୂଥନାଥୈଃସହାୟୈଃକପିଭିରପରିମାଣୈର୍ବ୍ୟାପ୍ତଦିକ୍‌ଚକ୍ରବାଳଃ ॥୨୮॥

❋ ଏଥିଉତ୍ତାରୁ ଯୁଦ୍ଧଯାତ୍ରା ପାଇଁ ପ୍ରସ୍ତୁତି ଆରମ୍ଭ ହେଲା । ଆଶ୍ୱିନ ମାସ ଶୁକ୍ଳ ପକ୍ଷ ଦଶମୀ ତିଥିରେ ଶ୍ରୀରାମଚନ୍ଦ୍ର ଦଶମୁଖ ରାବଣକୁ ସଂହାର କରିବା ପାଇଁ ଐରାବତହସ୍ତୀ ସଦୃଶ ବଳଶାଳୀ ଯୂଥପତି ଓ ଚତୁର୍ଦ୍ଦିଗକୁ ବ୍ୟାପିଥିବା ଅସଂଖ୍ୟ କପିସୈନ୍ୟଙ୍କ ସହିତ ପ୍ରସ୍ଥାନ କଲେ ॥

उत्फालैः स्खलयन्नभः किलिकिलाशब्दैर्दिशो नादयन्
भञ्जन् पर्वतकाननानि धरणीमृद्वन्नयन् सर्वतः ।
प्रस्थाने रघुनन्दनस्य स तदा सुग्रीवसंपालितो
लङ्कासम्मुखमुच्चचाल सहसा हृष्टः कपीनां चयः ॥२९॥

ଉତ୍‌ଫାଳୈଃ ସ୍ଖଳୟନ୍ନଭଃ କିଲିକିଲାଶବ୍ଦୈର୍ଦିଶୋ ନାଦୟନ୍
ଭଞ୍ଜନ୍ ପର୍ବତକାନନାନି ଧରଣୀମୃଦ୍ଵନ୍ନୟନ୍ ସର୍ବତଃ ।
ପ୍ରସ୍ଥାନେ ରଘୁନନ୍ଦନସ୍ୟ ସ ତଦା ସୁଗ୍ରୀବସଂପାଳିତୋ
ଲଙ୍କାସମ୍ମୁଖମୁଚ୍ଚଚାଳ ସହସା ହୃଷ୍ଟଃ କପୀନାଂ ଚୟଃ ॥୨୯॥

❋ କପିସମୂହ ଆନନ୍ଦରେ ଅକାଶକୁ ଡିଆଁମାରି, କିଳିକିଳା ନାଦରେ ଚତୁର୍ଦ୍ଦିଗକୁ ପ୍ରକମ୍ପିତ କରି, ବଡ଼ ବଡ଼ ପାହାଡ଼ ଓ ବୃକ୍ଷକୁ ଭାଙ୍ଗି ମାଟିରେ ମିଶାଇ ଦେଇ ସୁଗ୍ରୀବଙ୍କ ନେତୃତ୍ୱରେ ଲଙ୍କା ଅଭିମୁଖେ ଯାତ୍ରା କଲେ ॥

क्षौणी मज्जति भूधरो विचलति क्षोभं प्रयात्यम्बुधिः
कूर्मः कुञ्चति संकुचत्यहिपतिर्देवाधिपस्त्रस्यति ।
शूरा निर्जितवैरिणस्तरलिता रामे प्रयाणोद्यते
गन्तुं वीरवीभीषणोऽपि सभयः स्थानान्तरं वाञ्छति ॥३०॥

କ୍ଷୌଣୀ ମଜ୍ଜତି ଭୂଧରୋ ବଚଳତି କ୍ଷୋଭଂ ପ୍ରୟାତ୍ୟମ୍ବୁଧିଃ
କୂର୍ମଃ କୁଞ୍ଚତି ସଂକୁଚତ୍ୟହିପତିର୍ଦେବାଧିପସ୍ତ୍ରସ୍ୟତି ।
ଶୂରା ନିର୍ଜିତବୈରିଣସ୍ତରଳିତା ରାମେ ପ୍ରୟାଣୋଦ୍ୟତେ
ଗନ୍ତୁଂ ବୀରବୀଭୀଷଣୋଽପି ସଭୟଃ ସ୍ଥାନାନ୍ତରଂ ବାଞ୍ଛତି ॥୩୦॥

❋ ଶ୍ରୀରାମଙ୍କ ଯୁଦ୍ଧଯାତ୍ରା ସମୟରେ କପିସୈନ୍ୟଙ୍କ ଭାରରେ ମାର୍ଗସ୍ଥ ଭୂଭାଗ ଦବିଗଲା । ପର୍ବତଗୁଡ଼ିକ ବିଚଳିତ ହେଲେ । ସମୁଦ୍ରର ଜଳ ଉଚ୍ଛୁଳି ପଡ଼ିଲା । କୂର୍ମରାଜ ଓ ସର୍ପରାଜ ବାସୁକି

ସଂକୁଚିତ ହେଲେ । ଦେବରାଜ ଇନ୍ଦ୍ର ଭୟଭୀତ ହୋଇପଡ଼ିଲେ । ଶତ୍ରୁବିଜୟୀ ବୀରମାନେ ଚଞ୍ଚଳ ହେଲେ । ଲଙ୍କାରେ ଥିବା ବୀର ବିଭୀଷଣ ଭୟରେ ଅନ୍ୟସ୍ଥାନକୁ ପଳାଇ ଯିବା ପାଇଁ ଇଚ୍ଛା କଲେ ॥

इत्यवसरे भिल्लिभिः हास्यं कृत्वा मातरं प्रति -

नो शस्त्रं नापि शास्त्रं नहि च रथकथा नापि दन्ती न वाजी
नोक्षाणो नापि चेष्टावत न च शिविरो नापि राजा जटावान् ।
नो वित्तं नापि वस्त्रं न च नृपरचना काचिदत्रास्ति मातः
प्रातर्द्रष्टुं स्थिताभिर्गिरिवरकुहरेऽभाषि भिल्लिभिरेवम् ॥३१॥

ଇତ୍ୟବସରେ ଭିଲ୍ଲିଭିଃ ହାସ୍ୟଂ କୃତ୍ୱା ମାତରଂ ପ୍ରତି -

ନୋ ଶସ୍ତ୍ରଂ ନାପିଶାସ୍ତ୍ରଂ ନହି ଚ ରଥକଥା ନାପି ଦନ୍ତୀ ନ ବାଜୀ
ନୋକ୍ଷାଣୋ ନାପି ଚେଷ୍ଟା ବତ ନ ଚ ଶିବିରୋ ନାପି ରାଜା ଜଟାବାନ୍ ।
ନୋ ବିତ୍ତଂ ନାପି ବସ୍ତ୍ରଂ ନ ଚ ନୃପରଚନା କାଚିଦତ୍ରାସ୍ତି ମାତଃ
ପ୍ରାତର୍ଦ୍ରଷ୍ଟୁଂ ସ୍ଥିତାଭିର୍ଗିରିବରକୁହରେଽଭାଷି ଭିଲ୍ଲିଭିରେବମ୍ ॥୩୧॥

❋ ଏହି ଅବସରରେ ଅରଣ୍ୟବାସୀ ଭିଲ୍ଲଶିଶୁମାନେ ନିଜ ନିଜ ମା'ଙ୍କୁ ପଚାରିଲେ- ମାତଃ, ଅସଂଖ୍ୟ ବାନର ଆମରି ଏଇ ବଣକୁ ମାଡ଼ିଆସୁଛନ୍ତି । ସେମାନଙ୍କର ଅସ୍ତ୍ରଶସ୍ତ୍ର ନାହିଁ କି ହାତୀ ଘୋଡ଼ା ନାହାନ୍ତି । ଓଟ, ମହିଷ, ରଥ ପ୍ରଭୃତି ଦେଖାଯାଉନାହିଁ, ମାତ୍ର ଜଣେ ଜଟାଧାରୀ ରାଜା ଅଛନ୍ତି । ଧନରତ୍ନ, ବେଶ, ଭୂଷା ନାହିଁ କି ରାଜକୀୟ ଆଡ଼ମ୍ବର ଦେଖାଯାଉ ନାହିଁ । ସେମାନେ ବନପଥରେ କୁଆଡ଼େ ଯାଉଛନ୍ତି ?

भिल्लीमातरः -

विजेतव्या लङ्का चरणतरणीयो जलनिधि-
र्विपक्षः पौलस्त्यो रणभुवि सहायश्च कपयः ।
तथाप्येको रामः सकलमपि हन्ति प्रतिवलं
क्रियासिद्धिः सत्त्वे वसति महतां नोपकरणे ॥३२॥

ଭିଲ୍ଲମାତରଃ-

ବିଜେତବ୍ୟା ଲଙ୍କା ଚରଣତରଣୀୟୋ ଜଳନିଧି-
ବିପକ୍ଷଃ ପୌଲସ୍ତ୍ୟୋ ରଣଭୁବି ସହାୟାଶ୍ଚ କପୟଃ ।
ତଥାପ୍ୟେକୋ ରାମଃ ସକଳମପି ହନ୍ତି ପ୍ରତିବଳଂ
କ୍ରିୟାସିଦ୍ଧିଃ ସତ୍ତ୍ୱେ ବସତି ମହତାଂ ନୋପକରଣେ ॥୩୨॥

❋ ଭିଲ୍ଲରମଣୀମାନେ କହିଲେ- ଶ୍ରୀରାମଚନ୍ଦ୍ର ଲଙ୍କାବିଜୟ ପାଇଁ କପି ସୈନ୍ୟ ନେଇ ଯାଉଛନ୍ତି । ସମସ୍ତେ ପାଦରେ ଚାଲି ଚାଲି ସମୁଦ୍ର ପାର ହୋଇ ଶତ୍ରୁ ପୌଲସ୍ତ୍ୟ (ରାବଣ)କୁ ଯୁଦ୍ଧରେ ସଂହାର କରିବେ । ଏକାକୀ ରାମ ହିଁ ଅସୁରସୈନ୍ୟଙ୍କୁ ନିପାତ କରିଦେବେ । କାର୍ଯ୍ୟସିଦ୍ଧି ପାଇଁ ସଜ୍ଜନମାନଙ୍କର କୌଣସି ଉପକରଣ ଦରକାର ନାହିଁ ॥

समुद्रतीरे रामो मनसि चिन्तयति
पारे सिन्धुपुरी पुरीपरिसरे प्राचीरमभ्रंलिहं
सिंहद्वेषिबलं रिपुं जयबलास्ते कुम्भकर्णादयः ।
शाक्तीकः स रिपुः स्तनन्धयसमो भ्राता सखा वानरो
मत्वैवं रघुवंशकेशरीयुवा कोदण्डमुद्वीक्ष्यते ।।३३।।

ସମୁଦ୍ରତୀରେ ରାମୋ ମନସି ଚିନ୍ତୟତି -
ପାରେ ସିନ୍ଧୁପୁରୀ ପୁରୀପରିସରେ ପ୍ରାଚୀରମଭ୍ରଂଲିହଂ
ସିଂହଦ୍ୱେଷିବଳଂ ରିପୁଂ ଜୟବଳାସ୍ତେ କୁମ୍ଭକର୍ଣ୍ଣାଦୟଃ ।
ଶାକ୍ତୀକଃ ସ ରିପୁଃ ସ୍ତନନ୍ଧୟସମୋ ଭ୍ରାତା ସଖା ବାନରୋ
ମତ୍ୱୈବଂ ରଘୁବଂଶକେଶରୀଯୁବା କୋଦଣ୍ଡମୁଦ୍ୱୀକ୍ଷ୍ୟତେ ।।୩୩।।

❊ ସମୁଦ୍ରକୂଳରେ ପହଞ୍ଚି ଶ୍ରୀରାମ ମନେ ମନେ ଭାବିଲେ, ସାଗରର ଅପର ପାର୍ଶ୍ୱରେ ଥିବା ଲଙ୍କାପୁରୀ ଆକାଶଚୁମ୍ବୀ ପ୍ରାଚୀରଦ୍ୱାରା ପରିବେଷ୍ଟିତ । ସେଠାରେ ସିଂହ ପରି ବିକ୍ରମଶାଳୀ କୁମ୍ଭକର୍ଣ୍ଣାଦି ବୀର ମାନେ ଅଛନ୍ତି । ଶତ୍ରୁ ବଡ଼ ଶକ୍ତିଶାଳୀ । ମୋ' ସହିତ ଦୁଗ୍ଧପୋଷ୍ୟ ବାଳକ ତୁଲ୍ୟ ଭାଇ ଲକ୍ଷ୍ମଣ ଓ ସାହାଯ୍ୟକାରୀ ବାନର ଅଛନ୍ତି । ଏହି କଥା ଭାବି ରଘୁବଂଶକେଶରୀ ଶ୍ରୀରାମଚନ୍ଦ୍ର ନିଜର କୋଦଣ୍ଡ ଧନୁ ପ୍ରତି ଦୃଷ୍ଟି ପକାଇଲେ ।।

दृष्ट्वा क्षीरोदवेलां रघुकुलतिलकः सैन्यमेतद् विलोक्य
ऋक्षाणां वानराणां शिशुचपलमतिं लक्ष्मणं स्वल्पबुद्धिम् ।
ज्ञात्वा रामो व्यरोदित्श्रुतिपथमधुरं सैन्यसेनापतीनां
तत्रास्ते वायुपुत्रः प्रणमतशिरसा वाक्यमाधुर्य्यमूचे ।।३४।।

ଦୃଷ୍ଟ୍ୱା କ୍ଷୀରୋଦବେଳାଂ ରଘୁକୁଳତିଳକଃ ସୈନ୍ୟମେତଦ୍ ବିଲୋକ୍ୟ
ଋକ୍ଷାଣାଂ ବାନରାଣାଂ ଶିଶୁଚପଳମତିଂ ଲକ୍ଷ୍ମଣଂ ସ୍ୱଳ୍ପବୁଦ୍ଧିମ୍ ।
ଜ୍ଞାତ୍ୱା ରାମୋ ବ୍ୟରୋଦିତ୍ ଶ୍ରୁତିପଥମଧୁରଂ ସୈନ୍ୟସେନାପତୀନାଂ
ତତ୍ରାସ୍ତେ ବାୟୁପୁତ୍ରଃ ପ୍ରଣମତଶିରସା ବାକ୍ୟମାଧୁର୍ଯ୍ୟମୂଚେ ।।୩୪।।

❊ ସମୁଦ୍ରକୂଳରେ ଉପସ୍ଥିତ ହୋଇ ଶ୍ରୀରାମଚନ୍ଦ୍ର ଉତ୍ତାଳ ତରଙ୍ଗମାଳା ଶୋଭିତ ସାଗର, ଭାଲୁ ଓ ବାନର ବାହିନୀ ଏବଂ ନିଜର ଅନୁଜ ବାଳକ ଲକ୍ଷ୍ମଣଙ୍କ କଥା ଭାବି ବ୍ୟସ୍ତ ହୋଇପଡ଼ିଲେ । ଶ୍ରୀରାମଙ୍କ ମାନସିକ ଅବସ୍ଥା ଲକ୍ଷ୍ୟ କରି ସେନା ଓ ସେନାପତି ବିମର୍ଷ ହେବାର ଦେଖି ବାୟୁପୁତ୍ର ହନୁମାନ୍ ନତମସ୍ତକ ହୋଇ ମଧୁରସ୍ୱରରେ କହିଲେ ।।

हनुमान्

देवाज्ञापय किं करोमि सहसा लङ्कामहं वानये
जम्बुद्वीपमतो नये किमथवा वारांनिधिं शोषये ।

हेलोत्पाटितविन्ध्यमन्दरगिरिस्वर्णत्रिनेत्राचलं
क्षेपक्षोभविवर्द्धमानसलिलं बध्नामि वारांनिधिम् ॥३५॥

ହନୁମାନ୍:

ଦେବାଜ୍ଞାପୟ କିଂ କରୋମି ସହସା ଲଙ୍କାମହଂ ବାନୟେ
ଜମ୍ବୁଦ୍ୱୀପମତୋ ନୟେ କିମଥବା ବାରାଂନିଧିଂ ଶୋଷୟେ ।
ହେଲୋତ୍ପାଟିତବିନ୍ଧ୍ୟମନ୍ଦରଗିରିସ୍ୱର୍ଣ୍ଣତ୍ରିନେତ୍ରାଚଳଂ
କ୍ଷେପକ୍ଷୋଭବିବର୍ଦ୍ଧମାନ ସଲିଳଂ ବଧ୍ନାମି ବାରାଂନିଧିମ୍ ॥୩୫॥

❋ ହନୁମାନ କହିଲେ ଦେବ ! କଣ କରିବି ଶୀଘ୍ର ଆଦେଶ ଦିଅନ୍ତୁ । ଲଙ୍କାକୁ ଉପାଡ଼ି ଆଣିବି ନା ଜମ୍ବୁଦ୍ୱୀପକୁ ସେଠାରେ ନେଇ ରଖିବି । ସାଗରକୁ ଶୋଷଣ କରି ଶୁଖାଇ ଦେବି ନା ବିନ୍ଧ୍ୟମନ୍ଦର, ସ୍ୱର୍ଣ୍ଣାଦ୍ରିକୁ ଉପାଡ଼ି ଆଣି ଉତ୍ତାଳ ତରଙ୍ଗଶୋଭିତ ସମୁଦ୍ରରେ ପକାଇ ବନ୍ଧ ତିଆରି କରିଦେବି ॥

रामः - अये मरुत्तनय !

कूर्म क्लेशायितुं दिशः स्थगयितुं भेत्तुं धरित्रीधरान्
सिन्धुं धूलिभरेण कर्दमयितुं तेनैव रोद्धुं नभः ।
नासीरेषु पुरः पुरश्चलवलालापस्य कोलाहलं
कर्त्तुं वीरवरुथिनी मम परं जैत्रं पुनस्त्वद्भुजैः ॥३६॥

ରାମଃ – ଅୟେ ମରୁତ୍ତନୟ !

କୂର୍ମଂ କ୍ଲେଶୟିତୁଂ ଦିଶଃ ସ୍ଥଗୟିତୁଂ ଭେତ୍ତୁଂ ଧରିତ୍ରୀଧରାନ୍
ସିନ୍ଧୁଂ ଧୂଳିଭରେଣ କର୍ଦମୟିତୁଂ ତେନୈବ ରୋଦ୍ଧୁଂ ନଭଃ ।
ନାସୀରେଷୁ ପୁରଃ ପୁରଶ୍ଚଳବଳାଳାପସ୍ୟ କୋଳାହଳଂ
କର୍ତ୍ତୁଂ ବୀରବରୁଥିନୀ ମମ ପରଂ ଜୈତ୍ରଂ ପୁନସ୍ତ୍ୱଦ୍‌ଭୁଜୈଃ ॥୩୬॥

❋ ଶ୍ରୀରାମ କହିଲେ ହେ ପବନ ନନ୍ଦନ ! ଅଗ୍ରଗାମୀମାନଙ୍କ ମଧ୍ୟରେ ଅଧିକ ଅଗ୍ରଗତିଶୀଳ ଏହି ବିଶାଳ ବାନର ବାହିନୀ ନିଜର କୋଳାହଳ ଦ୍ୱାରା କୂର୍ମରାଜକୁ କଷ୍ଟଦେବାରେ, ଦିଙ୍ମଣ୍ଡଳକୁ ଆଚ୍ଛାଦିତ କରିବାରେ, ପାହାଡକୁ ଭାଙ୍ଗିବାରେ, ଧୂଳିରେ ସମୁଦ୍ରକୁ କର୍ଦ୍ଦମାକ୍ତ କରିବାରେ, ଆଉ ସେହି ଧୂଳିରେ ଆକାଶକୁ ପୂର୍ଣ୍ଣ କରିବାରେ ସମର୍ଥ । ପୁଣି ତୁମର ବାହୁବଳ ବିଷୟରେ କହିବା ନିଷ୍ପ୍ରୟୋଜନ ॥

तत्रैव चन्द्रोदयो रामस्य चेष्टा-

सुग्रीवे प्रणयोल्वणाः शशधरे बद्धाभ्यसूयाश्चिरं
साश्चर्य्याः पवनात्मजे धृतरुषः पौलस्त्यवत्यां दिशि ।
सोत्साहाश्च शरासने सकरुणाः सौमित्रिवक्त्रो तदा
रामस्याब्धिनियन्तुरेवमभवन्न नीरसा दृष्टयः ॥३७॥

ତତ୍ରୈବ ଚନ୍ଦ୍ରୋଦୟେ ରାମସ୍ୟ ଚେଷ୍ଟା -

ସୁଗ୍ରୀବେ ପ୍ରଣୟୋଲ୍ଲଣାଃ ଶଶଧରେ ବଦ୍ଧାଭ୍ୟସୂୟାଷ୍ଟିରଂ
ସାଶ୍ଚର୍ଯ୍ୟାଃ ପବନାତ୍ମଜେ ଧୃତରୁଷଃ ପୌଲସ୍ତ୍ୟବତ୍ୟାଂ ଦିଶି ।
ସୋତ୍ସାହାଷ୍ଟ ଶରାସନେ ସକରୁଣାଃ ସୌମିତ୍ରିବକ୍ତ୍ରୋ ତଦା
ରାମସ୍ୟାବ୍ଧି ନିୟନ୍ତୁରେବମଭବନ୍ ନୀରସା ଦୃଷ୍ଟୟଃ ।।୩୭।।

❋ ଏହି ସମୟରେ ଚନ୍ଦ୍ରୋଦୟ ଦେବାର ଦେଖି ଶ୍ରୀରାମଚନ୍ଦ୍ର ପ୍ରିୟଭାବେ ସୁଗ୍ରୀବଙ୍କୁ ଚାହିଁଲେ । ଈର୍ଷ୍ୟା ଦୃଷ୍ଟିରେ ଚନ୍ଦ୍ରଙ୍କୁ ଓ ଆଶ୍ଚର୍ଯ୍ୟ ହୋଇ ପବନନନ୍ଦନ ପ୍ରତି ଦୃଷ୍ଟିଦେଲେ । ପୌଲସ୍ତ୍ୟ ଥିବା ଦକ୍ଷିଣ ଦିଗକୁ ରୋଷାନ୍ୱିତ ହୋଇ ଚାହିଁଲେ । ନିଜର ଶରାସନକୁ ଉତ୍ସାହ ଦୃଷ୍ଟିରେ, ଭାଇ ଲକ୍ଷ୍ମଣଙ୍କୁ ସଦୟ ଦୃଷ୍ଟିରେ ଏବଂ ସାଗରକୁ ନିୟନ୍ତ୍ରଣ କରିବା ପାଇଁ ସରସଦୃଷ୍ଟିରେ ଚାହିଁଲେ ।।

समुद्रस्य दक्षिणे तीरे लङ्कावृन्तान्त: -

लङ्कास्थानतिवृद्धतापसभटानानीय प्रश्न: कृतो
लङ्केशेन विलोक्य वीरनगरीं लङ्कां सशंकामिव ।
ध्यानज्ञानपरायणा: मुनिगणा: दैवं किमत्र श्रुतं
येषां यद्धृदये स्फुरत्यपि वचस्तेनैव तत्कथ्यताम् ।।३८।।

ସମୁଦ୍ରସ୍ୟ ଦକ୍ଷିଣେ ତୀରେ ଲଙ୍କାବୃତ୍ତାନ୍ତଃ -

ଲଙ୍କାସ୍ଥାନତିବୃଦ୍ଧତାପସଭଟାନାନୀୟ ପ୍ରଶ୍ନଃ କୃତୋ
ଲଙ୍କେଶେନ ବିଲୋକ୍ୟ ବୀରନଗରୀଂ ଲଙ୍କାଂ ସଶଙ୍କାମିବ ।
ଧ୍ୟାନଜ୍ଞାନପରାୟଣାଃ ମୁନିଗଣାଃ ଦୈବଂ କିମତ୍ର ଶ୍ରୁତଂ
ଯେଷାଂ ଯଦ୍ଧୃଦୟେ ସ୍ଫୁରତ୍ୟପି ବଚସ୍ତେନୈବ ତତ୍କଥ୍ୟତାମ୍ ।।୩୮।।

❋ ସମୁଦ୍ରର ଦକ୍ଷିଣ ତୀରରେ ଅବସ୍ଥିତ ଲଙ୍କାର ଅଧିପତି ରାବଣ ଆକାଶ ମାର୍ଗରେ ରହି ଲଙ୍କାକୁ ଆସିବା ପାଇଁ ଉପାୟ ଚିନ୍ତା କରୁଥିବା କପିମାନଙ୍କୁ ଲକ୍ଷ୍ୟ କଲା । ବୀରନଗରୀ ଲଙ୍କା ଚିନ୍ତା ଓ ଭୟଗ୍ରସ୍ତ ହେବାକୁ ଯାଉଛି ବୋଲି ବିଚାରି ରାବଣ ଲଙ୍କାରେ ଥିବା ବୟସ୍କ ବ୍ୟକ୍ତି, ତପସ୍ୱୀ, ବୀର ପ୍ରଭୃତିଙ୍କୁ ଡକାଇ ପଚାରିଲେ, ଆପଣମାନେ ସମସ୍ତେ ଅଭିଜ୍ଞ, ଦୂରଦର୍ଶୀ ଓ ଭବିଷ୍ୟଦ୍‌ବକ୍ତା । ଲଙ୍କାକୁ କପିସୈନ୍ୟ ଆସୁଛନ୍ତି । ଆପଣମାନେ ବିଚାର କରି ଯାହା ମନରେ ଯାହା ଆସୁଛି ନିର୍ଭୟରେ ଓ ସ୍ପଷ୍ଟଭାବେ ତାହା ପ୍ରକାଶ କରନ୍ତୁ ।।

रावणमात्रा निकषया व्यसनाद्रावणो निवार्यतामित्युक्तो विभीषणो लङ्कानाथं प्रत्याह । राजन्निंयं राक्षसकालरात्री सीतां परित्यज्यताम् -

ରାବଣମାତ୍ରା ନିକଷୟା ବ୍ୟସନାଦ୍ରାବଣୋ ନିବାର୍ଯ୍ୟତାମିତ୍ୟୁକ୍ତୋ ବିଭୀଷଣୋ ଲଙ୍କାନାଥଂ ପ୍ରତ୍ୟାହ । ରାଜନ୍ନିୟଂ ରାକ୍ଷସକାଳରାତ୍ରୀ ସୀତାଂ ପରିତ୍ୟଜ୍ୟତାମ୍ -

❊ ରାବଣର ମାତା ନିକଷାଙ୍କ ଉପଦେଶ ଅନୁସାରେ କନିଷ୍ଠ ପୁତ୍ର ବିଭୀଷଣ କହିଲେ- ରାଜନ୍ ! ଏହି ସୀତା ରାକ୍ଷସମାନଙ୍କର କାଳରାତ୍ରି ସ୍ୱରୂପା । ତେଣୁ ମା' କହିଛନ୍ତି ଯଥାଶୀଘ୍ର ତାଙ୍କୁ ତ୍ୟାଗ କର ॥

यस्य वानरमात्रेण पुरीयं व्याकुलीकृता ।
कस्तेन सह युध्येत बुद्धिमान् राक्षसेश्वरः ।।३९।।
ଯସ୍ୟ ବାନରମାତ୍ରେଣ ପୁରୀୟଂ ବ୍ୟାକୁଳୀକୃତା ।
କସ୍ତେନ ସହ ଯୁଧ୍ୟେତ ବୁଦ୍ଧିମାନ୍ ରାକ୍ଷସେଶ୍ୱରଃ ॥୩୯॥

❊ ହେ ରାକ୍ଷସେଶ୍ୱର ! ଶ୍ରୀରାମଙ୍କର ଦୂତ ରୂପେ ଏକମାତ୍ର ବାନର ଆସି ବହୁ ରାକ୍ଷସଙ୍କୁ ହତ୍ୟା କରି ଲଙ୍କାପୁରୀକୁ ନଷ୍ଟଭ୍ରଷ୍ଟ କରିଦେଇ ଚାଲିଗଲା । ଆପଣ ବୁଦ୍ଧିମାନ୍, ବିଚାର କରନ୍ତୁ; କିଏ ତା'ର ପ୍ରଭୁଙ୍କ ସହିତ ଯୁଦ୍ଧ କରିପାରିବ ?

लङ्का दग्धा वनं भग्नं लंघितश्च महोदधिः ।
यत्कृतं रामदूतेन स रामः किं करिष्यति ।।४०।।
ଲଙ୍କା ଦଗ୍ଧା ବନଂ ଭଗ୍ନଂ ଲଂଘିତଶ୍ଚ ମହୋଦଧିଃ ।
ଯତ୍କୃତଂ ରାମଦୂତେନ ସ ରାମଃ କଂ କରିଷ୍ୟତି ॥୪୦॥

❊ ଶ୍ରୀରାମ ଦୂତ ବାନରଟାଏ ଆସି ଲଙ୍କାକୁ ପୋଡ଼ି ଛାରଖାର କଲା, ମଧୁବନକୁ ନଷ୍ଟ କରିଦେଲା ଏବଂ ମହୋଦଧିକୁ ଲଂଘନ କରି ଫେରିଗଲା । ଯଦି ଦୂତ ଜଣେ ଏସବୁ କରିପାରିଲା ତେବେ ତା'ର ପ୍ରଭୁ ସେହି ରାମ କଣ କରିବେ ତାହା କିଏ କହିବ ?

त्यज स्वकोपं कुलकीर्त्तिनाशनं भजस्व धर्मं कुलकीर्त्तिवर्द्धनम् ।
अलं विरोधेन शमो विधीयतां प्रदीयतां दाशरथाय मैथिली ।।४१।।
ତ୍ୟଜ ସ୍ୱକୋପଂ କୁଳକୀର୍ତ୍ତିନାଶନଂ ଭଜସ୍ୱ ଧର୍ମଂ କୁଳକୀର୍ତ୍ତିବର୍ଦ୍ଧନମ୍ ।
ଅଳଂ ବିରୋଧେନ ଶମୋ ବିଧୀୟତାଂ ପ୍ରଦୀୟତାଂ ଦାଶରଥାୟ ମୈଥିଳୀ ॥୪୧॥

❊ ଆପଣ କ୍ରୋଧ ତ୍ୟାଗ କରନ୍ତୁ । ବଂଶର କୀର୍ତ୍ତି ଓ ଖ୍ୟାତିକୁ ନଷ୍ଟ କରନ୍ତୁ ନାହିଁ । ବଂଶର କୀର୍ତ୍ତିବର୍ଦ୍ଧକ ସ୍ୱଧର୍ମ ପାଳନ କରନ୍ତୁ । ବିବାଦ କରିବା ନିଷ୍ପ୍ରୟୋଜନ । ଶାନ୍ତି ରକ୍ଷା କରନ୍ତୁ । ଦାଶରଥିଙ୍କୁ ତାଙ୍କର ପତ୍ନୀ ସୀତାଙ୍କୁ ପ୍ରତ୍ୟର୍ପଣ କରନ୍ତୁ ॥

साटोपं जलधिं विलंघ्य स तथा दत्वा ततो मुद्रिकां
सीतापार्श्वमुपेत्य चाप्युपवनं चोत्पाट्य सेनावृतम् ।
हत्वा चाक्षकुमारकं तमखिला दग्धा च लङ्कापुरी
क्रव्यादैरथ वीक्षितश्च सभयैः काकुत्स्थमापत् पुनः ।।४२।।
ସାଟୋପଂ ଜଳଧିଂ ବିଲଂଘ୍ୟ ସ ତଥା ଦତ୍ୱା ତତୋ ମୁଦ୍ରିକାଂ
ସୀତାପାର୍ଶ୍ୱମୁପେତ୍ୟ ଚାପ୍ୟୁପବନଂ ଚୋତ୍ପାଟ୍ୟ ସେନାବୃତମ୍ ।

ହତ୍ୱା ଚାକ୍ଷକୁମାରଙ୍କ ଡମଖିଳା ଦଗ୍ଧାଚ ଲଙ୍କାପୁରୀ

କ୍ରବ୍ୟାଦୈରଥବୀକ୍ଷିତଷ୍ଟ ସଭୟୈଃ କାକୁସ୍ଥମାପତ୍ ପୁନଃ ॥୪୨॥

❊ ସେହି ହନୁମାନ୍ ଗର୍ବର ସହିତ ଜଳଧି ଲଂଘନ କରି ସୀତାଙ୍କ ପାଖରେ ପହଞ୍ଚି ମୁଦ୍ରିକା ଦେଲା ଏବଂ ସେନାବାହିନୀ ଦ୍ୱାରା ସଂରକ୍ଷିତ ଉପବନକୁ ନଷ୍ଟଭ୍ରଷ୍ଟ କରିଦେଲା । ଅକ୍ଷୟ କୁମାରକୁ ହତ୍ୟା କରି ସମଗ୍ର ଲଙ୍କାକୁ ପୋଡ଼ି ଛାରଖାର କଲା । ଶେଷରେ ଭୟଭୀତ ରାକ୍ଷସମାନଙ୍କ ଆଗରେ ସେ ଶ୍ରୀରାମଙ୍କ ପାଖକୁ ଫେରିଗଲା ॥

यावन्न लङ्कां समभिद्रवन्ति बलीमुखाः पर्वतकूटमात्राः ।

दंष्ट्रायुधाश्चैव नखायुधाश्च प्रदीयतां दाशरथाय मैथिली ॥४३॥

ଯାବନ୍ନ ଲଙ୍କାଂ ସମଭିଦ୍ରବନ୍ତି ବଲୀମୁଖାଃ ପର୍ବତକୂଟମାତ୍ରାଃ ।

ଦଂଷ୍ଟ୍ରାୟୁଧାଶ୍ଚୈବ ନଖାୟୁଧାଶ୍ଚ ପ୍ରଦୀୟତାଂ ଦାଶରଥାୟ ମୈଥିଳୀ ॥୪୩॥

❊ ପର୍ବତାକାର ଓ ନଖଦନ୍ତାଦି ଆୟୁଧଯୁକ୍ତ ବାନରମାନେ ଲଙ୍କାକୁ ଛାରଖାର କରିବା ପୂର୍ବରୁ ଆପଣ ସୀତାଙ୍କୁ ନେଇ ଶ୍ରୀରାମଚନ୍ଦ୍ରଙ୍କୁ ଫେରାଇଦିଅନ୍ତୁ ॥

यावन्न गृह्णन्ति शिरांसि बाणाःरामेरिता राक्षसपुङ्गवानाम् ।

वज्रोपमा वायुसमानवेगाः प्रदीयतां दाशरथाय मैथिली ॥४४॥

ଜାବନ୍ନ ଗୃହ୍ଣନ୍ତି ଶିରାଂସି ବାଣାଃ ରାମେରିତା ରାକ୍ଷସପୁଙ୍ଗବାନାମ୍ ।

ବଜ୍ରୋପମାଃ ବାୟୁସମାନବେଗାଃ ପ୍ରଦୀୟତାଂ ଦାଶରଥାୟ ମୈଥିଳୀ ॥୪୪॥

❊ ହେ ରାଜନ୍ ! ଶ୍ରୀରାମଚନ୍ଦ୍ରଙ୍କ ବଜ୍ରକଠୋର ବାଣରାଶି ରାକ୍ଷସବୀରମାନଙ୍କର ପ୍ରାଣ ବିନାଶ କରିବା ପୂର୍ବରୁ ଆପଣ ତାଙ୍କ ପତ୍ନୀ ମୈଥିଳୀଙ୍କୁ ଯଥାଶୀଘ୍ର ପ୍ରତ୍ୟର୍ପଣ କରନ୍ତୁ ॥

न कुम्भकर्णेन्द्रजितौ च राजन् तथा महापार्श्वमहोदरौ च ।

निकुम्भकुम्भौ च तथातिकायः स्थातुं समर्थाः युधि राघवस्य ॥४५॥

ନ କୁମ୍ଭକର୍ଣ୍ଣେନ୍ଦ୍ରଜିତୌ ଚ଼ ରାଜନ୍ ତଥା ମହାପାର୍ଶ୍ୱମହୋଦରୌ ଚ ।

ନିକୁମ୍ଭକୁମ୍ଭୌ ଚ଼ ତଥାତିକାୟଃ ସ୍ଥାତୁଂ ସମର୍ଥାଃ ଯୁଧି ରାଘବସ୍ୟ ॥୪୫॥

❊ ହେ ରାଜନ୍ ! ଶ୍ରୀରାମଙ୍କ ସହିତ ଯୁଦ୍ଧକରିବା ପାଇଁ କୁମ୍ଭକର୍ଣ୍ଣ କି ଇନ୍ଦ୍ରଜିତ,ମହାପାର୍ଶ୍ୱ କି ମହୋଦର, ନିକୁମ୍ଭ ଓ କୁମ୍ଭାଦି ଯେତେ ଅସୁର ମହାରଥୀ ଅଛନ୍ତି ; ସେମାନେ କେହି ସମର୍ଥ ହେବେ ନାହିଁ ॥

न रावणो वा न विभीषणो वा प्रकम्पनो वापि न चारविन्दः ।

न राक्षसा दाशरथेर्विषोढुं शक्तस्तु तच्छक्रशतप्रभावम् ॥४६॥

ନ ରାବଣୋ ବା ନ ବିଭୀଷଣୋ ବା ପ୍ରକମ୍ପନୋ ବାପି ନ ଚାରବିନ୍ଦଃ ।

ନ ରାକ୍ଷସା ଦାଶରଥେର୍ବିଷୋଢୁଂ ଶକ୍ତସ୍ତୁ ତଚ୍ଛକ୍ରଶତପ୍ରଭାବମ୍ ॥୪୬॥

※ ରାବଣ, ବିଭୀଷଣ, ଅକମ୍ପନ, ପ୍ରକମ୍ପନ ଅଥବା ଅରିବିନ୍ଦ ତଥା ଅନ୍ୟାନ୍ୟ ଯେତେ ପରାକ୍ରମଶାଳୀ ରାକ୍ଷସ ଅଛନ୍ତି ସେମାନଙ୍କ ମଧ୍ୟରୁ କେହି ଶତ ଇନ୍ଦ୍ର ସଦୃଶ ପ୍ରଭାବସମ୍ପନ୍ନ ଶ୍ରୀରାମଙ୍କ ବାଣକୁ ସହିପାରିବେ ନାହିଁ ॥

रावणः -

इन्द्रं माल्याकरं सहस्रकिरणं द्वाप्रितीहारकं
चन्द्रं छत्रधरं समीरवरुणौ सम्मार्जयन्तौ गृहान् ।
पाचक्ये परिनिष्ठितं हुतवहं किं मद्गृहे नेक्ष्यसे
रक्षोभक्ष्यमनुष्यमात्रावपुषं तं राघवं स्तौषि किम् ।।४७।।

ରାବଣଃ -

ଇନ୍ଦ୍ରଂ ମାଲ୍ୟକରଂ ସହସ୍ରକିରଣଂ ଦ୍ୱାରି ପ୍ରତୀହାରକଂ
ଚନ୍ଦ୍ରଂ ଛତ୍ରଧରଂ ସମୀରବରୁଣୌ ସମ୍ମାର୍ଜୟନ୍ତୌ ଗୃହାନ୍ ।
ପାଚକ୍ୟେ ପରିନିଷ୍ଠିତଂ ହୁତବହଂ କିଂ ମଦ୍‌ଗୃହେ ନେକ୍ଷ୍ୟସେ
ରକ୍ଷୋଭକ୍ଷ୍ୟମନୁଷ୍ୟମାତ୍ରବପୁଷଂ ତଂ ରାଘବଂ ସ୍ତୌଷି କିମ୍ ॥୪୭॥

※ ରାବଣ କହିଲା ରେ ବିଭୀଷଣ ! ଇନ୍ଦ୍ର ମୋର ଫୁଲମାଳ ଗୁନ୍ଥୁଛନ୍ତି, ସହସ୍ରକିରଣ ସୂର୍ଯ୍ୟ ପ୍ରତିହାରୀ ରୂପେ ଦ୍ୱାର ଜଗିଛନ୍ତି, ଚନ୍ଦ୍ର ଛତା ଧରିଛନ୍ତି, ବାୟୁ ଓ ବରୁଣ ଘର ସଫା କରୁଛନ୍ତି । ମୋ' ଘରେ ଅଗ୍ନି ପାଚକ କାର୍ଯ୍ୟରେ ନିଯୁକ୍ତ ହୋଇଛନ୍ତି । ଏସବୁ କଣ ତୁ ଦେଖୁ ନାହୁଁ ? ରାକ୍ଷସମାନଙ୍କର ଭକ୍ଷଣୀୟ ମାନବମାତ୍ର ଶରୀରଧାରୀ ରାଘବକୁ ତୁ ସ୍ତୁତି କରୁଛୁ ?

प्रहस्तः प्राह-

शूराः श्रोत्रपथेषु न कति कति प्राञ्चः पदं चक्रिरे
तेषामेव विलंघ्य साम्यपदवीं जागर्त्ति लङ्काभटः ।
यद्दोर्मण्डलचण्डपीडनवशान्निःस्यन्दिरक्तच्छटाः
शङ्कामङ्कुरयन्ति शङ्करगिरेरद्यापि धातुद्रवाः ।।४८।।

ପ୍ରହସ୍ତଃ ପ୍ରାହ-

ଶୂରାଃ ଶ୍ରୋତ୍ରପଥେଷୁ ନ କତି କତି ପ୍ରାଞ୍ଚଃ ପଦଂ ଚକ୍ରିରେ
ତେଷାମେବ ବିଲଂଘ୍ୟ ସାମ୍ୟପଦବୀଂ ଜାଗର୍ତ୍ତି ଲଙ୍କାଭଟଃ ।
ଯଦ୍ଦୋର୍ମଣ୍ଡଳଚଣ୍ଡପୀଡ଼ନବଶାନ୍ନିଃସ୍ୟନ୍ଦିରକ୍ତଚ୍ଛଟାଃ
ଶଙ୍କାମଙ୍କୁରୟନ୍ତି ଶଙ୍କରଗିରେରଦ୍ୟାପି ଧାତୁଦ୍ରବାଃ ॥୪୮॥

※ ବିଭୀଷଣକୁ ଚାହିଁ ପ୍ରହସ୍ତ କହିଲା- ପୂର୍ବରୁ ଲଙ୍କାଧିପତି ରାବଣ ବହୁ ଦିଗ୍‌ବିଜୟୀ ବୀରଙ୍କୁ ଜୟ କରିଛନ୍ତି, ଏହା କଣ ଶୁଣିନାହଁ ? ସେହି ରାବଣ ନିଜର ବାହୁବଳରେ ଯେତେବେଳେ କୈଳାସକୁ ଉପାଡ଼ି ଟେକି ଧରିଲେ ସେତେବେଳେ ତାଙ୍କ ଭୁଜରୁ ନିଃସୃତ ହୋଇଥିବା ରକ୍ତଧାରା

ଶଙ୍କରଗିରିର ଚତୁର୍ଦ୍ଦିଗରେ ପଡ଼ି ଅଦ୍ୟାବଧି ପର୍ବତରେ ଧାତୁଦ୍ରବ୍ୟ ସବୁ ତରଳି ବହୁଥିବାର ଧାରଣା ସୃଷ୍ଟି କରୁଛି ॥

कुम्भकर्णस्य पुत्रः -

तथैतेनोद्धृत्य स्फटिकशिखरी सोऽपि विदधे
समन्तादामूलत्रुटितवसुधाबन्धविधुरः ।
अमुं येनाद्यापि त्रिपुरहरनृत्यव्यतिकरः
पुरस्तादन्येषामपि शिखरिणामुल्लसयति ॥४९॥

କୁମ୍ଭକର୍ଣ୍ଣସ୍ୟ ପୁତ୍ରଃ -

ତଥୈତେନୋଦ୍ଧୃତ୍ୟ ସ୍ଫଟିକଶିଖରୀ ସୋଽପି ବିଦଧେ
ସମନ୍ତାଦାମୂଳତ୍ରୁଟିତବସୁଧାବନ୍ଧବିଧୁରଃ ।
ଅମୁଂ ଯେନାଦ୍ୟାପି ତ୍ରିପୁରହରନୃତ୍ୟବ୍ୟତିକରଃ
ପୁରସ୍ତାଦନ୍ୟେଷାମପି ଶିଖରିଣାମୁଲ୍ଲସୟତି ॥୪୯॥

❋ କୁମ୍ଭକର୍ଣ୍ଣର ପୁଅ କହିଲା- ରାବଣ ଯେତେବେଳେ ସ୍ଫଟିକଗିରିକୁ ଉପାଡ଼ିଲେ ସେତେବେଳେ ତାହା ମାଟିରୁ ପୂରାପୂରି ଉପୁଡ଼ିଗଲା । ତ୍ରିପୁରାରିଙ୍କର ନୃତ୍ୟକ୍ଷେତ୍ର ସେହି ପର୍ବତ ଶୂନ୍ୟରେ ଛତ୍ର ପରି ରହି ଅନ୍ୟ ପର୍ବତଗୁଡ଼ିକଠାରୁ ସୁନ୍ଦର ଦେଖାଯାଉଥିଲା ॥

विभीषणः -

रामोऽसौ भुवनेषु विक्रमगुणैः प्राप्तः प्रसिद्धिं परा-
मस्मद्भाग्यविपर्ययाद् यदि पुनर्देवो न जानाति तम् ।
वन्दी यस्य यशांसि गायति मरुद्यस्यैकबाणाहति -
श्रेणीभूतविशालतालविवरोद्गीर्णैः स्वरैः सप्तभिः ॥५०॥

ବିଭୀଷଣଃ -

ରାମୋଽସୌ ଭୁବନେଷୁ ବିକ୍ରମଗୁଣୈଃ ପ୍ରାପ୍ତଃ ପ୍ରସିଦ୍ଧିଂ ପରା-
ମସ୍ମଦ୍‌ଭାଗ୍ୟବିପର୍ଯ୍ୟୟାଦ୍ ଯଦି ପୁନର୍ଦ୍ଦେବୋ ନ ଜାନାତି ତମ୍ ।
ବନ୍ଦୀ ଯସ୍ୟ ଯଶାଂସି ଗାୟତି ମରୁଦ୍‌ଯସ୍ୟୈକବାଣାହତି-
ଶ୍ରେଣୀଭୂତବିଶାଳତାଳବିବରୋଦ୍‌ଗୀର୍ଣ୍ଣୈଃ ସ୍ୱରୈଃ ସପ୍ତଭିଃ ॥୫୦॥

❋ ବିଭୀଷଣ କହିଲେ- ଶ୍ରୀରାମଙ୍କର ବଳ ବିକ୍ରମ ତିନି ଭୁବନରେ ପ୍ରସିଦ୍ଧି ଲାଭ କରିଛି । ଦୁର୍ଭାଗ୍ୟବଶତଃ ଆମେ ତାଙ୍କୁ ଜାଣିପାରିଲୁ ନାହିଁ । ରାଜାରାବଣ ମଧ୍ୟ ନିଜେ ଏହା ଜାଣିପାରୁ ନାହାନ୍ତି । ଶ୍ରୀରାମ ଏକମାତ୍ର ବାଣ ନିକ୍ଷେପ କରି ଯେଉଁ ସପ୍ତତାଳକୁ ଭେଦ କରିଥିଲେ ସେହି ସପ୍ତରନ୍ଧ୍ରରେ ପବନ ପଶି ଭାଟମାନଙ୍କ ପରି ତାଙ୍କରି ଯଶୋଗାନ କରୁଛି ॥

अजनि रजनिमध्ये मण्डलं चण्डरश्मेर्धनुरुदयमनघ्रं विभ्रति द्यौश्चकान्ति ।
अहह विधिरिदानीं दृश्यते वाम एवप्रदिश जनकपुत्रीं मित्रतामेतु रामः ।।५१।।
ଅଜନି ରଜନିମଧେ ମଣ୍ଡଳଂ ଚଣ୍ଡରଶ୍ମେର୍ଧନୁରୁଦୟମନଙ୍ଘ୍ରଂ ବିଭ୍ରତି ଦ୍ୟୌଶ୍ଚକାନ୍ତି ।
ଅହହ ବିଧିରିଦାନୀଂ ଦୃଶ୍ୟତେ ବାମ ଏବପ୍ରଦିଶ ଜନକପୁତ୍ରୀଂ ମିତ୍ରତାମେତୁ ରାମଃ ॥୫୧॥

❋ ରାତ୍ରିକାଳରେ ସୂର୍ଯ୍ୟ ମଣ୍ଡଳ ସହିତ ଆକାଶରେ ଇନ୍ଦ୍ରଧନୁ ଦେଖାଯାଉଛି । ଏଥିରୁ ବିଧାତା ତୁମ ପ୍ରତି ପ୍ରତିକୂଳ ହୋଇଥିବାର ସୂଚନା ମିଳୁଛି । ତେଣୁ ଜାନକୀଙ୍କୁ ପ୍ରତ୍ୟର୍ପଣ ପୂର୍ବକ ଶ୍ରୀରାମଙ୍କ ସହିତ ମିତ୍ରତା ସ୍ଥାପନ କର ॥

यस्यैकः कपिशावकः समतरद्दुर्लंघ्यमम्भोनिधिं
दुर्भेद्यमपि देवदैत्यनिवहैर्लङ्कापुरीं प्राविशत् ।
क्षिप्त्वा तान् वनरक्षकान् जनकजां दृष्ट्वा च भंक्त्वा वनं
हत्वाक्षं प्रदहन् पुरीं गत इतो रामः कथं मानुषः ।।५२।।
ଯସ୍ୟୈକଃ କପିଶାବକଃ ସମତରଦ୍ଦୁର୍ଲଂଘ୍ୟମମ୍ଭୋନିଧିଂ
ଦୁର୍ଭେଦ୍ୟମପି ଦେବଦୈତ୍ୟନିବହୈର୍ଲଙ୍କାପୁରୀଂ ପ୍ରାବିଶତ୍ ।
କ୍ଷିପ୍ତ୍ୱା ତାନ୍ ବନରକ୍ଷକାନ୍ ଜନକଜାଂ ଦୃଷ୍ଟ୍ୱା ଚ ଭଂକ୍ତ୍ୱା ବନଂ
ହତ୍ୱାକ୍ଷଂ ପ୍ରଦହନ୍ ପୁରୀଂ ଗତ ଇତୋ ରାମଃ କଥଂ ମାନୁଷଃ ॥୫୨॥

❋ ବାନରଶିଶୁଟିଏ ଦୂତ ରୂପେ ଦୁର୍ଲଂଘ୍ୟ ସାଗରକୁ ପାର ହୋଇ ଆସିଲା ଏବଂ ଦେବଦାନବଙ୍କ ପକ୍ଷରେ ଦୁର୍ଭେଦ୍ୟ ଲଙ୍କାପୁରୀରେ ନିର୍ଭୟରେ ପ୍ରବେଶ କଲା । ବନରକ୍ଷକମାନଙ୍କୁ ବିନାଶ କରି ଓ ସୀତାଙ୍କୁ ସାକ୍ଷାତ କରି ମଧୁବନକୁ ଛାରଖାର କରିଦେଲା । ଶେଷରେ ସୈନ୍ୟ ସହିତ ଅକ୍ଷୟ କୁମାରଙ୍କୁ ହତ୍ୟା କରି ଓ ଲଙ୍କାକୁ ପୋଡ଼ି ଦେଇ ଫେରିଗଲା । ଯେଉଁ ଶ୍ରୀରାମଙ୍କର ସାମାନ୍ୟ ଦୂତ ଏହା କରିପାରିଲା ତାଙ୍କୁ ମଣିଷ ବୋଲି ଭାବିବା ଉଚିତ ନୁହେଁ ॥

गतायुषं त्वां विपरीतबुद्धिं निःसंशयं राक्षस लक्षयामि ।
यो मां हितं तथ्यमपि ब्रुवाणं न मन्यसे राक्षसवीर मध्ये ।।५३।।
ଗତାୟୁଷଂ ତ୍ୱାଂ ବିପରୀତବୁଦ୍ଧିଂ ନିଃସଂଶୟଂ ରାକ୍ଷସ ଲକ୍ଷୟାମି ।
ଯୋ ମାଂ ହିତଂ ତଥ୍ୟମପି ବ୍ରୁବାଣଂ ନ ମନ୍ୟସେ ରାକ୍ଷସବୀରମଧେ ॥୫୩॥

❋ ଆପଣଙ୍କର ଆୟୁଷ କ୍ଷୀଣ ହେଲାଣି ବୋଲି ଭାବୁଛି, ନୋହିଲେ ଏପରି ବିପରୀତ ଭାବନା ମନରେ ଆସନ୍ତା ନାହିଁ । ଅନ୍ୟ ରାକ୍ଷସମାନଙ୍କ ସହିତ ମୋର ହିତକଥାକୁ ଅହିତ ମନେ କଲେ ମଧ୍ୟ ମୁଁ ଯାହା କହୁଛି ସତ କହୁଛି ॥

यावल्लक्ष्मणबाणेन छिन्नप्राकारतोरणा ।
न भस्मीक्रियते लङ्का तावत्सीता प्रदीयताम् ।।५४।।
ଯାବଲ୍ଲକ୍ଷ୍ମଣବାଣେନ ଛିନ୍ନପ୍ରାକାରତୋରଣା ।
ନ ଭସ୍ମୀକ୍ରିୟତେ ଲଙ୍କା ତାବତ୍ସୀତା ପ୍ରଦୀୟତାମ୍ ॥୫୪॥

❋ ବୀର ଲକ୍ଷ୍ମଣଙ୍କ ବାଣରେ ଲଙ୍କାର ପ୍ରାଚୀର, ତୋରଣାଦି ଭସ୍ମୀଭୂତ ହେବା ପୂର୍ବରୁ ସୀତାଙ୍କୁ ଫେରାଇ ଦେବା ପାଇଁ ମୋର ନିବେଦନ ଗ୍ରହଣ କରନ୍ତୁ ॥

प्रगृह्य रत्नानि विभूषणानि वासांसि दिव्यानि मणींश्च मुख्यान् ।
सीतां च रामाय निवेद्य देवीं वसाम लङ्काभुवनेऽप्यशङ्काः ॥५५॥

ପ୍ରଗୃହ୍ୟ ରତ୍ନାନି ବିଭୂଷଣାନି ବାସାଂସି ଦିବ୍ୟାନି ମଣୀଂଶ୍ଚ ମୁଖ୍ୟାନ୍ ।
ସୀତାଂ ଚ ରାମାୟ ନିବେଦ୍ୟ ଦେବୀଂ ବସାମ ଲଙ୍କାଭୁବନେଽପ୍ୟଶଙ୍କାଃ ॥୫୫॥

❋ ବିଭିନ୍ନ ମଣି, ରତ୍ନ ଆଭୂଷଣ ଓ ଦିବ୍ୟବସ୍ତ୍ର ସହିତ ଦେବୀ ସୀତାଙ୍କୁ ଶ୍ରୀରାମଙ୍କୁ ସମର୍ପଣ କରିଦେଇ ଆମେ ଲଙ୍କାରେ ନିର୍ଭୟରେ ଓ ନିଶ୍ଚିନ୍ତରେ ବାସ କରିବା ॥

रावण:-

जानामि सीतां जनकप्रसूतां जानामि रामं मधुसूदनं च ।
जानामि रामस्य शरेण मृत्युस्तथापि सीतां न समर्पयामि ॥५६॥

ରାବଣଃ

ଜାନାମି ସୀତାଂ ଜନକପ୍ରସୂତାଂ ଜାନାମି ରାମଂ ମଧୁସୂଦନଂ ଚ ।
ଜାନାମି ରାମସ୍ୟ ଶରେଣମୃତ୍ୟୁସ୍ତଥାପି ସୀତାଂ ନ ସମର୍ପୟାମି ॥୫୬॥

❋ ରାବଣ କହିଲା - ଜନକଙ୍କ କନ୍ୟା ସୀତାଙ୍କୁ ମୁଁ ଜାଣେ । ଶ୍ରୀରାମଙ୍କୁ ମଧୁସୂଦନ ବୋଲି ମଧ୍ୟ ଜାଣେ । ମୁଁ ଜାଣେ ଶ୍ରୀରାମଙ୍କ ବାଣରେ ମୋର ବିନାଶ ହେବ । ତଥାପି ମୁଁ ସୀତାଙ୍କୁ ଫେରାଇ ଦେବି ନାହିଁ ॥

विभीषण: -

यस्य त्र्यम्बकमौलिखेलदमलस्वर्लोककल्लोलिनी
लङ्कालंघनलम्पटेन यशसः दिङ्मण्डली क्षालिता ।
सोऽपि त्वं जनकाधिराजतनयालब्धाभिलाषः कथं
हा जातोऽसि पुलस्त्यसन्ततियशःशीतद्युतेर्लाञ्छनम् ॥५७॥

ବିଭୀଷଣଃ -

ଯସ୍ୟ ତ୍ର୍ୟମ୍ବକମୌଳିଖେଳଦମଳସ୍ୱର୍ଲୋକକଲ୍ଲୋଳିନୀ
ଲଙ୍କାଲଂଘନଲମ୍ପଟେନ ଯଶସଃ ଦିଙ୍ମଣ୍ଡଳୀ କ୍ଷାଳିତା ।
ସୋଽପି ତ୍ୱଂ ଜନକାଧିରାଜତନୟାଲବ୍ଧାଭିଳାଷଃ କଥଂ
ହା ଜାତୋଽସି ପୁଲସ୍ତ୍ୟସନ୍ତତିଯଶଃଶୀତଦ୍ୟୁତେର୍ଲାଞ୍ଛନମ୍ ॥୫୭॥

❋ ବିଭୀଷଣ କହିଲେ - ହେ ଲଙ୍କାଧୀଶ ! ଶିବ ମସ୍ତକରୁ ନିଃସୃତ ସ୍ୱଚ୍ଛ ଗଙ୍ଗାଜଳ ପରି ଯାହାର ଶୁଭ୍ରଯଶ ତିନିଲୋକରେ ପରିବ୍ୟାପ୍ତ ଓ ଯେ ପୁଲସ୍ତ୍ୟମୁନିଙ୍କ ବଂଶରେ ଜନ୍ମିତ ସେହି ରାବଣ ତୁମେ ଜନକରାଜତନୟାଙ୍କୁ ଲାଭ କରିବା ପାଇଁ ଅଭିଳାଷୀ ହୋଇ କୀର୍ତ୍ତିରୂପକ ଚନ୍ଦ୍ରରେ କଳଙ୍କ ବୋଲି ଦେଉଛ ॥

विभीषणः - (स्वगतम्)

ज्ञात्वैवं वत रावणस्य सहजो लङ्कां कलङ्काङ्कितां
दृष्ट्वा मन्दमतिं च भ्रातरमपि न श्रूयते यद्धितम् ।
इत्यालोच्य विसृज्यमानमधुना त्यक्त्वाग्रजं नगनव-
त्सार्द्धं चानुचरेण सत्वरमहं यास्यामि रामान्तिकम् ।।५८।।

ବିଭୀଷଣଃ - (ସ୍ୱଗତମ୍)-

ଜ୍ଞାତ୍ୱୈବଂ ବତ ରାବଣସ୍ୟ ସହଜୋ ଲଙ୍କାଂ କଳଙ୍କାଙ୍କିତାଂ
ଦୃଷ୍ଟ୍ୱା ମନ୍ଦମତିଂ ଚ ଭ୍ରାତରମପି ନ ଶ୍ରୂୟତେ ଯଦ୍ଧିତମ୍ ।
ଇତ୍ୟାଲୋଚ୍ୟ ବିସୃଜ୍ୟମାନମଧୁନା ତ୍ୟକ୍ତ୍ୱାଗ୍ରଜଂ ଜନଗ୍ନବତ୍ -
ସାର୍ଦ୍ଧଂ ଚାନୁଚରେଣ ସତ୍ୱରମହଂ ଯାସ୍ୟାମି ରାମାନ୍ତିକମ୍ ।।୫୮।।

※ ବିଭୀଷଣ ମନେମନେ ଭାବିଲେ ସହୋଦର ରାବଣଙ୍କ କଥାରୁ ଲଙ୍କା ଯେ କଳଙ୍କିତ ହେଲା ସେଥିରେ ଆଉ ସନ୍ଦେହ ନାହିଁ । ଭାଇ ହୋଇ ମଧ୍ୟ ସେ ହିତ କଥା ଶୁଣିବା ପାଇଁ ଆଦୌ ଇଚ୍ଛୁକ ନୁହେଁ କି ବୁଝାଇଲେ ମଧ୍ୟ ବୁଝିବା ପାଇଁ ପ୍ରସ୍ତୁତ ନୁହେଁ । ତେଣୁ ବର୍ତ୍ତମାନ ଲଙ୍କା ଛାଡ଼ି ଦୂରକୁ ଚାଲିଯିବା ଉଚିତ୍ । ଏହାଭାବି ବିଭୀଷଣ ବଡ଼ଭାଇକୁ ଛାଡ଼ି କେତେକ ଅନୁଚରଙ୍କ ସହିତ ଯଥା ଶୀଘ୍ର ଶ୍ରୀରାମଙ୍କ ପାଖକୁ ଯିବା ପାଇଁ ସ୍ଥିର କଲେ ।।

अथ चरणाहतो दशाननेन प्रकृतिविर्य्ययमस्य लक्षयित्वा ।
सपदि च परिहृत्य तं समन्त्री परिकुपितो मनसा जगाम रामम् ।।५९।।

ଅଥ ଚରଣାହତୋ ଦଶାନନେନ ପ୍ରକୃତବିପର୍ଯ୍ୟୟମସ୍ୟ ଲକ୍ଷୟିତ୍ୱା ।
ସପଦି ଚ ପରିହୃତ୍ୟ ତଂ ସମନ୍ତ୍ରୀ ପରିକୁପିତୋ ମନସା ଜଗାମ ରାମମ୍ ।।୫୯।।

※ ବିଭୀଷଣ ଏହିପରି ଭାବୁଥିବା ବେଳେ ରାବଣ କ୍ରୋଧାନ୍ୱିତ ହୋଇ ତାଙ୍କୁ ପାଦରେ ପ୍ରହାର କଲା । ରାବଣର ପ୍ରକୃତି ବିପର୍ଯ୍ୟୟ ହେବାର ଲକ୍ଷ୍ୟ କରି କ୍ରୋଧାନ୍ୱିତ ବିଭୀଷଣ ନିଜର ମନ୍ତ୍ରୀ ସହିତ ଲଙ୍କା ତ୍ୟାଗ କରି ଶ୍ରୀରାମଚନ୍ଦ୍ରଙ୍କ ପାଖକୁ ଗଲେ ।।

ततश्चतुर्भिः सहमन्त्रिपुत्रैरुपेत्य रक्षः कुलधूमकेतुम् ।
लङ्कामहातङ्क इवाम्बरेण विभीषणो राघवमन्वियाय ।।६०।।

ତତଶ୍ଚତୁର୍ଭିଃ ସହମନ୍ତ୍ରିପୁତ୍ରୈରୁପେତ୍ୟ ରକ୍ଷଃକୁଳଧୂମକେତୁମ୍ ।
ଲଙ୍କାମହାତଙ୍କ ଇବାମ୍ବରେଣ ବିଭୀଷଣୋ ରାଘବମନ୍ୱିୟାୟ ।।୬୦।।

※ ଏହାପରେ ବିଭୀଷଣ ଚାରିଜଣ ମନ୍ତ୍ରୀଙ୍କୁ ସାଙ୍ଗରେ ନେଇ ଆକାଶମାର୍ଗରେ ଯିବାବେଳେ ଲଙ୍କାର ମହାନ୍ ଆତଙ୍କ ଓ ରାକ୍ଷସକୁଳର ଧୂମକେତୁ ସଦୃଶ ପ୍ରତୀୟମାନ ହେଲେ । ସେମାନେ ଯାଇ ଶ୍ରୀରାମଙ୍କ ପାଖରେ ପହଞ୍ଚିଲେ ।।

अन्यथा शरणं नास्ति त्वमेव शरणं मम ।
दशकण्ठानुजं राम रक्ष मां शरणागतम् ।।६१।।
ଅନ୍ୟଥା ଶରଣଂ ନାସ୍ତି ତ୍ୱମେବ ଶରଣଂ ମମ ।
ଦଶକଣ୍ଠାନୁଜଂ ରାମ ରକ୍ଷ ମାଂ ଶରଣାଗତମ୍ ।।୬୧।।

❊ ହେ ରାମ ! ମୁଁ ଦଶାନନର ଭାଇ ବିଭୀଷଣ । ମୁଁ ଅସହାୟ ଓ ଅନାଥ । ତୁମେ ହିଁ ମୋର ଏକ ମାତ୍ର ଆଶ୍ରୟ । ଶରଣାଗତ ମୋତେ ଆପଣ ରକ୍ଷା କରନ୍ତୁ ॥

विभीषणे समायाते सूर्यप्रतिमतेजसि ।
तदादौ रावण भ्रान्त्या भङ्गः कपिकुलोऽभवत् ।।६२।।
ବିଭୀଷଣେ ସମାୟାତେ ସୂର୍ଯ୍ୟପ୍ରତିମତେଜସି ।
ତଦାଦୌ ରାବଣଭ୍ରାନ୍ତ୍ୟା ଭଙ୍ଗଃ କପିକୁଲୋଽଭବତ୍ ।।୬୨।।

❊ ସୂର୍ଯ୍ୟଙ୍କ ପରି ତେଜସ୍ୱୀ ବିଭୀଷଣ ଆସି ଉପସ୍ଥିତ ହେବାରୁ ବାନରସମୂହ ରାବଣ ଆସିଗଲା ବୋଲି ଭାବି ଇତସ୍ତତଃ ହୋଇ ଦୌଡ଼ିଲେ ॥

हनुमतायं निर्णीतो रावणो न विभीषणः ।
रामचन्द्रपदद्वन्द्वकमले भ्रमरायते ।।६३।।
ହନୁମତାୟଂ ନିର୍ଣ୍ଣୀତୋ ରାବଣୋ ନ ବିଭୀଷଣଃ ।
ରାମଚନ୍ଦ୍ରପଦଦ୍ୱନ୍ଦ୍ୱକମଳେ ଭ୍ରମରାୟତେ ।।୬୩।।

❊ ହନୂମାନ୍ ଚିହ୍ନିପାରି ଉଚ୍ଚସ୍ୱରରେ ସମସ୍ତଙ୍କୁ କହିଲେ ଉପସ୍ଥିତ ବ୍ୟକ୍ତି ରାବଣ ନୁହନ୍ତି । ସେ ହେଉଛନ୍ତି ତା'ର ସାନଭାଇ ବିଭୀଷଣ । ଶ୍ରୀରାମଙ୍କ ଚରଣ କମଳରେ ଶରଣଇଚ୍ଛା କରି ସେ ଆସିଛନ୍ତି ॥

श्रीरामं प्रति द्वारी -

देव द्वारि नभः पथेषु मिलिताः पञ्च त्रियामाचराः
एकस्तत्र विभीषणो दशमुखभ्रातापरे मन्त्रिणः ।
याचन्ते शरणं भयापहरणं किं तन्न जानीमहे
कृत्याकृत्यविचारणैकनिपुणस्तत्र प्रमाणं प्रभुः ।।६४।।

ଶ୍ରୀରାମଂ ପ୍ରତି ଦ୍ୱାରୀ -

ଦେବ ଦ୍ୱାରି ନଭଃପଥେଷୁ ମିଳିତାଃ ପଞ୍ଚ ତ୍ରିୟାମାଚରାଃ
ଏକସ୍ତତ୍ର ବିଭୀଷଣୋ ଦଶମୁଖଭ୍ରାତାପରେ ମନ୍ତ୍ରିଣଃ ।
ଯାଚନ୍ତେ ଶରଣଂ ଭୟାପହରଣଂ କିଂ ତନ୍ନ ଜାନୀମହେ
କୃତ୍ୟାକୃତ୍ୟବିଚାରଣୈକନିପୁଣସ୍ତତ୍ର ପ୍ରମାଣଂ ପ୍ରଭୁଃ ।।୬୪।।

❋ ଦ୍ୱାରପାଳ ଯାଇ ଶ୍ରୀରାମଙ୍କୁ କହିଲା- ପ୍ରଭୋ ! ଆକାଶ ମାର୍ଗରେ ଆସିଥିବା ପାଞ୍ଚ ଜଣ ରାକ୍ଷସ ଦ୍ୱାରଦେଶରେ ଅପେକ୍ଷା କରିଛନ୍ତି । ସେମାନଙ୍କ ମଧ୍ୟରେ ଜଣେ ହେଉଛନ୍ତି ଦଶମୁଖର ଭାଇ ବିଭୀଷଣ ଓ ଅନ୍ୟ ଚାରି ଜଣ ତାଙ୍କର ମନ୍ତ୍ରୀ । ସେମାନେ ଆପଣଙ୍କଠାରେ ଶରଣ ପ୍ରାର୍ଥନା କରୁଛନ୍ତି । ଏହାର ରହସ୍ୟ ମୁଁ ଜାଣେ ନାହିଁ । ଏଥିରେ କଣ କର୍ତ୍ତବ୍ୟ ଓ କଣ ଅକର୍ତ୍ତବ୍ୟ ତାହା ଆପଣ ବିଚାର କରନ୍ତୁ ॥

इत्यवसरे हनुमान् -

सत्यं दाशरथे विभीषण इति भ्रातास्ति लङ्कापते-
र्निद्रासिन्धुतिमिङ्गिलस्य चरमः श्रीकुम्भकर्णस्य यः ।
दाक्षिण्याद्युपलक्षितः पितृकुलापेक्षावलाक्षाशयो
रक्षोलोकविलक्षणां कलयति प्रत्यक्षलक्ष्मीमयम् ।।६५।।

ଇତ୍ୟବସରେ ହନୁମାନ୍ -

ସତ୍ୟଂ ଦାଶରଥେ ବିଭୀଷଣ ଇତି ଭ୍ରାତାସ୍ତି ଲଙ୍କାପତେ-
ର୍ନିଦ୍ରାସିନ୍ଧୁତିମିଙ୍ଗିଳସ୍ୟ ଚରମଃ ଶ୍ରୀକୁମ୍ଭକର୍ଣ୍ଣସ୍ୟ ଯଃ ।
ଦାକ୍ଷିଣ୍ୟାଦ୍ୟୁପଲକ୍ଷିତଃ ପିତୃକୁଳାପେକ୍ଷାବଳାକ୍ଷାଶୟୋ
ରକ୍ଷୋଲୋକବିଲକ୍ଷଣାଂ କଳୟତି ପ୍ରତ୍ୟକ୍ଷଲକ୍ଷ୍ମୀମୟମ୍ ॥୬୫॥

❋ ଏହି ସମୟରେ ହନୁମାନ୍ ପ୍ରବେଶ କରି କହିଲେ ପ୍ରଭୋ ! ଲଙ୍କାପତି ରାବଣର ସାନ ଭାଇ ଓ ନିଦ୍ରାରୂପକ ସମୁଦ୍ରର ତିମିଙ୍ଗିଳ ମତ୍ସ୍ୟ ସଦୃଶ କୁମ୍ଭକର୍ଣ୍ଣଙ୍କ ସାନ ଭାଇ ହେଉଛନ୍ତି ବିଭୀଷଣ, ଏହା ସତ୍ୟ । ସେ ଧର୍ମପରାୟଣ, ସରଳ, ଉଦାର ଓ ପିତୃକୁଳର ସୁରକ୍ଷା ପାଇଁ ସତତ ଯତ୍ନଶୀଳ । ସେ ରାକ୍ଷସ ପ୍ରକୃତି ତ୍ୟାଗ କରି ଆପଣ ଚରଣ ତଳେ ଆଶ୍ରୟ ନେବା ପାଇଁ ଆସିଛନ୍ତି ॥

सुग्रीवो लक्ष्मणं प्रति -

यस्य न स्वजने प्रीतिः कुतस्तस्येतरे जने ।
शङ्कितव्यो हि सौमित्रे दूरस्थोऽपि विभीषणः ।।६६।।

ସୁଗ୍ରୀବୋ ଲକ୍ଷ୍ମଣଂ ପ୍ରତି -

ଯସ୍ୟ ନ ସ୍ୱଜନେ ପ୍ରୀତିଃ କୁତସ୍ତସ୍ୟେତରେ ଜନେ ।
ଶଙ୍କିତବ୍ୟୋ ହି ସୌମିତ୍ରେ ଦୂରସ୍ଥୋଽପି ବିଭୀଷଣଃ ॥୬୬॥

❋ ସୁଗ୍ରୀବ ଲକ୍ଷ୍ମଣଙ୍କୁ ଲକ୍ଷ୍ୟ କରି କହିଲେ - ହେ ଲକ୍ଷ୍ମଣ ! ଯାହାର ନିଜ ଭାଇକୁଟୁମ୍ବ ପ୍ରତି ଶ୍ରଦ୍ଧା ନାହିଁ ସେ ଅନ୍ୟଠାରେ କିପରି ପ୍ରୀତିଭାବ ପୋଷଣ କରିପାରିବ ? ତେଣୁ ଦୂରରେ ଥିଲେବି ବିଭୀଷଣ ଯେ ଭୟର କାରଣ, ଏଥିରେ ସନ୍ଦେହ ନାହିଁ ॥

लक्ष्मणः -

यान्ति न्यायप्रवृत्तस्य तिर्यञ्चोऽपि सहायताम् ।
अपन्थानं तु गच्छन्तं सोदरोऽपि विमुञ्चति ।।६७।।

ଲକ୍ଷ୍ମଣଃ -

ଯାନ୍ତି ନ୍ୟାୟପ୍ରବୃତ୍ତସ୍ୟ ତିର୍ଯ୍ୟଞ୍ଚୋଽପି ସହାୟତାମ୍ ।
ଅପନ୍ଥାନଂ ତୁ ଗଚ୍ଛନ୍ତଂ ସୋଦରୋଽପି ବିମୁଞ୍ଚତି ॥୬୭॥

❊ ଲକ୍ଷ୍ମଣ କହିଲେ - ସର୍ବଦା ନ୍ୟାୟମାର୍ଗରେ ଯେଉଁମାନେ ଚଳନ୍ତି ସେମାନଙ୍କୁ ପକ୍ଷୀମାନେ ମଧ୍ୟ ସାହାଯ୍ୟ ଓ ସହଯୋଗ କରନ୍ତି । ନ୍ୟାୟମାର୍ଗସ୍ଥ ବ୍ୟକ୍ତିଙ୍କୁ ଧର୍ମ ସହାୟ ହୁଅନ୍ତି ; କିନ୍ତୁ କୁମାର୍ଗରେ ଗଲେ ଭାଇକୁ ମଧ୍ୟ ଭାଇ ଛାଡ଼ି ଚାଲିଯାଏ ॥

रामलक्ष्मणयोरुक्तिप्रत्युक्ती -

धर्मात्मा दशकन्धराद्बहिरभूत्कस्मादयं रावणात्
संभ्रान्तोऽभिनयेन किं न कुरुते सुग्रीववद्वालिनः ।
रक्षोराजसहोदरस्य निभृतारम्भोऽपि सम्भाव्यते
किं कुर्मः शरणागतं रिपुमपि द्रुह्यन्ति नेक्ष्वाकवः ॥६८॥

ରାମଲକ୍ଷ୍ମଣୟୋରୁକ୍ତିପ୍ରତ୍ୟୁକ୍ତୀ-

ଧର୍ମାତ୍ମା ଦଶକନ୍ଧରାଦ୍‌ବହିରଭୂତ୍‌କସ୍ମାଦୟଂ ରାବଣାତ୍
ସଂଭ୍ରାନ୍ତୋଽଭିନୟେନ କିଂ ନ କୁରୁତେ ସୁଗ୍ରୀବବଦ୍ୱାଲିନଃ ।
ରକ୍ଷୋରାଜସହୋଦରସ୍ୟ ନିଭୃତାରମ୍ଭୋଽପି ସମ୍ଭାବ୍ୟତେ
କିଂ କୁର୍ମଃ ଶରଣାଗତଂ ରିପୁମପି ଦ୍ରୁହ୍ୟନ୍ତି ନେକ୍ଷ୍ୱାକବଃ ॥୬୮॥

❊ ରାମ ଓ ଲକ୍ଷ୍ମଣଙ୍କ ଉକ୍ତିପ୍ରତ୍ୟୁକ୍ତି - ଲକ୍ଷ୍ମଣ ପଚାରିଲେ ଏହି ଧର୍ମାତ୍ମା ବିଭୀଷଣ ଦଶମୁଖ ରାବଣ ଦ୍ୱାରା ବିତାଡ଼ିତ ହେଲେ କାହିଁକି ? ଶ୍ରୀରାମ କହିଲେ ଦୁର୍ଜନଦ୍ୱାରା ସଜ୍ଜନ ଦଣ୍ଡିତ ହୁଏ । ତୁମେ ତ ଦେଖିଲ, ସୁଗ୍ରୀବଙ୍କୁ ତଡ଼ି ଦେଇ ବାଳି ତାଙ୍କ ପତ୍ନୀଙ୍କୁ ହରଣ କଲେ । ସୁଗ୍ରୀବ ଯେପରି ବାଳିକୁ ମରାଇ ରାଜା ହେଲେ ସେହିପରି ବିଭୀଷଣ ମଧ୍ୟ ରାଜା ହେବେ । ଲକ୍ଷ୍ମଣ ପଚାରିଲେ - ଯଦି ବିଭୀଷଣ କପଟରେ ଆସିଥିବେ ? ଶ୍ରୀରାମ କହିଲେ - କଣ କରିବା, ଶରଣାଗତ ଅସହାୟ ଶତ୍ରୁ ହେଲେ ମଧ୍ୟ ତାଙ୍କୁ ଅଭୟଦାନ କରିବା ଆମର କର୍ତ୍ତବ୍ୟ ॥

इत्यवसरे विभीषणः -

सुग्रीवस्य श्रियं दृष्ट्वा लक्ष्मणस्य च सेवनम् ।
विभीषणस्य दोलेव मतिरायाति याति च ॥६९॥

ଇତ୍ୟବସରେ ବିଭୀଷଣଃ -

ସୁଗ୍ରୀବସ୍ୟ ଶ୍ରିୟଂ ଦୃଷ୍ଟ୍ୱା ଲକ୍ଷ୍ମଣସ୍ୟ ଚ ସେବନମ୍ ।
ବିଭୀଷଣସ୍ୟ ଦୋଳେବ ମତିରାୟାତି ଯାତି ଚ ॥୬୯॥

❊ ଏହି ଅବକାଶରେ ବିଭୀଷଣ ସୁଗ୍ରୀବଙ୍କର ଶ୍ରଦ୍ଧା ଓ ଲକ୍ଷ୍ମଣଙ୍କ ସେବାଭାବ ଦେଖି ଆନନ୍ଦିତ ହେବା ସଙ୍ଗେ ସଙ୍ଗେ ତାଙ୍କ ମନ ଦୋଳାୟମାନ ହେବାକୁ ଲାଗିଲା ॥

दृष्ट्वा वानरवाहिनीमनिभृताहंकारहुंकारिणी
पौलस्त्य प्रविवेश विस्मित इव प्रत्येकमालोकयन् ।
सुग्रीवप्रमुखैरयं प्रतिपथं प्रत्युद्गमात्पूजितो
निर्व्याजं रघुनन्दनस्य चरणे विन्यस्य स्वीयं शिरः ॥७०॥

ଦୃଷ୍ଟ୍ୱା ବାନରବାହିନୀମନିଭୃତାହଂକାରହୁଂକାରିଣୀ
ପୌଲସ୍ତ୍ୟ ପ୍ରବିବେଶ ବିସ୍ମିତି ଇବ ପ୍ରତ୍ୟେକମାଲୋକୟନ୍ ।
ସୁଗ୍ରୀବପ୍ରମୁଖୈରୟଂ ପ୍ରତିପଥଂ ପ୍ରତ୍ୟୁଦ୍‌ଗମାତ୍‌ପୂଜିତୋ
ନିର୍ବ୍ୟାଜଂ ରଘୁନନ୍ଦନସ୍ୟ ଚରଣେ ବିନ୍ୟସ୍ୟ ସ୍ୱୀୟଂ ଶିରଃ ॥୭୦॥

❋ ପୁଲସ୍ତ୍ୟନନ୍ଦନ ବିଭୀଷଣ, ଅବିରତ ଗର୍ବର ସହିତ ହୁଂକାର କରୁଥିବା ବାନରବାହିନୀକୁ ଦେଖି ଓ ପ୍ରତି ବାନରକୁ ଚାହିଁ ବିସ୍ମିତ ହେଲେ । ସୁଗ୍ରୀବ ପ୍ରଭୃତି ଯୂଥପତିଙ୍କ ଦ୍ୱାରା ସ୍ଥାନେସ୍ଥାନେ ସମ୍ମାନିତ ଓ ଆଦୃତ ହୋଇ ନିଷ୍କପଟ ହୃଦୟରେ ସେ ଯାଇ ଶ୍ରୀରାମଚନ୍ଦ୍ରଙ୍କ ପାଦତଳେ ପ୍ରଣାମ କଲେ ॥

नृपतिमुकुटरत्नं त्वत्प्रयाणप्रशस्तिं प्लवगबलनिमज्जद्भूभराक्रान्तदेहः ।
लिखति दशनटङ्कैरुत्पतद्भिःपतद्भिर्जरठकमठभर्त्तुः खर्परे सर्पराजः ॥७१॥

ନୃପତିମୁକୁଟରତ୍ନ ତ୍ୱତ୍ପ୍ରୟାଣପ୍ରଶସ୍ତିଂ ପ୍ଲବଗବଲନିମଜ୍ଜଦ୍‌ଭୂଭରାକ୍ରାନ୍ତଦେହଃ ।
ଲିଖତି ଦଶନଟଙ୍କୈରୁତ୍ପତଦ୍‌ଭିଃପତଦ୍‌ଭିର୍ଜରଠକମଠଭର୍ତ୍ତୁଃଖର୍ପରେସର୍ପରାଜଃ ॥୭୧॥

❋ ବିଭୀଷଣ ସ୍ତୁତିଗାନ କରି କହିଲେ- ହେ ରାଜାଧିରାଜ ଶ୍ରୀରାମ ! ଆପଣଙ୍କ ସହିତ ଯୁଦ୍ଧଯାତ୍ରାରେ ଯାଉଥିବା କପିସୈନ୍ୟଙ୍କ ଭାର ବହନ କରି ନ ପାରି ବାସୁକିର ଦେହ ଯେତେବେଳେ ଥରି ଉଠିଲା ସେତେବେଳେ କୂର୍ମରାଜ ପୃଥିବୀକୁ ନିଜର ପୃଷ୍ଠରେ ଧାରଣ କରି ସର୍ପରାଜଙ୍କୁ ରକ୍ଷା କରୁଛନ୍ତି ॥

श्वासोर्मिप्रतिसन्धिरुन्धितगलप्रच्छिन्न हारावली -
रत्नैरप्यदयालुभिःकृतफणाप्राग्भारभङ्गक्रमः ।
कर्ण्णाकाशनिरन्तरालमिलितस्तब्धैः शिरोभिर्भुवं
धत्ते वानरवीरविक्रमभरातुण्डो भुजङ्गाधिपः ॥७२॥

ଶ୍ୱାସୋର୍ମିପ୍ରତିସନ୍ଧିରୁନ୍ଧିତଗଳପ୍ରଚ୍ଛିନ୍ନହାରାବଳୀ
ରତ୍ନୈରପ୍ୟଦୟାଳୁଭିଃ କୃତଫଣାପ୍ରାଗ୍‌ଭାରଭଙ୍ଗକ୍ରମଃ ।
କର୍ଣ୍ଣାକାଶନିରନ୍ତରାଳମିଳିତସ୍ତବ୍ଧୈଃ ଶିରୋଭିର୍ଭୁବଂ
ଧତ୍ତେ ବାନରବୀରବିକ୍ରମଭରାତୁଣ୍ଡୋ ଭୁଜଙ୍ଗାଧିପଃ ॥୭୨॥

❋ ସର୍ପରାଜ ବାସୁକି ଅସଂଖ୍ୟ ବାନରବାହିନୀର ବିକ୍ରମ ଭାର ସହି ନ ପାରିବାରୁ ତା'ର ନିଃଶ୍ୱାସ ଅବରୁଦ୍ଧ ହେବାସଙ୍ଗେ ସଙ୍ଗେ ଗଳାର ରତ୍ନମାଳା ଛିଡ଼ିଗଲା ଏବଂ ଫଣାଗୁଡ଼ିକ ଭାଙ୍ଗିପଡ଼ିଲା।

ଭୟଙ୍କର ଶବ୍ଦରେ କର୍ଣ୍ଣ ସ୍ତବ୍ଧ ହୋଇଗଲା । ଏପରି ଅବସ୍ଥାରେ ଆଇ ସେ ପୃଥିବୀକୁ ବହୁ କଷ୍ଟରେ ଧାରଣ କରିଥିଲେ ॥

भ्रान्त्वा दिग्वलयं सुबाहुदमन त्वत्कीर्त्तिहंसी दिवं
याता ब्रह्ममरालसंगमवशात्तत्रैव गर्भिण्यभूत् ।
पश्य स्वर्गतरङ्गिणी परिसरे कुन्दावदातं तया
मुक्तं भाति विशालमण्डसदृशं शीतत्विपो मण्डलम् ॥७३॥

ଭ୍ରାନ୍ତ୍ୱା ଦିଗ୍‌ବଳୟଂ ସୁବାହୁଦମନ ତ୍ୱତ୍‌କୀର୍ତ୍ତିହଂସୀ ଦିବଂ
ଯାତା ବ୍ରହ୍ମମରାଳସଂଗମବଶାତ୍ତତ୍ରୈବ ଗର୍ଭିଣ୍ୟଭୂତ୍ ।
ପଶ୍ୟ ସ୍ୱର୍ଗତରଙ୍ଗିଣୀ ପରିସରେ କୁନ୍ଦାବଦାତଂ ତୟା
ମୁକ୍ତଂ ଭାତି ବିଶାଳମଣ୍ଡସଦୃଶଂ ଶୀତତ୍ୱିଷୋ ମଣ୍ଡଳମ୍ ॥୭୩॥

❋ ହେ ସୁବାହୁଦମନ ! ଆପଣଙ୍କ କୀର୍ତ୍ତି ରୂପକ ହଂସୀ ଚତୁର୍ଦ୍ଦିଗ ଭ୍ରମଣ କରିସାରି ସ୍ୱର୍ଗରେ ଯାଇ ପହଞ୍ଚିଲା । ସେଠାରେ ବ୍ରହ୍ମାଙ୍କବାହନ ହଂସ ସହିତ ସଙ୍ଗମ ଘଟିବାରୁ ସେ ଗର୍ଭବତୀ ହେଲା । ଆପଣ ଦେଖନ୍ତୁ ସ୍ୱର୍ଗନଦୀ କୂଳରେ ସେହି ହଂସୀ କୁନ୍ଦକୁସୁମ ପରି ଯେଉଁ ବିଶାଳ ଶୁଭ୍ର ଅଣ୍ଡା ପ୍ରସବ କଲା ତାହାହିଁ ଆକାଶରେ ଉଜ୍ଜ୍ୱଳ ଚନ୍ଦ୍ରମଣ୍ଡଳ ରୂପେ ଦେଖାଯାଉଛି ॥

कृत्वा मेरुमुदूखलं प्रहसता वृन्देन दिग्योपितां
स्वर्गङ्गामुपलेन शालय इव त्वत्कीर्त्तयः कण्डिताः ।
तासां राशिरसौ तुषारशिखरी तारागणस्तत्कणाः
संसर्पच्छशिसूर्य्यमण्डलपतज्ज्यो त्स्नाश्च तत् पांशवः ॥७४॥

କୃତ୍ୱା ମେରୁଦୂଖଳଂ ପ୍ରହସତା ବୃନ୍ଦେନ ଦିଗ୍‌ଯୋଷିତାଂ
ସ୍ୱର୍ଗଙ୍ଗାମୁଷଳେନ ଶାଳୟ ଇବ ତ୍ୱତ୍ କୀର୍ତ୍ତୟଃ କଣ୍ଡିତାଃ ।
ତାସାଂ ରାଶିରସୌ ତୁଷାରଶିଖରୀ ତାରାଗଣସ୍ତତ୍କଣାଃ
ସଂସର୍ପଚ୍ଛଶିସୂର୍ଯ୍ୟମଣ୍ଡଳପତଜ୍ଜ୍ୟୋତ୍ସ୍ନାଶ୍ଚ ତତ୍ପାଂଶବଃ ॥୭୪॥

❋ ଦିଗଙ୍ଗନାମାନେ ଆନନ୍ଦରେ ମିଳିତ ହୋଇ ମେରୁ ପର୍ବତକୁ ଉଦୂଖଳ (ଖଲ) ଓ ସ୍ୱର୍ଗଙ୍ଗାକୁ ମୂଷଳ ରୂପେ ନେଇ ଆପଣଙ୍କ କୀର୍ତ୍ତିରୂପକ ଶାଳିଧାନ୍ୟ କୁଟିଲେ । ସେଥିରୁ ଯେଉଁ ଚାଉଳ ବାହାରିଲା ତାହା ହେଲା ହିମାଳୟ । ଚକ୍ଷୁକଣ ଆକାଶରେ ତାରା ହେଲେ ଏବଂ କୁଣ୍ଡା ସବୁ ଚନ୍ଦ୍ର ଓ ସୂର୍ଯ୍ୟଙ୍କର କିରଣ ହୋଇଛି ॥

वीरक्षीरसमुद्रसान्द्रलहरीलावण्यलक्ष्मीमुष-
स्त्वत्कीर्त्तेस्तुलनां कलङ्कमलिनो घत्ते कथं चन्द्रमाः ।
स्यादेवं त्वदरातिसोधशिखरप्रोद्भूतशस्पांकुर-
ग्रासव्यग्रमनाः पतेद्यदि पुनस्तस्याङ्कशायी मृगः ॥७५॥

ବୀରକ୍ଷୀରସମୁଦ୍ରସାନ୍ଦ୍ରଲହରୀ ଲାବଣ୍ୟଲକ୍ଷ୍ମୀମୁଷ-
ସ୍ତ୍ୱତ୍‌କୀର୍ତ୍ତେସ୍ତୁଲନାଂ କଳଙ୍କମଲିନୋ ଧତ୍ତେ କଥଂ ଚନ୍ଦ୍ରମାଃ ।
ସ୍ୟାଦେବଂ ତ୍ୱଦରାତିସୌଧଶିଖର ପ୍ରୋଦ୍‌ଭୂତଶସ୍ପାଙ୍କୁର-
ଗ୍ରାସବ୍ୟଗ୍ରମନାଃ ପତେଦ୍‌ଯଦି ପୁନସ୍ତସ୍ୟାଙ୍କଶାୟୀ ମୃଗଃ ॥୭୫॥

❋ ହେ ବୀର ! ଆପଣଙ୍କ କୀର୍ତ୍ତି କ୍ଷୀରସାଗରର ଶୋଭାକୁ ହରଣ କରିଛି । କଳଙ୍କରେ ମଳିନ ହୋଇଥିବା ଚନ୍ଦ୍ର ଆପଣଙ୍କ କୀର୍ତ୍ତି ସହିତ କିପରି ତୁଳନୀୟ ହୋଇପାରିବ ? ଆପଣଙ୍କର ଶତ୍ରୁମାନଙ୍କ ସୌଧ ଶିଖରରେ ଜାତ ହୋଇଥିବା ଘାସକୁ ଯଦି ଚନ୍ଦ୍ରରେ ଥିବା ମୃଗ ଆସି ଗ୍ରାସ କରେ ତଥାପି ଚନ୍ଦ୍ର ଆପଣଙ୍କ କୀର୍ତ୍ତି ସହିତ ସମାନ ହୋଇପାରିବ ନାହିଁ ॥

कोदण्डमण्डलविनिःसृतचण्डबाणतुण्डेन खण्डितदशाननबाहुदण्डः ।
आखण्डलारिगलखण्डनचन्द्रहासःश्रीजानकीपरिवृढः सुदृढप्रतिज्ञः ।।७६।।
କୋଦଣ୍ଡମଣ୍ଡଳବିନିଃସୃତଚଣ୍ଡବାଣ-ତୁଣ୍ଡେନ ଖଣ୍ଡିତଦଶାନନବାହୁଦଣ୍ଡଃ ।
ଆଖଣ୍ଡଳାରିଗଳଖଣ୍ଡନଚନ୍ଦ୍ରହାସଃଶ୍ରୀଜାନକୀପରିବୃଢଃ ସୁଦୃଢପ୍ରତିଜ୍ଞଃ ॥୭୬॥

❋ ଆପଣଙ୍କ କୋଦଣ୍ଡନିଃସୃତ ପ୍ରଚଣ୍ଡବାଣରେ ଦଶାନନର ବାହୁ ସହିତ ଦଶମୁଖ ଖଣ୍ଡବିଖଣ୍ଡିତ ହୋଇଯିବ । ଇନ୍ଦ୍ରଜିତର ଗଳାକୁ କର୍ତ୍ତନ କରିବାରେ ଦୃଢପ୍ରତିଜ୍ଞ ଆପଣ ହେବେ ଚନ୍ଦ୍ରହାସ ଖଡ୍ଗ ସଦୃଶ । ଏହି କାର୍ଯ୍ୟରେ ଆଉ ବିଳମ୍ବ କରନ୍ତୁ ନାହିଁ ॥

पातुं त्रीणि जगन्ति सन्ततमकूपारात्समभ्युद्धरन्
धात्रीं कोलकलेवरो हरिरभूद्यस्यैकदंष्ट्राङ्कु रात् ।
कूर्मः कन्दति नालति द्विरसनः पत्रन्ति दिग्दन्तिनो
मेरुः कोपति मेदिनी जलजति व्योमापि रोलम्बति ।।७७।।
ପାତୁଂ ତ୍ରୀଣି ଜଗନ୍ତି ସନ୍ତତମକୂପାରାତ୍ସମଭ୍ୟୁଦ୍ଧରନ୍
ଧାତ୍ରୀଂ କୋଳକଳେବରୋ ହରିରଭୂଦ୍‌ଯସ୍ୟୈକଦଂଷ୍ଟ୍ରାଙ୍କୁ ରାତ୍ ।
କୂର୍ମଃ କନ୍ଦତି ନାଳତି ଦ୍ୱିରସନଃ ପତ୍ରନ୍ତି ଦିଗ୍‌ଦନ୍ତିନୋ
ମେରୁଃ କୋଷତି ମେଦିନୀ ଜଳଜତି ବ୍ୟୋମାପି ରୋଲମ୍ବତି ॥୭୭॥

❋ ତିନି ଭୁବନକୁ ରକ୍ଷା କରିବା ପାଇଁ ଶ୍ରୀହରି ଯେତେବେଳେ ବରାହ ରୂପ ଧରି ଦନ୍ତର ଅଗ୍ରଭାଗରେ ପ୍ରଳୟ ଜଳରାଶିରୁ ପୃଥିବୀକୁ ଟେକି ଧରିଥିଲେ ସେତେବେଳେ ଦିଗ୍‌ଗଜଗଣ ତାଙ୍କର ଦନ୍ତପତ୍ର, କୂର୍ମ ଦନ୍ତମୂଳ, ନାଗରାଜା ନାଳ, ମେରୁ କୋଷ, ମେଦିନୀ ଜଳଜ ଓ ଆକାଶ ଭ୍ରମର ପ୍ରାୟ ଶୋଭାପାଉଥିଲେ ॥

कूर्मः पादोऽस्य यष्टिर्भुजगपतिरसौ भाजनं भूतधात्री
तैलापूराः समुद्राः कनकगिरिरयं दीप्तवर्त्तिप्ररोहः ।

अर्च्चिश्चण्डांशुरोचिर्गगनमलिनिमा कज्वलं दह्यमाना:
शत्रुश्रेणी पतङ्गा ज्वलति रघुपते त्वत्प्रतापप्रदीप: ।।७८।।
କୂର୍ମଃ ପାଦୋଽସ୍ୟ ଯଷ୍ଟିର୍ଭୁଜଗପତିରସୌ ଭାଜନଂ ଭୂତଧାତ୍ରୀ
ତୈଳାପୂରାଃ ସମୁଦ୍ରାଃ କନକଗିରିରୟଂ ଦୀପବର୍ତ୍ତିପ୍ରରୋହଃ ।
ଅର୍ଚ୍ଚିଶ୍ଚଣ୍ଡାଂଶୁରୋଚିର୍ଗଗନମଳିନିମା କଜ୍ଜଳଂ ଦହ୍ୟମାନାଃ
ଶତ୍ରୁଶ୍ରେଣୀ ପତଙ୍ଗା ଜ୍ୱଳତି ରଘୁପତେ ତ୍ୱତ୍ପ୍ରତାପ ପ୍ରଦୀପଃ ।।୭୮।।

❋ ହେ ରଘୁପତେ ! ଆପଣଙ୍କ ପ୍ରତାପ ରୂପକ ପ୍ରଦୀପ ଜଳୁଛି । ସେହି ପ୍ରଦୀପର ପାଦ ରୂପେ କୂର୍ମ ଓ ଭୁଜଗପତି ଅନନ୍ତ ଯଷ୍ଟି ରୂପରେ ଅଛନ୍ତି । ପୃଥିବୀ ଦୀପପାତ୍ର, ସମୁଦ୍ର ତୈଳ ଓ କନକଗିରି ସେହି ପ୍ରଦୀପର ସଳିତା ହୋଇଛନ୍ତି । ସୂର୍ଯ୍ୟ ତା'ର ଆଲୋକ ଓ କଜ୍ଜଳ ହୋଇଛି ଆକାଶ । ସେହି ପ୍ରଦୀପର ଅଗ୍ନିରେ ଆପଣଙ୍କ ଶତ୍ରୁମାନେ ପତଙ୍ଗ ପରି ଧ୍ୱଂସ ହୋଇଯିବେ ॥

तुलाधारो धाता बहति वसुधा शूर्पपदवीं
फणीश: स्यात्सूत्रं कनकशिखरी मानपतिका ।
तुलादण्ड: सत्यं यदि भवति दामोदरगदा
तथाप्येषोऽशक्यस्तव गुणसमूहस्तुलयितुम् ।।७९।।
ତୁଳାଧାରୋ ଧାତା ବହତି ବସୁଧା ଶୂର୍ପପଦବୀଂ
ଫଣୀଶଃ ସ୍ୟାତ୍ସୂତ୍ରଂ କନକଶିଖରୀ ମାନପତିକା ।
ତୁଳାଦଣ୍ଡଃ ସତ୍ୟଂ ଯଦି ଭବତି ଦାମୋଦରଗଦା
ତଥାପ୍ୟେଷୋଽ ଶକ୍ୟସ୍ତବଗୁଣସମୂହସ୍ତୁଳୟିତୁମ୍ ।।୭୯।।

❋ ବିଧାତା ତୁଳାଦଣ୍ଡ ଧାରଣ କରିଛନ୍ତି । ପୃଥିବୀ ପଲା ହୋଇଛି । ବାସୁକି ସେହି ତୁଳାଦଣ୍ଡର ସୂତ୍ର ଓ କନକଗିରି ବଟକରା ହୋଇଛି । ବିଷ୍ଣୁଙ୍କ ଗଦା ହେଉଛି ତୁଳାଦଣ୍ଡ । ସେଥିରେ ଆପଣଙ୍କ ଗୁଣ ସମୂହକୁ ମାପିବା ପାଇଁ ସ୍ୱୟଂ ବିଧାତା ଚେଷ୍ଟା କଲେ ମଧ୍ୟ ସଫଳ ହେବେ ନାହିଁ ॥

का शृङ्गारकथा तथा रणकथा गीतादिकानां कथा
माद्यद्दन्तीकथा तुरङ्गमकथा कोदण्डदीक्षा कथा ।
एकैवास्ति परं पलायनकथा त्वद्वैरिभूमिभुजां
देव श्रीरघुनाथ वैरिनगरे स्वप्नेऽपि नान्या कथा ।।८०।।
କା ଶୃଙ୍ଗାରକଥା ତଥା ରଣକଥା ଗୀତାଦିକାନାଂ କଥା
ମାଦ୍ୟଦ୍ଦନ୍ତୀକଥା ତୁରଙ୍ଗମକଥା କୋଦଣ୍ଡଦୀକ୍ଷା କଥା ।
ଏକୈବାସ୍ତି ପରଂ ପଳାୟନକଥା ତ୍ୱଦ୍‌ବୈରୀଭୂମିଭୁଜାଂ
ଦେବ ଶ୍ରୀରଘୁନାଥ ବୈରିନଗରେ ସ୍ୱପ୍ନେଽପି ନାନ୍ୟା କଥା ।।୮୦।।

❋ ହେ ରଘୁନାଥ ! ଆପଣଙ୍କର ଶତ୍ରୁମାନେ ବିଳାସବ୍ୟସନ କଥା ଭୁଲିଗଲେଣି । ଯୁଦ୍ଧକଥା, ଗୀତ, ବାଦ୍ୟ ଓ ନୃତ୍ୟପ୍ରସଙ୍ଗ, ଅଶ୍ୱ ଓ ଗଜକଥା, ଧନୁର୍ଦୀକ୍ଷା କଥା ସେମାନଙ୍କ ମନରେ ପଡୁନାହିଁ ।

'ସେମାନେ କିପରି କୂଆଡ଼େ ପଳେଇ ଯାଇ ଜୀବନ ରକ୍ଷା କରିବେ ସେହି କଥା ବ୍ୟତୀତ ସ୍ୱପ୍ନରେ ଅନ୍ୟକଥା ଭାବୁ ନାହାନ୍ତି ॥

अत्युक्तो यदि न प्रकुप्यसि मृषा वाचं न चेन्मन्यसे
तद्ब्रुमोऽद्भुतकीर्त्तनेषु रसना केषां न कण्डूयते ।
देव त्वत्तरुणप्रतापतपनज्वालावलीशोषित:
सर्वे वारिधयस्तवारिवनितानेत्राम्बुभि: पूरिता: ॥८१॥

ଅତ୍ୟୁକ୍ତୌ ଯଦି ନ ପ୍ରକୁପ୍ୟସି ମୃଷା ବାଚଂ ନ ଚେନ୍ମନ୍ୟସେ
ତଦ୍‌ବ୍ରୂମୋଽଦ୍‌ଭୁତକୀର୍ତ୍ତନେଷୁ ରସନା କେଷାଂ ନ କଣ୍ଡୂୟତେ ।
ଦେବ ତ୍ୱତ୍ତରୁଣପ୍ରତାପତପନଜ୍ୱାଳାବଳୀଶୋଷିତାଃ
ସର୍ବେ ବାରିଧୟସ୍ତବାରିବନିତାନେତ୍ରାମ୍ବୁଭିଃ ପୂରିତାଃ ॥୮୧॥

❈ ପ୍ରଭୋ ! ମୋର ବକ୍ତବ୍ୟକୁ ଯଦି ମିଥ୍ୟା ବୋଲି ନ ଭାବିବେ କି ଅଧିକ କଥା କହୁଛି ବୋଲି କୋପ ନ କରିବେ ତେବେ ଆପଣଙ୍କର ଅଦ୍‌ଭୁତ କୀର୍ତ୍ତି ବିଷୟରେ କିଛି କହିବି ଏବଂ ନ କହିବା ପର୍ଯ୍ୟନ୍ତ ଜିହ୍ୱାକଣ୍ଡୁ ଦୂର ହେବନାହିଁ । ଆପଣଙ୍କ ପ୍ରତାପ ରୂପକ ରବିକିରଣ ଦ୍ୱାରା ଯେଉଁ ସମୁଦ୍ର ଶୁଷ୍କ ହୋଇଯାଇଥିଲା, ତାହା ବର୍ତ୍ତମାନ ଶତ୍ରୁରମଣୀମାନଙ୍କ ନୟନ ବାରିରେ ପୂର୍ଣ୍ଣହୋଇଛି ॥

रामदूतं हनुमन्तं स्तौति-

रथ: कृत्स्नो लोको धनुनगपतिर्ज्याफणिपति:
सुरोन्माथ योद्धा सरसिजभव: सारथिरपि ।
शर: शौरिर्दिवस्त्रिपुरपुरदाहे परिकरो
त्वया भस्मीभूता कनकमयलङ्का हनुमता ॥८२॥

ରାମଦୂତଂ ହନୁମନ୍ତଂ ସ୍ତୌତି-

ରଥଃ କୃତ୍ସ୍ନୋ ଲୋକୋ ଧନୁନଗପତିର୍ଜ୍ୟାଫଣିପତିଃ
ସୁରୋନ୍ମାଥ ଯୋଦ୍ଧା ସରସିଜଭବଃ ସାରଥିରପି ।
ଶରଃ ଶୌରିର୍ଦେବସ୍ତ୍ରିପୁରପୁରଦାହେ ପରିକରୋ
ତ୍ୱୟା ଭସ୍ମୀଭୂତା କନକମୟଲଙ୍କା ହନୁମତା ॥୮୨॥

❈ ଶ୍ରୀରାମଦୂତ ହନୁମାନଙ୍କୁ ପ୍ରଶଂସା କରିବାକୁ ଯାଇ ବିଭୀଷଣ କହିଲେ- ତ୍ରିପୁରାସୁରର ପୁରକୁ ଦାହ କରିବା ପାଇଁ ତ୍ରିପୁରାରି ଶିବ ଯାଇଥିଲେ । ସମସ୍ତ ଭୁବନ ତାଙ୍କର ରଥ ହୋଇଥିଲା । ଶିବଙ୍କ ଧନୁ ହୋଇଥିଲା ହିମାଳୟ ଓ ଧନୁର ଗୁଣ ହୋଇଥିଲେ ନାଗରାଜ ବାସୁକି ଏବଂ ବିଷ୍ଣୁ ଶର ହୋଇଥିଲେ । ବ୍ରହ୍ମା ସେହି ରଥର ସାରଥି ଥିଲେ । ଏତେ ଉପାଦାନରେ ଶିବ ତ୍ରିପୁରାର ପୁରକୁ ଦହନ କରିଥିଲାବେଳେ ତୁମେ ଏକା ଯାଇ ଲଙ୍କା ପୁରକୁ ଦାହ କରିଦେଇଆସିଛ ॥

विभीषणस्य चेष्टा-

दृष्ट्वा वानरवाहिनीमतिभृताहंकारहुंकारिणी
शङ्कावान् स विभीषणः क्षणमभूद्दुर्वारदोर्विक्रमः ।
पश्यन् दाशरथिं प्रमोदलहरीगाम्भीर्य्यमाजृम्भति
त्रस्तः संभृतविक्रमो न चलितुं स्थातुं न गन्तुं क्षमः ।।८३।।

ବିଭୀଷଣସ୍ୟ ଚେଷ୍ଟା-

ଦୃଷ୍ଟ୍ୱା ବାନରବାହିନୀମତିଭୃତାହଂକାରହୁଂକାରିଣୀ
ଶଙ୍କାବାନ୍ ସ ବିଭୀଷଣଃ କ୍ଷଣମଭୂଦ୍ଦୁର୍ବାରଦୋର୍ବିକ୍ରମଃ ।
ପଶ୍ୟନ୍ ଦାଶରଥିଂ ପ୍ରମୋଦଲହରୀଗାମ୍ଭୀର୍ଯ୍ୟମାଜୃମ୍ଭତି
ତ୍ରସ୍ତଃ ସଂଭୃତବିକ୍ରମୋ ନ ଚଳିତୁଂ ସ୍ଥାତୁଂ ନ ଗନ୍ତୁଂ କ୍ଷମଃ ।।୮୩।।

❊ ବାନର ବାହିନୀର ଭୟଙ୍କର ହୁଂକାର ଧ୍ୱନି ଶୁଣି ବିଭୀଷଣ ଭୟଭୀତ ହୋଇ ରଣୋନ୍ମତ୍ତ ସୈନ୍ୟଙ୍କୁ ଚାହିଁରହିଲେ । ଦାଶରଥିଙ୍କ ଉପରେ ଦୃଷ୍ଟି ପଡ଼ିବା ମାତ୍ରେ ତାଙ୍କର ମନ ଆନନ୍ଦ ସାଗରରେ ନିମଗ୍ନ ହେଲା । ପରାକ୍ରମଶାଳୀ ହୋଇ ମଧ୍ୟ ଭୟ ଓ ଆନନ୍ଦ ହେତୁ ସେ ସ୍ଥିର ହୋଇ ରହିପାରିଲେ ନାହିଁ କି ଅନ୍ୟତ୍ର ଯାଇପାରିଲେ ନାହିଁ ।।

तं दृष्ट्वा रामः-

द्विःशरं नैव संधत्ते द्विः स्थापयति नाश्रितान् ।
द्विर्ददाति न चार्थिभ्यो रामो द्विर्नैव भाषते ।।८४।।

ତଂ ଦୃଷ୍ଟ୍ୱା ରାମଃ-

ଦ୍ୱିଃଶରଂ ନୈବ ସନ୍ଧତ୍ତେ ଦ୍ୱିଃ ସ୍ଥାପୟତି ନାଶ୍ରିତାନ୍ ।
ଦ୍ୱିର୍ଦଦାତି ନ ଚାର୍ଥିଭ୍ୟୋ ରାମୋ ଦ୍ୱିର୍ନୈବ ଭାଷତେ ।।୮୪।।

❊ ବିଭୀଷଣଙ୍କୁ ଦ୍ୱିଧାଗ୍ରସ୍ତ ହେବାର ଦେଖି ଶ୍ରୀରାମ କହିଲେ -ଦୁଇଥର ଶର ସନ୍ଧାନ କରାଯାଏନାହିଁ କି ଆଶ୍ରିତ ବ୍ୟକ୍ତି ଦୁଇଥର ଅବସ୍ଥାପିତ ହୁଅନ୍ତି ନାହିଁ । ପ୍ରାର୍ଥୀଙ୍କୁ ଦୁଇଥର ଦାନ ଦିଆଯାଏ ନାହିଁ ଏବଂ ରାମ କେବେ ଦୁଇଟା କଥା କହେ ନାହିଁ ।।

पितृहन्ता स्वहन्ता वा पुनः शरणमागतः ।
प्राणांश्चापि परित्यज्य रक्षितव्यः कृतात्मना ।।८५।।

ପିତୃହନ୍ତା ସ୍ୱହନ୍ତା ବା ପୁନଃ ଶରଣମାଗତଃ ।
ପ୍ରାଣାଂଶ୍ଚାପି ପରିତ୍ୟଜ୍ୟ ରକ୍ଷିତବ୍ୟଃ କୃତାତ୍ମନା ।।୮୫।।

❊ ପିତୃଶତ୍ରୁ ହୁଅନ୍ତୁ କି ନିଜଶତ୍ରୁ ହୁଅନ୍ତୁ ସେ ଶରଣପ୍ରାର୍ଥୀ ହେଲେ ସଜ୍ଜନ ବ୍ୟକ୍ତି ନିଜର ପ୍ରାଣ ବିନିମୟରେ ତାଙ୍କୁ ସୁରକ୍ଷିତ ରଖନ୍ତି ।।

रामविभीषणयोरुक्तिप्रत्युक्ती-

अये रक्षोराजानुज कुशलमद्यैव कुशलं

यतो योष्माकीर्णं चरणकमलं दृक्पथमगात् ।

किमुद्देशं युष्मत्पदकमलसेवैव विदितं

भवानद्यैवाभून्निजनगरलङ्कापरिवृढः ॥८६॥

ରାମବିଭୀଷଯୋରୁକ୍ତିପ୍ରତ୍ୟୁକ୍ତୀ-

ଅୟେ ରକ୍ଷୋରାଜାନୁଜ କୁଶଲମଦ୍ୟୈବ କୁଶଲଂ

ଯତୋ ଯୌଷ୍ମାକୀର୍ଣ୍ଣ ଚରଣକମଲଂ ଦୃକ୍‌ପଥମଗାତ୍ ।

କିମୁଦ୍ଦେଶଂ ଯୁଷ୍ମତ୍‌ପଦକମଲସେବୈବ ବିଦିତଂ

ଭବାନଦ୍ୟୈବାଭୂନ୍ନିଜନଗରଲଙ୍କାପରିବୃଢଃ ॥୮୬॥

❋ ଶ୍ରୀରାମ ଓ ବିଭୀଷଣଙ୍କ ଉକ୍ତିପ୍ରତ୍ୟୁକ୍ତି । ହେ ରାକ୍ଷସରାଜ ଅନୁଜ ତୁମର କୁଶଳ ତ ? ହଁ ସମସ୍ତ କୁଶଳ, କାରଣ ଆଜି ଆପଣଙ୍କ ଚରଣକମଳ ଦର୍ଶନ କରିବାର ସୁଯୋଗ ପାଇଛି । ଆପଣଙ୍କ ଉଦ୍ଦେଶ୍ୟ କଣ ? ଆପଣଙ୍କ ପଦସେବାହିଁ ମୂଳଲକ୍ଷ୍ୟ । ଆପଣ ଆମର ପ୍ରିୟବ୍ୟକ୍ତି; ତେଣୁ ଆଜିଠାରୁ ଲଙ୍କାର ଅଧିପତି ପଦରେ ଅଧିଷ୍ଠିତ ହେଲେ ॥

तस्यातिभक्तिमधिगम्य विभीषणस्य सौमित्रिणा च रजनीचरचक्रराज्ये ।

प्रीतोऽभ्यसेचयदमुं प्रवरो रघूणां प्रायः प्रपन्नकरुणावशगा महान्तः ॥८७॥

ତସ୍ୟାତିଭକ୍ତିମଧିଗମ୍ୟ ବିଭୀଷଣସ୍ୟ ସୌମିତ୍ରିଣା ଚ ରଜନୀଚରଚକ୍ରରାଜ୍ୟେ ।

ପ୍ରୀତୋଽଭ୍ୟସେଚୟଦମୁଂ ପ୍ରବରୋ ରଘୁଣାଂ ପ୍ରାୟଃ ପ୍ରପନ୍ନକରୁଣାବଶଗା ମହାନ୍ତଃ ॥୮୭॥

❋ ବିଭୀଷଣଙ୍କ ଭକ୍ତିରେ ଆନନ୍ଦିତ ହୋଇ ଶ୍ରୀରାମ ଲକ୍ଷ୍ମଣଙ୍କୁ କହିଲେ - ଆଜି ବିଭୀଷଣଙ୍କୁ ଲଙ୍କାର ରାଜପଦରେ ଅଭିଷିକ୍ତ କରାଅ । ରଘୁଶ୍ରେଷ୍ଠ ପ୍ରୀତ ହୋଇ ତାଙ୍କୁ ଅଭିଷିକ୍ତ କଲେ । ସଜ୍ଜନମାନେ ସାଧାରଣତଃ କରୁଣାପରାୟଣ ଓ ଶରଣବତ୍ସଳ ହୋଇଥାନ୍ତି ॥

अत्रान्तरे वानराः -

अद्यैवास्य विभीषणस्य शरणापन्नस्य मूर्ध्नानते -

रानृण्याय ददात्ययं रघुपतिर्लङ्काधिपत्यश्रियम् ।

एतस्यैव भुजाविह प्रतिभुवौ सुग्रीवराज्यार्पणे

त्रैलोक्यप्रथिमानसत्यचरिताः सर्वे वयं साक्षिणः ॥८८॥

ଅତ୍ରାନ୍ତରେ ବାନରାଃ -

ଅଦ୍ୟୈବାସ୍ୟ ବିଭୀଷଣସ୍ୟ ଶରଣାପନ୍ନସ୍ୟ ମୂର୍ଦ୍ଧ୍ନାନତେ -

ରାନୃଣ୍ୟାୟ ଦଦାତ୍ୟୟଂ ରଘୁପତିର୍ଲଙ୍କାଧିପତ୍ୟଶ୍ରିୟମ୍ ।

ଏତସ୍ୟୈବ ଭୁଜାବିହ ପ୍ରତିଭୁବୌ ସୁଗ୍ରୀବରାଜ୍ୟାର୍ପଣେ

ତ୍ରୈଲୋକ୍ୟପ୍ରଥିମାନ ସତ୍ୟଚରିତାଃ ସର୍ବେ ବୟଂ ସାକ୍ଷିଣଃ ॥୮୮॥

❋ ବାନରମାନେ ପରସ୍ପରକୁ କହିଲେ - ଆଜି ଶରଣାଗତ ବିଭୀଷଣର ଋଣ ପରିଶୋଧ ପାଇଁ ପ୍ରଭୁ ଶ୍ରୀରାମଚନ୍ଦ୍ର ତାଙ୍କୁ ଲଙ୍କାର ରାଜଲକ୍ଷ୍ମୀ ପ୍ରଦାନ କଲେ । ଯେ ତାଙ୍କର ଆଶ୍ରୟପ୍ରାର୍ଥୀ ହେବ ସେ ନିଶ୍ଚୟ ରାଜପଦ ଲାଭକରିବ । ଆମେ ଆଖିଆଗରେ ଦେଖିଲୁ ସେହି ଶ୍ରୀରାମଚନ୍ଦ୍ର ସୁଗ୍ରୀବଙ୍କୁ କିଷ୍କିନ୍ଧାରେ ରାଜା କରାଇଲେ ॥

दृष्ट्वा दाशरथेर्विभीषणमनुप्रेमाणमाकस्मिकं
सानन्दं च सविस्मयं च कपयः श्लाघासहस्रं जगुः ।
सुग्रीवाङ्गदजाम्ववप्रभृतिभिः सार्द्धं हनूमानथ
प्राज्ञस्तस्य विभीषणस्य कथनैः सौहार्यमारब्धवान् ॥८९॥

ଦୃଷ୍ଟ୍ୱା ଦାଶରଥେର୍ବିଭୀଷଣମନୁପ୍ରେମାଣମାକସ୍ମିକଂ
ସାନନ୍ଦଂ ଚ ସବିସ୍ମୟଂ ଚ କପୟଃ ଶ୍ଲାଘାସହସ୍ରଂ ଜଗୁଃ ।
ସୁଗ୍ରୀବାଙ୍ଗଦଜାମ୍ବବ ପ୍ରଭୃତିଭିଃ ସାର୍ଦ୍ଧଂ ହନୂମାନଥ
ପ୍ରାଜ୍ଞସ୍ତସ୍ୟ ବିଭୀଷଣସ୍ୟ କଥନୈଃ ସୌହାର୍ଦ୍ୟମାରବ୍ଧବାନ୍ ॥୮୯॥

❋ ବିଭୀଷଣଙ୍କ ପ୍ରତି ପ୍ରେମବଶତଃ ସୁହୃଦୟ କରିବାର ଦେଖି ବାନରମାନେ ଯୁଗପତ୍ ବିସ୍ମିତ ଓ ଆନନ୍ଦିତ ହେଲେ ଏବଂ ବିଭୀଷଣଙ୍କୁ ଅଜସ୍ର ପ୍ରଶଂସା କରିବାକୁ ଲାଗିଲେ । ହନୁମାନଙ୍କ ସହିତ ସୁଗ୍ରୀବ, ଅଙ୍ଗଦ, ଜାମ୍ବବାନ୍ ପ୍ରଭୃତି ସନ୍ତୁଷ୍ଟ ହୋଇ ବିଭୀଷଣଙ୍କ ସହ ବନ୍ଧୁତା ସ୍ଥାପନ କଲେ ॥

या विभूतिर्दशग्रीवे शिरश्छेदेऽपि शङ्करात् ।
दर्शनादेव रामस्य सा विभूतेर्विभीषणे ॥९०॥

ଯା ବିଭୂତିର୍ଦଶଗ୍ରୀବେ ଶିରଚ୍ଛେଦେଽପି ଶଙ୍କରାତ୍ ।
ଦର୍ଶନାଦେବ ରାମସ୍ୟ ସା ବିଭୂତିର୍ବିଭୀଷଣେ ॥୯୦॥

❋ ଦଶମୁଖ ରାବଣ ନିଜର ଛିନ୍ନମସ୍ତକ ଆହୁତି ଦେଇ ଶିବଙ୍କଠାରୁ ଯେଉଁ ବିଭୂତି ଲାଭ କରିଥିଲା, ଶ୍ରୀରାମଙ୍କ ଦର୍ଶନମାତ୍ରେ ବିଭୀଷଣ ସେହି ବିଭୂତି ଭୋଗ କରିବାରେ ସମର୍ଥ ହେଲେ ॥

तदनन्तरं समुद्रं प्रति रामः-

त्वमसि कुलगुरुर्मे देहि मार्गं पयोधे
शिरसि विनिहितो मे भक्तिपूतोऽञ्जलिस्ते ।
दशवदनहृता ते सा सुषा प्रत्युपेया
रिपुकुलनिधनेन क्षीयतां मे कलङ्कः ॥९१॥

ତଦନନ୍ତରଂ ସମୁଦ୍ରଂ ପ୍ରତି ରାମଃ -

ତ୍ୱମସି କୁଳଗୁରୁର୍ମେ ଦେହି ମାର୍ଗଂ ପୟୋଧେ
ଶିରସି ବିନିହିତୋ ମେ ଭକ୍ତିପୂତୋଽଞ୍ଜଳିସ୍ତେ ।

ଦଶବଦନହୃତା ତେ ସା ସ୍ନୁଷା ପ୍ରତ୍ୟୁପେୟା
ରିପୁକୁଳନିଧନେନ କ୍ଷାଯ୍ୟତାଂ ମେ କଳଙ୍କଃ ॥୯୧॥

❊ ଏହାପରେ ଶ୍ରୀରାମ ସମୁଦ୍ରକୁ ଲକ୍ଷ୍ୟକରି କହିଲେ - ହେ ପୟୋଧେ ! ଆପଣ ମୋର କୁଳଗୁରୁ । ତେଣୁ ଦୟାକରି ପଥ ଛାଡ଼ି ଦିଅନ୍ତୁ । ସେଥିପାଇଁ ହାତ ଯୋଡ଼ି ମୁଁ ଆପଣଙ୍କୁ ପ୍ରାର୍ଥନା କରୁଛି । ଆପଣଙ୍କ ପୁତ୍ରବଧୂକୁ ରାବଣ ବଳପୂର୍ବକ ଅପହରଣ କରିଛି । ଯୁଦ୍ଧରେ ତାକୁ ବିନାଶ କରି ମୁଁ ସୀତାଙ୍କୁ ଉଦ୍ଧାର କରି ଆଣିବି । ମୋ' ନାମରେ ଲାଗିଥିବା ଏହି କଳଙ୍କକୁ ପୋଛିଦେବାରେ ଆପଣ ମୋର ସହାୟ ହୁଅନ୍ତୁ ॥

इत्युक्त्वा प्रत्युपतिष्ठति रामे समुद्रे पन्थानमत्यजति सौमित्रिं प्रति रामः-

याच्ञा दैन्यपराभवप्रणयिता नेक्ष्वाकुभिः शिक्षिता
सेवासम्वलितः कदा रघुकुले मौलौ निवद्धोऽञ्जलिः ।
तत्सर्वं विहितं तथाप्युदधिना नैवोपरोधः कृतः
पाणिस्तं प्रति संप्रति प्रतिपदं स्प्रष्टुं धनुर्वाञ्छति ॥९२॥

ଇତ୍ୟୁକ୍ତ୍ୱା ପ୍ରତ୍ୟୁପତିଷ୍ଠତି ରାମେ ସମୁଦ୍ରେ ପନ୍ଥାନମତ୍ୟଜତି ସୌମିତ୍ରିଂ ପ୍ରତି ରାମଃ -

ଯାଚ୍ଞା ଦୈନ୍ୟପରାଭବପ୍ରଣୟିତା ନେକ୍ଷ୍ୱାକୁଭିଃ ଶିକ୍ଷିତାଃ
ସେବାସମ୍ୱଳିତଃ କଦା ରଘୁକୁଳେ ମୌଳୌ ନିବଦ୍ଧୋଽଞ୍ଜଳିଃ ।
ତତ୍‌ସର୍ବଂ ବିହିତଂ ତଥାପ୍ୟୁଦଧିନା ନୈବୋପରୋଧଃ କୃତଃ
ପାଣିସ୍ତଂ ପ୍ରତି ସଂପ୍ରତି ପ୍ରତିପଦଂ ସ୍ପ୍ରଷ୍ଟୁଂ ଧନୁର୍ବାଞ୍ଛତି ॥୯୨॥

❊ ଶ୍ରୀରାମ ଏହିପରି କହି ବିରତ ହେବା ପରେ ବି ସମୁଦ୍ରପଥ ନ ଛାଡ଼ିବାରୁ ସେ ଲକ୍ଷ୍ମଣଙ୍କୁ କହିଲେ-ଇକ୍ଷ୍ୱାକୁବଂଶୀୟ ରାଜାମାନେ ଦୀନହୀନଭାବେ କାହାରି ସହିତ ବନ୍ଧୁତା କରିବା ଶିଖିନାହାନ୍ତି ଏବଂ କେହି କେବେ ହାତ ଯୋଡ଼ି ନମ୍ରଶିର ହୋଇ କାହାକୁ କିଛି ପ୍ରାର୍ଥନା କରିନାହାନ୍ତି । ତଥାପି ମୁଁ ଏସବୁ କଲେ ମଧ୍ୟ ସମୁଦ୍ର କିଛି ଉପରୋଧ କଲେ ନାହିଁ । ତେଣୁ ମୋର କୋଦଣ୍ଡଧନୁ ଆଣ । ମୁଁ ବାଣ ନିକ୍ଷେପ କରି ସମୁଦ୍ରକୁ ଶୁଖାଇଦେବି ॥

अत्रान्तरे सूर्य्यसमुद्रयोरुक्तिप्रत्युक्ती -

भो सिन्धो वद भानुमान् चलसि किं श्रीरामभद्राशुगो-
दञ्चद्भूरिभयेन किं तव भयं त्वत्सूनवस्तद्गुणाः ।
तस्येन्दुर्वदने रमा च सदने पीयूषमाभासते
बाहौ कल्पतरुर्विशन्ति विशिखश्रेणीषु हालाहलम् ॥९३॥

ଅତ୍ରାନ୍ତରେ ସୂର୍ଯ୍ୟସମୁଦ୍ରୟୋରୁକ୍ତିପ୍ରତ୍ୟୁକ୍ତୀ -

ଭୋ ସିନ୍ଧୋ ବଦ ଭାନୁମାନ୍ ଚଳସି କିଂ ଶ୍ରୀରାମଭଦ୍ରାଶୁଗୋ-
ଦଞ୍ଚଦ୍‌ଭୂରିଭୟେନ କିଂ ତବ ଭୟଂ ତ୍ୱତ୍‌ସୂନବସ୍ତଦ୍‌ଗୁଣାଃ ।

ତସ୍ୟେନ୍ଦୁର୍ବଦନେ ରମା ଚ ସଦନେ ପୀୟୂଷମାଭାସତେ
ବାହୌ କଳ୍ପତରୁର୍ବିଶନ୍ତି ବିଶିଖଶ୍ରେଣୀଷୁ ହାଳାହଳମ୍ ॥୯୩॥

❀ ଏହି ଅବସରରେ ସୂର୍ଯ୍ୟ ଓ ସମୁଦ୍ରଙ୍କ ଉକ୍ତିପ୍ରତ୍ୟୁକ୍ତି - ହେ ସିନ୍ଧୋ ! କୃହକୁ ସୂର୍ଯ୍ୟଦେବ । ତୁମେ ଚଞ୍ଚଳ ହେଉଛ କାହିଁକି ? ଶ୍ରୀରାମଚନ୍ଦ୍ରଙ୍କ ଶରାସନ ଭୟରେ ମୋର ଦେହ ଅରୁଛି । ତୁମର ଭୟ କଣ ? ଆପଣଙ୍କ ବଂଶ ଜଗତରେ ଅଜେୟ । ସେହି ବଂଶରେ ଜାତ ଶ୍ରୀରାମଙ୍କ ମୁଖରେ ଚନ୍ଦ୍ର, ଗୃହରେ ଲକ୍ଷ୍ମୀ, ସର୍ବାଙ୍ଗରେ ଅମୃତ, ବାହୁରେ କଳ୍ପତରୁ ଓ ବାଣଗୁଡ଼ିକରେ ହଳାହଳ ବିଷ ପରି ପୂର୍ଣ୍ଣ ହୋଇ ରହିଛି ॥

श्रीरामः - (सकोपम्)

चापमानय सौमित्रे शरानाशीविषोपमान् ।
समुद्रं शोषयिष्यामि पादैर्यान्तु प्लवङ्गमाः ॥९४॥

ଶ୍ରୀରାମଃ (ସକୋପମ୍) -

ଚାପମାନୟ ସୌମିତ୍ରେ ଶରାନାଶୀବିଷୋପମାନ୍ ।
ସମୁଦ୍ରଂ ଶୋଷୟିଷ୍ୟାମି ପାଦୈର୍ଯାନ୍ତୁ ପ୍ଲବଙ୍ଗମାଃ ॥୯୪॥

❀ ଶ୍ରୀରାମ -କ୍ରୋଧରେ କହିଲେ - ସୌମିତ୍ରେ ! ମୋର ଧନୁ ଓ ହଳାହଳ ବିଷ ସଦୃଶ ବାଣ ଶୀଘ୍ର ଆଣ । ମୁଁ ସାଗରକୁ ଶୁଖାଇ ଦେଉଛି । ଆନନ୍ଦରେ ବାନରମାନେ ପାଦରେ ଚାଲିଚାଲି ଯାଆନ୍ତୁ ॥

दम्भोलिकल्पैर्विशिखैर्मदीयैरम्भोनिधिं पांशुनिधिं करिष्ये ।
स्थली करिष्ये मरुभूः करिष्ये भस्मीकरिष्ये मृगतृष्णयिष्ये ॥९५॥
ଦମ୍ଭୋଳିକଳ୍ପୈର୍ବିଶିଖୈର୍ମଦୀୟୈରମ୍ଭୋନିଧିଂ ପାଂଶୁନିଧିଂ କରିଷ୍ୟେ ।
ସ୍ଥଳୀକରିଷ୍ୟେ ମରୁଭୂଃ କରିଷ୍ୟେ ଭସ୍ମୀକରିଷ୍ୟେ ମୃଗତୃଷ୍ଣୟିଷ୍ୟେ ॥୯୫॥

❀ ବର୍ତ୍ତମାନ ମୋର ବଜ୍ରତୁଲ୍ୟ ଶରଦ୍ୱାରା ଜଳନିଧିକୁ ଶୁଖାଇଦେଇ ସେଥିରେ ଧୂଳି ଉଡ଼ାଇଦେବି । ଜଳପୂର୍ଣ୍ଣ ସ୍ଥାନକୁ ସ୍ଥଳରେ ଓ ମରୁଭୂମିରେ ପରିଣତ କରିବି । ଚାରିଆଡ଼େ ଭସ୍ମପୂର୍ଣ୍ଣ ହୋଇଯିବ ଓ ଦୂରରୁ ଏହା ମୃଗତୃଷ୍ଣା ପ୍ରାୟ ଦେଖାଯିବ ॥

श्रीरामचन्द्रे दशवक्त्रपूज्ये मार्गाय पाथोनिधिबद्धकोपे ।
आग्नेयमस्त्रं प्रतिसंदधाने मैनाकशैलश्चलितो बभूव ॥९६॥

ଶ୍ରୀରାମଚନ୍ଦ୍ରେ ଦଶବକ୍ତ୍ରପୂଜ୍ୟେ ମାର୍ଗାୟ ପାଥୋନିଧିବଦ୍ଧକୋପେ ।
ଆଗ୍ନେୟମସ୍ତ୍ରଂ ପ୍ରତିସଂଦଧାନେ ମୈନାକଶୈଳଶ୍ଚଳିତୋ ବଭୂବ ॥୯୬॥

❀ ଶ୍ରୀରାମ ଏହିପରି କହି ଦଶବଦନ ଅଧ୍ୟୁଷିତ ଲଙ୍କାକୁ ଯିବା ପାଇଁ ଅନ୍ୟ ଉପାୟ ନ ପାଇ କ୍ରୋଧରେ ଆଗ୍ନେୟାସ୍ତ୍ର ଧନୁରେ ସନ୍ଧାନ କଲେ । ଏହା ଦେଖି ମୈନାକ ପର୍ବତ କମ୍ପମାନ ହେବାକୁ ଲାଗିଲା ॥

अथ रामो समुद्रं प्रति बाणं क्षिपति -

दिशो धूमायन्ते ज्वलितमभवत्सागरजलं
परिभ्रेमुर्नक्राः स्फुटनमगमन् शंखमणयः ।
परित्यक्ते बाणे रघुपरिवृढेनाथ सहसा
दधन्मूर्त्ति सिन्धुर्जलदमलिनः प्रादुरभवत् ॥९७॥

ଅଥ ରାମୋ ସମୁଦ୍ରଂ ପ୍ରତି ବାଣଂ କ୍ଷିପତି

ଦିଶୋ ଧୂମାୟନ୍ତେ ଜ୍ୱଳିତମଭବତ୍ ସାଗରଜଳଂ
ପରିଭ୍ରେମୁର୍ନକ୍ରାଃ ସ୍ଫୁଟନମଗମନ୍ ଶଙ୍ଖମଣୟଃ ।
ପରିତ୍ୟକ୍ତେ ବାଣେ ରଘୁପରିବୃଢେନାଥ ସହସା
ଦଧନ୍ମୂର୍ତ୍ତିଂ ସିନ୍ଧୁର୍ଜଳଦମଳିନଃ ପ୍ରାଦୁରଭବତ୍ ॥୯୭॥

※ ଶ୍ରୀରାମଚନ୍ଦ୍ର କ୍ରୋଧାନ୍ୱିତ ହୋଇ ସମୁଦ୍ରକୁ ବାଣ ନିକ୍ଷେପ କରିବା ପରେ ଜଳ,ସ୍ଥଳ ଓ ଆକାଶ ଧୂମରେ ଆଚ୍ଛନ୍ନ ହୋଇଗଲା ଏବଂ ସାଗର ଜଳ ଜଳି ଉଠିଲା । ମତ୍ସ୍ୟ,ମଗର, ନକ୍ରାଦି ଜଳଜନ୍ତୁ ବିଚଳିତ ହେଲେ ଓ ଶଙ୍ଖ, ମଣି ଆଦି ସ୍ପଷ୍ଟ ଦେଖାଗଲେ । ଏହା ଦେଖି ସିନ୍ଧୁ ମେଘ ପରି ମଳିନବର୍ଣ୍ଣ ଧାରଣ କରି ଆବିର୍ଭୂତ ହେଲେ ॥

समुद्रं प्रति सूर्य्यः-

त्रासं मुञ्च समुद्र कोपदहनो रामस्य वाञ्छत्ययं
वन्दीभूतदशास्यसुन्दरदृशमक्ष्णापयः साञ्जनम् ।
कामं ते मकरीगणो विहरतामेतस्य लङ्केश्वर
स्त्रीगण्डस्थलपत्रभङ्गमकरीस्त्री विध्वंसिनः सायकाः ॥९८॥

ସମୁଦ୍ରଂ ପ୍ରତି ସୂର୍ଯ୍ୟଃ -

ତ୍ରାସଂ ମୁଞ୍ଚ ସମୁଦ୍ର କୋପଦହନୋ ରାମସ୍ୟ ବାଞ୍ଛତ୍ୟୟଂ
ବନ୍ଦୀଭୂତଦଶାସ୍ୟସୁନ୍ଦରଦୃଶମକ୍ଷ୍ଣାପୟଃ ସାଞ୍ଜନମ୍ ।
କାମଂ ତେ ମକରୀଗଣୋ ବିହରତାମେତସ୍ୟ ଲଙ୍କେଶ୍ୱର
ସ୍ତ୍ରୀଗଣ୍ଡସ୍ଥଳପତ୍ରଭଙ୍ଗମକରୀ- ବିଧ୍ୱଂସିନଃ ସାୟକାଃ ॥୯୮॥

※ ଦିବାକର, ସିନ୍ଧୁର ଦୁରବସ୍ଥା ଦେଖି କହିଲେ ହେ ସମୁଦ୍ର ! ଭୟ ତ୍ୟାଗ କର । ଶ୍ରୀରାମଙ୍କର ବାଣ ଯେତେବେଳ ବଳବାନ୍ ଲଙ୍କେଶ୍ୱରର ନୟନରଞ୍ଜନ ଅଞ୍ଜନକୁ ନଷ୍ଟକରିବା ସଙ୍ଗେ ସଙ୍ଗେ ତା'ର ରମଣୀମାନଙ୍କ ଗଣ୍ଡଦେଶରେ ଅଙ୍କିତ ମକରୀକୁ ଧ୍ୱଂସ କରିଦେବେ ସେତେବେଳେ ତୁମର ମକରୀମାନେ ଆନନ୍ଦରେ ଖେଳିବେ । ତେଣୁ ଶ୍ରୀରାମଙ୍କ କ୍ରୋଧକ୍ଷିପ୍ତବାଣ ରାବଣର ବିନାଶ ପାଇଁ ଉଦ୍ଦିଷ୍ଟ । ଏଥିରେ ତୁମର ଭୟ କରିବାର କିଛି ନାହିଁ ॥

समुद्रः सविनयम् -

प्रलयदहनतीव्रं ज्वालितं ते शरोघैः

कवलितसलिलोऽहं देव कोपं जहीहि।

नल करतलकीर्णैर्वानरानीतशैलै -

- र्विरचय मयि सेतुं स्वस्ति पारं प्रयाहि ॥९९॥

ସମୁଦ୍ରଃ ସବିନୟମ୍-

ପ୍ରଳୟଦହନତୀବ୍ରଂ ଜ୍ୱଳିତଂ ତେ ଶରୌଘୈଃ

କବଳିତ ସଲିଳୋଽହଂ ଦେବ କୋପଂ ଜହୀହି ।

ନଳରକରତଳକୀର୍ଣ୍ଣୈର୍ବାନରାନୀତଶୈଳୈ-

ର୍ବିରଚୟ ମୟି ସେତୁଂ ସ୍ୱସ୍ତି ପାରଂ ପ୍ରୟାହି ॥୯୯॥

✻ ସମୁଦ୍ର ବିନୟ ହୋଇ ଶ୍ରୀରାମଙ୍କୁ କହିଲେ ପ୍ରଭୋ ! କ୍ରୋଧ ଶାନ୍ତ କରନ୍ତୁ । ପ୍ରଳୟକାଳୀନ ଅଗ୍ନି ସଦୃଶ ଆପଣଙ୍କ ବାଣରେ ସମଗ୍ର ସିନ୍ଧୁଜଳ ଶୁଷ୍କ ହୋଇଯାଉଛି ॥ ଆପଣ ଆଦେଶ ଦେଲେ ବାନରମାନେ ପଥର ବୋହି ଆଣିବେ ଏବଂ ସେହି ପଥରଗୁଡ଼ିକ ନଳ ସ୍ପର୍ଶକଲେ ଜଳରେ ଭାସିବ । ସେଥିରେ ସେତୁବନ୍ଧ ନିର୍ମାଣକରି ସୈନ୍ୟବାହିନୀ ସହିତ ଆପଣ ସୁଖରେ ସମୁଦ୍ର ପାର ହୋଇ ଯାଆନ୍ତୁ ॥

रघुवर विचार्य्य वारिधाविह सेतुस्तु तथा निधीयताम् ।

दशाकन्धरमेदिनीदृशो जलधारामिलनं सहेति न ॥१००॥

ରଘୁବୀର ବିଚାର୍ଯ୍ୟ ବାରିଧାବିହ ସେତୁସ୍ତୁ ତଥା ନିଧୀୟତାମ୍ ।

ଦଶକନ୍ଧରମେଦିନୀ ଦୃଶୋ ଜଳଧାରାମିଳନଂ ସହେତି ନ ॥୧୦୦॥

✻ ହେ ରଘୁବୀର ! ସବୁଦୃଷ୍ଟିରୁ ବିଚାର କରି ସମୁଦ୍ରରେ ସେତୁ ନିର୍ମାଣର ବ୍ୟବସ୍ଥା କରିବାକୁ ଅନୁରୋଧ । ଦଶବଦନର ଅତ୍ୟାଚାରରେ ପୃଥିବୀଦେବୀ ନିଜର ଅଶ୍ରୁ ସମ୍ବରଣ କରିପାରୁନାହାନ୍ତି ॥

सेतुकरणारम्भे रामं प्रति नलः-

रामरत्नमहं वन्दे चित्रकूटकपेटम् ।

कौशल्याशुक्तिसंभूतं जानकीकण्ठभूषणम् ॥१०१॥

ସେତୁକରଣପ୍ରାରମ୍ଭେ ରାମଂ ପ୍ରତି ନଳଃ -

ରାମରତ୍ନମହଂ ବନ୍ଦେ ଚିତ୍ରକୂଟକପେଟକମ୍ ।

କୌଶଲ୍ୟାଶୁକ୍ତିସଂଭୂତଂ ଜାନକୀକଣ୍ଠଭୂଷଣମ୍ ॥୧୦୧॥

✻ ସେତୁ ନିର୍ମାଣ ଆରମ୍ଭରେ ନଳ ଶ୍ରୀରାମଙ୍କୁ କହିଲେ -ପ୍ରଭୋ ! ଆପଣ ଆଦେଶ ଦିଅନ୍ତୁ ମୁଁ ସେତୁବନ୍ଧ ବାନ୍ଧିବି । ଚିତ୍ରକୂଟ ରୂପକ ପେଟିକାର ଆପଣ ହେଉଛନ୍ତି କୌଶଲ୍ୟା ଗର୍ଭଜାତ ମୁକ୍ତା ଓ ଜାନକୀଙ୍କର କଣ୍ଠଭୂଷଣ । ତେଣୁ ସର୍ବଶ୍ରେଷ୍ଠ ରତ୍ନସଦୃଶ ମୁଁ ଆପଣଙ୍କୁ ବନ୍ଦନା କରୁଛି ॥ -

अथ समुद्रे सेत्वारम्भः -

उत्पाट्योत्पाट्य् शैलान् प्रकटकठिनताप्राप्तपातालमूला-

नुत्तुङ्गोत्तुङ्ग शृङ्गानतिकलितनभोमण्डलान् दिग्विकीर्णान् ।

दुर्द्धार्य्यानाञ्जनेयप्रमुखकपिगणास्ते समानिन्युरन्तः

सिन्धोर्बन्धाय दोर्भ्यां व्यरचयति नलो निर्भयं सेतुबन्धम् ॥१०२॥

ଅଥ ସମୁଦ୍ରେ ସେତ୍ୱାରମ୍ଭଃ -

ଉତ୍ପାଟ୍ୟୋତ୍ପାଟ୍ୟ ଶୈଳାନ୍ ପ୍ରକଟକଠିନତାପ୍ରାପ୍ତପାତାଳମୂଳା-

ନୁତ୍ତୁଙ୍ଗୋତ୍ତୁଙ୍ଗଶୃଙ୍ଗାନତିକଳିତନଭୋମଣ୍ଡଳାନ୍ ଦିଗ୍‌ବିକୀର୍ଣ୍ଣାନ୍ ।

ଦୁର୍ଦ୍ଧାର୍ଯ୍ୟାନାଞ୍ଜନେୟପ୍ରମୁଖ କପିଗଣାସ୍ତେ ସମାନିନ୍ୟୁରନ୍ତଃ

ସିନ୍ଧୋର୍ବନ୍ଧାୟ ଦୋର୍ଭ୍ୟାଂ ବ୍ୟରଚୟତି ନଳୋ ନିର୍ଭୟଂ ସେତୁବନ୍ଧମ୍ ॥୧୦୨॥

❊ ଏହାପରେ ହନୁମାନ୍ ପ୍ରଭୃତି ବାନରବୀରମାନେ ପକ୍ଷୀ ପରି ଆକାଶ ମାର୍ଗରେ ଯାଇ ଚାରିଆଡୁ ବଡ଼ ବଡ଼ ପଥରଖଣ୍ଡମାନ ମୂଳରୁ ଉପାଡ଼ି ବୋହି ଆଣିଲେ । ନଳ ସେଗୁଡ଼ିକୁ ଦୁଇହାତରେ ନେଇ ଜଳରେ ପକାଇ ସେତୁ ନିର୍ମାଣ କଲେ ॥

इत्यवसरे रामं प्रति लक्ष्मणः-

कपीन्द्रसेनाप्लवगैः पुरोगैः पयोमयं भूवलयं व्यलोकि ।

तत्पृष्ठगैः पङ्कमयं तदन्यैरासीदिहाम्भोनिधिरेवमूचे ॥१०३॥

ଇତ୍ୟବସରେ ରାମଂ ପ୍ରତି ଲକ୍ଷ୍ମଣଃ -

କପୀନ୍ଦ୍ରସେନାପ୍ଲବଗୈଃ ପୁରୋଗୈଃ ପୟୋମୟଂ ଭୂବଳୟଂ ବ୍ୟଲୋକି ।

ତତ୍ପୃଷ୍ଠଗୈଃ ପଙ୍କମୟଂ ତଦନ୍ୟୈରାସୀଦିହାମ୍ଭୋନିଧିରେବମୂଚେ ॥୧୦୩॥

❊ ଏହି ଅବସରରେ ଶ୍ରୀରାମଙ୍କୁ ଲକ୍ଷ୍ମଣ କହିଲେ ପ୍ରଭୋ ! ଯେଉଁ କପିସୈନ୍ୟମାନେ ପ୍ରଥମେ ଆସିଲେ ସେମାନେ ସମୁଦ୍ରକୁ ଜଳମୟ ଦେଖିଲେ । ସେମାନଙ୍କ ପଛରେ ଆସିଥିବା ସୈନ୍ୟମାନେ ସମୁଦ୍ରକୁ ପଙ୍କମୟ ଦେଖିଲେ । ପୁଣି ସେମାନଙ୍କ ପରେ ଯେଉଁମାନେ ଆସିଲେ ସେମାନେ ଆଶ୍ଚର୍ଯ୍ୟ ହୋଇ ଏଠାରେ ସମୁଦ୍ର ଥିଲା କି ବୋଲି ପରସ୍ପରକୁ ପଚାରୁଛନ୍ତି ॥

रामं प्रति सुग्रीवः-

क्रमचतुरकपीन्द्रे नीयमाने नगेन्द्रे

गिरिकुहरनिवासा राघव त्वत्प्रसादात् ।

सुरकरिवरपेयां प्राप्य मन्दाकिनीं खे

सुललितकरदण्डाः कुम्भनोऽम्भः पिवन्ति ॥१०४॥

ରାମଂ ପ୍ରତି ସୁଗ୍ରୀବଃ -

କ୍ରମଚତୁରକପୀନ୍ଦ୍ରୈ ର୍ନୀୟମାନେ ନଗେନ୍ଦ୍ରେ
ଗିରିକୁହରନିବାସା ରାଘବ ତ୍ୱତ୍ପ୍ରସାଦାତ୍ ।
ସୁରକରିବରପେୟାଂ ପ୍ରାପ୍ୟ ମନ୍ଦାକିନୀଂ ଖେ
ସୁଲଳିତକରଦଣ୍ଡାଃ କୁମ୍ଭିନୋଽମ୍ଭଃ ପିବନ୍ତି ।।୧୦୪।।

✻ କପିବର ସୁଗ୍ରୀବ ଶ୍ରୀରାମଙ୍କୁ କହିଲେ ହେ ରାଘବ ! ଆପଣଙ୍କ ଦୟାରୁ ସୁଚତୁର ବାନରବୀର ମାନେ ବଡ଼ ବଡ଼ ପାହାଡ଼ ପର୍ବତ ସବୁ ଉପାଡ଼ି ନେଇ ଆକାଶ ମାର୍ଗରେ ଉଡ଼ି ଆସିବାବେଳେ ଐରାବତ ହସ୍ତୀର ପାନଯୋଗ୍ୟା ଗଙ୍ଗାଙ୍କୁ ସାକ୍ଷାତ କଲେ । ଅବାରିତ ଧାରାରେ ପ୍ରବାହିତ ସେହି ଗଙ୍ଗାଜଳ ପାନ କରି ହାତୀଗୁଡ଼ିକ ଗିରିକନ୍ଦରରେ ସୁଖରେ ବାସ କରନ୍ତି ।।

अत्रावसरे विभीषण: -

ये मज्जन्ति जले कियत्यपि चिरं ते प्रस्तरा दुस्तरे
सिन्धौ हन्त तरन्ति राक्षसभयं संपादयन्तो भृशम् ।
नैते ग्रावगुणा न वारिधिगुणा नैवं कपीनां गुणा:
श्रीमद्दाशरथेरियं हि सहजा शक्ति: समुन्मीलति ।।१०५।।

ଅତ୍ରାବସରେ ବିଭୀଷଣଃ-

ଯେ ମଜ୍ଜନ୍ତି ଜଳେ କିୟତ୍ୟପି ଚିରଂ ତେ ପ୍ରସ୍ତରା ଦୁସ୍ତରେ
ସିନ୍ଧୌ ହନ୍ତ ତରନ୍ତି ରାକ୍ଷସଭୟଂ ସଂପାଦୟନ୍ତୋ ଭୃଶମ୍ ।
ନୈତେ ଗ୍ରାବଗୁଣା ନ ବାରିଧିଗୁଣା ନୈବଂ କପୀନାଂ ଗୁଣାଃ
ଶ୍ରୀମଦ୍ଦାଶରଥେରିୟଂ ହି ସହଜା ଶକ୍ତିଃ ସମୁନ୍ମୀଳତି ।।୧୦୫।।

✻ ବିଭୀଷଣ କହିଲେ- ପ୍ରଭୋ ! ଛୋଟ ଛୋଟ ପଥର ଖଣ୍ଡ ଜଳରେ ବୁଡ଼ିଯାଉଥିବାବେଳେ ବଡ଼ ବଡ଼ ପାଷାଣ ଭାସୁଛି । ଏହା ଦେଖି ମୁଁ ଆଶ୍ଚର୍ଯ୍ୟ ହେଉଛି ।। ରାକ୍ଷସମାନେ ଏହା ଦେଖି ଭୟଭୀତ ହେଲେଣି । କିନ୍ତୁ ମୋର ମନେ ହୁଏ, ଏହା ପାଷାଣର ଗୁଣ ନୁହେଁ କି ସମୁଦ୍ରର ଗୁଣ ନୁହେଁ କିମ୍ବା କପିମାନଙ୍କର ଗୌରବ ନୁହେଁ । ଆପଣଙ୍କ ଶକ୍ତି ବଳରେହିଁ ଏପରି ଆଶ୍ଚର୍ଯ୍ୟଜନକ ଘଟଣାମାନ ସହଜରେ ଘଟିଯାଉଛି ବୋଲି ମୋର ଦୃଢ ବିଶ୍ୱାସ ଜାତ ହୋଇଛି ।।

सुग्रीव:

दुर्वृत्तसङ्गतिरनर्थपरम्परायाः
हेतु: सतां भवति किं वचनीयमत्र ।
लङ्केश्वरो हरति दाशरथे: कलत्रं
प्राप्नोति बन्धनमसौ किल सिन्धुनाथ: ।।१०६।।

ସୁଗ୍ରୀବଃ -

ଦୁର୍ବୃତ୍ତସଙ୍ଗତିରନର୍ଥପରମ୍ପରାୟାଃ
ହେତୁଃ ସତାଂ ଭବତି କିଂ ବଚନୀୟମତ୍ର ।
ଲଙ୍କେଶ୍ୱରୋ ହରତି ଦାଶରଥେଃ କଳତ୍ରଂ
ପ୍ରାପ୍ନୋତି ବନ୍ଧନମସୌ କିଳ ସିନ୍ଧୁନାଥଃ ॥୧୦୬॥

※ ସୁଗ୍ରୀବ କହିଲେ -ପ୍ରଭୋ ! ଦୁଷ୍ଟ ଦୁର୍ଜନମାନଙ୍କ ସହିତ ସଙ୍ଗତି ହିଁ ଅନର୍ଥର ମୂଳ କାରଣ । ଏହା ଦ୍ୱାରା ସଜ୍ଜନମାନଙ୍କ କୀର୍ତ୍ତି ନଷ୍ଟ ହୁଏ , ଏହା କହିବା ଅନାବଶ୍ୟକ । ଉଦାହରଣ ସ୍ୱରୂପ ଶ୍ରୀରାମଙ୍କ ପତ୍ନୀଙ୍କୁ ଦୁଷ୍ଟ ରାବଣ ଅପହରଣ କଲା ଏବଂ ସେହି କାରଣରୁ ଅର୍ଥାତ୍ ଦୁର୍ଜନ ସଙ୍ଗତିରୁ ସମୁଦ୍ର ବନ୍ଧନରେ ପଡ଼ିଲା ॥

समुद्रं प्रति वानराः -

खलः करोति दुर्वृत्तं नूनं फलति साधुषु ।
दशाननोऽहरत्सीतां बन्धनं स्यान्महोदधेः ॥१०७॥

ସମୁଦ୍ରଂ ପ୍ରତି ବାନରାଃ -

ଖଳଃ କରୋତି ଦୁର୍ବୃତ୍ତଂ ନୂନଂ ଫଳତି ସାଧୁଷୁ ।
ଦଶାନନୋ ହରତ୍ସୀତାଂ ବନ୍ଧନଂ ସ୍ୟାନ୍ମହୋଦଧେଃ ॥୧୦୭॥

※ ବାନରମାନେ ସମୁଦ୍ରକୁ ଲକ୍ଷ୍ୟ କରି ପରସ୍ପରକୁ କହିଲେ ଦୁଷ୍ଟବ୍ୟକ୍ତି ଯେଉଁ ଅକାର୍ଯ୍ୟ କରନ୍ତି ତା'ର କୁଫଳ ସାଧୁଜନଙ୍କୁ ଭୋଗ କରିବାକୁ ପଡ଼େ । ଦଶାନନରାବଣ ସୀତାଙ୍କୁ ଅପହରଣ କରି ସମୁଦ୍ର ପଥରେ ଯାଇଥିବାରୁ ସେହି ଅପରାଧରେ ସମୁଦ୍ର ଆଜି ବନ୍ଧନଦୁଃଖ ବରଣ କଲେ ॥

जाम्ववानाह-

उत्तुङ्गं निजमानसादपि दृढं सुग्रीवसख्यादपि
श्लिष्टं लक्ष्मणभक्तितोऽप्यविचलं सीताचरित्रादपि ।
दीर्घं रावणमोहतोऽपि गिरिभिस्तैस्तैरहो वानरैः
सेतुं कौणपधूमकेतुमकरोद्रत्नाकरे राघवः ॥१०८॥

ଜାମ୍ବବାନାହ-

ଉତ୍ତୁଙ୍ଗଂ ନିଜମାନସାଦପି ଦୃଢଂ ସୁଗ୍ରୀବସଖ୍ୟାଦପି
ଶ୍ଳିଷ୍ଟଂ ଲକ୍ଷ୍ମଣଭକ୍ତିତୋଽପ୍ୟବିଚଳଂ ସୀତାଚରିତ୍ରାଦପି ।
ଦୀର୍ଘଂ ରାବଣମୋହତୋଽପି ଗିରିଭିସ୍ତୈସ୍ତୈରହୋ ବାନରୈଃ
ସେତୁଂ କୌଣପଧୂମକେତୁମକରୋଦ୍ରତ୍ନାକରେ ରାଘବଃ ॥୧୦୮॥

※ ମନ୍ତ୍ରୀ ଜାମ୍ବବାନ୍ କପିସୈନ୍ୟଙ୍କୁ ଲକ୍ଷ୍ୟ କରି କହିଲେ - ଶ୍ରୀରାମଚନ୍ଦ୍ର ସମୁଦ୍ରରେ ଯେଉଁ ସେତୁବନ୍ଧ ବାନ୍ଧିଲେ ସେହି ବନ୍ଧ ଆମର ମନଠାରୁ ଉଚ୍ଚ ଓ ସୁଗ୍ରୀବଙ୍କ ମିତ୍ରତା ପରି ସୁଦୃଢ

ହୋଇଛି । ପାଷାଣଗୁଡ଼ିକ ଲକ୍ଷ୍ମଣଙ୍କ ଭକ୍ତି ପରି ଦୃଢ ଓ ଦେବୀ ସୀତାଙ୍କ ଚରିତ୍ର ପରି ଅଟଳ ଓ ଅବିଚଳ । ରାବଣର ମୋହଠାରୁ ଦୀର୍ଘତର ଏହି ବନ୍ଧଟି ରାକ୍ଷସକୂଳକୁ ନିପାତ କରିବାରେ ଧୂମକେତୁ ସଦୃଶ ହୋଇଛି ॥

प्रहस्तो रावणं प्रति -

विषमजलधिमध्ये सेतुबन्धं विधाय
निशितशरनिपातै राक्षसेन्द्रं निहत्य ।
यदि नयति स सीतां राम नामा तपस्वी
मशकगलकरन्ध्रे हस्तीयूथं प्रविष्टम् ॥१०९॥

ପ୍ରହସ୍ତୋ ରାବଣଂ ପ୍ରତି -

ବିଷମଜଲଧିମଧ୍ୟେ ସେତୁବନ୍ଧଂ ବିଧାୟ
ନିଶିତଶରନିପାତୈ ରାକ୍ଷସେନ୍ଦ୍ରଂ ନିହତ୍ୟ ।
ଯଦି ନୟତି ସ ସୀତାଂ ରାମ ନାମା ତପସ୍ୱୀ
ମଶକଗଲକରନ୍ଧ୍ରେ ହସ୍ତୀଯୂଥଂ ପ୍ରବିଷ୍ଟମ୍ ॥୧୦୯॥

❊ ମନ୍ତ୍ରୀ ପ୍ରହସ୍ତ ଯାଇ ରାବଣ ଆଗରେ କହିଲା - ଅଗାଧ ସାଗର ଜଳ ମଧ୍ୟରେ ସେତୁବନ୍ଧ ନିର୍ମାଣ କରିଛନ୍ତି ରାମ ନାମକ ତପସ୍ୱୀ । ସେ ତୀକ୍ଷ୍ଣ ଶରରେ ରାକ୍ଷସକୂଳକୁ ସଂହାର କରି ଯଦି ସୀତାଙ୍କୁ ନେଇଯିବେ ତେବେ ମଶକର ଗଳବିବରରେ ହସ୍ତୀଯୂଥ ପ୍ରବେଶ କଲେ ବୋଲି ଧାରଣା ଅମୂଳକ ହେବ ନାହିଁ ॥

इत्यवसरे रावणस्य चेष्टा-

आदौ जहास बहुविस्मयमाप मध्ये
सेतोः समाप्तिसमये स निशाचरेन्द्रः ।
उद्भूतघर्मघननिर्झरसिच्यमान
उत्पातदाहहतपर्वतवच्चकम्पे ॥११०॥

ଇତ୍ୟବସରେ ରାବଣସ୍ୟ ଚେଷ୍ଟା-

ଆଦୌ ଜହାସ ବହୁ ବିସ୍ମୟମାପ ମଧ୍ୟେ
ସେତୋଃ ସମାପ୍ତିସମୟେ ସ ନିଶାଚରେନ୍ଦ୍ରଃ ।
ଉଦ୍‌ଭୂତଘର୍ମଘନନିର୍ଝରସିଚ୍ୟମାନ
ଉତ୍ପାତଦାହହତପର୍ବତବଚ୍ଚକମ୍ପେ ॥୧୧୦॥

❊ ମନ୍ତ୍ରୀ ପ୍ରହସ୍ତର କଥା ଶୁଣି ରାବଣ ପ୍ରଥମେ ହସିଲା ଓ ପରେ ପରେ ବିସ୍ମୟାଭିଭୂତ ହୋଇ ପଡ଼ିଲା । ସେତୁବନ୍ଧ ନିର୍ମାଣ ଶେଷ ହେବାର ସମ୍ବାଦ ପାଇବା ପରେ ରାବଣର ଅଙ୍ଗରୁ ସ୍ୱେଦଜଳ ପ୍ରବାହିତ ହେଲା ଏବଂ ପ୍ରଳୟକାଳରେ ପୃଥିବୀ କମ୍ପିଲା ପରି ତା'ର ଦଶମୁଣ୍ଡ ସହିତ ସର୍ବାଙ୍ଗ ଭୟରେ ଥରିବାକୁ ଲାଗିଲା ॥

माध्वीके विधुमण्डले वरवधूवक्त्रे च गीतान्तरे
सक्ते वक्त्रचतुष्टये दशमुखो विज्ञापितस्तच्चरैः ।
बद्धोऽसाविति चेतरैर्भयवशादूचे वचः संभ्रमा -
दम्भोधिर्जलधिः पयोधिरुदधिर्वारांनिधिर्वारिधिः ॥१११॥

ମାଧ୍ୱୀକେ ବିଧୁମଣ୍ଡଳେ ବରବଧୂବକ୍ତ୍ରେ ଚ ଗୀତାନ୍ତରେ
ସକ୍ତେ ବକ୍ତ୍ରଚତୁଷ୍ଟୟେ ଦଶମୁଖୋ ବିଜ୍ଞାପିତସ୍ତଚ୍ଚରୈଃ ।
ବଦ୍ଧୋଽସାବିତି ଚେତରୈର୍ଭୟବଶାଦୂଚେ ବଚଃ ସଂଭ୍ରମା-
ଦମ୍ଭୋଧିର୍ଜଳଧିଃ ପୟୋଧିରୁଦଧିର୍ବାରାଂନିଧିର୍ବାରିଧିଃ ॥୧୧୧॥

❊ ରାବଣ ଗୋଟିଏ ମୁଖରେ ସୁରା ପାନକରି ଅପର ମୁଖରେ ଚନ୍ଦ୍ରମଣ୍ଡଳକୁ ଚାହିଁବା ସଙ୍ଗେ ସଙ୍ଗେ ଏକ ମୁଖରେ ଯୁବତୀଙ୍କ ମୁଖଚୁମ୍ବନ କରୁଥିଲା ଏବଂ ଅନ୍ୟମୁଖରେ ସଙ୍ଗୀତ ଗାଉଥିଲା । ରାବଣର ଚାରୋଟି ମୁଖ ଏହିପରି ବ୍ୟସ୍ତ ଥିବାବେଳେ ଦୂତ ଉପସ୍ଥିତ ହୋଇ କହିଲା- କପିମାନଙ୍କ ଦ୍ୱାରା ସମୁଦ୍ରରେ ସେତୁବନ୍ଧ ନିର୍ମିତ ହୋଇଗଲା । ରାବଣ ଆଶ୍ଚର୍ଯ୍ୟ ହୋଇ କହିଲା ଅମ୍ଭୋଧି,ଜଳଧି, ଉଦଧି, ବାରିଧି ଆଦି ସବୁରେ କ'ଣ ବନ୍ଧ ହୋଇଗଲା ?

श्रुत्वा सागरबन्धनं दशशिरः सर्वैर्मुखैरेकदा
तूर्णं पृच्छति वार्तिकं सचकितो भीत्याकुलः संभ्रमात् ।
बद्धः सत्यमपांनिधिर्जलनिधिः कीलालधिस्तोयधिः
पाथोधिर्जलधिः पयोधिरुदधिर्वारांनिधिर्वारिधिः ॥११२॥

ଶ୍ରୁତ୍ୱାସାଗରବନ୍ଧନଂ ଦଶଶିରଃ ସର୍ବୈର୍ମୁଖୈରେକଦା
ତୂର୍ଣ୍ଣଂ ପୃଚ୍ଛତି ବାର୍ତ୍ତିକଂ ସଚକିତୋ ଭୀତ୍ୟାକୁଳଃ ସଂଭ୍ରମାତ୍ ।
ବଦ୍ଧଃ ସତ୍ୟମପାଂନିଧିର୍ଜଳନିଧିଃ କୀଲାଳଧିସ୍ତୋୟଧିଃ
ପାଥୋଧିର୍ଜଳଧିଃ ପୟୋଧିରୁଦଧିର୍ବାରାଂନିଧିର୍ବାରିଧିଃ ॥୧୧୨॥

❊ ସାଗରରେ ସେତୁ ନିର୍ମାଣ ଶେଷ ହେବାର ଶୁଣି ରାବଣ ଦଶମୁଖରେ ଏକସମୟରେ ଶୀଘ୍ର ପଚାରିଲା - ରେ ଦୂତ, ତୁ କଣ କହୁଛୁ ? ତୋ' କଥାରେ ମୁଁ ବିସ୍ମିତ ହେଉଛି । ସତରେ କ'ଣ ଜଳନିଧି ସାଗରରେ ବନ୍ଧ ନିର୍ମିତ ହୋଇଗଲା ?

पाषाणाः पयसि प्रसन्नवपुषस्तिष्ठन्ति सेतुं गताः
श्रुत्वेवं वदतां दशाननधरः क्रुद्धः समुद्रं प्रति ।
धिक्त्वां नाम तवाम्बुधिः सलिलधिः पानीयधिस्तोयधिः
पाथोधिर्जलधिः पयोधिरुदधिर्वारांनिधिर्वारिधिः ॥११३॥

ପାଷାଣାଃ ପୟସିପ୍ରସନ୍ନବପୁଷଷ୍ଠିଷ୍ଠନ୍ତି ସେତୁଂ ଗତଃ
ଶ୍ରୁତ୍ୱୈବଂ ବଦତାଂ ଦଶାନନଧରଃ କ୍ରୁଦ୍ଧଃ ସମୁଦ୍ରଂ ପ୍ରତି ।
ଧିକ୍‌ତ୍ୱାଂ ନାମ ତବାମ୍ବୁଧିଃ ସଲିଲଧିଃ ପାନୀୟଧିସ୍ତୋୟଧିଃ
ପାଥୋଧିର୍ଜଲଧିଃ ପୟୋଧିରୁଦଧିର୍ବାରାଂନିଧିର୍ବାରିଧିଃ ॥୧୧୩॥

❊ ରାବଣ କ୍ରୋଧାନ୍ୱିତ ହୋଇ ସମୁଦ୍ରକୁ କହିଲା - ପଥର ସବୁ ଜଳରେ ଭାସିଲା ଓ ତା' ଉପରେ ସେତୁବନ୍ଧ ତିଆରି ହେଲା । ତୋର ନାମ ପରା ଅମ୍ବୋଧ, ଜଳଧି ପୟୋଧି, ବାରିଧି ଇତ୍ୟାଦି । ଏସବୁ ନାମର ମୂଲ୍ୟ କ'ଣ ? ତୋତେ ଶତବାର ଧିକ୍ ।କୁଥାରେ ତୁ ଏପରି ନାମରେ ନାମିତ ହୋଇଛୁ ॥

पीतस्त्वं कलशोद्भवेन मुनिना ध्वस्तोऽसि देवासुरे-
रावद्धोऽसि च राघवेन हरिणा शाखामृगैर्लंघितः ।
नाम्नामारभटी तथैव भवतो लोकैरियं कथ्यते
पाथोधिर्जलधिः पयोधिरुदधिर्वारांनिधिर्वरिधिः ॥११४॥

ପୀତସ୍ତ୍ୱଂ କଳଶୋଦ୍‌ଭବେନ ମୁନିନା ଧ୍ୱସ୍ତୋଽସି ଦେବାସୁରୈ-
ରାବଦ୍ଧୋଽସି ଚରାଘବେନ ହରିଣା ଶାଖାମୃଗୈର୍ଲଙ୍ଘିତଃ ।
ନାମ୍ନାମାରଭଟୀ ତଥୈବ ଭବତୋ ଲୋକୈରିୟଂ କଥ୍ୟତେ
ପାଥୋଧିର୍ଜଳଧିଃ ପୟୋଧିରୁଦଧିର୍ବାରାଂ ନିଧିର୍ବାରିଧିଃ ॥୧୧୪॥

❊ ମୁନି ଅଗସ୍ତି ପ୍ରଥମେ ତୁମକୁ ଚଳୁ କରିଥିଲେ । ଦେବାସୁରଙ୍କ ମନ୍ଥନରେ ତୁମେ ଧ୍ୱସ୍ତ ବିଧ୍ୱସ୍ତ ହୋଇଥିଲ । ବର୍ତ୍ତମାନ ଶ୍ରୀରାମଚନ୍ଦ୍ର ତୁମଉପରେ ବନ୍ଧ ବାନ୍ଧିଲେ । ବାନରବାହିନୀ ସେହି ବନ୍ଧ ଉପରେ ଚାଲି ଚାଲି ସମୁଦ୍ର ପାର ହେଲେ ; କିନ୍ତୁ ଲୋକେ ତୁମକୁ ପୟୋଧି, ଜଳଧ, ବାରିଧି, ବାରାଂନିଧି ଆଦି ନାମରେ ପ୍ରଚାର କରୁଛନ୍ତି ॥

रावण: - (स्वगतम्)

जातो ब्रह्मकुलेऽग्रजो धनपतिर्यः कुम्भकर्णोऽनुजः
पुत्रः शक्रजयी स्वयं दशशिराः दोर्दण्डका विंशतिः ।
अस्त्रं कालसमं विमानमभयं मध्ये समुद्रं पुरी
सर्वं निष्फलमेव दैवनिहितं दैवं परः दुर्जयः ॥११५॥

ରାବଣଃ (ସ୍ୱଗତମ୍)

ଜାତୋ ବ୍ରହ୍ମକୁଳେଽଗ୍ରଜୋ ଧନପତିର୍ଯଃ କୁମ୍ଭକର୍ଣ୍ଣୋଽନୁଜଃ
ପୁତ୍ରଃ ଶକ୍ରଜୟୀ ସ୍ୱୟଂ ଦଶଶିରାଃ ଦୋର୍ଦଣ୍ଡକା ବିଂଶତିଃ ।
ଅସ୍ତ୍ରଂ କାଳସମଂ ବିମାନମଭୟଂ ମଧ୍ୟେ ସମୁଦ୍ରଂ ପୁରୀ
ସର୍ବଂ ନିଷ୍ଫଳମେବ ଦୈବନିହିତଂ ଦୈବଂ ପରଃ ଦୁର୍ଜୟଃ ॥୧୧୫॥

❊ ରାବଣ ମନେ ମନେ ଭାବିଲା - ବ୍ରହ୍ମାଙ୍କ ବଂଶ ବ୍ରାହ୍ମଣ କୁଳରେ ଜନ୍ମହେଲି । ଧନପତି କୁବେର ମୋର ବଡ଼ ଭାଇ ଓ କୁମ୍ଭକର୍ଣ୍ଣ ପରି ବୀର ମୋର ସାନ ଭାଇ । ମୋର ପୁତ୍ର ଇନ୍ଦ୍ରବିଜୟୀ ଓ ମୁଁ

ନିଜେ ତ୍ରିପୁରବିଜୟୀ ଦଶମୁଖ ଓ ବିଂଶବାହୁ ରୂପେ ବିଖ୍ୟାତ । ମୋର ଅସ୍ତ୍ର କାଳଯମ ପରି ଭୟଙ୍କର । ମୋର ବିମାନ ଅଭୟ ଓ ସମୁଦ୍ର ମଧ୍ୟରେ ମୋର ନଗର । ଦୁର୍ଭାଗ୍ୟବଶତଃ ଏସବୁ ଆଜି ନିଷ୍ଫଳ ଓ ନିରର୍ଥକ ହୋଇଛି । ତେଣୁ ଦୈବବଳ ହିଁ ପ୍ରଧାନ ବଳ ଏଥିରେ ସନ୍ଦେହ ନାହିଁ ॥

सिन्धोः बन्धने लङ्कावासिनां चेष्टा-

मरुत्पुत्रस्त्वेकः कपिकटकरक्षामणिरसौ
समुद्यल्लाङ्गुलो ध्वज इव समाश्लिष्टगगनः ।
पुनः प्रत्यायास्यत्यहह कपिनाथे प्रचलिते
वचः प्रोचुर्नीचैर्भयचकितलङ्कापुरजनाः ॥११६॥

ସିନ୍ଧୋଃ ବନ୍ଧନେ ଲଙ୍କାବାସିନାଂ ଚେଷ୍ଟା-

ମରୁତ୍ପୁତ୍ରସ୍ତ୍ୱେକଃ କପିକଟକରକ୍ଷାମଣିରସୌ
ସମୁଦ୍ୟଲ୍ଲାଙ୍ଗୁଲୋ ଧ୍ୱଜ ଇବ ସମାଶ୍ଲିଷ୍ଟଗଗନଃ ।
ପୁନଃ ପ୍ରତ୍ୟାୟାସ୍ୟତ୍ୟହହ କପିନାଥେ ପ୍ରଚଳିତେ
ବଚଃ ପ୍ରୋଚୁର୍ନୀଚୈର୍ଭୟଚକିତଲଙ୍କାପୁରଜନାଃ ॥୧୧୬॥

❋ ସମୁଦ୍ରରେ ସେତୁବନ୍ଧ ନିର୍ମିତ ହୋଇସାରିଥିବାର ଶୁଣି ଲଙ୍କାବାସୀ ଅସୁରମାନେ ପରସ୍ପରକୁ କହିଲେ - ବାୟୁପୁତ୍ର ବାନର ହନୁମାନ ଏକା ଆସି ସମଗ୍ର ଲଙ୍କାକୁ ପୋଡ଼ି ଛାରଖାର କରିଦେଇଗଲା । ସେହି କପି ନିଜଲାଙ୍ଗୁଳକୁ ଧ୍ୱଜଦଣ୍ଡ ପରି ଆକାଶକୁ ଉଠାଇ ବାନର ବାହିନୀ ସହିତ ପୁଣି ଆସୁଛି । ଏହା ଶୁଣି ଲଙ୍କାବାସୀ ବିସ୍ମିତ ଓ ଭୟଭୀତ ହୋଇପଡ଼ିଲେ ॥

अत्रान्तरे वानरसेना-

अष्टादशमहापद्मसेनाध्यक्षाधिपालिता ।
सा वानरचमूस्तेन सेतुना गन्तुमुद्ययौ ॥११७॥

ଅତ୍ରାନ୍ତରେ ବାନରସେନା-

ଅଷ୍ଟାଦଶମହାପଦ୍ମସେନାଧ୍ୟକ୍ଷାଧିପାଳିତା ।
ସା ବାନରଚମୂସ୍ତେନ ସେତୁନା ଗନ୍ତୁମୁଦ୍ୟଯୌ ॥୧୧୭॥

❋ ଏହାପରେ ସେନାପତିଙ୍କ ସହିତ ଅଷ୍ଟାଦଶ ମହାପଦ୍ମ(ଅଠର ଲକ୍ଷ କୋଟି)ସଂଖ୍ୟକ ବାନରସେନା ସେତୁବନ୍ଧ ଉପରଦେଇ ଲଙ୍କା ବିଜୟ ପାଇଁ ପ୍ରସ୍ତୁତ ହେଲେ ॥

कृतकलकलशब्दं त्रासिताशेषलोकं
प्लवगनृपतिसैन्यं सेतुना तेन नीत्वा ।
मुदितविपिनदुर्गे पर्वतेऽसौ सुवेले
शिबिरमकृतलङ्कानाथनाशाय रामः ॥११८॥

କୃତକଳକଳଶବ୍ଦଂ ତ୍ରାସିତାଶେଷଲୋକଂ
ପ୍ଲବଗନୃପତିସୈନ୍ୟଂ ସେତୁନା ତେନ ନୀତ୍ୱା ।
ମୁଦିତ ବିପିନଦୁର୍ଗେ ପର୍ବତୋଽସୌ ସୁବେଳେ
ଶିବିରମକୃତଲଙ୍କାନାଥନାଶାୟ ରାମଃ ॥୧୧୮॥

❋ ବାନରବାହିନୀ କିଳିକିଳା ନାଦ କରି ବାହାରିବା ସମୟରେ ସେହି ଶବ୍ଦ ଶୁଣି ସମସ୍ତେ ଭୟଭୀତ ହୋଇପଡ଼ିଲେ । ସୁଗ୍ରୀବ ବାନରସୈନ୍ୟଙ୍କୁ ସେତୁ ଉପରେ ନେଇ ସୁବେଳ ପର୍ବତରେ ପ୍ରବେଶ କଲେ । ସେଠାରେ ଦୁର୍ଗ ତିଆରି କରି ସୈନ୍ୟମାନେ ରହିଲେ । ଲଙ୍କାଧିପତି ରାବଣର ବିନାଶ ପାଇଁ ଶ୍ରୀରାମ ଶିବିରରେ ଆଶ୍ରୟନେଲେ ॥

रामशिविरान्वेषणे रावणेन प्रहितो शुकसारणो-
आयातो शुकसारणो दशमुखप्रस्थापितो द्वौ चरो
देहं वानरमाश्रितो च कटकं संख्यातुमभ्येत्य तो ।
विज्ञायाथ विभीषणेन यमितो रामाय दत्तो च तो
मुक्तो तो प्रभुणा विलोक्य कटकं रामाज्ञया तो गतो ॥११९॥

ରାମଶିବିରାନ୍ୱେଷଣେ ରାବଣେନ ପ୍ରହିତୌ ଶୁକସାରଣୌ-
ଆୟାତୌ ଶୁକସାରଣୌ ଦଶମୁଖପ୍ରସ୍ଥାପିତୌ ଦ୍ୱୌ ଚରୌ
ଦେହଂ ବାନରମାଶ୍ରିତୌ ଚ କଟକଂ ସଂଖ୍ୟାତୁମଭ୍ୟେତ୍ୟ ତୌ
ବିଜ୍ଞାୟାଥ ବିଭୀଷଣେନ ଯମିତୌ ରାମାୟ ଦତ୍ତୌ ଚ ତୌ
ମୁକ୍ତୌ ତୌ ପ୍ରଭୁଣା ବିଲୋକ୍ୟ କଟକଂ ରାମାଜ୍ଞ ୟା ତୌ ଗତୌ ॥୧୧୯॥

❋ ଶ୍ରୀରାମଙ୍କ ଶିବିର ଅନ୍ୱେଷଣ ପାଇଁ ରାବଣ ଦ୍ୱାରା ଆଦିଷ୍ଟ ହୋଇ ଶୁକ ଓ ସାରଣ ନାମରେ ଦୁଇଜଣ ଭୃତ୍ୟ ଆସିଲେ ଏବଂ ବାନର ରୂପ ଧାରଣ କରି ଦୁର୍ଗ ଓ ସୈନ୍ୟବାହିନୀ ଅନୁସନ୍ଧାନ କାର୍ଯ୍ୟରେ ଲାଗିପଡ଼ିଲେ । ବିଭୀଷଣ ଏହା ଜାଣିପାରି ଅସୁର ଦୁହିଁଙ୍କୁ ଧରି ନେଇ ଶ୍ରୀରାମଙ୍କ ପାଖରେ ଛାଡ଼ିଲେ । ଶ୍ରୀରାମଚନ୍ଦ୍ର ସେ ଦୁହିଁଙ୍କୁ ସମସ୍ତ କଟକ ବୁଲାଇ ଦେଖାଇବାକୁ ଆଦେଶ ଦେଲେ । ସେ ଦୁହେଁ ସବୁ ଦେଖିସାରି ଲଙ୍କାକୁ ଫେରିଗଲେ ॥

तयोः समागतयो रावणेन निवेदनम् -
आकाशे दिशिकानने जलनिधो शैले तटे गह्वरे
न स्थानं तिलधारणाय कलितं संख्या कथं कथ्यताम् ।
भ्रात्रा ते यमितो कपीन्द्रकटकं निर्दशयित्वोज्झितो
श्रीरामेण महात्मना कुरु यथायोगं प्रभो रावण ॥१२०॥

ତୟୋଃ ସମାଗତୟୋ ରାବଣେନ ନିବେଦନମ୍-
ଆକାଶେ ଦିଶି କାନନେ ଜଳନିଧୌ ଶୈଳେ ତଟେ ଗହ୍ୱରେ
ନ ସ୍ଥାନଂ ତିଳଧାରଣାୟ କଳିତଂ ସଂଖ୍ୟା କଥଂ କଥ୍ୟତାମ୍ ।

ଭ୍ରାତା ତେ ଯମିତୌ କପୀନ୍ଦ୍ରକଟକଂ ନିର୍ଦ୍ଦେଶୟିଦ୍ଧ୍ୱୋଜଣ୍ଟିତୌ
ଶ୍ରୀରାମେଣ ମହାତ୍ମନା କୁରୁ ଯଥାଯୋଗଂ ପ୍ରଭୋ ରାବଣ ॥୧୨୦॥

❊ ଶୁକ ଓ ସାରଣ ଫେରିଆସି ରାବଣଙ୍କୁ କହିଲେ - ପ୍ରଭୋ ରାବଣ ! ଆକାଶ, କାନନ, ସାଗର, ପର୍ବତ ଉପତ୍ୟକା, ଗୁମ୍ଫା ସର୍ବତ୍ର ବାନରସୈନ୍ୟ ପୂରି ରହିଛନ୍ତି । ତିଳଟିଏ ପକାଇବାକୁ ସ୍ଥାନ ନାହିଁ, ଆଉ ତାଙ୍କ ସଂଖ୍ୟା କିଏ ଗଣନା କରିପାରିବ ? ଆମେ କପିବେଶ ଧାରଣ କରି ଯାଇଥିଲୁ କିନ୍ତୁ ବିଭୀଷଣ ଆମକୁ ଧରିନେଇଗଲେ । ଶ୍ରୀରାମଚନ୍ଦ୍ର ଆମକୁ ବନ୍ଧନମୁକ୍ତ କରି କପିସୈନ୍ୟ ଦେଖାଇବାକୁ ଆଦେଶ ଦେଲେ ॥

प्रासादमध्यिरुह्य रावणेन पृष्टयोः शुकसारणयोर्वचनम्-

अङ्के कृत्वोत्तमाङ्गं प्लवगकुलपतेः पादमक्षस्य हन्तु -
भूमौ विस्तारितायां त्वचि कनकमृगस्याङ्गशेषं निधाय ।
बाणं रक्षः कुलघ्नं प्रगुणितमनुजेनार्पितं तीक्ष्णमक्ष्णोः
कोणे नोद्वीक्ष्यमाणस्त्वदनुजवचने दत्तकर्णोऽयमास्ते ॥१२१॥

ପ୍ରାସାଦମଧିରୁହ୍ୟ ରାବଣେନ ପୃଷ୍ଟୟୋଃ ଶୁକସାରଣୟୋର୍ବଚନମ୍-

ଅଙ୍କେ କୃତ୍ୱୋତ୍ତମାଙ୍ଗଂ ପ୍ଲବଗକୁଳପତେଃ ପାଦମକ୍ଷସ୍ୟ ହନ୍ତୁ -
ଭୂମୌ ବିସ୍ତାରିତାୟାଂ ତ୍ୱଚି କନକମୃଗସ୍ୟାଙ୍ଗଶେଷଂ ନିଧାୟ ।
ବାଣଂ ରକ୍ଷଃକୁଳଘ୍ନଂ ପ୍ରଗୁଣିତମନୁଜେନାର୍ପିତଂ ତୀକ୍ଷ୍ଣମକ୍ଷ୍ଣୋଃ
କୋଣେନୋଦ୍‌ବୀକ୍ଷ୍ୟମାଣସ୍ତ୍ୱଦନୁଜବଚନେ ଦତ୍ତକର୍ଣ୍ଣୋଽୟମାସ୍ତେ ॥୧୨୧॥

❊ ପ୍ରାସାଦ ଉପରକୁ ଯାଇ ରାବଣ ପଚାରିବାରୁ ଶୁକସାରଣ କହିଲେ- ବାନରରାଜ ସୁଗ୍ରୀବଙ୍କ କୋଳରେ ମସ୍ତକ ଓ ଅକ୍ଷୟ କୁମାରର ହତ୍ୟାକରୀ ହନୁମାନ ଉପରେ ପାଦଦ୍ୱୟ ରଖି ଯେ ମୃଗଚର୍ମ ବିଛାଇ ଶୋଇଛନ୍ତି ସେ ହେଉଛନ୍ତି ଶ୍ରୀରାମଚନ୍ଦ୍ର । ପାଖରେ ଲକ୍ଷ୍ମଣ ଅସୁରକୁଳ ବିନାଶକ ସୁତୀକ୍ଷ୍ଣ ବାଣଗୁଡ଼ିକ ସଜାଡ଼ି ରଖୁଛନ୍ତି । କୋଣରେ ବସି ତୁମର ସାନଭାଇ ଯାହା କହୁଛନ୍ତି ଶ୍ରୀରାମ କାନ ଡେରି ସେକଥା ଶୁଣୁଛନ୍ତି ॥

इत्यवसरे रावणामाता निकषा -

मानवेन हता दैत्या ऋक्षैर्बद्धोऽपि सागरः ।
वानरैर्वेष्टिता लङ्का जीवद्भिः किं न दृश्यते ॥१२२॥

ଇତ୍ୟବସରେ ରାବଣମାତା ନିକଷା-

ମାନବେନ ହତା ଦୈତ୍ୟା ଋକ୍ଷୈର୍ବଦ୍ଧୋଽପି ସାଗରଃ ।
ବାନରୈର୍ବେଷ୍ଟିତା ଲଙ୍କା ଜୀବଦ୍‌ଭିଃ କିଂ ନ ଦୃଶ୍ୟତେ ॥୧୨୨॥

❋ ଏହି ଅବସରରେ ରାବଣଜନନୀ ନିକଷା କହିଲେ -ମନୁଷ୍ୟମାନଙ୍କ ଦ୍ୱାରା ଅସୁରଙ୍କର ବିନାଶ ଓ ଭଲ୍ଲୁକବାନରମାନଙ୍କ ଦ୍ୱାରା ସାଗର ବନ୍ଧନ ଓ ବାନର ମାନଙ୍କ ଦ୍ୱାରା ଲଙ୍କା ଅବରୋଧ ମୁଁ ନିଜ ଆଖିରେ ଦେଖିଲି । ନିଶ୍ଚିତ ଥିଲେ ଏପରି ଅନେକ ଅସମ୍ଭବ କଥା ଦେଖିବାକୁ ହୁଏ ॥

रावणः - (साश्चर्य्यम्)

आश्चर्यं तापसोऽसौ गिरिकुहरगताञ्चानरान्मेलयित्वा
वाञ्छत्यागत्य नेतुं किल जनकसुतां मद्गृहीतां दुरात्मा ।
दन्तासक्तं हरेः कः खरनखरमुखोत्खातमत्तेभकुम्भाद्
भ्रस्यद्रक्ताक्तमुक्ताफलनिकरसास्वादशक्तस्य शक्तः ॥१२३॥

ରାବଣଃ (ସାଶ୍ଚର୍ଯ୍ୟମ୍)-

ଆଶ୍ଚର୍ଯ୍ୟଂ ତାପସୋଽସୌ ଗିରିକୁହରଗତାନ୍ୱାନରାନ୍ମେଳୟିତ୍ୱା
ବାଞ୍ଛତ୍ୟାଗତ୍ୟ ନେତୁଂ କିଳ ଜନକସୁତାଂ ମଦ୍ଗୃହୀତାଂ ଦୁରାତ୍ମା ।
ଦନ୍ତାସକ୍ତଂ ହରେଃ କଃ ଖରନଖରମୁଖୋତ୍ଖାତମତ୍ତେଭକୁମ୍ଭାଦ୍
ଭ୍ରସ୍ୟଦ୍ରକ୍ତାକ୍ତମୁକ୍ତାଫଳନିକରରସାସ୍ୱାଦଶକ୍ତସ୍ୟ ଶକ୍ତଃ ॥୧୨୩॥

❋ ଆଶ୍ଚର୍ଯ୍ୟ ହୋଇ ରାବଣ ମନେମନେ ଭାବିଲା, ଆଶ୍ଚର୍ଯ୍ୟର କଥା ସିଂହ କବଳରେ ପଡ଼ିଥିବା ଶଶକ ତାର ନଖଦନ୍ତ ଆଘାତରେ ଯେପରି ମାରିପାରେ ନାହିଁ ଓ ମୂଷିକଯେପରି ତାର ତୀକ୍ଷଣ ଦନ୍ତରେ ଗଜମୁକ୍ତାକୁ କାଟି ପାରେନାହିଁ, ସେହିପରି ଜଣେ ଦୁରାତ୍ମା ତପସୀ ପାହାଡ଼ ଗୁମ୍ଫାରେ ବାସ କରୁଥିବା ବାନରମାନଙ୍କୁ ସଂଗଠିତ କରି ଲଙ୍କାକୁ ଆସି ମୁଁ ଆଣିଥିବା ଜନକସୁତାଙ୍କୁ ଛଡ଼ାଇ ନେବା ପାଇଁ ଭାବିଛି ।

मरुच्चन्द्रादित्या शतमखमुखास्ते क्रतुभुजः
पुरद्वारे यस्याः सभयमुपसर्पन्त्यनुदिनम् ।
प्रकोपव्याकम्पाधरतटपुटैर्वानरभटैः
समाक्रान्ता सेयं शिव शिव दशग्रीवनगरी ॥१२४॥

ମରୁଚ୍ଚନ୍ଦ୍ରାଦିତ୍ୟା ଶତମଖମୁଖାସ୍ତେ କ୍ରତୁଭୁଜଃ
ପୁରଦ୍ୱାରେ ଯସ୍ୟାଃ ସଭୟମୁପସର୍ପନ୍ତ୍ୟନୁଦିନମ୍ ।
ପ୍ରକୋପବ୍ୟାକମ୍ପାଧରତଟପୁଟୈର୍ବାନରଭଟୈଃ
ସମାକ୍ରାନ୍ତା ସେୟଂ ଶିବ ଶିବ ଦଶଗ୍ରୀବନଗରୀ ॥୧୨୪॥

❋ ରାବଣ ପୁଣି ଭାବିଲା- ସୂର୍ଯ୍ୟ,ଚନ୍ଦ୍ର,ବାୟୁ, ଇନ୍ଦ୍ର, ବରୁଣାଦି ଦେବଗଣ ଭୟରେ ଯାହା ଗୃହରେ ଦାସରୂପେ କାର୍ଯ୍ୟ କରୁଛନ୍ତି ଓ ଯେ ପ୍ରକୁପିତ ହେବା ମାତ୍ରେ ନରବାନରାଦି ସମସ୍ତେ ଭୟରେ ଦୂରକୁ ପଳାଇଯାନ୍ତି, ସେମାନେ ଆଜି ଦଶଗ୍ରୀବ ନଗରୀକୁ ଆକ୍ରମଣ କରିବାକୁ ବସିଛନ୍ତି । ଶିବ ଶିବ ଶିବ, କାହାକୁ ଏକଥା କହିବି ?

इत्युक्त्वा शुकसारणौ तिरस्कृत्य निसार्य च रामं प्रति रावणस्य पत्रलिखनम् -

स्वस्तिश्रीदशकन्धरस्त्रिभुवनव्यापि प्रतापानलो
व्यामुग्धं लिखतीन्द्रवज्रभिदुरो रामं वने वासिनम् ।
आनीता जनकात्मजा किल मया सुग्रीवसेनान्वितो
नेतुं वाञ्छसि मूढ तापस कथं प्राणैः परिक्रीड़से ।।१२५।।

ଇତ୍ୟୁକ୍ତ୍ୱା ଶୁକସାରଣୌ ତିରସ୍କୃତ୍ୟ ନିଃସାର୍ଯ୍ୟ ଚ ରାମଂ ପ୍ରତି ରାବଣସ୍ୟ ପ୍ରତିଲେଖନମ୍ -

ସ୍ୱସ୍ତିଶ୍ରୀଦଶକନ୍ଧରସ୍ତ୍ରିଭୁବନବ୍ୟାପି ପ୍ରତାପାନଳୋ
ବ୍ୟାମୁଗ୍ଧଂ ଲିଖତୀନ୍ଦ୍ରବଜ୍ରଭିଦୁରୋ ରାମଂ ବନେ ବାସିନମ୍ ।
ଆନୀତା ଜନକାତ୍ମଜା କିଲ ମୟା ସୁଗ୍ରୀବସେନାନ୍ୱିତୋ
ନେତୁଂ ବାଞ୍ଛସି ମୂଢ ତାପସ କଥଂ ପ୍ରାଣୈଃ ପରିକ୍ରୀଡ଼ସେ ।।୧୨୫।।

❋ ଏହା କହି ଶୁକସାରଣଙ୍କୁ ଗାଳିଦେଲା ଓ ବାହାର କରି ଦେଇ ରାବଣ ଶ୍ରୀରାମଙ୍କୁ ପତ୍ରଟିଏ ଲେଖିଲା । ସ୍ୱସ୍ତିଶ୍ରୀ, ଦଶମୁଖରାବଣ ଯାହାର ପ୍ରତାପାନଳ ତ୍ରିଭୁବନକୁ ବ୍ୟାପିଛି, ତ୍ରିଭୁବନବିଜୟୀ, ବଜ୍ରକଠୋର ଶରୀର ରାବଣ ବନବାସୀ ରାମକୁ ଏହି ପତ୍ର ଲେଖୁଛି । ମୁଁ ଜାନକୀଙ୍କୁ ବଳପୂର୍ବକ ନେଇ ଆସିଛି । ରେ ମୂର୍ଖ ତପସ୍ୱୀ, ସୁଗ୍ରୀବର ବାହିନୀ ସହିତ ମିଶି ତୁ ସୀତାଙ୍କୁ ଫେରାଇ ନେବାକୁ ଇଚ୍ଛା କରି ପ୍ରାଣ ସହିତ କାହିଁକି ଖେଳୁଛୁ ?

निकुम्भसन्निकटमागत्य मौखिकोक्तिः -

इन्द्राद्यास्त्रिदशाः विलोक्य समरे यं विद्रवन्ति द्रुतं
तं त्वं तापस रावणं कथमलं योद्धुं किमु स्पर्द्धसे ।
अज्ञस्त्वं प्रतिपक्षराक्षसमुखे मोहान्मदं मा कृथाः
सीताया विनिवृत्य याहि भवनं गत्वेति शीघ्रं वद ।।१२६।।

ନିକୁମ୍ଭସନ୍ନିକଟମାଗତ୍ୟ ମୌଖିକୋକ୍ତିଃ -

ଇନ୍ଦ୍ରାଦ୍ୟାସ୍ତ୍ରିଦଶାଃ ବିଲୋକ୍ୟ ସମରେ ଯଂ ବିଦ୍ରବନ୍ତି ଦ୍ରୁତଂ
ତଂ ତ୍ୱଂ ତାପସ ରାବଣଂ କଥମଳଂ ଯୋଦ୍ଧୁଂ କିମୁ ସ୍ପର୍ଦ୍ଧସେ ।
ଅଜ୍ଞସ୍ତ୍ୱଂ ପ୍ରତିପକ୍ଷରାକ୍ଷସମୁଖେ ମୋହାନ୍ ମଦଂ ମା କୃଥାଃ
ସୀତାୟାଃ ବିନିବୃତ୍ୟ ଯାହି ଭବନଂ ଗତ୍ୱେତି ଶୀଘ୍ରଂ ବଦ ।।୧୨୬।।

❋ ରାବଣ ନିକୁମ୍ଭକୁ ପାଖକୁ ଡାକି କହିଲା - ତୁ ଶୀଘ୍ର ଯାଇ ରାମକୁ କହିବୁ, ଇନ୍ଦ୍ରାଦି ଦେବଗଣ ଯୁଦ୍ଧରେ ଯାହାକୁ ଦେଖି ପଳାଇଯାନ୍ତି, ତୁମେ ତପସ୍ୱୀ ହୋଇ ତାଙ୍କ ସହିତ ଯୁଦ୍ଧ କରିବା ପାଇଁ କିପରି ସାହସ କରୁଛ ? ତୁମେ ଜଣେ ମୂର୍ଖ । ବୃଥାରେ ଗର୍ବ କର ନାହିଁ । ସୀତାଙ୍କୁ ପାଇବା ଆଶା ଛାଡ଼ି ଶୀଘ୍ର ଘରକୁ ଫେରିଯାଅ ।।

पुनर्लेखारम्भः -

रे रे तापस मूढ रावणहृतामुद्धर्त्तुकामः प्रियां
किं लङ्काभिमुखं प्रयासि कपिभिः प्रोत्साहितः कातरैः ।
को यत्नं कुरुते च पन्नगपते रत्नं फणामण्डला-
दाक्रष्टुं किल चेतनां परगतः स्वाश्रेयसं चिन्तयन् ॥१२७॥

ପୁନର୍ଲେଖାରମ୍ଭଃ -

ରେ ରେ ତାପସ ମୂଢ ରାବଣହୃତାମୁର୍ଦ୍ଧର୍ତ୍ତୁକାମଃ ପ୍ରିୟାଂ
କିଂ ଲଙ୍କାଭିମୁଖଂ ପ୍ରୟାସି କପିଭିଃ ପ୍ରୋତ୍ସାହିତଃ କାତରୈଃ ।
କୋ ଯତ୍ନଂ କୁରୁତେ ଚ ପନ୍ନଗପତେ ରତ୍ନଂ ଫଣାମଣ୍ଡଳା-
ଦାକ୍ରଷ୍ଟୁଂ କିଲ ଚେତନାଂ ପରଗତଃ ସ୍ୱାଶ୍ରେୟସଂ ଚିନ୍ତୟନ୍ ॥୧୨୭॥

❋ କ୍ରୋଧାନ୍ୱିତ ହୋଇ ରାବଣି ପୁଣି ପତ୍ର ଲେଖିଲା - ରେ ମୂର୍ଖ ତପସ୍ୱୀ, ରାବଣ ଅପହରଣ କରିଥିବା ତୋର ପତ୍ନୀକୁ ଉଦ୍ଧାର କରିବା ପାଇଁ ଭୟାଳୁ ବାନରମାନଙ୍କ ଦ୍ୱାରା ଉତ୍ସାହିତ ହୋଇ କାହିଁକି ଲଙ୍କା ଅଭିମୁଖେ ଆସୁଛୁ ସର୍ପରାଜ ବାସୁକୀଙ୍କ ମସ୍ତକରେ ଥିବା ରତ୍ନକୁ ନେବା ପାଇଁ ନିଜର ଅମଙ୍ଗଳ କଥାଭାବି କେହି ସାହସ କରେ ନାହିଁ ॥

यश्छित्वा मुदितः शिरांसि कृतवानर्च्चां भवानीपते -
र्यस्याज्ञावशवर्त्तिनोऽमरगणा यः सर्वमायानिधिः ।
यः कैलासगिरि भुजैस्तुलितवान्यःकालदर्पापह-
स्तं त्वं तापस दोर्वलैर्जलनिधिं बद्ध्वा कथं जेष्यसि ॥१२८॥

ଯଶ୍ଛିତ୍ୱା ମୁଦିତଃ ଶିରାଂସି କୃତବାନର୍ଚ୍ଚାଂ ଭବାନୀପତେ
ର୍ଯସ୍ୟାଜ୍ଞାବର୍ତ୍ତିନୋଽମରଗଣା ଯଃ ସର୍ବମାୟାନିଧିଃ ।
ଯଃ କୈଳାସଗରିଂ ଭୁଜୈସ୍ତୁଳିତବାନ୍ୟଃ କାଳଦର୍ପାପହ-
ସ୍ତଂ ତ୍ୱଂ ତାପସ ଦୋର୍ବଳୈର୍ଜଳନିଧିଂ ବଦ୍ଧ୍ୱା କଥଂ ଜେଷ୍ୟସି ॥୧୨୮॥

❋ ଯେଉଁ ରାବଣ ନିଜର ମସ୍ତକକୁ ଛିନ୍ନ କରି ପୂଜାଦ୍ୱାରା ଶିବଙ୍କୁ ସନ୍ତୁଷ୍ଟ କରିଥିଲା, ଇନ୍ଦ୍ରାଦିଦେବଗଣ ଯାହାର ଆଦେଶ ପାଳନ କରନ୍ତି, ସର୍ବବିଧ ମାୟାର ଯେ ସାଗର ଓ ସର୍ବଗୁଣସମ୍ପନ୍ନ, ବାହୁବଳରେ ଯେ କୈଳାସଗିରିକୁ ଉପାଡ଼ି ଟେକି ଧରିଥିଲା, ସେହି ଲଙ୍କାଧିପତି ଦଶାନନକୁ କେଉଁ ସାହସରେ ଜୟ କରିବୁ ବୋଲି ଆଶା କରିଛୁ ? ସମୁଦ୍ରରେ ସେତୁବନ୍ଧଟିଏ ବାନ୍ଧି ମନରେ ତୋର ନିଶ୍ଚୟ ଗର୍ବଜାତ ହୋଇଛି ॥

यावन्नायाति रुष्टः प्रलयघनघटाघोरनादैर्विचित्रः
संग्रामं कुम्भकर्णस्त्यज समररसं राम तादृक् स वीरः ।
आयाते कुम्भकर्णे कपिवलसहितः स्थास्यसि त्वं सुदूरं
स्थास्यन्ते तेऽद्रयोऽपि क्षणमपि चपलश्वासवातैर्विधूताः ॥१२९॥

ଯାବନ୍ନାୟାତି ରୁଷ୍ଟଃ ପ୍ରଳୟଘନଘଟାଘୋରନାଦୈର୍ବିଚିତ୍ରଃ
ସଂଗ୍ରାମଂ କୁମ୍ଭକର୍ଣ୍ଣସ୍ତ୍ୟଜ ସମରରସଂ ରାମ ତାଦୃକ୍ ସ ବୀରଃ ।
ଆୟାତେ କୁମ୍ଭକର୍ଣ୍ଣେ କପିବଳସହିତଃ ସ୍ଥାସ୍ୟସି ତ୍ୱଂ ସୁଦୂରଂ
ସ୍ଥାସ୍ୟନ୍ତେ ତେଽଦ୍ରୟୋଽପି କ୍ଷଣମପି ଚପଳଶ୍ୱାସବାତୈର୍ବିଧୂତାଃ ॥୧୨୯॥

❊ ପ୍ରଳୟକାଳୀନ ମେଘ ଗର୍ଜନ ସଦୃଶ ବିଚିତ୍ର ଭାବେ ଗର୍ଜନ କରି କ୍ରୋଧାନ୍ୱିତ କୁମ୍ଭକର୍ଣ୍ଣ ଯୁଦ୍ଧଭୂମିରେ ଅବତୀର୍ଣ୍ଣ ହେବା ପୂର୍ବରୁ ରେ ରାମ ତୁ ଯୁଦ୍ଧର ଅଭିଳାଷ ପରିତ୍ୟାଗ କର । କୁମ୍ଭକର୍ଣ୍ଣ ଆଗରେ କପିସୈନ୍ୟ ସହିତ ତୋର ଅସ୍ତିତ୍ୱ ରହିବ ନାହିଁ । ପର୍ବତମାନ ଉପାଡ଼ି ଆଣି ଯେଉଁ ସେତୁବନ୍ଧ ବାନ୍ଧିଛୁ ତାର ନିଶ୍ୱାସ ବାୟୁରେ ସେସବୁ କ୍ଷଣକମଧ୍ୟରେ ଉଡ଼ିଯିବ ॥

लिपिं गृहीत्वा निकुम्भः -
आदाय लेख्यं दशकन्धरस्य गत्वा निकुम्भो गजरूपधारी ।
ददौ रघूणां पतये पुरस्तादुपेत्य गाढारभटापटीयान् ॥१३०॥

ଲିପିଂ ଗୃହୀତ୍ୱା ନିକୁମ୍ଭଃ -
ଆଦାୟ ଲେଖ୍ୟଂ ଦଶକନ୍ଧରସ୍ୟ ଗତ୍ୱା ନିକୁମ୍ଭୋ ଗଜରୂପଧାରୀ ।
ଦଦୌ ରଘୂଣାଂ ପତୟେ ପୁରସ୍ତାଦୁପେତ୍ୟ ଗାଢାରଭଟାପଟୀୟାନ୍ ॥୧୩୦॥

❊ ରାବଣ ଲିଖିତ ପତ୍ରଟି ନେଇ ହସ୍ତୀରୂପଧାରୀ ନିକୁମ୍ଭ ବାନର ବାହିନୀ ପରିବେଷ୍ଟିତ ଶ୍ରୀରାମଙ୍କ ହସ୍ତରେ ଦେଲା ॥

लेखां प्राप्य रामः सुग्रीवं प्रति -
लङ्काप्रस्थापनायोग्यः कोऽस्ति वीरो महाबलः ।
राजवंशोद्भवो विद्वान् समानेय कपीश्वरः ॥१३१॥

ଲେଖାଂ ପ୍ରାପ୍ୟ ରାମଃ ସୁଗ୍ରୀବଂ ପ୍ରତି
ଲଙ୍କାଂ ପ୍ରସ୍ଥାପନାଯୋଗ୍ୟଃ କୋଽସ୍ତି ବୀରୋ ମହାବଳଃ ।
ରାଜବଂଶୋଦ୍ଭବୋ ବିଦ୍ୱାନ୍ ସମାନେୟଂ କପୀଶ୍ୱରଃ ॥୧୩୧॥

❊ ରାବଣର ପତ୍ରଟି ପାଇ ଶ୍ରୀରାମ ସୁଗ୍ରୀବଙ୍କୁ କହିଲେ - ଆମ ବାହିନୀ ମଧ୍ୟରେ ଲଙ୍କାକୁ ଦୂତ ରୂପେ ଯିବା ପାଇଁ ପରାକ୍ରମଶାଳୀ ବୀର କିଏ ଅଛି ? ରାଜବଂଶ ଜାତ ବୀର ଓ ପଣ୍ଡିତ ହୋଇଥିବା ଜଣେ ବାନରକୁ ନିର୍ବାଚନ କରି ଆଣ ॥

सुग्रीवः -
राजवंश्यो न शूरश्च कश्चिच्छूरो न भूमिभुक् ।
राजपुत्रो गुणैर्युक्तः शक्तो भ्रातृसुतश्च मे ॥१३२॥

ସୁଗ୍ରୀବଃ -

ରାଜବଂଶ୍ୟୋ ନ ଶୂରଶ୍ଚ କଶ୍ଚିଚ୍ଛୂରୋ ନ ଭୂମିଭୁକ୍ ।
ରାଜପୁତ୍ରୋ ଗୁଣୈର୍ଯୁକ୍ତଃ ଶକ୍ତୋ ଭ୍ରାତୃସୁତଶ୍ଚ ମେ ॥୧୩୨॥

❊ ସୁଗ୍ରୀବ କହିଲେ - ହେ ରଘୁନାଥ ! କେତେକ ରାଜବଂଶୀୟ ଅଛନ୍ତି, ସେମାନେ ବୀର ନୁହଁନ୍ତି ଆଉ କେତେକ ବୀର ଅଛନ୍ତି କିନ୍ତୁ ସେମାନେ ରାଜବଂଶୀୟ ନୁହନ୍ତି । ତେଣୁ ରାଜବଂଶରେ ଜାତ ସର୍ବଗୁଣ ସମ୍ପନ୍ନ, ସର୍ବବିଦ୍ୟାଧୁରନ୍ଧର ଓ ମହାପରାକ୍ରମଶାଳୀ ମୋର ଭ୍ରାତୃସ୍ପୁତ୍ର ଅଙ୍ଗଦକୁ ଦୂତରୂପେ ପଠାଯାଇପାରେ ॥

एष श्रीलहनूमता विरचिते श्रीमन्महानाटके
वीरश्रीयुतरामचन्द्रचरिते प्रत्युद्धृतेऽनुक्रमैः ।
मिश्रश्रीमधुसूदनेन कविना सन्दर्भसज्जीकृते
षष्ठः सागरबन्धनोऽत्र गतवानङ्को महानुज्ज्वलः ॥१३३॥

॥ इति श्रीहनूमत्कृते महानाटके षष्ठोऽङ्कः ॥

ଏଷ ଶ୍ରୀଲହନୂମତା ବିରଚିତେ ଶ୍ରୀମନ୍ମହାନାଟକେ
ବୀର ଶ୍ରୀଯୁତରାମଚନ୍ଦ୍ରଚରିତେ ପ୍ରତ୍ୟୁଦ୍ଧୃତେଽନୁକ୍ରମୈଃ ।
ମିଶ୍ରଶ୍ରୀମଧୁସୂଦନେନ କବିନା ସନ୍ଦର୍ଭସଜ୍ଜୀକୃତେ
ଷଷ୍ଠଃ ସାଗରବନ୍ଧନୋଽତ୍ର ଗତବାନଙ୍କୋ ମହାନୁଜ୍ଜ୍ୱଳଃ ॥୧୩୩॥

॥ ଇତି ଶ୍ରୀହନୁମତ୍କୃତେ ମହାନାଟକେ ଷଷ୍ଠୋଽଙ୍କଃ ॥

❊ ଶ୍ରୀମଦ୍ ହନୂମଦ୍ ବିରଚିତ ଓ କବି ମଧୁସୂଦନ ମିଶ୍ରଙ୍କ ଦ୍ୱାରା ସଜ୍ଜୀକୃତ ଶ୍ରୀରାମଚରିତାତ୍ମକ ମହାନାଟକର ସାଗର ବନ୍ଧନ ଶୀର୍ଷକ ଷଷ୍ଠ ଅଙ୍କ ସମାପ୍ତ ॥

सप्तमोऽङ्कः

ସପ୍ତମୋଽଙ୍କଃ

राम: सुवेलाद्रितटे निषण्ण: समुद्रमुल्लंघ्य विकीर्णसैन्य: ।
लङ्काधिनाथस्य गृहाय दूतं सुरेन्द्रनप्तारमथादिदेश ॥१॥
ରାମଃ ସୁବେଲାଦ୍ରିତଟେ ନିଷଣ୍ଣଃ ସମୁଦ୍ରମୁଲ୍ଲଂଘ୍ୟ ବିକୀର୍ଣ୍ଣସୈନ୍ୟଃ ।
ଲଙ୍କାଧିନାଥସ୍ୟ ଗୃହାୟ ଦୂତଂ ସୁରେନ୍ଦ୍ରନପ୍ତାରମଥାଦିଦେଶ ॥୧॥

❊ ଶ୍ରୀରାମଚନ୍ଦ୍ର ସମୁଦ୍ର ପାର ହୋଇ ସୁବେଳ ପର୍ବତର ପାଦଦେଶରେ ସୈନ୍ୟମାନଙ୍କ ସହିତ ଅବସ୍ଥାନ କଲେ ଏବଂ ଲଙ୍କାର ଅଧିପତି ରାବଣ ନିକଟକୁ ଦୂତ ରୂପେ ଯିବା ପାଇଁ ସୁରେନ୍ଦ୍ରଙ୍କ ନାତି ଅଙ୍ଗଦକୁ ଆଦେଶ ଦେଲେ ॥

अङ्गद: - यथाज्ञापयति देव ।
गत्वा ताराकुमार: प्रथममभिनवं सौधमुल्लंघिताभ्रं
पादाघाताद्‌बभञ्ज प्रलयजलधरध्वानगम्भीरघोर:।
एतत्कस्मादकस्मादिति चकितदशग्रीवमुद्ग्रीवयन्तं
कुर्वन्दूतानुपूर्वं बाहिरभवदथ द्वारत: किञ्चिदूचे ॥२॥
ଅଙ୍ଗଦ - ଯଥାଜ୍ଞାପୟତି ଦେବ !
ଗତ୍ୱା ତାରାକୁମାର ପ୍ରଥମମଭିନବଂ ସୌଧମୁଲ୍ଲଂଘିତାଭ୍ରଂ
ପାଦାଘାତାଦ୍‌ବଭଞ୍ଜ ପ୍ରଳୟଦଳଧରଧ୍ୱାନଗମ୍ଭୀରଘୋରଃ ।
ଏତତ୍‌କସ୍ମାଦକସ୍ମାଦିତି ଚକିତଦଶଗ୍ରୀବମୁଦ୍‌ଗ୍ରୀବୟନ୍ତଂ
କୁର୍ବନ୍‌ଦୂତାନୁପୂର୍ବଂ ବହିରଭବଦଥ ଦ୍ୱାରତଃ କିଞ୍ଚିଦୂଚେ ॥୨॥

❊ ଯଥାଜ୍ଞାଦେବ ବୋଲି କହି ଅଙ୍ଗଦ ଶୀଘ୍ର ଯାଇ ଲଙ୍କାର ଆକାଶଚୁମ୍ବୀ ପ୍ରାଚୀର ଉପରେ ପହଞ୍ଚିଲା ଏବଂ କ୍ରୋଧାନ୍ୱିତ ହୋଇ ପାଦ ପ୍ରହାରରେ ତାକୁ ଭାଙ୍ଗିପକାଇଲା । ପ୍ରଳୟକାଳୀନ ମେଘଗର୍ଜନ ପରି ପ୍ରାଚୀର ଭାଙ୍ଗିପଡ଼ିବାର ଶବ୍ଦ ଶୁଣି ଦଶଗ୍ରୀବ ଆଶ୍ଚର୍ଯ୍ୟ ହୋଇ ହଠାତ୍ କଣ ହେଲା ବୋଲି ଦ୍ୱାରପାଳକୁ ପଚାରିଲା ॥

अथ लंङ्का प्रविश्य रामप्रस्थापितेऽङ्गद:-
रे राक्षसा: कथयत क्व स रावणाख्यो
रत्नं रवीन्दुकुलयोरपहृत्य नष्ट: ।
त्रैलोक्यदीपनकरत्रिशिखाकराले
यो रामनामदहने भविता पतङ्ग: ॥३॥

ଅଥ ଲଙ୍କାଂ ପ୍ରବିଶ୍ୟ ରାମପ୍ରସ୍ଥାପିତୋଽଙ୍ଗଦଃ -

ରେ ରାକ୍ଷସାଃ କଥୟତ କ୍ୱ ସ ରାବଣାଖ୍ୟୋ
ରତ୍ନଂ ରବୀନ୍ଦୁକୁଳୟୋରପହୃତ୍ୟ ନଷ୍ଟଃ ।
ତ୍ରୈଲୋକ୍ୟଦୀପନକରତ୍ରିଶିଖାକରାଳେ
ଯୋ ରାମନାମଦହନେ ଭବିତା ପତଙ୍ଗଃ ॥୩॥

❊ ଶ୍ରୀରାମଙ୍କ ଦ୍ୱାରା ଆଦିଷ୍ଟ ହୋଇ ଅଙ୍ଗଦ ଲଙ୍କାରେ ପ୍ରବେଶ କରି ପଚାରିଲା - ରେ ରାକ୍ଷସଗଣ ! ଚନ୍ଦ୍ରବଂଶର ରତ୍ନ ସ୍ୱରୂପା ଓ ସୂର୍ଯ୍ୟବଂଶର କୁଳବଧୂ ସୀତାଙ୍କୁ ଚୋରାଇ ଆଣିଥିବା ଦୁଷ୍ଟରାବଣ କେଉଁଠି ଅଛି କୁହ । ତିନିଭୁବନର କରାଳ ତ୍ରିଶିଖାଯୁକ୍ତ ପ୍ରଦୀପ ସ୍ୱରୂପ ଶ୍ରୀରାମଙ୍କ ନାମ ଅଗ୍ନିରେ ସେହି ରାବଣ ସବଂଶ ପତଙ୍ଗ ପରି ଧ୍ୱଂସ ପାଇବ ଏଥିରେ ସନ୍ଦେହ ନାହିଁ ।

राक्षसा: -

कस्त्वं बालितनूद्भवः कथमहं श्रीरामनिर्देशतो
वार्त्ता ब्रूहि हनुमतः स च कथं राज्ञो भयान्नो गतः ।
तद्भीतेर्वद कारणं दशमुखं साङ्गं सपुत्रानुजं
हत्वा यन्न गतो निशम्य वचनं चित्रार्पिता राक्षसाः ॥४॥

ରାକ୍ଷସାଃ -

କସ୍ତ୍ୱଂ ବାଲିତନୂଦ୍‌ଭବଃ କଥମହଂ ଶ୍ରୀରାମନିର୍ଦ୍ଦେଶତୋ
ବାର୍ତ୍ତାଂ ବ୍ରୂହି ହନୁମତଃ ସ ଚ କଥଂ ରାଜ୍ଞୋ ଭୟାନ୍ନାଗତଃ ।
ତଦ୍‌ଭୀତେର୍ବଦ କାରଣଂ ଦଶମୁଖଂ ସାଙ୍ଗଂ ସପୁତ୍ରାନୁଜଂ
ହତ୍ୱା ଯନ୍ନ ଗତୋ ନିଶମ୍ୟ ବଚନଂ ଚିତ୍ରାର୍ପିତା ରାକ୍ଷସାଃ ॥୪॥

❊ ରାକ୍ଷସମାନେ ଅଙ୍ଗଦକୁ ଚାହିଁ ପଚାରିଲେ - ତୁମେ କିଏ, କେଉଁଠୁ ଆସିଛ ? ଅଙ୍ଗଦ କହିଲେ - ମୁଁ ବାଳିପୁତ୍ର ମୋର ନାମ ଅଙ୍ଗଦ । ମୁଁ ଶ୍ରୀରାମଙ୍କ ନିର୍ଦ୍ଦେଶରେ ଆସିଛି । ହନୁମାନ୍ କେଉଁଠି ଅଛି ? ସେ ରାଜା ସୁଗ୍ରୀବଙ୍କ ଭୟରେ ଆସି ନାହିଁ । କଣ ପାଇଁ ଭୟ କରୁଛି ? ସେ ଲଙ୍କାକୁ ଆସି ଅନୁଜ ଓ ପୁତ୍ର ସହିତ ରାବଣର ମୁଣ୍ଡକୁ କାଟି ନ ନେଇ ଫେରିଯାଇଥିବାରୁ ଭୟରେ ଲୁଚିଛି । ଅଙ୍ଗଦର କଥା ଶୁଣି ରାକ୍ଷସମାନେ ଭୟଭୀତ ହୋଇପଡ଼ିଲେ ॥

अङ्गदरावणयोरुक्तिप्रत्युक्ती -

कस्त्वं बालिसमुद्भवो रघुपतेर्दूतः स बालीति कः
कोऽसौ वानर राघवः समुचिता ते बालिने विस्मृतिः ।
यद्बाहन्तनिगूढबद्धवपुषः संमूर्च्छितस्य ध्रुवं
घोणादर्पनिवारणः स्वसुरसौ रामः कथं विस्मृतः ॥५॥

ଅଙ୍ଗଦରାବଣୟୋରୁକ୍ତିପ୍ରତ୍ୟୁକ୍ତୀ -

ଜସ୍ତ୍ୱଂ ବାଳିସମୁଦ୍‌ଭବୋ ରଘୁପତେର୍ଦୂତ ସ ବାଳୀତି କଃ
କୋଽସୌ ବାନର ରାଘବଃ ସମୁଚିତା ତେ ବାଳିନେ ବିସ୍ମୃତିଃ ।
ଯଦ୍ ବାହ୍ୱନ୍ତନିଗୂଢ଼ବଦ୍ଧବପୁଷଃ ସଂମୂର୍ଚ୍ଛିତସ୍ୟ ଧ୍ରୁବଂ
ଘୋଣାଦର୍ପନିବାରଣଃ ସ୍ୱସୁରସୌ ରାମଃ କଥଂ ବିସ୍ମୃତଃ ॥୫॥

※ ଅଙ୍ଗଦ ଓ ରାବଣଙ୍କଉକ୍ତିପ୍ରତ୍ୟୁକ୍ତି - କିଏ ତୁମେ ? ବାଳିପୁତ୍ର ଓ ରଘୁପତି ଶ୍ରୀରାମଙ୍କ ଦୂତ । ସେ ବାଳି କିଏ ଓ ରାଘବ କିଏ ? ଯେଉଁ ବାଳି କାଖ ତଳେ ଚାପି ଧରି ଚତୁଃସମୁଦ୍ରରେ ତର୍ପଣ ପରେ ଘରେ ଆସି ହାତ ଟେକିବାରୁ ତଳେ ଖସିପଡ଼ି ତୁମେ ମୂର୍ଚ୍ଛିତ ହୋଇଥିଲ ମୁଁ ତାଙ୍କରି ପୁତ୍ର । ଯେଉଁ ରାମ ତୁମ ଭଗ୍ନୀର ନାସାକର୍ଣ୍ଣ ଛେଦନ କରିଥିଲେ ମୁଁ ତାଙ୍କରି ଦୂତ । ତୁମେ ଏଦୁହିଁଙ୍କୁ କିପରି ଭୁଲିଗଲ ?

श्रुतमप्यर्थं क्रोधातिशयेन विस्मृत्य पुनरप्यङ्गदं पृच्छति रावणः -

रे रे कस्यासि कोऽसि क्व पुनरिह गतः कस्य दुतः किमर्थं
विस्पष्टं पिष्टपानां विजयिनमपि मां मन्यसे त्वं तृणाय ।
हंहो पौलस्त्यसूनो तव बलमथनस्यात्मजोऽहं सुवेलात्
संप्राप्तो रामदूतो विसृज जड़मते जानकीं वा शिरो वा ॥६॥

ଶ୍ରୁତମପ୍ୟର୍ଥଂ କ୍ରୋଧାତିଶୟେନ ବିସ୍ମୃତ୍ୟ ପୁନରପ୍ୟଙ୍ଗଦଂ ପୃଚ୍ଛତି ରାବଣଃ -

ରେ ରେ କସ୍ୟାସି କୋଽସି କ୍ୱ ପୁନରିହ ଗତଃ କସ୍ୟ ଦୂତଃ କିମର୍ଥଂ
ବିସ୍ପଷ୍ଟଂ ପିଷ୍ଟପାନାଂ ବିଜୟିନମପି ମାଂ ମନ୍ୟସେ ତ୍ୱଂ ତୃଣାୟ ।
ହଂହୋ ପୌଲସ୍ତ୍ୟସୂନୋ ତବ ବଳମଥନସ୍ୟାତ୍ମଜୋଽହଂ ସୁବେଲାତ୍
ସଂପ୍ରାପ୍ତୋ ରାମଦୂତୋ ବିସୃଜ ଜଡ଼ମତେ ଜାନକୀଂ ବା ଶିରୋ ବା ॥୬॥

※ ରାବଣ ଅଙ୍ଗଦର କଥା ଶୁଣି ନଶୁଣିଲା ପରି ପୁଣି ପଚାରିଲା- ରେ ବାନର, ତୁ କାହାର ଦୂତ, କାହାର ପୁତ୍ର ଓ କିପରି ଏବଂ କାହିଁକି ଲଙ୍କାକୁ ଆସିଲୁ ? ତ୍ରିଭୁବନବିଜୟୀ ରାବଣକୁ ତୁ ତୃଣବତ୍ ମନେ କରୁଛୁ କି ? ଅଙ୍ଗଦ କହିଲା - ରେ ପୁଲସ୍ତ୍ୟ ନନ୍ଦନ ରାବଣ ! ତୋର ବଳକୁ ବିଦଳିତ କରିଥିବା ବାଳିର ପୁତ୍ର ଏବଂ ସୁବେଳଗିରିରେ ଅବସ୍ଥାନ କରୁଥିବା ଶ୍ରୀରାମଙ୍କର ଦୂତ ମୁଁ ହେଉଛି ଅଙ୍ଗଦ । ରେ ମୂର୍ଖ ! ଜାନକୀଙ୍କୁ କିମ୍ବା ନିଜର ମସ୍ତକକୁ ସମର୍ପଣ କରିବା ପାଇଁ ଶ୍ରୀରାମ ଆଦେଶ ଦେଇଛନ୍ତି ॥

अङ्गदः -

येनैकेन शरेण सप्त निहतास्ताला धनुस्तद्धृतं
बद्धो वाम्बुधिरेष तातमपि मे यः प्रापयत्पञ्चताम् ।
तद्भृत्यं खलु विद्धि राक्षसपते तत्पादपद्मस्खलद्
धूलिपालितरागपुञ्जकणिकाजांताङ्गदं चाङ्गदम् ॥७॥

ଅଙ୍ଗଦଃ -

ଯେନୈକେନ ଶରେଣ ସପ୍ତ ନିହତାସ୍ତାଲା ଧନୁଷ୍ମଦ୍ଭୃତଂ
ବଦ୍ଧୋ ବାମ୍ବୁଧିରେଷ ତାତମପି ମେ ଯଃ ପ୍ରାପୟତ୍ ପଞ୍ଚତାମ୍ ।
ତଦ୍‌ଭୃତ୍ୟଂ ଖଲୁ ବିଦ୍ଧି ରାକ୍ଷସପତେ ତତ୍ପାଦପଦ୍ମସ୍ଖଲଦ୍-
ଧୂଳିପାଳିତରାଗପୁଞ୍ଜକଣିକାଜାତାଙ୍ଗଦଂ ଚାଙ୍ଗଦମ୍ ।।୭।।

❈ ଅଙ୍ଗଦ କହିଲା - ହେ ରାକ୍ଷସପତେ ! ଏକମାତ୍ର ଶର ନିକ୍ଷେପ କରି ଯେ ସପ୍ତତାଳ ଛେଦନ କରିଛନ୍ତି, ମୋର ପିତାଙ୍କ ନିଧନକାରୀ ଓ ସାଗରରେ ସେତୁବନ୍ଧ ନିର୍ମାତା ସେହି ଶ୍ରୀରାମଚନ୍ଦ୍ରଙ୍କର ମୁଁ ଦୂତ ବୋଲି ଜାଣ । ମହାବାହୁ ଶ୍ରୀରାମଙ୍କ ପାଦଧୂଳି ବିଲେପିତଗାତ୍ର ଅଙ୍ଗଦ ମୋରା ନାମ ବୋଲି ସମସ୍ତେ ଜାଣନ୍ତି ।

रावण: -

कुत्रास्ते समरे यमालयसमे रे दूत राम: पुन-
र्दारोद्धारणकारणेन मरणं वाञ्छत्यसौ दुर्गतिम् ।
स्त्रीरङ्को नियतं ममैव विशिखे बह्निप्रभे तापसो
देवेशोद्धृतदर्पसर्पगरुड़े सुग्रीवमित्रश्चिरम् ।।८।।

ରାବଣଃ

କୁତ୍ରାସ୍ତେ ସମରେ ଯମାଳୟସମେ ରେ ଦୂତ ରାମଃ ପୁନ-
ର୍ଦାରୋଦ୍ଧାରଣକାରଣେନ ମରଣଂ ବାଞ୍ଛତ୍ୟସୌ ଦୁର୍ଗତିମ୍ ।
ସ୍ତ୍ରୀରଙ୍କୋ ନିୟତଂ ମମୈବ ବିଶିଖେ ବହ୍ନିପ୍ରଭେ ତାପସୋ
ଦେବେଶୋଦ୍ଧୃତଦର୍ପସର୍ପଗରୁଡ଼େ ସୁଗ୍ରୀବମିତ୍ରଶ୍ଚିରମ୍ ।।୮।।

❈ ରାବଣ କହିଲା - ରେ ଦୂତ ! ରାମ କେଉଁଠି ଅଛି, ପତ୍ନୀକୁ ଉଦ୍ଧାର କରିବା ନିମିତ୍ତ ଯମସଦୃଶ ମୋ' ସହିତ ଯୁଦ୍ଧକରି ସେ ମରିବା ପାଇଁ ଇଚ୍ଛା କରୁଛି ? ସେ ଜଣେ ସ୍ତ୍ରୈଣ ବୋଲି ଜାଣୁଛି । ମୋର ଅଗ୍ନିବର୍ଷୀ ବାଣରେ ସେହି ତପସ୍ୱୀର ବିନାଶ ନିଶ୍ଚିତ । ଶିବଙ୍କ ମସ୍ତକରେ ଥିବା ସର୍ପ ଗର୍ବ କଲାବେଳେ ଗରୁଡ଼କୁ ଦେଖିଲେ ଯେପରି ତାର ଗର୍ବ ଖର୍ବ ହୋଇଯାଏ ସେହିପରି ମୋର ବାଣରେ ସୁଗ୍ରୀବମିତ୍ରର ମୃତ୍ୟୁ ଅବଶ୍ୟ ଘଟିବ ।।

रावणाङ्गदयोरुक्तिप्रत्युक्ती -

राम: को नाम जेता जयति भृगुपते: कश्च तादृग्भृगूणां
यज्जेत्रख्यातिपत्रं जगति न विदितस्तस्य यादृक्प्रभाव: ।
हन्तासौ हैहयेन्द्रप्रभृतिनरपते: कस्तथा हैहयो वा
व्यक्तं जानीहि यस्त्वां सुचिरमगमयत्क्रूरकारानिकायम् ।।९।।

ରାବଣାଙ୍ଗଦୟୋରୁକ୍ତିପ୍ରତ୍ୟୁକ୍ତୀ :-

ରାମଃ କୋ ନାମ ଜେତା ଜୟତି ଭୃଗୁପତେ କଷ୍ଟ ତାଦୃଗ୍‌ଭୃଗୁଣାଂ
ଯଜ୍ଜୈତୃଖ୍ୟାତିପତ୍ରଂ ଜଗତି ନ ବିଦିତସ୍ତସ୍ୟ ଯାଦୃକ୍‌ପ୍ରଭାବଃ ।
ହନ୍ତାସୌ ହୈହୟେନ୍ଦ୍ରପ୍ରଭୃତିନରପତେଃ କସ୍ତଥା ହୈହୟୋ ବା
ବ୍ୟକ୍ତଂ ଜାନୀହି ଯସ୍ତ୍ୱାଂ ସୁଚିରମଗମୟତ୍ କୂରକାରାନିକାୟମ୍ ॥୯॥

❋ ରାବଣ ଓ ଅଙ୍ଗଦର ଉକ୍ତିପ୍ରତ୍ୟୁକ୍ତି ରାବଣ କହିଲା ମୋ' ବାଣ ଆଗରେ ରାମର ଅସ୍ତିତ୍ୱ ରହିବ ନାହିଁ । ଅଙ୍ଗଦ କହିଲା ସେହି ରାମ ଭୃଗୁପତିଙ୍କ ଗର୍ବ ଖର୍ବ କରିଛନ୍ତି । କିଏ ସେହି ଭୃଗୁପତି ? ହୈହୟପତି କାର୍ତ୍ତବୀର୍ଯ୍ୟାର୍ଜୁନର ସଂହାରକାରୀ ସେହି ମହାବୀର ଜଗତରେ ପରଶୁରାମ ନାମରେ ସୁବିଦିତ । କିଏ ସେହି କାର୍ତ୍ତବୀର୍ଯ୍ୟ ? ଯେ ତୋତେ ଦୀର୍ଘକାଳଧରି ବନ୍ଦୀ କରି ରଖିଥିଲେ । ମହାପରାକ୍ରମଶାଳୀ ପରଶୁରାମଙ୍କ କୀର୍ତ୍ତି ଜାଣି ନ ଥିବା ବ୍ୟକ୍ତି ଜଗତରେ ବିରଳ ॥

रावण:-

कस्त्वं वन्यपते: सुतो वनपति: को वा ममाग्रे वदेत्
देवा: शक्रपुरोगमा मम गृहे नित्यं स्वदास्ये स्थिता: ।
राम: किं कुरुते कपीन्द्रपृथुकै: संलंघ्य रत्नाकरं
चेदायाति मदीयदर्पदहने स स्यात्पतङ्गोपम: ॥१०॥

ରାବଣଃ -

କସ୍ତ୍ୱଂ ବନ୍ୟପତେଃ ସୁତୋ ବନପତିଃ କୋ ବା ମମାଗ୍ରେ ବଦେତ୍
ଦେବାଃ ଶକ୍ରପୁରୋଗମା ମମ ଗୃହେ ନିତ୍ୟଂ ସ୍ୱଦାସ୍ୟେ ସ୍ଥିତାଃ ।
ରାମଃ କିଂ କୁରୁତେ କପୀନ୍ଦ୍ରପୃଥୁକୈଃ ସଂଲଙ୍ଘ୍ୟ ରତ୍ନାକରଂ
ଚେଦାୟାତି ମଦୀୟଦର୍ପଦହନେ ସ ସ୍ୟାପତ୍‌ପତଙ୍ଗୋପମଃ ॥୧୦॥

❋ ରାବଣ କହିଲା -ଆରେ ତୁ କିଏ ? ବନପତିଙ୍କ ସୁତ । ଆରେ କେଉଁ ବନପତି ମୋ' ପରି ସିଂହ ଆଗରେ କଥା କହିବାକୁ ସାହସ କରିବ । ଶକ୍ରାଦି ଦେବଗଣ ପ୍ରତିଦିନ ମୋ' ଗୃହରେ ଦାସଭାବେ ସେବା କରୁଛନ୍ତି । ବାନରଶିଶୁଗୁଡ଼ାଏ ସାଙ୍ଗରେ ନେଇ ରାମ ସମୁଦ୍ର ପାର ହୋଇ ଲଙ୍କାରେ ପ୍ରବେଶ କଲେ ବି ମୋର କ୍ରୋଧାଗ୍ନିରେ ପତଙ୍ଗ ପରି ପଡ଼ି ବିନାଶ ପ୍ରାପ୍ତ ହେବ ॥

अङ्गद; -

रे रे रावण रावणा: कति बहूनेतान् वयं शुश्रूम:
तत्रैक: किल कार्त्तवीर्य्यनृपतेर्दोर्दाण्डपिण्डीकृत: ।
एको नर्त्तन लब्धभक्तकवलो दैत्येन्द्रदासीगणै-
रन्यो मत्पितृबाहुमूलगलितस्त्वं तेषु कोऽन्योऽथवा ॥११॥

ଅଙ୍ଗଦଃ -

ରେ ରେ ରାବଣ ରାବଣାଃ କତି ବହୂନେତାନ୍ ବୟଂ ଶୁଶ୍ରୁମଃ
ତତ୍ରୈକଃ କିଳ କାର୍ତ୍ତବୀର୍ଯ୍ୟନୃପତେର୍ଦୋର୍ଦଣ୍ଡପିଣ୍ଡୀକୃତଃ।
ଏକୋ ନର୍ତ୍ତନଲବ୍ଧଭକ୍ତକବଳୋ ଦୈତ୍ୟେନ୍ଦ୍ରଦାସୀଗଣୈ -
ରନ୍ୟୋ ମତ୍‌ପିତୃବାହୁମୂଳଗଳିତସ୍ତେଷୁ କୋଽନ୍ୟୋଽଥବା ॥ ୧ ୧॥

❊ ଅଙ୍ଗଦ କହିଲା- ବହୁ ରାବଣକଥା ମୁଁ ଶୁଣିଛି । ସେଥିରୁ ତୁ କେଉଁ ରାବଣ ? ସେଥିରୁ ଗୋଟିଏ ରାବଣ କାର୍ତ୍ତବୀର୍ଯ୍ୟର ବନ୍ଦୀଶାଳାରେ ବହୁକାଳ ବନ୍ଦୀ ହୋଇରହିଥିଲା । ଆଉ ଗୋଟିଏ ରାବଣ ବଳିରାଜା ପୁରରେ ଥିଲା ଏବଂ ଦାସୀମାନେ ତାକୁ ଖାଇବାକୁ ଦେଇ ନଚାଉଥିଲେ । ଆଉ ଗୋଟିଏ ରାବଣ ମୋ' ବାପାଙ୍କ କାଖ ତଳେଥିଲା । ସେଥିରୁ ତଳେ ଖସିପଡ଼ି ସେ ମୂର୍ଚ୍ଛିତ ହୋଇଥିଲା । ତୁ ଏମାନଙ୍କ ମଧ୍ୟରୁ କେଉଁ ରାବଣ ନା ଅନ୍ୟ କୌଣସି ରାବଣ, କହ ॥

रावण: -

रे रे कीशशिपो ममैव पुरतो हृष्टश्च पुष्ट: कथं
लोमालीकलुषीकृते किल पुरा कर्णेऽपि न श्रावितम् ।
युद्धे तुल्यवल: सुरेष्वपि न मे कश्चिद्रिपुन् वार्यं-
स्तत्राहं सबलो यत: परबलं हन्ता ततो रावणम् ॥१२॥

ରାବଣଃ -

ରେ ରେ କୀଶଶିଷୋ ମମୈବ ପୁରତୋ ହୃଷ୍ଟଶ୍ଚ ପୁଷ୍ଟଃ କଥଂ
ଲୋମାଳୀକଲୁଷୀକୃତେ କିଳ ପୁରା କର୍ଣ୍ଣେଽପି ନ ଶ୍ରାବିତମ୍।
ଯୁଦ୍ଧେ ତୁଲ୍ୟବଳଃ ସୁରେଷ୍ୱପି ନ ମେ କଶ୍ଚିଦ୍ରିପୁନ୍ ବାରଯ୍ୟ-
ସ୍ତତ୍ରାହଂ ସବଳୋ ଯତଃ ପରବଳଂ ହନ୍ତା ତତୋ ରାବଣମ୍ ॥ ୧ ୨॥

❊ ରାବଣ କହିଲା- ରେ କପିଶାବକ ! ତୁ ମୋ' ଆଗରେ ରହି ଆନନ୍ଦରେ କିପରି କଥାବାର୍ତ୍ତା କରୁଛୁ ? ରୋମଗୁଡ଼ାକ ବଢ଼ିକାନକୁ ଆବୃତ କରିଥିବାରୁ ତୁ କଣ ମୋର ପରାକ୍ରମ କଥା ଶୁଣିପାରି ନାହୁଁ । ତ୍ରିଭୁବନରେ ଓ ଦେବତାମାନଙ୍କ ମଧରେ ମୋର ସମକକ୍ଷ ବୀର କେହି ନାହିଁ । ତେଣୁ କେହି ମୋ ସହିତ ଶତ୍ରୁତା କରନ୍ତି ନାହିଁ । ବଳବାନ୍ ଶତ୍ରୁଙ୍କୁ ମର୍ଦ୍ଦନ କରିଥିବାରୁ ମୁଁ ରାବଣ ନାମରେ ସୁବିଦିତ ॥

अङ्गद: साटोपं स्वामीभक्तिम् अभिनयति -

कृत्वा कक्षागतं त्वां कपिकुलतिलको बालि नामा बलीयान्
भ्रान्त: सप्ताब्धितीरे तदपि चरितवान् स्नानसन्ध्यार्चनं च ।
बाणेनैकेन येनाहत इह पतितो वानर: क्रीड़यैव
त्यक्तासुं तं स्वकीयं भुवनमगमयन्मुञ्च लङ्केश गर्वम् ॥१३॥

ଅଙ୍ଗଦଃ ସାଟୋପଂ ସ୍ୱାମୀଭକ୍ତିମ୍ ଅଭିନୟତି -

କୃତ୍ୱା କକ୍ଷାଗତଂ ତ୍ୱାଂ କପିକୁଳତିଳକୋ ବାଳିନାମା ବଲୀୟାନ୍
ଭ୍ରାନ୍ତଃ ସପ୍ତାବ୍ଧିତୀରେ ତଦପି ଚରିତବାନ୍ ସ୍ନାନସନ୍ଧ୍ୟାର୍ଚ୍ଚନଂ ଚ ।
ବାଣେନୈକେନ ଯେନାହତ ଇହ ପତିତୋ ବାନରଃ କ୍ରୀଡ଼ୟୈବ
ତ୍ୟକ୍ତାସୁ ତଂ ସ୍ୱକୀୟଂ ଭୁବନମଗମୟନ୍ମୁଞ୍ଚ ଲଙ୍କେଶ ଗର୍ବମ୍ ॥୧୩॥

❊ ଅଙ୍ଗଦ ଗର୍ବର ସହିତ କହିଲା- ରେ ଦଶାନନ ! ତୋତେ କାଖରେ ଜାକି ସାତବାର ପୃଥିବୀ ପ୍ରଦକ୍ଷିଣ କରି ସନ୍ଧ୍ୟା ତର୍ପଣ ସାରିବା ପରେ ଯେଉଁ ବାଳିବାର ଘରକୁ ଫେରି ଆସିଥିଲେ ସେହି ବାଳିକୁ ଶ୍ରୀରାମ ଏକମାତ୍ର ବାଣରେ ନିଧନ କଲେ ଓ ତାଙ୍କୁ ବୈକୁଣ୍ଠଭୁବନକୁ ପଠାଇ ଦେଲେ । ରେ ପାପିଷ୍ଠ, ସେହି ଶ୍ରୀରାମଙ୍କପ୍ରତି ତୁ ତାଚ୍ଛଲ୍ୟ ପ୍ରକାଶ କରୁଛୁ । ସେ ଗର୍ବଗଞ୍ଜନ, ତାଙ୍କ ଦ୍ୱାରା ତୋର ଗର୍ବ ଖର୍ବ ହେବ । ତେଣୁ ତୁ ଗର୍ବ ତ୍ୟାଗ କର ॥

रावण: -

दोर्दण्डास्त इमे त्रिलोचनगिरेरुत्तम्भसम्भाविता-
स्तान्येतानि दशाननानि दशभिर्दग्धस्तथा विश्रुति: ।
पश्चाप्यङ्गद सर्ववीर्यमहिमा तस्मिन्पुनस्तापस:
संशोच्य स रिपु: स चापि कुपितस्तस्यापि दूत: कपि: ॥१४॥

ରାବଣଃ-

ଦୋର୍ଦ୍ଦଣ୍ଡାସ୍ତ ଇମେ ତ୍ରିଲୋଚନଗିରେରୁତ୍ତମ୍ଭସମ୍ଭାବିତା-
ସ୍ତାନ୍ୟେତାନି ଦଶାନନାନି ଦଶଭିର୍ଦଗ୍ଧସ୍ତଥା ବିଶ୍ରୁତିଃ ।
ପଶ୍ଚାପ୍ୟଙ୍ଗଦ ସର୍ବବୀର୍ଯ ମହିମା ତସ୍ମିନ୍ପୁନସ୍ତାପସଃ
ସଂଶୋଚ୍ୟ ସ ରିପୁଃ ସ ଚାପି କୁପିତସ୍ତସ୍ୟାପି ଦୂତଃ କପିଃ ॥୧୪॥

❊ ରାବଣ କହିଲା- ରେ ବାନର ! ତ୍ରିଲୋଚନ ଶିବଙ୍କ ଅବସ୍ଥାନ ସ୍ଥାନ କୈଳାସ ପର୍ବତକୁ ଯେଉଁ ବାହୁରେ ମୁଁ ଉପାଡ଼ି ଟେକି ଧରିଥିଲି ମୋର ସେହି ବିଂଶବାହୁକୁ ତୁ ସ୍ୱଚକ୍ଷୁରେ ଦେଖୁଛୁ । ମୋର ଭୁଜ ପରାକ୍ରମର ଖ୍ୟାତି ଦଶଦିଗକୁ ବ୍ୟାପି ଯାଇଛି । ସେହି ବୀର୍ଯ୍ୟଶାଳୀ ରାବଣ ସହିତ ଜଣେ ତପସ୍ୱୀ ଶତ୍ରୁତା କରୁଛି ; ଆଉ ତୁ ମୂର୍ଖ ତା'ର ଦୂତ ହୋଇଆସିଛୁ ?

अङ्गद: -

त्वद्दोर्दण्डप्रचण्डप्रतिहननविधौ प्रौढदोष्णां सहस्र -
च्छेदक्रीडाप्रवीरस्थिरपरशुमहागर्वनिर्वापकस्य ।
दूतोऽहं राघवस्य त्वदपघनचिराद्ध्वस्त कक्षस्थलोम्न:
पुत्र: सुत्रामसूनो: प्लवगकुलपतेर्नामतश्चाङ्गदोऽहम् ॥१५॥

ଅଙ୍ଗଦଃ-

ତ୍ୱଦ୍ଦୋର୍ଦ୍ଦଣ୍ଡପ୍ରଚଣ୍ଡପ୍ରତିହନନବିଧୌ ପ୍ରୌଢଦୋଷ୍ଣାଂ ସହସ୍ର -
ଚ୍ଛେଦକ୍ରୀଡାପ୍ରବୀରସ୍ଥିରପରଶୁମହାଗର୍ବନିର୍ବାପକସ୍ୟ ।
ଦୂତୋଽହଂ ରାଘବସ୍ୟ ତ୍ୱଦପଘନଚିରାଦଧ୍ୱସ୍ତକକ୍ଷସ୍ଥଲୋମ୍ନଃ
ପୁତ୍ରଃ ସୁତ୍ରାମସୂନୋ ପ୍ଲବଗକୁଳପତେର୍ନାମତଶ୍ଚାଙ୍ଗଦୋଽହମ୍ ॥୧୫॥

❊ ଅଙ୍ଗଦ କହିଲା - ତୋର ବାହୁବଳ କଥା ଜଣାଅଛି । ତୋତେ ଯେଉଁ ସହସ୍ରାର୍ଜୁନ ବାନ୍ଧି ରଖିଥିଲା ଏବଂ ତାକୁ ଯେ ସଂହାର କରିଥିଲେ, ସେହି ବୀର ପରଶୁରାମଙ୍କ ଗର୍ବକୁ ଖର୍ବ କରିଥିବା ଅଯୋଧ୍ୟାଧିପତି ଶ୍ରୀରାମଚନ୍ଦ୍ରଙ୍କର ମୁଁ ହେଉଛି ଦୂତ । ପୁଣି ତୋତେ ଯେ କାଖରେ ଜାକିରଖିଥିଲେ ସେହି ଇନ୍ଦ୍ରସୁତ ବାଳିଙ୍କର ମୁଁ ହେଉଛି ପୁତ୍ର । ମୁଁ ଅଙ୍ଗଦ ନାମରେ ସର୍ବତ୍ର ସୁବିଦିତ ॥

रावण: - सक्रोधम्

भ्राता मे कुम्भकर्ण: सकलरिपुवलध्वंसकारी बलीयान्
पुत्रो मे मेघनाद: प्रहसितवदनो येन बद्ध: सुरेन्द्र: ।
खड्गो मे चन्द्रहासो रणमुखचपलो राक्षसा: मे सहाया:
सोऽहं गीर्वाणशत्रुस्त्रिभुवनविजयी रावणो नाम राजा ॥१६॥

ରାବଣଃ - (ସକ୍ରୋଧମ୍)

ଭ୍ରାତା ମେ କୁମ୍ଭକର୍ଣ୍ଣଃ ସକଳରିପୁବଳଧ୍ୱଂସକାରୀ ବଳୀୟାନ୍
ପୁତ୍ରୋ ମେ ମେଘନାଦଃ ପ୍ରହସିତବଦନୋ ଯେନ ବଦ୍ଧଃ ସୁରେନ୍ଦ୍ରଃ ।
ଖଡ୍ଗୋ ମେ ଚନ୍ଦ୍ରହାସୋ ରଣମୁଖଚପଳୋ ରାକ୍ଷସାଃ ମେ ସହାୟାଃ
ସୋଽହଂ ଗୀର୍ବାଣଶତ୍ରୁସ୍ତ୍ରିଭୁବନବିଜୟୀ ରାବଣୋ ନାମ ରାଜା ॥୧୬॥

❊ ରାବଣ କ୍ରୋଧାନ୍ୱିତ ହୋଇ କହିଲା - ରେ ମୂର୍ଖ ବାନର ! ଶତ୍ରୁସଂହାରକାରୀ ମହାପରାକ୍ରମଶାଳୀ କୁମ୍ଭକର୍ଣ୍ଣ ଯାହାର ଭାଇ, ଦେବରାଜ ଇନ୍ଦ୍ରଙ୍କୁ ବନ୍ଧନ କରିଥିବା ଇନ୍ଦ୍ରଜିତ୍ ମେଘନାଦ ନାମକ ପୁତ୍ର, ଯାହାର ଖଡ୍ଗର ନା ଚନ୍ଦ୍ରହାସ ଓ ରଣଧୁରନ୍ଧର ସେନା ଯା'ର ସହାୟ, ଦେବଗଣଙ୍କ ଶତ୍ରୁ ଓ ତ୍ରିଭୁବନବିଜୟୀ ରାଜା ରାବଣ ହେଉଛି ମୋର ନାମ । ତୁ ମୋର ବଳବୀର୍ଯ୍ୟ ବିଷୟରେ କିଛି ଜାଣି ନାହୁଁ ॥

अङ्गद: -

रे रे रावण कार्त्तवीर्य्यदलिताहंकार गत्वा स्वयं
सीतामर्पय पालय स्वतनयान् यावन्न राम: शरान् ।
कोपान्मुंञ्चति हैहयाधिपभुजश्रेणीमहाकानन -
छेत्तुर्यश्च कुठारधारणपटो रामस्य जेता रणे ॥१७॥

ଅଙ୍ଗଦଃ -

ରେ ରେ ରାବଣ କାର୍ତ୍ତବୀର୍ଯଦଳିତାହଂକାର ଗତ୍ୱା ସ୍ୱଯଂ
ସୀତାମର୍ପୟ ପାଳୟ ସ୍ୱତନୟାନ୍ ଯାବନ୍ନ ରାମଃ ଶରାନ୍ ।
କୋପାନ୍ମୁଞ୍ଚତି ହୈହୟାଧିପଭୁଜଶ୍ରେଣୀମହାକାନନ-
ଛେତ୍ତୁର୍ଯସ୍ଯ କୁଠାରଧାରଣପଟୋ ରାମସ୍ୟ ଜେତା ରଣେ ॥୧୭॥

❊ ଅଙ୍ଗଦ କହିଲା -କାର୍ତ୍ତବୀର୍ଯ୍ୟାର୍ଜୁନ ଦ୍ୱାରା ଗର୍ବିତ ଖର୍ବ ରେ ରାବଣ ! ହୈହୟାଧିପତିଙ୍କ ସହସ୍ର ଭୁଜରୂପକ କାନନକୁ ଛେଦନ କରିଥିବା କୁଠାରହସ୍ତ ମହାବୀର ପରଶୁରାମଙ୍କ ଗର୍ବଗଞ୍ଜନକାରୀ ଶ୍ରୀରାମଙ୍କ ଶରରେ ପୁତ୍ରପୌତ୍ରାଦି ସହିତ ତୋର ମୃତ୍ୟୁ ଘଟିବା ପୂର୍ବରୁ ତୁ ନିଜେ ସୀତାଙ୍କୁ ସସମ୍ମାନେ ନେଇ ଶ୍ରୀରାମଚନ୍ଦ୍ରଙ୍କୁ ସମର୍ପଣ କର ॥

रावणाङ्गदयोरुक्तिप्रत्युक्ती -

रामः किं कुरुते प्रतीपविजयं कोऽसौ प्रतीपो जितो
बाली सोऽपि च को न वेत्सि तमिमं को वेत्ति शाखामृगम् ।
हा हा तत्र तवापि विस्मृतिरहो मोहो महानीदृशः
पर्यङ्के निजबालकेलिकृतये बद्धोऽसि येनोपरि ॥१८॥

ରାବଣାଙ୍ଗଦୟୋରୁକ୍ତିପ୍ରତ୍ୟୁକ୍ତୀ -

ରାମଃ କିଂ କୁରୁତେ ପ୍ରତୀପବିଜୟଂ କୋଽସୌ ପ୍ରତୀପୋ ଜିତୋ
ବାଲୀ ସୋଽପି ଚ କୋ ନ ବେତ୍ସି ତମିମଂ କୋ ବେତ୍ତି ଶାଖାମୃଗମ୍ ।
ହା ହା ତତ୍ର ତବାପି ବିସ୍ମୃତିରହୋ ମୋହୋ ମହାନୀଦୃଶଃ
ପର୍ଯଙ୍କେ ନିଜବାଳକେଳିକୃତୟେ ବଦ୍ଧୋଽସି ଯେନୋପରି ॥୧୮॥

❊ ରାବଣ ଓ ଅଙ୍ଗଦର ଉକ୍ତି ପ୍ରତ୍ୟୁକ୍ତି - ତୋର ରାମ କଣ କରିଛି ? ଶତ୍ରୁବିଜୟ କରିଛନ୍ତି । ସେ ଶତ୍ରୁ କିଏ ? ବାଳି । କିଏ ସେ ବାଳି ? ତୁ କ'ଣ ତାଙ୍କୁ ଜାଣିନୁ ? ବାନରଗୁଡ଼ାଙ୍କୁ କିଏ ପଚାରେ ? କେହି ଜଣେ ବାଳି ରାଜା ହୋଇଥିବ । ଆରେ ତୁ କେମିତି ଭୁଲିଗଲୁ, ତୋତେ ପରା ସେହି ବାଳି ପିଲାଙ୍କ ଖେଳିବା ପାଇଁ ପଲଙ୍କ ଗୋଡ଼ରେ ବାନ୍ଧିପକାଇଥିଲା ॥

रावणः -

किं कार्य्यं वद राघवस्य स तथा बद्धोऽधुनाम्भोनिधिः
क्रीड़ार्थं कपिपोतकैरिह गतैर्जानात्ययं मां नहि ।
लङ्कालोकनिकाय नाथ वचसा वेत्त्येव किं किं कपे
को लङ्काधिपतिर्विभीषण इति प्रख्यातकीर्त्तिर्भुवि ॥१९॥

ରାବଣଃ -

କିଂ କାର୍ଯ୍ୟଂ ବଦ ରାଘବସ୍ୟ ସ ତଥା ବଦ୍ଧୋଽଧୁନାମ୍ଭୋନିଧିଃ
କ୍ରୀଡ଼ାର୍ଥେ କପିପୋତକୈରିହ ଗତୈର୍ଜାନାତ୍ୟୟଂ ମାଂ ନହି ।
ଲଙ୍କାଲୋକନିକାୟ ନାଥ ବଚସା ବେତ୍ତ୍ୟେବ କିଂ କିଂ କପେ
କୋ ଲଙ୍କାଧିପତିର୍ବିଭୀଷଣ ଇତି ପ୍ରଖ୍ୟାତକୀର୍ତ୍ତିର୍ଭୁବି ॥୧୯॥

❋ ରାବଣ କହିଲା - ରାମ କଣ କଣ କରିଛି କହ । ବାନରଶିଶୁଗୁଡ଼ାଏ ଆଣି ସମୁଦ୍ରରେ ବନ୍ଧଟିଏ କରିଛି । ଆଉ ବଡ଼ କାମ କଣ କରିଛି ? ମୋର ବଳ ବିକ୍ରମ କଥା କଣ ସେ ଜାଣେ ନାହିଁ ? ଅଙ୍ଗଦ କହିଲା- ତୋର ସମସ୍ତ ବୃତ୍ତାନ୍ତ ସେ ଜାଣିଛନ୍ତି । ଲଙ୍କାର ରାଜା କିଏ ବୋଲି ରାବଣ ପଚାରିବାରୁ ଅଙ୍ଗଦ କହିଲା- ବର୍ତ୍ତମାନ ଲଙ୍କାର ରାଜା ହେଉଛନ୍ତି ଯଶସ୍ୱୀ ବିଭୀଷଣ । ଅଳ୍ପଦିନ ମଧ୍ୟରେ ତୁ ଶ୍ରୀରାମଙ୍କ ପରାକ୍ରମ ଜାଣିପାରିବୁ ॥

प्रवीरगणनासु वा तव पितैव कैर्मन्यते
पतिःस हि वनोकसां त्वमसि को वराकोऽर्भकः ।
चकार किल राघवः किमपि कर्मलोकोत्तरं
तरङ्गयसि यन्मुहुर्मम पुरस्तदीयं यशः ॥२०॥

ପ୍ରବୀରଗଣନାସୁ ବା ତବ ପିତୈବ କୈର୍ମନ୍ୟତେ
ପତିଃ ସ ହି ବନୌକସାଂ ତ୍ୱମସି କୋ ବରାକୋଽର୍ଭକଃ ।
ଚକାର କିଲ ରାଘବଃ କିମପି କର୍ମଲୋକୋତ୍ତରଂ
ତରଙ୍ଗୟସି ଯନ୍ମୁହୁର୍ମମ ପୁରସ୍ତଦୀୟଂ ଯଶଃ ॥୨୦॥

❋ ରାବଣ କହିଲା- ରେ ବାନର, ତୋର ପିତା କେଉଁଦିନରୁ ବୀର ହେଲା ? କିଏ ତାକୁ ମାନିଛି ? କେବେ ସେ କପିମାନଙ୍କର ରାଜା ହେଲା ? ତୁ ମୂର୍ଖ ତା'ର ବାଳକ ପୁତ୍ର । ରାମ ଏପରି କଣ ଅସାଧାରଣ କାର୍ଯ୍ୟ କରିଛି ଯେ ତୁ ମୋ' ଆଗରେ ତା'ର ପ୍ରଶଂସା ବାରମ୍ବାର କରୁଛୁ ॥

अङ्गदः -

रामो नाम स एव येन भगिनीनासावसापङ्किलः
खड्गास्ते खरदूषणत्रिशिरसां धौतः शिरः शोणितैः ।
त्वां बद्ध्वा चतुराम्बुराशिषु परिभ्राम्यन्मुहूर्त्तेन यः
सन्ध्यामर्चयति स्म निस्त्रप कथं तातस्त्वया विस्मृतः ॥२१॥

ଅଙ୍ଗଦଃ -

ରାମୋ ନାମ ସ ଏବ ଯେନ ଭଗିନୀନାସାବସାପଙ୍କିଳଃ
ଖଡ଼୍ଗସ୍ତେ ଖରଦୂଷଣତ୍ରିଶିରସାଂ ଧୌତଃ ଶିରଃ ଶୋଣିତୈଃ ।

ତ୍ୱାଂ ବଦ୍ଧ୍ୱା ଚତୁରାମ୍ବୁରାଶିଷୁ ପରିଭ୍ରାମ୍ୟନ୍ମୁହୂର୍ତ୍ତେନ ଯଃ
ସନ୍ଧ୍ୟାମର୍ଚ୍ଚୟତି ସ୍ମ ନିସ୍ତ୍ରପ କଥଂ ତାତ ତ୍ୱୟା ବିସ୍ମୃତଃ ॥୨୧॥

❋ ଅଙ୍ଗଦ କହିଲା -ଶ୍ରୀରାମ ହେଉଛନ୍ତି ସେହି ମହାବୀର, ଯେ ତୀକ୍ଷ୍ଣ ଶରରେ ତୋ' ଭଗ୍ନୀର ନାସା କର୍ଣ୍ଣ ଛେଦନ କରି ଶରାଗ୍ରଭାଗରେ ଲାଗିଥିବା ମାଂସକୁ ଖରଦୂଷଣ ତ୍ରିଶିରାଙ୍କ ଛିନ୍ନମସ୍ତକର ରକ୍ତରେ ଧୋଇଥିଲେ । ନିଜ କାଖରେ ତୋତେ ଜାକି ଧରି ଯେ ଚତୁଃସାଗର ଭ୍ରମଣ କରି ସନ୍ଧ୍ୟା ତର୍ପଣ କରିଥିଲେ, ମୋର ସେହି ପିତା କପିରାଜ ବାଳିଙ୍କୁ ନିର୍ଲଜ୍ଜଭାବେ କିପରି ଭୁଲିଯାଉଛୁ ॥

रावणः-

यस्तातं तव निर्व्यलीकमवधीत्तत्रापि निर्मत्सर-
स्तस्य प्रेष्यतया भ्रमन् कपिशिशो निर्लज्ज किं गर्जसि ।
त्वत्पित्रा पुनरेकदा किल मया मैत्रीप्रसादः कृत -
स्तत्पुत्रे त्वयि तावदेवमुचितो दण्डः कथं धीयताम् ॥२२॥

ରାବଣଃ -

ଯସ୍ତାତଂ ତବ ନିର୍ବ୍ୟଲୀକମବଧୀତ୍ତତ୍ରାପି ନିର୍ମତ୍ସର-
ସ୍ତସ୍ୟ ପ୍ରେଷ୍ୟତୟା ଭ୍ରମନ୍ କପିଶିଶୋ ନିର୍ଲଜ୍ଜ କିଂ ଗର୍ଜସି ।
ତ୍ୱତ୍ପିତ୍ରା ପୁନରେକଦା କିଲ ମୟା ମୈତ୍ରୀପ୍ରସାଦଃ କୃତ-
ସ୍ତତ୍ପୁତ୍ରେ ତ୍ୱୟି ତାବଦେବମୁଚିତୋ ଦଣ୍ଡଃ କଥଂ ଧୀୟତାମ୍ ॥୨୨॥

❋ ରାବଣ କହିଲା- ଅରେ ନିର୍ଲଜ୍ଜ ବାନର ! ତୋ'ର ନିର୍ଦ୍ଦୋଷ ପିତାକୁ ଯେ ହତ୍ୟାକଲା ତୁ ତାହାରି ଦୂତରୂପେ ଆସି ମୋ' ଆଗରେ ପିତୃହନ୍ତାର ପ୍ରଶଂସା କରୁଛୁ । ତୋ'ର ବାପା ସହିତ ଏକଦା ମୋର ମିତ୍ରତା ଥିଲା । ତାହାରି ପୁତ୍ର ହୋଇଥିବାରୁ ମୁଁ ତୋତେ ସମୁଚିତ ଦଣ୍ଡ ଦେଇପାରୁ ନାହିଁ ॥

अङ्गदः-

प्रपन्नः पन्थानं यदि नयममित्रोऽपि नियतं
निषेव्यः साधूनां न पुनरपनीतिः सुहृदपि ।
तथा हि त्वं हित्वा सहजमपि नक्तंचरचमूं
विरामं श्रीरामं भवदनुज एवैष भजते ॥२३॥

ଅଙ୍ଗଦଃ-

ପ୍ରପନ୍ନଃ ପନ୍ଥାନଂ ଯଦି ନୟମମିତ୍ରୋଽପି ନିୟତଂ
ନିଷେବ୍ୟଃ ସାଧୂନାଂ ନ ପୁନରପନୀତିଃ ସୁହୃଦପି ।
ତଥା ହି ତ୍ୱଂ ହିତ୍ୱା ସହଜମପି ନକ୍ତଂଚରଚମୂଂ
ବିରାମଂ ଶ୍ରୀରାମଂ ଭବଦନୁଜ ଏବୈଷ ଭଜତେ ॥୨୩॥

❊ ଅଙ୍ଗଦ କହିଲା- ଶତ୍ରୁ ହେଲେ ମଧ୍ୟ ସେ ଯଦି ନ୍ୟାୟମାର୍ଗରେ ଥିବ ତେବେ ଲୋକେ ତାକୁ ଧାର୍ମିକ ବୋଲି କହିବେ ; ସାଧୁମାନଙ୍କଦ୍ୱାରା ସେ ପୂଜିତ ହେବେ କିନ୍ତୁ ଅନ୍ୟାୟ ଆଚରଣ କରୁଥିବା ମିତ୍ରକୁ କେହି ଆଦର କରନ୍ତି ନାହିଁ ।.ତେଣୁ ରାକ୍ଷସ ହେଲେ ମଧ୍ୟ ଭାଇ ବିଭୀଷଣ ତୁମକୁ ତ୍ୟାଗ କଲେ ଏବଂ ଦୟାଳୁ ଶ୍ରୀରାମଙ୍କ ଚରଣରେ ଶରଣ ପଶିଲେ ॥

रावण: -

श्रुतमस्ति विभीषणश्च न: सहजो राममत: समाश्रित: ।
कति सन्ति न रामनामका: कतमस्तेषु स यस्त्वयोच्यते ॥२४॥

ରାବଣଃ-

ଶ୍ରୁତମସ୍ତି ବିଭୀଷଣଶ୍ଚ ନଃ ସହଜୋ ରାମମତଃ ସମାଶ୍ରିତଃ ।
କତି ସନ୍ତି ନ ରାମନାମକାଃ କତମସ୍ତେଷୁ ସ ଯସ୍ତ୍ୱୟୋଚ୍ୟତେ ॥୨୪॥

❊ ରାବଣ କହିଲା - ମୋର ଭାଇ ବିଭୀଷଣ ଯାଇ ଶ୍ରୀରାମ ପାଖରେ ଶରଣ ପଶିଛି ବୋଲି ଶୁଣିଛି । ରାମ ନାମଧାରୀ ଅନେକ ବ୍ୟକ୍ତି ଥିବେ । କିନ୍ତୁ ସେମାନଙ୍କ ମଧ୍ୟରୁ ତୁ କେଉଁ ରାମ କଥା କହୁଛୁ ?

अङ्गद:-

जघान युधि ताड़कादिकमसौ च रक्ष:कुलं
वभञ्ज धनुरैश्वरं परिवभूव तं भार्गवम् ।
स तालतरुसप्तकं सपदि कृत्तवानम्बुधिं
वबन्ध न तथापि ते परिचितो रघूणां पति: ॥२५॥

ଅଙ୍ଗଦଃ-

ଜଘାନ ଯୁଧି ତାଡ଼କାଦିକମସୌ ଚ ରକ୍ଷଃକୁଳଂ
ବଭଞ୍ଜ ଧନୁରୈଶ୍ୱରଂ ପରିବଭୂବ ତଂ ଭାର୍ଗବମ୍ ।
ସତାଳତରୁସପ୍ତକଂ ସପଦି କୃତ୍ତବାନମ୍ବୁଧିଂ
ବବନ୍ଧ ନ ତଥାପି ତେ ପରିଚିତୋ ରଘୂଣାଂ ପତିଃ ॥୨୫॥

❊ ଅଙ୍ଗଦ କହିଲା -ଯେ ଯୁଦ୍ଧରେ ରାକ୍ଷସମାନଙ୍କ ସହିତ ତାଡ଼କାକୁ ବିନାଶ କଲେ, ଶିବଧନୁ ଭାଙ୍ଗିଲେ, ଭାର୍ଗବ ପରଶୁରାମଙ୍କୁ ପରାଭବ ଦେଲେ, ସପ୍ତତାଳ ଛେଦନ କଲେ ଓ ସମୁଦ୍ରରେ ସେତୁ ନିର୍ମାଣ କଲେ ସେହି ରଘୁପତି ଶ୍ରୀରାମଙ୍କ ପରିଚୟ ତୁ କିପରି ଜାଣିପାରିଲୁ ନାହିଁ ॥

रावण: -

भग्नं भग्नमुमापतेरजगवं बाली हतश्च हत -
स्ताला: सप्त हता हताश्च जलधिर्बद्धश्च बद्धश्च स: ।
आ: किं तेन सशैलसागरधराधारोरगेन्द्राङ्गदं
साद्रि रुद्रमुदस्यतो निजभुजान्जानात्यसौ रावण: ॥२६॥

ରାବଣଃ-

ଭଗ୍ନଂ ଭଗ୍ନମୁମାପତେରଜଗବଂ ବାଳୀ ହତଷ୍ଟ ହତ-

ସ୍ତାଳାଃ ସପ୍ତ ହତା ହତାଷ୍ଟ ଜଳଧିର୍ବଦ୍ଧଷ୍ଟ ବଦ୍ଧଷ୍ଟ ସଃ ।

ଆଃ କିଂ ତେନ ସଶୈଳସାଗରଧରାଧାରୋରଗେନ୍ଦ୍ରାଙ୍ଗଦଂ

ସାଦ୍ରିଂ ରୁଦ୍ରମୁଦସ୍ୟତୋ ନିଜଭୁଜାନ୍ ଜାନାତ୍ୟସୌ ରାବଣଃ ॥୨୬॥

❊ ରାବଣ କହିଲା- ଶିବଙ୍କ ଭଗ୍ନ ଅଜଗବଧନୁକୁ ଭାଙ୍ଗିଲା, କ୍ଷତବିକ୍ଷତ ବୃଦ୍ଧବାଳିକୁ ହତ୍ୟାକଲା, ସପ୍ତତାଳ ଛେଦନ କଲା ଏବଂ ସୂର୍ଯ୍ୟ ଓ ବରୁଣଙ୍କ ସହଯୋଗରେ ସାଗରରେ ବନ୍ଧଟିଏ ବାନ୍ଧି ଦେଲା ବୋଲି କଣ ରାମ ସସାଗରା ଧରାର ଅଧୀଶ୍ୱର ହୋଇଗଲା । କିନ୍ତୁ ଶିବଙ୍କ ଅଧିଷ୍ଠାନ କୈଳାସକୁ ଉପାଡ଼ିଥିବା ରାବଣ ନିଜର ବାହୁବଳକୁ ଭଲ ଭାବରେ ଜାଣିଛି ॥

अङ्गदः -

एकस्त्वया हरगिरिः स्वभुजेरुद्धृतः शम्भोः प्रसादनविधौ दशकन्धरेण ।

पूर्वं वराहवपुषाम्बुधिमध्यमग्ना तेनोद्धृता गिरिसहस्रधरा धरित्री ॥२७॥

ଅଙ୍ଗଦଃ -

ଏକସ୍ତ୍ୱୟା ହରଗିରିଃ ସ୍ୱଭୁଜୈରୁଦ୍ଧୃତଃ ଶମ୍ଭୋଃ ପ୍ରସାଦନିବିଧୌ ଦଶକନ୍ଧରେଣ ।

ପୂର୍ବଂ ବରାହବପୁଷାମ୍ବୁଧିମଧ୍ୟମଗ୍ନା ତେନୋଦ୍ଧୃତା ଗିରିସହସ୍ରଧରା ଧରିତ୍ରୀ ॥୨୭॥

❊ ଅଙ୍ଗଦ କହିଲା- ରେ ରାବଣ ! ତୁ କୈଳାସପର୍ବତକୁ ଉପାଡ଼ି ଓ ବିଂଶ ବାହୁରେ ତାକୁ ଟେକି ଧରି ଶିବଙ୍କଠାରୁ ବର ଲାଭ କରିଥିଲୁ । କିନ୍ତୁ ଶ୍ରୀରାମ ବରାହ ଅବତାର ବେଳେ କୈଳାସ ସହିତ ହଜାର ହଜାର ପର୍ବତ ଥିବା ସମଗ୍ର ପୃଥିବୀ ନିଜର ଦନ୍ତାଗ୍ରରେ ଧାରଣ କରିଥିଲେ । ଏଥିରୁ କିଏ ପରାକ୍ରମଶାଳୀ ତାହା ଜାଣିପାରୁଥିବୁ ॥

रावणः-

सर्वैर्यस्य समं समेत्य कठिनां वक्षःस्थलीं संयुगे

निर्भग्नं मुखमेव दन्तमुषलैरैरावतस्योद्गतैः ।

हेलोत्क्षिप्तमहीध्रकम्पजनितत्रासाङ्गनालिङ्गन-

प्राप्तानन्दहरप्रसादमुदितश्चिन्त्य स मेऽन्यो रिपुः ॥२८॥

ରାବଣଃ-

ସର୍ବୈର୍ଯସ୍ୟ ସମଂ ସମେତ୍ୟ କଠିନାଂ ବକ୍ଷସ୍ଥଳୀଂ ସଂଯୁଗେ

ନିର୍ଭଗ୍ନଂ ମୁଖମେବ ଦନ୍ତମୁଷଳୈରୈରାବତସ୍ୟୋଦ୍‌ଗତୈଃ ।

ହେଳୋତ୍‌କ୍ଷିପ୍ତମହୀଧ୍ରକମ୍ପଜନିତତ୍ରାସାଙ୍ଗନାଲିଙ୍ଗନ-

ପ୍ରାପ୍ତାନନ୍ଦହରପ୍ରସାଦମୁଦିତଶ୍ଚିନ୍ତ୍ୟ ସ ମେଽନ୍ୟୋ ରିପୁଃ ॥୨୮॥

❀ ରାବଣ କହିଲା- ରେ ବାନର ! ଦେବାସୁର ସଂଗ୍ରାମରେ ଇନ୍ଦ୍ର କ୍ରୋଧାନ୍ୱିତ ହୋଇ ମୋ'ଉପରେ ବଜ୍ରରେ ପ୍ରହାର କଲା ଏବଂ ଐରାବତ ହସ୍ତୀର ଦନ୍ତରେ ମଧ୍ୟ ମୋର ବକ୍ଷଃସ୍ଥଳକୁ ବାରମ୍ବାର ଆଘାତ କଲା । କିନ୍ତୁ ଇନ୍ଦ୍ରର ବଜ୍ର ଓ ଦନ୍ତର ତୀକ୍ଷ୍ଣ ମୁନ ମୋ' ଦେହରେ ବାଜି ନଷ୍ଟ ହୋଇଗଲା । କୈଳାସ ପର୍ବତ ଉପାଡ଼ିବାରୁ ପାର୍ବତୀ ଭୟଭୀତା ହୋଇ ପଡ଼ିଲେ । ତେଣୁ ଶିବ ପ୍ରସନ୍ନ ହୋଇ ମୋତେ ବର ଦେଲେ । ସେଥିପାଇଁ ଭୟରେ କେହି ମୋ' ସହିତ ଶତ୍ରୁତା କରନ୍ତି ନାହିଁ ॥

अङ्गदः-

अवेहि मां रावण रामदूतं बाणास्तदीयाः खरदूषणादीन् ।
भुक्त्वा तृषार्त्ता इव शोणिताम्भः पास्यन्ति ते कण्ठघटैः सरन्ध्रैः ।।२९।।

ଅଙ୍ଗଦଃ-

ଅବେହି ମାଂ ରାବଣ ରାମଦୂତଂ ବାଣାସ୍ତଦୀୟା ଖରଦୂଷଣାଦୀନ୍ ।
ଭୁକ୍ତ୍ୱା ତୃଷାର୍ତ୍ତା ଇବ ଶୋଣିତାମ୍ଭଃ ପାସ୍ୟନ୍ତି ତେ କଣ୍ଠଘଟୈଃ ସରନ୍ଧ୍ରୈଃ ॥୨୯॥

❀ ଅଙ୍ଗଦ କହିଲା-ରେ ରାବଣ ! ମୁଁ ସେହି ପ୍ରଭୁ ଶ୍ରୀରାମଙ୍କ ଦୂତ, ଯାହାଙ୍କର ବାଣ ଖରଦୂଷଣଙ୍କ ପ୍ରାଣ ହରଣ କରିଥିଲା । ସେହି ବାଣ ଏବେ ରକ୍ତ ପାନ ପାଇଁ ଅପେକ୍ଷା କରିଛି ଏବଂ ତୋ'ର ରକ୍ତ ପାନ କଲେ ଶାନ୍ତ ହେବ ॥

रावणः - अरे कूटप्रलापिन् पश्य -

मृत्युपादान्तभृत्यस्तपति दिनकरश्चातिमन्दं ममाग्रेऽ-
प्यष्टौ ते लोकपाला मम भयचकिताः पादरेणुं भजन्ते ।
दृष्ट्वा मे चन्द्रहासं पतति सुरवधूपन्नगीनां च गर्भो
निर्लज्जौ तापसौ तौ कथमिह समितौ वानरान्मेलयित्वा ।।३०।।

ରାବଣଃ- ଅରେ କୂଟପ୍ରଳାପିନ୍ ପଶ୍ୟ-

ମୃତ୍ୟୁପାଦାନ୍ତଭୃତ୍ୟସ୍ତପତି ଦିନକରଶ୍ଚାତିମନ୍ଦଂ ମମାଗ୍ରେଽ-
ପ୍ୟଷ୍ଟୌ ତେ ଲୋକପାଳା ମମ ଭୟଚକିତାଃ ପାଦରେଣୁଂ ଭଜନ୍ତେ ।
ଦୃଷ୍ଟ୍ୱା ମେ ଚନ୍ଦ୍ରହାସଂ ପତତି ସୁରବଧୂପନ୍ନଗୀନାଂ ଚ ଗର୍ଭୋ
ନିର୍ଲଜ୍ଜୌ ତାପସୌ ତୌ କଥମିହ ସମିତୌ ବାନରାନ୍ ମେଳୟିତ୍ୱା ॥୩୦॥

❀ ରାବଣ କହିଲା- ରେ ପାପିଷ୍ଠ ବାନର ! ନିର୍ଭୟରେ ତୁ ଅନେକ କଟୁ ବାକ୍ୟ କହୁଛୁ । ଦେଖ, ଯମ ମୋର ଚାକର । ଦିନକର ମୋ' ଆଗରେ ପ୍ରଖରକିରଣ ହୁଅନ୍ତି ନାହିଁ । ଅଷ୍ଟଦିଗପାଳ ମୋ' ପାଦତଳେ ସେବା କରୁଛନ୍ତି । ମୋର ଚନ୍ଦ୍ରହାସ ଖଡ୍ଗକୁ ଦେଖି ସୁରବଧୂ ଓ ସର୍ପମାନଙ୍କ ଗର୍ଭପାତ ହୋଇଯାଏ । ଆଉ ମଣିଷ ହୋଇ ରାମଲକ୍ଷ୍ମଣ ମୂର୍ଖ ବାନରଗୁଡ଼ାଏ ଆଣି ମୋ' ସହିତ ଯୁଦ୍ଧ କରିବାକୁ ଆସୁଛନ୍ତି ॥

कुतो हन्तारण्ये कनकमृगमात्रं तृणचरं
कुतो वृक्षाद्वृक्षप्लवननिपुणो बालीनिहतः ।
कुतो बह्निज्वालाजटिलशरसन्धानसुदृढ-
स्त्वहं युद्धोद्योगी गगनमधितिष्ठेन्द्रविजयी ॥३१॥

କୁତୋ ହନ୍ତାରଣ୍ୟେ କନକମୃଗମାତ୍ରଂ ତୃଣଚରଂ
କୁତୋ ବୃକ୍ଷାଦ୍‌ବୃକ୍ଷପ୍ଲବନନିପୁଣୋ ବାଲୀ ନିହତଃ ।
କୁତୋ ବହ୍ନିଜ୍ୱାଳାଜଟିଳଶରସନ୍ଧାନସୁଦୃଢ-
ସ୍ତ୍ୱହଂ ଯୁଦ୍ଧୋଦ୍ୟୋଗୀ ଗଗନମଧିତିଷ୍ଠେନ୍ଦ୍ରବିଜୟୀ ॥୩୧॥

❋ ରାମ ବଣରେ ଘାସ ଖାଉଥିବା ସୁନାର ହରିଣ ଶିକାର କଲା ବା ଗଛରୁ ଗଛକୁ ଡେଇଁ ବୁଲୁଥିବା ବାନରକୁ ମାଇଲା ସେଥିରେ ବୀରତ୍ୱ ପ୍ରଦର୍ଶନ କଲାଭଳି କଣ ଅଛି ? ଯୁଦ୍ଧ ବିଷୟରେ ଉତ୍ସାହୀ ମୋତେ ଦେଖ । ମୁଁ ଇନ୍ଦ୍ରକୁ ଜୟ କରଛି ଓ ସ୍ୱର୍ଗକୁ ମୋର ହାତମୁଠାରେ ରଖିଛି ॥

अङ्गद -
रे रे राक्षसवंशजात समरे नाराचचक्राहते
रामोत्तुङ्गपतङ्गचापयुगले तेजोभिराडम्बरे ।
मन्ये शैर्षमिदं त्वदीयमखिलं भूमण्डले पातितं
गृध्रैरालुठितं श्वभिः कवलितं काकैः क्षतं यास्यति ॥३२॥

ଅଙ୍ଗଦଃ-
ରେ ରେ ରାକ୍ଷସବଂଶଜାତ ସମରେ ନାରାଚଚକ୍ରାହତେ
ରାମୋତ୍ତୁଙ୍ଗପତଙ୍ଗଚାପଯୁଗଳେ ତେଜୋଭିରାଡ଼ମ୍ବରେ ।
ମନ୍ୟେ ଶୈର୍ଷମିଦଂ ତ୍ୱଦୀୟମଖିଳଂ ଭୂମଣ୍ଡଳେ ପାତିତଂ
ଗୃଧ୍ରୈରାଲୁଠିତଂ ଶ୍ୱଭିଃ କବଳିତଂ କାକୈଃ କ୍ଷତଂ ଯାସ୍ୟତି ॥୩୨॥

❋ ଅଙ୍ଗଦ କହିଲା- ରେ ରାକ୍ଷସବଂଶଘାତକ, ଶ୍ରୀରାମଙ୍କର ତେଜୋମୟ ଧନୁଶରରେ ସବଂଶ ନାଶ ହେବା ସଙ୍ଗେସଙ୍ଗେ ତୋ'ର ମୁଣ୍ଡଗୁଡ଼ିକ ଶରୀରରୁ ବିଚ୍ୟୁତ ହୋଇ ଭୂତଳରେ ଗଡ଼ିବ ଏବଂ ଗୃଧ୍ର ଓ କାକ ସେଗୁଡ଼ିକୁ ଖଣ୍ଡ ଖଣ୍ଡ କରି ଖାଇବେ ॥

रावणः - अरे त्वामहं धर्मशीलतया कटुप्रलापिनमपि न हन्मि ।
यथोक्तवादी दूतः स्यान्न स वध्यो महीभुजाम् ।
क्रूरस्तदीयकोपेन क्वचिद्वैरुप्यमर्हति ॥३३॥

ରାବଣଃ - ଅରେ ତ୍ୱାମହଂ ଧର୍ମଶୀଳତୟା କଟୁପ୍ରଳାପିନମପି ନ ହନ୍ମି ।
ଯଥୋକ୍ତବାଦୀ ଦୂତଃ ସ୍ୟାନ୍ନ ସ ବଧ୍ୟୋ ମହୀଭୂଜାମ୍ ।
କ୍ରୂରସ୍ତଦୀୟକୋପେନ କ୍ୱଚିଦ୍‌ବୈରୂପ୍ୟମର୍ହତି ॥୩୩॥

❋ ରାବଣ କହିଲା- ଆରେ ବାନର ! ମୁଁ ଧର୍ମାତ୍ମା ହୋଇଥିବାରୁ ତୁ କଟୂକ୍ତି କଲେ ମଧ୍ୟ ତୋତେ ବଧ କରୁ ନାହିଁ । ଦୂତ ଯଥାର୍ଥ ବାକ୍ୟ କହେ । ତେଣୁ ରାଜାମାନେ ଦୂତକୁ ବଧ କରନ୍ତି ନାହିଁ । ଦୂତ ଅନୁଚିତ କଥା କହିଲେ କେହି କେହି ତାକୁ ଜୀବନରେ ନ ମାରି ବିରୂପ କରିଦିଅନ୍ତି ॥

अङ्गदः - (सहास्यम्)

परदारापहारेण न श्रुता या दशानने ।
दृष्टा दूतपरित्राणे साधोस्ते धर्मशीलता ।।३४।।

ଅଙ୍ଗଦଃ - (ସହାସ୍ୟମ୍)

ପରଦାରାପହାରେଣ ନ ଶ୍ରୁତା ଯା ଦଶାନନେ ।
ଦୃଷ୍ଟା ଦୂତପରିତ୍ରାଣେ ସାଧୋସ୍ତେ ଧର୍ମଶୀଳତା ।।୩୪।।

❋ ଅଙ୍ଗଦ- (ହସି ହସି) ପରଦାରା ଅପହରଣକାରୀ ଦଶାନନ ଜଣେ ଧାର୍ମିକ ରାଜା ବୋଲି ଶୁଣି ନ ଥିଲି । ଦୂତକୁ ଦୟା କରି ଛାଡ଼ିଦେବାର ଦେଖି ତୋର ଧାର୍ମିକପଣକୁ ସାଧୁବାଦ ଜଣାଉଛି ॥

रावणः -

बद्धः सेतुर्यदि जलनिधौ वानरैस्तावतः किं
नो वल्मीकाः क्षितिधरनिभाः किं क्रियन्ते पिपील्लैः ।
दग्धा लङ्का यदपि कपिना स स्वभावः किलाग्नेः
शौर्य्याश्चर्यं निजभुजजये किं कृतं रामनाम्ना ।।३५।।

ରାବଣଃ -

ବଦ୍ଧଃ ସେତୁର୍ଯଦି ଜଳନିଧୌ ବାନରୈସ୍ତାବତଃ କିଂ
ନୋ ବଲ୍ମୀକାଃ କ୍ଷିତିଧରନିଭାଃ କିଂ କ୍ରିୟନ୍ତେ ପିପୀଲ୍ଲୈଃ ।
ଦଗ୍ଧା ଲଙ୍କା ଯଦପି କପିନା ସ ସ୍ୱଭାବଃ କିଳାଗ୍ନେଃ
ଶୌର୍ଯ୍ୟାଶ୍ଚର୍ଯ୍ୟଂ ନିଜଭୂଜଜୟେ କିଂ କୃତଂ ରାମନାମ୍ନା ।।୩୫।।

❋ ରାବଣ କହିଲା- ବାନରଗୁଡ଼ାଙ୍କ ସାହାଯ୍ୟରେ ସମୁଦ୍ରରେ ଏକ ସେତୁ ନିର୍ମାଣ କରିଦେବା କଣ ଗର୍ବର ବିଷୟ ? ଉଇହୁଙ୍କା କେବେ ପର୍ବତ ସମାନ ହେବ ନାହିଁ କି ପିମ୍ପୁଡ଼ିଗୁଡ଼ାକ କିଛି କରିପାରିବେ ନାହିଁ । ବାନରଟାଏ ଆସି ଲଙ୍କା ପୋଡ଼ି ଦେଇଗଲା ସେଥିରେ ତା'ର ବୈଶିଷ୍ଟ୍ୟ କଣ ? ଦହନ କରିବା ଅଗ୍ନିର ସ୍ୱାଭାବିକ ଗୁଣ । ରାମ ତା'ର ଦୁଇଟି ହାତରେ ଏପରି କଣ ଆଶ୍ଚର୍ଯ୍ୟଜନକ ବୀରତ୍ୱ ପ୍ରଦର୍ଶନ କରିଛି ?

अपिच-

परिमितमहिमानं क्षुद्रमेनं समुद्रं क्षितिधररचनाभिः कोऽयमुत्तीर्य्य गर्वः ।
अकलितमहिमानःसन्तिदुष्प्रापपारादशवदनभुजाख्याविंशतिःसिन्धुनाथाः।।३६।।

ଅପିଚ-

ପରିମିତମହିମାନଂ କ୍ଷୁଦ୍ରମେନଂ ସମୁଦ୍ରଂ କ୍ଷିତିଧରରଚନାଭିଃ କୋଽୟମୁର୍ଣ୍ଣାର୍ଯ୍ୟ ଗର୍ବଃ ।
ଅକଳିତମହିମାନଃ ସନ୍ତି ଦୁଷ୍ପାପପାରାଦଶବଦନଭୁଜାଖ୍ୟା ବିଂଶତିଃ ସିନ୍ଧୁନାଥାଃ ॥୩୬॥

❋ ସାଗରର ଏକ କ୍ଷୁଦ୍ର ଅଂଶକୁ ଗଛ, ପଥର ଓ ମାଟି ପକାଇ ବନ୍ଧଟିଏ ମାଙ୍କଡ଼ଗୁଡ଼ାକ ସାହାଯ୍ୟରେ ବାନ୍ଧିବାରେ କି ବିଶେଷତ୍ୱ ଅଛି ? ଏଥିରେ ଗର୍ବ କରିବାର କିଛି ନାହିଁ । ଦଶବଦନର ଅପାର ସମୁଦ୍ର ସଦୃଶ ଅକଳ୍ପନୀୟ ଶକ୍ତିସମ୍ପନ୍ନ ବିଂଶବାହୁ ଅଛି, ଯାହାକୁ କେହି ପାର ହୋଇ ପାରିବ ନାହିଁ ॥

अङ्गदः -

रे रे रावण शम्भुशैलमथनप्रख्यातवीर्यः कथं
रामं योद्धुमिहेच्छसीदमखिलं चेत्तन्न युक्तं तथा ।
रामस्तिष्ठतु लक्ष्मणस्य धनुषो रेखापि नो लंघिता
तच्चारेण च लंघितो जलनिधिर्दग्धाहतोऽक्षः पुरी ॥३७॥

ଅଙ୍ଗଦଃ-

ରେ ରେ ରାବଣ ଶମ୍ଭୁଶୈଳମଥନପ୍ରଖ୍ୟାତବୀର୍ଯ୍ୟଃ କଥଂ
ରାମଂ ଯୋଦ୍ଧୁମିହେଚ୍ଛସୀଦମଖିଳଂ ଚେତ୍ତନ୍ନ ଯୁକ୍ତଂ ତଥା ।
ରାମସ୍ତିଷ୍ଠତୁ ଲକ୍ଷ୍ମଣସ୍ୟ ଧନୁଷୋ ରେଖାପି ନୋ ଲଂଘିତା
ତଚ୍ଚାରେଣ ଚ ଲଂଘିତୋ ଜଳନିଧିର୍ଦଗ୍ଧାହତୋଽକ୍ଷଃ ପୁରୀ ॥୩୭॥

❋ ଅଙ୍ଗଦ କହିଲା- ରେ ରାବଣ ! କେବଳ କୈଳାସ ପର୍ବତକୁ ଉପାଡି ନିଜକୁ ପରାକ୍ରମଶାଳୀ ବୋଲି କହୁଛୁ ଏବଂ ସେଇ ଅହଙ୍କାରରେ ତୁ ଶ୍ରୀରାମଙ୍କ ସହିତ ଯୁଦ୍ଧ କରିବାକୁ ଇଚ୍ଛା କରୁଛୁ, ଏହା ଯୁକ୍ତିଯୁକ୍ତ ମନେ ହେଉନାହିଁ । ଶ୍ରୀରାମଙ୍କ କଥା ଛାଡ଼, ଲକ୍ଷ୍ମଣଙ୍କ ବାଣରେ ଅଙ୍କିତ ରେଖାକୁ ତୁ ଲଂଘନ କରିପାରି ନାହୁଁ । ତାଙ୍କର ଜଣେ ସେବକ ସମୁଦ୍ର ପାର ହୋଇ ଆସି ଅକ୍ଷୟକୁମାରକୁ ହତ୍ୟା କରି ଲଙ୍କାକୁ ପୋଡ଼ିଦେଇଗଲା, ତଥାପି ତୁ କିଛି କରି ପାରିଲୁ ନାହିଁ ॥

रावणः -

यद्भिन्नाः किल बालतालतरवो रामेण सार्द्रत्वचो
भग्नं यच्च पुरातनं हरधनुस्तद्वीर्य्यमुद्गीर्य्यते ।
नासीदेतदनागतं श्रुतिपथे स्वर्लोकधूमध्वजः
पौलस्त्यः करकन्दुकीकृतहरक्रीडाचलो रावणः ॥३८॥

ରାବଣଃ-

ଯଦ୍‌ଭିନ୍ନାଃ କିଳ ବାଳତାଳତରବୋ ରାମେଣ ସାର୍ଦ୍ରତ୍ୱଚୋ
ଭଗ୍ନଂ ଯଚ୍ଚ ପୁରାତନଂ ହରଧନୁସ୍ତଦ୍ବୀର୍ଯ୍ୟମୁଦ୍‌ଗୀର୍ଯ୍ୟତେ ।

ନାସାଦେତଦନାଗତଂ ଶ୍ରୁତିପଥେ ସ୍ୱର୍ଲୋକଧୂମଧ୍ୱଜଃ
ପୌଲସ୍ତ୍ୟଃ କରକନ୍ଦୁକୀକୃତହରକ୍ରୀଡ଼ାଚଲୋ ରାବଣଃ ।।୩୮।।

❊ ରାବଣ କହିଲା- ତୋର ରାମ କେତେଟା ତାଳଗଛକୁ କାଟିପକାଇଲା ଓ ଶିବଙ୍କ ପୁରୁଣା ଧନୁଟାକୁ ଭାଙ୍ଗି ପକାଇଲା ବୋଲି ତାର ବୀରତ୍ୱର ପ୍ରଶଂସା କରୁଛୁ । ପୌଲସ୍ତ୍ୟ ଶିବଙ୍କ କ୍ରୀଡ଼ାଶୈଳକୁ କନ୍ଦୁକ ପରି ଉଠାଇଲା, ଆଉ ଆକାଶରେ ବୀରତ୍ୱର ଧ୍ୱଜା ଉଡ଼ାଇଲା । ଏପରି ଅସମ୍ଭବକୁ ସମ୍ଭବ କରିଥିବା ରାବଣର କଥା କଣ ତୁ ଶୁଣି ନାହୁଁ ?

अलमप्रस्तुतालापैः श्रुत्वापि मम विक्रमम् ।
इदानीं रघुडिम्भेन वद किं कर्त्तुमिष्यते ।।३९।।

ଅଲମପ୍ରସ୍ତୁତାଳାପୈଃ ଶ୍ରୁତ୍ୱାପି ମମ ବିକ୍ରମମ୍ ।
ଇଦାନୀଂ ରଘୁଡିମ୍ଭେନ ବଦ କିଂ କର୍ତ୍ତୁମିଷ୍ୟତେ ।।୩୯।।

❊ ଆଉ ଅଧିକା ଆଳାପ କରିବା ନିଷ୍ପ୍ରୟୋଜନ । ମୋର ବଳବୀର୍ଯ୍ୟ କଥା ତ ଶୁଣିଲୁ । ବର୍ତ୍ତମାନ ତୋର ବାଳକ ରାମ କଣ କରିବାକୁ ଚାହୁଁଛି ସେକଥା କହ ।।

अङ्गदः -

स्वसुर्नासावसापङ्कपङ्किलामसिवल्लरीम् ।
कदुष्णैस्त्वच्छिरोरक्तै रामः क्षालितुमिच्छति ।।४०।।

ଅଙ୍ଗଦ -

ସ୍ୱସୁର୍ନାସାବସାପଙ୍କପଙ୍କିଳାମସିବଲ୍ଲରୀମ୍ ।
କଦୁଷ୍ଣୈସ୍ତ୍ୱଚ୍ଛିରୋରକ୍ତୈ ରାମଃ କ୍ଷାଳିତୁମିଚ୍ଛତି ।।୪୦।।

❊ ଅଙ୍ଗଦ କହିଲା - ତୋ' ଭଉଣୀର ନାକକାନ କାଟି ଥିବା ଅସ୍ତ୍ର ମାଂସଲିପ୍ତ ହେବାରୁ ମଳିନ ଦେଖାଯାଉଛି । ତୋ'ର ମସ୍ତକ ଛେଦନଦ୍ୱାରା କ୍ଷରିତ ରକ୍ତରେ ସେହି ଅସ୍ତ୍ରକୁ କ୍ଷାଳନ କରିବା ପାଇଁ ପ୍ରଭୁ ଶ୍ରୀରାମଚନ୍ଦ୍ର ଇଚ୍ଛା କରୁଛନ୍ତି ।।

रावणः -

शावः कश्चित्तिरश्चां त्वमसि न विदितस्तेऽपि कीदृक्प्रभावा-
स्ते किं मां नो विदन्ति त्रिभुवनजयिनं रामसुग्रीवमुख्याः ।
तेषां किं मे न तावत्परनिजबलयोस्तारतम्यं विदित्वा
सन्दिष्टं दुष्टदूत त्वरितमवितथं तत्तदावेदयस्व ।।४१।।

ରାବଣଃ -

ଶାବଃ କଶ୍ଚିତ୍ତିରଶ୍ଚାଂ ତ୍ୱମସି ନ ବିଦିତସ୍ତେଽପି କୀଦୃକ୍ପ୍ରଭାବା-
ସ୍ତେ କିଂ ମାଂ ନୋ ବିଦନ୍ତି ତ୍ରିଭୁବନଜୟିନଂ ରାମସୁଗ୍ରୀବମୁଖ୍ୟାଃ ।
ତେଷାଂ କିଂ ମେ ନ ତାବତ୍ପରନିଜବଳୟୋସ୍ତାରତମ୍ୟଂ ବିଦିତ୍ୱା
ସନ୍ଦିଷ୍ଟଂ ଦୁଷ୍ଟଦୂତ ତ୍ୱରିତମବିତଥଂ ତତ୍ତଦାବେଦୟସ୍ୱ ।।୪୧।।

❊ ରେ ବାନରଶିଶୁ ! ତୁ ବା ତୋର ପ୍ରଭୁ ରାମସୁଗ୍ରୀବାଦି ତ୍ରିଭୁବନବିଜୟୀ ରାବଣର ପ୍ରଭାବ ଜାଣିନାହଁ । ସେମାନଙ୍କର ବଳବୀର୍ଯ୍ୟ ବିଷୟରେ ମୁଁ ମଧ୍ୟ କିଛି ଜାଣେ ନାହିଁ । ତେଣୁ ଆମ ମଧ୍ୟରେ ଥିବା ତାରତମ୍ୟ ବିଚାର କରି ଯଥାଶୀଘ୍ର ତୋର ବକ୍ତବ୍ୟ କଥା ନିଃସନ୍ଦେହରେ ପ୍ରକାଶ କର ॥

प्रथमत: श्रीरामपादास्त्वामादिशन्ति -

अज्ञानादथवाधिपत्यरभसादस्मत्परोक्षे हृता

सीतेयं परिमुच्यतामितिवचो गत्वा दशास्यं वद ।

नोचेल्लक्ष्मणमुक्तमार्गणगलच्छेदोच्छलच्छोणित -

छत्रछिन्नदिगन्तमन्तकपुरं पुत्रैर्वृतो यास्यति ॥४२॥

ପ୍ରଥମତଃ ଶ୍ରୀରାମପାଦାସ୍ତ୍ୱାମାଦିଶନ୍ତି-

ଅଜ୍ଞାନାଦଥବାଧିପତ୍ୟରଭସାଦସ୍ମତ୍‌ପରୋକ୍ଷେ ହୃତା

ସୀତେୟଂ ପରିମୁଚ୍ୟତାମିତି ବଚୋ ଗତ୍ୱା ଦଶାସ୍ୟଂ ବଦ ।

ନୋଚେଲ୍ଲକ୍ଷ୍ମଣମୁକ୍ତମାର୍ଗଣଗଲଚ୍ଛେଦୋଚ୍ଛଲଚ୍ଛୋଣିତ-

ଛତ୍ରଛିନ୍ନଦିଗନ୍ତମନ୍ତକପୁରଂ ପୁତ୍ରୈର୍ବୃତୋ ଯାସ୍ୟତି ॥୪୨॥

❊ ଅଙ୍ଗଦ କହିଲା- ପ୍ରଭୁ ଶ୍ରୀରାମ ଆଦେଶ ଦେଇଛନ୍ତି ଯେ, ଅଜ୍ଞାନତାବଶତଃ କିମ୍ବା ପ୍ରଭୁତ୍ୱଜନିତ ଅହଙ୍କାର ବଶତଃ ଏବଂ ଆମର ଅନୁପସ୍ଥିତିର ସୁଯୋଗ ନେଇ ଯଦି ସୀତାଙ୍କୁ ରାବଣ ଅପହରଣ କରିଛି ତେବେ ସେ ତାଙ୍କୁ ମୁକ୍ତ କରିଦେଉ । ନୋହିଲେ ଲକ୍ଷ୍ମଣଙ୍କ ସୁତୀକ୍ଷ୍ଣ ବାଣର ଆଘାତରେ ରକ୍ତାକ୍ତ ହୋଇ ପୁତ୍ରପୌତ୍ରାଦିଙ୍କ ସହିତ ମୃତ୍ୟୁବରଣ କରିବ ॥

कुमारो लक्ष्मणस्त्वमाह-

सीतां मुञ्च भजस्व रामचरणौ राज्यं चिरं भुज्यतां

देवा: सन्तु हविर्भुज: परिभवं मा यातु लङ्कापुरी ।

नो चेद्वानरवाहिनीपतिमहाचञ्चच्चपेटान्तरे-

स्तत्तन्मुष्टिभिरेव सङ्गरगतस्तत्तत्फलं प्राप्स्यसि ॥४३॥

କୁମାରୋ ଲକ୍ଷ୍ମଣସ୍ତ୍ୱମାହ-

ସୀତାଂ ମୁଞ୍ଚ ଭଜସ୍ୱ ରାମଚରଣୌ ରାଜ୍ୟଂ ଚିରଂ ଭୁଜ୍ୟତାଂ

ଦେବାଃ ସନ୍ତୁ ହବିର୍ଭୁଜଃ ପରିଭବଂ ମା ଯାତୁ ଲଙ୍କାପୁରୀ ।

ନୋଚେଦ୍‌ବାନରବାହିନୀପତିମହାଚଞ୍ଚଚ୍ଚପେଟାନ୍ତରୈ-

ସ୍ତତ୍ତନ୍ମୁଷ୍ଟିଭିରେବ ସଙ୍ଗରଗତସ୍ତତ୍ତତ୍‌ଫଳଂ ପ୍ରାପ୍ସ୍ୟସି ॥୪୩॥

❊ କୁମାର ଲକ୍ଷ୍ମଣ କହିଛନ୍ତି - ସୀତାଙ୍କୁ ଶ୍ରୀରାମଙ୍କ ଚରଣରେ ସମର୍ପଣ କରି ଚିରକାଳ ପାଇଁ ରାଜ୍ୟଭୋଗ କର । ଦେବଗଣ ନିଜର ହବିର୍ଭାଗ ଲାଭ କରନ୍ତୁ । ଲଙ୍କାର ବିନାଶ ନ ହେଉ ।

ନୋହିଲେ ଯୁଦ୍ଧରେ ବାନରବାହିନୀର ଚପେଟାଗାତ ଓ ମୁଷ୍ଟ୍ୟାଘାତରେ ସମସ୍ତେ କୃତକର୍ମର ଫଳ ଭୋଗ କରିବେ ॥

सुग्रीवस्त्वमाह-

दृष्ट: किं रघुनन्दनो बहुवलैर्वीर्य्यैर्महादर्पित-
स्तलङ्केश विमुञ्च मानमखिलं श्रुत्वा वधं बालिन: ।
सीतामर्पय रक्षराक्षसगणानिन्द्राधिकां सम्पदं
तस्माद्गच्छ दशास्य रामचरणे दासत्वमङ्गीकुरु ।।४४।।

ସୁଗ୍ରୀବସ୍ତ୍ୱମାହ-

ଦୃଷ୍ଟଃ କିଂ ରଘୁନନ୍ଦନୋ ବହୁବଲୈର୍ବୀର୍ଯ୍ୟୈର୍ମହାଦର୍ପିତ-
ସ୍ତ୍ୱଲ୍ଲଂକେଶ ବିମୁଞ୍ଚ ମାନମଖିଳଂ ଶ୍ରୁତ୍ୱା ବଧଂ ବାଳିନଃ ।
ସୀତାମର୍ପୟ ରକ୍ଷରାକ୍ଷସଗଣାନିନ୍ଦ୍ରାଧିକାଂ ସମ୍ପଦଂ.
ତସ୍ମାଦ୍ ଗଚ୍ଛ ଦଶାସ୍ୟ ରାମଚରଣେ ଦାସତ୍ୱମଙ୍ଗୀକୁରୁ ।।୪୪।।

❊ କପିରାଜ ସୁଗ୍ରୀବ କହିଛନ୍ତି - ତୁ ରଘୁନନ୍ଦନଙ୍କୁ ଦେଖିନାହୁଁ କି ତାଙ୍କର ବଳବୀର୍ଯ୍ୟ କଥା ଜାଣି ନାହୁଁ, ସେକଥା ଛାଡ଼ । ବାଳିବଧ କଥା କଣ ତୁ ଶୁଣିନାହୁଁ ? ତେଣୁ ରାକ୍ଷସକୁଳର ସୁରକ୍ଷା ଓ ତୋର ଇନ୍ଦ୍ରଙ୍କଠାରୁ ଅଧିକ ଥିବା ସମ୍ପଦ ଭୋଗ ପାଇଁ ସୀତାଙ୍କୁ ପ୍ରତ୍ୟର୍ପଣ ପୂର୍ବକ ଶ୍ରୀରାମଙ୍କର ଅଧୀନତା ସ୍ୱୀକାର କର । ଏହାହିଁ ତୋ' ପକ୍ଷରେ ଏକମାତ୍ର କଲ୍ୟାଣର ମାର୍ଗ ॥

प्रधानसेनापतयस्त्वामाहु:-

रे रे रावण राक्षसाधम पशो मग्नोऽसि शोकार्णवे
शत्रुस्ते समुपागतस्तमिह किं नो बुध्यसे केवलम् ।
रामश्चापि करावलम्बितधनुस्तीक्ष्णोज्वलत्सायक:
साक्षात्काल इवापरस्तव पुरद्वारि स्थित: सानुज: ।।४५।।

ପ୍ରଧାନସେନାପତୟସ୍ତ୍ୱାମାହୁଃ -

ରେ ରେ ରାବଣ ରାକ୍ଷସାଧମ ପଶୋ ମଗ୍ନୋଽସି ଶୋକାର୍ଣ୍ଣବେ
ଶତ୍ରୁସ୍ତେ ସମୁପାଗତସ୍ତମିହ କିଂ ନୋ ବୁଧ୍ୟସେ କେବଳମ୍ ।
ରାମଶ୍ଚାପି କରାବଲମ୍ବିତଧନୁସ୍ତୀକ୍ଷ୍ଣୋଜ୍ଜ୍ୱଳତ୍ସାୟକଃ
ସାକ୍ଷାତ୍କାଳ ଇବାପରସ୍ତବ ପୁରଦ୍ୱାରି ସ୍ଥିତଃ ସାନୁଜଃ ।।୪୫।।

❊ ପ୍ରଧାନ ସେନାପତିମାନେ କହିଛନ୍ତି- ରେ ରାକ୍ଷସାଧମ ରାବଣ ! ତୁ ଶୋକସାଗରେ ବୁଡ଼ିବାକୁ ଯାଉଛୁ । ତେଣୁ ଶତ୍ରୁ ଆସି ଉପସ୍ଥିତ ହେଲେ ମଧ୍ୟ ତୁ ଜାଣିପାରୁ ନାହୁଁ । ଅଗ୍ନିସଦୃଶ ସୁତୀକ୍ଷ୍ଣ ବାଣ ଧାରଣ କରି ଅନୁଜ ଲକ୍ଷ୍ମଣ ସହିତ ତୋର କାଳ ସଦୃଶ ଶ୍ରୀରାମଚନ୍ଦ୍ର ଲଙ୍କାର ଦ୍ୱାରଦେଶରେ ପହଞ୍ଚିଗଲେଣି ॥

संप्रति अङ्गदः -

रे रे रावण सर्वलोकविदितः श्रीरामनामा नृप-
स्त्वा हन्तुं समुपेति वानरचमूमादाय बद्ध्वोदधिम् ।
तेनाहं प्रहितस्तवैव निकटं मद्वाक्यमाकर्ण्यतां
सीतां देहि भजस्व रामचरणौ राज्यं चिरं भुज्यताम् ।।४६।।

ସଂପ୍ରତି ଅଙ୍ଗଦଃ -

ରେ ରେ ରାବଣ ସର୍ବଲୋକବିଦିତଃ ଶ୍ରୀରାମନାମା ନୃପ -
ସ୍ତ୍ୱାଂ ହନ୍ତୁଂ ସମୁପୈତି ବାନରଚମୂମାଦାୟ ବଦ୍ଧ୍ୱୋଦଧିମ୍ ।
ତେନାହଂ ପ୍ରହିତସ୍ତବୈବ ନିକଟଂ ମଦ୍‌ବାକ୍ୟମାକର୍ଣ୍ୟତାଂ
ସୀତାଂ ଦେହି ଭଜସ୍ୱ ରାମଚରଣୌ ରାଜ୍ୟଂଚିରଂ ଭୁଜ୍ୟତାମ୍ ।।୪୬।।

❊ ଅଙ୍ଗଦ କହିଲେ- ରେ ରାବଣ ! ସର୍ବଲୋକବିଦିତ ଯେଉଁ ଶ୍ରୀରାମଚନ୍ଦ୍ର ବାନରବାହିନୀ ସହିତ ସାଗରରେ ସେତୁବନ୍ଧ ବାନ୍ଧି ଆସି ପହଞ୍ଚିଲେଣି ; ସେହି ଶ୍ରୀରାମ ମୋତେ ପଠାଇଛନ୍ତି । ମୋ' କଥା ଶୁଣ, ସୀତାଙ୍କୁ ତାଙ୍କ ଚରଣରେ ସମର୍ପଣ କରି ତୁ ଚିରକାଳ ରାଜ୍ୟସୁଖ ଭୋଗ କର ॥

रावणः-

आस्कन्धावधिकण्ठकाण्डविपिने द्राक्चन्द्रहासासिना
च्छेत्तुं प्रक्रमिते मयैव झटिति त्रुट्यच्छिरःसन्ततौ ।
अस्मेरं गलिताश्रुगद्गदवचो भग्नभ्रुवा यद्यभूद्
वक्त्रेष्वेकमपि स्वयं स भगवांस्तत्र प्रमाणं शिवः ।।४७।।

ରାବଣଃ -

ଆସ୍କନ୍ଧାବଧିକଣ୍ଠକାଣ୍ଡବିପିନେ ଦ୍ରାକ୍‌ଚନ୍ଦ୍ରହାସାସିନା
ଚ୍ଛେତ୍ତୁଂ ପ୍ରକ୍ରମିତେ ମୟୈବ.ଝଟିତି ତ୍ରୁଟ୍ୟଚ୍ଛିରଃ ସନ୍ତତୌ ।
ଅସ୍ମେରଂ ଗଳିତାଶ୍ରୁଗଦ୍‌ଗଦବଚୋ ଭଗ୍ନଭ୍ରୁବା ଯଦ୍ୟଭୂଦ୍
ବକ୍ତ୍ରେଷ୍ୱେକମପି ସ୍ୱୟଂ ସ ଭଗବାଂସ୍ତତ୍ର ପ୍ରମାଣଂ ଶିବଃ ।।୪୭।।

❊ ରାବଣ କହିଲା- ଚନ୍ଦ୍ରହାସ ଖଡ୍ଗରେ ବୃକ୍ଷ ଛେଦନ କଲା ପରି କଣ୍ଠଦେଶରୁ ଗୋଟିଏ ଲେଖାଁଏ ମୁଣ୍ଡ କର୍ତ୍ତନ କରି ଯେତେବେଳେ ନଅଟି ମୁଣ୍ଡ କାଟି ପକାଇଲି ଏବଂ ଏକମାତ୍ର ମସ୍ତକ ରହି ଆନନ୍ଦରେ ନୃତ୍ୟ କଲି ସେତେବେଳେ ଭଗବାନ୍ ଶଙ୍କର ପ୍ରୀତ ହୋଇ ମୋତେ ବରପ୍ରଦାନ କଲେ । ତୋର ଯଦି ବିଶ୍ୱାସ ହେଉନାହିଁ ତେବେ ଶିବଙ୍କୁ ଯାଇ ପଚାରିଲେ ସତ୍ୟକଥାହିଁ ଜାଣିପାରିବୁ ॥

अङ्गदः -

शिरोभिर्मा देवी शिव इव न ते दास्यति पुनः
प्रबन्धं पश्याब्धेः सरस इव कैलाससुभटः ।

हितं तु त्वां ब्रूमः मम जनकदोर्द्दण्डविजय-
स्फुरत्कीर्त्तिस्तम्भ त्यज कमलबन्धोः कुलवधूम् ।।४८।।

ଅଙ୍ଗଦଃ -

ଶିରୋଭିର୍ମା ଦେବୀ ଶିବ ଇବ ନ ତେ ଦାସ୍ୟତି ପୁନଃ
ପ୍ରବନ୍ଧଂ ପଶ୍ୟାଦ୍ୟୈଃ ସରସ ଇବ କୈଳାସସୁଭଟଃ ।
ହିତଂ ତୁ ତ୍ୱାଂ ବ୍ରୂମଃ ମମ ଜନକଦୋର୍ଦ୍ଦଣ୍ଡବିଜୟ -
ସ୍ଫୁରତ୍‌କୀର୍ତ୍ତିସ୍ତମ୍ଭ ତ୍ୟଜ କମଳବନ୍ଧୋଃ କୁଳବଧୂମ୍ ।।୪୮।।

❋ ଅଙ୍ଗଦ କହିଲା- ରେ ରାବଣ ! ତୁ ନିଜ ହାତରେ ମୁଣ୍ଡଗୁଡ଼ିକ କାଟି ଅଗ୍ନିରେ ଆହୁତି ଦେଇଥିବାରୁ ଶିବ ସନ୍ତୁଷ୍ଟ ହୋଇ ଯେଉଁ ମୁଣ୍ଡଗୁଡିକ ଯୋଡ଼ି ଦେଇଥିଲେ, ଶ୍ରୀରାମ ସେହି ମୁଣ୍ଡଗୁଡ଼ିକ ସହିତ ସମସ୍ତ ମୁଣ୍ଡ ପାଇଁ ଆସିଛନ୍ତି । ମୁଁ ତୋର କଲ୍ୟାଣ ପାଇଁ କହୁଛି । ମୋ'କଥା ମାନି ସୂର୍ଯ୍ୟବଂଶର କୁଳବଧୂ ସୀତାଙ୍କୁ ସମର୍ପଣ କର ଏବଂ ଶ୍ରୀରାମଚନ୍ଦ୍ରଙ୍କୁ ଜୟ କରିବାର ବୃଥା ଅଭିଳାଷ ତ୍ୟାଗ କର ॥

रावण: -

मिथ्योत्तम्भिततातविक्रमकथा विस्फारनिष्कारणं
तस्य क्षत्रियडिम्भकस्य चरितं चित्रीयते त्वादृशः ।
यद्वा तस्य मुहुर्महेश्वरधनुर्भङ्गादिकं गायसि
प्रायस्तत्त्वविचारतो न महिमा प्राग्भावमारोहति ।।४९।।

ରାବଣଃ -

ମିଥ୍ୟୋତ୍ତମ୍ଭିତତାତବିକ୍ରମକଥାବିସ୍ଫାରନିଷ୍କାରଣ
ତସ୍ୟ କ୍ଷତ୍ରିୟଡିମ୍ଭକସ୍ୟ ଚରିତଂ ଚିତ୍ରୀୟତେ ତ୍ୱାଦୃଶଃ ।
ଯଦ୍ୱା ତସ୍ୟ ମୁହୁର୍ମହେଶ୍ୱରଧନୁର୍ଭଙ୍ଗାଦିକଂ ଗାୟସି
ପ୍ରାୟସ୍ତତ୍ତ୍ୱବିଚାରତୋ ନ ମହିମା ପ୍ରାଗ୍‌ଭାବମାରୋହତି ।।୪୯।।

❋ ରାବଣ କହିଲା - ରେ ବାନର ! ବୃଥାରେ ତୋ' ବାପର ବିକ୍ରମ କଥା କହିବା ନିଷ୍ପ୍ରୟୋଜନ । ତୋ'ର ବାପା ତ ମୃତ୍ୟୁବରଣ କଲାଣି । ତୁ ଯେଉଁ କ୍ଷତ୍ରିୟଶିଶୁର ଗୁଣ ବଖାଣୁଛୁ ଏବଂ ବାରମ୍ବାର କହୁଛୁ ସେ ଶିବଧନୁ ଭାଙ୍ଗିଛି ତା'ର ବିନାଶ ନିଶ୍ଚିତ । ତୋ' ଆଗରେ ରାମ ବଡ଼ ହୋଇପାରେ କିନ୍ତୁ ମୋ' ଆଗରେ ସେ ଶିଶୁଟିଏ ମାତ୍ର । ସାଧାରଣତଃ ନୀଚବ୍ୟକ୍ତିମାନେ ଉଚ୍ଚବିଚାରର ମହତ୍ତ୍ୱ ଜାଣିପାରନ୍ତି ନାହିଁ ॥

रावणाङ्गदयोरुक्तिप्रत्युक्ती-

भग्नं शम्भुधनुर्घुणैरुपहतं संताड़िता ताड़का
सापि स्त्री जरती खरप्रभृतयो व्यापादितास्तेऽर्भकाः ।
तालाः सप्त हतास्तृणानि किल ते बाली हतोऽसौ कपि-
र्बद्धो वारिनिधिर्निरुत्तर इतिं श्रुत्वाभवद्रावणः ।।५०।।

ରାବଣାଙ୍ଗଦୟୋରୁକ୍ତିପ୍ରତ୍ୟୁକ୍ତୀ -

ଭଗ୍ନଂ ଶମ୍ଭୁଧନୁର୍ଘୁଣୈରୁପହତଂ ସଂତାଡ଼ିତା ତାଡ଼କା
ସାପି ସ୍ତ୍ରୀ ଜରତୀ ଖରପ୍ରଭୃତୟୋ ବ୍ୟାପାଦିତାସ୍ତେଽର୍ଭକାଃ
ତାଲା ସପ୍ତ ହତାସ୍ତୃଣାନି କିଲ ତେ ବାଲୀ ହତୋଽସୌ କପି -
ର୍ବଦ୍ଧୋ ବାରିନିଧିର୍ନିରୁତ୍ତର ଇତି ଶ୍ରୁତ୍ୱାଭବଦ୍ରାବଣଃ ॥୫୦॥

❊ ରାବଣ ଓ ଅଙ୍ଗଦର ଉକ୍ତିପ୍ରତ୍ୟୁକ୍ତି - ଶ୍ରୀରାମ ଶିବଧନୁ ଭାଙ୍ଗିଛନ୍ତି । ସେଇ ଧନୁଟା ଅତି ପୁରୁଣା । ସେ ତାଡ଼କାକୁ ମାରିଛନ୍ତି । ସେ ଥିଲା ବୁଢ଼ୀ । ସେ ଖରଦୂଷଣାଦିଙ୍କୁ ମାରିଛନ୍ତି । ସେମାନେ ବାଳକ ଥିଲେ । ସେ ସପ୍ତତାଳ ଭେଦ କରିଛନ୍ତି । ସେଗୁଡ଼ାକ ତୃଣମାତ୍ର । ସେ ବାଳିକୁ ସଂହାର କରିଛନ୍ତି । ସେଇଟା ଏକ ମାଙ୍କଡ଼ ଥିଲା । ସେ ସାଗରେ ସେତୁବନ୍ଧ କରିଛନ୍ତି । ଏହା ଶୁଣି ରାବଣ ନିରୁତ୍ତର ହୋଇ ରହିଲା ॥

निरुत्तरं रावणं दृष्ट्वा तदाच्छादनाय तदीयमहिमानं सूचयन् प्रहस्त आह-

ब्रह्मन्नध्ययनस्य नैष समयस्तूष्णीं बहिः स्थीयतां
स्वल्पं जल्प वृहस्पते जड़मते नैषा सभा वज्रिणः ।
वीणां संहर नारद स्तुतिकथालापैरलं तुम्बुरो
सीताहल्लकभल्लभिन्नहृदयः सुस्थो न लङ्केश्वरः ॥५१॥

ନିରୁତ୍ତରଂ ରାବଣଂ ଦୃଷ୍ଟ୍ୱା ତଦାଚ୍ଛାଦନାୟ ତଦୀୟମହିମାନଂ ସୂଚୟନ୍ ପ୍ରହ ଆହ -

ବ୍ରହ୍ମନ୍ନଧ୍ୟୟନସ୍ୟ ନୈଷ ସମୟସ୍ତୂଷ୍ଣୀଂ ବହିଃ ସ୍ଥୀୟତାଂ
ସ୍ୱଳ୍ପଂ ଜଳ୍ପ ବୃହସ୍ପତେ ଜଡ଼ମତେ ନୈଷା ସଭା ବଜ୍ରିଣଃ ।
ବୀଣାଂ ସଂହର ନାରଦ ସ୍ତୁତିକଥାଳାପୈରଳଂ ତୁମ୍ବୁରୋ
ସୀତାହଲ୍ଲକଭଲ୍ଲଭିନ୍ନହୃଦୟଃ ସୁସ୍ଥୋ ନ ଲଙ୍କେଶ୍ୱରଃ ॥୫୧॥

❊ ରାବଣ କିଛି ଉତ୍ତର ନ ଦେବାର ଦେଖି ପ୍ରହସ୍ତ ରାବଣର ମହିମା ପ୍ରଖ୍ୟାପନ ପାଇଁ କହିଲା - ବ୍ରହ୍ମନ୍! ବର୍ତ୍ତମାନ ବେଦ ପଢ଼ାଇବାର ସମୟ ନୁହେଁ । ଆପଣ ବାହାରକୁ ଯାଇ ନୀରବରେ ରହନ୍ତୁ । ହେ ଦେବଗୁରୁ ବୃହସ୍ପତି ! ଏହା ଇନ୍ଦ୍ରସଭା ନୁହେଁ । ତେଣୁ ତୁମେ ଅଳ୍ପ କଥା କୁହ । ହେ ନାରଦ! ବୀଣା ବଜାଇବା ବନ୍ଦକର । ହେ ଗନ୍ଧର୍ବଗଣ! ତୁମ୍ବୁରୁବାଦ୍ୟ ବନ୍ଦକର । ସୀତାଙ୍କ କଥା ମନରେ ଭାବି ଭାବି ରାଜା ରାବଣଙ୍କୁ ବର୍ତ୍ତମାନ ଏବସବୁ ଭଲ ଲାଗୁନାହିଁ ॥

पुनराह प्रहस्तोऽङ्गदं प्रति-

मरुत्वद्म्मोलिक्षणघटितघोरव्रयुना
निसर्गादग्रेण प्रसभमुरसा पीतगगनः ।
श्रियं देवद्वार्चीं निजभुजवनोद्दामकरिणी -
मयं कुर्वन्वीरः स्मरसि कथमासीद्दशमुखः ॥५२॥

ପୁନରାହ ପ୍ରହସ୍ତୋଽଙ୍ଗଦଂ ପ୍ରତି

ମରୁଦ୍ଭିଦମ୍ଭୋଲିକ୍ଷଣଘଟିତଘୋରଶ୍ୱୟଥୁନା
ନିସର୍ଗୋଦଗ୍ରେଣ ପ୍ରସଭମୁରସା ପୀତଗଗନଃ ।
ଶ୍ରିୟଂ ଦେବଦ୍ରାଚାଂ ନିଜଭୁଜବନୋଦ୍ଦାମକରିଣୀ-
ମୟଂ କୁର୍ବନ୍‌ବୀରଃ ସ୍ମରସି କଥମାସୀଦ୍ଦଶମୁଖଃ ॥୫୨॥

❋ ପ୍ରହସ୍ତ ପୁଣି ଅଙ୍ଗଦକୁ କହିଲା - ତୁ ରାବଣ ପରି ବୀର କେଉଁଠି ଦେଖିଛୁ ? ଇନ୍ଦ୍ର ଛାତିରେ ତା'ର ବଜ୍ରପ୍ରହାର କଲା, କିନ୍ତୁ ତା'ର କିଛି କ୍ଷତି ହେଲା ନାହିଁ । ରାବଣର ମସ୍ତକ ଆକାଶକୁ ସ୍ପର୍ଶ କରୁଛି । ମତ୍ତମାତଙ୍ଗିନୀଗଣ ଯାହାକୁ ଦେଖିଲେ ଭୟ କରନ୍ତି, ସେହି ଦଶମୁଖ ରାବଣ କେଡ଼େବଡ଼ ବୀର ସେକଥା ମନରେ ସ୍ମରଣ କର ॥

अङ्गद; -

अस्ति मत्स्यस्तिमिर्नाम शतयोजनविस्तरः ।
तिमिङ्गिलोऽप्यस्ति तद्वत्तद्गिलोऽप्यस्ति राघवः ॥५३॥

ଅଙ୍ଗଦଃ -

ଅସ୍ତି ମତ୍ସ୍ୟସ୍ତିମିର୍ନାମ ଶତଯୋଜନବିସ୍ତରଃ ।
ତିମିଙ୍ଗିଲୋଽପ୍ୟସ୍ତି ତଦ୍‌ବତ୍ତଦ୍‌ଗିଲୋଽପ୍ୟସ୍ତି ରାଘବଃ ॥୫୩॥

❋ ଅଙ୍ଗଦ କହିଲା- ସମୁଦ୍ରରେ ଏକ ବଡ଼ ମାଛ ଅଛି ବୋଲି ଜାଣେ । ତା'ର ନାମ ତିମି । ଶତ ଯୋଜନବ୍ୟାପି ତା'ର ଆକାର । ଆଉ ଏକ ବଡ଼ ମାଛ ଅଛି । ସେ ତିମିକୁ ଗିଳିଦିଏ । ତାକୁ ତିମିଙ୍ଗିଳ କହନ୍ତି । ଆଉ ଏକ ମାଛ ଅଛି, ସେ ତିମିଙ୍ଗଳକୁ ଗିଳିଦିଏ । ଲୋକେ ତାକୁ ରାଘବ ବୋଲି କହନ୍ତି ॥

प्रहस्त: -

वीरोऽयं किमु वर्ण्यतां दशमुखश्छिन्नैः शिरोभिः स्वयं
यः पादस्रजमुत्सुको घटयितुं देवस्य खट्वाङ्गिनः ।
सूत्रार्थं हरकण्ठसूत्रभुजगव्याकर्षणायोद्यतः
साटोपं प्रमथैः कृतं भ्रूकुटिभिः स्थित्वान्तरे वारितः ॥५४॥

ପ୍ରହସ୍ତଃ -

ବୀରୋଽୟଂ କିମୁ ବର୍ଣ୍ଣ୍ୟତାଂ ଦଶମୁଖଶ୍ଛିନ୍ନୈଃ ଶିରୋଭିଃ ସ୍ୱୟଂ
ଯଃ ପାଦସ୍ରଜମୁତ୍ସୁକୋ ଘଟୟିତୁଂ ଦେବସ୍ୟ ଖଟ୍ୱାଙ୍ଗିନଃ ।
ସୂତ୍ରାର୍ଥଂ ହରକଣ୍ଠସୂତ୍ରଭୁଜଗବ୍ୟାକର୍ଷଣାୟୋଦ୍ୟତଃ
ସାଟୋପଂ ପ୍ରମଥୈଃ କୃତଂ ଭ୍ରୂକୁଟିଭିଃ ସ୍ଥିତ୍ୱାନ୍ତରେ ବାରିତଃ ॥୫୪॥

❊ ପ୍ରହସ୍ତ କହିଲା - ରାବଣ ପରି ବୀରର ଗୁଣବର୍ଣ୍ଣନା କରିବା ସମ୍ଭବ ନୁହେଁ । ସେ ନିଜର ମୁଣ୍ଡଗୁଡ଼ିକ କାଟି ଖଟ୍ୱାଙ୍ଗଧାରୀ ଶିବଙ୍କୁ ସନ୍ତୁଷ୍ଟ କରିଥିଲା । ସେହି ମୁଣ୍ଡଗୁଡ଼ିକ ମାଳା ଆକାରରେ ଗୁନ୍ଥି ପାଦରେ ସମର୍ପଣ ପାଇଁ ରାବଣ ସୂତ୍ର ଉଦ୍ଦେଶ୍ୟରେ ଶିବଙ୍କ କଣ୍ଠରେ ଥିବା ସର୍ପକୁ ଯେତେବେଳେ ଆଣିବା ପାଇଁ ଉଦ୍ୟମ କଲେ ସେତେବେଳେ ଶିବଗଣ ସେପରି କାର୍ଯ୍ୟରୁ ତାଙ୍କୁ ନିବାରଣ କରିଥିଲେ ॥

अङ्गदः -

कैलाससानुपरिखण्डनवर्द्धमान कारागृहेऽपि चिरमर्जितमर्जुनेन ।
तं बालिवालधिलताङ्कितमौलिदेशं जानामि राक्षस जगत्त्रयधूमकेतुम् ॥५५॥

ଅଙ୍ଗଦଃ-

କୈଳାସସାନୁପରିଖଣ୍ଡନବର୍ଦ୍ଧମାନ କାରାଗୃହେଽପି ଚିରମର୍ଜିତମର୍ଜୁନେନ ।
ତଂ ବାଲିବାଲଧିଲତାଙ୍କିତମୌଳିଦେଶଂ ଜାନାମି ରାକ୍ଷସ ଜଗତ୍ତ୍ରୟଧୂମକେତୁମ୍ ॥୫୫॥

❊ ଅଙ୍ଗଦ କହିଲା- କୈଳାସ ପର୍ବତ ଉପାଡ଼ି ରାବଣ ଯେଉଁ ଆଘାତ ପାଇଥିଲା ଶିବ ସନ୍ତୁଷ୍ଟ ହୋଇ ତାହା ଭଲ କରିଦେଇଥିଲେ । ଦୀର୍ଘ କାଳ ଧରି ରାବଣ ସହସ୍ରାର୍ଜୁନ ବନ୍ଦୀଶାଳାରେ ବନ୍ଦୀ ହୋଇ ରହିଥିଲା । ମୁକ୍ତି ପାଇବା ପରେ ସେ ଆସି ମୋ ବାପାଙ୍କ ପାଖରେ ପହଞ୍ଚିଲା । ମୋର ବାପା ବାଳି ରାବଣକୁ ନିଜ ଲାଙ୍ଗୁଡ଼ରେ ବାନ୍ଧି ସାତସମୁଦ୍ରରେ ବୁଡ଼ିଥିଲେ । ସେ ଚିହ୍ନ ତା' ଦେହରେ ଅଛି । ତେଣୁ ତ୍ରିଭୁବନର ଧୂମକେତୁ ରାକ୍ଷସ ରାବଣକୁ ମୁଁ ଭଲଭାବେ ଜାଣିଛି ॥

प्रहस्तः -

स्यातां नाम कपीन्द्रहैहयपतौ तस्यावगाढान्तर -
स्थेमानौ दशकन्धरस्य महती स्कन्धप्रतिष्ठा पुनः ।
सद्यः पाटितकण्ठकीकसकणाकीर्णां यदंसस्थलीं
स्वेनेभाजिनपल्लवेन झटिति प्रस्फोटयद्धूर्जटिः ॥५६॥

ପ୍ରହସ୍ତଃ

ସ୍ୟାତାଂ ନାମ କପୀନ୍ଦ୍ରହୈହୟପତୌ ତସ୍ୟାବଗାଢାନ୍ତର -
ସ୍ଥେମାନୌ ଦଶକନ୍ଧରସ୍ୟ ମହତୀ ସ୍କନ୍ଧପ୍ରତିଷ୍ଠା ପୁନଃ ।
ସଦ୍ୟଃ ପାଟିତକଣ୍ଠକୀକସକଣାକୀର୍ଣ୍ଣାଂ ଯଦଂସସ୍ଥଳୀଂ
ସ୍ୱେନେଭାଜିନପଲ୍ଲବେନ ଝଟିତି ପ୍ରସ୍ଫୋଟୟଦ୍ ଧୂର୍ଜଟିଃ ॥୫୬॥

❊ ପ୍ରହସ୍ତ ପୁଣି କହିଲା- କପୀନ୍ଦ୍ର ବାଳି ଓ ହୈହୟପତି କାର୍ତ୍ତବୀର୍ଯ୍ୟଙ୍କଠାରୁ ଦଶମୁଖ ରାବଣ ଅଧିକ ବଳଶାଳୀ ଏଥିରେ ସନ୍ଦେହ ନାହିଁ । ତିନିଭୁବନରେ ରାବଣ ହିଁ ଏକମାତ୍ର ବ୍ୟକ୍ତି ଯେ ନିଜ ହାତରେ ନିଜର ମୁଣ୍ଡ କାଟି ଶିବଙ୍କୁ ପ୍ରସନ୍ନ କରିପାରିଛି । ସନ୍ତୁଷ୍ଟ ହୋଇ ଶିବ ତାଙ୍କୁ ବର ପ୍ରଦାନ କରିଛନ୍ତି । ସେହିଦିନଠାରୁ ସେ ମହାବୀର ଭାବେ ଆଦୃତ ଓ ସମ୍ମାନିତ ହେଉଛନ୍ତି ॥

अङ्गदः -

आस्तां मस्तकहोमविक्रमकथा पौलस्त्यविस्तारिणी
देहं किन्तु निपातयन्ति दहने वैधव्यभीताः स्त्रियः ।
कैलासोद्धरणेन भारवहनप्रौढिस्त्वया विस्मृता
तूर्णं वर्णय किंच किंचिदपरं यत्पौरुषस्यास्पदम् ॥५७॥

ଅଙ୍ଗଦଃ-

ଆସ୍ତାଂ ମସ୍ତକହୋମବିକ୍ରମକଥା ପୌଲସ୍ତ୍ୟବିସ୍ତାରିଣୀ
ଦେହଂ କିନ୍ତୁ ନିପାତୟନ୍ତି ଦହନେ ବୈଧବ୍ୟଭୀତାଃ ସ୍ତ୍ରିୟଃ ।
କୈଳାସୋଦ୍ଧରଣେନ ଭାରବହନପ୍ରୌଢିସ୍ତ୍ୱୟା ବିସ୍ମୃତା
ତୂର୍ଣ୍ଣଂ ବର୍ଣ୍ଣୟ କିଂଚ କିଂଚିଦପରଂ ଯତ୍ପୌରୁଷସ୍ୟାସ୍ପଦମ୍ ॥୫୭॥

❊ ଅଙ୍ଗଦ କହିଲା- ପୌଲସ୍ତ୍ୟର ସ୍ୱମସ୍ତକ ଆହୁତି ଦେଇ ହୋମ କରିବାର ପରାକ୍ରମ କଥା କହିବା ନିରର୍ଥକ । କାରଣ, ବୈଧବ୍ୟ ଦୁଃଖ ଭୟରେ ଯୁବତୀମାନେ ମଧ୍ୟ ନିଜର କେବଳ ମସ୍ତକ ନୁହେଁ, ସମଗ୍ର ଦେହକୁ ସ୍ୱେଚ୍ଛାରେ ଅଗ୍ନିରେ ବିସର୍ଜନ କରନ୍ତି । ତେଣୁ ସେମାନେ ଦଶାନନଠାରୁ ଅଧିକ ବୀରତ୍ୱପୂର୍ଣ୍ଣକାର୍ଯ୍ୟ କରିଥାନ୍ତି । କୈଳାସ ପର୍ବତ ଉପାଡ଼ିଥିବାର ପ୍ରୌଢି ଦେଖାଇବା ଅନାବଶ୍ୟକ । ପୌରୁଷର ପରାକାଷ୍ଠା ସପକ୍ଷରେ ଆଉ ଯଦି କିଛି ବୀରତ୍ୱପୂର୍ଣ୍ଣ କାର୍ଯ୍ୟ ରାବଣ କରିଛି ସେକଥା କୁହ ॥

प्रहस्तः - (सक्रोधम्)

लङ्केश समधीरवीरपदवीरम्यो न गम्यो गिरां
तस्मिन् जुह्वति चन्द्रहाससकलान्मौलीन् पुरारे पुरः ।
भीत्या मन्दशिखोदयोऽपि दहनस्तैरेव तत्र क्षणं
प्राणाद्यैश्च दिदृक्षया तनुतनुश्वासानिलैर्दीपितः ॥५८॥

ପ୍ରହସ୍ତଃ - (ସକ୍ରୋଧମ୍)

ଲଙ୍କେଶସମଧୀରବୀରପଦବୀରମ୍ୟୋ ନ ଗମ୍ୟୋ ଗିରାଂ
ତସ୍ମିନ୍ ଜୁହ୍ୱତି ଚନ୍ଦ୍ରହାସସକଳାନ୍ମୌଳୀନ୍ ପୁରାରେ ପୁରଃ ।
ଭୀତ୍ୟା ମନ୍ଦଶିଖୋଦୟୋଽପି ଦହନସ୍ତୈରେବ ତତ୍ର କ୍ଷଣଂ
ପ୍ରାଣାଦ୍ୟୈଶ୍ଚ ଦିଦୃକ୍ଷୟା ତନୁତନୁଶ୍ୱାସାନିଳୈର୍ଦୀପିତଃ ॥୫୮॥

❊ ପ୍ରହସ୍ତ କ୍ରୋଧାନ୍ୱିତ ହୋଇ କହିଲା - ରାବଣର ବୀରତ୍ୱପୂର୍ଣ୍ଣ ଓ କୃତିତ୍ୱପୂର୍ଣ୍ଣ କାର୍ଯ୍ୟ ଭାଷାରେ ପ୍ରକାଶ କରିହେବ ନାହିଁ । ପୃଥିବୀର ସମସ୍ତବୀର ଭୟରେ ତା ପ୍ରତି ଶ୍ରଦ୍ଧା କରନ୍ତି । କାରଣ, ପୂର୍ବରୁ ସେ ଚନ୍ଦ୍ରହାସ ଖଡ୍ଗରେ ନିଜର ମସ୍ତକ ଛେଦନ କରି ଯଜ୍ଞକୁଣ୍ଡରେ ଆହୁତି ଦେଇ ଶିବଙ୍କୁ ସନ୍ତୁଷ୍ଟ କରିଥିଲେ । ଯଜ୍ଞକୁଣ୍ଡର ଅଗ୍ନିଶିଖା ଭୟବଶତଃ ପ୍ରକାଶ ନ ପାଇବାରୁ ରାବଣ ଶ୍ୱାସପବନ ଦ୍ୱାରା ଅଗ୍ନିକୁ ପ୍ରଜ୍ୱଳିତ କରିଥିଲେ ॥

अङ्गदः- (क्रोधं नाटयति)

स्फूर्जद्दिव्यास्त्रबाहुव्यतिकरविगलत्कन्धरैस्तैः शिरोभिः
देवो रामः करिष्यत्युचितवलिमयं भूतसंघातशास्ता ।
हन्यात्तं नाङ्गदः किं धृतपरुषरुषास्तातकक्षावशिष्टः
प्रोद्धृत्योद्धृत्य पादप्रहतबहुशिरः कन्दुकैः क्रीडितोऽस्मि ॥५९॥

ଅଙ୍ଗଦଃ (କ୍ରୋଧଂ ନାଟୟତି)

ସ୍ଫୂର୍ଜଦ୍ଦିବ୍ୟାସ୍ତ୍ରବାହୁବ୍ୟତିକରବିଗଳତ୍କନ୍ଧରୈସ୍ତୈଃ ଶିରୋଭିଃ -
ଦେବୋ ରାମଃ କରିଷ୍ୟତ୍ୟୁଚିତବଳିମୟଂ ଭୂତସଂଘାତଶାସ୍ତା ।
ହନ୍ୟାତ୍ତଂ ନାଙ୍ଗଦଃ କିଂ ଧୃତପରୁଷରୁଷାସ୍ତାତକକ୍ଷାବଶିଷ୍ଟଃ
ପ୍ରୋଦ୍ଧୃତ୍ୟୋଦ୍ଧୃତ୍ୟ ପାଦପ୍ରହତବହୁଶିରଃ କନ୍ଦୁକୈଃ କ୍ରୀଡ଼ିତୋଽସ୍ମି ॥୫୯॥

❋ ଅଙ୍ଗଦ କ୍ରୋଧପ୍ରକାଶ କରି କହିଲା- ରେ ରାବଣ ! ଦିବ୍ୟାସ୍ତ୍ର ଶୋଭିତ ବାହୁର ମୂଳ ସ୍ୱରୂପ ସ୍କନ୍ଧଦେଶରେ ଥିବା ତୋର ମସ୍ତକଗୁଡ଼ିକୁ ମୁଁ ବର୍ତ୍ତମାନ କ୍ରୋଧବଶତଃ ଛିନ୍ନ କରିଦେଇପାରନ୍ତି ; କିନ୍ତୁ ତାହା କରିବି ନାହିଁ । ଏକଦା ତୁ ମୋ ପିତାଙ୍କ କାଖ ତଳେ ଥିଲୁ । ତୋର ଯେଉଁ ମୁଣ୍ଡଗୁଡ଼ିକୁ କନ୍ଦୁକପରି ପାଦରେ ପ୍ରହାର କରି ମୁଁ ଖେଳିଥିଲି ସେହି ମୁଣ୍ଡଗୁଡ଼ିକୁ ଜୀବଜଗତର ପାଳକ ଦେଶ୍ରୀରାମଚନ୍ଦ୍ର ଛିନ୍ନ କରି ଦିଗ୍‌ପାଳମାନଙ୍କୁ ବଳିଦେବା ପାଇଁ ଇଚ୍ଛା କରିଛନ୍ତି ॥

इत्यवसरे रावणः-

येऽहंपूर्विकया प्रहारमभजन्मां छिन्धि मां छिन्धि मां
छिन्धीत्युक्तिपरा; पुरारिपुरतो लङ्कापतेर्मौलयः ।
ते भूमौ पतिताः पुनर्नवभवानालोक्य मूर्ध्नोऽपरान्
याचिष्यन्त इमे हि नो वयमिति प्रीत्याट्टहासं व्यधुः ॥६०॥

ଇତ୍ୟବସରେ ରାବଣଃ -

ଯେଽହଂପୂର୍ବିକୟା ପ୍ରହାରମଭଜନ୍ ମାଂ ଛିନ୍ଧି ମାଂ ଛିନ୍ଧି ମାଂ
ଛିନ୍ଧୀତ୍ୟୁକ୍ତିପରାଃ ପୁରାରିପୁରତୋ ଲଙ୍କାପତେର୍ମୌଳୟଃ ।
ତେ ଭୂମୌ ପତିତାଃ ପୁନର୍ନବଭବାନାଲୋକ୍ୟ ମୂର୍ଦ୍ଧ୍ନୋଽପରାନ୍
ଯାଚିଷ୍ୟନ୍ତ ଇମେ ହି ନୋ ବୟମିତି ପ୍ରୀତ୍ୟାଟ୍ଟହାସଂ ବ୍ୟଧୁଃ ॥୬୦॥

❋ ଏହି ସମୟରେ ରାବଣ କହିଲା - ରେ ବାନର ! ପୂର୍ବେ ଅହଙ୍କାରବଶତଃ ନିଜର ମୁଣ୍ଡ ନିଜେ କାଟି ଶିବଙ୍କ ଆଗରେ ସେଗୁଡ଼ିକ ସମର୍ପଣ କରିଥିଲି । ସେହି ମୁଣ୍ଡଗୁଡ଼ିକ ତଳେ ପଡ଼ି ଆନନ୍ଦରେ ହସୁଥିଲା ବେଳେ ନୂଆ କରି ମୁଣ୍ଡଗୁଡ଼ିକ ପୁଣି ଜଅଁଳି ଉଠିଥିଲା; ଏହା ଦେଖି ଶିବ ପ୍ରସନ୍ନ ହୋଇ ମୋତେ ବର ଦେଇଥିଲେ ।।

अङ्गदः -

रे रे राक्षसराज मुञ्च सहसा देवीमिमां मैथिलीं
मिथ्या किं निजपौरुषस्य घटनाप्रागल्भ्यमारभ्यते ।
एतां पश्यसि किं न किन्नरगणैरुद्गीतदोर्विक्रमां
सेनां वानरभर्त्तुरुद्भटभुजस्तम्भाग्रभीमां पुरः ॥६१॥

ଅଙ୍ଗଦଃ -

ରେ ରେ ରାକ୍ଷସରାଜ ମୁଞ୍ଚ ସହସା ଦେବୀମିମାଂ ମୈଥିଳୀଂ
ମିଥ୍ୟା କିଂ ନିଜପୌରୁଷସ୍ୟ ଘଟନାପ୍ରାଗଲ୍ଭ୍ୟମାରଭ୍ୟତେ ।
ଏତାଂ ପଶ୍ୟସି କିଂ ନ କିନ୍ନରଗଣୈରୁଦ୍‌ଗୀତଦୋର୍ବିକ୍ରମାଂ
ସେନାଂ ବାନରଭର୍ତ୍ତୁରୁଦ୍‌ଭଟଭୁଜସ୍ତମ୍ଭାଗ୍ରଭୀମାଂ ପୁରଃ ॥୬୧॥

❋ ଅଙ୍ଗଦ କହିଲା- ରେ ରାକ୍ଷସ ରାଜ ରାବଣ ! ତୁ ମୈଥିଳୀଙ୍କୁ ଶୀଘ୍ର ଫେରାଇ ଦେ । ଅଯଥାରେ ନିଜର ପୌରୁଷର ପ୍ରଶଂସା କରୁଛୁ କାହିଁକି ? ଯେଉଁ ବାନରରାଜ ସୁଗ୍ରୀବଙ୍କର କୀର୍ତ୍ତିକୁ କିନ୍ନରମାନେ ଗାଉଛନ୍ତି ସେହି ସୁଗ୍ରୀବଙ୍କର ପରାକ୍ରମଶାଳୀ ବୀର ବାନର ଯୋଦ୍ଧାଙ୍କର ବାହୁସ୍ତମ୍ଭଠାରୁ ଭୟଙ୍କର ବାନର ସେନାଙ୍କୁ ଆଖିଆଗରେ କ'ଣ ଦେଖିପାରୁନାହୁଁ ?

रे रे रावण दीनहीन कुमते रामोऽपि किं मानुषः
किं गङ्गापि नदी गजः सुरगजोऽप्युच्चैश्रवाः किं हयः ।
किं रम्भाप्यवलाकृतं किमु युगं कामोऽपि धन्वी न किं
त्रैलोक्यप्रकटप्रभावविभवः किं रे हनूमान् कपिः ॥६२॥
ରେ ରେ ରବଣ ଦୀନହୀନ କୁମତେ ରାମୋଽପି କିଂ ମାନୁଷଃ
କିଂ ଗଙ୍ଗାପି ନଦୀ ଗଜଃ ସୁରଗଜୋଽପ୍ୟୁଚ୍ଚୈଶ୍ରବାଃ କିଂ ହୟଃ ।
କିଂ ରମ୍ଭାପ୍ୟବଳା କୃତଂ କିମୁ ଯୁଗଂ କାମୋଽପି ଧନ୍ୱୀ ନୁ କିଂ
ତ୍ରୈଲୋକ୍ୟପ୍ରକଟପ୍ରଭାବବିଭବଃ କିଂ ରେ ହନୂମାନ୍ କପିଃ ॥୬୨॥

❋ ଅଙ୍ଗଦ ହସିହସି କହିଲା - ରେ ରେ ଦୀନହୀନ କୁମତି ରାବଣ, ତୁ ରାମଚନ୍ଦ୍ରଙ୍କୁ ସାଧାରଣ ମଣିଷ ବୋଲି ଭାବିଛୁ କି ? ଗଙ୍ଗା କ'ଣ ସାଧାରଣ ନଦୀ, ନା ଐରାବତ ସାଧାରଣ ହାତୀ ? ଉଚ୍ଚୈଶ୍ରବା ସାଧାରଣ ଅଶ୍ୱ, ନା ରମ୍ଭା ସାଧାରଣ ମାନୁଷୀ ନାରୀ ? ସତ୍ୟ ଯୁଗ ସାଧାରଣ ଯୁଗ ନୁହେଁ କି କାମଦେବ ସାଧାରଣ ଧନୁର୍ଦ୍ଧାରୀ ମଣିଷ ନୁହଁନ୍ତି । ତ୍ରିଭୁବନରେ ଯାହାର ପ୍ରତାପ ବିଖ୍ୟାତ, ସେହି ହନୂମାନ ସାଧାରଣ ବାନର ନୁହଁନ୍ତି ॥

रामोऽपि किं स मनुजः पयोधिमध्ये वबन्ध यः सेतुम् ।
तेऽपि च ननु किं कपयो ये लङ्कादहनादिकं चक्रुः ॥६३॥
ରାମୋଽପି କିଂ ସ ମନୁଜଃ ପୟୋଧିମଧ୍ୟେ ବବନ୍ଧ ଯଃ ସେତୁମ୍ ।
ତେଽପି ଚ ନନୁ କିଂ କପୟୋ ଯେ ଲଙ୍କାଦହନାଦିକଂ ଚକ୍ରୁଃ ॥୬୩॥

❋ ସାଗରରେ ସେତୁବନ୍ଧ ବାନ୍ଧିଥିବା ଶ୍ରୀରାମଚନ୍ଦ୍ର ସାଧାରଣ ମଣିଷ ନୁହଁନ୍ତି କି ଲଙ୍କା ଦହନ କରିଥିବା ହନୁମାନ ସାଧାରଣ ବାନର ନୁହଁନ୍ତି । ତେଣୁ ସେମାନଙ୍କୁ ତୋର ସାଧାରଣ ଦୃଷ୍ଟିରେ ଦେଖିବା ଉଚିତ ନୁହେଁ ॥

तच्छ्रुत्वा स्मृतहनुमच्चरितो रावणः -

येनादाहि ममाग्रतः पुरमिदं चाक्षो वली लीलया
येनामारि च पर्वतस्य कुहरं चाभारि वैरिव्रजैः ।
येनाभाजि महावनं कपिवरेणातारि वारांनिधि-
स्तत्तुल्यो वद ते नृपस्य कटके वीरोऽस्ति किं चाङ्गद ॥६४॥

ତଚ୍ଛ୍ରୁତ୍ୱା ସ୍ମୃତହନୁମଚ୍ଚରିତୋ ରାବଣଃ -

ଯେନାଦାହି ମମାଗ୍ରତଃ ପୁରମିଦଂ ଚାକ୍ଷୋ ବଲୀ ଲୀଳୟା
ଯେନାମାରି ଚ ପର୍ବତସ୍ୟ କୁହରଂ ଚାଭାରି ବୈରିବ୍ରଜୈଃ ।
ଯେନାଭାଜି ମହାବନଂ କପିବରେଣାତାରି ବାରାଂନିଧି -
ସ୍ତତ୍ତୁଲ୍ୟୋ ବଦ ତେ ନୃପସ୍ୟ କଟକେ ବୀରୋଽସ୍ତି କିଂ ଚାଙ୍ଗଦଃ ॥୬୪॥

❋ ଅଙ୍ଗଦର କଥାଶୁଣି ଓ ହନୁମାନର କାର୍ଯ୍ୟ ସ୍ମରଣ କରି ରାବଣ ମନେ ମନେ ଭାବି ପଚାରିଲା, ଯେଉଁ ହନୁମାନ ମୋ ଆଖିଆଗରେ ସମଗ୍ର ଲଙ୍କାପୁରକୁ ଛାରଖାର କରି ଅକ୍ଷୟ କୁମାରକୁ ହତ୍ୟାକଲା, ଯାହା ଭୟରେ ଶତ୍ରୁମାନେ ପର୍ବତଗୁମ୍ଫାରେ ଆଶ୍ରୟ ନେଲେ, ଯେ ମଧୁବନ ତୋଟାକୁ ନଷ୍ଟଭ୍ରଷ୍ଟକଲା ଏବଂ ମୁଁ ଚାହୁଁ ଚାହୁଁ ସାଗରକୁ ଡେଇଁ ଚାଲିଗଲା, ସେପରି ବାନର ବୀର ଆଉ କେତେ ଜଣ ଅଛନ୍ତି ସତ କରି କହ ॥

अङ्गदः -

यो युष्माकमदीदहत्पुरमिदं योऽदीदलत्काननं
योऽक्षं वीरममीमरद्गिरिदरीं योऽवीभरद्राक्षसैः ।
सोऽस्माकं कटके कदाचिदपि नो वीरेषु संभाव्यते
दौत्येनायमितस्ततः प्रतिदिनं सम्प्रेष्यते प्रेष्यवत् ॥६५॥

ଅଙ୍ଗଦଃ-

ଯୋ ଯୁଷ୍ମାକମଦୀଦହତ୍ପୁରମିଦଂ ଯୋଽଦୀଦଲତ୍କାନନଂ
ଯୋଽକ୍ଷଂ ବୀରମମୀମରଦ୍‌ଗିରିଦରୀଂ ଯୋଽବୀଭରଦ୍ରାକ୍ଷସୈଃ
ସୋଽସ୍ମାକଂ କଟକେ କଦାଚିଦପି ନୋ ବୀରେଷୁ ସଂଭାବ୍ୟତେ
ଦୌତ୍ୟେନାୟମିତସ୍ତତଃ ପ୍ରତିଦିନଂ ସଂପ୍ରେଷ୍ୟତେ ପ୍ରେଷ୍ୟବତ୍ ॥୬୫॥

❋ ଅଙ୍ଗଦ କହିଲା- ତୋର ଲଙ୍କାପୁରକୁ ଯେ ଭସ୍ମ କରିଥିଲା, କାନନକୁ ଛାରଖାର କରିଥିଲା, ଅକ୍ଷୟ କୁମାରକୁ ହତ୍ୟାକରିଥିଲା, ଅସୁରମାନଙ୍କୁ ମାରି ଗିରିଗୁହାକୁ ପୂର୍ଣ୍ଣକରିଥିଲା, ଆମ

କଟକରେ ଥିବା ଯୋଦ୍ଧାମାନେ ତାକୁ କେହି ବୀର ବୋଲି ଗଣନା କରନ୍ତି ନାହିଁ । ସେ ନିଜ ଇଚ୍ଛାରେ ଦୂତ କାର୍ଯ୍ୟ କରେ ଏବଂ ବିଭିନ୍ନ ସ୍ଥାନକୁ ଯିବାଆସିବା କରିଥାଏ ॥

रामकटके त्वं कीदृग्कपिरिति प्रश्ने अङ्गदः-

दूतोऽहं खलु रामभद्रभवने लेखार्थसंवाहको
यातस्तत्र पुरागतः स हनुमान्निर्दग्धः लङ्कापुरः ।
बद्धो राक्षससूनुभिर्बहुविधं संताडितस्तर्जितः
सव्रीडश्च पलायितो वनमृगः कुत्रापि न ज्ञायते ॥६६॥

ରାମକଟକେ ତ୍ୱଂ କୀଦୃଗ୍‌କପିରିତିପ୍ରଶ୍ନେ ଅଙ୍ଗଦଃ -

ଦୂତୋଽହଂ ଖଲୁ ରାମଭଦ୍ରଭବନେ ଲେଖାର୍ଥସଂବାହକୋ
ଯାତସ୍ତତ୍ର ପୁରାଗତଃ ସ ହନୂମାନ୍ନିର୍ଦଗ୍ଧଃ ଲଙ୍କାପୁରଃ ।
ବଦ୍ଧୋ ରାକ୍ଷସସୂନୁଭିର୍ବହୁବିଧଂ ସଂତାଡ଼ିତସ୍ତର୍ଜିତଃ
ସବ୍ରୀଡ଼ଶ୍ଚ ପଳାୟିତୋ ବନମୃଗଃ କୁତ୍ରାପି ନ ଜ୍ଞାୟତେ ॥୬୬॥

❖ ଶ୍ରୀରାମଙ୍କ ଶିବିରରେ ତୋର ସ୍ଥାନ କେଉଁଠି ବୋଲି ପଚାରିବାରୁ ଅଙ୍ଗଦ କହିଲା- ଶ୍ରୀରାମଚନ୍ଦ୍ରଙ୍କ ଭବନରେ ମୁଁ ହେଉଛି ଦୂତ । ମୁଁ ଲେଖା ନେବା ଆଣିବା କରେ । ମୋ ପୂର୍ବରୁ ଲଙ୍କାପୋଡ଼ା ହନୂମାନ ଏହି କାର୍ଯ୍ୟ କରୁଥିଲା । ସେ ସୀତାଙ୍କୁ ଖୋଜିବା ପାଇଁ ଲଙ୍କାକୁ ଆସିଥିଲା । ରାକ୍ଷସ ପିଲାମାନେ ତାକୁ ବାନ୍ଧିପକାଇ ଅନେକପ୍ରକାର ଶାସ୍ତି ଦେଲେ । ଏଥିରେ ଲଜ୍ଜିତ ହୋଇ ବହୁକଷ୍ଟରେ ସେ କୁଆଡ଼େ ପଳାଇଗଲା, ତାହା ଏ ପର୍ଯ୍ୟନ୍ତ କେହି ଜାଣନ୍ତି ନାହିଁ ॥

अथ क्रुद्धो रावणः-

ज्ञातं रामस्य वैदग्ध्यं येन दूतः कृतो भवान् ।
त्वयि दूतगुणः को वा वद मे तं वनेचर ॥६७॥

ଅଥ କ୍ରୁଦ୍ଧୋ ରାବଣଃ -

ଜ୍ଞାତଂ ରାମସ୍ୟ ବୈଦଗ୍ଧ୍ୟଂ ଯେନ ଦୂତଃ କୃତୋ ଭବାନ୍ ।
ତ୍ୱୟି ଦୂତଗୁଣଃ କୋ ବା ବଦ ମେ ତଂ ବନେଚର ॥୬୭॥

❖ ରାବଣ କ୍ରୋଧାନ୍ୱିତ ହୋଇ କହିଲା- ମୁଁ ରାମର ଚତୁରତା ଭଲ କରି ଜାଣେ । ସେ ତୋତେ ଦୂତ କରି ପଠାଇଛି । ତୁ କି ଦୂତକାର୍ଯ୍ୟ ଜାଣିଛୁ କହ ।

अङ्गदः -

सन्धौ वा विग्रहे वापि मयि दूते दशानन ।
अक्षतो वा क्षतो वापि क्षितिपृष्ठे लुठिष्यसि ॥६८॥

ଅଙ୍ଗଦଃ -

ସନ୍ଧୌ ବା ବିଗ୍ରହେ ବାପି ମୟି ଦୂତେ ଦଶାନନ ।
ଅକ୍ଷତୋ ବା କ୍ଷତୋ ବାପି କ୍ଷିତିପୃଷ୍ଠେ ଲୁଠିଷ୍ୟସି ॥୬୮॥

❊ ଅଙ୍ଗଦ କହିଲା - ଯୁଦ୍ଧ ବା ସନ୍ଧିସ୍ଥାପନ ସମୟରେ ମୋତେ ଦୂତ ରୂପେ ଯାହା ପାଖକୁ ପଠାଯାଏ, ମୁଁ ତାକୁ ଯୋଦ୍ଧା ବୋଲିଭାବେ ନାହିଁ । କାରଣ ଯେ କ୍ଷତ୍ରିୟ ସନ୍ତାନ ହୋଇଥିବ, କ୍ଷତ ବା ଅକ୍ଷତ ଅବସ୍ଥାରେ ହେଉ ତା'ର ମସ୍ତକ ଭୂମିରେ ଲୋଟିବ ॥

रावण: - (सक्रोधम्)

रे रे पत्रकपे सुवेलकटकात्तौ तापसौ वारय
प्राणैर्वा विनियोजयन्निजतनुं गच्छेति शीघ्रं वद ।
उन्निद्र: समद: समुद्रनिकटे वीरोऽस्ति कुम्भ: स्वयं
लङ्कालंकृतक: सुरेन्द्रभवनाकाङ्क्षीकृतो रावण: ॥६९॥

ରାବଣଃ - (ସକ୍ରୋଧମ୍)

ରେ ରେ ପତ୍ରକପେ ସୁବେଲକଟକାତ୍ତୌ ତାପସୌ ବାରୟ
ପ୍ରାଣୈର୍ବା ବିନିଯୋଜୟନ୍ନିଜତନୁଂ ଗଚ୍ଛେତି ଶୀଘ୍ରଂ ବଦ ।
ଉନ୍ନିଦ୍ରଃ ସମଦଃ ସମୁଦ୍ରନିକଟେ ବୀରୋଽସ୍ତି କୁମ୍ଭଃ ସ୍ୱୟଂ
ଲଙ୍କାଲଂକୃତକଃ ସୁରେନ୍ଦ୍ରଭବନାକାଙ୍‌କ୍ଷୀକୃତୋ ରାବଣଃ ॥୬୯॥

❊ ରାବଣ କ୍ରୋଧାନ୍ୱିତ ହୋଇ କହିଲା- ରେ ବାନର ! ତୁ ଯଥାଶୀଘ୍ର ଏ ସ୍ଥାନ ତ୍ୟାଗ କର । ସୁବେଳ କଟକକୁ ଯାଇ ସେଇ ଦୁଇ ତପସ୍ୱୀଙ୍କୁ ଯୁଦ୍ଧରୁ ବାରଣ କର । ଇନ୍ଦ୍ରପଦ ଲାଭ କରିବାରେ ସହାୟକ ହୋଇ ମୋର ଭାଇ କୁମ୍ଭକର୍ଣ୍ଣ ସମୁଦ୍ରକୂଳରେ ଶୟନ କରିଛି । ତା'ପରି ବୀର ତିନିଲୋକରେ ନାହିଁ । ସେ ଉଠିବା ପୂର୍ବରୁ ନିଜର ଜୀବନ ରକ୍ଷା ପାଇଁ ସୁବେଳଛାଡ଼ି ଚାଲିଯିବାକୁ ସେମାନଙ୍କୁ କହ ॥

अयमतिशयदुष्टो हन्यता हन्यतामित्यभिहितवति कोपाद्रावणे वालिसूनु: ।
धृतभुजमथ रक्षोवृन्दमुद्धूय सौधं चरणतलनिपातैश्चुर्णयन्नाजगाम ॥७०॥

ଅୟମତିଶୟଦୁଷ୍ଟୋ ହନ୍ୟତା ହନ୍ୟତାମି-
ତ୍ୟଭିହିତବତି କୋପାଦ୍ରାବଣେ ବାଲିସୂନୁଃ ।
ଧୃତଭୁଜମଥ ରକ୍ଷୋବୃନ୍ଦମୁଦ୍ଧୂୟ ସୌଧଂ
ଚରଣତଳନିପାତୈଶ୍ଚୂର୍ଣ୍ଣୟନ୍ନାଜଗାମ ॥୭୦॥

❊ ରାବଣ ରାକ୍ଷସମାନଙ୍କୁ ଚାହିଁ କହିଲା- ସମସ୍ତେ ଏହି ଦୁଷ୍ଟ ବାନରକୁ ହତ୍ୟାକର । ରାବଣ କଥାରେ ରାକ୍ଷସମାନେ ମାଡ଼ିଆସିବାର ଦେଖି ବାଲିପୁତ୍ର ଅଙ୍ଗଦ ରାକ୍ଷସମାନଙ୍କୁ ତଳେ କଚାଡ଼ି ମାରି ଦେବା ସଙ୍ଗେ ସଙ୍ଗେ ରାବଣର ଜଗତୀକୁ ଧ୍ୱଂସ କରି ଶ୍ରୀରାମଙ୍କୁ ନିକଟକୁ ଫେରିଆସିଲା ॥

इत्यवसरे राक्षसाः -

एकेन प्लवगार्भकेण दलिताश्चत्वार एव द्विपः
प्रांसादाश्च सितापत्रसदृशाः क्षुण्णाः क्षणादङ्घ्रिणा ।
तन्मध्ये दशकन्धरः शिखरिभिः सार्द्धं समुन्मूलितो
बद्धोऽयं सह सेतुना जलधिना साकं समुल्लंघितः ॥७१॥

ଇତ୍ୟବସରେ ରାକ୍ଷସାଃ -

ଏକେନ ପ୍ଲବଗାର୍ଭକେଣ ଦଳିତାଶ୍ଚତ୍ୱାର ଏବ ଦ୍ୱିଷଃ
ପ୍ରାସାଦାଶ୍ଚ ସିତାତପତ୍ରସଦୃଶାଃ କ୍ଷୁଣ୍ଣାଃ କ୍ଷଣାଦଂଘ୍ରିଣା ।
ତନ୍ମଧ୍ୟେ ଦଶକନ୍ଧରଃ ଶିଖରିଭିଃ ସାର୍ଦ୍ଧଂ ସମୁନ୍ମୂଳିତୋ
ବଦ୍ଧୋଽୟଂ ସହ ସେତୁନା ଜଳଧିନା ସାକଂ ସମୁଲ୍ଲଂଘିତଃ ॥୭୧॥

❋ ଏହି ସମୟରେ ରାକ୍ଷସମାନେ ଏକତ୍ରିତ ହୋଇ ପରସ୍ପରକୁ କହିଲେ - ଅଙ୍ଗଦ ନାମରେ ଏକ ମାତ୍ର ବାନର ଆସି ଅନେକ ରାକ୍ଷସଙ୍କୁ ହତ୍ୟା କରିବା ସଙ୍ଗେ ସଙ୍ଗେ ବହୁ ପ୍ରାସାଦକୁ ପଦାଘାତରେ ନାରଖାର କରିଦେଲା । ଦଶାନନର ମୁକୁଟକୁ ପାଦରେ ଦଳି ରାବଣର ଗର୍ବକୁ ଚୂର୍ଣ୍ଣ କରିଦେଇ ଚାଲିଗଲା । ବାନରମାନେ ସାଗର ଲଙ୍ଘନ କରିବା ସଙ୍ଗେ ସଙ୍ଗେ ରାବଣକୁ ମଧ ପରାଭୂତ କଲେ ॥

अङ्गदो - रामसन्निधिं गत्वा कथयति -

गणयति हितवाक्यं रावणो नैष दम्भा-
त्तव भुजबलवह्नौ प्राप्तकामः पतङ्गः ।
तदनु च हरिसेना चक्रसंचुर्णिताङ्गं
रघुकुलनृपवीर क्षुण्णशीर्षं विधेहि ॥७२॥

ଅଙ୍ଗଦୋ ରାମସନ୍ନିଧିଂ ଗତ୍ୱା କଥୟତି -

ଗଣୟତି ହିତବାକ୍ୟଂ ରାବଣୋ ନୈଷ ଦମ୍ଭା-
ତ୍ତବଭୁଜବଳବହ୍ନୌ ପ୍ରାପ୍ତକାମଃ ପତଙ୍ଗଃ ।
ତଦନୁ ଚ ହରିସେନାଚକ୍ରସଂଚୂର୍ଣ୍ଣିତାଙ୍ଗଂ
ରଘୁକୁଳନୃପବୀର କ୍ଷୁଣ୍ଣଶୀର୍ଷଂ ବିଧେହି ॥୭୨॥

❋ ଅଙ୍ଗଦ ଶ୍ରୀରାମଙ୍କ ପାଖକୁ ଯାଇ କହିଲା - ରାବଣ ଅହଙ୍କାରବଶତଃ ହିତକଥା ଗ୍ରହଣ କରୁନାହିଁ । ଆପଣଙ୍କ ଭୁଜବଳସ୍ୱରୂପ ଅଗ୍ନିରେ ପତଙ୍ଗ ହେବା ଅପେକ୍ଷାରେ ରହିଛି । ତେଣୁ ବାନର ବାହିନୀ ନେଇ ଲଙ୍କା ଆକ୍ରମଣ କରିବା ସଙ୍ଗେ ସଙ୍ଗେ ଆପଣ ଧନୂଶର ଧରି ଲଙ୍କେଶ୍ୱରର ମସ୍ତକ ଛେଦନ କରନ୍ତୁ ॥

एष श्रीलहनूमता विरचिते श्रीमन्महानाटके
वीरश्रीयुतरामचन्द्रचरिते प्रत्युद्धृतेऽनुक्रमैः ।
मिश्रश्रीमधुसूदनेन कविना सन्दर्भसज्जीकृते
युद्धोपक्रमणाभिधोऽत्र गतवानङ्को महान् सप्तमः ॥७३॥

॥ इति हनुमद्द्कृते महानाटके सप्तमोऽङ्कः ॥

ଏଷ ଶ୍ରୀଳହନୂମତା ବିରଚିତେ ଶ୍ରୀମନ୍ମହାନାଟକେ
ବୀରଶ୍ରୀଯୁତରାମଚନ୍ଦ୍ରଚରିତେ ପ୍ରତ୍ୟୁଦ୍ଧୃତେଽନୁକ୍ରମୈଃ ।
ମିଶ୍ରଶ୍ରୀମଧୁସୂଦନେନ କବିନା ସନ୍ଦର୍ଭସଜ୍ଜୀକୃତେ
ଯୁଦ୍ଧୋପକ୍ରମଣାଭିଧୋଽତ୍ର ଗତବାନଙ୍କୋ ମହାନ୍ ସପ୍ତମଃ ॥୭୩॥

॥ ଇତିଶ୍ରୀହନୂମତ୍କୃତେ ମହାନାଟକେ ସପ୍ତମୋଽଙ୍କଃ ॥

❊ ଶ୍ରୀମଦ୍ହନୂମଦ୍‌ବିରଚିତ ଓ କବି ଶ୍ରୀମଧୁସୂଦନ ମିଶ୍ରଙ୍କ ସଜ୍ଜୀକୃତ ଶ୍ରୀରାମଚରିତାଶ୍ରୟ ମହାନାଟକର ଯୁଦ୍ଧୋପକ୍ରମ ନାମକ ସପ୍ତମ ଅଙ୍କ ସମାପ୍ତ ॥

अष्टमोऽङ्कः
ଅଷ୍ଟମୋଽଙ୍କଃ

रामः - (तच्छ्रुत्वा)

काकुत्स्थः सविशेषमङ्गदमुखादाकर्ण्य लङ्कापते-
र्वृत्तं सम्यगनर्गलं च विभवं चक्रे विमर्शं मुहुः।
श्लाघ्योऽयं दशकन्धरो मम रिपुर्दृष्ट्वा च मद्विक्रमं
वैदेही न समर्पिता यदमुना मुक्तापि नाहंकृतिः ॥१॥

ରାମଃ (ତତ୍ ଶ୍ରୁତ୍ୱା)

କାକୁତ୍ସ୍ଥଃ ସବିଶେଷମଙ୍ଗଦମୁଖାଦାକର୍ଣ୍ୟ ଲଙ୍କାପତେ
ର୍ବୃତ୍ତଂ ସମ୍ୟଗନର୍ଗଳଂ ଚ ବିଭବଂ ଚକ୍ରେ ବିମର୍ଶଂ ମୁହୁଃ ।
ଶ୍ଲାଘ୍ୟୋଽୟଂ ଦଶକନ୍ଧରୋ ମମ ରିପୁଃ ଦୃଷ୍ଟ୍ୱା ଚ ମଦ୍‌ବିକ୍ରମଂ
ବୈଦେହୀ ନ ସମର୍ପିତା ଯଦମୁନା ମୁକ୍ତାପି ନାହଂକୃତିଃ ॥୧॥

❋ ଶ୍ରୀରାମଚନ୍ଦ୍ର ଲଙ୍କାଧିପତି ରାବଣର ବଳବୀର୍ଯ୍ୟ ଓ ବିଭବ ସମ୍ବନ୍ଧରେ ଅନର୍ଗଳଭାବେ କହୁଥିବା ଦୂତ ଅଙ୍ଗଦର କଥା ଶୁଣି ମନେ ମନେ ଦୁଃଖିତ ହେଲେ । ସେ ମନକୁ ମନ କହିଲେ - ମୋର ଶତ୍ରୁ ଦଶାନନ ଧନ୍ୟବାଦାର୍ହ । ମୋର ପରାକ୍ରମ କଥା ଦେଖି ଓ ଶୁଣି ମଧ୍ୟ ସେ ସୀତାଙ୍କୁ ସମର୍ପଣ କଲା ନାହିଁ କି ନିଜର ଅହଙ୍କାର ପରିତ୍ୟାଗ କଲା ନାହିଁ ॥

इत्यवसरे रावणः -

श्रुत्वा दाशरथी सुवेलकटके साटोपमर्द्धं धनु -
ष्टङ्कारैः परिपूरयन्ति ककुभः प्रोञ्छन्ति कौक्षेयकान् ।
अभ्यस्यन्ति तथैव चित्रफलकैर्लङ्कापतेस्तत्पुनः
वैदेहीकुचपत्रवल्लिरचनावैदग्ध्यमर्द्धं कराः ॥२॥

ଇତ୍ୟବସରେ ରାବଣଃ -

ଶ୍ରୁତ୍ୱା ଦାଶରଥୀ ସୁବେଲକଟକେ ସାଟୋପମର୍ଦ୍ଧେ ଧନୁ -
ଷ୍ଟଙ୍କାରୈଃ ପରିପୂରୟନ୍ତି କକୁଭଃ ପ୍ରୋଞ୍ଛନ୍ତି କୌକ୍ଷେୟକାନ୍ ।
ଅଭ୍ୟସ୍ୟନ୍ତି ତଥୈବ ଚିତ୍ରଫଳକୈର୍ଲଙ୍କାପତେସ୍ତତ୍‌ପୁନଃ
ବୈଦେହୀକୁଚପତ୍ରବଲ୍ଲିରଚନାବୈଦଗ୍ଧ୍ୟମର୍ଦ୍ଧେ କରାଃ ॥୨॥

❋ ସୁବେଳ ପର୍ବତରେ ଶ୍ରୀରାମଚନ୍ଦ୍ର ଶିବିର ସ୍ଥାପନ କରିଥିବା ଓ ଧନୁର ଟଙ୍କାରଧ୍ୱନିରେ ଦଶଦିଗ ମୁଖରିତ ହେବାର ଶୁଣି ଲଙ୍କାପତି ରାବଣ ନିଜର ବିଂଶ ବାହୁ ମଧ୍ୟରୁ ଦଶହାତରେ ବାଣଗୁଡ଼ିକୁ ତୀକ୍ଷ୍ଣକରିବା ସଙ୍ଗେ ସଙ୍ଗେ ଅପର ଦଶ ହାତରେ ବୈଦେହୀଙ୍କ ସ୍ତନ ଉପରେ ପତ୍ର ରଚନା କଳାରେ ନୈପୁଣ୍ୟ ଅର୍ଜନ ପାଇଁ ଅଭ୍ୟାସ କରୁଛି ॥

ततो निजराजमन्दिरशिखररथमञ्चमारुह्य-

लङ्कायां कृतवानयं हि विकृतिं दग्धाग्रपुच्छः पुरा

कोऽप्येष प्रतिभाति बालिसदृशो नूनं तदीयः सुतः ।

श्यामः कामसमाकृतिः शरधनुर्द्धारी स सीताप्रियः

प्रत्येकं रिपुमैक्षतेति निवेदन्मञ्चस्थितो रावणः ।।३।।

ତତୋ ନିଜରାଜମନ୍ଦିରଶିଖରରଥମଞ୍ଚମାରୁହ୍ୟ

ଲଙ୍କାୟାଂ କୃତବାନୟଂ ହି ବିକୃତିଂ ଦଗ୍ଧାଗ୍ରପୁଚ୍ଛଃ ପୁରା

କୋଽପ୍ୟେଷ ପ୍ରତିଭାତି ବାଲିସଦୃଶୋ ନୂନଂ ତଦୀୟଃ ସୁତଃ ।

ଶ୍ୟାମଃ କାମସମାକୃତିଃ ଶରଧନୁର୍ଦ୍ଧାରୀ ସ ସୀତାପ୍ରିୟଃ

ପ୍ରତ୍ୟେକଂ ରିପୁମୈକ୍ଷତେତି ନିବେଦନ୍ ମଞ୍ଚସ୍ଥିତୋ ରାବଣଃ ।।୩।।

❋ ନିଜ ରାଜପ୍ରସାଦର ଉପରି ଭାଗରେ ଥିବା ଜଗତୀ ଉପରକୁ ଯାଇ ରାବଣ ମନେ ମନେ ଭାବିଲା- ପୁଚ୍ଛର ଅଗ୍ରଭାଗ ପୋଡ଼ି ଯାଇଥିବା ଏହି ବାନର ପୂର୍ବରୁ ଆସି ଲଙ୍କାକୁ ବିକୃତ କରିଯାଇଛି । ବାଳି ସଦୃଶ ଦେଖାଯାଉଥିବା ଏହି ବାନର ନିଶ୍ଚୟ ତା'ର ପୁତ୍ର ହୋଇଥିବ । ଶ୍ୟାମଳ ଓ କନ୍ଦର୍ପ ସଦୃଶ ସୁନ୍ଦର ଧନୁଃଶରଧାରୀ ପୁରୁଷ ସୀତାପ୍ରିୟ ଶ୍ରୀରାମ ବୋଲି ମନେ ହୁଏ । ମଞ୍ଚ ଉପରେ ବସି ରାବଣ ପ୍ରତ୍ୟେକ ଶତ୍ରୁକୁ ନିରୀକ୍ଷଣ କରି ଏହିପରି ଅନୁମାନ କରିବାରେ ଲାଗିଲା ॥

अत्रावसरे मन्दोदरी-

दृष्ट्वा राघवमेव राक्षसवनस्वच्छन्ददावानलं

जानक्यां निजवल्लभस्य परमं प्रेमाणमालोक्य च ।

कांक्षन्ती मुहुरात्मपक्षविजयं भङ्गं च मुग्धा मुहु-

र्द्धावन्ती मुहुरन्तरालपतिता मन्दोदरी सुन्दरी ।।४।।

ଅତ୍ରାବସରେ ମନ୍ଦୋଦରୀ-

ଦୃଷ୍ଟ୍ୱା ରାଘବମେବ ରାକ୍ଷସବନସ୍ୱଚ୍ଛନ୍ଦଦାବାନଳଂ

ଜାନକ୍ୟାଂ ନିଜବଲ୍ଲଭସ୍ୟ ପରମଂ ପ୍ରେମାଣମାଲୋକ୍ୟ ଚ ।

କାଂକ୍ଷନ୍ତୀ ମୁହୁରାତ୍ମପକ୍ଷବିଜୟଂ ଭଙ୍ଗଂ ଚ ମୁଗ୍ଧା ମୁହୁ -

ର୍ଦ୍ଧାବନ୍ତୀ ମୁହୁରନ୍ତରାଳପତିତା ମନ୍ଦୋଦରୀ ସୁନ୍ଦରୀ ।।୪।।

❋ ଏହି ସମୟରେ ରାଣୀ ମନ୍ଦୋଦରୀ ଆସି ରାକ୍ଷସ ରୂପକ ବନର ଦାବାନଳ ସଦୃଶ ଶ୍ରୀରାମଙ୍କୁ ଦେଖି ଏବଂ ଜାନକୀଙ୍କଠାରେ ନିଜର ସ୍ୱାମୀଙ୍କ ପରମ ଅନୁରାଗ ଲକ୍ଷ୍ୟ କରି ଆଶଙ୍କିତା ହୋଇ ପଡ଼ିଲା । ନିଜ ପକ୍ଷର ବିଜୟ ଓ ପରାଜୟ କଥା ବାରମ୍ବାର ଭାବି ସୁନ୍ଦରୀ ମନ୍ଦୋଦରୀ ଅନ୍ତରାଳକୁ ଧାଇଁଯିବା ବେଳେ ଭୂପତିତା ହୋଇଥିଲା ॥

वन्दारुवृन्दारकवृन्दवन्दिमन्दारमालामकरन्दविन्दून् ।
मन्दोदरीयं चरणारविन्देरेणूत्करान् कर्कशतामनैषीत् ॥५॥

ବନ୍ଦାରୁବୃନ୍ଦାରକବୃନ୍ଦବନ୍ଦି ମନ୍ଦାରମାଲାମକରନ୍ଦବିନ୍ଦୂନ୍ ।
ମନ୍ଦୋଦରୀୟଂ ଚରଣାରବିନ୍ଦରେଣୂତ୍କରାନ୍‌କର୍କଶତାମନୈଷୀତ୍ ॥୫॥

❊ ବନ୍ଦନୀୟା ଦେବାଙ୍ଗନାମାନଙ୍କ ପରିହିତ ମନ୍ଦାରମାଳାରେ ଥିବା ପୁଷ୍ପଗୁଡ଼ିକର ଧୂଳିକଣାକୁ ଅସ୍ଥିର ଚିତ୍ତରେ ଇତସ୍ତତଃ ପଦଚାରଣା କରୁଥିବା ରାଣୀ ମନ୍ଦୋଦରୀ ନିଜ ଚରଣାରବିନ୍ଦର ରେଣୁସମୂହରେ ମିଶାଇ ଦେଇଥିଲା ॥

मन्दोदरी - (अञ्जलिं बध्वा रावणं ज्ञापयति) देव !
त्वं बाहूद्धृतचन्द्रशेखरगिरिर्भ्राता जगद्भक्षक:
पुत्र: शक्रजयीत्यवेत्य रणधीर्नूनं बली बालिजित् ।
तद्राजन्नवला वलादपहृता देयास्य सा जानकी
लङ्कायां रहसीत्युवाच वचनं मन्दोदरी मन्दिरे ॥६॥

ମନ୍ଦୋଦରୀ (ଅଞ୍ଜଳିଂ ବଦ୍ଧ୍ୱା ରାବଣଂ ଜ୍ଞାପୟତି) ଦେବ !
ତ୍ୱଂ ବାହୂଦ୍ଧୃତଚନ୍ଦ୍ରଶେଖରଗିରିର୍ଭ୍ରାତା ଜଗଦ୍‌ଭକ୍ଷକଃ
ପୁତ୍ରଃ ଶକ୍ରଜୟୀତ୍ୟବେତ୍ୟ ରଣଧୀର୍ନୂନଂ ବଲୀ ବାଲିଜିତ୍ ।
ତଦ୍ରାଜନ୍ନବଲା ବଲାଦପହୃତା ଦେୟାସ୍ୟ ସା ଜାନକୀ
ଲଙ୍କାୟାଂ ରହସୀତ୍ୟୁବାଚ ବଚନଂ ମନ୍ଦୋଦରୀ ମନ୍ଦିରେ ॥୬॥

❊ ମନ୍ଦୋଦରୀ ଅଞ୍ଜଳିବଦ୍ଧ ହୋଇ ରାବଣକୁ କହିଲା ହେ ଦେବ ! ତୁମେ କୈଳାସ ଉତ୍ପାଟନ କରିଛ । ଜଗତ୍‌କୁ ଉଦରସାତ୍ କରିବାରେ ସମର୍ଥ କୁମ୍ଭକର୍ଣ୍ଣ ତୁମର ଭାଇ । ଇନ୍ଦ୍ରବିଜୟୀ ପୁତ୍ର ଇନ୍ଦ୍ରଜିତ ସମରରେ ଅଜେୟ ବୀର ବୋଲି ଜାଣିଛି । ତଥାପି ବଳପୂର୍ବକ ଅପହରଣ କରିଥିବା ଅବଳା ଜାନକୀଙ୍କୁ ବାଲିବିଜୟୀ ଶ୍ରୀରାମଙ୍କୁ ଫେରାଇଦେବା ଉଚିତ୍ ହେବ, ନୋହିଲେ ପରାଜୟ ସୁନିଶ୍ଚିତ ॥

रावण: निजभुजाडम्बरं नाटयति -
किं ते भीरु भिया निशाचरपतेर्नासौ रिपुर्मे महान्
यस्याग्रे समरोद्यतस्य न सुरास्तिष्ठन्ति शक्रादय: ।
मद्दोर्दण्डकमण्डलोद्धृतधनु: क्षिप्ता: क्षणान्मार्गणा:
प्राणानस्य तपस्विन: सति रणे नेष्यन्ति पश्याधुना ॥७॥

ରାବଣଃ ନିଜଭୁଜାଡ଼ମ୍ବରଂ ନାଟୟତି -
କିଂ ତେ ଭୀରୁ ଭିୟା ନିଶାଚରପତେର୍ନାସୌ ରିପୁର୍ମେ ମହାନ୍
ଯସ୍ୟାଗ୍ରେ ସମରୋଦ୍ୟତସ୍ୟ ନ ସୁରାସ୍ତିଷ୍ଠନ୍ତି ଶକ୍ରାଦୟଃ ।

ମଦ୍ଦୋର୍ଦ୍ଦଣ୍ଡକମଣ୍ଡଳୋଦ୍ଧୃତ ଧନୁଃ କ୍ଷିପ୍ତାଃ କ୍ଷଣାନ୍ମାର୍ଗଣାଃ
ପ୍ରାଣାନସ୍ୟ ତପସ୍ୱିନଃ ସତି ରଣେ ନେଷ୍ୟନ୍ତି ପଶ୍ୟାଧୁନା ॥୭॥

❊ ରାବଣ ନିଜର ବଳବୀର୍ଯ୍ୟର ପ୍ରଶଂସା କରି ରାଣୀଙ୍କୁ କହିଲା- ତୁମର ଭୟ କରିବାର କିଛି ନାହିଁ । ନିଶାଚର ପତି ରାବଣ ଆଗରେ ରାମ ଏକ ସାମାନ୍ୟ ଶତ୍ରୁ । ରାବଣ ସହିତ ସମ୍ମୁଖ ଯୁଦ୍ଧରେ ଶକ୍ରାଦି ଦେବଗଣ ରହିପାରି ନାହାନ୍ତି । ମୋର ହସ୍ତରେ ଥିବା ଧନୁରୁ ନିକ୍ଷିପ୍ତ ସୁତୀକ୍ଷ୍ଣ ବାଣଦ୍ୱାରା ତପସ୍ୱୀ ରାମର ପ୍ରାଣନାଶ ହେବ, ଏଥିରେ ସନ୍ଦେହ ନାହିଁ ॥

अत्रावसरे अरविन्द नामा मन्त्री-

देव त्वां प्रति संप्रति प्रतिभटप्रोल्लासनं नो मुदे
देवाय प्रतिपाद्यते हितमिदं यस्माद्वयं मन्त्रिण: ।
सीतारक्षणदक्षलक्ष्मणधनुर्लेखापि नोल्लंघिता
हेलोल्लंघितवारिधि: कपिकुलै: सार्द्धं स रामो महान् ।।८।।

ଅତ୍ରାବସରେ ଅରବିନ୍ଦନାମା ମନ୍ତ୍ରୀ-

ଦେବ ତ୍ୱାଂ ପ୍ରତି ସଂପ୍ରତି ପ୍ରତିଭଟପ୍ରୋଲ୍ଲାସନଂ ନୋ ମୁଦେ
ଦେବାୟ ପ୍ରତିପାଦ୍ୟତେ ହିତମିଦଂ ଯସ୍ମାଦ୍ୱୟଂ ମନ୍ତ୍ରିଣଃ ।
ସୀତାରକ୍ଷଣଦକ୍ଷଲକ୍ଷ୍ମଣଧନୁର୍ଲେଖାପି ନୋଲ୍ଲଂଘିତା
ହେଲୋଲ୍ଲଂଘିତବାରିଧିଃ କପିକୁଳୈଃ ସାର୍ଦ୍ଧଂ ସ ରାମୋ ମହାନ୍ ॥୮॥

❊ ଏହି ସମୟରେ ଅରବିନ୍ଦ ନାମକ ମନ୍ତ୍ରୀ ଉପସ୍ଥିତ ହୋଇ କହିଲା -ପ୍ରଭୋ ! ସମ୍ପ୍ରତି ଉପସ୍ଥିତ ଯୁଦ୍ଧରେ ଯୋଗଦେବା ଉଚିତ ହେବ ନାହିଁ ବୋଲି ମୁଁ ଜଣେ ମନ୍ତ୍ରୀଭାବେ ନିବେଦନ କରୁଛି । ତେଣୁ ଆପଣ ଯୁଦ୍ଧ କରନ୍ତୁ ନାହିଁ । ସୀତାଙ୍କୁ ରକ୍ଷା କରିବା ପାଇଁ ଲକ୍ଷ୍ମଣ ଯେଉଁ ରେଖା ଭୂମିରେ କାଟିଥିଲେ ତାକୁ ଆପଣ ପାର ହୋଇପାରିଲେ ନାହିଁ ; କିନ୍ତୁ ଲକ୍ଷ୍ମଣାଗ୍ରଜ ଶ୍ରୀରାମ ବାନରମାନଙ୍କ ସାହାଯ୍ୟରେ ମହାସାଗର ପାର ହୋଇ ଆସିଲେ ॥

इत्यवसरे विरूपाक्षनामा मन्त्री-

यत्सं देशहरेण मारुतसुतेनातारि वारांनिधि:
क्षिप्रं गोष्पदवन्निजालय इव प्रावेशि लङ्कापुरी ।
सीताऽदर्शि समभ्यभाषि निखिलञ्चाभाजि रक्ष:पतेऽ-
रण्यं तत्पुरतो व्यदाहि च पुरी राम: कथं मानव: ।।९।।

ଇତ୍ୟବସରେ ବିରୂପାକ୍ଷ ନାମା ମନ୍ତ୍ରୀ -

ଯତ୍ସଂଦେଶହରେଣ ମାରୁତସୁତେନାତାରି ବାରାଂନିଧିଃ
କ୍ଷିପ୍ରଂ ଗୋଷ୍ପଦବନ୍ନିଜାଳୟ ଇବ ପ୍ରାବେଶି ଲଙ୍କାପୁରୀ ।

ସୀତାଦର୍ଶି ସମଭ୍ୟଭାଷି ନିଖିଳଶ୍ରାଭାଜି ରକ୍ଷଃପତେଃ
ରଣଂ ତତ୍ପୁରତୋ ବ୍ୟଦାହି ଚ ପୁରୀ ରାମଃ କଥଂ ମାନବଃ ॥୯॥

❋ ଏହି ସମୟରେ ବିରୂପାକ୍ଷ ନାମକ ମନ୍ତ୍ରୀ ଆସି କହିଲା- ପ୍ରଭୋ ! ଶ୍ରୀରାମ ସାଧାରଣ ମାନବ ନୁହନ୍ତି ; କାରଣ, ତାଙ୍କର ଦୂତରୂପେ ଆସିଥିବା ବାୟୁପୁତ୍ର ହନୁମାନ୍ ସାଗର ପାର ହୋଇ ଆସିଲା କେହି ଜାଣିପାରିଲେ ନାହିଁ । ନିଜର ଘର ପରି ସେ ଲଙ୍କାପୁରୀରେ ପଶିଲା ଏବଂ ଅଶୋକ ବନରେ ସୀତାଙ୍କୁ ଦେଖିଲା ଓ କଥାବାର୍ତ୍ତା କଲା । ତା'ପରେ ସେ ମଧୁବନକୁ ନଷ୍ଟଭ୍ରଷ୍ଟ କରି ତୁମରି ଆଖିଆଗରେ ଲଙ୍କାକୁ ପୋଡ଼ି ଛାରଖାର କଲା । ଯାହାର ଛାର ଦୂତଟାଏ ଏସବୁ କଲା ତାଙ୍କ ସହିତ ଯୁଦ୍ଧ କରିବା ଉଚିତ ନୁହେଁ ॥

अथ महोदर नामा मन्त्री -

राजन् मुखसुखा वाचो मधुरा: कस्य न प्रिया: ।
तव क्षोदक्षमा: किं तु नेता व्यसनसङ्गमे ॥१०॥

ଅଥ ମହୋଦର ନାମା ମନ୍ତ୍ରୀ-

ରାଜନ୍ ମୁଖସୁଖା ବାଚୋ ମଧୁରାଃ କସ୍ୟ ନ ପ୍ରିୟାଃ ।
ତବ କ୍ଷୋଦକ୍ଷମାଃ କିଂ ତୁ ନୈତା ବ୍ୟସନସଙ୍ଗମେ ॥୧୦॥

❋ ଏହାପରେ ମହୋଦର ନାମକ ମନ୍ତ୍ରୀ ଉପସ୍ଥିତ ହୋଇ କହିଲା- ରାଜନ୍! ମଧୁର ଓ ସୁଖକର ବଚନ କିଏ ଶୁଣିବାକୁ ଭଲ ନ ପାଏ ? କିନ୍ତୁ ବିପଦ ସମୟରେ ସେଥିପାଇଁ ଏହି ଯୁଦ୍ଧ କରନ୍ତୁ ନାହିଁ ॥

प्रिया वा मधुरा वाक् च हर्म्येष्वेव विराजते ।
श्रीरक्षणे प्रमाणं तु वाच: सुनयकर्कशा: ॥११॥

ପ୍ରିୟା ବା ମଧୁରା ବାକ୍ ଚ ହର୍ମ୍ୟେଷ୍ୱେବ ବିରାଜତେ ।
ଶ୍ରୀରକ୍ଷଣେ ପ୍ରମାଣଂ ତୁ ବାଚଃ ସୁନୟକର୍କଶାଃ ॥୧୧॥

❋ ରାଜପ୍ରାସାଦରେ ବସି ପ୍ରିୟ ବା ମଧୁର ବାକ୍ୟ ଶୁଣିବାକୁ ଭଲ ଲାଗେ । କିନ୍ତୁ ନ୍ୟାୟସଙ୍ଗତ କର୍କଶ ବଚନ ଶୁଣିବା ଦ୍ୱାରା ହିଁ ଭାଗ୍ୟଶ୍ରୀକୁ ସୁରକ୍ଷିତ ରଖାଯାଇପାରେ ॥

विभवे भोजने दाने तिष्ठन्ति प्रियवादिन: ।
विपत्तावागतायां तु दृश्यन्ते खलु सज्जना: ॥१२॥

ବିଭବେ ଭୋଜନେ ଦାନେ ତିଷ୍ଠନ୍ତି ପ୍ରିୟବାଦିନଃ ।
ବିପତ୍ତାବାଗତାୟାଂ ତୁ ଦୃଶ୍ୟନ୍ତେ ଖଲୁ ସଜ୍ଜନାଃ ॥୧୨॥

❋ ସମ୍ପଦ ଥିବାବେଳେ, ଦାନ ଓ ଭୋଜନ ସମୟରେ ପ୍ରିୟବାଦୀ ଲୋକେ ପାଖରେ ଥାଆନ୍ତି ; କିନ୍ତୁ ବିପଦ ପଡ଼ିଲେ କେବଳ ସଜ୍ଜନମାନେ ପାଖରେ ଥିବାର ଦେଖାଯାଆନ୍ତି ॥

अग्रे प्रस्तुतनाशानां मूकता परमो गुणः ।
तथापि प्रभुभक्तानां मौखर्य्यादिदमुच्यते ॥१३॥
ଅଗ୍ରେ ପସ୍ତୁତନାଶାନାଂ ମୂକତା ପରମୋ ଗୁଣଃ ।
ତଥାପି ପ୍ରଭୁଭକ୍ତାନାଂ ମୌଖର୍ଯ୍ୟାଦିଦମୁଚ୍ୟତେ ॥୧୩॥

✻ ସମ୍ମୁଖରେ ବିନାଶ ଉପସ୍ଥିତ ହେଲେ ନୀରବତା ଅବଲମ୍ବନ କରିବା ପରମ କର୍ତ୍ତବ୍ୟ । ତଥାପି ପ୍ରଭୁଭକ୍ତମାନେ ଦେଶ ଓ ଜାତିର ମଙ୍ଗଳ ପାଇଁ ବାଧ୍ୟ ହୋଇ ନୀରବତା ଭଙ୍ଗ କରନ୍ତି ଓ ହିତକଥା କହନ୍ତି ॥

यैरेव स्तुतिभिः स्वामी प्राप्यते व्यसनाटवीम् ।
पश्चान्मूकत्वमापन्नैरुद्धर्त्तुं नैव शक्यते ॥१४॥
ଯୈରେବ ସ୍ତୁତିଭିଃ ସ୍ୱାମୀ ପ୍ରାପ୍ୟତେ ବ୍ୟସନାଟବୀମ୍ ।
ପଶ୍ଚାନ୍ମୂକତ୍ୱମାପନ୍ନୈରୁଦ୍ଧର୍ତ୍ତୁଂ ନୈବ ଶକ୍ୟତେ ॥୧୪॥

✻ ଯେଉଁ ଭୃତ୍ୟ ପ୍ରଥମେ ଚାଟୁକଥା କହି ପ୍ରଭୁଙ୍କୁ ବିପଦରେ ପକାଏ, ପରେ ନୀରବତାର ଆଶ୍ରୟ ନେଇ ସେ ତାଙ୍କୁ ବିପଦରୁ ଉଦ୍ଧାର କରିପାରେ ନାହିଁ ॥

नद्यश्च खलमैत्री च लक्ष्मीश्च नयविद्विषाम् ।
सुकुमाराश्च वनिता राजन्न चिरयौवनाः ॥१५॥
ନଦ୍ୟଶ୍ଚ ଖଳମୈତ୍ରୀ ଚ ଲକ୍ଷ୍ମୀଶ୍ଚ ନୟବିଦ୍ୱିଷାମ୍ ।
ସୁକୁମାରାଶ୍ଚ ବନିତା ରାଜନ୍ନ ଚିରଯୌବନାଃ ॥୧୫॥

✻ ରାଜନ୍ ! ନଦୀ, ଦୁଷ୍ଟମିତ୍ର, ଲକ୍ଷ୍ମୀ,ଭାଗ୍ୟ ଓ ସୁକୁମାରୀ ଯୁବତୀଙ୍କ ଯୌବନ ଚିରକାଳ ରହିପାରେ ନାହିଁ । ତେଣୁ ସାଧୁବ୍ୟକ୍ତିମାନେ ଏମାନଙ୍କଠାରୁ ଦୂରରେ ରହନ୍ତି ॥

यावद्दाशरथेर्न पश्यसि मुखं यावन्न वारांनिधिं
शुष्कं यावदिमां न पावकवशां लङ्कां निरस्तालकाम् ।
यावन्नैव निजानुजस्य चरितं यातं कुलाङ्गारतां
तावद्रावण लोकनाथदयिता सीता स्वयं दीयताम् ॥१६॥
ଯାବଦ୍ଦାଶରଥେର୍ନ ପଶ୍ୟସି ମୁଖଂ ଯାବନ୍ନ ବାରାଂନିଧିଂ
ଶୁଷ୍କଂ ଯାବଦିମାଂ ନ ପାବକବଶାଂ ଲଙ୍କାଂ ନିରସ୍ତାଲକାମ୍ ।
ଯାବନ୍ନୈବ ନିଜାନୁଜସ୍ୟ ଚରିତଂ ଯାତଂ କୁଳାଙ୍ଗାରତାଂ
ତାବଦ୍ରାବଣ ଲୋକନାଥଦୟିତା ସୀତା ସ୍ୱୟଂ ଦୀୟତାମ୍ ॥୧୬॥

✻ ହେ ରାବଣ ! ଦାଶରଥିଙ୍କ ମୁଖ ଦେଖିବା ପୂର୍ବରୁ ସପ୍ତସାଗର ଶୁଷ୍କ ହେବା ଓ ଲଙ୍କାପୁରୀ ଅଗ୍ନିରେ ଭସ୍ମସାତ୍ ହେବା ପୂର୍ବରୁ ଏବଂ ଆପଣଙ୍କର ଭାଇ ବିଭୀଷଣ କୁଳାଙ୍ଗାରଭାବ ପୋଷଣ କରିବା ପୂର୍ବରୁ ଲୋକନାଥ ଶ୍ରୀରାମଙ୍କ ପତ୍ନୀ ସୀତାଙ୍କୁ ନିଜେ ଯାଇ ପ୍ରତ୍ୟର୍ପଣ କରିଦିଅ ॥

इत्यवसरे पुनः विरूपाक्ष नामा मन्त्री प्रविश्य जयतु जयतु देव त्रिदशमौ - लिमुकुटराजितपादपीठो रावणः ।

नीतिशास्त्रविदो नीतिं पठन्ति नृपतेः पुरः ।
केवलं युवराजादिपुरतो न कदाचन ॥१७॥

❀ ଇତ୍ୟବସରେ ପୁନଃ ବିରୂପାକ୍ଷ ନାମା ମନ୍ତ୍ରୀ ପ୍ରବିଶ୍ୟ ଜୟତୁ ଜୟତୁ ଦେବ ତ୍ରିଦଶମୌଳିମୁକୁଟରାଜିତପାଦପୀଠୋ ରାବଣଃ-

ନୀତିଶାସ୍ତ୍ରବିଦୋ ନୀତିଂ ପଠନ୍ତି ନୃପତେଃ ପୁରଃ ।
କେବଳଂ ଯୁବରାଜାଦିପୁରତୋ ନ କଦାଚନ ॥୧୭॥

❀ ମନ୍ତ୍ରୀ ବିରୂପାକ୍ଷ ପୁଣି କହିଲେ - ତ୍ରିଦଶ ମୌଳିରାଜିତ ପାଦଦେବ ରାବଣଙ୍କର ଜୟ ହେଉ । ନୀତିଶାସ୍ତ୍ରବିଶାରଦ ପଣ୍ଡିତମାନେ ସର୍ବଦା ରାଜାଙ୍କୁ ନୀତିବାଣୀ ଶୁଣାଇଥାନ୍ତି ; କିନ୍ତୁ ଯୁବରାଜ ପ୍ରଭୃତିଙ୍କ ପାଖରେ କେହି ନୀତିଶାସ୍ତ୍ରର ବ୍ୟାଖ୍ୟା କରନ୍ତି ନାହିଁ ॥

न सर्पस्य मुखे रक्तं न दुष्टस्य कलेवरे ।
न प्रजासु न भूपाले धनं दुरधिकारिणि ॥१८॥
ନ ସର୍ପସ୍ୟ ମୁଖେ ରକ୍ତଂ ନ ଦୁଷ୍ଟସ୍ୟ କଳେବରେ ।
ନ ପ୍ରଜାସୁ ନ ଭୂପାଳେ ଧନଂ ଦୁରଧିକାରିଣି ॥୧୮॥

❀ କ୍ରୋଧିତ ଅବସ୍ଥାରେ ସର୍ପ ମୁଖରେ କି ଦୁଷ୍ଟର ଶରୀରରେ ରକ୍ତ ନ ଥାଏ । ସେହିପରି ଅଧିକାରୀ ଦୁଷ୍ଟ ଓ କ୍ରୋଧପରାୟଣ ହେଲେ ରାଜା କି ପ୍ରଜା କାହାରିଠାରେ ଧନ ରହେ ନାହିଁ ॥

दत्तोत्साहैरकार्य्येऽपि चित्तग्रहणकोविदैः ।
सुखं विदग्धैर्भुञ्जन्ति नृपाः कर्णान्तषट्पदैः ॥१९॥
ଦତ୍ତୋତ୍ସାହୈରକାର୍ଯ୍ୟେଽପି ଚିତ୍ତଗ୍ରହଣକୋବିଦୈଃ ।
ସୁଖଂ ବିଦଗ୍ଧୈର୍ଭୁଞ୍ଜନ୍ତି ନୃପାଃ କର୍ଣ୍ଣାନ୍ତଷଟ୍‌ପଦୈଃ ॥୧୯॥

❀ ବିପଦ ସମୟରେ ଉତ୍ସାହ ପ୍ରଦାନ କରି ଚିତ୍ତହରଣ କରୁଥିବା ମଧୁରଭାଷୀ ସୁଚତୁର ବ୍ୟକ୍ତିମାନେ ଯେଉଁ ରାଜାଙ୍କ ପାଖରେ ଥାଆନ୍ତି ସେ ରାଜା ସୁଖରେ ରାଜତ୍ୱ କରନ୍ତି ॥

सुरेज्यादिभिराचार्य्यैर्नीतिशास्त्रं त्रिधा मतम् ।
ऐहिकं चामुष्मिकाख्यमैहिकामुष्मिकं तथा ॥२०॥
ସୁରେଜ୍ୟାଦିଭିରାଚାର୍ଯ୍ୟୈର୍ନୀତିଶାସ୍ତ୍ରଂ ତ୍ରିଧା ମତମ୍ ।
ଐହିକଂ ଚାମୁଷ୍ମିକାଖ୍ୟମୈହିକାମୁଷ୍ମିକଂ ତଥା ॥୨୦॥

❀ ଦେବଗୁରୁ ବୃହସ୍ପତି ପ୍ରଭୃତି ନୀତିଶାସ୍ତ୍ର ବିଶାରଦମାନେ ରାଜ୍ୟସୁଖକୁ ତିନିଶ୍ରେଣୀରେ ବିଭକ୍ତ କରିଛନ୍ତି । ସେମାନଙ୍କ ମତରେ ଐହିକ (ଇହଲୋକ) ଆମୁଷ୍ମିକ (ପରଲୋକ) ଓ ଐହିକାମୁଷ୍ମିକ (ଇହ ଓ ପରଲୋକ) ଭାବେ ତ୍ରିବିଧ ସୁଖ ଭୋଗ କରାଯାଇଥାଏ ॥

ऐहिकामुष्मिकं तत्र शास्त्राणामुत्तमोत्तमम् ।
आमुष्मिकं तूत्तमं स्यादैहिकं चाधमाधमम् ॥२१॥
ଐହିକାମୁଷ୍ମିକଂ ତତ୍ର ଶାସ୍ତ୍ରାଣାମୁତ୍ତମୋତ୍ତମମ୍ ।
ଆମୁଷ୍ମିକଂ ତୂତ୍ତମଂ ସ୍ୟାଦୈହିକଂ ଚାଧମାଧମମ୍ ॥୨୧॥

✽ ତ୍ରିବିଧସୁଖ ମଧ୍ୟରୁ ଇହଲୋକ ଓ ପରଲୋକରେ ସୁଖ ପ୍ରଦାନକାରୀ ନୀତିଶାସ୍ତ୍ର ସର୍ବୋତ୍ତମ ଏବଂ କେବଳ ପରଲୋକରେ ସୁପ୍ରଦାନକାରୀ ନୀତିଶାସ୍ତ୍ରକୁ ଉତ୍ତମଶାସ୍ତ୍ର କୁହାଯାଏ; କିନ୍ତୁ କେବଳ ଇହଲୋକରେ ସୁଖୀ ହେବାପାଇଁ ମାର୍ଗ ନିର୍ଦ୍ଦେଶ କରୁଥିବା ସ୍ମୃତିଶାସ୍ତ୍ରକୁ ଅଧମଶାସ୍ତ୍ର ବୋଲି କୁହାଯାଏ ॥

ये ज्ञानात्स्वामिनं हत्वा भजन्ते मन्त्रिण: सुखम् ।
विषशस्त्रादिभिर्यान्ति सर्वेऽपि निरयं ध्रुवम् ॥२२॥
ଯେ ଜ୍ଞାନାତ୍ ସ୍ୱାମିନଂ ହତ୍ୱା ଭଜନ୍ତେ ମନ୍ତ୍ରିଣଃ ସୁଖମ୍ ।
ବିଷଶସ୍ତ୍ରାଦିଭିର୍ଯାନ୍ତି ସର୍ବେଽପି ନିରୟଂ ଧ୍ରୁବମ୍ ॥୨୨॥

✽ ରାଜ୍ୟସୁଖ ଲାଭ ପାଇଁ ଯେଉଁ ମନ୍ତ୍ରୀମାନେ ଜାଣିଜାଣି ବିଷ ବା ଶସ୍ତ୍ରାଦିଦ୍ୱାରା ରାଜାଙ୍କୁ ହତ୍ୟା କରନ୍ତି ବା ହତ୍ୟାମୁହଁକୁ ଠେଲି ଦିଅନ୍ତି କିମ୍ବା ଶତ୍ରୁର ଆଶ୍ରୟ ନିଅନ୍ତି, ସେମାନେ ନିଶ୍ଚିତଭାବେ ନରକଯନ୍ତ୍ରଣା ଭୋଗ କରନ୍ତି ॥

तुल्य: सूर्य्यद्विजवधैराज्ञाभङ्गो महीभुजाम् ।
तद्वधे यद्भवेत्पापं न शेषो वक्तुमर्हति ॥२३॥
ତୁଲ୍ୟଃ ସୂର୍ଯ୍ୟଦ୍ୱିଜବଧୈରାଜ୍ଞାଭଙ୍ଗୋ ମହୀଭୁଜାମ୍ ।
ତଦ୍ୱଧେ ଯଦ୍ଭବେତ୍ ପାପଂ ନ ଶେଷୋ ବକ୍ତୁମର୍ହତି ॥୨୩॥

✽ ହେ ରାଜନ୍ ! ରାଜାଙ୍କର ଆଦେଶ ପାଳନ ନ କରିବା ହେତୁ ଯେଉଁ ପାପ ହୁଏ ତାହା ନାରୀହତ୍ୟା ବୈଦିକମାର୍ଗର ଉଚ୍ଛେଦ ତଥା ବ୍ରହ୍ମହତ୍ୟା ପାପ ସହିତ ସମାନ । ରାଜାଙ୍କ ହତ୍ୟା ଜନିତ ପାପକୁ ସହସ୍ରମୁଖ ଶେଷନାଗ ମଧ୍ୟ ବର୍ଣ୍ଣନା କରିପାରିବେ ନାହିଁ ॥

यज्ज्ञानात्स्वामिनं हत्वा भजन्ते मन्त्रिण: प्रियम् ।
विपशस्त्रादिभि: शास्त्रं तदैहिकमिति स्मृतम् ॥२४॥
ଯଦ୍ଜ୍ଞାନାତ୍ ସ୍ୱାମିନଂ ହତ୍ୱା ଭଜନ୍ତେ ମନ୍ତ୍ରିଣଃ ପ୍ରିୟମ୍ ।
ବିଷଶସ୍ତ୍ରାଦିଭିଃ ଶାସ୍ତ୍ରଂ ତଦୈହିକମିତି ସ୍ମୃତମ୍ ॥୨୪॥

✽ ଯେଉଁ ଶାସ୍ତ୍ରଜ୍ଞାନ ବଳରେ ବିଷପ୍ରୟୋଗ ବା ଶସ୍ତ୍ରାଦିଦ୍ୱାରା ଜ୍ଞାନତଃ (ଜାଣିଜାଣି) ମନ୍ତ୍ରୀମାନେ ରାଜାଙ୍କୁ ହତ୍ୟା କରି ସୁଖଭୋଗ କରନ୍ତି ସେହି ନୀତିଶାସ୍ତ୍ରକୁ ଐହିକ ସୁଖଦାୟୀ-ଶାସ୍ତ୍ର କୁହାଯାଏ ॥

अपराधं विना मन्त्री प्रभुणा पीड़ितोऽपि सन् ।
न वैरूप्यं क्वचिद्याति तदामुष्मिकमुच्यते ॥२५॥
ଅପରାଧଂ ବିନା ମନ୍ତ୍ରୀ ପ୍ରଭୁଣା ପୀଡ଼ିତୋଽପି ସନ୍ ।
ନ ବୈରୂପ୍ୟଂ କ୍ୱଚିଦ୍ ଯାତି ତଦାମୁଷ୍ମିକମୁଚ୍ୟତେ ॥୨୫॥

❊ ବିନା ଅପରାଧରେ ରାଜାଙ୍କଦ୍ୱାରା ଦଣ୍ଡିତ ହେଲେ ଉତ୍ତମ ଚରିତ୍ରର ମନ୍ତ୍ରୀ ରାଜବିରୋଧୀ ହୁଏ ନାହିଁ । ସେ କେବେହେଲେ ରାଜାଙ୍କର ବିରୋଧାଚରଣ କରନ୍ତି ନାହିଁ । ଯେଉଁ ନୀତିଶାସ୍ତ୍ରରୁ ଏହି ଶିକ୍ଷା ମିଳେ ତାହାକୁ ଆମୁଷ୍ମିକ ସୁଖଦାୟୀ ଶାସ୍ତ୍ର ବୋଲି କୁହାଯାଇଛି ॥

राज्यग्रहणशक्तोऽपि मनसापि न चिन्तयेत् ।
सचिवः स्वामिनो नाशमैहिकामुष्मिकं हि तत् ॥२६॥
ରାଜ୍ୟଗ୍ରହଣଶକ୍ତୋଽପି ମନସାପି ନ ଚିନ୍ତୟେତ୍ ।
ସଚିବଃ ସ୍ୱାମିନୋ ନାଶମୈହିକାମୁଷ୍ମିକଂ ହିତମ୍ ॥୨୬॥

❊ ରାଜ୍ୟ ଅଧିକାର କରିବାର ଶକ୍ତି ଓ ସାମର୍ଥ୍ୟ ଥିଲେ ମଧ୍ୟ ଯେଉଁ ମନ୍ତ୍ରୀ ରାଜାଙ୍କର ଅମଙ୍ଗଳ ମନରେ ମଧ୍ୟ ଭାବେ ନାହିଁ ସେ ହେଉଛି ଯୋଗ୍ୟତମ ମନ୍ତ୍ରୀ । ଯେଉଁ ନୀତିଶାସ୍ତ୍ର ଏହି ଶିକ୍ଷାଦିଏ ତାହାକୁ ଐହିକାମୁଷ୍ମିକ ସୁଖଦାୟୀ ନୀତିଶାସ୍ତ୍ର କୁହାଯାଏ ॥

पद्मिनी कान्तिमापेदे संकोचं च कुमुद्वती ।
न भवन्ति चिरं प्रायः संपदो विपदोऽपि वा ॥२७॥
ପଦ୍ମିନୀ କାନ୍ତିମାପେଦେ ସଂକୋଚଂ ଚ କୁମୁଦ୍ୱତୀ ।
ନ ଭବନ୍ତି ଚିରଂ ପ୍ରାୟଃ ସଂପଦୋ ବିପଦୋଽପି ବା ॥୨୭॥

❊ ଦିବସରେ ପଦ୍ମ ଓ ରାତ୍ରିରେ କୁମୁଦ ବିକଶିତ ହୁଏ ଏବଂ ରାତ୍ରିରେ ପଦ୍ମ ଓ ଦିବସରେ କୁମୁଦ ମଳିନ ଦେଖାଯାନ୍ତି । ସେହିପରି ସମ୍ପଦ କି ବିପଦ କାହାରିଠାରେ ଚିରସ୍ଥାୟୀ ହୋଇ ରହେ ନାହିଁ ॥

रावणः धैर्य्यमवलम्ब्य-
मतिर्विपश्चितां मन्त्री रतिर्मन्त्री विलासिनाम् ।
पराक्रमैकसाराणां मानिनां त्वसिवल्लरी ॥२८॥
ରାବଣଃ ଧୈର୍ଯ୍ୟମବଲମ୍ବ୍ୟ-
ମତିର୍ବିପଶ୍ଚିତାଂ ମନ୍ତ୍ରୀ ରତିର୍ମନ୍ତ୍ରୀ ବିଳାସିନାମ୍ ।
ପରାକ୍ରମୈକସାରାଣାଂ ମାନିନାଂ ତ୍ୱସିବଲ୍ଲରୀ ॥୨୮॥

❊ ରାବଣ ଧୈର୍ଯ୍ୟର ସହିତ କହିଲା- ଜ୍ଞାନୀ ଲୋକମାନଙ୍କର ମନ୍ତ୍ରୀ ହେଉଛି ମନ । ସେହିପରି ବିଳାସୀ ବ୍ୟକ୍ତିର ପ୍ରୀତି ଓ ପରାକ୍ରମଶାଳୀ ତଥା ସ୍ୱାଭିମାନୀ ବ୍ୟକ୍ତିର ଖଡ୍ଗ ମନ୍ତ୍ରୀ ରୂପେ କାର୍ଯ୍ୟ କରିଥାଏ ॥

ततः पुनरपि विरूपाक्षमहोदरौ -

शुकश्च सारणो वीरश्चैहिकौ मन्त्रिणौ तव ।

वानरीं तनुमास्थाय गतौ तत्र स्थितावपि ॥२८॥

ତତଃ ପୁନରପି ବିରୂପାକ୍ଷମହୋଦରୌ -

ଶୁକଶ୍ଚ ସାରଣୋ ବୀରଶ୍ଚୈହିକୌ ମନ୍ତ୍ରିଣୌ ତବ ।

ବାନରୀ ତନୁମାସ୍ଥାୟ ଗତୌ ତତ୍ର ସ୍ଥିତାବପି ॥୨୯॥

❋ ତା' ପରେ ବିରୂପାକ୍ଷ ଓ ମହୋଦର କହିଲେ -ରାଜନ୍! ଶୁକ ଓ ସାରଣ ଦୁହେଁ ଆପଣଙ୍କର ଐହିକ ମନ୍ତ୍ରୀ । କାରଣ ସେ ଦୁହେଁ ବାନରରୂପ ଧାରଣ କରି ଶତ୍ରୁ ଶିବିରରେ ଯାଇ ଆଶ୍ରୟ ନେଇଥିଲେ ॥

आवामामुष्मिकौ राजन् विरूपाक्षमहोदरौ ।

मैथिली दीयतां तूर्णं नोचेत्सहचरौ तव ॥३०॥

ଆବାମାମୁଷ୍ମିକୌ ରାଜନ୍ ବିରୂପାକ୍ଷମହୋଦରୌ ।

ମୈଥିଳୀ ଦୀୟତାଂ ତୂର୍ଣ୍ଣଂ ନୋଚେତ୍ ସହଚରୌ ତବ ॥୩୦॥

❋ - ରାଜନ୍! ଆମେ ଦୁହେଁ ବିରୂପାକ୍ଷ ଓ ମହୋଦର ଆପଣଙ୍କର ଆମୁଷ୍ମିକ (ପାରଲୌକିକ) ମନ୍ତ୍ରୀ । ତେଣୁ ଆମ ପରାମର୍ଶ ଗ୍ରହଣ କରି ଶୀଘ୍ର ସୀତାଙ୍କୁ ଫେରାଇ ଦିଅନ୍ତୁ, ନୋହିଲେ ଆମର ଶେଷ ପରିଣତି ଆପଣଙ୍କ ପରି ହେବ ॥

रावणः - (किञ्चित्सभयम्)

नीतिशास्त्रमिदं श्रुत्वा कुम्भकर्णो महाबली ।

हन्ति चेद्वानरान्युद्धे प्रथमं प्रेष्यतामयम् ॥३१॥

ରାବଣଃ (କିଞ୍ଚିତ୍ ସଭୟମ୍)

ନୀତିଶାସ୍ତ୍ରମିଦଂ ଶ୍ରୁତ୍ୱା କୁମ୍ଭକର୍ଣ୍ଣୋ ମହାବଳୀ ।

ହନ୍ତି ଚେଦ୍ୱାନରାନ୍ ଯୁଦ୍ଧେ ପ୍ରଥମଂ ପ୍ରେଷ୍ୟତାମୟମ୍ ॥୩୧॥

❋ ନୀତିବାକ୍ୟ ଶୁଣି ରାବଣ ସାମାନ୍ୟ ଭୟଭୀତ ହୋଇ କହିଲା ମୋର ଭାଇ କୁମ୍ଭକର୍ଣ୍ଣ ମହାପରାକ୍ରମଶାଳୀ । ସେ ନିଶ୍ଚୟ ଯୁଦ୍ଧରେ କପିମାନଙ୍କୁ ସଂହାର କରିବ । ଏହା ଶୁଣି ମନ୍ତ୍ରୀମାନେ କହିଲେ, ପ୍ରଥମେ କୁମ୍ଭକର୍ଣ୍ଣଙ୍କୁ ଯୁଦ୍ଧକୁ ପଠାନ୍ତୁ ॥

पुनरपि मन्दोदरी -

विभीषणो वैरिबलं प्रविष्टो निद्रावशः संप्रति कुम्भकर्णः ।

राजाभिमानी पतितः कलङ्के लङ्का निमग्नासि गभीरपङ्के ॥३२॥

ପୁନରପି ମନ୍ଦୋଦରୀ -

ବିଭୀଷଣୋ ବୈରିବଳଂ ପ୍ରବିଷ୍ଟୋ ନିଦ୍ରାବଶଃ ସଂପ୍ରତି କୁମ୍ଭକର୍ଣ୍ଣଃ ।

ରାଜାଭିମାନୀ ପତିତଃ କଳଙ୍କେ ଲଙ୍କା ନିମଗ୍ନାସି ଗଭୀରପଙ୍କେ ॥୩୨॥

✽ ମନ୍ଦୋଦରୀ ପୁଣି ଭାବିଲା - ବର୍ତ୍ତମାନ ବୀଭୀଷଣ ଶତ୍ରୁଠାରେ ଶରଣ ପଶିଛି । କୁମ୍ଭକର୍ଣ୍ଣବୀର ଗଭୀର ନିଦ୍ରାରେ ଶୋଇଛି । ଲଙ୍କାପତି ଅଭିମାନ କରି କଳଙ୍କିତ ହୋଇଛନ୍ତି । ଲଙ୍କାପୁରୀ ଗଭୀର ପଙ୍କରେ ନିମଗ୍ନ ହୋଇଛି ॥

कैलासशैलोद्धरणप्रवीणो वीरः कुवेरानुज एक एषः ।
तथापि रामो जितबालिवीर्य्यो शङ्कास्पदं संप्रति राक्षसानाम् ॥३३॥
କୈଳାସଶୈଳୋଦ୍ଧରଣପ୍ରବୀଣୋ ବୀରଃ କୁବେରାନୁଜ ଏକ ଏଷଃ ।
ତଥାପି ରାମୋ ଜିତବାଳିବୀର୍ଯ୍ୟୋ ଶଙ୍କାସ୍ପଦଂ ସଂପ୍ରତି ରାକ୍ଷସାନାମ୍ ॥୩୩॥

✽ ମନ୍ଦୋଦରୀ କହିଲା - ହେ ରାଜନ୍ ! ନିଜ ବାହୁବଳରେ ତୁମେ କୈଳାସ ଉତ୍ପାଟନ କରିଛ । ବୀରତ୍ୱରେ ତୁମେ ତ୍ରିଭୁବନରେ ସୁବିଦିତ । ଧନାଧିପତି କୁବେରଙ୍କ ତୁମେ ଭାଇ । ତଥାପି ମହାବଳୀ ବାଳିକୁ ଜୟ କରିଥିବା ରାମ ବର୍ତ୍ତମାନ ରାକ୍ଷସମାନଙ୍କ ଭୟର କାରଣ ହୋଇଛନ୍ତି ॥

रामोऽयं रविवंशजो दशरथक्ष्मापालचूडामणेः
पुत्रः सर्वमहीश्वरो नरगणैः संपूजितो रक्षणात् ।
सीताहारिकृतान्तको निजभुजप्रौढप्रतापानल-
स्त्रैलोक्यस्य हितार्थसाधनविधौ जानासि नैवं कथम् ॥३४॥
ରାମୋଽୟଂ ରବିବଂଶଜୋ ଦଶରଥକ୍ଷ୍ମାପାଳଚୂଡାମଣେଃ
ପୁତ୍ରଃ ସର୍ବମହୀଶ୍ୱରୋ ନରଗଣୈଃ ସଂପୂଜିତୋ ରକ୍ଷଣାତ୍ ।
ସୀତାହାରିକୃତାନ୍ତକୋ ନିଜଭୁଜପ୍ରୌଢ଼ପ୍ରତାପାନଳ -
ସ୍ତ୍ରୈଲୋକ୍ୟସ୍ୟ ହିତାର୍ଥସାଧନବିଧୌ ଜାନାସି ନୈବଂ କଥମ୍ ॥୩୪॥

✽ ଶ୍ରୀରାମଚନ୍ଦ୍ର, ସସାଗରା ପୃଥିବୀର ରାଜା ସୂର୍ଯ୍ୟବଂଶୀୟ ଦଶରଥଙ୍କର ପୁତ୍ର । ସମସ୍ତ ରାଜା ତାଙ୍କର ପାଦ ପୂଜା କରନ୍ତି । ସୀତାହରଣକାରୀର ସେ ହେଉଛନ୍ତି କାଳାନ୍ତକ ଯମ । ମହାପରାକ୍ରମଶାଳୀ ଶ୍ରୀରାମ ତ୍ରିଲୋକର କଲ୍ୟାଣ ପାଇଁ ପୃଥିବୀରେ ଅବତୀର୍ଣ୍ଣ ହୋଇଛନ୍ତି, ଏହା ତୁମେ କିପରି ଜାଣିନାହଁ ?

एकः सुग्रीवभृत्यः कपिरखिलवनं पत्तनं चापि दग्ध्वा
यातस्तूर्णीं तदानीं दशमुख भवतः किं कृतं वीरवर्गैः ।
प्राप्तोऽसौ पत्तनान्तं सकलकपिवलैर्वार्धिमुल्लंघ्य योद्धुं
तां सीतां मुञ्च मुञ्चेत्यनिशमकथयत्प्रेयसी रावणस्य ॥३५॥
ଏକଃ ସୁଗ୍ରୀବଭୃତ୍ୟଃ କପିରଖିଳବନଂ ପତ୍ତନଂ ଚାପି ଦଗ୍ଧ୍ୱା
ଯାତସ୍ତୂର୍ଣ୍ଣୀଂ ତଦାନୀଂ ଦଶମୁଖ ଭବତଃ କିଂ କୃତଂ ବୀରବର୍ଗୈଃ ।
ପ୍ରାପ୍ତୋଽସୌ ପତ୍ତନାନ୍ତଂ ସକଳକପିବଳୈର୍ବାର୍ଦ୍ଧିମୁଲ୍ଲଙ୍ଘ୍ୟ ଯୋଦ୍ଧୁଂ
ତାଂ ସୀତାଂ ମୁଞ୍ଚ ମୁଞ୍ଚେତ୍ୟନିଶମକଥୟତ୍ ପ୍ରେୟସୀ ରାବଣସ୍ୟ ॥୩୫॥

❋ ରାବଣର ପ୍ରିୟତମା ପତ୍ନୀ କହିଲେ - କପିରାଜ ସୁଗ୍ରୀବର ଭୃତ୍ୟ ବାନରଟିଏ ଆସି ସମଗ୍ର ଲଙ୍କାକୁ ପୋଡ଼ିଦେଇ ନୀରବରେ ଚାଲିଗଲା । ହେ ଦଶମୁଖ, ତୁମର ମହାବୀରମାନେ ସେତେବେଳେ କ'ଣ କରୁଥିଲେ ? ବର୍ତ୍ତମାନ ବାନରବାହିନୀ ସହିତ ଶ୍ରୀରାମ ସମୁଦ୍ର ପାର ହୋଇ ଆସି ଯୁଦ୍ଧ ପାଇଁ ତୁମର ଦ୍ୱାରଦେଶରେ ଉପସ୍ଥିତ ହେଲେଣି । ତେଣୁ ଯଥାଶୀଘ୍ର ସୀତାଙ୍କୁ ମୁକ୍ତ କରିଦିଅ ବୋଲି ମୁଁ ବାରମ୍ବାର କହୁଛି ॥

रावण: (साश्चर्य्यम्)

एते ते मम बाहव: सुरपतेर्दोर्दण्डकण्डूहरा:
सोऽहं सर्वजनात्पराभवकरो लङ्केश्वरो रावण: ।
सेतुं बद्धमिमं शृणोमि कपिभि: पश्यामि लङ्कां वृतां
जीवद्भिनर्हि दृश्यते किमथवा किं वा न वा श्रूयते ॥३६॥

ରାବଣଃ (ସାଶ୍ଚର୍ଯ୍ୟମ୍)

ଏତେ ତେ ମମ ବାହବଃ ସୁରପତେର୍ଦୋର୍ଦଣ୍ଡକଣ୍ଡୂହରାଃ
ସୋଽହଂ ସର୍ବଜନାତ୍‌ପରାଭବକରୋ ଲଙ୍କେଶ୍ୱରୋ ରାବଣଃ ।
ସେତୁଂ ବଦ୍ଧମିମଂ ଶୃଣୋମି କପିଭିଃ ପଶ୍ୟାମି ଲଙ୍କାଂ ବୃତାଂ
ଜୀବଦ୍‌ଭିର୍ନହି ଦୃଶ୍ୟତେ କିମଥବା କିଂ ବା ନ ବା ଶ୍ରୂୟତେ ॥୩୬॥

❋ ରାବଣ ଆଶ୍ଚର୍ଯ୍ୟ ହୋଇ କହିଲା - ସୁରପତି ଇନ୍ଦ୍ରଙ୍କ ଭୁଜକଣ୍ଡୁ ନିବାରଣକ୍ଷମ ମୋର ଏତେ ଗୁଡ଼ିଏ ବାହୁ ଅଛି । ମୁଁ ହେଉଛି ତ୍ରିଭୁବନ ବିଜୟୀ ଲଙ୍କେଶ୍ୱର ରାବଣ । ବାନରମାନେ ସେତୁବନ୍ଧ ନିର୍ମାଣ କଲେ ବୋଲି ଶୁଣିଲି ଏବଂ ଲଙ୍କାକୁ ଘେରି ରହିଥିବାର ଦେଖିଲି । ତେଣୁ ଜୀବନରେ ଥିଲେ କେତେକଥା ଦେଖାଯାଏ, କେତେକଥା ବି ଶୁଣାଯାଏ ॥

पुन: प्रविशति अरविन्द: -

ये द्विपन्ति निजं नाथं तेऽपि पापाधिकारिण: ।
वयं तथाविधा नैव भवानपि न मूढधी: ॥३७॥

ପୁନଃ ପ୍ରବିଶତି ଅରବିନ୍ଦଃ -

ଯେ ଦ୍ୱିଷନ୍ତି ନିଜଂ ନାଥଂ ତେଽପି ପାପାଧିକାରିଣଃ ।
ବୟଂ ତଥାବିଧା ନୈବ ଭବାନପି ନ ମୂଢଧୀଃ ॥୩୭॥

❋ ମନ୍ତ୍ରୀ ଅରବିନ୍ଦ ପୁନଃ ପ୍ରବେଶ କରି କହିଲା-ଯେଉଁ ମନ୍ତ୍ରୀ ନିଜର ପ୍ରଭୁଙ୍କ ସହିତ ଶତ୍ରୁତା କରନ୍ତି ସେମାନେ ମହାପାପୀ । ଆମେ ସେପରି ଜ୍ଞାନହୀନ ନୋହୁ କି ସ୍ୱୟଂ ଆପଣ ମଧ୍ୟ ମୂର୍ଖ ନୁହନ୍ତି ॥

रावण: -

नियुक्तहस्तार्पितराज्यभारास्तिष्ठन्ति ये सौधविहारसारा: ।
विडालवृन्दार्पितदुग्धभाण्डा: स्वपन्ति ते मूढधिय: क्षितीन्द्रा: ॥३८॥

ରାବଣଃ

ନିଯୁକ୍ତହସ୍ତାର୍ପିତରାଜ୍ୟଭାରାସ୍ତିଷ୍ଠନ୍ତି ଯେ ସୌଧ ବିହାରସାରାଃ ।
ବିଡାଳବୃନ୍ଦାର୍ପିତଦୁଗ୍ଧଭାଣ୍ଡାଃ ସ୍ୱପନ୍ତି ତେ ମୂଢଧିୟଃ କ୍ଷିତୀନ୍ଦ୍ରାଃ ॥୩୮॥

❋ ରାବଣ କହିଲା - ଯେଉଁ ରାଜାମାନେ, ରାଜକର୍ମଚାରୀମାନଙ୍କ ଉପରେ ରାଜ୍ୟଭାର ନ୍ୟସ୍ତକରି ଅଟ୍ଟାଳିକାରେ ବିହାର କରନ୍ତି ; ସେମାନେ ବିରାଡ଼ିମେଳାରେ ଦୁଗ୍ଧଭାଣ୍ଡ ରଖିଦେଇ ନିଶ୍ଚିନ୍ତରେ ଶୋଇରହନ୍ତି ବୋଲି ମନେହୁଏ । କେବଳ ମୂର୍ଖ ରାଜାମାନେ ଏହିପରି ନିର୍ବୋଧ ଆଚରଣ କରିଥାନ୍ତି ॥

जीर्णेप्युत्कटकालकूटकवले प्लुष्टे तथा मन्मथे
नीते भासुरभालनेत्रतनुतां कल्पान्तदावानलै: ।
य: शक्त्या समलंकृतोऽपि शशिनं शैलात्मजां स्वर्णदीं
धत्ते कौतुकराजनीतिनिपुण:पायात्स व: शङ्कर: ॥३९॥

ଜୀର୍ଣ୍ଣେପ୍ୟୁତ୍କଟକାଳକୂଟକବଳେ ପ୍ଲୁଷ୍ଟେ ତଥା ମନ୍ମଥେ
ନୀତେ ଭାସୁରଭାଲନେତ୍ର ତନୁତାଂ କଲ୍ପାନ୍ତଦାବାନଳୈଃ ।
ଯଃ ଶକ୍ତ୍ୟା ସମଳଂକୃତୋଽପି ଶଶିନଂ ଶୈଳାତ୍ମଜାଂ ସ୍ୱର୍ଣ୍ଣଦୀଂ
ଧତ୍ତେ କୌତୁକରାଜନୀତିନିପୁଣଃ ପାୟାତ୍ସ ବଃ ଶଙ୍କରଃ ॥୩୯॥

❋ ରାବଣ ପୁଣି କହିଲା- ପୁରଣା ଉତ୍କଟ ହଳାହଳ ବିଷପାନ ପରେ ଓ କାମଦେବ ହଠାତ ଭସ୍ମୀଭୂତ ହେବାରୁ ଯେ କଲ୍ପାନ୍ତବହ୍ନି ପରି ତୃତୀୟ ନେତ୍ରକୁ ଶାନ୍ତ କରିଥିଲେ ଏବଂ ନିଜ ଶକ୍ତିରେ ସୁଶୋଭିତ ଚନ୍ଦ୍ରମା, ହିମାଳୟ ନନ୍ଦୀନୀ ପାର୍ବତୀ ଓ ଗଙ୍ଗାଙ୍କୁ ଧାରଣ କରିଛନ୍ତି, ସେହି କୌତୁକୀ ରାଜନୀତିକୁଶଳ ଭଗବାନ ଶଙ୍କର ଆପଣମାନଙ୍କୁ ରକ୍ଷାକରନ୍ତୁ ॥

पुन: अरविन्दविरूपाक्षौ

दिग्वासो यदि ते किमस्य धनुषा शस्त्रं च किं भस्मना
भस्माथास्य किमङ्गना यदि च सा कामं परं द्वेष्टि किम् ।
इत्यन्योऽन्यविरुद्धकर्मणि रतं पश्यन्निजं स्वामिनं
भृङ्गी सान्द्रशिरावनद्धशकलं धत्तेऽस्थिशेषं वपु: ॥४०॥

ପୁନଃ ଅରବିନ୍ଦବିରୂପାକ୍ଷୌ-

ଦିଗ୍‌ବାସୋ ଯଦି ତେ କିମସ୍ୟ ଧନୁଷା ଶସ୍ତ୍ରଂ ଚ କିଂ ଭସ୍ମନା
ଭସ୍ମାଥାସ୍ୟ କିମଙ୍ଗନା ଯଦି ଚ ସା କାମଂ ପରଂ ଦ୍ୱେଷ୍ଟି କିମ୍ ।

ଇତ୍ୟନ୍ୟୋନ୍ୟବିରୁଦ୍ଧକର୍ମଣି ରତଂ ପଶ୍ୟନ୍ନିଜଂ ସ୍ୱାମିନଂ
ଭୃଙ୍ଗୀ ସାନ୍ଦ୍ରଶିରାବନଦ୍ଧଶକଳଂ ଧତ୍ତେଽସ୍ଥିଶେଷଂ ବପୁଃ ॥୪୦॥

❊ ମନ୍ତ୍ରୀ ଅରବିନ୍ଦ ଓ ବିରୂପାକ୍ଷ ପୁଣି କହିଲେ - ଯଦି ଭଗବାନ ଶିବ ଦିଗମ୍ବର, ତେବେ ଧନୁ କାହିଁକି ଧାରଣ କରିଛନ୍ତି ? ଯଦି ଶସ୍ତ୍ର ନିଜ ପାଖରେ ଅଛି, ତେବେ ଭସ୍ମ ବିଲେପିତ ହେଉଛନ୍ତି କାହିଁକି ? ଯଦି ଭସ୍ମବୋଳି ହେଉଛନ୍ତି ତେବେ ନାରୀରେ କି ପ୍ରୟୋଜନ ? ଯଦି ସ୍ତ୍ରୀ ଅଛି, ତେବେ କାମଦେବକୁ କାହିଁକି ଭସ୍ମକଲେ ? ଏହିପରି ପରସ୍ପର ବିରୋଧାତତ୍ତ୍ୱକୁ ଶିବ ଧାରଣ କରିଥିବାର ଦେଖି ଗଣଶ୍ରେଷ୍ଠ ଭୃଙ୍ଗୀ ଚିନ୍ତାରେ କଙ୍କାଳସାର ହେଲେଣି ॥

ब्राह्मणं मन्त्रिणं द्रोणं शुद्धं वीरं भविष्यति ।
गुरुं दुर्य्योधनस्त्यक्त्वा यथा त्वं मा तथा भव ॥४१॥

ବ୍ରାହ୍ମଣଂ ମନ୍ତ୍ରିଣଂ ଦ୍ରୋଣଂ ଶୁଦ୍ଧଂ ବୀରଂ ଭବିଷ୍ୟତି ।
ଗୁରୁଂ ଦୁର୍ଯ୍ୟୋଧନସ୍ତ୍ୟକ୍ତ୍ୱା ଯଥା ତ୍ୱଂ ମା ତଥା ଭବ ॥୪୧॥

❊ ବିଶୁଦ୍ଧ ବ୍ରାହ୍ମଣ,ବୀର ଓ ନୀତିକୁଶଳ ମନ୍ତ୍ରୀ ଦ୍ରୋଣାଚାର୍ଯ୍ୟଙ୍କୁ ତିରସ୍କାର କରି ଦୁର୍ଯ୍ୟୋଧନ ଯେଉଁ ଦୁରବସ୍ଥା ଭୋଗ କରିଥିଲା, ଆପଣ ସେହପରି ଆମ ଦୁହିଁଙ୍କୁ ତିରସ୍କାର କରିବାରୁ କ୍ଷାନ୍ତ ହୁଅନ୍ତୁ ॥

स्वमन्दिरं प्रविशते रावणे मन्दोदरी - प्राणनाथ! पश्य
मन्दोदरी जनकजाङ्गमनोहरत्वे
भेदोऽस्ति कोऽपि यदि नाथ विचारय त्वम् ।

रावण: -
मैन: प्रिये परिमलस्तव भेदमाख्या-
त्यङ्गे विदेहदुहितु: सरसीरुहाणाम् ॥४२॥

ସ୍ୱମନ୍ଦିରେ ପ୍ରବିଶତି ରାବଣେ ମନ୍ଦୋଦରୀ -ପ୍ରାଣନାଥ । ପଶ୍ୟ
ମନ୍ଦୋଦରୀଜନକଜାଙ୍ଗମନୋହରତ୍ୱେ
ଭେଦୋଽସ୍ତି କୋଽପି ଯଦି ନାଥ ବିଚାରୟ ତ୍ୱମ୍ ।

ରାବଣଃ -
ମୈନଃ ପ୍ରିୟେ ପରିମଳସ୍ତବଭେଦମାଖ୍ୟା-
ତ୍ୟଙ୍ଗେ ବିଦେହଦୁହିତୁଃ ସରସୀରୁହାଣାମ୍ ॥୪୨॥

❊ ରାବଣ ନିଜ ମନ୍ଦିରକୁ ପ୍ରବେଶ କରିବା ପରେ ମନ୍ଦୋଦରୀ କହିଲା- ହେ ପ୍ରାଣନାଥ! ଜନକକନ୍ୟା ଜାନକୀ ଓ ରାଣୀ ମନ୍ଦୋଦରୀର ସୌନ୍ଦର୍ଯ୍ୟରେ କି ପ୍ରକାର ପାର୍ଥକ୍ୟ ଅଛି ବିଚାର କରି କୁହନ୍ତୁ । ରାବଣ କହିଲା, ପ୍ରିୟେ ତୁମର ଶରୀରରେ ଆମିଷଗନ୍ଧ ଅଛି; କିନ୍ତୁ ଜାନକୀଙ୍କ ଶରୀରରେ କମଳର ସୁଗନ୍ଧ ଅଛି । ଏହାହିଁ ଉଭୟଙ୍କ ମଧ୍ୟରେ ଥିବା ପାର୍ଥକ୍ୟ ॥

रूपे तवास्याश्च न कोऽपि भेदः खेदं प्रिये मद्वचनेन मागाः ।
सीताधरे वा मधुरे दशास्यो रामोऽथवा रंस्यत एव सद्यः ।।४३।।

ରୂପେ ତବାସ୍ୟାଶ୍ଚ ନ କୋଽପି ଭେଦଃ ଖେଦଂ ପ୍ରିୟେ ମଦ୍ବଚନେନ ମାଗାଃ
ସୀତାଧରେ ବା ମଧୁରେ ଦଶାସ୍ୟୋ ରାମୋଽଥବା ରଂସ୍ୟତ ଏବ ସଦ୍ୟଃ ।।୪୩।।

❊ ହେ ପ୍ରିୟେ ! ତୁମେ ମୋ କଥାରେ ଦୁଃଖିତା ହୁଅନାହିଁ । ତୁମର ଓ ସୀତାଙ୍କ ମଧ୍ୟରେ ବସ୍ତୁତଃ ସେପରି କିଛି ପ୍ରଭେଦ ନାହିଁ । କିନ୍ତୁ ସୀତାଙ୍କ ଅଧରମଧୁ ରାମଚନ୍ଦ୍ର ପାନ କରିବେ ଅଥବା ଦଶାନନ ଶୀଘ୍ର ପାନ କରିବ ।।

रावणः - भो मायाविनो राक्षसाः! अद्य त्वया खलु मायाप्रपञ्चरचनाभिर्मूर्द्धद्वयं निर्माय रामलक्ष्मणयोरिदमिति जानकीसन्निधाने दीयताम् ।
अनुचराः यथादिशति महाराज । इति मायां नाटयति ।

ରାବଣଃ -
ଭୋ ମାୟାବିନୋ ରାକ୍ଷସାଃ ଅଦ୍ୟ ତ୍ୱୟା ଖଲୁ ମାୟାପ୍ରପଞ୍ଚରଚନାଭିର୍ମୂର୍ଦ୍ଧଦ୍ୱୟଂ ନିର୍ମାୟ ରାମଲକ୍ଷ୍ମଣୟୋରିଦମିତି ଜାନକୀ ସନ୍ନିଧାନେ ଦୀୟତାମ୍ ।
ଅନୁଚରାଃ ଯଥାଦିଶତି ମହାରାଜ ! ଇତି ମାୟାଂ ନାଟୟନ୍ତି ।

❊ ରାବଣ କହିଲା - ହେ ରାକ୍ଷସଗଣ ! ଶ୍ରୀରାମ ଓ ଲକ୍ଷ୍ମଣଙ୍କର ମାୟାମସ୍ତକ ନିର୍ମାଣ କରି ଯଥାଶୀଘ୍ର ତାକୁ ନେଇ ଜାନକୀ ଆଗରେ ରଖ । ଅନୁଚରମାନେ ଯଥାଜ୍ଞା ମହାରାଜ ବୋଲି କହି ମାୟାମସ୍ତକ ନିର୍ମାଣ କରିବାକୁ ଚାଲିଗଲେ ।।

अथ दशवदनोऽयं रामसौमित्रिमाया -
विरचितशिरसी तद्रूपलावण्यपूर्णे ।
गलदविरलरक्ते प्रेतपर्य्यस्तनेत्रे
जनकदुहितुरग्रे स्थापयामास पापः ।।४४।।

ଅଥ ଦଶବଦନୋଽୟଂ ରାମସୌମିତ୍ରିମାୟା -
ବିରଚିତଶିରସୀ ତଦ୍ରୂପଲାବଣ୍ୟପୂର୍ଣ୍ଣେ ।
ଗଳଦବିରଳରକ୍ତେ ପ୍ରେତପର୍ଯ୍ୟସ୍ତନେତ୍ରେ
ଜନକଦୁହିତୁରଗ୍ରେ ସ୍ଥାପୟାମାସ ପାପଃ ।।୪୪।।

❊ ଏଥିଉତ୍ତାରୁ ରାବଣ ମାୟାରଚିତ ଅତ୍ୟନ୍ତ ସୁନ୍ଦର, ରୁଧିରସ୍ରାବୀ, ପ୍ରାଣହୀନ ହେତୁ ମୁଦ୍ରିତ ନେତ୍ର ହୋଇଥିବା ରାମ ଓ ଲକ୍ଷ୍ମଣଙ୍କ ମସ୍ତକ ସୀତାଙ୍କ ସମ୍ମୁଖରେ ସ୍ଥାପନ କଲା ।।

जानकी - (दृष्ट्वा सवाष्पम्)
अहह जनकपुत्री फुल्ल राजीवनेत्री
नयनसलिलधारावर्षनिर्भिन्नहारा ।

रमणमरणभीता मृत्युना किं न नीता
हृदयदहनजालः संदहेद्वा विशालः ॥४५॥

ଜାନକୀ - (ଦୃଷ୍ଟ୍ୱା ସବାଷ୍ପମ୍)

ଅହହ ଜନକପୁତ୍ରୀ ଫୁଲ୍ଲରାଜୀବନେତ୍ରୀ
ନୟନସଲିଳଧାରାବର୍ଷନିର୍ଭିନ୍ନହାରା ।
ରମଣମରଣଭୀତା ମୃତ୍ୟୁନା କିଂ ନ ନୀତା
ହୃଦୟଦହନଜାଳଃ ସଂଦହେଦ୍ୱା ବିଶାଳଃ ॥୪୫॥

❊ କମଳନୟନା ଜାନକୀ ଅଶ୍ରୁଳନୟନରେ ସେହି ମସ୍ତକ ଦ୍ୱୟ ଦେଖି ଭୟଭୀତା ହୋଇ କହିଲେ ରାବଣରୂପକ କାଳ ମୋତେ କାହିଁକି ଗ୍ରାସ ନ କଲା ? ପ୍ରିୟବିୟୋଗ ରୂପକ ଜ୍ୱଳନ୍ତ ଅଗ୍ନିରେ ମୋର ଶରୀର କାହିଁକି ଦଗ୍ଧ ନହେଲା ?

अधरमधुमदीयं कामकेलिषु पीत्वा
मृतमिति यदवादीस्तीरवानीरकुञ्जे ।
किममृतपरिपूर्णं शीर्णमप्यम्बरेऽर्क -
स्तम इव नहि शत्रुं नाथ मथ्नासि घोरम् ॥४६॥

ଅଧରମଧୁମଦୀୟଂ କାମକେଳିଷୁ ପୀତ୍ୱା
ମୃତମିତିଯଦବାଦୀସ୍ତୀରବାନୀରକୁଞ୍ଜେ ।
କିମମୃତପରିପୂର୍ଣ୍ଣଂ ଶୀର୍ଣ୍ଣମପ୍ୟମ୍ବରେଽର୍କ -
ସ୍ତମ ଇବ ନହି ଶତ୍ରୁଂ ନାଥ ମଥ୍ନାସି ଘୋରମ୍ ॥୪୬॥

❊ ଗୋଦାବରୀ ତୀରବର୍ତ୍ତୀ କାମକେଳି ସମୟରେ ମୋର ଅଧରମଧୁ ପାନ କରି ଶ୍ରୀରାମ କହୁଥିଲେ, ଏହି ଅଧରାମୃତ ତୁଳନାରେ ଚନ୍ଦ୍ରର ଅମୃତ ନିରସ ମନେହୁଏ । ତେବେ ଆପଣ ଆକାଶସ୍ଥିତ ସୂର୍ଯ୍ୟଙ୍କ ପରି ରାବଣ ରୂପକ ଘୋର ଅନ୍ଧକାରକୁ କାହିଁକି ବିନାଶ କରୁନାହାନ୍ତି ?

स्फुरति मधुरवाणी किं न वक्त्रारविन्दे
नयनकमलयोस्ते नो मदङ्ग विलासः ।
अमरपुरवधूनां वल्लभोऽद्यासि नूनं
व्रजतु परमहंसो मे त्वदालिङ्गनेन ॥४७॥

ସ୍ଫୁରତି ମଧୁରବାଣୀ କିଂ ନ ବକ୍ତ୍ରାରବିନ୍ଦେ
ନୟନକମଳୟୋସ୍ତେ ନୋ ମଦଙ୍ଗେବିଳାସଃ ।
ଅମରପୁରବଧୂନାଂ ବଲ୍ଲଭୋଽଦ୍ୟାସିନୂନଂ
ବ୍ରଜତୁ ପରମହଂସୋ ମେ ତ୍ୱଦାଲିଙ୍ଗନେନ ॥୪୭॥

❊ ଆପଣଙ୍କର ମୁଖକମଳରୁ ମଧୁରବାଣୀ କାହିଁକି ସ୍ଫୁରିତ ହେଉନାହିଁ ? ନୟନକମଳରେ

ମୋତେ କାହିଁକି ଚାହୁଁ ନାହଁ ? ଆଜି ଆପଣ ଦେବାଙ୍ଗନାମାନଙ୍କର ସାନ୍ନିଧ ନିଶ୍ଚୟ ଲାଭ କରିବେ । ତେଣୁ ଆପଣଙ୍କର ଶ୍ରୀଅଙ୍ଗ ଆଲିଙ୍ଗନ ପାଇଁ ମୋର ପ୍ରାଣ ଅମରପୁରକୁ ଚାଲିଯାଉ ॥

नाथ त्वयान्यवनिताविमुखेन लब्धा
न स्वीकृता वसुमती न च राजलक्ष्मीः।
त्वामीदृशं कथमहो वनिताः सुराणां
गृह्णन्ति मीलसि मुधैव न तेऽपराधः॥४८॥

ନାଥ ତ୍ୱୟାନ୍ୟବନିତାବିମୁଖେନ ଲବ୍ଧା
ନ ସ୍ୱୀକୃତା ବସୁମତୀ ନ ଚ ରାଜଲକ୍ଷ୍ମୀଃ ।
ତ୍ୱାମୀଦୃଶଂ କଥମହୋ ବନିତାଃ ସୁରାଣାଂ
ଗୃହ୍ଣନ୍ତି ମୀଲସି ମୁଧୈବ ନ ତେଽପରାଧଃ ॥୪୮॥

❋ ହେ ନାଥ ! ଆପଣ ପରନାରୀ ପ୍ରତିବିମୁଖ ହେବାର ଦେଖି ବସୁମତୀ ଓ ରାଜଲକ୍ଷ୍ମୀ ଆପଣଙ୍କୁ ତ୍ୟାଗ କଲେ । ତେବେ ଆପଣ କିପରି ଦେବାଙ୍ଗନାମାନଙ୍କ ପାଖକୁ ଯାଉଛନ୍ତି ? ଏଥିରେ ଆପଣଙ୍କର ଦୋଷ କିଛି ନାହିଁ; କିନ୍ତୁ ମୋ ଅପରାଧରୁ ଏପରି ଦୁର୍ଘଟଣା ଘଟିଲା ॥

इति रामशिरः समालिङ्गितुमिच्छति । आकाशे-
न खलु न खलु सीते रामभूपालमौलिः
समरशिरसि वध्यो न प्रियस्ते कदाचित् ।
स्पृश कथमपि मातर्मा निशाचारिणस्त्वं
हर हर हरभक्तस्यैष मायावतारः॥४९॥

ଇତି ରାମଶିରଃ ସମାଲିଙ୍ଗିତୁମିଚ୍ଛତି । ଆକାଶେ -
ନ ଖଲୁ ନ ଖଲୁ ସୀତେ ରାମଭୂପାଳମୌଳିଃ
ସମରଶିରସି ବଧ୍ୟୋ ନ ପ୍ରିୟସ୍ତେ କଦାଚିଦ୍ ।
ସ୍ପୃଶ କଥମପି ମାତର୍ମା ନିଶାଚାରିଣସ୍ତ୍ୱଂ
ହର ହର ହରଭକ୍ତସ୍ୟୈଷ ମାୟାବତାରଃ ॥୪୯॥

❋ ଦେବୀ ସୀତା ଏହିପରି କାନ୍ଦି କାନ୍ଦି ଯେତେବେଳେ ଶ୍ରୀରାମଙ୍କ ଛିନ୍ନମସ୍ତକ ଆଲିଙ୍ଗନ କରିବାକୁ ଉଦ୍ୟତ ହେଲେ ସେତେବେଳେ ଆକାଶବାଣୀ ଶୁଣାଗଲା, ସୀତେ ! ଏହା ଶ୍ରୀରାମଙ୍କର ମସ୍ତକ ନୁହେଁ । ଶ୍ରୀରାମ ଅବଧ । ତାଙ୍କୁ ଯୁଦ୍ଧରେ କେହି ମାରିପାରିବନାହିଁ । ହେ ମାତଃ ! ଏହି ମସ୍ତକକୁ ତୁମେ ସ୍ପର୍ଶକର ନାହିଁ । ହରଭକ୍ତ ରାବଣର ମାୟାରୁ ଏହି ମସ୍ତକ ସୃଷ୍ଟି ହୋଇଛି ।

सरमा वदति-
आकर्णयाकर्णविशालनेत्रे रामागमादार्त्तनिशाचराणाम् ।
कोलाहलं काहलमर्दलानां हेषारवं सज्जतुरङ्गमानाम् ॥५०॥

ସରମା ବଦତି -

ଆକର୍ଣ୍ଣୟାକର୍ଣ୍ଣବିଶାଳନେତ୍ରେ ରାମାଗମାଦାର୍ତ୍ତନିଶାଚରାଣାମ୍ ।

କୋଳାହଳଂ କାହଳମର୍ଦ୍ଦଳାନାଂ ହ୍ରେଷାରବଂ ସଜ୍ଜତୁରଙ୍ଗମାନାମ୍ ॥୫୦॥

❊ ସରମା କହିଲା- ହେ ବିଶାଳନୟନି ! ମୋ କଥା ଶୁଣ । ଶ୍ରୀରାମଚନ୍ଦ୍ର ଆସିବାରୁ ନିଶାଚରମାନେ କୋଳାହଳ କରୁଛନ୍ତି । ଅଶ୍ୱମାନଙ୍କର ହ୍ରେଷାରବ ପ୍ରବଳ ହେଉଛି, ଏସବୁ କାନଡେରି ଶୁଣ ॥

त्रिजटा -

विरम विरम शोकात्कोपनश्चाद्य रामः

ससुतस्वजनबन्धुं रावणं मर्दयित्वा ।

वलिभिदुपलनीलः कोमलः कोमलाङ्गी

तदधरमधुपानं स्वीकरिष्यत्यजस्रम् ॥५१॥

ତ୍ରିଜଟା-

ବିରମ ବିରମ ଶୋକାତ୍କୋପନଶ୍ଚାଦ୍ୟ ରାମଃ

ସସୁତସ୍ୱଜନବନ୍ଧୁଂ ରାବଣଂ ମର୍ଦ୍ଦୟିତ୍ୱା ।

ବଳଭିଦୁପଳନୀଳଃ କୋମଳଃ କୋମଳାଙ୍ଗୀ

ତ୍ୱଦଧରମଧୁପାନଂ ସ୍ୱିକରିଷ୍ୟତ୍ୟଜସ୍ରମ୍ ॥୫୧॥

❊ ତ୍ରିଜଟା କହିଲା- ହେ ସୀତେ ! ଶୋକ କରନାହିଁ । ଆଜି କ୍ରୋଧାନ୍ୱିତ ହୋଇ ଇନ୍ଦ୍ରନୀଳମଣି ସଦୃଶ ଶ୍ରୀରାମଚନ୍ଦ୍ର ତୀକ୍ଷ୍ଣବାଣ ଦ୍ୱାରା ଆତ୍ମୀୟସ୍ୱଜନ ଓ ପୁତ୍ରପୌତ୍ରାଦିଙ୍କ ସହିତ ରାବଣକୁ ସଂହାର କରି ତୁମର ଅଧରରୁ ଅଜସ୍ର ମଧୁ ପାନ କରିବେ ॥

रावणः - (स्वगतम्) पुनरपि मायावेशधारिणागन्तव्यमिति ।

भेरीनिस्वानशंखध्वनिगजतुरगस्यन्दनानां निनादैः

सानन्दं राक्षसेन्द्रः कटकभटभुजास्फालकोलाहलेन ।

लङ्कामापूर्य कामं स्वयमभवदथो राघवो रावणस्य .

छिन्नान्मूर्ध्नो दधानः शिरसिरुहभरेष्वेकतः पञ्च पञ्च ॥५२॥

ରାବଣଃ (ସ୍ୱଗତମ୍) ପୁନରପି ମାୟାବେଶଧାରିଣାଗନ୍ତବ୍ୟମିତି ।

ଭେରୀନିସ୍ୱାନଶଙ୍ଖଧ୍ୱନିଗଜତୁରଗସ୍ୟନ୍ଦନାନାଂ ନିନାଦୈଃ

ସାନନ୍ଦଂ ରାକ୍ଷସେନ୍ଦ୍ରଃ କଟକଭଟଭୁଜାସ୍ଫାଳକୋଳାହଳେନ ।

ଲଙ୍କାମାପୂର୍ଯ୍ୟ କାମଂ ସ୍ୱୟମଭବଦଥୋ ରାଘବୋ ରାବଣସ୍ୟ

ଛିନ୍ନାନ୍ମୂର୍ଦ୍ଧ୍ନୋ ଦଧାନଃ ଶିରସିରୁହଭରେଷ୍ୱେକତଃ ପଞ୍ଚ ପଞ୍ଚ॥୫୨॥

❊ ରାବଣ ମନେ ମନେ ଭାବିଲା - ପୁଣି ମାୟାବେଶ ଧରି ଯିବାକୁ ହେବ । ଏହାପରେ ଭେରୀ ନିଶାଣ ଓ ଶଙ୍ଖଧ୍ୱନି ତଥା ଅଶ୍ୱ-ଗଜ-ରଥଗୁଡ଼ିକର ଗମ୍ଭୀର ଶବ୍ଦ ଓ ଯୋଦ୍ଧାମାନଙ୍କର ପରସ୍ପର ବାହୁତାଡ଼ନା ଶବ୍ଦରେ ସମଗ୍ର ଲଙ୍କା ପରିପୂର୍ଣ୍ଣ ହୋଇଗଲା । ରାକ୍ଷସରାଜ ରାବଣ ମାୟାବଳରେ ଶ୍ରୀରାମରୂପ ଧାରଣ କରି ରାବଣର ପାଞ୍ଚପାଞ୍ଚଟି ମୁଣ୍ଡର କେଶକୁ ଦୁଇ ହାତରେ ଧରି ଆସିଲା ॥

एवंभूत: पुनरशोकवने रावण: -

लङ्काभटोऽथ रघुनन्दनवेशधारी पापो जगाम पुरतो जनकात्मजाया:।
नाम्नापि यस्य कुत इच्छति तस्यरूपादन्याङ्गनापहरणेन मन: कदाचित् ।।५३।।

ଏବଂଭୂତଃ ପୁନରଶୋକବନେ ରାବଣଃ -

ଲଙ୍କାଭଟୋଽଥ ରଘୁନନ୍ଦନବେଶଧାରୀ ପାପୋ ଜଗାମ ପୁରତୋ ଜନକାତ୍ମଜାୟାଃ ।
ନାମ୍ନାପି ଯସ୍ୟ କୁତ ଇଚ୍ଛତି ତସ୍ୟ ରୂପାଦନ୍ୟାଙ୍ଗନାପହରଣେ ନ ମନଃ କଦାଚିତ୍ ॥୫୩॥

❊ ଦୁଷ୍ଟରାବଣ ଶ୍ରୀରାମଙ୍କ ମାୟାରୂପ ଧାରଣ କରି ଅଶୋକ ବନରେ ଥିବା ସୀତାଙ୍କ ସମ୍ମୁଖରେ ଉପସ୍ଥିତ ହେଲା । ଯାହାଙ୍କ ନାମ ସ୍ମରଣ କରୁଥିବା ବ୍ୟକ୍ତି କେବେହେଲେ ପରସ୍ତ୍ରୀ ହରଣ ସମ୍ବନ୍ଧରେ ଚିନ୍ତା କରିପାରନ୍ତି ନାହିଁ, ପାପାତ୍ମା ରାବଣ ସେହି ଶ୍ରୀରାମଙ୍କ ରୂପ ଧାରଣ କରି ନିନ୍ଦିତ କାର୍ଯ୍ୟ କରିବା ପାଇଁ ଆସିଥିଲା ॥

जानकी- (सहर्षम्)

साक्षादालोक्य रामं झटिति कुचतटीभारनम्रापि हर्षा-
दुत्थायोदस्तदोर्भ्यां दरदलितकुचाभोगचेलोन्नताङ्गी ।
धन्याहं प्राणनाथ त्यज रजनीचरछिन्नशीर्षाणि गाढं
मामालिङ्ग्याद्य खेदं जहि विरहमहापावक: शान्तिमेतु ।।५४।।

ଜାନକୀ - (ସହର୍ଷମ୍)

ସାକ୍ଷାଦାଲୋକ୍ୟ ରାମଂ ଝଟିତି କୁଚତଟୀଭାରନମ୍ରାପି ହର୍ଷା-
ଦୁତ୍ଥାୟୋଦସ୍ତଦୋର୍ଭ୍ୟାଂ ଦରଦଳିତକୁଚାଭୋଗଚେଲୋନ୍ନତାଙ୍ଗୀ ।
ଧନ୍ୟାହଂ ପ୍ରାଣନାଥ ତ୍ୟଜ ରଜନୀଚରଛିନ୍ନଶୀର୍ଷାଣି ଗାଢ଼ଂ
ମାମାଲିଙ୍ଗ୍ୟାଦ୍ୟ ଖେଦଂ ଜହି ବିରହମହାପାବକଃ ଶାନ୍ତିମେତୁ ॥୫୪॥

❊ ଜାନକୀ ଶ୍ରୀରାମଚନ୍ଦ୍ରଙ୍କ ରୂପ ସାକ୍ଷାତରେ ଦେଖି ଆନନ୍ଦରେ ତତ୍‌କାଳ ଉଠିପଡ଼ି ଆଲିଙ୍ଗନ କରିବା ପାଇଁ ବକ୍ଷୋଦେଶର ବସ୍ତ୍ର ସଂଯତ ରଖିବା ସଙ୍ଗେ ସଙ୍ଗେ ବାହୁଦ୍ୱୟ ପ୍ରସାରିତ କରି କହିଲେ- ହେ ନାଥ ! ମୁଁ ଆଜି ଧନ୍ୟ ହେଲି । ରାବଣର ଏହି ଛିନ୍ନମସ୍ତିଷ୍କଗୁଡ଼ିକୁ ଫିଙ୍ଗି ଦେଇ ମୋତେ ଗାଢ଼ ଆଲିଙ୍ଗନ ପୂର୍ବକ ମୋର ଚିର ବିରହାନଳକୁ ଶାନ୍ତକର ॥

रावण: - (सविषादम्)

भूत्वा ततोऽप्यवसरे जनकात्मजायां
लङ्कापतिर्मकरकेतुशरातुरायाम् ।

क्लीवो विशीर्णमणिदण्डयुत: स्मरार्त्त:
पापस्तत: शिवशिवान्तरधीयत द्राक् ।।५५।।

ରାବଣଃ - (ସବିଷାଦମ୍)

ଭୂତ୍ୱା ତତୋଽପ୍ୟବସରେ ଜନକାତ୍ମଜାୟା
ଲଙ୍କାପତିର୍ମକରକେତୁଶରାତୁରାୟାମ୍।
କ୍ଲୀବୋ ବିଶୀର୍ଣ୍ଣମଣିଦଣ୍ଡଯୁତଃ ସ୍ମରାର୍ତ୍ତଃ
ପାପସ୍ତତଃ ଶିବଶିବାନ୍ତରଧୀୟତ ଦ୍ରାକ୍।।୫୫।।

❊ ଶ୍ରୀରାମ ରୂପଧାରୀ ରାବଣ ଜାନକୀଙ୍କୁ ଆଲିଙ୍ଗନ କରିବା ପାଇଁ ଆସି ସ୍ଖଳପାତିତ ହେବା ସଙ୍ଗେସଙ୍ଗେ ନିଜର ନପୁଂସକତ୍ୱ ଅନୁଭବ କଲା । ଏ ଅବସ୍ଥାରେ ଦୁଃଖିତ ହୋଇ ପାପୀ ରାବଣ ଶିବ ଶିବ ବୋଲି କହି ସେଠାରୁ ଅନ୍ତର୍ହିତ ହୋଇଗଲା ॥

आकाशवाणी-

मन्दोदरी रघुशराहतराक्षसेन्द्रं चुम्बिष्यति त्वमपि वेत्स्यसि तत्र रामम् ।
जानीहि राक्षसपतिर्नहि रामभद्रो मायामयेन वपुषा विदधच्छिरांसि ।।५६।।

ଆକାଶବାଣୀ

ମନ୍ଦୋଦରୀ ରଘୁଶରାହତରାକ୍ଷସେନ୍ଦ୍ରଂ ଚୁମ୍ବିଷ୍ୟତି ତ୍ୱମପି ବେତ୍ସ୍ୟସି ତତ୍ର ରାମମ୍।
ଜାନୀହି ରାକ୍ଷସପତିର୍ନହି ରାମଭଦ୍ରୋ ମାୟାମୟେନ ବପୁଷା ବିଦଧଚ୍ଛିରାଂସି ।।୫୬।।

❊ ଏହି ସମୟରେ ଆକାଶ ବାଣୀ ଶୁଣାଗଲା - ରାଣୀ ମନ୍ଦୋଦରୀ ରାମଚନ୍ଦ୍ରଙ୍କ ଶରରେ ଆହତ ରାକ୍ଷସପତିକୁ ଯେତେବେଳେ ଚୁମ୍ବନ କରିବ, ସେତେବେଳେ ସେଠାରେ ଉପସ୍ଥିତ ରାମଙ୍କୁ ତୁମେ ଜାଣିପାରିବ । ସୀତେ ! ତୁମେ ଯାହାକୁ ଦେଖୁଛ ସେ ରାମ ନୁହନ୍ତି, ମାୟାବୀ ରାବଣ । ମାୟାବଳରେ ନିଜର ଛିନ୍ନମସ୍ତକ ସେ ଧାରଣ କରିଛି ।

जानकी - (सविषादम्) हाकाश हा धरणि हा वरुणार्कवायो हा धर्म कथमागतमात्मनाथम् वेत्स्यामि ? इति लज्जते ।

ଜାନକୀ - (ସବିଷାଦମ୍) ହାକାଶ ହା ଧରଣି ହା ବରୁଣାର୍କବାୟୋ ହା ଧର୍ମ କଥମାଗତମାତ୍ମନାଥମ୍ ବେତ୍ସ୍ୟାମି ? ଇତି ଲଜ୍ଜତେ ।

❊ ଜାନକୀ ହେ ଆକାଶ, ଧରଣି, ବରୁଣ, ଅର୍କ ,ବାୟୁ, ଧର୍ମ ମୁଁ ମୋର ସ୍ୱାମୀଙ୍କୁ କିପରି ଜାଣିପାରିବି କହି ଲଜ୍ଜିତା ହେଲେ ।

सरमा - (सीतां प्रति)

जानकि त्वं न जानीषे रावणस्यातिदारुणाम् ।
मायामासाद्य मा भैषी राम: कामं स जीवति ।।५७।।

ସରମା (ସୀତାଂ ପ୍ରତି)

ଜାନକୀ ତ୍ୱଂ ନ ଜାନୀଷେ ରାବଣସ୍ୟାତିଦାରୁଣାମ୍ ।
ମାୟାମାସାଦ୍ୟ ମା ଭୈଷୀ ରାମଃ କାମଂ ସ ଜୀବତି ।।୫୭।।

❋ ସରମା ସୀତାଙ୍କୁ କହିଲେ - ହେ ଜାନକି ! ତୁମେ ଲଙ୍କାପତି ରାବଣର ଦାରୁଣମାୟାକୁ ଜାଣିପାରିବ ନାହିଁ । ତେଣୁ ଭୟକରନାହିଁ । ରଘୁକୁଳତିଳକ ରାମ ଭଲରେ ଅଛନ୍ତି । ତୁମେ ଶୋକ ପରିତ୍ୟାଗ କର ।।

रावण: स्मरति -

तद्वक्त्रं यादि मुद्रिता शशिकथा का हेम सा चेद्द्युति -
स्तच्चक्षुर्यदि हारितं कुवलयैस्तच्चेत्स्मितं का सुधा ।
धिक्कन्दर्पधनुर्भ्रुवौ यदि च ते किं वा बहु ब्रूमहे -
यत्सत्यं पुनरुक्तवस्तुविमुखः सर्गक्रमो वेधसः ।।५८।।

ରାବଣ ସ୍ମରତି

ତଦ୍‌ବକ୍ତ୍ରଂ ଯଦି ମୁଦ୍ରିତା ଶଶିକଥା କା ହେମ ସା ଚେଦ୍ଦ୍ୟୁତି-
ସ୍ତଚ୍ଚକ୍ଷୁର୍ଯଦି ହାରିତଂ କୁବଳୟୈସ୍ତଚ୍ଚେତ୍ସ୍ମିତଂ କା ସୁଧା ।
ଧିକ୍‌କନ୍ଦର୍ପଧନୁର୍ଭ୍ରୁବୌ ଯଦି ଚ ତେ କିଂ ବା ବହୁ ବ୍ରୂମହେ
ଯତ୍ସତ୍ୟଂ ପୁନରୁକ୍ତବସ୍ତୁବିମୁଖଃ ସର୍ଗକ୍ରମୋ ବେଧସଃ ।।୫୮।।

❋ ରାବଣ ସୀତାଙ୍କୁ ସ୍ମରଣ କରି ଭାବୁଛି, ଯଦି ଦେବୀ ସୀତାଙ୍କ ମୁଖ ଅଛି ତେବେ ଚନ୍ଦ୍ରର ଉତ୍କର୍ଷତା ନାହିଁ କି ତାଙ୍କର ଲାବଣ୍ୟ ଆଗରେ ସୁବର୍ଣ୍ଣର ପ୍ରଶଂସା କଥାଉଠୁନାହିଁ । ତାଙ୍କ ଚକ୍ଷୁଶୋଭାଦ୍ୱାରା କୁବଳ, ଈଷତ୍ ହାସରେ ଅମୃତ, ଭ୍ରୂଦ୍ୱୟ ଦ୍ୱାରା କନ୍ଦର୍ପର ଧନୁ ନିନ୍ଦିତ ହୋଇଛନ୍ତି । ତେଣୁ ବିଧାତା ଦୁଇଟି ଏକପ୍ରକାର ବସ୍ତୁ ସୃଷ୍ଟି କରନ୍ତି ନାହିଁ ବୋଲି ଯେଉଁ କଥା ଅଛି, ତାହା ସତ୍ୟ ।।

जनस्थाने भ्रान्तं कनकमृगतृष्णान्धितधिया
वचो वैदेहीति प्रतिपदमुदश्रुप्रलपितम् ।
कृता लङ्काभर्त्तुर्वदनपरिपाटीषु घटना
मयाप्तं रामत्वं कुशलवसुता न त्वधिगता ।।५९।।

ଜନସ୍ଥାନେ ଭ୍ରାନ୍ତଂ କନକମୃଗତୃଷ୍ଣାନ୍ଧିତଧିୟା
ବଚୋ ବୈଦେହୀତି ପ୍ରତିପଦମୁଦଶ୍ରୁପ୍ରଲପିତମ୍ ।
କୃତା ଲଙ୍କାଭର୍ତ୍ତୁର୍ବଦନପରିପାଟୀଷୁ ଘଟନା
ମୟାପ୍ତଂ ରାମତ୍ୱଂ କୁଶଳବସୁତା ନ ତ୍ୱଧିଗତା ।।୫୯।।

❋ ଦଣ୍ଡକାରଣ୍ୟରେ ଶ୍ରୀରାମ କନକମୃଗ ଲୋଭରେ ଅନ୍ଧ ହୋଇ ବୁଲିଲା ପରି ମୁଁ ମିଥ୍ୟା ମୃଗତୃଷ୍ଣାରେ ଦ୍ୱାରଦ୍ୱାର ବୁଲିଲି ଏବଂ ପ୍ରତି ପଦକ୍ଷେପରେ ବୈଦେହୀ ବୈଦେହୀ ବୋଲି କହି

ରାମ ଅଶ୍ରୁଳ ନୟନରେ ପ୍ରଳାପ କଲା ପରି ମୁଁ ମଧ୍ୟ କିଛି ଦିଅ କିଛି ଦିଅ ବୋଲି କହି ମାଗି ବୁଲିଲି । ଲଙ୍କାପତିର ନିଧନ ପାଇଁ ରାମ ଉଦ୍ୟମ କରି ମଧ୍ୟ ଯେପରି କୁଶଲବଙ୍କ ଜନନୀଙ୍କୁ ପାଇଲେ ନାହିଁ ସେହପରି ମୁଁ ରାମତ୍ୱ ଲାଭ କଲେ ମଧ୍ୟ ପରିପୂର୍ଣ୍ଣତା ପାଇପାରିଲି ନାହିଁ ॥

रावणः - (स्वगतम्)

कृतकृत्येऽपि रामत्वे वर्त्तमाने मयि स्थिते ।
रुन्धन्ति देवताः सर्वाः पापमूलाः प्रवृत्तयः ॥६०॥

ରାବଣ (ସ୍ୱଗତମ୍)

କୃତକୃତ୍ୟେଽପି ରାମତ୍ୱେ ବର୍ତ୍ତମାନେ ମୟି ସ୍ଥିତେ ।
ରୁନ୍ଧନ୍ତି ଦେବତାଃ ସର୍ବା ପାପମୂଳା ପ୍ରବୃତ୍ତୟଃ ॥୬୦॥

❊ ରାବଣ (ମନେ ମନେ) କହିଲା- ରାମବେଶ ଧାରଣ କଲି ଓ ଜୀବଦ୍ଦଶାରେ ଯାହା କରିବାର କଥା ତାହା ମୁଁ କଲି । କିନ୍ତୁ ଦେବତାମାନେ ମୋର ପ୍ରତ୍ୟେକ କାର୍ଯ୍ୟରେ ବାଧା ସୃଷ୍ଟିକଲେ ତେଣୁ ପୂର୍ବଜନ୍ମାର୍ଜିତ ପାପ ମୋର ମନୋରଥ ସଫଳ ହେବାକୁ ଦେଉନାହିଁ ॥

एष श्रीलहनूमता विरचिते श्रीमन्महानाटके
वीरश्रीयुतरामचन्द्रचरिते प्रत्युद्धृतेऽनुक्रमैः ।
मिश्रश्रीमधुसूदनेन कविना सन्दर्भसज्जीकृते
मायारावणसंज्ञकोऽत्र गतवानङ्को महानष्टमः ॥६१॥

॥ इति श्रीहनुमतकृते महानाटकेऽष्टमोऽङ्कः ॥

ଏଷ ଶ୍ରୀଲହନୂମତାବିରଚିତେ ଶ୍ରୀମନ୍ମହାନାଟକେ
ବୀରଶ୍ରୀଯୁତରାମଚନ୍ଦ୍ରଚରିତେ ପ୍ରତ୍ୟୁଦ୍ଧୃତେଽନୁକ୍ରମୈଃ ।
ମିଶ୍ର ଶ୍ରୀମଧୁସୂଦନେନ କବିନା ସନ୍ଦର୍ଭସଜ୍ଜୀକୃତେ
ମାୟାରାବଣସଂଜ୍ଞକୋଽତ୍ର ଗତବାନଙ୍କୋ ମହାନଷ୍ଟମଃ ॥୬୧॥

॥ ଇତି ଶ୍ରୀହନୂମତ୍‌କୃତେ ମହାନାଟକେଽଷ୍ଟମୋଽଙ୍କଃ ॥

❊ ଶ୍ରୀମଦ୍ ହନୂମଦ୍ ବିରଚିତ ଓ କବି ମଧୁସୂଦନ ମିଶ୍ରଙ୍କ ଦ୍ୱାରା ସଜ୍ଜୀକୃତ ଶ୍ରୀରାମଚରିତାତ୍ମକ ମହାନାଟକର ମାୟାରାବଣ ଶୀର୍ଷକ ଅଷ୍ଟମ ଅଙ୍କ ସମାପ୍ତ ॥

नवमोऽङ्कः

ନବମୋଽଙ୍କଃ

(नेपथ्ये)

भो भो वीराङ्गदादिवानरभटाः शृणुत । अद्य खलु रात्रौ सावधानैः स्थातव्यम् । रावणप्रहिता प्रभञ्जना नाम्नी राक्षसी निशि शयितौ रामलक्ष्मणौ हनिष्यतीति विभीषण आदिशति ।

(ନେପଥ୍ୟେ)

ଭୋ ଭୋ ବୀରାଙ୍ଗଦାଦିବାନରଭଟାଃ ଶୃଣୁତ । ଅଦ୍ୟ ଖଲୁ ରାତ୍ରୌ ସାବଧାନୈଃ ସ୍ଥାତବ୍ୟମ୍ । ରାବଣପ୍ରହିତା ପ୍ରଭଞ୍ଜନା ନାମ୍ନୀ ରାକ୍ଷସୀ ନିଶି ଶୟିତୌ ରାମଲକ୍ଷ୍ମଣୌ ହନିଷ୍ୟତୀତି ବିଭୀଷଣ ଆଦିଶତି ।

❊ ହେ ବୀର ଅଙ୍ଗଦ ପ୍ରଭୃତି ବାନରଗଣ, ମନଦେଇ ଶୁଣ, ଆଜି ରାତିରେ ସାବଧାନରେ ରହିବ । ବିଭୀଷଣ କହିଛନ୍ତି ଯେ, ରାବଣ ପ୍ରେରିତା ପ୍ରଭଞ୍ଜନା ନାମ୍ନୀ ରାକ୍ଷସୀ ରାତିରେ ଶୋଇଥିବା ରାମଲକ୍ଷ୍ମଣଙ୍କୁ ହତ୍ୟା କରିବା ପାଇଁ ଆସିଅଛି ।

ततो निशि प्रविश्य प्रभञ्जना -(स्वगतम्)

उत्खातदारुणसुतीक्ष्णकृपाणपाणिवीराटवीषु निशि निर्भयतः शयानम् ।
हंहो सुदर्शननपरिभ्रमणेन गुप्तं रामं निहन्मि कथमद्य वरं वराकी ॥१॥

ତତୋ ନିଶି ପ୍ରବିଶ୍ୟ ପ୍ରଭଞ୍ଜନା - (ସ୍ୱଗତମ୍) -

ଉତ୍‌ଖାତଦାରୁଣସୁତୀକ୍ଷ୍ଣକୃପାପାଣିବୀରାଟବୀଷୁ ନିଶି ନିର୍ଭୟତଃ ଶୟାନମ୍ ।
ହଂ ହୋ ସୁଦର୍ଶନପରିଭ୍ରମଣେନ ଗୁପ୍ତଂ ରାମଂ ନିହନ୍ମି କଥମଦ୍ୟ ବରଂ ବରାକୀ ॥୧॥

❊ ତା' ପରେ ପ୍ରଭଞ୍ଜନା ସୁତୀକ୍ଷ୍ଣ ଖଡ୍ଗ ହାତରେ ଧରି ରାତିରେ ଶିବିର ମଧ୍ୟରେ ପ୍ରବେଶ କଲା । ଗଭୀର ନିଦ୍ରାରେ ଶୋଇଥିବା ଓ ସୁଦର୍ଶନ ଚକ୍ର ଦ୍ୱାରା ସୁରକ୍ଷିତ ଥିବା ରାମଲକ୍ଷ୍ମଣଙ୍କୁ ଦେଖି ସେ କିପରି ହତ୍ୟା କରିବ ବୋଲି ମନେମନେ ଭାବିଲା ॥

अत्रावसरे प्रबुद्धमङ्गदं वीरमवगम्याधीरं पुनर्गन्तुमुद्यतां प्रभञ्जनां अङ्गदः -(साटोपम्)

मा गास्तिष्ठ निशाचरि क्षणमपि स्थित्वा पुनर्गम्यतां
यत्रास्ते भुजविक्रमाखिलजगद्विद्रावणो रावणः ।
अद्याप्यङ्गदबाहुपाशपतिता मूढे किमाक्रन्दसे
सिंहस्यान्तिकमागतेव हरिणी कस्त्वां परित्रायते ॥२॥

ଅତ୍ରାବସରେ ପ୍ରବୁଦ୍ଧମଙ୍ଗଦଂ ବୀରମବଗମ୍ୟାଧୀରଂ ପୁନର୍ଗନ୍ତୁମୁଦ୍ୟତାଂ ପ୍ରଭଞ୍ଜନାଂ ଅଙ୍ଗଦଃ - (ସାଟୋପମ୍)

ମା ଗାସ୍ତିଷ୍ଠ ନିଶାଚରି କ୍ଷଣମପି ସ୍ଥିତ୍ୱା ପୁନର୍ଗମ୍ୟତାଂ
ଯତ୍ରାସ୍ତେ ଭୁଜବିକ୍ରମାଖିଳଜଗଦ୍ଵିଦ୍ରାବଣୋ ରାବଣଃ ।
ଅଦ୍ୟାପ୍ୟଙ୍ଗଦବାହୁପାଶପତିତା ମୂଢେ କିମାକ୍ରନ୍ଦସେ
ସିଂହସ୍ୟାନ୍ତିକମାଗତେବ ହରିଣୀ କସ୍ମାଂ ପରିତ୍ରାୟତେ ॥୨॥

❁ ଏହି ସମୟରେ ବୀର ଅଙ୍ଗଦକୁ ଜାଗ୍ରତ ହେବାର ଦେଖି ପ୍ରଭଞ୍ଜନା ଶୀଘ୍ର ପଳାଇବା ପାଇଁ ଚେଷ୍ଟା କଲା । ତାହା ଦେଖି ଅଙ୍ଗଦ ଗର୍ବର ସହିତ କହିଲା ରେ ରାକ୍ଷସୀ, ଠିଆ ହୁଅ । ପଳାଇବାକୁ ଚେଷ୍ଟା କରନାହିଁ । କିଛି ସମୟ ରହିଯା । ପୁଣି ନିଜର ପରାକ୍ରମରେ ସଂସାରକୁ କନ୍ଦାଉଥିବା ରାବଣ ପାଖକୁ ଯିବୁ । ରେ ରାକ୍ଷସୀ, ତୁ ଅଙ୍ଗଦର ବାହୁପାଶରେ ପଡ଼ି କାନ୍ଦୁଛୁ କାହିଁକି ? ସିଂହ ପାଖକୁ ହରିଣୀ ଗଲା ପରି ତୁ ମୋ ପାଖକୁ ଆସିଛୁ । ବର୍ତ୍ତମାନ କିଏ ତୋତେ ରକ୍ଷା କରିବ ଦେଖିବି ?

प्रभञ्जना (प्रविश्य) तद्गत्वा लङ्केश्वरमेव निवेदयामि यथासौ नक्तं वध्यो न भवतीति । जयतु जयतु लङ्कानाथ! राजन् ! सुदर्शनचक्रेण रक्षितं रामचन्द्रं निशि हन्तुं न शक्यते । तद्राक्षसाः प्रातः समराङ्गणे प्रणयिनः कार्य्याः ।

ପ୍ରଭଞ୍ଜନା (ପ୍ରବିଶ୍ୟ) ତଦ୍‌ଗତ୍ୱା ଲଙ୍କେଶ୍ୱରମେବ ନିବେଦୟାମି ଯଥାସୌ ନକ୍ତଂ ବଧ୍ୟୋ ନ ଭବତୀତି । ଜୟତୁ ଜୟତୁ ଲଙ୍କାନାଥ ! ରାଜନ୍ ! ସୁଦର୍ଶନଚକ୍ରେଣ ରକ୍ଷିତଂ ରାମଚନ୍ଦ୍ରଂ ନିଶି ହନ୍ତୁଂ ନ ଶକ୍ୟତେ । ତଦ୍ରାକ୍ଷସାଃ ପ୍ରାତଃ ସମରାଙ୍ଗଣେ ପ୍ରଣୟିନଃ କାର୍ଯ୍ୟାଃ ।

❁ ଶ୍ରୀରାମଲକ୍ଷ୍ମଣଙ୍କୁ ରାତିରେ ହତ୍ୟା କରିବା ସମ୍ଭବ ନୁହେଁ ବୋଲି ଚିନ୍ତା କରି ପ୍ରଭଞ୍ଜନା ରାବଣଙ୍କୁ ଜଣାଇବା ପାଇଁ ଲଙ୍କାରେ ଉପସ୍ଥିତ ହେଲା ଓ କହିଲା- ରାଜନ୍ ! ଆପଣଙ୍କର ଜୟ ହେଉ । ସୁଦର୍ଶନ ଚକ୍ର ଦ୍ୱାରା ସୁରକ୍ଷିତ ରାମଚନ୍ଦ୍ରଙ୍କୁ ହତ୍ୟା କରିବା ସମ୍ଭବ ନୁହେଁ । ତେଣୁ ରାକ୍ଷସ ସୈନ୍ୟଙ୍କୁ ନେଇ କାଲି ସକାଳେ ତାଙ୍କୁ ଯୁଦ୍ଧରେ ବିନାଶ କର । ରାବଣ କହିଲା - ଠିକ୍ ଅଛି, ତାହାହିଁ ମୁଁ କରିବି ॥

रावणः - सत्यमेत्करोमि । (अथ युद्धोद्योगः)
सुग्रीवो राज्यलक्ष्मीपरिमितवपुर्बालिपुत्रः कुमारः
श्रीगम्भीराभिरामाः प्लवगपरिवृढाः प्रौढिमारूढवन्तः ।
उल्लंघ्योल्लंघ्य लंङ्काजलनिधिपरिखीभूतभूरिप्रभावां
सर्वे खर्वानखर्वान् दधति खलु रणे रक्षसान् क्षोभयित्वा ॥३॥

ରାବଣଃ ସତ୍ୟମେତତ୍କରୋମି (ଅଥ ଯୁଦ୍ଧୋଦ୍‌ଯୋଗଃ)
ସୁଗ୍ରୀବୋ ରାଜ୍ୟଲକ୍ଷ୍ମୀରପରିମିତବପୁର୍ବାଳିପୁତ୍ରଃ କୁମାରଃ
ଶ୍ରୀଗମ୍ଭୀରାଭିରାମାଃ ପ୍ଲବଗପରିବୃଢ଼ାଃ ପ୍ରୌଢ଼ିମାରୂଢବନ୍ତଃ ।
ଉଲ୍ଲଂଘ୍ୟୋଲଂଘ୍ୟ ଲଙ୍କାଂ ଜଳନିଧିପରିଖୀଭୂତଭୂରିପ୍ରଭାବଂ
ସର୍ବେ ଖର୍ବାନଖର୍ବାନ୍ ଦଧତି ଖଲୁ ରଣେ ରାକ୍ଷସାନ୍ କ୍ଷୋଭୟିତ୍ୱା ॥୩॥

❋ (ଯୁଦ୍ଧ ପ୍ରସ୍ତୁତି) ମହାବଳଶାଳୀ କପିରାଜ ସୁଗ୍ରୀବ ବାଳୀପୁତ୍ର କୁମାର ଅଙ୍ଗଦ ଓ ଅନ୍ୟାନ୍ୟ ଯୂଥପତିଗଣ ଗର୍ବର ସହିତ ପରିଖାସଦୃଶ ପରିବେଷ୍ଟିତ ସମୁଦ୍ରକୁ ଲଂଘନ କରି ଲଙ୍କାରେ ପ୍ରବେଶ କଲେ । ବାନରବାହିନୀଙ୍କ ପ୍ରଭାବରେ ଲଙ୍କାର ଛୋଟ ବଡ଼ ଅସୁରମାନଙ୍କ ମନରେ ଭୟସଞ୍ଚାର ହେଲା । ବାନର ବୀରମାନେ ସେମାନଙ୍କୁ ଗୋଡ଼ାଇ ଗୋଡ଼ାଇ ଧରିଆଣିଲେ ॥

प्राकारकूटादुपलप्रपातैर्निपीड्यमानाः परिगृह्य दोर्भ्याम् ।
तैरेव सौधानि बभञ्जुरुच्चैः प्लवङ्गमाः कन्दुकवत्क्षिपन्ति ॥४॥
ପ୍ରାକାରକୂଟାଦୁପଳପ୍ରପାତୈର୍ନିପୀଡ୍ୟମାନାଃ ପରିଗୃହ୍ୟ ଦୋର୍ଭ୍ୟାମ୍ ।
ତୈରେବ ସୌଧାନି ବଭଞ୍ଜୁରୁଚ୍ଚୈଃ ପ୍ଲବଙ୍ଗମାଃ କନ୍ଦୁକବତ୍ କ୍ଷିପନ୍ତି ॥୪॥

❋ ପ୍ରାଚୀରର ଅନ୍ତରାଳରେ ରହି ଅସୁରମାନେ ବାନର ବାହିନୀ ଉପରକୁ ପ୍ରବଳ ପଥର ବୃଷ୍ଟି କଲେ । କପିଗଣ ସେହି ପଥର ଖଣ୍ଡକୁ ହାତରେ ଧରି କନ୍ଦୁକ ପ୍ରାୟ ଫୋପାଡ଼ିଲେ ଏବଂ ଦୈତ୍ୟମାନଙ୍କୁ ସଂହାରକରିବା ସଙ୍ଗେ ସଙ୍ଗେ ପ୍ରାଚୀରକୁ ଭାଙ୍ଗିପକାଇଲେ ॥

प्राकारमूर्ध्नि मिलिता रजनीचरेन्द्रा धाराधरा इव धराधरशृङ्गभाजः ।
नाराचपुञ्जमभितो मुखरा ववर्षुस्तेनापि मत्तवपुषो ननृतुः प्लवङ्गाः ॥५॥
ପ୍ରାକାରମୂର୍ଦ୍ଧ୍ନିମିଳିତା ରଜନୀଚରେନ୍ଦ୍ରା ଧାରାଧରା ଇବ ଧରାଧରଶୃଙ୍ଗଭାଜ ।
ନାରାଚପୁଞ୍ଜମଭିତୋ ମୁଖରା ବବର୍ଷୁସ୍ତେନାପି ମତ୍ତବପୁଷୋ ନନୃତୁଃ ପ୍ଲବଙ୍ଗାଃ ॥୫॥

❋ ରାକ୍ଷସଗଣ ପୁଣି ଏକତ୍ର ହୋଇ ପାଚେରି ଉପରେ ଚଢ଼ି କପିଙ୍କ ଉପରକୁ ପଥର ବୃଷ୍ଟିକଲେ । ବାନରମାନେ ହାତରେ ଧନୁଶର ଧରି ଶ୍ରାବଣର ଜଳଧାରାପରି ବାଣ ବୃଷ୍ଟି କରିବାକୁ ଲାଗିଲେ ଏବଂ ମତ୍ତ ହୋଇ ନୃତ୍ୟ କରିବାକୁ ଲାଗିଲେ ॥

वानराणां मिथ उक्तिः-
शक्ताः सम्प्रति सर्व हि वयं दृष्टाश्च पृष्टाश्च ये
काकुत्स्थेन च लक्ष्मणेन च पुनः शाखामृगेन्द्रेण च ।
किन्तु प्रौढकठोरकौणपघटां दृष्ट्वा गतो मारुति -
र्यत्कृत्ये करवामहै तदधुना नान्यस्य तद्भ्रातरः ॥६॥

ବାନରାଣାଂ ମିଥ ଉକ୍ତିଃ -
ଶକ୍ତାଃ ସମ୍ପ୍ରତି ସର୍ବ ଏବ ହି ବୟଂ ଦୃଷ୍ଟାଶ୍ଚ ପୃଷ୍ଟାଶ୍ଚ ଯେ
କାକୁତ୍ସ୍ଥେନ ଚ଼ ଲକ୍ଷ୍ମଣେନ ଚ଼ ପୁନଃ ଶାଖାମୃଗେନ୍ଦ୍ରେଣ ଚ଼ ।
କିନ୍ତୁ ପ୍ରୌଢକଠୋରକୌଣପଘଟାଂ ଦୃଷ୍ଟ୍ୱାଗତୋ ମାରୁତି -
ର୍ଯତ୍କୃତ୍ୟେ କରବାମହୈ ତଦଧୁନା ନାନ୍ୟସ୍ୟ ତଦ୍ଭ୍ରାତରଃ ॥୬॥

❋ ବାନରମାନେ ପରସ୍ପରକୁ କହିଲେ- ଶ୍ରୀରାମଚନ୍ଦ୍ର, ଲକ୍ଷ୍ମଣ, କପିପତି ସୁଗ୍ରୀବ ପ୍ରଭୃତି ଆମକୁ ଦେଖି ଓ ପଚାରି ସବୁକଥା ବୁଝିଲେ । କିନ୍ତୁ ଦୁର୍ଦ୍ଦାନ୍ତରାକ୍ଷସଘନଘଟାକୁ ଦେଖି ମାରୁତି ଆମକୁ ଯେଉଁ ଆଦେଶ ଦେଇଛନ୍ତି, ଭାଇମାନେ, ଆମେ ସମସ୍ତେ ତାହାହିଁ ପାଳନ କରିବା ॥

दुर्गान्तर्मिलितैर्निशाचरभटै र्लङ्कोपरोधः स्वयं
निस्तीर्णो विमनायमानकटकैर्युद्धोत्सवोल्लासिभिः ।
निष्क्रामन्ति निशाचरा यदि पुनः संभूय भूयस्तरां
तत्को वंद किमेव कुर्य्युरधुना धुर्य्यान्नियुञ्जीमहे ।।७।।
ଦୁର୍ଗାନ୍ତର୍ମିଳିତୈର୍ନିଶାଚରଭଟୈର୍ଲଙ୍କୋପରୋଧଃ ସ୍ୱୟଂ
ନିସ୍ତୀର୍ଣ୍ଣୋ ବିମନାୟମାନକଟକୈର୍ଯୁଦ୍ଧୋତ୍ସବୋଲ୍ଲାସିଭିଃ ।
ନିଷ୍କ୍ରାମନ୍ତି ନିଶାଚରା ଯଦି ପୁନଃ ସଂଭୂୟ ଭୂୟସ୍ତରାଂ
ତତ୍କୋ ବେଦ କିମେବ କୁର୍ଯ୍ୟୁରଧୁନା ଧୁର୍ଯ୍ୟାନ୍ନିଯୁଞ୍ଜୀମହେ ॥୭॥

❊ ଦୁର୍ଗମଧ୍ୟରେ ଥିବା ରାକ୍ଷସସୈନ୍ୟମାନେ ମିଳିତଭାବେ ଯୁଦ୍ଧ ପାଇଁ ବ୍ୟାକୂଳ ହୋଇ ଯଦି ସ୍ୱୟଂ ଅବରୁଦ୍ଧ ଲଙ୍କାପୁରୀରୁ ବାହାରି ଆସିବେ ତେବେ ଆମ୍ଭେମାନେ କି କି ପ୍ରତିକାର କରିବା ତାହା ସ୍ଥିର କରି ସମସ୍ତେ ଯେ ଯାହାର କାର୍ଯ୍ୟରେ ନିଯୁକ୍ତ ରହିବା ବାଞ୍ଛନୀୟ ॥

कपिकुलघनगर्जद्व्यक्तसंसक्तरक्षःकपटपटहकोटिध्वानभिन्नाद्रिगर्भः ।
समगतगिरिशस्त्रक्षेपदक्षं मिथस्तद् रघुपरबृिढलङ्कानाथयोः सैन्ययुग्म् ।।८।।
�କପିକୁଳଘନଗର୍ଜଦ୍‌ବ୍ୟକ୍ତସଂସକ୍ତରକ୍ଷଃ କପଟପଟହକୋଟିଧ୍ୱାନଭିନ୍ନାଦ୍ରିଗର୍ଭଃ ।
ସମଗତଗିରିଶସ୍ତ୍ରକ୍ଷେପଦକ୍ଷ ମିଥସ୍ତଦ୍‌ ରଘୁପରିବୃଢଲଙ୍କାନାଥୟୋଃ ସୈନ୍ୟଯୁଗ୍ମମ୍‌ ॥୮॥

❊ ଏହାପରେ କପିବାହିନୀ ଓ ରାକ୍ଷସସେନା ଘନଘୋର ଗର୍ଜନ ସହିତ ବିଭିନ୍ନ ଯୁଦ୍ଧବାଦ୍ୟରେ ଗିରିଗହ୍ୱରକୁ ପ୍ରତିଧ୍ୱନିତ କଲେ । ଶ୍ରୀରଘୁନାଥ ଓ ଲଙ୍କାନାଥଙ୍କ ସେନାବାହିନୀଦ୍ୱୟ କ୍ଷେପଣଯୋଗ୍ୟ ଗିରି,ବୃକ୍ଷ, ଅସ୍ତ୍ର, ଶସ୍ତ୍ର ଧରି ଯୁଦ୍ଧପାଇଁ ପ୍ରସ୍ତୁତ ହୋଇଗଲେ ॥

खेलन्तोऽखिलवानरा जलनिधौ दृष्ट्वा रणे राक्षसा -
नुत्पाट्याशु विमानमेव जगृहुः पृथ्वीं समां चक्रिरे ।
दृष्ट्वा तं च विभीषणं रघुपते त्राहीति वाक्यं तदा
श्रुत्वासौ हनुमानुपेत्य तरसा प्रस्थापयत्सत्वरम् ।।९।।
ଖେଲନ୍ତୋଽଖିଳବାନରା ଜଳନିଧୌ ଦୃଷ୍ଟ୍ୱା ରଣେ ରାକ୍ଷସା-
ନୁତ୍ପାଟ୍ୟାଶୁ ବିମାନମେବ ଜଗୃହୁଃ ପୃଥ୍ୱୀଂ ସମାଂ ଚକ୍ରିରେ ।
ଦୃଷ୍ଟ୍ୱା ତଂ ଚ ବିଭୀଷଣଂ ରଘୁପତେ ତ୍ରାହୀତି ବାକ୍ୟଂ ତଦା
ଶ୍ରୁତ୍ୱାସୌ ହନୂମାନୁପେତ୍ୟ ତରସା ପ୍ରସ୍ଥାପୟତ୍‌ସତ୍ୱରମ୍‌ ॥୯॥

❊ ସମୁଦ୍ରକୂଳରେ କ୍ରୀଡ଼ାରତ ବାନରମାନେ ଯୁଦ୍ଧରେ ରାକ୍ଷସମାନଙ୍କୁ ଦେଖି ବୃକ୍ଷସବୁ ଉପାଡ଼ିପକାଇ ଭୂମିକୁ ପଡ଼ିଆ କରିଦେଲେ । ଏହା ଦେଖି ବିଭୀଷଣ ଭୟଭୀତ ହୋଇ କହିଲେ - ହେ ରାଘବ ! ରକ୍ଷାକର । ବିଭୀଷଣଙ୍କର ବ୍ୟାକୁଳ ନିବେଦନ ଶୁଣି ହନୂମାନ ଉପସ୍ଥିତ ହୋଇ ଆଦରର ସହିତ ବିଭୀଷଣଙ୍କୁ ସେଠାରୁ ଶିବିରକୁ ପଠାଇଦେଲେ ॥

महोदरः - महाराज लङ्केश्वर !

अग्रेसरी रघुपतेः परिणद्धयुद्ध - संपाकपाटलमुखी कपिवीरसेना ।
निःशेषमापिबति राक्षसवीरचक्रं प्रातः प्रभेव तपनस्य तमिस्रचक्रम् ॥१०॥

ମହୋଦରଃ - ମହାରାଜ ଲଙ୍କେଶ୍ୱରଃ !

ଅଗ୍ରେସରୀ ରଘୁପତେଃ ପରିଣଦ୍ଧଯୁଦ୍ଧ ସଂପାକପାଟଳମୁଖୀ କପିବୀରସେନା ।
ନିଃଶେଷମାପିବତି ରାକ୍ଷସବୀରଚକ୍ରଂ ପ୍ରାତଃ ପ୍ରଭେବ ତପନସ୍ୟ ତମିସ୍ରଚକ୍ରମ୍ ॥୧୦॥

❊ ମହୋଦର କହିଲା- ମହାରାଜ ଲଙ୍କେଶ୍ୱରଃ, ଶ୍ରୀରାମଙ୍କର ବାନର ବାହିନୀ କ୍ରୋଧରେ ରକ୍ତମୁଖା ହୋଇ ପ୍ରାତଃ କାଳରେ ସୂର୍ଯ୍ୟ ଯେପରି ଅନ୍ଧକାରକୁ ଦୂରକରନ୍ତି, ସେହିପରି ଦୈତ୍ୟବୀର ମାନଙ୍କୁ ବିନାଶ କରିବା ପାଇଁ ଆଗେଇ ଆସୁଛନ୍ତି ॥

न्यञ्चद्भूवलयं वलत्क्षितिधरं क्षुभ्यत्समस्तार्णवं
त्रस्यद्वैरिवधूविलोचनजलप्रारब्धवर्षोद्गमम् ।
प्रोदञ्चत्कपिवाहिनीपदभर व्याधूतधूलिपट -
छन्नादित्यपथं कथं न विदितं तज्जैत्रयात्रादिकम् ॥११॥

ନ୍ୟଞ୍ଚଦ୍‌ଭୂବଳୟଂ ବଳତ୍‌କ୍ଷିତିଧରଂ କ୍ଷୁଭ୍ୟତ୍ ସମସ୍ତାର୍ଣ୍ଣବଂ
ତ୍ରସ୍ୟଦ୍‌ବୈରିବଧୂବିଲୋଚନଜଳପ୍ରାରବ୍ଧବର୍ଷୋଦ୍‌ଗମମ୍ ।
ପ୍ରୋଦଞ୍ଚତ୍ କପିବାହିନୀପଦଭରବ୍ୟାଧୂତଧୂଳିପଟ -
ଛନ୍ନାଦିତ୍ୟପଥଂ କଥଂ ନ ବିଦିତଂ ତଜ୍ଜୈତ୍ରଯାତ୍ରାଦିକମ୍ ॥୧୧॥

❊ ହେ ରାଜନ ! ଭୂମଣ୍ଡଳକୁ ଦ୍ରବୀଭୂତ, ପାହାଡ଼ଗୁଡ଼ିକୁ କମ୍ପିତ ଓ ସମୁଦ୍ରଜଳକୁ କ୍ଷୋଭିତ ଏବଂ ଶତ୍ରୁନାରୀମାନଙ୍କର ନେତ୍ରରୁ ଜଳବର୍ଷା ଆରମ୍ଭ କରି ବାନର ବାହିନୀ ଆଗେଇ ଆସୁଛନ୍ତି । ସେମାନଙ୍କ ପାଦର ଆଘାତରେ ଉଠୁଥିବା ଧୂଳିପଟଳ ଦ୍ୱାରା ସମଗ୍ର ଆକାଶ ଆଚ୍ଛାଦିତ ହେବା ସହ ସୂର୍ଯ୍ୟଙ୍କର ଗତିପଥ ଅବରୁଦ୍ଧ ହୋଇଗଲାଣି । ଶ୍ରୀରାମଚନ୍ଦ୍ରଙ୍କର ଏହି ବିଜୟ ଯାତ୍ରାକୁ ଆପଣ କିପରି ଜାଣିପାରିଲେ ନାହିଁ ?

जयप्रयाणे रघुनन्दनस्य धूलिकदम्बास्तमिते दिनेशे ।
शशिप्रभं छत्रमुदीक्ष्य बाला सूर्योदये रोदिति चक्रवाकी ॥१२॥

ଜୟପ୍ରୟାଣେ ରଘୁନନ୍ଦନସ୍ୟ ଧୂଳିକଦମ୍ବାସ୍ତମିତେ ଦିନେଶେ ।
ଶଶିପ୍ରଭଂ ଛତ୍ରମୁଦୀକ୍ଷ୍ୟ ବାଳା ସୂର୍ଯ୍ୟୋଦୟେ ରୋଦିତି ଚକ୍ରବାକୀ ॥୧୨॥

❊ ଶ୍ରୀରାମଚନ୍ଦ୍ରଙ୍କ ଯୁଦ୍ଧଯାତ୍ରା ସମୟରେ ଉତ୍ଥିତ ଧୂଳିପଟଳ ଦ୍ୱାରା ସୂର୍ଯ୍ୟଙ୍କୁ ଦେଖି ଚକ୍ରବାକୀ ରାତି ହେଲା ବୋଲି ଭାବି କାନ୍ଦିବାକୁ ଲାଗିଲା ॥

पुनश्च विरूपाक्षः !

भ्रूभङ्गाबद्धसिन्धू रघुपतिरवताद्वन्दिना वेदितोऽसौ
विष्टस्ते मातुलस्य त्वचि पुनरनुजे मन्त्रिणि दत्तकर्णः ।
बाणे दत्तार्द्धदृष्टिस्तव जयपिशुने लक्ष्मणे सस्मितो यः
सुग्रीवग्रीवबाहुः कृतचरणभरः सोऽङ्गदे वायुपुत्रे ॥१३॥

ପୁନଶ୍ଚ ବିରୂପାକ୍ଷଃ !

ଭ୍ରୂଭଙ୍ଗାବଦ୍ଧସିନ୍ଧୂ ରଘୁପତିରବତାଦ୍ୱନ୍ଦିନା ବେଦିତୋଽସୌ
ବିଷ୍ଟସ୍ତେ ମାତୁଲସ୍ୟ ତ୍ୱଚି ପୁନରନୁଜେ ମନ୍ତ୍ରିଣି ଦତ୍ତକର୍ଣ୍ଣଃ ।
ବାଣେ ଦତ୍ତାର୍ଦ୍ଧଦୃଷ୍ଟିସ୍ତବଜୟପିଶୁନେ ଲକ୍ଷ୍ମଣେ ସସ୍ମିତୋ ଯଃ
ସୁଗ୍ରୀବଗ୍ରୀବବାହୁଃ କୃତଚରଣଭରଃ ସୋଽଙ୍ଗଦେ ବାୟୁପୁତ୍ରେ ॥୧୩॥

❊ ବିରୂପାକ୍ଷ ପୁଣି କହିଲା- ହେ ରାଜନ୍! ଶ୍ରୀରାମ ହେଉଛନ୍ତି ଅଦ୍ଭୁତ ବଳଶାଳୀ । ତାଙ୍କର କଟାକ୍ଷପାତ ମାତ୍ରେ ସମୁଦ୍ରରେ ସେତୁ ନିର୍ମାଣ ହୋଇଗଲା । ବଳୀମାନେ ତାଙ୍କୁ ରକ୍ଷାକର ରକ୍ଷାକର ବୋଲି ଡାକୁଛନ୍ତି । ଆପଣଙ୍କ ମାମୁଙ୍କ ଛାଲ ଉପରେ ବସି ଅନୁଜଲକ୍ଷ୍ମଣ ଓ ମନ୍ତ୍ରୀମାନଙ୍କ ପରାମର୍ଶ ସେ କର୍ଣ୍ଣଡେରି ଶୁଣୁଛନ୍ତି । ତାଙ୍କର ଅଧାଦୃଷ୍ଟି ବାଣ ପରୀକ୍ଷା କରୁଛି । ଆପଣଙ୍କୁ ଜୟକରିବାର ଅଭିଳାଷୀ ଲକ୍ଷ୍ମଣଙ୍କୁ ଚାହିଁ ସେ ହସୁଛନ୍ତି । ତାଙ୍କର ଦୁଇ ହାତ ସୁଗ୍ରୀବର କଣ୍ଠଦେଶରେ ଓ ପାଦଦୁଇଟି ହନୁ ଓ ଅଙ୍ଗଦ ଉପରେ ରହିଅଛି ॥

विभीषणः - (रामं प्रति)

संभूय प्रसभं पयोधिलहरपुञ्जैरिव प्रावृता
लङ्का वानरयूथपैः शुचिशिखाभङ्गी पिशङ्गोज्ज्वलैः ।
वैदेहीविरहव्यथैकविधुरः क्लिष्टोऽथ लङ्केश्वरः
सोऽयं संप्रति राजपुत्रकटकाटोपः समुज्जृम्भते ॥१४॥

ବିଭୀଷଣଃ - (ରାମଂ ପ୍ରତି)

ସଂଭୂୟ ପ୍ରସଭଂ ପୟୋଧିଲହରୀପୁଞ୍ଜୈରିବ ପ୍ରାବୃତା
ଲଙ୍କା ବାନରୟୂଥପୈଃ ଶୁଚିଶିଖାଭଙ୍ଗୀ ପିଶଙ୍ଗୋଜ୍ଜ୍ୱଳୈଃ ।
ବୈଦେହୀ ବିରହବ୍ୟଥୈକବିଧୁରଃ କ୍ଲିଷ୍ଟୋଽଥ ଲଙ୍କେଶ୍ୱରଃ
ସୋଽୟଂ ସଂପ୍ରତି ରାଜପୁତ୍ରକଟକାଟୋପଃ ସମୁଜ୍ଜୃମ୍ଭତେ ॥୧୪॥

❊ ଏହି ସମୟରେ ଶ୍ରୀରାମଙ୍କୁ ବିଭୀଷଣ କହୁଛନ୍ତି - ପ୍ରଭୋ, ସାଗରର ଲହରୀ ପରି ଅଗ୍ନିଶିଖା ସଦୃଶ ବାନର ବାହିନୀ ଲଙ୍କାଗଡ଼କୁ ଆବୋରି ରହିଛନ୍ତି । ବୈଦେହୀଙ୍କ ବିରହବ୍ୟଥାରେ ବିଧୁର ଲଙ୍କେଶ୍ୱର ସଂପ୍ରତି ଅସୁରସେନାପତିମାନଙ୍କ ଗହଣରେ ରହି ଗର୍ବର ସହିତ କଥାବାର୍ତ୍ତା କରୁଛି ॥

आकण्ठपिहितवपुर्विशालवक्षा प्राकारव्यतिकरजागरूकमूर्द्धा ।
उद्दामे नभसि यथैकसैंहिकेयस्तैरेको रजनिचरो व्यतर्कि लोकैः ॥१५॥

ଆକଣ୍ଠପିହିତବପୁର୍ବିଶାଳବକ୍ଷା ପ୍ରାକାରବ୍ୟତିକରଜାଗରୂକମୂର୍ଦ୍ଧା ।
ଉଦ୍ଦାମେ ନଭସି ଯଥୈକସୈଂହିକେୟସ୍ତୈରେକୋ ରଜନିଚରୋ ବ୍ୟାତର୍କି ଲୋକୈଃ ॥୧୫॥

❊ କଣ୍ଠପର୍ଯ୍ୟନ୍ତ ଆଚ୍ଛାଦିତ, ବିଶାଳବକ୍ଷ ଓ ପ୍ରାଚୀର ଉପରିଭାଗକୁ ଅତିକ୍ରମ କରି ଦେଖାଯାଉଥିବା କୁମ୍ଭକର୍ଣ୍ଣର ମସ୍ତକକୁ ନିଶାଚରମାନେ ଆକାଶରେ ଆଉ ଏକ ରାହୁ ଆବିର୍ଭୂତ ହେଲା ବୋଲି ବିଚାରକଲେ ॥

हेलास्फालितरामलक्ष्मणधनुर्या वल्लरीझल्लरी
झङ्कारप्रसरप्ररूढपुलकप्राग्भारनीरञ्जिता ।
व्यावलगत्कपिकण्ठकाण्डकदली क्रीड़तकृपाणाञ्चलाः
स्फूर्जत् स्फूर्जथुतर्जनैकचपलाश्चञ्चन्ति रात्रिंचराः ॥१६॥

ହେଳାସ୍ଫାଳିତ ରାମଲକ୍ଷ୍ମଣଧନୁର୍ଯ୍ୟା ବଲ୍ଲରୀଝଲ୍ଲରୀ
ଝଙ୍କାରପ୍ରସରପ୍ରରୂଢପୁଲକପ୍ରାଗ୍‌ଭାରନୀରଞ୍ଜିତା ।
ବ୍ୟାବଲ୍‌ଗତ୍କପିକଣ୍ଠକାଣ୍ଡ କଦଳୀ କ୍ରୀଡ଼ତ୍‌ପାଣାଞ୍ଚଳାଃ
ସ୍ଫୂର୍ଜତ୍ ସ୍ଫୂର୍ଜଥୁତର୍ଜନୈକଚପଳାଶ୍ଚଞ୍ଚନ୍ତି ରାତ୍ରିଂଚରାଃ ॥୧୬॥

❊ ଶ୍ରୀରାମଚନ୍ଦ୍ର ଓ ବୀର ଲକ୍ଷ୍ମଣଙ୍କ ଦ୍ୱାରା ଆସ୍ଫାଳିତ ଧନୁର ସଶବ୍ଦ ଆଲୋକରେ ସମଗ୍ର ଯୁଦ୍ଧଭୂମି ଆଲୋକିତ ହୋଇଗଲା । ସେହିପରି କଦଳୀ କାଣ୍ଡ ସଦୃଶ କପିକଣ୍ଠକୁ ଛେଦନ କରୁଥିବା କୃପାଣର ଝଲକରେ ରାକ୍ଷସମାନେ ଗର୍ଜନ କରି ନାଚିବାକୁ ଲାଗିଲେ ॥

महोत्पातं दृष्ट्वा अरविन्दः - पश्य लंकेश्वर !
गगनं गिलितं भूमिगिर्लिता गिलिता दिशः।
सरितः प्लवगैः पीताः सीतापतिपदानुगैः ॥१७॥

ମହୋତ୍ପାତଂ ଦୃଷ୍ଟ୍ୱା ଅରବିନ୍ଦଃ - ପଶ୍ୟ ଲଙ୍କେଶ୍ୱର !
ଗଗନଂ ଗିଳିତଂ ଭୂମିର୍ଗିଳିତା ଗିଳିତା ଦିଶଃ ।
ସରିତଃ ପ୍ଲବଗୈଃ ପୀତାଃ ସୀତାପତିପଦାନୁଗୈଃ ॥୧୭॥

❊ ମହାଉତ୍ପାତ ଘଟିବାର ଦେଖି ଅରବିନ୍ଦ କହିଲା- ଲଙ୍କେଶ୍ୱର ! ଦେଖ, ସୀତାପତି ରାମଚନ୍ଦ୍ରଙ୍କ ସେବକ ବାନରମାନେ ଅକାଶକୁ ଆଚ୍ଛାଦିତ କରିଦେଲେଣି । ସେମାନଙ୍କ ଦ୍ୱାରା ପୃଥିବୀ ଆଉ ଦେଖାଯାଉନାହିଁ । ସମସ୍ତ ଦିଗରେ ସେମାନେ ବ୍ୟାପିଗଲେଣି । ନଦୀମାନଙ୍କର ଜଳକୁ ସେମାନେ ପାନ କରି ଦେଲେଣି ।

क्वचिन्मीनः क्वचिन्मेषः क्वचिल्लम्बितकृत्तिका ।
क्वचिन्मृगशिरः सार्द्धं नमो व्याधगृहाय ते ॥१८॥

କ୍ୱଚିନ୍ମୀନଃ କ୍ୱଚିନ୍ମେଷଃ କ୍ୱଚିଲ୍ଲମ୍ବିତକୃତ୍ତିକା ।
କ୍ୱଚିନ୍ମୃଗଶିରଃ ସାର୍ଦ୍ଧଂ ନମୋ ବ୍ୟାଧଗୃହାୟ ତେ ॥୧୮॥

❋ ଆକାଶ ବର୍ତ୍ତମାନ ଜନୈକ ବ୍ୟାଧର ଗୃହପରି ପ୍ରତୀୟମାନ ହେଉଛି । ଦିନରେ ମଧ କେଉଁଠି ମୀନ, (ରାଶି ଓ ମାଛ),କେଉଁଠି ମେଷ (ରାଶି ଓ ପଶୁ), କେଉଁଠି କୃତ୍ତିକା (ନକ୍ଷତ୍ର ଓ ଛୁରି) ଏବଂ କେଉଁଠି ମୃଗଶିରା (ନକ୍ଷତ୍ର ଓ ଛିନ୍ନମୃଗଶିର) ପରିବ୍ୟାପ୍ତ ହେଲାପରି ଦେଖାଯଉଛି ॥

रावणः - (सावज्ञम्)
प्रतापं संसोढुं रविरपि दशास्यस्य न विभु-
र्निमज्जत्युन्मज्जत्यपरजलधौ पूर्वजलधौ ।
हरिः शेते वार्द्धौ निवसति हिमाद्रौ पुरहरो
विरञ्चिः किं चापि स्वनिजकमलं मुञ्चति न वा ॥१९॥

ରାବଣଃ - (ସାବଜ୍ଞମ୍)
ପ୍ରତାପଂ ସଂସୋଢୁଂ ରବିରପି ଦଶାସ୍ୟସ୍ୟ ନ ବିଭୁ -
ର୍ନିମଜ୍ଜତ୍ୟୁନ୍ମଜ୍ଜତ୍ୟପରଜଳଧୌ ପୂର୍ବଜଳଧୌ ।
ହରିଃ ଶେତେ ବାର୍ଦ୍ଧୌ ନିବସତି ହିମାଦ୍ରୌ ପୁରହରୋ
ବିରଞ୍ଚିଃ କିଂ ଚାପି ସ୍ୱଜନିକମଳଂ ମୁଞ୍ଚତି ନ ବା ॥୧୯॥

❋ ରାବଣ ଅବଜ୍ଞାର ସହିତ କହିଲା- ଆରେ, ରାବଣର ପ୍ରତାପକୁ ତ ସୂର୍ଯ୍ୟ ସହିପାରନ୍ତି ନାହିଁ । ତେଣୁ ସେ ପଶ୍ଚିମ ସମୁଦ୍ରରେ ବୁଡ଼ନ୍ତି ଓ ପୂର୍ବ ସମୁଦ୍ରରେ ଉଦୟ ହୁଅନ୍ତି । ମୋ ଭୟରେ ହରି ବାରିଧି ମଧରେ ଶୋଇଥାନ୍ତି ଓ ପୁରାରି ଶିବ ହିମାଳୟରେ ବାସ କରନ୍ତି । ବ୍ରହ୍ମା ମଧ ନିଜର ଜନ୍ମସ୍ଥାନ କମଳକୁ ଛାଡ଼ନ୍ତି କି ନାହିଁ ଜଣାନାହିଁ ॥

इत्यभिहितेषु राक्षसेषु भो भो मन्त्रिणः प्रबोधयतामयमनुजन्मा कुम्भकर्णः ।
मन्त्रिणः - यथादिशति देव !

रावणः -

न्यक्कारो ह्ययमेव मे यदरयस्तत्राप्यसौ तापसः
सोऽप्यत्रैव निहन्ति राक्षसकुलं जीवत्यहो रावणः ।
धिक् धिक् शक्रजितं प्रबोधितवता किं कुम्भकर्णेन वा
स्वर्गग्रामटीकाविलुण्ठनवृथोच्छूनैः किमेभिर्भुजैः ॥२०॥

ଇତ୍ୟଭିହିତେଷୁ ରାକ୍ଷସେଷୁ ଭୋ ଭୋ ମନ୍ତ୍ରିଣଃ ପ୍ରବୋଧୟତମୟମନୁଜନ୍ମା କୁମ୍ଭକର୍ଣ୍ଣଃ । ମନ୍ତ୍ରିଣଃ - ଯଥାଦିଶତି ଦେବଃ ।

ରାବଣଃ -

ନ୍ୟକ୍କାରୋ ହ୍ୟୟମେବ ମେ ଯଦରୟସ୍ତତ୍ରାପ୍ୟସୌ ତାପସଃ
ସୋଽପ୍ୟତ୍ରୈବ ନିହନ୍ତି ରାକ୍ଷସକୁଳଂ ଜୀବତ୍ୟହୋ ରାବଣଃ ।
ଧିକ୍ ଧିକ୍ ଶକ୍ରଜିତଂ ପ୍ରବୋଧିତବତା କିଂ କୁମ୍ଭକର୍ଣ୍ଣେନ ବା
ସ୍ୱର୍ଗଗ୍ରାମଟୀକାବିଲୁଣ୍ଠନବୃଥୋଚ୍ଛୁନୈଃ କିମେଭିର୍ଭୁଜୈଃ ॥୨୦॥

❀ ରାବଣ ଏହିପରି କହି ମନ୍ତ୍ରୀମାନଙ୍କୁ ଆଦେଶ ଦେଲା - ବର୍ତ୍ତମାନ କୁମ୍ଭକର୍ଣ୍ଣଙ୍କୁ ଜାଗ୍ରତ କରାଅ । ମନ୍ତ୍ରୀମାନେ ଯଥାଜ୍ଞା ମହାରାଜ ବୋଲି କହି ପ୍ରସ୍ଥାନ କଲେ ।

ମନ୍ତ୍ରିମାନଙ୍କୁ ଆଦେଶ ଦେଇ ରାବଣ ମନେମନେ ଭାବିଲା, ତ୍ରିଭୁବନବିଜୟୀ ରାବଣକୁ ଧିକ୍ ; କାରଣ, ତପସ୍ୱୀ ଜଣେ ତା'ର ଶତ୍ରୁ ହୋଇଛି । ସେ ରାକ୍ଷସକୁଳକୁ ବିନାଶ କରୁଛି ; କିନ୍ତୁ ରାବଣ ଜୀବନରେ ଥାଇ ସେସବୁ ଦେଖୁଛି । ଇନ୍ଦ୍ରବିଜୟୀପୁତ୍ର ମେଘନାଦକୁ ଧିକ୍ । କୁମ୍ଭକର୍ଣ୍ଣବୀର ଜାଗ୍ରତ ହୋଇ କ'ଣ ବା କରିବ ? ଯେଉଁ ବାହୁବଳରେ ସ୍ୱର୍ଗ ବିଲୁଣ୍ଠିତ ହୋଇଥିଲା, ସେହି ବାହୁ ଥିବାରେ ଆଉ କି ପ୍ରୟୋଜନ !

मूर्ध्नामुद्वृत्तकृत्ताविरलगलगलद्रक्तसंसक्तधारा -
धौतेशांघ्रिप्रसादोपनतजयजगज्जातमिथ्या महिम्नाम् ।
कैलासोल्लासनेच्छाव्यतिकरपिशुनोत्सर्पिदर्पोद्धराणां
दोष्णां चैषां किमेतत् फलमिह नगरीरक्षणे यत्प्रयासः ॥२१॥

ମୂର୍ଦ୍ଧ୍ନାମୁଦ୍‌ବୃତ୍ତକୃତ୍ତାବିରଳଗଳଗଳଦ୍ରକ୍ତସଂସକ୍ତ ଧରା-
ଧୌତେଶାଂଘ୍ରିପ୍ରସାଦୋପନତଜୟଜଗଜ୍ଜାତମିଥ୍ୟାମହିମ୍ନାମ୍ ।
କୈଳାସୋଲ୍ଲାସନେଚ୍ଛାବ୍ୟତିକରପିଶୁନୋତ୍‌ସର୍ପିଦର୍ପୋଦ୍ଧରାଣାଂ
ଦୋଷ୍ଣାଂଚୈଷାଂ କିମେତତ୍ ଫଳମିହ ନଗରୀରକ୍ଷଣେ ଯତ୍ପ୍ରୟାସଃ ॥୨୧॥

❀ ଯୁଦ୍ଧଭୂମିରେ ନିଜ ସୈନ୍ୟମାନଙ୍କର ପରାଭବ ଦେଖି ରାବଣ ମନେ ମନେ ଭାବିଲା- ନିଜର ମୁଣ୍ଡକୁ ଗୋଟିକ ପରେ ଗୋଟିଏ କରି କାଟି କଣ୍ଠନିଃସୃତ କରକ୍ତଧାର ଦ୍ୱାରା ଯେ ଶିବଙ୍କର ଚରଣ ପ୍ରକ୍ଷାଳନ କରିଥିଲା ଏବଂ କୈଳାସକୁ ଉତ୍ତୋଳନ କରି ଗର୍ବିତ ହେଉଥିଲା ସେ ଆଜି ନିଜର ନଗରୀ ରକ୍ଷା କରିବା ପାଇଁ ଅସମର୍ଥ ହେଉଛି ?

कुम्भकर्णसमीपं गतेषु मन्त्रिषु कुम्भकर्णप्रिया
विरम विरम तूर्णं कुम्भकर्णस्य कर्णा-
न्न खलु तव निनादैरेष निद्रां जहाति ।
इति कथयति काचित्प्रेयसी प्रेक्ष्यमाणा
मशकगलकरन्ध्रे हस्तीयूथं प्रविष्टम् ॥२२॥

କୁମ୍ଭକର୍ଣ୍ଣସମୀପଂ ଗତେଷୁ ମନ୍ତ୍ରିଷୁ କୁମ୍ଭକର୍ଣ୍ଣପ୍ରିୟା
ବିରମ ବିରମ ତୂର୍ଣ୍ଣଂ କୁମ୍ଭକର୍ଣ୍ଣସ୍ୟ କର୍ଣ୍ଣା
ନ୍ନ ଖଲୁ ତବ ନିନାଦୈରେଷ ନିଦ୍ରାଂ ଜହାତି ।

ଇତି କଥୟତି କାଚିତ୍ ପ୍ରେୟସୀ ପ୍ରେକ୍ଷ୍ୟମାଣା
ମଶକଗଳକରନ୍ଧ୍ରେ ହସ୍ତୀଯୂଥଂ ପ୍ରବିଷ୍ଟମ୍ ॥୨୨॥

❋ କୁମ୍ଭକର୍ଣ୍ଣ ନିକଟକୁ ମନ୍ତ୍ରିମାନେ ଯାଇ ତା'ର କାନରେ ଚିତ୍କାର କରି ଉଠ ଉଠ ବୋଲି କହିଲେ । ତାହା ଦେଖି କୁମ୍ଭକର୍ଣ୍ଣର ପତ୍ନୀ ମହୋଦରକୁ କହିଲା, ତୁମର ଚିତ୍କାର ବନ୍ଦ କର । ସେଥିରେ ତାଙ୍କର ନିଦ ଭାଙ୍ଗିବ ନାହିଁ । ଯାହାର ପାଟିବାଟେ ହାତୀମାନେ ମଶା ପ୍ରାୟ ପଶିଯାଇ ନାକ କାନ ରନ୍ଧ୍ରରେ ବାହାରକୁ ବାହାରି ଆସୁଛନ୍ତି, ସେହି କୁମ୍ଭକର୍ଣ୍ଣକୁ ତୁମର ଡାକ ଶୁଭିବ ନାହିଁ କି ତାର ନିଦ୍ରା ଭଙ୍ଗହେବ ନାହିଁ ॥

निद्रां तथापि न जहौ यदि कुम्भकर्णः श्रीकण्ठलब्धवरकिन्नरकामिनीनाम् ।
गन्धर्वयक्षसुरसिद्धवराङ्गनानामाकर्ण्य गीतममृतं परमं सनिद्रः ॥२३॥
ନିଦ୍ରାଂ ତଥାପି ନ ଜହୌ ଯଦି କୁମ୍ଭକର୍ଣ୍ଣଃ ଶ୍ରୀକଣ୍ଠଲବ୍ଧବରକିନ୍ନରକାମିନୀନାମ୍ ।
ଗନ୍ଧର୍ବଯକ୍ଷସୁରସିଦ୍ଧବରାଙ୍ଗନାନାମାକର୍ଣ୍ଣ୍ୟ ଗୀତମମୃତଂ ପରମଂ ସନିଦ୍ରଃ ॥୨୩॥

❋ ନାନାଚେଷ୍ଟା କରି ମଧ କୁମ୍ଭକର୍ଣ୍ଣର ନିଦ ଭାଙ୍ଗିଲା ନାହିଁ । ତା'ପରେ ଶ୍ରୀକଣ୍ଠ ଶିବଙ୍କ ବରପ୍ରାପ୍ତ କିନ୍ନର, ଗନ୍ଧର୍ବ ଯକ୍ଷ, ଦେବତା ଓ ସିଦ୍ଧରମଣୀମାନଙ୍କର ଅମୃତମୟ ସଙ୍ଗୀତ ଶୁଣାଇଲେ ମଧ ତାହାର ନିଦ୍ରାଭଙ୍ଗ ହେଲା ନାହିଁ ॥

दत्तानि तप्ततैलानि कुम्भकर्णस्य कर्णयोः ।
ततो विनिद्रचक्षुः सन्नुत्थितो यत्पुरोहितैः ॥२४॥
ଦତ୍ତାନି ତପ୍ତତୈଳାନି କୁମ୍ଭକର୍ଣ୍ଣସ୍ୟ କର୍ଣ୍ଣଯୋଃ ।
ତତୋ ବିନିଦ୍ରଚକ୍ଷୁଃ ସନ୍ନୁତ୍ଥିତୋ ଯତ୍ ପୁରୋହିତୈଃ ॥୨୪॥

❋ କୁମ୍ଭକର୍ଣ୍ଣର ନିଦ୍ରାଭଙ୍ଗ ନ ହେବାରୁ ପୁରୋହିତମାନେ ଯେତେବେଳେ ତପ୍ତତୈଳ ତା'ର କର୍ଣ୍ଣରେ ପକାଇଲେ ସେତେବେଳେ ତାର ନିଦ ଭାଙ୍ଗି ଗଲା ଏବଂ ସେ ଆଖିଖୋଲି ଚାରିଆଡ଼କୁ ଚାହିଁଲା ॥

कुम्भकर्णः - (उत्थाय)
सुप्तोत्थितः कवलयन् पलशैलजालं तीव्रासवं परिपिवन्नपि कुम्भकर्णः ।
तृप्तिं जगाम न तथेत्यवदत्सुराया गङ्गां पिवामि यमुनां सह सागरेण ॥२५॥
उन्निद्रः कुम्भकर्णो राजसमीपमागत्य जयन्ति पौलस्त्यपादाः ।

କୁମ୍ଭକର୍ଣ୍ଣ - (ଉତ୍ଥାୟ)-
ସୁପ୍ତୋତ୍ଥିତଃ କବଳୟନ୍ ପଳଶୈଳଜାଳଂ ତୀବ୍ରାସବଂ ପରିପିବନ୍ନପି କୁମ୍ଭକର୍ଣ୍ଣଃ ।
ତୃପ୍ତିଂ ଜଗାମ ନ ତଥେତ୍ୟବଦତ୍ସୁରାୟା ଗଙ୍ଗାଂ ପିବାମି ଯମୁନାଂ ସହ ସାଗରେଣ ॥୨୫॥
ଉନ୍ନିଦ୍ରଃ କୁମ୍ଭକର୍ଣ୍ଣୋ ରାଜସମୀପମାଗତ୍ୟ ଜୟନ୍ତି ପୌଲସ୍ତ୍ୟପାଦାଃ -

❋ କୁମ୍ଭକର୍ଣ୍ଣ ଉଠିବାପରେ ପର୍ବତ ପ୍ରମାଣର ମାଂସ ଭକ୍ଷଣ କଲା । ତୃଷା ନିବାରଣ ପାଇଁ ଉତ୍କଟ ମଦ୍ୟ ପାନ କଲେ ମଧ ସନ୍ତୁଷ୍ଟ ନ ହୋଇ ଗଙ୍ଗା ଓ ଯମୁନା ସହିତ ସାଗରକୁ ପାନ କରିବ ବୋଲି କହିଲା । ସେଠାରୁ କୁମ୍ଭକର୍ଣ୍ଣ ରାଜାଙ୍କ ପାଖକୁ ଯାଇ ତାଙ୍କର ସ୍ତୁତିଗାନ କଲା ॥

भिन्नैरावतबन्धुसिन्धुरशिरः संपातिभिर्मौक्तिकैः
शश्वद्विश्वजयप्रशस्तिरचनावर्णावलीशिल्पिने ।
नाकान्तःपुरिकाकपोलविलसत्काश्मीरपत्राङ्कुर -
श्रीविन्यासविलासभूषणभुजस्तम्भाय तुभ्यं नमः ॥२६॥

ଭିନ୍ନୈରାବତବନ୍ଧୁସିନ୍ଧୁରଶିରଃ ସଂପାତିଭିର୍ମୌକ୍ତିକୈଃ
ଶଶ୍ୱଦ୍‌ ବିଶ୍ୱଜୟପ୍ରଶସ୍ତିରଚନାବର୍ଣ୍ଣାବଲୀଶିଳ୍ପିନେ ।
ନାକାନ୍ତଃ ପୁରିକାକପୋଲବିଲସତ୍କାଶ୍ମୀର ପତ୍ରାଙ୍କୁର
ଶ୍ରୀବିନ୍ୟାସ ବିଳାସଭୂଷଣଭୁଜସ୍ତମ୍ଭାୟ ତୁଭ୍ୟଂ ନମଃ ॥୨୬॥

❊ କୁମ୍ଭକର୍ଣ୍ଣ ନିଦ୍ରାତ୍ୟାଗ କରି ଲଙ୍କାପତି ରାବଣ ପାଖରେ ଉପସ୍ଥିତ ହୋଇ କହିଲା- ଐରାବତ ସହଚର ହସ୍ତୀଙ୍କ ବିଦୀର୍ଣ୍ଣ ମସ୍ତକଚ୍ୟୁତ ମୁକ୍ତାଫଳ ଦ୍ୱାରା ଚିରସ୍ଥାୟୀ ବିଜୟ ପ୍ରଶସ୍ତି ରଚାନର ଶିଳ୍ପୀ ଓ ସୁରସୁନ୍ଦରୀ ମାନଙ୍କ କପୋଳରେ ପତ୍ରାବଳୀ ରନାଦକ୍ଷ ସ୍ତମ୍ଭାକୃତି ଭୁଜବିଶିଷ୍ଟ ଆପଣଙ୍କୁ ଅନୁଜ କୁମ୍ଭକର୍ଣ୍ଣ ପ୍ରଣାମ କରୁଅଛି ॥

इत्यवसरे रामः -

उपस्थितं वीक्ष्य तमाह रामो लङ्काशिरोनिर्मितजानुदघ्नम् ।
भो मारुते यन्त्रमुदस्तमेतत्किं नेत्यवादीत्स च कुम्भकर्णः ॥२७॥

ଇତ୍ୟବସରେ ରାମଃ -

ଉପସ୍ଥିତଂ ବୀକ୍ଷ୍ୟ ତମାହ ରାମୋ ଲଙ୍କାଶିରୋନିର୍ମିତଜାନୁଦଘ୍ନମ୍ ।
ଭୋ ମାରୁତେ ଯନ୍ତ୍ରମୁଦସ୍ତମେତତ୍‌ କିଂ ନେତ୍ୟବାଦୀତ୍‌ ସ ଚ କୁମ୍ଭକର୍ଣ୍ଣଃ ॥୨୭॥

❊ ଏହି ସମୟରେ ଶ୍ରୀରାମଚନ୍ଦ୍ର ପଚାରିଲେ ହେ ପବନପୁତ୍ରଃ ! ଲଙ୍କାର ଶିଖର ପର୍ଯ୍ୟନ୍ତ ବ୍ୟାପିଥିବା ଜଙ୍ଘଯୁକ୍ତ ପୁରୁଷ କାଳପୁରୁଷ କି ? ଏହା ଶୁଣି ମାରୁତି କହିଲା, ନା ପ୍ରଭୁ; ଏ ହେଉଛି ରାବଣ ଅନୁଜ କୁମ୍ଭକର୍ଣ୍ଣ ॥

कुम्भकर्णः-

यद्यपि क्षितिपालानामाज्ञा सर्वत्रगा स्वयम् ।
तथापि शास्त्रदीपेन चरत्येव मतिः सताम् ॥२८॥

କୁମ୍ଭକର୍ଣ୍ଣଃ

ଯଦ୍ୟପି କ୍ଷିତିପାଳାନାମାଜ୍ଞା ସର୍ବତ୍ରଗା ସ୍ୱୟମ୍ ।
ତଥାପି ଶାସ୍ତ୍ରଦୀପେନ ଚରତ୍ୟେବ ମତିଃ ସତାମ୍ ॥୨୮॥

❊ କୁମ୍ଭକର୍ଣ୍ଣ କହିଲା ହେ ରାଜନ୍ ! ରାଜାମାନଙ୍କର ଆଦେଶ ସର୍ବତ୍ର ପ୍ରମାଣ ରୂପେ ଗୃହୀତ ହେଲେବି ତାହା ଶାସ୍ତ୍ରସମ୍ମତ ହେବା ବାଞ୍ଛନୀୟ ; କାରଣ ସାଧୁଲୋକମାନେ ଶାସ୍ତ୍ରରୂପକ ପ୍ରଦୀପ ଦ୍ୱାରା ବିଚରଣ କରନ୍ତି ॥

रावण:-

इति भ्रातृवचः श्रुत्वा तथेत्याह दशाननः ।
शास्त्रनिःसंशया वाचः सतां कस्य न वल्लभाः ॥२९॥

ରାବଣଃ -

ଇତି ଭ୍ରାତୃବଚଃ ଶ୍ରୁତ୍ୱା ତଥେତ୍ୟାହ ଦଶାନନଃ ।
ଶାସ୍ତ୍ରନିଃସଂଶୟା ବାଚଃ ସତାଂ କସ୍ୟ ନ ବଲ୍ଲଭାଃ ॥୨୯॥

❋ କୁମ୍ଭକର୍ଣ୍ଣର କଥା ଶୁଣି ଦଶାନନ କହିଲା- ହଁ ତୁ ଯେଉଁ କଥା କହିଲୁ ତାହା ଠିକ୍। ଶାସ୍ତ୍ରର ନିଃସଂଶୟ ବାକ୍ୟ ତଥା ସାଧୁମାନଙ୍କର ଅନୁଭବପୂର୍ଣ୍ଣ ବଚନକୁ କିଏ ଆଦର ନକରେ!

रावण: - (सावज्ञम्)

उत्क्षिप्तस्फटिकाचलेन्द्रशिखरश्रेणीविघृष्टाङ्गदै -
रेभिः पीनतरैः सुरासुरभयप्राप्तप्रतिष्ठैर्भुजैः ।
संग्रामे मम कुम्भकर्ण विजयः किं त्वद्भुजाडम्बरैः
प्रत्याशाशिथिलोऽस्म्यहं व्रज पुनः स्वापाय निद्रालयम् ॥३०॥

ରାବଣଃ - (ସାବଜ୍ଞାମ୍)

ଉତ୍କ୍ଷିପ୍ତସ୍ଫଟିକାଚଳେନ୍ଦ୍ରଶିଖରଶ୍ରେଣୀବିଘୃଷ୍ଟାଙ୍ଗଦୈ -
ରେଭିଃ ପୀନତରୈଃ ସୁରାସୁରଭୟପ୍ରାପ୍ତପ୍ରତିଷ୍ଠୈର୍ଭୁଜୈଃ ।
ସଂଗ୍ରାମେ ମମ କୁମ୍ଭକର୍ଣ୍ଣବିଜୟଃ କିଂ ତ୍ୱଦ୍‌ଭୁଜାଡମ୍ବରୈଃ
ପ୍ରତ୍ୟାଶାଶିଥିଳୋଽସ୍ମ୍ୟହଂ ବ୍ରଜ ପୁନଃ ସ୍ୱାପାୟ ନିଦ୍ରାଳୟମ୍ ॥୩୦॥

❋ ରାବଣ ଅବଜ୍ଞାର ସହିତ କହିଲା- ଶିବଙ୍କର ଅଧିଷ୍ଠାନ ରୂପେ ଖ୍ୟାତ କୈଳାସ ପର୍ବତକୁ ଯେ ନିଜର ବାହୁବଳରେ ଉଠାଇଥିଲା ଏବଂ ସୁର ଓ ଅସୁରମାନଙ୍କୁ ଭୟଭୀତ କରିବାରେ ଯାହାକୁ ସମସ୍ତେ ପ୍ରଶଂସା କରନ୍ତି ମୁଁ ହେଉଛି ସେହି ରାବଣ । ମୁଁ ନିଜ ଭୁଜବଳରେ ବିଜୟୀ ହୋଇପାରେ। ମୋ ଆଗରେ ତୋର ବାହୁବଳ କିଛି ନୁହେଁ । ବର୍ତ୍ତମାନ ତୋ ଠାରେ ଥିବା ମୋର ଆଶା ଶିଥିଳ ହୋଇଗଲା, ତେଣୁ ତୁ ନିଜ ଶୟନକକ୍ଷକୁ ଫେରିଯାଇ ଶୋଇପଡ଼ ॥

कुम्भकर्ण:-

सीताप्रियं च दलितेश्वरकार्मुकं च बालिद्रुहं च रचिताम्बुधिबन्धनं च ।
रक्षोहणं च वरदं च विभीषणं च रामं निहत्य चरणौ तव वन्दिताहे ॥३१॥

କୁମ୍ଭକର୍ଣ୍ଣଃ-

ସୀତାପ୍ରିୟଂ ଚ ଦଳିତେଶ୍ୱରକାର୍ମୁକଂ ଚ ବାଳିଦ୍ରୁହଂ ଚ ରଚିତାମ୍ବୁଧିବନ୍ଧନଂ ଚ ।
ରକ୍ଷୋହଣଂ ଚ ବରଦଂ ଚ ବିଭୀଷଣଂଚରାମଂ ନିହତ୍ୟ ଚରଣୌ ତବ ବନ୍ଦିତାହେ ॥୩୧॥

❋ କୁମ୍ଭକର୍ଣ୍ଣ ପ୍ରତିଜ୍ଞା କରି କହିଲା- ସୀତାପ୍ରିୟ, ହରଧନୁଭଗ୍ନକାରୀ, ବାଳୀନିସୂଦନ, ସେତୁ ବନ୍ଧନକାରୀ, ଅସୁରକୁଳସଂହାରକ ଓ ବିଭୀଷଣର ବରଦାତା ରାମକୁ ହତ୍ୟାକରି ମୁଁ ତୁମର ଚରଣ ବନ୍ଦନା କରିବି ॥

देवं त्वं राक्षसेन्द्रः परिहर तृणवद्विद्विषः शोकशल्यं
हत्वा विद्वेषिवृन्दं कलुषमहमपि क्षालयाम्यद्य रक्तैः ।
को रामो लक्षणो वा क इह कपिपतिः केऽङ्गदः को हनुमान्
कः कालः को विधाता मयि चलति रणे रोषणे कुम्भकर्णे ॥३२॥

ଦେବ ତ୍ୱଂ ରାକ୍ଷସେନ୍ଦ୍ରଃ ପରିହର ତୃଣବଦ୍ୱିଦ୍ୱିଷଃ ଶୋକଶଲ୍ୟଂ
ହତ୍ୱା ବିଦ୍ୱେଷିବୃନ୍ଦଂ କଳୁଷମହମପି କ୍ଷାଳୟାମ୍ୟଦ୍ୟ ରକ୍ତୈଃ ।
କୋ ରାମୋ ଲକ୍ଷ୍ମଣୋ ବା କଇହ କପିପତିଃ କୋଽଙ୍ଗଦଃ କୋ ହନୂମାନ୍
କଃ କାଳଃ କୋ ବିଧାତା ମୟି ଚଳତି ରଣେ ରୋଷଣେ କୁମ୍ଭକର୍ଣ୍ଣେ ॥୩୨॥

❋ ହେ ରାଜନ୍ ! ତୁମେ ରାକ୍ଷସମାନଙ୍କର ରାଜା; ତେଣୁ ତୃଣବତ୍ ଶତ୍ରୁଜନିତ ଶୋକ ତ୍ୟାଗ କର । ତୁମର ଭାଇ କୁମ୍ଭକର୍ଣ୍ଣ ଏକା ଯୁଦ୍ଧଭୂମିକୁ ଯାଇ ବିଦ୍ରୋହୀମାନଙ୍କୁ ହତ୍ୟା କରି ସେମାନଙ୍କ ରକ୍ତରେ ତୁମର ସମସ୍ତ କଳଙ୍କ ଧୋଇଦେବ । କୁମ୍ଭକର୍ଣ୍ଣ ଯେତେବେଳେ ସମରଭୂମିରେ ଉପସ୍ଥିତ ହେବ ସେତେବେଳେ ରାମ, ଲକ୍ଷ୍ମଣ, ସୁଗ୍ରୀବ, ଅଙ୍ଗଦ ପ୍ରଭୃତିଙ୍କ କଥା କିଏ ପଚାରେ; ସ୍ୱୟଂ ଯମ ଓ ବିଧାତା ମଧ ତିଷ୍ଠିପାରିବେ ନାହିଁ ॥

वानरमुपागत्य साक्षेपं कुम्भकर्णः-
अयि कपि कुलमल्लाः किं मुधा जातभीता
नहि जगति भवद्भिर्युध्यते कुम्भकर्णः ।
नहि जलधरपोतो लेढि कुल्यामकुल्या-
मपि मशककदम्बं केशरी किं पिनष्टि ॥३३॥

ବାନରଚମୂମୁପାଗତ୍ୟ ସାକ୍ଷେପଂ କୁମ୍ଭକର୍ଣ୍ଣଃ -
ଅୟି କପିକୁଳମଲ୍ଲାଃ କିଂ ମୁଧା ଜାତଭୀତା
ନହି ଜଗତି ଭବଦ୍‌ଭିର୍ଯୁଧତେ କୁମ୍ଭକର୍ଣ୍ଣଃ ।
ନହି ଜଳଧରପୋତୋ ଲେଢି କୁଲ୍ୟାମକୁଲ୍ୟା -
ମପି ମଶକକଦମ୍ବଂ କେଶରୀ କିଂ ପିନଷ୍ଟି ॥୩୩॥

❋ କୁମ୍ଭକର୍ଣ୍ଣ ଗର୍ବର ସହିତ କହିଲା- ରେ ବାନରବୀରଗଣ, ବୃଥା ଭୟ କରନାହିଁ । ସାମାନ୍ୟ ଜଳରେ ଯେପରି ନଦନଦୀ ପୂର୍ଣ୍ଣହୁଏ ନାହିଁ କି ସିଂହ କେବେ ମଶାପଲକୁ ସଂହାର କରେ ନାହିଁ, ସେହିପରି ବୀର କୁମ୍ଭକର୍ଣ୍ଣ ତୁମ୍ଭମାନଙ୍କ ସହିତ ଯୁଦ୍ଧ କରିବ ନାହିଁ ॥

रामं प्रति -

नाहं बाली सुबाहुर्न खरत्रिशिरसौ दूषणस्ताड़काहं
नाहं सेतुः समुद्रे न च धनुरपि यत्त्र्यम्बकस्य त्वयात्तम् ।
रे रे रामप्रतापानलकवलमहाकालमूर्त्तिः किलाहं
वीराणां मौलिशल्यः समरभुविचरः संस्थितः कुम्भकर्णः ॥३४॥

ରାମଂ ପ୍ରତି -

ନାହଂ ବାଲୀ ସୁବାହୁର୍ନ ଖରତ୍ରିଶିରସୌ ଦୂଷଣସ୍ତାଡ଼କାହଂ
ନାହଂ ସେତୁଃ ସମୁଦ୍ରେ ନ ଚ ଧନୁରପି ଯତ୍ତ୍ର୍ୟମ୍ବକସ୍ୟ ତ୍ୱୟାତ୍ତମ୍ ।
ରେ ରେ ରାମ ପ୍ରତାପାନଳକବଳମହାକାଳମୂର୍ତ୍ତିଃ କିଳାହଂ
ବୀରାଣାଂ ମୌଳିଶଲ୍ୟଃ ସମରଭୁବିଚରଃ ସଂସ୍ଥିତଃ କୁମ୍ଭକର୍ଣ୍ଣଃ ॥୩୪॥

❊ ଶ୍ରୀରାମଙ୍କୁ ଲକ୍ଷ୍ୟ କରି କୁମ୍ଭକର୍ଣ୍ଣ କହିଲା- ମୁଁ ବାଳି ନୁହେଁ କି ଦୂଷଣ ଅସୁର ନୁହେଁ କି ତାଡ଼କା ରାକ୍ଷସୀ ନୁହେଁ । ମୁଁ ସମୁଦ୍ରର ସେତୁ ନୁହେଁ କି ଶିବଧନୁ ନୁହେଁ । ରେ ରାମ! ମୁଁ ହେଉଛି ମହାପ୍ରତାପଶାଳୀ ମହାକାଳମୂର୍ତ୍ତି । ସମର ଭୂମିରେ ବିଚରଣଶୀଳ, ବୀରାଧିବୀରବର କୁମ୍ଭକର୍ଣ୍ଣ ନାମରେ ମୁଁ ସୁପରିଚିତ ॥

विघटितबहुसेनाचारिवीरः कपीन्द्रं परिघगुरुभुजाभ्यां गाढमापीड्य धृत्वा ।
निरगमदतितूर्णं चूर्णयन् पूर्वदिक्कं कपिकुलमथ लङ्कासंमुखं कुम्भकर्णः ॥३५॥
ବିଘଟିତବହୁସେନାଚାରିବୀରଃ କପୀନ୍ଦ୍ରଂ ପରିଘଗୁରୁଭୁଜାଭ୍ୟାଂ ଗାଢମାପୀଡ୍ୟ ଧୃତ୍ୱା ।
ନିରଗମଦତିତୂର୍ଣ୍ଣଂ ଚୂର୍ଣ୍ଣୟନ୍ ପୂର୍ବଦିକ୍କଂ କପିକୁଳମଥ ଲଙ୍କାସମ୍ମୁଖଂ କୁମ୍ଭକର୍ଣ୍ଣଃ ॥୩୫॥

❊ ଏହା କହି କୁମ୍ଭକର୍ଣ୍ଣ ଯୁଦ୍ଧକ୍ଷେତ୍ରରେ ଉପସ୍ଥିତ ହୋଇ ବହୁ କପିସେନାଙ୍କୁ ସଂହାର କରିବା ସଙ୍ଗେ ସଙ୍ଗେ କପିପତି ବୀର ସୁଗ୍ରୀବଙ୍କୁ ଜାବୋଡ଼ି ଧରି ଲଙ୍କା ଅଭିମୁଖେ ପ୍ରସ୍ଥାନ କଲା ॥

(स्वगतम्)

यदर्पितं चाद्य रणेन बालिना विधाय दोर्मूलवशं दशाननम् ।
तदुद्धृतं शल्यमनेन मानिना निवेश्य कक्षाकुहरे कपीश्वरम् ॥३६॥

ସ୍ୱଗତମ୍-

ଯଦର୍ପିତଂ ଚାଦ୍ୟ ରଣେନ ବାଳିନା ବିଧାୟ ଦୋର୍ମୂଳବଶଂ ଦଶାନନମ୍ ।
ତଦୁଦ୍ଧୃତଂ ଶଲ୍ୟମନେନ ମାନିନା ନିବେଶ୍ୟ କକ୍ଷାକୁହରେ କପୀଶ୍ୱରମ୍ ॥୩୬॥

❊ କୁମ୍ଭକର୍ଣ୍ଣ ମନେ ମନେ ଭାବିଲା, ବାଳିରାଜା ରାବଣଙ୍କୁ କାଖରେ ଜାକି ବହୁ ଅପମାନ ଦେଇଥିଲା । ଏହା ରାବଣର ଛାତିରେ ଏକ କଣ୍ଟକପ୍ରାୟ ଥିଲା । ଆଜି ସେହି ବାଳିର ଭାଇକୁ କାଖରେ ଜାକି ମୁଁ ରାଜାଙ୍କ ବକ୍ଷକୁ ବିଦ୍ଧ କରିଥିବା କଣ୍ଟକକୁ ଉପାଡ଼ି ବାହାର କରିଦେଇଛି ॥

(गगनमुत्पत्य)

सुग्रीवं बाहुमूले प्लवगबलपतिं कण्ठदेशे भुजेन
क्षिप्त्वा निष्पीड्य गाढं रजनीचरपुरीं संदधानो जगाम ।
सानन्दं कुम्भकर्णस्तदनुकपिभटस्तस्य तूर्णं सकर्णं
घ्राणं जग्ध्वा जगाम स्वशिबिरमुदरं कूर्परेणाभिहत्य ॥३७॥

ଗଗନମୁତ୍ପତ୍ୟ -

ସୁଗ୍ରୀବଂ ବାହୁମୂଳେ ପ୍ଲବଗବଳପତିଂ କଣ୍ଠଦେଶେ ଭୂଜେନ
କ୍ଷିପ୍ତ୍ୱା ନିଷ୍ପୀଡ୍ୟ ଗାଢ଼ଂ ରଜନୀଚରପୁରୀଂ ସଂଦଧାନୋ ଜଗାମ ।
ସାନନ୍ଦଂ କୁମ୍ଭକର୍ଣ୍ଣସ୍ତଦନୁକପିଭଟସ୍ତସ୍ୟ ତୂର୍ଣ୍ଣ ସକର୍ଣ୍ଣ
ଘ୍ରାଣଂ ଜଗ୍ଧ୍ୱା ଜଗାମ ସ୍ୱଶିବିରମୁଦରଂ କୂର୍ପରେଣାଭିହତ୍ୟ ॥୩୭॥

❋ କୁମ୍ଭକର୍ଣ୍ଣ ଏହି କଥା ମନରେ ଭାବି କାଖରେ ଜାକିଥିବା କପିପତି ସୁଗ୍ରୀବଙ୍କ କଣ୍ଠକୁ ଚିପିଧରିବା ସଙ୍ଗେ ସଙ୍ଗେ କାନ୍ଧରେ ପକାଇ ଆନନ୍ଦରେ ଲଙ୍କାକୁ ଚାଲିଗଲା । ଏହି ଅବସରରେ ବାଟରେ ସଚେତନ ହୋଇ ସୁଗ୍ରୀବ କୁମ୍ଭକର୍ଣ୍ଣକୁ ବାରମ୍ବାର ଅଘାତ କଲେ ଓ ତା'ର ନାକ କାନକୁ ଦାନ୍ତରେ ଛିଡ଼େଇ ଶୀଘ୍ର ଯାଇ ନିଜ ଶିବିରରେ ପହଞ୍ଚିଲେ ॥

पुनरागतः कुम्भकर्णः-

निःश्वस्योत्सृज्य वाष्पं नयनकमलयोरात्मनो वारि दत्वा
कृत्वा लङ्कोपगूढं सकरुणमपुनर्भावि नीत्वा त्रिशूलम् ।
क्रोधान्धः कालमूर्त्तिः प्रलयहुतवहाङ्गारनेत्रो विकर्ण-
श्छिन्नघ्राणोऽवतीर्णः पुनरपि समरप्राङ्गणे कुम्भकर्णः ॥३८॥

ପୁନରାଗତଃ କୁମ୍ଭକର୍ଣ୍ଣଃ -

ନିଃଶ୍ୱସ୍ୟୋତ୍ସୃଜ୍ୟ ବାଷ୍ପ ନୟନକମଳୟୋରାତ୍ମନୋ ବାରି ଦତ୍ୱା
କୃତ୍ୱା ଲଙ୍କୋପଗୂଢଂ ସକରୁଣମପୁନର୍ଭାବି ନୀତ୍ୱା ତ୍ରିଶୂଳମ୍ ।
କ୍ରୋଧାନ୍ଧଃ କାଳମୂର୍ତ୍ତିଃ ପ୍ରଳୟହୁତବହାଙ୍ଗାରନେତ୍ରୋ ବିକର୍ଣ୍ଣ-
ଶ୍ଛିନ୍ନଘ୍ରାଣୋଽବତୀର୍ଣ୍ଣଃପୁନରପି ସମରପ୍ରାଙ୍ଗଣେ କୁମ୍ଭକର୍ଣ୍ଣଃ ॥୩୮॥

❋ କୁମ୍ଭକର୍ଣ୍ଣ ପୁଣି ଉପସ୍ଥିତ ହୋଇ ଦୀର୍ଘନିଃଶ୍ୱାସ ତ୍ୟାଗ କରି ନିଜର ନେତ୍ର କମଳ ଦ୍ୱାରା ଜଳାଞ୍ଜଳି ଦେଇ ସକରୁଣ ଦୃଷ୍ଟିରେ ଲଙ୍କାକୁ ଶେଷଥର ପାଇଁ ଦୃଷ୍ଟିପାତ କଲା । ଏହା ପରେ ସେ ତ୍ରିଶୂଳ ଧରି କ୍ରୋଧରେ ଉନ୍ମତ୍ତ ହେବା ସଙ୍ଗେ ସଙ୍ଗେ କାଳର କରାଳମୂର୍ତ୍ତି ଧାରଣ କଲା । ଆଖିଦୁଇଟିକୁ ପ୍ରଳୟକାଳୀନ ଅଗ୍ନିପରି କରି ନାସାକର୍ଣ୍ଣ ହୀନ କୁମ୍ଭକର୍ଣ୍ଣ ଯୁଦ୍ଧଭୂମିରେ ପ୍ରବେଶ କଲା ॥

तं दृष्ट्वैव प्रविष्टा गिरिवरकुहरं त्रस्तचित्ताः कपीन्द्राः
के चित्यादान्तवातप्रचलितपवनान्दोलिताः खे चरन्ति ।

केचिद्दोर्दण्डचण्डभ्रमणनिपतिताः शेणितान्युद्गिरन्ति
प्राणान् केचित्प्रवीराः कथमपि दधति स्फीतफुत्कारभिन्नाः ॥३९॥

ତଂ ଦୃଷ୍ଟ୍ୱୈବ ପ୍ରବିଷ୍ଟଂ ଗିରିବରକୁହରଂ ତ୍ରସ୍ତଚିତ୍ତାଃ କପୀନ୍ଦ୍ରାଃ
କେଚିତ୍ପାଦାନ୍ତବାତପ୍ରଚିଳିତପବନାନ୍ଦୋଳିତାଃ ଖେ ଚରନ୍ତି ।
କେଚିତ୍ ଦୋର୍ଦଣ୍ଡଚଣ୍ଡଭ୍ରମଣନିପତିତାଃ ଶୋଣିତାନ୍ୟୁଦ୍ଗିରନ୍ତି
ପ୍ରାଣାନ୍ କେଚିତ୍ ପ୍ରବୀରାଃ କଥମପି ଦଧତି ସ୍ଫୀତଫୁତ୍କାରଭିନ୍ନାଃ ॥୩୯॥

❊ ଗିରିବର ଗହ୍ୱର ସଦୃଶ ବିକଟ ରୂପଧାରୀ କୁମ୍ଭକର୍ଣ୍ଣକୁ ଆସିବାର ଦେଖି ବାନରଗଣ ଭୟଭୀତ ହୋଇପଡ଼ିଲେ । ସେମାନଙ୍କ ମଧ୍ୟରୁ କେତେକ ତା'ର ପାଦାଙ୍ଗୁଳିର ପବନରେ ଆକାଶକୁ ଉଡ଼ିଗଲେ ଓ ଆଉ କେତେକ ବାହୁଆଘାତରେ ପୃଥିବୀରେ ପଡ଼ି ରକ୍ତବାନ୍ତି କରିପକାଇଲେ । ଅନ୍ୟ କେତେକ ବୀର ବାନର ଲମ୍ବାଲମ୍ବା ଫୁତ୍କାର ଛାଡ଼ି କୌଣସିମତେ ଜୀବନ ରକ୍ଷାକଲେ ॥

उत्क्षिप्य शूलमजयं त्रिपुरान्तकस्य संहारकेतुमिव कोटितडित्प्रभं च ।
घोरं ज्वलन्तमुरसि क्षिपति स्म रक्षस्तारापतेस्तदिषुणा रघुणा निरस्तम् ॥४०॥

ଉତ୍କ୍ଷିପ୍ୟ ଶୂଳମଜୟଂ ତ୍ରିପୁରାନ୍ତକସ୍ୟ ସଂହାରକେତୁମିବ କୋଟିତଡ଼ିତ୍ପ୍ରଭଂ ଚ ।
ଘୋରଂ ଜ୍ୱଳନ୍ତମୁରସି କ୍ଷିପତିସ୍ମ ରକ୍ଷସ୍ତାରାପତେସ୍ତଦିଷୁଣା ରଘୁଣା ନିରସ୍ତମ୍ ॥୪୦॥

❊ କୁମ୍ଭକର୍ଣ୍ଣ ଏହି ସମୟରେ ତ୍ରିପୁରାନ୍ତକ ସୁଗ୍ରୀବଙ୍କ ବକ୍ଷସ୍ଥଳରେ ପ୍ରହାର କଲା; କିନ୍ତୁ ଶ୍ରୀରାମଚନ୍ଦ୍ର ନିଜ ବାଣରେ ସେହି ତ୍ରିଶୂଳକୁ ଛିନ୍ନ କରିଦେଲେ ॥

क्रोधाग्नेर्जाठराग्नेः कपिशिविरगतो मुद्गरं चादधानो
वक्त्रे निक्षिप्य कोटिं कवलयति भटानुत्कटान् कुम्भकर्णः ।
कांश्चित्पद्भ्यां पिनष्टि श्वसनसहचरा वानराः कर्णरन्ध्रा -
न्निर्गच्छन्त्येक एतान् पुनरपि दशनैश्चर्वितानत्ति घोरम् ॥४१॥

କ୍ରୋଧାଗ୍ନେର୍ଜାଠରାଗ୍ନେଃ କପିଶିବିରଗତୋ ମୁଦ୍ଗରଂ ଚାଦଧାନୋ
ବକ୍ତ୍ରେ ନିକ୍ଷିପ୍ୟ କୋଟିଂ କବଳୟତି ଭଟାନୁତ୍କଟାନ୍କୁମ୍ଭକର୍ଣ୍ଣଃ ।
କାଂଶ୍ଚିତ୍ପଦ୍ଭ୍ୟାଂ ପିନଷ୍ଟି ଶ୍ୱସନସହଚରା ବାନରାଃ କର୍ଣ୍ଣରନ୍ଧ୍ରା-
ନ୍ନିର୍ଗଚ୍ଛନ୍ତ୍ୟେକ ଏତାନ୍ ପୁନରପି ଦଶନୈଶ୍ଚର୍ବିତାନତ୍ତି ଘୋରମ୍ ॥୪୧॥

❊ କୁମ୍ଭକର୍ଣ୍ଣ କ୍ରୋଧ ଓ କ୍ଷୁଧାରେ ଆକୁଳ ହୋଇ ଗଦା ଧରି କପିମାନଙ୍କ ଶିବିରରେ ପହଞ୍ଚିଲା । ସେଠାରେ ସେ କୋଟି କୋଟି ବାନରଙ୍କୁ ଧରି ଖାଇବାକୁ ଲାଗିଲା । କେତେକ ବାନରଙ୍କୁ ସେ ପାଦରେ ଦଳି ଦେବା ସଙ୍ଗେ ସଙ୍ଗେ କେତେକ ବାନର ତା'ର କାନ ବାଟେବାହାରକୁ ପଳାଇଗଲେ ଏବଂ ଅନ୍ୟ କେତେକଙ୍କୁ ସେ ଦାନ୍ତରେ ଚୋବାଇ ଖାଇଦେଲା ॥

सव्येन सान्द्रशिविरं च करेण धुन्वन्
व्यात्ताननश्च कटकं तत उत्तरेण ।
सुग्रीवमेव कपिवीरवरेषु सत्सु
जग्राह कोपकलितो युधि कुम्भकर्णः ।।४२।।

ସବ୍ୟେନ ସାନ୍ଦ୍ରଶିବିରଂ ଚ କରେଣ ଧୂନ୍ୱନ୍
ବ୍ୟାତ୍ତାନନଶ୍ଚ କଟକଂ ତତ ଉତ୍ତରେଣ ।
ସୁଗ୍ରୀବମେବ କପୀବୀରବରେଷୁ ସତ୍ସୁ
ଜଗ୍ରାହ କୋପକଳିତୋ ଯୁଧି କୁମ୍ଭକର୍ଣ୍ଣଃ ॥୪୨॥

❊ ଏହାପରେ କୁମ୍ଭକର୍ଣ୍ଣ ବାମହସ୍ତରେ କପି ଶିବିରକୁ ନଷ୍ଟଭ୍ରଷ୍ଟ କରିବା ସଙ୍ଗେ ସଙ୍ଗେ ଡାହାଣ ହାତରେ ଯୁଦ୍ଧଭୂମିରେ ଥିବା ବୀରବାନରଙ୍କୁ ଛାଡ଼ି ସୁଗ୍ରୀବଙ୍କୁ ଧରିପକାଇଲା ॥

तातं विलोक्य विषमस्थमथाङ्गदस्तं
गारुत्मतेन भुवि पातयति स्म शत्रुम् ।
मुक्तोऽपि निःश्वसति यावदसौ कपीन्द्र-
स्तावद्ववबन्ध नरसिंहपदाङ्गदं सः ।।४३।।

ତାତଂ ବିଲୋକ୍ୟ ବିଷମସ୍ଥମଥାଙ୍ଗଦସ୍ତଂ
ଗାରୁତ୍ମତେନ ଭୁବି ପାତୟତି ସ୍ମ ଶତ୍ରୁମ୍ ।
ମୁକ୍ତୋଽପି ନିଃଶ୍ୱସତି ଯାବଦସୌ କପୀନ୍ଦ୍ର-
ସ୍ତାବଦ୍ବବନ୍ଧ ନରସିଂହବଦାଙ୍ଗଦଂ ସଃ ॥୪୩॥

❊ ବୀର ଅଙ୍ଗଦ ପିତୃବ୍ୟ ସୁଗ୍ରୀବଙ୍କୁ ବିଷମ ପରିସ୍ଥିତିରେ ପଡିଥିବାର ଦେଖି ଗରୁଡ଼ପାଶ ଦ୍ୱାରା ଶତ୍ରୁକୁ ଭୂତଳଶାୟୀ କରିଦେଲେ । ସୁଗ୍ରୀବ ମୁକ୍ତ ହୋଇ ସଚେତ ହେବା ପୂର୍ବରୁ କୁମ୍ଭକର୍ଣ୍ଣ ନୃସିଂହ ପାଶରେ ଅଙ୍ଗଦକୁ ବାନ୍ଧି ପକାଇଲା ॥

दृष्टवा नीलस्तदुभयमपि ग्रस्तमाक्रम्य रक्षः
स्कन्धे मौलौ श्रवणकुहरे घ्राणवक्त्रोदरेषु ।
तीव्रज्वालो दहति कुपितः स्वेन रूपेण वीरः
क्रव्यादोऽभूत्तदनु विकलः प्रोत्थितौ वानरेन्द्रौ ।।४४।।

ଦୃଷ୍ଟ୍ୱା ନୀଳସ୍ତଦୁଭୟମପି ଗ୍ରସ୍ତମାକ୍ରମ୍ୟ ରକ୍ଷଃ
ସ୍କନ୍ଧେ ମୌଳୌ ଶ୍ରବଣକୁହରେ ଘ୍ରାଣବକ୍ତ୍ରୋଦରେଷୁ ।
ତୀବ୍ରଜ୍ୱାଲୋ ଦହତି କୁପିତଃ ସ୍ୱେନ ରୂପେଣ ବୀରଃ
କ୍ରବ୍ୟାଦୋଽଭୂତ୍ତଦନୁ ବିକଳଃ ପ୍ରୋତ୍ଥିତୌ ବାନରେନ୍ଦ୍ରୌ ॥୪୪॥

❊ ସୁଗ୍ରୀବ ଓ ଅଙ୍ଗଦ ଦୁହିଁଙ୍କୁ ରାକ୍ଷସ କବଳରେ ପଡ଼ିଥିବାର ଦେଖି ନୀଳବାନର କ୍ରୋଧାନ୍ୱିତ ହୋଇ ଅଗ୍ନିରୂପ ଧାରଣ କଲା ଓ କୁମ୍ଭକର୍ଣ୍ଣଙ୍କୁ ଆକ୍ରମଣ କରି ତା'ର କାନ୍ଧ, ମସ୍ତକ, କାନ, ନାକ, ମୁଖ ଓ ପେଟକୁ ନିଜ ତେଜରେ ପ୍ରଜ୍ୱଳିତ କଲା । କୁମ୍ଭକର୍ଣ୍ଣ ଏଥିରେ ଅତ୍ୟନ୍ତ ବ୍ୟାକୁଳ ହେବାରୁ ସୁଗ୍ରୀବ ଓ ଅଙ୍ଗଦ ଉଠିପଡ଼ିଲେ ॥

लङ्काशिखरे रावणस्य चेष्टा-

लङ्केश्वरस्तमवलोक्य रणे ज्वलन्तं कादम्बिनीसहचरामृतवारिधाराम् ।
तूर्णं मुमोच तदुपर्युपलब्धसंज्ञो भोक्तुं कृतान्त इव नीलनलौ स दध्यौ ॥४५॥

ଲଂକାଶିଖରେ ରବଣସ୍ୟ ଚେଷ୍ଟା-

ଲଙ୍କେଶ୍ୱରସ୍ତମବଲୋକ୍ୟ ରଣେ ଜ୍ୱଳନ୍ତଂ କାଦମ୍ବିନୀସହଚରାମୃତବାରିଧାରାମ୍ ।
ତୂର୍ଣ୍ଣଂ ମୁମୋଚ ତଦୁପର୍ଯ୍ୟୁପଲବ୍ଧସଂଜ୍ଞୋ ଭୋକ୍ତୁଂ କୃତାନ୍ତ ଇବ ନୀଳନଳୌ ସ ଦଧ୍ୟୌ ॥୪୫॥

❊ ରାବଣ ଲଙ୍କାର ଶିଖର ଉପରେ ବସି ରଣଭୂମିରେ କୁମ୍ଭକର୍ଣ୍ଣକୁ ଜଳୁଥିବାର ଦେଖି ଜଳଧାରା ସହିତ ମେଘକୁ ଶୀଘ୍ର ପଠାଇଲା । ଏହା ଦ୍ୱାରା ସଚେତ ହୋଇ କୁମ୍ଭକର୍ଣ୍ଣ ଯମ ଭଳି ନଳ ଓ ନୀଳକୁ ଖାଇବା ପାଇଁ ବିଚାର କଲା ॥

जाम्ववान् -

दम्भोलिः कुम्भकर्णं गिरिमिव तरसा पातयज्जानुबन्धं
कण्ठं गाढं विधृत्य स्वभुजगुरुमदो जाम्ववान्जातरोषः ।
निर्मुक्तौ तावभूतामभवदथ मरुत्पुष्पवृष्टिस्तदङ्गे
गुल्फाघातेन रोपाद्रजनिचरभटस्तं निरस्योपतस्थे ॥४६॥

ଜାମ୍ବବାନ୍-

ଦମ୍ଭୋଳିଂ କୁମ୍ଭକର୍ଣ୍ଣଂ ଗିରିମିବ ତରସା ପାତୟଜ୍ଜାନୁବନ୍ଧଂ
କଣ୍ଠଂ ଗାଢଂ ବିଧୃତ୍ୟ ସ୍ୱଭୁଜଗୁରୁମଦୋ ଜାମ୍ବବାନ୍‌ଜାତରୋଷଃ ।
ନିର୍ମୁକ୍ତୋ ତାବଭୂତାମଭବଦଥ ମରୁତ୍‌ପୁଷ୍ପବୃଷ୍ଟିସ୍ତଦଙ୍ଗେ
ଗୁଲ୍ଫାଘାତେନ ରୋଷାଦ୍ରଜନିଚରଭଟସ୍ତଂ ନିରସ୍ୟୋପତସ୍ଥେ ॥୪୬॥

❊ ଜାମ୍ବବାନ ଅତ୍ୟନ୍ତ ରୋଷରେ ଉଗ୍ରରୂପ ଧାରଣ କରି ନିଜର ଜଂଘର ପ୍ରହାର ଦ୍ୱାରା ବଜ୍ରାଘାତରେ ପର୍ବତ ଭୂପତିତ ହେଲାପରି କୁମ୍ଭକର୍ଣ୍ଣକୁ ତଳେ ପକାଇଦେଲା । ନିଜର ଭୁଜବିକ୍ରମରେ ଅଭିମାନୀ ଜାମ୍ବବାନ୍ ରାକ୍ଷସର ବେକକୁ ଚିପିଧରି ନଳ ଓ ନୀଳଙ୍କୁ ମୁକ୍ତ କଲା । ଏହା ଦେଖି ଦେବଗଣ ଜାମ୍ବବାନ ଉପରେ ପୁଷ୍ପବୃଷ୍ଟି କଲେ । ଏହି ସମୟରେ କୁମ୍ଭକର୍ଣ୍ଣ ଜାମ୍ବବାନକୁ ପଦାଘାତ କରି ଠିଆ ହୋଇଗଲା ॥

आलोकितो रघुवंश सलक्ष्मणेन कालान्तकादिव रिपोः परिशङ्कितेन ।
स्थानं जगाम हनुमान् समरेऽवतीर्य्य माहेशमुग्रनरसिंह इवारुणाक्षः ॥४७॥

ଆଲୋକିତୋ ରଘୁବରେଣ ସଲକ୍ଷ୍ମଣେନ କାଳାନ୍ତକାଦିବ ରିପୋଃ ପରିଶଙ୍କିତେନ ।
ସ୍ଥାନଂ ଜଗାମ ହନୂମାନ୍ ସମରେଽବତୀର୍ଯ୍ୟ ମାହେଶମୁଗ୍ରନରସିଂହ ଇବାରୁଣାକ୍ଷଃ ॥୪୭॥

❊ ଶ୍ରୀରାମଚନ୍ଦ୍ର ଲକ୍ଷ୍ମଣଙ୍କ ସହିତ କାଳାନ୍ତକ ସଦୃଶ ଶତ୍ରୁକୁ ଦେଖି ଶଙ୍କିତ ହୃଦୟରେ ହନୂମାନଙ୍କୁ ଚାହିଁଲେ । ରୁଦ୍ରାବତାର ମହାବୀର ହନୂମାନ ଉଗ୍ର ନରସିଂହଙ୍କ ପରି ଚକ୍ଷୁକୁ ରକ୍ତବର୍ଣ୍ଣ କରି ଶତ୍ରୁ ସମ୍ମୁଖରେ ଉପସ୍ଥିତ ହେଲେ ॥

मैनाको मेरुशृङ्गे स्थित इव हनुमत्पाणिपद्मे महीध्रः
कम्पन्ते राक्षसेन्द्राः गिरिमिव च दधौ मुद्गरं कुम्भकर्णः ।
अद्रिं क्रव्यादवीरः प्रहितमनिलजेनाच्छिनन्मुद्गरेण
लाङ्गुलेनाञ्जनेयोऽद्भुतजनितरुषा मुद्गरं द्राक् चकर्ष ॥४८॥

ମୈନାକୋ ମେରୁଶୃଙ୍ଗେ ସ୍ଥିତ ଇବ ହନୂମତ୍ପାଣିପଦ୍ମେ ମହୀଧ୍ରଃ
କମ୍ପନ୍ତେ ରାକ୍ଷସେନ୍ଦ୍ରାଃ ଗିରିମିବ ଚ ଦଧୌ ମୁଦ୍ଗରଂ କୁମ୍ଭକର୍ଣ୍ଣଃ ।
ଅଦ୍ରିଂ କ୍ରବ୍ୟାଦବୀରଃ ପ୍ରହିତମନିଲଜେନାଚ୍ଛିନନ୍ମୁଦ୍ଗରେଣ
ଲାଙ୍ଗୁଲେନାଞ୍ଜନେୟୋଽଦ୍ଭୁତଜନିତରୁଷା ମୁଦ୍ଗରଂ ଦ୍ରାକ୍ ଚକର୍ଷ ॥୪୮॥

❊ ହନୂମାନଙ୍କ କରକମଳରେ ସ୍ଥିତ ପର୍ବତ ମେରୁସ୍ଥିତ ମୈନାକ ପର୍ବତ ପରି ଦେଖାଗଲା । ଏହା ଦେଖି ରାକ୍ଷସମାନେ ଭୟରେ କମ୍ପିବାକୁ ଲାଗିଲେ । କୁମ୍ଭକର୍ଣ୍ଣ ମଧ ଏକ ପର୍ବତ ସଦୃଶ ମୁଦ୍ଗର ଧାରଣ କଲା । ଅଞ୍ଜନାକୁମର ଦ୍ୱାରା ନିକ୍ଷିପ୍ତ ପର୍ବତକୁ କୁମ୍ଭକର୍ଣ୍ଣ ନିଜ ଗଦାରେ ଚୂର୍ଣ୍ଣ କରିଦେଲା । ତାହା ଦେଖି ହନୂମାନ ଅତ୍ୟନ୍ତ କ୍ରୋଧରେ ସେହି ଗଦାକୁ ନିଜ ଲାଙ୍ଗୁଳରେ ବାନ୍ଧି ଛଡ଼ାଇ ଆଣିଲେ ॥

कुम्भकर्णो हनुमन्तं निरुध्य छद्मना बली ।
अग्रजाय प्रदास्यामीत्युपायनमिवादरात् ॥४९॥

କୁମ୍ଭକର୍ଣ୍ଣୋ ହନୂମନ୍ତଂ ନିରୁଧ ଛଦ୍ମନା ବଳୀ ।
ଅଗ୍ରଜାୟ ପ୍ରଦାସ୍ୟାମୀତ୍ୟୁପାୟନମିବାଦରାତ୍ ॥୪୯॥

❊ ଏହାପରେ ମହାବଳୀ କୁମ୍ଭକର୍ଣ୍ଣ କପଟ ଯୁଦ୍ଧରେ ହନୂମାନଙ୍କୁ ବାନ୍ଧି ପକାଇଲା ଏବଂ ଏହାକୁ ନେଇ ଅଗ୍ରଜ ରାବଣକୁ ଉପହାର ଦେବ ବୋଲି ଭାବିଲା ॥

निरुद्धं हनुमन्तं दृष्ट्वा अशोकवने सीतां प्रति रावणः -
रामः स्त्रीविरहेण कातरवपुस्तच्चिन्तया लक्ष्मणः
सुग्रीवोऽङ्गद एव भेदकतया निर्मूलकुलद्रुमः ।
अन्यः कः स विभीषणः स च रिपोः कारुण्यदैन्यातिथिः
लङ्काद्वारकपाटपाटनपटुर्बद्धोऽयमेकः कपिः ॥५०॥

ନିରୁଦ୍ଧଂ ହନୂମନ୍ତଂ ଦୃଷ୍ଟ୍ୱା ଅଶୋକବନେ ସୀତାଂ ପ୍ରତି ରାବଣଃ-
ରାମଃ ସ୍ତ୍ରୀବିରହେଣ କାତରବପୁସ୍ତଚ୍ଚିନ୍ତୟା ଲକ୍ଷ୍ମଣଃ
ସୁଗ୍ରୀବୋଽଙ୍ଗଦ ଏବ ଭେଦକତୟା ନିର୍ମୂଳକୁଳଦ୍ରୁମଃ ।

ଅନ୍ୟଃ କଃ ସ ବିଭୀଷଣଃ ସ ଚ ରିପୋଃ କାରୁଣ୍ୟଦୈନ୍ୟାତିଥିଃ
ଲଙ୍କାଦ୍ୱାରକପାଟପାଟନପଟୁର୍ବଦ୍ଧୋଽୟମେକଃ କପିଃ ॥୫୦॥

※ ହନୁମାନ ବନ୍ଧାହେବାର ଦେଖି ରାବଣ ଅଶୋକବନକୁ ଯାଇ ସୀତାଙ୍କୁ କହିଲା- ସ୍ତ୍ରୀ ବିରହରେ ରାମ କାତର ହୋଇପଡ଼ିଲାଣି । ରାମଙ୍କ ଚିନ୍ତାରେ ଲକ୍ଷ୍ମଣ ମଧ୍ୟ ବ୍ୟାକୁଳ ହେଲାଣି । ସୁଗ୍ରୀବ ଓ ଅଙ୍ଗଦ ପରସ୍ପର ମରାମରି ହୋଇ ଉପୁଡ଼ିପଡିଥିବା ଗଛ ପରି ତଳେ ପଡ଼ିଛନ୍ତି । ମୋ ଭାଇ ବିଭୀଷଣ ଦୁଃଖରେ ଜୀବନମୃତ ଅବସ୍ଥାରେ ପଡ଼ିଛି । ଆଉ ବାନରଟାଏ ଥିଲା, ଯିଏ ଲଙ୍କାଗଡ଼ର ଦ୍ୱାରକୁ ଭାଙ୍ଗିଆନ୍ତା, ତାକୁ କୁମ୍ଭକର୍ଣ୍ଣ ବାନ୍ଧି ପକାଇଛି ॥

रावणसीतयोरुक्तिप्रत्युक्ती -
भवित्री रम्भोरु(त्रि) दशवदनग्लानिरधुना
स ते रामः स्थाता (न) युधि पुरतो लक्ष्मणसखः ।
इयं यास्यत्युच्चै(र्वि)पदमधुना वानरचमू-
र्लघिष्ठेदं षष्ठाक्षरपरविलोपात् पठ पुनः ॥५१॥

ରାବଣସୀତୟୋରୁକ୍ତିପ୍ରତ୍ୟୁକ୍ତୀ-
ଭବିତ୍ରୀ ରମ୍ଭୋରୁ(ତ୍ରି) ଦଶବଦନଗ୍ଲାନିରଧୁନା
ସ ତେ ରାମଃ ସ୍ଥାତା (ନ) ଯୁଧି ପୁରତୋ ଲକ୍ଷ୍ମଣସଖଃ ।
ଇୟଂ ଯାସ୍ୟତ୍ୟୁଚ୍ଚୈ(ର୍ବି) ପଦମଧୁନା ବାନରଚମୂ -
ର୍ଲଘିଷ୍ଠେଦଂ ଷଷ୍ଠାକ୍ଷରପରବିଲୋପାତ୍‌ପଠ ପୁନଃ ॥୫୧॥

※ ରାବଣ କହିଲା ରେ ରମ୍ଭୋରୁ ! ଦେବଗଣ୍ ବର୍ତ୍ତମାନ ମହାଗ୍ଲାନିରେ ପଡ଼ିଲେ । ଲକ୍ଷ୍ମଣ ସଖା ତୋର ରାମ ଆଉ ଯୁଦ୍ଧଭୂମିରେ ଦେଖାଯିବେ ନାହିଁ । ବର୍ତ୍ତମାନ ବାନରବାହିନୀ ମହାବିପଦରେ ପଡ଼ିଲା । ଏହା ଶୁଣି ସୀତା କହିଲେ ରେ ଅଧମ ! ତୁ ଯାହା କହିଲୁ, ତାହାର ସପ୍ତମ ଅକ୍ଷର ଛାଡ଼ି ଆଉ ଥରେ ପଢ଼ । ରାବଣ ପୁନଃପାଠ କରି ଜାଣିଲା ରାବଣର ମୃତ୍ୟୁ ସୁନିଶ୍ଚିତ । ଶ୍ରୀରାମ ଓ ଲକ୍ଷ୍ମଣ ଆଜି ଯୁଦ୍ଧରେ ବିଜୟଲାଭ କରିବେ । ବାନର ବାହିନୀ ଉଚ୍ଚପ୍ରଶଂସିତ ହେବେ ॥

सीते रावण (वैरिणा) यमपुरे वासश्चिरं चेष्यते
काशानामपि (मारणे) कलकलैर्युद्धे प्रवृद्धे सति ।
कौशल्या हृदि (शोचना) स्थितिरियं भूयोऽपि वाष्पायते
पापिष्ठाक्षर पञ्चमात्पुनरिमं हृत्वा त्रिवर्णं पठ ॥५२॥

ସୀତେ ରାବଣ (ବୈରିଣା) ଯମପୁରେ ବାସଶ୍ଚିରଂ ଚେଷ୍ୟତେ
କାଶାନାମପି (ମାରଣେ) କଲକଲୈର୍ଯୁଦ୍ଧେ ପ୍ରବୃଦ୍ଧେ ସତି ।
କୌଶଲ୍ୟା ହୃଦି (ଶୋଚନା) ସ୍ଥିତିରିୟଂ ଭୂୟୋଽପି ବାଷ୍ପାୟତେ
ପାପିଷ୍ଠାକ୍ଷରପଞ୍ଚମାତ୍‌ପୁନରିମଂ ହୃତ୍ୱା ତ୍ରିବର୍ଣ୍ଣଂ ପଠ ॥୫୨॥

❋ ରାବଣ କହିଲା - ହେ ସୀତେ ! ଆଜି ରାମ ଯମପୁର ଯିବା ନିଶ୍ଚିତ । କିଳିକିଳା ଶବ୍ଦ କରୁଥିବା ବାନରମାନେ ଯୁଦ୍ଧରେ ମୃତ୍ୟୁବରଣ କରିବେ । କୌଶଲ୍ୟାଙ୍କ ହୃଦୟରେ ପୁତ୍ର ଶୋକ ଚିରସ୍ଥାୟୀ ହୋଇ ରହିବ । ସୀତା କହିଲେ - ରେ ପାପିଷ୍ଠ! ଶ୍ଳୋକର ପ୍ରଥମ ପାଞ୍ଚ ଅକ୍ଷର ପରେ ଥିବା ଅକ୍ଷର ତିନୋଟିକୁ ଲୋପ କରି ପୁଣି ପଢ । ରାବଣ ପଢିଲା- ରେ ରାବଣ, ତୁ ନିଶ୍ଚୟ ଆଜି ଯମପୁରକୁ ଯିବୁ । ଯୁଦ୍ଧରେ ବାନରମାନେ ଆନନ୍ଦରେ କୋଳାହଳ କରିବେ ଏବଂ ଏହା ଦେଖି ତୋର ହୃଦୟ ଦୁଃଖରେ ବ୍ୟାକୁଳ ହେବ ॥

कुम्भकर्णगृहीतो हनुमान्-

अथ चरणयुगं तद्वक्षसि स्थापयित्वा खरकरनखराग्रैर्गाढमुत्पाट्य कर्णौ ।
कमठकठिनदन्तैराशु संदंश्य नासामुदपतदतिवेगादुग्रकर्मा कपीन्द्रः ॥५३॥

କୁମ୍ଭକର୍ଣ୍ଣଗୃହୀତୋ ହନୂମାନ୍-

ଅଥ ଚରଣଯୁଗଂ ତଦ୍‌ବକ୍ଷସି ସ୍ଥାପୟିତ୍ୱା ଖରକରନଖରାଗ୍ରୈର୍ଗାଢମୁତ୍ପାଟ୍ୟ କର୍ଣ୍ଣୌ ।
କମଠକଠିନଦନ୍ତୈରାଶୁ ସଂଦଶ୍ୟ ନାସାମୁଦପତଦତିବେଗାଦୁଗ୍ରକର୍ମା କପୀନ୍ଦ୍ରଃ ॥୫୩॥

❋ ମହାବୀର ହନୂମାନ କୁମ୍ଭକର୍ଣ୍ଣକୁ ତଳେ ପକାଇ ତା'ର ଛାତିରେ ଦୁଇପାଦ ରଖି ଠିଆ ହୋଇଗଲା ଏବଂ ତା'ର ଦୁଇ କାନକୁ ତୀକ୍ଷ୍ଣ ନଖରେ ଉପାଡ଼ି ପକାଇଲା । ନିଜର କଠିନ ଦନ୍ତରେ ତା'ର ନାକକୁ ଛିଡ଼ାଇଦେଇ ହନୂମାନ୍ ଅତିବେଗରେ ଡେଇଁ ଯାଇ ବାନରବାହିନୀରେ ପଶିଗଲା ॥

सपदि च विनिवृत्तः क्रोधनः कुम्भकर्णस्तुमुलमतुलमन्त्राशेषशस्त्रं व्यतानीत् ।
निशितशरनिपातैर्लीलया तत्र रामो व्यकिरदणुवदुच्चैस्तत्तदङ्गं क्रमेण ॥५४॥

ସପଦି ଚ ବିନିବୃତ୍ତଃ କ୍ରୋଧନଃ କୁମ୍ଭକର୍ଣ୍ଣସ୍ତୁମୁଳମତୁଳମନ୍ତ୍ରାଶେଷଶସ୍ତ୍ରଂ ବ୍ୟତାନୀତ୍ ।
ନିଶିତଶରନିପାତୈର୍ଲୀଳୟା ତତ୍ର ରାମୋ ବ୍ୟକିରଦଣୁବଦୁଚ୍ଚୈସ୍ତତ୍ତଦଙ୍ଗଂ କ୍ରମେଣ ॥୫୪॥

❋ କିଛିସମୟ ପାଇଁ ଯୁଦ୍ଧରୁ ନିବୃତ୍ତ ହୋଇଥିବା କୁମ୍ଭକର୍ଣ୍ଣ ହଠାତ୍ ଫେରିଆସିବା ସଙ୍ଗେ ସଙ୍ଗେ ଅତୀବ କ୍ରୋଧାନ୍ୱିତ ହୋଇ ମନ୍ତ୍ରପୂତ ଶରବୃଷ୍ଟି କରିବାକୁ ଲାଗିଲା । ଶ୍ରୀରାମଚନ୍ଦ୍ର ଅଜସ୍ର ଶର ନିକ୍ଷେପ ପୂର୍ବକ ଅବଲୀଳାକ୍ରମେ ସେହି ଶରଗୁଡ଼ିକ ସହିତ କୁମ୍ଭକର୍ଣ୍ଣର ମୁଖ୍ୟ ଅଙ୍ଗକୁ କାଟି ପକାଇଲେ ॥

वानरा ऊचुः -

अन्येषां पुरतो मनस्फटिरियं यः कुम्भकर्ण त्वया
त्रासार्थं क्रियते स तेषु विहितो नास्मासु युक्तं तव ।
पश्यन्नप्यपरां पराक्रमगतिं यातोऽसि किं चान्धतां
कापाली किमु शङ्करोऽपि मनुजो रामो वयं वानराः ॥५५॥

ବାନରାଃ ଉଚୁଃ -

ଅନ୍ୟେଷାଂ ପୁରତୋ ମନସ୍ଫଟିରୟଂ ଯଃ କୁମ୍ଭକର୍ଣ୍ଣ ତ୍ୱୟା
ତ୍ରାସାର୍ଥଂ କ୍ରିୟତେ ସ ତେଷୁ ବିହିତୋ ନାସ୍ମାସୁ ଯୁକ୍ତଂ ତବ ।

ପଶ୍ୟ ନଃପ୍ୟପରଂ ପରାକ୍ରମଗତିଂ ଯାତୋଽସି କିଂ ଚାନ୍ଧତାଂ
କାପାଳୀ କିମୁ ଶଙ୍କରୋଽପି ମନୁଜୋ ରାମୋ ବୟଂ ବାନରାଃ ॥୫୫॥

❊ ବାନରମାନେ କହିଲେ- ରେ କୁମ୍ଭକର୍ଣ୍ଣ ! ଅନ୍ୟମାନଙ୍କ ଆଗରେ ତୋର ଏ ଅହଙ୍କାର ଦେଖାଉଛୁ, ସେମାନେ ଦେଖିଲେ ଭୟ କରିବେ ; କିନ୍ତୁ, ଆମ ଆଗରେ ସେସବୁ ନିରର୍ଥକ । ଆମର ପରାକ୍ରମ ଦେଖି ମଧତୁ ଅନ୍ଧ ହୋଇଯାଉଛୁ । ତେଣୁ ତୁ ଶଙ୍କରଙ୍କୁ କାପାଳିକ, ଶ୍ରୀରାମଙ୍କୁ ସାଧାରଣ ମାନବ ଓ ଆମକୁ ତୁଚ୍ଛ ବାନର ବୋଲି ଭାବୁଛୁ ॥

अत्रान्तरे रघुपतिः शरयुग्ममैन्द्रं द्राक्कुम्भकर्णनिधनाय रणे मुमोच ।
भित्त्वा बिभेद हृदयं धरणीमथैको मुर्द्धानमुद्धतमखण्डयदस्य चान्यम् ॥५६॥

ଅତ୍ରାନ୍ତରେ ରଘୁପତିଃ ଶରଯୁଗ୍ମମୈନ୍ଦ୍ରଂ ଦ୍ରାକ୍‌କୁମ୍ଭକର୍ଣ୍ଣନିଧନାୟ ରଣେ ମୁମୋଚ ।
ଭିତ୍ତ୍ୱା ବିଭେଦ ହୃଦୟଂ ଧରଣୀମଥୈକୋ ମୂର୍ଦ୍ଧାନମୁଦ୍ଧତମଖଣ୍ଡୟଦସ୍ୟ ଚାନ୍ୟମ୍ ॥୫୬॥

❊ ଏହି ସମୟରେ ରଘୁପତି ଶ୍ରୀରାମଚନ୍ଦ୍ର ଯୁଦ୍ଧରେ ଇନ୍ଦ୍ରଙ୍କ ପ୍ରଦତ୍ତ ଶରଦ୍ୱୟ କୁମ୍ଭକର୍ଣ୍ଣକୁ ନିଧନ କରିବା ପାଇଁ ହଠାତ୍ ନିକ୍ଷେପ କଲେ । ସେଥିରୁ ଗୋଟିଏ ଶର କୁମ୍ଭକର୍ଣ୍ଣର ହୃଦୟ ଭେଦ କରି ମାଟିରେ ପଶିଗଲା ଓ ଅନ୍ୟଟି ତା'ର ମସ୍ତକକୁ କାଟି ପକାଇଲା ॥

कुम्भकर्णस्य शिरःछेदनसमये लक्ष्मणः प्राह-
धीरं धारय कूर्मराज धरणीं सार्द्धं फणिस्वामिना
दिङ्नागाः कुरुत स्थिरान् कुलगिरीन् दन्तैरुदग्रैः स्वयम् ।
यस्मादत्र पतत्खमण्डलगलद्रक्तौधमत्युन्नतं
कृत्तं रामशरोत्करैः पतति यत्तत्कौम्भकर्णं शिरः ॥५७॥

କୁମ୍ଭକର୍ଣ୍ଣସ୍ୟ ଶିରଃଛେଦନସମୟେ ଲକ୍ଷ୍ମଣଃ ପ୍ରାହ -
ଧୀରଂ ଧାରୟ କୂର୍ମରାଜ ଧରଣୀଂ ସାର୍ଦ୍ଧଂ ଫଣୀସ୍ୱାମିନା
ଦିଙ୍‌ନାଗାଃ କୁରୁତ ସ୍ଥିରାନ୍ କୁଳଗିରୀନ୍ ଦନ୍ତୈରୁଦଗ୍ରୈଃ ସ୍ୱୟମ୍ ।
ଯସ୍ମାଦତ୍ର ପତତ୍‌ଖମଣ୍ଡଳଗଳଦ୍ରକ୍ତୌଘମତ୍ୟୁନ୍ନତଂ
କୃତ୍ତଂ ରାମଶରୋତ୍କରୈଃ ପତତି ଯତ୍ତତ୍କୌମ୍ଭକର୍ଣ୍ଣଂ ଶିରଃ ॥୫୭॥

❊ କୁମ୍ଭକର୍ଣ୍ଣର ମସ୍ତକ ଛେଦନ ସମୟରେ ଲକ୍ଷ୍ମଣ କହିଲେ ହେ କୂର୍ମରାଜ ! ନାଗରାଜ ଅନନ୍ତଙ୍କ ସହିତ ମିଶି ଧୀରସ୍ଥିର ଭାବେ ପୃଥିବୀକୁ ଧାରଣ କର । ହେ ଦିଗ୍ଗଜଗଣ ! ନିଜର ଦନ୍ତାଗ୍ରରେ କୁଳପର୍ବତମାନଙ୍କୁ ଧର । କାରଣ, ଶ୍ରୀରାମଚନ୍ଦ୍ରଙ୍କ ବାଣରେ କର୍ତ୍ତିତ କୁମ୍ଭକର୍ଣ୍ଣର ବିରାଟ ରକ୍ତାକ୍ତ ମସ୍ତକ ଆକାଶରୁ ଧୀରେ ଧୀରେ ତଳକୁ ଖସି ପଡୁଛି ॥

इत्यवसरे हनुमान् -
ऊर्ध्वं मरुत्तनयचण्डचपेटघातैर्मूर्द्धा पपात सहसा रजनीचरस्य ।
भग्नोऽपि मारुतसुतश्च भयङ्करः सन् बभ्राम पुच्छनिबृतो गगने कबन्धः ॥५८॥

ଇତ୍ୟବସରେ ହନୂମାନ୍-

ଉର୍ଦ୍ଧ୍ୱ ମରୁତନୟଚଣ୍ଡଚପେଟଘାତୈର୍ମୂର୍ଦ୍ଧା ପପାତ ସହସା ରଜନୀଚରସ୍ୟ ।

ଭଗ୍ନୋଽପି ମାରୁତସୁତଶ୍ଚ ଭୟଙ୍କରଃ ସନ୍‌ବଭ୍ରାମ ପୁଚ୍ଛନିବୃତୋ ଗଗନେ କବନ୍ଧଃ ॥୫୮॥

❋ ବୀର ହନୂମାନ୍ ଏହି ସମୟରେ ଏକ ପ୍ରଚଣ୍ଡ ଚାପୋଡ଼ା ମାରିବାରୁ ହଠାତ୍ କୁମ୍ଭକର୍ଣ୍ଣର ଛିନ୍ନ ମୁଣ୍ଡ ଉପରକୁ ଉଠିଗଲା ଏବଂ ମସ୍ତକହୀନ ଗଣ୍ଡିକୁ ସେ ଲାଙ୍ଗୁଳରେ ବାନ୍ଧି ଶୂନ୍ୟରେ ଘୂରାଇବାକୁ ଲାଗିଲା ॥

सद्यो राघवमल्लभल्लदलितग्रीवाप्रकाण्डपत-
न्निःसङ्गं क्षितिधारिशृङ्गसदृशं दंष्ट्राकरालं शिरः ।
द्राक्शाखामृगचक्रचूर्णनभयादादाय तारापथा-
त्प्रक्षिप्तं च महार्णवे हनुमता दृष्टं च सर्वैः सुरैः ॥५९॥

ସଦ୍ୟୋ ରାଘବମଲ୍ଲଭଲ୍ଲଦଳିତଗ୍ରୀବାପ୍ରକାଣ୍ଡ ପତ-
ନ୍ନିଃସଙ୍ଗଂ କ୍ଷିତିଧାରିଶୃଙ୍ଗସଦୃଶଂ ଦଂଷ୍ଟ୍ରାକରାଳଂ ଶିରଃ ।
ଦ୍ରାକ୍ ଶାଖାମୃଗଚକ୍ରଚୂର୍ଣ୍ଣ ନଭୟାଦାଦାୟ ତାରାପଥାତ୍ -
ପ୍ରକ୍ଷିପ୍ତଂ ଚ ମହାର୍ଣ୍ଣବେ ହନୂମତା ଦୃଷ୍ଟଂ ଚ ସର୍ବୈଃ ସୁରୈଃ ॥୫୯॥

❋ ଶ୍ରୀରାଘବଙ୍କ ଭଲ୍ଲାସ୍ତ୍ରରେ ସଦ୍ୟ କର୍ତ୍ତିତ ନିଃସଙ୍ଗ ଗିରିଶିଖରାକାର କରାଳଦନ୍ତାବଳୀଯୁକ୍ତ କୁମ୍ଭକର୍ଣ୍ଣର ମସ୍ତକ ତଳେ ପଡ଼ି ଚୂର୍ଣ୍ଣୀଭୂତ ହେବା ପୂର୍ବରୁ ବୀର ହନୂମାନ୍ ଆକାଶ ମାର୍ଗରୁ ତାକୁ ଧରିପକାଇ ସମୁଦ୍ରକୁ ଫିଙ୍ଗି ଦେଲେ । ଆକାଶରେ ଥାଇ ଦେବଗଣ ଏହି ଆଶ୍ଚର୍ଯ୍ୟଜନକ ଦୃଶ୍ୟ ଦେଖିଲେ ॥

कबन्धे पतिते हनुमान् -

देवाः सर्वे विमानान्यपनयत रवेः स्यन्दनो यातु दूरं
रे रे शाखामृगेन्द्रास्त्यजत रणभुवं जीविनो राक्षसाश्च ।
प्रोद्घूर्णः सोऽञ्जनाद्रिप्रतिनिधिरवधिः सर्वविस्मापकानां
लङ्कातङ्कैकहेतुर्निपतति नभसः कौम्भकर्णः कबन्धः ॥६०॥

କବନ୍ଧେ ପତିତେ ହନୂମାନ୍-

ଦେବାଃ ସର୍ବେ ବିମାନାନ୍ୟପନୟତ ରବେଃ ସ୍ୟନ୍ଦନୋ ଯାତୁ ଦୂରଂ
ରେରେ ଶାଖାମୃଗେନ୍ଦ୍ରାସ୍ତ୍ୟଜତ ରଣଭୁବଂ ଜୀବିନୋ ରାକ୍ଷସାଶ୍ଚ ।
ପ୍ରୋଦ୍‌ଘୂର୍ଣ୍ଣଃ ସୋଽଞ୍ଜନାଦ୍ରିପ୍ରତିନିଧିରବଧିଃ ସର୍ବବିସ୍ମାପକାନାଂ-
ଲଙ୍କାତଙ୍କୈକହେତୁର୍ନିପତତି ନଭସଃ କୌମ୍ଭକର୍ଣ୍ଣଃ କବନ୍ଧଃ ॥୬୦॥

❋ କୁମ୍ଭକର୍ଣ୍ଣର କବନ୍ଧ ପଡ଼ିଲାବେଳେ ହନୂମାନ୍ କହିଲେ ହେ ଦେବଗଣ ! ବିମାନସବୁ ଦୂରେଇନିଅ । ସୂର୍ଯ୍ୟଙ୍କ ରଥ ଦୂରକୁ ହଟିଯାଉ । ରେ ବାନର ଓ ରାକ୍ଷସଗଣ ! ଶୀଘ୍ର ଯୁଦ୍ଧଭୂମି ତ୍ୟାଗ

କରି ଦୂରକୁ ଚାଲିଯାଅ । ଅତ୍ୟନାହି ସଦୃଶ, ଆଶ୍ଚର୍ଯ୍ୟଜନକ ଓ ଲଙ୍କାବାସୀଙ୍କ ଭୟର ଅଦ୍ୱିତୀୟ କାରଣ କୁମ୍ଭକର୍ଣ୍ଣର କବନ୍ଧ ଆକାଶରୁ ଖସୁଛି ।

उत्क्रान्तोऽपि स्वदेहात्प्रवरसुरवधूदोर्भिराकृष्यमाणः
प्राणत्राणाय भर्त्तुः पुनरपि समरापेक्षया नारुरोह ।
संगीतैर्नारदाद्यैर्मृदुमुरजरवैः स्तूयमानो विमानं
वीरः संग्रामधीरः शिव शिव स कथं कथ्यते कुम्भकर्णः ।।६१।।

ଉତ୍କ୍ରାନ୍ତୋଽପି ସ୍ୱଦେହାତ୍ପ୍ରବରସୁରବଧୂଦୋର୍ଭିରାକୃଷ୍ୟମାଣଃ
ପ୍ରାଣତ୍ରାଣାୟ ଭର୍ତ୍ତୁଃ ପୁନରପି ସମରାପେକ୍ଷୟା ନାରୁରୋହ ।
ସଂଗୀତୈର୍ନାରଦାଦ୍ୟୈର୍ମୃଦୁମୁରଜରବୈଃ ସ୍ତୂୟମାନୋ ବିମାନଂ
ବୀରଃ ସଂଗ୍ରାମଧୀରଃ ଶିବ ଶିବ ସ କଥଂ କଥ୍ୟତେ କୁମ୍ଭକର୍ଣ୍ଣଃ ।।୬୧।।

❊ କୁମ୍ଭକର୍ଣ୍ଣର ଦେହରୁ ପ୍ରାଣ ଚାଲିଯିବା ପରେ, ନିଜଭାଇ ରାବଣର ପ୍ରାଣ ରକ୍ଷା ପାଇଁ କାଳେ ସେ ଉଠିପଡ଼ି ପୁଣି ଯୁଦ୍ଧ କରିବ ଏହା ଭାବି ଦେବାଙ୍ଗନାଗଣ, ଶୀଘ୍ର ଯାଇ ତା'ର ହାତକୁ ଟାଣିବାକୁ ଲାଗିଲେ । ନାରଦାଦିଙ୍କ ସହିତ ପ୍ରମୁଖ ଗନ୍ଧର୍ବଗଣ ଉପସ୍ଥିତ ହୋଇ ଗୀତବାଦ୍ୟମାଧ୍ୟମରେ ତା'ର ସ୍ତୁତିଗାନ କଲେ । ଯେଉଁ ମହାବୀର କୁମ୍ଭକର୍ଣ୍ଣ ବଡ଼ଭାଇର ସୁରକ୍ଷା ପାଇଁ ବିମାନ ଆରୋହଣ ନ କରି ଯୁଦ୍ଧ କ୍ଷେତ୍ରକୁ ଆସିଥିଲା ତା'ର ବୀରତ୍ୱ ଓ ଗୁଣାବଳୀ କିଏ ବର୍ଣ୍ଣନା କରିପାରିବ ?

अनन्तरं सीतापरित्यागाय मन्दोदरी वाक्यम्-

लङ्कानाथ तवानुजो युधि हतो रामेण रत्नाकरं
संलघ्य प्लवगैस्तथा परिवृतः पुर्द्वारि ते तिष्ठति ।
लोभाद्यापहृता वनाज्जनकजा रोषान्विता सा त्वयि
श्रीरामाय समर्प्यतां च भवता लङ्कां चिरं भुज्यताम् ।।६२।।

ଅନନ୍ତରଂ ସୀତାପରିତ୍ୟାଗାୟ ମନ୍ଦୋଦରୀ ବାକ୍ୟମ୍ -

ଲଙ୍କାନାଥ ତବାନୁଜୋ ଯୁଧି ହତୋ ରାମେଣ ରତ୍ନାକରଂ
ସଂଲଘ୍ୟ ପ୍ଲବଗୈସ୍ତଥା ପରିବୃତଃ ପୁର୍ଦ୍ୱାରି ତେ ତିଷ୍ଠତି ।
ଲୋଭାଦ୍ୟାପହୃତା ବନାଜ୍ଜନକଜା ରୋଷାନ୍ୱିତା ସା ତ୍ୱୟି
ଶ୍ରୀରାମାୟ ସମର୍ପ୍ୟତାଂ ଚ ଭବତା ଲଙ୍କାଂ ଚିରଂ ଭୁଜ୍ୟତାମ୍ ।।୬୨।।

❊ ରାଣୀ ମନ୍ଦୋଦରୀ ଏହାପରେ କହିଲା- ହେ ଲଙ୍କାନାଥ ! ସମୁଦ୍ର ଲଂଘନ କରି ଆସିଥିବା ଶ୍ରୀରାମ, ତୁମର ସାନଭାଇ ନିହତ ହେବା ପରେ ବାନରବାହିନୀ ସହିତ ପୁରଦ୍ୱାର ଗୁଡ଼ିକ ଅବରୁଦ୍ଧ କଲେଣି । ଲୋଭବଶତଃ ବନରୁ ଯେଉଁ ଜାନକୀଙ୍କୁ ଅପହରଣ କରିଆଣିଥିଲ ତା'ର କ୍ରୋଧରେ ତୁମର ମଙ୍ଗଳ ହେବ ନାହିଁ । ତେଣୁ ଶ୍ରୀରାମଙ୍କୁ ସୀତା ସମର୍ପଣ କରି ତୁମେ ଚିରକାଳ ପାଇଁ ଲଙ୍କାରାଜ୍ୟସୁଖ ଭୋଗ କର ।।

रावणः - (सक्रोधम्) समरेऽखण्डितप्राचण्ड्यं मेघनादं समाहूय वध्यता तपस्विनाविति प्रस्थापयामास । -

मेघनादः -(समरारम्भं नाटयति । वानराः पलायन्ते)

(स्वगतम्) -

नाहं सौमित्रि कोपस्य जानेऽल्पमपि कारणम् ।

नूनं चञ्चलबुद्धीनां स्नेहकोपावकारणौ ।।६३।।

ରାବଣଃ - (ସକ୍ରୋଧମ୍)- ସମରେଽଖଣ୍ଡିତପ୍ରାଚଣ୍ଡ୍ୟ ମେଘନାଦଂ ସମାହୂୟ ବଧ୍ୟତାଂ ତପସ୍ୱିନାବିତି ପ୍ରସ୍ଥାପୟାମାସ ।

ମେଘନାଦଃ - (ସମରାରମ୍ଭଂ ନାଟୟତି । ବାନରାଃ ପଳାୟନ୍ତେ । ଲକ୍ଷ୍ମଣମବଲୋକ୍ୟ (ସ୍ୱଗତମ୍)

ନାହଂ ସୌମିତ୍ରି କୋପସ୍ୟ ଜାନେଽଲ୍ପମପି କାରଣମ୍ ।

ନୂନଂ ଚଞ୍ଚଳବୁଦ୍ଧୀନାଂ ସ୍ନେହକୋପାବକାରଣୌ ॥୬୩॥

❊ ରାବଣ (କ୍ରୋଧରସହିତ)- ଯୁଦ୍ଧରେ ଅଖଣ୍ଡ ପ୍ରଚଣ୍ଡତାର ଅଧିକାରୀ ପୁତ୍ର ମେଘନାଦକୁ ଡକାଇ କହିଲା- ଶୀଘ୍ର ଯାଇ ତପସ୍ୱୀ ଦୁହିଁଙ୍କୁ ବଧ କର ।

❊ ମେଘନାଦ ଯୁଦ୍ଧାରମ୍ଭ କରିବାମାତ୍ରେ ବାନରମାନେ ପଳାଇଗଲେ । ସେ ଲକ୍ଷ୍ମଣଙ୍କୁ ଦେଖି ଭାବିଲା- ସୌମିତ୍ରିକୁ ଦେଖି ମୋର ଯେପରି କ୍ରୋଧ ଜାତ ହେଉଛି, ତା'ର ସାମାନ୍ୟ କାରଣ କ'ଣ ଜାଣିପାରୁ ନାହିଁ । ମୋ' ପରି ଚଞ୍ଚଳଚିତ୍ତବ୍ୟକ୍ତିଠାରେ ସ୍ନେହ ଓ କ୍ରୋଧ ଅକାରଣ ସୃଷ୍ଟି ହୋଇଥାଏ ॥

क्षुद्राः संत्रासमेते विजहितहरयो भिन्नशक्रेभकुम्भौ

युष्मद्गात्रेषु लज्जां दधती पुनरमी सायका निष्पतन्तः ।

सौमित्रे तिष्ठ पात्रं त्वमसि न हि रुषां नन्वहं मेघनादः

किंचिद्भ्रूभङ्गलीलानियमितजलधिं राममन्वेषयामि ।।६४।।

କ୍ଷୁଦ୍ରାଃ ସଂତ୍ରାସମେତେ ବିଜହିତହରୟୋ ଭିନ୍ନଶକ୍ରେଭକୁମ୍ଭୌ

ଯୁଷ୍ମଦ୍‌ଗାତ୍ରେଷୁ ଲଜ୍ଜାଂ ଦଧତି ପୁନରମୀ ସାୟକା ନିଷ୍ପତନ୍ତଃ ।

ସୌମିତ୍ରେ ତିଷ୍ଠ ପାତ୍ରଂ ତ୍ୱମସି ନହି ରୁଷାଂ ନନ୍ୱହଂ ମେଘନାଦଃ

କିଂଚିଦ୍ ଭ୍ରୂଭଙ୍ଗଲୀଳାନିୟମିତଜଳଧିଂ ରାମମନ୍ୱେଷୟାମି ॥୬୪॥

❊ ରେ କ୍ଷୁଦ୍ର ବାନରଗଣ ! ତୁମର ଭୟ କରିବାର କିଛି ନାହିଁ । ଇନ୍ଦ୍ରର ଐରାବତ ହସ୍ତୀର ଗଣ୍ଡସ୍ଥଳକୁ ଭେଦକରି ଥିବା ମୋର ବାଣ ତୁମ ଦେହକୁ ବିଦ୍ଧ କରିବା ପାଇଁ ଲଜ୍ଜିତ ହେଉଛି । ରେ ଲକ୍ଷ୍ମଣ ! ତୁମେ ବି ନିଶ୍ଚିନ୍ତ ଥାଅ । ତୁମେ ମୋର କ୍ରୋଧର ପାତ୍ର ନୁହଁ । ମୁଁ ହେଉଛି ମେଘନାଦ । କଟାକ୍ଷପାତ ମାତ୍ରେ ଯେ ସମୁଦ୍ରକୁ ବାନ୍ଧିଛନ୍ତି, ସେହି ରାମଙ୍କୁ ମୁଁ ଖୋଜୁଛି ॥

सुग्रीवमारुतिनलाङ्गदनीलमुख्या वाष्पान्धकारजलदान्तरितं प्रचण्डम् ।
तं रावणिं जलदमण्डलमास्थितं नो पश्यन्ति तान्प्रहरति स्म स घोरबाणैः ॥६५॥
ସୁଗ୍ରୀବମାରୁତିନଲାଙ୍ଗଦନୀଲମୁଖ୍ୟା ବାଷ୍ପାନ୍ଧକାରଜଳଦାନ୍ତରିତଂ ପ୍ରଚଣ୍ଡମ୍।
ତଂ ରାବଣିଂ ଜଳଦମଣ୍ଡଳମାସ୍ଥିତଂ ନୋ ପଶ୍ୟନ୍ତି ତାନ୍ ପ୍ରହରତି ସ୍ମ ସ ଘୋରବାଣୈଃ ॥୬୫॥
❋ ସୁଗ୍ରୀବ, ହନୁମାନ୍, ନଳ, ଅଙ୍ଗଦ, ନୀଳ ପ୍ରମୁଖ ବାନରଗଣ ଘନକୃଷ୍ଣମେଘର ଅନ୍ତରାଳରେ ଥିବା ମେଘନାଦକୁ ଦେଖି ପାରୁ ନ ଥିଲେ ; କିନ୍ତୁ ଆଢୁଆଳରେ ଥାଇ ସେମାନଙ୍କ ଉପରକୁ ସେ ଘୋରତର ବାଣ ବୃଷ୍ଟି କରୁଥିବାର ଦେଖିଲେ ॥

मायारथं समधिरुह्य नभस्थलस्थो गम्भीरकालजलदध्वनिरुज्जगर्ज ।
बाणैरपातयदथो फणिपाशबद्धैस्तौ मेरुमन्दरगिरी पविनेव शक्रः ॥६६॥
ମାୟାରଥଂ ସମଧିରୁହ୍ୟ ନଭସ୍ଥଳସ୍ଥୋ ଗମ୍ଭୀରକାଳଜଳଦଧ୍ୱନିରୁଜ୍ଜଗର୍ଜ।
ବାଣୈରପାତୟଦଥୋ ଫଣିପାଶବଦ୍ଧୈସ୍ତୌ ମେରୁମନ୍ଦରଗିରୀପବିନେବ ଶକ୍ରଃ ॥୬୬॥
❋ ଆକାଶରେ ମାୟାରଥ ଆରୋହଣ କରି ମେଘନାଦ ପ୍ରଳୟକାଳୀନ ମେଘ ପରି ଗର୍ଜନ କଲା । ଦେବରାଜ ଇନ୍ଦ୍ର ବଜ୍ରପ୍ରହାର କରି ମେରୁ ଓ ମନ୍ଦରଗିରିକୁ ଭୂପତିତ କଲା ପରି ମେଘନାଦ ରାମ ଓ ଲକ୍ଷ୍ମଣଙ୍କୁ ନାଗପାଶରେ ବାନ୍ଧିପକାଇଲା ॥

अथ सरमा रामलक्ष्मणयोरिमां गतिं सीतायै कथितवती । ततः सीता-
किं भार्गवच्यवनगौतमकश्यपानां वाणीवशिष्ठमुनिलोमशकौशिकानाम् ।
यातानृताप्यहह या सधवेति सीता मे मन्दभाग्यवशतः सकलं विनष्ठम् ॥६७॥
ଅଥ ସରମା ରାମଲକ୍ଷ୍ମଣୟୋରିମାଂ ଗତିଂ ସୀତାୟୈ କଥିତବତୀ । ତତଃ ସୀତା-
କିଂ ଭାର୍ଗବଚ୍ୟବନଗୌତମକାଶ୍ୟକାନାଂ ବାଣୀ ବଶିଷ୍ଠମୁନିଲୋମଶକୌଶିକାନାମ୍।
ଯାତାନୃତାପ୍ୟହହ ଯା ସଧବେତି ସୀତା ମେ ମନ୍ଦଭାଗ୍ୟବଶତଃ ସକଳଂ ବିନଷ୍ଟମ୍ ॥୬୭॥
❋ ସରମାଠାରୁ ରାମଲକ୍ଷ୍ମଣଙ୍କ ଦୁରବସ୍ଥା କଥା ଶୁଣି ଜାନକୀ କହିଲେ- ଭାର୍ଗବ, ଚ୍ୟବନ, ଗୌତମ, କାଶ୍ୟପ, ବଶିଷ୍ଠ, ଲୋମଶ, କୌଶିକ ମୁନି ପ୍ରଭୃତିଙ୍କର ବାଣୀ କଣ ମିଥ୍ୟା ପ୍ରମାଣିତ ହେଲା ? ସେମାନେ କହିଥିଲେ- ହେ ସୀତେ ! ତୁମେ ସର୍ବଦା ସଧବା ହୋଇ ରହିବ । ହାୟ, ଦୁର୍ଭାଗ୍ୟବଶତଃ ମୋର ସମସ୍ତ ସୁଖ ନଷ୍ଟ ହୋଇଗଲା ॥

सरमा -
श्रुत्वाहतिं दशरथात्मजयोर्विमानमारुह्य पुष्पकमवाप दशाननस्य ।
आज्ञां निनाय सरमा जनकस्य पुत्रीं सीतां विदीर्णहृदयां समराङ्गणं च ॥६८॥
ସରମା-
ଶ୍ରୁତ୍ୱାହତିଂ ଦଶରଥାତ୍ମଜୟୋର୍ବିମାନମାରୁହ୍ୟ ପୁଷ୍ପକମବାପ ଦଶାନନସ୍ୟ।
ଆଜ୍ଞାଂ ନିନାୟ ସରମା ଜନକସ୍ୟ ପୁତ୍ରୀଂ ସୀତାଂ ବିଦୀର୍ଣ୍ଣହୃଦୟାଂ ସମରାଙ୍ଗଣଂ ଚ ॥୬୮॥

❊ ରାଜା ଦଶରଥଙ୍କ ଆତ୍ମଜ ରାମ ଓ ଲକ୍ଷ୍ମଣ ନାଗପାଶରେ ଆବଦ୍ଧ ହେବାର ଶୁଣି ରାବଣ ଆଦେଶରେ ସରମା ପୁଷ୍ପକ ବିମାନ ଆରୋହଣ କରି ସୀତାଙ୍କ ପାଖରେ ପହଞ୍ଚିଲା ଏବଂ ତାଙ୍କୁ ବିମାନରେ ବସାଇ ଯୁଦ୍ଧକ୍ଷେତ୍ରକୁ ନେଇଗଲା । ଯୁଦ୍ଧ ଭୂମିରେ ରାମଲକ୍ଷ୍ମଣଙ୍କୁ ଦେଖି ସୀତାଙ୍କ ହୃଦୟ ବିଦୀର୍ଣ୍ଣ ହୋଇଗଲା ॥

समरभूमौ सीता हा राम! हा वत्स लक्षण ! मदर्थे युवयोरीदृशी गतिः -

हा राघव प्रियतम स्फुरतीह वामो बाहुस्तथा नयनमप्यनृतं किमेतत् ।

नाद्यापि यन्मधुरनिर्मलदृष्टिपातैः सम्भावयस्यपि विलासगिरा भुजाभ्याम् ॥६९॥

ସମରଭୂମୌ ସୀତା ହା ରାମ ! ହା ବତ୍ସଲକ୍ଷ୍ମଣ ! ମଦର୍ଥେ ଯୁବୟୋରୀଦୃଶୀ ଗତିଃ -

ହା ରାଘବ ପ୍ରିୟତମ ସ୍ଫୁରତୀହ ବାମୋ ବାହୁସ୍ତଥା ନୟନମପ୍ୟନୃତଂ କିମେତତ୍ ।

ନାଦ୍ୟାପି ଯନ୍ମଧୁରନିର୍ମଳଦୃଷ୍ଟିପାତୈଃ ସମ୍ଭାବୟସ୍ୟପି ବିଳାସଗିରାଭୁଜାଭ୍ୟାମ୍ ॥୬୯॥

❊ ଯୁଦ୍ଧଭୂମିରେ ସୀତା ହା ରାମ ! ହା ବତ୍ସ ଲକ୍ଷ୍ମଣ ! ମୋ' ପାଇଁ ତୁମ ଦୁହିଁଙ୍କର ଏହି ଦୁରବସ୍ଥା ହେଲା ବୋଲି କହି ସୀତା ରୋଦନ କରିବା ସଙ୍ଗେ ସଙ୍ଗେ କହିଲେ- ହେ ପ୍ରିୟତମ ରାଘବ ! ମୋର ବାମ ନେତ୍ର ଓ ବାହୁ ସ୍ଫୁରିତ ହେଉଛି । ଏହି ଶୁଭଶକୁନ କଣ ମିଛ ହେବ ? ଦୃଷ୍ଟିରେ ଚାହୁଁ ନାହଁ କି ବାହୁରେ ଗାଢ଼ଆଲିଙ୍ଗନ କରୁନାହଁ କାହିଁକି ?

लक्ष्मणं प्रतिः-

प्राणेश्वरः प्रतिगिरं न ददाति रामो हा वत्स लक्ष्मण ममापनयेन रुष्टः ।

मद्वत्सलस्त्वमपि नोत्तरमाददासि भ्रान्त्या भुवं मम कृतेऽथ दिवंगतो वा ॥७०॥

ଲକ୍ଷ୍ମଣଂ ପ୍ରତି :-

ପ୍ରାଣେଶ୍ୱରଃ ପ୍ରତିଗିରଂ ନ ଦଦାତି ରାମୋ ହା ବତ୍ସ ଲକ୍ଷ୍ମଣ ମମାପନୟେନ ରୁଷ୍ଟଃ ।

ମଦ୍‌ବତ୍ସଳସ୍ତ୍ୱମପି ନୋତ୍ତରମାଦଦାସି ଭ୍ରାନ୍ତ୍ୟା ଭୁବଂ ମମ କୃତେଽଥ ଦିବଂ ଗତୌ ବା ॥୭୦॥

❊ ସୀତା ଲକ୍ଷ୍ମଣଙ୍କୁ ଲକ୍ଷ୍ୟକରି କହିଲେ- ପ୍ରାଣେଶ୍ୱର ଶ୍ରୀରାମ ପ୍ରତ୍ୟୁତ୍ତର ଦେଉ ନାହାନ୍ତି ॥ ହା ବତ୍ସ ଲକ୍ଷ୍ମଣ ! ତୁମେ କଣ ମୋ' ଉପରେ ରାଗିଛ ? ତୁମ ତ ମୋତେ ଖୁବ୍ ଶ୍ରଦ୍ଧା ଓ ସମ୍ମାନ କର । କାହିଁ ତୁମେ ବି କିଛି କହୁ ନାହଁ । ସାରା ପୃଥିବୀ ବୁଲିବା ପରେ ମୋତେ ଖୋଜିବା ପାଇଁ ତୁମେ ଦୁଇଭାଇ ସ୍ୱର୍ଗକୁ ଯାଇଛ କି ?

सीताविलापः -

स्वर्गादिमौ झटिति मानवलोकयन्तौ न ब्रह्मलोकमधिगच्छत एव तावत् ।

प्राणा दिवं व्रजत देवगिरा मुमोच श्वासानिलं जनकजा सह सञ्ज्वरेण ॥७१॥

ସୀତା ବିଳାପଃ-

ସ୍ୱର୍ଗାଦିମୌ ଝଟିତି ମାନବଲୋକୟନ୍ତୌ ନ ବ୍ରହ୍ମଲୋକମଧିଗଚ୍ଛତ ଏବ ତାବତ୍ ।

ପ୍ରାଣା ଦିବଂ ବ୍ରଜତ ଦେବଗିରା ମୁମୋଚ ଶ୍ୱାସାନିଳଂ ଜନକଜା ସହ ସଙ୍ଗରେଣ ॥୭୧॥

❊ ସୀତା କାନ୍ଦି କାନ୍ଦି କହିଲେ- ଆରେ ପ୍ରାଣ, ଯେ ପର୍ଯ୍ୟନ୍ତ ଦୁଇଭାଇ ମୋତେ ସ୍ୱର୍ଗରେ ନ ପାଇ ବ୍ରହ୍ମଲୋକକୁ ଯାଇ ନାହାନ୍ତି, ସେହି ସମୟ ମଧ୍ୟରେ ତୁ ଯାଇ ସ୍ୱର୍ଗରେ ତାଙ୍କୁ ସାକ୍ଷାତ କର। ଏହି ସମୟରେ ଆଶ୍ୱାସନାପ୍ରଦ ଆକାଶବାଣୀ ଶୁଣି ସୀତା ଦୀର୍ଘନିଃଶ୍ୱାସ ତ୍ୟାଗ କଲେ ଓ ଯୁଦ୍ଧଭୂମିରୁ ଫେରିଆସିଲେ ॥

अत्रावसरे वैकुण्ठाद्गरुड :-

हाहाकारं निशम्य त्रिभुवनविदितं रावणे: कर्मघोरं
क्रोधाग्नेर्धूमघाटीदलितरिपुकुलं त्रासयन्राक्षसेन्द्रम् ।
पक्षाघातप्रचण्डप्रचलितपवनध्वस्तशैलेन्द्रपातै:
संप्राप्तो वैनतेय: स्रवदमृतरसो जीवयामास रामम् ।।७२।।

ଅତ୍ରାବସରେ ବୈକୁଣ୍ଠାତ୍ ଗରୁଡଃ –

ହାହାକାରଂ ନିଶମ୍ୟ ତ୍ରିଭୁବନବିଦିତଂ ରାବଣେଃ କର୍ମଘୋରଂ
କ୍ରୋଧାଗ୍ନେର୍ଧୂମଘାଟୀଦଳିତରିପୁକୁଳଂ ତ୍ରାସୟନ୍ ରାକ୍ଷସେନ୍ଦ୍ରମ୍।
ପକ୍ଷାଘାତପଚଣ୍ଡପ୍ରଚଳିତପବନଧ୍ୱସ୍ତଶୈଳେନ୍ଦ୍ରପାତୈଃ
ସଂପ୍ରାପ୍ତୋ ବୈନତେୟଃ ସ୍ରବଦମୃତରସୋ ଜୀବୟାମାସ ରାମମ୍ ॥୭୨॥

❊ ବିଷ୍ଣୁବାହନ ଗରୁଡ଼ ଏହି ସମୟରେ ବୈକୁଣ୍ଠରୁ ଆସି ମେଘନାଦର ତ୍ରିଭୁବନ ବିଦିତ ଘୋର କର୍ମଜନିତ ହାହାକାର ଶବ୍ଦ ଶୁଣି କ୍ରୋଧାଗ୍ନିଧୂମରେ ଶତ୍ରୁକୁଳକୁ ଭୟଭୀତ କରିବା ସଙ୍ଗେ ସଙ୍ଗେ ନିଜ ପକ୍ଷର ଆଘାତରେ ପର୍ବତଗୁଡ଼ିକୁ ଧ୍ୱସ୍ତବିଧ୍ୱସ୍ତ କରିଦେଲେ। ବୈକୁଣ୍ଠରୁ ଆଣିଥିବା ଅମୃତରସ ପାନ କରାଇ ସେ ଶ୍ରୀରାମଙ୍କୁ ପୁନରୁଜ୍ଜୀବିତ କଲେ ॥

अमरपतिजिता तौ नागपाशेन बद्धावथ गरुडसकाशान्मुक्तपाशौ ततस्तौ ।
विविधतुरतियुद्धं तत्र रामानुजन्मा शितशरहतजीवं मेघनादं चकार ।।७३।।
ଅମରପତିଜିତା ତୌ ନାଗପାଶେନ ବଦ୍ଧାବଥ ଗରୁଡ଼ସକାଶାନ୍ମୁକ୍ତପାଶୌ ତତସ୍ତୌ।
ବିବିଧତୁରତିଯୁଦ୍ଧଂ ତତ୍ର ରାମାନୁଜନ୍ମା ଶିତଶରହୃତଜୀବଂ ମେଘନାଦଂ ଚକାର ॥୭୩॥

❊ ଦେବେନ୍ଦ୍ର ବିଜୟୀ ମେଘନାଦ ଦ୍ୱାରା ନାଗପାଶରେ ଆବଦ୍ଧ ହୋଇଥିବା ରାମଲକ୍ଷ୍ମଣଙ୍କୁ ଗରୁଡ଼ ମୁକ୍ତ କରିଦେଲେ। ପାଶମୁକ୍ତ ହେବା ସଙ୍ଗେ ସଙ୍ଗେ ଶ୍ରୀରାମ ଓ ଲକ୍ଷ୍ମଣ ଘୋରତର ଯୁଦ୍ଧ କଲେ। ଶେଷରେ ଲକ୍ଷ୍ମଣଙ୍କର ତୀକ୍ଷ୍ଣ ବାଣ ଆଘାତରେ ମେଘନାଦ ମୂର୍ଚ୍ଛିତ ହୋଇ ରଥ ଉପରେ ପଡ଼ିଗଲା ॥

मायासीतावध:

पापो विरच्य समरे जनकस्य पुत्रीं हा राम राम रमणेति गिरं गिरन्तीम् ।
खड्गेन पश्यत वदन्निति रे प्रवीरा मायामयीं शिव शिवेन्द्रजिदाजघान ।।७४।।

ମାୟାସୀତା ବଧଃ

ପାପୋ ବିରଚ୍ୟ ସମରେ ଜନକସ୍ୟ ପୁତ୍ରୀଂ ହା ରାମ ରାମ ରମଣେତି ଗିରଂ ଗିରନ୍ତୀମ୍ ।
ଖଡ୍‌ଗେନ ପଶ୍ୟତ ବଦନ୍ନିତି ରେ ପ୍ରବୀରା ମାୟାମୟୀଂ ଶିବ ଶିବେନ୍ଦ୍ରଜିଦାଜଘାନ ॥୭୪॥

❊ ପାପାତ୍ମା ମେଘନାଦ ମାୟାବଳରେ ଏକ ଜାନକୀ ମୂର୍ତ୍ତି ସୃଷ୍ଟି କଲା । ସେହି ମାୟା ସୀତା ହା ରାମ, ହା ପ୍ରାଣନାଥ ବୋଲି କହି କାନ୍ଦୁଥିବାବେଳେ, ମେଘନାଦ ରେ ବୀରଗଣ ଦେଖ ବୋଲି କହି ଖଡ୍ଗରେ ତାକୁ କାଟି ଦୁଇଖଣ୍ଡ କରିଦେଲା ॥

द्विधाकृतां तां पुनराददानो मायारथस्थोऽम्बरवर्त्मना च ।
ब्रह्मोपदेशात्स निकुम्भिलाद्रेर्न्यग्रोधमूलावटमाजगाम ॥७५॥
ଦ୍ୱିଧାକୃତାଂ ତାଂ ପୁନରାଦଦାନୋ ମାୟାରଥସ୍ଥୋଽମ୍ବରବର୍ତ୍ମନା ଚ ।
ବ୍ରହ୍ମୋପଦେଶାତ୍ ସ ନିକୁମ୍ଭିଲାଦ୍ରେର୍ନ୍ୟଗ୍ରୋଧମୂଳାବଟମାଜଗାମ ॥୭୫॥

❊ ମେଘନାଦ ଦୁଇଖଣ୍ଡ କରିଦେଇଥିବା ମାୟାସୀତାକୁ ମାୟାରଥରେ ରଖି ଆକାଶମାର୍ଗରେ ନିକୁମ୍ଭିଳା ପର୍ବତକୁ ଗଲା ଏବଂ ବ୍ରହ୍ମୋପଦେଶ ଅନୁସାରେ ବଟବୃକ୍ଷ ମୂଳରେ କୁଣ୍ଡ ରଚନା ପୂର୍ବକ ଯଜ୍ଞାନୁଷ୍ଠାନ ଆରମ୍ଭ କଲା ॥

युद्धभूमौ रामः -

दृष्ट्वा मायाजनकतनयाखण्डनं रामचन्द्रो
गुर्वीमुर्वीतलमुपगतो तूर्णमासाद्य मूर्च्छाम् ।
तत्पादाग्रे पुनरनुजनिश्चेतनां प्राप्य रामं
कृत्वोत्सङ्गे स्मरसि न गिरं व्याहरन्नित्यरोदीत् ॥७६॥

ଯୁଦ୍ଧଭୂମୌ ରାମଃ-

ଦୃଷ୍ଟ୍ୱା ମାୟାଜନକତନୟାଖଣ୍ଡନଂ ରାମଚନ୍ଦ୍ରୋ
ଗୁର୍ବୀମୁର୍ବୀତଲମୁପଗତୋ ତୂର୍ଣ୍ଣମାସାଦ୍ୟ ମୂର୍ଚ୍ଛାମ୍ ।
ତତ୍ ପ୍ରାଦାଗ୍ରେ ପୁନରନୁଜନିଶ୍ଚେତନାଂ ପ୍ରାପ୍ୟ ରାମଂ
କୃତ୍ୱୋତ୍ସଙ୍ଗେ ସ୍ମରସି ନ ଗିରଂ ବ୍ୟାହରନ୍ନିତ୍ୟରୋଦୀତ୍ ॥୭୬॥

❊ ଯୁଦ୍ଧଭୂମିରେ ମାୟାସୀତାକୁ ଦୁଇଖଣ୍ଡ ହୋଇ ପଡ଼ିଥିବାର ଦେଖି ଶ୍ରୀରାମ ମୂର୍ଚ୍ଛିତ ହୋଇ ତଳେ ପଡ଼ିଗଲେ । ତାଙ୍କ ପାଦତଳେ ବସିଥିବା ଲକ୍ଷ୍ମଣ ଶ୍ରୀରାମଙ୍କ ମସ୍ତକକୁ ନିଜ କୋଳରେ ରଖି ସଚେତ କରାଇବା ସଙ୍ଗେ ସଙ୍ଗେ 'ଆପଣ ପୁରାଣ ପୁରୁଷ' ଏହି ଦେବବାଣୀ କଣ ସ୍ମରଣ କରୁ ନାହାନ୍ତି ? ଏହା କହି ଲକ୍ଷ୍ମଣ କାନ୍ଦିବାକୁ ଲାଗିଲେ ॥

ततो निकुम्भिलाद्रौ वटमूले मेघनादः

कुण्डे विभीतकसमिद्भिरथार्द्धचन्द्रे शक्रेभकुम्भदलनः पलमाजुहाव ।
शत्रुंजये रथवरेऽर्द्धसमुद्गतेऽग्नेर्यज्ञं बभञ्ज तरसा हनुमानुपेत्य ॥७७॥

ତତୋ ନିକୁମ୍ଭିଳାଦ୍ରୌ ବଟମୂଳେ ମେଘନାଦଃ -

କୁଣ୍ଡେ ବିଭୀତକସମିଦ୍‌ଭିରର୍ଦ୍ଧଚନ୍ଦ୍ରେ ଶକ୍ରେଭକୁମ୍ଭଦଳନଃ ପଳମାଜୁହାବ ।

ଶତ୍ରୁଜୟେରଥବରେଽର୍ଦ୍ଧେ ସମୁଦ୍‌ଗତେଽଗ୍ନେର୍ଯଜ୍ଞଂ ବଭଞ୍ଜତରସା ହନୁମାନୁପେତ୍ୟ ॥୭୭॥

❋ ଐରାବତ ହସ୍ତୀର କୁମ୍ଭସ୍ଥଳଭେଦନକାରୀ ମେଘନାଦ ନିକୁମ୍ଭିଳା ପର୍ବତର ବଟବୃକ୍ଷ ମୂଳରେ ଅର୍ଦ୍ଧଚନ୍ଦ୍ରାକାର କୁଣ୍ଡ କରି ସେଥିରେ ବାହାଡ଼ା ବୃକ୍ଷର ସମିଧ ପକାଇଲା ଓ ନିଜ ଶରୀରର ମାଂସଦ୍ୱାରା ଆହୁତି ଦେଇ ଯଜ୍ଞ ଆରମ୍ଭ କଲା । ଏହିସମୟରେ ମହାବୀର ହନୁମାନ୍ ଉପସ୍ଥିତ ହୋଇ ମେଘନାଦର ଅଧା ହୋଇଥିବା ଯଜ୍ଞକୁ ଧ୍ୱଂସ କରିଦେଲେ ॥

विभीषणेन सह लक्ष्मण- अरे मेघनाद ! ते मायां छित्वा पितृव्यसमीपं प्रेरयाम्यद्य-

दो:स्तम्भास्फालकेलिस्फुटनिकटरवध्वस्तघोरान्धकार:

संहारास्त्रं नियोज्य स्वधनुषि धरणीं पाणिनाहृत्य वीर: ।

क्रोधान्धो रावणस्य ज्वलदनलशिखामुद्गिरन्पाणियुग्मे

छित्वा चिक्षेप सौमित्रिरथ दृढशिरो मेघनादस्य साद्रिम् ॥७८॥

ବିଭୀଷଣେନ ସହ ଲକ୍ଷ୍ମଣଃ- ଅରେ ମେଘନାଦଃ । ତେ ମାୟାଂ ଛିତ୍ୱା ପିତୃବ୍ୟସମୀପଂ ପ୍ରେରୟାମ୍ୟଦ୍ୟ -

ଦୋଃସ୍ତମ୍ଭାସ୍ଫାଳକେଳିସ୍ଫୁଟନିକଟରବଧ୍ୱସ୍ତଘୋରାନ୍ଧକାରଃ

ସଂହାରାସ୍ତ୍ରଂ ନିୟୋଜ୍ୟ ସ୍ୱଧନୁଷି ଧରଣୀଂ ପାଣିନାହୃତ୍ୟ ବୀରଃ ।

କ୍ରୋଧାନ୍ଧୋ ରାବଣସ୍ୟ ଜ୍ୱଳଦନଳଶିଖାମୁଦ୍‌ଗିରନ୍ ପାଣିଯୁଗ୍ମେ

ଛିତ୍ୱା ଚିକ୍ଷେପ ସୌମିତ୍ରିରଥ ଦୃଢଶିରୋ ମେଘନାଦସ୍ୟ ସାଦ୍ରିମ୍ ॥୭୮॥

❋ ବିଭୀଷଣଙ୍କ ସହିତ ଲକ୍ଷ୍ମଣ ଆସି କହିଲେ ରେ ମେଘନାଦ ! ତୋର ମାୟାକୁ ଛିନ୍ନ କରି ଆଜି ତୋତେ ତୋର କକେଇ (କୁମ୍ଭକର୍ଣ୍ଣ) ନିକଟକୁ ପଠାଉଛି ।

ଭୁଜଦଣ୍ଡର ଆସ୍ଫାଳନ ଜନିତ ବିକଟ ଶବ୍ଦଦ୍ୱାରା ଘୋର ଅନ୍ଧକାରକୁ ଦୂରକରିବାରେ ଅତୁଳବଳଶାଳୀ ଲକ୍ଷ୍ମଣ କ୍ରୋଧରେ ଉନ୍ମତ୍ତ ହୋଇ ସଂହାରକ ଅସ୍ତ୍ରକୁ ଧନୁରେ ଯୋଚି ଭୂମି ପର୍ଯ୍ୟନ୍ତ ଆମନ୍ତ୍ରିତ କରି ନିକ୍ଷେପ କଲେ । ସେହି ଅସ୍ତ୍ର ମୁକୁଟ ସହିତ ମେଘନାଦର ପ୍ରଜ୍ୱଳିତ ଅଗ୍ନିସଦୃଶ ମସ୍ତକକୁ ଛିନ୍ନ କରି ରାବଣ ହସ୍ତରେ ନେଇ ପକାଇଦେଲା ॥

दूत: - (रावणं प्रति सभयम्)

भो भो राजन् दशग्रीव मेघनादो महावल: ।

मृत: सौमित्रिबाणेन विभीषणकुमन्त्रणात् ॥७९॥

ଦୂତଃ(ରାବଣଂ ପ୍ରତି ସଭୟମ୍)-

ଭୋଭୋ ରାଜନ୍ ଦଶଗ୍ରୀବ ମେଘନାଦୋ ମହାବଳଃ ।

ମୃତଃ ସୌମିତ୍ରିବାଣେନ ବିଭୀଷଣକୁମନ୍ତ୍ରଣାତ୍ ॥୭୯॥

❊ ଦୂତ ଭୟଭୀତ ହୋଇ ରାବଣକୁ କହିଲା- ଭୋ ରାଜନ୍ ଦଶଗ୍ରୀବ ! ବିଭୀଷଣଙ୍କ କୁମନ୍ତ୍ରଣାରେ ମହାବଳୀ ମେଘନାଦ ସୌମିତ୍ରିଙ୍କ ବାଣରେ ମୃତ୍ୟୁବରଣ କଲେ ॥

रावण:-

तनयमरणवार्त्तां रावणो दूतवक्त्रा -
त्पतति धरणीपृष्ठे छिन्नशाखीव श्रुत्वा ।
वदति च गुरुरोषो लब्धसंज्ञ: सभायां
मशकवदनरन्ध्रे हस्तीयूथं प्रविष्टम् ॥८०॥

ରାବଣଃ-

ତନୟମରଣବାର୍ତ୍ତାଂ ରାବଣୋ ଦୂତବକ୍ତ୍ରା -
ତ୍ପତତି ଧରଣୀପୃଷ୍ଠେ ଛିନ୍ନଶାଖୀବ ଶ୍ରୁତ୍ୱା ।
ବଦତି ଚ ଗୁରୁରୋଷୋ ଲବ୍ଧସଂଜ୍ଞଃ ସଭାୟାଂ
ମଶକବଦନରନ୍ଧ୍ରେ ହସ୍ତୀଯୂଥଂ ପ୍ରବିଷ୍ଟମ୍ ॥୮୦॥

❊ ରାବଣ ଦୂତମୁଖରୁ ପୁତ୍ରର ମୃତ୍ୟୁ ସମ୍ବାଦ ଶୁଣି ଛିନ୍ନମୂଳ ବୃକ୍ଷ ପରି ଭୂମିରେ ନିପତିତ ହେଲା । ସଂଜ୍ଞା ଲାଭ କରିବା ସଙ୍ଗେ ସଙ୍ଗେ ଅତୀବ କ୍ରୋଧାନ୍ୱିତ ହୋଇ ରାବଣ ସଭାରେ କହିଲା- ମଶକ ମୁଖରେ ହସ୍ତୀଯୂଥ ପଶିଲେ -ଏହି ଆଶ୍ଚର୍ଯ୍ୟଜନକ କଥା ମୋ କାନ ଶୁଣିଲା ॥

हते मेघनादे रावणं प्रति मन्दोदरी-

दृष्ट्वा दैन्यं भगिन्या: खरवलमथनं मातुलस्यापि नाशं
तालानां भेदनं तत्कपिवरहननं तच्च सुग्रीवसख्यम् ।
कर्माण्युद्यानहन्तुर्जलनिधितरणे यो न जातस्तदानीं
सोऽयं नष्टे कुलेऽस्मिन्कथमिह कथने जायते ते विवेक: ॥८१॥

ହତେ ମେଘନାଦେ ରାବଣଂ ପ୍ରତି ମନ୍ଦୋଦରୀ-

ଦୃଷ୍ଟ୍ୱା ଦୈନ୍ୟଂ ଭଗିନ୍ୟାଃ ଖରବଳମଥନଂ ମାତୁଳସ୍ୟାପି ନାଶଂ
ତାଳାନାଂ ଭେଦନଂ ତତ୍କପିବରହନନଂ ତଚ୍ଚସୁଗ୍ରୀବସଖ୍ୟମ୍ ।
କର୍ମ୍ମାଣ୍ୟୁଦ୍ୟାନହନ୍ତୁର୍ଜଳନିଧିତରଣେ ଯୋ ନ ଜାତସ୍ତଦାନୀଂ
ସୋଽୟଂ ନଷ୍ଟେ କୁଳେଽସ୍ମିନ୍ କଥମିହ କଥନେ ଜାୟତେ ତେ ବିବେକଃ ॥୮୧॥

❊ ପୁତ୍ର ଇନ୍ଦ୍ରଜିତର ମୃତ୍ୟୁ ବାର୍ତ୍ତା ଶୁଣି ମନ୍ଦୋଦରୀ ରାବଣକୁ କହିଲା- ନିଜ ଭଉଣୀର ଦୈନ୍ୟ ଅବସ୍ଥା, ଖରଦୂଷଣାଦିଙ୍କ ସଂହାର, ମାମୁଙ୍କର ବିନାଶ, ସପ୍ତତାଳ ଭେଦନ, କପିବର ବାଳିର ନିଧନ, ସୁଗ୍ରୀବର ମିତ୍ରତା, ମଧୁବନଧ୍ୱଂସ, ସାଗରତରଣ ପ୍ରଭୃତି ଦେଖିଲ । ଏହି ଘଟଣାବେଳେ ଯେ ଜନ୍ମ ହୋଇ ନ ଥିଲା ସେହି ମେଘନାଦର ମୃତ୍ୟୁ ପରେ ଏବେ ବଂଶ ଲୋପ ହେଲା; ଆଉ କେବେ ତୁମର ଜ୍ଞାନୋଦୟ ହେବ ?

अथ तां प्रति रावणः -

रामाय प्रतिपक्षकक्षशिखिने दास्यामि वा मैथिलीं
युद्धे राघवसायकैरभिहतः स्वर्गं गामिष्यामि वा ।
नीतिज्ञे कथयस्व देवि कतरः पक्षो गृहीतस्त्वया
श्रेयो ब्रूहि मम प्रियेऽपि भविता को वाधुना तद्वद ।।८२।।

ଅଥ ତାଂ ପ୍ରତି ରାବଣଃ-

ରାମାୟ ପ୍ରତିପକ୍ଷକକ୍ଷଶିଖିନେ ଦାସ୍ୟାମି ବା ମୈଥିଳୀଂ
ଯୁଦ୍ଧେ ରାଘବସାୟକୈରଭିହତଃ ସ୍ୱର୍ଗଂ ଗମିଷ୍ୟାମି ବା ।
ନୀତିଜ୍ଞେ କଥୟସ୍ୱ ଦେବି କତରଃ ପକ୍ଷୋ ଗୃହୀତସ୍ତ୍ୱୟା .
ଶ୍ରେୟୋ ବ୍ରୂହି ମମ ପ୍ରିୟେଽପି ଭବିତା କୋ ବାଧୁନା ତଦ୍ୱଦ ।।୮୨।।

❋ ରାବଣ ମନ୍ଦୋଦରୀଙ୍କୁ କହିଲା- ହେ ପ୍ରିୟେ ! ମୋର ପ୍ରତିପକ୍ଷ ରାମଙ୍କୁ ଜାନକୀ ପ୍ରତ୍ୟର୍ପଣ କରିବି ନା ଯୁଦ୍ଧରେ ରାଘବ ଦ୍ୱାରା ନିହତ ହୋଇ ସ୍ୱର୍ଗକୁ ଯିବି । ନୀତିଜ୍ଞମାନଙ୍କୁ ପଚାରି ତୁମେ କେଉଁ ପକ୍ଷକୁ ସମର୍ଥନ କରୁଛ ସେକଥା କୁହ । ବର୍ତ୍ତମାନ କଣ କଲେ ମୋର ମଙ୍ଗଳ ହେବ ତାହା ମଧ୍ୟ ପ୍ରକାଶ କର ।।

निरुत्तरं दृष्ट्वा पुनराह-

जानमि सीतां जनकप्रसूतां जानामि रामं मधुसूदनं च ।
जानाम्यहं चापि नरस्य वध्यस्तथापि सीतां न समर्पयामि ।।८३।।

ନିରୁତ୍ତରଂ ଦୃଷ୍ଟ୍ୱା ପୁନରାହ-

ଜାନାମି ସୀତାଂ ଜନକପ୍ରସୂତାଂ ଜାନାମି ରାମଂ ମଧୁସୂଦନଂ ଚ ।
ଜାନାମ୍ୟହଂ ଚାପି ନରସ୍ୟ ବଧ୍ୟସ୍ତଥାପି ସୀତାଂ ନ ସମର୍ପୟାମି ।।୮୩।।

❋ ମନ୍ଦୋଦରୀଙ୍କୁ ନୀରବ ରହିବାର ଦେଖି ରାବଣ ପୁଣି କହିଲା- ମୁଁ ଜନକତନୟା ସୀତାଙ୍କୁ ଜାଣେ । ଶ୍ରୀରାମଙ୍କୁ ମଧୁଦୈତ୍ୟର ବିନାଶକ ବିଷ୍ଣୁଙ୍କ ଅବତାର ବୋଲି ମଧ୍ୟ ଜାଣେ । ତାଙ୍କରି ହାତରେ ମୋର ମୃତ୍ୟୁ ସୁନିଶ୍ଚିତ, ଏହା ମଧ ଜାଣିଛି । ତଥାପି ମୁଁ ସୀତାଙ୍କୁ ସମର୍ପଣ କରିପାରିବି ନାହିଁ ।।

रावणः समराङ्गणे प्रविश्य कालं प्रति -

रे काल त्वमकाललब्धविभवः स्वैरं सकामो भव
स्थाने भूषय नूतनं शवशिरः श्रेणीभिरङ्गं स्वकम् ।
तस्माद्राघवमेत्य शंस सहसा सज्जीभव त्वत्कृते
संनद्धः करवालभीषणभुजो युद्धाय लङ्केश्वरः ।।८४।।

ରାବଣଃ ସମରାଙ୍ଗଣେ ପ୍ରବିଶ୍ୟ କାଳଂ ପ୍ରତି -

ରେ କାଳ ତ୍ୱମକାଲଲବ୍ଧବିଭବଃ ସ୍ୱୈରଂ ସକାମୋ ଭବ
ସ୍ଥାନେ ଭୂଷୟ ନୂତନଂ ଶବଶିରଃ ଶ୍ରେଣୀଭିରଙ୍ଗଂ ସ୍ୱକମ୍ ।

ତସ୍ମାଦ୍ରାଘବମେତ୍ୟ ଶଂସ ସହସା ସଜ୍ଜୀଭବ ତ୍ୱତ୍କୃତେ
ସଂନଦ୍ଧଃକରବାଳଭୀଷଣଭୁଜୋ ଯୁଦ୍ଧାୟ ଲଙ୍କେଶ୍ୱରଃ ॥୮୪॥

❊ ରାବଣ ଯୁଦ୍ଧଭୂମିରେ ପ୍ରବେଶ କରି କାଳକୁ ଲକ୍ଷ୍ୟ କରି କହିଲା- ରେ କାଳ ! ତୁ ଅସମୟରେ ବିଭବଶାଳୀ ହେବାକୁ ଯାଉଛୁ । ଆଜି ତୋର ମନୋକାମନା ପୂର୍ଣ୍ଣ ହେବ । ନୂତନ ଶବମସ୍ତକ ସ୍ୱରୂପ ଆଭରଣ ଦ୍ୱାରା ତୋର ଅଙ୍ଗକୁ ଯଥାଯଥଭାବେ ଅଳଙ୍କୃତ କର । ତେଣୁ ଶୀଘ୍ର ଯାଇ ରାମକୁ କହ, ସେ ପ୍ରସ୍ତୁତ ହୋଇ ଯୁଦ୍ଧକୁ ଆସୁ । ଲଙ୍କେଶ୍ୱର ରାବଣ ଖଡ୍ଗ ଧରି ତା' ସହିତ ଯୁଦ୍ଧ କରିବା ପାଇଁ ଅପେକ୍ଷା କରୁଛି ॥

हेलोत्तोलितचन्द्रचूड़गिरयस्त्रैलोक्यदर्पापहा
लङ्कातङ्कहराः पुरन्दरपुरस्त्रीवृन्दवन्दीकृता ।
वैदेहीकुचकुम्भकुङ्कुमरसव्यासङ्गबद्धस्पृहाः
सोत्कर्षं दशकन्धरस्य जयिनः खेलन्ति दोःकेलयः ॥८५॥

ହେଲୋତ୍ତୋଳିତ ଚନ୍ଦ୍ରଚୂଡ଼ଗିରୟସ୍ତ୍ରୈଲୋକ୍ୟଦର୍ପାପହା
ଲଙ୍କାତଙ୍କହରାଃ ପୁରନ୍ଦରପୁରସ୍ତ୍ରୀବୃନ୍ଦବନ୍ଦୀକୃତାଃ ।
ବୈଦେହୀ କୁଚକୁମ୍ଭ କୁଙ୍କୁମରସବ୍ୟାସଙ୍ଗବଦ୍ଧସ୍ପୃହାଃ
ସୋତ୍କର୍ଷଂ ଦଶକନ୍ଧରସ୍ୟ ଜୟିନଃ ଖେଳନ୍ତି ଦୋଃକେଳୟଃ ॥୮୫॥

❊ କୈଳାସଶିଖରକୁ ଅବଲୀଳାକ୍ରମେ ଉତ୍ତୋଳିତ କରିଥିବା, ତ୍ରିଲୋକର ଗର୍ବଗଞ୍ଜନ ସହିତ ଲଙ୍କାପୁରକୁ ଆତଙ୍କମୁକ୍ତ କରିଥିବା, ସ୍ୱର୍ଗାଙ୍ଗନାମାନଙ୍କୁ ବନ୍ଦିକରି ବୈଦେହୀଙ୍କ କୁଚକୁଙ୍କୁମ ରସଲାଳସ ଦଶକନ୍ଧରର ବାହୁକେଳି ଜୟଲାଭ କରୁ ॥

इत्यवसरे रामं प्रति हनुमान् -

नीलोऽयं दशमुखपाणिपङ्कजानामग्रेषु भ्रमरतनुभ्रमं तनोति ।
अप्येको दशमुखमौलिभूषणेषु द्राक्प्रेङ्खन्परिदधदिन्द्रनीलशोभाम् ॥८६॥

ଇତ୍ୟବସରେ ରାମଂ ପ୍ରତି ହନୂମାନ୍-

ନୀଲୋଽୟଂ ଦଶମୁଖପାଣିପଙ୍କଜାନାମଗ୍ରେଷୁ ଭ୍ରମରତନୁଭ୍ରମଂ ତନୋତି ।
ଅପ୍ୟେକୋଦଶମୁଖମୌଳିଭୂଷଣେଷୁଦ୍ରାକ୍‌ପ୍ରେଙ୍ଖନ୍‌ପରିଦଧଦିନ୍ଦ୍ରନୀଳଶୋଭାମ୍ ॥୮୬॥

❊ ହନୂମାନ୍ ଏହିସମୟରେ ଶ୍ରୀରାମଙ୍କୁ ଲକ୍ଷ୍ୟକରି କହିଲେ ପ୍ରଭୋ ! ସେନାପତି ନୀଳ ଦଶମୁଖ ରାବଣର ପଦ୍ମରୂପକ ହସ୍ତଗୁଡ଼ିକ ପାଖରେ ଭ୍ରମର ପରି ଘୂରି ବୁଲୁଛନ୍ତି । ରାବଣର ମସ୍ତକରେ ଥିବା ମୁକୁଟରେ କପି ଜଣକ ଇନ୍ଦ୍ରନୀଳମଣି ପରି ଶୋଭା ପାଉଛନ୍ତି ॥

विभीषणो रामं प्रति -

भङ्क्त्वा काञ्चनशेखरं मणिगणानाकीर्य विष्वक्तत-
श्छित्वा कुण्डलमण्डलं विकलयन् कल्पद्रुपुष्पस्रजम् ।

अंघ्रिभ्यामभिलंध्य क्लृप्तरुधिरासारं पुनः पुप्लुवे
दुर्मत्तस्य दशाननस्य शिरसि क्रीडन्प्लवङ्गाधिपः ।।८७।।

ବିଭୀଷଣୋ ରାମଂ ପ୍ରତି -

ଭଙ୍କ୍ତ୍ୱା କାଞ୍ଚନଶେଖରଂ ମଣିଗଣାନାକୀର୍ଯ ବିଷ୍ୱକ୍‌ତତ -
ଶ୍ଛିତ୍ୱା କୁଣ୍ଡଳମଣ୍ଡଳଂ ବିକଳୟନ୍ କଳ୍ପଦ୍ରୁପୁଷ୍ପସ୍ରଜମ୍ ।
ଅଂଘ୍ରିଭ୍ୟାମଭିଲଂଘ୍ୟ କ୍ଳୃପ୍ତରୁଧିରାସାରଂ ପୁନଃ ପୁପ୍ଲୁବେ
ଦୁର୍ମତ୍ତସ୍ୟ ଦଶାନନସ୍ୟ ଶିରସି କ୍ରୀଡ଼ନ୍‌ପ୍ଲବଙ୍ଗାଧିପଃ ।।୮୭।।

❊ ବିଭୀଷଣ ଶ୍ରୀରାମଙ୍କୁ ଲକ୍ଷ୍ୟ କରି କହିଲେ- ପ୍ରଭୋ ! କପିପତି ସୁଗ୍ରୀବ ରାବଣର ମସ୍ତକରେ ଥିବା ରତ୍ନମୁକୁଟକୁ ଭାଙ୍ଗି ସେଥିରେ ଥିବା ମଣିକୁ ଇତସ୍ତତଃ ଫିଙ୍ଗି ଦେଉଛନ୍ତି । କର୍ଣ୍ଣର କୁଣ୍ଡଳ ଓ କଳ୍ପଦ୍ରୁମର ପୁଷ୍ପରେ ନିର୍ମିତ ମାଳାକୁ ଛିଡ଼ାଇ ଦଶାନନର ମସ୍ତକକୁ ସେ ପାଦରେ ଦଳିଦେଉଛନ୍ତି । ସେଥିପାଇଁ ଦୁଷ୍ଟ ରାବଣର ମସ୍ତକରୁ ନିର୍ଗତ ହେଉଥିବା ରକ୍ତରେ ତାର ସମଗ୍ର ଶରୀର ଆପ୍ଲୁତ ହୋଇଯାଇଛି ।।

रावणः - (सक्रोधम्)

लङ्केश्वरः सुतवधारुणवक्त्रचक्रो धृत्वा करे क्षिपति तद्विधिदत्तशक्तिम् ।
पौलस्त्यवक्षसि रुचार्द्धपथे ज्वलन्तीं क्षिप्ताम्बुधौ हनुमता तरसा गृहीत्वा ।।८८।।

ରାବଣଃ (ସକ୍ରୋଧମ୍)

ଲଙ୍କେଶ୍ୱରଃ ସୁତବଧାରୁଣବକ୍ତ୍ରଚକ୍ରୋ ଧୃତ୍ୱା କରେ କ୍ଷିପତି ତଦ୍ୱିଧିଦତ୍ତଶକ୍ତିମ୍ ।
ପୌଲସ୍ତ୍ୟବକ୍ଷସି ରୁଚାର୍ଦ୍ଧପଥେ ଜ୍ୱଳନ୍ତୀଂ କ୍ଷିପ୍ତାମ୍ବୁଧୌ ହନୁମତା ତରସା ଗୃହୀତ୍ୱା ।।୮୮।।

❊ ରାବଣ ପୁତ୍ରର ମୃତ୍ୟୁ ହେତୁ କ୍ରୋଧରେ ରକ୍ତମୁଖା ହୋଇ ବୀରଘାତିନୀ ଶକ୍ତି ନାମକ ଚକ୍ର ଅନୁଜ ବିଭୀଷଣ ବକ୍ଷ ଉପରକୁ ନିକ୍ଷେପ କଲା । ବୀର ହନୁମାନ୍ ସେହି ଜାଜ୍ୱଲ୍ୟମାନ ଅସ୍ତ୍ରକୁ ଅର୍ଦ୍ଧପଥରୁ ଧରି ନେଇ ଶୀଘ୍ର ସମୁଦ୍ରକୁ ଫିଙ୍ଗିଦେଲେ ।।

शक्तिहरणमवलोक्य ब्रह्माणं हन्तुमुद्यते रावणे मारुतिः स्थानान्तरं नेय इति ब्रह्मवाक्ये नारदः -

द्राङ्नारदोऽथ जनकस्य भयादनैषीत् स्थानान्तरं समरतः पवनस्य सूनुम् ।
तत्रैकवीरनिधनामतुलप्रभावां जग्राह राक्षसपतिः स्वभुजेषु शक्तिम् ।।८९।।

ଶକ୍ତିହରଣମବଲୋକ୍ୟ ବ୍ରହ୍ମାଣଂ ହନ୍ତୁମୁଦ୍ୟତେ ରାବଣେ ମାରୁତିଃ ସ୍ଥାନାନ୍ତରଂ ନେୟ ଇତି ବ୍ରହ୍ମବାକ୍ୟେ ନାରଦଃ-

ଦ୍ରାଙ୍‌ନାରଦୋଽଥ ଜନକସ୍ୟ ଭୟାଦନୈଷୀତ୍‌ସ୍ଥାନାନ୍ତରଂ ସମରତଃ ପବନସ୍ୟ ସୂନୁମ୍ ।
ତତ୍ରୈକବୀରନିଧନାମତୁଳପ୍ରଭାବାଂ ଜଗ୍ରାହ ରାକ୍ଷସପତିଃ ସ୍ୱଭୁଜେଷୁ ଶକ୍ତିମ୍ ।।୮୯।।

❋ ହନୁମାନ୍ ଶକ୍ତିକୁ ହରଣ କରିବାର ଦେଖି ରାବଣ ବ୍ରହ୍ମାଙ୍କୁ ହତ୍ୟା କରିବା ପାଇଁ ଉଦ୍ୟତ ହେବାରୁ ବ୍ରହ୍ମା ନାରଦଙ୍କୁ ସ୍ମରଣ କରି କହିଲେ- ମାରୁତିକୁ ଅନ୍ୟସ୍ଥାନକୁ ନେଇଯାଅ ।

ଦେବର୍ଷି ନାରଦ ପିତାମହ ବ୍ରହ୍ମାଙ୍କୁ ରକ୍ଷା କରିବା ପାଇଁ ଯୁଦ୍ଧରତ ମାରୁତିକୁ ଅନ୍ୟତ୍ର ନେଇଗଲେ । ଏହାପରେ ରାବଣ ବ୍ରହ୍ମଶକ୍ତିକୁ ଉଠାଇ ହାତରେ ଧଇଲା ॥

तस्मिन्निशाचरपतिः परिहीनशक्तिःशक्तिं मुमोच निधनाय विभीषणस्य ।
तं रक्षितुं कनकशैल इवाभिरामो रामानुजो निजमुरः कवची चकार ॥९०॥
ତସ୍ମିନ୍ନିଶାଚରପତିଃ ପରିହୀନଶକ୍ତିଃ ଶକ୍ତିଂ ମୁମୋଚ ନିଧନାୟ ବିଭୀଷଣସ୍ୟ ।
ତଂ ରକ୍ଷିତୁଂ କନକଶୈଳଇବାଭିରାମୋ ରାମାନୁଜୋ ନିଜମୁରଃ କବଚୀ ଚକାର ॥୯୦॥

❋ ଯୁଦ୍ଧଭୂମିରେ ନିଶାଚରପତି ରାବଣ ବ୍ରହ୍ମାସ୍ତ୍ରର ତେଜଦ୍ୱାରା ଶକ୍ତିହୀନ ହେବା ସଙ୍ଗେ ସଙ୍ଗେ ବିଭୀଷଣକୁ ହତ୍ୟା କରିବା ପାଇଁ ତାହାକୁ ନିକ୍ଷେପ କଲା । ରାମାନୁଜ ଲକ୍ଷ୍ମଣ କନକଗିରି ସଦୃଶ ରୂପ ଧରି ନିଜ ହୃଦୟକୁ କବଚପ୍ରାୟ କରିବା ସଙ୍ଗେ ସଙ୍ଗେ ବିଭୀଷଣଙ୍କୁ ରକ୍ଷା କରିବା ନିମିତ୍ତ ତାଙ୍କ ଆଗରେ ଠିଆ ହୋଇଗଲେ ॥

शक्तिः प्रोढोग्रतेजः प्रलयसमुदिताद्रावणात्कोपमानाद्
गर्जन्ती दीपयन्ती ज्वलितदशदिशो लक्ष्मणं बोधयन्ती ।
हाहाकाप्रलापं सकलजनभवं देवदैत्येन्द्रकम्पं
ब्रह्माद्यैः स्तूयमाना भुजगपतिपुरं कारयन्ती जगाम ॥९१॥
ଶକ୍ତିଃ ପ୍ରୋଢ଼ୋଗ୍ରତେଜଃ ପ୍ରଳୟସମୁଦିତାଦ୍ରାବଣାତ୍‌କୋପମାନାଦ୍
ଗର୍ଜନ୍ତୀ ଦୀପୟନ୍ତୀ ଜ୍ୱଳିତଦଶଦିଶୋ ଲକ୍ଷ୍ମଣଂ ବେଧୟନ୍ତୀ ।
ହାହାକାରପ୍ରଳାପଂ ସକଳଜନଭବଂ ଦେବଦୈତ୍ୟେନ୍ଦ୍ରକମ୍ପଂ
ବ୍ରହ୍ମାଦ୍ୟୈଃ ସ୍ତୂୟମାନା ଭୁଜଗପତିପୁରଂ କାରୟନ୍ତୀ ଜଗାମ ॥୯୧॥

❋ ମହାପରାକ୍ରମଶାଳୀ ବୀରମାନଙ୍କର ନିଧନ ପାଇଁ ଉଦ୍ଦିଷ୍ଟ ଓ କ୍ରୁଦ୍ଧ ରାବଣହସ୍ତକ୍ଷିପ୍ତ ଶକ୍ତି ଘୋର ଶବ୍ଦ କରିବା ସଙ୍ଗେ ସଙ୍ଗେ ତେଜରେ ଦଶଦିଗକୁ ଉଦ୍‌ଭାସିତ କଲା । ଏହା ଦେଖି ଚାରିଆଡ଼େ ହା ହା କାର ଖେଳିଗଲା, ଦେବଦାନବ ପ୍ରଭୃତି ଭୟରେ ଥରିବାକୁ ଲାଗିଲେ ଏବଂ ବ୍ରହ୍ମାଦି ଦେବଗଣ ସ୍ତୁତିକରିବା ମଧ୍ୟରେ ସେହି ଶକ୍ତି ଲକ୍ଷ୍ମଣଙ୍କ ବକ୍ଷ ଭେଦ କରି ନାଗଲୋକରେ ଯାଇ ପ୍ରବେଶ କଲା ॥

स्थानान्तरादागत्य हनुमान् -

पश्चात्तापगते विभीषणबले क्षीणे प्लवङ्गेश्वरे
मूढे जाम्ववति प्लवङ्गमगणेऽसंभूय भूयः स्थिते ।
शक्तिप्रोढमहाप्रहारविधुरे मुर्च्छां गते लक्ष्मणे
हा रामे विलपत्यहो हनुमता प्रोक्तं स्थिरैः स्थीयताम् ॥९२॥

ସ୍ଥାନାନ୍ତରାଦାଗତ୍ୟ ହନୂମାନ୍-

ପଶ୍ଚାତ୍ତାପଗତେ ବିଭୀଷଣବଳେ କ୍ଷୀଣେ ପ୍ଲବଙ୍ଗେଶ୍ୱରେ

ମୂଢେ ଜାମ୍ବବତି ପ୍ଲବଙ୍ଗମଗଣେଽସଂଭୂୟ ଭୂୟଃ ସ୍ଥିତେ ।

ଶକ୍ତିପ୍ରୌଢମହାପ୍ରହାରବିଧୁରେ ମୂର୍ଚ୍ଛାଂ ଗତେ ଲକ୍ଷ୍ମଣେ

ହା ରାମେ ବିଳପତ୍ୟହୋ ହନୂମତା ପ୍ରୋକ୍ତଂ ସ୍ଥିରୈଃ ସ୍ଥୀୟତାମ୍ ॥୯୨॥

❊ ହନୂମାନ, ଏହି ସମୟରେ ଅନ୍ୟସ୍ଥାନରୁ ଫେରିଆସି ବିଭୀଷଣଙ୍କ ବାହିନୀକୁ ପଶ୍ଚାତ୍ତାପ କରିବା, ଦୁଃଖରେ ସୁଗ୍ରୀବ ବିମର୍ଷ ହୋଇଥିବା, ଜାମ୍ବବାନ୍ ନୀରବଥିବା, ବାନରବାହିନୀ ଲୁଚିଛପି ରହିଥିବା, ଶକ୍ତିର ଆଘାତରେ ଲକ୍ଷ୍ମଣ ମୂର୍ଚ୍ଛିତ ହୋଇ ପଡ଼ିଥିବା ଓ ଶ୍ରୀରାମଙ୍କୁ ହାୟ ହାୟ କହି ବିଳାପ କରୁଥିବାର ଦେଖି କହିଲା- ସମସ୍ତେ ଧୈର୍ଯ୍ୟ ଧର ଓ ଶାନ୍ତ ହୁଅ ॥

शक्तिप्रभावेण वानरान् हतप्राणान् दृष्ट्वा रामाज्ञया ज्वलदुल्मुकं धृत्वा परिभ्रमन्तं विभीषणं प्रति जाम्बवान्-

अञ्जना सुप्रजा येन मातरिश्वा तु राक्षस ।

हनुमान् वानरश्रेष्ठः कामं जीवति वा न वा ॥९३॥

ଶକ୍ତି ପ୍ରଭାବେଣ ବାନରାନ୍ ହତପ୍ରାଣାନ୍ ଦୃଷ୍ଟ୍ୱା ରାମାଜ୍ଞୟା ଜ୍ୱଳଦୁଲ୍ମୁକଂ ଧୃତ୍ୱା ପରିଭ୍ରମନ୍ତଂ ବିଭୀଷଣଂ ପ୍ରତି ଜାମ୍ବବାନ୍ -

ଅଞ୍ଜନା ସୁପ୍ରଜା ଯେନ ମାତରିଶ୍ୱା ତୁ ରାକ୍ଷସ ।

ହନୂମାନ୍ ବାନରଶ୍ରେଷ୍ଠଃ କାମଂ ଜୀବତି ବା ନ ବା ॥୯୩॥

❊ ଶକ୍ତି ପ୍ରଭାବରେ ବାନରମାନେ ହତଜୀବନ ହୋଇଥିବାର ଦେଖି ଶ୍ରୀରାମଙ୍କ ଆଦେଶରେ ମଶାଲ ଧରି ଶିବିରରେ ବୁଲୁଥିବା ବିଭୀଷଣଙ୍କୁ ଜାମ୍ବବାନ୍ କହିଲେ- ରାକ୍ଷସରାଜ ! ଅଞ୍ଜନା ଯାହାକୁ ଜନ୍ମଦେଇ ମା' ହେଲେ ଓ ବାୟୁ ପୁତ୍ରବାନ୍ ହେଲେ ସେହି ବାନର ଶ୍ରେଷ୍ଠ ହନୂମାନ୍ ଜୀବିତ ଅଛନ୍ତି କି ନାହିଁ ?

तं प्रति विभीषणः-

नैव राजनि सुग्रीवे नैव रामे न चाङ्गदे ।

आर्य्येण दर्शितः स्नेहो यथा वायुसुते परः ॥९४॥

ତଂ ପ୍ରତି ବିଭୀଷଣଃ -

ନୈବ ରାଜନି ସୁଗ୍ରୀବେ ନୈବ ରାମେ ନ ଚାଙ୍ଗଦେ ।

ଆର୍ଯ୍ୟେଣ ଦର୍ଶିତ ସ୍ନେହୋ ଯଥା ବାୟୁସୁତେ ପରଃ ॥୯୪॥

❊ ବିଭୀଷଣ କହିଲେ- ଆପଣ ବାୟୁପୁତ୍ର ହନୂମାନ୍ ପ୍ରତି ଯେତିକି ସ୍ନେହ କରନ୍ତି ସେପରି ସ୍ନେହ ସୁଗ୍ରୀବ, ଶ୍ରୀରାମଚନ୍ଦ୍ର କିମ୍ବା ଅଙ୍ଗଦଠାରେ କରୁଥିବାର ମୁଁ ଜାଣେ ନାହିଁ ॥

जाम्ववान् -

तस्मिन् जीवति दुर्द्धर्षे हतमप्यहतं वलम् ।

हनुमति गतप्राणे जीवन्तोऽपि हता वयम् ॥९५॥

ଜାମ୍ବବାନ୍-

ତସ୍ମିନ୍ ଜୀବତି ଦୁର୍ଦ୍ଧର୍ଷେ ହତମପ୍ୟହତଂ ବଲମ୍ ।

ହନୂମତି ଗତପ୍ରାଣେ ଜୀବନ୍ତୋଽପି ହତା ବୟମ୍ ॥୯୫॥

❋ ଜାମ୍ବବାନ୍ କହିଲେ- ହେ ବିଭୀଷଣ! ଦୁର୍ଦ୍ଧର୍ଷ ବୀର ହନୂମାନ୍ ଜୀବିତ ଥିଲେ ବାନରବାହିନୀ ମରି ଯାଇଥିଲେ ଜୀବିତ ଅଛନ୍ତି ବୋଲି ଜାଣିବାକୁ ହେବ ଏବଂ ସେ ଜୀବିତ ନ ଥିଲେ ଆମେ ସମସ୍ତେ ବଞ୍ଚିଥିଲେ ବି ମୃତ ବୋଲି ବୁଝିବାକୁ ପଡ଼ିବ ॥

शक्तिबिद्धं लक्ष्मणं दृष्ट्वा रामः -

वत्सोत्तिष्ठ धनुर्गृहाण रिपवः सैन्यं विनिघ्नन्ति नः

किं शेषेऽद्य निराकृताः किमरयः प्रत्युद्धृता किं प्रिया ।

भ्रातर्देहि वचो जहीहि हृदयभ्रान्तिं प्रिय छिन्धि मां

कैकेयि प्रियसाहसे सुतवधान्मातः कृतार्था भव ॥९६॥

ଶକ୍ତିବିଦ୍ଧଂ ଲକ୍ଷ୍ମଣଂ ଦୃଷ୍ଟ୍ୱା ରାମଃ -

ବତ୍ସୋତ୍ତିଷ୍ଠ ଧନୁର୍ଗୃହାଣ ରିପବଃ ସୈନ୍ୟଂ ବିନିଘ୍ନନ୍ତି ନଃ

କିଂ ଶେଷେଽଦ୍ୟ ନିରାକୃତାଃ କିମରୟଃ ପ୍ରତ୍ୟୁଦ୍ଧୃତା କିଂ ପ୍ରିୟା ।

ଭ୍ରାତର୍ଦେହି ବଚୋ ଜହୀହି ହୃଦୟଭ୍ରାନ୍ତିଂ ପ୍ରିୟ ଛିନ୍ଧି ମାଂ

କୈକେୟି ପ୍ରିୟସାହସେ ସୁତବଧାନ୍ମାତଃ କୃତାର୍ଥା ଭବ ॥୯୬॥

❋ ଶକ୍ତିବିଦ୍ଧ ଲକ୍ଷ୍ମଣଙ୍କୁ ଦେଖି ଶ୍ରୀରାମଚନ୍ଦ୍ର କହିଲେ- ବତ୍ସ ଲକ୍ଷ୍ମଣ! ଉଠ, ଧନୁ ଧର । ଶତ୍ରୁମାନେ ଆମର ସେନାଙ୍କୁ ମାରି ଦେଉଛନ୍ତି । ଆଜି ତୁ କିପରି ଶୋଇରହିଛୁ? ଶତ୍ରୁମାନଙ୍କୁ କଣ ପୂରାପୂରି ବିନାଶ କରିଦେଇଛୁ? ସୀତାଙ୍କୁ କଣ ଉଦ୍ଧାର କରିସାରିଛୁ? ବତ୍ସ! କଥା କହ, ମୋର ହୃଦୟର ଭ୍ରାନ୍ତି ଦୂର କର । ରେ ଭାଇ, ମୋତେ ଜୀବନରୁ ମାରିଦେଲେ ସାହସିନୀ ମାଁତା କୈକେୟୀ ପୁତ୍ର ବଧଦ୍ୱାରା କୃତାର୍ଥା ହେବେ ॥

तातः स्वर्गमुपागतो वयमपि दैवेन दूरीकृता

नीता दुष्टनिशाचरेण बलिना पत्नी मनोहारिणी ।

भ्राता सर्वगुणैकरत्ननिलयः संदिग्धदेहोऽधुना

दुःखाद्दुःखपरम्परापरिचयं भाग्येन प्राप्तस्त्वहम् ॥९७॥

ତାତଃ ସ୍ୱର୍ଗମୁପାଗତୋ ବୟମପି ଦୈବେନ ଦୂରୀକୃତା

ନୀତା ଦୁଷ୍ଟନିଶାଚରେଣ ବଳିନା ପତ୍ନୀ ମନୋହାରିଣୀ ।

ଭ୍ରାତା ସର୍ବଗୁଣୈକରତ୍ନନିଳୟଃ ସଂଦିଗ୍ଧଦେହୋଽଧୁନା
ଦୁଃଖାଦ୍ଦୁଃଖପରମ୍ପରାପରିଚୟଂ ଭାଗ୍ୟେନ ପ୍ରାପ୍ତସ୍ତ୍ୱହମ୍ ॥୯୭॥

❊ ପିତା ଦଶରଥ ସ୍ୱର୍ଗକୁ ଗଲେ । ଦୈବବଶତଃ ଆମେ ଦୂରକୁ ଆସିଲୁ । ଦୁଷ୍ଟ ନିଶାଚର ରାବଣ ମନୋହାରିଣୀ ପତ୍ନୀଙ୍କୁ ଅପହରଣ କଲା । ସର୍ବଗୁଣର ରତ୍ନାକର ଭାଇ ଲକ୍ଷ୍ମଣର ଜୀବନ ଆଜି ସଂଶୟାପନ୍ନ । ଦୁଃଖ ପରେ ଦୁଃଖ ହିଁ ମୋ' ଭାଗ୍ୟରେ ଲେଖା ଅଛି ବୋଲି ଜାଣୁଛି ॥

सुग्रीवो रामं प्रति -

पातालान्न समुद्धृतो वत वलिर्नीतो न मृत्युः क्षयं
नोन्मृष्टं शशलाञ्छनस्य मलिनं नोन्मूलिता व्याधयः ।
शेषस्यापि धरां विधृत्य न हृता भारावली क्षम्यतां
चेतः सत्पुरुषाभिमानपदवी मिथ्यैव किं खिद्यसे ॥९८॥

ସୁଗ୍ରୀବୋ ରାମଂ ପ୍ରତି-

ପାତାଳାନ୍ନ ସମୁଦ୍ଧୃତୋ ବତ ବଳିର୍ନୀତୋ ନ ମୃତ୍ୟୁଃ କ୍ଷୟଂ
ନୋନ୍ମୃଷ୍ଟଂ ଶଶଲାଞ୍ଛନସ୍ୟ ମଳିନଂ ନୋନ୍ମୂଳିତା ବ୍ୟାଧୟଃ ।
ଶେଷସ୍ୟାପି ଧରାଂ ବିଧୃତ୍ୟ ନ ହୃତା ଭାରାବଳୀ କ୍ଷମ୍ୟତାଂ
ଚେତଃ ସତ୍ପୁରୁଷାଭିମାନପଦବୀ ମିଥ୍ୟୈବ କିଂ ଖିଦ୍ୟସେ ॥୯୮॥

❊ କପିପତି ସୁଗ୍ରୀବ ଶ୍ରୀରାମଙ୍କୁ କହିଲେ- ପ୍ରଭୋ ! ପାତାଳରୁ ବଳିକୁ କେହି ଉଦ୍ଧାର କରି ନାହିଁ କି ମୃତ୍ୟୁକୁ କେହି କ୍ଷୟ କରିପାରିନାହିଁ । ଚନ୍ଦ୍ରର କଳଙ୍କ ଶଶଲାଞ୍ଛନକୁ କେହି ଲିଭାଇ ପାରି ନାହିଁ କି ବ୍ୟାଧିକୁ କେହି ସମୂଳେ ଦୂର କରିପାରିନାହିଁ । ସେହିପରି କେହି ଧରାକୁ ଧାରଣ କରି ବାସୁକିର ଭାରାକୁ ଲାଘବ କରି ନାହିଁ । ତେଣୁ ପୁରୁଷର ଚିତ୍ତରେ ଥିବା ଅଭିମାନ ମିଥ୍ୟା । ମନକୁ ଚଞ୍ଚଳ କରି ଆପଣ ଦୁଃଖିତ ହୁଅନ୍ତୁ ନାହିଁ ॥

सुग्रीवं प्रति रामः-

भ्रातुर्बहिस्त्रिभुवने नहि बन्धुरस्ति प्राणार्द्धभागघटितप्रतिमूर्त्तिरेव ।
हा लक्ष्मण क्षितिभुजो रघुनन्दनस्य त्वं यासि कालसदनं किमु मां विहाय ॥९९॥

ସୁଗ୍ରୀବଂ ପ୍ରତି ରାମଃ-

ଭ୍ରାତୁର୍ବହିସ୍ତ୍ରିଭୁବନେ ନହି ବନ୍ଧୁରସ୍ତି ପ୍ରାଣାର୍ଦ୍ଧଭାଗଘଟିତପ୍ରତିମୂର୍ତ୍ତିରେବ ।
ହା ଲକ୍ଷ୍ମଣ କ୍ଷିତିଭୁଜୋ ରଘୁନନ୍ଦନସ୍ୟ ତ୍ୱଂ ଯାସି କାଳସଦନଂ କିମୁ ମାଂ ବିହାୟ ॥୯୯॥

❊ ଶ୍ରୀରାମଚନ୍ଦ୍ର ସୁଗ୍ରୀବଙ୍କୁ ଚାହିଁ କହିଲେ-ତିନି ଭୁବନରେ ଭାଇଠାରୁ ବଳି ବନ୍ଧୁ କେହି ନାହିଁ । ମୋ' ପ୍ରାଣର ପ୍ରତିମୂର୍ତ୍ତି ଲକ୍ଷ୍ମଣ, ତୁ କଣ ମୋତେ ଛାଡ଼ି ଯମପୁରକୁ ଯାଉଛୁ ॥

धनुषि निपुणशिक्षा वेदमन्त्रे च दीक्षा जनकनृपतिगेहे चाग्रतो मे विवाहः ।
इदमनुचितमस्मिन्नग्रजे विद्यमाने शमन भवनयाने यद्भवानग्रगामी ॥१००॥
ଧନୁଷି ନିପୁଣଶିକ୍ଷାବେଦମନ୍ତ୍ରେ ଚ ଦୀକ୍ଷାଜନକନୃପତିଗେହେଚାଗ୍ରତୋ ମେ ବିବାହଃ ।
ଇଦମନୁଚିତମସ୍ମିନ୍ନଗ୍ରଜେବିଦ୍ୟମାନେଶମନଭବନଯାନେଯଦ୍‌ଭବାନଗ୍ରଗାମୀ ॥୧୦୦॥
❋ ରେ ଲକ୍ଷ୍ମଣ ! ତୁ ଧନୁର୍ବିଦ୍ୟାରେ ପାରଂଗତ ଓ ବେଦମନ୍ତ୍ରରେ ପଣ୍ଡିତ । ଜନକରାଜାଙ୍କ ଗୃହରେ 'ବଡ଼ଭାଇ ଥାଉଁ ଥାଉଁ ପ୍ରଥମେ ମୋର ବିବାହ ହୋଇପାରିବ ନାହିଁ' ବୋଲି ତୁ କହିଥିଲୁ । ସେକଥା ମୋର ମନେ ଅଛି । କିନ୍ତୁ ଆଜି ମୁଁ ଥିବାବେଳେ ତୁ କିପରି ଯମପୁରକୁ ପ୍ରଥମେ ଯିବା ପାଇଁ ଅଗ୍ରସର ହେଉଛୁ ?

भुक्ते मयि प्रथममत्सि फलानि वत्स सुप्ते करोषि शयनं मयि जीवति त्वम् ।
प्राणान् जहास सुरलोकसुखाय किं वा सापत्नभावमहह प्रकटीकरोषि ॥१०१॥
ଭୁକ୍ତେ ମୟି ପ୍ରଥମମତ୍ସି ଫଳାନି ବତ୍ସ ସୁପ୍ତେ କରୋଷି ଶୟନଂ ମୟି ଜୀବତି ତ୍ୱମ୍ ।
ପ୍ରାଣାନ୍ ଜହାସ ସୁରଲୋକସୁଖାୟ କିଂବା ସାପତ୍ନଭାବମହହ ପ୍ରକଟୀକରୋଷି ॥୧୦୧॥
❋ ରେ ବତ୍ସ ଲକ୍ଷ୍ମଣ ! ମୁଁ ଖାଇସାରିବା ପରେ ତୁ ଫଳାହାର କରୁଥିଲୁ ଏବଂ ମୁଁ ଶୋଇବା ପରେ ତୁ ଶୋଉଥିଲୁ । ମୋର ଜୀବନ ସହିତ ତୁ ମଧ୍ୟ ଜୀବିତ ଥିଲୁ; କିନ୍ତୁ ଏବେ ଏକା ଏକା ସ୍ୱର୍ଗସୁଖ ଭୋଗ କରିବା ପାଇଁ ତୁ ପ୍ରାଣ ତ୍ୟାଗ କରିବା ଦ୍ୱାରା ମୋ' ପ୍ରତି ତୋର ଶତ୍ରୁତା ଥିବା ପ୍ରକାଶ ପାଇଗଲା ॥

यास्यामि कालसदनं सहलक्ष्मणेन सीतापि यास्यति भयाद्दशकण्ठगेहम् ।
यास्यन्ति वानरचमूपतयः स्वदेशान् हा हन्त नास्ति गतिरेव विभीषणस्य ॥१०२॥
ଯାସ୍ୟାମି କାଳସଦନଂ ସହଲକ୍ଷ୍ମଣେନ ସୀତାପି ଯାସ୍ୟତି ଭୟାଦ୍ଦଶକଣ୍ଠଗେହମ୍ ।
ଯାସ୍ୟନ୍ତି ବାନରଚମୂପତୟଃ ସ୍ୱଦେଶାନ୍ ହା ହନ୍ତନାସ୍ତି ଗତିରେବବିଭୀଷଣସ୍ୟ ॥୧୦୨॥
❋ ମୁଁ ଆଜି ଲକ୍ଷ୍ମଣ ସହିତ ଯମପୁରକୁ ଯିବି । ସୀତା ଭୟଭୀତା ହୋଇ ଦଶାନନର ଗୃହକୁ ଯିବ । ବାନର ଚମୂପତିମାନେ ସ୍ୱଦେଶକୁ ଫେରିଯିବେ; କିନ୍ତୁ, ହାୟ, ବିଭୀଷଣଙ୍କର କି ଗତି ହେବ ?

महाशय मया साकं त्वमरण्यमिहागतः ।
न गच्छामि त्वया सार्द्धं नाकमप्यहमत्रप ॥१०३॥
ମହାଶୟ ମୟା ସାକଂ ତ୍ୱମରଣ୍ୟମିହାଗତଃ ।
ନ ଗଚ୍ଛାମି ତ୍ୱୟା ସାର୍ଦ୍ଧଂ ନାକମପ୍ୟହମତ୍ରପ ॥୧୦୩॥
❋ ରେ ବତ୍ସ ମହାବୀର ! ରାଜ୍ୟସୁଖ ତ୍ୟାଗ କରି ମୋ' ସହିତ ବନକୁ ଆସିଲୁ । କିନ୍ତୁ ସ୍ୱର୍ଗସୁଖ ଭୋଗ ପାଇଁ ତୋ' ସଙ୍ଗରେ ମୋର ଏ ପ୍ରାଣ ଯାଉନାହିଁ କାହିଁକି ?

अद्यावधि त्वमनुगो मनुदैवयोगादद्यानुगोऽस्मि ननु वत्स न गच्छ हित्वा ।
यावद्रणे मरणमेति मयेव कायस्तावत्पदं त्वमपि ते दिवि मा निधेहि ॥१०४॥

ଅଦ୍ୟାବଧି ତ୍ୱମନୁଗୋ ମନୁ ଦୈବଯୋଗାଦଦ୍ୟାନୁଗୋଽସ୍ମି ନନୁ ବତ୍ସ ନ ଗଚ୍ଛ ହିତ୍ୱା ।
ଯାବଦ୍ରଣେ ମରଣମେତି ମମୈବକାୟସ୍ତାବତ୍ପଦଂ ତ୍ୱମପି ତେ ଦିବି ମା ନିଧେହି ॥୧୦୪॥

❊ ଅଦ୍ୟାବଧି ତୁ ମୋର ଅନୁଗାମୀ ଥିଲୁ । ଦୈବବଶତଃ ମୁଁ ଆଜି ତୋର ଅନୁଗାମୀ ହେଲି । ମୋତେ ଛାଡ଼ି ତୁ ଯାଆନା । ଯୁଦ୍ଧରେ ମୋର ମୃତ୍ୟୁ ନ ହେବା ପର୍ଯ୍ୟନ୍ତ ତୁ ସ୍ୱର୍ଗରେ ପାଦ ଦେବୁ ନାହିଁ ॥

हा वत्स लक्ष्मण धिगस्तु समीरसूनुं यस्त्वां रणेऽपि परिहृत्य पराङ् मुखोऽभूत् ।
गोपायतीह भरतस्तु ममानुजः किं यस्त्वामधिज्य धनुरुद्धतशक्तिपातात् ॥१०५॥

ହା ବତ୍ସ ଲକ୍ଷ୍ମଣ ଧିଗସ୍ତୁ ସମୀରସୂନୁଂ ଯସ୍ତ୍ୱାଂ ରଣେଽପି ପରିହୃତ୍ୟ ପରାଙ୍ମୁଖୋଽଭୂତ୍ ।
ଗୋପାୟତୀହ ଭରତସ୍ତୁ ମମାନୁଜଃ କିଂ ଯସ୍ତ୍ୱାମଧିଜ୍ୟଧନୁରୁଦ୍ଧତଶକ୍ତିପାତାତ୍ ॥୧୦୫॥

❊ ହାୟ ବତ୍ସ ଲକ୍ଷ୍ମଣ ! ପବନପୁତ୍ରକୁ ଧିକ୍, ଯେ ତୋତେ ଯୁଦ୍ଧଭୂମିରେ ଏକା ଛାଡ଼ିଦେଇ ଅନ୍ୟତ୍ର ଚାଲିଗଲା । ଆଜି ମୋର ଭାଇ ଭରତ ଯଦି ଥାଆନ୍ତା ତେବେ ଧନୁଶର ଧରି ତୋତେ ଶକ୍ତିପାତ ଜନିତ ଦୁର୍ବିପାକରୁ ନିଶ୍ଚୟ ରକ୍ଷାକରିଥାଆନ୍ତା ॥

एतच्छ्रुत्वा हनुमान् -

पातालतः किमु सुधारसमानयामि निष्पीड्य चन्द्रकिरणं किमृताहरामि ।
उद्दण्डचण्डकिरणं ननु वारयामि कीनाशपाशमनिशं किमु चूर्णयामि ॥१०६॥

ଏତତ୍ ଶ୍ରୁତ୍ୱା ହନୁମାନ୍

ପାତାଳତଃ କିମୁ ସୁଧାରସମାନୟାମି ନିଷ୍ପୀଡ୍ୟ ଚନ୍ଦ୍ରମମୃତଂ କିମୁତାହରାମି ।
ଉଦଣ୍ଡଚଣ୍ଡକିରଣଂ ନନୁ ବାରୟାମି କୀନାଶପାଶମନିଶଂ କିମୁ ଚୂର୍ଣ୍ଣୟାମି ॥୧୦୬॥

❊ ଶ୍ରୀରାମଙ୍କ କରୁଣ ବିଳାପ ଶୁଣି ହନୁମାନ୍ କହିଲା ପ୍ରଭୋ ! ପାତାଳରୁ ଅମୃତ ଆଣିବି ନା ଚନ୍ଦ୍ରକୁ ଚିପୁଡ଼ି ଅମୃତ ଆହରଣ କରିବି । ସୂର୍ଯ୍ୟଙ୍କ ପ୍ରଚଣ୍ଡ କିରଣକୁ ନିବାରଣ କରିବି ନା ଯମରାଜାଙ୍କର ପାଶକୁ ଚୂର୍ଣ୍ଣବିଚୂର୍ଣ୍ଣ କରିବି । କଣ କରିବି ମୋତେ ଆଦେଶ ଦିଅନ୍ତୁ ॥

रामः हनुमन्तं प्रति-

वैद्यं सुषेणमधुनैव तदानय त्वं लङ्कापतेरनुचरोऽपि यतो भिषक् सः ।
नैवान्यथा वदति रामगिरा हनुमान् पर्यङ्कसुप्तमचिरेण तमानिनाय ॥१०७॥

ରାମଃ ହନୁମନ୍ତଂ ପ୍ରତି -

ବୈଦ୍ୟଂ ସୁଷେଣମଧୁନୈବ ତଦାନୟ ତ୍ୱଂ ଲଙ୍କାପତେରନୁଚରୋଽପି ଯତୋଭିଷକ୍ ସଃ ।
ନୈବାନ୍ୟଥା ବଦତି ରାମଗିରା ହନୁମାନ୍ପର୍ଯ୍ୟଙ୍କସୁପ୍ତମଚିରେଣ ତମାନିନାୟ ॥୧୦୭॥

❊ ଶ୍ରୀରାମଚନ୍ଦ୍ର ହନୁମାନଙ୍କୁ କହିଲେ- ହେ ବୀର ! ବର୍ତ୍ତମାନ ତୁମେ ଲଙ୍କାକୁ ଯାଇ ସୁଷେଣ ନାମକ ବୈଦ୍ୟଙ୍କୁ ନେଇଆସ । ରାବଣ ଅନୁଚର ହେଲେ ମଧ ସେ ଜଣେ ଚିକିତ୍ସକ । ଏହା ଶୁଣି ହନୁମାନ୍ ଆଉ କିଛି ନ କହି ଯଥାଶୀଘ୍ର ଯାଇ ପଲଙ୍କରେ ଶୋଇଥିବା ବୈଦ୍ୟଙ୍କୁ ଉଠାଇ ନେଇ ଆସିଲେ ॥

सुप्तोत्थितं रघुपतिर्भिषजां वरिष्ठं पप्रच्छ तं सकरुणं तरुणोपचारम् ।
स व्याजहार हिमरश्मिरुचा रजन्यां जीवत्यसौ द्रुहिणशैलविपल्यवल्या ॥१०८॥
ସୁପ୍ତୋତ୍ଥିତଂ ରଘୁପତିର୍ଭିଷଜାଂ ବରିଷ୍ଠଂ ପ୍ରପଛ ତଂ ସକରୁଣଂ ତରୁଣୋପଚାରମ୍ ।
ସ ବ୍ୟାଜହାର ହିମରଶ୍ମିରୁଚାରଜନ୍ୟାଂଜୀବତ୍ୟସୌ ଦ୍ରୁହିଣଶୈଳବିଷଲ୍ୟବଲ୍ୟା ॥ ୧୦୮॥
❊ ଶ୍ରୀରାମଚନ୍ଦ୍ର ଅତି କରୁଣଭାବରେ ସୁପ୍ତୋତ୍ଥିତ ବୈଦ୍ୟଶ୍ରେଷ୍ଠ ସୁଷେଣଙ୍କୁ ତରୁଣ ଲକ୍ଷ୍ମଣର ଆରୋଗ୍ୟ ପାଇଁ ଔଷଧି କଥା ପଚାରିଲେ । ସୁଷେଣ କହିଲେ- ଦ୍ରୁହିଣ ପର୍ବତରେ ଥିବା ଓ ଚନ୍ଦ୍ରକିରଣରେ ପ୍ରକାଶିତ ହେଉଥିବା ସଂଜୀବନୀ ଔଷଧି ଦ୍ୱାରା ଲକ୍ଷ୍ମଣ ପୁନର୍ଜୀବିତ ହୋଇପାରିବେ ॥

द्रुहिणपर्वतं को यास्यतीति प्रश्ने जाम्ववान्-
नीलस्त्रिरात्रं पुनरेति गत्वा तत्रैवमैन्ददिविदौ द्विरात्रम् ।
सुग्रीवनीलौ पुनरेकरात्रं वीराङ्गदो यामयतुष्टयेन ॥१०९॥
ଦ୍ରୁହିଣପର୍ବତଂ କୋ ଯାସ୍ୟତୀତି ପ୍ରଶ୍ନେ ଜାମ୍ବବାନ୍-
ନଳସ୍ତ୍ରିରାତ୍ରଂ ପୁନରେତି ଗତ୍ୱା ତତ୍ରୈବ ମୈନ୍ଦଦ୍ୱିବିଦୌ ଦ୍ୱିରାତ୍ରମ୍ ।
ସୁଗ୍ରୀବନୀଲୌ ପୁନରେକରାତ୍ରଂ ବୀରାଙ୍ଗଦୋ ଯାମଚତୁଷ୍ଟୟେନ ॥ ୧୦୯॥
❊ ଦ୍ରୁହିଣ ପର୍ବତକୁ କିଏ ଯାଇପାରିବ ବୋଲି ପ୍ରଶ୍ନ ଉଠିବାରୁ ଜାମ୍ବବାନ୍ କହିଲେ- ନଳ ଦ୍ରୁହିଣ ପର୍ବତକୁ ଗଲେ ତିନି ରାତି ମଧରେ ଫେରି ପାରିବ । ମୈନ୍ଦ ଓ ଦ୍ୱିବିଦ ଗଲେ ଦୁଇରାତି ମଧରେ ଏବଂ ସୁଗ୍ରୀବ ଓ ନୀଳ ଏକରାତିରେ ଓ ବୀର ଅଙ୍ଗଦ ଚାରିପ୍ରହର ମଧରେ ଫେରିପାରିବେ ॥

रामं शुष्कमुखं दृष्ट्वा हनुमान्-
नीत्वा लङ्कां सुषेणं पुनरनिलसुतः प्रार्थयामास रामं
देवाज्ञां देहि वीरास्तव हितकरणोपस्थिताः सन्ति सर्वे ।
लक्षाणां षष्टिरास्ते द्रुहिणगिरिरितो योजनानां हनुमान्
तैलाग्नेः सर्षपस्य स्फुटनरवपरस्तत्र गत्वात्र चैमि ॥११०॥
ରାମଂ ଶୁଷ୍କମୁଖଂ ଦୃଷ୍ଟ୍ୱା ହନୁମାନ୍
ନୀତ୍ୱା ଲଙ୍କାଂ ସୁଷେଣଂ ପୁନରନିଳସୁତଃ ପ୍ରାର୍ଥୟାମାସ ରାମଂ
ଦେବାଜ୍ଞାଂ ଦେହି ବୀରାସ୍ତବ ହିତକରଣୋପସ୍ଥିତାଃ ସନ୍ତି ସର୍ବେ ।
ଲକ୍ଷାଣାଂ ଷଷ୍ଟିରାସ୍ତେ ଦ୍ରୁହିଣଗିରିରିତୋ ଯୋଜନାନାଂ ହନୁମାନ୍
ତୈଳାଗ୍ନେଃ ସର୍ଷପସ୍ୟ ସ୍ଫୁଟନରବପରସ୍ତତ୍ରଗତ୍ୱାତ୍ର ଚୈମି ॥ ୧୧୦॥
❊ ଶ୍ରୀରାମଚନ୍ଦ୍ର ମୁହଁ ଶୁଖାଇବାର ଦେଖି ହନୁମାନ୍ ବୈଦ୍ୟ ସୁଷେଣଙ୍କୁ ଲଙ୍କାରେ ଛାଡ଼ି ଆସି ତାଙ୍କୁ ପ୍ରାର୍ଥନା କରି କହିଲେ- ପ୍ରଭୋ ! ଏହି ବାନର ବୀରମାନେ ସମସ୍ତେ ଆପଣଙ୍କ ସେବାରେ ଉପସ୍ଥିତ ଅଛନ୍ତି । ଦ୍ରୁହିଣାଚଳ ଏଠାରୁ ଷାଠିଏ ଲକ୍ଷ ଯୋଜନ ଦୂରେ ଅବସ୍ଥିତ । ଆପଣ ମୋତେ

ଆଦେଶ ଦିଅନ୍ତୁ, ଉତ୍ତପ୍ତ ତୈଳରେ ସୋରିଷଟିଏ ଫୁଟିବା ପାଇଁ ଯେତିକି ସମୟ ଲଗିବ ସେଇ ସମୟ ମଧ୍ୟରେ ମୁଁ ସେଠାକୁ ଯାଇ ଫେରି ଆସିବି ॥

औषधानेतुं गते पवनात्मजे रामः -

मातर्निशिथिनि चिरं भव दीर्घयामा त्वं चान्धकारवपुषा गगनं पिधेहि ।

नाथ प्रभाकर रुचां न कुरु प्रकाशं यावन्न दृष्टिपथमेति समीरसूनुः ॥१११॥

ଔଷଧାନେତୁଂ ଗତେ ପବନାତ୍ମଜେ ରାମଃ -

ମାତର୍ନିଶିଥିନି ଚିରଂ ଭବ ଦୀର୍ଘଯାମା ତ୍ୱଂ ଚାନ୍ଧକାରବପୁଷା ଗଗନଂ ପିଧେହି ।

ନାଥ ପ୍ରଭାକର ରୁଚାଂ ନ କୁରୁ ପ୍ରକାଶଂଯାବନ୍ନଦୃଷ୍ଟିପଥମେତି ସମୀରସୂନୁଃ ॥ ୧ ୧ ୧॥

❊ ଔଷଧି ଆଣିବା ପାଇଁ ହନୁମାନ୍ ଯିବାକୁ ପ୍ରସ୍ତୁତ ହେବା ପରେ ଶ୍ରୀରାମ କହିଲେ- ହେ ମାତଃ ରାତ୍ରିଦେବି ! ତୁମେ ଦୀର୍ଘ ହୋଇଯାଅ ଓ ଅନ୍ଧକାର ଦ୍ୱାରା ଆକାଶକୁ ଆବୃତ କର । ହେ ଦିନନାଥ ! ବାୟୁପୁତ୍ର ଫେରି ନ ଆସିବା ପର୍ଯ୍ୟନ୍ତ ତୁମେ ଉଦୟ ହୁଅ ନାହିଁ ॥

ततो हनुमान्

ध्यात्वात्मानं प्रणम्य प्रभुमवनिसुतावल्लभं तस्य वाक्यं

नीत्वायोध्यां गमिष्यस्यखिलकुशलता मानयिष्यस्यपीति ।

चण्डोड्डीनं चकार द्रुतमथ जननी लीक्ष्मणस्योपलभ्य

स्वप्ने व्यालः समूलं कवलयति भुजं वाममुत्तस्थुपीति ॥११२॥

ତତୋ ହନୁମାନ୍-

ଧ୍ୟାତ୍ୱାତ୍ମାନଂ ପ୍ରଣମ୍ୟ ପ୍ରଭୁମବନିସୁତାବଲ୍ଲଭଂ ତସ୍ୟବାକ୍ୟଂ

ନୀତ୍ୱାଯୋଧ୍ୟାଂ ଗମିଷ୍ୟସ୍ୟଖିଳକୁଶଳତାମାନୟିଷ୍ୟସ୍ୟପୀତି ।

ଚଣ୍ଡୋଡ୍ଡୀନଂ ଚକାର ଦ୍ରୁତମଥ ଜନନୀଲକ୍ଷ୍ମଣସ୍ୟୋପଲଭ୍ୟ

ସ୍ୱପ୍ନେ ବ୍ୟାଳଃ ସମୂଳଂ କବଳୟତି ଭୁଜଂ ବାମମୁତ୍ତସ୍ଥୁଷୀତି ॥ ୧ ୧ ୨॥

❊ ଏହାପରେ ହନୁମାନ୍ ନିଜର ରୁଦ୍ରରୂପ ସ୍ମରଣ ପୂର୍ବକ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କୁ ପ୍ରଣାମ କଲେ । ଅଯୋଧ୍ୟାକୁ ଯାଇ କୁଶଳ ସମାଚାର ଆଣ'ବୋଲି ପ୍ରଭୁଙ୍କର ବାର୍ତ୍ତା ନେଇ ପ୍ରଚଣ୍ଡବେଗରେ ଆକାଶ ମାର୍ଗରେ ଚାଲିଗଲେ । ସେହି ରାତିରେ ଲକ୍ଷ୍ମଣଜନନୀ ସୁମିତ୍ରା ତାଙ୍କର ବାମ ହାତକୁ ଏକ ସର୍ପ ପୂରାପୂରି ଗିଳି ଦେଇଥିବା ସ୍ୱପ୍ନ ଦେଖି ଭୟଭୀତା ହୋଇ ଉଠିପଡ଼ିଲେ ॥

प्रोवाच कोशलसुता पुरतोऽद्भुतं सा स्वप्नं च सा मुनिवशिष्ठपुरोहितस्य ।

पार्श्वे नियोज्य सशरं धनुराददानं शान्तिं चकार भरतं मुनिराज्यहोमैः ॥११३॥

ପ୍ରୋବାଚ କୋଶଳସୁତା ପୁରତୋଽଦ୍ଭୁତଂ ସା ସ୍ୱପ୍ନଂ ଚ ସା ମୁନିବଶିଷ୍ଠପୁରୋହିତସ୍ୟ ।

ପାର୍ଶ୍ୱେ ନିଯୋଜ୍ୟ ସଶରଂଧନୁରାଦଦାନଂଶାନ୍ତିଂଚକାରଭରତଂମୁନିରାଜ୍ୟହୋମୈଃ ॥ ୧ ୧ ୩॥

❊ ସୁମିତ୍ରା ଯାଇ ସ୍ୱପ୍ନ ବୃତ୍ତାନ୍ତ କୌଶଲ୍ୟାଙ୍କୁ କହିବାରୁ ସେ ଯାଇ ବଶିଷ୍ଠ ମୁନିଙ୍କୁ ସବୁକଥା ଜଣାଇଲେ । ରାଜପୁରୋହିତ ବଶିଷ୍ଠ ଧନୁଶର ହସ୍ତ ଭରତଙ୍କୁ ପାଖରେ ବସାଇ ପୂର୍ଣ୍ଣାହୁତି ଦେଇ ଶାନ୍ତିହୋମ କଲେ ॥

द्रोणाद्रिशिखरे हनुमान् -

दृष्ट्वा सर्वास्तुहिनकिरणोद्यत्प्रभास्तत्रशैले

वल्लीरत्नान्यमलखदिराङ्गारभास्वन्ति वीरः।

भ्रान्त्या दोर्भ्यां गिरिमुदहरन्नुत्पपातेष तातं

सस्मारायं द्रुतमुपगतस्तद्बलेनोज्जहार ॥११४॥

ଦ୍ରୋଣାଦ୍ରିଶିଖରେ ହନୂମାନ୍-

ଦୃଷ୍ଟ୍ୱା ସର୍ବାସ୍ତୁହିନକିରଣୋଦ୍ୟତ୍ପ୍ରଭାସ୍ତତ୍ର ଶୈଳେ

ବଲ୍ଲୀରତ୍ନାନ୍ୟମଲଖଦିରାଙ୍ଗାରଭାସ୍ୱନ୍ତି ବୀରଃ ।

ଭ୍ରାନ୍ତ୍ୟା ଦୋର୍ଭ୍ୟାଂ ଗିରିମୁଦହରନ୍ନୋତ୍ପପାତେଷ ତାତଂ

ସସ୍ମାରାୟଂ ଦ୍ରୁତମୁପଗତସ୍ତଦ୍ବଲେନୋଜ୍ଜହାର ॥ ୧୧୪॥

❊ ବୀର ହନୂମାନ୍ ଦ୍ରୋଣାଦ୍ରି ଶିଖରରେ ଉପସ୍ଥିତ ହୋଇ ଚନ୍ଦ୍ର ପରି ଉଜ୍ଜ୍ୱଳ ଓ ଦେବଦାରୁର ଅଙ୍ଗାର ସଦୃଶ ପ୍ରତୀୟମାନ ହେଉଥିବା ବଲ୍ଲୀ ଖୋଜିବାକୁ ଲାଗିଲେ । କିନ୍ତୁ ଉଦ୍ଦିଷ୍ଟ ଲତାକୁ ଚିହ୍ନିବାରେ ଅସଫଳ ହୋଇ ସେ ପର୍ବତକୁ ଉପାଡ଼ିବା ପାଇଁ ଚେଷ୍ଟାକଲେ । ପର୍ବତକୁ ଉପାଡ଼ି ନ ପାରିବାରୁ ହନୂମାନ୍ ପିତା ବାୟୁଦେବଙ୍କୁ ସ୍ମରଣ କଲେ ଓ ତାଙ୍କରି ସାହାଯ୍ୟରେ ପର୍ବତକୁ ଉପାଡ଼ି ଆଣିଲେ ॥

अयोध्यायां शान्तिमण्डपे भरतवशिष्ठौ

हुत्वा श्रीखण्डकाण्डं सतगरकुसुमं पुण्डरीकं मृणालं

कर्पूरोशीरगर्भं प्रचुरघृतयुतं नारिकेलं जुहाव ।

तूर्णं पूर्णाहुतिं स ज्वलदनलनिभं शैलमादाय वीरः

प्राप्तस्तत्राञ्जनेयः स किमपि भरतस्तं शरेणाजघान ॥११५॥

ଅଯୋଧ୍ୟାୟାଂ ଶାନ୍ତିମଣ୍ଡପେ ଭରତବଶିଷ୍ଠୌ-

ହୁତ୍ୱା ଶ୍ରୀଖଣ୍ଡକାଣ୍ଡଂ ସତଗରକୁସୁମଂ ପୁଣ୍ଡରୀକଂ ମୃଣାଳଂ

କର୍ପୂରୋଶୀରଗର୍ଭଂ ପ୍ରଚୁରଘୃତଯୁତଂ ନାରିକେଳଂ ଜୁହାବ ।

ତୂର୍ଣ୍ଣଂ ପୂର୍ଣ୍ଣାହୁତିଂ ସ ଜ୍ୱଳଦନଳନିଭଂ ଶୈଳମାଦାୟ ବୀରଃ

ପ୍ରାପ୍ତସ୍ତତ୍ରାଞ୍ଜନେୟଃ ସ କିମପି ଭରତସ୍ତଂ ଶରେଣାଜଘାନ ॥ ୧୧୫॥

❊ ଭରତ ଶାନ୍ତିଯଜ୍ଞରେ ଚନ୍ଦନକାଠ, ଟଗରଫୁଲ, ପଦ୍ମନାଡ଼, ଉଶୀର, ଚନ୍ଦନାଦି ସହିତ ଘୃତାହୁତି ଦେଲେ । ଶେଷରେ ନାରିକେଳ ସମର୍ପଣ ପୂର୍ବକ ପୂର୍ଣ୍ଣାହୁତି ପ୍ରଦାନ କଲାବେଳେ ଜ୍ୱଳନ୍ତ ଅଗ୍ନିସଦୃଶ ହନୂମାନ୍ ପର୍ବତକୁ ଧରି ସେଠାରେ ଉପସ୍ଥିତ ହେଲେ । ହଠାତ୍ ଏହା କଣ ହେଲା ବୋଲି ଭାବି ଭରତ ହନୂମାନ୍ ଉପରକୁ ଶର ନିକ୍ଷେପ କଲେ ॥

हनुमान् -

पुंखावशेषभरतेषुललाटपट्टो हा राम लक्ष्मण कुतोऽहमिति ब्रुवाणः ।

संमूर्च्छितो भुवि पपात गिरिं दधानो लाङ्गूलशेखररुहेण सकेशरेण ॥११६॥

ହନୂମାନ୍-

ପୁଂଖାବଶେଷଭରତେଷୁଲଲାଟପଟ୍ଟୋ ହା ରାମ ଲକ୍ଷ୍ମଣ କୁତୋଽହମିତି ବ୍ରୁବାଣଃ ।

ସମ୍ମୂର୍ଚ୍ଛିତୋ ଭୁବିପପାତ ଗିରିଂଦଧାନୋଲାଙ୍ଗୂଲଶେଖରରୁହେଣ ସକେଶରେଣ ॥ ୧ ୧ ୬॥

❋ ଭରତଙ୍କ ଦ୍ୱାରା ନିକ୍ଷିପ୍ତବାଣ ପୂରାପୂରି ଲଲାଟ ଭେଦ କରିଯିବାରୁ ହନୂମାନ୍ 'ହା ରାମ, ହା ଲକ୍ଷ୍ମଣ, ମୁଁ କେଉଁଠି ଅଛି' ବୋଲି କହି ମୂର୍ଚ୍ଛିତ ହୋଇ ତଳେ ପଡ଼ିଗଲେ । ତାଙ୍କ ଲାଙ୍ଗୁଳର ଅଗ୍ରଭାଗରେ ଦ୍ରୋଣାଚଳ ଟେକି ହୋଇ ରହିଥିଲା ॥

भरतादयः सविस्मयम् -

सर्वे निशम्य सहलक्ष्मणरामनाम

तत्रोपगम्य हनुमत्पदयोर्निपेतुः ।

वृत्तं च तस्य वचनादपनीय शल्यं

मूर्च्छां जहार स मुनिर्गिरिजौषधैस्तैः ॥११७॥

ଭରତାଦୟଃ ସବିସ୍ମୟମ୍-

ସର୍ବେ ନିଶମ୍ୟ ସହଲକ୍ଷ୍ମଣରାମନା

ତତ୍ରୋପଗମ୍ୟ ହନୂମତ୍‌ପଦୟୋର୍ନିପେତୁଃ ।

ବୃତ୍ତଂ ଚ ତସ୍ୟ ବଚନାଦପାୟ ଶଲ୍ୟଂ

ମୂର୍ଚ୍ଛାଂ ଜହାର ସ ମୁନିର୍ଗିରିଜୌଷଧୈସ୍ତୈଃ ॥ ୧ ୧ ୭॥

❋ ଶ୍ରୀରାମ ଓ ଲକ୍ଷ୍ମଣଙ୍କ ନାମ ଶୁଣି ସମସ୍ତେ ବିସ୍ମିତ ହେବା ସଙ୍ଗେ ସଙ୍ଗେ ହନୂମାନଙ୍କ ପାଖକୁ ଯାଇ ତାଙ୍କ ପାଦତଳେ ପ୍ରଣାମ କଲେ । ତାଙ୍କଠାରୁ ସମସ୍ତ ବୃତ୍ତାନ୍ତ ଶୁଣିବା ପରେ ମୁନି ବଶିଷ୍ଠ ବାଣକୁ ବାହାର କରିଆଣି ସେହି ପର୍ବତରେ ଥିବା ଲତାର ରସ କ୍ଷତ ସ୍ଥାନରେ ଲଗାଇ ଦେବାରୁ ହନୂମାନ୍ ସୁସ୍ଥ ହୋଇଗଲେ ॥

हनुमान् -(साभ्यसूयम्)

जिज्ञासया भरतबाहुपराक्रमस्य रामस्तुतस्य युधि लक्ष्मणशक्तिभेदे ।

श्रान्तोऽहमित्यथ गिरिं नय तं कुमारं वाक्यं जगाद हनुमान् भरतं सरोषम् ॥११८॥

ହନୂମାନ୍ (ସାଭ୍ୟସୂୟମ୍)

ଜିଜ୍ଞାସୟା ଭରତବାହୁପରାକ୍ରମସ୍ୟ

ରାମସ୍ତୁତସ୍ୟ ଯୁଧି ଲକ୍ଷ୍ମଣଶକ୍ତିଭେଦେ ।

ଶ୍ରାନ୍ତୋଽହମିତ୍ୟଥ ଗିରିଂ ନୟ ତଂ କୁମାରଂ
ବାକ୍ୟଂ ଜଗାଦ ହନୂମାନ୍ ଭରତଂ ସରୋଷମ୍ ॥ ୧ ୧ ୮ ॥

❋ ମହାବୀର ହନୂମାନ ସାମାନ୍ୟଭାବେ କହିଲେ- ଶକ୍ତିର ଆଘାତରେ ଶ୍ରୀମାନ୍ ଲକ୍ଷ୍ମଣ ମୂର୍ଚ୍ଛିତ ହେବା ପରେ ଶ୍ରୀରାମଚନ୍ଦ୍ର ବୀର ଭରତଙ୍କ ଭୁଜବଳର ଉଚ୍ଚ ପ୍ରଶଂସା କରିଥିଲେ । ସେହି କଥାର ସତ୍ୟତା ଜାଣିବା ପାଇଁ ମୁଁ ଆସିଥିଲି । ମୁଁ କ୍ଳାନ୍ତ ହୋଇପଡ଼ିଛି । ତେଣୁ ଏହି ପର୍ବତ ସହିତ ମୋତେ ନେଇ ଯଥାଶୀଘ୍ର କୁମାରଙ୍କ ପାଖରେ ପହଞ୍ଚାଇ ଦଅନ୍ତୁ ବୋଲି ସେ କ୍ରୋଧାନ୍ୱିତ ହୋଇ ଭରତଙ୍କୁ ନିବେଦନ କଲେ ॥

भरत: -

श्रुत्वेति तस्य वचनं भरत: शराग्रे साद्रिं कपिं समधिरोप्य गुणे नियोज्य ।
मोक्तुं दधे झटिति कुण्डलिनं चकार तुष्टाव तं परमविस्मयमागत: स: ॥११९॥

ଭରତଃ -

ଶ୍ରୁତ୍ୱେତି ତସ୍ୟ ବଚନଂ ଭରତଃ ଶରାଗ୍ରେ ସାଦ୍ରିଂ କପିଂ ସମାଧିରୋପ୍ୟଗୁଣେ ନିଯୋଜ୍ୟ ।
ମୋକ୍ତୁଂ ଦଧେ ଝଟିତି କୁଣ୍ଡଳିନଂ ଚକାର ତୁଷ୍ଟାବ ତଂ ପରମବିସ୍ମୟମାଗତଃ ସଃ ॥ ୧ ୧ ୯ ॥

❋ ହନୂମାନ୍ କଥା ଶୁଣି ଭରତ, ପର୍ବତ ସହିତ ବାୟୁପୁତ୍ରଙ୍କୁ ବାଣ ଉପରେ ବସାଇ ଗୁଣ ଆମଞ୍ଚନ ପୂର୍ବକ ନିକ୍ଷେପ କରିବାକୁ ଉଦ୍ୟତ ହେବାର ଦେଖି ମାରୁତି ଯୁଗପତ୍ ବିସ୍ମିତ ଓ ଆନନ୍ଦିତ ହେଲେ ଏବଂ ଭରତଙ୍କୁ ପ୍ରଶଂସା କରିବାକୁ ଲାଗିଲେ ॥

हनुमान्-

उत्तीर्य्य बाणात्कुशलं गृहीत्वा संपूज्य बाहुं भरतस्य वाग्भि: ।
मनो दरिद्रस्य यथा दिगन्तं तथा हनुमान् शिविरं जगाम ॥१२०॥

ହନୂମାନ୍-

ଉତ୍ତୀର୍ଯ୍ୟ ବାଣାତ୍କୁଶଳଂ ଗୃହୀତ୍ୱା ସଂପୂଜ୍ୟ ବାହୁଂ ଭରତସ୍ୟ ବାଗ୍‌ଭିଃ ।
ମନୋ ଦରିଦ୍ରସ୍ୟ ଯଥାଦିଗନ୍ତଂ ତଥା ହନୂମାନ୍ ଶିବିରଂ ଜଗାମ ॥ ୧ ୨୦॥

❋ ବୀରହନୂମାନ୍ ଭରତଙ୍କ ବାଣରୁ ତଳକୁ ଅବତରଣ କଲେ । ଅଯୋଧ୍ୟାର କୁଶଳ ସମାଚାର ନେଇ ଓ ଭରତଙ୍କ ବାହୁବଳର ଉଚ୍ଚପ୍ରଶଂସା କରି ଦରିଦ୍ରର ମନ ଯେପରି ଦିଗନ୍ତରେ ଲୀନ ହୋଇଯାଏ, ସେହିପରି ସେ ଶିବରି ଅଭିମୁଖେ ପ୍ରତ୍ୟାଗମନ କଲେ ॥

अद्रिं रुद्रावतार: प्रलयसमुदितद्वादशार्कानुकारं
द्रोणं दोष्णा दधानं कटकनिकटतामागतोऽप्यर्द्धरात्रौ ।
दिग्भागोत्तालदृष्टिस्तरलतरसरस्तीरमास्थाय वीर -
स्तारं धीमानरोदीत्तदनु सह मुदा वाहिनीमाजगाम ॥१२१॥

ଅଦ୍ରିଂ ରୁଦ୍ରାବତାରଃ ପ୍ରଳୟସମୁଦିତଦ୍ୱାଦଶାର୍କାନୁକାରଂ
ଦ୍ରୋଣଂ ଦୋର୍ଷ୍ଣା ଦଧାନଃ କଟକନିକଟତାମାଗତୋଽପ୍ୟର୍ଦ୍ଧରାତ୍ରୌ ।
ଦିଗ୍‌ଭାଗୋଦ୍ଭାଳଦୃଷ୍ଟିସ୍ତରଳତରସରସ୍ତୀରମାସ୍ଥାୟ ବୀର-
ସ୍ତାରଂ ଧୀମାନରୋଦୀଦ୍ରଦନୁ ସହ ମୁଦା ବାହିନୀମାଜଗାମ ॥୧୨୧॥

❊ ରୁଦ୍ରାବତାର ହନୁମାନ୍ ପ୍ରଳୟକାଳୀନ ଦ୍ୱାଦଶ ମାର୍ତ୍ତଣ୍ଡ ସଦୃଶ ଦ୍ରୋଣାଚଳକୁ ଧରି ଅର୍ଦ୍ଧରାତ୍ରି ସମୟରେ ସେନାବାହିନୀ ନିକଟକୁ ଆସିଲେ । ଦିବ୍ୟାଲୋକ ପ୍ରଭାବରେ ପ୍ରଭାତ ହେଲା ବୋଲି ଭାବି ଶ୍ରୀରାମଚନ୍ଦ୍ର ପୁଷ୍କରିଣୀ କୂଳରେ ବସି ଉଚ୍ଚସ୍ୱରରେ କାନ୍ଦିଲେ । ଏହାପରେ ସେ ପୂର୍ବଦିଗକୁ ଲକ୍ଷ୍ୟ କରି ନିଜର ଭ୍ରମ ବୁଝିପାରିଲେ ଓ ଆନନ୍ଦରେ ସେନାବାହିନୀ ପାଖକୁ ଫେରିଆସିଲେ ॥

इत्यवसरे रावणं प्रति महोदरः -

हत्वा मायामहर्षिं रजनीचरवधूं गन्धकालीं ह्रदस्थां
ग्राहीरूपां विमर्द्य प्रवलमथ वलं रक्षसां मर्दयित्वा ।
जित्वा गन्धर्वकोटिं झटिति ततमणिज्वालमादाय शैलं
प्राप्तः श्रीमान् हनुमान् पुनरपि तरसानन्दितस्तत्पुरस्तात् ॥१२२॥

ଇତ୍ୟବସରେ ରାବଣଂ ପ୍ରତି ମହୋଦରଃ-

ହତ୍ୱା ମାୟାମହର୍ଷିଂ ରଜନୀଚରବଧୂଂ ଗନ୍ଧକାଳୀଂ ହ୍ରଦସ୍ଥାଂ
ଗ୍ରାହୀରୂପାଂ ବିମର୍ଦ୍ଦ୍ୟ ପ୍ରବଳମଥ ବଳଂ ରକ୍ଷସାଂ ମର୍ଦ୍ଦୟିତ୍ୱା ।
ଜିତ୍ୱା ଗନ୍ଧର୍ବକକୋଟିଂ ଝଟିତି ତତମଣିଜ୍ୱାଳମାଦାୟ ଶୈଳଂ
ପ୍ରାପ୍ତଃ ଶ୍ରୀମାନ୍ ହନୁମାନ୍ ପୁନରପି ତରସାନନ୍ଦିତସ୍ତତ୍‌ପୁରସ୍ତାତ୍ ॥୧୨୨॥

❊ ମହୋଦର ଏହି ସମୟରେ ରାବଣକୁ କହିଲା ହନୁମାନ୍ ମାୟାମହର୍ଷି କାଳନେମି ପ୍ରଭୃତିଙ୍କୁ ହତ୍ୟା କରିବା ପରେ ହ୍ରଦରେ ଥିବା ମକରୀ ରୂପଧାରିଣୀ ଗନ୍ଧକାଳୀକୁ ସଂହାର କରିଛି । ମହାପରାକ୍ରମଶାଳୀ ରାକ୍ଷସବାହିନୀ ସହିତ କୋଟି କୋଟି ଗନ୍ଧର୍ବଙ୍କୁ ହତ୍ୟା କରି, ଉଜ୍ଜ୍ୱଳ ଔଷଧି ଲତାକୁ ଚିହ୍ନି ନ ପାରିବାରୁ ସମଗ୍ର ପର୍ବତକୁ ଉଠାଇ ଏବଂ ଭରତଙ୍କୁ ନନ୍ଦିଗ୍ରାମରେ ଖବର ଦେଇ ହନୁମାନ୍ ବର୍ତ୍ତମାନ ଆସି ବାନରବାହିନୀ ପାଖରେ ପହଞ୍ଚିଲାଣି ॥

सर्वे वानराः - (सानन्दम्)

यो मैन्दद्विविदादिवानरचमूचक्रस्य रक्षाकरः
संहर्त्ता रणसंघभैरवरवोल्लासस्य लङ्कापतेः ।
सीतातङ्कमहान्धकारहरणप्रद्योतनोऽयं हरिः
संप्राप्तः पवनात्मजः पटुमहः श्रीकण्ठवैकुण्ठयोः ॥१२३॥

ସର୍ବେ ବାନରାଃ - (ସାନନ୍ଦମ୍)

ଯୋ ମୈନ୍ଦଦ୍ୱିବିଦାଦି ବାନର ଚମୂଚକ୍ରସ୍ୟରକ୍ଷାକରଃ
ସଂହର୍ତ୍ତା ରଣଭଙ୍ଗଭୈରବବରୋଲ୍ଲାସସ୍ୟ ଲଙ୍କାପତେଃ ।

ସୀତାତଙ୍କ ମହାନ୍ଧକାର ହରଣ ପ୍ରଦ୍ୟୋତନୋଽଙ୍ଗ ହରିଃ
ସଂପ୍ରାପ୍ତଃ ପବନାତ୍ମଜଃ ପଟୁମହଃ ଶ୍ରୀକଣ୍ଠବୈକୁଣ୍ଠୟୋଃ ॥ ୧୨୩॥

❊ ବାନରମାନେ ସମସ୍ତେ, ମୈନ୍ଦ, ଦ୍ୱିବିଦାଦି ବାନରବାହିନୀର ରକ୍ଷକ, ଯୁଦ୍ଧରେ ଭୟଙ୍କର ଗର୍ଜନଶୀଳ ରାବଣ ବିହିତ ଆତଙ୍କ ଦୂରକାରୀ, ସୀତାଙ୍କ ଭୟ ରୂପକ ଅନ୍ଧକାର ବିନାଶ କରିବାରେ ସୂର୍ଯ୍ୟସଦୃଶ ଓ ମହାଦେବ ତଥା ଶ୍ରୀରାମଙ୍କ ପରମ ତେଜୋରୂପ ପବନପୁତ୍ର ହନୁମାନଙ୍କୁ ଦେଖି ଆନନ୍ଦିତ ହେଲେ ॥

लक्ष्मण:-

आलेपितो हनुमता गिरिजौषधैस्तैर्मूर्च्छां विहाय सशरं धनुराददान: ।
रामारविन्दतरणिर्धरणिधरात्मा लङ्कापते: कुपितकाल इवोपतस्थे ।।१२४।।

ଲକ୍ଷ୍ମଣଃ –

ଆଲୋପିତୋ ହନୁମତା ଗିରିଜୌଷଧୈସ୍ତୈର୍ମୂର୍ଚ୍ଛାଂ ବିହାୟ ସଶରଂ ଧନୁରାଦଦାନଃ ।
ରାମାରବିନ୍ଦତରଣୀର୍ଧରଣୀଧରାତ୍ମା ଲଙ୍କାପତେଃ କୁପିତକାଳ ଇବୋପତସ୍ଥେ ॥ ୧୨୪॥

❊ ହନୁମାନଙ୍କଦ୍ୱାରା ଆନୀତ ପର୍ବତର ଔଷଧ ପ୍ରଲେପ ଦ୍ୱାରା ସଚେତ ହୋଇ ଧନୁଶର ଧରି ଶ୍ରୀରାମଚନ୍ଦ୍ରଙ୍କ ଚରଣ କମଳକୁ ବିକସିତ କରିବାରେ ସୂର୍ଯ୍ୟସ୍ୱରୂପ ଶେଷାବତାରଧାରୀ ଲକ୍ଷ୍ମଣ ଲଙ୍କାପତି ରାବଣର କାଳ ରୂପେ ଉଠି ଠିଆହୋଇଗଲେ ॥

राम: - (सानन्दम्) हा वत्सेति गाढमालिङ्ग्य वेदनां त्यज एवमुक्तो

लक्ष्मण: - ईषन्मात्रमहं वेद्मि स्फुटं यो वेत्ति राघव: ।
वेदना राघवेन्द्रस्य केवलं व्रणिनो वयम् ।।१२५।।

ରାମଃ –(ସାନନ୍ଦମ୍) ହା ବତ୍ସେତି ଗାଢମାଲିଙ୍ଗ୍ୟ ବେଦନାଂ ତ୍ୟଜ, ଏବମୁକ୍ତୌ

ଲକ୍ଷ୍ମଣଃ – ଈଷନ୍ମାତ୍ରମହଂ ବେଦ୍ମି ସ୍ଫୁଟଂ ଯୋ ବେତ୍ତି ରାଘବଃ ।
ବେଦନା ରାଘବେନ୍ଦ୍ରବସ୍ୟ କେବଳଂ ବ୍ରଣିନୋ ବୟମ୍ ॥ ୧୨୫॥

❊ ଶ୍ରୀରାମଚନ୍ଦ୍ର ଆନନ୍ଦରେ 'ହା ବତ୍ସ' ବୋଲି କହି ଲକ୍ଷ୍ମଣଙ୍କୁ ଗାଢ ଆଲିଙ୍ଗନ କଲେ ଓ କହିଲେ- ଏଥର ସମସ୍ତ କଷ୍ଟ ଭୁଲିଯାଅ ।

ଶ୍ରୀରାମଙ୍କ ବାଣୀ ଶୁଣି ଲକ୍ଷ୍ମଣ କହିଲେ- ଆର୍ଯ୍ୟ !.ମୁଁ ଶକ୍ତିର ପ୍ରଭାବକୁ ସାମାନ୍ୟ ଅନୁଭବ କରିଛି କିନ୍ତୁ ରାଘବ ଭଲଭାବେ ତାହା ଜାଣିଛନ୍ତି । କାରଣ, ମୁଁ ସିନା ଆଘାତ ପାଇଲି, କିନ୍ତୁ ରାଘବେନ୍ଦ୍ର ତୀବ୍ର ବେଦନା ଅନୁଭବ କଲେ ॥

ततो रावणो लोहिताक्षमाहूय ब्रूते - त्वं रामसमीपं गत्वा कथय यद्यपि हरप्रसादपरशुं मे दास्यसि तर्हि सीतां समपर्यिष्यामीत्युक्तो रामान्तिके गते लोहिताक्षे किं कुर्वन्ति राक्षसा इति रामस्य प्रश्ने लोहिताक्ष: -

ତତୋ ରାବଣଃ ଲୋହିତାକ୍ଷମାହୂୟ ବ୍ରୂତେ- ତ୍ୱଂ ରାମସମୀପଂ ଗତ୍ୱା କଥୟ ଯଦ୍ୟପି ହରପ୍ରସାଦରପରଶୁଂ ମେ ଦାସ୍ୟସି ତର୍ହି ସୀତାଂ ସମର୍ପୟିଷ୍ୟାମୀତ୍ୟୁକ୍ତୌ ରାମାନ୍ତିକେ ଗତେ ଲୋହିତାକ୍ଷେ କିଂ କୁର୍ବନ୍ତି ରାକ୍ଷସା ରାମସ୍ୟ ଇତି ପ୍ରଶ୍ନେ ଲୋହିତାକ୍ଷଃ -

❊ ଏହାପରେ ରାବଣ ଲୋହିତାକ୍ଷକୁ ଡାକି କହିଲା - ତୁ ରାମ ନିକଟକୁ ଯାଇ କହ, ସେ ଯଦି ତା' ପାଖରେ ଥିବା ଶିବଙ୍କ ପରଶୁ ମୋତେ ଦେବ ତେବେ ମୁଁ ସୀତାକୁ ଫେରାଇ ଦେବି । ରାବଣ ଆଦେଶରେ ଲୋହିତାକ୍ଷ ଯାଇ ସମସ୍ତ କଥା କହିବାରୁ ଶ୍ରୀରାମ ପଚାରିଲେ ରାକ୍ଷସମାନେ କଣ ବିଚାର କରୁଛନ୍ତି କହ । ଲୋହିତାକ୍ଷ କହିଲା -

अधाक्षीन्नो लङ्कामयमयमुदन्वन्तमतर-
द्विशल्यां सौमित्रेरयमुपनिनायौषधवरम् ।
इति स्मारं स्मारं त्वदरिनगरीभित्तिलिखितं
हनूमन्तं दन्तैर्दशति कुपितो राक्षसगणः ॥१२६॥

ଅଧାକ୍ଷୀନ୍ନୋ ଲଙ୍କାମୟମୟମୁଦନ୍ୱନ୍ତମତର-
ଦ୍ୱିଶଲ୍ୟାଂ ସୌମିତ୍ରେରୟମୁପନିନାୟୌଷଧବରମ୍ ।
ଇତି ସ୍ମାରଂ ସ୍ମାରଂ ତ୍ୱଦରିନଗରୀଭିତ୍ତିଲିଖିତଂ
ହନୂମନ୍ତଂ ଦନ୍ତୈର୍ଦଶତି କୁପିତୋ ରାକ୍ଷସଗଣଃ ॥୧୨୬॥

❊ ପ୍ରଭୋ ! ଲଙ୍କାର ରାକ୍ଷସମାନେ ସମୁଦ୍ର ପାର ହୋଇ ଆସି ଯେ ଲଙ୍କାକୁ ଦହନ କରିଛି ଓ ଲକ୍ଷ୍ମଣଙ୍କୁ ଉଜ୍ଜୀବିତ କରିବା ପାଇଁ ସଂଜୀବନୀ ଔଷଧ ଆଣିଛି ସେହି ହନୂମାନଙ୍କୁ ସ୍ମରଣ କରି ଭିତ୍ତି ଉପରେ ଲିଖିତ ତା'ର ମୂର୍ତ୍ତିକୁ କ୍ରୋଧ ବଶତଃ ଦାନ୍ତରେ କାମୁଡ଼ିବାରେ ଲାଗିଛନ୍ତି ॥

राम - विहस्य किमर्थमागतोऽसीति प्रश्ने
लोहिताक्षः - देव ! भार्गवं जित्वा लब्धं परशुं प्रददातु । सीतां दशास्य समर्पयिष्यति ।
रामः -(सस्मितम्)
पौलस्त्यप्रणयेन तावकमतिं स्मृत्वा मनो मोदते
देयो नैष हरप्रसादपरशुस्तेनाधिकं ताम्यति ।
यद्वाच्यः स दशाननो मम गिरा दत्ता द्विजेभ्यो मही
तुभ्यं ब्रूहि रसातलं बलभिदे निर्जित्य किं दीयताम् ॥१२७॥

ରାମ - ବିହସ୍ୟ କିମର୍ଥମାଗତୋଽସୀତି ପ୍ରଶ୍ନେ
ଲୋହିତାକ୍ଷଃ - ଦେବ ! ଭାର୍ଗବଂ ଜିତ୍ୱା ଲବ୍ଧଂ ପରଶୁଂ ପ୍ରଦଦାତୁ । ସୀତାଂ ଦଶାସ୍ୟ ସମର୍ପୟିଷ୍ୟତି ।

ରାମଃ - ସସ୍ମିତମ୍ -

ପୌଲସ୍ତ୍ୟପ୍ରଣୟେନ ତାବକମତିଂ ସ୍ମୃତ୍ୱା ମନୋ ମୋଦତେ
ଦେୟୋ ନୈଷ ହରପ୍ରସାଦପରଶୁସ୍ତେନାଧିକଂ ତାମ୍ୟତି ।
ଯଦ୍ୱାଚ୍ୟଃ ସ ଦଶାନନୋ ମମ ଗିରା ଦତ୍ତା ଦ୍ୱିଜେଭ୍ୟୋ ମହୀ
ତୁଭ୍ୟଂ ବ୍ରୂହି ରସାତଳଂ ବଳଭିଦେ ନିର୍ଜିତ୍ୟ କିଂ ଦୀୟତାମ୍ ॥ ୧୨୭॥

❊ ଶ୍ରୀରାମଚନ୍ଦ୍ର 'ତୁମେ କାହିଁକି ଆସିଛ ବୋଲି ପଚାରିବାରୁ ଲୋହିତାକ୍ଷ କହିଲା- ଆପଣ ଭାର୍ଗବଙ୍କୁ ଜୟ କରି ଯେଉଁ ପରଶୁ ପାଇଛନ୍ତି, ତାହା ପ୍ରଦାନ କଲେ ଦଶାସ୍ୟ ସୀତାଙ୍କୁ ଫେରାଇଦେବେ । ଶ୍ରୀରାମ ହସି ହସି କହିଲେ- ରେ ଦୂତ ! ରାବଣର ଉତ୍ତମ ବ୍ୟବହାର ଓ ତୁମର ବୁଦ୍ଧି ଦେଖି ମୁଁ ଖୁସି ହେଲି; କିନ୍ତୁ ଶିବପ୍ରସାଦର ପ୍ରତୀକ ପରଶୁକୁ ମୁଁ ଦେବିନାହିଁ, କାରଣ ତା'ଦ୍ୱାରା ରାବଣର କ୍ଷତି ହେବ । ତୁମେ ଯାଇ ରାବଣକୁ କୁହ ଏହି ପରଶୁ ଦ୍ୱାରା ବିଜୟୀ ହୋଇ ବ୍ରାହ୍ମଣମାନଙ୍କୁ ପୃଥିବୀ ଓ ତାକୁ ପାତାଳପୁରୀ ଦାନ କରିଥିଲି । ବର୍ତ୍ତମାନ ତାକୁ ଜୟ କରି ଇନ୍ଦ୍ରଙ୍କୁ କଣ ପ୍ରଦାନ କରିବି ?

दूतमुखाच्छ्रुत्वा रावणः सक्रोधम्-

भेरीमर्दलशंखतालनिकरस्वानोल्लसत्काहलो
निःशाणस्वनपूर्णकर्णकुहरो निर्यान्निगर्य्याविभौ ।
युद्धार्थं दशकन्धो रथगतो माणिक्यमौलिर्यशो
दीपादीपितमस्तको जनकजासक्तो विधेः कर्मणा ॥१२८॥

ଦୂତମୁଖାତ୍ ଶ୍ରୁତ୍ୱା ରାବଣଃ ସକ୍ରୋଧମ୍-

ଭେରୀମର୍ଦ୍ଦଳଶଙ୍ଖତାଳନିକରସ୍ୱାନୋଲ୍ଲସତ୍କାହଳୋ
ନିଃଶାଣସ୍ୱନପୂର୍ଣ୍ଣକର୍ଣ୍ଣକୁହରୋ ନିର୍ଯ୍ୟନ୍ନଗର୍ଯ୍ୟାବଭୌ ।
ଯୁଦ୍ଧାର୍ଥେ ଦଶକନ୍ଧରୋ ରଥଗତୋ ମାଣିକ୍ୟମୌଳିର୍ଯଶୋ
ଦୀପାଦୀପିତମସ୍ତକୋ ଜନକଜାସକ୍ତୋ ବିଧେଃ କର୍ମଣା ୧୨୮॥

❊ ଦୂତମୁଖରୁ ଶ୍ରୀରାମଙ୍କ ବାର୍ତ୍ତା ଶୁଣି ରାବଣ କ୍ରୋଧାନ୍ୱିତ ହୋଇ ରଥ ଆରୋହଣ କଲା । ଜାନକୀଙ୍କ ପ୍ରତି ଆସକ୍ତ ରାବଣ ଦୈବଦ୍ୱାରା ପ୍ରେରିତ ହୋଇ ମଣିମାଣିକ୍ୟମଣ୍ଡିତ ମୁକୁଟ ପରିଧାନ କରି, ନିଜର ପରାକ୍ରମ ଜନିତ ଯଶୋମଣ୍ଡିତ ହୋଇ, ଭେରୀ, ମର୍ଦ୍ଦଳ, ଶଙ୍ଖ ଓ ତାଳ ଧ୍ୱନିରେ ଲଙ୍କାକୁ ପ୍ରତିଧ୍ୱନିତ କରି ଯୁଦ୍ଧଭୂମି ପ୍ରତି ଅଗ୍ରସର ହେଲା ॥

इत्यवसरे रोरुद्यमाना मन्दोदरी -

शोकं लङ्केश मा गाः कुरु चिरमपुनर्भाविं गाढोपगूढं
देवाज्ञां देहि योद्धुं समरमवतराम्यस्मि सुक्षत्रिया यत् ।
मैवं कान्ते स्वकान्ते तरुणय करुणां प्राणरङ्क: किमेवं
लङ्कां संत्यज्य शङ्कां शिव शिव समरायोद्यतो राक्षसेन्द्रः ॥१२९॥

ଇତ୍ୟବସରେ ରୋରୁଦ୍ୟମାନା ମନ୍ଦୋଦରୀ-

ଶୋକଂ ଲଙ୍କେଶ ମାଗାଃ କୁରୁ ଚିରମପୁନର୍ଭାବି ଗାଢ଼ୋପଗୂଢଂ
ଦେବାଜ୍ଞାଂ ଦେହି ଯୋଦ୍ଧୁଂ ସମରମବତରାମ୍ୟସ୍ମି ସୁକ୍ଷତ୍ରିୟା ଯତ୍ ।
ମୈବଂ କାନ୍ତେ ସ୍ୱକାନ୍ତେ ତରୁଣୟ କରୁଣାଂ ପ୍ରାଣରଙ୍କଃ କିମେବଂ
ଲଙ୍କା ସଂତ୍ୟଜ୍ୟ ଶଙ୍କାଂ ଶିବ ଶିବ ସମରାୟୋଦ୍ୟତୋ ରାକ୍ଷସେନ୍ଦ୍ରଃ ॥୧୨୯॥

※ ରାଣୀମନ୍ଦୋଦରୀ ଏହିସମୟରେ କାନ୍ଦି କାନ୍ଦି କହିଲା ହେ ଲଙ୍କେଶ ! ଶୋକ କର ନାହିଁ । ଶେଷଥର ପାଇଁ ମୋତେ ଗାଢ଼ ଆଲିଙ୍ଗନ କର । ମୁ କ୍ଷତ୍ରିୟା ନାରୀ, ତେଣୁ ମୋତେ ଯୁଦ୍ଧକୁ ଯିବା ପାଇଁ ଅନୁମତି ଦିଅ । ରାବଣ ଦୁଃଖିତ ହୋଇ କହିଲା- ପ୍ରିୟେ! ଏପରି କୁହ ନାହିଁ । ଏପରି କହି ମୋର ହୃଦୟକୁ ଦୁଃଖାଭିଭୂତ କର ନାହିଁ । ମୁଁ ପ୍ରାଣର ଭିକାରୀ ନୁହେଁ । ଶଙ୍କା ଓ ଲଙ୍କାକୁ ଛାଡ଼ି ମୁଁ ବର୍ତ୍ତମାନ ଯୁଦ୍ଧ ପାଇଁ ପ୍ରସ୍ତୁତ ହୋଇଛି ॥

वानराः -

उद्यद्दिक्पालकोलाहलवहलमदावग्रदोग्राभिरक्ष्णां
ताराभिर्दीप्यमानं दिशि विदिशि दशग्रीवमुद्ग्रीवयन्तः ।
एते निःशेषसेतुग्रथनसमधिकैः शस्त्रिणः शैलपादै -
रुह्यमानः कपीन्द्रा रजनिचरपुरीमुत्तरेण प्लवन्ते ॥१३०॥

ବାନରାଃ-

ଉଦ୍ୟଦ୍ଦିକ୍ପାଲକୋଲାହଲବହଲମଦାବଗ୍ରହୋଗ୍ରାଭିରକ୍ଷ୍ଣାଂ
ତାରାଭିର୍ଦୀପ୍ୟମାନଂ ଦିଶିବିଦିଶି ଦଶଗ୍ରୀବମୁଦ୍ଗ୍ରୀବୟନ୍ତଃ ।
ଏତେ ନିଃଶେଷ ସେତୁଗ୍ରଥନସମଧିକୈଃ ଶସ୍ତ୍ରିଣଃ ଶୈଳପାଦୈ-
ରୁହ୍ୟମାନଃ କପୀନ୍ଦ୍ରା ରଜନୀଚରପୁରୀମୁତ୍ତରେଣ ପ୍ଲବନ୍ତେ ॥୧୩୦॥

※ ଶ୍ରୀରାମ- ରାବଣ ଯୁଦ୍ଧ ଦେଖିବା ପାଇଁ ଆସିଥିବା ଦିକ୍ପାଳମାନଙ୍କ କୋଳାହଳ ଶବ୍ଦ ଶୁଣି ଉଦ୍ଦୀପ୍ତ ନେତ୍ରକନୀନିକା ଦ୍ୱାରା ରାବଣକୁ ଖୋଜୁଥିବା ଓ ସେତୁବନ୍ଧନିର୍ମାଣ ପରେ ଅବଶିଷ୍ଟ ପର୍ବତକୁ ହାତରେ ଧରିଥିବା ବାନରମାନେ ଶ୍ରୀରାମଙ୍କ ଆଦେଶରେ ଲଙ୍କାର ଉତ୍ତରଦିଗରୁ ଆକ୍ରମଣ ଆରମ୍ଭ କଲେ ॥

रावणः - (स्वसैन्यं प्रति)

रे रे वीरप्रवीराः कुरुत रणमितः किं पलायध्वमेते
सन्नद्धीभूय शस्त्रै र्भजतरिपुगणान् को भयस्यावकाशः ।
जित्वाद्याहं हनूमद्रणविजयिवलं जाम्ववन्तं च नीलं
भित्वा प्रौढाङ्गदादीन्करकलितधनू रामन्वेषयामि ॥१३१॥

ରାବଣଃ - (ସ୍ୱସୈନ୍ୟଂ ପ୍ରତି)

ରେ ରେ ବୀରପ୍ରବୀରାଃ କୁରୁତ ରଣମିତଃ କିଂ ପଳାୟଧ୍ୱମେତେ
ସନ୍ନଦ୍ଧୀଭୂୟ ଶସ୍ତ୍ରୈର୍ଭଜତ ରିପୁଗଣାନ୍ କୋ ଭୟସ୍ୟାବକାଶଃ ।
ଜିତ୍ୱାଦ୍ୟାହଂ ହନୂମଦ୍ରଣବିଜୟିବଳଂ ଜାମ୍ବବନ୍ତଂ ଚ ନୀଳଂ
ଭିତ୍ୱା ପ୍ରୌଢ଼ାଙ୍ଗଦାଦୀନ୍‌କରକଳିତଧନୁ ରାମମନ୍ୱେଷୟାମି ॥୧୩୧॥

❋ ରାବଣ ନିଜ ସୈନ୍ୟଙ୍କୁ ଲକ୍ଷ୍ୟ କରି କହିଲା- ରେ ରେ ରାକ୍ଷସବୀରଗଣ! ପ୍ରାଣ ବିନିମୟରେ ଯୁଦ୍ଧ କର । ଯୁଦ୍ଧ ଛାଡ଼ି ପଳାଉଛ କାହିଁକି ? ସମସ୍ତେ ମିଶି ନିର୍ଭୟରେ ଶତ୍ରୁଙ୍କୁ ଆକ୍ରମଣ କର । ଆଜି ମୁଁ ଯୁଦ୍ଧରେ ହନୂମାନ୍, ଜାମ୍ବବାନ୍, ନୀଳ, ଅଙ୍ଗଦ ପ୍ରଭୃତିଙ୍କୁ ପରାଜିତ କରି ଧନୁଃଶର ଧରି ରାମ କେଉଁଠି ଅଛି ବୋଲି ଖୋଜୁଛି ॥

अत्रान्तरे सुग्रीवः -

ये वृक्षाः प्लवगाधिपेन निहिताः पौलस्त्यवक्षस्तले
संघट्टानलदत्तदावविपदः सीदन्ति ते भूरुहाः ।
उत्पाट्य प्रहितः स्वशैलशिखरो लङ्केन्द्रहस्तावली
पिष्टोऽयं निजकुण्डनिर्झरजलैर्जम्बालपिण्डायते ॥१३२॥

ଅତ୍ରାନ୍ତରେ ସୁଗ୍ରୀବଃ -

ଯେ ବୃକ୍ଷାଃ ପ୍ଲବଗାଧିପେନ ନିହିତାଃ ପୌଲସ୍ତ୍ୟବକ୍ଷସ୍ତଳେ
ସଂଘଟ୍ଟାନଳଦତ୍ତଦାବବିପଦଃ ସୀଦନ୍ତି ତେ ଭୂରୁହାଃ ।
ଉତ୍‌ପାଟ୍ୟ ପ୍ରହିତଃ ସ୍ୱଶୈଳଶିଖରୋ ଲଙ୍କେନ୍ଦ୍ର ହସ୍ତାବଳୀ
ପିଷ୍ଟୋଽୟଂ ନିଜକୁଣ୍ଡନିର୍ଝରଜଳୈର୍ଜମ୍ବାଳପିଣ୍ଡାୟତେ ॥୧୩୨॥

❋ ଏହାପରେ କପିପତି ସୁଗ୍ରୀବ ଯେତେ ବୃକ୍ଷ ଉପାଡ଼ି ରାବଣର ବକ୍ଷସ୍ଥଳକୁ ଫିଙ୍ଗିଲେ ସେଗୁଡ଼ିକ ତା' ଦେହରେ ଘଷି ହେବାରୁ ଯେଉଁ ଅଗ୍ନି ଉତ୍ପନ୍ନ ହେଲା ସେଥିରେ ସବୁ ଜଳିଗଲା । ରାବଣ କ୍ରୋଧାନ୍ୱିତ ହୋଇ ଏକ ପର୍ବତକୁ ଉପାଡ଼ି ଆଣି ତାକୁ ହାତରେ ଦଳି ଗୁଣ୍ଡ କରିଦେବାରୁ ସେହି ଗୁଣ୍ଡଅଂଶ ଝରଜଳରେ ପଡ଼ି ଏକ କାଦୁଅ ପିଣ୍ଡୁଳା ହୋଇ ସୁଗ୍ରୀବ ବକ୍ଷରେ ଆଘାତ କଲା ॥

ततो रावण इन्द्रदत्तरथं दृष्ट्वा लोहिताक्षं पृच्छति कोऽस्ति रथध्वजे । लोहिताक्षः -

हेलोल्लंधितवारिधिर्जनकजाविश्लेपशुष्यन्मनः
कौशल्यासुतदैन्यपाटन पटुग्रस्तांशुभुमण्डलः ।
निर्दग्धाखिलराक्षसेन्द्रनगरः सौमित्रिसंजीवना -
योत्खातौपधिपर्वतश्च मरुतः पुत्रो ध्वजे वर्त्तते ॥१३३॥

ତତୋ ରାବଣଃ ଇନ୍ଦ୍ରଦତ୍ତରଥଂ ଦୃଷ୍ଟ୍ୱା ଲୋହିତାକ୍ଷଂ ପୃଚ୍ଛତି । କୋଽସ୍ତି ରଥଧ୍ୱଜେ । ଲୋହିତାକ୍ଷଃ

ହେଲୋଲ୍ଲଙ୍ଘିତବାରିଧିର୍ଜନକଜାବିଶ୍ଳେଷଶୁଷ୍ୟନ୍ମନଃ
କୌଶଲ୍ୟାସୁତଦୈନ୍ୟପାଟନପଟୁଗ୍ରସ୍ତାଂଶୁଭୂମଣ୍ଡଳଃ ।

ନିର୍ଦଗ୍ଧାଖିଳରାକ୍ଷସେନ୍ଦ୍ରନଗରଃ ସୌମିତ୍ରିସଂଜୀବନା-
ଯୋତ୍‌ଖାତୌଷଧିପର୍ବତଶ୍ଚ ମରୁତଃ ପୁତ୍ରୋ ଧ୍ୱଜେ ବର୍ତ୍ତତେ ॥ ୧୩୩॥

❊ ରାବଣ ଏହାପରେ ଇନ୍ଦ୍ରଦତ୍ତ ରଥକୁ ଦେଖି ଲୋହିତାକ୍ଷକୁ ପଚାରିଲା- ରଥଧ୍ୱଜରେ କିଏ ଅଛି ? ଲୋହିତାକ୍ଷ କହିଲା- ପ୍ରଭୋ ! ସମୁଦ୍ର ଲଂଘନକାରୀ, ଜାନକୀବିରହବିଧୁର କୌଶଲ୍ୟାନନ୍ଦନଙ୍କ ହୃଦୟଉଲ୍ଲାସକ, ସୂର୍ଯ୍ୟମଣ୍ଡଳଗ୍ରାସକାରୀ, ଲଙ୍କାନଗରଦହନକାରୀ, ସୁମିତ୍ରାନନ୍ଦନଙ୍କୁ ପୁନର୍ଜୀବିତ କରିବା ପାଇଁ ସଂଜୀବନୀ ଔଷଧି ଆଣିଥିବା ବାୟୁପୁତ୍ର ହନୁମାନ୍ ରଥଧ୍ୱଜରେ ବିରାଜିତ ଅଛନ୍ତି ॥

सक्रोधमाकाशमवलोकिते रावणे-

नीचैर्ववौ परिमितः पवनो वनेषु मन्दीचकार तरणिः खरतां करेषु ।
रक्षःपतेर्गगनदृष्टिमवेक्ष्य साक्षान्नद्यो ययुः स्थगित तुङ्गतरङ्गभङ्गाः ॥१३४॥

ସକ୍ରୋଧମାକାଶମବଲୋକିତେ ରାବଣଃ-

ନୀଚୈର୍ବବୌ ପରିମିତଃ ପବନୋ ବନେଷୁ ମନ୍ଦୀଚକାର ତରଣିଃ ଖରତାଂ କରେଷୁ ।
ରକ୍ଷଃପତେର୍ଗଗନଦୃଷ୍ଟିମବେକ୍ଷ୍ୟ ସାକ୍ଷାନ୍ନଦ୍ୟୋଯଯୁଃ ସ୍ଥଗିତତୁଙ୍ଗତରଙ୍ଗଭଙ୍ଗାଃ ॥ ୧୩୪॥

❊ ରାବଣ କ୍ରୋଧାନ୍ୱିତ ହୋଇ ଆକାଶକୁ ଚାହିଁବା ମାତ୍ରେ ପବନ ଧୀରେ ଧୀରେ ବହିଲା, ସୂର୍ଯ୍ୟ ନିଜ କିରଣର ତୀବ୍ରତା ହ୍ରାସ କଲେ ଓ ନଦୀଗୁଡ଼ିକ ଉତ୍ତାଳ ତରଙ୍ଗ ସହିତ ପ୍ରବାହ ସ୍ଥିର କରିଦେଲେ ॥

रावणः -

बद्ध्वा तूणान् दशोच्चैर्मघवहयसटाबेणीबन्धेन वामै -
र्दोर्भिश्चापान्विधुन्वन्दशदश च शरान्दक्षिणैराददानः ।
क्ष्वेडन्क्रीडन्प्रकुप्यन्प्रसरदभिभवद्गर्जितातर्जितोघैः
शश्वत् खिद्यन्मुखश्रीरवतरति रणप्राङ्गणे राक्षसेन्द्रः ॥१३५॥

ରାବଣଃ -

ବଦ୍ଧ୍ୱା ତୂଣାନ୍ ଦଶୋଚ୍ଚୈର୍ମଘବହୟସଟାବେଣୀବନ୍ଧେନ ବାମୈ-
ର୍ଦୋର୍ଭିଶ୍ଚାପାନ୍ୱିଧୁନ୍ୱନ୍ଦଶ ଦଶ ଚ ଶରାନ୍ଦକ୍ଷିଣୈରାଦଦାନଃ ।
କ୍ଷ୍ୱେଡ଼ନ୍ କ୍ରୀଡନ୍‌ପ୍ରକୁପ୍ୟନ୍‌ପ୍ରସରଦଭିଭବଦ୍‌ଗର୍ଜିତା ତର୍ଜିତୋଘୈଃ
ଶଶ୍ୱତ୍ ଖିଦ୍ୟନ୍‌ମୁଖଶ୍ରୀରବତରତିରଣପ୍ରାଙ୍ଗଣେ ରାକ୍ଷସେନ୍ଦ୍ରଃ ॥ ୧୩୫॥

❊ ଲଙ୍କାପତି ରାବଣ ଦେବେନ୍ଦ୍ରଙ୍କ ଉଚ୍ଚୈଃଶ୍ରବା ଅଶ୍ୱର ବାଳରେ ପ୍ରସ୍ତୁତ ବେଣୀ ଦ୍ୱାରା ପୃଷ୍ଠଭାଗରେ ଦଶଟି ତୂଣୀର ବାନ୍ଧିଲା । ବାମଭାଗର ଦଶ ଭୁଜରେ ଧନୁ ଓ ଦକ୍ଷିଣ ଦଶଭୁଜରେ ବାଣ ଧାରଣ କଲା । ଦଶମୁଖ ମଧ୍ୟରୁ କେଉଁ ମୁଖରେ ମ୍ଳାନଭାବ, କେଉଁ ମୁଖରେ ହସ, କେଉଁ ମୁଖରେ କ୍ରୋଧ ଓ କେଉଁ ମୁଖରେ ଗର୍ଜନ ତର୍ଜନ କରି ବିଭିନ୍ନ ଭାବ ପ୍ରକାଶନ ପୂର୍ବକ ରାକ୍ଷସାଧିପତି ଯୁଦ୍ଧଭୂମିରେ ଉପସ୍ଥିତ ହେଲା ॥

राम प्रति विभीषण: -

यदा नीलो लङ्काधिपसुभटकोदण्डशिखरे
स्थितश्चञ्चद्वाष्पाकलितमृगतृष्णानीतगिरि: ।
तदेवं देवानां मतिरजनि दिङ्मण्डलजुषां
धनु: शृङ्गे भृङ्गस्तदुपरि गिरिस्तत्र जलधि: ।।१३६।।

ରାମଂ ପ୍ରତି ବିଭୀଷଣଃ-

ଯଦା ନୀଲୋ ଲଙ୍କାଧିପସୁଭଟକୋଦଣ୍ଡଶିଖରେ
ସ୍ଥିତଶ୍ଚଞ୍ଚଦ୍‌ବାଷ୍ପାକଳିତମୃଗତୃଷ୍ଣାନୀତଗିରିଃ ।
ତଦେବଂ ଦେବାନାଂ ମତିରଜନି ଦିଙ୍‌ମଣ୍ଡଳଜୁଷାଂ
ଧନୁଃ ଶୃଙ୍ଗେ ଭୃଙ୍ଗସ୍ତଦୁପରି ଗିରିସ୍ତତ୍ରଜଳଧିଃ ॥୧୩୬॥

❊ ବିଭୀଷଣ ଶ୍ରୀରାମଙ୍କୁ ଚାହିଁ କହିଲେ- ପ୍ରଭୋଃ ! ବାନର ନୀଳ, ଯେତେବେଳେ ମେଘାବୃତ ପର୍ବତ ଧରି ଲଙ୍କାଧିପର ଧନୁଶିଖରରେ ରହିଲା ସେତେବେଳେ ଧନୁର ଅଗ୍ରଭାଗରେ ଭ୍ରମର, ତା'ଉପରେ ପର୍ବତ ଓ ପର୍ବତ ଉପରେ ସାଗର ରହିଲା ପରି ଚମତ୍କାର ଦେଖାଯାଉଛି ବୋଲି ଦେବଗଣ ଭାବିଲେ ॥

सरमा - पश्य सीते !

साश्चर्यं तत्र वामे सपटुभटमुखे सव्यथं देवतौर्य्ये
साशङ्कं रामयुद्धे कपिषु सविनयं लक्ष्मणे साश्रुपूरम् ।
सासूयं भ्रातृकृत्ये सभयमनिलजे सत्रपं चात्मकृत्ये
क्षिप्रं तद्वक्त्रचक्रं रजनिचरपते भिन्नभावं बभूव ।।१३७।।

ସରମା-ପଶ୍ୟ ସୀତେ-

ସାଶ୍ଚର୍ଯ୍ୟଂ ତତ୍ର ବାମେ ସପଟୁଭଟମୁଖେ ସବ୍ୟଥଂ ଦେବତୌର୍ଯ୍ୟେ
ସାଶଙ୍କଂ ରାମଯୁଦ୍ଧେ କପିଷୁ ସବିନୟଂ ଲକ୍ଷ୍ମଣେ ସାଶ୍ରୁପୂରମ୍ ।
ସାସୂୟଂ ଭ୍ରାତୃକୃତ୍ୟେ ସଭୟମନିଳଜେ ସତ୍ରପଂ ଚାତ୍ମକୃତ୍ୟେ
କ୍ଷିପ୍ରଂ ତଦ୍‌ବକ୍ତ୍ରଚକ୍ରଂ ରଜନିଚରପତେ ଭିନ୍ନଭାବଂ ବଭୂବ ॥୧୩୭॥

❊ ସରମା କହିଲା- ହେ ସୀତେ ! ରାବଣର ଦଶମୁଖ ଭିନ୍ନଭିନ୍ନ ଭାବ ପ୍ରକାଶ କରୁଥିବାର ଦେଖାଯାଉଛି । ଶ୍ରୀରାମଙ୍କୁ ଦେଖି ଗୋଟିଏ ମୁଖ ଆଶ୍ଚର୍ଯ୍ୟାନ୍ୱିତ ହେଲାବେଳେ ଅନ୍ୟ ଏକ ମୁଖ ଯୋଦ୍ଧାମାନଙ୍କୁ ଦେଖି ବୀରରସରେ ପୂର୍ଣ୍ଣ ହୋଇଛି । ତାର ଅନ୍ୟାନ୍ୟ ମୁଖଗୁଡ଼ିକ ଦେବଗଣଙ୍କ ସ୍ତୁତି ଶୁଣି ବିଷାଦପୂର୍ଣ୍ଣ, ଲକ୍ଷ୍ମଣଙ୍କୁ ଦେଖି ଅଶ୍ରୁଳ, ବିଭୀଷଣଙ୍କୁ ଦେଖି ଈର୍ଷ୍ୟାଯୁକ୍ତ, ହନୁମାନଙ୍କୁ ଦେଖି ଭୟଭୀତ, ସ୍ୱକୃତ କର୍ମ ପାଇଁ ଲଜ୍ଜିତ ହେବା ସଙ୍ଗେ ସଙ୍ଗେ ଦଶ ରସକୁ ସ୍ୱତନ୍ତ୍ରଭାବେ ପ୍ରକାଶ କରୁଛି ॥

रावण हनुमतोरुक्तिप्रत्युक्ती -

साधु वानर गच्छ त्वं श्लाघ्यो जीवसि भूतले ।

धिगस्तु मम जीवित्वं यत्त्वं जीवसि रावणः ॥१३८॥

ରାବଣହନୁମତୋରୁକ୍ତିପ୍ରତ୍ୟୁକ୍ତୀ-

ସାଧୁ ବାନର ଗଚ୍ଛ ତ୍ୱଂ ଶ୍ଳାଘ୍ୟୋ ଜୀବସି ଭୂତଳେ ।

ଧିଗସ୍ତୁ ମମ ଜୀବିତ୍ୱ ଯତ୍ତ୍ୱଂ ଜୀବସି ରାବଣଃ ॥ ୧୩୮ ॥

❋ ରାବଣ ଓ ହନୁମାନଙ୍କ ଉକ୍ତିପ୍ରତ୍ୟୁକ୍ତି - ରାବଣ କହିଲା ରେ ବାନର ! ତୁ ଧନ୍ୟ, କାରଣ, ଏପର୍ଯ୍ୟନ୍ତ ତୁ ଜୀବନରେ ଅଛୁ । ହନୁମାନ୍ କହିଲେ- ରେ ରାବଣ ! ତୁ ଯେ ଏପର୍ଯ୍ୟନ୍ତ ବଞ୍ଚିଛୁ, ସେଥିପାଇଁ ମୁଁ ନିଜକୁ ଧିକ୍କାର କରୁଛି ॥

राक्षस वानराणां वाक्यम् -

अयमनुकृतवल्लीफुल्लतापिञ्छगुच्छो

रणभुवमवतीर्ण्णः कार्मुकी रामभद्रः ।

अयमपि दशकण्ठः कुण्ठिताम्भोदशोभः

परिकलयति रामं भ्रान्तकोदण्डदण्डम् ॥१३९॥

ରାକ୍ଷସ ବାନରାଣାଂ ବାକ୍ୟମ୍ -

ଅୟମନୁକୃତବଲ୍ଲୀଫୁଲ୍ଲତାପିଞ୍ଛଗୁଚ୍ଛୋ

ରଣଭୁବମବତୀର୍ଣ୍ଣଃ କାର୍ମୁକୀ ରାମଭଦ୍ରଃ ।

ଅୟମପି ଦଶକଣ୍ଠ କୁଣ୍ଠିତାମ୍ଭୋଦଶୋଭଃ

ପରିକଳୟତି ରାମଂ ଭ୍ରାନ୍ତକୋଦଣ୍ଡଦଣ୍ଡମ୍ ॥ ୧୩୯ ॥

❋ ତମାଳଦଳଶ୍ୟାମଳ କୋଦଣ୍ଡଧାରୀ ବୀରରାମଚନ୍ଦ୍ର ରଣଭୂମିରେ ଅବତୀର୍ଣ୍ଣ ହେଲେଣି । ଘନକୃଷ୍ଣମେଘ ସଦୃଶ ବୀର ଦଶକଣ୍ଠ ମଧ ଯୁଦ୍ଧ କ୍ଷେତ୍ରରେ ଅବତୀର୍ଣ୍ଣ ହୋଇ କୋଦଣ୍ଡଧାରୀ ରାଘବଙ୍କୁ ନିରୀକ୍ଷଣ କରୁଛି ॥

रामः - (रावणं प्रति)

भो लङ्केश्वर दीयतां जनकजां रामः स्वयं याचते

कोऽयं ते मतिविभ्रमः स्मर नयं नाद्यपि किञ्चित्कृतम् ।

नैवं चेत्खरदूषणत्रिशिरसां कण्ठासृजा पङ्किलः

पत्री नैष सहिष्यते मम धनुर्ज्याबन्धबन्धूकृतः ॥१४०॥

ରାମଃ - (ରାବଣଂ ପ୍ରତି)

ଭୋ ଲଙ୍କେଶ୍ୱର ଦୀୟତାଂ ଜନକଜାଂ ରାମଃ ସ୍ୱୟଂ ଯାଚତେ

କୋଽୟଂ ତେ ମତିବିଭ୍ରମଃ ସ୍ମର ନୟଂ ନାଦ୍ୟାପି କିଞ୍ଚିତ୍କୃତମ୍ ।

ନୈବଂ ଚେତ୍‌ଖରଦୂଷଣତ୍ରିଶିରସାଂ କଣ୍ଠାସୃଜା ପଙ୍କିଳଃ
ପତ୍ରୀ ନୈଷ ସହିଷ୍ୟତେ ମମ ଧନୁର୍ଜ୍ୟାବନ୍ଧବନ୍ଧୂକୃତଃ ॥୧୪୦॥

❋ ଶ୍ରୀରାମ କହିଲେ- ହେ ଲଙ୍କେଶ୍ୱରଃ ! ମୁଁ ସ୍ୱୟଂ ରାମ କହୁଛି, ତୁମେ ଜାନକୀଙ୍କୁ ଫେରାଇ ଦିଅ । ତୁମର ଏପରି ମତି ଭ୍ରମ ହେବା ଉଚିତ ନୁହେଁ । ନ୍ୟାୟମାର୍ଗ ଅନୁସରଣ କର । ତୁମେ ଅନ୍ୟାୟ କରିଥିଲେ ମଧ ମୁଁ ଏପର୍ଯ୍ୟନ୍ତ କିଛି କରି ନାହିଁ, ଏହା ମନେ ରଖ । ସୀତାଙ୍କୁ ନ ଦେଲେ ଖର, ଦୂଷଣ, ତ୍ରିଶିର ପ୍ରଭୃତି ଦୈତ୍ୟଙ୍କ ରକ୍ତରେ ପଙ୍କିଳ ହୋଇଥିବା ମୋର ବାଣ ତୁମର ଅନ୍ୟାୟ ଆଚରଣକୁ ଆଉ ସହ୍ୟକରିବ ନାହିଁ ॥

रावण:-

चक्रे चक्रं मुरारेर्मयि कुपितवधूकुण्डलाक्षेपलीला-
मस्मिन्नंसे विभिन्नस्खलितविपलताकाण्डवत्कालदण्डः ।
वक्षस्युर्जस्विवज्रं गतमिव च तुलं स्त्रैणहारप्रहारे -
र्यत्सत्यं पत्रिणस्ते मम वपुषि घने मन्मथास्ते भवन्ति ॥१४१॥

ରାବଣଃ-

ଚକ୍ରେ ଚକ୍ରଂ ମୁରାରେର୍ମୟି କୁପିତବଧୂକୁଣ୍ଡଳାକ୍ଷେପଲୀଳା-
ମସ୍ମିନ୍ନଂସେ ବିଭିନ୍ନସ୍ଖଳିତବିଷଲତାକାଣ୍ଡବତ୍‌କାଳଦଣ୍ଡଃ ।
ବକ୍ଷସ୍ୟୁର୍ଜସ୍ୱିବଜ୍ରଂ ଗତମିବ ଚ ତୂଳଂ ସ୍ତ୍ରୈଣହାରପ୍ରହାରୈ-
ର୍ଯତ୍ସତ୍ୟଂ ପତ୍ରିଣସ୍ତେ ମମ ବପୁଷି ଘନେ ମନ୍ମଥାସ୍ତେ ଭବନ୍ତି ॥୧୪୧॥

❋ ରାବଣ କହିଲା- ରେ ରାମ ! ପୂର୍ବେ ମୁରାରି ମୋ' ଉପରେ ଚକ୍ର ନିକ୍ଷେପ କରିଥିଲେ । ସେହି ଚକ୍ର ଅଭିମାନିନୀ ବାଳା କ୍ରୋଧରେ କର୍ଣ୍ଣକୁଣ୍ଡଳ ଫିଙ୍ଗିଲା ପରି ମୋତେ ବୋଧ ହେଲା । ଯମ ମୋ' କାନ୍ଧରେ ପ୍ରହାର କରିଥିବା କାଳଦଣ୍ଡ ବିଷଲତାର କାଣ୍ଡ ପରି ଖଣ୍ଡ ଖଣ୍ଡ ହୋଇଗଲା । ଇନ୍ଦ୍ର ମୋ' ବକ୍ଷରେ ବଜ୍ର ପ୍ରହାର କରିଥିଲା । ମୋତେ ତାହା ତୂଳା ପରି ମନେ ହେଲା । ସତ କହୁଛି, ତୋର ବାଣ ମଧ୍ୟ ମୋ' ହୃଦୟରେ ନାରୀର ହାରପ୍ରହାର ପରି ବୋଧ ହେବ ॥

(रामरावणयोर्युद्धारम्भ:)

रणाङ्गणे कुण्डलिनो युवान: परस्परं सायकभिन्नदेहा: ।
कचाग्रलग्ना इव कामिनीनां कुम्भाग्रलग्ना सुषुपुर्गजानाम् ॥१४२॥

ରାମରାବଣୟୋଃ ଯୁଦ୍ଧାରମ୍ଭଃ -

ରଣାଙ୍ଗଣେ କୁଣ୍ଡଳିନୋ ଯୁବାନଃ ପରସ୍ପରଂ ସାୟକଭିନ୍ନଦେହାଃ ।
କଚାଗ୍ରଲଗ୍ନା ଇବ କାମିନୀନାଂ କୁମ୍ଭାଗ୍ରଲଗ୍ନା ସୁଷୁପୁର୍ଗଜାନାମ୍ ॥୧୪୨॥

❋ ଶ୍ରୀରାମ ଓ ରାବଣ ମଧ୍ୟରେ ଯୁଦ୍ଧ ଆରମ୍ଭ ହେଲା । ଯୁବବାହିନୀ ପରସ୍ପର ପ୍ରତି ଶରନିକ୍ଷେପ କରି ମୃତ୍ୟୁ ବରଣ କରିବା ସଙ୍ଗେ ସଙ୍ଗେ ସେମାନଙ୍କର କାମିନୀମାନଙ୍କ କୁଚାଗ୍ରଭାଗରେ ଶୋଭିତ ଗଜମୁକ୍ତାହାର ପରି ଯୁଦ୍ଧଭୂମିରେ କୁଣ୍ଡଳାକାର ହୋଇ ଶୋଭା ପାଇଲା ॥

आकाशे देवाः परस्परम् -

गगनं गगनाकारं सागरः सागरोपमः ।

रामरावणयोर्युद्धं रामरावणयोरिव ।।१४३।।

ଆକାଶେ ଦେବାଃ ପରସ୍ପରମ୍ -

ଗଗନଂ ଗଗନାକାରଂ ସାଗରଃ ସାଗରୋପମଃ ।

ରାମରବାଣୟୋର୍ଯୁଦ୍ଧଂ ରାମରାବଣୟୋରିବ ॥୧୪୩॥

※ ଆକାଶରେ ଥାଇ ଦେବଗଣ ପରସ୍ପରକୁ କହିଲେ ଆକାଶ ସହିତ ଆକାଶର ଓ ସାଗର ସହତ ସାଗର ଯେପରି ତୁଳନୀୟ ସେହିପରି ଶ୍ରୀରାମ ଓ ରାବଣର ଯୁଦ୍ଧ ସହିତ ଶ୍ରୀରାମ ଓ ରାବଣର ଯୁଦ୍ଧ ତୁଳନୀୟ । ଗଗନ, ସାଗର ଓ ରାମରାବଣଯୁଦ୍ଧ ଅତୁଳନୀୟ ॥

रामस्य दिव्यास्त्रप्रयोगे रावणवाक्यम् -

आग्नेयास्त्रं हृदयदवथुर्वारुणं शस्त्रमुच्चै-

र्धारा वाष्पः पवनशरतां यान्ति निःश्वावासवाताः ।

तज्जानक्या किमिव न कृतं रक्षसां स्वामिनो मे

दिव्यैरस्त्रैर्यदयमपरं तापसः कर्त्तुकामः ।।१४४।।

ରାମସ୍ୟ ଦିବ୍ୟାସ୍ତ୍ରପ୍ରୟୋଗେ ରାବଣବାକ୍ୟମ -

ଆଗ୍ନେୟାସ୍ତ୍ରଂ ହୃଦୟଦବଥୁର୍ବାରୁଣଂ ଶସ୍ତ୍ରମୁଚ୍ଚୈ-

ର୍ଧାରା ବାଷ୍ପଃ ପବନଶରତାଂ ଯାନ୍ତି ନିଃଶ୍ୱାସବାତାଃ ।

ତଜ୍ଜାନକ୍ୟା କିମିବ ନ କୃତଂ ରକ୍ଷସାଂ ସ୍ୱାମିନୋ ମେ

ଦିବ୍ୟୈରସ୍ତ୍ରୈର୍ଯଦୟମପରଂ ତାପସଃ କର୍ତ୍ତୁକାମଃ ॥୧୪୪॥

※ ଶ୍ରୀରାମଙ୍କ ଦିବ୍ୟାସ୍ତ୍ର ପ୍ରୟୋଗ କରିବାର ଦେଖି ରାବଣ କହିଲା- ରେ ତପସ୍ୱୀ ରାମଃ ! ଆଉ କେଉଁ ଦିବ୍ୟାସ୍ତ୍ର ପ୍ରୟୋଗ କରିବା କଥା ଭାବୁଛ ? ସୀତାଙ୍କ ହୃଦ୍ଦାହ ରୂପକ ଆଗ୍ନେୟାସ୍ତ୍ର, ତାଙ୍କର ଅବାରିତ ଅଶ୍ରୁସ୍ୱରୂପ ବାରୁଣାସ୍ତ୍ର ଓ ନିଃଶ୍ୱାସ ରୂପକ ପବନାସ୍ତ୍ରଦ୍ୱାରା ରାକ୍ଷସରାଜ ରାବଣର ବହୁକ୍ଷତି ସାଧନ କରିସାରିଛୁ । ଆଉ କଣ କରିବାର ଅଭିଳାଷ ତୋର ମନରେ ଅଛି ?

रावणं प्रति रामः -

रे रे निशाचरपते त्वरितं गृहाण बाणासनं त्रिदशदर्पहरं शरं च ।

निर्बापयामि विरहाग्निमिमं प्रियाया मन्दोदरीतरलनेत्रजलप्रवाहैः ।।१४५।।

ରାବଣ ପ୍ରତି ରାମଃ -

ରେ ରେ ନିଶାଚରପତେ ତ୍ୱରିତଂ ଗୃହାଣ ବାଣାସନଂ ତ୍ରିଦଶଦର୍ପହରଂ ଶରଂ ଚ ।

ନିର୍ବାପୟାମି ବିରହାଗ୍ନିମିମଂ ପ୍ରିୟାୟା ମନ୍ଦୋଦରୀତରଳନେତ୍ରଜଳପ୍ରବାହୈଃ ॥୧୪୫॥

❋ ଶ୍ରୀରାମ କହିଲ- ରେ ନିଶାଚରପତି ରାବଣ ! ଯେଉଁ ଧନୁଶର ଦ୍ୱାରା ଦେବଗଣଙ୍କ ଦର୍ପ ହରଣ କରିଥିଲୁ ଶୀଘ୍ର ତାହାକୁ ଧରି ଯୁଦ୍ଧ ପାଇଁ ପ୍ରସ୍ତୁତ ହୁଅ । ରାଣୀ ମନ୍ଦୋଦରୀର ତରଳ ନୟନ ଜଳପ୍ରବାହ ଦ୍ୱାରା ପ୍ରିୟାବିରହ ଜନିତ ଅନଳଜ୍ୱାଳାକୁ ଆଜି ମୁଁ ଶାନ୍ତ କରିବି ॥

रावण: -

स्त्रीमात्रं ननु ताड़का भृगुसुतो वृद्धस्तपस्वी द्विजो
मारीचो मृग एव भीतिभवनो वाग्मी पुनर्वानर: ।
भो काकुत्स्थ विकत्थसे कथय किं वीरो जित: कस्त्वया
दोर्दण्डस्तरुणायते यदि पुन: कोदण्डमारोपय ।।१४६।।

ରାବଣଃ-

ସ୍ତ୍ରୀମାତ୍ରଂ ନନୁ ତାଡ଼କା ଭୃଗୁସୁତୋ ବୃଦ୍ଧସ୍ତପସ୍ୱୀ ଦ୍ୱିଜୋ
ମାରୀଚୋ ମୃଗ ଏବ ଭୀତିଭବନୋ ବାଗ୍ମୀ ପୁନର୍ବାନରଃ ।
ଭୋ କାକୁତ୍ସ୍ଥ ବିକତ୍ଥସେ କଥୟ କିଂ ବୀରୋ ଜିତଃ କସ୍ତ୍ୱୟା
ଦୋର୍ଦଣ୍ଡସ୍ତରୁଣାୟତେ ଯଦି ପୁନଃ କୋଦଣ୍ଡମାରୋପୟ ॥୧୪୬॥

❋ ରାବଣ କହିଲା- ତାଡ଼କା ହେଲା ଜଣେ ଅବଳା ନାରୀ, ଭୃଗୁପୁତ୍ର ଜାମଦଗ୍ନ୍ୟ ଜଣେ ବୃଦ୍ଧ ତପସ୍ୱୀ । ମାରୀଚ ହେଲା ଛାର ମୃଗଟିଏ ଆଉ ବାଳି ହେଲା ଏକ ବୃଦ୍ଧ ବାନର । ରେ ରାମ ! ତୁ ଏମାନଙ୍କୁ ମାରି ନିଜର ବୀରପଣିଆ ଦେଖାଉଛୁ ? ତୋ'ର ଯଦି ବାହୁବଳ ଅଛି ତେବେ କୋଦଣ୍ଡଧନୁ ଧରି ମୋ' ସହିତ ଯୁଦ୍ଧ କର ॥

अत्रावसरे अङ्गद: -

वन्द्यास्ते न विचारणीयचरितास्तिष्ठन्तु हुं वर्त्ततां
सुन्दस्त्रीदमनेऽप्यकुण्ठयशसो लोके महान्तो हि ते ।
यानि त्रीणि कुतो मुखान्यपि पराण्यासन्खरायोधने
यद्वा कौशलमिन्द्रसूनुनिधने तत्राप्यभिज्ञो जन: ।।१४७।।

ଅତ୍ରାବସରେ ଅଙ୍ଗଦଃ -

ବନ୍ଦ୍ୟାସ୍ତେ ନ ବିଚାରଣୀୟଚରିତାସ୍ତିଷ୍ଠନ୍ତୁ ହୁଂ ବର୍ତ୍ତତାଂ
ସୁନ୍ଦସ୍ତ୍ରୀଦମନେଽପ୍ୟକୁଣ୍ଠୟଶସୋ ଲୋକେ ମହାନ୍ତୋ ହି ତେ ।
ଯାନି ତ୍ରୀଣି କୁତୋ ମୁଖାନ୍ୟପି ପରାଣ୍ୟାସନ୍ଖରାୟୋଧନେ
ଯଦ୍ୱା କୌଶଳମିନ୍ଦ୍ରସୂନୁନିଧନେ ତତ୍ରାପ୍ୟଭିଜ୍ଞୋ ଜନଃ ॥୧୪୭॥

❋ ଅଙ୍ଗଦ ଏଇ ସମୟରେ କହିଲା- ତିନି ଭୁବନର ଲୋକେ ଶ୍ରୀରାମଚନ୍ଦ୍ରଙ୍କ ପାଦବନ୍ଦନା କରନ୍ତି । ତାଙ୍କର ଯୋଗ୍ୟତା ସମ୍ବନ୍ଧରେ ବିଚାର କରିବା ଧୃଷ୍ଟତାର ପରିଚାୟକ । ଜନକଲ୍ୟାଣ ପାଇଁ ସେ ସୁନ୍ଦରାକ୍ଷସର ସ୍ତ୍ରୀକୁ ବଧ କଲେ ଓ ମହାପରାକ୍ରମୀ ତ୍ରିଶିର ରାକ୍ଷସକୁ ସଂହାର କଲେ ଏବଂ ଇନ୍ଦ୍ରପୁତ୍ର ବାଳିକୁ ଯେପରି ବଧ କଲେ ତାହା ସମସ୍ତେ ଜାଣନ୍ତି ॥

रावणः -

यावान्वेधः कलशशिशुना तावता किं च पीत-
स्तुल्याकारान्प्रहरति हरिः किं खगानद्रितुङ्गान् ।
तत्रागम्याः प्रथितवपुषः सन्तु तिग्मस्वभाव-
स्तेषां ग्रासग्रहणरभसं राम ते नामधेयम् ॥१४८॥

ରାବଣଃ-

ଯାବାନ୍‌ବୈଧଃ କଳଶଶିଶୁନା ତାବତା କିଂ ଚ ପୀତ-
ସ୍ତୁଲ୍ୟାକାରାନ୍ ପ୍ରହରତି ହରିଃ କି କଗାନଦ୍ରିତୁଙ୍ଗାନ୍ ।
ତତ୍ରାଗମ୍ୟାଃ ପ୍ରଥିତବପୁଷଃ ସନତୁ ତିଗ୍ମସ୍ୱଭାବ -
ସ୍ତେଷାଂ ଗ୍ରାମଗ୍ରହଣରଭସଂ ରାମ ତେ ନାମଧେୟମ୍ ॥ ୧୪୮ ॥

❋ ରାବଣ କହିଲା- ଆରେ ତୁମର ରାମ, କୁମ୍ଭମୁନି ପୁତ୍ର ଅଗସ୍ତ୍ୟ ପିଇ ଦେଇଥିବା ସାଗରରେ ବନ୍ଧଟିଏ ବାନ୍ଧି ଦେଇଛି । ଯେଉଁ ଗିରିଶୃଙ୍ଗକୁ ଇନ୍ଦ୍ର ବଜ୍ରଦ୍ୱାରା ଭାଙ୍ଗି ଗୁଣ୍ଡ କରିଦେଇଛନ୍ତି ସେହି ଶିଳାଖଣ୍ଡକୁ ଉଠାଇ ଆଣି ବାନରମାନେ ନିଜକୁ ବୀର ବୋଲି କହୁଛନ୍ତି । ଉଗ୍ରସ୍ୱଭାବର କେତେଜଣ ଅନାମଧେୟ ରାକ୍ଷସଙ୍କୁ ମାରି ରାମ ତୁମର ଖ୍ୟାତି ଲାଭ କରିଥିବା କଥା ଜାଣିଛି ॥

रामः -

बाणोऽयं मम ताड़कात्मरुधिरे स्नातः स्वसुर्नासिका
प्राणायामपरः खरत्रिशिरसां हुत्वा दशास्याहुतिम् ।
मारीचं च बलिं विधाय तदनु त्वाचम्य वारांनिधिं
भोक्तुं रावणमामिषं मृगयते भो दीयतां मैथिली ॥१४९॥

ରାମଃ -

ବାଣୋଽୟଂ ମମ ତାଡ଼କାତ୍ମରୁଧିରେ ସ୍ନାତଃ ସ୍ୱସୁର୍ନାସିକା
ପ୍ରାଣାୟାମପରଃ ଖରତ୍ରିଶିରସାଂ ହୁତ୍ୱା ଦଶାସ୍ୟାହୁତିମ୍ ।
ମାରୀଚଂ ଚ ବଳିଂ ବିଧାୟ ତଦନୁ ତ୍ୱାଚମ୍ୟ ବାରାଂନିଧିଂ
ଭୋକ୍ତୁଂ ରାବଣମାମିଷଂ ମୃଗୟତେ ଭୋ ଦୀୟତାଂ ମୈଥିଳୀ ॥ ୧୪୯ ॥

❋ ଶ୍ରୀରାମଚନ୍ଦ୍ର କହିଲେ- ମୋର ବାଣ ତାଡ଼କାର ରକ୍ତରେ ସ୍ନାନ ଓ ତୋର ଭଗିନୀ ସୂର୍ପଣଖାର ନାସାରେ ପ୍ରାଣାୟାମ କରିଛି । ଖରତ୍ରିଶିର ପ୍ରଭୃତିଙ୍କୁ ଆହୁତି ଓ ମାରୀଚକୁ ବଳିଦେବା ପରେ ସେହି ବାଣ ସମୁଦ୍ରରେ ଆଚମନ ସାରି ରାବଣର ମାଂସ ଭକ୍ଷଣ ପାଇଁ ଅପେକ୍ଷା କରୁଛି । ତେଣୁ ଅଧିକ ବିପର୍ଯ୍ୟୟ ହେବା ପୂର୍ବରୁ ସୀତାଙ୍କୁ ପ୍ରତ୍ୟର୍ପଣ କରିଦିଅ ॥

रावण: -

क्लीवानामेव युद्धेषु प्राणत्राणाय रामधीः ।
लज्जाप्रशान्तैः संसत्सु मूर्खाणामिव मूकता ॥१५०॥

ରାବଣଃ-

କ୍ଲୀବାନାମେବ ଯୁଦ୍ଧେଷୁ ପ୍ରାଣତ୍ରାଣାୟ ରାମଧୀଃ ।
ଲଜ୍ଜାପ୍ରଶାନ୍ତୈଃ ସଂସତ୍ସୁ ମୂର୍ଖାଣାମିବ ମୂକତା ॥ ୧୫୦॥

❊ ରାବଣ କ୍ରୋଧାନ୍ୱିତ ହୋଇ କହିଲା - ଯୁଦ୍ଧରେ ପ୍ରାଣ ରକ୍ଷା ପାଇଁ ନପୁଂସକମାନେ, ସଭାରେ ଅଧିକ ଲଜ୍ଜାଜନକ ଅବସ୍ଥାରୁ ରକ୍ଷା ପାଇବା ନିମିତ୍ତ ମୂର୍ଖମାନେ ନୀରବ ରହିଲା ପରି ଆଚରଣ କରନ୍ତି ॥

पश्य -

शम्भोः पर्वतकन्दुकेन महती क्रीड़ा कृता येन तं
रे रे मानव राम मा स्मर भवं देवेश्वरं रावणम् ।
बाणं धारय ताड़कान्तमसुराणामन्तकं संयुगे
तस्यानीतिसमूहघोरकुटिलो यो वानराणां पतिः ॥१५१॥

ପଶ୍ୟ-

ଶମ୍ଭୋଃ ପର୍ବତକନ୍ଦୁକେନ ମହତୀ କ୍ରୀଡ଼ା କୃତା ଯେନ ତଂ
ରେ ରେ ମାନବ ରାମ ମା ସ୍ମର ଭବଂ ଦେବେଶ୍ୱରଂ ରାବଣମ୍ ।
ବାଣଂ ଧାରୟ ତାଡ଼କାନ୍ତମସୁରାଣାମନ୍ତକଂ ସଂଯୁଗେ
ତସ୍ୟାନୀତିସମୂହଘୋରକୁଟିଳୋ ଯୋ ବାନରାଣାଂ ପତିଃ ॥ ୧୫୧॥

❊ ରେ ମାନବ ରାମ ! ଶିବଙ୍କ କୈଳାସ ପର୍ବତକୁ କନ୍ଦୁକ ପରି ଧରି ଯେ ଖେଳୁଥିଲା ସେହି ରାବଣକୁ ଦେବାଧିପତି ଶିବଙ୍କ ପରିବର୍ତ୍ତେ ସ୍ମରଣ କର । ଯୁଦ୍ଧରେ ଯେଉଁ ବାଣରେ ତାଡ଼କାଦିଙ୍କ ପ୍ରାଣ ଓ ଅନ୍ୟାୟ ଆଚରଣ କରୁଥିବା ବାନରପତି ବାଳିର ପ୍ରାଣ ନେଇଥିଲୁ ସେହି ବାଣ ଏଠାରେ ପ୍ରୟୋଗ କର ॥

राम: -

छित्वा मूर्ध्नः किमिति स वृतो धूर्जटिर्यद्व्यमीपां
दोस्तम्भानां त्रिभुवनविजयश्री रियं वास्तवी ते ।
मूर्द्धानो वा न खलु भवतो दुर्लभाः संभवेयु-
र्यद्विवस्य त्वमसि जगतां शिल्पिनोऽपि प्रपौत्रः ॥१५२॥

ରାମଃ -

ଛିତ୍ୱା ମୂର୍ଦ୍ଧ୍ନଃ କିମିତି ସବୃତୋ ଧୂର୍ଜଟିର୍ଯଦ୍ୟମୀଷାଂ
ଦୋସ୍ତମ୍ଭାନାଂ ତ୍ରିଭୁବନବିଜୟଶ୍ରୀରିୟଂ ବାସ୍ତବୀ ତେ ।

ମୂର୍ଦ୍ଧାନୋ ବା ନ ଖଲୁ ଭବତୋ ଦୁର୍ଲଭାଃ ସଂଭବେୟୁ -
ର୍ଯଦ୍ଦେବସ୍ୟ ତ୍ୱମସି ଜଗତାଂ ଶିକ୍ଷିନୋଽପି ପ୍ରପୌତ୍ରଃ ॥୧୫୨॥

❋ ଶ୍ରୀରାମଚନ୍ଦ୍ର କହିଲେ- ରେ ରାବଣ ! ଯଦି ବିଂଶବାହୁ ବଳରେ ତୁ ତ୍ରିଭୁବନ ଜୟ କରିଥିବା କଥା ସତ, ତେବେ ନିଜ ମୁଣ୍ଡ କାଟି ଶିବଙ୍କୁ ସନ୍ତୁଷ୍ଟ କରିବାର କାରଣ କଣ ? ଦଶଶିରା ହୋଇ ତୁ ଗର୍ବ କରୁଛୁ । ବ୍ରହ୍ମାଙ୍କ ନାତି ହୋଇଥିବାରୁ ତୋ' ପାଖରେ ମୁଣ୍ଡର ଅଭାବ ହେବ ନାହିଁ ॥

रावण: -

रे राम यत्तव पुराणपितामहेन
मत्तोऽनुभूतमचिरादनरण्यकेन ।
किं तत्पदं त्वमपि लब्धुमिहागतोऽसि
हत्वा खरादि मम सैन्यमनेकमेक: ॥१५३॥

ରାବଣଃ-

ରେ ରାମ ଯତ୍ତବ ପୁରାଣପିତାମହେନ
ମତ୍ତୋଽନୁଭୂତମଚିରାଦନରଣ୍ୟକେନ ।
କିଂ ତତ୍ପଦଂ ତ୍ୱମପି ଲବ୍ଧୁମିହାଗତୋଽସି
ହତ୍ୱା ଖରାଦି ମମ ସୈନ୍ୟମନେକମେକଃ ॥୧୫୩॥

❋ ରାବଣ କହିଲା- ରେ ରାମ ! ତୋର ପୂର୍ବପୁରୁଷରେ ଅନରଣ୍ୟ ବୋଲି ଜଣେ ରାଜା ଥିଲା । ସେ ମୋ' ହାତରେ ମୃତ୍ୟୁ ବରଣ କରିଥିଲା । ମୋର ଖରଦୂଷଣାଦି ସୈନ୍ୟଙ୍କୁ ବଧକରି ତୋର ପୂର୍ବପୁରଷଙ୍କ ସ୍ଥାନକୁ ଯିବା ପାଇଁ କଣ ଏଠାକୁ ଆସିଛୁ ?

राम: -

न दूये न: पूर्वं नृपतिमनरण्यं यदवधी-
र्जयो वा मृत्युर्वा युधि भुजभृतां क: परिभव: ।
जितं त्वां तु कारागृहविनिहितं हैहयपते:
पुलस्त्यो यद्भिक्षामकृत कृपणं तद्व्यथयति ॥१५४॥

ରାମଃ-

ନ ଦୂୟେ ନଃ ପୂର୍ବଂ ନୃପତିମନରଣ୍ୟଂ ଯଦବଧୀ-
ର୍ଜୟୋ ବା ମୃତ୍ୟୁର୍ବା ଯୁଧି ଭୁଜଭୃତାଂ କଃ ପରିଭବଃ ।
ଜିତଂ ତ୍ୱାଂ ତୁ କାରାଗୃହବିନିହିତଂ ହୈହୟପତେଃ
ପୁଲସ୍ତ୍ୟୋ ଯଦ୍‌ଭିକ୍ଷାମକୃତ କୃପଣଂ ତଦ୍‌ବ୍ୟଥୟତି ॥୧୫୪॥

❋ ଶ୍ରୀରାମଚନ୍ଦ୍ର କହିଲେ- ମୋର ପୂର୍ବପୁରୁଷ ରାଜା ଅନରଣ୍ୟଙ୍କୁ ତୁ ବଧ କରିଛୁ । ଯୁଦ୍ଧରେ ଜୟ ବା ମୃତ୍ୟୁ ହୁଏ, ସେଥିପାଇଁ କ୍ଷତ୍ରିୟ କେବେ ଦୁଃଖ କରେ ନାହିଁ । ତେଣୁ ଅନରଣ୍ୟଙ୍କ ମୃତ୍ୟୁରେ ମୁଁ

ଦୁଃଖିତ ନୁହେଁ ; କିନ୍ତୁ କାର୍ତ୍ତବୀର୍ଯ୍ୟ ତୋତେ ପରାଜିତ କରି ତା'ର କାରାଗାରରେ ବନ୍ଦୀ କରି ରଖିଥିଲା ଏବଂ ପୁଲସ୍ତ୍ୟ ଋଷି ଯାଇ ଯେପରି ତୋର ପ୍ରାଣ ଭିକ୍ଷା କଲେ ତାହାଦ୍ୱାରା ମୁଁ ଅଧିକ ଦୁଃଖ ଅନୁଭବ କରୁଛି ॥

रावण: -

जातश्चण्डांशुवंशे त्वमसि पुनरहं पद्मयोनेः प्रपौत्रो
राहुक्रूराकृतिर्मे स्फुरति दशमुखस्त्वं किलैकाननेन्दुः ।
बाहूनां विंशतिर्मे विफलितकुलिशो दोर्युगं निर्जितं ते
स्पर्द्धां बध्नासि मोघां रघुतनय मया पौरुषे वा कुले वा ॥१५५॥

ରାବଣଃ -

ଜାତଶ୍ଚଣ୍ଡାଂଶୁବଂଶେ ତ୍ୱମସି ପୁନରହଂ ପଦ୍ମଯୋନେଃ ପ୍ରପୌତ୍ରୋ
ରାହୁକ୍ରୂରାକୃତିର୍ମେ ସ୍ଫୁରତି ଦଶମୁଖସ୍ତ୍ୱଂ କିଲୈକାନନେନ୍ଦୁଃ ।
ବାହୂନାଂ ବିଂଶତିର୍ମେ ବିଫଳିତକୁଳିଶୋ ଦୋର୍ଯୁଗଂ ନିର୍ଜିତଂ ତେ
ସ୍ପର୍ଦ୍ଧାଂ ବଧ୍ନାସି ମୋଘାଂ ରଘୁତନୟ ମୟା ପୌରୁଷେ ବା କୁଳେ ବା ॥୧୫୫॥

❊ ରାବଣ କହିଲା- ରେ ରାମ ! ତୁ ସୂର୍ଯ୍ୟବଂଶରେ ଜନ୍ମ ହୋଇଛୁ, କିନ୍ତୁ ମୁଁ ବେଦପତି ବ୍ରହ୍ମାଙ୍କ ପ୍ରପୌତ୍ର (ନାତି) । କ୍ରୂରଗ୍ରହ ରାହୁ ପରି ମୋର ଦଶମୁଖ ଅଛି, କିନ୍ତୁ ଚନ୍ଦ୍ର ପରି ତୋର ଏକମାତ୍ର ମୁଖ ଅଛି । ବଜ୍ରପରି କଠିନ ବିଂଶ ବାହୁ ମୋର ଅଛି, କିନ୍ତୁ ତୋର ଦୁଇଟିମାତ୍ର ଦୁର୍ବଳ ବାହୁ । ସେଥିରେ ତୁ ବୃଥା ଆସ୍ପର୍ଦ୍ଧା କରୁଛୁ । କୁଳରେ କି ପୌରୁଷରେ ମୋ' ସହିତ ତୋର ତୁଳନା ହୋଇପାରିବ କି ?

राम: -

सत्यं ते पद्मयोनिः प्रथमकुलगुरुः किन्तु ते जन्मभूमिः
पद्मस्यैवोपजीवी मम तु विजयते वंशवीजी विवस्वान् ।
धिक्धिक् ते तानि तानि प्रकटयसि पुरा यान्नि जीवत्कृतानि
स्पष्टं व्याचष्ट बाली मम युधि पुरतो बाहुना बाहुवीर्य्यम् ॥१५६॥

ରାମଃ -

ସତ୍ୟଂ ତେ ପଦ୍ମଯୋନିଃ ପ୍ରଥମକୁଳଗୁରୁଃ କିନ୍ତୁ ତେ ଜନ୍ମଭୂମିଃ
ପଦ୍ମସ୍ୟୈବୋପଜୀବୀ ମମ ତୁ ବିଜୟତେ ବଂଶବୀଜୀ ବିବସ୍ୱାନ୍ ।
ଧିକ୍ ଧିକ୍ ତେ ତାନି ତାନି ପ୍ରକଟୟସି ପୁରା ଯାନି ଜୀବତ୍କୃତାନି
ସ୍ପଷ୍ଟଂ ବ୍ୟାଚଷ୍ଟ ବାଳି ମମ ଯୁଧି ପୁରତୋ ବାହୁନା ବାହୁବୀର୍ଯ୍ୟମ୍ ॥୧୫୬॥

❊ ଶ୍ରୀରାମଚନ୍ଦ୍ର କହିଲେ- ପ୍ରଥମ କୁଳଗୁରୁ ପଦ୍ମଯୋନି ବ୍ରହ୍ମାଙ୍କ ବଂଶରେ ତୋର ଜନ୍ମ, ଏହା ସତ୍ୟ ; କିନ୍ତୁ ବ୍ରହ୍ମାଙ୍କର ଜନ୍ମସ୍ଥାନ ହେଉଛି ପଦ୍ମ । ମୋର ବଂଶର ଜନ୍ମଦାତା ହେଉଛନ୍ତି ସୂର୍ଯ୍ୟ ଏବଂ ସେ ଉଦୟ ହେଲେ ହିଁ ପଦ୍ମ ପ୍ରସ୍ଫୁଟିତ ହୁଏ । ତେଣୁ ଯାହା ଜୀବନସାରା କରିଆସିଛୁ ତାକୁ ଧିକ୍

ଆଉ ତୋର ବୃଥା ଅଭିମାନ ଓ ବାହୁବଳକୁ ଧିକ୍ । ତୋ' ବାହୁର ବଳ କେତେ ସେକଥା ଯୁଦ୍ଧବେଳେ ବାଳି ମୋତେ କହିଯାଇଛି ॥

(रथारूढरामरावणयोः युद्धकौशलम्)

यद्रावणो बहुभिरेव भुजैः करोति तद्राघवः प्रतिकरोति भुजद्वयेन ।
कर्मद्वयोर्यदपि तुल्यफलं तथापि रक्षो भटाद्दशगुणं रघुवीरशिल्पम् ।।१५७।।

(ରଥାରୂଢରାମରାବଣୟୋଃ ଯୁଦ୍ଧକୌଶଳମ୍)

ଯଦ୍ରାବଣୋ ବହୁଭିରେବ ଭୁଜୈଃ କରୋତି ତଦ୍ରାଘବଃ ପ୍ରତିକରୋତି ଭୁଜଦ୍ୱୟେନ ।
କର୍ମଦ୍ୱୟୋର୍ଯଦପି ତୁଲ୍ୟଫଳଂ ତଥାପି ରକ୍ଷୋ ଭଟାଦ୍ଦଶଗୁଣଂ ରଘୁବୀରଶିଳ୍ପମ୍ ॥୧୫୭॥

❋ ରଥାରୂଢ ରାମ ଓ ରାବଣର ଯୁଦ୍ଧ । ରାବଣ ତା'ର ବିଂଶବାହୁରେ ଯେତେ ବାଣ ନିକ୍ଷେପ କରେ ରାମ ଦୁଇ ହାତରେ ଶର ମାରି ତାହାକୁ ନିବାରଣ କରନ୍ତି । ଉଭୟଙ୍କର ଯୁଦ୍ଧପ୍ରଣାଳୀ ସମାନ ହେଲେ ମଧ୍ୟ ରାବଣଠାରୁ ଶ୍ରୀରାମଙ୍କ ଯୁଦ୍ଧକୌଶଳ ଦଶଗୁଣ ଅଧିକ ଶ୍ରେୟସ୍କର ॥

(रामरावणयोर्युद्धे सैन्यनाशः)

नागानामयुतं तुरङ्गनियुतं सार्द्धं रथीनां शतं
पत्तीनां दशकोटयो निपतिता जातः कबन्धो रणे ।
एवं कोटिकबन्धनर्त्तनविधौ खे चाचरत्खेचर-
स्तस्मिन्नृत्यति कोटिके रघुपते कोदण्डघण्टारवः ।।१५८।।

(ରାମରାବଣୟୋର୍ଯୁଦ୍ଧେ ସୈନ୍ୟନାଶଃ)

ନାଗାନାମଯୁତଂ ତୁରଙ୍ଗନିୟୁତଂ ସାର୍ଦ୍ଧଂ ରଥୀନାଂ ଶତଂ
ପତ୍ତୀନାଂ ଦଶକୋଟୟୋ ନିପତିତା ଜାତଃ କବନ୍ଧୋ ରଣେ ।
ଏବଂ କୋଟିକବନ୍ଧନର୍ତ୍ତନବିଧୌ ଖେ ଚାଚରତ୍‌ଖେଚର -
ସ୍ତସ୍ମିନ୍ନୃତ୍ୟତି କୋଟିକେ ରଘୁପତେ କୋଦଣ୍ଡଘଣ୍ଟାରବଃ ॥୧୫୮॥

❋ ରାମରାବଣ ଯୁଦ୍ଧରେ ଏକ ଅୟୁତ ହସ୍ତୀ, ଏକ ନିୟୁତ ଅଶ୍ୱ, ପଚାଶ ରଥୀ ଓ ଦଶକୋଟି ପଦାତିକ ସୈନ୍ୟ ସମର ଭୂମିରେ ମୃତ୍ୟୁ ବରଣ କଲେ । ଭୂମି ଓ ଆକାଶରେ କୋଟି କୋଟି କବନ୍ଧ ନୃତ୍ୟ ଆରମ୍ଭ କଲେ । ଏହି ସମୟରେ ରଘୁପତି ଶ୍ରୀରାମଙ୍କ କୋଦଣ୍ଡସ୍ଥିତ ଘଣ୍ଟାଧ୍ୱନିରେ ପୃଥିବୀ ପ୍ରକମ୍ପିତ ହେଲା ॥

ततः -

कुशिकसुतसपर्य्यादृष्टदिव्यास्त्रमन्त्रे भृगुमुनिसुतजेता वीरभोगिन बाहुः ।
दिनकरकुलकेतुकौतुकोत्तानचक्षुर्बहुमतरिपुकर्मा कौतुकी रामचन्द्रः ।।१५९।।

ତତଃ-

କୁଶିକସୁତପର୍ଯ୍ୟାଦୃଷ୍ଟଦିବ୍ୟାସ୍ତ୍ରମନ୍ତ୍ରେ ଭୃଗୁମୁନିସୁତଜେତା ବୀରଭୋଗିନ ବାହୁଃ।
ଦିନକରକୁଳକେତୁର୍କୌତୁକୋତ୍ତାନଚକ୍ଷୁର୍ବହୁମତରିପୁକର୍ମାକୌତୁକୀରାମଚନ୍ଦ୍ରଃ॥୧୫୯॥

❊ ସୂର୍ଯ୍ୟବଂଶରେ ଜାତ, ପରଶୁରାମ ବିଜୟୀ ଓ ତ୍ରିଭୁବନଖ୍ୟାତ ବୀର ଶ୍ରୀରାମଚନ୍ଦ୍ର କୁଶିକନନ୍ଦନ ଋଷି ବିଶ୍ୱାମିତ୍ରଙ୍କଠାରୁ ଲାଭ କରିଥିବା ଦିବ୍ୟାସ୍ତ୍ର ଦ୍ୱାରା ବିବିଧ ରଣକୌଶଳ ପ୍ରୟୋଗ ପୂର୍ବକ ଘୋରତର ଯୁଦ୍ଧ ଆରମ୍ଭ କଲେ ॥

रामहस्तयोरुक्तिप्रत्युक्ती -

रे रे दक्षिणहस्त संप्रति सदा भोक्तुं भवानग्रणी -
युद्धे मां पुरतो निधाय भवता किं पृष्ठतो गम्यते । -
नैवं वाम दयानिधे रघुपतेरागत्य कर्णान्तिकं
पृच्छाम्येकमसंशयं दशमुखो वध्यः स किं वा न वा ॥१६०॥

ରାମହସ୍ତୟୋରୁକ୍ତିପ୍ରତ୍ୟୁକ୍ତୀ-

ରେ ରେ ଦକ୍ଷିଣହସ୍ତ ସଂପ୍ରତି ସଦା ଭୋକ୍ତୁଂ ଭବାନଗ୍ରଣୀ -
ଯୁଦ୍ଧେ ମାଂ ପୁରତୋ ନିଧାୟ ଭବତା କିଂ ପୃଷ୍ଠତୋ ଗମ୍ୟତେ ।
ନୈବଂ ବାମ ଦୟାନିଧେ ରଘୁପତେରାଗତ୍ୟ କର୍ଣ୍ଣାନ୍ତିକଂ
ପୃଚ୍ଛାମ୍ୟେକମସଂଶୟଂ ଦଶମୁଖୋ ବଧ୍ୟଃ ସ କିଂ ବା ନ ବା ॥୧୬୦॥

❊ ଶ୍ରୀରାମଙ୍କ ଦୁଇ ହସ୍ତ ମଧ୍ୟରେ ଉକ୍ତିପ୍ରତ୍ୟୁକ୍ତି ରେ ଦକ୍ଷିଣ ହସ୍ତ, ଭୋଜନ କଲାବେଳେ ସର୍ବଦା ଅଗ୍ରଣୀ (ସମ୍ମୁଖବର୍ତ୍ତୀ) ହୋଇଥିଲେ ବି ଯୁଦ୍ଧବେଳେ ମୋତେ ଆଗକୁ ରଖି ପଛକୁ କାହିଁକି ଯାଉଛ ? ବାମହସ୍ତର କଥା ଶୁଣି ଦକ୍ଷିଣ ହସ୍ତ କହିଲା- ଏହା ଠିକ୍ ନୁହେଁ, ଦୟାନିଧି ରଘୁପତିଙ୍କ କର୍ଣ୍ଣ ନିକଟକୁ ଆସି ସେ ଦୁଷ୍ଟ ରାବଣକୁ ସଂହାର କରିବେ କି ନାହିଁ - ଏତକମାତ୍ର ମୁଁ ପଚାରୁଛି ॥

अथ-रामेण छिद्यमाने रावणशिरसि जनानां वाक्यम् -

एतन्नूनं दशमुखशिरः स्रंसते कण्ठपीठा-
च्चक्षुर्दत्ते धनूषि सशरे चैतदुग्राट्टहासम् ।
एतद्रामं प्रति च कुरुते विभ्रमं क्रोधवाचा
एतल्लङ्कामभिचरति च स्त्रीजनाश्वसनाय ॥१६१॥

ଅଥ ରାମେଣ ଛିଦ୍ୟମାନେ ରାବଣଶିରସି ଜନାନାଂ ବାକ୍ୟମ୍ -

ଏତନ୍ନୂନଂ ଦଶମୁଖଶିରଃ ସ୍ରଂସତେ କଣ୍ଠପୀଠା
ଚ୍ଚକ୍ଷୁର୍ଦତ୍ତେ ଧନୂଷି ସଶରେ ଚୈତଦୁଗ୍ରାଟ୍ଟହାସମ୍।
ଏତଦ୍ରାମଂ ପ୍ରତି ଚ କୁରୁତେ ବିଭ୍ରମଂ କ୍ରୋଧବାଚା
ଏତଲ୍ଲଙ୍କାମଭିରଚରତି ଚ ସ୍ତ୍ରୀଜନାଶ୍ୱାସନାୟ ॥୧୬୧॥

❋ ଶ୍ରୀରାମଚନ୍ଦ୍ରଙ୍କ ବାଣରେ ଛିନ୍ନ ହୋଇଥିବା ରାକ୍ଷସରାଜ ରାବଣର ମସ୍ତକକୁ ଲକ୍ଷ୍ୟକରି ଲୋକେ କହିଲେ - ରାବଣର କଣ୍ଠପୀଠରୁ ଖସିପଡୁଥିବା ମସ୍ତକର ଦୃଷ୍ଟି ଧନୁଶର ଉପରେ ଅଛି । ମୁଖରେ ଫୁଟି ଉଠୁଛି ଉଗ୍ର ଅଟ୍ଟହାସ । ରାମଙ୍କ ପ୍ରତି କ୍ରୋଧବାକ୍ୟ ଓ ଲଙ୍କାବାସିନୀ ନାରୀମାନଙ୍କ ପ୍ରତି ଆଶ୍ୱାସନା ବାଣୀ ସେଥିରେ ସ୍ଫୁରିତ ହେଲାପରି ଦେଖାଯାଉଛି ॥

छिन्नं ते दशमं शिरो दशमुख प्रायो नभोमण्डले
दृष्टं देवगणैः समं सुरपतिस्तातश्च यस्मान्मया ।
तस्मात्त्वां पुनरन्यजन्मनि रिपुं वाञ्छाम्यहं चालपन्
रामश्चुम्बति रावणस्य वदनं सीतावियोगातुरः ॥१६२॥

ଛିନ୍ନଂ ତେ ଦଶମଂ ଶିରୋ ଦଶମୁଖ ପ୍ରାୟୋ ନଭୋମଣ୍ଡଲେ
ଦୃଷ୍ଟଂ ଦେବଗଣୈଃ ସମଂ ସୁରପତିସ୍ତାତଶ୍ଚ ଯସ୍ମାନ୍ମୟା ।
ତସ୍ମାତ୍ ତ୍ୱାଂ ପୁନରନ୍ୟଜନ୍ମନି ରିପୁଂ ବାଞ୍ଛାମ୍ୟହଂ ଚାଲପନ୍
ରାମଶ୍ଚୁମ୍ବତି ରାବଣସ୍ୟ ବଦନଂ ସୀତାବିୟୋଗାତୁରଃ ॥ ୧୬୨॥

❋ ରେ ରାବଣ, ତୋର ଦଶମ ମସ୍ତକକୁ ଛିନ୍ନ କଲି । ଆକାଶ ମଣ୍ଡଳରେ ଥାଇ ଦେବଗଣଙ୍କ ସହିତ ସୁରପତି ଇନ୍ଦ୍ର ଓ ମୋର ପିତା ଦଶରଥ ଏହା ଦେଖୁଛନ୍ତି । ତେଣୁ ପରଜନ୍ମରେ ତୁମକୁ ମୋର ଶତ୍ରୁରୂପେ ପାଇବି ବୋଲି ଇଚ୍ଛା କରୁଛି । ଏହାକହି ସୀତା ବିରହକାତର ଶ୍ରୀରାମଚନ୍ଦ୍ର ରାବଣର ମୁଖକୁ ଆଉଁସି ଦେଲେ ॥

सर्वा गीर्वाणवध्वः व्रजत निजगृहान् रन्तुमाधोरणाद्राक्
स्वर्गेभस्तम्भशालां नय सुरकरिणं यामिका यात देवाः ।
भूयो देवद्रुमाणां ननु भवतु वने नन्दने सन्निवेशो
द्वारे क्षिप्तं यदेतद्दशवदनशिरः किङ्करैरन्तकस्य ॥१६३॥

ସର୍ବା ଗୀର୍ବାଣାବଧ୍ୱଃ ବ୍ରଜତ ନିଜଗୃହାନ୍ ରନ୍ତୁମାଧୋରଣାଦ୍ରାକ୍
ସ୍ୱର୍ଗେଭସ୍ତମ୍ଭଶାଳାଂ ନୟ ସୁରକରିଣଂ ୟାମିକା ଯାତ ଦେବାଃ ।
ଭୂୟୋ ଦେବଦ୍ରୁମାଣାଂ ନନୁ ଭବତୁ ବନେ ନନ୍ଦନେ ସନ୍ନିବେଶୋ
ଦ୍ୱାରେ କ୍ଷିପ୍ତଂ ଯଦେତଦ୍ଦଶବଦନଶିରଃ କିଙ୍କରୈରନ୍ତକସ୍ୟ ॥ ୧୬୩॥

❋ ରାବଣର ମୃତ୍ୟୁପରେ ନୈପଥ୍ୟରୁ ଶୁଣାଗଲା -

ହେ ସୁରସୁନ୍ଦରୀଗଣ, ନିଜ ନିଜ ଗୃହକୁ ପ୍ରସ୍ଥାନ କର । ସ୍ୱର୍ଗର ହାତୀମାନଙ୍କୁ ହାତୀଶାଳକୁ ନିଅ । ଦେବତାମାନେ ସ୍ୱ ସ୍ୱ ଯାନରେ ପ୍ରସ୍ଥାନ କରନ୍ତୁ । ନନ୍ଦନବନରେ ଦେବଦ୍ରୁମଗୁଡ଼ିକ ପୁନଃସନ୍ନିବେଶିତ ହେଉ , କାରଣ ଯମଦୂତମାନଙ୍କ ଦ୍ୱାରା ରାବଣର ଦଶମୁଖ ଦ୍ୱାରଦେଶରେ ନିକ୍ଷିପ୍ତ ହୋଇଛି ॥

यस्यां यस्यां ककुभि रभसं प्रोद्धदंष्ट्राकरालं
लङ्काभर्तुर्निपतति शिरो भल्लनिर्लूनकण्ठम् ।

तस्यां तस्यां तरलितदृशा देववृन्देन दृष्टं
प्राक्संस्काक्रमभयवता योजनानां शतानि ॥१६४॥

ଯସ୍ୟାଂ ଯସ୍ୟାଂ କକୁଭି ରଭସଂ ପ୍ରୌଢଦଂଷ୍ଟ୍ରାକରାଳଂ
ଲଙ୍କାଭର୍ତ୍ତୁର୍ନିପତତି ଶିରୋ ଭଲ୍ଲନିର୍ଲୂନକଣ୍ଠମ୍ ।
ତସ୍ୟାଂ ତସ୍ୟାଂ ତରଳିତଦୃଶା ଦେବବୃନ୍ଦେନ ଦୃଷ୍ଟଂ
ପ୍ରାକ୍‌ସଂସ୍କାରକ୍ରମଭୟବତା ଯୋଜନାନାଂ ଶତାନି ॥୧୬୪॥

❊ ଶ୍ରୀରାମଚନ୍ଦ୍ରଙ୍କ ଭଲ୍ଲାସ୍ତ୍ରଦ୍ୱାରା କଣ୍ଠଚ୍ୟୁତ ଦଶାନନର କରାଳ ମୁଣ୍ଡଗୁଡ଼ିକ ହଠାତ୍ ଯେଉଁ ଯେଉଁ ଦିଗରେ ପଡ଼ିଲା ସେହି ସେହି ଦିଗରେ ଥିବା ଦେବଗଣ ପୂର୍ବ ସଂସ୍କାର ବଶତଃ ଭୟଭୀତ ହୋଇ ମୁଣ୍ଡ ପଡ଼ିବା ସ୍ଥାନରୁ ଶହେ ଯୋଜନ ଦୂରକୁ ପଳାଇଗଲେ ॥

व्यग्रो रावणः-

धनुर्निस्त्रिंशादिप्रहरणगलच्छेदकुपितो
दशास्य स्वान्मूर्ध्नो रघुपतिशरव्रातदलितान् ।
करैरेकैरेकैर्नभसि भृशमादाय युगपत्
क्षिपन्नन्यैरन्यैश्चपलयति दोर्विंशतिमपि ॥१६५॥

ବ୍ୟଗ୍ରୋ ରାବଣଃ-

ଧନୁର୍ନିସ୍ତ୍ରିଂଶାଦିପ୍ରହରଣଗଲଚ୍ଛେଦକୁପିତୋ
ଦଶାସ୍ୟଃ ସ୍ୱାନ୍‌ମୂର୍ଦ୍ଧ୍ନୋ ରଘୁପତିଶରବ୍ରାତଦଳିତାନ୍ ।
କରୈରେକୈରେକୈର୍ନଭସି ଭୃଶମାଦାୟ ଯୁଗପତ୍
କ୍ଷିପନ୍ନନ୍ୟୈରନ୍ୟୈଶ୍ଚପଳୟତି ଦୋର୍ବିଂଶତିମପି ॥୧୬୫॥

❊ ରାବଣ କ୍ରୋଧବଶତଃ ବ୍ୟସ୍ତ ହୋଇ ଶ୍ରୀରାମଚନ୍ଦ୍ରଙ୍କ ବାଣରେ ଛେଦିତ ହେଉଥିବା ମୁଣ୍ଡପାଖରେ ଶୀଘ୍ର ପୂର୍ବାଙ୍ଗ ଶରୀର ଧାରଣ କରି ଠିଆ ହୋଇଗଲା । ମୁଣ୍ଡଗୁଡ଼ିକ ତଳେ ପଡ଼ିବା ପୂର୍ବରୁ ସେ ଶୂନ୍ୟରୁ ତାହାକୁ ନିଜର ବିଂଶ ବାହୁରେ ଗୋଟି ଗୋଟି କରି ଧରି ପକାଇବା ସଙ୍ଗେ ସଙ୍ଗେ ଶ୍ରୀରାମଙ୍କ ଉପରକୁ ମଧ୍ୟ ଶରବୃଷ୍ଟି କରିବାରେ ଲାଗିଲା ॥

छिन्ना छिन्ना नवीनाभवदथ बहुशो राक्षसाधीशशीर्ष -
श्रेणीत्यालोक्य तूर्णीं भवति कपिकुले मातलेर्वाक्यजालैः ।
बुद्ध्वा तेनाप्यवध्यं ज्वलितशिखिनिभं ब्रह्मबाणं गृहीत्वा
भित्त्वा वक्षःस्थले तं क्षयमनयदथो रावणं रामचन्द्रः ॥१६६॥

ଛିନ୍ନା ଛିନ୍ନା ନବୀନାଭବଦଥ ବହୁଶୋ ରାକ୍ଷସାଧୀଶଶୀର୍ଷ-
ଶ୍ରେଣୀତ୍ୟାଲୋକ୍ୟ ତୂର୍ଷ୍ଣୀଂ ଭବତି କପିକୁଳେ ମାତଳେର୍ବାକ୍ୟଜାଳୈଃ ।

ବୁଦ୍ଧ୍ବା ତେନାପ୍ୟବଧଂ ଜ୍ୱଳିତଶିଖିନିଭଂ ବ୍ରହ୍ମବାଣଂ ଗୃହୀତ୍ୱା
ଭିତ୍ତ୍ୱା ବକ୍ଷସ୍ଥଳେ ତଂ କ୍ଷୟମନୟଦଥୋ ରାବଣଂ ରାମଚନ୍ଦ୍ରଃ ॥ ୧୬୬॥

❋ ରାବଣର ମସ୍ତକଗୁଡ଼ିକୁ ବାରମ୍ବାର ଛିନ୍ନ କଲେ ମଧ୍ୟ ନୂତନ ମୁଣ୍ଡମାନ ପୁଣି ସୃଷ୍ଟି ହେବାର ଦେଖି କପିଗଣ ନିର୍ବାକ୍ ହୋଇଗଲେ, ଏହି ସମୟରେ ମାତଳିଠାରୁ ରାବଣର ମୃତ୍ୟୁଭେଦ ଜାଣିପାରି ଶ୍ରୀରାମଚନ୍ଦ୍ର ଜ୍ୱଳନ୍ତ ଅଗ୍ନିତୁଲ୍ୟ ବ୍ରହ୍ମାସ୍ତ୍ରକୁ ତା'ର ବକ୍ଷସ୍ଥଳକୁ ଲକ୍ଷ୍ୟ କରି ନିକ୍ଷେପ କରିବାରୁ ସେ ଭୂତଳଶାୟୀ ହୋଇଗଲା ॥

रणशिरसि सुरस्त्रीमुक्तमन्दारदामा स्वयमयमवतीर्णो लक्ष्मणे न्यस्तहस्तः ।
विरचितजयशब्दो वन्दिभिः स्यन्दनाङ्काद्दिनकरकुललक्ष्मीसत्कृतो रामचन्द्रः ॥१६७॥

ରଣଶିରସି ସୁରସ୍ତ୍ରୀମୁକ୍ତମନ୍ଦାରଦାମା ସ୍ୱୟମୟମବତୀର୍ଣ୍ଣୋ ଲକ୍ଷ୍ମଣେ ନ୍ୟସ୍ତହସ୍ତଃ ।
ବିରଚିତଜୟଶବ୍ଦୋବନ୍ଦିଭିଃସ୍ୟନ୍ଦନାଙ୍କାଦ୍ଦିନକରକୁଳଲକ୍ଷ୍ମୀସତ୍କୃତୋ ରାମଚନ୍ଦ୍ରଃ ॥ ୧୬୭॥

❋ ଯୁଦ୍ଧଭୂମିରେ ରାବଣ ପ୍ରାଣତ୍ୟାଗ କରି ଭୂତଳଶାୟୀ ହେବାର ଦେଖି ଦେବାଙ୍ଗନାମାନେ ସ୍ୱର୍ଗରୁ ମନ୍ଦାରମାଳାମାନ ବୃଷ୍ଟି କଲେ । ରାମଚନ୍ଦ୍ର ଲକ୍ଷ୍ମଣଙ୍କ କାନ୍ଧରେ ହାତ ରଖି ରଥରୁ ଅବତରଣ କଲେ ଓ ସ୍ତୁତିପାଠକମାନଙ୍କର ଜୟଧ୍ୱନି ମଧ୍ୟରେ ରଘୁକୁଳଲକ୍ଷ୍ମୀ ଶ୍ରୀରାମ ସତ୍କୃତ ହେଲେ ॥

सकलसुन्दरीपरिवृता मन्दोदरी-
यस्यैषा नगरी समुद्रपरिखा कामप्रदं काननं
पुत्रः शक्रजयी स्वयं दशशिरस्त्रैलोक्यराज्यास्पदम् ।
छित्वा येन शिरांसि तीव्रतपसा संसेवितः शङ्कर-
स्तस्यैष गतिरीदृशी किमपरं सर्वं विनष्टं हठात् ॥१६८॥

ସକଳସୁନ୍ଦରୀପରିବୃତା ମନ୍ଦୋଦରୀ-
ଯସ୍ୟୈଷା ନଗରୀ ସମୁଦ୍ରପରିଖା କାମପ୍ରଦଂ କାନନଂ
ପୁତ୍ରଃ ଶକ୍ରଜୟୀ ସ୍ୱୟଂ ଦଶଶିରସ୍ତ୍ରୈଲୋକ୍ୟରାଜ୍ୟାସ୍ପଦମ୍ ।
ଛିତ୍ତ୍ୱା ଯେନ ଶିରାଂସି ତୀବ୍ରତପସା ସଂସେବିତଃ ଶଙ୍କର -
ସ୍ତସ୍ୟୈଷ ଗତିରୀଦୃଶୀ କିମପରଂ ସର୍ବଂ ବିନଷ୍ଟଂ ହଠାତ୍ ॥ ୧୬୮॥

❋ ସୁନ୍ଦରୀ ପୌରାଙ୍ଗନାମାନଙ୍କ ଦ୍ୱାରା ପରିବୃତା ରାଣୀ ମନ୍ଦୋଦରୀ ଆସି ରାବଣର ଶବ ପାଖରେ ପହଞ୍ଚିଲା ଏବଂ କାନ୍ଦି କାନ୍ଦି କହିଲା- ଏହି ସେ ଲଙ୍କା ନଗରୀ, ଯାହାର ଚାରିପାଖରେ ସମୁଦ୍ର ପରିଖା ପରି ରହିଛି ଓ ଯେଉଁଠି ବହୁସଂଖ୍ୟକ ପ୍ରମୋଦ କାନନ ଅଛି । ଯାହାର ଇନ୍ଦ୍ରବିଜୟୀ ପୁତ୍ର ଥିଲା ଓ ତ୍ରିଭୁବନର ଅଧିପତି ଯେଉଁ ଦଶାନନ ନିଜେ ନିଜର ମୁଣ୍ଡ କାଟି ଶିବଶଙ୍କରଙ୍କୁ ସନ୍ତୁଷ୍ଟ କରିଥିଲା ତା'ର ଆଜି ଏପରି ଦୁରବସ୍ଥା ଘଟିଲା ? ହାୟ, ସବୁକିଛି ହଠାତ୍ ବିନଷ୍ଟ ହୋଇଗଲା ॥

शिवशिरसि शिरांसि यानि रेजु शिवशिव तानि लुठन्ति गृध्रपादे ।
अयि खलु विषमः पुराकृतानां फलति हि जन्तुषु कर्मणां विपाकः ॥१६९॥

ଶିବଶିରସି ଶିରାଂସି ଯାନି ରେଜୁ ଶିବଶିବ ତାନି ଲୁଠନ୍ତି ଗୃଧ୍ରପାଦୈଃ ।
ଅୟି ଖଲୁ ବିଷମଃ ପୁରାକୃତାନାଂ ଫଳତି ହି ଜନ୍ତୁଷୁ କର୍ମଣାଂ ବିପାକଃ ॥୧୬୯॥

❊ ଶିବଙ୍କ ମସ୍ତକରେ ଯେଉଁ ମୁଣ୍ଡଗୁଡ଼ିକ ଶୋଭା ପାଉଥିଲା, ଆଜି ଗୃଧ୍ରଙ୍କ ପାଦତଳେ ସେଗୁଡ଼ିକ ଗଡୁଛି । ପୂର୍ବକୃତ କର୍ମର ଫଳ ଅତିବିଷମ । କର୍ମଫଳ ପ୍ରାଣୀମାନଙ୍କୁ ଅବଶ୍ୟ ଭୋଗ କରିବାକୁ ପଡ଼ିବ, ଏଥିରେ ସନ୍ଦେହ ନାହିଁ ॥

असुराधिपतनया दशमुखपत्नी सुरेन्द्रजिज्जननी ।
अहमनुकम्प्या कपिभिर्धिग्दैवं विसदृशारम्भम् ॥१७०॥

ଅସୁରାଧିପତନୟା ଦଶମୁଖପତ୍ନୀ ସୁରେନ୍ଦ୍ରଜିଜ୍ଜନନୀ ।
ଅହମନୁକମ୍ପ୍ୟା କପିଭିର୍ଧିଗ୍‌ଦୈବଂ ବିସଦୃଶାରମ୍ଭମ୍ ॥୧୭୦॥

❊ ଅସୁରରାଜକନ୍ୟା, ଦଶମୁଖପତ୍ନୀ ଓ ଇନ୍ଦ୍ରଜିତର ଜନନୀ ହୋଇ ଆଜି ମୁଁ କପିମାନଙ୍କର ଅଧୀନା ହେଲି । ଏହି ଦୁର୍ଭାଗ୍ୟ ଓ ଦୁଃଖଦ ଅବସ୍ଥାର ସ୍ରଷ୍ଟା ଦୈବକୁ ମୁଁ ଶତ ଶତ ଧିକ୍କାର କରୁଛି ॥

क्वाम्भोधिः क्व च सेतुबन्धनविधिः क्वावस्थितिर्भूभृताम्
लंकेश क्व च राघवो जलनिधेः पारं गतो दुस्तरम् ।
किष्किन्धा नगवासिनोऽपि कपयः क्वैते निशाचारिणि;
कार्य्याणां गतयो विधेरपि न यान्त्यालोचनागोचरम् ॥१७१॥

କ୍ୱାମ୍ଭୋଧିଃ କ୍ୱଚ ସେତୁବନ୍ଧନବିଧିଃ କ୍ୱାବସ୍ଥିତିର୍ଭୂଭୃତାଂ
ଲଙ୍କେଶ କ୍ୱଚ ରାଘବୋ ଜଳନିଧେଃ ପାରଂ ଗତୋ ଦୁସ୍ତରମ୍ ।
କିଷ୍କିନ୍ଧା ନଗବାସିନୋଽପି କପୟଃ କ୍ୱୈତେ ନିଶାଚାରିଣଃ
କାର୍ଯ୍ୟାଣାଂ ଗତୟୋ ବିଧେରପି ନ ଯାନ୍ତ୍ୟାଲୋଚନାଗୋଚରମ୍ ॥୧୭୧॥

❊ ସିନ୍ଧୁ କେଉଁଠି, ସେଥିରେ ପୁଣି ସେତୁବନ୍ଧ ହେଲା । ପର୍ବତଗୁଡ଼ିକ କେଉଁଠି, ରାବଣ ପୁଣି କେଉଁଠି, ରାମଚନ୍ଦ୍ର କେଉଁଠି, ସେ ପୁଣି ଦୁସ୍ତର ସାଗର ପାର ହେଲେ । କିଷ୍କିନ୍ଧା ନଗରବାସୀ କପିମାନେ କେଉଁଠି ଏବଂ ନିଶାଚରମାନେ କେଉଁଠି ଅଛନ୍ତି ; କିନ୍ତୁ ସମସ୍ତ ଘଟଣା ବିଧିର ବିଧାନ ଅନୁସାରେ ଘଟୁଥିଲେ ମଧ୍ୟ ତାହା କେହି ଜାଣିପାରନ୍ତି ନାହିଁ ॥

भुजाग्रजाग्रत्करवालकालकेलीकलाखण्डितकालदण्डम् ।
तं रावणं कालसमं निहन्तुं को रामबाणादपरः प्रवीणः ॥१७२॥

ଭୁଜାଗ୍ରଜାଗ୍ରତ୍‌କରବାଲ କାଲକେଳିକଳାଖଣ୍ଡିତକାଳଦଣ୍ଡମ୍ ।
ତଂ ରାବଣଂ କାଳସମଂ ନିହନ୍ତୁଂ କୋ ରାମବାଣାଦପରଃ ପ୍ରବୀଣଃ ॥୧୭୨॥

❊ ଚନ୍ଦ୍ରହାସ ଖଡ୍ଗକୁ ହାତରେ ଧରି ଯେଉଁ ରାବଣ ଅବଲୀଳାକ୍ରମେ ଯମଦଣ୍ଡକୁ ଖଣ୍ଡନ କରିଥିଲା ସେହି କାଳସମ ରାବଣକୁ ଶ୍ରୀରାମଙ୍କ ବାଣ ବ୍ୟତୀତ ଅନ୍ୟ କିଏ ସଂହାର କରିବା ପାଇଁ ସମର୍ଥ ହେବ ?

एकेनैष समुद्धृतो हरगिरिर्द्वाभ्यां त्रिलोकी जिता
यस्याष्टादशभिर्भुजैरवसरः शस्त्रस्य नासादितः ।
सोऽप्येनं द्विभुजं मनुष्यमहह क्रव्यादवीरो रिपुं
प्राप्य व्यर्थभुजो रणे विनिहतो देवाय तस्मै नमः ॥१७३॥

ଏକେନୈଷ ସମୁଦ୍ଧୃତୋ ହରଗିରିର୍ଦ୍ୱାଭ୍ୟାଂ ତ୍ରିଲୋକୀ ଜିତା
ଯସ୍ୟାଷ୍ଟାଦଶଭିର୍ଭୁଜୈରବସରଃ ଶସ୍ତ୍ରସ୍ୟ ନାସାଦିତଃ ।
ସୋଽପ୍ୟେନଂ ଦ୍ୱିଭୁଜଂ ମନୁଷ୍ୟମହହ କ୍ରବ୍ୟାଦବୀରୋ ରିପୁଂ
ପ୍ରାପ୍ୟ ବ୍ୟର୍ଥଭୁଜୋ ରଣେ ବିନିହତୋ ଦେବାୟ ତସ୍ମୈ ନମଃ ॥ ୧୭୩॥

❋ ରାବଣ ଗୋଟିଏ ହାତରେ କୈଳାସକୁ ଉଠାଇ ଧରିଥିଲା ଓ ଦୁଇ ହାତରେ ତ୍ରିଭୁବନକୁ ଜୟ କରିଥିଲା । ଅସୁରବୀର ରାବଣର ଅଷ୍ଟାଦଶ ଭୁଜରେ ଅସ୍ତ୍ରଶସ୍ତ୍ର ସର୍ବଦା ଶୋଭାପାଉଥିଲା । ତଥାପି ସେ ଯୁଦ୍ଧରେ ଦ୍ୱିଭୁଜ ବିଶିଷ୍ଟ ମାନବ ଶ୍ରୀରାମଦ୍ୱାରା ନିହତ ହେଲା ଏବଂ ତା'ର ଭୁଜବିକ୍ରମ ନିରର୍ଥକ ହୋଇଗଲା । ବିଧିର ବିଧାନ ବିଚିତ୍ର । ସେହି ବିଚିତ୍ରକର୍ମା ବିଧାତାଙ୍କୁ ପ୍ରଣାମ ॥

रावणं धृत्वा हा प्राणनाथ !

भूयिष्ठानि मुखानि चुम्बति भुजैर्भूयोभिरालिङ्गते
चारित्रव्रतदेवतापि भवता कान्तेन मन्दोदरी ।
हा लम्बोदरकुम्भमौक्तिकमणिस्तोमैर्ममैकावली -
शिल्पे वागधमर्णकस्य भवतोलङ्केन्द्र निद्रारसः ॥१७४॥

ରାବଣଂ ଧୃତ୍ୱା ହା ପ୍ରାଣନାଥ !

ଭୂୟିଷ୍ଠାନି ମୁଖାନି ଚୁମ୍ବତି ଭୁଜୈର୍ଭୂୟୋଭିରାଲିଙ୍ଗତେ
ଚାରିତ୍ରବ୍ରତଦେବତାପି ଭବତା କାନ୍ତେନ ମନ୍ଦୋଦରୀ ।
ହା ଲମ୍ବୋଦରକୁମ୍ଭମୌକ୍ତିକମଣିସ୍ତୋମୈର୍ମମୈକାବଲୀ
ଶିଳ୍ପେ ବାଗଧମର୍ଣକସ୍ୟ ଭବତୋ ଲଙ୍କେନ୍ଦ୍ର ନିଦ୍ରାରସଃ ॥ ୧୭୪॥

❋ ରାଣୀ ମନ୍ଦୋଦରୀ ମୃତରାବଣର ମୁଖ ଓ ବାହୁକୁ ବାରମ୍ବାର ଚୁମ୍ବନ ଓ ଆଲିଙ୍ଗନ କରି କହିଲା, ମୁଁ ପତିବ୍ରତାରମଣୀ, ତୁମ୍ଭ ବିନା ମୋର ଅନ୍ୟ ଗତି ନାହିଁ । ତୁମ୍ଭେ ଲମ୍ବୋଦର ଗଣେଶଙ୍କ ମୁଣ୍ଡରୁ ମୁକ୍ତା ଆଣି ହାର ଗୁନ୍ଥି ମୋତେ ଉପହାର ଦେବ ବୋଲି କହିଥିଲ । ସେହି ପ୍ରତିଶ୍ରୁତି ଭୁଲି ତୁମ୍ଭେ ଚିରନିଦ୍ରାରେ କିପରି ଶୋଇପଡ଼ିଲ ? ଋଣଗ୍ରସ୍ତ ବ୍ୟକ୍ତି ତ କେବେହେଲେ ଶାନ୍ତିରେ ଶୋଇପାରେ ନାହିଁ ॥

अत्रावसरे -

कालेन विश्वविजयी दशकन्धरोऽभूद्भर्गाचलोद्धरणचञ्चलकुण्डलाग्रः ।
रामाज्ञया सपदि तस्य विभीषणश्च रक्षोभिरग्निदहनादिक्रियां प्रचक्रे ॥१७५॥

ଅତ୍ରାବସରେ-

କାଳେନ ବିଶ୍ୱବିଜୟୀଦଶକନ୍ଧରୋଽଭୂଦ୍ ଭର୍ଗାଚଳୋଦ୍ଧରଣଚଞ୍ଚଳକୁଣ୍ଡଳାଗ୍ରଃ ।
ରାମାଜ୍ଞୟା ସପଦି ତସ୍ୟ ବିଭୀଷଣଶ୍ଚ ରକ୍ଷୋଭିରଗ୍ନିଦହନାଦିକ୍ରିୟାଂ ପ୍ରଚକ୍ରେ ॥୧୭୫॥

❋ ଶ୍ରୀରାମଚନ୍ଦ୍ର ଏଇସମୟରେ ବିଭୀଷଣଙ୍କୁ ଡାକି କହିଲେ- ଦଶାନନ ତ୍ରିଲୋକବିଜୟୀ ବୀର ଥିଲା । ବାହୁବଳରେ ସେ କୈଳାସ ପର୍ବତକୁ ଉପାଡ଼ିଥିଲା । ମହାବୀର ରାବଣର ଅନ୍ତ୍ୟେଷ୍ଟିକୃତ୍ୟ ଯଥାଶୀଘ୍ର କର । ଶ୍ରୀରାମଙ୍କ ଆଦେଶ ପାଇ ବିଭୀଷଣ ରାକ୍ଷସମାନଙ୍କ ସାହାଯ୍ୟରେ ଯଥାବିଧି ଦହନାଦି କ୍ରିୟା ଶେଷ କଲେ ॥

देवगन्धर्वादिभिः पूजिते रामे लङ्काप्रविष्टे कुत्र राम इति पौराणां प्रश्ने वानराः-

यत्र व्योम्नो निपतति मधुस्यन्दिमन्दारवर्षं
यत्रेत्यद्य ध्वनिरुदयते यत्र च ब्रह्मघोषः ।
रामः श्यामः कमलनयनस्तत्र धृत्वा सरोषं
लङ्कां पश्यन् भ्रमयति शरं पाणिना दक्षिणेन ॥१७६॥

ଦେବଗନ୍ଧର୍ବାଦିଭିଃ ପୂଜିତେ ରାମେ ଲଙ୍କାପ୍ରବିଷ୍ଟେ କୁତ୍ର ରାମ ଇତି ପୌରାଣାଂ ପ୍ରଶ୍ନେ ବାନରାଃ-

ଯତ୍ର ବ୍ୟୋମ୍ନୋ ନିପତତି ମଧୁସ୍ୟନ୍ଦିମନ୍ଦାରବର୍ଷଂ
ଯତ୍ରେତ୍ୟଦ୍ୟ ଧ୍ୱନିରୁଦୟତେ ଯତ୍ର ଚ ବ୍ରହ୍ମଘୋଷଃ ।
ରାମଃ ଶ୍ୟାମଃ କମଳନୟନସ୍ତତ୍ର ଧୃତ୍ୱା ସରୋଷଂ
ଲଙ୍କାଂ ପଶ୍ୟନ୍ ଭ୍ରମୟତି ଶରଂ ପାଣିନା ଦକ୍ଷିଣେନ ॥୧୭୬॥

❋ ଦେବଗନ୍ଧର୍ବମାନଙ୍କଦ୍ୱାରା ପୂଜିତ ଶ୍ରୀରାମଚନ୍ଦ୍ର ଲଙ୍କାରେ ପ୍ରବେଶ କଲାବେଳେ ଲଙ୍କାବାସୀ 'ରାମ କେଉଁଠି' ବୋଲି ପଚାରିବାରୁ ବାନରମାନେ କହିଲେ -

ଆକାଶରୁ ଯେଉଁଠି ମଧୁଝରୁଥିବା ମନ୍ଦାରକୁସୁମ ବୃଷ୍ଟି ହେଉଛି, ଯେଉଁଠି ନାନାପ୍ରକାର ବାଦ୍ୟ ବାଜୁଛି ଓ ବ୍ରାହ୍ମଣମାନେ ବେଦଧ୍ୱନି କରୁଛନ୍ତି, ସେଇଠି ନବଦୂର୍ବାଦଳଶ୍ୟାମ କମଳଲୋଚନ ଶ୍ରୀରାମଚନ୍ଦ୍ର ହସ୍ତରେ ଧନୁଃଶର ଧାରଣ କରି କ୍ରୋଧପୂର୍ଣ୍ଣ ଦୃଷ୍ଟିରେ ଲଙ୍କାପୁରୀକୁ ନିରୀକ୍ଷଣ କରୁଛନ୍ତି ।

इत्यवसरे रावणमाता निकषा-

रावणस्य रणे भङ्गः पुष्पकस्य पराभवः ।
कपिभिर्विविजिता लङ्का जीविते किं न दृश्यते ॥१७७॥

ଇତ୍ୟବସରେ ରାବଣମାତା ନିକଷା-

ରାବଣସ୍ୟ ରଣେ ଭଙ୍ଗଃ ପୁଷ୍ପକସ୍ୟ ପରାଭବଃ ।
କପିଭିର୍ବିଜିତା ଲଙ୍କା ଜୀବିତେ କିଂ ନ ଦୃଶ୍ୟତେ ॥୧୭୭॥

❋ ରାବଣ ମାତା ନିକଷା ଏଉସମୟରେ ଉପସ୍ଥିତ ହୋଇ କହିଲା- ରାବଣ ଯୁଦ୍ଧରେ ମୃତ୍ୟୁବରଣ କଲା ଓ ପୁଷ୍ପକ ରଥ ବ୍ୟର୍ଥହେଲା ଏବଂ ବାନରମାନେ ଲଙ୍କା ଜୟ କଲେ । ହତଭାଗିନୀ ମୁଁ ଏସବୁ ଦେଖିଲି । ଜୀବନରେ ଥିଲେ କଣ ପୁଣି ଦେଖା ନ ଯାଏ ?

मन्दोदरी रामं प्रणमति । तां प्रति विभीषण: -

इयमियं मयदानवनन्दिनी त्रिदशनाथजित: प्रसवस्थली ।
किमपरं दशकन्धरगेहिनी त्वयि करोति करद्वययोजनम् ॥१७८।

ମନ୍ଦୋଦରୀ ରାମଂ ପ୍ରଣମତି । ତାଂ ପ୍ରତି ବିଭୀଷଣଃ -

ଇୟମିୟଂ ମୟଦାନବନନ୍ଦିନୀ ତ୍ରିଦଶନାଥଜିତଃ ପ୍ରସବସ୍ଥଳୀ ।
କିମପରଂ ଦଶକନ୍ଧରଗେହିନୀ ତ୍ୱୟି କରୋତି କରଦ୍ୱୟଯୋଜନମ୍ ॥ ୧୭୮ ॥

❋ ରାଣୀ ମନ୍ଦୋଦରୀ ଶ୍ରୀରାମଙ୍କୁ ପ୍ରଣାମକଲା । ଏହି ସମୟରେ ବିଭୀଷଣ କହିଲା - ପ୍ରଭୋ ! ଏ ହେଉଛନ୍ତି ମୟଦୈତ୍ୟର ନନ୍ଦିନୀ ରାଣୀ ମନ୍ଦୋଦରୀ, ଇନ୍ଦ୍ରଜିତର ଜନନୀ ଓ ଦଶାନନର ପ୍ରିୟତମା ପତ୍ନୀ । ସେ ଆପଣଙ୍କୁ ପ୍ରଣାମ କରୁଛନ୍ତି ॥

विभीषणं प्रति श्रीराम: -

मन्दोदरी तव विभीषण पट्टराज्ञी भूयादिमां च परिपालय वीर लङ्काम् ।
आज्ञाप्य तं तदभिदत्तसमस्तराज्यं सीतां सभापनयनाय दिदेश राम: ॥१७९॥

ବିଭୀଷଣଂ ପ୍ରତି ଶ୍ରୀରାମଃ -

ମନ୍ଦୋଦରୀ ତବ ବିଭୀଷଣ ପଟ୍ଟରାଜ୍ଞୀ ଭୂୟାଦିମାଂ ଚ ପରିପାଳୟ ବୀର ଲଙ୍କା ମ୍ ।
ଆଜ୍ଞାପ୍ୟ ତଂ ତଦଭିଦତ୍ତସମସ୍ତରାଜ୍ୟଂ ସୀତାଂସଭାପନୟନାୟ ଦିଦେଶ ରାମଃ ॥ ୧୭୯ ॥

❋ ଶ୍ରୀରାମ କହିଲେ - ହେ ବୀର ବିଭୀଷଣ ! ରାଣୀ ମନ୍ଦୋଦରୀ ତୁମ୍ଭର ପାଟରାଣୀ ହେଲେ । ଲଙ୍କା ନଗରୀ ଓ ପଟ୍ଟମହିଷୀଙ୍କୁ ଯତ୍ନର ସହିତ ପରିପାଳନ କର । ଏହାପରେ ଶ୍ରୀରାମ ଦେବୀ ସୀତାଙ୍କୁ ଆଣିବା ପାଇଁ ଆଦେଶ ଦେଲେ ॥

सीतां दृष्ट्वा जनतावाक्यम् -

भग्नं युद्धनुरीश्वरस्य विभुना यज्जामदग्न्यो जित -
स्त्यक्ता येन गुरोर्गिरा वसुमती बद्धो यदम्भोनिधि: ।
एकैकं दशकन्धरक्षयकृतो रामस्य किं वर्ण्यते
दैवं वर्णय येन सोऽपि सहसा सीतावियुक्त: कृत: ॥१८०॥

ସୀତାଂ ଦୃଷ୍ଟ୍ୱା ଜନତାବାକ୍ୟମ୍ -

ଭଗ୍ନଂ ଯଦ୍ଧନୁରୀଶ୍ୱରସ୍ୟ ବିଭୁନା ଯଜ୍ଜାମଦଗ୍ନ୍ୟୋ ଜିତ-
ସ୍ତ୍ୟକ୍ତା ଯେନ ଗୁରୋର୍ଗିରା ବସୁମତୀ ବଦ୍ଧୋ ଯଦମ୍ଭୋନିଧିଃ ।

ଏକୈକଂ ଦଶକନ୍ଧରାକ୍ଷୟକୃତୋ ରାମସ୍ୟ କିଂ ବର୍ଣ୍ୟତେ
ଦୈବଂ ବର୍ଣ୍ଣୟ ଯେନ ସୋଽପି ସହସା ସୀତାବିଯୁକ୍ତଃ କୃତଃ ॥୧୮୦॥

❋ ଦେବୀ ସୀତାଙ୍କୁ ଦେଖି ଲୋକେ କହିଲେ- ଶିବଧନୁକୁ ଯେ ଭାଙ୍ଗିଥିଲେ ଓ ଜାମଦଗ୍ନ୍ୟ ପରଶୁରାମଙ୍କୁ ଯେ ପରାଜିତ କରିଥିଲେ, ପିତାଙ୍କ ଆଜ୍ଞା ପାଳନ ପାଇଁ ଯେ ରାଜ୍ୟ ତ୍ୟାଗ କରିଥିଲେ, ସାଗରରେ ସେତୁ ନିର୍ମାଣ କରି ଯେ ଏକା ଦଶାନନ ରାବଣକୁ ବଧ କଲେ ସେହି ଶ୍ରୀରାମଙ୍କ ଗୁଣାବଳୀକୁ କିଏ ବର୍ଣ୍ଣନା କରିପାରିବ ; କିନ୍ତୁ ବଳବାନ୍ ଦୈବ ସେହି ଶ୍ରୀରାମଙ୍କୁ ସୀତାବିଯୁକ୍ତ କଲା । ତେଣୁ ଦୈବ ବିଧାନ ଅଲଂଘନୀୟ ॥

जानकी रामचरणे प्रणमति । रामः भो जनाः यद्ययं पतिव्रता परमन्दिरस्था कथं मां स्प्रष्टुमिच्छतीति दिव्योपकरणां नाटयति । जानकी -

अयं रामः स्वामी तदनुजवरो लक्ष्मण इह
स्वयं वायोः सूनुर्दितिजप्रमुखा वानरगणाः ।
ममाकारो जातो यदि दशमुखे भाववशग-
स्तदाहं भस्म स्यामिति विशति बह्नौ रघुवधूः ॥१८१॥

ଜାନକୀ ରାମଚରଣେ ପ୍ରଣମତି । ରାମଃ - ଭୋ ଜନାଃ ଯଦ୍ୟେୟଂ ପତିବ୍ରତା ପରମନ୍ଦିରସ୍ଥା କଥଂ ମାଂ ସ୍ପ୍ରଷ୍ଟୁମିଚ୍ଛତୀତି ଦିବ୍ୟୋପକରଣାଂ ନାଟୟତି । ଜାନକୀ -

ଅୟଂ ରାମଃ ସ୍ୱାମୀ ତଦନୁଜବରୋ ଲକ୍ଷ୍ମଣ ଇହ
ସ୍ୱୟଂ ବାୟୋଃ ସୂନୂର୍ଦିତିଜପ୍ରମୁଖାଃ ବାନରଗଣାଃ ।
ମମାକାରୋ ଜାତୋ ଯଦି ଦଶମୁଖେ ଭାବବଶଗ-
ସ୍ତଦାହଂ ଭସ୍ମ ସ୍ୟାମିତି ବିଶତି ବହ୍ନୌ ରଘୁବଧୂଃ ॥୧୮୧॥

❋ ଦେବୀ ଜାନକୀ ଶ୍ରୀରାମଙ୍କ ଚରଣରେ ପ୍ରଣାମ କଲେ । ଶ୍ରୀରାମଚନ୍ଦ୍ର କହିଲେ-ହେ ସଜ୍ଜନଗଣ ! ସୀତା ପତିବ୍ରତା ହେଲେ ମଧ୍ୟ ପରଗୃହରେ ଥିବାରୁ ସେ ମୋତେ କିପରି ସ୍ପର୍ଶ କରିବାକୁ ଇଚ୍ଛା କରୁଛନ୍ତି ? ଏହା କହି ସେ ସୀତାଙ୍କ ଅଗ୍ନି ପରୀକ୍ଷା ପାଇଁ ଆଦେଶ ଦେଲେ ।

ଦେବୀ ଜାନକୀ କହିଲେ - ମୋର ସ୍ୱାମୀ ହେଉଛନ୍ତି ଏହି ଶ୍ରୀରାମଚନ୍ଦ୍ର । ତାଙ୍କ ସାନଭାଇ ଲକ୍ଷ୍ମଣ ମଧ୍ୟ ଏଠାରେ ଅଛନ୍ତି । ବାୟୁପୁତ୍ର ହନୁମାନ୍, ରାକ୍ଷସଗଣ ଓ ବାନରମାନେ ମଧ୍ୟ ଅଛନ୍ତି । ଯଦି ମୋର ଶରୀର ରାବଣର ଭାବରେ ବଶୀଭୂତ ହୋଇଥିବ ତେବେ ମୁଁ ଭସ୍ମ ହୋଇଯିବି କହି ସୀତା ଅଗ୍ନିରେ ପ୍ରବେଶ କଲେ ॥

अग्निं प्रति सीता -

मनसि वचवि काये जागरे स्वप्नसङ्गे
यदि मम पतिभावो राघवादन्यपुंसि ।
तदिह दह ममाङ्गं पावनं पावकेदं
सुकृतदुरितभाजां त्वं हि कर्मैकसाक्षी ॥१८२॥

ଅଗ୍ନିଂ ପ୍ରତି ସୀତା-

ମନସି ବଚସି କାୟେ ଜାଗରେ ସ୍ୱପ୍ନସଙ୍ଗେ
ଯଦି ମମ ପତିଭାବୋ ରାଘବାଦନ୍ୟପୁଂସି ।
ତଦିହ ଦହ ମମାଙ୍ଗଂ ପାବନଂ ପାବକେଦଂ
ସୁକୃତଦୁରିତଭାଜାଂ ତ୍ୱଂ ହି କର୍ମୈକସାକ୍ଷୀ ॥୧୮୨॥

※ ଦେବୀ ସୀତା ଅଗ୍ନିଙ୍କୁ ସମ୍ବୋଧନକରି କହିଲେ- କାୟମନୋବାକ୍ୟରେ କିମ୍ବା ସ୍ୱପ୍ନ ବା ଜାଗ୍ରତାବସ୍ଥାରେ ଶ୍ରୀରାମଚନ୍ଦ୍ରଙ୍କ ବ୍ୟତୀତ ଯଦି ଅନ୍ୟ କାହାଠାରେ ମୋର ମନ ବଳିଥିବ ତେବେ ଏ ଅଙ୍ଗକୁ ଭସ୍ମସାତ୍ କର । ସୁକୃତ ବା ଦୁଷ୍କୃତକାରୀଙ୍କର ତୁମେହିଁ ଏକମାତ୍ର ସାକ୍ଷୀ ॥

अग्निमध्ये -

पदे पादौ लाक्षा वसनमिव कौसुम्भरजनं
कटीदेशे केशेष्वरुणरुचि कह्लारकुसुमम् ।
हरिद्रावच्चास्ये घनकुचतटे कण्ठनिकटे
कृशानुर्वैदेह्याः शपथसमये भूषणमभूत् ॥१८३॥

ଅଗ୍ନିମଧ୍ୟେ -

ପଦେ ପାଣୌ ଲାକ୍ଷା ବସନମିବ କୌସୁମ୍ଭରଜନଂ
କଟୀଦେଶେ କେଶେଷ୍ୱରୁଣରୁଚିକହ୍ଲାରକୁସୁମମ୍ ।
ହରିଦ୍ରାବଚ୍ଚାସ୍ୟେ ଘନକୁଚତଟେ କଣ୍ଠନିକଟେ
କୃଶାନୁର୍ବୈଦେହ୍ୟା ଶପଥସମୟେ ଭୂଷଣମଭୂତ୍ ॥୧୮୩॥

※ ଦେବୀ ସୀତା ଅଗ୍ନିରେ ପଶିବାବେଳେ ତାଙ୍କ ପାଦ ଓ ହସ୍ତରେ ଅଗ୍ନି ଲାକ୍ଷାରସ ପରି ଦେଖାଗଲେ । ବସନ ଅଗ୍ନିଶିଖା ସଦୃଶ ବର୍ଣ୍ଣ ଧାରଣ କଲା । କଟୀଦେଶ ଓ କେଶରେ କହ୍ଲାରକୁସୁମ (ଶେତପଦ୍ମ) ସଦୃଶ ଅଗ୍ନି ଶୋଭା ପାଇଲେ । ହୃଦତଟ, ମୁଖମଣ୍ଡଳ ଓ କଣ୍ଠଦେଶ ହରିଦ୍ରାବର୍ଣ୍ଣ ଧାରଣ କଲା । ଶପଥ ସମୟରେ ଅଗ୍ନି ବୈଦେହୀଙ୍କର ଭୂଷଣ ସ୍ୱରୂପ ଦେଖାଗଲେ ॥

अत्रावसरे जनाः -

बह्निर्ज्वालाः सृजति कियतिर्जानकी किं विधत्ते
कीदृक्छाया रघुपतिमुखे कर्म किं लक्ष्मणस्य ।
इत्थं यावद् विवदति जने कौतूकोच्छुननेत्रे
तावच्छन्नं गगनमखिलं द्योतमानैर्विमानैः ॥१८४॥

ଅତ୍ରାବସରେ ଜନାଃ -

ବହ୍ନିର୍ଜ୍ୱାଳାଃ ସୃଜତି କିୟତିର୍ଜାନକୀ କିଂ ବିଧତ୍ତେ
କୀଦୃକ୍ଛାୟା ରଘୁପତିମୁଖେ କର୍ମ କିଂ ଲକ୍ଷ୍ମଣସ୍ୟ ।

ଇତ୍ଥଂ ଯାବଦ୍ ବିବଦତି ଜନେ କୌତୁକୋତ୍ଫୁଲନେତ୍ରେ
ତାବଚ୍ଛନ୍ନଂ ଗଗନମଖିଳଂ ଦ୍ୟୋତମାନୈର୍ବିମାନୈଃ ॥୧୮୪॥

❋ ଲୋକମାନେ ଏହି ସମୟରେ ପରସ୍ପରକୁ କହିଲେ - ଜାନକୀଙ୍କୁ ଗର୍ଭରେ ଧରି ଅଗ୍ନିଶିଖା ନାନାଭାବରେ ପ୍ରକଟିତ ହେଉଛନ୍ତି । ଏହା ସୀତା ଦେବୀଙ୍କର ରୂପକୁ ପ୍ରକାଶ କରୁଛି । ରଘୁପତିଙ୍କର ମୁଖ ଛାୟା କିପରି ଦେଖାଯାଉଛି ? ଲକ୍ଷ୍ମଣ କ'ଣ କରୁଛନ୍ତି ? ଏହିପରି ଲୋକେ କଥାବାର୍ତ୍ତା ହେଲାବେଳେ ଆକାଶ ମଣ୍ଡଳ ଦିବ୍ୟବିମାନରେ ଆଚ୍ଛନ୍ନ ହୋଇଗଲା ॥

आकाशे -

सीतामुदीक्ष्य सुमुखीमनले प्रविष्टां मुक्तास्तथा सुमनसः सुरसुन्दरीभिः ।
स्रग्विक्रयः सकलखेचरमालिकानां जातो यथा चिरतरं त्रिदिवे महार्घः ॥१८५॥

ଆକାଶେ-

ସୀତାମୁଦୀକ୍ଷ୍ୟ ସୁମୁଖୀମନଲେ ପ୍ରବିଷ୍ଟାଂ ମୁକ୍ତାସ୍ତଥା ସୁମନସଃ ସୁରସୁନ୍ଦରୀଭିଃ ।
ସ୍ରଗ୍‌ବିକ୍ରୟଃ ସକଲଖେଚରମାଲିକାନାଂ ଜାତୋ ଯଥା ଚିରତରଂ ତ୍ରିଦିବେ ମହାର୍ଘଃ ॥୧୮୫॥

❋ ସୁମୁଖୀ ଜାନକୀ ସତୀଙ୍କୁ ଅନଳରେ ପ୍ରବେଶ କରିବାର ଦେଖି ଦେବାଙ୍ଗନାମାନେ ଆନନ୍ଦରେ ପୁଷ୍ପବୃଷ୍ଟି କଲେ । ଦେବମାଳୀମାନଙ୍କର ସମସ୍ତ ପୁଷ୍ପମାଳା ବିକ୍ରି ହୋଇଯିବାରୁ ସ୍ୱର୍ଗରେ ପୁଷ୍ପର ଅଭାବ ଦେଖାଦେଲା ॥

ततः-

वह्नेः शुद्धिविधायिनो भगवतस्तेजोभिरभ्युद्गते -
रम्लानामनसूयया विरचितां मौलौ स्रजं बिभ्रती ।
पादाङ्गुष्ठनखाग्रदत्तनयना चादग्धवस्त्रा सती
किंचिन्नम्रमुखी कृशानुवलया द्राङ्निर्गता जानकी ॥१८६॥

ତତଃ -

ବହ୍ନେଃ ଶୁଦ୍ଧିବିଧାୟିନୋ ଭଗବତସ୍ତେଜୋଭିରଭ୍ୟୁଦ୍‌ଗତେ-
ରମ୍ଲାନାମନସୂୟୟା ବିରଚିତାଂ ମୌଳୌ ସ୍ରଜଂ ବିଭ୍ରତୀ ।
ପାଦାଙ୍ଗୁଷ୍ଠ ନଖାଗ୍ରଦତ୍ତନୟନା ଚାଦଗ୍ଧବସ୍ତ୍ରା ସତୀ
କିଂଚିନ୍ନମ୍ରମୁଖୀ କୃଶାନୁବଳୟା ଦ୍ରାଙ୍‌ନିର୍ଗତା ଜାନକୀ ॥୧୮୬॥

❋ ଦେବୀ ସୀତା ଏହାପରେ ଅଗ୍ନିରେ ଶୁଦ୍ଧ ହୋଇ ମସ୍ତକରେ ଅନସୂୟା ପ୍ରଦତ୍ତ ଅମ୍ଳାନ ମାଳା ଓ ବସ୍ତ୍ର ପରିଧାନ କରି ପାଦାଙ୍ଗୁଳିର ନଖାଗ୍ରଭାଗକୁ ଦୃଷ୍ଟିଦେଇ ଅଗ୍ନିମଧ୍ୟରୁ ବାହାରକୁ ଆସିଲେ ॥

देवैः सह दशरथः -

विरम विरम राम त्वत्कलत्रं पवित्रं
वयमवगतवन्तः सत्यमेतत्प्रतीहि ।

किमपरमनलेऽस्मिन् हेमवल्लीव शुद्धा
विपुलकुलविभूषा जानकी ते तनोतु ॥१८७॥

ଦେବୈଃ ସହ ଦଶରଥଃ -

ବିରମ ବିରମ ରାମ ତ୍ୱତ୍‌କଳତ୍ରଂ ପବିତ୍ରଂ
ବୟମବଗତବନ୍ତଃ ସତ୍ୟମେତତ୍‌ପ୍ରତୀହି ।
କିମପରମନଳେଽସ୍ମିନ୍ ହେମବଲ୍ଲୀବ ଶୁଦ୍ଧା
ବିପୁଳକୁଳବିଭୂଷା ଜାନକୀ ତେ ତନୋତୁ ॥୧୮୭॥

❊ ଦେବତାମାନଙ୍କ ସହିତ ଦଶରଥ ଆକାଶରେ ଥାଇ କହିଲେ- ଶ୍ରୀରାମ ! ଏପରି କାର୍ଯ୍ୟ କର ନାହିଁ । ତୁମର ସ୍ତ୍ରୀ ସତୀ, ଅକଳଙ୍କ ଚରିତ୍ରା ଓ ପବିତ୍ରଦେହା ବୋଲି ଆମ୍ଭେମାନେ ଜାଣୁ । ବର୍ତ୍ତମାନ ଅନଳରୁ ବାହାରି ସୀତାଙ୍କର ଅଙ୍ଗ ସୁବର୍ଣ୍ଣଲତା ପ୍ରାୟ ଶୋଭାପାଉଛି । କୁଳର ବିଭୂଷଣ ସ୍ୱରୂପା ଜାନକୀ ତୋର ଆନନ୍ଦବର୍ଦ୍ଧନ କରୁ ॥

श्रीरामः - (सानन्दम्)

वह्निं गतायाः जनकात्मजायाः प्रोत्फुल्लराजीवमुखं विलोक्य ।
उवाच रामः किमहो सुरादीनङ्गारमध्ये जलजं विभाति ॥१८८॥

ଶ୍ରୀରାମଃ (ସନନ୍ଦମ୍)

ବହ୍ନିଂଗତାୟାଃ ଜନକାତ୍ମଜାୟାଃ ପ୍ରୋତ୍‌ଫୁଲ୍ଲରାଜୀବ ମୁଖଂ ବିଲୋକ୍ୟ
ଉବାଚ ରାମଃ କିମହୋ ସୁରାଦୀନଙ୍ଗାରମଧେ ଜଳଜଂ ବିଭାତି ॥୧୮୮॥

❊ ଶ୍ରୀରାମଚନ୍ଦ୍ର ଆନନ୍ଦରେ ଅଗ୍ନିସ୍ନାତା ଜାନକୀଙ୍କର ଉତ୍‌ଫୁଲ୍ଲ ମୁଖକମଳକୁ ଦେଖି ଦେବଗଣଙ୍କୁ ଲକ୍ଷ୍ୟ କରି କହିଲେ ଆଶ୍ଚର୍ଯ୍ୟର କଥା, ଅଙ୍ଗାର ମଧ୍ୟରେ ଆଜି ପଦ୍ମ ପ୍ରସ୍ଫୁଟିତ ହୋଇଛି ॥

जनाः -

रामो मूर्ध्नि निधाय काननमगान्मालामिवाज्ञां गुरो-
स्तद्भक्त्या भरतेन राज्यमखिलं मात्रा सहैवोज्झितम् ।
तौ सुग्रीवविभीषणावनुगतौ नीतौ परां संपदं
प्रोत्सिक्ता दशकन्धरप्रभृतयो ध्वस्ताः निशाचारिणः ॥१८९॥

ଜାନାଃ

ରାମୋ ମୂର୍ଦ୍ଧ୍ନି ନିଧାୟ କାନନମଗାନ୍‌ମାଲାମିବାଜ୍ଞାଂ ଗୁରୋ-
ସ୍ତଦ୍‌ଭକ୍ତ୍ୟା ଭରତେନ ରାଜ୍ୟମଖିଳଂ ମାତ୍ରା ସହୈବୋଜ୍‌ଝିତମ୍ ।
ତୌ ସୁଗ୍ରୀବବିଭୀଷଣାବନୁଗତୌ ନୀତୌ ପରାଂ ସମ୍ପଦଂ
ପ୍ରୋତ୍ସିକ୍ତା ଦଶକନ୍ଧର ପ୍ରଭୃତୟୋ ଧ୍ୱସ୍ତାଃ ନିଶାଚାରିଣଃ ॥୧୮୯॥

❋ ଲୋକେ ପରସ୍ପରକୁ କହିଲେ- ଶ୍ରୀରାମଚନ୍ଦ୍ର ଗୁରୁ ଓ ପିତାଙ୍କ ଆଦେଶକୁ ଶିରୋଧାର୍ଯ୍ୟ କରି ବନଗମନ କଲେ । ବୀର ଭରତ ରାମଭକ୍ତିବଶତଃ ମାତାଙ୍କ ସହିତ ରାଜ୍ୟ ମଧ୍ୟ ପରିତ୍ୟାଗ କଲେ । ସୁଗ୍ରୀବ ଓ ବିଭୀଷଣ ରାମଭକ୍ତିଦ୍ୱାରା ପରମ ରାଜ୍ୟସମ୍ପଦ ଲାଭ କଲେ । ଦଶାନନ ସହିତ ରାକ୍ଷସଗଣ ଶ୍ରୀରାମଙ୍କ ପ୍ରତି ଶତ୍ରୁତା ଆଚରଣ କରି ଅକାଳରେ ବିନାଶପ୍ରାପ୍ତ ହେଲେ ॥

अनन्तरं रामः -

हत्वा तु रावणं वीरं सीतामुद्धृत्य राघवः ।
अयोध्यागमनाकाङ्क्षी मुमुदे सहसीतया ॥१९०॥

ଅନନ୍ତରଂ ରାମଃ -

ହତ୍ୱା ତୁ ରାବଣଂ ବୀରଂ ସୀତାମୁଦ୍ଧୃତ୍ୟ ରାଘବଃ ।
ଅଯୋଧ୍ୟାଗମନାକାଙ୍କ୍ଷୀ ମୁମୁଦେ ସହ ସୀତାୟା ॥ ୧୯୦॥

❋ ଶ୍ରୀରାମଚନ୍ଦ୍ର ବୀର ରାବଣକୁ ହତ୍ୟା କରିବା ପରେ ସୀତାଙ୍କୁ ଉଦ୍ଧାର କରି ଅଯୋଧ୍ୟା ପ୍ରତ୍ୟାଗମନ ଅଭିଳାଷୀ ହୋଇ ସୀତାଙ୍କ ସହିତ ମିଶି ଆନନ୍ଦ ଅନୁଭବ କଲେ ॥

सीतां प्रति-

यस्यामनिर्जरितचन्द्रिकमर्कपादै-
स्त्रासान्निशाचरपतेरुषसि व्यलासि ।
व्यावर्त्य वक्त्रकमलं कमलाक्षि पश्य
लङ्केति तां नवविभीषणराजधानीम् ॥१९१॥

ସୀତାଂ ପ୍ରତି -

ଯସ୍ୟାମନିର୍ଜରିତଚନ୍ଦ୍ରିକମର୍କପାଦୈ-
ସ୍ତ୍ରାସାନ୍ନିଶାଚରପତେରୁଷସି ବ୍ୟଳାସି ।
ବ୍ୟାବର୍ତ୍ତ୍ୟ ବକ୍ତ୍ରକମଳଂ କମଳାକ୍ଷି ପଶ୍ୟ
ଲଙ୍କେତି ତାଂ ନବବିଭୀଷଣରାଜଧାନୀମ୍ ॥ ୧୯୧॥

❋ ଶ୍ରୀରାମଚନ୍ଦ୍ର କହିଲେ ହେ କମଳନୟନୀ ସୀତେ ! ରାବଣର ଭୟରେ ଯେଉଁଠି ଚନ୍ଦ୍ର କିରଣ ଥାଉଁ ଥାଉଁ ଉଷା କାଳରେ ସୂର୍ଯ୍ୟଙ୍କର କିରଣ ପଡ଼େ, ସେଇ ନବବିଭୀଷଣ ରାଜଧାନୀ ଲଙ୍କାପୁରୀକୁ ତୁମେ ମୁହଁ ଫେରାଇ ଦେଖ ॥

रामं प्रति सीता -

छिन्ना न दिव्यास्तरवस्तव कच्चिदाहो कच्चिद्धता न परिखाः कनकाम्बुजिन्यः ।
लुप्टानि कच्चिदिनरत्नमहागृहाणि कच्चिन्न काञ्चनमया दलिताश्च शालाः ॥१९२॥

ରାମଂ ପ୍ରତି ସୀତା-

ଛିନ୍ନା ନ ଦିବ୍ୟାସ୍ତରବସ୍ତବ କଚ୍ଚିଦାହ କଚ୍ଚିଦ୍ଧତା ନ ପରିଖାଃ କନକାମ୍ବୁଜିନ୍ୟଃ ।
ଲୁଣ୍ଟାନି କଚ୍ଚିଦିନରତ୍ନ ମହାଗୃହାଣି କଚ୍ଚିନ୍ନ କାଞ୍ଚନମୟା ଦଳିତାଶ୍ଚ ଶାଳାଃ ॥ ୧୯୨॥

❋ ଶ୍ରୀରାମଙ୍କୁ ଚାହିଁ ଜାନକୀ କହିଲେ- ହେ ପ୍ରଭୋ ! ଲଙ୍କାରେ ଥିବା ଦିବ୍ୟତରୁଗୁଡ଼ିକ ନଷ୍ଟଭ୍ରଷ୍ଟ ହୋଇନାହିଁ କି ? ସ୍ୱର୍ଣ୍ଣରତ୍ନ ପ୍ରସ୍ଫୁଟିତ ପରିଖା ବିନଷ୍ଟ ହୋଇନାହିଁ କି ? ଇନ୍ଦ୍ରନୀଳମଣି ସଦୃଶ ଗୃହ ଓ ସ୍ୱର୍ଣ୍ଣମୟ ଅଟ୍ଟାଳିକାଗୁଡ଼ିକ ଚୂର୍ଣ୍ଣୀଭୂତ ହୋଇଛି କି ନାହିଁ ମୋତେ କୁହ ॥

रामः - (समरभूमिमवलोक्य) प्रिये ! पश्य ।

अत्रासीत्फणीपाशबन्धनविधिः शक्त्या भवद्देवरे
गाढं वक्षसि ताडिते हनुमता द्रोणाद्रिरत्राहृतः ।
दिव्यैरिन्द्रिजिदत्र लक्ष्मणशरैर्लोकान्तरं प्रापितः
केनाप्यत्र मृगाक्षि राक्षसपते कृत्ता च कण्ठाटवी ॥१९३॥

ରାମଃ - (ସମରଭୂମିମବଲୋକ୍ୟ) ପ୍ରିୟେ ! ପଶ୍ୟ ।

ଅତ୍ରାସୀତ୍‌ଫଣୀପାଶବନ୍ଧନବିଧିଃ ଶକ୍ତ୍ୟା ଭବଦ୍ଦେବରେ
ଗାଢଂ ବକ୍ଷସି ତାଡ଼ିତେ ହନୂମତା ଦ୍ରୋଣାଦ୍ରିରତ୍ରାହୃତଃ ।
ଦିବ୍ୟୈରିନ୍ଦ୍ରଜିଦତ୍ର ଲକ୍ଷ୍ମଣଶରୈର୍ଲୋକାନ୍ତରଂ ପ୍ରାପିତଃ
କେନାପ୍ୟତ୍ର ମୃଗାକ୍ଷି ରାକ୍ଷସପତେ କୃତ୍ତା ଚ କଣ୍ଠାଟବୀ ॥ ୧୯୩॥

❋ ଶ୍ରୀରାମଚନ୍ଦ୍ର ସମରଭୂମିକୁ ଦେଖାଇ କହିଲେ- ପ୍ରିୟେ ଜାନକି ! ଏହିଠାରେ ଆମେ ନଗପାଶରେ ଆବଦ୍ଧ ହୋଇଥିଲୁ । ଏହିଠାରେ ତୁମର ଦେବର ଲକ୍ଷ୍ମଣ ଶକ୍ତିର ଆଘାତରେ ମୂର୍ଚ୍ଛିତ ହୋଇଥିଲେ । ବୀର ହନୂମାନ ତାଙ୍କରି ପାଇଁ ଏଠାକୁ ଦ୍ରୋଣପର୍ବତ ନେଇଆସିଥିଲେ । ଏହିଠାରେ ଇନ୍ଦ୍ରବିଜୟୀ ମେଘନାଦ ଲକ୍ଷ୍ମଣଙ୍କ ଦିବ୍ୟଶରରେ ପରଲୋକ ଗମନ କରିଥିଲା । ହେ ମୃଗାକ୍ଷି ! ଏଇଠି ରାବଣର ମସ୍ତକଗୁଡ଼ିକ କେହି ଜଣେ ବୀର କାଟି ପକାଇଥିଲେ ॥

अथ दहनविशुद्धां तां समादाय सीतां
रजनीचरकपीन्द्रैर्वन्दितः पुष्पकेन ।
पुरमगमदयोध्यां मन्त्रीयूथैर्मिलित्वा
सपदि भरतदत्तां राज्यलक्ष्मीं च भोक्तुम् ॥१९४॥

ଅଥ ଦହନବିଶୁଦ୍ଧାଂ ତାଂ ସମାଦାୟ ସୀତାଂ
ରଜନୀଚରକପୀନ୍ଦ୍ରୈର୍ବନ୍ଦିତଃ ପୁଷ୍ପକେନ ।
ପୁରମଗମଦଯୋଧ୍ୟାଂ ମନ୍ତ୍ରୀଯୂଥୈର୍ମିଳିତ୍ୱା
ସପଦି ଭରତଦତ୍ତାଂ ରାଜ୍ୟଲକ୍ଷ୍ମୀଂ ଚ ଭୋକ୍ତୁମ୍ ॥ ୧୯୪॥

❋ ଏହାପରେ ଶ୍ରୀରାମଚନ୍ଦ୍ର ଅଗ୍ନିବିଶୁଦ୍ଧା ସୀତାଙ୍କ ସହିତ ରାକ୍ଷସ ଓ କପୀନ୍ଦ୍ରମାନଙ୍କ ଦ୍ୱାରା ବନ୍ଦିତ ହୋଇ ପୁଷ୍ପକଯାନରେ ମନ୍ତ୍ରୀମାନଙ୍କୁ ସଙ୍ଗରେ ନେଇ ଭରତପ୍ରଦତ୍ତ ରାଜଲକ୍ଷ୍ମୀ ଭୋଗ କରିବା ନିମିତ୍ତ ଅଯୋଧ୍ୟାପୁରୀକୁ ଯାତ୍ରା କଲେ ॥

पथि-

दृष्टोऽयं सरितां पतिः प्रियतमः क्वास्ते स सेतुः परं
क्वेति क्वेति मुहुर्मुहुः सकुतुकं पृष्टे परं विस्मिते ।
अत्रासीदयमत्र नात्र किमिति व्यग्रे निजप्रेयसि
व्यावृत्तास्यसुधानिधिः समभवन्मन्दस्मिता जानकी ॥१९५॥

ପଥି -

ଦୃଷ୍ଟୋଽୟଂ ସରିତାଂ ପତିଃ ପ୍ରିୟତମଃ କ୍ୱାସ୍ତେ ସ ସେତୁଃ ପରଂ
କ୍ୱେତି କ୍ୱେତି ମୁହୁର୍ମୁହୁଃ ସକୁତୁକଂ ପୃଷ୍ଟେ ପରଂ ବିସ୍ମିତେ ।
ଅତ୍ରାସୀଦୟମତ୍ର ନାତ୍ର କିମିତି ବ୍ୟଗ୍ରେ ନିଜପ୍ରେୟସି
ବ୍ୟାବୃତ୍ତାସ୍ୟସୁଧାନିଧିଃ ସମଭବନ୍ମନ୍ଦସ୍ମିତା ଜାନକୀ ॥୧୯୫॥

❋ ପ୍ରତ୍ୟାବର୍ତ୍ତନମାର୍ଗରେ ସେତୁର ନିକଟବର୍ତ୍ତୀ ହୋଇ ଜାନକୀ ପଚାରିଲେ- ପ୍ରିୟତମ ! ସମୁଦ୍ରରେ ବନ୍ଧା ହୋଇଥିବା ସେତୁ କେଉଁଠି ? ବିସ୍ମିତା ଜାନକୀଙ୍କର ବାରମ୍ବାର ପ୍ରଶ୍ନ ଶୁଣି ଶ୍ରୀରାମଚନ୍ଦ୍ର "ଏଇଠି ଏଇଠି" ବୋଲି କହି ତାଙ୍କର ଚନ୍ଦ୍ରମୁଖକୁ ଦୁଇ ହାତରେ ଆବୃତ କରିଦେଲେ ॥

वशिष्ठ सीतां प्रति -

अन्ययोगव्यवच्छेदादुपास्ते यदरुन्धती ।
संविभक्तं त्वया पुत्रि तत् संप्रति पतिव्रतम ॥१९६॥

ବଶିଷ୍ଠ ସୀତାଂ ପ୍ରତି -

ଅନ୍ୟଯୋଗ ବ୍ୟବଚ୍ଛେଦାଦୁପାସ୍ତେ ଯଦରୁନ୍ଧତୀ
ସଂବିଭକ୍ତଂ ତ୍ୱୟା ପୁତ୍ରି ତତ୍ସଂପ୍ରତି ପତିବ୍ରତମ୍ ॥୧୯୬॥

❋ ହେ ପୁତ୍ରୀ ସୀତେ, ଦେବୀ ଅରୁନ୍ଧତୀ ଯୋଗାଭ୍ୟାସଦ୍ୱାରା ସତୀତ୍ୱର ଯେଉଁ ପରାକାଷ୍ଠା ଅର୍ଜନ କରିଥିଲେ ତାହା ପତିବ୍ରତା ଧର୍ମ ପାଳନ ଦ୍ୱାରା ତୁମେ ଦୁଇଭାଗ କରିଦେଇଛ ।

अच्छेद्यश्चन्दनाद्यैरपि जलधिजलैस्तैरनिर्वापनीयः
सीताश्रीरामयोर्यश्चिरतरमनयच्चित्तमुत्तप्तभावम् ।
नीरन्ध्राशेषलीलाकलितघनतरस्पर्शसान्द्रामृतौघ -
प्रस्यन्दानन्दभाजोर्निरगमदनलः सोऽपि विश्लेषजन्मा ॥१९७॥

ଅଚ୍ଛେଦ୍ୟଶ୍ଚନ୍ଦନାଦ୍ୟୈରପି ଜଳଧିଜଳୈସ୍ତୈରନିର୍ବାପନୀୟଃ
ସୀତାଶ୍ରୀରାମୟୋର୍ଯଶ୍ଚିରତରମନୟଚ୍ଚିତ୍ତମୁତ୍ତପ୍ତଭାବମ୍ ।
ନୀରନ୍ଧ୍ରାଶେଷଲୀଳାକଳିତଘନତରସ୍ପର୍ଶସାନ୍ଦ୍ରାମୃତୌଘ -
ପ୍ରସ୍ୟନ୍ଦାନନ୍ଦଭାଜୋର୍ନିରଗମଦନଳଃ ସୋଽପି ବିଶ୍ଳେଷଜନ୍ମା ॥୧୯୭॥

❋ ଶ୍ରୀରାମସୀତାଙ୍କ ବିରହଜନିତ ଅଗ୍ନି, ଯାହା ଉଭୟଙ୍କର ସୁଦୀର୍ଘକାଳ ଧରି ଦୁଃଖର କାରଣ ହୋଇଛି ଏବଂ ଯାହା ସୁଶୀତଳ ଚନ୍ଦନ କି ସାଗରଜଳରେ ନିର୍ବାପିତ ହୋଇପାରିନାହିଁ, ସେହି ଅନଳ ଆଜି ପରସ୍ପରର ଗାଢ଼ ଆଶ୍ଲେଷଦ୍ୱାରା ଆନନ୍ଦଦାୟକ ହେଉ ॥

जगाम रामः सहसीतया स्वां पुरीमयोध्यां सहवानरेन्द्रैः ।
प्रत्यागतैस्तैर्भरतादिभिश्च राज्येऽभिषिक्तो मुनिभिश्चिराय ॥१९८॥
ଜଗାମ ରାମଃ ସହ ସୀତାୟା ସ୍ୱାଂ ପୁରୀମଯୋଧ୍ୟାଂ ସହବାନରେନ୍ଦ୍ରୈଃ ।
ପ୍ରତ୍ୟାଗତୈସ୍ତୈର୍ଭରତାଦିଭିଶ୍ଚ ରାଜ୍ୟେଽଭିଷିକ୍ତୋ ମୁନିଭିଶ୍ଚିରାୟ ॥୧୯୮॥

❋ ଶ୍ରୀରାମଚନ୍ଦ୍ର ଦେବୀ ସୀତା ଓ ବାନରମୁଖ୍ୟମାନଙ୍କ ସହିତ ନିଜର ଅଯୋଧ୍ୟାପୁରୀରେ ପ୍ରବେଶକଲେ । ପ୍ରତ୍ୟାଗତ ଶ୍ରୀରାମଚନ୍ଦ୍ରଙ୍କୁ ଭରତ ପ୍ରଭୃତି ଓ ମୁନିମାନେ ରାଜପଦରେ ଅଭିଷିକ୍ତ କଲେ ॥

दशवदनविमर्दख्यातबाहुप्रताप-
प्रतिहतपरचक्रं क्लान्तशङ्काकलङ्कम् ।
सुचिरमनुजबन्धुश्रेणीसामान्यभोगं
सुखितसकललोकं रामराज्यं बभूव ॥१९९॥
ଦଶବଦନବିମର୍ଦଖ୍ୟାତବାହୁପ୍ରତାପ -
ପ୍ରତିହତପରଚକ୍ରଂ କ୍ଲାନ୍ତଶଙ୍କାକଲଙ୍କମ୍ ।
ସୁଚିରମନୁଜବନ୍ଧୁଶ୍ରେଣୀସାମାନ୍ୟଭୋଗଂ
ସୁଖିତସକଲଲୋକଂ ରାମରାଜ୍ୟଂ ବଭୂବ ॥୧୯୯॥

❋ ଦଶବଦନ ମର୍ଦ୍ଦନକାରୀ ଶ୍ରୀରାମଚନ୍ଦ୍ର ରାଜା ହେବାର ଜାଣି ଶତ୍ରୁଗଣ ଶତ୍ରୁତା ପରିତ୍ୟାଗ କଲେ । ଶ୍ରୀରାମଚନ୍ଦ୍ର ସମସ୍ତ ଶଙ୍କା ତ୍ୟାଗ କରି ଭାଇବନ୍ଧୁ ଆତ୍ମୀୟ ସ୍ୱଜନଙ୍କ ସହିତ ରାଜସୁଖ ଭୋଗ କଲେ । ଅଯୋଧ୍ୟାରେ ରାମରାଜ୍ୟ ପ୍ରତିଷ୍ଠିତ ହେଲା ॥

श्रीरामचन्द्रबहुमानविशेषकृत्यं राज्योपभोगमतुलं हृदये निधाय ।
सीतासमस्तकुलकौतुकमूलभूतमाधत्त गर्भमतिनिर्भरशुद्धभावम् ॥२००॥
ଶ୍ରୀରାମଚନ୍ଦ୍ରବହୁମାନବିଶେଷକୃତ୍ୟଂ ରାଜ୍ୟୋପଭୋଗମତୁଲଂ ହୃଦୟେ ନିଧାୟ ।
ସୀତାସମସ୍ତକୁଳକୌତୁକମୂଳଭୂତମାଧତ୍ତ ଗର୍ଭମତିନିର୍ଭରଶୁଦ୍ଧଭାବମ୍ ॥୨୦୦॥

❋ ଶ୍ରୀରାମଚନ୍ଦ୍ର ବହୁଭାବରେ ସମ୍ମାନିତ ହୋଇ ଆନନ୍ଦରେ ଅତୁଳ ସୁଖସମ୍ପଦ ଭୋଗ କଲେ । ସମୟକ୍ରମେ ଦେବୀ ଜାନକୀ ଗର୍ଭବତୀ ହେବାର ଜାଣି ରାଜପରିବାରର ସମସ୍ତେ ଆନନ୍ଦିତ ହେଲେ ॥

दहनशुचिरपापा निष्कलङ्कापि सीता
दशमुखभवनस्था चेति लोकापवादम् ।

मुखरनरमुखोत्थं राम आकर्ण्य मेने
जनकनृपसुतायास्त्यागमेवं विशद्धम् ॥२०१॥

ଦହନଶୁଚିରପାପା ନିଷ୍କଳଙ୍କାପି ସୀତା
ଦଶମୁଖଭବନସ୍ଥା ଚେତି ଲୋକାପବାଦମ୍।
ମୁଖରନରମୁଖୋତ୍‌ଥଂ ରାମ ଆକର୍ଣ୍ୟ ମେନେ
ଜନକନୃପସୁତାୟାସ୍ତ୍ୟାଗମେବଂ ବିଶୁଦ୍ଧମ୍ ॥୨୦୧॥

❊ ଅଗ୍ନିବିଶୁଦ୍ଧା ସତୀ ସୀତା ଦଶମୁଖ ଭବନରେ ଥିବାର ଅପବାଦ ଚାରିଆଡ଼େ ପ୍ରଚାରିତ ହୋଇଗଲା । ଶ୍ରୀରାମଚନ୍ଦ୍ର ଲୋକମୁଖରୁ ସେଇ ଅପବାଦ ଶୁଣି ଦୁଃଖିତ ହୋଇ ଜାନକୀଙ୍କୁ ତ୍ୟାଗ କରିବା କଥା ମନରେ ସ୍ଥିର କଲେ ॥

विमलकुलकलङ्काशङ्कया दुर्निवारां
रघुकुलतिलकाज्ञां भीतभीतो गृहीत्वा ।
वनभुवमथ नीत्वा दोहदछद्मना तां
जनकनृपतिपुत्रीं लक्ष्मणो वाक्यमाह ॥२०२॥

ବିମଳକୁଳକଳଙ୍କାଶଙ୍କୟା ଦୁର୍ନିବାରାଂ
ରଘୁକୁଳତିଳକାଜ୍ଞାଂ ଭୀତଭୀତୋ ଗୃହୀତ୍ୱା ।
ବନଭୁବମଥ ନୀତ୍ୱା ଦୋହଦଛଦ୍ମନା ତାଂ
ଜନକନୃପତିପୁତ୍ରୀଂ ଲକ୍ଷ୍ମଣୋ ବାକ୍ୟମାହ ॥୨୦୨॥

❊ ପବିତ୍ର ସୂର୍ଯ୍ୟବଂଶରେ କଳଙ୍କ ଲାଗିବ ଓ ରଘୁକୁଳତିଳକ ଶ୍ରୀରାମଙ୍କର ଆଜ୍ଞା ଅଲଙ୍ଘନୀୟ ବୋଲି ଭାବି ବୀର ଲକ୍ଷ୍ମଣ ଭୟଭୀତ ହୋଇ ତପୋବନ ପରିଦର୍ଶନ ଛଳରେ ସୀତାଙ୍କୁ ରଥରେ ନେଇଯାଇ ବନରମଧଭାଗରେ ଛାଡ଼ିବା ସଙ୍ଗେ ସଙ୍ଗେ ନିବେଦନ କଲେ ॥

दलति दलति वक्षः कम्पते कम्पतेऽङ्गं
तिमिर कवलितं दिक्चक्रमालोकयामि ।
तदपि परवशोऽहं हन्त मातर्ब्रवीमि
त्वमिह खलभयेन त्यज्यसे राघवेन ॥२०३॥

ଦଳତି ଦଳତି ବକ୍ଷଃ କମ୍ପତେ କମ୍ପତେଽଙ୍ଗଂ
ତିମିରକବଳିତଂ ଦିକ୍‌ଚକ୍ରମାଲୋକୟାମି ।
ତଦପି ପରବଶୋଽହଂ ହନ୍ତ ମାତର୍ବ୍ରବୀମି
ତ୍ୱମିହ ଖଳଭୟେନ ତ୍ୟଜ୍ୟସେ ରାଘବେନ ॥୨୦୩॥

❊ ହେ ମାତଃ ! ମୋର ହୃଦୟ ବିଦୀର୍ଣ୍ଣ ହୋଇଯାଉଛି । ସମଗ୍ର ଶରୀର କମ୍ପିତ ହେଉଛି । ଦିକ୍‌ଚକ୍ରବାଳ ଅନ୍ଧକାରାଛନ୍ନ ହୋଇଥିବାର ମୁଁ ଦେଖୁଛି । ତଥାପି ପରାଧୀନ ହୋଇଥିବାରୁ କହୁଛି - ଖଳଲୋକଙ୍କର ଅପବାଦ ଭୟରେ ଶ୍ରୀରାମଚନ୍ଦ୍ର ତୁମକୁ ତ୍ୟାଗ କରିଛନ୍ତି ॥

इतिवचनमकस्माद्वज्रपातानुकारं
श्रुतिगतमथ सीता मूर्च्छिता संपपात ।
अगमदवनतास्यो लक्ष्मणो रामपार्श्वं
मुनिरनयत सीतां तत्र वाल्मीकि नामा ॥२०४॥

ଇତି ବଚନମକସ୍ମାଦ୍‌ବଜ୍ରପାତାନୁକାରଂ
ଶ୍ରୁତିଗତମଥ ସୀତା ମୂର୍ଚ୍ଛିତା ସଂପପାତ ।
ଅଗମଦବନତାସ୍ୟୋ ଲକ୍ଷ୍ମଣୋ ରାମପାର୍ଶ୍ୱଂ
ମୁନିରନୟତ ସୀତାଂ ତତ୍ର ବାଲ୍ମୀକି ନାମା ॥୨୦୪॥

❊ ବୀର ଲକ୍ଷ୍ମଣଙ୍କ ମୁଖରୁ ଶ୍ରୀରାମଚନ୍ଦ୍ରଙ୍କର ଆଦେଶ ଶୁଣିବାମାତ୍ରେ ଅକସ୍ମାତ୍ ବଜ୍ରପାତ ହେଲାପରି ମଣି ସୀତାଦେବୀ ମୂର୍ଚ୍ଛିତା ହୋଇ ପଡ଼ିଗଲେ । ଏହା ଦେଖି ସୌମିତ୍ରି ଅତିଦୁଃଖରେ ଶ୍ରୀରାମଙ୍କ ପାଖକୁ ଫେରି ଆସିଲେ । ଏହି ସମୟରେ ଋଷି ବାଲ୍ମୀକି ସେଠାରେ ପହଞ୍ଚି ସୀତାଙ୍କୁ ଆଶ୍ରମକୁ ନେଇଗଲେ ॥

(त्यक्तसीतो लक्ष्मणः पथि विलपति)
वने विमोक्तुं जनकस्य कन्यां श्रोतुं च तस्याः परिदेवितानि ।
सुखेन लङ्कासमरे हतं मामजीवयन्मारुतिरात्तवैरः ॥२०५॥

(ତ୍ୟକ୍ତସୀତୋ ଲକ୍ଷ୍ମଣଃ ପଥି ବିଲପତି)
ବନେ ବିମୋକ୍ତୁଂ ଜନକସ୍ୟ କନ୍ୟାଂ ଶ୍ରୋତୁଂ ଚ ତସ୍ୟାଃ ପରିଦେବିତାନି ।
ସୁଖେନ ଲଙ୍କାସମରେ ହତଂ ମାମଜୀବୟନ୍‌ମାରୁତିରାତ୍ତବୈରଃ ॥୨୦୫॥

❊ ଦେବୀ ସୀତାଙ୍କୁ ବନରେ ଛାଡ଼ି ଫେରିବା ବାଟରେ ଲକ୍ଷ୍ମଣ ତାଙ୍କର କରୁଣ କ୍ରନ୍ଦନ ଶୁଣିବାକୁ ପାଇଲେ । କାନ୍ଦି କାନ୍ଦି କହିଲେ- ଲଙ୍କାରେ ଯୁଦ୍ଧ ସମୟରେ ମୁଁ ସୁଖମୃତ୍ୟୁ ଲାଭ କରିଥିଲି । ଜନକନନ୍ଦିନୀ ସୀତାଙ୍କୁ ବନରେ ଛାଡ଼ି ତାଙ୍କର ବିଳାପ ଶୁଣିବା ପାଇଁ ସମ୍ଭବତଃ ମୋତେ ହନୁମାନ ପୁନରୁଜ୍ଜୀବିତ କରି ତାଙ୍କ ମନରେ ଥିବା ଶତ୍ରୁତାର ପ୍ରତିଶୋଧ ନେଲେ ॥

पशुरपि न मृगो मृर्गी मृगेन्द्रध्वनिचकितप्रसवक्षणे जहाति ।
अयमरघुरजानकीयमावां यदि न स जीवति निर्दयोऽद्य वेधाः ॥२०६॥

ପଶୁରପି ନ ମୃଗୋ ମୃଗୀଂ ମୃଗେନ୍ଦ୍ରଧ୍ୱନିଚକିତପ୍ରସବକ୍ଷଣେ ଜହାତି ।
ଅୟମରଘୁରଜାନକୀୟମାବାଂ ଯଦି ନ ସ ଜୀବତି ନିର୍ଦ୍ଦୟୋଽଦ୍ୟ ବେଧାଃ ॥୨୦୬॥

❋ ସିଂହର ଭୟଙ୍କର ଗର୍ଜନ ଶୁଣି ମଧ ହରିଣ ସନ୍ତାନସମ୍ଭବା ହରିଣୀକୁ ପରିତ୍ୟାଗ କରେ ନାହିଁ । ତେବେ ଶ୍ରୀରାମ କ'ଣ ରାମ ନୁହନ୍ତି ବା ଜାନକୀ ଜାନକୀ ନୁହନ୍ତି କିମ୍ବା ଆମେ ଦୁହେଁ ଅନ୍ୟ କେହି ଅଥବା ଶ୍ରୀରାମ ଜୀବିତ ନାହାନ୍ତି କିମ୍ବା ବ୍ରହ୍ମା ଏବେ ନିର୍ଦ୍ଦୟ ହୋଇଗଲେ ତା' ହୋଇ ନ ଥିଲେ ଏପରି ଦୁର୍ଘଟଣା ଘଟିନଥାନ୍ତା ॥

अयोध्यामागतो लक्ष्मण: रामं प्रति -

यो भव्याकुलया गलच्चिकुरयाजस्रं गलद्वाष्पया
गर्भान्नम्रशरीरया मृदुमृदुव्यापारयन्त्या पदम् ।
उत्तीर्णे सरिदुत्तमा मयी पुनर्यत्पृष्ठमालोकितं
मेघध्वानशरप्रवाहनिवहस्तेनैव खर्वीकृत: ॥२०७॥

ଅୟୋଧାମାଗତୋ ଲକ୍ଷ୍ମଣଃ ରାମଂ ପ୍ରତି-

ଯୋ ଭବ୍ୟାକୁଳୟା ଗଳଚ୍ଛିକୁରୟାଜସ୍ରଂ ଗଳଦ୍ବାଷ୍ପୟା
ଗର୍ଭାନ୍ନମ୍ରଶରୀରୟା ମୃଦୁମୃଦୁବ୍ୟାପାରୟନ୍ତ୍ୟା ପଦମ୍ ।
ଉତ୍ତୀର୍ଣ୍ଣେ ସରିଦୁତ୍ତମା ମୟି ପୁନର୍ଯତ୍ପୃଷ୍ଠମାଲୋକିତଂ
ମେଘଧ୍ୱାନଶରପ୍ରବାହନିବହସ୍ତେନୈବ ଖର୍ବୀକୃତଃ ॥୨୦୭॥

